सत्यमेव जयते

# ଭାରତର
# ସଂବିଧାନ

# THE CONSTITUTION OF INDIA

ଓଡ଼ିଆ

**Odia**

**2025**

ଭାରତ ସରକାର

ଆଇନ ଏବଂ ନ୍ୟାୟ ମନ୍ତ୍ରାଳୟ

ବିଧାୟୀ ବିଭାଗ

ସରକାରୀ ଭାଷା ଶାଖା

**GOVERNMENT OF INDIA**

**MINISTRY OF LAW AND JUSTICE**

**LEGISLATIVE DEPARTMENT**

**OFFICIAL LANGUAGES WING**

सत्यमेव जयते

# ଭାରତର ସଂବିଧାନ

[*ନଭେମ୍ବର, ୨୦୨୫ରେ ସଂଶୋଧିତ*]

# THE CONSTITUTION OF INDIA

[*As on November, 2025*]

## ୨୦୨୫

ଭାରତ ସରକାର

ଆଇନ ଏବଂ ନ୍ୟାୟ ମନ୍ତ୍ରାଳୟ

ବିଧାୟୀ ବିଭାଗ, ସରକାରୀ ଭାଷା ଶାଖା

**GOVERNMENT OF INDIA**
**MINISTRY OF LAW AND JUSTICE**
**LEGISLATIVE DEPARTMENT, OFFICIAL LANGUAGES WING**

# PREFACE

*It is with great pride that we present this edition of the Constitution of India in the Odia language. This edition has been prepared by the National Translation Mission (NTM), Central Institute of Indian Languages (CIIL), Mysuru on behalf of the Official Languages Wing of the Legislative Department, Ministry of Law and Justice.*

*The translation of the Constitution of India into Odia is a conscious step towards making available of the Constitution of India in the language which manifests the linguistic heritage of the country.*

*In this edition, the text of the Constitution of India has been brought up-to date by incorporating therein all the amendments up to the Constitution (One Hundred and Sixth Amendment) Act, 2023. The footnotes below the text indicate the Constitution Amendment Acts by which such amendments have been made. The Constitution (One Hundred Amendment) Act, 2015 has been provided in Appendix I. The Constitution (Application to Jammu and Kashmir) Order, 2019 and the declaration under article 370(3) of the Constitution have been provided respectively in Appendix II and Appendix III for reference.*

*We believe that this edition will serve as an invaluable resource for scholars, students and academicians as well as for those who have interest in Odia language. This second edition of the Constitution of India in Odia stands as a testament to India's rich linguistic legacy and our enduring commitment to the values of our Constitution.*

New Delhi
November, 2025

**Dr. Rajiv Mani**
Secretary to the Government of India

# ମୁଖବନ୍ଧ

ଏହା ଆମର ଗର୍ବର ବିଷୟ ଯେ, ଆମେ ଓଡ଼ିଆ ଭାଷାରେ ଭାରତର ସମ୍ବିଧାନର ନୂତନ ସଂସ୍କରଣ ପ୍ରସ୍ତୁତ କରୁଛୁ । ଏହି ସଂସ୍କରଣଟି ରାଷ୍ଟ୍ରୀୟ ଅନୁବାଦ ମିଶନ (NTM), ଭାରତୀୟ ଭାଷା ସଂସ୍ଥା (CIIL), ମହୀଶୂର ଦ୍ୱାରା ଆଇନ ଓ ନ୍ୟାୟ ମନ୍ତ୍ରାଳୟର ବିଧାୟୀ ବିଭାଗ, ସରକାରୀ ଭାଷା ଶାଖାରୁ ପ୍ରସ୍ତୁତ କରାଯାଇଛି ।

ଭାରତର ସମ୍ବିଧାନକୁ ଓଡ଼ିଆ ଭାଷାରେ ଅନୁବାଦ କରିବା ଏକ ସୁଚିନ୍ତିତ ପଦକ୍ଷେପ, ଯାହା ଦେଶର ଭାଷାଗତ ଐତିହ୍ୟକୁ ପ୍ରତିଫଳିତ କରୁଥିବା ଭାଷାରେ ସମ୍ବିଧାନକୁ ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ ଗ୍ରହଣ କରାଯାଇଛି ।

ଏହି ସଂସ୍କରଣରେ, ଭାରତର ସମ୍ବିଧାନର ପାଠ୍ୟକୁ ସଂଶୋଧିତ କରାଯାଇଛି ଏବଂ ଏଥିରେ ସମ୍ବିଧାନ (୧୦୬ତମ ସଂଶୋଧନ) ଅଧିନିୟମ, ୨୦୨୩ ପର୍ଯ୍ୟନ୍ତ ସମସ୍ତ ସଂଶୋଧନଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି। ପାଠ୍ୟ ତଳେ ଥିବା ପଦଟୀକାଗୁଡ଼ିକରେ ସେହି ସମ୍ବିଧାନ ସଂଶୋଧନ ଅଧିନିୟମଗୁଡ଼ିକ ଉଲ୍ଲେଖ ରହିଛି ଯାହାଦ୍ୱାରା ସେହି ସଂଶୋଧନ କରାଯାଇଛି । ସମ୍ବିଧାନ (୧୦୦ ତମ ସଂଶୋଧନ) ଅଧିନିୟମ, ୨୦୧୫କୁ ପରିଶିଷ୍ଟ ୧ରେ ସଂଲଗ୍ନ କରାଯାଇଛି । ସମ୍ବିଧାନ (ଜମ୍ମୁ ଓ କାଶ୍ମୀର ପାଇଁ ଲାଗୁ) ଆଦେଶ, ୨୦୧୯ ଏବଂ ସମ୍ବିଧାନର ଅନୁଚ୍ଛେଦ ୩୭୦(୩) ଅଧୀନରେ ଘୋଷଣାକୁ କ୍ରମଶଃ ପରିଶିଷ୍ଟ ୨ ଏବଂ ପରିଶିଷ୍ଟ ୩ରେ ସନ୍ଦର୍ଭ ରୂପରେ ଦିଆଯାଇଛି ।

ଆମେ ବିଶ୍ୱାସ କରୁଛୁ ଯେ, ଏହି ସଂସ୍କରଣଟି ଶିକ୍ଷାବିଦ, ଛାତ୍ରଛାତ୍ରୀ, ଗବେଷକ, ସାଧାରଣ ଜନତା ଏବଂ ଓଡ଼ିଆ ଭାଷାରେ ଆଗ୍ରହୀ ଯେକୌଣସି ବ୍ୟକ୍ତିଙ୍କ ପାଇଁ ଏକ ଅମୂଲ୍ୟ ସାଧନ ରୂପେ ଗ୍ରହଣୀୟ ହେବ । ଭାରତର ସମ୍ବିଧାନର ଏହି ଓଡ଼ିଆ ସଂସ୍କରଣ ଭାରତର ସମୃଦ୍ଧ ଭାଷାଗତ ଐତିହ୍ୟ ଓ ଆମ ସମ୍ବିଧାନର ମୂଲ୍ୟବୋଧ ପ୍ରତି ଆମ ଅତୁଟ ସଂକଳ୍ପର ଏକ ପ୍ରତୀକରୂପେ ଦଣ୍ଡାୟମାନ ।

ନୂଆ ଦିଲ୍ଲୀ
ନଭେମ୍ବର, ୨୦୨୫

**ଡ. ରାଜୀବ ମଣି**
ସଚିବ, ଭାରତ ସରକାର

# Message

The Constitution of India is a comprehensive and detailed document which lays down the framework defining the political principles, structure of government and rights and duties of the citizens.

The Government decided to update the Odia translation of the Constitution along with the amendments that were enacted during the last twenty-six years. The task of translation and updating was assigned to National Translation Mission (NTM), Central Institute of Indian Languages (CIIL), Mysuru, as the Mission has been assisting various Ministries and Government agencies in various translation-related works. As part of its mandate, NTM has been translating and publishing Knowledge Texts from English into all 22 languages listed in the VIII Schedule of the Constitution of India with a vision of making knowledge accessible to all by transcending language barriers.

This is the new edition of the Constitution of India in Odia. The previous edition of the Constitution in Odia was published in April 1, 1981. This edition of the Constitution of India is being published by the Ministry of Law and Justice, New Delhi, as part of implementing the Central Government's decision to make the Constitution of India available in the regional languages so that people understand it in their languages and fulfill the constitutional values. In this edition, the text of the constitution has been updated by including all amendments up to one hundred and sixth amendment enacted in 2023. Utmost care has been taken that this translation remains aligned with the English one and is compatible for revisions in the future when new editions and Amendments are made.

It is my firm belief that this edition of the Constitution of India will strengthen the Odia language and its users and also expand the spirit of law and justice.

**Prof. Shailendra Mohan**
Director, CIIL, Mysuru

# ବାର୍ତ୍ତା

ଭାରତର ସମ୍ବିଧାନ ଏକ ସମ୍ପୂର୍ଣ୍ଣ ଓ ବିସ୍ତୃତ ପାଠ୍ୟ, ଯେଉଁଥିରେ ରାଜନୈତିକ ସିଦ୍ଧାନ୍ତ, ସରକାରଙ୍କର ଗଠନାତ୍ମକ ରୂପରେଖ ଏବଂ ନାଗରିକମାନଙ୍କର ଅଧିକାର ଓ କର୍ତ୍ତବ୍ୟଗୁଡ଼ିକୁ ପରିଭାଷିତ କରିଥାଏ ।

ଶେଷ ଛବିଶ ବର୍ଷ ଅବଧିରେ ଗୃହୀତ ସମସ୍ତ ସଂଶୋଧନ ସହିତ ଭାରତ ସମ୍ବିଧାନର ଓଡ଼ିଆ ଅନୁବାଦକୁ ଅଦ୍ୟତନ କରିବାକୁ ସରକାର ନିଷ୍ପତ୍ତି ନେଲେ। ଅନୁବାଦ ଓ ଅଦ୍ୟତନ କାର୍ଯ୍ୟର ଦାୟିତ୍ୱ ରାଷ୍ଟ୍ରୀୟ ଅନୁବାଦ ମିଶନ (NTM), ଭାରତୀୟ ଭାଷା ସଂସ୍ଥା, ମହୀଶୂରଙ୍କୁ ଦିଆଯାଇଥିଲା କାରଣ ଏହି ସଂସ୍ଥା ବିଭିନ୍ନ ମନ୍ତ୍ରାଳୟ ଓ ସରକାରୀ ସଂସ୍ଥାମାନଙ୍କୁ ବିଭିନ୍ନ ଅନୁବାଦ ସମ୍ବନ୍ଧୀୟ କାର୍ଯ୍ୟରେ ସାହାଯ୍ୟ କରିଆସୁଛି । ଏହି ମିଶନ ଭାରତ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ଥିବା ସମସ୍ତ ୨୨ଟି ଭାଷାରେ ଇଂରାଜୀରୁ ଜ୍ଞାନମୂଳକ ଗ୍ରନ୍ଥମାନ ଅନୁବାଦ ଓ ପ୍ରକାଶନ କାର୍ଯ୍ୟ କରୁଛି, ଯାହାର ଲକ୍ଷ୍ୟ ହେଉଛି ଭାଷାର ଅବରୋଧକୁ ଅତିକ୍ରମ କରି ସମସ୍ତଙ୍କ ଠାରେ ଜ୍ଞାନକୁ ପହଞ୍ଚାଇବା।

ଏହା ଓଡ଼ିଆ ଭାଷାରେ ଭାରତର ସମ୍ବିଧାନର ନୂତନ ସଂସ୍କରଣ । ଭାରତର ସମ୍ବିଧାନର ଏହି ସଂସ୍କରଣ ନୂଆଦିଲ୍ଲୀର ଆଇନ ଏବଂ ନ୍ୟାୟ ମନ୍ତ୍ରାଳୟ ଦ୍ୱାରା ପ୍ରକାଶିତ ହୋଇଛି। ଓଡ଼ିଶା ଭାଷାର ପୂର୍ବ ସଂସ୍କରଣ ଏପ୍ରିଲ ୧, ୧୯୮୧ ରେ ପ୍ରକାଶିତ ହୋଇଥିଲା। ଭାରତର ସମ୍ବିଧାନକୁ ଆଞ୍ଚଳିକ ଭାଷାରେ ଉପଲବ୍ଧ କରାଇ ଲୋକମାନେ ଯେମିତି ନିଜ ଭାଷାରେ ଏହା ବୁଝିପାରିବେ ଓ ମୂଲ୍ୟବୋଧକୁ ଅନୁସରଣ କରିପାରିବେ ସେହି ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହେଉଛି। ଏହି ସଂସ୍କରଣରେ, ୨୦୨୩ ମସିହାରେ ପ୍ରଣୀତ ଏକଶହ ଛଅ ସଂଶୋଧନ ପର୍ଯ୍ୟନ୍ତ ସମସ୍ତ ସଂଶୋଧନକୁ ଅନ୍ତର୍ଭୁକ୍ତ କରି ସମ୍ବିଧାନର ପାଠ୍ୟକୁ ଅଦ୍ୟତନ କରାଯାଇଛି। ଏହି ଅନୁବାଦ ଇଂରାଜୀ ସହିତ ସମନ୍ୱିତ ରହୁ ଏବଂ ଭବିଷ୍ୟତରେ ନୂତନ ସଂସ୍କରଣ ଏବଂ ସଂଶୋଧନ ସମୟରେ ସଂଶୋଧନ ପାଇଁ ସୁସଙ୍ଗତ ହେଉ, ଏଥିପାଇଁ ସର୍ବାଧିକ ଯତ୍ନ ନିଆଯାଇଛି।

ମୋର ଦୃଢ଼ ବିଶ୍ୱାସ ଯେ, ଭାରତ ସମ୍ବିଧାନର ଏହି ସଂସ୍କରଣ ଓଡ଼ିଆ ଭାଷା ଏବଂ ଏହାର ପାଠକମାନଙ୍କ ଠାରେ ଆଦୃତ ହେବ। ଏହା ଆଇନ ଓ ନ୍ୟାୟର ମୂଲ୍ୟବୋଧକୁ ଅନୁସରଣ କରିବା ପାଇଁ ଉତ୍ସାହିତ କରିବ।

**ପ୍ରଫେସର ଶୈଳେନ୍ଦ୍ର ମୋହନ**
ନିର୍ଦ୍ଦେଶକ, ସିଆଇଆଇଏଲ, ମହୀଶୂର

# Translation and review experts
## (alphabetically arranged)

**ABHINASH MOHANTA**
Advocate
Odisha High Court

**BIKRAM KUMAR DAS**
Vikash Law School
Bargarh

**GOURI SHANKAR MOHAPATRA**
Berhampur University
Berhampur

**MANOJ KUMAR PADHY**
Banaras Hindu University
Varanasi

**NIBEDITA JENA**
Utkal University
Bhubaneswar

**SANGITA DAS**
Advocate
Odisha High Court

**SUDHANSU RANJAN MOHAPATRA**
Guru Ghasidas Viswavidyalaya
Bilaspur

**SUJATA JENA**
Advocate
Odisha High Court

**SUKANTA KUMAR NANDA**
Utkal University
Bhubaneswar

# Translation Project Coordinators

**ADITYA KUMAR PANDA**
National Translation Mission
Mysuru

**JHUNI MALLICK**
National Translation Mission
Mysuru

**TARIQ KHAN**
National Translation Mission
Mysuru

**WINSTON CRUZ S.**
National Translation Mission
Mysuru

**Page Layout:** **ASHWINI**
National Translation Mission, Mysuru

**Cover Design:** **LIZAN PADHAN**
Bargarh, Odisha
**NANDAKUMAR L.**
National Translation Mission, Mysuru

**Technical Assistance:** **ASWINI KUMAR BHUKTA**
**LIZAN PADHAN**
**RANJAN KUMAR MALLICK**

# ଭାରତର ସଂବିଧାନ

## ସୂଚୀ ପତ୍ର


**ପ୍ରସ୍ତାବନା**

**ଅନୁଚ୍ଛେଦ** **ପୃଷ୍ଠା**

**ଭାଗ 1**

**କେନ୍ଦ୍ର ଏବଂ ତା'ର ଅଞ୍ଚଳ**

| | | |
|---|---|---|
| 1. | କେନ୍ଦ୍ରର ଅଞ୍ଚଳ ଏବଂ ନାମ | 2 |
| 2. | ନୂତନ ରାଜ୍ୟଗୁଡ଼ିକର ସନ୍ନିବେଶ କିମ୍ବା ସ୍ଥାପନା | 2 |
| [2A. | କେନ୍ଦ୍ର ସହିତ ସିକିମ ସଂଯୁକ୍ତ ହେବ– *ବାଦ୍ ଦିଆଯାଇଛି*] | 2 |
| 3. | ନୂତନ ରାଜ୍ୟ ଗଠନ ଏବଂ ଅବସ୍ଥିତ ରାଜ୍ୟଗୁଡ଼ିକର ଅଞ୍ଚଳ, ପରିସୀମା କିମ୍ବା ନାମର ପରିବର୍ତ୍ତନ | 2 |
| 4. | ପ୍ରଥମ ଏବଂ ଚତୁର୍ଥ ଅନୁସୂଚୀକୁ ତଥା ଅନୁପୂରକ, ଆନୁଷଙ୍ଗିକ ଏବଂ ପରିଣାମ ସ୍ୱରୂପ ବିଷୟଗୁଡ଼ିକୁ ସଂଶୋଧନ କରିବା ନିମନ୍ତେ, ଅନୁଚ୍ଛେଦ 2 ଏବଂ 3 ଅନୁଯାୟୀ ଆଇନ ପ୍ରଣୟନ କରାଯାଇଛି | 3 |

**ଭାଗ 2**

**ନାଗରିକତ୍ୱ**

| | | |
|---|---|---|
| 5. | ସଂବିଧାନ ପ୍ରାରମ୍ଭ ହେବା ସମୟର ନାଗରିକତ୍ୱ | 4 |
| 6. | ପାକିସ୍ଥାନରୁ ଭାରତକୁ ସ୍ଥାନାନ୍ତରିତ ହୋଇଥିବା ବ୍ୟକ୍ତିମାନଙ୍କର ନାଗରିକତ୍ୱ ଅଧିକାର | 4 |
| 7. | ପାକିସ୍ଥାନକୁ ଦେଶାନ୍ତର ହୋଇଥିବା ନିର୍ଦ୍ଦିଷ୍ଟ ଦେଶାନ୍ତରମାନଙ୍କର ନାଗରିକତ୍ୱ ଅଧିକାର | 4 |
| 8. | ଭାରତୀୟ ବଂଶୋଦ୍ଭବ ହୋଇ ଭାରତ ବାହାରେ ବାସ କରୁଥିବା ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କର ନାଗରିକତ୍ୱ ଅଧିକାର | 5 |
| 9. | ଯେଉଁ ବ୍ୟକ୍ତିମାନେ ସ୍ୱେଚ୍ଛାକୃତଭାବେ କୌଣସି ବିଦେଶୀ ରାଷ୍ଟ୍ରର ନାଗରିକତ୍ୱ ଗ୍ରହଣ କରିଥିବେ, ସେମାନଙ୍କର ନାଗରିକତ୍ୱ ରହିବ ନାହିଁ | 5 |
| 10. | ନାଗରିକତ୍ୱ ଅଧିକାରର ନିରନ୍ତରତା | 5 |
| 11. | ସଂସଦ ଆଇନଦ୍ୱାରା ନାଗରିକତ୍ୱ ଅଧିକାରକୁ ନିୟନ୍ତ୍ରଣ କରିବ | 5 |

**ଅନୁଚ୍ଛେଦ** **ପୃଷ୍ଠା**

## ଭାଗ 3
## ମୌଳିକ ଅଧିକାର

*ସାଧାରଣ*


12. ପରିଭାଷା 6
13. ମୌଳିକ ଅଧିକାର ସହିତ ଅସାମଞ୍ଜସ୍ୟ ଥିବା କିମ୍ବା ଏହାକୁ ହ୍ରାସ କରୁଥିବା ଆଇନ 6

*ସମାନତା ଅଧିକାର*

14. ଆଇନ ଦୃଷ୍ଟିରେ ସମାନତା 6
15. ଧର୍ମ, ଗୋଷ୍ଠୀ, ଜାତି କିମ୍ବା ଜନ୍ମସ୍ଥାନ ଭିତ୍ତି ଅନୁସାରେ ପକ୍ଷପାତିତାର ନିଷିଦ୍ଧକରଣ 6
16. ସରକାରୀ ନିଯୁକ୍ତି ପ୍ରସଙ୍ଗରେ ସମାନ ସୁଯୋଗ ପ୍ରଦାନ କରିବା 8
17. ଅସ୍ପୃଶ୍ୟତା ନିବାରଣ 9
18. ଉପାଧିର ଉଚ୍ଛେଦ 9

*ସ୍ୱାଧୀନତା ଅଧିକାର*

19. ମତବ୍ୟକ୍ତ ଇତ୍ୟାଦିର ସ୍ୱାଧୀନ ଅଧିକାରର ସୁରକ୍ଷା 9
20. ଅପରାଧରେ ଦୋଷୀ ସାବ୍ୟସ୍ତ ହେବା ଉପରେ ସୁରକ୍ଷା 11
21. ଜୀବନ ଏବଂ ବ୍ୟକ୍ତିଗତ ସ୍ୱାଧୀନତାର ସୁରକ୍ଷା 11
21A. ଶିକ୍ଷାଗତ ଅଧିକାର 11
22. କେତେକ କ୍ଷେତ୍ରରେ ଗିରଫ ଏବଂ ଅଟକ ବିରୋଧରେ ସୁରକ୍ଷା 11

*ଶୋଷଣ ବିରୋଧରେ ଅଧିକାର*

23. ମଣିଷ ବ୍ୟାପାର ସମ୍ବନ୍ଧୀୟ କାର୍ଯ୍ୟକଳାପ ଏବଂ ବାଧ୍ୟତାମୂଳକ ଶ୍ରମର ନିଷିଦ୍ଧକରଣ 14
24. କଳକାରଖାନା ଇତ୍ୟାଦିରେ ଶିଶୁମାନଙ୍କୁ ନିଯୁକ୍ତିର ନିଷିଦ୍ଧକରଣ 14

*ଧର୍ମଗତ ସ୍ୱାଧୀନତା ଅଧିକାର*

25. ବିବେକର ସ୍ୱାଧୀନତା ଏବଂ ମୁକ୍ତଭାବେ ଧର୍ମ ଗ୍ରହଣ, ଆଚରଣ ଏବଂ ତା'ର ପ୍ରଚାରରେ ସ୍ୱାଧୀନତା 14
26. ଧାର୍ମିକ ବିଷୟ ପରିଚାଳନା କରିବାରେ ସ୍ୱାଧୀନତା 14
27. କୌଣସି ନିର୍ଦ୍ଦିଷ୍ଟ ଧର୍ମର ଉନ୍ନତି ନିମନ୍ତେ କର ପ୍ରଦାନ କରିବାରେ ସ୍ୱାଧୀନତା 15
28. କୌଣସି ନିର୍ଦ୍ଦିଷ୍ଟ ଶିକ୍ଷାନୁଷ୍ଠାନରେ, ଧାର୍ମିକ ଉପଦେଶ କିମ୍ବା ଧାର୍ମିକ ଉପାସନାରେ ଉପସ୍ଥିତିରେ ସ୍ୱାଧୀନତା 15

| ଅନୁଚ୍ଛେଦ | | ପୃଷ୍ଠା |
|---|---|---|
| | *ସାଂସ୍କୃତିକ ଏବଂ ଶିକ୍ଷାଗତ ଅଧିକାର* | |
| 29. | ସଂଖ୍ୟାଲଘୁ ସମ୍ପ୍ରଦାୟର ସ୍ୱାର୍ଥ ରକ୍ଷା | 15 |
| 30. | ଶିକ୍ଷାନୁଷ୍ଠାନ ସ୍ଥାପନ କରିବା ଏବଂ ପ୍ରଶାସନ କରିବାରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଅଧିକାର | 15 |
| [31. | ସମ୍ପତ୍ତିର ବାଧ୍ୟତାମୂଳକ ଅଧିଗ୍ରହଣ — *ବାଦ୍ ଦିଆଯାଇଛି*] | 16 |
| | *କେତେକ ନିର୍ଦ୍ଦିଷ୍ଟ ଆଇନର ସଂରକ୍ଷଣ* | |
| 31A. | ସମ୍ପତ୍ତି ଇତ୍ୟାଦି ଅଧିଗ୍ରହଣ ନିମନ୍ତେ ବ୍ୟବସ୍ଥା କରୁଥିବା ବା କରିଥିବା ଆଇନର ସଂରକ୍ଷଣ | 16 |
| 31B. | କେତେକ ଆଇନ ଏବଂ ଧାର୍ଯ୍ୟ ନିୟମର ବୈଧତା | 18 |
| 31C. | କେତେକ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଥିବା ଆଇନର ସଂରକ୍ଷଣ | 18 |
| [31D. | ଦେଶ ବିରୋଧରେ କାର୍ଯ୍ୟକଳାପ ସମ୍ବନ୍ଧରେ ଥିବା ଆଇନର ସଂରକ୍ଷଣ– *ବାଦ୍ ଦିଆଯାଇଛି*] | 18 |
| | *ସାମ୍ବିଧାନିକ ପ୍ରତିକାର ଅଧିକାର* | |
| 32. | ଏହି ଭାଗଦ୍ୱାରା ପ୍ରଦତ୍ତ ଅଧିକାରକୁ ବଳବତ୍ତର କରିବା ନିମନ୍ତେ ପ୍ରତିକାର | 19 |
| [32A. | ଅନୁଚ୍ଛେଦ 32 ଅନୁଯାୟୀ କାର୍ଯ୍ୟାନୁଷ୍ଠାନଗୁଡ଼ିକରେ, ରାଷ୍ଟ୍ର ଆଇନଗୁଡ଼ିକର ସାମ୍ବିଧାନିକ ବୈଧତାକୁ ବିଚାର କରାଯିବ ନାହିଁ– ବାଦ୍ ଦିଆଯାଇଛି] | 19 |
| 33. | ସୈନ୍ୟବାହିନୀ ଇତ୍ୟାଦିଙ୍କ ପ୍ରତି ପ୍ରୟୋଗରେ ଏହି ଭାଗଦ୍ୱାରା ନ୍ୟସ୍ତ କରାଯାଇଥିବା ଅଧିକାରକୁ ସଂଶୋଧନ କରିବାରେ ସଂସଦର କ୍ଷମତା | 19 |
| 34. | କୌଣସି ସ୍ଥାନରେ ସାମରିକ ଆଇନ ବଳବତ୍ତର ଥିବା ସମୟରେ, ଏହି ଭାଗଦ୍ୱାରା ପ୍ରଦତ୍ତ ଅଧିକାର ଉପରେ କଟକଣା | 20 |
| 35. | ଏହି ଭାଗର ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ନିମନ୍ତେ ବିଧାନ | 20 |


## ଭାଗ 4

## ରାଜ୍ୟନୀତିର ନିର୍ଦ୍ଦେଶାତ୍ମକ ସିଦ୍ଧାନ୍ତ


| | | |
|---|---|---|
| 36. | ପରିଭାଷା | 21 |
| 37. | ଏହି ଭାଗରେ ଥିବା ସିଦ୍ଧାନ୍ତଗୁଡ଼ିକର ପ୍ରୟୋଗ | 21 |
| 38. | ଲୋକ କଲ୍ୟାଣ ସାଧନରେ ଉନ୍ନତି ଆଣିବା ପାଇଁ ରାଜ୍ୟ ସାମାଜିକ ବ୍ୟବସ୍ଥାକୁ ସୁରକ୍ଷିତ ରଖିବ | 21 |
| 39. | ରାଜ୍ୟଦ୍ୱାରା କେତେକ ନିର୍ଦ୍ଦିଷ୍ଟ ନୀତିନିୟମକୁ ଅନୁସରଣ କରାଯିବ | 21 |
| 39A. | ସମାନ ନ୍ୟାୟ ଏବଂ ମାଗଣା ଆଇନ ସହାୟତା | 22 |

| ଅନୁଚ୍ଛେଦ | | ପୃଷ୍ଠା |
|---|---|---|
| 40. | ଗ୍ରାମ ପଞ୍ଚାୟତର ସଙ୍ଗଠନ | 22 |
| 41. | କେତେକ ପରିସ୍ଥିତିରେ କାର୍ଯ୍ୟ, ଶିକ୍ଷା ଏବଂ ଜନ ସହାୟତା ପାଇବା ନିମନ୍ତେ ଅଧିକାର | 22 |
| 42. | ଉପଯୁକ୍ତ କାର୍ଯ୍ୟ କରିବା ତଥା ସହୃଦୟ ପରିସ୍ଥିତି ଏବଂ ମାତୃତ୍ୱ ସାହାଯ୍ୟ ନିମନ୍ତେ ବ୍ୟବସ୍ଥା | 22 |
| 43. | ଶ୍ରମିକମାନଙ୍କ ଜୀବିକାଧାରଣ ପାଇଁ ବେତନ ବା ଇତ୍ୟାଦି | 22 |
| 43A. | ଶିଳ୍ପ ପରିଚାଳନାରେ ଶ୍ରମିକମାନଙ୍କର ଅଂଶଗ୍ରହଣ | 22 |
| 43B. | ସମବାୟ ସମିତିଗୁଡ଼ିକର ପ୍ରୋତ୍ସାହନ | 23 |
| 44. | ନାଗରିକମାନଙ୍କ ନିମନ୍ତେ, ସମାନ ନାଗରିକ ସଂହିତା | 23 |
| 45. | ଛଅ ବର୍ଷରୁ କମ୍ ଶିଶୁମାନଙ୍କୁ ପ୍ରାରମ୍ଭିକ ବାଲ୍ୟକାଳୀନ ଯତ୍ନ ଏବଂ ଶିକ୍ଷାର ବ୍ୟବସ୍ଥା | 23 |
| 46. | ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ଅନ୍ୟ ଦୁର୍ବଳ ଶ୍ରେଣୀ ନାଗରିକମାନଙ୍କର ଶିକ୍ଷାଗତ ଏବଂ ଅର୍ଥନୈତିକ ସ୍ୱାର୍ଥର ଉନ୍ନତି | 23 |
| 47. | ପୌଷ୍ଟିକତା ଏବଂ ଉନ୍ନତ ଜୀବନ ଧାରଣର ମାନ ଏବଂ ସର୍ବସାଧାରଣ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ହେଉଛି ରାଜ୍ୟର କର୍ତ୍ତବ୍ୟ | 23 |
| 48. | କୃଷି ଏବଂ ପଶୁପାଳନକୁ ସଙ୍ଗଠିତ କରିବା | 23 |
| 48A. | ପାରିପାର୍ଶ୍ୱିକ ପରିବେଶକୁ ଉନ୍ନତ ଏବଂ ସୁରକ୍ଷିତ ରଖିବା ଏବଂ ବଣଜଙ୍ଗଲ ଏବଂ ବନ୍ୟଜନ୍ତୁଙ୍କୁ ସୁରକ୍ଷିତ ରଖିବା | 23 |
| 49. | ଜାତୀୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଏବଂ ବସ୍ତୁ ତଥା କୀର୍ତ୍ତି ସ୍ତମ୍ଭଗୁଡ଼ିକର ସୁରକ୍ଷା | 24 |
| 50. | ପ୍ରଶାସନରୁ ନ୍ୟାୟପାଳିକାର ପୃଥକୀକରଣ | 24 |
| 51. | ଆନ୍ତର୍ଜାତିକ ଶାନ୍ତି ଏବଂ ନିରାପତ୍ତାର ପ୍ରୋତ୍ସାହନ | 24 |


## ଭାଗ 4A

## ମୌଳକ କର୍ତ୍ତବ୍ୟ


| | | |
|---|---|---|
| 51A. | ମୌଳିକ କର୍ତ୍ତବ୍ୟ | 25 |


## ଭାଗ 5

## କେନ୍ଦ୍ର

### ଅଧ୍ୟାୟ 1 – କାର୍ଯ୍ୟପାଳିକା

*ରାଷ୍ଟ୍ରପତି ଏବଂ ଉପ-ରାଷ୍ଟ୍ରପତି*


| | | |
|---|---|---|
| 52. | ଭାରତର ରାଷ୍ଟ୍ରପତି | 26 |
| 53. | କେନ୍ଦ୍ରର କାର୍ଯ୍ୟପାଳିକା କ୍ଷମତା | 26 |
| 54. | ରାଷ୍ଟ୍ରପତିଙ୍କ ନିର୍ବାଚନ | 26 |

| ଅନୁଚ୍ଛେଦ | | ପୃଷ୍ଠା |
|---|---|---|
| 55. | ରାଷ୍ଟ୍ରପତିଙ୍କ ନିର୍ବାଚନ ପଦ୍ଧତି | 26 |
| 56. | ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳ | 27 |
| 57. | ପୁନଃ ନିର୍ବାଚନ ନିମନ୍ତେ ଯୋଗ୍ୟତା | 28 |
| 58. | ରାଷ୍ଟ୍ରପତିଭାବେ ନିର୍ବାଚିତ ହେବା ନିମନ୍ତେ ଯୋଗ୍ୟତା | 28 |
| 59. | ରାଷ୍ଟ୍ରପତିଙ୍କ ପଦର ସର୍ତ୍ତାବଳୀ | 28 |
| 60. | ରାଷ୍ଟ୍ରପତିଙ୍କଦ୍ୱାରା ଶପଥ ଗ୍ରହଣ କିମ୍ବା ସଂକଳ୍ପବଦ୍ଧତା | 28 |
| 61. | ମହାଭିଯୋଗ ଅନୁଯାୟୀ ରାଷ୍ଟ୍ରପତିଙ୍କ ବହିଷ୍କାରର ପଦ୍ଧତି | 29 |
| 62. | ରାଷ୍ଟ୍ରପତିଙ୍କ ଖାଲିସ୍ଥାନ ପୂରଣ କରିବା ନିମନ୍ତେ ନିର୍ବାଚନ କରିବା ସମୟ ଏବଂ ସାମୟିକ ଭାବେ ଖାଲିସ୍ଥାନ ପୂରଣ କରିବା ନିମନ୍ତେ ନିର୍ବାଚିତ ବ୍ୟକ୍ତିର କାର୍ଯ୍ୟକାଳ ସମୟ | 29 |
| 63. | ଭାରତର ଉପ-ରାଷ୍ଟ୍ରପତି | 29 |
| 64. | ଉପ-ରାଷ୍ଟ୍ରପତି, ରାଜ୍ୟସଭାର *ପଦାଧିକାରୀ* ଅଧ୍ୟକ୍ଷ ରହିବେ | 29 |
| 65. | ରାଷ୍ଟ୍ରପତିଙ୍କ ଅନୁପସ୍ଥିତିରେ କିମ୍ବା ତାଙ୍କ କାର୍ଯ୍ୟାଳୟରେ ସାମୟିକ ଭାବେ ଶୂନ୍ୟସ୍ଥାନ ସମୟ ମଧ୍ୟରେ, ଉପ-ରାଷ୍ଟ୍ରପତି, ରାଷ୍ଟ୍ରପତି ଭାବେ କାର୍ଯ୍ୟ କରିବେ କିମ୍ବା ତାଙ୍କର କାର୍ଯ୍ୟ ସମ୍ପାଦନ କରିବେ | 30 |
| 66. | ଉପ-ରାଷ୍ଟ୍ରପତିଙ୍କ ନିର୍ବାଚନ | 30 |
| 67. | ଉପ-ରାଷ୍ଟ୍ରପତିଙ୍କ ପଦର ଅବଧି | 31 |
| 68. | ଉପ-ରାଷ୍ଟ୍ରପତିଙ୍କ ପଦର ସ୍ଥାନ ପୂରଣ କରିବା ପାଇଁ ନିର୍ବାଚନ କରିବା ସମୟ ଏବଂ ସାମୟିକ ଖାଲି ସ୍ଥାନ ପୂରଣ କରିବା ନିମନ୍ତେ ନିର୍ବାଚିତ ବ୍ୟକ୍ତିର କାର୍ଯ୍ୟକାଳ ସମୟ | 31 |
| 69. | ଉପ-ରାଷ୍ଟ୍ରପତିଙ୍କଦ୍ୱାରା ଶପଥ ଗ୍ରହଣ କିମ୍ବା ସଂକଳ୍ପବଦ୍ଧତା | 31 |
| 70. | ଅନ୍ୟ ସମ୍ଭାବ୍ୟ ପରିସ୍ଥିତିରେ ରାଷ୍ଟ୍ରପତିଙ୍କ କାର୍ଯ୍ୟ ସମ୍ପାଦନ କରିବା | 32 |
| 71. | ରାଷ୍ଟ୍ରପତି କିମ୍ବା ଉପ-ରାଷ୍ଟ୍ରପତିଙ୍କ ନିର୍ବାଚନ ସମ୍ବନ୍ଧୀୟ କିମ୍ବା ସମ୍ପୃକ୍ତ ବିଷୟ | 32 |
| 72. | କେତେକ କ୍ଷେତ୍ରରେ ଦଣ୍ଡକୁ ଖାରଜ କରିବା, ପ୍ରତ୍ୟାହାର କରିବା କିମ୍ବା ହ୍ରାସ କରିବା ଏବଂ କ୍ଷମା ମଞ୍ଜୁର କରିବାରେ ରାଷ୍ଟ୍ରପତିଙ୍କ କ୍ଷମତା | 32 |
| 73. | କେନ୍ଦ୍ରର ପ୍ରଶାସନିକ କ୍ଷମତାର ପରିସର | 33 |
| | *ମନ୍ତ୍ରୀ ପରିଷଦ* | |
| 74. | ମନ୍ତ୍ରୀ ପରିଷଦ, ରାଷ୍ଟ୍ରପତିଙ୍କୁ ଉପଦେଶ ଏବଂ ସାହାଯ୍ୟ ପ୍ରଦାନ କରିବ | 34 |
| 75. | ମନ୍ତ୍ରୀମାନଙ୍କ ନିମନ୍ତେ ଅନ୍ୟ ବ୍ୟବସ୍ଥା | 34 |
| | *ଭାରତର ମହା-ନ୍ୟାୟବାଦୀ* | |
| 76. | ଭାରତର ମହା-ନ୍ୟାୟବାଦୀ | 35 |

**ଅନୁଚ୍ଛେଦ** **ପୃଷ୍ଠା**

*ସରକାରୀ କାର୍ଯ୍ୟ ପରିଚାଳନା*


| | | |
|---|---|---|
| 77. | ଭାରତ ସରକାରଙ୍କ କାର୍ଯ୍ୟ ପରିଚାଳନା | 35 |
| 78. | ରାଷ୍ଟ୍ରପତିଙ୍କୁ ତଥ୍ୟ ପ୍ରଦାନ କରିବା ସମ୍ବନ୍ଧରେ ପ୍ରଧାନମନ୍ତ୍ରୀଙ୍କ କର୍ତ୍ତବ୍ୟ | 36 |


**ଅଧ୍ୟାୟ 2— ସଂସଦ**

*ସାଧାରଣ*


| | | |
|---|---|---|
| 79. | ସଂସଦର ଗଠନ | 36 |
| 80. | ରାଜ୍ୟସଭାର ଗଠନ | 36 |
| 81. | ଲୋକସଭାର ଗଠନ | 37 |
| 82. | ପ୍ରତ୍ୟେକ ଜନଗଣନା ପରେ ପୁନଃ ବିନ୍ୟାସ | 38 |
| 83. | ସଂସଦର ଉଭୟ ସଦନର ଅବଧି | 39 |
| 84. | ସଂସଦର ସଦସ୍ୟ ହେବା ନିମନ୍ତେ ଯୋଗ୍ୟତା | 39 |
| 85. | ସଂସଦର ଅଧିବେଶନ, ସ୍ଥଗିତକରଣ ଏବଂ ଭଙ୍ଗ | 40 |
| 86. | ସଦନଗୁଡ଼ିକୁ ସମ୍ବୋଧନ କରିବା ଏବଂ ସମ୍ବାଦ ପ୍ରେରଣ କରିବାରେ ରାଷ୍ଟ୍ରପତିଙ୍କ ଅଧିକାର | 40 |
| 87. | ରାଷ୍ଟ୍ରପତିଙ୍କଦ୍ୱାରା ସ୍ୱତନ୍ତ୍ର ସମ୍ବୋଧନ | 40 |
| 88. | ସଦନ ସମ୍ବନ୍ଧରେ ମନ୍ତ୍ରୀ ଏବଂ ମହା-ନ୍ୟାୟବାଦୀଙ୍କର ଅଧିକାର | 40 |


*ସଂସଦର ପଦାଧିକାରୀ*


| | | |
|---|---|---|
| 89. | ରାଜ୍ୟସଭାର ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ | 41 |
| 90. | ଉପାଧ୍ୟକ୍ଷଙ୍କ ପଦ ଖାଲି ଏବଂ ଏଥିରୁ ଇସ୍ତଫା ଓ ବହିଷ୍କାର | 41 |
| 91. | ଉପାଧ୍ୟକ୍ଷ କିମ୍ବା ଅନ୍ୟ କୌଣସି ବ୍ୟକ୍ତି ଅଧ୍ୟକ୍ଷଙ୍କ ପଦର କର୍ତ୍ତବ୍ୟପାଳନ କରିବା କିମ୍ବା ଅଧ୍ୟକ୍ଷ ରୂପେ କାର୍ଯ୍ୟ କରିବା ନିମନ୍ତେ କ୍ଷମତା | 41 |
| 92. | ଅଧ୍ୟକ୍ଷ କିମ୍ବା ଉପାଧ୍ୟକ୍ଷଙ୍କୁ ପଦରୁ ବହିଷ୍କାର ପାଇଁ ଏକ ପ୍ରସ୍ତାବ ବିଚାରାଧୀନ ଥିବା ସମୟରେ ସେ ଅଧ୍ୟକ୍ଷତା କରିବେ ନାହିଁ | 41 |
| 93. | ଲୋକସଭାର ବାଚସ୍ପତି ଏବଂ ଉପ-ବାଚସ୍ପତି | 42 |
| 94. | ବାଚସ୍ପତି କିମ୍ବା ଉପ-ବାଚସ୍ପତିଙ୍କ ପଦ ଖାଲି ହେବା, ଇସ୍ତଫା ଏବଂ ବହିଷ୍କାର | 42 |
| 95. | ବାଚସ୍ପତିଭାବେ କର୍ତ୍ତବ୍ୟ ସମ୍ପାଦନ କିମ୍ବା ବାଚସ୍ପତି ଭାବେ କାର୍ଯ୍ୟ ନିମନ୍ତେ ଉପ-ବାଚସ୍ପତି କିମ୍ବା ଅନ୍ୟ ବ୍ୟକ୍ତିଙ୍କର କ୍ଷମତା | 42 |

| ଅନୁଚ୍ଛେଦ | | ପୃଷ୍ଠା |
|---|---|---|
| 96. | ବାଚସ୍ପତି କିମ୍ବା ଉପ-ବାଚସ୍ପତିଙ୍କୁ କାର୍ଯ୍ୟାଳୟରୁ ବହିଷ୍କାର ପାଇଁ କୌଣସି ପ୍ରସ୍ତାବ ବିଚାରାଧୀନ ଥାଏ, ସେତେବେଳେ ବାଚସ୍ପତି କିମ୍ବା ଉପ-ବାଚସ୍ପତି ସଭାପତିତ୍ୱ କରିବେ ନାହିଁ | 43 |
| 97. | ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ଏବଂ ବାଚସ୍ପତି ଏବଂ ଉପ-ବାଚସ୍ପତିଙ୍କର ବେତନ ଏବଂ ଭତ୍ତା | 43 |
| 98. | ସଂସଦର ସଚିବାଳୟ | 43 |
| | *କାର୍ଯ୍ୟ ପରିଚାଳନା* | |
| 99. | ସଦସ୍ୟମାନଙ୍କଦ୍ୱାରା ଶପଥ ଗ୍ରହଣ ବା ସଂକଳ୍ପବଦ୍ଧତା | 44 |
| 100. | ସଦନରେ ମତଦାନ ପ୍ରଦାନ, ଶୂନ୍ୟସ୍ଥାନ ଏବଂ ଆବଶ୍ୟକୀୟ ସଭ୍ୟ ସଂଖ୍ୟା ନଥାଇ ମଧ୍ୟ କାର୍ଯ୍ୟ କରିବା ବା ପରିଚାଳନା କରିବା ନିମନ୍ତେ ସଦନର କ୍ଷମତା | 44 |
| | *ସଦସ୍ୟମାନଙ୍କ ଅଯୋଗ୍ୟତା* | |
| 101. | ଆସନ ଖାଲି ହେବା | 44 |
| 102. | ସଦସ୍ୟତା ନିମନ୍ତେ ଅଯୋଗ୍ୟତା | 46 |
| 103. | ସଦସ୍ୟମାନଙ୍କର ଅଯୋଗ୍ୟତା ପ୍ରଶ୍ନ ଉପରେ ନିଷ୍ପତ୍ତି | 46 |
| 104. | ଅନୁଚ୍ଛେଦ 99 ଅନୁଯାୟୀ ଶପଥ ଗ୍ରହଣ କରିବା କିମ୍ବା ସଂକଳ୍ପ ନେବା ପୂର୍ବରୁ କିମ୍ବା ଯେତେବେଳେ ଯୋଗ୍ୟ ହୋଇନଥାଆନ୍ତି କିମ୍ବା ଅଯୋଗ୍ୟ ହୋଇଥାଆନ୍ତି, ସେତେବେଳେ ଆସନ ଗ୍ରହଣ କରିବା ଏବଂ ମତଦାନ କରିବା ନିମନ୍ତେ ଦଣ୍ଡ | 47 |
| | *ସଂସଦ ଏବଂ ଏହାର ସଦସ୍ୟମାନଙ୍କର କ୍ଷମତା, ସୁବିଧା ସୁଯୋଗ ଏବଂ ପ୍ରତିରୋଧ କ୍ଷମତା* | |
| 105. | ସଂସଦର ଉଭୟ ସଦନ ଏବଂ ଏହାର ସଦସ୍ୟ ଏବଂ ସମିତିଗୁଡ଼ିକର କ୍ଷମତା, ସୁବିଧା ସୁଯୋଗ ଇତ୍ୟାଦି | 47 |
| 106. | ସଦସ୍ୟମାନଙ୍କର ବେତନ ଏବଂ ଭତ୍ତା | 48 |
| | *ବୈଧାନିକ କାର୍ଯ୍ୟପଦ୍ଧତି* | |
| 107. | ବିଧେୟକ ଆଗତ କରିବା ଏବଂ ମଞ୍ଜୁର କରିବା ନିମନ୍ତେ ବ୍ୟବସ୍ଥା | 48 |
| 108. | କେତେକ କ୍ଷେତ୍ରରେ ଉଭୟ ସଦନର ଯୁଗ୍ମବୈଠକ | 48 |
| 109. | ଅର୍ଥ ବିଧେୟକ ସମ୍ବନ୍ଧରେ ବିଶେଷ କାର୍ଯ୍ୟପଦ୍ଧତି | 49 |
| 110. | "ଅର୍ଥ ବିଧେୟକ"ର ପରିଭାଷା | 50 |
| 111. | ବିଧେୟକ ପ୍ରତି ସ୍ୱୀକୃତି | 51 |
| | *ଅର୍ଥ ସମ୍ବନ୍ଧୀୟ କାର୍ଯ୍ୟ ପଦ୍ଧତି* | |
| 112. | ଅର୍ଥ ସମ୍ବନ୍ଧୀୟ ବାର୍ଷିକ ବିବରଣୀ | 51 |
| 113. | ଅଟକଳ ସମ୍ବନ୍ଧୀୟ ସଂସଦର କାର୍ଯ୍ୟ | 52 |
| 114. | ବିନିଯୋଗ ବିଧେୟକ | 53 |

| ଅନୁଚ୍ଛେଦ | | ପୃଷ୍ଠା |
|---|---|---|
| 115. | ଅନୁପୂରକ ଅତିରିକ୍ତ କିମ୍ବା ଅଧିକ ଅନୁଦାନ | 53 |
| 116. | ହିସାବ, ଋଣ ଏବଂ ବିଶେଷ ଅନୁଦାନ ଉପରେ ମତଦାନ | 54 |
| 117. | ଅର୍ଥ ସମ୍ବନ୍ଧୀୟ ବିଧେୟକ ନିମନ୍ତେ ବିଶେଷ ବ୍ୟବସ୍ଥା | 54 |
| | *ସାଧାରଣ କାର୍ଯ୍ୟପଦ୍ଧତି* | |
| 118. | କାର୍ଯ୍ୟପଦ୍ଧତିର ନିୟମାବଳୀ | 55 |
| 119. | ଆର୍ଥିକ କାର୍ଯ୍ୟ ସମ୍ବନ୍ଧରେ ସଂସଦରେ କାର୍ଯ୍ୟପଦ୍ଧତି ଆଇନଦ୍ୱାରା ନିୟନ୍ତ୍ରଣ | 55 |
| 120. | ସଂସଦରେ ବ୍ୟବହାର ହେବାକୁ ଥିବା ଭାଷା | 56 |
| 121. | ସଂସଦରେ ଆଲୋଚନା କରିବାରେ କଟକଣା | 56 |
| 122. | ସଂସଦର ଆଇନଗତ କାର୍ଯ୍ୟାନୁଷ୍ଠାନ ବିଷୟରେ ନ୍ୟାୟାଳୟଗୁଡ଼ିକ ତଦନ୍ତ କରିବେ ନାହିଁ | 56 |
| | **ଅଧ୍ୟାୟ 3— ରାଷ୍ଟ୍ରପତିଙ୍କ ବୈଧାନିକ କ୍ଷମତା** | |
| 123. | ସଂସଦର ଅବକାଶ ସମୟ ମଧ୍ୟରେ ଅଧ୍ୟାଦେଶ ଜାରି କରିବାରେ ରାଷ୍ଟ୍ରପତିଙ୍କ କ୍ଷମତା | 56 |
| | **ଅଧ୍ୟାୟ 4— କେନ୍ଦ୍ରର ନ୍ୟାୟପାଳିକା** | |
| 124. | ସର୍ବୋଚ୍ଚ ନ୍ୟାୟାଳୟର ସ୍ଥାପନ ଏବଂ ଗଠନ | 57 |
| 124A. | ଜାତୀୟ ନ୍ୟାୟିକ ନିଯୁକ୍ତି ଆୟୋଗ | 58 |
| 124B. | ଆୟୋଗର କାର୍ଯ୍ୟାବଳୀ | 59 |
| 124C. | ସଂସଦର ଆଇନ ପ୍ରଣୟନ କ୍ଷମତା | 59 |
| 125. | ନ୍ୟାୟାଧୀଶମାନଙ୍କର ବେତନ ଇତ୍ୟାଦି | 59 |
| 126. | କାର୍ଯ୍ୟକାରୀ ମୁଖ୍ୟ ନ୍ୟାୟାଧୀଶଙ୍କର ନିଯୁକ୍ତି | 60 |
| 127. | *ସାମୟିକ* ନ୍ୟାୟାଧୀଶମାନଙ୍କର ନିଯୁକ୍ତି | 60 |
| 128. | ସର୍ବୋଚ୍ଚ ନ୍ୟାୟାଳୟର ବୈଠକରେ ଅବସରପ୍ରାପ୍ତ ନ୍ୟାୟାଧୀଶ ଉପସ୍ଥିତି | 60 |
| 129. | ସର୍ବୋଚ୍ଚ ନ୍ୟାୟାଳୟ ଏକ ଅଭିଲେଖର ନ୍ୟାୟାଳୟ ହେବ | 61 |
| 130. | ସର୍ବୋଚ୍ଚ ନ୍ୟାୟାଳୟର ଆସନ | 61 |
| 131. | ସର୍ବୋଚ୍ଚ ନ୍ୟାୟାଳୟର ମୂଳ ଅଧିକାର ପରିସର | 61 |
| [131A. | କେନ୍ଦ୍ରୀୟ ଆଇନର ସାମ୍ବିଧାନିକ ବୈଧତା ବିଷୟରେ କୌଣସି ପ୍ରଶ୍ନ ଉପରେ, ସର୍ବୋଚ୍ଚ ନ୍ୟାୟାଳୟର ସମ୍ପୂର୍ଣ୍ଣ ଅଧିକାର ପରିସର ରହିବ– ବାଦ ଦିଆଯାଇଛି] | 61 |
| 132. | କେତେକ କ୍ଷେତ୍ରରେ ଉଚ୍ଚ ନ୍ୟାୟାଳୟଗୁଡ଼ିକରୁ ହେଉଥିବା ଆବେଦନରେ, ସର୍ବୋଚ୍ଚ ନ୍ୟାୟାଳୟର ଆବେଦନର ଅଧିକାର ପରିସର | 61 |
| 133. | ଦେୱାନୀ ବିଷୟ ସମ୍ବନ୍ଧରେ, ଉଚ୍ଚ ନ୍ୟାୟାଳୟଗୁଡ଼ିକରୁ ଆବେଦନରେ, ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆବେଦନ ଅଧିକାର ପରିସର | 62 |
| 134. | ଫୌଜଦାରୀ ବିଷୟରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆବେଦନ ଅଧିକାରର ପରିସର | 62 |

| ଅନୁଚ୍ଛେଦ | | ପୃଷ୍ଠା |
|---|---|---|
| 134A. | ସର୍ବୋଚ୍ଚ ନ୍ୟାୟାଳୟକୁ ଆବେଦନ କରିବା ନିମନ୍ତେ ପ୍ରମାଣପତ୍ର | 63 |
| 135. | ପ୍ରଚଳିତ ଆଇନ ଅନୁଯାୟୀ ସଂଘୀୟ ନ୍ୟାୟାଳୟର ଅଧିକାର ପରିସର ଏବଂ କ୍ଷମତା, ସର୍ବୋଚ୍ଚ ନ୍ୟାୟାଳୟଦ୍ୱାରା ପରିଚାଳନା କରାଯିବ | 63 |
| 136. | ପୁନର୍ବିଚାର ପାଇଁ ଆବେଦନ କରିବା ନିମନ୍ତେ ସର୍ବୋଚ୍ଚ ନ୍ୟାୟାଳୟର ସ୍ୱତନ୍ତ୍ର ଅନୁମତି | 63 |
| 137. | ସର୍ବୋଚ୍ଚ ନ୍ୟାୟାଳୟଦ୍ୱାରା ନିଷ୍ପତ୍ତି କିମ୍ବା ଆଦେଶର ପୁନର୍ବିଚାର | 63 |
| 138. | ସର୍ବୋଚ୍ଚ ନ୍ୟାୟାଳୟର ନ୍ୟାୟିକ ଅଧିକାରର ସମ୍ପ୍ରସାରଣ | 64 |
| 139. | କେତେକ ନିର୍ଦ୍ଦେଶନାମା ଜାରି କରିବା ନିମନ୍ତେ ସର୍ବୋଚ୍ଚ ନ୍ୟାୟାଳୟକୁ କ୍ଷମତା ପ୍ରଦାନ କରିବା | 64 |
| 139A. | କେତେକ ମକଦ୍ଦମାର ହସ୍ତାନ୍ତର | 64 |
| 140. | ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆନୁଷଙ୍ଗିକ କ୍ଷମତା | 64 |
| 141. | ସର୍ବୋଚ୍ଚ ନ୍ୟାୟାଳୟଦ୍ୱାରା ଘୋଷିତ ଆଇନ ସମସ୍ତ ନ୍ୟାୟାଳୟ ଉପରେ ବାଧ୍ୟତାମୂଳକ | 65 |
| 142. | ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତି ଏବଂ ଆଦେଶ ଏବଂ ଆବିଷ୍କାର ବିଷୟରେ ଆଦେଶ ଇତ୍ୟାଦିକୁ ବଳବତ୍ତର କରିବା | 65 |
| 143. | ସର୍ବୋଚ୍ଚ ନ୍ୟାୟାଳୟ ସହିତ ପରାମର୍ଶ କରିବା ନିମନ୍ତେ ରାଷ୍ଟ୍ରପତିଙ୍କ କ୍ଷମତା | 65 |
| 144. | ଦେୱାନୀ ଏବଂ ନ୍ୟାୟିକ ଅଧିକାରୀମାନେ, ସର୍ବୋଚ୍ଚ ନ୍ୟାୟାଳୟକୁ ସାହାଯ୍ୟ କରିବା ନିମନ୍ତେ କାର୍ଯ୍ୟ କରିବେ | 65 |
| [144A. | ଆଇନର ସାମ୍ବିଧାନିକ ବୈଧତା ସମ୍ବନ୍ଧରେ ପ୍ରଶ୍ନଗୁଡ଼ିକର ନିର୍ଣ୍ଣୟ ନିମନ୍ତେ ବିଶେଷ କାର୍ଯ୍ୟପଦ୍ଧତି – ବାଦ ଦିଆଯାଇଛି] | 65 |
| 145. | ନ୍ୟାୟାଳୟର ନିୟମାବଳୀ, ଇତ୍ୟାଦି | 65 |
| 146. | ସର୍ବୋଚ୍ଚ ନ୍ୟାୟାଳୟର ଉଚ୍ଚ କର୍ମଚାରୀ ଏବଂ ଖର୍ଚ୍ଚ | 67 |
| 147. | ବ୍ୟାଖ୍ୟା | 68 |


**ଆଧ୍ୟାୟ 5— ଭାରତର ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକ**


| | | |
|---|---|---|
| 148. | ଭାରତର ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକ | 68 |
| 149. | ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକଙ୍କ କର୍ତ୍ତବ୍ୟ ଏବଂ କ୍ଷମତା | 69 |
| 150. | କେନ୍ଦ୍ର ଏବଂ ରାଜ୍ୟଗୁଡ଼ିକର ହିସାବପତ୍ରର ପ୍ରାରୂପ | 69 |
| 151. | ସମୀକ୍ଷା ବିବରଣୀ | 69 |


**ଭାଗ 6**

**ରାଜ୍ୟ**

**ଅଧ୍ୟାୟ 1— ସାଧାରଣ**


| | | |
|---|---|---|
| 152. | ପରିଭାଷା | 70 |

**ଅନୁଚ୍ଛେଦ** **ପୃଷ୍ଠା**

## ଅଧ୍ୟାୟ 2— କାର୍ଯ୍ୟପାଳିକା

*ରାଜ୍ୟପାଳ*


| | | |
|---|---|---|
| 153. | ରାଜ୍ୟର ରାଜ୍ୟପାଳ | 70 |
| 154. | ରାଜ୍ୟର କାର୍ଯ୍ୟପାଳିକା କ୍ଷମତା | 70 |
| 155. | ରାଜ୍ୟପାଳଙ୍କ ନିଯୁକ୍ତି | 70 |
| 156. | ରାଜ୍ୟପାଳଙ୍କ କାର୍ଯ୍ୟ ଅବଧି | 70 |
| 157. | ରାଜ୍ୟପାଳଭାବେ ନିଯୁକ୍ତି ନିମନ୍ତେ ଯୋଗ୍ୟତା | 71 |
| 158. | ରାଜ୍ୟପାଳ ପଦବୀ ନିମନ୍ତେ ସର୍ତ୍ତାବଳୀ | 71 |
| 159. | ରାଜ୍ୟପାଳଙ୍କଦ୍ୱାରା ଶପଥ ଗ୍ରହଣ କିମ୍ବା ସଂକଳ୍ପବଦ୍ଧତା | 71 |
| 160. | ନିର୍ଦ୍ଦିଷ୍ଟ ଜରୁରୀକାଳୀନ ପରିସ୍ଥିତିରେ ରାଜ୍ୟପାଳଙ୍କ କାର୍ଯ୍ୟନିର୍ବାହ | 72 |
| 161. | କେତେକ କ୍ଷେତ୍ରରେ କ୍ଷମା ପ୍ରଦାନ କରିବା ଇତ୍ୟାଦି ଏବଂ କୌଣସି ଦଣ୍ଡ ସ୍ଥଗିତ କରିବା, ହ୍ରାସ କରିବା କିମ୍ବା ଛାଡ଼ କରିବା ବା କ୍ଷମା କରିବାରେ ରାଜ୍ୟପାଳଙ୍କ କ୍ଷମତା | 72 |
| 162. | ରାଜ୍ୟର କାର୍ଯ୍ୟନିର୍ବାହୀ କ୍ଷମତାର ପରିସର | 72 |


*ମନ୍ତ୍ରୀ ପରିଷଦ*


| | | |
|---|---|---|
| 163. | ମନ୍ତ୍ରୀ ପରିଷଦ ରାଜ୍ୟପାଳଙ୍କୁ ସହାୟତା ଏବଂ ଉପଦେଶ ପ୍ରଦାନ | 72 |
| 164. | ମନ୍ତ୍ରୀମାନଙ୍କ ସମ୍ବନ୍ଧରେ ଅନ୍ୟ ବ୍ୟବସ୍ଥା | 72 |


*ରାଜ୍ୟର ମହା-ଅଧିବକ୍ତା*


| | | |
|---|---|---|
| 165. | ରାଜ୍ୟର ମହା-ଅଧିବକ୍ତା | 74 |


*ସରକାରୀ-କାର୍ଯ୍ୟ ପରିଚାଳନା*


| | | |
|---|---|---|
| 166. | ରାଜ୍ୟ ସରକାରଙ୍କ କାର୍ଯ୍ୟ ପରିଚାଳନା | 74 |
| 167. | ରାଜ୍ୟପାଳଙ୍କୁ ସୂଚନା ଯୋଗାଇବା ଇତ୍ୟାଦି ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀଙ୍କ କର୍ତ୍ତବ୍ୟ | 75 |


## ଅଧ୍ୟାୟ 3 — ରାଜ୍ୟ ବିଧାନମଣ୍ଡଳ

*ସାଧାରଣ*


| | | |
|---|---|---|
| 168. | ରାଜ୍ୟଗୁଡ଼ିକରେ ବିଧାନ ମଣ୍ଡଳର ଗଠନ | 75 |
| 169. | ରାଜ୍ୟଗୁଡ଼ିକରେ ବିଧାନ ପରିଷଦର ଉଚ୍ଛେଦ କିମ୍ବା ଗଠନ | 76 |
| 170. | ବିଧାନସଭାର ଗଠନ | 76 |

| ଅନୁଚ୍ଛେଦ | | ପୃଷ୍ଠା |
|---|---|---|
| 171. | ବିଧାନ ପରିଷଦର ଗଠନ | 78 |
| 172. | ରାଜ୍ୟ ବିଧାନମଣ୍ଡଳର ଅବଧି | 79 |
| 173. | ରାଜ୍ୟ ବିଧାନମଣ୍ଡଳର ସଦସ୍ୟତା ନିମନ୍ତେ ଯୋଗ୍ୟତା | 79 |
| 174. | ରାଜ୍ୟ ବିଧାନମଣ୍ଡରେ ଅଧିବେଶନ, ସ୍ଥଗିତକରଣ ଏବଂ ଭଙ୍ଗ | 80 |
| 175. | ସଦନ କିମ୍ବା ସଦନଗୁଡ଼ିକୁ ଅଭିଭାଷଣ ଏବଂ ସୂଚନା ପ୍ରଦାନ କରିବା ନିମନ୍ତେ ରାଜ୍ୟପାଳଙ୍କ ଅଧିକାର | 80 |
| 176. | ରାଜ୍ୟପାଳଙ୍କଦ୍ୱାରା ସ୍ୱତନ୍ତ୍ର ସମ୍ବୋଧନ | 80 |
| 177. | ସଦନଗୁଡ଼ିକ ସମ୍ବନ୍ଧରେ ମନ୍ତ୍ରୀମାନଙ୍କର ଏବଂ ମହା-ଅଧିବକ୍ତାଙ୍କର ଅଧିକାର | 81 |
| | *ରାଜ୍ୟ ବିଧାନମଣ୍ଡଳର ଅଧିକାରୀମାନେ* | |
| 178. | ବିଧାନସଭାର ବାଚସ୍ପତି ଏବଂ ଉପ-ବାଚସ୍ପତି | 81 |
| 179. | ବାଚସ୍ପତି ଏବଂ ଉପବାଚସ୍ପତିଙ୍କ ପଦର ରିକ୍ତତା ଏବଂ ଏଥିରୁ ଇସ୍ତଫା ଏବଂ ବହିଷ୍କାର | 81 |
| 180. | ବାଚସ୍ପତିଭାବେ କର୍ତ୍ତବ୍ୟ ସମ୍ପାଦନ କରିବା କିମ୍ବା ବାଚସ୍ପତିଭାବେ କାର୍ଯ୍ୟ କରିବାରେ ଉପ-ବାଚସ୍ପତି କିମ୍ବା ଅନ୍ୟ ବ୍ୟକ୍ତିଙ୍କର କ୍ଷମତା | 81 |
| 181. | ବାଚସ୍ପତି କିମ୍ବା ଉପବାଚସ୍ପତିଙ୍କୁ ପଦରୁ ବହିଷ୍କାର କରିବା ନିମନ୍ତେ ପ୍ରସ୍ତାବ ବିଚାରାଧୀନ ଥିବାବେଳେ, ସଭାପତିତ୍ୱ ନକରିବା | 82 |
| 182. | ବିଧାନ ପରିଷଦର ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ | 82 |
| 183. | ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷଙ୍କ ପଦବୀ ଖାଲି ଏବଂ ଇସ୍ତଫା ଓ ବହିଷ୍କାର | 82 |
| 184. | ଅଧ୍ୟକ୍ଷଭାବେ ତାଙ୍କର କାର୍ଯ୍ୟାଳୟ କର୍ତ୍ତବ୍ୟ ସମ୍ପାଦନ କରିବା କିମ୍ବା ଅଧ୍ୟକ୍ଷରୂପେ କାର୍ଯ୍ୟ କରିବା ନିମନ୍ତେ ଉପାଧ୍ୟକ୍ଷ କିମ୍ବା ଅନ୍ୟ ବ୍ୟକ୍ତିଙ୍କ କ୍ଷମତା | 82 |
| 185. | ଅଧ୍ୟକ୍ଷ କିମ୍ବା ଉପାଧ୍ୟକ୍ଷ, ସଭାପତିତ୍ୱ କରିବେ ନାହିଁ, ଯଦି କାର୍ଯ୍ୟାଳୟରୁ ତାଙ୍କର ବହିଷ୍କାର ନିମନ୍ତେ କୌଣସି ପ୍ରସ୍ତାବ ବିଚାରାଧୀନ ଥାଏ | 83 |
| 186. | ବାଚସ୍ପତି ଏବଂ ଉପବାଚସ୍ପତି ଏବଂ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷଙ୍କର ବେତନ ଏବଂ ଭତ୍ତା | 83 |
| 187. | ରାଜ୍ୟ ବିଧାନମଣ୍ଡଳରେ ସଚିବାଳୟ | 83 |
| | *କାର୍ଯ୍ୟ ପରିଚାଳନା* | |
| 188. | ସଦସ୍ୟମାନଙ୍କଦ୍ୱାରା ଶପଥ ଗ୍ରହଣ ବା ସଂକଳ୍ପବଦ୍ଧତା | 84 |
| 189. | ସଦନଗୁଡ଼ିକର ମତଦାନ ପ୍ରଦାନ, ଖାଲିସ୍ଥାନ ଏବଂ ଆବଶ୍ୟକୀୟ ସର୍ବନିମ୍ନ ଉପସ୍ଥାନ ଥାଇ ସଦନଗୁଡ଼ିକର କାର୍ଯ୍ୟ ସଂଖ୍ୟା ନଥାଇ ମଧ୍ୟ ସଦନଗୁଡ଼ିକରେ ମତଦାନ ପ୍ରଦାନ, ସଦନଗୁଡ଼ିକରେ କାର୍ଯ୍ୟ କରିବା କ୍ଷମତା | 84 |
| | *ସଦସ୍ୟମାନଙ୍କର ଅଯୋଗ୍ୟତା* | |
| 190. | ଖାଲି ଆସନ | 85 |

| ଅନୁଚ୍ଛେଦ | | ପୃଷ୍ଠା |
|---|---|---|
| 191. | ସଦସ୍ୟତା ନିମନ୍ତେ ଅଯୋଗ୍ୟତା | 86 |
| 192. | ସଦସ୍ୟମାନଙ୍କର ଅଯୋଗ୍ୟତା ସମ୍ବନ୍ଧୀୟ ପ୍ରଶ୍ନ ଉପରେ ନିଷ୍ପତ୍ତି | 86 |
| 193. | ଅନୁଚ୍ଛେଦ 188 ଅନୁଯାୟୀ, ଶପଥ ଗ୍ରହଣ କରିବା ବା ସଂକଳ୍ପବଦ୍ଧ ହେବା ପୂର୍ବରୁ ଆସନ ଗ୍ରହଣ କରିବା ଏବଂ ମତଦାନ ପ୍ରଦାନ କରିବା କିମ୍ବା ଯେତେବେଳେ ଯୋଗ୍ୟ ନୁହନ୍ତି କିମ୍ବା ଯେତେବେଳେ ଅଯୋଗ୍ୟ, ସେତେବେଳେ ଆସନ ଗ୍ରହଣ କରିବା ଏବଂ ମତଦାନ ପ୍ରଦାନ କରିବା ନିମନ୍ତେ ଦଣ୍ଡ ବା ଜୋରିମାନା | 87 |
| | *ରାଜ୍ୟ ବିଧାନମଣ୍ଡଳ ଏବଂ ତା'ର ସଦସ୍ୟଙ୍କର କ୍ଷମତା, ସୁବିଧା ସୁଯୋଗ ଏବଂ ପ୍ରତିରୋଧ କ୍ଷମତା* | |
| 194. | ବିଧାନମଣ୍ଡଳର ସଦନଗୁଡ଼ିକର ଏବଂ ସଦସ୍ୟମାନଙ୍କର ତଥା ସେହି ସମିତିଗୁଡ଼ିକର କ୍ଷମତା ସୁବିଧା ସୁଯୋଗ ଇତ୍ୟାଦି | 87 |
| 195. | ସଦସ୍ୟମାନଙ୍କର ବେତନ ଏବଂ ଭତ୍ତା | 88 |
| | *ବିଧାନ ପ୍ରକ୍ରିୟା* | |
| 196. | ବିଧେୟକ ଉପସ୍ଥାପନ କରିବା ଏବଂ ମଞ୍ଜୁରି କରିବା ସମ୍ବନ୍ଧରେ ବ୍ୟବସ୍ଥା | 88 |
| 197. | ଅର୍ଥ ବିଧେୟକ ବ୍ୟତୀତ ଅନ୍ୟ ବିଧେୟକ ସମ୍ବନ୍ଧରେ ବିଧାନ ପରିଷଦର କ୍ଷମତା ଉପରେ କଟକଣା | 88 |
| 198. | ଅର୍ଥ ବିଧେୟକ ସମ୍ବନ୍ଧରେ ବିଶେଷ ପଦ୍ଧତି | 89 |
| 199. | ଅର୍ଥ ବିଧେୟକର ପରିଭାଷା | 90 |
| 200. | ବିଧେୟକଗୁଡ଼ିକ ପ୍ରତି ସ୍ୱୀକୃତି | 91 |
| 201. | ବିଚାର ନିମନ୍ତେ ସଂରକ୍ଷିତ ବିଧେୟକ | 91 |
| | *ଆର୍ଥିକ ବିଷୟ ସମ୍ବନ୍ଧରେ ପଦ୍ଧତି* | |
| 202. | ବାର୍ଷିକ ଆର୍ଥିକ ବିବରଣୀ | 92 |
| 203. | ଅଟକଳ ସମ୍ବନ୍ଧରେ ବିଧାନମଣ୍ଡଳର କାର୍ଯ୍ୟବିଧି | 92 |
| 204. | ବିନିଯୋଗ ବିଧେୟକ | 93 |
| 205. | ଅନୁପୂରକ, ଅତିରିକ୍ତ କିମ୍ବା ମାତ୍ରାଧିକ ଅନୁଦାନ | 93 |
| 206. | ହିସାବ, ଋଣ ଓ ବିଶେଷ ଅନୁଦାନ ଉପରେ ମତଦାନ | 94 |
| 207. | ଅର୍ଥ ସମ୍ବନ୍ଧୀୟ ବିଧେୟକ ଉପରେ ବିଶେଷ ବ୍ୟବସ୍ଥା | 95 |
| | *ସାଧାରଣ ପଦ୍ଧତି* | |
| 208. | କାର୍ଯ୍ୟପଦ୍ଧତି ପାଇଁ ନିୟମାବଳୀ | 95 |
| 209. | ରାଜ୍ୟ ବିଧାନମଣ୍ଡଳରେ ଆର୍ଥିକ କାର୍ଯ୍ୟ ସମ୍ବନ୍ଧୀୟ ପ୍ରକ୍ରିୟାର ଆଇନଦ୍ୱାରା ନିୟନ୍ତ୍ରଣ | 96 |

| ଅନୁଚ୍ଛେଦ | | ପୃଷ୍ଠା |
|---|---|---|
| 210. | ବିଧାନମଣ୍ଡଳରେ ପ୍ରୟୋଗ ହେବାକୁ ଥିବା ଭାଷା | 96 |
| 211. | ବିଧାନମଣ୍ଡଳରେ ଆଲୋଚନା ଉପରେ କଟକଣା | 97 |
| 212. | ନ୍ୟାୟାଳୟ ବିଧାନମଣ୍ଡଳର ଆଇନଗତ କାର୍ଯ୍ୟାନୁଷ୍ଠାନ ବିଷୟରେ ତଦନ୍ତ କରିବେ ନାହିଁ | 97 |
| | **ଆଧ୍ୟାୟ 4— ରାଜ୍ୟପାଳଙ୍କ ବୈଧାନିକ କ୍ଷମତା** | |
| 213. | ବିଧାନମଣ୍ଡଳର ବିରତି ସମୟ ମଧ୍ୟରେ ଅଧ୍ୟାଦେଶ ଜାରି କରିବାର କ୍ଷମତା | 97 |
| | **ଆଧ୍ୟାୟ 5— ରାଜ୍ୟରେ ଥିବା ଉଚ୍ଚ ନ୍ୟାୟାଳୟ** | |
| 214. | ରାଜ୍ୟଗୁଡ଼ିକ ନିମନ୍ତେ ଉଚ୍ଚ ନ୍ୟାୟାଳୟ | 99 |
| 215. | ଉଚ୍ଚ ନ୍ୟାୟାଳୟଗୁଡ଼ିକ ଅଭିଲେଖର ନ୍ୟାୟାଳୟ ହେବ | 99 |
| 216. | ଉଚ୍ଚ ନ୍ୟାୟାଳୟର ଗଠନ | 99 |
| 217. | କୌଣସି ଉଚ୍ଚ ନ୍ୟାୟାଳୟର କୌଣସି ନ୍ୟାୟାଧୀଶଙ୍କ ପଦ ନିଯୁକ୍ତି ଏବଂ ନିଯୁକ୍ତି ସର୍ତ୍ତାବଳୀ | 99 |
| 218. | ସର୍ବୋଚ୍ଚ ନ୍ୟାୟାଳୟ ସମ୍ବନ୍ଧରେ କେତେକ ବ୍ୟବସ୍ଥାର ଉଚ୍ଚ ନ୍ୟାୟାଳୟ ପ୍ରତି ପ୍ରୟୋଗ | 101 |
| 219. | ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶଙ୍କ ଶପଥ ଗ୍ରହଣ ଓ ସଂକଳ୍ପବଦ୍ଧତା | 101 |
| 220. | ସ୍ଥାୟୀ ନ୍ୟାୟାଧୀଶଭାବେ ଅବସ୍ଥାପିତ ହେବା ପରେ, ଅଧିବକ୍ତା ବୃତ୍ତି ଉପରେ ପ୍ରତିବନ୍ଧକ | 101 |
| 221. | ନ୍ୟାୟାଧୀଶଙ୍କର ବେତନ ଇତ୍ୟାଦି | 101 |
| 222. | କୌଣସି ନ୍ୟାୟାଧୀଶଙ୍କର ଗୋଟିଏ ଉଚ୍ଚ ନ୍ୟାୟାଳୟରୁ ଅନ୍ୟ ଉଚ୍ଚ ନ୍ୟାୟାଳୟକୁ ବଦଳି | 102 |
| 223. | ମୁଖ୍ୟ କାର୍ଯ୍ୟକାରୀ ନ୍ୟାୟାଧୀଶଙ୍କ ନିଯୁକ୍ତି | 102 |
| 224. | ଅତିରିକ୍ତ କାର୍ଯ୍ୟ ନିର୍ବାହକ ନ୍ୟାୟାଧୀଶଙ୍କ ନିଯୁକ୍ତି | 102 |
| 224A. | ଉଚ୍ଚ ନ୍ୟାୟାଳୟର ବୈଠକରେ ଅବସରପ୍ରାପ୍ତ ନ୍ୟାୟାଧୀଶମାନଙ୍କ ନିଯୁକ୍ତି | 103 |
| 225. | ବର୍ତ୍ତମାନ ପ୍ରଚଳିତ ଉଚ୍ଚ ନ୍ୟାୟାଳୟଗୁଡ଼ିକର ଅଧିକାର କ୍ଷେତ୍ର | 104 |
| 226. | କିଛି ନିର୍ଦ୍ଦିଷ୍ଟ ନିର୍ଦ୍ଦେଶନାମା ଜାରି କରିବାରେ ଉଚ୍ଚ ନ୍ୟାୟାଳୟଙ୍କ କ୍ଷମତା | 104 |
| [226A. | ଅନୁଚ୍ଛେଦ 226 ଅନୁଯାୟୀ, କେନ୍ଦ୍ରୀୟ ଆଇନର ସାଂବିଧାନିକ ବୈଧତାକୁ କୌଣସି କାର୍ଯ୍ୟାନୁଷ୍ଠାନରେ ବିଚାର କରାଯିବ ନାହିଁ – ବାଦ୍ ଦିଆଯାଇଛି] | 105 |
| 227. | ଉଚ୍ଚ ନ୍ୟାୟାଳୟଦ୍ୱାରା ସମସ୍ତ ନ୍ୟାୟାଳୟ ଉପରେ ତତ୍ତ୍ୱାବଧାନ ନିମିତ୍ତ କ୍ଷମତା | 105 |
| 228. | କେତେକ ମକଦ୍ଦମାକୁ ଉଚ୍ଚ ନ୍ୟାୟାଳୟକୁ ସ୍ଥାନାନ୍ତର କରିବା | 106 |
| [228A. | ରାଜ୍ୟ ଆଇନର ସାମ୍ବିଧାନିକ ବୈଧତା ସମ୍ବନ୍ଧୀୟ ପ୍ରଶ୍ନର ଅନ୍ତିମ ନିଷ୍ପତ୍ତି ନିମନ୍ତେ ବିଶେଷ ବ୍ୟବସ୍ଥା– ବାଦ୍ ଦିଆଯାଇଛି] | 107 |

**ଅନୁଚ୍ଛେଦ** **ପୃଷ୍ଠା**


| | | |
|---|---|---|
| 229. | ଉଚ୍ଚ ନ୍ୟାୟାଳୟର କର୍ମଚାରୀ ଏବଂ ସେବକ ଏବଂ ଏହାର ଖର୍ଚ୍ଚ | 107 |
| 230. | ଉଚ୍ଚ ନ୍ୟାୟାଳୟମାନଙ୍କର ଅଧିକାର କ୍ଷେତ୍ରକୁ କେନ୍ଦ୍ରଶାସିତ ପ୍ରଦେଶମାନଙ୍କୁ ପ୍ରସାରିତ କରିବା | 107 |
| 231. | ଦୁଇ କିମ୍ବା ଅଧିକ ରାଜ୍ୟ ନିମନ୍ତେ ଏକ ସାଧାରଣ ଉଚ୍ଚ ନ୍ୟାୟାଳୟର ସ୍ଥାପନା | 108 |
| [232. | ଅନୁଚ୍ଛେଦ 230, 231 ଏବଂ 232କୁ ଅନୁଚ୍ଛେଦ 230 ଏବଂ 231ଦ୍ୱାରା ପ୍ରତିସ୍ଥାପିତ କରାଯାଇଛି] | 108 |

**ଅଧ୍ୟାୟ 6— ଅଧସ୍ତନ ନ୍ୟାୟାଳୟ**

| | | |
|---|---|---|
| 233. | ଜିଲ୍ଲା ନ୍ୟାୟାଳୟରେ ନ୍ୟାୟାଧୀଶମାନଙ୍କ ନିଯୁକ୍ତି | 108 |
| 233A. | କେତେକ ଜିଲ୍ଲା ନ୍ୟାୟାଧୀଶଙ୍କ ନିଯୁକ୍ତି ଏବଂ ପ୍ରଦତ୍ତ ନିଷ୍ପତ୍ତି ଇତ୍ୟାଦିର ବୈଧତା | 109 |
| 234. | ଜିଲ୍ଲା ନ୍ୟାୟାଧୀଶଙ୍କ ବ୍ୟତୀତ ଅନ୍ୟ ବ୍ୟକ୍ତିମାନଙ୍କର ନ୍ୟାୟିକ ସେବାରେ ନିଯୁକ୍ତି | 109 |
| 235. | ଅଧସ୍ତନ ନ୍ୟାୟାଳୟଗୁଡ଼ିକ ଉପରେ ନିୟନ୍ତ୍ରଣ | 110 |
| 236. | ବ୍ୟାଖ୍ୟା | 110 |
| 237. | କେତେକ ନିର୍ଦ୍ଦିଷ୍ଟ ଶ୍ରେଣୀ କିମ୍ବା ଶ୍ରେଣୀଗୁଡ଼ିକର ମାଜିଷ୍ଟ୍ରେଟ୍‌ଙ୍କ ପ୍ରତି ଏହି ଅଧ୍ୟାୟର ବ୍ୟବସ୍ଥାର ପ୍ରୟୋଗ | 110 |

**[ଭାଗ 7–** ବାଦ୍ ଦିଆଯାଇଛି**]**

| | | |
|---|---|---|
| [238. | ପ୍ରଥମ ଅନୁସୂଚୀର ଭାଗ 'B'ରେ ଥିବା ରାଜ୍ୟଗୁଡ଼ିକ– ବାଦ୍ ଦିଆଯାଇଛି] | 111 |


## ଭାଗ 8

## କେନ୍ଦ୍ରଶାସିତ ଅଞ୍ଚଳ


| | | |
|---|---|---|
| 239. | କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ପ୍ରଶାସନ | 112 |
| 239A. | କେତେକ ନିର୍ଦ୍ଦିଷ୍ଟ କେନ୍ଦ୍ରଶାସିତ ଅଞ୍ଚଳ ନିମନ୍ତେ ସ୍ଥାନୀୟ ପରିଷଦ କିମ୍ବା ମନ୍ତ୍ରୀ ପରିଷଦ କିମ୍ବା ଉଭୟର ଗଠନ | 112 |
| 239AA. | ଦିଲ୍ଲୀ ସମ୍ବନ୍ଧରେ ବିଶେଷ ବ୍ୟବସ୍ଥା | 113 |
| 239AB. | ସାମ୍ବିଧାନିକ କାର୍ଯ୍ୟପଦ୍ଧତି ବିଫଳ ହେବା କ୍ଷେତ୍ରରେ ବ୍ୟବସ୍ଥା | 115 |
| 239B. | ବିଧାନମଣ୍ଡଳର ଅବକାଶ ସମୟ ମଧ୍ୟରେ ଅଧ୍ୟାଦେଶ ଜାରି କରିବାରେ ପ୍ରଶାସକଙ୍କ କ୍ଷମତା | 116 |
| 240. | କେତେକ ନିର୍ଦ୍ଦିଷ୍ଟ କେନ୍ଦ୍ରଶାସିତ ଅଞ୍ଚଳ ନିମନ୍ତେ ନିୟମ ପ୍ରଣୟନ କରିବାରେ ରାଷ୍ଟ୍ରପତିଙ୍କ କ୍ଷମତା | 117 |
| 241. | କେନ୍ଦ୍ରଶାସିତ ଅଞ୍ଚଳ ନିମନ୍ତେ ଉଚ୍ଚ ନ୍ୟାୟାଳୟ | 118 |
| [242. | କୁର୍ଗ - ବାଦ୍ ଦିଆଯାଇଛି] | 118 |


## ଭାଗ 9

## ପଞ୍ଚାୟତ


| | | |
|---|---|---|
| 243. | ପରିଭାଷା | 119 |

| ଅନୁଚ୍ଛେଦ | | ପୃଷ୍ଠା |
|---|---|---|
| 243A. | ଗ୍ରାମସଭା | 119 |
| 243B. | ପଞ୍ଚାୟତର ଗଠନ | 119 |
| 243C. | ପଞ୍ଚାୟତର ସଂରଚନା | 119 |
| 243D. | ଆସନର ସଂରକ୍ଷଣ | 121 |
| 243E. | ପଞ୍ଚାୟତଗୁଡ଼ିକର କାର୍ଯ୍ୟକାଳ, ଇତ୍ୟାଦି | 122 |
| 243F. | ସଦସ୍ୟତା ନିମନ୍ତେ ଅଯୋଗ୍ୟତା | 122 |
| 243G. | ପଞ୍ଚାୟତର କ୍ଷମତା, ଅଧିକାର ଏବଂ ଦାୟିତ୍ୱ | 123 |
| 243H. | ପଞ୍ଚାୟତଦ୍ୱାରା କର ଧାର୍ଯ୍ୟ କରିବାର କ୍ଷମତା ଏବଂ ତାହର ପାଣ୍ଠି | 123 |
| 243-I. | ଅର୍ଥନୈତିକ ସ୍ଥିତିର ପୁନର୍ବିଚାର କରିବା ନିମନ୍ତେ ଅର୍ଥ ଆୟୋଗ ଗଠନ | 123 |
| 243J. | ପଞ୍ଚାୟତ ହିସାବର ସମୀକ୍ଷା | 124 |
| 243K. | ପଞ୍ଚାୟତର ନିର୍ବାଚନ | 124 |
| 243L. | କେନ୍ଦ୍ରଶାସିତ ଅଞ୍ଚଳ ପ୍ରତି ପ୍ରୟୋଗ | 125 |
| 243M. | ଏହି ଭାଗ କେତେକ ଅଞ୍ଚଳ ପାଇଁ ପ୍ରୟୋଗ ହେବ ନାହିଁ | 125 |
| 243N. | ପ୍ରଚଳିତ ଆଇନ ଏବଂ ପଞ୍ଚାୟତଗୁଡ଼ିକର ନିରନ୍ତର ପ୍ରଚଳନ | 126 |
| 243O. | ନିର୍ବାଚନ ସମ୍ବନ୍ଧୀୟ ବିଷୟରେ ନ୍ୟାୟାଳୟଗୁଡ଼ିକର ହସ୍ତକ୍ଷେପରେ ପ୍ରତିବନ୍ଧତା | 126 |


## ଭାଗ 9A

## ପୌରପାଳିକା


| | | |
|---|---|---|
| 243P. | ପରିଭାଷା | 127 |
| 243Q. | ପୌରପାଳିକାର ଗଠନ | 127 |
| 243R. | ପୌରପାଳିକାର ସଂରଚନା | 128 |
| 243S. | ୱାର୍ଡ ସମିତି ଇତ୍ୟାଦିର ଗଠନ ଓ ସଂରଚନା | 129 |
| 243T. | ଆସନର ସଂରକ୍ଷଣ | 129 |
| 243U. | ପୌରପାଳିକାର ଅବଧି, ଇତ୍ୟାଦି | 130 |
| 243V. | ସଦସ୍ୟତା ନିମନ୍ତେ ଅଯୋଗ୍ୟତା | 131 |
| 243W | ପୌରପାଳିକାର କ୍ଷମତା, ଅଧିକାର ଏବଂ ଦାୟିତ୍ୱ | 131 |
| 243X. | ପୌରପାଳିକାଦ୍ୱାରା କର ଧାର୍ଯ୍ୟ କରିବା କ୍ଷମତା ଏବଂ ତାହାର ପାଣ୍ଠି | 131 |
| 243Y. | ଅର୍ଥ ଆୟୋଗ | 132 |

| ଅନୁଚ୍ଛେଦ | | ପୃଷ୍ଠା |
|---|---|---|
| 243Z. | ପୌରପାଳିକାଗୁଡ଼ିକର ହିସାବର ସମୀକ୍ଷା | 132 |
| 243ZA. | ପୌରପାଳିକା ନିମନ୍ତେ ନିର୍ବାଚନ | 133 |
| 243ZB. | କେନ୍ଦ୍ରଶାସିତ ଅଞ୍ଚଳ ପ୍ରତି ପ୍ରୟୋଗ | 133 |
| 243ZC. | ଏହି ଭାଗ କେତେକ ଅଞ୍ଚଳ ପ୍ରତି ପ୍ରୟୋଗ ହେବ ନାହିଁ | 133 |
| 243ZD. | ଜିଲ୍ଲା ଯୋଜନା ନିମନ୍ତେ ସମିତି | 133 |
| 243ZE. | ମହାନଗର ଯୋଜନା ନିମନ୍ତେ ସମିତି | 134 |
| 243ZF. | ପ୍ରଚଳିତ ଆଇନ ଏବଂ ପୌରପାଳିକାର କ୍ରମାଗତ ଚଳନ | 136 |
| 243ZG. | ନିର୍ବାଚନ ସମ୍ବନ୍ଧୀୟ ବିଷୟରେ ନ୍ୟାୟାଳୟର ହସ୍ତକ୍ଷେପରେ ପ୍ରତିବନ୍ଧତା | 136 |

## ଭାଗ 9B
## ସମବାୟ ସମିତି

| | | |
|---|---|---|
| 243ZH. | ପରିଭାଷା | 137 |
| 243ZI. | ସମବାୟ ସମିତିର ଅନ୍ତର୍ଭୁକ୍ତିକରଣ | 137 |
| 243ZJ. | ମଣ୍ଡଳର ସଦସ୍ୟ ଏବଂ ପଦାଧିକାରୀମାନଙ୍କର ସଂଖ୍ୟା ଏବଂ କାର୍ଯ୍ୟକାଳ | 138 |
| 243ZK. | ମଣ୍ଡଳର ସଦସ୍ୟମାନଙ୍କର ନିର୍ବାଚନ | 139 |
| 243ZL. | ମଣ୍ଡଳର ଅଧିକ୍ରମଣ ଏବଂ ନିଲମ୍ବନ ଏବଂ ମଧ୍ୟବର୍ତ୍ତୀକାଳୀନ ପରିଚାଳନା | 139 |
| 243ZM. | ସମବାୟ ସମିତିର ହିସାବର ସମୀକ୍ଷା | 140 |
| 243ZN. | ସାଧାରଣ ସଂସ୍ଥାର ବୈଠକ ସଂଯୋଜନା କରିବା | 140 |
| 243ZO. | ସଦସ୍ୟଙ୍କର ସୂଚନା ପାଇବାର ଅଧିକାର | 141 |
| 243ZP. | ବିବରଣୀ | 141 |
| 243ZQ. | ଅପରାଧ ଏବଂ ଶାସ୍ତି | 141 |
| 243ZR. | ବହୁ-ରାଜ୍ୟ ସମବାୟ ସମିତି ପାଇଁ ପ୍ରୟୋଗ | 142 |
| 243ZS. | କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ପ୍ରୟୋଗ | 142 |
| 243ZT. | ପ୍ରଚଳିତ ଆଇନକୁ ଜାରି ରଖିବା | 142 |

## ଭାଗ 10
## ଅନୁସୂଚିତ ଏବଂ ଜନଜାତି ଅଞ୍ଚଳ

| | | |
|---|---|---|
| 244. | ଅନୁସୂଚିତ ଅଞ୍ଚଳ ଏବଂ ଜନଜାତି ଅଞ୍ଚଳର ପ୍ରଶାସନ | 143 |
| 244A. | ଆସାମରେ କିଛି ଜନଜାତି ଅଞ୍ଚଳକୁ ନେଇ ଏକ ସ୍ୱୟଂଶାସିତ ରାଜ୍ୟ ଗଠନ ଏବଂ ସ୍ଥାନୀୟ ବିଧାନ ମଣ୍ଡଳ କିମ୍ବା ମନ୍ତ୍ରୀ ପରିଷଦ କିମ୍ବା ଉଭୟର ସୃଷ୍ଟି | 143 |

**ଅନୁଚ୍ଛେଦ** **ପୃଷ୍ଠା**

## ଭାଗ 11
## କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ସମ୍ପର୍କ
### ଅଧ୍ୟାୟ 1- ବୈଧାନିକ ସମ୍ପର୍କ

*ବୈଧାନିକ କ୍ଷମତା ବଣ୍ଟନ*


245. ସଂସଦ ଓ ରାଜ୍ୟ ବିଧାନମଣ୍ଡଳଦ୍ୱାରା ପ୍ରସ୍ତୁତ ଆଇନର ପରିସର 145

246. ସଂସଦ ଓ ରାଜ୍ୟ ବିଧାନସଭାଦ୍ୱାରା ପ୍ରସ୍ତୁତ ଆଇନର ବିଷୟବସ୍ତୁ 145

246A. ଦ୍ରବ୍ୟ ଏବଂ ସେବା କର ସମ୍ବନ୍ଧୀୟ ସ୍ୱତନ୍ତ୍ର ବ୍ୟବସ୍ଥା 145

247. କେତେକ ଅତିରିକ୍ତ ନ୍ୟାୟାଳୟ ସ୍ଥାପନ କରିବା ପାଇଁ ବ୍ୟବସ୍ଥା କରିବା ନିମନ୍ତେ ସଂସଦର କ୍ଷମତା 146

248. ଆଇନ ପ୍ରାଣୟନର ଅବଶିଷ୍ଟ କ୍ଷମତା 146

249. ଜାତୀୟ ହିତ ପାଇଁ ରାଜ୍ୟ ତାଲିକାଭୁକ୍ତ ବିଷୟ ଉପରେ ଆଇନ ପ୍ରଣୟନ କରିବାର କ୍ଷମତା 146

250. ଯେତେବେଳେ ଜରୁରୀକାଳୀନ ପରିସ୍ଥିତି ଜାରି ରହିଥିବ, ସେହି ସମୟର ରାଜ୍ୟ ତାଲିକାର କୌଣସି ବିଷୟ ଉପରେ ସଂସଦର ଆଇନ ପ୍ରଣୟନ କରିବାର କ୍ଷମତା 147

251. ସଂସଦଦ୍ୱାରା ଅନୁଚ୍ଛେଦ 249 ଏବଂ 250 ଅଧୀନରେ ପ୍ରସ୍ତୁତ ଆଇନ ଓ ରାଜ୍ୟଗୁଡିକର ବିଧାନମଣ୍ଡଳଦ୍ୱାରା ପ୍ରସ୍ତୁତ ଆଇନରେ ଅସଙ୍ଗତି 147

252. ସମ୍ମତିଦ୍ୱାରା ଦୁଇ କିମ୍ବା ତତୋଧିକ ରାଜ୍ୟ ପାଇଁ ଆଇନ ପ୍ରଣୟନ କରିବାର ସଂସଦର କ୍ଷମତା ଏବଂ ଅନ୍ୟ ଯେକୌଣସି ରାଜ୍ୟଦ୍ୱାରା ଏପରି ଆଇନ ଗ୍ରହଣ କରିବା 147

253. ଆନ୍ତର୍ଜାତିକ ଚୁକ୍ତିକୁ ଫଳପ୍ରଦ କରିବା ନିମିତ୍ତ ଆଇନ ପ୍ରଣୟନ 148

254. ସଂସଦଦ୍ୱାରା ଓ ବିଧାନମଣ୍ଡଳଦ୍ୱାରା ପ୍ରଣୀତ ଆଇନ ଅସାମଞ୍ଜସ୍ୟତା 148

255. ସୁପାରିଶ ଏବଂ ପୂର୍ବ ମଞ୍ଜୁରି ନିମନ୍ତେ ଆବଶ୍ୟକତାକୁ କେବଳ ପାଦ୍ଧତିକ ପ୍ରକ୍ରିୟାଭାବେ ବିଚାର କରାଯିବ 148


### ଅଧ୍ୟାୟ 2— ପ୍ରଶାସନିକ ସମ୍ବନ୍ଧ

*ସାଧାରଣ*


256. ରାଜ୍ୟ ଓ କେନ୍ଦ୍ରର ଦାୟିତ୍ୱ 149

257. ନିର୍ଦ୍ଦିଷ୍ଟ କ୍ଷେତ୍ରରେ ରାଜ୍ୟଗୁଡ଼ିକ ଉପରେ କେନ୍ଦ୍ରର ନିୟନ୍ତ୍ରଣ 149

[257A. କେନ୍ଦ୍ରର ସଶସ୍ତ୍ର ବାହିନୀ କିମ୍ବା ଅନ୍ୟ ବାହିନୀ ନିୟୋଜନଦ୍ୱାରା ରାଜ୍ୟକୁ ସହାୟତା- ବାଦ୍ ଦିଆଯାଇଛି 150

258. କେତେକ ନିର୍ଦ୍ଦିଷ୍ଟ ବିଷୟରେ ରାଜ୍ୟ ଉପରେ କ୍ଷମତା ନ୍ୟସ୍ତ କରିବା ଇତ୍ୟାଦିରେ କେନ୍ଦ୍ରର କ୍ଷମତା 150

| ଅନୁଚ୍ଛେଦ | | ପୃଷ୍ଠା |
|---|---|---|
| 258A. | କେନ୍ଦ୍ର ସରକାରଙ୍କୁ ଦାୟିତ୍ୱ ପ୍ରଦାନ ନିମନ୍ତେ ରାଜ୍ୟ ସରକାରଙ୍କ କ୍ଷମତା | 150 |
| [259. | ପ୍ରଥମ ଅନୁସୂଚୀର ଭାଗ Bରେ ରାଜ୍ୟର ସଶସ୍ତ୍ର ବଳ– ବାଦ୍ ଦିଆଯାଇଛି] | 150 |
| 260. | କେନ୍ଦ୍ରସରକାରଙ୍କ ଭାରତ ବାହାର ଅଞ୍ଚଳ ଉପରେ ନ୍ୟାୟାଧିକାର | 150 |
| 261. | ସାର୍ବଜନୀନ କାର୍ଯ୍ୟ, ଅଭିଲେଖ ଏବଂ ନ୍ୟାୟିକ କାର୍ଯ୍ୟାନୁଷ୍ଠାନ | 151 |
| | *ଜଳ ସମ୍ବନ୍ଧୀୟ ବିବାଦ* | |
| 262. | ଆନ୍ତଃରାଜ୍ୟ ନଦୀ କିମ୍ବା ନଦୀ ଉପତ୍ୟକାର ଜଳ ସମ୍ବନ୍ଧୀୟ ବିବାଦର ନ୍ୟାୟ ସଙ୍ଗତ ନିଷ୍ପତ୍ତି | 151 |
| | *ରାଜ୍ୟମାନଙ୍କ ଭିତରେ ସମନ୍ୱୟତା* | |
| 263. | ଆନ୍ତଃରାଜ୍ୟ ପରିଷଦ ସମ୍ବନ୍ଧରେ ବ୍ୟବସ୍ଥା | 151 |


## ଭାଗ 12

## ଅର୍ଥ, ସମ୍ପତ୍ତି, ଚୁକ୍ତି ଓ ମକଦ୍ଦମା

## ଅଧ୍ୟାୟ 1- ଅର୍ଥ

*ସାଧାରଣ*


| | | |
|---|---|---|
| 264. | ବ୍ୟାଖ୍ୟା | 152 |
| 265. | ଆଇନର ଅଧିକାର କୌଣସି କର ଧାର୍ଯ୍ୟ ନକରିବା | 152 |
| 266. | ଭାରତ ଓ ରାଜ୍ୟର ସଞ୍ଚିତ ପାଣ୍ଠି ଏବଂ ସରକାରୀ ହିସାବ | 152 |
| 267. | ଜରୁରୀକାଳୀନ ପାଣ୍ଠି | 152 |
| | *କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ରାଜସ୍ୱ ବଣ୍ଟନ* | |
| 268. | କେନ୍ଦ୍ରଦ୍ୱାରା ଆଦାୟ କରାଯାଉଥିବା କିନ୍ତୁ ରାଜ୍ୟଦ୍ୱାରା ସଂଗ୍ରହ ଏବଂ ବଣ୍ଟନ କରାଯାଉଥିବା ଶୁଳ୍କ | 153 |
| [268A. | ସଂଘଦ୍ୱାରା ଆଦାୟ କରାଯାଉଥିବା ଏବଂ କେନ୍ଦ୍ର ଓ ରାଜ୍ୟମାନଙ୍କଦ୍ୱାରା ସଂଗ୍ରହ ଓ ବଣ୍ଟନ କରାଯାଉଥିବା ସେବା କର– ବାଦ୍ ଦିଆଯାଇଛି] | 153 |
| 269. | କେନ୍ଦ୍ରଦ୍ୱାରା ଆଦାୟ ଏବଂ ସଂଗ୍ରହ କରାଯାଉଥିବ କିନ୍ତୁ ରାଜ୍ୟକୁ ବଣ୍ଟନ କରାଯାଉଥିବା କର | 154 |
| 269A. | ଆନ୍ତଃରାଜ୍ୟ ବାଣିଜ୍ୟ ବା ବ୍ୟବସାୟ ମଧ୍ୟରେ ଦ୍ରବ୍ୟ ଏବଂ ସେବା କରର ଆଦାୟ ଏବଂ ସଂଗ୍ରହ | 154 |
| 270. | କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ଆଦାୟ ଏବଂ ବଣ୍ଟନ କରାଯାଉଥିବା କର | 155 |
| 271. | କେନ୍ଦ୍ରର ଉଦ୍ଦେଶ୍ୟ ପାଇଁ ନିର୍ଦ୍ଦିଷ୍ଟ ଶୁଳ୍କ ଏବଂ କର ଉପରେ ଅତିରିକ୍ତ ଶୁଳ୍କ | 156 |
| [272. | କେନ୍ଦ୍ରଦ୍ୱାରା ଆଦାୟ ଏବଂ ସଂଗୃହୀତ କର ଏବଂ କେନ୍ଦ୍ର ଓ ରାଜ୍ୟମାନଙ୍କ ମଧ୍ୟରେ ବଣ୍ଟନ କରାଯାଇପାରେ- ବାଦ୍ ଦିଆଯାଇଛି] | 156 |
| 273. | ଝୋଟ ଏବଂ ଝୋଟ ଉତ୍ପାଦିତ ଦ୍ରବ୍ୟ ଉପରେ ରପ୍ତାନୀ ଶୁଳ୍କ ବଦଳରେ ଅନୁଦାନ | 156 |
| 274. | ରାଜ୍ୟ ସ୍ୱାର୍ଥ ସହିତ ସମ୍ବନ୍ଧିତ କର ଉପରେ ପ୍ରଭାବ ପକାଉଥିବା ବିଧେୟକ ପାଇଁ ରାଷ୍ଟ୍ରପତିଙ୍କ ପୂର୍ବ ସୁପାରିଶ ଆବଶ୍ୟକ | 157 |

| ଅନୁଚ୍ଛେଦ | | ପୃଷ୍ଠା |
|---|---|---|
| 275. | କେନ୍ଦ୍ରରୁ ନିର୍ଦ୍ଦିଷ୍ଟ ରାଜ୍ୟକୁ ଅନୁଦାନ | 157 |
| 276. | ବୃତ୍ତି, ବ୍ୟବସାୟ, ବାଣିଜ୍ୟ ଏବଂ ନିଯୁକ୍ତି ଉପରେ କର | 158 |
| 277. | ସଂରକ୍ଷଣ | 159 |
| [278. | ପ୍ରଥମ ଅନୁସୂଚୀ ଭାଗ Bରେ ଥିବା ରାଜ୍ୟମାନଙ୍କ ସହିତ ନିର୍ଦ୍ଦିଷ୍ଟ ଆର୍ଥିକ ବିଷୟ ସମ୍ପର୍କରେ ଚୁକ୍ତି- ବାଦ୍ ଦିଆଯାଇଛି ] | 159 |
| 279. | "ବାସ୍ତବିକ ଆୟ"ର ହିସାବ ଇତ୍ୟାଦି | 159 |
| 279A. | ଦ୍ରବ୍ୟ ଏବଂ ସେବା କର ପରିଷଦ | 160 |
| 280. | ଅର୍ଥ ଆୟୋଗ | 162 |
| 281. | ଅର୍ଥ ଆୟୋଗର ସୁପାରିଶ | 163 |
| | *ବିବିଧ ଆର୍ଥିକ ବ୍ୟବସ୍ଥା* | |
| 282. | କେନ୍ଦ୍ର ବା ରାଜ୍ୟଦ୍ୱାରା ତାହାର ରାଜସ୍ୱରୁ ନିର୍ବାହ କରାଯାଉଥିବା ପ୍ରତ୍ୟେକ ଖର୍ଚ୍ଚ | 163 |
| 283. | ସଞ୍ଚିତ ପାଣ୍ଠି, ଜରୁରୀକାଳୀନ ପାଣ୍ଠି ଏବଂ ସରକାରୀ ହିସାବରେ ଜମା ହୋଇଥିବା ଅର୍ଥର ସୁରକ୍ଷା, ଇତ୍ୟାଦି | 163 |
| 284. | ସରକାରୀ କର୍ମଚାରୀ ଓ ବିଚାରାଳୟଦ୍ୱାରା ପ୍ରାପ୍ତ ଆବେଦନକାରୀଙ୍କ ଜମା ରାଶି ସବୁ ଏବଂ ଅନ୍ୟ ଅର୍ଥ ରାଶିର ସୁରକ୍ଷା | 163 |
| 285. | ରାଜ୍ୟକରରୁ କେନ୍ଦ୍ରର ସମ୍ପତ୍ତିର ଛାଡ଼ | 164 |
| 286. | ଦ୍ରବ୍ୟର ବିକ୍ରୟ ବା କ୍ରୟ ସଙ୍କ୍ରାନ୍ତରେ କର ଆରୋପ ଉପରେ କଟକଣା | 164 |
| 287. | ବିଦ୍ୟୁତ ଉପରେ କରରୁ ଛାଡ଼ | 164 |
| 288. | ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଜଳ ବା ବିଦ୍ୟୁତ ସମ୍ପର୍କରେ ରାଜ୍ୟଦ୍ୱାରା କରରୁ ଛାଡ଼ | 165 |
| 289. | ରାଜ୍ୟର ସମ୍ପତ୍ତି ଏବଂ ଆୟ କେନ୍ଦ୍ରୀୟ କରରୁ ଛାଡ଼ | 165 |
| 290. | ନିର୍ଦ୍ଦିଷ୍ଟ ଖର୍ଚ୍ଚ ଏବଂ ଅବସରକାଳୀନ ଭତ୍ତା ସମ୍ପର୍କରେ ସମନ୍ୱୟ | 166 |
| 290A. | ନିର୍ଦ୍ଦିଷ୍ଟ ଦେବସ୍ୱମ ପାଣ୍ଠିକୁ ବାର୍ଷିକ ପୈଠ | 166 |
| [291. | ସେହି ସମୟର ରାଜନ୍ୱ ସମୟର ପ୍ରିଭି ପର୍ସ - ବାଦ୍ ଦିଆଯାଇଛି | 167 |


## ଅଧ୍ୟାୟ 2— ଋଣ ଗ୍ରହଣ


| | | |
|---|---|---|
| 292. | ଭାରତ ସରକାରଙ୍କଦ୍ୱାରା ଋଣ ଗ୍ରହଣ | 167 |
| 293. | ରାଜ୍ୟଦ୍ୱାରା ଋଣ ଗ୍ରହଣ | 167 |

| ଅନୁଚ୍ଛେଦ | | ପୃଷ୍ଠା |
|---|---|---|
| | **ଅଧ୍ୟାୟ 3 - ସମ୍ପତ୍ତି, ଚୁକ୍ତି, ଅଧିକାର, ଦାୟବଦ୍ଧତା, ବାଧ୍ୟବାଧକତା ଏବଂ ମକଦ୍ଦମା** | |
| 294. | ନିର୍ଦ୍ଦିଷ୍ଟ କ୍ଷେତ୍ରରେ ସମ୍ପତ୍ତି, ସମ୍ପଦ, ଅଧିକାର, ଦାୟବଦ୍ଧତା ଏବଂ ବାଧ୍ୟବାଧକତାର ଉତ୍ତରାଧିକାର | 167 |
| 295. | ଅନ୍ୟ ମାମଲାରେ ସମ୍ପତ୍ତି, ସମ୍ପଦ, ଅଧିକାର, ଦାୟିତ୍ୱ ଏବଂ ବାଧ୍ୟବାଧକତାର ଉତ୍ତରାଧିକାର | 168 |
| 296. | ବାଜ୍ୟାପ୍ତ ସମ୍ପତ୍ତି କିମ୍ବା ନିର୍ଗତ କିମ୍ବା ଦାବି ବିହୀନ ସମ୍ପତ୍ତିର ସଂଗ୍ରହ | 168 |
| 297. | ଆଞ୍ଚଳିକ ଜଳ ବା ମହୀସୋପାନ ଏବଂ ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳର ସମ୍ବଳରେ ଥିବା ମୂଲ୍ୟବାନ ବସ୍ତୁ କେନ୍ଦ୍ରରେ ନିହିତ ହେବ | 169 |
| 298. | ବାଣିଜ୍ୟ ଇତ୍ୟାଦି କରିବାର କ୍ଷମତା | 169 |
| 299. | ଚୁକ୍ତି | 170 |
| 300. | ମକଦ୍ଦମା ଓ ଆଇନଗତ ପ୍ରକ୍ରିୟା | 170 |
| | **ଅଧ୍ୟାୟ 4— ସମ୍ପତ୍ତିର ଅଧିକାର** | |
| 300A. | ଆଇନର କର୍ତ୍ତୃତ୍ୱ ବିନା ବ୍ୟକ୍ତିଙ୍କୁ ସମ୍ପତ୍ତିରୁ ବଞ୍ଚିତ କରାଯିବ ନାହିଁ | 170 |
| | **ଭାଗ 13** | |
| | **ଭାରତୀୟ ଅଞ୍ଚଳ ମଧ୍ୟରେ ବ୍ୟାପାର, ବାଣିଜ୍ୟ ଓ ସମାଗମ** | |
| 301. | ବ୍ୟବସାୟ, ବାଣିଜ୍ୟ ଓ ସମାଗମର ସ୍ୱାଧୀନତା | 171 |
| 302. | ବ୍ୟବସାୟ, ବାଣିଜ୍ୟ ଏବଂ ସମାଗମ ଉପରେ କଟକଣା ଧାର୍ଯ୍ୟ କରିବା ପାଇଁ ସଂସଦର କ୍ଷମତା | 171 |
| 303. | ବ୍ୟବସାୟ ଓ ବାଣିଜ୍ୟ ସମ୍ବନ୍ଧରେ, କେନ୍ଦ୍ର ଓ ରାଜ୍ୟ ଗୁଡ଼ିକର ବୈଧାନିକ କ୍ଷମତା ଉପରେ କଟକଣା | 171 |
| 304. | ରାଜ୍ୟ ରାଜ୍ୟ ମଧ୍ୟରେ ବ୍ୟବସାୟ, ବାଣିଜ୍ୟ ଏବଂ ସମାଗମ ଉପରେ କଟକଣା | 171 |
| 305. | ପ୍ରଚଳିତ ଆଇନ ଏବଂ ରାଜ୍ୟର ଏକଚାଟିଆ ନୀତି ନିମନ୍ତେ ଆଇନର ବ୍ୟବସ୍ଥା ଏବଂ ସଂରକ୍ଷଣ | 172 |
| [306. | ବ୍ୟବସାୟ ଏବଂ ବାଣିଜ୍ୟ ଉପରେ କଟକଣା ଲାଗୁ କରିବା ପାଇଁ, ପ୍ରଥମ ଅନୁସୂଚୀର ଭାଗ Bରେ କେତେକ ରାଜ୍ୟର କ୍ଷମତା- ବାଦ୍ ଦିଆଯାଇଛି] | 172 |
| 307. | ଅନୁଚ୍ଛେଦ 301ରୁ 304ର ଉଦ୍ଦେଶ୍ୟ କାର୍ଯ୍ୟକାରୀ କରିବା ପାଇଁ କର୍ତ୍ତୃପକ୍ଷଙ୍କ ନିଯୁକ୍ତି | 172 |
| | **ଭାଗ 14** | |
| | **କେନ୍ଦ୍ର ଏବଂ ରାଜ୍ୟ ଅଧୀନରେ ଥିବା ସେବା** | |
| | **ଅଧ୍ୟାୟ 1— ସେବା** | |
| 308. | ବ୍ୟାଖ୍ୟା | 173 |

| ଅନୁଚ୍ଛେଦ | | ପୃଷ୍ଠା |
|---|---|---|
| 309. | କେନ୍ଦ୍ର କିମ୍ବା ରାଜ୍ୟ ସେବାରେ ନିୟୋଜିତ ବ୍ୟକ୍ତିଙ୍କ ନିଯୁକ୍ତି ଏବଂ ସେବା ସର୍ତ୍ତ | 173 |
| 310. | କେନ୍ଦ୍ର କିମ୍ବା ରାଜ୍ୟ ସେବାରେ ନିୟୋଜିତ ବ୍ୟକ୍ତିଙ୍କ ପଦବୀର କାର୍ଯ୍ୟକାଳ | 173 |
| 311. | କେନ୍ଦ୍ର କିମ୍ବା ରାଜ୍ୟ ଅଧୀନରେ ପ୍ରଶାସନିକ ପଦବୀରେ ନିଯୁକ୍ତ ବ୍ୟକ୍ତିଙ୍କୁ ପଦରୁ ବରଖାସ୍ତ, ବହିଷ୍କାର କିମ୍ବା ପଦବୀର ହ୍ରାସ କରିବା | 174 |
| 312. | ସର୍ବ ଭାରତୀୟ ସେବା | 175 |
| 312A. | କେତେକ ନିର୍ଦ୍ଦିଷ୍ଟ ସେବାର ଅଧିକାରୀଙ୍କ ସେବା ସର୍ତ୍ତ ପରିବର୍ତ୍ତନ କିମ୍ବା ରଦ୍ଦ କରିବା ପାଇଁ ସଂସଦର କ୍ଷମତା | 175 |
| 313. | ମଧ୍ୟବର୍ତ୍ତୀକାଳୀନ ବ୍ୟବସ୍ଥା | 177 |
| [314. | ନିର୍ଦ୍ଦିଷ୍ଟ ସେବାର ବିଦ୍ୟମାନ ଅଧିକାରୀମାନଙ୍କ ସୁରକ୍ଷା ପାଇଁ ବ୍ୟବସ୍ଥା– ବାଦ୍ ଦିଆଯାଇଛି] | 177 |


### ଅଧ୍ୟାୟ 2— ଲୋକସେବା ଆୟୋଗ


| | | |
|---|---|---|
| 315. | କେନ୍ଦ୍ର ଏବଂ ରାଜ୍ୟଗୁଡ଼ିକ ପାଇଁ ଲୋକସେବା ଆୟୋଗ | 177 |
| 316. | ସଦସ୍ୟମାନଙ୍କର ନିଯୁକ୍ତି ଏବଂ ପଦବୀର କାର୍ଯ୍ୟକାଳ | 177 |
| 317. | ଲୋକସେବା ଆୟୋଗର ସଦସ୍ୟଙ୍କର ବହିଷ୍କାର ଏବଂ ନିଲମ୍ବନ | 179 |
| 318. | ଆୟୋଗର ସଦସ୍ୟ ଏବଂ କର୍ମଚାରୀମାନଙ୍କର ସେବା ସର୍ତ୍ତ ସମ୍ବନ୍ଧରେ ନିୟମାବଳୀ ପ୍ରଣୟନ କରିବାର କ୍ଷମତା | 179 |
| 319. | ଆୟୋଗର ସଦସ୍ୟମାନଙ୍କଦ୍ୱାରା ପଦବୀ ଧାରଣ ଉପରେ ନିଷେଧ | 180 |
| 320. | ଲୋକସେବା ଆୟୋଗର କାର୍ଯ୍ୟାବଳୀ | 180 |
| 321. | ଲୋକସେବା ଆୟୋଗର କାର୍ଯ୍ୟଗୁଡ଼ିକୁ ସମ୍ପ୍ରସାରିତ କରିବାର କ୍ଷମତା | 182 |
| 322. | ଲୋକସେବା ଆୟୋଗର ବ୍ୟୟ | 182 |
| 323. | ଲୋକସେବା ଆୟୋଗର ବିବରଣୀ | 182 |


## ଭାଗ 14A

### ନ୍ୟାୟାଧିକରଣ


| | | |
|---|---|---|
| 323A. | ପ୍ରଶାସନିକ ନ୍ୟାୟାଧିକରଣ | 183 |
| 323B. | ଅନ୍ୟ ବିଷୟ ପାଇଁ ନ୍ୟାୟାଧିକରଣ | 184 |

**ଅନୁଚ୍ଛେଦ** **ପୃଷ୍ଠା**

## ଭାଗ 15
## ନିର୍ବାଚନ


| | | |
|---|---|---|
| 324. | ନିର୍ବାଚନର ତଦାରଖ, ନିର୍ଦ୍ଦେଶ ଏବଂ ନିୟନ୍ତ୍ରଣ ଜଣେ ନିର୍ବାଚନ ଆୟୋଗଙ୍କ ଉପରେ ନ୍ୟସ୍ତ ରହିବ | 186 |
| 325. | ଧର୍ମ, ମୂଳବଂଶ, ଜାତି କିମ୍ବା ଲିଙ୍ଗ କାରଣ ପାଇଁ କୌଣସି ନିର୍ବାଚନ ତାଲିକାରେ ଅନ୍ତର୍ଭୁକ୍ତ ହେବା ନିମନ୍ତେ କିମ୍ବା ଏପରି ଦାବି କରିବା ନିମନ୍ତେ, କୌଣସି ବ୍ୟକ୍ତି ଅଯୋଗ୍ୟ ହେବେ ନାହିଁ | 187 |
| 326. | ଲୋକସଭା ଏବଂ ରାଜ୍ୟର ବିଧାନସଭା ପାଇଁ ନିର୍ବାଚନ ସାବାଳକଙ୍କ ମତାଧିକାର ଅନୁସାରେ ହେବ | 187 |
| 327. | ବିଧାନମଣ୍ଡଳ ନିର୍ବାଚନ ସମ୍ବନ୍ଧରେ ବ୍ୟବସ୍ଥା କରିବା ନିମନ୍ତେ ସଂସଦର କ୍ଷମତା | 187 |
| 328. | କୌଣସି ରାଜ୍ୟର ବିଧାନମଣ୍ଡଳର ନିର୍ବାଚନ ସମ୍ବନ୍ଧରେ ବ୍ୟବସ୍ଥା କରିବା ପାଇଁ ସେହି ବିଧାନମଣ୍ଡଳର କ୍ଷମତା | 188 |
| 329. | ନିର୍ବାଚନ ବିଷୟରେ ନ୍ୟାୟାଳୟଦ୍ୱାରା ହସ୍ତକ୍ଷେପ ପ୍ରତି ପ୍ରତିବନ୍ଧକ | 188 |
| [329A. | ପ୍ରଧାନମନ୍ତ୍ରୀ ଏବଂ ବାଚସ୍ପତିଙ୍କ କ୍ଷେତ୍ରରେ ସଂସଦ ନିର୍ବାଚନ ସମ୍ବନ୍ଧୀୟ ବିଶେଷ ବ୍ୟବସ୍ଥା – ବାଦ୍ ଦିଆଯାଇଛି] | 188 |


## ଭାଗ - 16
## ନିର୍ଦ୍ଦିଷ୍ଟ ଶ୍ରେଣୀ ସମ୍ବନ୍ଧୀୟ ବିଶେଷ ବ୍ୟବସ୍ଥା


| | | |
|---|---|---|
| 330. | ଲୋକସଭାରେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ପାଇଁ ଆସନ ସଂରକ୍ଷଣ | 189 |
| 330A. | ଲୋକକସଭାରେ ମହିଳାମାନଙ୍କ ପାଇଁ ଆସନ ସଂରକ୍ଷଣ | 190 |
| 331. | ଲୋକସଭାରେ ଆଙ୍ଗ୍ଲୋ-ଭାରତୀୟ ସମ୍ପ୍ରଦାୟର ପ୍ରତିନିଧିତ୍ୱ | 190 |
| 332. | ରାଜ୍ୟଗୁଡ଼ିକର ବିଧାନସଭାରେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ପାଇଁ ଆସନ ସଂରକ୍ଷଣ | 190 |
| 332A. | ରାଜ୍ୟମାନଙ୍କର ବିଧାନସଭାରେ ମହିଳାମାନଙ୍କ ପାଇଁ ଆସନ ସଂରକ୍ଷଣ | 192 |
| 333. | ରାଜ୍ୟମାନଙ୍କର ବିଧାନସଭାରେ ଆଙ୍ଗ୍ଲୋ-ଭାରତୀୟ ସମ୍ପ୍ରଦାୟର ପ୍ରତିନିଧିତ୍ୱ | 192 |
| 334. | ଆସନଗୁଡ଼ିକର ସଂରକ୍ଷଣ ଏବଂ ବିଶେଷ ପ୍ରତିନିଧିତ୍ୱ ନିର୍ଦ୍ଦିଷ୍ଟ ଅବଧି ପରେ ବନ୍ଦ ହେବ | 192 |
| 334A. | ମହିଳାମାନଙ୍କ ପାଇଁ ଆସନ ସଂରକ୍ଷଣ କାର୍ଯ୍ୟକାରୀ ହେବା | 193 |
| 335. | ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିର ସେବା ଏବଂ ପଦବୀ ଦାବି | 193 |

| ଅନୁଚ୍ଛେଦ | | ପୃଷ୍ଠା |
|---|---|---|
| 336. | ନିର୍ଦ୍ଦିଷ୍ଟ ସେବାଗୁଡ଼ିକରେ ଆଙ୍ଗ୍ଲୋ-ଭାରତୀୟ ସମ୍ପ୍ରଦାୟ ପାଇଁ ବିଶେଷ ବ୍ୟବସ୍ଥା | 194 |
| 337. | ଆଙ୍ଗ୍ଲୋ-ଭାରତୀୟ ସମ୍ପ୍ରଦାୟର ଉପକାର ପାଇଁ ଶିକ୍ଷା ଅନୁଦାନ ମଞ୍ଜୁରି ସମ୍ବନ୍ଧରେ ବିଶେଷ ବ୍ୟବସ୍ଥା | 194 |
| 338. | ଅନୁସୂଚିତ ଜାତି ପାଇଁ ଜାତୀୟ ଆୟୋଗ | 195 |
| 338A. | ଅନୁସୂଚିତ ଜନଜାତି ପାଇଁ ଜାତୀୟ ଆୟୋଗ | 196 |
| 338B. | ପଛୁଆ ବର୍ଗ ପାଇଁ ଜାତୀୟ ଆୟୋଗ | 198 |
| 339. | ଅନୁସୂଚିତ ଅଞ୍ଚଳର ପ୍ରଶାସନ ଏବଂ ଅନୁସୂଚିତ ଜନଜାତିର କଲ୍ୟାଣ ଉପରେ କେନ୍ଦ୍ରର ନିୟନ୍ତ୍ରଣ | 200 |
| 340. | ପଛୁଆ ବର୍ଗର ଅବସ୍ଥାଗୁଡ଼ିକର ଅନୁସନ୍ଧାନ କରିବା ପାଇଁ ଏକ ଆୟୋଗର ନିଯୁକ୍ତି | 200 |
| 341. | ଅନୁସୂଚିତ ଜାତି | 200 |
| 342. | ଅନୁସୂଚିତ ଜନଜାତି | 201 |
| 342A. | ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗ | 202 |


## ଭାଗ-17

## ସରକାରୀ ଭାଷା

### ଅଧ୍ୟାୟ 1- କେନ୍ଦ୍ରର ଭାଷା


| | | |
|---|---|---|
| 343. | କେନ୍ଦ୍ରର ସରକାରୀ ଭାଷା | 203 |
| 344. | ସରକାରୀ ଭାଷା ବିଷୟରେ ସଂସଦର ଆୟୋଗ ଓ ସମିତି | 203 |


### ଅଧ୍ୟାୟ 2 - ଆଞ୍ଚଳିକ ଭାଷା


| | | |
|---|---|---|
| 345. | ରାଜ୍ୟର ସରକାରୀ ଭାଷା କିମ୍ବା ଭାଷାଗୁଡ଼ିକ | 204 |
| 346. | ରାଜ୍ୟ ଏବଂ ଅନ୍ୟ ରାଜ୍ୟ କିମ୍ବା ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ଯୋଗାଯୋଗ ପାଇଁ ସରକାରୀ ଭାଷା | 204 |
| 347. | ରାଜ୍ୟର ଜନସଂଖ୍ୟାର ଏକ ଅଂଶଦ୍ୱାରା କଥିତ ଭାଷା ସମ୍ବନ୍ଧରେ ବିଶେଷ ବ୍ୟବସ୍ଥା | 205 |


### ଅଧ୍ୟାୟ 3 - ସର୍ବୋଚ୍ଚ ନ୍ୟାୟାଳୟ, ଉଚ୍ଚ ନ୍ୟାୟାଳୟ ଏବଂ ଇତ୍ୟାଦିର ଭାଷା


| | | |
|---|---|---|
| 348. | ସର୍ବୋଚ୍ଚ ନ୍ୟାୟାଳୟ ଓ ଉଚ୍ଚ ନ୍ୟାୟାଳୟ ଓ ଅଧିନିୟମସବୁ, ବିଧେୟକଗୁଡ଼ିକ, ଇତ୍ୟାଦି ପାଇଁ ବ୍ୟବହୃତ ଭାଷା | 205 |
| 349. | ଭାଷା ସମ୍ବନ୍ଧରେ କିଛି ନିର୍ଦ୍ଦିଷ୍ଟ ଆଇନ ପାରିତ କରିବା ନିମିତ୍ତ ବିଶେଷ ପ୍ରକ୍ରିୟା | 206 |

ଅନୁଚ୍ଛେଦ ପୃଷ୍ଠା

**ଅଧ୍ୟାୟ 4— ବିଶେଷ ନିର୍ଦ୍ଦେଶାବଳୀ**

350. ଅଭିଯୋଗ ନିରାକରଣ ପାଇଁ ନିବେଦନ କରିବାରେ ବ୍ୟବହୃତ ଭାଷା 206
350A. ପ୍ରାଥମିକ ସ୍ତରରେ ମାତୃଭାଷାରେ ଶିକ୍ଷା ପାଇଁ ସୁବିଧା 206
350B. ଭାଷାଗତ ସଂଖ୍ୟାଲଘୁ ସମ୍ପ୍ରଦାୟ ପାଇଁ ବିଶେଷ ଅଧିକାରୀ 207
351. ହିନ୍ଦୀ ଭାଷା ଉନ୍ନତି ପାଇଁ ନିର୍ଦ୍ଦେଶ 207

**ଭାଗ-18**

**ଜରୁରୀକାଳୀନ ବ୍ୟବସ୍ଥା**

352. ଜରୁରୀକାଳୀନ ଘୋଷଣା 208
353. ଜରୁରୀକାଳୀନ ପରିସ୍ଥିତି ଘୋଷଣାର ପ୍ରଭାବ 210
354. ଜରୁରୀକାଳୀନ ପରିସ୍ଥିତି ଘୋଷଣା ହେଉଥିବା ସମୟରେ ରାଜସ୍ୱ ବିତରଣ ସମ୍ବନ୍ଧୀୟ ବ୍ୟବସ୍ଥାର ପ୍ରୟୋଗ 211
355. ବାହ୍ୟ ଆକ୍ରମଣ ଏବଂ ଆଭ୍ୟନ୍ତରୀଣ ବିଶୃଙ୍ଖଳାରୁ ରାଜ୍ୟଗୁଡ଼ିକୁ ସୁରକ୍ଷା ଦେବାରେ କେନ୍ଦ୍ରର କର୍ତ୍ତବ୍ୟ 211
356. ରାଜ୍ୟଗୁଡ଼ିକରେ ସାମ୍ବିଧାନିକ ବ୍ୟବସ୍ଥା ବିଫଳ ହେବା କ୍ଷେତ୍ରରେ ବ୍ୟବସ୍ଥା 211
357. ଅନୁଚ୍ଛେଦ 356 ଅଧୀନରେ ଜାରି ହୋଇଥିବା ଘୋଷଣା ଅଧୀନରେ ବୈଧାନିକ କ୍ଷମତାର ପ୍ରୟୋଗ 214
358. ଜରୁରୀକାଳୀନ ସମୟରେ ଅନୁଚ୍ଛେଦ 19ର ବ୍ୟବସ୍ଥାର ସ୍ଥଗିତ ରହିବ 215
359. ଜରୁରୀକାଳୀନ ପରିସ୍ଥିତି ସମୟରେ ଭାଗ 3ଦ୍ୱାରା ପ୍ରଦତ୍ତ ଅଧିକାରଗୁଡ଼ିକର ପ୍ରୟୋଗ ସ୍ଥଗିତ ରହିବ 216
[359A. ପଞ୍ଜାବ ରାଜ୍ୟରେ ଏହି ଭାଗର ପ୍ରୟୋଗ – ବାଦ୍ ଦିଆଯାଇଛି] 217
360. ଆର୍ଥିକ ଜରୁରୀକାଳୀନ ସ୍ଥିତି ସମ୍ବନ୍ଧୀୟ ବ୍ୟବସ୍ଥା 217

**ଭାଗ- 19**

**ବିବିଧ**

361. ରାଷ୍ଟ୍ରପତି, ରାଜ୍ୟପାଳ ଓ ରାଜ୍ୟର ରାଜପ୍ରମୁଖଙ୍କ ନିରାପତ୍ତା 219
361A. ସଂସଦ ଏବଂ ବିଧାନମଣ୍ଡଳର କାର୍ଯ୍ୟବିଧିର ପ୍ରକାଶନର ସୁରକ୍ଷା 220
361B. ଲାଭଜନକ ରାଜନୈତିକ ପଦରେ ନିଯୁକ୍ତି ପାଇଁ ଅଯୋଗ୍ୟତା 220
[362. ଭାରତୀୟ ରାଜ୍ୟର ଶାସକମାନଙ୍କର ଅଧିକାର ଏବଂ ସମସ୍ତ ସୁବିଧା- ବାଦ୍ ଦିଆଯାଇଛି] 221
363. ସନ୍ଧି ବା ଚୁକ୍ତିରେ ହସ୍ତକ୍ଷେପ କରିବା ପାଇଁ ନ୍ୟାୟାଳୟକୁ ବାରଣ 221
363A. ଭାରତର ବିଭିନ୍ନ ରାଜ୍ୟର ରାଜା ଭାବେ ଅଭିହିତ ହୋଇଥିବା ଓ ତାଙ୍କୁ ମିଳୁଥିବା ପାଣ୍ଠିରୁ ଉଚ୍ଛେଦ 221

| ଅନୁଚ୍ଛେଦ | | ପୃଷ୍ଠା |
|---|---|---|
| 364. | ବୃହତ ପୋତାଶ୍ରୟ ଏବଂ ବିମାନବନ୍ଦର ପାଇଁ ବିଶେଷ ନିୟମ | 222 |
| 365. | କେନ୍ଦ୍ରର ନିର୍ଦ୍ଦେଶନାମାକୁ ପାଳନ କରିବାରେ ବା କାର୍ଯ୍ୟକାରୀ କରିବାରେ ବିଫଳ ହେଲେ | 222 |
| 366. | ପରିଭାଷା | 222 |
| 367. | ବ୍ୟାଖ୍ୟା | 227 |

## ଭାଗ-20
## ସଂବିଧାନର ସଂଶୋଧନ

| | | |
|---|---|---|
| 368. | ସଂବିଧାନର ସଂଶୋଧନ କରିବା ପାଇଁ ସଂସଦର କ୍ଷମତା ଏବଂ ତାହା ପାଇଁ କାର୍ଯ୍ୟପ୍ରଣାଳୀ | 228 |

## ଭାଗ-21
## (ଅସ୍ଥାୟୀ, ଅନ୍ତରୀଣ ଓ ବିଶେଷ ନିୟମ)

| | | |
|---|---|---|
| 369. | ରାଜ୍ୟ ତାଲିକାଭୁକ୍ତ କେତେକ ବିଷୟ ଯାହାକି ଯୁଗ୍ମ ତାଲିକାଭୁକ୍ତ ଭଳି ପ୍ରତୀୟମାନ ହେଉଥିଲେ, ସେ ବିଷୟରେ ଆଇନ ପ୍ରଣୟନ କରିବା ପାଇଁ ସଂସଦର ଅସ୍ଥାୟୀ କ୍ଷମତା | 230 |
| 370. | ଏହି ସଂବିଧାନରେ ଜାମ୍ମୁ ଓ କାଶ୍ମୀର ରାଜ୍ୟପାଇଁ ଅସ୍ଥାୟୀ ବ୍ୟବସ୍ଥା | 231 |
| 371. | ମହାରାଷ୍ଟ୍ର ଓ ଗୁଜୁରାଟ ରାଜ୍ୟ ସମ୍ବନ୍ଧରେ ବିଶେଷ ବ୍ୟବସ୍ଥା | 233 |
| 371A. | ନାଗାଲାଣ୍ଡ ରାଜ୍ୟପାଇଁ ବିଶେଷ ବ୍ୟବସ୍ଥା | 233 |
| 371B. | ଆସାମ ରାଜ୍ୟପାଇଁ ଥିବା ବିଶେଷ ବ୍ୟବସ୍ଥା | 236 |
| 371C. | ମଣିପୁର ରାଜ୍ୟ ପାଇଁ ଥିବା ବିଶେଷ ବ୍ୟବସ୍ଥା | 237 |
| 371D. | ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା ରାଜ୍ୟ ପାଇଁ ବିଶେଷ ବ୍ୟବସ୍ଥା | 237 |
| 371E. | ଆନ୍ଧ୍ରପ୍ରଦେଶ ରାଜ୍ୟରେ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସ୍ଥାପନା | 241 |
| 371F. | ସିକିମ ରାଜ୍ୟ ନିମନ୍ତେ ବିଶେଷ ବ୍ୟବସ୍ଥା | 241 |
| 371G. | ମିଜୋରାମ୍ ରାଜ୍ୟପାଇଁ ବିଶେଷ ବ୍ୟବସ୍ଥା | 244 |
| 371H. | ଅରୁଣାଚଳ ପ୍ରଦେଶ ରାଜ୍ୟ ସହିତ ସମ୍ପୃକ୍ତ ବିଶେଷ ବ୍ୟବସ୍ଥା | 244 |
| 371 I. | ଗୋଆ ରାଜ୍ୟ ସହିତ ସମ୍ପୃକ୍ତ ବିଶେଷ ବ୍ୟବସ୍ଥା | 245 |
| 371J. | କର୍ଣ୍ଣାଟକ ରାଜ୍ୟ ସହିତ ସମ୍ପୃକ୍ତ ବିଶେଷ ବ୍ୟବସ୍ଥା | 245 |
| 372. | ପ୍ରଚଳିତ ଆଇନର ନିରନ୍ତରତା ଏବଂ ଏହାର ଉପଯୋଗୀକରଣ | 246 |
| 372A. | ଆଇନକୁ ଅନୁକୂଳନ କରିବାରେ ରାଷ୍ଟ୍ରପତିଙ୍କର କ୍ଷମତା | 247 |

| ଅନୁଚ୍ଛେଦ | | ପୃଷ୍ଠା |
|---|---|---|
| 373. | କିଛି ମାମଲାରେ ନିବୃତ୍ତମୂଳକ ଅଟକ ରଖାଯାଇଥିବା ବ୍ୟକ୍ତିଙ୍କ ସମ୍ପର୍କରେ ଆଦେଶ ଦେବା ପାଇଁ ରାଷ୍ଟ୍ରପତିଙ୍କର କ୍ଷମତା | 248 |
| 374. | ସଂଘୀୟ ନ୍ୟାୟାଳୟରେ ନ୍ୟାୟାଧୀଶ ଏବଂ ସେଠାରେ ବିଚାରଧୀନ ମକଦ୍ଦମା କିମ୍ବା ମହାମହିମଙ୍କ ପରିଷଦରେ ଥିବା ମକଦ୍ଦମା ସମ୍ବନ୍ଧରେ ବ୍ୟବସ୍ଥା | 248 |
| 375. | ସଂବିଧାନର ବ୍ୟବସ୍ଥା ଅନୁଯାୟୀ ନ୍ୟାୟାଳୟ, କର୍ତ୍ତୃପକ୍ଷ ଏବଂ ଅଧିକାରୀମାନେ କାର୍ଯ୍ୟ ଜାରି ରଖିବେ | 249 |
| 376. | ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶଙ୍କ ନିମନ୍ତେ ବ୍ୟବସ୍ଥା | 249 |
| 377. | ଭାରତର ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକଙ୍କ ନିମନ୍ତେ ବ୍ୟବସ୍ଥା | 249 |
| 378. | ଲୋକସେବା ଆୟୋଗଙ୍କ ପାଇଁ ବ୍ୟବସ୍ଥା | 250 |
| 378A. | ଆନ୍ଧ୍ରପ୍ରଦେଶ ବିଧାନସଭାର ସମୟସୀମା ସମ୍ବନ୍ଧରେ ବିଶେଷ ବ୍ୟବସ୍ଥା | 250 |
| [379. | ଅସ୍ଥାୟୀ ସଂସଦ ଏବଂ ତହିଁର ବାଚସ୍ପତି ଓ ଉପବାଚସ୍ପତି ସମ୍ବନ୍ଧୀୟ ବ୍ୟବସ୍ଥା – *ବାଦ୍ ଦିଆଯାଇଛି* ] | 250 |
| [380. | ରାଷ୍ଟ୍ରପତି ସମ୍ବନ୍ଧୀୟ ବ୍ୟବସ୍ଥା – *ବାଦ୍ ଦିଆଯାଇଛି* ] | 250 |
| [381. | ରାଷ୍ଟ୍ରପତିଙ୍କ ମନ୍ତ୍ରୀ ପରିଷଦ– *ବାଦ୍ ଦିଆଯାଇଛି* ] | 250 |
| [382. | ପ୍ରଥମ ଅନୁସୂଚୀର ଭାଗ Aର ରାଜ୍ୟମାନଙ୍କ ପାଇଁ ଅସ୍ଥାୟୀ ବିଧାନସଭା ସମ୍ବନ୍ଧୀୟ ବ୍ୟବସ୍ଥା – *ବାଦ୍ ଦିଆଯାଇଛି* ] | 250 |
| [383. | ପ୍ରଦେଶଗୁଡ଼ିକର ରାଜ୍ୟପାଳ ସମ୍ବନ୍ଧୀୟ ବ୍ୟବସ୍ଥା – *ବାଦ୍ ଦିଆଯାଇଛି* ] | 250 |
| [384. | ରାଜ୍ୟପାଳଙ୍କ ମନ୍ତ୍ରୀ ପରିଷଦ– *ବାଦ୍ ଦିଆଯାଇଛି* ] | 251 |
| [385. | ପ୍ରଥମ ଅନୁସୂଚୀର ଭାଗ Bରେ ଥିବା ରାଜ୍ୟଗୁଡ଼ିକ ପାଇଁ ଅସ୍ଥାୟୀ ବିଧାନସଭା ସମ୍ବନ୍ଧୀୟ ବ୍ୟବସ୍ଥା – *ବାଦ୍ ଦିଆଯାଇଛି* ] | 251 |
| [386. | ପ୍ରଥମ ଅନୁସୂଚୀର ଭାଗ Bରେ ଥିବା ରାଜ୍ୟଗୁଡ଼ିକ ପାଇଁ ମନ୍ତ୍ରୀ ପରିଷଦ ସମ୍ବନ୍ଧୀୟ ବ୍ୟବସ୍ଥା – *ବାଦ୍ ଦିଆଯାଇଛି* ] | 251 |
| [387. | ନିର୍ଦ୍ଦିଷ୍ଟ ନିର୍ବାଚନ ଉଦ୍ଦେଶ୍ୟରେ ଜନସଂଖ୍ୟା ନିର୍ଦ୍ଧାରଣ ସମ୍ବନ୍ଧୀୟ ବିଶେଷ ବ୍ୟବସ୍ଥା – *ବାଦ୍ ଦିଆଯାଇଛି* ] | 251 |
| [388. | ଅସ୍ଥାୟୀ ସଂସଦ ଏବଂ ରାଜ୍ୟଗୁଡ଼ିକର ଅସ୍ଥାୟୀ ବିଧାନସଭାରେ ଆକସ୍ମିକ ଶୂନ୍ୟପଦ ପୂରଣ ସମ୍ବନ୍ଧୀୟ ବ୍ୟବସ୍ଥା – *ବାଦ୍ ଦିଆଯାଇଛି* ] | 251 |
| [389. | ଡୋମିନିଅନ ବିଧାନମଣ୍ଡଳ ଓ ବିଭିନ୍ନ ପ୍ରଦେଶ ବା ପ୍ରାନ୍ତ ଓ ରାଜ୍ୟର ବିଧାନମଣ୍ଡଳରେ ବିଚାରାଧୀନ ବିଧେୟକ ସମ୍ବନ୍ଧୀୟ ବ୍ୟବସ୍ଥା - *ବାଦ୍ ଦିଆଯାଇଛି* ] | 251 |

| ଅନୁଚ୍ଛେଦ | | ପୃଷ୍ଠା |
|---|---|---|
| [390. | ସଂବିଧାନ ପ୍ରାରମ୍ଭ ଏବଂ 1950 ମାର୍ଚ୍ଚ 31 ତାରିଖ ମଧ୍ୟରେ ପ୍ରାପ୍ତ ବା ସଂଗୃହୀତ ଅର୍ଥ କିମ୍ବା ଖର୍ଚ୍ଚ– *ବାଦ୍ ଦିଆଯାଇଛି*] | 251 |
| [391. | [ନିର୍ଦ୍ଦିଷ୍ଟ ଜରୁରୀକାଳୀନ ପରିସ୍ଥିତିରେ ପ୍ରଥମ ଏବଂ ଚତୁର୍ଥ ଅନୁସୂଚୀରେ ସଂଶୋଧନ କରିବା ପାଇଁ ରାଷ୍ଟ୍ରପତିଙ୍କ କ୍ଷମତା – *ବାଦ୍ ଦିଆଯାଇଛି*] | 251 |
| 392. | ସମସ୍ୟା ଦୂର କରିବା ନିମନ୍ତେ ରାଷ୍ଟ୍ରପତିଙ୍କର କ୍ଷମତା | 251 |


## ଭାଗ 22

### ସଂକ୍ଷିପ୍ତ ଶୀର୍ଷକ, ପ୍ରାରମ୍ଭ, [ହିନ୍ଦୀରେ ପ୍ରାମାଣିକ ପାଠ୍ୟ] ଏବଂ ରଦ୍ଦ


| | | |
|---|---|---|
| 393. | ସଂକ୍ଷିପ୍ତ ଶୀର୍ଷକ | 252 |
| 394. | ପ୍ରାରମ୍ଭ | 252 |
| 394A. | ହିନ୍ଦୀ ଭାଷାରେ ପ୍ରାମାଣିକ ପାଠ୍ୟ | 252 |
| 395. | ରଦ୍ଦ | 252 |


## ଅନୁସୂଚୀ


**ପ୍ରଥମ ଅନୁସୂଚୀ**

| | | |
|---|---|---|
| I | ରାଜ୍ୟ | 253 |
| II | କେନ୍ଦ୍ରଶାସିତ ଅଞ୍ଚଳ | 260 |

**ଦ୍ୱିତୀୟ ଅନୁସୂଚୀ**

| | | |
|---|---|---|
| ଭାଗ A | ରାଷ୍ଟ୍ରପତି ଏବଂ ରାଜ୍ୟମାନଙ୍କର ରାଜ୍ୟପାଳମାନଙ୍କ ସମ୍ପର୍କରେ ବ୍ୟବସ୍ଥା | 263 |
| ଭାଗ B | [ବାଦ୍ ଦିଆଯାଇଛି] | 263 |
| ଭାଗ C | ଲୋକସଭାର ବାଚସ୍ପତି ଓ ଉପ-ବାଚସ୍ପତି ଏବଂ ରାଜ୍ୟ ସଭାର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଏବଂ ବିଧାନସଭାର ବାଚସ୍ପତି ଓ ଉପ-ବାଚସ୍ପତି ଏବଂ ଏକ ରାଜ୍ୟର ବିଧାନ ପରିଷଦର ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷଙ୍କ ପାଇଁ ବ୍ୟବସ୍ଥା | 264 |
| ଭାଗ D | ସର୍ବୋଚ୍ଚ ନ୍ୟାୟାଳୟ ଓ ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶମାନଙ୍କ ପାଇଁ ବ୍ୟବସ୍ଥା | 265 |
| ଭାଗ E | ଭାରତର ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକଙ୍କ ସମ୍ପର୍କରେ ବ୍ୟବସ୍ଥା | 268 |

**ତୃତୀୟ ଅନୁସୂଚୀ -** ଶପଥ ବା ପ୍ରତିଜ୍ଞା ଗ୍ରହଣର ପତ୍ର 269

| ଅନୁସୂଚୀ | ପୃଷ୍ଠା |
|---|---|
| **ଚତୁର୍ଥ ଅନୁସୂଚୀ** - ରାଜ୍ୟସଭାରେ ଆସନ ବଣ୍ଟନ | 273 |
| **ପଞ୍ଚମ ଅନୁସୂଚୀ** | |
| ଅନୁସୂଚିତ ଅଞ୍ଚଳ ଏବଂ ଜନଜାତିଙ୍କ ପ୍ରଶାସନ ଏବଂ ନିୟନ୍ତ୍ରଣ ସମ୍ବନ୍ଧୀୟ ବ୍ୟବସ୍ଥା | 276 |
| ଭାଗ A— ସାଧାରଣ | 276 |
| ଭାଗ B— ଅନୁସୂଚିତ ଅଞ୍ଚଳରେ ଏବଂ ଅନୁସୂଚିତ ଜନଜାତିଙ୍କ ପାଇଁ ପ୍ରଶାସନ ଓ ନିୟନ୍ତ୍ରଣ | 276 |
| ଭାଗ C— ଅନୁସୂଚିତ ଅଞ୍ଚଳ | 278 |
| ଭାଗ D — ଅନୁସୂଚୀର ସଂଶୋଧନ | 279 |
| **ଷଷ୍ଠ ଅନୁସୂଚୀ** | |
| ଆସାମ, ମେଘାଳୟ, ତ୍ରିପୁରା ଏବଂ ମିଜୋରାମ ରାଜ୍ୟର ଅନୁସୂଚିତ ଜନଜାତି ଅଞ୍ଚଳର ପ୍ରଶାସନ ସମ୍ବନ୍ଧୀୟ ବ୍ୟବସ୍ଥା | 280 |
| **ସପ୍ତମ ଅନୁସୂଚୀ -** | |
| ତାଲିକା I— କେନ୍ଦ୍ର ତାଲିକା | 310 |
| ତାଲିକା II— ରାଜ୍ୟ ତାଲିକା | 317 |
| ତାଲିକା III— ଯୁଗ୍ମ ତାଲିକା | 321 |
| **ଅଷ୍ଟମ ଅନୁସୂଚୀ** - ଭାଷା | 325 |
| **ନବମ ଅନୁସୂଚୀ** - ଅଧିନିୟମ ଏବଂ ନିୟମାବଳୀ ବୈଧତା | 327 |
| **ଦଶମ ଅନୁସୂଚୀ** - ଦଳତ୍ୟାଗ କାରଣରୁ ଅଯୋଗ୍ୟତା ସମ୍ବନ୍ଧୀୟ ବ୍ୟବସ୍ଥା | 345 |
| **ଏକାଦଶ ଅନୁସୂଚୀ** - ପଞ୍ଚାୟତର କ୍ଷମତା, କର୍ତ୍ତୃତ୍ୱ ଏବଂ ଦାୟିତ୍ୱ | 349 |
| **ଦ୍ୱାଦଶ ଅନୁସୂଚୀ**- ପୌରପାଳିକା ଇତ୍ୟାଦିର କ୍ଷମତା, କର୍ତ୍ତୃତ୍ୱ ଏବଂ ଦାୟିତ୍ୱ | 350 |

## ପରିଶିଷ୍ଟ

| | | |
|---|---|---|
| **ପରିଶିଷ୍ଟ I** | ସଂବିଧାନ (100ତମ ସଂଶୋଧନ) ଅଧିନିୟମ, 2015 | 351 |
| **ପରିଶିଷ୍ଟ II** | ସଂବିଧାନ (ଜମ୍ମୁ ଓ କାଶ୍ମୀର ପାଇଁ ଲାଗୁ) ଆଦେଶ, 2019 | 370 |
| **ପରିଶିଷ୍ଟ III** | ସଂବିଧାନର ଅନୁଚ୍ଛେଦ 370(3) ଅନୁଯାୟୀ ଘୋଷଣା | 371 |

# ଭାରତର ସଂବିଧାନ

## ପ୍ରସ୍ତାବନା

**ଆମେ ଭାରତବାସୀ,** ସଂକଳ୍ପ କରୁଛୁ ଯେ ଆମେ ଭାରତକୁ ଏକ [1][**ସାର୍ବଭୌମ ସମାଜବାଦୀ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ସାଧାରଣତନ୍ତ୍ର**] ରାଷ୍ଟ୍ରଭାବେ ଗଠନ କରିବା ପାଇଁ ସମସ୍ତ ନାଗରିକମାନଙ୍କ ପାଇଁ:

ସାମାଜିକ, ଅର୍ଥନୈତିକ ଓ ରାଜନୈତିକ **ନ୍ୟାୟ**;

ବିଚାର, ଅଭିବ୍ୟକ୍ତି, ବିଶ୍ୱାସ, ଧର୍ମ ଓ ଉପାସନାର **ସ୍ୱାଧୀନତା;**

ପ୍ରତିଷ୍ଠା ଓ ସୁଯୋଗରେ **ସମାନତା;**

ଏବଂ ସେମାନଙ୍କ ମଧ୍ୟରେ

[2][ଜାତିର ଏକତା ଏବଂ ଅଖଣ୍ଡତା] ସହିତ ବ୍ୟକ୍ତିବିଶେଷର ମର୍ଯ୍ୟାଦାକୁ ନିଶ୍ଚିତ କରିବା ପାଇଁ **ଭ୍ରାତୃଭାବ** ଉଦ୍ରେକ କରାଇବା ପାଇଁ;

**ଆମର ସାମ୍ବିଧାନିକ ସଭାରେ** ଏହି 26 ନଭେମ୍ବର, 1949 ମସିହା, **ଏତଦ୍ଦ୍ୱାରା ଏହି ସଂବିଧାନକୁ ପ୍ରଣୟନ, ଗ୍ରହଣ ଏବଂ ଆତ୍ମସମର୍ପିତ କରୁଛୁ ।**

---

[1] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 2ଦ୍ୱାରା **"ସାର୍ବଭୌମତ୍ୱ ଗଣତାନ୍ତ୍ରିକ ରାଷ୍ଟ୍ର"** ପାଇଁ ପ୍ରତିସ୍ଥାପିତ (3-1-1977ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 2ଦ୍ୱାରା "ରାଷ୍ଟ୍ରର ଏକତା" ପାଇଁ ପ୍ରତିସ୍ଥାପିତ (3-1-1977ଠାରୁ କାର୍ଯ୍ୟକାରୀ) ।

# ଭାଗ 1

## କେନ୍ଦ୍ର ଏବଂ ତା'ର ଅଞ୍ଚଳ

**1. କେନ୍ଦ୍ରର ଅଞ୍ଚଳ ଏବଂ ନାମ—** (1) ଇଣ୍ଡିଆ, ଅର୍ଥାତ୍ ଭାରତ, ରାଜ୍ୟଗୁଡ଼ିକର ଏକ କେନ୍ଦ୍ର ହେବ ।

[1][(2) ରାଜ୍ୟ ଏବଂ ତା'ର ଅଞ୍ଚଳଗୁଡ଼ିକୁ, ପ୍ରଥମ ଅନୁସୂଚୀରେ ଧାର୍ଯ୍ୟ କରାଯିବ ।]

(3) ଭାରତର ଅଞ୍ଚଳଗୁଡ଼ିକରେ ଅନ୍ତର୍ଭୁକ୍ତ ରହିବ–

(*a*) ରାଜ୍ୟଗୁଡ଼ିକର ଅଞ୍ଚଳ;

[2][(*b*) କେନ୍ଦ୍ରଶାସିତ ଅଞ୍ଚଳ, ଯାହାକି ପ୍ରଥମ ଅନୁସୂଚୀରେ ନିର୍ଦ୍ଦିଷ୍ଟ କରାଯାଇଛି; ଏବଂ]

(*c*) ଏପରି ଅନ୍ୟ କୌଣସି ଅଞ୍ଚଳ, ଯାହାକି ଅଧିଗ୍ରହଣ କରାଯିବ ।

**2. ନୂତନ ରାଜ୍ୟଗୁଡ଼ିକର ସନ୍ନିବେଶ କିମ୍ବା ସ୍ଥାପନା—**ସଂସଦ, ଆଇନଦ୍ୱାରା ଉପଯୁକ୍ତ ମନେକରୁଥିବା, ଚୁକ୍ତି ଓ ସର୍ତ୍ତାବଳୀ ଅନୁସାରେ, କେନ୍ଦ୍ରରେ ନୂତନ ରାଜ୍ୟ ସନ୍ନିବେଶ କିମ୍ବା ସ୍ଥାପନ କରିପାରିବ ।

[3][**2A**. *କେନ୍ଦ୍ର ସହିତ ସିକିମ ସଂଯୁକ୍ତ ହେବ—ସମ୍ବିଧାନର (36ତମ ସଂଶୋଧନ) ଅଧିନିୟମ, 1975, ଧାରା 5 ଦ୍ୱାରା ବାଦ୍ ଦିଆଯାଇଛି* (26-4-1975ଠାରୁ କାର୍ଯ୍ୟକାରୀ) ।]

**3. ନୂତନ ରାଜ୍ୟ ଗଠନ ଏବଂ ଅବସ୍ଥିତ ରାଜ୍ୟଗୁଡ଼ିକର ଅଞ୍ଚଳ, ପରିସୀମା କିମ୍ବା ନାମର ପରିବର୍ତ୍ତନ—** ସଂସଦ ପ୍ରଣୀତ ଆଇନଦ୍ୱାରା, ଏସବୁ କରିପାରିବ:-

(*a*) କୌଣସି ରାଜ୍ୟରୁ କୌଣସି ଅଞ୍ଚଳକୁ ପୃଥକ କରି, ନୂତନ ରାଜ୍ୟ ଗଠନ କରିବା କିମ୍ବା ଦୁଇ କିମ୍ବା ଅଧିକ ରାଜ୍ୟକୁ ଏକତ୍ରିତ କରି କିମ୍ବା ରାଜ୍ୟଗୁଡ଼ିକର ଅଂଶକୁ ଏକତ୍ରିତ କରି ନୂତନ ରାଜ୍ୟ ଗଠନ କରିବା କିମ୍ବା କୌଣସି ରାଜ୍ୟର କୌଣସି ଅଂଶରେ, କୌଣସି ଅଞ୍ଚଳକୁ ସଂଯୋଗ କରି ନୂତନ ରାଜ୍ୟ ଗଠନ;

(*b*) କୌଣସି ରାଜ୍ୟର ଅଞ୍ଚଳକୁ ବୃଦ୍ଧି କରିବା;

(*c*) କୌଣସି ରାଜ୍ୟର ଅଞ୍ଚଳକୁ ହ୍ରାସ କରିବା;

(*d*) କୌଣସି ରାଜ୍ୟର ସୀମାକୁ ପରିବର୍ତ୍ତନ କରିବା;

(*e*) କୌଣସି ରାଜ୍ୟର ନାମକୁ ପରିବର୍ତ୍ତନ କରିବା;

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 2ଦ୍ୱାରା, ଖଣ୍ଡ (2) ପାଇଁ ପ୍ରତିସ୍ଥାପିତ (1-11-1956ରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 2ଦ୍ୱାରା, ଉପଖଣ୍ଡ (*b*) ପାଇଁ ପ୍ରତିସ୍ଥାପିତ (1-11-1956ରୁ କାର୍ଯ୍ୟକାରୀ) ।

[3] ସମ୍ବିଧାନ (35ତମ ସଂଶୋଧନ) ଅଧିନିୟମ, 1974, ଧାରା 2ଦ୍ୱାରା ସନ୍ନିବେଶିତ (1-3-1975ଠାରୁ କାର୍ଯ୍ୟକାରୀ) ।

[1][ କିନ୍ତୁ, ରାଷ୍ଟ୍ରପତିଙ୍କ ସୁପାରିଶ ବ୍ୟତୀତ, ଏହି ଉଦ୍ଦେଶ୍ୟରେ କୌଣସି ବିଧେୟକକୁ ସଂସଦର କୌଣସି ସଦନରେ ଉପସ୍ଥାପନ କରାଯିବ ନାହିଁ ଏବଂ ଯଦି କୌଣସି ସ୍ଥଳରେ ବିଧେୟକରେ ଥିବା ପ୍ରସ୍ତାବ, କୌଣସି ରାଜ୍ୟର ଅଞ୍ଚଳ [2]***, ପରିସୀମା କିମ୍ବା ନାମ ଉପରେ ପ୍ରଭାବ ପକାଉଥାଏ ତା'ହେଲେ ରାଷ୍ଟ୍ରପତିଙ୍କଦ୍ୱାରା ଉକ୍ତ ବିଧେୟକ ଉପରେ ନିଜର ମତାମତ ପ୍ରକାଶ କରିବା ନିମନ୍ତେ, ଏହାକୁ ରାଜ୍ୟର ବିଧାନମଣ୍ଡଳକୁ ପଠାଯିବ ଏବଂ ଏପରି ଉଲ୍ଲେଖରେ ଧାର୍ଯ୍ୟ କରାଯାଇଥିବା ସମୟସୀମା ମଧ୍ୟରେ କିମ୍ବା ରାଷ୍ଟ୍ରପତିଙ୍କଦ୍ୱାରା ଅନୁମୋଦନ କରାଯାଇଥିବା ସମୟସୀମା ମଧ୍ୟରେ ସେମାନେ ଏପରି ମତାମତ ପ୍ରଦାନ କରିବେ।]

[3][ *ସ୍ପଷ୍ଟୀକରଣ I*— ଏହି ଅନୁଚ୍ଛେଦର ଖଣ୍ଡ (*a*) ରୁ (*e*) "ରାଜ୍ୟ" କେନ୍ଦ୍ରଶାସିତ ଅଞ୍ଚଳକୁ ଅନ୍ତର୍ଭୁକ୍ତ କରେ, କିନ୍ତୁ ଏହି ପ୍ରତିବନ୍ଧ ଅନୁଯାୟୀ, "ରାଜ୍ୟ", କେନ୍ଦ୍ରଶାସିତ ଅଞ୍ଚଳକୁ ଅନ୍ତର୍ଭୁକ୍ତ କରେ ନାହିଁ ।

*ସ୍ପଷ୍ଟୀକରଣ II*— ଖଣ୍ଡ (*a*)ଦ୍ୱାରା ସଂସଦକୁ ଦିଆଯାଇଥିବା କ୍ଷମତାରେ, କୌଣସି ରାଜ୍ୟ ବା କେନ୍ଦ୍ରଶାସିତ ଅଞ୍ଚଳର ଭାଗକୁ ଅନ୍ୟ ଏକ ରାଜ୍ୟ ବା କେନ୍ଦ୍ରଶାସିତ ଅଞ୍ଚଳ ସହ ଏକତ୍ରିତ କରି ଏକ ନୂତନ ରାଜ୍ୟ ବା କେନ୍ଦ୍ରଶାସିତ ଅଞ୍ଚଳ ଗଠନ କରିବାର କ୍ଷମତା ଅନ୍ତର୍ଭୁକ୍ତ ।]

**4. ପ୍ରଥମ ଏବଂ ଚତୁର୍ଥ ଅନୁସୂଚୀକୁ ତଥା ଅନୁପୂରକ, ଆନୁଷଙ୍ଗିକ ଏବଂ ପରିଣାମ ସ୍ୱରୂପ ବିଷୟଗୁଡ଼ିକୁ ସଂଶୋଧନ କରିବା ନିମନ୍ତେ, ଅନୁଚ୍ଛେଦ 2 ଏବଂ 3 ଅନୁଯାୟୀ ଆଇନ ପ୍ରଣୟନ କରାଯାଇଛି**— (1) ଆଇନର ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଆବଶ୍ୟକ ପ୍ରଥମ ଏବଂ ଚତୁର୍ଥ ଅନୁସୂଚୀର ସଂଶୋଧନ ପାଇଁ, ଉଲ୍ଲେଖ କରାଯାଇଥିବା ଅନୁଚ୍ଛେଦ 2 ଏବଂ ଅନୁଚ୍ଛେଦ 3ରେ, ଏପରି ବ୍ୟବସ୍ଥା ରହିଥିବ ଏବଂ ସେଥିରେ ଏପରି ଅନୁପୂରକ, ଆନୁଷଙ୍ଗିକ ଏବଂ ପରିଣାମଜନିତ ବ୍ୟବସ୍ଥା ରହିବ, (ସଂସଦ ଏବଂ ରାଜ୍ୟ ବିଧାନମଣ୍ଡଳରେ ପ୍ରତିନିଧିତ୍ୱ ନିମନ୍ତେ କିମ୍ବା ଏପରି ଆଇନଦ୍ୱାରା ପ୍ରଭାବିତ ରାଜ୍ୟଗୁଡ଼ିକୁ ଅନ୍ତର୍ଭୁକ୍ତ କରି, ଯେପରି ସଂସଦ ଆବଶ୍ୟକ ମନେ କରିବ ।

(2) ଏପରି କୌଣସି ପ୍ରକାରର ଆଇନକୁ, ଅନୁଚ୍ଛେଦ 368 ଅନୁଯାୟୀ ସମ୍ବିଧାନର ସଂଶୋଧନ ବୋଲି ଧରାଯିବ ନାହିଁ ।

---

[1] ସମ୍ବିଧାନ (ପଞ୍ଚମ ସଂଶୋଧନ) ଅଧିନିୟମ, 1955, ଧାରା 2ଦ୍ୱାରା ପ୍ରତିବନ୍ଧ ପାଇଁ ପ୍ରତିସ୍ଥାପିତ (24-12-1955ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା ପ୍ରଥମ ଅନୁସୂଚୀର ଭାଗ A ବା ଭାଗ Bରେ ଉଲ୍ଲେଖିତ ଶବ୍ଦ ଏବଂ ଅକ୍ଷରଗୁଡ଼ିକୁ ବାଦ୍ ଦିଆଯାଇଛି (1-11-1956ଠାରୁ କାର୍ଯ୍ୟକାରୀ)।

[3] ସମ୍ବିଧାନ (ଅଷ୍ଟାଦଶ ସଂଶୋଧନ) ଅଧିନିୟମ, 1966, ଧାରା 2 ଦ୍ୱାରା ସନ୍ନିବେଶିତ (27-8-1966ଠାରୁ କାର୍ଯ୍ୟକାରୀ)।

# ଭାଗ 2

## ନାଗରିକତ୍ୱ

**5. ସମ୍ବିଧାନ ପ୍ରାରମ୍ଭ ହେବା ସମୟର ନାଗରିକତ୍ୱ—** ଏହି ସମ୍ବିଧାନ କାର୍ଯ୍ୟକାରୀ ହେବା ସମୟରୁ ପ୍ରତ୍ୟେକ ବ୍ୟକ୍ତି, ଯାହାଙ୍କର ସ୍ଥାୟୀ ବାସସ୍ଥାନ ଭାରତୀୟ ଅଞ୍ଚଳରେ ଅଛି ଏବଂ–

(*a*) ଯିଏ ଭାରତୀୟ ଅଞ୍ଚଳରେ ଜନ୍ମଗ୍ରହଣ କରିଥିବେ; କିମ୍ବା

(*b*) ଯାହାଙ୍କର ପିତାମାତାଙ୍କ ମଧ୍ୟରୁ କେହି ଜଣେ ଭାରତରେ ଜନ୍ମଗ୍ରହଣ କରିଥିବେ; କିମ୍ବା

(*c*) ସମ୍ବିଧାନ ପ୍ରାରମ୍ଭ ହେବାର ଅତିକମରେ ପାଞ୍ଚ ବର୍ଷ ପୂର୍ବରୁ ଭାରତୀୟ ଅଞ୍ଚଳରେ ଯେଉଁମାନେ ସାଧାରଣତଃ ବସବାସ କରି ଆସୁଛନ୍ତି,

ସେ, ଭାରତର ଜଣେ ନାଗରିକ ହେବେ ।

**6. ପାକିସ୍ଥାନରୁ ଭାରତକୁ ଦେଶାନ୍ତରିତ ହୋଇଥିବା ବ୍ୟକ୍ତିମାନଙ୍କର ନାଗରିକତ୍ୱ ଅଧିକାର—** ଅନୁଚ୍ଛେଦ 5ରେ ଯାହା କିଛି ଥିବା ସତ୍ତ୍ୱେ, ଯଦି କୌଣସି ବ୍ୟକ୍ତି ବର୍ତ୍ତମାନ ପାକିସ୍ଥାନରେ ଅନ୍ତର୍ଭୁକ୍ତ କୌଣସି ଅଞ୍ଚଳରୁ ଭାରତୀୟ ଅଞ୍ଚଳକୁ ଦେଶାନ୍ତର ହୋଇଥାଆନ୍ତି, ତାଙ୍କୁ ଏହି ସମ୍ବିଧାନର ପ୍ରାରମ୍ଭରୁ, ଭାରତୀୟ ନାଗରିକ ଭାବେ ଗ୍ରହଣ କରାଯିବ, ଯଦି—

(*a*) ଭାରତ ଶାସନ ଅଧିନିୟମ, 1935 (ଯାହା ମୂଳରୁ ପ୍ରଣୀତ ହୋଇଛି)ର ପରିଭାଷାନୁଯାୟୀ, ସେ କିମ୍ବା ତାଙ୍କର ପିତାମାତାଙ୍କ ମଧ୍ୟରୁ କେହି ଜଣେ କିମ୍ବା ତାଙ୍କ ପିତାମହ ପିତାମହୀ ମଧ୍ୟରୁ କେହି ଜଣେ, ଭାରତରେ ଜନ୍ମଗ୍ରହଣ କରିଥାଆନ୍ତି; ଏବଂ

(*b*) (*i*) 19 ଜୁଲାଇ 1948 ପୂର୍ବରୁ ଯଦି କୌଣସି ବ୍ୟକ୍ତି, ଏପରି ଦେଶାନ୍ତର ହୋଇଥାଆନ୍ତି ଏବଂ ସେହିଦିନଠାରୁ ସାଧାରଣ ଭାବେ ସେ ଭାରତୀୟ ଅଞ୍ଚଳରେ ବସବାସ କରୁଥାଆନ୍ତି; କିମ୍ବା

(*ii*) ଯେଉଁ ସ୍ଥଳରେ ଏହିପରି ବ୍ୟକ୍ତି, ଯିଏ 19 ଜୁଲାଇ 1948ରେ କିମ୍ବା ପରେ ଏହିପରି ଦେଶାନ୍ତର ହୋଇଥାଆନ୍ତି ଏବଂ ତାଙ୍କଦ୍ୱାରା ପ୍ରଦାନ କରାଯାଇଥିବା ଆବେଦନ ଉପରେ, ଭାରତୀୟ ଅଧୀନସ୍ଥ ସରକାରଙ୍କ ନିଯୁକ୍ତ କୌଣସି ଅଧିକାରୀଙ୍କଦ୍ୱାରା ସରକାରଙ୍କ ନିର୍ଦ୍ଧାରିତ ପଦ୍ଧତିରେ, ସେ ଏକ ନାଗରିକଭାବେ ତାଲିକାଭୁକ୍ତ ହୋଇଥିବେ:

କିନ୍ତୁ, କୌଣସି ବ୍ୟକ୍ତି ଏହିପରି ପଞ୍ଜୀକୃତ ଆବେଦନ କରିବା ଠିକ୍ ପୂର୍ବରୁ, ଯଦି ସେ ଭାରତୀୟ ଅଞ୍ଚଳରେ ଅତିକମରେ ଛଅମାସ ପର୍ଯ୍ୟନ୍ତ ବାସ କରିନଥାଆନ୍ତି, ତାହେଲେ ଏପରି ବ୍ୟକ୍ତିଙ୍କୁ ତାଲିକାଭୁକ୍ତ କରାଯାଇପାରିବ ନାହିଁ ।

**7. ପାକିସ୍ଥାନକୁ ଦେଶାନ୍ତର ହୋଇଥିବା ବ୍ୟକ୍ତିଙ୍କ ନାଗରିକତ୍ୱ ଅଧିକାର**— ଅନୁଚ୍ଛେଦ 5 ଏବଂ 6ରେ ଯାହା କିଛି ଥିବା ସତ୍ତ୍ୱେ, କୌଣସି ବ୍ୟକ୍ତି ଯିଏକି 1947 ମସିହା ମାର୍ଚ୍ଚ ମାସ ପ୍ରଥମଦିନ ପରେ, ଭାରତୀୟ ଅଞ୍ଚଳରୁ, ବର୍ତ୍ତମାନ ପାକିସ୍ଥାନରେ ଅନ୍ତର୍ଭୁକ୍ତ କୌଣସି ଅଞ୍ଚଳକୁ ଦେଶାନ୍ତର ହୋଇଥାଆନ୍ତି, ତାଙ୍କୁ ଭାରତୀୟ ନାଗରିକ ବୋଲି ଗ୍ରହଣ କରାଯିବ ନାହିଁ:

କିନ୍ତୁ, ଏହି ଅନୁଚ୍ଛେଦର କୌଣସି ବ୍ୟବସ୍ଥା କୌଣସି ବ୍ୟକ୍ତି ପ୍ରତି ପ୍ରଯୁଜ୍ୟ ହେବ ନାହିଁ, ଯିଏକି, ବର୍ତ୍ତମାନ ପାକିସ୍ଥାନରେ ଅନ୍ତର୍ଭୁକ୍ତ କୌଣସି ଅଞ୍ଚଳକୁ ଦେଶାନ୍ତର ହେବା ପରେ, ପୁନର୍ବସତି ପାଇଁ କିମ୍ବା କୌଣସି ଆଇନ ବଳରେ ନିର୍ଗମ କରାଯାଇଥିବା ଅନୁମତିପତ୍ର ସହ ସ୍ଥାୟୀଭାବେ ବସବାସ କରିବା ପାଇଁ ପୁନର୍ବାର ଭାରତକୁ ପ୍ରତ୍ୟାବର୍ତ୍ତନ କରନ୍ତି; ସେପରିସ୍ଥଳେ ଏପରି ପ୍ରତ୍ୟେକ ବ୍ୟକ୍ତିଙ୍କୁ, ଅନୁଚ୍ଛେଦ 6ରେ ଖଣ୍ଡ (*b*) ଉଦ୍ଦେଶ୍ୟରେ 19 ଜୁଲାଇ 1948 ପରେ, ଭାରତୀୟ ଅଞ୍ଚଳକୁ ଦେଶାନ୍ତର ହୋଇଛନ୍ତି ବୋଲି ଧରାଯିବ ।

**8. ଭାରତୀୟ ବଂଶୋଦ୍ଭବ ହୋଇ ଭାରତ ବାହାରେ ବାସ କରୁଥିବା ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କର ନାଗରିକତ୍ୱ ଅଧିକାର**— ଅନୁଚ୍ଛେଦ 5ରେ ଯାହା କିଛି ଥିବା ସତ୍ତ୍ୱେ, ଭାରତ ଶାସନ ଅଧିନିୟମ, 1935 (ଯେପରି ମୂଳରୁ ପ୍ରଣୀତ ହୋଇଛି)ର ବ୍ୟବସ୍ଥା ଅନୁଯାୟୀ, କୌଣସି ବ୍ୟକ୍ତି ଯାହାଙ୍କର ପିତାମାତାଙ୍କ ମଧ୍ୟରୁ କେହି ଜଣେ କିମ୍ବା ଯାହାଙ୍କର ପିତାମହ ଓ ପିତାମହୀଙ୍କ ମଧ୍ୟରୁ କେହିଜଣେ, ଭାରତରେ ଜନ୍ମଗ୍ରହଣ କରିଥିବେ ଏବଂ ଯିଏକି ସାଧାରଣ ଭାବେ ଭାରତ ବାହାରେ କୌଣସି ଦେଶରେ ବାସ କରୁଥିବେ, ତାହେଲେ ତାଙ୍କୁ ଭାରତର ଜଣେ ନାଗରିକ ବୋଲି ଗ୍ରହଣ କରାଯିବ, ଯଦି ସେ ଯେଉଁ ଦେଶରେ ବାସ କରୁଛନ୍ତି, ଏଥି ନିମନ୍ତେ ପ୍ରଦାନ କରାଯାଇଥିବା ଆବେଦନପତ୍ର ଉପରେ ସେଠାରେ ଥିବା ଭାରତର କୂଟନୈତିକ ପ୍ରତିନିଧି କିମ୍ବା ରାଷ୍ଟ୍ରଦୂତଙ୍କଦ୍ୱାରା, ଭାରତର ନାଗରିକ ରୂପେ ଏହି ସମ୍ବିଧାନର ଆରମ୍ଭର ପୂର୍ବରୁ ବା ପରେ ପଞ୍ଜୀକୃତ ହୋଇଥିବେ ଏବଂ ସେହି ପଦ୍ଧତି ଭାରତ ଅଧୀନସ୍ଥ କିମ୍ବା ଭାରତ ସରକାର ନିର୍ଦ୍ଧାରଣ କରିଥିବେ ।

**9. ଯେଉଁ ବ୍ୟକ୍ତିମାନେ ସ୍ୱେଚ୍ଛାକୃତଭାବେ କୌଣସି ବିଦେଶୀ ରାଷ୍ଟ୍ରର ନାଗରିକତ୍ୱ ଗ୍ରହଣ କରିଥିବେ, ସେମାନଙ୍କ ନାଗରିକତ୍ୱ ରହିବ ନାହିଁ**— ଯଦି କୌଣସି ବ୍ୟକ୍ତି ସ୍ୱେଚ୍ଛାକୃତଭାବେ କୌଣସି ବିଦେଶୀ ରାଷ୍ଟ୍ରର ନାଗରିକତ୍ୱ ଗ୍ରହଣ କରିଥାଆନ୍ତି, ତା'ହେଲେ ତାଙ୍କୁ ଅନୁଚ୍ଛେଦ 5, 6 କିମ୍ବା 8 ଅନୁଯାୟୀ ଭାରତର ନାଗରିକଭାବେ ଗଣନା କରାଯିବ ନାହିଁ ।

**10. ନାଗରିକତ୍ୱ ଅଧିକାରର ନିରନ୍ତରତା**— ଏହି ଭାଗର ପୂର୍ବରୁ ପ୍ରଚଳିତ ହୋଇ ଆସୁଥିବା ଯେକୌଣସି ବ୍ୟବସ୍ଥା ଅନୁଯାୟୀ ପ୍ରତ୍ୟେକ ବ୍ୟକ୍ତି, ଯିଏକି ଭାରତର ନାଗରିକ ଅଟନ୍ତି କିମ୍ବା ଭାରତର ନାଗରିକ ବୋଲି ବିବେଚିତ ହୁଅନ୍ତି, ସେ ନିରନ୍ତରଭାବେ ସଂସଦଦ୍ୱାରା ପ୍ରଣୀତ କୌଣସି ଆଇନର ବ୍ୟବସ୍ଥା ନିୟନ୍ତ୍ରଣାଧିନରେ ନାଗରିକ ହୋଇ ରହିବେ ।

**11. ସଂସଦ ଆଇନଦ୍ୱାରା ନାଗରିକତ୍ୱ ଅଧିକାରକୁ ନିୟନ୍ତ୍ରଣ କରିବ—** ଏହି ଭାଗର ପୂର୍ବରୁ ଉଲ୍ଲେଖିତ କୌଣସି ବ୍ୟବସ୍ଥା, ନାଗରିକତ୍ୱ ଅଧିଗ୍ରହଣ ଏବଂ ସମାପ୍ତି ଏବଂ ନାଗରିକତ୍ୱ ସମ୍ବନ୍ଧରେ ଅନ୍ୟ ସମସ୍ତ ବିଷୟ ଉପରେ ବ୍ୟବସ୍ଥା ପ୍ରଣୟନ କରିବା ନିମନ୍ତେ ସଂସଦର କ୍ଷମତାକୁ ହ୍ରାସ କରିବ ନାହିଁ ।

# ଭାଗ 3
## ମୌଳିକ ଅଧିକାର

*ସାଧାରଣ*

**12. ପରିଭାଷା**— ଏହି ଭାଗରେ, ଯଦି ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁନଥାଏ, ‘‘ରାଜ୍ୟ’’ର ଅର୍ଥ ଭାରତ ସରକାର ଓ ସଂସଦ ଏବଂ ପ୍ରତ୍ୟେକ ରାଜ୍ୟର ସରକାର ଓ ବିଧାନମଣ୍ଡଳ ଏବଂ ଭାରତୀୟ ଅଞ୍ଚଳ ମଧ୍ୟରେ ଥିବା କିମ୍ବା ଭାରତ ସରକାରଙ୍କ ନିୟନ୍ତ୍ରଣରେ ଥିବା ସମସ୍ତ ସ୍ଥାନୀୟ କିମ୍ବା ଅନ୍ୟ ଅଧିକାରୀ ।

**13. ମୌଳିକ ଅଧିକାର ସହିତ ଅସାମଞ୍ଜସ୍ୟ ଥିବା କିମ୍ବା ଏହାକୁ ହ୍ରାସ କରୁଥିବା ଆଇନ**— (1) ଏହି ସମ୍ବିଧାନ କାର୍ଯ୍ୟକାରୀ ହେବା ଠିକ୍ ପୂର୍ବରୁ ଭାରତୀୟ ଅଞ୍ଚଳରେ ବଳବତ୍ତର ଥିବା ସମସ୍ତ ଆଇନ, ଯାହାକି ଏହି ଭାଗର ବ୍ୟବସ୍ଥା ସହିତ ଅସାମଞ୍ଜସ୍ୟ ଅଟେ, ତାହା ଯେଉଁ ପରିମାଣରେ ଅସାମଞ୍ଜସ୍ୟ ଅଟେ, ତାହା ଅବୈଧ ହେବ ।

(2) ଏହି ଭାଗଦ୍ୱାରା ପ୍ରଦାନ କରାଯାଇଥିବା ବା ନ୍ୟସ୍ତ କରାଯାଇଥିବା ଅଧିକାରକୁ ସଙ୍କୁଚିତ କରିବା କିମ୍ବା ହଟାଇ ଦେବା ନିମନ୍ତେ ରାଜ୍ୟ କୌଣସି ଆଇନ ପ୍ରଣୟନ କରିବ ନାହିଁ ଏବଂ ଏହି ଖଣ୍ଡକୁ ଉଲ୍ଲଙ୍ଘନ କରି ପ୍ରଣୀତ ହୋଇଥିବା କୌଣସି ଆଇନ ଏପରି ଉଲ୍ଲଙ୍ଘନ ପରିମାଣ ଅନୁଯାୟୀ ଅସିଦ୍ଧ ବା ଅବୈଧ ହେବ।

(3) ଏହି ଅନୁଚ୍ଛେଦରେ, ଯଦି ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁନଥାଏ—

(*a*) ‘‘ଆଇନ’’ରେ ଭାରତୀୟ ଅଞ୍ଚଳରେ ଆଇନଭାବେ ବଳବତ୍ତର ଥିବା କୌଣସି ଅଧ୍ୟାଦେଶ, ନିର୍ଦ୍ଦେଶ, ଉପଆଇନ, ଆଇନ, ନୀତି, ନିୟମାବଳୀ, ବିଜ୍ଞପ୍ତି, ପ୍ରଥା କିମ୍ବା ବ୍ୟବହାରିକ ନୀତି ଅନ୍ତର୍ଭୁକ୍ତ ରହିବ;

(*b*) ‘‘ପ୍ରଚଳିତ ଆଇନ’’ର ଅନ୍ତର୍ଭୁକ୍ତ ହେଉଛି ସମ୍ବିଧାନ ପ୍ରାରମ୍ଭରୁ ଭାରତୀୟ ଅଞ୍ଚଳର କୌଣସି ବିଧାନମଣ୍ଡଳ କିମ୍ବା ଅନ୍ୟ କୌଣସି କ୍ଷମତାସମ୍ପନ୍ନ ଅଧିକାରୀଙ୍କଦ୍ୱାରା ପ୍ରଣୟନ କରାଯାଇଥିବା ଆଇନଗୁଡ଼ିକ, ଯେଉଁଗୁଡ଼ିକ ଅସିଦ୍ଧ ଘୋଷଣା ହୋଇନଥିଲା, ଯଦିଓ ସେହିଗୁଡ଼ିକ ସମଗ୍ରଭାବେ କିମ୍ବା ଆଂଶିକଭାବେ ସେହି ସମୟରେ ବଳବତ୍ତର ନଥିଲା ।

[1][(4) ଏହି ଅନୁଚ୍ଛେଦରେ ଥିବା କୌଣସି ବିଷୟ ଅନୁଚ୍ଛେଦ 368 ଅନୁସାରେ ହେଉଥିବା ଯେ କୌଣସି ସମ୍ବିଧାନ ସଂଶୋଧନ ପ୍ରତି ପ୍ରଯୁଜ୍ୟ ନୁହେଁ ।]

*ସମାନତା ଅଧିକାର*

**14. ଆଇନ ଦୃଷ୍ଟିରେ ସମାନତା**— ଭାରତୀୟ ଅଞ୍ଚଳ ମଧ୍ୟରେ ରାଜ୍ୟ କୌଣସି ବ୍ୟକ୍ତିଙ୍କୁ ଆଇନ ସମ୍ମୁଖରେ ସମାନତା କିମ୍ବା ଆଇନର ସମାନ ସୁରକ୍ଷାରୁ ବଞ୍ଚିତ କରିବପାରିବ ନାହିଁ ।

**15. ଧର୍ମ, ଗୋଷ୍ଠୀ, ଜାତି କିମ୍ବା ଜନ୍ମସ୍ଥାନ ଭିତ୍ତି ଅନୁସାରେ ପକ୍ଷପାତିତାର ନିଷିଦ୍ଧକରଣ** — (1) ରାଜ୍ୟ, କୌଣସି ନାଗରିକ ବିରୋଧରେ କେବଳ ଧର୍ମ, ବଂଶ, ଜାତି, ଲିଙ୍ଗ, ଜନ୍ମସ୍ଥାନ କିମ୍ବା ସେଗୁଡ଼ିକ ମଧ୍ୟରୁ ଯେକୌଣସି କାରଣ ଯୋଗୁଁ ଭେଦଭାବ କରିପାରିବ ନାହିଁ ।

(2) କୌଣସି ନାଗରିକ, କେବଳ ଧର୍ମ, ବଂଶ, ଜାତି, ଲିଙ୍ଗ, ଜନ୍ମସ୍ଥାନ କିମ୍ବା ସେଗୁଡ଼ିକ ମଧ୍ୟରୁ ଯେକୌଣସି କାରଣ ଯୋଗୁଁ, ନିମ୍ନଲିଖିତ ବିଷୟ ଉପରେ ଅସାମର୍ଥ୍ୟତା, ଦାୟବଦ୍ଧତା, ପ୍ରତିବନ୍ଧକ ବା କୌଣସି କଟକଣାର ନିୟନ୍ତ୍ରଣାଧୀନ ହେବେନାହିଁ—

---

[1] ସମ୍ବିଧାନ (24ତମ ସଂଶୋଧନ) ଅଧିନିୟମ, 1971, ଧାରା 2ଦ୍ୱାରା ସନ୍ନିବେଶିତ (5-11-1971 ଠାରୁ କାର୍ଯ୍ୟକାରୀ) ।

(*a*) ଦୋକାନ, ସର୍ବସାଧାରଣ ଭୋଜନାଳୟ ଏବଂ ସର୍ବସାଧାରଣ ଆମୋଦ ପ୍ରମୋଦ ସ୍ଥାନରେ ପ୍ରବେଶ କରିବା ନିମନ୍ତେ; କିମ୍ବା

(*b*) ରାଜ୍ୟପାଣ୍ଠିରୁ ସମ୍ପୂର୍ଣ୍ଣ ଭାବେ କିମ୍ବା ଆଂଶିକ ଭାବେ ରକ୍ଷଣାବେକ୍ଷଣ କରାଯାଉଥିବା କିମ୍ବା ସର୍ବସାଧାରଣଙ୍କ ବ୍ୟବହାର ନିମନ୍ତେ ଉତ୍ସର୍ଗୀକୃତ ହୋଇଥିବା କୌଣସି କୂପ, ଜଳାଶୟ, ଗାଧୁଆ ତୁଠ, ରାସ୍ତା ଏବଂ ସର୍ବସାଧାରଣଙ୍କ ଆଶ୍ରୟସ୍ଥଳୀ ବ୍ୟବହାର କରିବା ନିମନ୍ତେ ।

(3) ଏହି ଅନୁଚ୍ଛେଦର କୌଣସି ବିଷୟ, ମହିଳା ଏବଂ ଶିଶୁମାନଙ୍କ ନିମନ୍ତେ କୌଣସି ବିଶେଷ ବ୍ୟବସ୍ଥା କରିବାରେ, ରାଜ୍ୟକୁ ପ୍ରତିବନ୍ଧିତ କରିପାରିବ ନାହିଁ ।

[1](4) ଏହି ଅନୁଚ୍ଛେଦର କୌଣସି ବିଷୟ କିମ୍ବା ଅନୁଚ୍ଛେଦ 29ର ଖଣ୍ଡ (2)ର କୌଣସି ବ୍ୟବସ୍ଥା ଯଥା, ସାମାଜିକ ଓ ଶିକ୍ଷାଗତ କ୍ଷେତ୍ରରେ ପଛୁଆ ଶ୍ରେଣୀ ନାଗରିକ କିମ୍ବା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କ ଉନ୍ନତି କିମ୍ବା ଅଗ୍ରଗତି ନିମନ୍ତେ କୌଣସି ବିଶେଷ ବ୍ୟବସ୍ଥା କରିବାରେ, ରାଜ୍ୟକୁ ପ୍ରତିବନ୍ଧିତ କରିପାରିବ ନାହିଁ।

[2][(5) ଏହି ଅନୁଚ୍ଛେଦ କିମ୍ବା ଅନୁଚ୍ଛେଦ 19 ଖଣ୍ଡ (1)ର ଉପଖଣ୍ଡ (*g*)ରେ ଉଲ୍ଲେଖିତ ବିଷୟ, ରାଜ୍ୟକୁ ସାମାଜିକ ଏବଂ ଶିକ୍ଷାଗତଭାବେ ପଛୁଆ ବର୍ଗ, ନିର୍ଦ୍ଦିଷ୍ଟ ଅନୁସୂଚିତ ଜାତି କିମ୍ବା ଅନୁସୂଚିତ ଜନଜାତି ପାଇଁ ବିଶେଷ ବ୍ୟବସ୍ଥା କରିବାରୁ ପ୍ରତିବନ୍ଧିତ କରିପାରିବ ନାହିଁ, ଯେପରିକି ଏହି ପ୍ରକାରର ବିଶେଷ ବ୍ୟବସ୍ଥା ରାଜ୍ୟଦ୍ୱାରା ସହାୟତାପ୍ରାପ୍ତ କିମ୍ବା ଅଣ-ସହାୟତାପ୍ରାପ୍ତ ଶିକ୍ଷାନୁଷ୍ଠାନ ସମେତ ଘରୋଇ ଶିକ୍ଷାନୁଷ୍ଠାନରେ ସେମାନଙ୍କର ପ୍ରବେଶ ସହିତ ସମ୍ବନ୍ଧିତ, କିନ୍ତୁ ଅନୁଚ୍ଛେଦ 30ର ଖଣ୍ଡ (1)ରେ ଉଲ୍ଲେଖିତ ଅଳ୍ପସଂଖ୍ୟକ ଶିକ୍ଷାନୁଷ୍ଠାନ ପାଇଁ ବଳବତ୍ତର ହେବ ନାହିଁ ।]

[3][(6) ଏହି ଅନୁଚ୍ଛେଦ କିମ୍ବା ଅନୁଚ୍ଛେଦ 19 ର ଖଣ୍ଡ(1)ର ଉପଖଣ୍ଡ (*g*) କିମ୍ବା ଅନୁଚ୍ଛେଦ 29ର ଖଣ୍ଡ (2)ର ବିଷୟ ରାଜ୍ୟକୁ ନିମ୍ନଲିଖିତ ବିଶେଷ ବ୍ୟବସ୍ଥାରୁ ପ୍ରତିବନ୍ଧିତ କରିପାରିବ ନାହିଁ—

(*a*) ଯେକୌଣସି ବିଶେଷ ବ୍ୟବସ୍ଥା ବ୍ୟତୀତ ଅନ୍ୟ କୌଣସି ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗର ନାଗରିକଙ୍କ ଉନ୍ନତି ପାଇଁ, ଯେଉଁମାନେ ଖଣ୍ଡ (4) ଏବଂ (5)ରେ ଉଲ୍ଲେଖିତ ବର୍ଗରେ ସାମିଲ ହୋଇନାହାନ୍ତି; ଏବଂ

(*b*) ଖଣ୍ଡ (4) ଏବଂ (5)ରେ ଉଲ୍ଲେଖିତ ଶ୍ରେଣୀ ବ୍ୟତୀତ ଅନ୍ୟ କୌଣସି ଆର୍ଥିକ ଦୁର୍ବଳ ବର୍ଗର ନାଗରିକଙ୍କ ଉନ୍ନତି ପାଇଁ କୌଣସି ବିଶେଷ ବ୍ୟବସ୍ଥା, ଯେପରିକି ଏହି ପ୍ରକାରର ବିଶେଷ ବ୍ୟବସ୍ଥା ରାଜ୍ୟଦ୍ୱାରା ସହାୟତାପ୍ରାପ୍ତ କିମ୍ବା ଅଣ-ସହାୟତାପ୍ରାପ୍ତ ଶିକ୍ଷାନୁଷ୍ଠାନ ସମେତ ଘରୋଇ ଶିକ୍ଷାନୁଷ୍ଠାନରେ ସେମାନଙ୍କର ପ୍ରବେଶ ସହିତ ସମ୍ବନ୍ଧିତ, ଯାହା ଅନୁଚ୍ଛେଦ 30ର ଖଣ୍ଡ (1)ରେ ଉଲ୍ଲେଖିତ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନରେ ସମ୍ମିଳିତ ନୁହେଁ, ଯାହା ସଂରକ୍ଷଣ କ୍ଷେତ୍ରରେ ପ୍ରଚଳିତ ସଂରକ୍ଷଣ ସହିତ ଅତିରିକ୍ତ ହେବ ଏବଂ ପ୍ରତ୍ୟେକ ବର୍ଗର ମୋଟ ଆସନର ସର୍ବାଧିକ ଦଶ ପ୍ରତିଶତ ପର୍ଯ୍ୟନ୍ତ ରହିବ।

---

[1] ସମ୍ବିଧାନ (ପ୍ରଥମ ସଂଶୋଧନ) ଅଧିନିୟମ, 1951, ଧାରା 2ଦ୍ୱାରା ସଂଯୁକ୍ତ (18-6-1951ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (93ତମ ସଂଶୋଧନ) ଅଧିନିୟମ, 2005, ଧାରା 2ଦ୍ୱାରା ସନ୍ନିବେଶିତ (20-1-2006ଠାରୁ କାର୍ଯ୍ୟକାରୀ)

[3] ସମ୍ବିଧାନ (103ତମ ସଂଶୋଧନ) ଅଧିନିୟମ, 2019, ଧାରା 2ଦ୍ୱାରା ସନ୍ନିବେଶିତ (14-1-2019ଠାରୁ କାର୍ଯ୍ୟକାରୀ)।

*ସ୍ପଷ୍ଟୀକରଣ*— ଏହି ଅନୁଚ୍ଛେଦ ଏବଂ ଅନୁଚ୍ଛେଦ 16ର ଉଦ୍ଦେଶ୍ୟ ପାଇଁ, "ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗ" ଏହିପରି ହେବ ଯାହା ରାଜ୍ୟଦ୍ୱାରା ସମୟ ସମୟରେ ପାରିବାରିକ ଆୟ ଏବଂ ଆର୍ଥିକ ଅନଗ୍ରସରତାର ଅନ୍ୟ ସୂଚକ ଆଧାରରେ ସୂଚିତ ହୋଇପାରିବ ।]

**16. ସରକାରୀ ନିଯୁକ୍ତି ପ୍ରସଙ୍ଗରେ ସମାନ ସୁଯୋଗ ପ୍ରଦାନ କରିବା**— (1) ରାଜ୍ୟ ଅଧୀନରେ ଥିବା କୌଣସି କାର୍ଯ୍ୟାଳୟରେ ବୃତ୍ତି କିମ୍ବା ନିଯୁକ୍ତି ବିଷୟରେ, ସମସ୍ତ ନାଗରିକଙ୍କୁ ସମାନ ସୁଯୋଗ ପ୍ରଦାନ କରାଯିବ ।

(2) ରାଜ୍ୟ ଅଧୀନରେ ଥିବା କୌଣସି କାର୍ଯ୍ୟାଳୟରେ ନିଯୁକ୍ତି ପ୍ରଦାନ କରିବାରେ କିମ୍ବା କୌଣସି ନିଯୁକ୍ତି ସମ୍ବନ୍ଧରେ, କୌଣସି ନାଗରିକଙ୍କୁ ଧର୍ମ, ବଂଶ, ଜାତି, ଲିଙ୍ଗ, ଉଦ୍ଭବ, ଜନ୍ମସ୍ଥାନ, ବାସସ୍ଥାନ କିମ୍ବା ସେଗୁଡ଼ିକ ମଧ୍ୟରୁ କୌଣସି କାରଣ ଯୋଗୁଁ, ଅନୁପଯୁକ୍ତ ବୋଲି ବିବେଚନା କରାଯିବ ନାହିଁ କିମ୍ବା ଭେଦଭାବ କରାଯିବ ନାହିଁ ।

(3) ଏହି ଅନୁଚ୍ଛେଦରେ ଥିବା ବିଷୟ ସଂସଦକୁ, କୌଣସି ଏକ ବର୍ଗ କିମ୍ବା ବର୍ଗଗୁଡ଼ିକର ବୃତ୍ତି ଓ ନିଯୁକ୍ତି ସମ୍ବନ୍ଧରେ [1][ସରକାରଙ୍କ ଅଧୀନରେ କିମ୍ବା କୌଣସି ସ୍ଥାନୀୟ ଅଧିକାରୀଙ୍କ ଅଧୀନରେ ନିର୍ଦ୍ଦିଷ୍ଟ ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରେ ଥିବା ବାସିନ୍ଦା ହେବାର ସର୍ତ୍ତାବଳୀ], ଏପରି ନିଯୁକ୍ତି କିମ୍ବା ନିଯୁକ୍ତି ପୂର୍ବରୁ କୌଣସି ଆଇନ ପ୍ରଣୟନ କରିବାରେ ପ୍ରତିବନ୍ଧିତ କରିବ ନାହିଁ ।

(4) ଏହି ଅନୁଚ୍ଛେଦର ବିଷୟ ରାଜ୍ୟକୁ ପ୍ରତିବନ୍ଧିତ କରିବ ନାହିଁ, ଯେ ରାଜ୍ୟ, ନିଜ ମତ ଅନୁସାରେ, ରାଜ୍ୟ ସେବାରେ ପ୍ରାପ୍ତ ପ୍ରତିନିଧିତ୍ୱ ଯଥେଷ୍ଟ ନଥିବା ପଛୁଆ ବର୍ଗଙ୍କ ପାଇଁ ନିଯୁକ୍ତି କିମ୍ବା ପଦବୀ ସଂରକ୍ଷଣ ପାଇଁ ବିଶେଷ ବ୍ୟବସ୍ଥା କରିପାରିବେ ।

[2][(4A) ଏହି ଅନୁଚ୍ଛେଦର ବିଷୟ ରାଜ୍ୟକୁ ପ୍ରତିବନ୍ଧିତ କରିବ ନାହିଁ, ଯେ ରାଜ୍ୟ, ନିଜ ମତ ଅନୁସାରେ, ରାଜ୍ୟ ସେବାରେ ପ୍ରତିନିଧିତ୍ୱ ଯଥେଷ୍ଟ ନଥିବା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ନାଗରିକଙ୍କ ପକ୍ଷରେ ନିଯୁକ୍ତି କିମ୍ବା ପଦବୀ ସଂରକ୍ଷଣ ପାଇଁ [3][ପଦୋନ୍ନତି ସମେତ ଆନୁଷଙ୍ଗିକ ବରିଷ୍ଠତା, ଯେକୌଣସି ଶ୍ରେଣୀରେ] ବ୍ୟବସ୍ଥା କରିପାରିବେ ।

[4](4B) ଏହି ଅନୁଚ୍ଛେଦର ବିଷୟ ରାଜ୍ୟକୁ ପ୍ରତିବନ୍ଧିତ କରିବ ନାହିଁ ଯେ, କୌଣସି ବର୍ଷର ଖାଲି ପଦବୀଗୁଡ଼ିକୁ, ଯାହା ଖଣ୍ଡ (4) ଏବଂ ଖଣ୍ଡ (4A)ଦ୍ୱାରା ସେହି ବର୍ଷର ସଂରକ୍ଷଣ ବ୍ୟବସ୍ଥା ଅନୁସାରେ ପୂରଣ କରାଯିବାକୁ ଥିଲା, ତାକୁ ଏକ ଅଲଗା ଶ୍ରେଣୀର ଖାଲି ପଦବୀଭାବରେ ପରବର୍ତ୍ତୀ ବର୍ଷ କିମ୍ବା ବର୍ଷଗୁଡ଼ିକରେ ପୂରଣ କରାଯିବ ଏବଂ ସେହି ଖାଲି ପଦବୀ ଶ୍ରେଣୀକୁ ସେହି ବର୍ଷର ଖାଲି ପଦବୀମାନଙ୍କ ସହ ସଂଯୁକ୍ତ କରାଯିବ ନାହିଁ, ଯାହା ମୋଟ ସମୁଦାୟ ଆସନର 50 ପ୍ରତିଶତ ପର୍ଯ୍ୟନ୍ତ ନିର୍ଣ୍ଣୟ କରାଯିବ ।]

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା ପ୍ରଥମ ଅନୁସୂଚୀରେ ନିର୍ଦ୍ଦିଷ୍ଟ ଯେକୌଣସି ରାଜ୍ୟ କିମ୍ବା ଏହାର କ୍ଷେତ୍ର ମଧ୍ୟରେ କୌଣସି ସ୍ଥାନୀୟ କିମ୍ବା ଅନ୍ୟ କର୍ତ୍ତୃପକ୍ଷଙ୍କ ଅଧୀନରେ, ସେହି ରାଜ୍ୟ ମଧ୍ୟରେ ବାସ କରିବା ପାଇଁ ଯେକୌଣସି ଆବଶ୍ୟକତା" ପାଇଁ ପ୍ରତିସ୍ଥାପିତ (1-11-1956ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (77ତମ ସଂଶୋଧନ) ଅଧିନିୟମ, 1995, ଧାରା 2ଦ୍ୱାରା ସନ୍ନିବେଶିତ (17-6-1995ଠାରୁ କାର୍ଯ୍ୟକାରୀ) ।

[3] ସମ୍ବିଧାନ (85ତମ ସଂଶୋଧନ) ଅଧିନିୟମ, 2001, ଧାରା 2ଦ୍ୱାରା କିଛି ଶବ୍ଦ ପାଇଁ ପ୍ରତିସ୍ଥାପିତ (ପୂର୍ବ ପ୍ରଭାବ ସହିତ) (17-6-1995ଠାରୁ କାର୍ଯ୍ୟକାରୀ) ।

[4] ସମ୍ବିଧାନ (81ତମ ସଂଶୋଧନ) ଅଧିନିୟମ, 2000, ଧାରା 2ଦ୍ୱାରା ସନ୍ନିବେଶିତ (9-6-2000ଠାରୁ କାର୍ଯ୍ୟକାରୀ) ।

(5) ଏହି ଅନୁଚ୍ଛେଦରେ ଥିବା କୌଣସି ବିଷୟ ଆଇନର କାର୍ଯ୍ୟକାରିତାକୁ ପ୍ରଭାବିତ କରିବ ନାହିଁ, ଯେଉଁଥିରେ ବ୍ୟବସ୍ଥା ରହିଛି ଯେ କୌଣସି ଧାର୍ମିକ କିମ୍ବା ସାମ୍ପ୍ରଦାୟିକ ଅନୁଷ୍ଠାନର କାର୍ଯ୍ୟ ସମ୍ବନ୍ଧରେ କୌଣସି ପଦରେ ଅବସ୍ଥାପିତ ବ୍ୟକ୍ତି କିମ୍ବା ଏହାର ପରିଚାଳନା ସମିତିର କୌଣସି ସଦସ୍ୟ ଏକ ନିର୍ଦ୍ଦିଷ୍ଟ ଧର୍ମ ଗ୍ରହଣ କରିଥିବେ କିମ୍ବା କୌଣସି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ବ୍ୟକ୍ତି ହେଇଥିବେ ।

[1][(6) ଏହି ଅନୁଚ୍ଛେଦର କୌଣସି ବିଷୟ ରାଜ୍ୟକୁ ପ୍ରତିବନ୍ଧିତ କରିବ ନାହିଁ, ଯେ ଖଣ୍ଡ (4)ରେ ଉଲ୍ଲେଖିତ ଶ୍ରେଣୀଗୁଡ଼ିକ ବ୍ୟତୀତ ଅନ୍ୟ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗର ନାଗରିକମାନଙ୍କ ପକ୍ଷରେ ନିଯୁକ୍ତି କିମ୍ବା ପଦବୀ ସଂରକ୍ଷଣର ବ୍ୟବସ୍ଥା କରିପାରିବେ, ଯାହା ପ୍ରଚଳିତ ସଂରକ୍ଷଣ ବ୍ୟବସ୍ଥା ସହିତ ଭିନ୍ନ ହୋଇଥିବ ଏବଂ ପ୍ରତ୍ୟେକ ଶ୍ରେଣୀର ମୋଟ ପଦବୀର 10 ପ୍ରତିଶତ ସୀମା ମଧ୍ୟରେ ରହିବ ।]

**17. ଅସ୍ପୃଶ୍ୟତା ନିବାରଣ**— "ଅସ୍ପୃଶ୍ୟତାକୁ" ଉଚ୍ଛେଦ କରାଯାଇଛି ଏବଂ କୌଣସିଭାବେ ଏହାର ପ୍ରୟୋଗକୁ ନିଷେଧ କରାଯାଇଛି । ଅସ୍ପୃଶ୍ୟତାଦ୍ୱାରା ଉତ୍ପନ୍ନ ହେଉଥିବା ସମସ୍ତ ପ୍ରତିବନ୍ଧକତା, ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ ହେବ ।

**18. ଉପାଧିର ଉଚ୍ଛେଦ**— (1) କେବଳ ସାମରିକ କିମ୍ବା ଶିକ୍ଷାଗତ କୃତିତ୍ୱ ବ୍ୟତୀତ, ରାଷ୍ଟ୍ରଦ୍ୱାରା ଅନ୍ୟ କୌଣସି ଉପାଧି ପ୍ରଦାନ କରାଯିବ ନାହିଁ ।

(2) ଭାରତର କୌଣସି ନାଗରିକ କୌଣସି ବିଦେଶୀ ରାଷ୍ଟ୍ରଠାରୁ କୌଣସି ଉପାଧି ଗ୍ରହଣ କରିବେ ନାହିଁ।

(3) କୌଣସି ବ୍ୟକ୍ତି, ଯିଏକି ଭାରତର ନାଗରିକ ନୁହଁନ୍ତି, ଯଦି ରାଷ୍ଟ୍ର ଅଧୀନରେ କୌଣସି ଲାଭଜନକ କିମ୍ବା ବିଶ୍ୱସନୀୟ ପଦବୀ ଧାରଣ କରିଥାଆନ୍ତି, ସେ ରାଷ୍ଟ୍ରପତିଙ୍କ ବିନା ସମ୍ମତିରେ କୌଣସି ବିଦେଶୀ ରାଷ୍ଟ୍ରରୁ କୌଣସି ଉପାଧି ଗ୍ରହଣ କରିବେ ନାହିଁ ।

(4) ରାଜ୍ୟ ଅଧୀନରେ କୌଣସି ଲାଭଦାୟକ କିମ୍ବା ବିଶ୍ୱସନୀୟ ପଦବୀ ଧାରଣ କରିଥିବା କୌଣସି ବ୍ୟକ୍ତି, ରାଷ୍ଟ୍ରପତିଙ୍କ ସମ୍ମତି ବିନା, କୌଣସି ବିଦେଶୀ ରାଷ୍ଟ୍ରରୁ କିମ୍ବା ତାଙ୍କ ଅଧୀନରୁ କୌଣସି ଉପହାର, ପାରିଶ୍ରମିକ କିମ୍ବା ପଦବୀ ଗ୍ରହଣ କରିବେ ନାହିଁ ।

*ସ୍ୱାଧୀନତା ଅଧିକାର*

**19. ମତବ୍ୟକ୍ତ କରିବାର ସ୍ୱାଧୀନ ଅଧିକାରର ସୁରକ୍ଷା—** (1) ସମସ୍ତ ନାଗରିକଙ୍କର ନିମ୍ନଲିଖିତ ଅଧିକାର ରହିବ–

(*a*) ବାକ୍ ଏବଂ ଅଭିବ୍ୟକ୍ତିର ସ୍ୱାଧୀନତା;

(*b*) ଶାନ୍ତିପୂର୍ଣ୍ଣ ଭାବେ ଏବଂ ବିନା ଅସ୍ତ୍ରଶସ୍ତ୍ରରେ ସଭା କରିବା;

(*c*) ସଂଘ ବା ସମିତି [2][ସମବାୟ ସମିତି] ଗଠନ କରିବା;

(*d*) ସମଗ୍ର ଭାରତୀୟ ଅଞ୍ଚଳରେ ସ୍ୱାଧୀନଭାବେ ଭ୍ରମଣ କରିବା:

---

[1] ସମ୍ବିଧାନ (103ତମ ସଂଶୋଧନ) ଅଧିନିୟମ, 2019, ଧାରା 3 ଦ୍ୱାରା ସନ୍ନିବେଶିତ (14-1-2019ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (97ତମ ସଂଶୋଧନ) ଅଧିନିୟମ, 2011, ଧାରା 2ଦ୍ୱାରା ସନ୍ନିବେଶିତ (8-2-2012ଠାରୁ କାର୍ଯ୍ୟକାରୀ) ।

(*e*) ଭାରତର ଯେକୌଣସି ଅଞ୍ଚଳରେ ବସବାସ କରିବା; [1][ଏବଂ].

[2][(*f*) * * * * *]

(*g*) ଯେ କୌଣସି କାମ କରିବା, ବା ଯେ କୌଣସି ବ୍ୟବସାୟ, ବୃତ୍ତି କରିବା।

[3][(2) ଖଣ୍ଡ (1)ର ଉପଖଣ୍ଡ (*a*)ର କୌଣସି ବିଷୟ, କୌଣସି ପ୍ରଚଳିତ ଆଇନର କାର୍ଯ୍ୟକାରିତାକୁ ପ୍ରଭାବିତ କରିବ ନାହିଁ, ଯାହାକି ରାଷ୍ଟ୍ର [4][ଭାରତର ସାର୍ବଭୌମତ୍ୱ ଏବଂ ଅଖଣ୍ଡତା] ସ୍ୱାର୍ଥ ଦୃଷ୍ଟିରୁ, ବିଦେଶୀ ରାଷ୍ଟ୍ରଗୁଡ଼ିକ ସହିତ ବନ୍ଧୁତ୍ୱ ସମ୍ପର୍କ, ସାର୍ବଜନୀନ ଶୃଙ୍ଖଳା, ଶାଳୀନତା ତଥା ନୈତିକତା, ନ୍ୟାୟାଳୟର ଅବମାନନା କିମ୍ବା କୌଣସି ଅପରାଧକୁ ପ୍ରୋତ୍ସାହିତ କରିବା ଦୃଷ୍ଟିରୁ, ଉକ୍ତ ଉପଖଣ୍ଡଦ୍ୱାରା ପ୍ରଦାନ କରାଯାଇଥିବା ଅଧିକାରକୁ ପରିଚାଳନା କରିବା ଉପରେ ଯଥାଯଥ କଟକଣା ଜାରି କରିବା ପାଇଁ, ଆଇନ ପ୍ରଣୟନ କରିବାକୁ ପ୍ରତିବନ୍ଧିତ କରିବ ନାହିଁ ।]

(3) ଉପରୋକ୍ତ ଅନୁଚ୍ଛେଦର ଉପଖଣ୍ଡ(*b*)ର କୌଣସି ବିଷୟ, କୌଣସି ପ୍ରଚଳିତ ଆଇନର କାର୍ଯ୍ୟକାରିତାକୁ ପ୍ରଭାବିତ କରିବ ନାହିଁ, ଯାହାକି ରାଷ୍ଟ୍ରର [5][ଭାରତର ସାର୍ବଭୌମତ୍ୱ ଏବଂ ଅଖଣ୍ଡତା] ସ୍ୱାର୍ଥ ଦୃଷ୍ଟିରୁ କିମ୍ବା ସର୍ବସାଧାରଣ ଶୃଙ୍ଖଳା ରକ୍ଷା ଦୃଷ୍ଟିରୁ, ଉକ୍ତ ଉପଖଣ୍ଡଦ୍ୱାରା ପ୍ରଦାନ କରାଯାଇଥିବା ଅଧିକାର ପରିଚାଳନା ଉପରେ ଯଥାଯଥ କଟକଣା ଜାରି କରିବା ପାଇଁ, ଆଇନ ପ୍ରଣୟନ କରିବାରେ ପ୍ରତିବନ୍ଧିତ କରିବ ନାହିଁ ।

(4) ଉପରୋକ୍ତ ଅନୁଚ୍ଛେଦର ଉପଖଣ୍ଡ (*c*)ର କୌଣସି ବିଷୟ, କୌଣସି ପ୍ରଚଳିତ ଆଇନର କାର୍ଯ୍ୟକାରିତାକୁ ପ୍ରଭାବ ପକାଇବ ନାହିଁ, ଯାହାକି ରାଷ୍ଟ୍ରରୁ [5][ଭାରତର ସାର୍ବଭୌମତ୍ୱ ଏବଂ ଅଖଣ୍ଡତା] ସ୍ୱାର୍ଥ ଦୃଷ୍ଟିରୁ କିମ୍ବା ସର୍ବସାଧାରଣ ଶୃଙ୍ଖଳା ରକ୍ଷା କରିବା, ଉକ୍ତ ଉପଖଣ୍ଡଦ୍ୱାରା ପ୍ରଦାନ କରାଯାଇଥିବା ଅଧିକାର ପରିଚାଳନା ଉପରେ ଯଥାଯଥ କଟକଣା ଜାରି କରିବା ପାଇଁ, ଆଇନ ପ୍ରଣୟନ କରିବାରେ ପ୍ରତିବନ୍ଧିତ କରିବ ନାହିଁ ।

(5) ଉପରୋକ୍ତ ଅନୁଚ୍ଛେଦର [5][ଉପଖଣ୍ଡ (*d*) ଓ (*e*)]ର କୌଣସି ବିଷୟ, କୌଣସି ପ୍ରଚଳିତ ଆଇନର କାର୍ଯ୍ୟକାରିତା ଉପରେ କୌଣସି ପ୍ରଭାବ ପକାଇବ ନାହିଁ ଯାହାକି ରାଜ୍ୟକୁ ସାଧାରଣ ଜନତାଙ୍କ ହିତ ଦୃଷ୍ଟିରୁ କିମ୍ବା କୌଣସି ଅନୁସୂଚିତ ଜନଜାତିର ସ୍ୱାର୍ଥ ରକ୍ଷା ଦୃଷ୍ଟିରୁ ଉପରୋକ୍ତ ଉପଖଣ୍ଡଗୁଡ଼ିକଦ୍ୱାରା ପ୍ରଦତ୍ତ ଅଧିକାର ପରିଚାଳନା କରିବାରେ ଯଥାଯଥ କଟକଣା ଜାରି କରିବା ପାଇଁ କୌଣସି ଆଇନ ପ୍ରଣୟନ କରିବାକୁ ପ୍ରତିବନ୍ଧିତ କରିବ ନାହିଁ ।

---

[1] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978,ଧାରା 2ଦ୍ୱାରା ସନ୍ନିବେଶିତ (20-6-1979ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 2ଦ୍ୱାରା ଉପଖଣ୍ଡ (*f*)କୁ ବାଦ୍ ଦିଆଯାଇଛି (20-6-1979 ଠାରୁ କାର୍ଯ୍ୟକାରୀ) ।

[3] ସମ୍ବିଧାନ (ପ୍ରଥମ ସଂଶୋଧନ) ଅଧିନିୟମ, 1951,ଧାରା 3ଦ୍ୱାରା ଖଣ୍ଡ(2)ପାଇଁ ପ୍ରତିସ୍ଥାପିତ(ପୂର୍ବ ପ୍ରଭାବ ସହିତ)।

[4] ସମ୍ବିଧାନ (16ତମ ସଂଶୋଧନ) ଅଧିନିୟମ, 1963,ଧାରା 2ଦ୍ୱାରା ସନ୍ନିବେଶିତ (5-10-1963 ଠାରୁ କାର୍ଯ୍ୟକାରୀ)

[5] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 2ଦ୍ୱାରା "ଉପଖଣ୍ଡ (*d*), (*e*) ଓ (*f*)" ପାଇଁ ପ୍ରତିସ୍ଥାପିତ (20-6-1979ଠାରୁ କାର୍ଯ୍ୟକାରୀ) ।

(6) ଉପରୋକ୍ତ ଅନୁଚ୍ଛେଦର ଉପଖଣ୍ଡ(*g*)ରେ ଥିବା କୌଣସି ବିଷୟ, କୌଣସି ପ୍ରଚଳିତ ଆଇନର କାର୍ଯ୍ୟକାରିତାକୁ ପ୍ରଭାବିତ କରିବ ନାହିଁ, ଯେତେଦୂର ପର୍ଯ୍ୟନ୍ତ ତାହା ଧାର୍ଯ୍ୟ କରେ କିମ୍ବା ରାଜ୍ୟକୁ, ସାଧାରଣ ଜନତାଙ୍କ ହିତ ଦୃଷ୍ଟିରୁ, ଉପରୋକ୍ତ ଉପଖଣ୍ଡଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତା ପରିଚାଳନା ଉପରେ ଯଥାଯଥ କଟକଣା ଜାରି କରିବା ପାଇଁ କୌଣସି ଆଇନ ପ୍ରଣୟନ କରିବା ନିମନ୍ତେ ପ୍ରତିବନ୍ଧ ସୃଷ୍ଟି କରିବ ନାହିଁ ଏବଂ ନିର୍ଦ୍ଦିଷ୍ଟ ଭାବେ, ଉପରୋକ୍ତ ଉପଖଣ୍ଡ, [1][କୌଣସି ପ୍ରଚଳିତ ଆଇନର କାର୍ଯ୍ୟକାରିତାକୁ ପ୍ରଭାବିତ କରିବ ନାହିଁ, ଯାହାକି ରାଷ୍ଟ୍ରକୁ ନିମ୍ନୋକ୍ତ ବିଷୟରେ କୌଣସି ଆଇନ ପ୍ରଣୟନ କରିବା ନିମନ୍ତେ ପ୍ରତିବନ୍ଧିତ କରିପାରିବ—

(*i*) କୌଣସି ବୃତ୍ତି ପରିଚାଳନା କରିବାକୁ କିମ୍ବା କୌଣସି ବୃତ୍ତି, ବ୍ୟବସାୟ କିମ୍ବା ବାଣିଜ୍ୟ ପରିଚାଳନା କରିବା ପାଇଁ ଆବଶ୍ୟକ ବୃତ୍ତିଗତ କିମ୍ବା ବୈଷୟିକ ଯୋଗ୍ୟତା; କିମ୍ବା

(*ii*) ରାଷ୍ଟ୍ରଦ୍ୱାରା କିମ୍ବା ରାଷ୍ଟ୍ର ମାଲିକାନା କିମ୍ବା ରାଷ୍ଟ୍ରଦ୍ୱାରା ନିୟନ୍ତ୍ରିତ କୌଣସି ନିଗମ ଦ୍ୱାରା ଅଧିକୃତ କୌଣସି ବାଣିଜ୍ୟ, ବ୍ୟବସାୟ, ଶିଳ୍ପ କିମ୍ବା ସେବା, ଯେଉଁଥିରେ ନାଗରିକମାନଙ୍କୁ ତା'ର ପରିଚାଳନା ସମ୍ପୂର୍ଣ୍ଣ କିମ୍ବା ଆଂଶିକଭାବେ ବହିର୍ଭୂତ କରାଯାଇଥାଏ ।]

**20. ଅପରାଧରେ ଦୋଷୀ ସାବ୍ୟସ୍ତ ହେବା ଉପରେ ସୁରକ୍ଷା**— (1) ଆଇନ କାର୍ଯ୍ୟକାରୀ ହେବା ସମୟରେ ପ୍ରଚଳିତ ଆଇନର ଉଲ୍ଲଙ୍ଘନ ନକରି, କୌଣସି ବ୍ୟକ୍ତିକୁ କୌଣସି ଅପରାଧ ନିମନ୍ତେ ଦୋଷୀ ସାବ୍ୟସ୍ତ କରାଯିବ ନାହିଁ, ଯଦି ପ୍ରଚଳିତ ଆଇନ ଅନୁଯାୟୀ ଉକ୍ତ ସମ୍ପାଦିତ କାର୍ଯ୍ୟ ଦୋଷାବହ ହୋଇନଥାଏ କିମ୍ବା ଧାର୍ଯ୍ୟଠାରୁ ଅଧିକ ଦଣ୍ଡରେ ଦଣ୍ଡିତ କରାଯିବ ନାହିଁ ।

(2) କୌଣସି ବ୍ୟକ୍ତିଙ୍କୁ ଗୋଟିଏ ଅପରାଧ ପାଇଁ ଥରକରୁ ଅଧିକ ମକଦ୍ଦମାଭୁକ୍ତ କରାଯିବ ନାହିଁ କିମ୍ବା ଦଣ୍ଡ ଦିଆଯିବ ନାହିଁ ।

(3) କୌଣସି ଅପରାଧରେ ଅଭିଯୁକ୍ତ କୌଣସି ବ୍ୟକ୍ତିକୁ, ନିଜ ବିରୋଧରେ ସାକ୍ଷୀ ଦେବା ପାଇଁ ବାଧ କରାଯିବ ନାହିଁ ।

**21. ଜୀବନ ଏବଂ ବ୍ୟକ୍ତିଗତ ସ୍ୱାଧୀନତାର ସୁରକ୍ଷା**— ଆଇନଦ୍ୱାରା ଅନୁମୋଦିତ ବ୍ୟବସ୍ଥା ବ୍ୟତୀତ, କୌଣସି ବ୍ୟକ୍ତିକୁ, ତାଙ୍କର ଜୀବନ କିମ୍ବା ବ୍ୟକ୍ତିଗତ ସ୍ୱାଧୀନତାରୁ ବଞ୍ଚିତ କରାଯିବ ନାହିଁ ।

[2][**21A. ଶିକ୍ଷାଗତ ଅଧିକାର**— ଛଅ ବର୍ଷରୁ ଚଉଦ ବର୍ଷ ପର୍ଯ୍ୟନ୍ତ ରାଜ୍ୟର ପ୍ରତ୍ୟେକ ଶିଶୁଙ୍କୁ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବା ନିମନ୍ତେ ରାଜ୍ୟ ଆଇନ ଅନୁଯାୟୀ ସ୍ଥିର କରିବ ।]

**22. କେତେକ କ୍ଷେତ୍ରରେ ଗିରଫ ଏବଂ ଅଟକ ବିରୋଧରେ ସୁରକ୍ଷା**— (1) ଗିରଫ ହୋଇଥିବା କୌଣସି ବ୍ୟକ୍ତିକୁ, ଗିରଫର କାରଣ ନଦର୍ଶାଇ, ଅଟକରେ ରଖାଯିବ ନାହିଁ କିମ୍ବା ତାଙ୍କ ପସନ୍ଦ ଅନୁଯାୟୀ କୌଣସି ଆଇନଜୀବୀଙ୍କୁ ପରାମର୍ଶ କରିବା କିମ୍ବା ନିଜକୁ ରକ୍ଷା କରିବା ଅଧିକାରରୁ ବଞ୍ଚିତ କରାଯିବ ନାହିଁ ।

---

[1] ସମ୍ବିଧାନ (ପ୍ରଥମ ସଂଶୋଧନ) ଅଧିନିୟମ, 1951, ଧାରା 3ଦ୍ୱାରା ନିର୍ଦ୍ଦିଷ୍ଟ ଶବ୍ଦ ପାଇଁ ପ୍ରତିସ୍ଥାପିତ (18-6-1951ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (86ତମ ସଂଶୋଧନ) ଅଧିନିୟମ, 2002, ଧାରା 2ଦ୍ୱାରା ସନ୍ନିବେଶିତ (1-4-2010ଠାରୁ କାର୍ଯ୍ୟକାରୀ) ।

(2) ଗିରଫ ଏବଂ ଅଟକରେ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏପରି ଗିରଫ ହେବାର ଚବିଶ ଘଣ୍ଟା ମଧ୍ୟରେ, ନିକଟବର୍ତ୍ତୀ ବିଚାରପତିଙ୍କ ନିକଟରେ ଉପସ୍ଥାପନ କରାଯିବ ଏବଂ ସେହି ସମୟରୁ, ଗିରଫ ସ୍ଥାନରୁ ବିଚାରପତିଙ୍କ ନିକଟକୁ ଯାତ୍ରା କରିବାରେ ଅତିବାହିତ ସମୟକୁ ବାଦ୍ ଦିଆଯିବ ଏବଂ କୌଣସି ବିଚାରପତିଙ୍କ ଅନୁମତି ବ୍ୟତୀତ କୌଣସି ବ୍ୟକ୍ତିଙ୍କୁ ଉକ୍ତ ସମୟ ପରେ ଅଟକରେ ରଖାଯିବ ନାହିଁ ।

(3) ଖଣ୍ଡ(1) ଏବଂ (2)ର କୌଣସି ବ୍ୟବସ୍ଥା—

(*a*) କୌଣସି ବ୍ୟକ୍ତି ପ୍ରତି, ଯିଏକି କୌଣସି ବୈଦେଶିକ ଶତ୍ରୁ ହୋଇଥାଆନ୍ତି, କିମ୍ବା

(*b*) କୌଣସି ବ୍ୟକ୍ତି ପ୍ରତି ଯିଏକି କୌଣସି ନିବୃତ୍ତମୂଳକ ଅଟକ ଆଇନ ବଳରେ ଗିରଫ ହୋଇଥାଆନ୍ତି କିମ୍ବା ଅଟକ ହୋଇଥାଆନ୍ତି ତେବେ ତାଙ୍କ ପ୍ରତି ପ୍ରୟୋଗ ହେବ ନାହିଁ ।

*(4) ନିବୃତ୍ତମୂଳକ ଅଟକ ଆଇନର ବ୍ୟବସ୍ଥା ଅନୁଯାୟୀ କୌଣସି ବ୍ୟକ୍ତିଙ୍କୁ ତିନିମାସରୁ ଅଧିକ ସମୟ ପାଇଁ ଅଟକ ରଖାଯିବ ନାହିଁ, ଯଦି—

(*a*) କୌଣସି ଉପଦେଷ୍ଟା ମଣ୍ଡଳୀ, ଯେଉଁଥିରେ ଥିବା ବ୍ୟକ୍ତିମାନେ କୌଣସି ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶ ହେବା ନିମନ୍ତେ ଯୋଗ୍ୟ ଅଟନ୍ତି ଏବଂ ତିନିମାସ ଅତିବାହିତ ହେବା ପୂର୍ବରୁ ମତ ଦିଅନ୍ତି ଯେ ଏପରି ଅଟକ ନିମନ୍ତେ ଯଥେଷ୍ଟ କାରଣ ଅଛି:

---

* ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 3ଦ୍ୱାରା ଖଣ୍ଡ (4) ସ୍ଥାନରେ ପ୍ରତିସ୍ଥାପିତ ହୋଇଛି (ତାରିଖ ଏପର୍ଯ୍ୟନ୍ତ ବିଜ୍ଞପ୍ତି ପ୍ରକାଶ ପାଇନାହିଁ)

"(4) ପ୍ରତିଷେଧକ ବନ୍ଦୋବସ୍ତ ପାଇଁ କୌଣସି ଆଇନ କୌଣସି ବ୍ୟକ୍ତିଙ୍କୁ ଦୁଇ ମାସରୁ ଅଧିକ ସମୟ ପାଇଁ ଅଟକ ରଖିବାକୁ ଅନୁମତି ଦେବ ନାହିଁ, ଯଦି ଉପଯୁକ୍ତ ଉଚ୍ଚନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶଙ୍କ ସୁପାରିଶ ଅନୁଯାୟୀ ଗଠିତ ଏକ ଉପଦେଷ୍ଟା ମଣ୍ଡଳୀ ଉକ୍ତ ଦୁଇ ମାସର ଅବଧି ଶେଷ ହେବା ପୂର୍ବରୁ ସୂଚିତ କରିନାହାଁନ୍ତି ଯେ ଏପରି ବନ୍ଦୋବସ୍ତ ପାଇଁ ଯଥେଷ୍ଟ କାରଣ ଅଛି:

କିନ୍ତୁ, ଏକ ଉପଦେଷ୍ଟା ମଣ୍ଡଳୀ ଜଣେ ଅଧ୍ୟକ୍ଷ ଏବଂ ଅତିକମରେ ଅନ୍ୟ ଦୁଇଜଣ ସଦସ୍ୟଙ୍କୁ ନେଇ ଗଠିତ ହେବ ଏବଂ ଅଧ୍ୟକ୍ଷ ଉପଯୁକ୍ତ ଉଚ୍ଚ ନ୍ୟାୟାଳୟର ଜଣେ କାର୍ଯ୍ୟରତ ନ୍ୟାୟାଧୀଶ ହେବେ ଏବଂ ଅନ୍ୟ ସଦସ୍ୟମାନେ କୌଣସି ଉଚ୍ଚ ନ୍ୟାୟାଳୟର କାର୍ଯ୍ୟରତ କିମ୍ବା ଅବସରପ୍ରାପ୍ତ ବିଚାରପତି ହେବେ:

ଅଧିକନ୍ତୁ, ଖଣ୍ଡ (7)ର ଉପଖଣ୍ଡ (*a*) ଅନୁଯାୟୀ ସଂସଦଦ୍ୱାରା ପ୍ରଣୟନ କରାଯାଇଥିବା କୌଣସି ଆଇନଦ୍ୱାରା ନିର୍ଦ୍ଧାରିତ ସର୍ବାଧିକ ସମୟଠାରୁ ଅଧିକ କୌଣସି ବ୍ୟକ୍ତିଙ୍କୁ ଅଟକ ରଖିବା ପାଇଁ ଏହି ଖଣ୍ଡର କୌଣସି ଅଧିକାର ନାହିଁ।

*ସ୍ପଷ୍ଟୀକରଣ*— ଏହି ଖଣ୍ଡରେ, "ଉପଯୁକ୍ତ ଉଚ୍ଚ ନ୍ୟାୟାଳୟ"ର ଅର୍ଥ ହେଉଛି,-

(i) ଭାରତ ସରକାର କିମ୍ବା ସେହି ସରକାରଙ୍କ ଅଧୀନସ୍ଥ ଅଧିକାରୀ କିମ୍ବା କର୍ତ୍ତୃପକ୍ଷଙ୍କଦ୍ୱାରା ଦିଆଯାଇଥିବା ଅଟକ ଆଦେଶ ଅନୁଯାୟୀ କୌଣସି ବ୍ୟକ୍ତିଙ୍କୁ ଅଟକ ରଖିବା କ୍ଷେତ୍ରରେ କେନ୍ଦ୍ର ଶାସିତ ଅଞ୍ଚଳ ଦିଲ୍ଲୀ ପାଇଁ ଉଚ୍ଚ ନ୍ୟାୟାଳୟ;

(ii) କୌଣସି ରାଜ୍ୟ (କେନ୍ଦ୍ର ଶାସିତ ଅଞ୍ଚଳ ବ୍ୟତୀତ) ସରକାରଙ୍କଦ୍ୱାରା ଦିଆଯାଇଥିବା ଅଟକ ଆଦେଶ ଅନୁଯାୟୀ ଜଣେ ବ୍ୟକ୍ତିଙ୍କୁ ଅଟକ ରଖିବା କ୍ଷେତ୍ରରେ ସେହି ରାଜ୍ୟ ପାଇଁ ଉଚ୍ଚ ନ୍ୟାୟାଳୟ; ଏବଂ

(iii) କୌଣସି କେନ୍ଦ୍ର ଶାସିତ ଅଞ୍ଚଳର ପ୍ରଶାସକ କିମ୍ବା ଏପରି ପ୍ରଶାସକଙ୍କ ଅଧୀନସ୍ଥ ଅଧିକାରୀ କିମ୍ବା କର୍ତ୍ତୃପକ୍ଷଙ୍କଦ୍ୱାରା କରାଯାଇଥିବା ଅଟକ ଆଦେଶ ଅନୁଯାୟୀ ଜଣେ ବ୍ୟକ୍ତିଙ୍କୁ ଅଟକ ରଖିବା କ୍ଷେତ୍ରରେ, ଏପରି ଉଚ୍ଚ ନ୍ୟାୟାଳୟ ଯାହା ସଂସଦଦ୍ୱାରା ପ୍ରଣୟନ କରାଯାଇଥିବା କୌଣସି ଆଇନଦ୍ୱାରା କିମ୍ବା ସେହି ଅନୁଯାୟୀ ନିର୍ଦ୍ଦିଷ୍ଟ ହୋଇପାରେ ।"

କିନ୍ତୁ, ଏହି ଉପଖଣ୍ଡର କୌଣସି ବ୍ୟବସ୍ଥା ଖଣ୍ଡ (7)ର ଉପଖଣ୍ଡ (*b*) ଅନୁଯାୟୀ ସଂସଦଦ୍ୱାରା ପ୍ରଣୟନ କରାଯାଇଥିବା ଆଇନଦ୍ୱାରା ଧାର୍ଯ୍ୟ ସର୍ବୋଚ୍ଚ ଅବଧି ଉପରେ କୌଣସି ବ୍ୟକ୍ତିକୁ ଅଟକ ରଖିବାପାଇଁ, କ୍ଷମତା ପ୍ରଦାନ କରିବ ନାହିଁ; କିମ୍ବା

(*b*) ଖଣ୍ଡ(7)ର ଉପଖଣ୍ଡ (*a*) ଏବଂ (*b*) ଅନୁଯାୟୀ ସଂସଦଦ୍ୱାରା ପ୍ରଣୀତ କୌଣସି ଆଇନର ବ୍ୟବସ୍ଥା ଅନୁଯାୟୀ ଏପରି ବ୍ୟକ୍ତିକୁ ଅଟକ ରଖାଯାଇଥାଏ ।

(5) ପ୍ରତିବନ୍ଧିତ ଅଟକ ପାଇଁ ପ୍ରଚଳିତ କୌଣସି ଆଇନ ଅନୁଯାୟୀ ପ୍ରଦାନ କରାଯାଇଥିବା ଆଦେଶ ଅନୁଯାୟୀ ଯେତେବେଳେ କୌଣସି ବ୍ୟକ୍ତିକୁ ଅଟକ ରଖାଯାଏ, ଯେଉଁ ଅଧିକାରୀ ଏପରି ଆଦେଶ ପ୍ରଦାନ କରିଥାଆନ୍ତି, ଯଥାସମ୍ଭବ, କେଉଁ କାରଣରୁ ଏପରି ଆଦେଶ ପ୍ରଦାନ କରାଗଲା, ତାହା ଉକ୍ତ ବ୍ୟକ୍ତିଙ୍କୁ ଜଣାଇବେ ଏବଂ ଉକ୍ତ ଆଦେଶ ବିରୋଧରେ ଆବେଦନ କରିବାକୁ, ତାଙ୍କୁ ସୁଯୋଗ ପ୍ରଦାନ କରିବେ ।

(6) ଖଣ୍ଡ (5)ରେ ଉଲ୍ଲେଖ କରାଯାଇଥିବା ଏପରି ଆଦେଶ ପ୍ରଦାନ କରିଥିବା ଅଧିକାରୀ, ଯେଉଁ ସମସ୍ତ ବିଷୟ ସର୍ବସାଧାରଣଙ୍କ ସ୍ୱାର୍ଥ ବିରୋଧରେ ବୋଲି ଉକ୍ତ ଅଧିକାରୀ ବିବେଚନା କରନ୍ତି, ତାହା ଉନ୍ମୋଚନ କରିବା ନିମନ୍ତେ ଉକ୍ତ ଖଣ୍ଡର କୌଣସି ବ୍ୟବସ୍ଥା ତାଙ୍କୁ ବାଧ କରିବ ନାହିଁ ।

(7) ସଂସଦର ପ୍ରଣୀତ ଆଇନଦ୍ୱାରା ନିର୍ଦ୍ଧାରଣ କରିପାରିବ—

*(*a*) ଖଣ୍ଡ(4)ର ଉପଖଣ୍ଡ (*a*)ର ବ୍ୟବସ୍ଥା ସହିତ ସମନ୍ୱୟତା ରକ୍ଷାକରି, କୌଣସି ଉପଦେଷ୍ଟା ମଣ୍ଡଳୀର ମତାମତକୁ ଗ୍ରହଣ ନକରି ପ୍ରତିବନ୍ଧିତ ଅଟକ ପାଇଁ କୌଣସି ଆଇନର ବ୍ୟବସ୍ଥା ଅନୁଯାୟୀ, କେଉଁ ପରିସ୍ଥିତିରେ ଏବଂ କେଉଁ ଶ୍ରେଣୀ କିମ୍ବା ଶ୍ରେଣୀଭୁକ୍ତ ଘଟଣାଗୁଡ଼ିକରେ, କୌଣସି ବ୍ୟକ୍ତିଙ୍କୁ ତିନିମାସରୁ ଅଧିକ ସମୟ ପାଇଁ ଅଟକ ରଖାଯାଇପାରିବ;

**(*b*) ପ୍ରତିବନ୍ଧିତ ଅଟକ ପାଇଁ ବ୍ୟବସ୍ଥାୟିତ କୌଣସି ଆଇନ ଅନୁଯାୟୀ, କୌଣସି ଶ୍ରେଣୀ କିମ୍ବା ଶ୍ରେଣୀଭୁକ୍ତ ଘଟଣାଗୁଡ଼ିକରେ, ସର୍ବୋଚ୍ଚ କେତେ ସମୟ ନିମନ୍ତେ ଜଣେ ବ୍ୟକ୍ତିକୁ ଅଟକ ରଖାଯାଇପାରେ; ଏବଂ

***(*c*) **** ଖଣ୍ଡ (4)ର ଉପଖଣ୍ଡ (*a*) ଅନୁଯାୟୀ କୌଣସି ତଦନ୍ତରେ କୌଣସି ଉପଦେଷ୍ଟା ମଣ୍ଡଳୀ ଏହି ପଦ୍ଧତିକୁ ଅନୁସରଣ କରିବେ ।

---

[*] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଉପଖଣ୍ଡ (*a*)କୁ ଧାରା 3(b)(i) ଦ୍ୱାରା ବାଦ୍ ଦିଆଯାଇଛି (ତାରିଖ ବିଜ୍ଞପ୍ତିଦ୍ୱାରା ସୂଚିତ କରାଯିବ)।

[**] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଉପଖଣ୍ଡ (*b*) ଧାରା 3(*b*)(ii)କୁ ଉପଖଣ୍ଡ (*a*) ଭାବେ ପୁନଃନାମକରଣ କରାଯାଇଛି (ତାରିଖ ବିଜ୍ଞପ୍ତିଦ୍ୱାରା ସୂଚିତ କରାଯିବ) ।

[***] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଉପଖଣ୍ଡ (*c*) ଧାରା 3(b)(iii)କୁ ଉପଖଣ୍ଡ (*b*) ଭାବେ ପୁନଃନାମକରଣ କରାଯାଇଛି (ତାରିଖ ବିଜ୍ଞପ୍ତିଦ୍ୱାରା ସୂଚିତ କରାଯିବ) ।

[****] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 3(*b*)(*iii*)ଦ୍ୱାରା ଖଣ୍ଡ (4)ର ଉପଖଣ୍ଡ (*a*)ଭାବେ ଖଣ୍ଡ (4)କୁ ପ୍ରତିସ୍ଥାପିତ କରାଯାଇଛି (ତାରିଖ ବିଜ୍ଞପ୍ତିଦ୍ୱାରା ସୂଚିତ କରାଯିବ) ।

*ଶୋଷଣ ବିରୋଧରେ ଅଧିକାର*

**23. ମଣିଷ ବ୍ୟାପାର ସମ୍ବନ୍ଧୀୟ କାର୍ଯ୍ୟକଳାପ ଏବଂ ବାଧ୍ୟତାମୂଳକ ଶ୍ରମର ନିଷିଦ୍ଧକରଣ**— (1) ମଣିଷ ବ୍ୟାପାର ସମ୍ବନ୍ଧୀୟ କାର୍ଯ୍ୟକଳାପ ଓ ବିନା ପାରିଶ୍ରମିକରେ ଶ୍ରମ ଏବଂ ସେହିପରି ଅନ୍ୟ ପ୍ରକାରର ବାଧ୍ୟତାମୂଳକ ଶ୍ରମକୁ ନିଷେଧ କରାଯାଇଛି ଏବଂ ଏହି ବ୍ୟବସ୍ଥାର କୌଣସି ଉଲ୍ଲଙ୍ଘନ ଆଇନ ଅନୁଯାୟୀ ଦଣ୍ଡନୀୟ ଅଟେ ।

(2) ଏହି ଅନୁଚ୍ଛେଦର କୌଣସି ବ୍ୟବସ୍ଥା ସର୍ବସାଧାରଣ ଉଦ୍ଦେଶ୍ୟର ବାଧ୍ୟତାମୂଳକ ସେବା ଧାର୍ଯ୍ୟ କରିବାରେ ରାଷ୍ଟ୍ରକୁ ପ୍ରତିବନ୍ଧିତ କରିବ ନାହିଁ, ଏପରି ସେବା ଧାର୍ଯ୍ୟ କରିବା ସମୟରେ, ଧର୍ମଗତ, ଗୋଷ୍ଠୀଗତ, ଜାତିଗତ କିମ୍ବା ଶ୍ରେଣୀଗତ କିମ୍ବା ସେଗୁଡ଼ିକ ମଧ୍ୟରୁ କୌଣସି କାରଣ ଯୋଗୁଁ, ରାଷ୍ଟ୍ର କୌଣସି ପାତର ଅନ୍ତର କରିପାରିବ ନାହିଁ ।

**24. କଳକାରଖାନା ଇତ୍ୟାଦିରେ ଶିଶୁମାନଙ୍କୁ ନିଯୁକ୍ତିର ନିଷିଦ୍ଧକରଣ**— ଚଉଦ ବର୍ଷରୁ କମ୍ କୌଣସି ଶିଶୁକୁ, କୌଣସି କଳକାରଖାନା କିମ୍ବା ଖଣିରେ କାର୍ଯ୍ୟ କରିବା ପାଇଁ ନିଯୁକ୍ତ କରାଯିବ ନାହିଁ କିମ୍ବା ଅନ୍ୟ କୌଣସି ବିପଦପୂର୍ଣ୍ଣ ନିଯୁକ୍ତିରେ ନିଯୁକ୍ତ କରାଯିବ ନାହିଁ ।

*ଧର୍ମଗତ ସ୍ୱାଧୀନତା ଅଧିକାର*

**25. ବିବେକର ସ୍ୱାଧୀନତା ଏବଂ ମୁକ୍ତଭାବେ ଧର୍ମ ଗ୍ରହଣ, ଆଚରଣ ଏବଂ ତା'ର ପ୍ରଚାରରେ ସ୍ୱାଧୀନତା**— (1) ସର୍ବସାଧାରଣ ଶୃଙ୍ଖଳା, ନୈତିକତା, ସ୍ୱାସ୍ଥ୍ୟ ଏବଂ ଏହି ଭାଗର ଅନ୍ୟ ବ୍ୟବସ୍ଥା ଅନୁଯାୟୀ, ପ୍ରତ୍ୟେକ ବ୍ୟକ୍ତିର ବିବେକର ସ୍ୱାଧୀନତା ଅଛି ଏବଂ କୌଣସି ଧର୍ମକୁ ମୁକ୍ତଭାବେ ଗ୍ରହଣ କରିବା, ଆଚରଣ କରିବା ଏବଂ ପ୍ରଚାର କରିବା ପାଇଁ ଅଧିକାର ଅଛି ।

(2) ଏହି ଅନୁଚ୍ଛେଦର କୌଣସି ବ୍ୟବସ୍ଥା, କୌଣସି ପ୍ରଚଳିତ ଆଇନ ଉପରେ ପ୍ରଭାବ ପକାଇବ ନାହିଁ କିମ୍ବା ରାଷ୍ଟ୍ରକୁ କୌଣସି ଆଇନ ପ୍ରଣୟନ କରିବାରେ ପ୍ରତିବନ୍ଧିତ କରିବ ନାହିଁ-

(*a*) ଧାର୍ମିକ କାର୍ଯ୍ୟକଳାପ ସହିତ ସଂଯୁକ୍ତ ଥିବା କୌଣସି ଅର୍ଥନୈତିକ, ବିତ୍ତ ସମ୍ପର୍କୀୟ ରାଜନୈତିକ କିମ୍ବା ଅନ୍ୟ କୌଣସି ସାମ୍ପ୍ରଦାୟିକ କାର୍ଯ୍ୟକଳାପକୁ ନିୟନ୍ତ୍ରଣ ବା ପ୍ରତିବନ୍ଧିତ କରିବା;

(*b*) ସମସ୍ତ ହିନ୍ଦୁ ଶ୍ରେଣୀର ବ୍ୟକ୍ତିମାନଙ୍କ ପାଇଁ ସର୍ବସାଧାରଣ ହିନ୍ଦୁ ଧର୍ମାନୁଷ୍ଠାନଗୁଡ଼ିକୁ ମୁକ୍ତ ରଖିବା ପାଇଁ ସମାଜ କଲ୍ୟାଣ ଓ ସଂସ୍କାରମୂଳକ କାର୍ଯ୍ୟ କରିବା।

*ସ୍ପଷ୍ଟୀକରଣ I*— କୃପାଣ ପରିଧାନ କରିବା ଏବଂ ବହନ କରିବାକୁ ଶିଖ ଧର୍ମର ବୃତ୍ତିରେ ଅନ୍ତର୍ଭୁକ୍ତ ବୋଲି ଧରାଯିବ ।

*ସ୍ପଷ୍ଟୀକରଣ II*— ଖଣ୍ଡ (2)ର ଉପଖଣ୍ଡ (*b*)ରେ ଉଲ୍ଲେଖ ଥିବା ହିନ୍ଦୁରେ ଶିଖ୍, ଜୈନ କିମ୍ବା ବୌଦ୍ଧ ଧର୍ମ ବୃତ୍ତି ଗ୍ରହଣ କରିଥିବା ବ୍ୟକ୍ତିମାନ ଅନ୍ତର୍ଭୁକ୍ତ ବୋଲି ବ୍ୟାଖ୍ୟା କରାଯିବ ଏବଂ ହିନ୍ଦୁଧର୍ମ ଅନୁଷ୍ଠାନକୁ ସେହିପରି ଭାବେ ବ୍ୟାଖ୍ୟା କରାଯିବ ।

**26. ଧାର୍ମିକ ବିଷୟ ପରିଚାଳନା କରିବାରେ ସ୍ୱାଧୀନତା**— ସର୍ବସାଧାରଣ ଶୃଙ୍ଖଳା, ନୈତିକତା ଏବଂ ସ୍ୱାସ୍ଥ୍ୟର ନିୟନ୍ତ୍ରଣାଧୀନରେ, ପ୍ରତ୍ୟେକ ଧର୍ମନୈତିକ ଅନୁଷ୍ଠାନ କିମ୍ବା ଏହାର କୌଣସି ବିଭାଗର ନିମ୍ନଲିଖିତ ଅଧିକାର ରହିବ—

(*a*) ଧାର୍ମିକ ଏବଂ ଦାତବ୍ୟ ଉଦ୍ଦେଶ୍ୟରେ, ଅନୁଷ୍ଠାନମାନ ସ୍ଥାପନ କରିବା ଏବଂ ରକ୍ଷଣାବେକ୍ଷଣ କରିବା;

(*b*) ଧାର୍ମିକ ବିଷୟରେ ଏହାର ନିଜ କାର୍ଯ୍ୟ ପରିଚାଳନା କରିବା;

(*c*) ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତିକୁ ଗ୍ରହଣ କରିବା କିମ୍ବା ଅଧିଗ୍ରହଣ କରିବା; ଏବଂ

(*d*) ଆଇନ ଅନୁଯାୟୀ, ଏପରି ସମ୍ପତ୍ତିକୁ କାର୍ଯ୍ୟକାରୀ କରିବା ।

**27. କୌଣସି ନିର୍ଦ୍ଦିଷ୍ଟ ଧର୍ମର ଉନ୍ନତି ନିମନ୍ତେ କର ପ୍ରଦାନ କରିବାରେ ସ୍ୱାଧୀନତା—** କୌଣସି ବ୍ୟକ୍ତିଙ୍କୁ ଏହିପରି କୌଣସି କର ପ୍ରଦାନ କରିବା ନିମନ୍ତେ ବାଧ୍ୟ କରାଯିବ ନାହିଁ, ଯାହାର ଆୟ ନିର୍ଦ୍ଦିଷ୍ଟ ଭାବରେ ଧର୍ମ କିମ୍ବା ଧାର୍ମିକ ସମ୍ପ୍ରଦାୟର ଉନ୍ନତି କିମ୍ବା ରକ୍ଷଣାବେକ୍ଷଣ ନିମନ୍ତେ କାର୍ଯ୍ୟକାରୀ ହୋଇଥାଏ ।

**28. କୌଣସି ନିର୍ଦ୍ଦିଷ୍ଟ ଶିକ୍ଷାନୁଷ୍ଠାନରେ, ଧାର୍ମିକ ଉପଦେଶ କିମ୍ବା ଧାର୍ମିକ ଉପାସନାରେ ଉପସ୍ଥିତିରେ ସ୍ୱାଧୀନତା—** (1) ରାଷ୍ଟ୍ର ପାଣ୍ଠିରୁ ସମ୍ପୂର୍ଣ୍ଣଭାବେ ରକ୍ଷଣାବେକ୍ଷଣ କରାଯାଉଥିବା କୌଣସି ଶିକ୍ଷାନୁଷ୍ଠାନରେ, କୌଣସି ଧାର୍ମିକ ଉପଦେଶ ପ୍ରଦାନ କରାଯିବ ନାହିଁ ।

(2) ଖଣ୍ଡ (1)ରେ ଥିବା କୌଣସି ବ୍ୟବସ୍ଥା, କୌଣସି ଶିକ୍ଷାନୁଷ୍ଠାନ, ଯାହାକି ରାଜ୍ୟ ସରକାରଙ୍କଦ୍ୱାରା ପରିଚାଳିତ, କିନ୍ତୁ କୌଣସି ଦେବୋତ୍ତର କିମ୍ବା ସଂସ୍ଥା ଅନୁଯାୟୀ ଗଠିତ ଯାହାକି ଏଥିରେ ଧାର୍ମିକ ଉପଦେଶ ପ୍ରଦାନ କରିବା ନିମନ୍ତେ ଆବଶ୍ୟକ କରିବ; ସେଥିପ୍ରତି ଲାଗୁ ହେବ ନାହିଁ ।

(3) କୌଣସି ବ୍ୟକ୍ତି ଯିଏକି, ରାଜ୍ୟ ସରକାରଙ୍କଦ୍ୱାରା ସ୍ୱୀକୃତ କୌଣସି ଶିକ୍ଷାନୁଷ୍ଠାନ କିମ୍ବା ରାଜ୍ୟ ସରକାରଙ୍କ ପାଣ୍ଠିରୁ ସାହାଯ୍ୟପ୍ରାପ୍ତ କରନ୍ତି, ତା'ହେଲେ ସେ, ଏପରି ଅନୁଷ୍ଠାନରେ ଅନୁଷ୍ଠିତ ହେଉଥିବା କୌଣସି ଧାର୍ମିକ ଉପାସନାରେ କିମ୍ବା ସେଥିସହିତ ସଂଯୁକ୍ତ ପରିସର ମଧ୍ୟରେ ହେଉଥିବା କୌଣସି ଧାର୍ମିକ ଉପାସନାରେ ଅଂଶଗ୍ରହଣ କରିବାକୁ ତାଙ୍କୁ ବାଧ୍ୟତାମୂଳକ କରାଯିବ ନାହିଁ, କେବଳ ଯଦି ଉକ୍ତ ବ୍ୟକ୍ତି ନାବାଳକ ହୋଇଥାଆନ୍ତି ଏବଂ ତାଙ୍କର ଅଭିଭାବକ ଏଥିପାଇଁ ନିଜର ସମ୍ମତି ଦେଇଥାଆନ୍ତି, ତେବେ ଏହା ପ୍ରଯୁଜ୍ୟ ହେବ ନାହିଁ ।

*ସାଂସ୍କୃତିକ ଏବଂ ଶିକ୍ଷାଗତ ଅଧିକାର*

**29. ସଂଖ୍ୟାଲଘୁ ସମ୍ପ୍ରଦାୟର ସ୍ୱାର୍ଥ ରକ୍ଷା**— (1) ଭାରତୀୟ ଅଞ୍ଚଳରେ କିମ୍ବା ଏହାର କୌଣସି ଅଂଶରେ ବାସ କରୁଥିବା କୌଣସି ଶ୍ରେଣୀର ନାଗରିକ ଯେଉଁମାନଙ୍କର ଏକ ସ୍ୱତନ୍ତ୍ର ଭାଷା, ଲିପି କିମ୍ବା ସଂସ୍କୃତି ଅଛି, ତାହାକୁ ସଂରକ୍ଷିତ ରଖିବା ନିମନ୍ତେ ସେମାନଙ୍କର ଅଧିକାର ରହିବ ।

(2) ରାଜ୍ୟଦ୍ୱାରା ରକ୍ଷଣାବେକ୍ଷଣ କରାଯାଉଥିବା କିମ୍ବା ରାଜ୍ୟପାଣ୍ଠିରୁ ସହାୟତାପ୍ରାପ୍ତ କୌଣସି ଶିକ୍ଷାନୁଷ୍ଠାନରେ ଧର୍ମ, ଗୋଷ୍ଠୀ, ଜାତି, ଭାଷା କିମ୍ବା ସେଗୁଡ଼ିକ ମଧ୍ୟରୁ କୌଣସି ଗୋଟିଏ କାରଣ ଯୋଗୁଁ କୌଣସି ନାଗରିକଙ୍କୁ ପ୍ରବେଶ କରିବା ନିମନ୍ତେ ମନା କରାଯାଇପାରିବ ନାହିଁ ।

**30. ଶିକ୍ଷାନୁଷ୍ଠାନ ସ୍ଥାପନ କରିବା ଏବଂ ତାକୁ ପରିଚାଳନା କରିବାରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଅଧିକାର—** (1) ଧର୍ମ କିମ୍ବା ଭାଷା ଭିତ୍ତିରେ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କର, ସେମାନଙ୍କର ପସନ୍ଦ ଅନୁଯାୟୀ ଶିକ୍ଷାନୁଷ୍ଠାନ ସ୍ଥାପନ କରି ତାହା ପରିଚାଳନା କରିବାର ଅଧିକାର ରହିବ ।

[1][(1A) ଖଣ୍ଡ (1)ରେ ଉଲ୍ଲେଖ କରାଯାଇଥିବା, କୌଣସି ସଖ୍ୟାଲଘୁ ସମ୍ପ୍ରଦାୟଦ୍ୱାରା ସ୍ଥାପିତ ଏବଂ ପରିଚାଳିତ କୌଣସି ଶିକ୍ଷାନୁଷ୍ଠାନର ସମ୍ପତ୍ତିର ବାଧ୍ୟତାମୂଳକ ଅଧିଗ୍ରହଣ କରିବା ପାଇଁ, ଆଇନଦ୍ୱାରା ବ୍ୟବସ୍ଥା କରିବା ସମୟରେ, ରାଜ୍ୟ ନିଶ୍ଚିତ କରିବ ଯେ, ଏପରି ସମ୍ପତ୍ତିକୁ ଅଧିଗ୍ରହଣ କରିବା ନିମନ୍ତେ, ଏପରି ଆଇନ ଅନୁଯାୟୀ ଧାର୍ଯ୍ୟ ବା ସ୍ଥିର କରାଯାଇଥିବା ରାଶି ଏପରି ହୋଇଥିବ ଯେ, ତାହା ଉକ୍ତ ଖଣ୍ଡ ଅନୁଯାୟୀ ପ୍ରଦାନ କରାଯାଇଥିବା କିମ୍ବା ନିଶ୍ଚିତ କରାଯାଇଥିବା ଅଧିକାରରେ କଟକଣା ଜାରି କରିବ ନାହିଁ କିମ୍ବା ହ୍ରାସ କରିବ ନାହିଁ ।]

(2) ରାଜ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକୁ ସାହାଯ୍ୟ ପ୍ରଦାନ କରିବା ସମୟରେ କେବଳ ଧର୍ମ କିମ୍ବା ଭାଷା ଉପରେ ଭିତ୍ତିଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ପରିଚାଳନାରେ ଥିବା କାରଣ ଯୋଗୁଁ କୌଣସି ଶିକ୍ଷାନୁଷ୍ଠାନ ପ୍ରତି ପାତରଅନ୍ତର କରିବ ନାହିଁ ।

[2]* * * *

**31.** [*ସମ୍ପତ୍ତିର ବାଧ୍ୟତାମୂଳକ ଅଧିଗ୍ରହଣ* ]— ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 6ଦ୍ୱାରା ବାଦ୍ ଦିଆଯାଇଛି (20-6-1979ଠାରୁ କାର୍ଯ୍ୟକାରୀ) ।

[3]*[କେତେକ ନିର୍ଦ୍ଦିଷ୍ଟ ଆଇନର ସଂରକ୍ଷଣ]*

[4]**[31A. ସମ୍ପତ୍ତି ଇତ୍ୟାଦି ଅଧିଗ୍ରହଣ ନିମନ୍ତେ ବ୍ୟବସ୍ଥା କରୁଥିବା ବା କରିଥିବା ଆଇନର ସଂରକ୍ଷଣ—** [5](1) ଅନୁଚ୍ଛେଦ 13ରେ ଯାହା କିଛି ଥିବା ସତ୍ତ୍ୱେ, ନିମ୍ନଲିଖିତ ବିଷୟ ସମ୍ପର୍କୀୟ କୌଣସି ଆଇନ—

(*a*) ରାଜ୍ୟ ଦ୍ୱାରା କୌଣସି ସମ୍ପତ୍ତିର ଅଧିଗ୍ରହଣ କିମ୍ବା ସେଥିରେ ଥିବା କୌଣସି ଅଧିକାର କିମ୍ବା ଏପରି ଅଧିକାର ସମାପ୍ତି କିମ୍ବା ସଂଶୋଧନ; କିମ୍ବା

(*b*) ସର୍ବସାଧାରଣଙ୍କ ସ୍ୱାର୍ଥ କିମ୍ବା ସମ୍ପତ୍ତିର ଉପଯୁକ୍ତ ପରିଚାଳନା ନିମନ୍ତେ ଏକ ସୀମିତ ସମୟ ନିମନ୍ତେ ରାଜ୍ୟଦ୍ୱାରା କୌଣସି ସମ୍ପତ୍ତିର ପରିଚାଳନାକୁ ଗ୍ରହଣ କରାଯିବା; କିମ୍ବା

(*c*) ସର୍ବସାଧାରଣଙ୍କ ସ୍ୱାର୍ଥଦୃଷ୍ଟିରୁ କିମ୍ବା ପରିଚାଳନାକୁ ସୁଦୃଢ଼ କରିବା ନିମନ୍ତେ ଦୁଇ କିମ୍ବା ଅଧିକ ନିଗମର ମିଶ୍ରଣ ।

(*d*) ନିଗମର ପରିଚାଳନା ପ୍ରତିନିଧି, ସଚିବ ଏବଂ କୋଷାଧ୍ୟକ୍ଷ, ପରିଚାଳନା ନିର୍ଦ୍ଦେଶକ, କିମ୍ବା ପରିଚାଳକଙ୍କ କୌଣସି ଅଧିକାରର ସମାପ୍ତି କିମ୍ବା ସଂଶୋଧନ କିମ୍ବା ସେଥିରେ ମତଦାନ ଦେବା ଅଧିକାର ଥିବା ଅଂଶୀଦାରଙ୍କର ସେପରି ଅଧିକାରର ସମାପ୍ତି କିମ୍ବା ସଂଶୋଧନ; କିମ୍ବା

---

[1] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 4ଦ୍ୱାରା ସନ୍ନିବେଶିତ (20-6-1979ଠାରୁ କାର୍ଯ୍ୟକାରୀ)

[2] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978 ଧାରା 5 ଦ୍ୱାରା "ସମ୍ପତ୍ତିର ଅଧିକାର" ଉପ-ଶୀର୍ଷକକୁ ବାଦ୍ ଦିଆଯାଇଛି (20-6-1979ଠାରୁ କାର୍ଯ୍ୟକାରୀ) ।

[3] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 3ଦ୍ୱାରା ସନ୍ନିବେଶିତ (3-1-1977ଠାରୁ କାର୍ଯ୍ୟକାରୀ) ।

[4] ସମ୍ବିଧାନ (ପ୍ରଥମ ସଂଶୋଧନ) ଅଧିନିୟମ, 1951, ଧାରା 4,ଦ୍ୱାରା ସନ୍ନିବେଶିତ (ପୂର୍ବ ପ୍ରଭାବ ସହିତ) ।

[5] ସମ୍ବିଧାନ (ଚତୁର୍ଥ ସଂଶୋଧନ) ଅଧିନିୟମ, 1955, ଧାରା 3ଦ୍ୱାରା ଖଣ୍ଡ (1) ପାଇଁ ପ୍ରତିସ୍ଥାପିତ (ପୂର୍ବ ପ୍ରଭାବ ସହିତ)।

(*e*) କୌଣସି ଖଣିଜ ପଦାର୍ଥ କିମ୍ବା ଖଣିଜ ତୈଳକୁ ଅଧିକାର କରିବା କିମ୍ବା ଅନ୍ୱେଷଣ କରିବା ଉଦ୍ଦେଶ୍ୟରେ, କୌଣସି ଚୁକ୍ତି କିମ୍ବା ଅନୁମତିପତ୍ର ବଳରେ ଜାତ କୌଣସି ଅଧିକାରର ସମାପ୍ତି କିମ୍ବା ରାଜିନାମା ସମୟ ପୂର୍ବରୁ ସମାପ୍ତି ଘଟିବା କିମ୍ବା ବାତିଲ ହେବା,

ତାହାକୁ [1][ଅନୁଚ୍ଛେଦ 14 କିମ୍ବା ଅନୁଚ୍ଛେଦ 19]ଦ୍ୱାରା ପ୍ରଦତ୍ତ କୌଣସି ଅଧିକାର ଅସଙ୍ଗତି ଥିବା, ଅପସାରଣ କରିବା କିମ୍ବା ସଙ୍କୁଚିତ କରିବା କାରଣ ଯୋଗୁଁ ଅସିଦ୍ଧ ବୋଲି ଧରାଯିବ ନାହିଁ:

କିନ୍ତୁ, ଯେଉଁସ୍ଥଳରେ ଏପରି ଆଇନ, କୌଣସି ରାଜ୍ୟର ବିଧାନମଣ୍ଡଳଦ୍ୱାରା ଆଇନ ରୂପେ ପ୍ରଣୀତ ହୋଇଥାଏ, ତା'ହେଲେ ଏହି ଅନୁଚ୍ଛେଦର ବ୍ୟବସ୍ଥା ସେଥିପ୍ରତି ଲାଗୁ ହେବ ନାହିଁ, ଯଦି ଏପରି ଆଇନ, ରାଷ୍ଟ୍ରପତିଙ୍କ ବିଚାର ନିମନ୍ତେ ସଂରକ୍ଷିତ ଥାଇ, ତାଙ୍କର ସ୍ୱୀକୃତି ଲାଭ କରିଥାଏ:]

[2][ଅଧିକନ୍ତୁ, ଯେଉଁସ୍ଥଳରେ କୌଣସି ଆଇନ ରାଜ୍ୟଦ୍ୱାରା କୌଣସି ସମ୍ପତ୍ତିକୁ ଅଧିଗ୍ରହଣ କରିବା ପାଇଁ ବ୍ୟବସ୍ଥା କରିଥାଏ ଏବଂ ସେଥିରେ ଥିବା କୌଣସି ଜମିକୁ କୌଣସି ବ୍ୟକ୍ତି ବ୍ୟକ୍ତିଗତଭାବେ ଚାଷ କରିବା ନିମନ୍ତେ ଧାରଣ କରିଥାଆନ୍ତି, ସେପରିସ୍ଥଳେ ଧାର୍ଯ୍ୟ ସୀମା ମଧ୍ୟରେ ଥିବା ଏପରି ଜମି, ଯାହାକି ପ୍ରଚଳିତ କୌଣସି ଆଇନଦ୍ୱାରା ତାଙ୍କ ପ୍ରତି ପ୍ରଯୁଜ୍ୟ ଅଟେ କିମ୍ବା ସେଥି ସହିତ ସଂଯୁକ୍ତ କିମ୍ବା ସେଥିରେ ଦଣ୍ଡାୟମାନ କୌଣସି ଅଟ୍ଟାଳିକା କିମ୍ବା ନିର୍ମାଣକୁ ଅଧିଗ୍ରହଣ କରିବା ରାଷ୍ଟ୍ରରେ ଆଇନ ସମ୍ମତ ହେବ ନାହିଁ, ଯେପର୍ଯ୍ୟନ୍ତ ଏପରି ଜମି, ଅଟ୍ଟାଳିକା କିମ୍ବା ନିର୍ମାଣର ଅଧିଗ୍ରହଣ ନିମନ୍ତେ ବ୍ୟବସ୍ଥା କରିଥିବା ଆଇନ, କ୍ଷତିପୂରଣ ନିମନ୍ତେ ବ୍ୟବସ୍ଥା କରିନଥାଏ, ଯାହାକି ତା'ର ବଜାର ମୂଲ୍ୟଠାରୁ କମ୍ ହୋଇନଥିବ ।]

(2) ଏହି ଅନୁଚ୍ଛେଦରେ,—

[3][(*a*) ଉକ୍ତ "ସମ୍ପତ୍ତି", କୌଣସି ସ୍ଥାନୀୟ ଅଞ୍ଚଳ ସମ୍ବନ୍ଧରେ ସେହି ଅର୍ଥ ବହନ କରିବ, ଯେପରି ଉକ୍ତ ଉକ୍ତି କିମ୍ବା ତା'ର ସ୍ଥାନୀୟ ସମ-ଉକ୍ତି, ସେହି ଅଞ୍ଚଳରେ ଥିବା ଜମିର କାର୍ଯ୍ୟାଳୟ ସମ୍ପର୍କିତ ବଳବତ୍ତର ଆଇନ ଏବଂ ଏହା ସେସବୁକୁ ଅନ୍ତର୍ଭୁକ୍ତ କରେ

(*i*) କୌଣସି '*ଜାଗିରି*', '*ଇନାମ୍*' କିମ୍ବା '*ମୁଆଫି*' କିମ୍ବା ଅନ୍ୟ ସେହିପରି ମଞ୍ଜୁରି ଏବଂ ମୁଆଫି [4][ତାମିଲନାଡୁ] ଏବଂ କେରଳ ରାଜ୍ୟରେ, କୌଣସି *ଜନ୍ମମ୍*, ଅଧିକାର;

(*ii*) ରୟତୱାରୀ-ବ୍ୟବସ୍ଥାନୁଯାୟୀ ଧାରଣ କରାଯାଇଥିବା କୌଣସି ଜମି;

(*iii*) ଜମି ଚାଷ କରିଥିବା ଚାଷୀ, କୃଷି ଶ୍ରମିକ ଏବଂ ଗ୍ରାମ୍ୟ କାରିଗରମାନଙ୍କଦ୍ୱାରା ଅଧିକୃତ କୌଣସି ଅନାବାଦୀ ଜଙ୍ଗଲ ଜମି, ଗୋଚାରଣ ଭୂମି କିମ୍ବା ଅଟ୍ଟାଳିକା ଏବଂ ଅନ୍ୟ ନିର୍ମାଣ ନିମନ୍ତେ ସ୍ଥାନ ସହିତ, କୃଷି କାର୍ଯ୍ୟ ଉଦ୍ଦେଶ୍ୟରେ ଧାରଣ କରାଯାଇଥିବା ଜମି କିମ୍ବା ଚାଷ ଉଦ୍ଦେଶ୍ୟରେ ଭଡ଼ାରୂପରେ ପ୍ରଦାନ କରାଯାଇଥିବା ଜମି କିମ୍ବା ସେଥିସହିତ ଆନୁଷଙ୍ଗିକ ଉଦ୍ଦେଶ୍ୟ ନିମନ୍ତେ ଧାରଣ କରାଯାଇଥିବା ଜମି;]

---

[1] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 7ଦ୍ୱାରା "ଅନୁଚ୍ଛେଦ 14, ଅନୁଚ୍ଛେଦ 19 କିମ୍ବା ଅନୁଚ୍ଛେଦ 31" ପାଇଁ ପ୍ରତିସ୍ଥାପିତ (20-6-1979 ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (17ତମ ସଂଶୋଧନ) ଅଧିନିୟମ, 1964, ଧାରା 2 (*i*)ଦ୍ୱାରା ସନ୍ନିବେଶିତ (20-6-1964 ଠାରୁ କାର୍ଯ୍ୟକାରୀ)।

[3] ସମ୍ବିଧାନ (17ତମ ସଂଶୋଧନ) ଅଧିନିୟମ ଧାରା 2(ii) ଦ୍ୱାରା ଉପଖଣ୍ଡ (a) ପାଇଁ ପ୍ରତିସ୍ଥାପିତ (ପୂର୍ବ ପ୍ରଭାବ ସହିତ)।

[4] ମାଡ୍ରାସ ରାଜ୍ୟ (ନାମ ପରିବର୍ତ୍ତନ) ଅଧିନିୟମ, 1968 (1968 ର 53), ଧାରା 4 ଦ୍ୱାରା, "ମାଡ୍ରାସ" ପାଇଁ ପ୍ରତିସ୍ଥାପିତ (14-1-1969ଠାରୁ କାର୍ଯ୍ୟକାରୀ) ।

(*b*) ଏକ ସମ୍ପତ୍ତି ସମ୍ପର୍କରେ "ଅଧିକାର" ଶବ୍ଦରେ, ମାଲିକ, ଉପ-ମାଲିକ, ମାଲିକ-ଅଧୀନ, ଟେନ୍ୟୁର-ଧାରକ, [1][ରୟତ, ରୟତ-ଅଧୀନ] କିମ୍ବା ଅନ୍ୟ ମଧ୍ୟସ୍ଥି ଏବଂ ଭୂମି ରାଜସ୍ୱ ସମ୍ପର୍କରେ ଯେକୌଣସି ଅଧିକାର କିମ୍ବା ସୁବିଧା ଉପରେ ନ୍ୟସ୍ତ ଯେକୌଣସି ଅଧିକାର ଅନ୍ତର୍ଭୁକ୍ତ କରିବ।]

[2]**[31B. କେତେକ ଆଇନ ଏବଂ ଧାର୍ଯ୍ୟ ନିୟମର ବୈଧତା—** ଅନୁଚ୍ଛେଦ 31Aରେ ଥିବା ବ୍ୟବସ୍ଥାରେ କୌଣସି କ୍ଷତି ନପହଁଞ୍ଚାଇ, ନବମ ଅନୁସୂଚୀରେ ଧାର୍ଯ୍ୟ କରାଯାଇଥିବା କୌଣସି ଆଇନ କିମ୍ବା ସେଥିର କୌଣସି ଧାର୍ଯ୍ୟ ନିୟମାବଳୀ ଏହି ଭାଗର କୌଣସି ବ୍ୟବସ୍ଥା ସହିତ ସାମଞ୍ଜସ୍ୟ ରକ୍ଷା କରୁନଥିବା କାରଣ କିମ୍ବା ବାଦ୍ ଦିଆଯିବା କିମ୍ବା ସଙ୍କୁଚିତ ହେବା ଯୋଗୁଁ ଅସିଦ୍ଧ ହେବ ନାହିଁ ଏବଂ କୌଣସି ନ୍ୟାୟାଳୟ କିମ୍ବା ଅର୍ଦ୍ଧ ନ୍ୟାୟିକ ବିଚାରାଳୟ କୌଣସି ବିପରୀତ ନିଷ୍ପତ୍ତି କିମ୍ବା ଆଦେଶ ସତ୍ତ୍ୱେ ଉପରୋକ୍ତ ଆଇନ ଏବଂ ଧାର୍ଯ୍ୟ ନିୟମାବଳୀ, ଏହାକୁ ରଦ୍ଦ କିମ୍ବା ସଂଶୋଧନ କରିବା ନିମନ୍ତେ ଦକ୍ଷ କୌଣସି ବିଧାନମଣ୍ଡଳର କ୍ଷମତାର ନିୟନ୍ତ୍ରଣାଧୀନରେ, ବଳବତ୍ତର ରହିବ ।]

[3]**[31C. କେତେକ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଥିବା ଆଇନର ସଂରକ୍ଷଣ**— ଅନୁଚ୍ଛେଦ 13ରେ ଯାହାକିଛି ବ୍ୟବସ୍ଥା ଥିବା ସତ୍ତ୍ୱେ, କୌଣସି ଆଇନ, [4][ଭାଗ-4ରେ ଉଲ୍ଲେଖ କରାଯାଇଥିବା ସମସ୍ତ କିମ୍ବା ଯେ କୌଣସି ନୀତି] କିମ୍ବା ସେଥିମଧ୍ୟରୁ କୌଣସିଟିକୁ ଗ୍ରହଣ କରିବା ଉଦ୍ଦେଶ୍ୟ ନେଇ ତିଆରି କରାଯାଇଥାଏ ତାହାକୁ କେବଳ ତାହା [5][ଅନୁଚ୍ଛେଦ-14 କିମ୍ବା ଅନୁଚ୍ଛେଦ 19]ଦ୍ୱାରା ପ୍ରଦତ୍ତ ଅଧିକାରକୁ ଅସାମଞ୍ଜସ୍ୟ, ଅପସାରଣ କିମ୍ବା ସଙ୍କୋଚନ କରିବା କାରଣ ଯୋଗୁଁ ଅସିଦ୍ଧ ବୋଲି ଧରାଯିବ ନାହିଁ [6][ *ଏବଂ ଏପରି ନୀତିକୁ କାର୍ଯ୍ୟକାରୀ କରିବା ନିମନ୍ତେ ଘୋଷଣା ଧାରଣ କରିଥିବା କୌଣସି ଆଇନକୁ, ଏହା ଏପରି ନୀତିକୁ କାର୍ଯ୍ୟକାରୀ କରୁନାହିଁ ବୋଲି କୌଣସି ନ୍ୟାୟାଳୟରେ ଆହ୍ୱାନ କରାଯାଇପାରିବ ନାହିଁ*]:

କିନ୍ତୁ, ଯେଉଁସ୍ଥଳରେ ଏପରି ଆଇନ, କୌଣସି ରାଜ୍ୟ ବିଧାନମଣ୍ଡଳଦ୍ୱାରା ପ୍ରଣୀତ ହୋଇଥାଏ, ତାହାପାଇଁ ପ୍ରଯୋଗ ହେବ ନାହିଁ, ଯେପର୍ଯ୍ୟନ୍ତ ତାହା ରାଷ୍ଟ୍ରପତିଙ୍କ ବିଚାରାଧୀନରେ ଥାଇ ସ୍ୱୀକୃତି ଲାଭ ନକରିଛି ।]

[7]**31D**. [*ଦେଶ ବିରୋଧରେ କାର୍ଯ୍ୟକଳାପ ସମ୍ବନ୍ଧରେ ଥିବା ଆଇନର ସଂରକ୍ଷଣ*]-*ସମ୍ବିଧାନର (43ତମ ସଂଶୋଧନ) ଅଧିନିୟମ, 1977, ଧାରା 2 ଦ୍ୱାରା ବାଦ୍ ଦିଆଯାଇଛି (13-4-1978 ଠାରୁ କାର୍ଯ୍ୟକାରୀ)* ।

---

[1] ସମ୍ବିଧାନ (ଚତୁର୍ଥ ସଂଶୋଧନ) ଅଧିନିୟମ, 1955, ଧାରା 3ଦ୍ୱାରା ସନ୍ନିବେଶିତ (ପୂର୍ବ ପ୍ରଭାବ ସହିତ) ।

[2] ସମ୍ବିଧାନ (ପ୍ରଥମ ସଂଶୋଧନ) ଅଧିନିୟମ, 1951, ଧାରା 5ଦ୍ୱାରା ସନ୍ନିବେଶିତ (18-6-1951ଠାରୁ କାର୍ଯ୍ୟକାରୀ)।

[3] ସମ୍ବିଧାନ (25ତମ ସଂଶୋଧନ) ଅଧିନିୟମ, 1971, ଧାରା 3ଦ୍ୱାରା ସନ୍ନିବେଶିତ (20-4-1972ଠାରୁ କାର୍ଯ୍ୟକାରୀ)

[4] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, "ଅନୁଚ୍ଛେଦ 39ର ଖଣ୍ଡ (*c*) କିମ୍ବା ଖଣ୍ଡ (*b*)ରେ ନିର୍ଦ୍ଦିଷ୍ଟ ନୀତି" ପାଇଁ ଧାରା 4ଦ୍ୱାରା ପ୍ରତିସ୍ଥାପିତ (3-1-1977 ଠାରୁ କାର୍ଯ୍ୟକାରୀ) । *ମିନର୍ଭା ମିଲ୍ସ ଲିମିଟେଡ୍ ଏବଂ ଅନ୍ୟ ବନାମ କେନ୍ଦ୍ର ସରକାର ଏବଂ ଅନ୍ୟ* ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ଧାରା 4 ଅବୈଧ ଘୋଷଣା କରାଯାଇଛି, AIR 1980 SC 1789 ।

[5] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 8ଦ୍ୱାରା "ଅନୁଚ୍ଛେଦ 14, ଅନୁଚ୍ଛେଦ 19 କିମ୍ବା ଅନୁଚ୍ଛେଦ 31" ପାଇଁ ପ୍ରତିସ୍ଥାପିତ(20-6-1979 ଠାରୁ କାର୍ଯ୍ୟକାରୀ) ।

[6] *କେଶବନନ୍ଦ ଭାରତୀ ବନାମ କେରଳ ରାଜ୍ୟ* ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟଦ୍ୱାରା ଇଟାଲିକ୍ ଶବ୍ଦଗୁଡ଼ିକୁ ରଦ୍ଦ କରାଯାଇଛି, AIR 1973, SC 1461 ।

[7] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 5ଦ୍ୱାରା ସନ୍ନିବେଶିତ (03-01-1977 ଠାରୁ କାର୍ଯ୍ୟକାରୀ) ।

*ସାମ୍ବିଧାନିକ ପ୍ରତିକାର ଅଧିକାର*

**32. ଏହି ଭାଗଦ୍ୱାରା ପ୍ରଦତ୍ତ ଅଧିକାରକୁ ବଳବତ୍ତର କରିବା ନିମନ୍ତେ ପ୍ରତିକାର—** (1) ଏହି ଭାଗଦ୍ୱାରା ନ୍ୟସ୍ତ କରାଯାଇଥିବା ଅଧିକାରକୁ କାର୍ଯ୍ୟକାରୀ କରିବା ପାଇଁ, ଉପଯୁକ୍ତ ଆଇନଯୁକ୍ତ ପ୍ରକ୍ରିୟାଦ୍ୱାରା, ସର୍ବୋଚ୍ଚ ନ୍ୟାୟାଳୟକୁ ଯିବା ଅଧିକାରର ଦାୟିତ୍ୱ ନିଶ୍ଚିତ କରାଯାଇଛି ।

(2) ବ୍ୟକ୍ତିଗତଭାବେ ହାଜର କରାଇବା, କୌଣସି କାର୍ଯ୍ୟ ସମ୍ପାଦନ ନିମନ୍ତେ ବାଧ୍ୟତାମୂଳକ ଆଦେଶ, ନିଷେଧକରଣ ଏବଂ କାରଣ ଦର୍ଶାଇବା ଏବଂ ପୁନର୍ବିଚାର ନିମନ୍ତେ ନିମ୍ନ ନ୍ୟାୟାଳୟ ବା ନିମ୍ନ ନ୍ୟାୟାଳୟରୁ ଡକୁମେଣ୍ଟ ମଗାଇବା ପ୍ରଭୃତିର ଲିଖିତ ଆଦେଶ ସହିତ, ନିର୍ଦ୍ଦେଶ କିମ୍ବା ଆଦେଶ କିମ୍ବା ଲିଖିତ ଆଦେଶ ପ୍ରଦାନ କରିବା ପାଇଁ, ସର୍ବୋଚ୍ଚ ନ୍ୟାୟାଳୟଙ୍କର ଅଧିକାର ରହିବ ।

(3) ଖଣ୍ଡ (1) ଏବଂ (2)ଦ୍ୱାରା ସର୍ବୋଚ୍ଚ ନ୍ୟାୟାଳୟ ଉପରେ ନ୍ୟସ୍ତ କରାଯାଇଥିବା କ୍ଷମତାରେ କୌଣସି କ୍ଷତି ନପହଞ୍ଚାଇ, ଖଣ୍ଡ(2) ଅନୁଯାୟୀ, ସର୍ବୋଚ୍ଚ ନ୍ୟାୟାଳୟଦ୍ୱାରା ପରିଚାଳିତ ସମସ୍ତ କିମ୍ବା କୌଣସି କ୍ଷମତାକୁ, ଏହାର କର୍ତ୍ତୃତ୍ୱାଧୀନ ଅଞ୍ଚଳରେ ପରିଚାଳନା କରିବା ନିମନ୍ତେ, ସଂସଦ ଅନ୍ୟ ନ୍ୟାୟାଳୟକୁ କ୍ଷମତା ପ୍ରଦାନ କରିପାରନ୍ତି ।

(4) ଯଦି ସମ୍ବିଧାନଦ୍ୱାରା ଅନ୍ୟଥା କୌଣସି ବ୍ୟବସ୍ଥା କରାଯାଇନଥାଏ, ତା'ହେଲେ ଏହି ଅନୁଚ୍ଛେଦଦ୍ୱାରା ନିଶ୍ଚିତ କରାଯାଇଥିବା ଅଧିକାରର ଦାୟିତ୍ୱକୁ ନିଲମ୍ବିତ କରାଯିବ ନାହିଁ ।

[1]**32A.** [ଅନୁଚ୍ଛେଦ 32 ଅନୁଯାୟୀ କାର୍ଯ୍ୟାନୁଷ୍ଠାନଗୁଡ଼ିକରେ, ରାଷ୍ଟ୍ର ଆଇନଗୁଡ଼ିକର ସାମ୍ବିଧାନିକ ବୈଧତାକୁ ବିଚାର କରାଯିବ ନାହିଁ]— ସମ୍ବିଧାନର (43ତମ ସଂଶୋଧନ) ଅଧିନିୟମ, 1977ର ଧାରା 3 ଦ୍ୱାରା ବାଦ୍ ଦିଆଯାଇଛି (13-4-1978ଠାରୁ କାର୍ଯ୍ୟକାରୀ) ।

[2]**[33. ସୈନ୍ୟବାହିନୀ ଇତ୍ୟାଦିଙ୍କ ପ୍ରତି ପ୍ରୟୋଗରେ ଏହି ଭାଗଦ୍ୱାରା ନ୍ୟସ୍ତ କରାଯାଇଥିବା ଅଧିକାରକୁ ସଂଶୋଧନ କରିବାରେ ସଂସଦର କ୍ଷମତା—** ଏହି ଭାଗଦ୍ୱାରା ନ୍ୟସ୍ତ କରାଯାଇଥିବା କୌଣସି ଅଧିକାର ଏବଂ ସେଗୁଡ଼ିକର ପ୍ରୟୋଗ, କେତେ ପରିମାଣରେ ନିମ୍ନପ୍ରତି ହେବ ତାହା ସଂସଦର ଆଇନଦ୍ୱାରା ସ୍ଥିର କରିବେ -

(*a*) ସଶସ୍ତ୍ର ବାହିନୀର ସଦସ୍ୟଙ୍କ ପ୍ରତି; କିମ୍ବା

(*b*) ସର୍ବସାଧାରଣ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଦାୟିତ୍ୱରେ ଥିବା ସୈନ୍ୟବାହିନୀର ସଦସ୍ୟମାନଙ୍କ ପ୍ରତି; କିମ୍ବା

(*c*) ଗୁପ୍ତତଥ୍ୟ ସଂଗ୍ରହ କରିବା କିମ୍ବା ଗୁପ୍ତଚର ପ୍ରତିରୋଧ କରିବା ଉଦ୍ଦେଶ୍ୟରେ ରାଜ୍ୟଦ୍ୱାରା ସ୍ଥାପିତ କୌଣସି ସଂସ୍ଥା କିମ୍ବା ଅନ୍ୟ ସଙ୍ଗଠନରେ ନିଯୁକ୍ତ ବ୍ୟକ୍ତିମାନଙ୍କ ପ୍ରତି; କିମ୍ବା

(*d*) ଖଣ୍ଡ (*a*)ରୁ (*c*)ରେ ଉଲ୍ଲେଖ ଥିବା କୌଣସି ସୈନ୍ୟବାହିନୀ, ସଂସ୍ଥା କିମ୍ବା ସଙ୍ଗଠନ ଉଦ୍ଦେଶ୍ୟରେ ସ୍ଥାପନ କରାଯାଇଥିବା ଦୂରବର୍ତ୍ତୀ ସ୍ଥାନମାନଙ୍କୁ ଯୋଗାଯୋଗରେ ନିଯୁକ୍ତ ବ୍ୟକ୍ତିମାନଙ୍କ ପ୍ରତି,

ସେମାନଙ୍କର କର୍ତ୍ତବ୍ୟର ସୁଚାରୁ ପରିଚାଳନା ନିମନ୍ତେ ଏବଂ ସେମାନଙ୍କ ମଧ୍ୟରେ ଶୃଙ୍ଖଳା ରକ୍ଷା କରିବା ନିମନ୍ତେ, କଟକଣା ଜାରି କରାଯିବ କିମ୍ବା ସୀମିତ କରାଯିବ ।]

---

[1] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 6ଦ୍ୱାରା ସନ୍ନିବେଶିତ (1-2-1977 ଠାରୁ କାର୍ଯ୍ୟକାରୀ)

[2] ସମ୍ବିଧାନ (50ତମ ସଂଶୋଧନ) ଅଧିନିୟମ, 1984, ଧାରା 33 ପାଇଁ ଧାରା 2ଦ୍ୱାରା ପ୍ରତିସ୍ଥାପିତ (11-9-1984ଠାରୁ କାର୍ଯ୍ୟକାରୀ) ।

**34. କୌଣସି ସ୍ଥାନରେ ସାମରିକ ଆଇନ ବଳବତ୍ତର ଥିବା ସମୟରେ, ଏହି ଭାଗଦ୍ୱାରା ପ୍ରଦତ୍ତ ଅଧିକାର ଉପରେ କଟକଣା—** ପୂର୍ବରୁ ଉଲ୍ଲେଖ ଥିବା ବ୍ୟବସ୍ଥାରେ ଯାହାକିଛି ବ୍ୟବସ୍ଥା ଥିବା ସତ୍ତ୍ୱେ, କେନ୍ଦ୍ର କିମ୍ବା କୌଣସି ରାଜ୍ୟର ସେବାରେ ନିଯୁକ୍ତ ଥିବା କୌଣସି ବ୍ୟକ୍ତିଙ୍କଦ୍ୱାରା, ଭାରତୀୟ ଅଞ୍ଚଳର କୌଣସି ଅଞ୍ଚଳରେ, ଯେଉଁଠାରେ ସାମରିକ ଆଇନ ବଳବତ୍ତର ଅଛି, ସେପରି ସ୍ଥାନରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ନିମନ୍ତେ ହୋଇଥିବା କୌଣସି କାର୍ଯ୍ୟକୁ ସଂସଦ ଆଇନ ବଳରେ କ୍ଷମଣୀୟ କରିପାରନ୍ତି କିମ୍ବା ଏପରି ଅଞ୍ଚଳରେ ସାମରିକ ଆଇନ ଅନୁଯାୟୀ କରାଯାଇଥିବା କୌଣସି କାର୍ଯ୍ୟ ବାଜ୍ୟାପ୍ତି ଆଦେଶ ପ୍ରଦାନ କରାଯାଇଥିବା ଦଣ୍ଡକୁ ବୈଧ କରିପାରନ୍ତି ।

**35. ଏହି ଭାଗର ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ନିମନ୍ତେ ବିଧାନ—** ଏହି ସମ୍ବିଧାନରେ ଯାହାକିଛି ବ୍ୟବସ୍ଥା ଥିବା ସତ୍ତ୍ୱେ,—

(*a*) ଆଇନ ପ୍ରଣୟନ କରିବା ନିମନ୍ତେ ସଂସଦର କ୍ଷମତା ରହିବ ଏବଂ କୌଣସି ରାଜ୍ୟ ବିଧାନସଭାର କ୍ଷମତା ରହିବ ନାହିଁ—

(*i*) ସଂସଦଦ୍ୱାରା ପ୍ରଣୀତ ଆଇନର ବ୍ୟବସ୍ଥା ଅନୁଯାୟୀ, ଅନୁଚ୍ଛେଦ 16ର ଖଣ୍ଡ (3);ଅନୁଚ୍ଛେଦ 32ର ଖଣ୍ଡ (3) ଏବଂ ଅନୁଚ୍ଛେଦ 33 ଏବଂ 34ର ଅନୁଯାୟୀ କୌଣସି କାର୍ଯ୍ୟ; ଏବଂ

(*ii*) ଏହି ଭାଗ ଅନୁଯାୟୀ, ଅପରାଧ ବୋଲି ଘୋଷିତ କୌଣସି କାର୍ଯ୍ୟ ନିମନ୍ତେ ଦଣ୍ଡ ଧାର୍ଯ୍ୟ କରିବା,

ଏବଂ ସଂସଦ, ଏହି ସମ୍ବିଧାନ ପ୍ରଚଳନ ପରେ ପରେ, ଉପଖଣ୍ଡ(2)ରେ ଉଲ୍ଲେଖ କରାଯାଇଥିବା କାର୍ଯ୍ୟ ପାଇଁ ଦଣ୍ଡ ଧାର୍ଯ୍ୟ କରିବାକୁ ଆଇନ ପ୍ରଣୟନ କରିବେ;

(*b*) ଖଣ୍ଡ (*a*)ର ଉପଖଣ୍ଡ(*i*)ରେ ଉଲ୍ଲେଖ କରାଯାଇଥିବା କୌଣସି ବିଷୟ ସମ୍ବନ୍ଧରେ କିମ୍ବା ଉକ୍ତ ଅନୁଚ୍ଛେଦର, ଉପଖଣ୍ଡ (*ii*)ରେ ଉଲ୍ଲେଖ କରାଯାଇଥିବା କୌଣସି କାର୍ଯ୍ୟ ନିମନ୍ତେ ଦଣ୍ଡ ବ୍ୟବସ୍ଥା କରିବା ନିମନ୍ତେ, ଭାରତୀୟ ଅଞ୍ଚଳରେ, ଏହି ସମ୍ବିଧାନ ପ୍ରଚଳନ ଠିକ୍ ପୂର୍ବରୁ ବଳବତ୍ତର ଥିବା କୌଣସି ଆଇନ, ଅନୁଚ୍ଛେଦ 372 ଅନୁଯାୟୀ ସେଗୁଡ଼ିକର ସର୍ତ୍ତାବଳୀ କିମ୍ବା କୌଣସି ସଂଶୋଧନର, ନିୟନ୍ତ୍ରଣାଧୀନରେ, ଯେ ପର୍ଯ୍ୟନ୍ତ ସଂସଦଦ୍ୱାରା ପରିବର୍ତ୍ତିତ କିମ୍ବା ରଦ୍ଦ କିମ୍ବା ସଂଶୋଧନ ନହୋଇଛି, ସେପର୍ଯ୍ୟନ୍ତ ବଳବତ୍ତର ରହିବ ।

*ସ୍ପଷ୍ଟୀକରଣ—* ଏହି ଅନୁଚ୍ଛେଦରେ, ଉକ୍ତ "ବଳବତ୍ତର ଆଇନ" ଅର୍ଥ ଅନୁଚ୍ଛେଦ 372ରେ ଥିବା ଅର୍ଥ ସହିତ ସମାନ ।

# ଭାଗ 4

## ରାଜ୍ୟନୀତିର ନିର୍ଦ୍ଦେଶାତ୍ମକ ସିଦ୍ଧାନ୍ତ

**36. ପରିଭାଷା**— ଏହି ଭାଗରେ, ଯଦି ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁନଥାଏ, "ରାଜ୍ୟ" ଅର୍ଥ ଭାଗ (3)ରେ ଥିବା ଅର୍ଥ ସହ ସମାନ ।

**37. ଏହି ଭାଗରେ ଥିବା ସିଦ୍ଧାନ୍ତଗୁଡ଼ିକର ପ୍ରୟୋଗ—** ଏହି ଭାଗରେ ଥିବା ବ୍ୟବସ୍ଥା, କୌଣସି ନ୍ୟାୟାଳୟଦ୍ୱାରା କାର୍ଯ୍ୟକାରୀ କରାଯାଇପାରିବ ନାହିଁ, କିନ୍ତୁ ସେଥିରେ ଉଲ୍ଲେଖ ଥିବା ସିଦ୍ଧାନ୍ତଗୁଡ଼ିକ, ଦେଶର ଶାସନ ନିମନ୍ତେ ମୌଳିକ ଅଟେ ଏବଂ ଏହି ସିଦ୍ଧାନ୍ତଗୁଡ଼ିକୁ ପ୍ରୟୋଗ କରି ଆଇନ ପ୍ରଣୟନ କରିବା ହେଉଛି ରାଜ୍ୟର କର୍ତ୍ତବ୍ୟ ।

**38. ଲୋକ କଲ୍ୟାଣ ସାଧନରେ ଉନ୍ନତି ଆଣିବା ପାଇଁ ରାଜ୍ୟ ସାମାଜିକ ବ୍ୟବସ୍ଥାକୁ ସୁରକ୍ଷିତ ରଖିବ—** [1][(1)] ରାଜ୍ୟ, ଜାତୀୟ ଜୀବନର ସମସ୍ତ କ୍ଷେତ୍ରରେ ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ନ୍ୟାୟସମ୍ମତ ଏକ ସାମାଜିକ ଶୃଙ୍ଖଳାକୁ ଦୃଢ଼ଭାବେ ଅପରିବର୍ତ୍ତିତ ରଖି, ଲୋକମାନଙ୍କର ମଙ୍ଗଳ ନିମନ୍ତେ ଚେଷ୍ଟା କରିବ ।

[2][(2) ରାଜ୍ୟ, ବିଶେଷକରି ଆୟରେ ଥିବା ଅସମାନତାକୁ ହ୍ରାସ କରିବା ନିମନ୍ତେ ଏବଂ ବିଭିନ୍ନ ବ୍ୟକ୍ତି ତଥା ଗୋଷ୍ଠୀ ମଧ୍ୟରେ ସ୍ଥିତି, ସୁବିଧା ଏବଂ ସୁଯୋଗ ଜନିତ ଅସମାନତାକୁ ଏବଂ ବିଭିନ୍ନ ବୃତ୍ତିରେ ନିଯୁକ୍ତ ଥିବା ତଥା ବିଭିନ୍ନ ସ୍ଥଳ ବିଶେଷରେ ରହୁଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଥିବା ଅସମାନତାକୁ, ଯଥାସମ୍ଭବ ଦୂର କରିବା ନିମନ୍ତେ ଚେଷ୍ଟା କରିବ ।]

**39. ରାଜ୍ୟଦ୍ୱାରା କେତେକ ନିର୍ଦ୍ଦିଷ୍ଟ ନୀତିନିୟମକୁ ଅନୁସରଣ କରାଯିବ—** ନିମ୍ନଲିଖିତ ବିଷୟ ଆହରଣ କରିବା ପାଇଁ ରାଜ୍ୟ ନିର୍ଦ୍ଦିଷ୍ଟଭାବେ, ନିଜର ନୀତିକୁ ନିର୍ଦ୍ଦେଶିତ କରିବ—

(*a*) ନାଗରିକ, ପୁରୁଷ ଓ ମହିଳାଙ୍କ ସମାନଭାବେ ଯଥାର୍ଥ ଜୀବିକା ଉପାର୍ଜନ କରିବାର ଅଧିକାର ରହିବ;

(*b*) ସର୍ବସାଧାରଣଙ୍କ କଲ୍ୟାଣ ସାଧନ ଉଦ୍ଦେଶ୍ୟରେ ଜାତୀୟ ସମ୍ବଳର ମାଲିକାନା ସର୍ତ୍ତ ଏବଂ ନିୟନ୍ତ୍ରଣକୁ, ଉତ୍ତମଭାବେ ବିତରଣ କରାଯାଇଥିବ;

(*c*) ଅର୍ଥନୈତିକ ପଦ୍ଧତିର ପରିଚାଳନା ଏପରିଭାବେ କରାଯିବ ଯେ, ତାହା ଧନ ଏବଂ ଉତ୍ପାଦନର ମାଧ୍ୟମକୁ ଏକତ୍ରୀକରଣ କରୁନଥିବ, ଯାହାକି ସାଧାରଣ ହିତର ବିରୁଦ୍ଧାଚରଣ କରିବ;

(*d*) ଉଭୟ ପୁରୁଷ ଏବଂ ମହିଳାମାନଙ୍କର ସମାନ କାର୍ଯ୍ୟ ନିମନ୍ତେ ସମାନ ବେତନ ଉପଲବ୍ଧ ହେବ;

(*e*) ପୁରୁଷ ଏବଂ ମହିଳା ଶ୍ରମିକ ତଥା କୋମଳମତି ଶିଶୁମାନଙ୍କର ସ୍ୱାସ୍ଥ୍ୟ ଏବଂ ଶକ୍ତିର ଦୁରୁପଯୋଗ କରାଯିବ ନାହିଁ ଏବଂ ଯାହା ସେମାନଙ୍କର ବୟସ କିମ୍ବା ବ୍ୟକ୍ତି ପ୍ରତି ଅନୁପଯୁକ୍ତ, ସେପରି କାର୍ଯ୍ୟରେ ଅର୍ଥନୈତିକ ଆବଶ୍ୟକତା ଯୋଗୁଁ ଯୋଗଦାନ କରିବା ନିମନ୍ତେ, ସେମାନଙ୍କୁ ବାଧ କରାଯିବ ନାହିଁ;

---

[1] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 9ଦ୍ୱାରା ଅନୁଚ୍ଛେଦ 38କୁ ଖଣ୍ଡ (1) ଭାବରେ ପୁନଃସଂଖ୍ୟାଙ୍କିତ କରାଯାଇଛି (20-6-1979 ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 9ଦ୍ୱାରା ସନ୍ନିବେଶିତ (20-6-1979ଠାରୁ କାର୍ଯ୍ୟକାରୀ)

[1][(*f*) ଏକ ସୁସ୍ଥ ବାତାବରଣରେ ଏବଂ ସ୍ୱାଧିନ ତଥା ସମ୍ମାନର ସହିତ ଉନ୍ନତି ଲାଭ କରିବାକୁ ଶିଶୁମାନଙ୍କୁ ସମସ୍ତ ପ୍ରକାର ସୁବିଧା ଏବଂ ସୁଯୋଗ ପ୍ରଦାନ କରାଯିବ ଏବଂ ଶିଶୁ ଓ ଯୁବକମାନଙ୍କୁ ଶୋଷଣ ତଥା ନୈତିକ ଏବଂ ବସ୍ତୁବାଦ ପରିତ୍ୟାଗ ବିରୁଦ୍ଧରେ ରକ୍ଷା କରାଯିବ ।]

[2]**[39A. ସମାନ ନ୍ୟାୟ ଏବଂ ମାଗଣା ଆଇନ ସହାୟତା**— ଆଇନ ପଦ୍ଧତି ପରିଚାଳନା ଯେପରି ସମାନ ସୁଯୋଗ ଏବଂ ସମାନ ନ୍ୟାୟ ପ୍ରଦାନ କରେ ଏବଂ ନିର୍ଦ୍ଦିଷ୍ଟଭାବେ ଉପଯୁକ୍ତ ଆଇନ କିମ୍ବା ଯୋଜନା ପ୍ରଣୟନଦ୍ୱାରା, ମାଗଣାରେ ଆଇନ ସହାୟତା ପ୍ରଦାନ କରିବାକୁ, ରାଜ୍ୟ ସୁରକ୍ଷିତ କରିବେ ଏବଂ ଯେପରି ଅର୍ଥନୈତିକ କିମ୍ବା ଅନ୍ୟ କୌଣସି ଅସୁବିଧା ଯୋଗୁଁ କୌଣସି ନାଗରିକ ଉପଯୁକ୍ତ ନ୍ୟାୟରୁ ବଞ୍ଚିତ ନହୁଅନ୍ତୁ, ତାହା ନିଶ୍ଚିତ କରିବେ ।]

**40. ଗ୍ରାମ ପଞ୍ଚାୟତ ସଂଗଠନ**— ଗ୍ରାମ ପଞ୍ଚାୟତଗୁଡ଼ିକୁ ସଂଗଠନ କରିବା ନିମନ୍ତେ, ରାଜ୍ୟ ପଦକ୍ଷେପ ଗ୍ରହଣ କରିବ ଏବଂ ସେଗୁଡ଼ିକୁ ଏପରି କ୍ଷମତା ଏବଂ ଅଧିକାର ପ୍ରଦାନ କରିବ ଯାହାଦ୍ୱାରା ସେଗୁଡ଼ିକ ଏକ ସ୍ୱୟଂଶାସିତ ସଂସ୍ଥାଭାବେ କାର୍ଯ୍ୟ କରିବା ନିମନ୍ତେ ସକ୍ଷମ ହେବ ।

**41. କେତେକ ପରିସ୍ଥିତିରେ କାର୍ଯ୍ୟ, ଶିକ୍ଷା ଏବଂ ଜନ ସହାୟତା ପାଇବା ନିମନ୍ତେ ଅଧିକାର**— ରାଜ୍ୟ ଏହାର ଆର୍ଥିକ ସାମର୍ଥ୍ୟ ଓ ଉନ୍ନତି ମଧ୍ୟରେ ରହି ବେକାରୀ, ବୃଦ୍ଧାବସ୍ଥା, ରୋଗାବସ୍ଥା ଓ ଅସମର୍ଥତା ଏବଂ ଅନ୍ୟ ଅଭାବ କ୍ଷେତ୍ରରେ, କାର୍ଯ୍ୟ କରିବା, ଶିକ୍ଷା ପ୍ରଦାନ କରିବା ଏବଂ ସରକାରୀ ସହାୟତା ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବ ।

**42. ଉପଯୁକ୍ତ କାର୍ଯ୍ୟ କରିବା ତଥା ସହୃଦୟ ପରିସ୍ଥିତି ଏବଂ ମାତୃତ୍ୱ ସାହାଯ୍ୟ ନିମନ୍ତେ ବ୍ୟବସ୍ଥା**— କାର୍ଯ୍ୟ କରିବା ନିମନ୍ତେ ଉପଯୁକ୍ତ ଏବଂ ସହୃଦୟ ପରିସ୍ଥିତି ଏବଂ ମାତୃତ୍ୱ ଜନିତ ସାହାଯ୍ୟ ଯୋଗାଇ ଦେବା ନିମନ୍ତେ ରାଜ୍ୟ ବ୍ୟବସ୍ଥା କରିବ ।

**43. ଶ୍ରମିକମାନଙ୍କ ଜୀବିକାଧାରଣ ପାଇଁ ବେତନ ବା ଇତ୍ୟାଦି**— ଉପଯୁକ୍ତ ଆଇନ ପ୍ରଣୟନଦ୍ୱାରା କିମ୍ବା ଅର୍ଥନୈତିକ ସଙ୍ଗଠନଦ୍ୱାରା କିମ୍ବା ଅନ୍ୟ କୌଣସି ଉପାୟଦ୍ୱାରା, ସମସ୍ତ କୃଷି, ଶିଳ୍ପ କିମ୍ବା ଅନ୍ୟ ଶ୍ରମିକମାନଙ୍କ ନିମନ୍ତେ ଏକ ଜୀବିକାଧାରଣ ବେତନ, କାର୍ଯ୍ୟ କରିବାର ଉପଯୁକ୍ତ ପରିସ୍ଥିତି ତଥା ଉନ୍ନତମାନର ଜୀବନଧାରଣ ଏବଂ ଅବସର ବିନିଯୋଗ ସୁଯୋଗ ଏବଂ ସାମାଜିକ ଓ ସାଂସ୍କୃତିକ ସୁଯୋଗ, ରାଜ୍ୟ ଯୋଗାଇ ଦେବା ନିମନ୍ତେ ଚେଷ୍ଟା କରିବ ଏବଂ ନିର୍ଦ୍ଦିଷ୍ଟ ଭାବେ ଗ୍ରାମାଞ୍ଚଳରେ ବ୍ୟକ୍ତିଗତ କିମ୍ବା ସମବାୟ ଭିତ୍ତିରେ, କୁଟୀର ଶିଳ୍ପର ଉନ୍ନତି ନିମନ୍ତେ ପ୍ରୟାସ କରିବ ।

[3]**[43A. ଶିଳ୍ପ ପରିଚାଳନାରେ ଶ୍ରମିକମାନଙ୍କର ଅଂଶଗ୍ରହଣ**— ରାଜ୍ୟ, ଉଚିତ ଆଇନ କିମ୍ବା ଅନ୍ୟ ଯେକୌଣସି ପଦକ୍ଷେପ ଗ୍ରହଣ କରି, କୌଣସି ଶିଳ୍ପ, ସଂସ୍ଥା କିମ୍ବା ଅନ୍ୟ ସଙ୍ଗଠନର ପରିଚାଳନାରେ ଶ୍ରମିକମାନଙ୍କର ଅଂଶଗ୍ରହଣ ସୁନିଶ୍ଚିତ କରିବ ।]

---

[1] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 7, ଖଣ୍ଡ (*f*) ପାଇଁ ପ୍ରତିସ୍ଥାପିତ (3-1-1977ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 8ଦ୍ୱାରା ସନ୍ନିବେଶିତ (3-1-1977ଠାରୁ କାର୍ଯ୍ୟକାରୀ) ।

[3] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 9ଦ୍ୱାରା ସନ୍ନିବେଶିତ (3-1-1977ଠାରୁ କାର୍ଯ୍ୟକାରୀ) ।

[1][**43B. ସମବାୟ ସମିତିଗୁଡ଼ିକର ପ୍ରୋତ୍ସାହନ—** ରାଜ୍ୟ, ସମବାୟ ସମିତିଗୁଡ଼ିକର ସ୍ୱେଚ୍ଛାକୃତ ଗଠନ, ସ୍ୱୟଂଶାସିତ କାର୍ଯ୍ୟକାରିତା, ଗଣତାନ୍ତ୍ରିକ ନିୟନ୍ତ୍ରଣ ଏବଂ ବୃତ୍ତିଗତ ପରିଚାଳନାକୁ ପ୍ରୋତ୍ସାହିତ କରିବାକୁ ପ୍ରୟାସ କରିବ ।]

**44. ନାଗରିକମାନଙ୍କ ନିମନ୍ତେ ସମାନ ନାଗରିକ ସଂହିତା—** ରାଷ୍ଟ୍ର, ସମଗ୍ର ଭାରତୀୟ ଅଞ୍ଚଳର କ୍ଷେତ୍ରରେ ନାଗରିକମାନଙ୍କ ନିମନ୍ତେ ଏକ ସମାନ ନାଗରିକ ସଂହିତା ଉପଲବ୍ଧ କରାଇବା ନିମନ୍ତେ ପ୍ରୟାସ କରିବ ।

[2][**45. ଛଅ ବର୍ଷରୁ କମ୍ ଶିଶୁମାନଙ୍କୁ ପ୍ରାରମ୍ଭିକ ବାଲ୍ୟକାଳୀନ ଯତ୍ନ ଏବଂ ଶିକ୍ଷାର ବ୍ୟବସ୍ଥା—** ଛଅ ବର୍ଷ ପୂରଣ ହେବା ପର୍ଯ୍ୟନ୍ତ ସମସ୍ତ ଶିଶୁମାନଙ୍କୁ ପ୍ରାରମ୍ଭିକ ବାଲ୍ୟକାଳୀନ ଯତ୍ନ ତଥା ଶିକ୍ଷା ଯୋଗାଇ ଦେବାକୁ ରାଜ୍ୟ ପ୍ରୟାସ କରିବ ।]

**46. ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ଅନ୍ୟ ଦୁର୍ବଳ ଶ୍ରେଣୀ ନାଗରିକମାନଙ୍କର ଶିକ୍ଷାଗତ ଏବଂ ଅର୍ଥନୈତିକ ସ୍ୱାର୍ଥର ଉନ୍ନତି—** ରାଜ୍ୟ, ବିଶେଷ ଯତ୍ନର ସହିତ ଦୁର୍ବଳ ଶ୍ରେଣୀ ଲୋକମାନଙ୍କର ଶିକ୍ଷା ଏବଂ ଅର୍ଥନୈତିକ ହିତକୁ ଏବଂ ନିର୍ଦ୍ଦିଷ୍ଟଭାବେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତିର ଲୋକମାନଙ୍କର ଶିକ୍ଷା ଏବଂ ଅର୍ଥନୈତିକ ହିତର ଉନ୍ନତି ଏବଂ ସାମାଜିକ ଅନ୍ୟାୟ ଏବଂ ସମସ୍ତ ପ୍ରକାର ଶୋଷଣରୁ ସେମାନଙ୍କୁ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ପ୍ରୟାସ କରିବ ।

**47. ପୌଷ୍ଟିକତା ଏବଂ ଉନ୍ନତ ଜୀବନ ଧାରଣର ମାନ ଏବଂ ସର୍ବସାଧାରଣ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ହେଉଛି ରାଜ୍ୟର କର୍ତ୍ତବ୍ୟ—** ରାଜ୍ୟ ତାହାର ପୌଷ୍ଟିକତାର ମାନ ବୃଦ୍ଧି କରିବା ଏବଂ ଏହାର ଲୋକମାନଙ୍କର ଜୀବନଧାରଣର ମାନକୁ ଉନ୍ନତି କରିବା ଏବଂ ସର୍ବସାଧାରଣ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାକୁ ପ୍ରାଥମିକ କର୍ତ୍ତବ୍ୟ ବୋଲି ବିବେଚନା କରିବ ଏବଂ ନିର୍ଦ୍ଦିଷ୍ଟ ଭାବେ, କେବଳ ଚିକିତ୍ସା ସମ୍ବନ୍ଧୀୟ ଉଦ୍ଦେଶ୍ୟ ବ୍ୟତୀତ ଅନ୍ୟ କୌଣସି ଉଦ୍ଦେଶ୍ୟରେ ମାଦକ ଦ୍ରବ୍ୟର ବ୍ୟବହାରକୁ ନିଷେଧ କରିବ ।

**48. କୃଷି ଏବଂ ପଶୁପାଳନକୁ ସଂଗଠିତ କରିବା—** ରାଜ୍ୟ, କୃଷି ଏବଂ ପଶୁପାଳନକୁ ଆଧୁନିକ ଏବଂ ବୈଜ୍ଞାନିକ ପଦ୍ଧତିରେ ସଙ୍ଗଠିତ କରିବା ନିମନ୍ତେ ଚେଷ୍ଟା କରିବ ଏବଂ ନିର୍ଦ୍ଦିଷ୍ଟଭାବେ ବଂଶ ବୃଦ୍ଧି ନିମନ୍ତେ ଉତ୍ପାଦନ ଓ ସଂରକ୍ଷଣ ଏବଂ ଗାଈ ତଥା ବାଛୁରୀମାନଙ୍କ ତଥା ଅନ୍ୟ ଦୁଧିଆଳୀ କିମ୍ବା ଜରାଜୀର୍ଣ୍ଣ ଗୋମହିଷାଦି ପଶୁଙ୍କର ହତ୍ୟାକୁ ନିଷେଧ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବେ ।

[3][**48A. ପରିବେଶକୁ ଉନ୍ନତ ଏବଂ ସୁରକ୍ଷିତ ରଖିବା ଏବଂ ବଣଜଙ୍ଗଲ ଏବଂ ବନ୍ୟପ୍ରାଣୀଙ୍କୁ ସୁରକ୍ଷିତ ରଖିବା—** ରାଜ୍ୟ, ପରିବେଶକୁ ସୁରକ୍ଷିତ ଏବଂ ତା'ର ଉନ୍ନତି ପାଇଁ ପ୍ରୟାସ କରିବ ଏବଂ ଦେଶର ବଣଜଙ୍ଗଲ ଏବଂ ବନ୍ୟପ୍ରାଣୀଙ୍କୁ ସୁରକ୍ଷିତ ରଖିବ ।]

---

[1] ସମ୍ବିଧାନ (97ତମ ସଂଶୋଧନ) ଅଧିନିୟମ, 2011, ଧାରା 3ଦ୍ୱାରା ସନ୍ନିବେଶିତ (15-2-2012ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (86ତମ ସଂଶୋଧନ) ଅଧିନିୟମ, 2002, ଧାରା 3ଦ୍ୱାରା ଅନୁଚ୍ଛେଦ 45 ପାଇଁ ପ୍ରତିସ୍ଥାପିତ (1-4-2010ଠାରୁ କାର୍ଯ୍ୟକାରୀ) ।

[3] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 10ଦ୍ୱାରା ସନ୍ନିବେଶିତ (3-1-1977 ଠାରୁ କାର୍ଯ୍ୟକାରୀ)

**49. ଜାତୀୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଏବଂ ବସ୍ତୁ ତଥା କୀର୍ତ୍ତି ସ୍ତମ୍ଭଗୁଡ଼ିକର ସୁରକ୍ଷା—** ରାଜ୍ୟର ଦାୟିତ୍ୱ ହେବ ଯେ ପ୍ରତ୍ୟେକ କୀର୍ତ୍ତିରାଜି କିମ୍ବା ସ୍ଥାନ କିମ୍ବା କାରୁକାର୍ଯ୍ୟପୂର୍ଣ୍ଣ କିମ୍ବା ଐତିହାସିକ ହିତ, ଯାହାକି [1][ସଂସଦଦ୍ୱାରା ପ୍ରସ୍ତୁତ କୌଣସି ଆଇନ ଅନୁଯାୟୀ] ଏକ ଜାତୀୟ ଗୁରତ୍ୱପୂର୍ଣ୍ଣ ସ୍ଥାନଭାବେ ଘୋଷିତ କରାଯାଇଛି; ସେଗୁଡ଼ିକୁ ନଷ୍ଟ, ବିକୃତ, ଧ୍ୱଂସ, ଅପସାରଣ, ନିଷ୍କାସନ, ରପ୍ତାନି କରିବାରୁ, ସେଗୁଡ଼ିକୁ ସୁରକ୍ଷା ଦେବା ।

**50. ପ୍ରଶାସନରୁ ନ୍ୟାୟପାଳିକାର ପୃଥକୀକରଣ—** ରାଜ୍ୟ ଲୋକସେବାରେ ପ୍ରଶାସନରୁ ନ୍ୟାୟପାଳିକାକୁ ପୃଥକ କରିବା ନିମନ୍ତେ, ରାଷ୍ଟ୍ର ପଦକ୍ଷେପ ଗ୍ରହଣ କରିବ ।

**51. ଆନ୍ତର୍ଜାତିକ ଶାନ୍ତି ଏବଂ ନିରାପତ୍ତାର ପ୍ରୋତ୍ସାହନ—** ରାଷ୍ଟ୍ର ପ୍ରୟାସ କରିବ ଯେ—

(*a*) ଆନ୍ତର୍ଜାତିକ ଶାନ୍ତି ଏବଂ ନିରାପତ୍ତାର ଉନ୍ନତି ନିମନ୍ତେ;

(*b*) ଦେଶଗୁଡ଼ିକ ମଧ୍ୟରେ ନ୍ୟାୟୋଚିତ ଏବଂ ସମ୍ମାନଜନକ ସମ୍ପର୍କ ରକ୍ଷା କରିବା ନିମନ୍ତେ;

(*c*) ସଙ୍ଗଠିତ ବ୍ୟକ୍ତିମାନେ ପରସ୍ପର ମଧ୍ୟରେ ଓ ବ୍ୟବହାରରେ ଆନ୍ତର୍ଜାତିକ ଆଇନ ଏବଂ ଚୁକ୍ତିର ଦାୟିତ୍ୱଗୁଡ଼ିକ ପ୍ରତି ସମ୍ମାନ ବୃଦ୍ଧି କରିବେ; ଏବଂ

(*d*) ମଧ୍ୟସ୍ଥତାଦ୍ୱାରା ଆନ୍ତର୍ଜାତିକ ବିବାଦର ସମାଧାନକୁ ପ୍ରୋତ୍ସାହନ କରିବେ ।

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 27ଦ୍ୱାରା "ସଂସଦର ନିୟମଦ୍ୱାରା ଘୋଷିତ" ପାଇଁ ପ୍ରତିସ୍ଥାପିତ (1-11-1956 ଠାରୁ କାର୍ଯ୍ୟକାରୀ) ।

[1][ଭାଗ 4A

# ମୌଳିକ କର୍ତ୍ତବ୍ୟ

**51A. ମୌଳିକ କର୍ତ୍ତବ୍ୟ**— ଭାରତର ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ ହେବ ଯେ–

(*a*) ସମ୍ବିଧାନର ଆଦର୍ଶ ଏବଂ ଅନୁଷ୍ଠାନଗୁଡ଼ିକ ପ୍ରତି ଅନୁଗତ ରହିବା ଏବଂ ଜାତୀୟ ପତାକା ଏବଂ ଜାତୀୟ ସଙ୍ଗୀତକୁ ସମ୍ମାନ ପ୍ରଦର୍ଶନ କରିବା;

(*b*) ସ୍ୱାଧୀନତା ସଂଗ୍ରାମକୁ ପ୍ରେରଣା ଦେଇଥିବା ଉଚ୍ଚ ଆଦର୍ଶ ନୀତିକୁ ଅବଲମ୍ବନ ଏବଂ ଅନୁସରଣ କରିବା;

(*c*) ଭାରତର ସାର୍ବଭୌମତ୍ୱ, ଏକତା ଏବଂ ଅଖଣ୍ଡତାକୁ ସୁରକ୍ଷିତ ରଖିବା;

(*d*) ଦେଶକୁ ସୁରକ୍ଷିତ କରିବା ଏବଂ ଆବଶ୍ୟକ ଥିଲେ ଜାତୀୟ ସେବା ଯୋଗାଇବା;

(*e*) ଭିନ୍ନ ଧର୍ମ, ଭାଷାଗତ ଏବଂ ଆଞ୍ଚଳିକ କିମ୍ବା ଶ୍ରେଣୀଗତ ବିଭିନ୍ନତାର ଊର୍ଦ୍ଧ୍ୱରେ, ଭାରତର ସମସ୍ତ ବ୍ୟକ୍ତିଙ୍କ ମଧ୍ୟରେ ସମନ୍ୱୟ ଏବଂ ଭ୍ରାତୃତ୍ୱ ଭାବ ରକ୍ଷା କରିବା ଏବଂ ମହିଳାମାନଙ୍କର ମର୍ଯ୍ୟାଦାରେ ହାନି ଆଣୁଥିବା ଅଭ୍ୟାସଗୁଡ଼ିକ ପରିତ୍ୟାଗ କରିବା;

(*f*) ଆମର ମିଶ୍ରିତ ସଂସ୍କୃତିର ଉଚ୍ଚ ପରମ୍ପରାକୁ ସମ୍ମାନ ପ୍ରଦର୍ଶନ ଏବଂ ସଂରକ୍ଷିତ କରିବା;

(*g*) ପ୍ରାକୃତିକ ପରିବେଶ ତଥା ବଣଜଙ୍ଗଲ, ହ୍ରଦ, ନଦୀ ଓ ବନ୍ୟଜନ୍ତୁଙ୍କୁ ସୁରକ୍ଷିତ ରଖିବା ଏବଂ ଜୀବନ୍ତ ପ୍ରାଣୀମାନଙ୍କ ପ୍ରତି ଦୟା ପ୍ରଦର୍ଶନ କରିବା;

(*h*) ବୈଜ୍ଞାନିକ ମନୋବୃତ୍ତି, ମାନବିକତା, ତଦନ୍ତମୂଳକ ତଥା ସୁଧାର ମନୋଭାବ ବିକାଶ କରିବା;

(*i*) ସର୍ବସାଧାରଣ ସମ୍ପତ୍ତିକୁ ସୁରକ୍ଷା ପ୍ରଦାନ କରିବା ଏବଂ ହିଂସାକୁ ତ୍ୟାଗ କରିବା;

(*j*) ଦେଶ ଯେପରି ସ୍ଥିରଭାବେ ଉଚ୍ଚସ୍ତରର ପ୍ରୟାସ ଏବଂ ପ୍ରଗତି ଲାଭ କରେ, ସେଥି ନିମନ୍ତେ ପ୍ରତ୍ୟେକ ସ୍ତରରେ ବ୍ୟକ୍ତିଗତ ତଥା ସାମୂହିକ କାର୍ଯ୍ୟ କରିବା ନିମନ୍ତେ ପ୍ରୟାସ କରିବା;]

[2][(*k*) ଯଦି କୌଣସି ବ୍ୟକ୍ତି ପିତାମାତା କିମ୍ବା ଅଭିଭାବକ ହୋଇଥାନ୍ତି, ତେବେ ସେ ତାଙ୍କର ଛଅରୁ ଚଉଦ ବର୍ଷର ଶିଶୁକୁ ଯଥାସ୍ଥିତିରେ ଶିକ୍ଷାର ସୁଯୋଗ ପ୍ରଦାନ କରିବେ ।]

---

[1] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 11ଦ୍ୱାରା ସନ୍ନିବେଶିତ (3-1-1977 ଠାରୁ କାର୍ଯ୍ୟକାରୀ)

[2] ସମ୍ବିଧାନ (86ତମ ସଂଶୋଧନ) ଅଧିନିୟମ, 2002, ଧାରା 4ଦ୍ୱାରା ସନ୍ନିବେଶିତ (1-4-2010 ଠାରୁ କାର୍ଯ୍ୟକାରୀ)

# ଭାଗ 5

## କେନ୍ଦ୍ର

### ଅଧ୍ୟାୟ 1—କାର୍ଯ୍ୟପାଳିକା

*ରାଷ୍ଟ୍ରପତି ଏବଂ ଉପ-ରାଷ୍ଟ୍ରପତି*

**52. ଭାରତର ରାଷ୍ଟ୍ରପତି**— ଭାରତର ଜଣେ ରାଷ୍ଟ୍ରପତି ରହିବେ ।

**53. କେନ୍ଦ୍ରର କାର୍ଯ୍ୟପାଳିକା କ୍ଷମତା**— (1) କେନ୍ଦ୍ରର କାର୍ଯ୍ୟପାଳିକା କ୍ଷମତା ରାଷ୍ଟ୍ରପତିଙ୍କ ଉପରେ ନ୍ୟସ୍ତ ରହିବ ଏବଂ ସେ ପ୍ରତ୍ୟକ୍ଷଭାବେ କିମ୍ବା ତାଙ୍କ ଅଧସ୍ତନ କର୍ମଚାରୀଙ୍କଦ୍ୱାରା ଏହି ସମ୍ବିଧାନର ବ୍ୟବସ୍ଥାନୁଯାୟୀ ପରିଚାଳନା କରିବେ ।

(2) ଉପରୋକ୍ତ ବ୍ୟବସ୍ଥାରେ ସାଧାରଣ ଭାବେ କୌଣସି କ୍ଷତି ନପହଞ୍ଚାଇ, କେନ୍ଦ୍ରର ପ୍ରତିରକ୍ଷା ବାହିନୀର ସର୍ବୋଚ୍ଚ କ୍ଷମତା ରାଷ୍ଟ୍ରପତିଙ୍କ ଉପରେ ନ୍ୟସ୍ତ ରହିବ ଏବଂ ତା'ର ପରିଚାଳନା, ଆଇନଦ୍ୱାରା ନିୟନ୍ତ୍ରିତ କରାଯିବ ।

(3) ଏହି ଅନୁଚ୍ଛେଦର କୌଣସି ବ୍ୟବସ୍ଥା—

(*a*) କୌଣସି ପ୍ରଚଳିତ ଆଇନଦ୍ୱାରା କୌଣସି ରାଜ୍ୟ କିମ୍ବା ଅନ୍ୟ ଅଧିକାରୀଙ୍କ ଉପରେ ନ୍ୟସ୍ତ କରାଯାଇଥିବା କୌଣସି କାର୍ଯ୍ୟକୁ, ରାଷ୍ଟ୍ରପତିଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ଧରାଯିବ ନାହିଁ; କିମ୍ବା

(*b*) ରାଷ୍ଟ୍ରପତିଙ୍କ ବ୍ୟତୀତ ଅନ୍ୟ ଅଧିକାରୀଙ୍କ ଉପରେ ଆଇନଦ୍ୱାରା କୌଣସି କାର୍ଯ୍ୟ ନ୍ୟସ୍ତ କରିବା ନିମନ୍ତେ ସଂସଦକୁ ପ୍ରତିବନ୍ଧିତ କରିବ ନାହିଁ ।

**54. ରାଷ୍ଟ୍ରପତିଙ୍କ ନିର୍ବାଚନ—**ଏକ ନିର୍ବାଚନ ମଣ୍ଡଳୀର ସଦସ୍ୟମାନଙ୍କଦ୍ୱାରା ରାଷ୍ଟ୍ରପତି ନିର୍ବାଚିତ ହେବେ; ଯେଉଁଥିରେ—

(*a*) ସଂସଦର ଉଭୟ ସଦନର ନିର୍ବାଚିତ ସଦସ୍ୟ ରହିବେ; ଏବଂ

(*b*) ରାଜ୍ୟଗୁଡ଼ିକର ବିଧାନସଭାର ନିର୍ବାଚିତ ସଦସ୍ୟ ରହିବେ।

[1][*ସ୍ପଷ୍ଟୀକରଣ*— ଏହି ଅନୁଚ୍ଛେଦରେ ଏବଂ ଅନୁଚ୍ଛେଦ 55ରେ, "ରାଜ୍ୟ", ଦିଲ୍ଲୀ ଜାତୀୟ ରାଜଧାନୀ ଏବଂ କେନ୍ଦ୍ରଶାସିତ ଅଞ୍ଚଳ *ପୁଦୁଚେରୀକୁ ଅନ୍ତର୍ଭୁକ୍ତ କରେ ।]

**55. ରାଷ୍ଟ୍ରପତିଙ୍କ ନିର୍ବାଚନ ପଦ୍ଧତି-** (1) ଯଥାସମ୍ଭବ, ରାଷ୍ଟ୍ରପତିଙ୍କ ନିର୍ବାଚନରେ ବିଭିନ୍ନ ରାଜ୍ୟର ପ୍ରତିନିଧିତ୍ୱରେ, ସମାନତା ରହିବ ।

(2) ରାଜ୍ୟଗୁଡ଼ିକ ମଧ୍ୟରେ ଏପରି ସମାନତା ଉପଲବ୍ଧ କରିବା ଉଦ୍ଦେଶ୍ୟରେ ଏବଂ କେନ୍ଦ୍ର ତଥା ରାଜ୍ୟଗୁଡ଼ିକ ମଧ୍ୟରେ ସମାନତା ରକ୍ଷା କରିବା ଉଦ୍ଦେଶ୍ୟରେ, ସଂସଦର ନିର୍ବାଚିତ ସଦସ୍ୟ ତଥା ପ୍ରତ୍ୟେକ ରାଜ୍ୟର ବିଧାନସଭାର ନିର୍ବାଚିତ ସଦସ୍ୟମାନେ ଏପରି ନିର୍ବାଚନରେ କେତେ ସଂଖ୍ୟକ ମତଦାନ, ପ୍ରଦାନ କରିବା ନିମନ୍ତେ ଅଧିକାର ସମ୍ମତ, ତାହା ନିମ୍ନ ପଦ୍ଧତି ଅନୁଯାୟୀ ସ୍ଥିର କରାଯିବ:—

(*a*) କୌଣସି ରାଜ୍ୟ ବିଧାନସଭାର ପ୍ରତ୍ୟେକ ନିର୍ବାଚିତ ସଦସ୍ୟଙ୍କର ସେହି ପରିମାଣରେ ମତଦାନ ରହିବ, ଯେପରି ସମୁଦାୟ ରାଜ୍ୟର ଜନସଂଖ୍ୟାକୁ ସମୁଦାୟ ନିର୍ବାଚିତ ସଦସ୍ୟମାନଙ୍କ ସଂଖ୍ୟାଦ୍ୱାରା ଭାଗ କଲାପରେ, ଭାଗଫଳକୁ ପୁଣି ଏକହଜାରଦ୍ୱାରା ଭାଗ କଲେ ଯେଉଁ ନୂତନ ଭାଗଫଳ ମିଳିବ ତାହା ସେହି ରାଜ୍ୟ ବିଧାନସଭାର ପ୍ରତ୍ୟେକ ନିର୍ବାଚିତ ସଭ୍ୟଙ୍କର ମତଦାନ ସଂଖ୍ୟା ହେବ;

---

[1] ସମ୍ବିଧାନ (70ତମ ସଂଶୋଧନ) ଅଧିନିୟମ, 1992, ଧାରା 2ଦ୍ୱାରା ସନ୍ନିବେଶିତ (1-6-1995 ଠାରୁ କାର୍ଯ୍ୟକାରୀ)

* ପଣ୍ଡିଚେରୀ (ନାମ ପରିବର୍ତ୍ତନ) ଅଧିନିୟମ, 2006 (2006ର 44ନଂ), ଧାରା 3ଦ୍ୱାରା ଏବେ ପୁଦୁଚେରୀ ହୋଇଛି (1-10-2006ଠାରୁ କାର୍ଯ୍ୟକାରୀ) ।

(*b*) ଯଦି, ଏପରି ହଜାରର ଗୁଣିତକକୁ ଗ୍ରହଣ କଲାପରେ ଭାଗଶେଷ ପାଞ୍ଚଶହରୁ କମ୍ ହୋଇନଥାଏ, ତା'ହେଲେ ଉପଖଣ୍ଡ (*a*)ରେ ଉଲ୍ଲେଖ କରାଯାଇଥିବା ପ୍ରତ୍ୟେକ ସଦସ୍ୟଙ୍କ ମତଦାନ ସଂଖ୍ୟାକୁ ଅଧିକ ଏକ ମତଦାନ ସଂଖ୍ୟାକୁ ବୃଦ୍ଧି କରାଯିବ;

(*c*) ସଂସଦର କୌଣସି ସଦନର ପ୍ରତ୍ୟେକ ନିର୍ବାଚିତ ସଦସ୍ୟଙ୍କର ସେହି ପରିମାଣରେ ମତଦାନ ରହିବ, ଯେପରିକି ତାହାକୁ ଉପଖଣ୍ଡ (*a*) ଏବଂ (*b*) ଅନୁଯାୟୀ, ରାଜ୍ୟଗୁଡ଼ିକର ବିଧାନସଭାର ସଦସ୍ୟମାନଙ୍କୁ ନ୍ୟସ୍ତ କରାଯାଇଥିବା ସମୁଦାୟ ମତଦାନ ସଂଖ୍ୟାକୁ, ସଂସଦର ଉଭୟ ସଦନର ନିର୍ବାଚିତ ସଦସ୍ୟମାନଙ୍କ ସଂଖ୍ୟା ସହିତ ଭାଗ କରି ସ୍ଥିର କରାଯିବ ଏବଂ ଏପରି କରିବା ସମୟରେ ଏକାର୍ଦ୍ଧରୁ ଊର୍ଦ୍ଧ୍ୱ ଭଗ୍ନାଂଶକୁ ଏକ ବୋଲି ଧରି ନିଆଯିବ ଏବଂ ଅନ୍ୟ ଭଗ୍ନାଂଶ ଗଣତିକୁ ନିଆଯିବ ନାହିଁ ।

(3) ରାଷ୍ଟ୍ରପତିଙ୍କ ନିର୍ବାଚନ, ଆନୁପାତିକ ପ୍ରତିନିଧିତ୍ୱ ପଦ୍ଧତି, ଏକକ ହସ୍ତାନ୍ତରିତ ମତଦାନ ବ୍ୟବସ୍ଥା ଏବଂ ଗୁପ୍ତ ମତଦାନ ପ୍ରଦାନ ପଦ୍ଧତି ଅନୁଯାୟୀ କରାଯିବ ।

[1][*ସ୍ପଷ୍ଟୀକରଣ*— ଏହି ଅନୁଚ୍ଛେଦରେ, ଉକ୍ତ "ଜନସଖ୍ୟା"ର ଅର୍ଥ, ପୂର୍ବ ଜନଗଣନା ଅନୁଯାୟୀ ସ୍ଥିର କରାଯାଇଥିବା ଜନସଂଖ୍ୟା, ଯାହାର ଉପଯୁକ୍ତ ସଂଖ୍ୟା ପ୍ରକାଶ କରାଯାଇଥିବ:

କିନ୍ତୁ, ସ୍ପଷ୍ଟୀକରଣରେ ଯେଉଁ ପୂର୍ବ ଜନଗଣନା ଉଲ୍ଲେଖ କରାଯାଇଛି ଏବଂ ଯାହାର ସଂଖ୍ୟା ପ୍ରକାଶିତ ହୋଇଛି, ଏବଂ ଯେପର୍ଯ୍ୟନ୍ତ [2][2026] ମସିହା ପରେ ପ୍ରଥମ ଜନଗଣନା କରାନଯାଇଛି, ତାହାକୁ 1971ର ଜନଗଣନା ବୋଲି ଉଲ୍ଲେଖ କରାଯାଇଛି ଭାବେ ବ୍ୟାଖ୍ୟା କରାଯିବ ।]

**56. ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳ—** ରାଷ୍ଟ୍ରପତି ଯେଉଁ ତାରିଖରୁ ନିଜ କାର୍ଯ୍ୟଭାର ଗ୍ରହଣ କରିବେ, ସେହି ତାରିଖରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ସେ ତାଙ୍କ ଦାୟିତ୍ୱ ତୁଲାଇବେ:

କିନ୍ତୁ—

(*a*) ରାଷ୍ଟ୍ରପତି ତାଙ୍କ ହସ୍ତଲିଖିତ ପତ୍ର ଉପ-ରାଷ୍ଟ୍ରପତିଙ୍କୁ ସମ୍ବୋଧିତ କରି, ତାଙ୍କ ପଦରୁ ଇସ୍ତଫା ଦେଇପାରିବେ;

(*b*) ରାଷ୍ଟ୍ରପତି ସମ୍ବିଧାନ ଉଲ୍ଲଙ୍ଘନ କରିଥିଲେ, ଅନୁଚ୍ଛେଦ-61ର ବ୍ୟବସ୍ଥା ଅନୁଯାୟୀ ମହାଭିଯୋଗ ପ୍ରସ୍ତାବଦ୍ୱାରା ତାଙ୍କୁ ବହିଷ୍କାର କରାଯାଇପାରେ;

(*c*) ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳ ସମାପ୍ତ ହେବା ପରେ ମଧ୍ୟ, ତାଙ୍କର ଉତ୍ତରାଧିକାରୀ କାର୍ଯ୍ୟଭାର ଗ୍ରହଣ ନକରିବା ପର୍ଯ୍ୟନ୍ତ ତାଙ୍କର କାର୍ଯ୍ୟ ତୁଲାଇବେ ।

(2) ଖଣ୍ଡ (1)ର ନିୟମର ଖଣ୍ଡ (*a*) ଅନୁଯାୟୀ ଉପ-ରାଷ୍ଟ୍ରପତିଙ୍କୁ ସମ୍ବୋଧିତ କରାଯାଇଥିବା କୌଣସି ଇସ୍ତଫାକୁ ସେ ତୁରନ୍ତ ଲୋକସଭାର ବାଚସ୍ପତିଙ୍କୁ ଜଣାଇବେ ।

---

[1] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 12 ଦ୍ୱାରା *ସ୍ପଷ୍ଟୀକରଣ* ପାଇଁ ପ୍ରତିସ୍ଥାପିତ (3-1-1977 ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (84ତମ ସଂଶୋଧନ) ଅଧିନିୟମ, 2001, ଧାରା 2ଦ୍ୱାରା "2000" ପାଇଁ ପ୍ରତିସ୍ଥାପିତ (21-2-2002ଠାରୁ କାର୍ଯ୍ୟକାରୀ) ।

**57. ପୁନଃ ନିର୍ବାଚନ ନିମନ୍ତେ ଯୋଗ୍ୟତା—** ଯଦି କୌଣସି ବ୍ୟକ୍ତି ରାଷ୍ଟ୍ରପତିଙ୍କ କାର୍ଯ୍ୟଭାର ଧାରଣ କରିଥାନ୍ତି କିମ୍ବା ପୂର୍ବରୁ ଧାରଣ କରିଥିଲେ, ସେ, ଏହି ସମ୍ବିଧାନର ଅନ୍ୟ ବ୍ୟବସ୍ଥା ଅନୁସାରେ, ଉକ୍ତ କାର୍ଯ୍ୟାଳୟକୁ ପୁନର୍ବାର ନିର୍ବାଚିତ ହେବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ।

**58. ରାଷ୍ଟ୍ରପତିଭାବେ ନିର୍ବାଚିତ ହେବା ନିମନ୍ତେ ଯୋଗ୍ୟତା**— (1) କୌଣସି ବ୍ୟକ୍ତି ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ନାହିଁ, ଯଦି ସେ—

(*a*) ଭାରତର ଜଣେ ନାଗରିକ ହୋଇନଥାନ୍ତି;

(*b*) ପଞ୍ଚତିରିଶ ବର୍ଷ ବୟସ ପୂର୍ଣ୍ଣ ହୋଇନଥାଏ; ଏବଂ

(*c*) ଲୋକସଭାର ସଦସ୍ୟଭାବେ ନିର୍ବାଚିତ ହେବା ନିମନ୍ତେ ଯୋଗ୍ୟ ନୁହଁନ୍ତି ।

(2) କୌଣସି ବ୍ୟକ୍ତି ରାଷ୍ଟ୍ରପତିଭାବେ ନିର୍ବାଚିତ ହେବାକୁ ଯୋଗ୍ୟ ବିବେଚିତ ହେବେ ନାହିଁ, ଯଦି ସେ ଭାରତ ସରକାରଙ୍କ ଅଧୀନରେ କିମ୍ବା କୌଣସି ରାଜ୍ୟ ସରକାରଙ୍କ ଅଧୀନରେ କିମ୍ବା ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଅନ୍ୟ କୌଣସି ସ୍ଥାନୀୟ କିମ୍ବା ଅନ୍ୟ ଅଧିକାରୀଙ୍କ ଅଧୀନରେ, କୌଣସି ଲାଭଜନକ ପଦବୀ ଗ୍ରହଣ କରିଥାଆନ୍ତି ।

*ସ୍ପଷ୍ଟୀକରଣ*— ଏହି ଅନୁଚ୍ଛେଦ ଉଦ୍ଦେଶ୍ୟରେ, କେବଳ ସେ କେନ୍ଦ୍ରର ରାଷ୍ଟ୍ରପତି କିମ୍ବା ଉପ-ରାଷ୍ଟ୍ରପତି କିମ୍ବା କୌଣସି ରାଜ୍ୟର ରାଜ୍ୟପାଳ[1] ପଦବୀରେ ଅବସ୍ଥାପିତ କାରଣ ଯୋଗୁଁ କିମ୍ବା କେନ୍ଦ୍ରର କିମ୍ବା ରାଜ୍ୟର କୌଣସି ମନ୍ତ୍ରୀ ଥିବା କାରଣ ଯୋଗୁଁ ଏକ ଲାଭଜନକ କାର୍ଯ୍ୟାଳୟ ଧାରଣ କରୁଛନ୍ତି ବୋଲି ଧରାଯିବ ନାହିଁ।

**59. ରାଷ୍ଟ୍ରପତିଙ୍କ ପଦର ସର୍ତ୍ତାବଳୀ —** (1) ରାଷ୍ଟ୍ରପତି ସଂସଦର କୌଣସି ସଦନର କିମ୍ବା କୌଣସି ରାଜ୍ୟ ବିଧାନସଭାର ସଦସ୍ୟ ହୋଇନଥିବେ ଏବଂ ଯଦି ସଂସଦର କୌଣସି ସଦନର କିମ୍ବା ରାଜ୍ୟ ବିଧାନସଭାର କୌଣସି ସଦସ୍ୟ, ରାଷ୍ଟ୍ରପତିଭାବେ ନିର୍ବାଚିତ ହୁଅନ୍ତି, ତା'ହେଲେ ସେ ଯେଉଁ ତାରିଖରୁ ରାଷ୍ଟ୍ରପତିଙ୍କ ପଦବୀକୁ ଗ୍ରହଣ କଲେ, ସେହି ତାରିଖରୁ ଉକ୍ତ ସଦନର ସଦସ୍ୟତାକୁ ପରିତ୍ୟାଗ କରିଛନ୍ତି ବୋଲି ଧରାଯିବ ।

(2) ରାଷ୍ଟ୍ରପତି କୌଣସି ଲାଭଜନକ ପଦବୀ ଧାରଣ କରିବେ ନାହିଁ ।

(3) ରାଷ୍ଟ୍ରପତି ତାଙ୍କର ସରକାରୀ ବାସସ୍ଥାନକୁ କୌଣସି ଖଜଣା ପ୍ରଦାନ ନକରି ବ୍ୟବହାର କରିବା ନିମନ୍ତେ ଅଧିକାରପ୍ରାପ୍ତ ଅଟନ୍ତି ଏବଂ ଆଇନ ଅନୁଯାୟୀ ସଂସଦଦ୍ୱାରା ସ୍ଥିର କରାଯାଇଥିବା ବେତନ, ଭତ୍ତା ଏବଂ ସୁବିଧା ପାଇବା ନିମନ୍ତେ ଅଧିକାରପ୍ରାପ୍ତ ଅଟନ୍ତି ଏବଂ ଯେ ପର୍ଯ୍ୟନ୍ତ ଏପରି ବ୍ୟବସ୍ଥା କରାନଯାଇଛି, ସେ ପର୍ଯ୍ୟନ୍ତ ଦ୍ୱିତୀୟ ଅନୁସୂଚୀରେ ଧାର୍ଯ୍ୟ କରାଯାଇଥିବା ବେତନ, ଭତ୍ତା ଏବଂ ସୁବିଧା ଉପଭୋଗ କରିବେ।

(4) ତାଙ୍କର କାର୍ଯ୍ୟକାଳ ସମୟ ମଧ୍ୟରେ ରାଷ୍ଟ୍ରପତିଙ୍କର ବେତନଏବଂ ଭତ୍ତା ହ୍ରାସ କରାଯିବ ନାହିଁ।

**60. ରାଷ୍ଟ୍ରପତିଙ୍କଦ୍ୱାରା ଶପଥ ଗ୍ରହଣ କିମ୍ବା ସଙ୍କଳ୍ପବଦ୍ଧତା—** ପ୍ରତ୍ୟେକ ରାଷ୍ଟ୍ରପତି ଏବଂ ରାଷ୍ଟ୍ରପତିଙ୍କ କାର୍ଯ୍ୟ ତୁଲାଉଥିବା ପ୍ରତ୍ୟେକ ବ୍ୟକ୍ତି କିମ୍ବା ରାଷ୍ଟ୍ରପତିଙ୍କ କାର୍ଯ୍ୟ ସମ୍ପାଦନ କରୁଥିବା ପ୍ରତ୍ୟେକ ବ୍ୟକ୍ତି, ତାଙ୍କର କାର୍ଯ୍ୟଭାର ଗ୍ରହଣ କରିବା ପୂର୍ବରୁ, ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ନ୍ୟାୟାଧୀଶ କିମ୍ବା ତାଙ୍କ ଅନୁପସ୍ଥିତିରେ ସର୍ବୋଚ୍ଚ ନ୍ୟାୟାଳୟର ବରିଷ୍ଠତମ ନ୍ୟାୟାଧୀଶଙ୍କ ଉପସ୍ଥିତିରେ ନିମ୍ନ ପ୍ରକାର ଶପଥ ଗ୍ରହଣ କରିବେ, ଅର୍ଥାତ—

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା "କିମ୍ବା ରାଜପ୍ରମୁଖ କିମ୍ବା ଉପ-ରାଜପ୍ରମୁଖ" ଶବ୍ଦଗୁଡ଼ିକୁ ବାଦ୍ ଦିଆଯାଇଛି (1-11-1956ଠାରୁ କାର୍ଯ୍ୟକାରୀ) ।

"ମୁଁ, (ନିଜ ନାମ)., ଈଶ୍ୱରଙ୍କ ନାମରେ ଶପଥ କରୁଛି / ସତ୍ୟନିଷ୍ଠା ସହ ପ୍ରତିଜ୍ଞା କରୁଛି ଯେ ମୁଁ ଭାରତର ରାଷ୍ଟ୍ରପତିଙ୍କ କାର୍ଯ୍ୟ ବିଶ୍ୱସ୍ତଭାବେ ସମ୍ପାଦନ କରିବି, ଏବଂ ମୋର କ୍ଷମତାନୁଯାୟୀ ମୁଁ ସମ୍ବିଧାନ ଏବଂ ଆଇନକୁ ସଂରକ୍ଷିତ, ସୁରକ୍ଷିତ ଏବଂ ପ୍ରତିରକ୍ଷା କରିବି ଏବଂ ମୁଁ ଭାରତବାସୀଙ୍କ କଲ୍ୟାଣ ନିମନ୍ତେ ସେମାନଙ୍କ ସେବାରେ ନିଜକୁ ଉତ୍ସର୍ଗ କରିବି ।"

**61. ମହାଭିଯୋଗ ଅନୁଯାୟୀ ରାଷ୍ଟ୍ରପତିଙ୍କ ବହିଷ୍କାରର ପଦ୍ଧତି—** (1) ଯେତେବେଳେ ସମ୍ବିଧାନକୁ ଉଲ୍ଲଙ୍ଘନ କରିବା ଅଭିଯୋଗରେ କୌଣସି ରାଷ୍ଟ୍ରପତିଙ୍କୁ ବହିଷ୍କାର କରାଯିବ, ସଂସଦର ଯେକୌଣସି ସଦନରେ ଏପରି ମହାଭିଯୋଗକୁ ଉଠାଯିବ ।

(2) ଏପରି କୌଣସି ଅଭିଯୋଗକୁ ପ୍ରାଧାନ୍ୟ ଦିଆଯିବ ନାହିଁ, ଯଦି—

(*a*) ଏପରି ଅଭିଯୋଗ କରିବା ନିମନ୍ତେ, କୌଣସି ପ୍ରସ୍ତାବ, ଅତିକମରେ ଚଉଦଦିନିଆ ଲିଖିତ ସୂଚନା ପରେ ଗ୍ରହଣ କରାଯାଇନଥାଏ ଏବଂ ଯେଉଁଥିରେ ଅତିକମରେ ଉକ୍ତ ସଦନର ଏକ-ଚତୁର୍ଥାଂଶ ସଦସ୍ୟ, ଏପରି ପ୍ରସ୍ତାବ ଗ୍ରହଣ କରିବା ସପକ୍ଷରେ ନିଜର ମତାମତ ରଖି ନଥାଆନ୍ତି ଓ ସେଥିରେ ଦସ୍ତଖତ କରିନଥାଆନ୍ତି; ଏବଂ

(*b*) ଏପରି ପ୍ରସ୍ତାବ, ଯାହାକି ସଦନର ସମୁଦାୟ ସଦସ୍ୟାମାନଙ୍କ ମଧ୍ୟରୁ ଦୁଇ-ତୃତୀୟାଂଶ ସଦସ୍ୟଙ୍କ ବହୁମତରେ ମଞ୍ଜୁରିପ୍ରାପ୍ତ ହୋଇନଥାଏ ।

(3) ଯେତେବେଳେ ସଂସଦର କୌଣସି ସଦନଦ୍ୱାରା ଏପରି କୌଣସି ଅଭିଯୋଗ ଉଠାଯାଏ, ସେତେବେଳେ ଅନ୍ୟ ସଦନ ଉକ୍ତ ଅଭିଯୋଗକୁ ତଦନ୍ତ କରିବେ କିମ୍ବା ତଦନ୍ତ କରାଇବେ ଏବଂ ଏପରି ତଦନ୍ତ ସମୟରେ ଉପସ୍ଥିତ କିମ୍ବା ପ୍ରତିନିଧିତ୍ୱ କରିବା ନିମନ୍ତେ ରାଷ୍ଟ୍ରପତିଙ୍କର ଅଧିକାର ରହିବ ।

(4) ଯଦି ଏପରି ଅନୁସନ୍ଧାନ ଫଳରେ, ସଦନର ସମୁଦାୟ ସଦସ୍ୟ ସଂଖ୍ୟାର ଅତିକମରେ ଦୁଇତୃତୀୟାଂଶଙ୍କର ବହୁମତରେ ଏକ ପ୍ରସ୍ତାବ ଗୃହୀତ ହୁଏ, ତେବେ ଘୋଷଣା କରାଯିବ ଯେ ରାଷ୍ଟ୍ରପତିଙ୍କ ବିରୋଧରେ ଉଠାଯାଇଥିବା ଅଭିଯୋଗକୁ ଅପରିବର୍ତ୍ତନୀୟ ରଖାଯାଇଛି, ତା'ହେଲେ ଏପରି ପ୍ରସ୍ତାବ ଗୃହୀତ ହେବା ତାରିଖରୁ ରାଷ୍ଟ୍ରପତିଙ୍କୁ ତାଙ୍କ ପଦବୀରୁ ବହିଷ୍କାର କରିବା କାର୍ଯ୍ୟକାରୀ ହେବ।

**62. ରାଷ୍ଟ୍ରପତିଙ୍କ ଖାଲିସ୍ଥାନ ପୂରଣ କରିବା ନିମନ୍ତେ ନିର୍ବାଚନ କରିବା ସମୟ ଏବଂ ସାମୟିକ ଭାବେ ଖାଲିସ୍ଥାନ ପୂରଣ କରିବା ନିମନ୍ତେ ନିର୍ବାଚିତ ବ୍ୟକ୍ତିର କାର୍ଯ୍ୟକାଳ ସମୟ—** (1) ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳ ସମୟ ସମାପ୍ତି ଯୋଗୁଁ ହେଉଥିବା ଶୂନ୍ୟସ୍ଥାନ ପୂରଣ କରିବା ନିମନ୍ତେ ଏପରି ସମୟ ଅତିବାହିତ ହେବା ପୂର୍ବରୁ ନିର୍ବାଚନ କରାଯିବ।

(2) ରାଷ୍ଟ୍ରପତିଙ୍କ ମୃତ୍ୟୁ, ଇସ୍ତଫା କିମ୍ବା ବହିଷ୍କାର କିମ୍ବା ଅନ୍ୟ କୌଣସି କାରଣ ଯୋଗୁଁ ଯଦି ତାଙ୍କ ପଦବୀ ପାଇଁ ନିର୍ବାଚନ କରାଯାଏ, ତା'ହେଲେ ଏପରି କାରଣ ଯୋଗୁଁ ଖାଲି ହୋଇଥିବା ସ୍ଥାନକୁ ଯଥାସମ୍ଭବ ପୂରଣ କରିବା ନିମନ୍ତେ, ଛଅମାସ ମଧ୍ୟରେ ନିର୍ବାଚନ କରାଯିବ ଏବଂ ଉକ୍ତ ରିକ୍ତସ୍ଥାନ ପୂରଣ କରିବା ନିମନ୍ତେ ନିର୍ବାଚିତ ହୋଇଥିବା ବ୍ୟକ୍ତି, ଅନୁଚ୍ଛେଦ 56ରେ ବ୍ୟବସ୍ଥାର ଅନୁସାରେ ସେ ତାଙ୍କ କାର୍ଯ୍ୟଭାର ଗ୍ରହଣ କରିବା ତାରିଖରୁ, ପାଞ୍ଚବର୍ଷ ପର୍ଯ୍ୟନ୍ତ ଉକ୍ତ ପଦବୀ ଧାରଣ କରିବା ନିମନ୍ତେ ଅଧିକାରପ୍ରାପ୍ତ ହେବେ ।

**63. ଭାରତର ଉପ-ରାଷ୍ଟ୍ରପତି—** ଭାରତର ଜଣେ ଉପ-ରାଷ୍ଟ୍ରପତି ରହିବେ ।

**64. ଉପ-ରାଷ୍ଟ୍ରପତି, ରାଜ୍ୟସଭାର ପଦାଧିକାରୀ ଅଧ୍ୟକ୍ଷ ରହିବେ—** ଉପ-ରାଷ୍ଟ୍ରପତି ରାଜ୍ୟସଭାର ପଦାଧିକାରୀ ଅଧ୍ୟକ୍ଷ ରହିବେ ଏବଂ ଅନ୍ୟ କୌଣସି ଲାଭଜନକ ପଦବୀ ଧାରଣ କରିବେ ନାହିଁ:

କିନ୍ତୁ, ଯେତେବେଳେ ଉପ-ରାଷ୍ଟ୍ରପତି, ରାଷ୍ଟ୍ରପତିଭାବେ କାର୍ଯ୍ୟ କରନ୍ତି କିମ୍ବା ଅନୁଚ୍ଛେଦ 65 ଅନୁଯାୟୀ ରାଷ୍ଟ୍ରପତିଙ୍କ କାର୍ଯ୍ୟ ସମ୍ପାଦନ କରନ୍ତି, ସେତେବେଳେ ସେ ରାଜ୍ୟସଭାର ଅଧ୍ୟକ୍ଷଭାବେ କାର୍ଯ୍ୟ କରିବେ ନାହିଁ ଏବଂ ଅନୁଚ୍ଛେଦ 97 ଅନୁଯାୟୀ ରାଜ୍ୟସଭାର ଅଧ୍ୟକ୍ଷଙ୍କୁ ଦିଆଯାଉଥିବା ଦେୟ, ବେତନ କିମ୍ବା ଭତ୍ତା ପାଇବା ନିମନ୍ତେ ସେ ଅଧିକାରପ୍ରାପ୍ତ ହେବେ ନାହିଁ ।

**65. ରାଷ୍ଟ୍ରପତିଙ୍କ ଅନୁପସ୍ଥିତିରେ କିମ୍ବା ତାଙ୍କ କାର୍ଯ୍ୟାଳୟରେ ସାମୟିକ ଭାବେ ଶୂନ୍ୟସ୍ଥାନ ସମୟ ମଧ୍ୟରେ, ଉପ-ରାଷ୍ଟ୍ରପତି, ରାଷ୍ଟ୍ରପତି ଭାବେ କାର୍ଯ୍ୟ କରିବେ କିମ୍ବା ତାଙ୍କର କାର୍ଯ୍ୟ ସମ୍ପାଦନ କରିବେ—** (1) ଯଦି ରାଷ୍ଟ୍ରପତିଙ୍କ ମୃତ୍ୟୁ, ଇସ୍ତଫା କିମ୍ବା ବହିଷ୍କାର କିମ୍ବା ଅନ୍ୟ କୌଣସି କାରଣ ଯୋଗୁଁ ତାଙ୍କ କାର୍ଯ୍ୟାଳୟରେ ଖାଲି ସ୍ଥାନ ସୃଷ୍ଟିହୁଏ, ତା'ହେଲେ ଯେ ପର୍ଯ୍ୟନ୍ତ ଏହି ଅଧ୍ୟାୟ ଅନୁଯାୟୀ କୌଣସି ବ୍ୟକ୍ତି ଏହି ଖାଲିସ୍ଥାନ ପୂରଣ କରିବା ନିମନ୍ତେ ନିର୍ବାଚିତ ନହୋଇଛନ୍ତି ଏବଂ କାର୍ଯ୍ୟଭାର ଗ୍ରହଣ ନକରିଛନ୍ତି, ସେ ପର୍ଯ୍ୟନ୍ତ ଉପ-ରାଷ୍ଟ୍ରପତି ରାଷ୍ଟ୍ରପତିଭାବେ କାର୍ଯ୍ୟ କରିବେ ।

(2) ଯେତେବେଳେ ରାଷ୍ଟ୍ରପତି ଅନୁପସ୍ଥିତି, ଅସୁସ୍ଥତା କିମ୍ବା ଅନ୍ୟ କୌଣସି କାରଣ ଯୋଗୁଁ ତାଙ୍କର କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ଅକ୍ଷମ ହୁଅନ୍ତି, ସେତେବେଳେ ଉପ-ରାଷ୍ଟ୍ରପତି, ଯେପର୍ଯ୍ୟନ୍ତ ରାଷ୍ଟ୍ରପତି ତାଙ୍କ କାର୍ଯ୍ୟଭାର ପୁନର୍ବାର ଗ୍ରହଣ ନକରିଛନ୍ତି, ସେପର୍ଯ୍ୟନ୍ତ ସେ ତାଙ୍କର କାର୍ଯ୍ୟ ସମ୍ପାଦନ କରିବେ ।

(3) ଉପ-ରାଷ୍ଟ୍ରପତି ଯେଉଁ ସମୟ ପର୍ଯ୍ୟନ୍ତ ଏପରି ଦାୟିତ୍ୱ ନିର୍ବାହ କରୁଥାଆନ୍ତି କିମ୍ବା ରାଷ୍ଟ୍ରପତିଙ୍କ କାର୍ଯ୍ୟ ସମ୍ପାଦନ କରୁଥାଆନ୍ତି, ସେ ପର୍ଯ୍ୟନ୍ତ ସେ ରାଷ୍ଟ୍ରପତିଙ୍କର ସମସ୍ତ କ୍ଷମତା ଏବଂ ସୁବିଧା ସୁଯୋଗ ପାଇବେ ଏବଂ ସଂସଦଦ୍ୱାରା ଆଇନ ଅନୁଯାୟୀ ସ୍ଥିର କରାଯାଇଥିବା ବେତନ, ଭତ୍ତା ଏବଂ ସୁବିଧା ସୁଯୋଗ ପାଇବା ନିମନ୍ତେ ଅଧିକାରପ୍ରାପ୍ତ ହେବେ ଏବଂ ଯେପର୍ଯ୍ୟନ୍ତ ଏପରି ବ୍ୟବସ୍ଥା କରା ନଯାଇଛି, ସେପର୍ଯ୍ୟନ୍ତ ଦ୍ୱିତୀୟ ଅନୁସୂଚୀରେ ଧାର୍ଯ୍ୟ କରାଯାଇଥିବା ବେତନ, ଭତ୍ତା ଏବଂ ସୁବିଧା ସୁଯୋଗ ପାଇବେ ।

**66. ଉପ-ରାଷ୍ଟ୍ରପତିଙ୍କ ନିର୍ବାଚନ—** (1) [1][ସଂସଦର ଉଭୟ ସଦନର ସଦସ୍ୟମାନଙ୍କୁ ନେଇ ଗଠିତ କୌଣସି ନିର୍ବାଚନମଣ୍ଡଳୀଦ୍ୱାରା], ଆନୁପାତିକ ପ୍ରତିନିଧିତ୍ୱ ପଦ୍ଧତି ଏବଂ ଏକକ ହସ୍ତାନ୍ତରଣ ମତଦାନଦ୍ୱାରା ଉପ-ରାଷ୍ଟ୍ରପତିଙ୍କୁ ନିର୍ବାଚନ କରାଯିବ ଏବଂ ଏପରି ନିର୍ବାଚନରେ ଗୁପ୍ତ ମତଦାନ ପ୍ରଦାନ କରାଯିବ ।

(2) ଉପ-ରାଷ୍ଟ୍ରପତି, ସଂସଦର କୌଣସି ସଦନର କିମ୍ବା ରାଜ୍ୟ ବିଧାନସଭାର କୌଣସି ସଦନର ସଦସ୍ୟ ହୋଇନଥିବେ ଏବଂ ଯଦି ସଂସଦର କୌଣସି ସଦନର କିମ୍ବା କୌଣସି ରାଜ୍ୟ ବିଧାନସଭାର କୌଣସି ସଦସ୍ୟ ଉପ-ରାଷ୍ଟ୍ରପତିଭାବେ ନିର୍ବାଚିତ ହୁଅନ୍ତି, ତା'ହେଲେ ଯେଉଁ ତାରିଖରେ ସେ ଉପ-ରାଷ୍ଟ୍ରପତିଙ୍କ କାର୍ଯ୍ୟଭାର ଗ୍ରହଣ କରନ୍ତି, ସେହି ତାରିଖରୁ ଉକ୍ତ ସଦନରେ ସେ ତାଙ୍କର ଆସନ ପରିତ୍ୟାଗ କରିଛନ୍ତି ବୋଲି ଧରାଯିବ ।

(3) କୌଣସି ବ୍ୟକ୍ତି ଉପ-ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ନିମନ୍ତେ ଯୋଗ୍ୟ ହେବେ ନାହିଁ, ଯଦି ସେ—

(*a*) ଭାରତର ନାଗରିକ ହୋଇନଥାଆନ୍ତି;

(*b*) ପଇଁତିରିଶ ବର୍ଷ ବୟସ ପୂରଣ ହୋଇନଥାଏ; ଏବଂ

---

[1] ସମ୍ବିଧାନ (ଏକାଦଶ ସଂଶୋଧନ) ଅଧିନିୟମ, 1961, ଧାରା 2ଦ୍ୱାରା "ସଂସଦର ଉଭୟ ସଦନର ସଦସ୍ୟମାନେ ଏକ ମିଳିତ ବୈଠକରେ ଏକତ୍ରିତ ହେବା" ପାଇଁ ପ୍ରତିସ୍ଥାପିତ (19-12-1961ଠାରୁ କାର୍ଯ୍ୟକାରୀ) ।

(*c*) ରାଜ୍ୟସଭାର ସଦସ୍ୟଭାବେ ନିର୍ବାଚିତ ହେବା ନିମନ୍ତେ ଯୋଗ୍ୟ ହୋଇନଥାଆନ୍ତି ।

(4) ଯଦି କୌଣସି ବ୍ୟକ୍ତି ଭାରତ ସରକାରଙ୍କ ଅଧୀନରେ କିମ୍ବା କୌଣସି ରାଜ୍ୟ ସରକାରଙ୍କ ଅଧୀନରେ କିମ୍ବା ରାଜ୍ୟସରକାରଙ୍କ କୌଣସି ସ୍ଥାନୀୟ ଅଧିକାରୀଙ୍କ ଅଧୀନରେ କୌଣସି ଲାଭଜନକ ପଦବୀ ଧାରଣ କରିଥାଆନ୍ତି, ତା'ହେଲେ ସେ ଉପ-ରାଷ୍ଟ୍ରପତିଭାବେ ନିର୍ବାଚିତ ହେବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ନାହିଁ ।

*ସ୍ପଷ୍ଟୀକରଣ*— ଏହି ଅନୁଚ୍ଛେଦର ଉଦ୍ଦେଶ୍ୟରେ, କେବଳ କୌଣସି ବ୍ୟକ୍ତି କେନ୍ଦ୍ରର ରାଷ୍ଟ୍ରପତି କିମ୍ବା ଉପ-ରାଷ୍ଟ୍ରପତି କିମ୍ବା କୌଣସି ରାଜ୍ୟର ରାଜ୍ୟପାଳ[1]*** କିମ୍ବା କେନ୍ଦ୍ରର କିମ୍ବା କୌଣସି ରାଜ୍ୟର ମନ୍ତ୍ରୀ ଥିବା କାରଣ ଯୋଗୁଁ, କୌଣସି ବ୍ୟକ୍ତିଙ୍କୁ କୌଣସି ଲାଭଜନକ ପଦବୀ ଧାରଣ କରିଛନ୍ତି ବୋଲି ଧରାଯିବ ନାହିଁ ।

**67. ଉପ-ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳ**— ଉପ-ରାଷ୍ଟ୍ରପତି ଯେଉଁ ତାରିଖରେ ତାଙ୍କର କାର୍ଯ୍ୟଭାର ଗ୍ରହଣ କରିବେ, ସେହି ତାରିଖରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ସେ ତାଙ୍କର ପଦବୀ ଧାରଣ କରିବେ :

କିନ୍ତୁ—

(*a*) ଉପ-ରାଷ୍ଟ୍ରପତି ରାଷ୍ଟ୍ରପତିଙ୍କୁ ସମ୍ବୋଧିତ କରି ନିଜ ହସ୍ତଲିଖିତ ପତ୍ରଦ୍ୱାରା ନିଜ ପଦବୀରୁ ଇସ୍ତଫା ଦେଇପାରନ୍ତି ;

(*b*) ଉପ-ରାଷ୍ଟ୍ରପତିଙ୍କୁ ତାଙ୍କ ପଦରୁ ବହିଷ୍କାର କରିବା ପାଇଁ, ରାଜ୍ୟସଭାରେ ଉପସ୍ଥିତ ସମସ୍ତ ସଦସ୍ୟଙ୍କ ମଧ୍ୟରୁ ବହୁମତରେ ଗୃହୀତ କୌଣସି ପ୍ରସ୍ତାବ ଏବଂ ସେଥିରେ ଲୋକସଭା ସମ୍ମତି ପ୍ରଦାନ କଲେ, କିନ୍ତୁ ଏପରି ପ୍ରସ୍ତାବ ଆଗତ କରିବା ପୂର୍ବରୁ ଯଦି ଅତିକମରେ ଚଉଦଦିନିଆ ସୂଚନା ପ୍ରଦାନ କରାଯାଇନଥାଏ, ତା'ହେଲେ ଏହି ଅନୁଚ୍ଛେଦ ଉଦ୍ଦେଶ୍ୟରେ କୌଣସି ପ୍ରସ୍ତାବ ଗ୍ରହଣୀୟ ହେବ ନାହିଁ ;

(*c*) ଜଣେ ଉପ-ରାଷ୍ଟ୍ରପତି, ତାଙ୍କ କାର୍ଯ୍ୟକାଳ ସମାପ୍ତ ହେବା ସତ୍ତ୍ୱେ, ଯେ ପର୍ଯ୍ୟନ୍ତ ତାଙ୍କ ଉତ୍ତରାଧିକାରୀ କାର୍ଯ୍ୟଭାର ଗ୍ରହଣ ନକରିଛନ୍ତି ସେ ପର୍ଯ୍ୟନ୍ତ ସେ ସେହି ପଦବୀରେ ରହିବେ ।

**68. ଉପ-ରାଷ୍ଟ୍ରପତିଙ୍କ ପଦର ସ୍ଥାନ ପୂରଣ କରିବା ପାଇଁ ନିର୍ବାଚନ କରିବା ସମୟ ଏବଂ ସାମୟିକ ଖାଲିସ୍ଥାନ ପୂରଣ କରିବା ପାଇଁ ନିର୍ବାଚିତ ବ୍ୟକ୍ତିର କାର୍ଯ୍ୟକାଳ ସମୟ**— (1) ଉପ-ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳ ସମାପ୍ତି ପରେ ସୃଷ୍ଟି ହୋଇଥିବା ଖାଲିସ୍ଥାନ ପୂରଣ କରିବା ନିମନ୍ତେ, ଏପରି କାର୍ଯ୍ୟକାଳ ସମାପ୍ତ ହେବା ପୂର୍ବରୁ ନିର୍ବାଚନ କରାଯିବ।

(2) ମୃତ୍ୟୁ, ଇସ୍ତଫା କିମ୍ବା ବହିଷ୍କାର କିମ୍ବା ଅନ୍ୟ କୌଣସି କାରଣ ଯୋଗୁଁ ଯଦି ଉପ-ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରେ କୌଣସି ଶୂନ୍ୟସ୍ଥାନ ସୃଷ୍ଟି ହୁଏ, ସେ ପରିସ୍ଥିତିରେ ଉକ୍ତ ଖାଲିସ୍ଥାନ ପୂରଣ କରିବା ନିମନ୍ତେ ଯଥାସମ୍ଭବ ନିର୍ବାଚନ କରାଯିବ ଏବଂ ଏପରି ଶୂନ୍ୟସ୍ଥାନ ପୂରଣ କରିବା ନିମନ୍ତେ ନିର୍ବାଚିତ ବ୍ୟକ୍ତି, ଅନୁଚ୍ଛେଦ 67ର ବ୍ୟବସ୍ଥା ଅନୁସାରେ, ସେ ଉକ୍ତ କାର୍ଯ୍ୟଭାର ଗ୍ରହଣ କରିବା ତାରିଖରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ଉକ୍ତ କାର୍ଯ୍ୟାଳୟ ଧାରଣ କରିବାର ଅଧିକାରପ୍ରାପ୍ତ ହେବେ ।

**69. ଉପ-ରାଷ୍ଟ୍ରପତିଙ୍କଦ୍ୱାରା ଶପଥ ଗ୍ରହଣ ବା ସଂକଳ୍ପବଦ୍ଧତା**— ପ୍ରତ୍ୟେକ ଉପ-ରାଷ୍ଟ୍ରପତି, କାର୍ଯ୍ୟଭାର ଗ୍ରହଣ କରିବା ପୂର୍ବରୁ, ରାଷ୍ଟ୍ରପତିଙ୍କ ଉପସ୍ଥିତିରେ କିମ୍ବା ଏଥି ନିମନ୍ତେ ତାଙ୍କଦ୍ୱାରା ନିଯୁକ୍ତ କୌଣସି ବ୍ୟକ୍ତିଙ୍କ

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା "କିମ୍ବା ରାଜପ୍ରମୁଖ କିମ୍ବା ଉପ-ରାଜପ୍ରମୁଖ" ଶବ୍ଦଗୁଡ଼ିକୁ ବାଦ୍ ଦିଆଯାଇଛି (1-11-1956ଠାରୁ କାର୍ଯ୍ୟକାରୀ) ।

ସମ୍ମୁଖରେ, ନିମ୍ନଲିଖିତଭାବେ ଶପଥ ଗ୍ରହଣ କରିବେ—

"ମୁଁ , (ନିଜ ନାମ)., $\frac{\text{ଈଶ୍ୱରଙ୍କ ନାମରେ ଶପଥ କରୁଛି}}{\text{ସତ୍ୟନିଷ୍ଠା ସହ ପ୍ରତିଜ୍ଞା କରୁଛି}}$ ଯେ, ମୁଁ ବିଧିଦ୍ୱାରା ସ୍ଥାପିତ ସମ୍ବିଧାନ ପ୍ରତି ମୁଁ ବିଶ୍ୱସ୍ତ ରହିବି, ଏବଂ ଯେଉଁ କାର୍ଯ୍ୟାଳୟରେ ମୁଁ କାର୍ଯ୍ୟଭାର ଗ୍ରହଣ କରିବାକୁ ଯାଉଛି, ତା'ର କର୍ତ୍ତବ୍ୟ ବିଶ୍ୱସ୍ତ ରୂପେ ସମ୍ପାଦନ କରିବି" ।

**70. ଅନ୍ୟ ସମ୍ଭାବ୍ୟ ପରିସ୍ଥିତିରେ ରାଷ୍ଟ୍ରପତିଙ୍କ କାର୍ଯ୍ୟ ସମ୍ପାଦନ କରିବା—** ଏହି ଅଧ୍ୟାୟରେ ଯଦି କିଛି ସମ୍ଭାବ୍ୟ ପରିସ୍ଥିତିର ଉଲ୍ଲେଖ ନଥାଏ, ସେହି କ୍ଷେତ୍ରରେ ରାଷ୍ଟ୍ରପତିଙ୍କ କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ସଂସଦ ଆବଶ୍ୟକ ଅନୁଯାୟୀ ବ୍ୟବସ୍ଥା କରିବ ।

[1][**71. ରାଷ୍ଟ୍ରପତି କିମ୍ବା ଉପ-ରାଷ୍ଟ୍ରପତିଙ୍କ ନିର୍ବାଚନ ସମ୍ବନ୍ଧୀୟ କିମ୍ବା ସମ୍ପୃକ୍ତ ବିଷୟ—** (1) ରାଷ୍ଟ୍ରପତି କିମ୍ବା ଉପ-ରାଷ୍ଟ୍ରପତିଙ୍କ ନିର୍ବାଚନ ସମ୍ବନ୍ଧୀୟ ଏବଂ ହେଉଥିବା ସମସ୍ତ ସନ୍ଦେହ ଏବଂ ବିବାଦକୁ ସର୍ବୋଚ୍ଚ ନ୍ୟାୟାଳୟଦ୍ୱାରା ତଦନ୍ତ କରାଯିବ ଏବଂ ସ୍ଥିର କରାଯିବ, ଯାହାଙ୍କର ନିଷ୍ପତ୍ତି ଚୂଡ଼ାନ୍ତ ହେବ ।

(2) ଯଦି ରାଷ୍ଟ୍ରପତି କିମ୍ବା ଉପ-ରାଷ୍ଟ୍ରପତିଭାବେ କୌଣସି ବ୍ୟକ୍ତିଙ୍କ ନିର୍ବାଚନକୁ, ସର୍ବୋଚ୍ଚ ନ୍ୟାୟାଳୟଙ୍କଦ୍ୱାରା ଅସିଦ୍ଧ ବୋଲି ଘୋଷଣା କରାଯାଏ, ସେପରି କ୍ଷେତ୍ରରେ ଏପରି ଘୋଷଣାର ଠିକ୍ ପୂର୍ବରୁ ରାଷ୍ଟ୍ରପତି କିମ୍ବା ଉପ-ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ କ୍ଷମତା ବଳରେ ତାଙ୍କଦ୍ୱାରା କରାଯାଇଥିବା କୌଣସି କାର୍ଯ୍ୟ ଏପରି ଘୋଷଣାଦ୍ୱାରା ଅସିଦ୍ଧ ହେବ ନାହିଁ ।

(3) ଏହି ସମ୍ବିଧାନର ବ୍ୟବସ୍ଥା ଅଧୀନରେ, ରାଷ୍ଟ୍ରପତି କିମ୍ବା ଉପ-ରାଷ୍ଟ୍ରପତିଙ୍କ ନିର୍ବାଚନ ସଂକ୍ରାନ୍ତୀୟ କୌଣସି ବିଷୟକୁ ସଂସଦ ଆଇନଦ୍ୱାରା ନିୟନ୍ତ୍ରଣ କରିପାରିବ ।

(4) ରାଷ୍ଟ୍ରପତି କିମ୍ବା ଉପ-ରାଷ୍ଟ୍ରପତିଙ୍କୁ ନିର୍ବାଚିତ କରିଥିବା ନିର୍ବାଚନ ମଣ୍ଡଳୀର ଯେକୌଣସି କାରଣ ଥିବା ସତ୍ତ୍ୱେ, କୌଣସି ସଦସ୍ୟଙ୍କ ସ୍ଥାନ ଶୂନ୍ୟ ଥିବା କାରଣ ଯୋଗୁଁ ତାଙ୍କର ନିର୍ବାଚନକୁ ପ୍ରଶ୍ନ କରାଯିବ ନାହିଁ ।]

**72. କେତେକ କ୍ଷେତ୍ରରେ ଦଣ୍ଡକୁ ଖାରଜ କରିବା, ପ୍ରତ୍ୟାହାର କରିବା କିମ୍ବା ହ୍ରାସ କରିବା ଏବଂ କ୍ଷମା ମଞ୍ଜୁର କରିବାରେ ରାଷ୍ଟ୍ରପତିଙ୍କ କ୍ଷମତା—** (1) କୌଣସି ଅପରାଧରେ ଦଣ୍ଡିତ କୌଣସି ବ୍ୟକ୍ତିର ଦଣ୍ଡକୁ କ୍ଷମା ପ୍ରଦାନ କରିବା କିମ୍ବା କୌଣସି ଦଣ୍ଡର ପରିମାଣକୁ ହ୍ରାସ କରିବା, ଖାରଜ କରିବା, ପ୍ରତ୍ୟାହାର କରିବାର କ୍ଷମତା ରାଷ୍ଟ୍ରପତିଙ୍କର ରହିବ—

(*a*) କୌଣସି ସାମରିକ ନ୍ୟାୟାଳୟଦ୍ୱାରା ପ୍ରଦାନ କରାଯାଇଥିବା ସମସ୍ତ ଦଣ୍ଡ କ୍ଷେତ୍ରରେ;

---

[1] ସମ୍ବିଧାନ (39ତମ ସଂଶୋଧନ) ଅଧିନିୟମ, 1975, ଧାରା 2ଦ୍ୱାରା ପ୍ରତିସ୍ଥାପିତ କରାଯାଇଛି (10-8-1975ଠାରୁ କାର୍ଯ୍ୟକାରୀ) ଏବଂ ପରେ ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 10ଦ୍ୱାରା ପ୍ରତିସ୍ଥାପିତ (20-6-1979ଠାରୁ କାର୍ଯ୍ୟକାରୀ) ।

(*b*) ସେହି ସମସ୍ତ କ୍ଷେତ୍ରରେ ଯେଉଁଠାରେ କୌଣସି ଆଇନ ବିରୋଧରେ ଅପରାଧ ନିମନ୍ତେ ଦଣ୍ଡ ପ୍ରଦାନ କରାଯାଇଥାଏ ଏବଂ ଯେଉଁଥିପାଇଁ କେନ୍ଦ୍ରର ପ୍ରଶାସନ କ୍ଷମତା ସମ୍ପ୍ରସାରିତ ଅଟେ;

(*c*) ସେହି ସମସ୍ତ କ୍ଷେତ୍ରରେ ଯେଉଁଠାରେ ଦଣ୍ଡ, ମୃତ୍ୟୁଦଣ୍ଡ ହୋଇଥାଏ ।

(2) ଖଣ୍ଡ (1)ର ଉପଖଣ୍ଡ (*a*)ର କୌଣସି ବ୍ୟବସ୍ଥା କ୍ଷେତ୍ରରେ କୌଣସି ସାମରିକ ନ୍ୟାୟାଳୟଦ୍ୱାରା ପ୍ରଦାନ କରାଯାଇଥିବା ଦଣ୍ଡକୁ ଖାରଜ କରିବା, ପ୍ରତ୍ୟାହାର କରିବା କିମ୍ବା ହ୍ରାସ କରିବା ନିମନ୍ତେ ଆଇନଦ୍ୱାରା କେନ୍ଦ୍ରର ସୈନ୍ୟବାହିନୀର କୌଣସି ଉଚ୍ଚ କର୍ମଚାରୀଙ୍କୁ ପ୍ରଦାନ କରାଯାଇଥିବା କ୍ଷମତାକୁ ପ୍ରଭାବିତ କରିବ ନାହିଁ ।

(3) ଖଣ୍ଡ(1)ର ଉପଖଣ୍ଡ (*c*)ର କୌଣସି ବ୍ୟବସ୍ଥା ସେତେବେଳେ ବଳବତ୍ତର ଥିବା କୌଣସି ଆଇନ ଅନୁଯାୟୀ, କୌଣସି ମୃତ୍ୟୁଦଣ୍ଡକୁ ଖାରଜ କରିବା, ପ୍ରତ୍ୟାହାର କରିବା କିମ୍ବା ହ୍ରାସ କରିବା ପାଇଁ, କୌଣସି ରାଜ୍ୟର ରାଜ୍ୟପାଳଙ୍କ[1]*** କ୍ଷମତାକୁ ପ୍ରଭାବିତ କରିବ ନାହିଁ ।

**73. କେନ୍ଦ୍ରର ପ୍ରଶାସନିକ କ୍ଷମତାର ପରିସର—** ଏହି ସମ୍ବିଧାନରେ ଯାହା କିଛି ଥିବା ସତ୍ତ୍ୱେ, କେନ୍ଦ୍ରର ପ୍ରଶାସନିକ କ୍ଷମତା ସମ୍ପ୍ରସାରିତ ହେବ—

(*a*) ସେହି ସମସ୍ତ ବିଷୟପ୍ରତି, ଯେଉଁଥିପାଇଁ ସଂସଦର ଆଇନ ପ୍ରଣୟନ କରିବା କ୍ଷମତା ଅଛି; ଏବଂ

(*b*) କୌଣସି ସନ୍ଧି କିମ୍ବା ଚୁକ୍ତି ବଳରେ ଭାରତ ସରକାରଙ୍କଦ୍ୱାରା ଏପରି ଅଧିକାର, କ୍ଷମତା ଏବଂ ନ୍ୟାୟକ୍ଷେତ୍ର ଯାହାକି ଭାରତ ସରକାରଙ୍କଦ୍ୱାରା ପରିଚାଳନା କରାଯାଇଥାଏ:

କିନ୍ତୁ, ଉପଖଣ୍ଡ (*a*)ରେ ଉଲ୍ଲେଖ କରାଯାଇଥିବା ପ୍ରଶାସନିକ କ୍ଷମତା ସମ୍ବିଧାନଦ୍ୱାରା ଯଦି ବିଶେଷଭାବେ ବ୍ୟବସ୍ଥା କରା ହୋଇନଥାଏ କିମ୍ବା ସଂସଦଦ୍ୱାରା ପ୍ରଣୟନ କରାଯାଇଥିବା କୌଣସି ଆଇନଦ୍ୱାରା ବିଶେଷଭାବେ ବ୍ୟବସ୍ଥା ହୋଇନଥାଏ, ତାହା ଯେକୌଣସି ରାଜ୍ୟର[2]***ସେହି ସମସ୍ତ ବିଷୟ ପ୍ରତି ସମ୍ପ୍ରସାରିତ ହେବ, ଯାହା ସମ୍ବନ୍ଧରେ ଆଇନ ପ୍ରଣୟନ କରିବା ପାଇଁ ରାଜ୍ୟ ବିଧାନମଣ୍ଡଳର ମଧ୍ୟ କ୍ଷମତା ଅଛି ।

(2) ଯେ ପର୍ଯ୍ୟନ୍ତ ସଂସଦଦ୍ୱାରା ଅନ୍ୟଥା ବ୍ୟବସ୍ଥା କରା ହୋଇନଥାଏ, କୌଣସି ରାଜ୍ୟ ଏବଂ କୌଣସି ରାଜ୍ୟର କୌଣସି ଉଚ୍ଚ କର୍ମଚାରୀ କିମ୍ବା ଅଧିକାରୀ, ଏହି ଅନୁଚ୍ଛେଦରେ ଯାହା କିଛି ଥିବା ସତ୍ତ୍ୱେ, ସେହି ସମସ୍ତ ବିଷୟ, ଯେଉଁଥିପାଇଁ ସଂସଦର, ସେହି ରାଜ୍ୟ ନିମନ୍ତେ ଆଇନ ପ୍ରଣୟନ କରିବାର କ୍ଷମତା ଅଛି, ଏହି ସମ୍ବିଧାନର ଠିକ୍ ପ୍ରଚଳନ ପୂର୍ବରୁ, ସେହିପ୍ରକାର ପ୍ରଶାସନିକ କ୍ଷମତା ପରିଚାଳନା କରିବେ, ଯେପରିକି ଉକ୍ତ ରାଜ୍ୟ କିମ୍ବା ଉଚ୍ଚ କର୍ମଚାରୀ କିମ୍ବା ଅଧିକାରୀ, ପରିଚାଳନା କରିଥାଆନ୍ତେ ।

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା "କିମ୍ବା ରାଜପ୍ରମୁଖ" ଶବ୍ଦଗୁଡ଼ିକୁ ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା "ପ୍ରଥମ ଅନୁସୂଚୀର ଭାଗ A କିମ୍ବା ଭାଗ Bରେ ଥିବା ନିର୍ଦ୍ଦିଷ୍ଟ" କେତେକ ଶବ୍ଦ ଏବଂ ଅକ୍ଷରଗୁଡ଼ିକୁ ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ)।

*ମନ୍ତ୍ରୀ ପରିଷଦ*

**74. ମନ୍ତ୍ରୀ ପରିଷଦ, ରାଷ୍ଟ୍ରପତିଙ୍କୁ ଉପଦେଶ ଏବଂ ସାହାଯ୍ୟ ପ୍ରଦାନ କରିବ—** [1][(1)ଏକ ମନ୍ତ୍ରୀ ପରିଷଦ ରହିବ ଯାହାର ମୁଖ୍ୟ ପ୍ରଧାନମନ୍ତ୍ରୀ ରହିବେ, ଯିଏକି ରାଷ୍ଟ୍ରପତିଙ୍କୁ ତାଙ୍କର କାର୍ଯ୍ୟରେ ସାହାଯ୍ୟ କରିବେ ଏବଂ ଉପଦେଶ ଦେବେ ଏବଂ ଯିଏକି, ତାଙ୍କର କାର୍ଯ୍ୟ ପରିଚାଳନା କରିବା ସମୟରେ ଏପରି ଉପଦେଶ ଅନୁଯାୟୀ କାର୍ଯ୍ୟ କରିବେ:]

[2][କିନ୍ତୁ, ମନ୍ତ୍ରୀ ପରିଷଦଦ୍ୱାରା ପ୍ରଦାନ କରାଯାଇଥିବା ଉପଦେଶକୁ ପୁନର୍ବିଚାର କରିବା ନିମନ୍ତେ ରାଷ୍ଟ୍ରପତି ସାଧାରଣଭାବେ କିମ୍ବା ଅନ୍ୟପ୍ରକାରେ ଆବଶ୍ୟକ କରିପାରନ୍ତି ଏବଂ ଏପରି ପୁନର୍ବିଚାର ପରେ ପ୍ରଦାନ କରାଯାଇଥିବା ଉପଦେଶ ଅନୁଯାୟୀ, ରାଷ୍ଟ୍ରପତି କାର୍ଯ୍ୟ କରିବେ ।]

(2) ରାଷ୍ଟ୍ରପତିଙ୍କୁ ମନ୍ତ୍ରୀମାନଙ୍କଦ୍ୱାରା ଯଦି କୌଣସି ଉପଦେଶ ପ୍ରଦାନ କରାଯାଇଥାଏ କିମ୍ବା କ'ଣ ଉପଦେଶ ପ୍ରଦାନ କରାଗଲା, ସେ ବିଷୟରେ କୌଣସି ନ୍ୟାୟାଳୟ ତଦନ୍ତ କରିପାରିବ ନାହିଁ ।

**75. ମନ୍ତ୍ରୀମାନଙ୍କ ନିମନ୍ତେ ଅନ୍ୟ ବ୍ୟବସ୍ଥା—** (1) ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତିଙ୍କଦ୍ୱାରା ନିଯୁକ୍ତ ହେବେ ଏବଂ ଅନ୍ୟ ମନ୍ତ୍ରୀମାନେ ପ୍ରଧାନମନ୍ତ୍ରୀଙ୍କ ଉପଦେଶ କ୍ରମେ, ରାଷ୍ଟ୍ରପତିଙ୍କଦ୍ୱାରା ନିଯୁକ୍ତ ହେବେ ।

[3][(1A) ମନ୍ତ୍ରୀ ପରିଷଦରେ ପ୍ରଧାନମନ୍ତ୍ରୀଙ୍କ ସମେତ ମନ୍ତ୍ରୀମାନଙ୍କ ସମୁଦାୟ ସଂଖ୍ୟା, ଲୋକସଭାର ସମୁଦାୟ ସଦସ୍ୟ ସଂଖ୍ୟାର ପନ୍ଦର ପ୍ରତିଶତରୁ ଅଧିକ ହେବ ନାହିଁ ।

(1B) ସଂସଦର କୌଣସି ସଦନର ଜଣେ ସଦସ୍ୟ ଯିଏକି କୌଣସି ରାଜନୈତିକ ଦଳର ହୋଇଥାଆନ୍ତି ଏବଂ ଯିଏକି ଦଶମ ଅନୁସୂଚୀର ପରିଚ୍ଛେଦ 2 ଅନୁଯାୟୀ, ଉକ୍ତ ସଦନର ଜଣେ ସଦସ୍ୟ ହେବା ନିମନ୍ତେ ଅଯୋଗ୍ୟ ଅଟନ୍ତି, ସେ ଏପରି ଅଯୋଗ୍ୟ ହେବା ତାରିଖରୁ ଆରମ୍ଭ ହୋଇଥିବା ସମୟ ମଧ୍ୟରେ, ଖଣ୍ଡ (1) ଅନୁଯାୟୀ, ଜଣେ ମନ୍ତ୍ରୀଭାବେ ନିଯୁକ୍ତ ହେବାରୁ ମଧ୍ୟ ଅଯୋଗ୍ୟ ହେବେ ଏବଂ ସେହି ତାରିଖ ପର୍ଯ୍ୟନ୍ତ ହେବେ ଯେବେ ଏପରି ମନ୍ତ୍ରୀଭାବେ ତାଙ୍କର କାର୍ଯ୍ୟକାଳ ସମାପ୍ତ ହେବ କିମ୍ବା ଯେଉଁସ୍ଥଳରେ ଏପରି ସମୟ ଅତିବାହିତ ହେବା ପୂର୍ବରୁ, ସଂସଦର କୌଣସି ସଦନର କୌଣସି ନିର୍ବାଚନରେ ସେ ପ୍ରତିଦ୍ୱନ୍ଦିତା କରନ୍ତି, ସେପରିସ୍ଥଳେ ସେହି ତାରିଖ ପର୍ଯ୍ୟନ୍ତ ଯେବେ ସେ ନିର୍ବାଚିତ ବୋଲି ଘୋଷିତ ହୁଅନ୍ତି, ତନ୍ମଧ୍ୟରୁ ଯେଉଁଟି ଶୀଘ୍ର ହୋଇଥାଏ ।]

(2) ରାଷ୍ଟ୍ରପତିଙ୍କ ସନ୍ତୁଷ୍ଟି ସମୟ ମଧ୍ୟରେ ମନ୍ତ୍ରୀମାନେ କାର୍ଯ୍ୟାଳୟ ଧାରଣ କରିବେ ।

(3) ମନ୍ତ୍ରୀପରିଷଦ ସାମୂହିକ ଭାବେ ଲୋକସଭା ନିକଟରେ ଦାୟୀ ରହିବେ ।

(4) କୌଣସି ମନ୍ତ୍ରୀ ତାଙ୍କର କାର୍ଯ୍ୟଭାର ଗ୍ରହଣ କରିବା ପୂର୍ବରୁ, ଏହି ଉଦ୍ଦେଶ୍ୟରେ ତୃତୀୟ ଅନୁସୂଚୀରେ ଧାର୍ଯ୍ୟ କରାଯାଇଥିବା ପତ୍ର ଅନୁଯାୟୀ ରାଷ୍ଟ୍ରପତି ତାଙ୍କୁ କାର୍ଯ୍ୟାଳୟ ଏବଂ ଏହାର ଗୋପନୀୟତା ନିମନ୍ତେ ଶପଥ ପାଠ କରାଇବେ ।

---

[1] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 13, ଖଣ୍ଡ (1) ପାଇଁ ପ୍ରତିସ୍ଥାପିତ (3-1-1977 ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 11ଦ୍ୱାରା ସନ୍ନିବେଶିତ (20-6-1979 ଠାରୁ କାର୍ଯ୍ୟକାରୀ)।

[3] ସମ୍ବିଧାନ (91ତମ ସଂଶୋଧନ) ଅଧିନିୟମ, 2003, ଧାରା 2ଦ୍ୱାରା ସନ୍ନିବେଶିତ (1-1-2004ଠାରୁ କାର୍ଯ୍ୟକାରୀ)।

(5) କୌଣସି ମନ୍ତ୍ରୀ ଯିଏକି ଲଗାତାର ଛଅମାସ ଅବଧି ନିମନ୍ତେ ସଂସଦର କୌଣସି ସଦନର ସଦସ୍ୟ ନଥାଆନ୍ତି, ସେ ଏପରି ଅବଧି ଶେଷ ହେବା ପରେ ମନ୍ତ୍ରୀପଦରୁ ବଞ୍ଚିତ ହେବେ ।

(6) ମନ୍ତ୍ରୀମାନଙ୍କର ବେତନ ଏବଂ ଭତ୍ତା ଏପରି ହେବ, ଯାହାକି ସଂସଦ ସମୟାନୁକ୍ରମେ, ଆଇନଦ୍ୱାରା ସ୍ଥିର କରିବେ ଏବଂ ସଂସଦ ଏପରି ସ୍ଥିର କରିବା ପର୍ଯ୍ୟନ୍ତ ତାହା ଦ୍ୱିତୀୟ ଅନୁସୂଚୀରେ ଧାର୍ଯ୍ୟ କରାଯିବ ।

*ଭାରତର ମହାନ୍ୟାୟବାଦୀ*

**76. ଭାରତର ମହାନ୍ୟାୟବାଦୀ —** ସର୍ବୋଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶ ହେବା ନିମନ୍ତେ ଯୋଗ୍ୟତା ଥିବା କୌଣସି ବ୍ୟକ୍ତିଙ୍କୁ ରାଷ୍ଟ୍ରପତି ଭାରତର ମହାନ୍ୟାୟବାଦୀଭାବେ ନିଯୁକ୍ତ କରିବେ ।

(2) ରାଷ୍ଟ୍ରପତିଙ୍କଦ୍ୱାରା, ସମୟାନୁକ୍ରମେ ତାଙ୍କୁ ଉଲ୍ଲେଖ କରାଯାଉଥିବା କିମ୍ବା ନ୍ୟସ୍ତ କରାଯାଉଥିବା ଆଇନଗତ ବିଷୟ ଉପରେ ଭାରତ ଏବଂ ଅନ୍ୟ ଆଇନଗତ ଦାୟିତ୍ୱ ଉପରେ ସରକାରଙ୍କୁ ପରାମର୍ଶ ଦେବା ଏବଂ ସମ୍ବିଧାନ ଅନୁଯାୟୀ କିମ୍ବା ଅନ୍ୟ କୌଣସି ବଳବତ୍ତର ଆଇନ ଅନୁଯାୟୀ, ତାଙ୍କ ଉପରେ ନ୍ୟସ୍ତ କରାଯାଇଥିବା କାର୍ଯ୍ୟ ସମ୍ପାଦନ କରିବା ହେଉଛି ମହାନ୍ୟାୟବାଦୀଙ୍କ କର୍ତ୍ତବ୍ୟ ।

(3) ଭାରତୀୟ ଅଞ୍ଚଳରେ ଥିବା ସମସ୍ତ ନ୍ୟାୟାଳୟରେ ତାଙ୍କର କର୍ତ୍ତବ୍ୟ ସମ୍ପାଦନ କରିବାରେ ମହାନ୍ୟାୟବାଦୀଙ୍କୁ ଶୁଣିବାର ଅଧିକାର ତାଙ୍କର ରହିବ ।

(4) ରାଷ୍ଟ୍ରପତିଙ୍କ ସନ୍ତୁଷ୍ଟି ସମୟ ମଧ୍ୟରେ ମହାନ୍ୟାୟବାଦୀ ତାଙ୍କର କାର୍ଯ୍ୟର ସମ୍ପାଦନ କରିବେ ଏବଂ ରାଷ୍ଟ୍ରପତିଙ୍କଦ୍ୱାରା ନିର୍ଦ୍ଧାରିତ କରାଯାଇଥିବା ଅନୁଯାୟୀ ସେ ବେତନ ପାଇବେ ।

*ସରକାରୀ କାର୍ଯ୍ୟ ପରିଚାଳନା*

**77. ଭାରତ ସରକାରଙ୍କ କାର୍ଯ୍ୟ ପରିଚାଳନା—** (1) ଭାରତ ସରକାରଙ୍କ ସମସ୍ତ ପ୍ରଶାସନିକ କାର୍ଯ୍ୟ ରାଷ୍ଟ୍ରପତିଙ୍କ ନାମରେ ନିଷ୍ପର୍ଷ କରାଯାଉଛି ବୋଲି ବ୍ୟକ୍ତ କରାଯିବ ।

(2) ରାଷ୍ଟ୍ରପତିଙ୍କ ନାମରେ ସମ୍ପାଦନ କରାଯାଇଥିବା କୌଣସି ଦଲିଲ୍ କିମ୍ବା ଅନ୍ୟ କୌଣସି ଆଦେଶ ସବୁ, ରାଷ୍ଟ୍ରପତିଙ୍କଦ୍ୱାରା ପ୍ରଣୀତ ନିୟମାବଳୀ[1] ଅନୁଯାୟୀ ଧାର୍ଯ୍ୟ ପଦ୍ଧତିରେ ପ୍ରମାଣିକୃତ କରାଯିବ ଏବଂ ଏପରି ପ୍ରମାଣିକୃତ ବା ପ୍ରମାଣିତ କରାଯାଇଥିବା କୌଣସି ଆଦେଶ କିମ୍ବା ଦଲିଲ୍‌ର ବୈଧତା ବିଷୟରେ ଏହା ରାଷ୍ଟ୍ରପତିଙ୍କଦ୍ୱାରା ସମ୍ପାଦିତ ହୋଇଥିବା କୌଣସି ଦଲିଲ୍ କିମ୍ବା ଆଦେଶ ନୁହେଁ ବୋଲି କୌଣସି ପ୍ରଶ୍ନ ଉଠାଯାଇପାରିବ ନାହିଁ ।

(3) ଭାରତ ସରକାରଙ୍କ କାର୍ଯ୍ୟ ପରିଚାଳନାକୁ ଅଧିକ ସରଳ କରିବା ନିମନ୍ତେ, ରାଷ୍ଟ୍ରପତି ନିୟମାବଳୀ ପ୍ରଣୟନ କରିବେ ଏବଂ ଉକ୍ତ କାର୍ଯ୍ୟକୁ ମନ୍ତ୍ରୀମାନଙ୍କ ମଧ୍ୟରେ ଆବଣ୍ଟନ କରିବେ ।

[2](4) * * * *

---

[1] ସମୟ ସମୟରେ ସଂଶୋଧିତ ଅଧିସୂଚନା ସଂଖ୍ୟା, S.O 2297, ତାରିଖ 3 ନଭେମ୍ବର, 1958, ଭାରତର ରାଜପତ୍ର, ବିଶେଷ ସଂସ୍କରଣ, ଦ୍ୱିତୀୟ ଭାଗ, ଧାରା 3 (ii), P. 1315 ଦେଖନ୍ତୁ ।

[2] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 14ଦ୍ୱାରା ଖଣ୍ଡ (4)କୁ ସନ୍ନିବେଶିତ କରାଯାଇଥିଲା (3-1-1977ଠାରୁ କାର୍ଯ୍ୟକାରୀ) ଏବଂ ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 12ଦ୍ୱାରା ବାଦ୍ ଦିଆଯାଇଥିଲା (20-6-1979ଠାରୁ କାର୍ଯ୍ୟକାରୀ) ।

**78. ରାଷ୍ଟ୍ରପତିଙ୍କୁ ତଥ୍ୟ ପ୍ରଦାନ କରିବା ସମ୍ବନ୍ଧରେ ପ୍ରଧାନମନ୍ତ୍ରୀଙ୍କ କର୍ତ୍ତବ୍ୟ —** ଏହା ପ୍ରଧାନମନ୍ତ୍ରୀଙ୍କ କର୍ତ୍ତବ୍ୟ ହେବ —

(*a*) କେନ୍ଦ୍ରର ପ୍ରଶାସନିକ କାର୍ଯ୍ୟକଳାପ ଏବଂ ଆଇନ ପ୍ରଣୟନ ନିମନ୍ତେ ପ୍ରସ୍ତାବ ସମ୍ବନ୍ଧୀୟ ମନ୍ତ୍ରୀ ପରିଷଦର ସମସ୍ତ ନିଷ୍ପତ୍ତି ରାଷ୍ଟ୍ରପତିଙ୍କୁ ଜଣାଇବେ;

(*b*) କେନ୍ଦ୍ରର ପ୍ରଶାସନିକ କାର୍ଯ୍ୟକଳାପ ଏବଂ ଆଇନ ପ୍ରଣୟନ ନିମନ୍ତେ ପ୍ରସ୍ତାବ ସମ୍ପର୍କିତ ସମସ୍ତ ତଥ୍ୟ ପ୍ରଦାନ କରିବେ, ଯାହା ରାଷ୍ଟ୍ରପତି ତାଙ୍କଠାରୁ ଆହ୍ୱାନ କରିବେ; ଏବଂ

(*c*) ଯଦି ରାଷ୍ଟ୍ରପତି ସେପରି ଆବଶ୍ୟକ କରନ୍ତି, ତା'ହେଲେ ଯେଉଁ ବିଷୟରେ କୌଣସି ମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି, ମାତ୍ର ତାହା ମନ୍ତ୍ରୀ ପରିଷଦଦ୍ୱାରା ବିଚାର କରାଯାଇନାହିଁ, ତାକୁ ମନ୍ତ୍ରୀ ପରିଷଦଙ୍କ ବିଚାର ନିମନ୍ତେ ଉପସ୍ଥାପନ କରିବା ।

## ଅଧ୍ୟାୟ 2— ସଂସଦ

*ସାଧାରଣ*

**79. ସଂସଦର ଗଠନ—** କେନ୍ଦ୍ର ପାଇଁ ଏକ ସଂସଦ ରହିବ, ଯାହାର ଗଠନ ରାଷ୍ଟ୍ରପତି ଏବଂ ଦୁଇଟି ସଦନକୁ ନେଇ ହେବ, ତାହା ଯଥାକ୍ରମେ ରାଜ୍ୟସଭା ଏବଂ ଲୋକସଭାଭାବେ ପରିଚିତ ହେବ ।

**80. ରାଜ୍ୟସଭାର ଗଠନ—** (1) [1][[2]*** ରାଜ୍ୟସଭାରେ] ଅନ୍ତର୍ଭୁକ୍ତ ହେବ—

(*a*) ଉପଖଣ୍ଡ (3)ର ବ୍ୟବସ୍ଥା ଅନୁଯାୟୀ ବାରଜଣ ସଦସ୍ୟ ରାଷ୍ଟ୍ରପତିଙ୍କ ଦ୍ୱାରା ମନୋନୀତ ହେବେ; ଏବଂ

(*b*) ଏଥିରେ ରାଜ୍ୟଗୁଡ଼ିକରୁ [3][ଏବଂ କେନ୍ଦ୍ରଶାସିତ ଅଞ୍ଚଳରୁ] ଦୁଇଶହ ଅଠତିରିଶରୁ ଅଧିକ ହୋଇନଥିବା ପ୍ରତିନିଧି ରହିବେ ।

(2) ରାଜ୍ୟ [3][ଏବଂ କେନ୍ଦ୍ରଶାସିତ ଅଞ୍ଚଳର] ପ୍ରତିନିଧିମାନଙ୍କ ଦ୍ୱାରା, ରାଜ୍ୟସଭା ନିମନ୍ତେ ପୂରଣ କରାଯିବାକୁ ଥିବା ଆସନଗୁଡ଼ିକର ଆବଣ୍ଟନ ଚତୁର୍ଥ ଅନୁସୂଚୀରେ ଥିବା ବ୍ୟବସ୍ଥା ଅନୁଯାୟୀ କରାଯିବ ।

(3) ଖଣ୍ଡ (1)ର ଉପଖଣ୍ଡ(*a*) ଅନୁଯାୟୀ ରାଷ୍ଟ୍ରପତିଙ୍କଦ୍ୱାରା ମନୋନୀତ ସଦସ୍ୟମାନେ ଏପରି ବ୍ୟକ୍ତି ହୋଇଥିବେ, ଯେଉଁମାନଙ୍କର ନିମ୍ନଲିଖିତ ବିଷୟରେ ବିଶେଷ ଜ୍ଞାନ କିମ୍ବା ବ୍ୟବହାରିକ ଅଭିଜ୍ଞତା ଥିବ, ଯଥା:–

ସାହିତ୍ୟ, ବିଜ୍ଞାନ, କଳା ଏବଂ ସମାଜ ସେବା ।

---

[1] ସମ୍ବିଧାନ (35ତମ ସଂଶୋଧନ) ଅଧିନିୟମ, 1974, ଧାରା 3ଦ୍ୱାରା "ରାଜ୍ୟସଭା" ପାଇଁ ପ୍ରତିସ୍ଥାପିତ (1-3-1975ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (36ତମ ସଂଶୋଧନ) ଅଧିନିୟମ, 1975, ଧାରା 5ଦ୍ୱାରା "ଦଶମ ଅନୁସୂଚୀର ପରିଚ୍ଛେଦ 4ରେ ଥିବା ବ୍ୟବସ୍ଥା ଅଧିନରେ ଥିବା" ଶବ୍ଦଗୁଡ଼ିକ ବାଦ୍ ଦିଆଯାଇଛି (26-4-1975 ଠାରୁ କାର୍ଯ୍ୟକାରୀ) ।

[3] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 3ଦ୍ୱାରା ସଂଯୁକ୍ତ କରାଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ) ।

(4) ରାଜ୍ୟସଭାରେ ଥିବା ପ୍ରତ୍ୟେକ ରାଜ୍ୟର ପ୍ରତିନିଧି, [1]***ଉକ୍ତ ରାଜ୍ୟର ବିଧାନସଭାର ନିର୍ବାଚିତ ସଭ୍ୟଙ୍କଦ୍ୱାରା ନିର୍ବାଚିତ ହେବେ ଏବଂ ଏହା ଏକକ ହସ୍ତାନ୍ତରିତ ମତଦାନ ଏବଂ ଆନୁପାତିକ ପ୍ରତିନିଧିତ୍ୱ ପଦ୍ଧତି ଅନୁଯାୟୀ କରାଯିବ ।

(5) ରାଜ୍ୟସଭାରେ ଥିବା [2][କେନ୍ଦ୍ରଶାସିତ ଅଞ୍ଚଳ]ର ପ୍ରତିନିଧିମାନଙ୍କୁ ଏପରି ବଛାଯିବ, ଯେପରି ସଂସଦ ଆଇନଦ୍ୱାରା ନିର୍ଦ୍ଧାରଣ କରିବେ ।

[3][**81. ଲୋକସଭାର ଗଠନ**— (1) [4][ଅନୁଚ୍ଛେଦ 331ର ଅଧୀନରେ[5]***], ଲୋକସଭା ନିମ୍ନଲିଖିତ ସଦସ୍ୟଙ୍କୁ ନେଇ ଗଠିତ ହେବ—

(*a*) ରାଜ୍ୟର ଆଞ୍ଚଳିକ ନିର୍ବାଚନ ମଣ୍ଡଳୀରୁ ପ୍ରତ୍ୟକ୍ଷ ନିର୍ବାଚନଦ୍ୱାରା ନିର୍ବାଚିତ [6][ପାଞ୍ଚଶହ ତିରିଶ]ରୁ ବଛା ଯାଇଥିବା ସଦସ୍ୟ; ଏବଂ

(*b*) କେନ୍ଦ୍ରଶାସିତ ଅଞ୍ଚଳକୁ ପ୍ରତିନିଧିତ୍ୱ କରିବା ନିମନ୍ତେ, [7][କୋଡ଼ିଏ ଜଣ ସଦସ୍ୟ]ରୁ ଅଧିକ ହୋଇ ନଥିବ, ଏପରିଭାବେ ବଛାଯିବ, ଯେପରି ସଂସଦ ଆଇନଦ୍ୱାରା ଧାର୍ଯ୍ୟ କରିବ ।

(2) ଖଣ୍ଡ (1)ର ଉପ ଖଣ୍ଡ(*a*) ଉଦ୍ଦେଶ୍ୟରେ, —

(*a*) ପ୍ରତ୍ୟେକ ରାଜ୍ୟକୁ ଲୋକସଭାରେ କେତେ ଆସନ ଆବଣ୍ଟନ କରାଯିବ ତାହା ଏପରି ପଦ୍ଧତିରେ କରାଯିବ ଯେ, ଯାହା ରାଜ୍ୟର ଜନସଂଖ୍ୟାର ଅନୁପାତ ଅନୁଯାୟୀ ଯେତେଦୂର ସମ୍ଭବ, ସମସ୍ତ ରାଜ୍ୟ ନିମନ୍ତେ ସମାନ ହୋଇଥିବ; ଏବଂ

(*b*) ପ୍ରତ୍ୟେକ ରାଜ୍ୟକୁ ଆଞ୍ଚଳିକ ନିର୍ବାଚନ ମଣ୍ଡଳୀରେ ଏପରିଭାବେ ବିଭକ୍ତ କରାଯିବ ଯେ, ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀର ଜନସଂଖ୍ୟାର ଅନୁପାତ ଏବଂ ଏହାକୁ ଆବଣ୍ଟିତ କରାଯାଇଥିବା ଆସନ ସଂଖ୍ୟା, ଯଥାସମ୍ଭବ, ସାରା ରାଜ୍ୟରେ ସମାନ ହୋଇଥିବ:

[8][କିନ୍ତୁ, ଏହି ଖଣ୍ଡର ଉପଖଣ୍ଡ (*a*)ର ବ୍ୟବସ୍ଥା, ଲୋକସଭାରେ କୌଣସି ରାଜ୍ୟପ୍ରତି ଆସନ ଆବଣ୍ଟନ ଉଦ୍ଦେଶ୍ୟରେ ପ୍ରୟୋଗ ହେବ ନାହିଁ, ଯେପର୍ଯ୍ୟନ୍ତ ଉକ୍ତ ରାଜ୍ୟର ଜନସଂଖ୍ୟା ଛଅ ନିୟୁତରୁ ଅଧିକ ହୋଇନଥାଏ ।]

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 3ଦ୍ୱାରା "ପ୍ରଥମ ଅନୁସୂଚୀର ଭାଗ A କିମ୍ବା ଭାଗ B ରେ ନିର୍ଦ୍ଦିଷ୍ଟ" ଶବ୍ଦ ଏବଂ ଅକ୍ଷରଗୁଡ଼ିକୁ ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 3 ଦ୍ୱାରା "ପ୍ରଥମ ଅନୁସୂଚୀର ଭାଗ C ରେ ନିର୍ଦ୍ଦିଷ୍ଟ ରାଜ୍ୟ" ପାଇଁ ପ୍ରତିସ୍ଥାପିତ (1-11-1956 ଠାରୁ କାର୍ଯ୍ୟକାରୀ) ।

[3] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 4 ଦ୍ୱାରା ଅନୁଚ୍ଛେଦ 81 ଏବଂ 82 ପାଇଁ ପ୍ରତିସ୍ଥାପିତ (1-11-1956 ଠାରୁ କାର୍ଯ୍ୟକାରୀ)।

[4] ସମ୍ବିଧାନ (35ତମ ସଂଶୋଧନ) ଅଧିନିୟମ, 1974, ଧାରା 4ଦ୍ୱାରା "ଅନୁଚ୍ଛେଦ 331 ବ୍ୟବସ୍ଥାର ଅଧୀନସ୍ଥ" ପାଇଁ ପ୍ରତିସ୍ଥାପିତ (1-3-1975 ଠାରୁ କାର୍ଯ୍ୟକାରୀ) ।

[5] ସମ୍ବିଧାନ (36ତମ ସଂଶୋଧନ) ଅଧିନିୟମ, 1975, ଧାରା 5ଦ୍ୱାରା "ଏବଂ ଦଶମ ଅନୁସୂଚୀର ପରିଚ୍ଛେଦ 4" ଶବ୍ଦ ଏବଂ ବାକ୍ୟକୁ ବାଦ୍ ଦିଆଯାଇଛି (26-4-1975 ଠାରୁ କାର୍ଯ୍ୟକାରୀ) ।

[6] ଗୋଆ, ଡାମନ ଓ ଡିଉ ପୁନର୍ଗଠନ ଅଧିନିୟମ, 1987 (1987ର 18ନଂ ), ଧାରା 63ଦ୍ୱାରା "ପାଞ୍ଚଶହ ପଚିଶ ସଦସ୍ୟ" ପାଇଁ ପ୍ରତିସ୍ଥାପିତ (30-5-1987ଠାରୁ କାର୍ଯ୍ୟକାରୀ) ।

[7] ସମ୍ବିଧାନ (31ତମ ସଂଶୋଧନ) ଅଧିନିୟମ, 1973, ଧାରା 2ଦ୍ୱାରା "ପଚିଶ ଜଣ ସଦସ୍ୟ" ପାଇଁ ପ୍ରତିସ୍ଥାପିତ (17-10-1973 ଠାରୁ କାର୍ଯ୍ୟକାରୀ)

[8] ସମ୍ବିଧାନ (31ତମ ସଂଶୋଧନ) ଅଧିନିୟମ, 1973, ଧାରା 2 ଦ୍ୱାରା ସନ୍ନିବେଶିତ (17-10-1973ଠାରୁ କାର୍ଯ୍ୟକାରୀ) ।

(3) ଏହି ଅନୁଚ୍ଛେଦରେ ବ୍ୟବହୃତ ଶବ୍ଦ "ଜନସଂଖ୍ୟା"ର ଅର୍ଥ, ପୂର୍ବ ଜନଗଣନା ଅନୁଯାୟୀ ସ୍ଥିର କରାଯାଇଥିବା ଜନସଂଖ୍ୟା, ଯାହାର ଉପଯୁକ୍ତ ସଂଖ୍ୟା ପ୍ରକାଶ କରାଯାଇଛି:

[1][କିନ୍ତୁ, ଏହି ଖଣ୍ଡରେ ଯେଉଁ ଗତଥର ନିମନ୍ତେ ହୋଇଥିବା ଜନସଂଖ୍ୟା ବିଷୟ ଉଲ୍ଲେଖ କରାଯାଇଛି ଏବଂ ଯାହାର ଯଥାର୍ଥ ଗଣନା ପ୍ରକାଶିତ ହୋଇଛି, ଯେପର୍ଯ୍ୟନ୍ତ [2][2026] ବର୍ଷ ପରେ ପ୍ରଥମଥର ନିମନ୍ତେ ଜନଗଣନା ଯଥାର୍ଥ ଭାବେ ଉପସ୍ଥାପିତ କରାନଯାଇଛି ଏବଂ ପ୍ରକାଶିତ ନହୋଇଛି, [3][ତାକୁ ନିମ୍ନମତେ ବ୍ୟଖ୍ୟା କରାଯିବ,—

(*i*) 1971 ଜନଗଣନାର ଏକ ସନ୍ଦର୍ଭଭାବରେ, ଖଣ୍ଡ (2)ର ଉପଖଣ୍ଡ (*a*) ଏବଂ ସେହି ଖଣ୍ଡର ପ୍ରତିବନ୍ଧ ଉଦ୍ଦେଶ୍ୟରେ; ଏବଂ

(*ii*) [4][2001] ଜନଗଣନାର ଏକ ସନ୍ଦର୍ଭଭାବରେ ଖଣ୍ଡ (2)ର ଉପଖଣ୍ଡ (*b*) ଉଦ୍ଦେଶ୍ୟରେ]]

**82. ପ୍ରତ୍ୟେକ ଜନଗଣନା ପରେ ପୁନଃ ବିନ୍ୟାସ—** ପ୍ରତ୍ୟେକ ଜନଗଣନା ସମାପ୍ତ ହେବା ପରେ, ପ୍ରତ୍ୟେକ ରାଜ୍ୟକୁ, ଲୋକସଭାର ଆସନ ଆବଣ୍ଟନ ଏବଂ ପ୍ରତ୍ୟେକ ରାଜ୍ୟକୁ ନିର୍ବାଚନ ମଣ୍ଡଳୀରେ ବିଭକ୍ତ କରିବା, ଏପରି ଅଧିକାରୀଙ୍କଦ୍ୱାରା ପୁନଃ ସମୀକରଣ କରାଯିବ, ଯେପରି ସଂସଦ ଆଇନଦ୍ୱାରା ସ୍ଥିର କରିବେ:

କିନ୍ତୁ, ଯେପର୍ଯ୍ୟନ୍ତ ପ୍ରଚଳିତ ସଦନ ଭଙ୍ଗ ନହୋଇଛି, ସେପର୍ଯ୍ୟନ୍ତ ଏପରି ପୁନଃବିନ୍ୟାସ, ଉକ୍ତ ସଦନର ପ୍ରତିନିଧିତ୍ୱରେ ପ୍ରଭାବ ପକାଇବ ନାହିଁ:

[5][ଅଧିକନ୍ତୁ, ଏପରି ପୁନଃବିନ୍ୟାସ, ସେହି ତାରିଖରୁ କାର୍ଯ୍ୟକାରୀ ହେବ, ଯେପରିଭାବେ ରାଷ୍ଟ୍ରପତି ଆଦେଶଦ୍ୱାରା ଧାର୍ଯ୍ୟ କରିବେ ଏବଂ ଯେପର୍ଯ୍ୟନ୍ତ ଏପରି ପୁନଃବିନ୍ୟାସ କାର୍ଯ୍ୟକାରୀ ନହୋଇଛି, ଏପରି ପୁନଃବିନ୍ୟାସ ପୂର୍ବରୁ ପ୍ରଚଳିତ ଆଞ୍ଚଳିକ ନିର୍ବାଚନମଣ୍ଡଳୀ ଭିତ୍ତିରେ ଉକ୍ତ ସଦନର ଯେକୌଣସି ନିର୍ବାଚନ କରାଯାଇପାରେ:

ପୁନଶ୍ଚ କିନ୍ତୁ, [6][2026] ମସିହା ପରେ, ଯେପର୍ଯ୍ୟନ୍ତ ପ୍ରଥମ ଜନଗଣନାର ଉପଯୁକ୍ତ ସଂଖ୍ୟା ପ୍ରକାଶ, ସେପର୍ଯ୍ୟନ୍ତ [7][ପୁନଃ ବିନ୍ୟାସ ଆବଶ୍ୟକ ନୁହେଁ,—

---

[1] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 15ଦ୍ୱାରା ସଂଯୁକ୍ତ କରାଯାଇଛି (3-1-1977ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (84ତମ ସଂଶୋଧନ) ଅଧିନିୟମ, 2001, ଧାରା 3ଦ୍ୱାରା "2000" ପାଇଁ ପ୍ରତିସ୍ଥାପିତ (21-2-2002ଠାରୁ କାର୍ଯ୍ୟକାରୀ)।

[3] ସମ୍ବିଧାନ (84ତମ ସଂଶୋଧନ) ଅଧିନିୟମ, 2001, ଧାରା 3ଦ୍ୱାରା ନିର୍ଦ୍ଦିଷ୍ଟ ଶବ୍ଦ ପାଇଁ ପ୍ରତିସ୍ଥାପିତ (21-2-2002ଠାରୁ କାର୍ଯ୍ୟକାରୀ)।

[4] ସମ୍ବିଧାନ (87ତମ ସଂଶୋଧନ) ଅଧିନିୟମ, 2003, ଧାରା 2ଦ୍ୱାରା "1991" ପାଇଁ ପ୍ରତିସ୍ଥାପିତ (21-2-2002ଠାରୁ କାର୍ଯ୍ୟକାରୀ)।

[5] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 16ଦ୍ୱାରା ସନ୍ନିବେଶିତ (3-1-1977ଠାରୁ କାର୍ଯ୍ୟକାରୀ) ।

[6] ସମ୍ବିଧାନ (84ତମ ସଂଶୋଧନ) ଅଧିନିୟମ, 2001, ଧାରା 4ଦ୍ୱାରା "2000" ପାଇଁ ପ୍ରତିସ୍ଥାପିତ (21-2-2002ଠାରୁ କାର୍ଯ୍ୟକାରୀ) ।

[7] ସମ୍ବିଧାନ (84ତମ ସଂଶୋଧନ) ଅଧିନିୟମ, 2001, ଧାରା 4ଦ୍ୱାରା ନିର୍ଦ୍ଦିଷ୍ଟ କିଛି ଶବ୍ଦ ପାଇଁ ପ୍ରତିସ୍ଥାପିତ (21-2-2002ଠାରୁ କାର୍ଯ୍ୟକାରୀ) ।

(*i*) ଲୋକସଭାରେ ରାଜ୍ୟଗୁଡ଼ିକ ପ୍ରତି ଆସନର ଆବଣ୍ଟନ ଯେପରି 1971 ମସିହାର ଜନଗଣନା ଭିତ୍ତି ଉପରେ ପୁନଃ ବିନ୍ୟାସ କରାଯାଇଥିଲା; ଏବଂ

(*ii*) ପ୍ରତ୍ୟେକ ରାଜ୍ୟର ଆଞ୍ଚଳିକ ନିର୍ବାଚନ ମଣ୍ଡଳୀର ବିଭାଜନ, [1][2001] ମସିହାର ଜନଗଣନାର ଭିତ୍ତି ଉପରେ ପୁନଃ ବିନ୍ୟାସ କରାଯାଇପାରେ,

ତାହା ଏହି ଅନୁଚ୍ଛେଦ ଅନୁଯାୟୀ ହେବା।]]

**83. ସଂସଦର ଉଭୟ ସଦନର ଅବଧି—** (1) ରାଜ୍ୟସଭାକୁ ଭଙ୍ଗ କରାଯାଇପାରିବ ନାହିଁ, କିନ୍ତୁ ଏ ସମ୍ବନ୍ଧରେ ଆଇନ ଅନୁଯାୟୀ ସଂସଦଦ୍ୱାରା ପ୍ରଣୀତ ବ୍ୟବସ୍ଥା ଅନୁଯାୟୀ ଯଥାସମ୍ଭବ, ପ୍ରତ୍ୟେକ ଦୁଇବର୍ଷ ସମାପ୍ତ ପରେ ଏହାର ଏକ-ତୃତୀୟାଂଶ ସଦସ୍ୟ ଅବସର ଗ୍ରହଣ କରିବେ ।

(2) ଲୋକସଭା ଯଦି ଶୀଘ୍ର ଭଙ୍ଗ ନହୁଏ, ତା'ହେଲେ ଏହାର ପ୍ରଥମ ବୈଠକ ନିମନ୍ତେ ଧାର୍ଯ୍ୟ ତାରିଖରୁ [2][ପାଞ୍ଚବର୍ଷ] ପର୍ଯ୍ୟନ୍ତ ଏବଂ ତା'ଠାରୁ ଅଧିକ ହେବ ନାହିଁ; ଉକ୍ତ ପାଞ୍ଚବର୍ଷ ଅବଧି ଶେଷ ହେବା ପରେ ଉକ୍ତ ସଦନ ଭଙ୍ଗ ହେଲା ବୋଲି ଧରି ନିଆଯିବ:

କିନ୍ତୁ, ଉକ୍ତ ଅବଧିକୁ ଯେତେବେଳେ କୌଣସି ଜରୁରୀ ପରିସ୍ଥିତି ଜାରି ରହିଥାଏ, ସଂସଦ ଆଇନ ଦ୍ୱାରା ଏକ ସମୟରେ ଏକବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିପାରିବେ ଏବଂ କୌଣସି କ୍ଷେତ୍ରରେ ଏପରି ଅବଧି ସମାପ୍ତ ହେବା ପରେ ଏହାକୁ ଛଅମାସରୁ ଊର୍ଦ୍ଧ୍ୱ ବୃଦ୍ଧି କରାଯାଇପାରିବ ନାହିଁ ।

**84. ସଂସଦର ସଦସ୍ୟ ହେବା ନିମନ୍ତେ ଯୋଗ୍ୟତା—** କୌଣସି ବ୍ୟକ୍ତି ସଂସଦରେ ଆସନ ପୂରଣ ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ, ଯଦି ସେ –

[3][(*a*) ଭାରତର ନାଗରିକ ହୋଇନଥାଆନ୍ତି ଏବଂ ନିର୍ବାଚନ ଆୟୋଗଙ୍କ ଦ୍ୱାରା ସେ ସମ୍ବନ୍ଧରେ କ୍ଷମତାପ୍ରାପ୍ତ କୌଣସି ଅଧିକାରୀଙ୍କ ସମ୍ମୁଖରେ ସେହି ଉଦ୍ଦେଶ୍ୟରେ ତୃତୀୟ ଅନୁସୂଚୀରେ ଉଲ୍ଲେଖ କରାଯାଇଥିବା ପତ୍ର ଅନୁଯାୟୀ ଶପଥ ଗ୍ରହଣ କିମ୍ବା ସଂକଳ୍ପ ନକରନ୍ତି;]

(*b*) ରାଜ୍ୟସଭାର ଆସନ ନିମନ୍ତେ ଅତିକମରେ ତିରିଶ ବର୍ଷରୁ କମ୍ ବୟସ ହୋଇନଥିବ ଏବଂ ଲୋକସଭାର ଆସନ କ୍ଷେତ୍ରରେ ତାଙ୍କର ବୟସ ଅତିକମରେ ପଚିଶ ବର୍ଷରୁ କମ୍ ହୋଇନଥିବ; ଏବଂ

(*c*) ସେ ସଂକ୍ରାନ୍ତରେ ସଂସଦ ଦ୍ୱାରା ଧାର୍ଯ୍ୟ କରାଯାଇଥିବା କୌଣସି ଆଇନ ବଳରେ ଅନ୍ୟ କୌଣସି ଯୋଗ୍ୟତାର ଅଧିକାରୀ ହୋଇନଥାଆନ୍ତି ।

---

[1] ସମ୍ବିଧାନ (87ତମ ସଂଶୋଧନ) ଅଧିନିୟମ, 2003, ଧାରା 3ଦ୍ୱାରା "1991" ପାଇଁ ପ୍ରତିସ୍ଥାପିତ (22-6-2003ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 17ଦ୍ୱାରା "ପାଞ୍ଚ ବର୍ଷ" ପାଇଁ (3-1-1977ଠାରୁ କାର୍ଯ୍ୟକାରୀ) ଏବଂ ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 13ଦ୍ୱାରା "ଛଅ ବର୍ଷ" ପାଇଁ ପରବର୍ତ୍ତୀ ଅଧୀନସ୍ଥ ଧାରା (20-6-1979ଠାରୁ କାର୍ଯ୍ୟକାରୀ)।

[3] ସମ୍ବିଧାନ (16ତମ ସଂଶୋଧନ) ଅଧିନିୟମ, 1963, ଧାରା 3 ଦ୍ୱାରା ଖଣ୍ଡ (*a*) ପାଇଁ ପ୍ରତିସ୍ଥାପିତ (5-10-1963ଠାରୁ କାର୍ଯ୍ୟକାରୀ)।

[1][**85. ସଂସଦର ଅଧିବେଶନ, ସ୍ଥଗିତକରଣ ଏବଂ ଭଙ୍ଗ**— (1) ରାଷ୍ଟ୍ରପତି, ସମୟାନୁକ୍ରମେ ସଂସଦର ଏକ ସଦନକୁ ବା ଉଭୟ ସଦନକୁ ଯେଉଁ ସ୍ଥାନ ଓ ସମୟ ଉପଯୁକ୍ତ ମନେକରିବେ, ସେ ସ୍ଥାନରେ ଏକତ୍ରିତ ହେବା ପାଇଁ ଆହ୍ୱାନ କରିପାରିବେ କିନ୍ତୁ ଏକ ଅଧିବେଶନରେ ଶେଷ ବୈଠକ ଏବଂ ପରବର୍ତ୍ତୀ ଅଧିବେଶନର ବୈଠକ ନିମନ୍ତେ ସ୍ଥିର କରାଯାଇଥିବା ତାରିଖ ମଧ୍ୟରେ ଛଅମାସରୁ ଅଧିକ ବ୍ୟବଧାନ ରହିବ ନାହିଁ ।

(2) ରାଷ୍ଟ୍ରପତି, ସମୟ ସମୟରେ—

(*a*) ସଦନ କିମ୍ବା ଯେକୌଣସି ସଦନକୁ, ମୁଲତବି କରିପାରନ୍ତି;

(*b*) ଲୋକସଭାକୁ ଭାଙ୍ଗିପାରନ୍ତି ।]

**86. ସଦନଗୁଡ଼ିକୁ ସମ୍ବୋଧନ କରିବା ଏବଂ ସମ୍ବାଦ ପ୍ରେରଣ କରିବାରେ ରାଷ୍ଟ୍ରପତିଙ୍କ ଅଧିକାର**— (1) ରାଷ୍ଟ୍ରପତି, ସଂସଦର ଯେକୌଣସି ସଦନକୁ କିମ୍ବା ଏକତ୍ର ହୋଇଥିବା ଉଭୟ ସଦନକୁ ସମ୍ବୋଧନ କରିପାରନ୍ତି ଏବଂ ସେହି ଉଦ୍ଦେଶ୍ୟରେ ସଦସ୍ୟମାନଙ୍କର ଉପସ୍ଥିତି ଆବଶ୍ୟକ ହୋଇପାରେ ।

(2) ସଂସଦରେ କୌଣସି ବିଧେୟକ ସମ୍ବନ୍ଧରେ କିମ୍ବା ଅନ୍ୟଥା, ବିଚାରାଧିନ ଥାଏ, ତେବେ ରାଷ୍ଟ୍ରପତି, ଯେକୌଣସି ସଦନକୁ ସମ୍ବାଦ ପ୍ରେରଣ କରିପାରନ୍ତି ଏବଂ ଯେଉଁ ସଦନକୁ ଏପରି ସମ୍ବାଦ ପ୍ରେରଣ କରାଯାଇଥାଏ, ଉକ୍ତ ସମ୍ବାଦ ଦ୍ୱାରା ଆବଶ୍ୟକ ଥିବା ଯେକୌଣସି ବିଷୟକୁ ଯଥାଶୀଘ୍ର ବିଚାର କରିବେ ।

**87. ରାଷ୍ଟ୍ରପତିଙ୍କ ଦ୍ୱାରା ସ୍ୱତନ୍ତ୍ର ସମ୍ବୋଧନ**— (1) [2][ପ୍ରତି ସାଧାରଣ ନିର୍ବାଚନ ପରେ ହେଉଥିବା ଲୋକସଭାର ପ୍ରଥମ ଅଧିବେଶନର ପ୍ରାରମ୍ଭରେ ଏବଂ ପ୍ରତ୍ୟେକ ବର୍ଷର ପ୍ରଥମ ଅଧିବେଶନ ପ୍ରାରମ୍ଭ ସମୟରେ] ରାଷ୍ଟ୍ରପତି, ଏକତ୍ରିତ ହୋଇଥିବା ଉଭୟ ସଦନକୁ ସମ୍ବୋଧନ କରିବେ ଏବଂ ସଂସଦକୁ ଏହାର ସମନର କାରଣ ସମ୍ପର୍କରେ ଜଣାଇବେ ।

(2) ଏପରି ସମ୍ବୋଧନରେ ଉଲ୍ଲେଖ କରାଯାଇଥିବା ବିଷୟରେ ଆଲୋଚନା କରିବା ପାଇଁ ଯେକୌଣସି ସଦନର ପଦ୍ଧତିକୁ ନିୟନ୍ତ୍ରିତ କରୁଥିବା ନିୟମାବଳୀରେ ବ୍ୟବସ୍ଥା କରାଯିବ[3]***।

**88. ସଦନ ସମ୍ବନ୍ଧରେ ମନ୍ତ୍ରୀ ଏବଂ ମହା-ନ୍ୟାୟବାଦୀଙ୍କର ଅଧିକାର**— ଯେକୌଣସି ସଦନର କାର୍ଯ୍ୟାନୁଷ୍ଠାନରେ, ସଦନର ଯୁଗ୍ମ ବୈଠକରେ, ସଂସଦର କୌଣସି ସମିତି, ଯେଉଁଥିରେ ସେ ଏକ ସଦସ୍ୟଭାବେ ମନୋନୀତ ହୋଇଥିବେ, ସେଥିରେ ପ୍ରତ୍ୟେକ ମନ୍ତ୍ରୀ ଏବଂ ଭାରତର ମହା-ନ୍ୟାୟବାଦୀ ନିଜର ମତ ରଖିପାରିବେ ଏବଂ ଅନ୍ୟଥା ଅଂଶଗ୍ରହଣ କରିପାରିବେ,ମାତ୍ର ଏହି ଅନୁଚ୍ଛେଦ ଅନୁଯାୟୀ ମତଦାନ ଦେବାର ଅଧିକାର ରହିବ ନାହିଁ।

---

[1] ସମ୍ବିଧାନ (ପ୍ରଥମ ସଂଶୋଧନ) ଅଧିନିୟମ, 1951, ଧାରା 6 ଦ୍ୱାରା ଅନୁଚ୍ଛେଦ 85 ପାଇଁ ପ୍ରତିସ୍ଥାପିତ (18-6-1951ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (ପ୍ରଥମ ସଂଶୋଧନ) ଅଧିନିୟମ, 1951, ଧାରା 7 ଦ୍ୱାରା "ପ୍ରତ୍ୟେକ ଅଧିବେଶନ" ପାଇଁ ପ୍ରତିସ୍ଥାପିତ (18-6-1951ଠାରୁ କାର୍ଯ୍ୟକାରୀ) ।

[3] ସମ୍ବିଧାନ (ପ୍ରଥମ ସଂଶୋଧନ) ଅଧିନିୟମ, 1951,"ଏବଂ ସଦନର ଅନ୍ୟ କାର୍ଯ୍ୟ ଉପରେ ଏପରି ଆଲୋଚନାର ପ୍ରାଧାନ୍ୟ ପାଇଁ" ଶବ୍ଦଗୁଡ଼ିକ ଧାରା 7 ଦ୍ୱାରା ବାଦ୍ ଦିଆଯାଇଛି। (18-6-1951ଠାରୁ କାର୍ଯ୍ୟକାରୀ) ।

*ସଂସଦର ପଦାଧିକାରୀ*

**89. ରାଜ୍ୟସଭାର ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ—** (1) ଭାରତର ଉପରାଷ୍ଟ୍ରପତି ନିଜ *ପଦବୀ* ଆଧାରରେ ରାଜ୍ୟସଭାର ଅଧ୍ୟକ୍ଷ ହେବେ ।

(2) ରାଜ୍ୟସଭା ଯଥାସମ୍ଭବ ତାହାର ସଦସ୍ୟମାନଙ୍କ ମଧ୍ୟରୁ ଜଣକୁ ଉପାଧ୍ୟକ୍ଷଭାବେ ଚୟନ କରିବେ ଏବଂ ଯେତେଥର ଉପାଧ୍ୟକ୍ଷ ପଦ ଖାଲି ହୁଏ, ପରିଷଦ, ଅନ୍ୟ ଜଣେ ସଦସ୍ୟଙ୍କୁ ଉପାଧ୍ୟକ୍ଷରୂପେ ବାଛିବେ ।

**90. ଉପାଧ୍ୟକ୍ଷଙ୍କ ପଦ ଖାଲି ଏବଂ ଏଥିରୁ ଇସ୍ତଫା ଓ ବହିଷ୍କାର—** ରାଜ୍ୟସଭାର ଉପାଧ୍ୟକ୍ଷଙ୍କ ପଦ ଧାରଣ କରିଥିବା କୌଣସି ସଦସ୍ୟ—

(*a*) ଯଦି ସେ ରାଜ୍ୟସଭାର ସଦସ୍ୟତା ହରାନ୍ତି, ତେବେ ନିଜ ପଦ ଖାଲି କରିବେ;

(*b*) ଯେକୌଣସି ସମୟରେ ଅଧ୍ୟକ୍ଷଙ୍କୁ ସମ୍ବୋଧନ କରି ନିଜ ହସ୍ତଲିଖିତ ପତ୍ର ଦ୍ୱାରା ନିଜ ପଦବୀରୁ ଇସ୍ତଫା ଦେଇପାରନ୍ତି; ଏବଂ

(*c*) ପରିଷଦର ସମସ୍ତ ସଦସ୍ୟଙ୍କ ସଂଖ୍ୟାଗରିଷ୍ଠତାରେ ଗୃହୀତ କୌଣସି ପ୍ରସ୍ତାବ ଦ୍ୱାରା ତାଙ୍କ ତତ୍କାଳିନ ପଦବୀରୁ ବହିଷ୍କାର ହୋଇପାରିବେ:

କିନ୍ତୁ, ଏପରି ପ୍ରସ୍ତାବ ଗ୍ରହଣ କରିବା ଉଦ୍ଦେଶ୍ୟରେ ଯଦି ଅତିକମରେ ଚଉଦଦିନିଆ ସୂଚନା ପ୍ରଦାନ କରାନଯାଏ, ତା'ହେଲେ ଖଣ୍ଡ(*c*) ଅନୁଯାୟୀ କୌଣସି ପ୍ରସ୍ତାବ ଗ୍ରହଣ କରାଯିବ ନାହିଁ ।

**91. ଉପାଧ୍ୟକ୍ଷ କିମ୍ବା ଅନ୍ୟ କୌଣସି ବ୍ୟକ୍ତି ଅଧ୍ୟକ୍ଷଙ୍କ ପଦର କର୍ତ୍ତବ୍ୟପାଳନ କରିବା କିମ୍ବା ଅଧ୍ୟକ୍ଷ ରୂପେ କାର୍ଯ୍ୟ କରିବା ନିମନ୍ତେ କ୍ଷମତା—** (1) ଯେତେବେଳେ ଅଧ୍ୟକ୍ଷଙ୍କ ପଦ ଖାଲି ଥାଏ କିମ୍ବା ଯେକୌଣସି ସମୟ ମଧ୍ୟରେ କିମ୍ବା ଯେତେବେଳେ ଉପରାଷ୍ଟ୍ରପତି, ରାଷ୍ଟ୍ରପତିଙ୍କ କାର୍ଯ୍ୟ କିମ୍ବା ରାଷ୍ଟ୍ରପତି କାର୍ଯ୍ୟାଳୟର କାର୍ଯ୍ୟ ସମ୍ପାଦନ କରୁଥାଆନ୍ତି, ସେତେବେଳେ ଉକ୍ତ କାର୍ଯ୍ୟାଳୟର କାର୍ଯ୍ୟ ଉପାଧ୍ୟକ୍ଷ ପରିଚାଳନା କରିବେ; କିମ୍ବା ଯଦି ଉପାଧ୍ୟକ୍ଷ ପଦ ମଧ୍ୟ ଖାଲି ଥାଏ, ତେବେ ଏହି ଉଦ୍ଦେଶ୍ୟରେ ରାଷ୍ଟ୍ରପତି ଯେଉଁ ପରିଷଦ ସଦସ୍ୟଙ୍କୁ ନିଯୁକ୍ତ କରିବେ, ସେହି ସଦସ୍ୟ କର୍ତ୍ତବ୍ୟ ପାଳନ କରିବେ ।

(2) ରାଜ୍ୟସଭାର କୌଣସି ବୈଠକରେ ଯଦି ଅଧ୍ୟକ୍ଷ ଅନୁପସ୍ଥିତ ରୁହନ୍ତି ତା'ହେଲେ ଉପାଧ୍ୟକ୍ଷ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବେ କିମ୍ବା ଉପାଧ୍ୟକ୍ଷ ମଧ୍ୟ ଅନୁପସ୍ଥିତ ଥାଆନ୍ତି, ରାଜ୍ୟସଭାର ପ୍ରଚଳିତ ନିୟମାବଳୀ ଅନୁଯାୟୀ ନିର୍ଦ୍ଧାରିତ ବ୍ୟକ୍ତି ଏବଂ ଯଦି ଏପରି କୌଣସି ବ୍ୟକ୍ତି ଉପସ୍ଥିତ ନଥାଆନ୍ତି, ତା'ହେଲେ ରାଜ୍ୟସଭା ଦ୍ୱାରା ସ୍ଥିର କରାଯାଇଥିବା ଯେକୌଣସି ବ୍ୟକ୍ତି ଅଧ୍ୟକ୍ଷଭାବେ କାର୍ଯ୍ୟ କରିବେ ।

**92. ଅଧ୍ୟକ୍ଷ କିମ୍ବା ଉପାଧ୍ୟକ୍ଷଙ୍କୁ ପଦରୁ ବହିଷ୍କାର ପାଇଁ ଏକ ପ୍ରସ୍ତାବ ବିଚାରାଧୀନ ଥିବା ସମୟରେ ସେ ଅଧ୍ୟକ୍ଷତା କରିବେ ନାହିଁ—** (1) ରାଜ୍ୟସଭାର କୌଣସି ବୈଠକରେ, ଯେତେବେଳେ ଉପ-ରାଷ୍ଟ୍ରପତିଙ୍କୁ ତାଙ୍କ କାର୍ଯ୍ୟାଳୟରୁ ବହିଷ୍କାର କରିବା ନିମନ୍ତେ କୌଣସି ପ୍ରସ୍ତାବ ବିଚାରାଧୀନ ଥାଏ, ସେତେବେଳେ ଉପାଧ୍ୟକ୍ଷ ଯଦିଓ ଉପସ୍ଥିତ ଥାଆନ୍ତି, ତଥାପି ସଭାପତିତ୍ୱ କରିପାରିବେ ନାହିଁ ଏବଂ ଏପରି ପ୍ରତ୍ୟେକ ବୈଠକ ପ୍ରତି ଅନୁଚ୍ଛେଦ 91ର ଖଣ୍ଡ(2)ର ବ୍ୟବସ୍ଥା ସେହିପରି ପ୍ରୟୋଗ ହେବ, ଯେପରି କୌଣସି ବୈଠକରେ ସଭାପତି କିମ୍ବା ଉପ-ସଭାପତି ଉପସ୍ଥିତ ନଥାଆନ୍ତି ।

(2) ଯେତେବେଳେ ଉପ-ରାଷ୍ଟ୍ରପତିଙ୍କୁ ତାଙ୍କ କାର୍ଯ୍ୟାଳୟରୁ ବହିଷ୍କାର କରିବା ନିମନ୍ତେ ରାଜ୍ୟସଭାରେ କୌଣସି ପ୍ରସ୍ତାବ ବିଚାରାଧୀନ ଥିବ, ସେତେବେଳେ ଅଧ୍ୟକ୍ଷଙ୍କର ରାଜ୍ୟସଭାରେ ହେଉଥିବା ଆଇନଗତ କାର୍ଯ୍ୟାନୁଷ୍ଠାନରେ ନିଜର ବକ୍ତବ୍ୟ ରଖିବା ଏବଂ ଅନ୍ୟଥା ଏପରି କାର୍ଯ୍ୟାନୁଷ୍ଠାନରେ ଅଂଶଗ୍ରହଣ କରିବା ନିମନ୍ତେ ଅଧିକାର ଅଛି, କିନ୍ତୁ ଅନୁଚ୍ଛେଦ 100ରେ ଯାହା କିଛି ଥିବା ସତ୍ତ୍ୱେ, ଏପରି ପ୍ରସ୍ତାବରେ ମତଦାନ ଦେବା ଅଧିକାର ରହିବ ନାହିଁ କିମ୍ବା ଏପରି ଆଇନଗତ କାର୍ଯ୍ୟାନୁଷ୍ଠାନରେ ଅନ୍ୟ କୌଣସି ବିଷୟରେ ମଧ୍ୟ ମତଦାନ ଦେବାର ଅଧିକାର ରହିବ ନାହିଁ ।

**93. ଲୋକସଭାର ବାଚସ୍ପତି ଏବଂ ଉପ-ବାଚସ୍ପତି—** ଲୋକସଭା, ଯଥାସମ୍ଭବ ତାହାର ସଦସ୍ୟମାନଙ୍କ ମଧ୍ୟରୁ ଦୁଇଜଣଙ୍କୁ ଯଥାକ୍ରମେ ବାଚସ୍ପତି ଏବଂ ଉପ-ବାଚସ୍ପତିଭାବେ ଚୟନ କରିବେ ଏବଂ ଯେତେବେଳେ ବାଚସ୍ପତି କିମ୍ବା ଉପ-ବାଚସ୍ପତି ପଦ ଖାଲି ହୁଏ, ସେତେବେଳେ ସଦନ ଅନ୍ୟ ଜଣେ ସଦସ୍ୟଙ୍କୁ ଯଥାସ୍ଥିତି ବାଚସ୍ପତି କିମ୍ବା ଉପ-ବାଚସ୍ପତିଭାବେ ବାଛିବେ ।

**94. ବାଚସ୍ପତି କିମ୍ବା ଉପ-ବାଚସ୍ପତିଙ୍କ ପଦ ଖାଲି ହେବା, ଇସ୍ତଫା ଏବଂ ବହିଷ୍କାର**— ଲୋକସଭାର ବାଚସ୍ପତି କିମ୍ବା ଉପ-ବାଚସ୍ପତିଙ୍କ ପଦବୀ ଧାରଣ କରିଥିବା କୌଣସି ସଦସ୍ୟ—

(*a*) ଯଦି ସେ ଲୋକସଭାର ସଦସ୍ୟତା ହରାନ୍ତି, ତା'ହେଲେ ତାଙ୍କ ପଦ ଖାଲି କରିବେ;

(*b*) ଯେକୌଣସି ସମୟରେ, ଯଦି ଏପରି ସଦସ୍ୟ ବାଚସ୍ପତି ହୁଅନ୍ତି, ତେବେ ତାଙ୍କ ହାତରେ ଲିଖିତ ଭାବରେ ଉପ-ବାଚସ୍ପତିଙ୍କୁ ଏବଂ ଯଦି ଏପରି ସଦସ୍ୟ ଉପ-ବାଚସ୍ପତି ହୁଅନ୍ତି, ତେବେ ବାଚସ୍ପତିଙ୍କୁ ତାଙ୍କ ପଦରୁ ଇସ୍ତଫା ଦେଇପାରିବେ; ଏବଂ

(*c*) ଲୋକସଭାର ସମସ୍ତ ତତ୍କାଳିକ ସଦସ୍ୟଙ୍କ ସଂଖ୍ୟାଗରିଷ୍ଠତାରେ ଗୃହୀତ କୌଣସି ପ୍ରସ୍ତାବ ଦ୍ୱାରା ତାଙ୍କ ପଦରୁ ବହିଷ୍କାର କରାଯାଇପାରେ:

କିନ୍ତୁ, ଖଣ୍ଡ(*c*) ଉଦ୍ଦେଶ୍ୟରେ କୌଣସି ପ୍ରସ୍ତାବ ଆଗତ କରାଯିବ ନାହିଁ, ଯଦି ଏପରି ପ୍ରସ୍ତାବ ଆଗତ କରିବା ପୂର୍ବରୁ ଅତିକମରେ ଚଉଦ ଦିନିଆ ସୂଚନା ପ୍ରଦାନ କରାଯାଇନଥାଏ:

ଅଧିକନ୍ତୁ, ଯେତେବେଳେ ଲୋକସଭା ଭଙ୍ଗ ହୁଏ, ସେପର୍ଯ୍ୟନ୍ତ ଏପରି ଭଙ୍ଗ ହେବା ପରେ, ଲୋକସଭାର ପ୍ରଥମ ବୈଠକର ଠିକ୍ ପୂର୍ବରୁ ବାଚସ୍ପତି ତାଙ୍କର ପଦ ଖାଲି କରିପାରିବେ ନାହିଁ ।

**95. ବାଚସ୍ପତିଭାବେ କର୍ତ୍ତବ୍ୟ ସମ୍ପାଦନ କିମ୍ବା ବାଚସ୍ପତି ଭାବେ କାର୍ଯ୍ୟ ନିମନ୍ତେ ଉପ-ବାଚସ୍ପତି କିମ୍ବା ଅନ୍ୟ ବ୍ୟକ୍ତିଙ୍କର କ୍ଷମତା—** (1) ଯେତେବେଳେ ବାଚସ୍ପତିଙ୍କ ପଦ ଖାଲି ଥାଏ, ସେତେବେଳେ ଉପ-ବାଚସ୍ପତି ଉକ୍ତ କାର୍ଯ୍ୟାଳୟର କାର୍ଯ୍ୟ ସମ୍ପାଦନ କରିବେ; କିମ୍ବା ଯଦି ଉପ-ବାଚସ୍ପତିଙ୍କ ପଦ ମଧ୍ୟ ଖାଲି ଥାଏ, ତା'ହେଲେ ସେ ଉଦ୍ଦେଶ୍ୟରେ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ଲୋକସଭାର କୌଣସି ସଦସ୍ୟଙ୍କ ଦ୍ୱାରା ଉକ୍ତ କାର୍ଯ୍ୟ ସମ୍ପାଦନ କରାଯିବ ।

(2) ଲୋକସଭାର କୌଣସି ବୈଠକରେ ବାଚସ୍ପତିଙ୍କ ଅନୁପସ୍ଥିତିରେ ଉପ-ବାଚସ୍ପତି କିମ୍ବା ସେ ମଧ୍ୟ ଯଦି ଅନୁପସ୍ଥିତ ଥାଆନ୍ତି, ତା'ହେଲେ ସଦନର ନିୟମାବଳୀ ଅନୁଯାୟୀ ସ୍ଥିର କରାଯାଇଥିବା କୌଣସି ବ୍ୟକ୍ତି; କିମ୍ବା ଯଦି ଏପରି ବ୍ୟକ୍ତି ମଧ୍ୟ ଉପସ୍ଥିତ ନଥାଆନ୍ତି, ତା'ହେଲେ ସଦନ ଦ୍ୱାରା ସ୍ଥିର କରାଯାଇଥିବା ଅନ୍ୟ କୌଣସି ବ୍ୟକ୍ତି ବାଚସ୍ପତିଭାବେ କାର୍ଯ୍ୟ କରିବେ ।

**96. ବାଚସ୍ପତି କିମ୍ବା ଉପ-ବାଚସ୍ପତିଙ୍କୁ କାର୍ଯ୍ୟାଳୟରୁ ବହିଷ୍କାର ପାଇଁ କୌଣସି ପ୍ରସ୍ତାବ ବିଚାରାଧୀନ ଥାଏ, ସେତେବେଳେ ବାଚସ୍ପତି କିମ୍ବା ଉପ-ବାଚସ୍ପତି ସଭାପତିତ୍ୱ କରିବେ ନାହିଁ—** (1) ଲୋକସଭାର କୌଣସି ବୈଠକରେ, ଯେତେବେଳେ ବାଚସ୍ପତିଙ୍କୁ ତାଙ୍କ କାର୍ଯ୍ୟାଳୟରୁ ବହିଷ୍କାର କରିବା ନିମନ୍ତେ କୌଣସି ପ୍ରସ୍ତାବ ବିଚାରାଧୀନ ଥାଏ ସେତେବେଳେ ବାଚସ୍ପତି କିମ୍ବା ଯେତେବେଳେ ଉପ-ବାଚସ୍ପତିଙ୍କୁ ତାଙ୍କ କାର୍ଯ୍ୟାଳୟରୁ ବହିଷ୍କାର କରିବା ନିମନ୍ତେ କୌଣସି ପ୍ରସ୍ତାବ ବିଚାରାଧୀନ ଥାଏ, ସେତେବେଳେ ଉପ-ବାଚସ୍ପତି, ଯଦିଓ ଉପସ୍ଥିତ ଥାଆନ୍ତି, ସେ ସଭାପତିତ୍ୱ କରିପାରିବେ ନାହିଁ ଏବଂ ଏପରି ପ୍ରତ୍ୟେକ ବୈଠକ ପ୍ରତି ଅନୁଚ୍ଛେଦ 95ର ଖଣ୍ଡ (2)ର ବ୍ୟବସ୍ଥା ସେହିପରି ଭାବେ ପ୍ରୟୋଗ ହେବ, ଯେପରି ତାହା କୌଣସି ବୈଠକ ଯେଉଁଥିରେ ବାଚସ୍ପତି କିମ୍ବା ଉପ-ବାଚସ୍ପତି ଉପସ୍ଥିତ ନଥାଆନ୍ତି ।

(2) ଯେତେବେଳେ ବାଚସ୍ପତିଙ୍କୁ ତାଙ୍କ କାର୍ଯ୍ୟାଳୟରୁ ତାଙ୍କୁ ବହିଷ୍କାର କରିବା ନିମନ୍ତେ ସଦନରେ କୌଣସି ପ୍ରସ୍ତାବ ବିଚାରାଧୀନ ଥାଏ, ସେତେବେଳେ ସଦନର କାର୍ଯ୍ୟାନୁଷ୍ଠାନରେ ନିଜର ବକ୍ତବ୍ୟ ପ୍ରକାଶ କରିବା କିମ୍ବା ସେଥିରେ ଅଂଶଗ୍ରହଣ କରିବା ନିମନ୍ତେ ତାଙ୍କର ଅଧିକାର ରହିବ ଏବଂ ଅନୁଚ୍ଛେଦ 100ରେ ଯେକୌଣସି ବ୍ୟବସ୍ଥା ଥିବା ସତ୍ତ୍ୱେ, ଏପରି ନିଷ୍ପତ୍ତି ଉପରେ କିମ୍ବା ଏପରି କାର୍ଯ୍ୟକାଳରେ ଅନ୍ୟ କୌଣସି ବିଷୟରେ କେବଳ ପ୍ରଥମ ଥର ପାଇଁ ଭୋଟ ଦେବାର ଅଧିକାର ରହିବ, କିନ୍ତୁ ସମାନ ଭୋଟ କ୍ଷେତ୍ରରେ ନୁହେଁ।

**97. ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ଏବଂ ବାଚସ୍ପତି ଏବଂ ଉପ-ବାଚସ୍ପତିଙ୍କର ବେତନ ଏବଂ ଭତ୍ତା—** ରାଜ୍ୟସଭାର ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷଙ୍କୁ ଏବଂ ଲୋକସଭାର ବାଚସ୍ପତି ଏବଂ ଉପ-ବାଚସ୍ପତିଙ୍କୁ ସଂସଦର ଆଇନ ଦ୍ୱାରା ଯଥାକ୍ରମେ ସ୍ଥିର କରାଯାଇଥିବା ଦରମା ଏବଂ ଭତ୍ତା ପ୍ରଦାନ କରାଯିବ ଏବଂ ଯେପର୍ଯ୍ୟନ୍ତ ଏହି ଦିଗରେ ବ୍ୟବସ୍ଥା କରାଯାଇ ନାହିଁ, ସେପର୍ଯ୍ୟନ୍ତ ଦ୍ୱିତୀୟ ଅନୁସୂଚୀରେ ନିର୍ଦ୍ଦିଷ୍ଟ କରାଯାଇଥିବା ଦରମା ଏବଂ ଭତ୍ତା ପ୍ରଦାନ କରାଯିବ।

**98. ସଂସଦର ସଚିବାଳୟ—** (1) ସଂସଦର ପ୍ରତ୍ୟେକ ସଦନ ନିମନ୍ତେ ପୃଥକ ସଚିବାଳୟ କର୍ମଚାରୀ ରହିବେ:

କିନ୍ତୁ, ସଂସଦର ଉଭୟ ସଦନ ନିମନ୍ତେ ସମାନ ପଦବୀ ସୃଷ୍ଟି କରିବା ପାଇଁ, ଏହି ଖଣ୍ଡରେ କୌଣସି ବ୍ୟବସ୍ଥା ପ୍ରତିବନ୍ଧିତ କରେ ବୋଲି ବ୍ୟାଖ୍ୟା କରାଯିବ ନାହିଁ ।

(2) ସଂସଦ ଆଇନ ଦ୍ୱାରା ସଂସଦର ଯେକୌଣସି ଗୃହର ସଚିବାଳୟ କର୍ମଚାରୀଙ୍କ ପାଇଁ ନିଯୁକ୍ତି ଏବଂ ନିଯୁକ୍ତ ବ୍ୟକ୍ତିଙ୍କ ସେବା ସର୍ତ୍ତାବଳୀକୁ ନିୟନ୍ତ୍ରଣ କରିପାରିବେ ।

(3) ଖଣ୍ଡ (2) ଅନୁଯାୟୀ ସଂସଦ ଦ୍ୱାରା ଏପରି ବ୍ୟବସ୍ଥା ହେବା ପର୍ଯ୍ୟନ୍ତ, ରାଷ୍ଟ୍ରପତି, ଲୋକସଭାର ବାଚସ୍ପତି କିମ୍ବା ରାଜ୍ୟସଭାର ଅଧ୍ୟକ୍ଷଙ୍କ ସହିତ ପରାମର୍ଶ କରି ଲୋକସଭାର ସଚିବାଳୟ କିମ୍ବା ରାଜ୍ୟସଭାର ସଚିବାଳୟର କର୍ମଚାରୀମାନଙ୍କ ନିଯୁକ୍ତି ଏବଂ ସେମାନଙ୍କ ଚାକିରି ସର୍ତ୍ତାବଳୀ ନିମନ୍ତେ ନିୟମ ପ୍ରଣୟନ କରିବେ ଏବଂ ଏପରି ଭାବରେ ପ୍ରସ୍ତୁତ ଯେକୌଣସି ନିୟମ ଉକ୍ତ ଧାରା ଅନୁଯାୟୀ ପ୍ରଣୀତ ଯେକୌଣସି ଆଇନର ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟକାରୀ ହେବ ।

*କାର୍ଯ୍ୟ ପରିଚାଳନା*

**99. ସଦସ୍ୟମାନଙ୍କ ଦ୍ୱାରା ଶପଥ ଗ୍ରହଣ ବା ସଂକଳ୍ପବଦ୍ଧତା**— ସଂସଦର ଯେକୌଣସି ସଦନର ପ୍ରତ୍ୟେକ ସଦସ୍ୟ, ନିଜ ଆସନ ଗ୍ରହଣ କରିବା ପୂର୍ବରୁ, ରାଷ୍ଟ୍ରପତିଙ୍କ ସମ୍ମୁଖରେ କିମ୍ବା ସେ ସମ୍ବନ୍ଧରେ ତାଙ୍କ ଦ୍ୱାରା ନିଯୁକ୍ତ କୌଣସି ବ୍ୟକ୍ତିଙ୍କ ସମ୍ମୁଖରେ, ତୃତୀୟ ଅନୁସୂଚୀରେ ଧାର୍ଯ୍ୟ କରାଯାଇଥିବା ପତ୍ର ଅନୁଯାୟୀ ଶପଥ ଗ୍ରହଣ କରିବେ ।

**100. ସଦନରେ ମତଦାନ ପ୍ରଦାନ, ଶୂନ୍ୟସ୍ଥାନ ଏବଂ ଆବଶ୍ୟକୀୟ ସଭ୍ୟ ସଂଖ୍ୟା ନଥାଇ ମଧ କାର୍ଯ୍ୟ କରିବା ବା ପରିଚାଳନା କରିବା ନିମନ୍ତେ ସଦନର କ୍ଷମତା**— (1) ଏହି ସମ୍ବିଧାନରେ ଅନ୍ୟଥା ବ୍ୟବସ୍ଥା ବ୍ୟତୀତ, ଯେକୌଣସି ସଦନର ଯେକୌଣସି ବୈଠକରେ କିମ୍ବା ଉଭୟ ସଦନର ଯୁଗ୍ମ ବୈଠକରେ ସମସ୍ତ ପ୍ରଶ୍ନ ଉପସ୍ଥିତ ଥିବା ସମସ୍ତ ସଦସ୍ୟ ଏବଂ ମତଦାନ ପ୍ରଦାନ କରୁଥିବା ସମସ୍ତ ସଂଖ୍ୟା ଗରିଷ୍ଠତା ସଦସ୍ୟଙ୍କ ମଧ୍ୟରୁ ବାଚସ୍ପତି କିମ୍ବା ଅଧ୍ୟକ୍ଷଭାବେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବ୍ୟତୀତ ସ୍ଥିର କରାଯିବ ।

ଅଧ୍ୟକ୍ଷ କିମ୍ବା ବାଚସ୍ପତି କିମ୍ବା ସେହିପରି କାର୍ଯ୍ୟ କରୁଥିବା ବ୍ୟକ୍ତି, ପ୍ରଥମେ ମତଦାନ କରିବେ ନାହିଁ, ମାତ୍ର ଭୋଟ୍‌ର ସମାନତା କ୍ଷେତ୍ରରେ ତାଙ୍କର ନିର୍ଣ୍ଣୟକାରୀ ଭୋଟ୍‌କୁ ସେ ପ୍ରଦାନ କରିପାରିବେ ।

(2) ସଂସଦର ଯେକୌଣସି ସଦନରେ କୌଣସି ସଦସ୍ୟତା ନିମନ୍ତେ ଖାଲି ସ୍ଥାନ ଥିବା ସତ୍ତ୍ୱେ ଉକ୍ତ ସଦନର କାର୍ଯ୍ୟ କରିବା ନିମନ୍ତେ ଅଧିକାର ରହିବ ଏବଂ ଯଦି ପରବର୍ତ୍ତୀ ସମୟରେ ଜଣାପଡ଼େ, ଯେକୌଣସି ସଦସ୍ୟ ଯାହାଙ୍କର ମତଦାନ କରିବାର ଅଧିକାର ନାହିଁ, ସେ ସେଠାରେ ଉପସ୍ଥିତ ଥିଲେ ମତଦାନ ଦେଇଥିଲେ ଏବଂ କାର୍ଯ୍ୟାନୁଷ୍ଠାନରେ ଅଂଶଗ୍ରହଣ କରିଥିଲେ, ତଥାପି ସଂସଦର ଯେକୌଣସି କାର୍ଯ୍ୟାନୁଷ୍ଠାନ ବୈଧ ହେବ।

[1][(3) ଯେପର୍ଯ୍ୟନ୍ତ କୌଣସି ଆଇନ ଦ୍ୱାରା, ସଂସଦ ଅନ୍ୟଥା ବ୍ୟବସ୍ଥା ନକରେ, ସଂସଦର ଯେକୌଣସି ସଦନରେ କୌଣସି ବୈଠକ କରିବା ନିମନ୍ତେ ଆବଶ୍ୟକୀୟ ସର୍ବନିମ୍ନ କାର୍ଯ୍ୟକାରୀ ସଭ୍ୟ ସଂଖ୍ୟା ସଦନର ସମୁଦାୟ ସଭ୍ୟ ସଂଖ୍ୟାର ଏକ ଦଶମାଂଶ ହୋଇଥିବ ।

(4) କୌଣସି ସଦନର କୌଣସି ବୈଠକ ସମୟରେ ଯଦି କାର୍ଯ୍ୟକାରୀ ସଭ୍ୟଙ୍କ ସଂଖ୍ୟା ହେଉନଥାଏ, ତା'ହେଲେ ଅଧ୍ୟକ୍ଷ କିମ୍ବା ବାଚସ୍ପତି କିମ୍ବା ଏପରି କାର୍ଯ୍ୟ କରୁଥିବା ଅନ୍ୟ କୌଣସି ବ୍ୟକ୍ତି ଯେପର୍ଯ୍ୟନ୍ତ ଆବଶ୍ୟକୀୟ ସର୍ବନିମ୍ନ କାର୍ଯ୍ୟକାରୀ ସଦସ୍ୟ ସଂଖ୍ୟା ନହୋଇଛି, ସେପର୍ଯ୍ୟନ୍ତ ବୈଠକକୁ ମୁଲତବି ରଖିବେ କିମ୍ବା ସ୍ଥଗିତ ରଖିବେ ।]

*ସଦସ୍ୟମାନଙ୍କ ଅଯୋଗ୍ୟତା*

**101. ଆସନ ଖାଲି ହେବା**— (1) କୌଣସି ବ୍ୟକ୍ତି ସଂସଦର ଉଭୟ ସଦନର ସଦସ୍ୟ ହୋଇପାରିବେ ନାହିଁ ଏବଂ ଯଦି କୌଣସି ବ୍ୟକ୍ତି ଏପରି ଚୟନ କରାଯାଇଛନ୍ତି, ତା'ହେଲେ ଗୋଟିଏ ସଦନରୁ ତାଙ୍କ ଆସନ ଖାଲି କରିବା ନିମନ୍ତେ ସଂସଦ ଆଇନ ଦ୍ୱାରା ବ୍ୟବସ୍ଥା କରିବେ ।

---

[1] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 18 ଦ୍ୱାରା ଖଣ୍ଡ (3) ଓ (4)କୁ ବାଦ୍ ଦିଆଯାଇଛି (ତାରିଖ ସୂଚିତ କରାଯାଇ ନାହିଁ) । ଏହି ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 45 ଦ୍ୱାରା ବାଦ୍ ଦିଆଯାଇଛି (20-6-1979ଠାରୁ କାର୍ଯ୍ୟକାରୀ) ।

(2) କୌଣସି ବ୍ୟକ୍ତି ଉଭୟ ସଂସଦ ଏବଂ ରାଜ୍ୟ ବିଧାନମଣ୍ଡଳ ସଭାର [1]***କୌଣସି ସଦନର ସଦସ୍ୟ ହୋଇପାରିବେ ନାହିଁ ଏବଂ ଯଦି କୌଣସି ବ୍ୟକ୍ତିଙ୍କୁ, ଉଭୟ ସଂସଦ ଏବଂ କୌଣସି [2][ରାଜ୍ୟ] ବିଧାନମଣ୍ଡଳ ସଭାର କୌଣସି ସଦନର ସଭ୍ୟଭାବେ ଚୟନ କରାଯାଏ, ତେବେ ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଣୀତ ଆଇନରେ* ଧାର୍ଯ୍ୟ ଅବଧି ବା ସମୟ ଅତିବାହିତ ହେବା ପରେ ଯଦି ସେ ପୂର୍ବରୁ ରାଜ୍ୟ ବିଧାନମଣ୍ଡଳ ଆସନରୁ ଇସ୍ତଫା ଦେଇନଥାଆନ୍ତି ତାହେଲେ ସଂସଦରେ ଉକ୍ତ ବ୍ୟକ୍ତିଙ୍କର ଆସନ ଖାଲି ହେବ ।

(3) ଯଦି ସଂସଦର କୌଣସି ସଦନର କୌଣସି ସଦସ୍ୟ–

(*a*) [ଅନୁଚ୍ଛେଦ 102ର [3][ଖଣ୍ଡ(1) କିମ୍ବା ଖଣ୍ଡ(2)]ରେ ଉଲ୍ଲେଖ ଥିବା କୌଣସି ଅଯୋଗ୍ୟତା ଅଛି ବୋଲି ବିବେଚିତ ହୁଅନ୍ତି; କିମ୍ବା

[4][(*b*) ନିଜ ହସ୍ତ ଲିଖିତ ପତ୍ର ଦ୍ୱାରା ଏବଂ ଅଧକ୍ଷ କିମ୍ବା ବାଚସ୍ପତିଙ୍କୁ ସମ୍ବୋଧନ କରି, ନିଜ ଆସନରୁ ଇସ୍ତଫା ପ୍ରଦାନ କରନ୍ତି ଏବଂ ଯଦି ତାଙ୍କର ଇସ୍ତଫା ଅଧକ୍ଷ କିମ୍ବା ବାଚସ୍ପତିଙ୍କ ଦ୍ୱାରା ଗୃହୀତ ହୁଏ,]

ତା'ହେଲେ, ତା'ପରେ ତାଙ୍କର ଆସନ ଖାଲି ହେବ:

[5][କିନ୍ତୁ, ଉପଖଣ୍ଡ(*b*)ରେ ଉଲ୍ଲେଖ କରାଯାଇଥିବା କୌଣସି ଇସ୍ତଫା କ୍ଷେତ୍ରରେ, ଯଦି ଗୃହୀତ ହୋଇଥିବା ତଥ୍ୟ କିମ୍ବା ଅନ୍ୟ କାରଣ ଯୋଗୁଁ ଏବଂ ତାଙ୍କୁ ଉପଯୁକ୍ତ ମନେ ହେଉଥିବା ଅନୁଯାୟୀ ତଦନ୍ତ କରିବାପରେ, ଯଦି ଅଧକ୍ଷ କିମ୍ବା ଆବଶ୍ୟକସ୍ଥଳେ ବାଚସ୍ପତି ସନ୍ତୁଷ୍ଟ ହୁଅନ୍ତି ଯେ, ଏପରି ଇସ୍ତଫା ସ୍ୱେଚ୍ଛାକୃତ ନୁହେଁ କିମ୍ବା ସଠିକ୍ ନୁହେଁ, ତା'ହେଲେ ସେ ଏପରି ଇସ୍ତଫାକୁ ଗ୍ରହଣ କରିବେ ନାହିଁ ।]

(4) ଯଦି ସଂସଦର କୌଣସି ସଦନର କୌଣସି ସଦସ୍ୟ, ସଦନର ବିନା ଅନୁମତିରେ ଷାଠିଏ ଦିନ ପର୍ଯ୍ୟନ୍ତ ସମସ୍ତ ବୈଠକରୁ ଅନୁପସ୍ଥିତ ରୁହନ୍ତି, ତା'ହେଲେ ତାଙ୍କର ଆସନ ଖାଲି ହୋଇଛି ବୋଲି ଉକ୍ତ ସଦନ ଘୋଷଣା କରିବେ:

କିନ୍ତୁ, ଏପରି ଷାଠିଏ ଦିନ ଗଣନା କରିବା ସମୟରେ, ଯେଉଁ ସମୟରେ ସଦନକୁ ନିରନ୍ତରଭାବେ ଚାରିଦିନ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିବ କିମ୍ବା ମୁଲତବି ରଖାଯାଇଥିବ, ତାହା ବିଚାରକୁ ନିଆଯିବ ନାହିଁ ।

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀ ଦ୍ୱାରା "ପ୍ରଥମ ଅନୁସୂଚୀର ଭାଗ A କିମ୍ବା ଭାଗ B ରେ ନିର୍ଦ୍ଦିଷ୍ଟ ଶବ୍ଦ ଏବଂ ଅକ୍ଷରଗୁଡ଼ିକୁ ବାଦ୍ ଦିଆଯାଇଛି (1-11-1956ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀ ଦ୍ୱାରା "ଏପରି ଏକ ରାଜ୍ୟ" ପାଇଁ ପ୍ରତିସ୍ଥାପିତ (1-11-1956ଠାରୁ କାର୍ଯ୍ୟକାରୀ) ।

* ଦେଖନ୍ତୁ, ଆଇନ ମନ୍ତ୍ରାଳୟ, ବିଜ୍ଞପ୍ତି ନଂ. F. 46/50-C, ତାରିଖ 26 ଜାନୁଆରୀ, 1950, ଭାରତୀୟ ରାଜପତ୍ର, ବିଶେଷ ସଂସ୍କରଣ, ଭାଗ 678 ସହିତ ପ୍ରକାଶିତ ସମସାମୟିକ ସଦସ୍ୟତା ନିଷେଧ ନିୟମ, 1950 ।

[3] ସମ୍ବିଧାନ (52ତମ ସଂଶୋଧନ) ଅଧିନିୟମ, 1985, ଧାରା 2 ଦ୍ୱାରା " ଅନୁଚ୍ଛେଦ 102ର ଖଣ୍ଡ (1)" ପାଇଁ ପ୍ରତିସ୍ଥାପିତ (1-3-1985ଠାରୁ କାର୍ଯ୍ୟକାରୀ) ।

[4] ସମ୍ବିଧାନ (33ତମ ସଂଶୋଧନ) ଅଧିନିୟମ, 1974, ଧାରା 2 ଦ୍ୱାରା ପ୍ରତିସ୍ଥାପିତ (19-5-1974ଠାରୁ କାର୍ଯ୍ୟକାରୀ)

[5] ସମ୍ବିଧାନ (33ତମ ସଂଶୋଧନ) ଅଧିନିୟମ, 1974, ଧାରା 2 ଦ୍ୱାରା ସନ୍ନିବେଶିତ (19-5-1974 ଠାରୁ କାର୍ଯ୍ୟକାରୀ)।

**102. ସଦସ୍ୟତା ନିମନ୍ତେ ଅଯୋଗ୍ୟତା—**(1) କୌଣସି ବ୍ୟକ୍ତି ସଂସଦର କୌଣସି ସଦନର ସଦସ୍ୟଭାବେ ଚୟନ କରାଯିବା କିମ୍ବା ଗ୍ରହଣ କରାଯିବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ନାହିଁ—

[1][(*a*) ଯଦି ସେ ଭାରତ ସରକାରଙ୍କ ଅଧୀନରେ କିମ୍ବା କୌଣସି ରାଜ୍ୟ ସରକାରଙ୍କ ଅଧୀନରେ କୌଣସି ଲାଭଜନକ ପଦବୀ ଗ୍ରହଣ କରଛନ୍ତି; ମାତ୍ର ସଂସଦ ଦ୍ୱାରା ଆଇନ ଅନୁଯାୟୀ ଘୋଷିତ କୌଣସି କାର୍ଯ୍ୟାଳୟ ବିବେଚିତ କରେ ଯେ ସେ ଅଯୋଗ୍ୟ ହେବେ ନାହିଁ, ଏହା ବ୍ୟତୀତ;]

(*b*) ଯଦି ସେ ବିକୃତ ମସ୍ତିଷ୍କ ହୋଇଥାଆନ୍ତି ଏବଂ କୌଣସି ଉପଯୁକ୍ତ ନ୍ୟାୟାଳୟ ଦ୍ୱାରା ସେପରି ଘୋଷିତ ହୋଇଥାଆନ୍ତି;

(*c*) ଯଦି ସେ ଜଣେ ଅଘୋଷିତ ଦେବାଳିଆ ବ୍ୟକ୍ତି ହୋଇଥାଆନ୍ତି;

(*d*) ଯଦି ସେ ଭାରତର ନାଗରିକ ହୋଇନଥାଆନ୍ତି କିମ୍ବା ସ୍ୱେଚ୍ଛାକୃତଭାବେ କୌଣସି ବିଦେଶୀ ରାଷ୍ଟ୍ରର ନାଗରିକତ୍ୱ ଗ୍ରହଣ କରିଥାଆନ୍ତି କିମ୍ବା କୌଣସି ବିଦେଶୀ ରାଷ୍ଟ୍ର ପ୍ରତି ନିଜର ଆନୁଗତ୍ୟ ପ୍ରକାଶ କରିଥାଆନ୍ତି;

(*e*) ସଂସଦ ଦ୍ୱାରା ପ୍ରଣୀତ କୌଣସି ଆଇନ ଦ୍ୱାରା ଯଦି ସେ ଅଯୋଗ୍ୟ ହୋଇଥାଆନ୍ତି ।

[2][*ସ୍ପଷ୍ଟୀକରଣ*— ଏହି ଖଣ୍ଡ ଉଦ୍ଦେଶ୍ୟରେ,] କୌଣସି ବ୍ୟକ୍ତି, ଯିଏକି କେନ୍ଦ୍ର କିମ୍ବା କୌଣସି ରାଜ୍ୟର ମନ୍ତ୍ରୀ ଥିବା କାରଣ ଯୋଗୁଁ ଭାରତ ସରକାରଙ୍କ ଅଧୀନରେ କିମ୍ବା ରାଜ୍ୟ ସରକାରଙ୍କ ଅଧୀନରେ କୌଣସି ଲାଭଜନକ ପଦବୀ ଧାରଣ କରିଛନ୍ତି ବୋଲି ଧରାଯିବ ନାହିଁ ।

[3][(2) ଯଦି କୌଣସି ବ୍ୟକ୍ତି ଦଶମ ଅନୁସୂଚୀ ଅନୁଯାୟୀ ଅଯୋଗ୍ୟ ହୋଇଥାଆନ୍ତି, ତା'ହେଲେ ସେ ସଂସଦର କୌଣସି ସଦନର ସଦସ୍ୟ ହେବା ନିମନ୍ତେ ଅଯୋଗ୍ୟ ହେବେ ।]

[4][**103. ସଦସ୍ୟମାନଙ୍କର ଅଯୋଗ୍ୟତା ପ୍ରଶ୍ନଉପରେ ନିଷ୍ପତ୍ତି—** (1) ଯଦି ସଂସଦର ଯେକୌଣସି ସଦସ୍ୟଙ୍କ ଉପରେ ଅନୁଚ୍ଛେଦ 102, ଖଣ୍ଡ (1)ରେ ଉଲ୍ଲେଖିତ ଯେକୌଣସି ଅଯୋଗ୍ୟତା ଲାଗୁ ହେବାପାଇଁ ପ୍ରଶ୍ନ ଉଠେ, ସେ ପ୍ରଶ୍ନକୁ ରାଷ୍ଟ୍ରପତିଙ୍କ ନିଷ୍ପତ୍ତି ପାଇଁ ପ୍ରେରଣ କରାଯିବ ଏବଂ ସେହି ନିଷ୍ପତ୍ତି ଚୂଡ଼ାନ୍ତ ହେବ ।

---

[1] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 19 ଦ୍ୱାରା ପ୍ରତିସ୍ଥାପିତ"(*a*) ଯଦି ସେ ଭାରତ ସରକାର କିମ୍ବା କୌଣସି ରାଜ୍ୟ ସରକାରଙ୍କ ଅଧୀନରେ ଏପରି କୌଣସି ଲାଭଜନକ ପଦବୀ ଧାରଣ କରନ୍ତି ଯାହା ସଂସଦ ଦ୍ୱାରା ଅଧିନିୟମ ଦ୍ୱାରା ଏହାର ଧାରକଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଛି" ଭାବରେ ପଢ଼ିବା ପାଇଁ (ତାରିଖ ସୂଚିତ ନୁହେଁ) । ଏହି ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 45 ଦ୍ୱାରା ବାଦ୍ ଦିଆଯାଇଥିଲା (20-6-1979ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (52ତମ ସଂଶୋଧନ) ଅଧିନିୟମ, 1985, ଧାରା 3 ଦ୍ୱାରା "ଏହି ଅନୁଚ୍ଛେଦ ଉଦ୍ଦେଶ୍ୟରେ (2)" ପାଇଁ ପ୍ରତିସ୍ଥାପିତ (1-3-1985ଠାରୁ କାର୍ଯ୍ୟକାରୀ) ।

[3] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1985, ଧାରା 3 ଦ୍ୱାରା ସନ୍ନିବେଶିତ (1-3-1985 ଠାରୁ କାର୍ଯ୍ୟକାରୀ)

[4] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 20 ଦ୍ୱାରା ଅନୁଚ୍ଛେଦ 103 ପାଇଁ ପ୍ରତିସ୍ଥାପିତ (3-1-1977ଠାରୁ କାର୍ଯ୍ୟକାରୀ) ଏବଂ ପରେ ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 14 ଦ୍ୱାରା ଅନୁଚ୍ଛେଦ 103 ପାଇଁ ପ୍ରତିସ୍ଥାପିତ (20-6-1979ଠାରୁ କାର୍ଯ୍ୟକାରୀ) ।

(2) ଏପରି କୌଣସି ପ୍ରଶ୍ନ ଉପରେ ନିଷ୍ପତ୍ତି ନେବା ପୂର୍ବରୁ, ରାଷ୍ଟ୍ରପତି ନିର୍ବାଚନ ଆୟୋଗଙ୍କ ମତାମତ ଗ୍ରହଣ କରିବେ ଏବଂ ସେ ଅନୁଯାୟୀ କାର୍ଯ୍ୟ କରିବେ ।]

**104. ଅନୁଚ୍ଛେଦ 99 ଅନୁଯାୟୀ ଶପଥ ଗ୍ରହଣ କିମ୍ବା ସଂକଳ୍ପ ନେବା ପୂର୍ବରୁ କିମ୍ବା ଯେତେବେଳେ ଯୋଗ୍ୟ ହୋଇନଥାଆନ୍ତି କିମ୍ବା ଅଯୋଗ୍ୟ ହୋଇଥାଆନ୍ତି, ସେତେବେଳେ ଆସନ ଗ୍ରହଣ କରିବା ଏବଂ ମତଦାନ କରିବା ନିମନ୍ତେ ଦଣ୍ଡ—** ଅନୁଚ୍ଛେଦ 99ର ଆବଶ୍ୟକତା ପାଳନ କରିବା ପୂର୍ବରୁ, ଯଦି କୌଣସି ବ୍ୟକ୍ତି, ସଂସଦର ଯେକୌଣସି ସଦନରେ କୌଣସି ସଦସ୍ୟଭାବେ ଆସନ ଗ୍ରହଣ କରି ମତଦାନ କରନ୍ତି କିମ୍ବା ଯେତେବେଳେ ସେ ଜାଣିଥାଆନ୍ତି ଯେ, ସେ ଯୋଗ୍ୟ ନୁହଁନ୍ତି କିମ୍ବା ସେଥିର ସଦସ୍ୟ ହେବା ନିମନ୍ତେ ଅଯୋଗ୍ୟ ଅଟନ୍ତି କିମ୍ବା ସଂସଦ ଦ୍ୱାରା ପ୍ରଣୀତ କୌଣସି ଆଇନର ବ୍ୟବସ୍ଥା ଦ୍ୱାରା ଏପରି କରିବାପାଇଁ ସେ ଅଧିକାରପ୍ରାପ୍ତ ନୁହଁନ୍ତି, ତା'ହେଲେ ଯେଉଁ ସମସ୍ତ ଦିନ ସେ ଏପରି ଭାବେ ଆସନ ଗ୍ରହଣ କରି ମତଦାନ କରିଥିବେ, ପ୍ରତ୍ୟେକ ଦିନ ପାଇଁ ତାଙ୍କୁ ପାଞ୍ଚଶତ ଟଙ୍କା ଜୋରିମାନାରେ ଦଣ୍ଡିତ କରାଯିବ ଏବଂ ଏହାକୁ କେନ୍ଦ୍ରର ପ୍ରାପ୍ୟ ଋଣଭାବେ ଆଦାୟ କରାଯିବ ।

*ସଂସଦ ଏବଂ ଏହାର ସଦସ୍ୟମାନଙ୍କର କ୍ଷମତା, ସୁବିଧା ସୁଯୋଗ ଏବଂ ପ୍ରତିରୋଧ କ୍ଷମତା*

**105. ସଂସଦର ଉଭୟ ସଦନ ଏବଂ ଏହାର ସଦସ୍ୟ ଏବଂ ସମିତିଗୁଡ଼ିକର କ୍ଷମତା, ସୁବିଧା ସୁଯୋଗ ଇତ୍ୟାଦି—** (1) ଏହି ସମ୍ବିଧାନର ବ୍ୟବସ୍ଥା ଏବଂ ସଂସଦର କାର୍ଯ୍ୟପଦ୍ଧତିକୁ ନିୟନ୍ତ୍ରଣ କରୁଥିବା ନିୟମ ଏବଂ ସ୍ଥାୟୀ ଆଦେଶ ଅନୁଯାୟୀ, ସଂସଦରେ ବକ୍ତବ୍ୟର ସ୍ୱାଧୀନତା ରହିବ ।

(2) ସଂସଦରେ କିମ୍ବା ଏହାର କୌଣସି ସମିତିରେ କୌଣସି ବକ୍ତବ୍ୟ ପ୍ରଦାନ କରିବା କିମ୍ବା ମତଦାନ ପ୍ରଦାନ କରିବା ଯୋଗୁଁ, କୌଣସି ସଦସ୍ୟଙ୍କ ବିରୋଧରେ କୌଣସି ନ୍ୟାୟାଳୟରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ଏବଂ ସଂସଦର ଯେକୌଣସି ସଦନର କ୍ଷମତା ଅନୁଯାୟୀ ପ୍ରକାଶ ପାଇଥିବା କୌଣସି ବିବରଣୀ, ପେପର, ମତଦାନ କିମ୍ବା କାର୍ଯ୍ୟାନୁଷ୍ଠାନ ନିମନ୍ତେ କୌଣସି ବ୍ୟକ୍ତି ଦାୟୀ ହେବେ ନାହିଁ।

[1][(3) ଅନ୍ୟ କ୍ଷେତ୍ରରେ, ସଂସଦର ପ୍ରତ୍ୟେକ ସଦନ ଏବଂ ପ୍ରତ୍ୟେକ ସଦନର ସମିତିଗୁଡ଼ିକର କ୍ଷମତା, ସୁବିଧା ସୁଯୋଗ ଏବଂ ପ୍ରତିରୋଧ କ୍ଷମତା ଏପରି ହେବ, ଯେପରିକି ସମୟାନୁକ୍ରମେ, ସଂସଦ ଦ୍ୱାରା ଆଇନ ଅନୁଯାୟୀ ସ୍ଥିର କରାଯିବ ଏବଂ ଯେପର୍ଯ୍ୟନ୍ତ ଏପରି ସ୍ପଷ୍ଟଭାବେ ବର୍ଣ୍ଣିତ କରାନଯାଇଥାଏ, [2][ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978ର ଧାରା 15 କାର୍ଯ୍ୟକାରୀ ହେବା ପୂର୍ବରୁ ସେହି ଗୃହ ଏବଂ ସମିତିଗୁଡ଼ିକର ସଦସ୍ୟ ଏବଂ କମିଟିଗୁଡ଼ିକରେ ଲାଗୁ ହେବ।]]

---

[1] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 21 ଦ୍ୱାରା ପ୍ରତିସ୍ଥାପିତ (ତାରିଖ ପରେ ସୂଚିତ କରାଯିବ)। ଏହି ସମ୍ବିଧାନ (44 ତମ ସଂଶୋଧନ) ଅଧିନିୟମ, 1978, ଧାରା 45 ଦ୍ୱାରା ବାଦ୍ ଦିଆଯାଇଥିଲା (20-6-1979 ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 15 ଦ୍ୱାରା କିଛି ଶବ୍ଦ ପାଇଁ ପ୍ରତିସ୍ଥାପିତ (20-6-1979ଠାରୁ କାର୍ଯ୍ୟକାରୀ) ।

(4) ଖଣ୍ଡ (1), (2) ଏବଂ (3)ର ବ୍ୟବସ୍ଥା ସେହି ବ୍ୟକ୍ତିମାନଙ୍କ ପ୍ରତି ପ୍ରଯୋଗ ହେବ, ଯେଉଁମାନଙ୍କର ଏହି ସମ୍ବିଧାନ ଅନୁଯାୟୀ ସଂସଦର କୌଣସି ସଦନରେ କିମ୍ବା ଏହାର ସମିତିରେ ବକ୍ତବ୍ୟ ପ୍ରଦାନ କରିବାର ଏବଂ ଏହାର କାର୍ଯ୍ୟାନୁଷ୍ଠାନରେ ଅଂଶଗ୍ରହଣ କରିବାର ଅଧିକାର ରହିବ, ଯାହକି ସଂସଦର ସଦସ୍ୟମାନଙ୍କ ପାଇଁ ଲାଗୁ ହେଉଥିବ ।

**106. ସଦସ୍ୟମାନଙ୍କର ବେତନ ଏବଂ ଭତ୍ତା—** ସଂସଦର ଯେକୌଣସି ସଦନର ସଦସ୍ୟମାନେ ଏପରି ବେତନ ଏବଂ ଭତ୍ତା ପାଇବା ନିମନ୍ତେ ଅଧିକାର ପ୍ରାପ୍ତ ହେବେ ଯାହାକି ସମୟ ସମୟରେ ସଂସଦର ଆଇନ ସ୍ଥିର କରିବ ଏବଂ ଯେପର୍ଯ୍ୟନ୍ତ ଏପରି ବ୍ୟବସ୍ଥା କରାନଯାଇଛି, ସେପର୍ଯ୍ୟନ୍ତ ସମ୍ବିଧାନର ଠିକ୍ ପ୍ରଚଳନ ପୂର୍ବରୁ ଭାରତର ଅଧିରାଜ୍ୟର ସାମ୍ବିଧାନିକ ସଭାର ସଦସ୍ୟମାନଙ୍କ ନିମନ୍ତେ ପ୍ରଚଳିତ ବେତନ ଏବଂ ଭତ୍ତା ପାଇବେ।

*ବୈଧାନିକ କାର୍ଯ୍ୟପଦ୍ଧତି*

**107. ବିଧେୟକ ଆଗତ କରିବା ଏବଂ ମଞ୍ଜୁର କରିବା ନିମନ୍ତେ ବ୍ୟବସ୍ଥା—** (1) ଅନୁଚ୍ଛେଦ 109 ଏବଂ 117ର ବ୍ୟବସ୍ଥା ଅଧୀନରେ କୌଣସି ଅର୍ଥ ବିଧେୟକ ଏବଂ ଅନ୍ୟ ଅର୍ଥ ସମ୍ବନ୍ଧୀୟ ବିଧେୟକ ସମ୍ପର୍କିତ, ଅନ୍ୟ ଯେକୌଣସି ବିଧେୟକ ସଂସଦର ଯେକୌଣସି ସଦନରେ ଉପସ୍ଥାପନ କରାଯାଇପାରିବ ।

(2) ଅନୁଚ୍ଛେଦ 108 ଏବଂ 109ର ଅଧୀନରେ, କୌଣସି ବିଧେୟକକୁ ମଞ୍ଜୁର କରାଯାଇଛି ବୋଲି ଧରାଯିବ ନାହିଁ, ଯଦି ତାହା ବିନା ସଂଶୋଧନରେ କିମ୍ବା ସଂଶୋଧନ ସହିତ ସଂସଦର ଉଭୟ ସଦନ ଦ୍ୱାରା ସମ୍ମତି ପ୍ରଦାନ କରାନଯାଇଛି ।

(3) ସଦନର ସାମୟିକ ମୁଲତବି କାରଣ ଯୋଗୁଁ, ସଂସଦରେ ସ୍ଥଗିତାବସ୍ଥାରେ ଥିବା କୌଣସି ବିଧେୟକ ଅକାମୀ ହେବ ନାହିଁ ।

(4) ରାଜ୍ୟସଭାରେ ସ୍ଥଗିତାବସ୍ଥାରେ ଥିବା କୌଣସି ବିଧେୟକ ଯାହା ଲୋକସଭା ଦ୍ୱାରା ମଞ୍ଜୁର ହୋଇନଥିବା ତାହା ଲୋକସଭା ଭଙ୍ଗ ହେବା ଯୋଗୁଁ ଅକାମୀ ହେବ ନାହିଁ ।

(5) ଲୋକସଭାରେ ସ୍ଥଗିତାବସ୍ଥାରେ ଥିବା କୌଣସି ବିଧେୟକ କିମ୍ବା ଯାହା ଲୋକସଭା ଦ୍ୱାରା ପାରିତ ହୋଇ, ରାଜ୍ୟସଭାରେ ସ୍ଥଗିତାବସ୍ଥାରେ ଥାଏ, ତାହା ଅନୁଚ୍ଛେଦ 108ର ବ୍ୟବସ୍ଥା ଅନୁଯାୟୀ, ଲୋକସଭା ଭଙ୍ଗ ହେଲେ ଅକାମୀ ହୋଇଯିବ ।

**108. କେତେକ କ୍ଷେତ୍ରରେ ଉଭୟ ସଦନର ଯୁଗ୍ମ ବୈଠକ—** (1) ଯଦି କୌଣସି ବିଧେୟକ ଗୋଟିଏ ସଦନ ଦ୍ୱାରା ପାରିତ ହୋଇ ଅନ୍ୟ ସଦନକୁ ପ୍ରେରିତ ହୁଏ—

(*a*) ବିଧେୟକଟି ଅନ୍ୟ ସଦନ ଦ୍ୱାରା ପ୍ରତ୍ୟାଖ୍ୟାତ ହୁଏ; କିମ୍ବା

(*b*) ବିଧେୟକରେ ହେବାକୁ ଥିବା ସଂଶୋଧନରେ ଉଭୟ ସଦନ ଶେଷରେ ଅସହମତ ପ୍ରକାଶ କରେ; କିମ୍ବା

(*c*) ବିଧେୟକଟିକୁ ଅନ୍ୟ ସଦନ ଗ୍ରହଣ କରିବାପରେ ସଦନରେ ପାରିତ ନହୋଇ ଛଅମାସ ଅତିବାହିତ ହୋଇଯାଏ,

ତା'ହେଲେ ରାଷ୍ଟ୍ରପତି, ଲୋକସଭା ଭଙ୍ଗ ହେବା ଯୋଗୁଁ ବିଧେୟକଟି ଅକାମୀ ହୋଇନଥାଏ, ତେବେ ଏକ ସମ୍ବାଦ ପ୍ରେରଣ କରି ସଦନଗୁଡ଼ିକୁ ସୂଚୀତ କରିବେ ଯେ, ଯଦି ସେମାନେ ବୈଠକରେ ମିଳିତ ହେଉନାହାନ୍ତି କିମ୍ବା ଯଦି ସେମାନେ ବୈଠକରେ ସମ୍ମିଳିତ ନହେଉଛନ୍ତି, ସେପରି ସ୍ଥଳେ ବିଧେୟକ ଉପରେ ବିଚାର କରିବା ଏବଂ ମତଦାନ ପ୍ରଦାନ କରିବା ପାଇଁ ଏକ ସରକାରୀ ବିଜ୍ଞପ୍ତି ନିଜ ଅଭିପ୍ରାୟ ବ୍ୟକ୍ତ କରି ସେମାନଙ୍କୁ ଆହ୍ୱାନ କରିବେ:

କିନ୍ତୁ, ଏହି ଖଣ୍ଡର କୌଣସି ବ୍ୟବସ୍ଥା, ଅର୍ଥ ବିଧେୟକ ପ୍ରତି ଲାଗୁ ହେବ ନାହିଁ ।

(2) ଖଣ୍ଡ (1)ରେ ଉଲ୍ଲେଖ ଥିବା ଏପରି କୌଣସି ଛଅମାସ ଅବଧିକୁ ବିଚାରକୁ ନେବାରେ ବା ଗଣନା କରିବାରେ, ଉକ୍ତ ଖଣ୍ଡର ଉପଖଣ୍ଡ(*c*)ରେ ଉଲ୍ଲେଖ କରାଯାଇଥିବା ସମୟ ମଧ୍ୟରେ ଯଦି ସଦନର କାର୍ଯ୍ୟ ଲଗାତାର 4 ଦିନରୁ ଅଧିକ ସମୟ ପର୍ଯ୍ୟନ୍ତ ସ୍ଥଗିତାବସ୍ଥାରେ କିମ୍ବା ମୁଲତବି ଅବସ୍ଥାରେ ଥାଏ, ତାହାକୁ ଗଣନା କରାଯିବ ନାହିଁ।

(3) ଯେଉଁଠାରେ, ଖଣ୍ଡ (1) ଅଧୀନରେ ରାଷ୍ଟ୍ରପତି, ଉଭୟ ସଦନକୁ ଏକ ଯୁଗ୍ମ ବୈଠକରେ ଏକତ୍ରିତ ହେବା ନିମନ୍ତେ ତାଙ୍କର ଉଦ୍ଦେଶ୍ୟକୁ ସୂଚୀତ କରିଥାଆନ୍ତି, ସେପରି ସ୍ଥଳେ କୌଣସି ସଦନ, ଉକ୍ତ ବିଧେୟକ ଉପରେ ଅଧିକ ଅଗ୍ରସର ହେବେ ନାହିଁ, ମାତ୍ର ରାଷ୍ଟ୍ରପତି ଏକ ବିଜ୍ଞପ୍ତି ଜାରି କରି ଯେକୌଣସି ସମୟରେ ବିଜ୍ଞପ୍ତିରେ ଧାର୍ଯ୍ୟ କରାଯାଇଥିବା ଉଦ୍ଦେଶ୍ୟ ନିମନ୍ତେ ଏକ ଯୁଗ୍ମ ବୈଠକରେ ଏକତ୍ରିତ ହେବା ପାଇଁ ଉଭୟ ସଦନକୁ ଆମନ୍ତ୍ରିତ କରିପାରିବେ ଏବଂ ଯଦି ସେ ଏପରି କରନ୍ତି, ତା'ହେଲେ ଉଭୟ ସଦନ ସେହି ଅନୁଯାୟୀ ମିଳିତ ହେବେ ।

(4) ଯଦି ଦୁଇ ସଦନର ଯୁଗ୍ମ ବୈଠକରେ, ବିଧେୟକଟି କୌଣସି ସଂଶୋଧନ ସହିତ, ଯୁଗ୍ମ ବୈଠକରେ ସମ୍ମତି ଲାଭ କରିଥିବ, ଉଭୟ ସଦନର ସମସ୍ତ ଉପସ୍ଥିତ ଏବଂ ମତଦାନ ପ୍ରଦାନ କରିଥିବା ସଦସ୍ୟମାନଙ୍କ ମଧ୍ୟରୁ, ସଂଖ୍ୟା ଗରିଷ୍ଠତାରେ ମଞ୍ଜୁର ହୁଏ, ତା'ହେଲେ ଏହି ସମ୍ବିଧାନ ଉଦ୍ଦେଶ୍ୟରେ ତାହା ଉଭୟ ସଦନ ଦ୍ୱାରା ମଞ୍ଜୁର ହୋଇଛି ବୋଲି ମାନ୍ୟ ହେବ:

କିନ୍ତୁ, କୌଣସି ଯୁଗ୍ମ ବୈଠକରେ—

(*a*) ଯଦି ବିଧେୟକଟି, ଗୋଟିଏ ସଦନ ଦ୍ୱାରା ପାରିତ ହୋଇ, ସଂଶୋଧନ ସହିତ, ଅନ୍ୟ ସଦନ ଦ୍ୱାରା ମଞ୍ଜୁରି ଲାଭ ନକରି, ଯେଉଁ ସଦନରେ ତାହା ଉତ୍ପତ୍ତି ଲାଭ କରିଥିଲା, ସେଠାକୁ ଫେରସ୍ତ ଦିଆଯାଏ, ତା'ହେଲେ ବିଧେୟକଟି ମଞ୍ଜୁର ହେବା ନିମନ୍ତେ ବିଳମ୍ବ ଯୋଗୁଁ ଆବଶ୍ୟକ ହେଉଥିବା ସଂଶୋଧନ ବ୍ୟତୀତ, ଅନ୍ୟ କୌଣସି ସଂଶୋଧନ ପ୍ରସ୍ତାବିତ କରାଯିବ ନାହିଁ;

(*b*) ଯଦି ବିଧେୟକଟି ଏପରି ଭାବେ ପାରିତ ହୋଇ ଫେରସ୍ତ ହୁଏ, ତା'ହେଲେ କେବଳ ପୂର୍ବରୁ କୁହାଯାଇଥିବା ଅନୁଯାୟୀ ଉକ୍ତ ବିଧେୟକରେ ସଂଶୋଧନ ପ୍ରସ୍ତାବ ଅଣାଯିବ ଏବଂ ସେହି ସଙ୍କ୍ରାନ୍ତୀୟ ଅନ୍ୟ କୌଣସି ସଂଶୋଧନ, ଯେଉଁଥିରେ ସଦନ ସମ୍ମତି ପ୍ରଦାନ କରିନଥିଲେ, ତାହା ମଧ୍ୟ ଅଣାଯିବ,

ଏବଂ ଏହି ଖଣ୍ଡ ଅନୁଯାୟୀ ଗ୍ରହଣୀୟ ସଂଶୋଧନ ଉପରେ, ସଭାପତିତ୍ୱ କରୁଥିବା ବ୍ୟକ୍ତିଙ୍କର ନିଷ୍ପତ୍ତି,ଚୂଡ଼ାନ୍ତ ହେବ।

(5) ଏହି ଅନୁଚ୍ଛେଦ ଅନୁଯାୟୀ ଏକ ଯୁଗ୍ମ ବୈଠକ ଅନୁଷ୍ଠିତ ହେବ ଏବଂ, ଯଦିଓ ବିଧେୟକଟିକୁ ମଞ୍ଜୁରି ପ୍ରଦାନ କରାଯିବ ରାଷ୍ଟ୍ରପତି ଏପରି ଯୁଗ୍ମ ବୈଠକ ଆହ୍ୱାନ ନିମନ୍ତେ ତାଙ୍କର ଉଦ୍ଦେଶ୍ୟ ବ୍ୟକ୍ତ କରିଥାଆନ୍ତି ଏବଂ ଯଦିଓ ଏହି ସମୟ ମଧ୍ୟରେ ଲୋକସଭା ଭଙ୍ଗ ହେବା ଘୋଷଣା ହୋଇଥାଏ ।

**109. ଅର୍ଥ ବିଧେୟକ ସମ୍ବନ୍ଧରେ ବିଶେଷ କାର୍ଯ୍ୟପଦ୍ଧତି—** (1) କୌଣସି ଅର୍ଥ ବିଧେୟକକୁ, ରାଜ୍ୟସଭାରେ ଉପସ୍ଥାପନ କରାଯାଇପାରିବ ନାହିଁ ।

(2) ଲୋକସଭାରେ କୌଣସି ଅର୍ଥ ବିଧେୟକ ଗୃହୀତ ହେବା ପରେ, ରାଜ୍ୟସଭାକୁ ଏହାର ସୁପାରିଶ ନିମନ୍ତେ ପ୍ରେରଣ କରାଯିବ ଏବଂ ରାଜ୍ୟସଭା, ଏହା ପାଇବାର ଚଉଦ ଦିନ ମଧ୍ୟରେ, ଏହାର ସୁପାରିଶ ସହିତ ତାହାକୁ ଲୋକସଭାକୁ ଫେରସ୍ତ କରିବେ ଏବଂ ତା'ପରେ ଲୋକସଭା ଉକ୍ତ ସୁପାରିଶ ମଧ୍ୟରୁ ଯେକୌଣସି ସୁପାରିଶ କିମ୍ବା ସମସ୍ତ ସୁପାରିଶକୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କରିପାରନ୍ତି ।

(3) ଯଦି ଲୋକସଭା, ରାଜ୍ୟସଭାର କୌଣସି ସୁପାରିଶକୁ ଗ୍ରହଣ କରନ୍ତି ତା'ହେଲେ ଅର୍ଥ ବିଧେୟକଟି ଉଭୟ ସଦନ ଦ୍ୱାରା ରାଜ୍ୟସଭାର ସଂଶୋଧନ ସହିତ ଏବଂ ଲୋକସଭାର ସମ୍ମତି ସହିତ ପାରିତ ହୋଇଛି ବୋଲି ଧରାଯିବ ।

(4) ଯଦି ଲୋକସଭା, ରାଜ୍ୟସଭାର କୌଣସି ସୁପାରିଶକୁ ଗ୍ରହଣ ନକରନ୍ତି, ତା'ହେଲେ ରାଜ୍ୟସଭା ଦ୍ୱାରା ସୁପାରିଶ କରାଯାଇଥିବା କୌଣସି ସଂଶୋଧନ ବିନା, ଉକ୍ତ ଅର୍ଥ ବିଧେୟକଟି ଉଭୟ ସଦନ ଦ୍ୱାରା ପାରିତ ହୋଇଛି ବୋଲି ଧରାଯିବ ଯେମିତିକି ଏହା ଲୋକସଭା ଦ୍ୱାରା ରାଜ୍ୟସଭାର ସଂଶୋଧନ ବିନା ଗୃହୀତ ହୋଇଛି ।

(5) ଯଦି ଲୋକସଭା ଦ୍ୱାରା ଗୃହୀତ କୌଣସି ଅର୍ଥ ବିଧେୟକକୁ, ରାଜ୍ୟସଭାର ସୁପାରିଶ ନିମନ୍ତେ ପ୍ରେରଣ କରାଯାଇଥାଏ ଏବଂ ତାହା ଉକ୍ତ ଅବଧି ଚଉଦଦିନ ମଧ୍ୟରେ ଲୋକସଭାକୁ ଫେରସ୍ତ କରାନଯାଏ, ତା'ହେଲେ ଉକ୍ତ ଅବଧିର ସମାପ୍ତି ପରେ, ଯେଉଁ ପ୍ରକାରେ ତାହା ଲୋକସଭା ଦ୍ୱାରା ଗୃହୀତ ହୋଇଥିଲା, ସେ ଅନୁଯାୟୀ ଉଭୟ ସଦନ ଦ୍ୱାରା ପାରିତ ହୋଇଛି ବୋଲି ଧରାଯିବ ।

**110. "ଅର୍ଥ ବିଧେୟକ"ର ପରିଭାଷା—** (1) ଏହି ଅଧ୍ୟାୟ ଉଦ୍ଦେଶ୍ୟରେ କୌଣସି ବିଧେୟକକୁ ଏକ ଅର୍ଥ ବିଧେୟକ ବୋଲି ଧରାଯିବ ଯଦି ଏହା ନିମ୍ନ ସମସ୍ତ କିମ୍ବା କୌଣସି ବିଷୟ ସମ୍ବନ୍ଧରେ ବ୍ୟବସ୍ଥା ଅନ୍ତର୍ଗତ କରିଥାଏ, ଯଥା:-

(*a*) କୌଣସି କର ଧାର୍ଯ୍ୟ, ଉଚ୍ଛେଦ, ହ୍ରାସକରଣ, ପରିବର୍ତ୍ତନ କିମ୍ବା ନିୟନ୍ତ୍ରଣ;

(*b*) ଭାରତ ସରକାରଙ୍କ ଦ୍ୱାରା ଋଣ ନେବା କିମ୍ବା କୌଣସି ପ୍ରତିଶ୍ରୁତି ଦେବା କିମ୍ବା ଭାରତ ସରକାରଙ୍କ ଦ୍ୱାରା କରାଯାଇଥିବା କିମ୍ବା କରାଯିବାକୁ ଥିବା କୌଣସି ଆର୍ଥିକ ଦାୟିତ୍ୱ ସମ୍ବନ୍ଧରେ ଆଇନର ସଂଶୋଧନ;

(*c*) ଭାରତର **ସଞ୍ଚିତ ପାଣ୍ଠି** କିମ୍ବା ଅତ୍ୟାବଶ୍ୟକ ପାଣ୍ଠିର ତତ୍ତ୍ୱାବଧାନ ଏବଂ ଏପରି ପାଣ୍ଠିରେ ଅର୍ଥ ଜମା କରିବା କିମ୍ବା ଏପରି ପାଣ୍ଠିରୁ ଅର୍ଥ ବାହାର କରିବା;

(*d*) ଭାରତର **ସଞ୍ଚିତ ପାଣ୍ଠି**ରୁ ଅର୍ଥ ବିନିଯୋଗ କରିବା;

(*e*) କୌଣସି ଖର୍ଚ୍ଚକୁ, ଭାରତର ସଞ୍ଚିତ ପାଣ୍ଠି ଉପରେ ଖର୍ଚ୍ଚ ବୋଲି ଘୋଷଣା କରିବା କିମ୍ବା ଏପରି କୌଣସି ଖର୍ଚ୍ଚର ପରିମାଣ ବୃଦ୍ଧି କରିବା;

(*f*) ଭାରତର ସଞ୍ଚିତ ପାଣ୍ଠି କିମ୍ବା ଭାରତର ସରକାରୀ ହିସାବରେ ଅର୍ଥକୁ ଗ୍ରହଣ କରିବା କିମ୍ବା ଏହାର ତତ୍ତ୍ୱାବଧାନ କିମ୍ବା ଏପରି ଅର୍ଥର ନିର୍ଗମ କିମ୍ବା କେନ୍ଦ୍ର କିମ୍ବା କୌଣସି ରାଜ୍ୟର ହିସାବ ସମୀକ୍ଷଣ; କିମ୍ବା

(*g*) ଉପଖଣ୍ଡ (*a*) ରୁ (*f*) ପର୍ଯ୍ୟନ୍ତରେ ଧାର୍ଯ୍ୟ ଥିବା କୌଣସି ବିଷୟର ଆନୁଷଙ୍ଗିକ ବିଷୟ ।

(2) କେବଳ ଏହା ଜୋରିମାନା ଧାର୍ଯ୍ୟ କରିବା କିମ୍ବା ଅନ୍ୟ କୌଣସି ଆର୍ଥିକ ଦଣ୍ଡ ଧାର୍ଯ୍ୟ କରିବା କିମ୍ବା ପ୍ରଦତ୍ତ ସେବା ନିମନ୍ତେ ଶୁଳ୍କ କିମ୍ବା ଅନୁମତିପତ୍ର ଶୁଳ୍କ ଦାବି କରିବା କିମ୍ବା ପ୍ରଦାନ କରିବା କିମ୍ବା ସ୍ଥାନୀୟ ଉଦ୍ଦେଶ୍ୟରେ କୌଣସି ସ୍ଥାନୀୟ ଅଧିକାରୀ କିମ୍ବା ସଂସ୍ଥା ଦ୍ୱାରା କୌଣସି କର ଧାର୍ଯ୍ୟ କରିବା, ଉଚ୍ଛେଦ କରିବା, ହ୍ରାସ କରିବା, ପରିବର୍ତ୍ତନ କରିବା କିମ୍ବା ନିୟନ୍ତ୍ରଣ କରିବା କାରଣ ଯୋଗୁଁ କୌଣସି ବିଧେୟକକୁ ଏକ ଅର୍ଥ ବିଧେୟକଭାବେ ଧରାଯିବ ନାହିଁ ।

(3) କୌଣସି ବିଧେୟକ, ଅର୍ଥ ବିଧେୟକ କି ନୁହେଁ ବୋଲି ପ୍ରଶ୍ନ ଉଠେ, ତା'ହେଲେ ଲୋକସଭାର ବାଚସ୍ପତିଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ହେବ ।

(4) ଅନୁଚ୍ଛେଦ 109 ଅନୁଯାୟୀ ଯେତେବେଳେ କୌଣସି ଅର୍ଥ ବିଧେୟକକୁ ରାଜ୍ୟସଭାକୁ ପ୍ରେରଣ କରାଯାଏ ଏବଂ ଯେତେବେଳେ ଅନୁଚ୍ଛେଦ 111 ଅନୁଯାୟୀ ରାଷ୍ଟ୍ରପତିଙ୍କ ସ୍ୱୀକୃତି ନିମନ୍ତେ ତାହା ଉପସ୍ଥାପନ କରାଯାଏ, ସେତେବେଳେ ଲୋକସଭାର ବାଚସ୍ପତିଙ୍କର ଏକ ଦସ୍ତଖତ ଥିବା ପ୍ରମାଣପତ୍ର ଏଥିରେ ରହିବ ଯେ, ଏହା ଏକ ଅର୍ଥ ବିଧେୟକ ଅଟେ ।

**111. ବିଧେୟକ ପ୍ରତି ସ୍ୱୀକୃତି—** ଯେତେବେଳେ କୌଣସି ବିଧେୟକ ସଂସଦର ଉଭୟ ସଦନରୁ ଗୃହୀତ ହୁଏ, ସେତେବେଳେ ତାହା ରାଷ୍ଟ୍ରପତିଙ୍କ ନିକଟରେ ଉପସ୍ଥାପନ କରାଯିବ ଏବଂ ରାଷ୍ଟ୍ରପତି ଏହି ବିଧେୟକରେ ସ୍ୱୀକୃତି ପ୍ରଦାନ କରିଛନ୍ତି ବୋଲି କିମ୍ବା ଏପରି ସ୍ୱୀକୃତି ସ୍ଥଗିତ ରଖିଛନ୍ତି ବୋଲି ଘୋଷଣା କରିବେ:

କିନ୍ତୁ, ରାଷ୍ଟ୍ରପତି, ତାଙ୍କ ନିକଟରେ ଉପସ୍ଥାପନ କରାଯାଇଥିବା ବିଧେୟକକୁ ଯେତେ ଶୀଘ୍ର ସମ୍ଭବ, ଏହା ଯଦି ଅର୍ଥ ବିଧେୟକ ହୋଇନଥାଏ, ତାହା ଉଭୟ ସଦନକୁ ଫେରସ୍ତ ଦେବେ ଏବଂ ଏଥି ସହିତ ଏକ ସମ୍ବାଦ ପ୍ରେରଣ କରି ସେମାନଙ୍କୁ, ଉକ୍ତ ବିଧେୟକକୁ କିମ୍ବା କୌଣସି ଧାର୍ଯ୍ୟ ବ୍ୟବସ୍ଥାକୁ ବିଚାର କରିବା ନିମନ୍ତେ ଏବଂ ନିର୍ଦ୍ଦିଷ୍ଟଭାବେ, ଏପରି ସଂଶୋଧନକୁ ଉପସ୍ଥାପନ କରିବାର ଆବଶ୍ୟକତା ଉପରେ ବିଚାର କରିବା ନିମନ୍ତେ ଅନୁରୋଧ କରିବେ; ଏବଂ ଯେତେବେଳେ କୌଣସି ବିଧେୟକକୁ ଏପରି ଭାବେ ଫେରସ୍ତ ଦିଆଯାଏ, ସେତେବେଳେ ଉଭୟ ସଦନ, ଉକ୍ତ ବିଧେୟକକୁ ସେହି ଅନୁସାରେ ପୁନର୍ବିଚାର କରିବେ ଏବଂ ଯଦି ବିଧେୟକଟି ସଂଶୋଧନ ସହ କିମ୍ବା ବିନା ସଂଶୋଧନରେ ଉଭୟ ସଦନ ଦ୍ୱାରା ପୁନର୍ବାର ମଞ୍ଜୁରି ଲାଭକରେ ଏବଂ ରାଷ୍ଟ୍ରପତିଙ୍କ ସ୍ୱୀକୃତି ନିମନ୍ତେ ଉପସ୍ଥାପନ କରାଯାଏ, ତା'ହେଲେ ରାଷ୍ଟ୍ରପତି ସେଥିରେ ତାଙ୍କର ସ୍ୱୀକୃତି ସ୍ଥଗିତ ରଖିପାରିବେ ନାହିଁ ।

*ଅର୍ଥ ସମ୍ବନ୍ଧୀୟ କାର୍ଯ୍ୟ ପଦ୍ଧତି*

**112. ଅର୍ଥ ସମ୍ବନ୍ଧୀୟ ବାର୍ଷିକ ବିବରଣୀ—**(1) ପ୍ରତ୍ୟେକ ଆର୍ଥିକ ବର୍ଷରେ, ରାଷ୍ଟ୍ରପତି, ସଂସଦର ଉଭୟ ସଦନରେ, ସେହିବର୍ଷ ନିମନ୍ତେ ଭାରତ ସରକାରଙ୍କ ଆଦାୟ ଏବଂ ଅଟକଳର ଏକ ବିବରଣୀ ଉପସ୍ଥାପନ କରାଇବେ, ଯାହାକି ଏହି ଭାଗରେ "ଅର୍ଥ ସମ୍ବନ୍ଧୀୟ ବାର୍ଷିକ ବିବରଣୀ" ବୋଲି ଉଲ୍ଲେଖ କରାଯାଇଛି ।

(2) ଅର୍ଥ ସମ୍ବନ୍ଧୀୟ ବାର୍ଷିକ ବିବରଣୀରେ ସ୍ଥାନ ପାଇଥିବା ଖର୍ଚ୍ଚର ଅଟକଳ ପୃଥକଭାବେ ଦର୍ଶାଇବା—

(*a*) ଖର୍ଚ୍ଚକୁ ବହନ କରିବା ପାଇଁ ଆବଶ୍ୟକ ଅର୍ଥ, ଯାହାକି ସମ୍ବିଧାନ ଦ୍ୱାରା ଭାରତର **ସଞ୍ଚିତ ପାଣ୍ଠି** ଉପରେ ଖର୍ଚ୍ଚ ବୋଲି, ବର୍ଣ୍ଣନା କରାଯାଇଛି; ଏବଂ

(*b*) ଭାରତର **ସଞ୍ଚିତ ପାଣ୍ଠିରୁ** ହେବାକୁ ଥିବା ପ୍ରସ୍ତାବିତ ଖର୍ଚ୍ଚକୁ ବହନ କରିବା ପାଇଁ ଆବଶ୍ୟକ ଅର୍ଥ, ଏବଂ ଅନ୍ୟ ଖର୍ଚ୍ଚରୁ ଖର୍ଚ୍ଚ କିମ୍ବା ରାଜସ୍ୱର ହିସାବକୁ ପୃଥକ କରି ଦର୍ଶାଇବେ ।

(3) ନିମ୍ନଲିଖିତ ଖର୍ଚ୍ଚ, ଭାରତର **ସଞ୍ଚିତ ପାଣ୍ଠି** ଉପରେ ଖର୍ଚ୍ଚ ବୋଲି ଧରାଯିବ—

(*a*) ରାଷ୍ଟ୍ରପତିଙ୍କର ବେତନ ଏବଂ ଭତ୍ତା ଏବଂ ତାଙ୍କ କାର୍ଯ୍ୟାଳୟ ସମ୍ବନ୍ଧୀୟ ଅନ୍ୟ ଖର୍ଚ୍ଚ;

(*b*) ରାଜ୍ୟସଭାର ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ଏବଂ ଲୋକସଭାର ବାଚସ୍ପତି ଏବଂ ଉପ-ବାଚସ୍ପତିଙ୍କର ବେତନ ଏବଂ ଭତ୍ତା;

(*c*) ଋଣଭାର ନିମନ୍ତେ ଭାରତ ସରକାର ଯେଉଁଥିରେ କି ସୁଧ, ଦ୍ରବୀଭୂତ ପାଣ୍ଠି ଖର୍ଚ୍ଚ ଏବଂ ଛାଡ଼ପାଇବା ଖର୍ଚ୍ଚ ଏବଂ ଋଣ ଉଠାଇବା ନିମନ୍ତେ ଏବଂ ସେବା ଏବଂ ଋଣ ଛାଡ଼ ପାଇବା ସମ୍ପର୍କିତ ଅନ୍ୟ ଖର୍ଚ୍ଚ ଅନ୍ତର୍ଭୁକ୍ତ;

(*d*) (*i*) ସର୍ବୋଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶମାନଙ୍କୁ ଦେୟ ବେତନ, ଭତ୍ତା ଏବଂ ଅବସରକାଳୀନ ବେତନ;

(*ii*) ସଂଘୀୟ ନ୍ୟାୟାଳୟର ନ୍ୟାୟାଧୀଶମାନଙ୍କୁ ଦେୟ ଅବସରକାଳୀନ ବେତନ;

(*iii*) କୌଣସି ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶମାନଙ୍କୁ ଦେୟ ଅବସରକାଳୀନ ବେତନ ଯାହାର ଭାରତୀୟ ଅଞ୍ଚଳ ମଧ୍ୟରେ ଅନ୍ତର୍ଭୁକ୍ତ କୌଣସି ଅଞ୍ଚଳ ଉପରେ କର୍ତ୍ତୃତ୍ୱ ଥାଏ କିମ୍ବା ଯାହାକି, ଯେକୌଣସି ସମୟରେ ଏହି ସମ୍ବିଧାନର ପ୍ରଚଳନ ପୂର୍ବରୁ[1][ଭାରତର ଅଧିରାଜ୍ୟ ରାଜ୍ୟପାଳଙ୍କ ପ୍ରଦେଶରେ ଥିବା କୌଣସି ଅଞ୍ଚଳ] ଉପରେ କର୍ତ୍ତୃତ୍ୱ ଜାରି କରୁଥାଏ;

(*e*) ଭାରତର ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକଙ୍କୁ ଦେୟ ବେତନ, ଭତ୍ତା ଏବଂ ଅବସରକାଳୀନ ବେତନ;

(*f*) ମଧ୍ୟସ୍ଥତାର ନ୍ୟାୟାଧୀକରଣ କିମ୍ବା କୌଣସି ନ୍ୟାୟାଳୟଙ୍କ ବିଚାର କିମ୍ବା ଆଇନଗତ ଆଦେଶକୁ ସମ୍ପାଦନ କରିବା ନିମନ୍ତେ ଆବଶ୍ୟକ ଅର୍ଥ;

(*g*) ଏପରି ଖର୍ଚ୍ଚ ନିମନ୍ତେ ସମ୍ବିଧାନ ଦ୍ୱାରା କିମ୍ବା ସଂସଦଦ୍ୱାରା ଆଇନ ଅନୁଯାୟୀ ଘୋଷିତ ଅନ୍ୟ କୌଣସି ଖର୍ଚ୍ଚ ।

**113. ଅଟକଳ ସମ୍ବନ୍ଧୀୟ ସଂସଦର କାର୍ଯ୍ୟ—** (1) ଭାରତର **ସଞ୍ଚିତ ପାଣ୍ଠିରୁ** ଏତେ ପରିମାଣର ଆକଳନକୁ ସଂସଦରେ ମତଦାନ ନିମନ୍ତେ ଉପସ୍ଥାପନ କରାଯିବ ନାହିଁ ମାତ୍ର ସେହି ଅଟକଳ ମଧ୍ୟରୁ କୌଣସିଟିକୁ ସଂସଦର କୌଣସି ସଦନରେ ଆଲୋଚନା କରିବା ନିମନ୍ତେ ଏହି ଖଣ୍ଡକୁ କୌଣସି ବ୍ୟବସ୍ଥା ପ୍ରତିବନ୍ଧିତ କରୁଛି ବୋଲି ବ୍ୟାଖ୍ୟା କରାଯିବ ନାହିଁ ।

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀ ଦ୍ୱାରା "ପ୍ରଥମ ଅନୁସୂଚୀର ଭାଗ Aରେ ନିର୍ଦ୍ଦିଷ୍ଟ ରାଜ୍ୟ ସହିତ ସମ୍ବନ୍ଧିତ ଏକ ପ୍ରଦେଶ" ପାଇଁ ପ୍ରତିସ୍ଥାପିତ (1-11-1956ଠାରୁ କାର୍ଯ୍ୟକାରୀ) ।

(2) ଉପରୋକ୍ତ ଅଟକଳର ଅନ୍ୟ ବିଷୟକ ଆକଳନ, ଲୋକସଭାରେ, ମଞ୍ଜୁରି ନିମନ୍ତେ ଅନୁଦାନ ଦାବିଭାବେ ଉପସ୍ଥାପନ କରାଯିବ ଏବଂ ଏପରି କୌଣସି ଦାବିକୁ, ଲୋକସଭା ସ୍ୱୀକୃତି ପ୍ରଦାନ କରିପାରନ୍ତି କିମ୍ବା ନାମଞ୍ଜୁର କରିପାରନ୍ତି କିମ୍ବା ସେଥିରେ ଧାର୍ଯ୍ୟ କରାଯାଇଥିବା କୌଣସି ଅର୍ଥର ହ୍ରାସକରଣ ନିମନ୍ତେ, ସେପରି କୌଣସି ଦାବିକୁ ସ୍ୱୀକୃତି ପ୍ରଦାନ କରିପାରନ୍ତି ।

(3) ରାଷ୍ଟ୍ରପତିଙ୍କ ସୁପାରିଶ ବିନା କୌଣସି ଅନୁଦାନ ଦାବି ମଞ୍ଜୁରି ପାଇଁ ଉପସ୍ଥାପନ କରାଯିବ ନାହିଁ ।

**114. ବିନିଯୋଗ ବିଧେୟକ —** (1) ଲୋକସଭା ଦ୍ୱାରା ଅନୁଚ୍ଛେଦ 113 ଅନୁଯାୟୀ ଅନୁଦାନ ନିମନ୍ତେ ମଞ୍ଜୁରି ମିଳିବା ପରେ ପରେ, **ସଞ୍ଚିତ ପାଣ୍ଠିରୁ** ବିନିଯୋଗ ନିମନ୍ତେ ଆବଶ୍ୟକ ଅର୍ଥ ତୁଲାଇବା ନିମନ୍ତେ ଏକ ବିଧେୟକ ଉପସ୍ଥାପନ କରାଯିବ–

(*a*) ଲୋକସଭା ଦ୍ୱାରା ଏପରି ମଞ୍ଜୁରି ହୋଇଥିବା ଅନୁଦାନ; ଏବଂ

(*b*) ଭାରତର **ସଞ୍ଚିତ ପାଣ୍ଠି** ଉପରେ ଧାର୍ଯ୍ୟ କରାଯାଇଥିବା ଖର୍ଚ୍ଚ, ମାତ୍ର ସଂସଦରେ ପୂର୍ବରୁ ଦାଖଲ କରାଯାଇଥିବା ବିବରଣୀରେ ଦର୍ଶାଯାଇଥିବା ଅର୍ଥଠାରୁ ଅଧିକ ହୋଇନଥିବ ।

(2) ସଂସଦର କୌଣସି ସଦନରେ ଏପରି ବିଧେୟକ ଉପରେ କୌଣସି ସଂଶୋଧନ ପ୍ରସ୍ତାବିତ କରାଯିବ ନାହିଁ ଯାହାକି ଏପରି ଅନୁଦାନର ଲକ୍ଷ୍ୟକୁ ପରିବର୍ତ୍ତନ କରିବାରେ କିମ୍ବା ପରିମାଣକୁ ପରିବର୍ତ୍ତନ କରିବାରେ ପ୍ରଭାବ ପକାଇବ କିମ୍ବା ଭାରତର **ସଞ୍ଚିତ ପାଣ୍ଠିର** ଖର୍ଚ୍ଚ ଉପରେ ଅର୍ଥକୁ ପରିବର୍ତ୍ତିତ କରିବ ଏବଂ ଏହି ଖଣ୍ଡ ଅନୁଯାୟୀ ଏପରି କୌଣସି ସଂଶୋଧନ ଗ୍ରହଣୀୟ କି ନୁହେଁ, ସେ ସମ୍ବନ୍ଧରେ ସଭାପତିତ୍ୱ କରୁଥିବା ବ୍ୟକ୍ତିଙ୍କର ନିଷ୍ପତ୍ତି ଚୂଡ଼ାନ୍ତ ହେବ ।

(3) ଅନୁଚ୍ଛେଦ 115 ଏବଂ 116ର ବ୍ୟବସ୍ଥା ଅଧୀନରେ, ଆଇନ ଦ୍ୱାରା ବିନିଯୋଗ ନିମନ୍ତେ ଧାର୍ଯ୍ୟ ବ୍ୟତୀତ, କୌଣସି ଅର୍ଥକୁ ଭାରତର **ସଞ୍ଚିତ ପାଣ୍ଠିରୁ** ଉଠାଯିବ ନାହିଁ ।

**115. ଅନୁପୂରକ ଅତିରିକ୍ତ କିମ୍ବା ଅଧିକ ଅନୁଦାନ—** (1) ରାଷ୍ଟ୍ରପତି—

(*a*) ଯଦି ଆଇନ ଦ୍ୱାରା କ୍ଷମତାପ୍ରାପ୍ତ କୌଣସି ପରିମାଣ ଯାହାକି ଚଳିତ ଆର୍ଥିକ ବର୍ଷ ପାଇଁ କୌଣସି ନିର୍ଦ୍ଦିଷ୍ଟ ସେବାରେ ଖର୍ଚ୍ଚ ନିମନ୍ତେ, ଅନୁଚ୍ଛେଦ 114ର ବ୍ୟବସ୍ଥା ଅନୁଯାୟୀ କରାଯାଇଥାଏ ଏବଂ ତାହା ସେହି ବର୍ଷ ନିମନ୍ତେ ଯଥେଷ୍ଟ ହୋଇନଥାଏ ବୋଲି ଜଣାପଡ଼େ କିମ୍ବା ବାର୍ଷିକ ଅର୍ଥନୈତିକ ବିବରଣୀରେ ପରିକଳ୍ପିତ ହୋଇନଥିବା କୌଣସି ନୂତନ ସେବା ନିମନ୍ତେ ଚଳିତ ଆର୍ଥିକ ବର୍ଷରେ କୌଣସି ଅନୁପୂରକ କିମ୍ବା ଅତିରିକ୍ତ ଖର୍ଚ୍ଚର ଆବଶ୍ୟକତା ହୁଏ; କିମ୍ବା

(*b*) ଯଦି ସେହି ବର୍ଷ ନିମନ୍ତେ ଅନୁମୋଦନ କରାଯାଇଥିବା ଅର୍ଥଠାରୁ, ଏକ ଅର୍ଥ କୌଣସି ସେବା ନିମନ୍ତେ କୌଣସି ଆର୍ଥିକ ବର୍ଷରେ ଖର୍ଚ୍ଚ କରାଯାଏ,

ତା' ହେଲେ ସଂସଦର ଉଭୟ ସଦନରେ ଉକ୍ତ ଖର୍ଚ୍ଚର ଆଉ ଏକ ଖର୍ଚ୍ଚ ଅଟକଳ ଉପସ୍ଥାପନ କରାଇବେ କିମ୍ବା ଲୋକସଭାରେ ଏପରି ଖର୍ଚ୍ଚର ଏକ ଦାବିକୁ ଉପସ୍ଥାପିତ କରାଇବେ ।

(2) ଅନୁଚ୍ଛେଦ 112, 113 ଏବଂ 114ର ବ୍ୟବସ୍ଥା ଏପରି କୌଣସି ବିବରଣୀ ଏବଂ ଖର୍ଚ୍ଚ କିମ୍ବା ଦାବି ଏବଂ ଏପରି ଖର୍ଚ୍ଚ ତୁଲାଇବା ନିମନ୍ତେ ଭାରତର **ସଞ୍ଚିତ ପାଣ୍ଠି**ରୁ ଅର୍ଥ ବିନିଯୋଗ କରିବା ନିମନ୍ତେ କ୍ଷମତାପ୍ରାପ୍ତ କରିବାକୁ ପ୍ରଣୀତ କୌଣସି ଆଇନ ଉପରେ ପ୍ରଭାବ ପକାଇବ କିମ୍ବା ଏପରି ଦାବି ସମ୍ବନ୍ଧରେ କୌଣସି ଅନୁଦାନ, ଯାହାର, ସେଥିରେ ଉଲ୍ଲେଖ ଥିବା ବାର୍ଷିକ ଅର୍ଥନୈତିକ ବିବରଣୀ ଏବଂ ଖର୍ଚ୍ଚ ଉପରେ ପ୍ରଭାବ ରହିବ କିମ୍ବା କୌଣସି ଅନୁଦାନ ନିମନ୍ତେ କୌଣସି ଦାବି କିମ୍ବା ଏପରି ଖର୍ଚ୍ଚ ଅନୁଦାନକୁ ତୁଲାଇବା ନିମନ୍ତେ ଭାରତର **ସଞ୍ଚିତ ପାଣ୍ଠି**ରୁ ଅର୍ଥ ବିନିଯୋଗ କରିବା ନିମନ୍ତେ କ୍ଷମତା ପ୍ରଦାନ କରିବାକୁ ପ୍ରଣୀତ କରାଯିବାକୁ ଥିବା କୌଣସି ଆଇନ ପ୍ରତି ମଧ୍ୟ ଉକ୍ତ ଅନୁଚ୍ଛେଦଗୁଡ଼ିକର ବ୍ୟବସ୍ଥା ପ୍ରଭାବ ପକାଇବ ।

**116. ହିସାବ, ଋଣ ଏବଂ ବିଶେଷ ଅନୁଦାନ ଉପରେ ମତଦାନ** — (1) ଏହି ଅଧ୍ୟାୟରେ ପୂର୍ବବର୍ତ୍ତୀ ବ୍ୟବସ୍ଥାରେ ଯାହା କିଛି ଥିବା ସତ୍ତ୍ୱେ —

(*a*) ଖର୍ଚ୍ଚ ସମ୍ବନ୍ଧରେ ଅନୁଚ୍ଛେଦ 114ର ବ୍ୟବସ୍ଥା ଅନୁଯାୟୀ ଏପରି ଅନୁଦାନ ଉପରେ ମତଦାନ କରିବା ଏବଂ ଆଇନ ପ୍ରଣୟନ କରିବା ନିମନ୍ତେ ଅନୁଚ୍ଛେଦ 113ରେ ଧାର୍ଯ୍ୟ କରାଯାଇଥିବା ବ୍ୟବସ୍ଥାର ପୂର୍ଣ୍ଣତାର ସମ୍ପୂର୍ଣ୍ଣ ହୋଇ ସ୍ଥଗିତାବସ୍ଥାରେ କୌଣସି ଆର୍ଥିକ ବର୍ଷର ଏକ ଅଂଶ ନିମନ୍ତେ ଅଟକଳ କରାଯାଇଥିବା ଖର୍ଚ୍ଚ ସମ୍ବନ୍ଧରେ ଆଗୁଆ କୌଣସି ମଞ୍ଜୁରି ପ୍ରଦାନ କରିବା;

(*b*) ସାଧାରଣଭାବେ ପ୍ରଦାନ କରାଯାଉଥିବା କୌଣସି ବାର୍ଷିକ ଆର୍ଥିକ ବିବରଣୀରେ, ଯେତେବେଳେ କୌଣସି ସେବା ଦାବିର ପରିବ୍ୟାପତା କିମ୍ବା ନିର୍ଦ୍ଦିଷ୍ଟ ପ୍ରକୃତିକୁ ଦର୍ଶାଯାଇପାରିବ ନାହିଁ, ସେପରିସ୍ଥଳେ ଭାରତର ସମ୍ବଳ ଉପରେ ଅପ୍ରତ୍ୟାଶିତ ଦାବିକୁ ପୂରଣ କରିବା ନିମନ୍ତେ ମଞ୍ଜୁରି;

(*c*) କୌଣସି ଅସାଧାରଣ ଅନୁଦାନ ପ୍ରଦାନ କରିବା ଯାହାକି କୌଣସି ଆର୍ଥିକ ବର୍ଷର ପ୍ରଚଳିତ ସେବାର କୌଣସି ଅଂଶ ହୋଇନଥିବ,

ତାହା ଲୋକସଭାର କ୍ଷମତା ରହିବ ଏବଂ ଯେଉଁ ଉଦ୍ଦେଶ୍ୟ ନିମନ୍ତେ ସେହି ଅନୁଦାନ ବ୍ୟବସ୍ଥା କରାଯାଇଛି, ତାହା ଭାରତରେ **ସଞ୍ଚିତ ପାଣ୍ଠି**ରୁ ଆଇନ ଅନୁଯାୟୀ ବାହାର କରିବା ପାଇଁ କ୍ଷମତା ପ୍ରଦାନ କରିବା ପାଇଁ ସଂସଦର କ୍ଷମତା ରହିବ ।

(2) ଖଣ୍ଡ(1) ଅନୁଯାୟୀ, କୌଣସି ଅନୁଦାନ ପ୍ରଦାନ କରିବା ଉପରେ ଏବଂ ସେହି ଖଣ୍ଡ ଅନୁଯାୟୀ ପ୍ରଣୀତ କୌଣସି ଆଇନ, ଯାହାର କୌଣସି ଖର୍ଚ୍ଚ ସମ୍ବନ୍ଧରେ କୌଣସି ଅନୁଦାନ, ଯାହାକି ବାର୍ଷିକ ଆର୍ଥିକ ବିବରଣୀରେ ଉଲ୍ଲେଖ ଥାଏ ଏବଂ ଏପରି ଖର୍ଚ୍ଚକୁ ଭାରତର **ସଞ୍ଚିତ ପାଣ୍ଠି**ର ଅର୍ଥରୁ ବିନିଯୋଗ କରିବା ନିମନ୍ତେ କ୍ଷମତାୟିତ କରିବାକୁ ପ୍ରଣୀତ ହେବାକୁ ଥିବା ଆଇନ ଉପରେ, ଅନୁଚ୍ଛେଦ 113 ଏବଂ 114ର ବ୍ୟବସ୍ଥା ଲାଗୁ ହେବ ।

**117. ଅର୍ଥ ସମ୍ବନ୍ଧୀୟ ବିଧେୟକ ନିମନ୍ତେ ବିଶେଷ ବ୍ୟବସ୍ଥା**— (1) ଅନୁଚ୍ଛେଦ 110ର ଖଣ୍ଡ (1)ର ଉପଖଣ୍ଡ (*a*)ରୁ (*f*)ରେ ନିର୍ଦ୍ଧାରିତ କୌଣସି ବିଷୟ ନିମନ୍ତେ ବ୍ୟବସ୍ଥା ପ୍ରଣୟନ କରିବାପାଇଁ କୌଣସି ବିଧେୟକ କିମ୍ବା ସଂଶୋଧନ, ରାଷ୍ଟ୍ରପତିଙ୍କ ସୁପାରିଶ ବିନା ଆଗତ କରାଯାଇପାରିବ ନାହିଁ ଏବଂ ଏପରି ବ୍ୟବସ୍ଥା ପ୍ରଣୟନ କରିବା ନିମନ୍ତେ କୌଣସି ବିଧେୟକ, ରାଜ୍ୟସଭାରେ ଆଗତ କରାଯିବ ନାହିଁ:

କିନ୍ତୁ, କୌଣସି କର ହ୍ରାସ କରିବା କିମ୍ବା ଉଚ୍ଛେଦ ନିମନ୍ତେ ବ୍ୟବସ୍ଥା କରୁଥିବା କୌଣସି ସଂଶୋଧନ ଆଗତ କରିବା ନିମନ୍ତେ ଏହି ଖଣ୍ଡ ଅନୁଯାୟୀ କୌଣସି ସୁପାରିଶ ଆବଶ୍ୟକ ହେବ ନାହିଁ ।

(2) କେବଳ ଜୋରିମାନା ଧାର୍ଯ୍ୟ କରିବା କିମ୍ବା ଅନ୍ୟ ଆର୍ଥିକ ଦଣ୍ଡ କିମ୍ବା ଅନୁମତିପତ୍ର ନିମନ୍ତେ ଶୁଳ୍କ ଦାବି କିମ୍ବା ସେବା ପ୍ରଦାନ କରାଯାଇଥିବା ସେବା ନିମନ୍ତେ ଶୁଳ୍କ, କାରଣ ଯୋଗୁଁ, କୌଣସି ବିଧେୟକ କିମ୍ବା ସଂଶୋଧନ, ଉପରୋକ୍ତ କୌଣସି ବିଷୟରେ ବ୍ୟବସ୍ଥା କରିଥାଏ ବୋଲି ଧରାଯିବ ନାହିଁ କିମ୍ବା ସେହି କାରଣ ଯୋଗୁଁ, ସ୍ଥାନୀୟ ଉଦ୍ଦେଶ୍ୟରେ କୌଣସି ସ୍ଥାନୀୟ ଅଧିକାରୀ କିମ୍ବା ସ୍ଥାନୀୟ ସଂସ୍ଥା କୌଣସି କର ଧାର୍ଯ୍ୟ, ଉଚ୍ଛେଦ, ହ୍ରାସ, ପରିବର୍ତ୍ତନ କିମ୍ବା ନିୟନ୍ତ୍ରଣ କରୁଛି ବୋଲି ମଧ୍ୟ ଧରାଯିବ ନାହିଁ ।

(3) କୌଣସି ବିଧେୟକ ଆଇନରେ ପରିଣତ ହୋଇ କାର୍ଯ୍ୟକାରୀ ହେବା ସମୟରେ ଯଦି ଭାରତର ଏକୀକୃତ ପାଣ୍ଠିରୁ ଖର୍ଚ୍ଚକୁ ଅନ୍ତର୍ଭୁକ୍ତ କରୁଥାଏ, ତା'ହେଲେ ଯଦି ରାଷ୍ଟ୍ରପତି ସେ ସମ୍ବନ୍ଧରେ ତାହା ବିଚାର କରିବା ନିମନ୍ତେ ଉକ୍ତ ସଦନକୁ ସୁପାରିଶ କରିନଥାଆନ୍ତି; ତାହା ସଂସଦର କୌଣସି ସଦନରେ ଗୃହୀତ ହୋଇପାରିବ ନାହିଁ ।

*ସାଧାରଣ କାର୍ଯ୍ୟ ପଦ୍ଧତି*

**118. କାର୍ଯ୍ୟ ପଦ୍ଧତିର ନିୟମାବଳୀ—** (1) ଏହି ସମ୍ବିଧାନର ବ୍ୟବସ୍ଥା ଅଧୀନରେ, ସଂସଦର ପ୍ରତ୍ୟେକ ସଦନ, ଏହାର କାର୍ଯ୍ୟ ପରିଚାଳନା ପାଇଁ ନିଜର ପଦ୍ଧତି* ସମ୍ବନ୍ଧୀୟ ନିୟମାବଳୀ ପ୍ରଣୟନ କରିପାରିବେ ।

(2) ଯେପର୍ଯ୍ୟନ୍ତ ଖଣ୍ଡ (1) ଅଧୀନରେ ନିୟମାବଳୀ ପ୍ରଣୟନ କରାଯାଇନାହିଁ, ସେପର୍ଯ୍ୟନ୍ତ ଏହି ସମ୍ବିଧାନ ପ୍ରାରମ୍ଭର ଠିକ୍ ପୂର୍ବରୁ ଭାରତର ଅଧିକୃତ ଅଞ୍ଚଳର ବିଧାନମଣ୍ଡଳ ପ୍ରତି ପ୍ରଚଳିତ ବା ବଳବତ୍ତର ଥିବା କାର୍ଯ୍ୟ ପରିଚାଳନାର ପ୍ରକ୍ରିୟାଗତ ନିୟମାବଳୀ ଏବଂ ନିର୍ଦ୍ଦେଶନାମା, ଲୋକସଭାର ବାଚସ୍ପତି କିମ୍ବା ରାଜ୍ୟସଭାର ଅଧ୍ୟକ୍ଷ ଦ୍ୱାରା ଯଥାସ୍ଥିତି ଆବଶ୍ୟକ ପରିବର୍ତ୍ତନ ଓ ଅନୁକୂଳନ ବା ଗ୍ରହଣୀୟତାର ଅଧୀନରେ ରହି, ସଂସଦ ଉଦ୍ଦେଶ୍ୟରେ ପ୍ରଯୋଗ ହେବ ।

(3) ରାଷ୍ଟ୍ରପତି ରାଜ୍ୟସଭାର ଅଧ୍ୟକ୍ଷ ଏବଂ ଲୋକସଭାର ବାଚସ୍ପତିଙ୍କ ସହିତ ପରାମର୍ଶ କରି ଦୁଇ ସଦନର ଯୁଗ୍ମ ବୈଠକ ଏବଂ ଦୁଇ ସଦନ ମଧ୍ୟରେ ଯୋଗାଯୋଗ ସମ୍ବନ୍ଧୀୟ କାର୍ଯ୍ୟପଦ୍ଧତିର ନିୟମାବଳୀ ପ୍ରଣୟନ କରିପାରିବେ ।

(4) ଦୁଇ ସଦନର କୌଣସି ଯୁଗ୍ମ ବୈଠକରେ, ଲୋକସଭାର ବାଚସ୍ପତି କିମ୍ବା ତାଙ୍କ ଅନୁପସ୍ଥିତିରେ, ଖଣ୍ଡ (3) ଅନୁଯାୟୀ ପ୍ରଣୀତ ପଦ୍ଧତିର ନିୟମାବଳୀ ଅନୁଯାୟୀ ସ୍ଥିର କରାଯାଇଥିବା ବ୍ୟକ୍ତି ସଭାପତିତ୍ୱ କରିବେ ।

**119. ଆର୍ଥିକ କାର୍ଯ୍ୟ ସମ୍ବନ୍ଧରେ ସଂସଦର କାର୍ଯ୍ୟପଦ୍ଧତିର ଆଇନ ଦ୍ୱାରା ନିୟନ୍ତ୍ରଣ—** ଅର୍ଥ ସମ୍ବନ୍ଧୀୟ କାର୍ଯ୍ୟକୁ ଠିକ୍ ସମୟରେ ସମାପନ କରିବା ନିମନ୍ତେ ପ୍ରତ୍ୟେକ ସଦନରେ କୌଣସି ବିଧେୟକ କିମ୍ବା ସଞ୍ଚିତ ପାଣ୍ଠିରୁ ଅର୍ଥ ବିନିଯୋଗ କରିବା ନିମନ୍ତେ କାର୍ଯ୍ୟପଦ୍ଧତି ଏବଂ କାର୍ଯ୍ୟ ପରିଚାଳନା ଆଇନ ଦ୍ୱାରା ନିୟନ୍ତ୍ରଣ କରିପାରିବେ ଏବଂ ଯଦି ଏପରିଭାବେ ପ୍ରଣୀତ ହୋଇଥିବା କୌଣସି ଆଇନର ବ୍ୟବସ୍ଥା ଯଦି ଅନୁଚ୍ଛେଦ 118ର ଖଣ୍ଡ (1) ଅଧୀନରେ ସଂସଦର କୌଣସି ସଦନ ଦ୍ୱାରା ପ୍ରଣୀତ ନିୟମ କିମ୍ବା ଖଣ୍ଡ (2) ଅନୁଯାୟୀ ପ୍ରଣୀତ କୌଣସି ନିୟମ କିମ୍ବା ସ୍ଥାୟୀ ନିର୍ଦ୍ଦେଶାବଳୀର ଅସଙ୍ଗତ ହୋଇଥାଏ, ତେବେ ସେହି ଆଇନର ବ୍ୟବସ୍ଥାକୁ ପ୍ରାଧାନ୍ୟ ମିଳିବ ।

---

* ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 22 ଦ୍ୱାରା "(ସଦନର ବୈଠକ ଗଠନ ପାଇଁ କୋରମ ସମେତ" ବନ୍ଧନୀ ଏବଂ ଶବ୍ଦଗୁଡ଼ିକ ସନ୍ନିବେଶିତ (ତାରିଖ ସୂଚିତ କରାଯାଇନାହିଁ) । ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 45 ଦ୍ୱାରା ବାଦ୍ ଦିଆଯାଇଥିଲା (20-6-1979ଠାରୁ କାର୍ଯ୍ୟକାରୀ) ।

**120. ସଂସଦରେ ବ୍ୟବହାର ହେବାକୁଥିବା ଭାଷା**— (1) ଭାଗ 17ରେ ଯାହା କିଛି ଥିବା ସତ୍ତ୍ୱେ, କିନ୍ତୁ ଅନୁଚ୍ଛେଦ 348ର ବ୍ୟବସ୍ଥା ଅଧୀନରେ, ସଂସଦର କାର୍ଯ୍ୟ, ହିନ୍ଦୀରେ କିମ୍ବା ଇଂରାଜୀରେ ପରିଚାଳନା କରାଯିବ:

କିନ୍ତୁ, ରାଜ୍ୟସଭାର ଅଧକ୍ଷ କିମ୍ବା ଲୋକସଭାର ବାଚସ୍ପତି କିମ୍ବା ଯଥାସ୍ଥିତିରେ ସେପରି କାର୍ଯ୍ୟ କରୁଥିବା ବ୍ୟକ୍ତି, ଯେଉଁ ସଦସ୍ୟ ହିନ୍ଦୀରେ କିମ୍ବା ଇଂରାଜୀରେ ଯଥେଷ୍ଟଭାବେ ନିଜକୁ ପରିପ୍ରକାଶ କରିପାରନ୍ତି ନାହିଁ; ତାଙ୍କୁ ନିଜ ମାତୃଭାଷାରେ ସମ୍ବୋଧନ କରିବା ନିମନ୍ତେ, ଅନୁମତି ଦେବେ ।

(2) ଯଦି ସଂସଦ ଆଇନ ଦ୍ୱାରା ଅନ୍ୟଥା ବ୍ୟବସ୍ଥା ନକରନ୍ତି, ତା'ହେଲେ ଏହି ସମ୍ବିଧାନ ପ୍ରଚଳନର ପନ୍ଦର ବର୍ଷ ଅବଧି ସମାପନ ପରେ, ବାକ୍ୟାଂଶ "କିମ୍ବା ଇଂରାଜୀରେ" ସେଥିରୁ ବାଦ୍ ଦିଆଯାଇଛି ବୋଲି ଏହି ଅନୁଚ୍ଛେଦର ପ୍ରଭାବ ରହିବ ।

**121. ସଂସଦରେ ଆଲୋଚନା କରିବାରେ କଟକଣା**— ଏହି ବ୍ୟବସ୍ଥା ଅନୁଯାୟୀ, ରାଷ୍ଟ୍ରପତିଙ୍କ ସମ୍ମୁଖରେ କୌଣସି ନ୍ୟାୟାଧୀଶଙ୍କୁ ବହିଷ୍କାର କରିବା ନିମନ୍ତେ, ପ୍ରସ୍ତାବ ଆଣିବା ବ୍ୟତୀତ, ସର୍ବୋଚ୍ଚ ନ୍ୟାୟାଳୟ କିମ୍ବା ଉଚ୍ଚ ନ୍ୟାୟାଳୟର କୌଣସି ନ୍ୟାୟାଧୀଶଙ୍କ କାର୍ଯ୍ୟ ସମ୍ପାଦନ ବିଷୟରେ, ସଂସଦରେ କୌଣସି ଆଲୋଚନା କରାଯାଇପାରିବ ନାହିଁ ।

**122. ସଂସଦର ଆଇନଗତ କାର୍ଯ୍ୟାନୁଷ୍ଠାନ ବିଷୟରେ ନ୍ୟାୟାଳୟଗୁଡ଼ିକ ତଦନ୍ତ କରିବେ ନାହିଁ**— (1) କାର୍ଯ୍ୟପଦ୍ଧତିର କୌଣସି ଆରୋପିତ ଅନିୟମିତତା କାରଣ ଯୋଗୁଁ, ସଂସଦର କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନର ବୈଧତା ଉପରେ କୌଣସି ପ୍ରଶ୍ନ ଉଠାଯାଇପାରିବ ନାହିଁ ।

(2) କାର୍ଯ୍ୟପଦ୍ଧତିକୁ ନିୟନ୍ତ୍ରଣ କରିବା ନିମନ୍ତେ ସମ୍ବିଧାନ ଦ୍ୱାରା କିମ୍ବା ସମ୍ବିଧାନ ଅନୁଯାୟୀ ସଂସଦର କୌଣସି ଉଚ୍ଚକର୍ମଚାରୀ କିମ୍ବା ସଦସ୍ୟଙ୍କ ଉପରେ ନ୍ୟସ୍ତ କରାଯାଇଥିବା କ୍ଷମତା କିମ୍ବା ଏହାର କାର୍ଯ୍ୟ ପରିଚାଳନା କରିବା କିମ୍ବା ସଂସଦରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ନିମନ୍ତେ ଯେତେବେଳେ ତାଙ୍କର କ୍ଷମତା ପ୍ରୟୋଗ କରିବେ ସେତେବେଳେ ସେ, କୌଣସି ନ୍ୟାୟାଳୟର କର୍ତ୍ତୃତ୍ୱାଧୀନ ହେବେ ନାହିଁ ।

## ଅଧ୍ୟାୟ 3 - ରାଷ୍ଟ୍ରପତିଙ୍କ ବୈଧାନିକ କ୍ଷମତା

**123. ସଂସଦର ଅବକାଶ ସମୟରେ ଅଧ୍ୟାଦେଶ ଜାରି କରିବାରେ ରାଷ୍ଟ୍ରପତିଙ୍କ କ୍ଷମତା**— (1) ସଂସଦର ଉଭୟ ସଦନର ଅଧିବେଶନ ଚାଲିନଥିବା ସମୟରେ, ଯଦି କୌଣସି ସମୟରେ ରାଷ୍ଟ୍ରପତିଙ୍କୁ ଉଦ୍‌ବୋଧ ହୁଏ ଯେ ଏପରି ପରିସ୍ଥିତି ଉପୁଜିଛି ଯାହାଫଳରେ ତାଙ୍କର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଥା, ତା'ହେଲେ ପରିସ୍ଥିତିର ଆବଶ୍ୟକତା ଅନୁଯାୟୀ ସେ ଅଧ୍ୟାଦେଶ ଜାରି କରିପାରନ୍ତି ।

(2) ଏହି ଅନୁଚ୍ଛେଦ ଅଧୀନରେ ଜାରି କରାଯାଇଥିବା ଏକ ଅଧ୍ୟାଦେଶର ଶକ୍ତି ଏବଂ ପ୍ରଭାବ ସଂସଦର ଏକ ଅଧିନିୟମ ସହ ସମାନ ହେବ, କିନ୍ତୁ ଏପରି ପ୍ରତ୍ୟେକ ଅଧ୍ୟାଦେଶ—

(*a*) ସଂସଦର ଉଭୟ ସଦନରେ ଉପସ୍ଥାପନ କରାଯିବ ଏବଂ ସଂସଦର ପୁନଃସମ୍ମେଳନ ଠାରୁ ଛଅ ସପ୍ତାହ ସମାପ୍ତ ହେବା ପରେ ପରେ କିମ୍ବା ଯଦି ଉକ୍ତ ଅବଧିର ସମୟର ସମାପ୍ତି ପୂର୍ବରୁ, ଉଭୟ ସଦନ ଦ୍ୱାରା ତାହାକୁ ଅନୁମୋଦନ ନକରି ଉକ୍ତ ପ୍ରସ୍ତାବ ବିରୋଧରେ କୌଣସି ଦ୍ୱିତୀୟ ପ୍ରସ୍ତାବ ଗ୍ରହଣ କରନ୍ତି, ତାହା କାର୍ଯ୍ୟକାରୀ ହେବାରୁ ରହିତ ହେବ; ଏବଂ

(*b*) ରାଷ୍ଟ୍ରପତିଙ୍କ ଦ୍ୱାରା ଯେକୌଣସି ସମୟରେ ପ୍ରତ୍ୟାହୃତ ହୋଇପାରେ ।

*ସ୍ପଷ୍ଟୀକରଣ*— ଯେଉଁସ୍ଥଳରେ ସଂସଦର ଉଭୟ ସଦନକୁ ବିଭିନ୍ନ ତାରିଖରେ ସମ୍ମିଳିତ ହେବା ନିମନ୍ତେ ଆହ୍ୱାନ କରାଯାଇଥାଏ, ସେପରି ସ୍ଥଳେ ଏହି ଖଣ୍ଡ ଉଦ୍ଦେଶ୍ୟରେ ଉକ୍ତ ତାରିଖଗୁଡ଼ିକ ମଧ୍ୟରୁ ସବା ଶେଷ ତାରିଖଠାରୁ ଏହି ଛଅ ସପ୍ତାହକୁ ଗଣନା କରାଯିବ ।

(3) ଯଦି ଏହି ଅନୁଚ୍ଛେଦ ଅନୁଯାୟୀ କୌଣସି ଅଧ୍ୟାଦେଶ ଏପରି କୌଣସି କାର୍ଯ୍ୟପଦ୍ଧତି ପ୍ରଣୟନ କରେ, ଯାହାକି ସଂସଦ ଏହି ସମ୍ବିଧାନ ଅନୁଯାୟୀ ପ୍ରଣୟନ କରିବା ନିମନ୍ତେ ଦକ୍ଷ ନୁହଁନ୍ତି, ତାହା ଅସିଦ୍ଧ ହେବ ।

[1](4)* * * * *

## ଅଧ୍ୟାୟ 4 — କେନ୍ଦ୍ରର ନ୍ୟାୟପାଳିକା

**124. ସର୍ବୋଚ୍ଚ ନ୍ୟାୟାଳୟର ସ୍ଥାପନ ଏବଂ ଗଠନ—** (1) ଭାରତର ଏକ ସର୍ବୋଚ୍ଚ ନ୍ୟାୟାଳୟ ରହିବ ଯେଉଁଥିରେ ଜଣେ ମୁଖ୍ୟ ନ୍ୟାୟାଧୀଶ ଏବଂ ସର୍ବାଧିକ [*][ସାତଜଣ] ନ୍ୟାୟାଧୀଶ ରହିବେ, ଯେପର୍ଯ୍ୟନ୍ତ ସଂସଦ, ଆଇନ ଦ୍ୱାରା, ଅଧିକ ସଂଖ୍ୟକ ନ୍ୟାୟାଧୀଶ ଆଇନ ଦ୍ୱାରା ନିର୍ଦ୍ଧାରିତ ନକରିଛନ୍ତି ।

(2) [ଅନୁଚ୍ଛେଦ '124A'ରେ ଉଲ୍ଲେଖିତ ଜାତୀୟ ନ୍ୟାୟିକ ନିଯୁକ୍ତ ଆୟୋଗର ସୁପାରିଶ ଉପରେ] ଏବଂ ନିଜ ହାତ ଲେଖା ଏବଂ ମୋହର [2]ପ୍ରଦାନ କରାଯାଇଥିବା ନିର୍ଦ୍ଦେଶନାମା ବଳରେ, ଉଚ୍ଚତମ ନ୍ୟାୟାଳୟର ପ୍ରତ୍ୟେକ ନ୍ୟାୟାଧୀଶ, ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହେବେ ଏବଂ ସେମାନେ ପଞ୍ଚଷଠି ବର୍ଷରେ ପଦାର୍ପଣ କରିବା ପର୍ଯ୍ୟନ୍ତ, କାର୍ଯ୍ୟାଳୟ ଧାରଣ କରିବେ:

[3][* * * * *]

[4][କିନ୍ତୁ]—

(*a*) ରାଷ୍ଟ୍ରପତିଙ୍କୁ ସମ୍ବୋଧିତ କରି ଜଣେ ନ୍ୟାୟାଧୀଶ ନିଜ ହସ୍ତଲିଖିତ ପତ୍ର ଦ୍ୱାରା ନିଜ ପଦରୁ ଇସ୍ତଫା ଦେଇପାରିବେ;

(*b*) ଖଣ୍ଡ (4)ରେ ଉଲ୍ଲେଖ ଥିବା ପଦ୍ଧତି ଅନୁଯାୟୀ କୌଣସି ନ୍ୟାୟାଧୀଶଙ୍କୁ ତାଙ୍କ ପଦବୀରୁ ବହିଷ୍କାର କରାଯାଇପାରେ ।

---

[1] ସମ୍ବିଧାନ (38ତମ ସଂଶୋଧନ) ଅଧିନିୟମ, 1975, ଧାରା 2 ଦ୍ୱାରା ସନ୍ନିବେଶିତ (ପୂର୍ବ ପ୍ରଭାବ ସହିତ) ଏବଂ ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 16 ଦ୍ୱାରା ବାଦ୍ ଦିଆଯାଇଛି (20-6-1979ଠାରୁ କାର୍ଯ୍ୟକାରୀ) ।

[*] ସର୍ବୋଚ୍ଚ ନ୍ୟାୟାଳୟ (ନ୍ୟାୟାଧୀଶଙ୍କ ସଂଖ୍ୟା) ସଂଶୋଧନ ଅଧିନିୟମ, 2019 (2019 ର 37), ଧାରା 2 ଦ୍ୱାରା ଏବେ "33" (9-8-2019ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (99ତମ ସଂଶୋଧନ) ଅଧିନିୟମ, 2014, ଧାରା 2 ଦ୍ୱାରା "ରାଷ୍ଟ୍ରପତି ଯେପରି ଆବଶ୍ୟକ ମନେ କରିବେ, ସର୍ବୋଚ୍ଚ ନ୍ୟାୟାଳୟ ଏବଂ ରାଜ୍ୟର ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶଙ୍କ ସହ ପରାମର୍ଶ ପରେ" (13-4-2015ଠାରୁ କାର୍ଯ୍ୟକାରୀ) । ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସର୍ବୋଚ୍ଚ ନ୍ୟାୟାଳୟ ଆଡଭୋକେଟ୍ସ-ଅନ୍-ରେକର୍ଡ ଆସୋସିଏସନ୍ ଏବଂ ଅନ୍ୟ ଏକ ବନାମ କେନ୍ଦ୍ର ସରକାର ମାମଲାରେ 16-10-2015, AIR 2016 ସର୍ବୋଚ୍ଚ ନ୍ୟାୟାଳୟ 117 ତାରିଖର ରାୟରେ ଏହି ସଂଶୋଧନକୁ ଖାରଜ କରାଯାଇଛି।

[3] ସମ୍ବିଧାନ (99ତମ ସଂଶୋଧନ) ଅଧିନିୟମ, 2014, ଧାରା 2ଦ୍ୱାରା ପ୍ରଥମ ପ୍ରତିବନ୍ଧକୁ ବାଦ୍ ଦିଆଯାଇଥିଲା । ପ୍ରତିବନ୍ଧଟି ନିମ୍ନଲିଖିତ ଥିଲା:—

କିନ୍ତୁ, "ମୁଖ୍ୟ ନ୍ୟାୟାଧୀଶଙ୍କ ବ୍ୟତୀତ ଅନ୍ୟ ନ୍ୟାୟାଧୀଶଙ୍କ ନିଯୁକ୍ତି କ୍ଷେତ୍ରରେ, ଭାରତର ମୁଖ୍ୟ ନ୍ୟାୟାଧୀଶଙ୍କ ସହିତ ସର୍ବଦା ପରାମର୍ଶ କରାଯିବ:" ଏହି ସଂଶୋଧନକୁ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ସର୍ବୋଚ୍ଚ ନ୍ୟାୟାଳୟ ଆଡଭୋକେଟ୍ସ-ଅନ୍-ରେକର୍ଡ ଆସୋସିଏସନ୍ ଏବଂ ଅନ୍ୟ ଏକ ବନାମ କେନ୍ଦ୍ର ସରକାର ମାମଲାରେ 16-10-2015 ରେ ଏହାର ରାୟରେ ଖାରଜ କରାଯାଇଛି, AIR 2016 SC 117

[4] ସମ୍ବିଧାନ (99ତମ ସଂଶୋଧନ) ଅଧିନିୟମ, 2014, ଧାରା 2ଦ୍ୱାରା "ପୁନଶ୍ଚ କିନ୍ତୁ" ବଦଳରେ ସ୍ଥାପିତ (ପ୍ରତିସ୍ଥାପିତ) । ଏହି ସଂଶୋଧନକୁ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା "ସୁପ୍ରିମକୋର୍ଟ ଆଡଭୋକେଟ୍ସ-ଅନ୍-ରେକର୍ଡ ଆସୋସିଏସନ୍ ଏବଂ ଅନ୍ୟ ଏକ ଭି. କେନ୍ଦ୍ର ସରକାର [ସମ୍ପାଦନା]" ମାମଲାରେ 16-10-2015 ରେ ଦିଆଯାଇଥିବା ରାୟ (AIR 2016 SC 117)ରେ ଅବୈଧ ଘୋଷଣା କରି ବାତିଲ୍ କରାଯାଇଛି ।

[1][(2A) ସର୍ବୋଚ୍ଚ ନ୍ୟାୟାଳୟର କୌଣସି ନ୍ୟାୟାଧୀଶଙ୍କର ବୟସ, ସଂସଦ ଦ୍ୱାରା ଆଇନ ଅନୁଯାୟୀ ବ୍ୟବସ୍ଥା କରାଯାଇଥିବା ପଦ୍ଧତି ଏବଂ ଏପରି କର୍ତ୍ତୃପକ୍ଷଙ୍କ ଦ୍ୱାରା ସ୍ଥିର କରାଯିବ ।]

(3) କୌଣସି ବ୍ୟକ୍ତି ଯଦି ଭାରତର ନାଗରିକ ହୋଇନଥାଆନ୍ତି, ତା'ହେଲେ ସେ ସର୍ବୋଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶ ହେବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ନାହିଁ ଏବଂ —

(*a*) ଅତିକମରେ ପାଞ୍ଚବର୍ଷ ପର୍ଯ୍ୟନ୍ତ କୌଣସି ଉଚ୍ଚ ନ୍ୟାୟାଳୟ କିମ୍ବା କ୍ରମାଗତଭାବେ ଏପରି ଦୁଇ କିମ୍ବା ଅଧିକ ନ୍ୟାୟାଳୟର ନ୍ୟାୟାଧୀଶ ହୋଇଥିବେ; କିମ୍ବା

(*b*) କୌଣସି ଉଚ୍ଚ ନ୍ୟାୟାଳୟ କିମ୍ବା ଦୁଇ କିମ୍ବା ଅଧିକ ଏପରି ନ୍ୟାୟାଳୟରେ କ୍ରମାଗତଭାବେ ଅତିକମରେ ଦଶବର୍ଷ ପର୍ଯ୍ୟନ୍ତ ଜଣେ ଅଧିବକ୍ତା ହୋଇଥିବେ; କିମ୍ବା

(*c*) ରାଷ୍ଟ୍ରପତିଙ୍କ ମତରେ ଜଣେ ବିଶିଷ୍ଟ ଆଇନଜ୍ଞ ହୋଇଥିବେ ।

*ସ୍ପଷ୍ଟୀକରଣ I*— ଏହି ଅନୁଚ୍ଛେଦରେ "ଉଚ୍ଚ ନ୍ୟାୟାଳୟ"ର ଅର୍ଥ, କୌଣସି ଉଚ୍ଚ ନ୍ୟାୟାଳୟ, ଯାହାକି ଏହି ସମ୍ବିଧାନର ପ୍ରଚଳନ ପୂର୍ବରୁ ଭାରତର ଯେକୌଣସି ଅଞ୍ଚଳରେ ଏହାର କର୍ତ୍ତୃତ୍ୱ ପ୍ରୟୋଗ କରୁଥିଲେ ।

*ସ୍ପଷ୍ଟୀକରଣ II*— ଏହି ଖଣ୍ଡ ଉଦ୍ଦେଶ୍ୟରେ ସମୟ ଗଣନା କରିବାରେ, ଯେଉଁ ସମୟ ମଧ୍ୟରେ କୌଣସି ବ୍ୟକ୍ତି ଅଧବକ୍ତା ଥିଲେ, ସେହି ସମୟର କୌଣସି ସମୟରେ, ଅଧିବକ୍ତା ହେବା ପରେ ଯଦି ସେ କୌଣସି ନ୍ୟାୟାଧୀଶ ପଦ ଧାରଣ କରିଥିବେ ଯାହାଙ୍କର ଜିଲ୍ଲା ନ୍ୟାୟାଧୀଶ ପଦବୀରୁ କମ ହୋଇନଥିବ; ତାହାକୁ ଅନ୍ତର୍ଭୁକ୍ତ କରାଯିବ ।

(4) ସର୍ବୋଚ୍ଚ ନ୍ୟାୟାଳୟ କୌଣସି ନ୍ୟାୟାଧୀଶଙ୍କୁ ତାଙ୍କ ପଦବୀରୁ ବହିଷ୍କାର କରାଯାଇପାରିବ ନାହିଁ, ଯେ ପର୍ଯ୍ୟନ୍ତ ସଂସଦର ପ୍ରତ୍ୟେକ ସଦନ ଆଲୋଚନା କରି ଏକ ଅଧିବେଶନରେ ସମୁଦାୟ ସଦସ୍ୟଙ୍କ ସଂଖ୍ୟାର ସଂଖ୍ୟା ଗରିଷ୍ଠତା ଥାଇ ଏବଂ ସଦନରେ ଦୁଇ ତୃତୀୟାଂଶରୁ କମ୍ ହୋଇନଥିବା ସଦସ୍ୟ ଉପସ୍ଥିତି ଥାଇ ଏବଂ ମତଦାନ ପ୍ରଦାନ କରି ଉକ୍ତ ନ୍ୟାୟାଧୀଶ ପ୍ରମାଣିତ ଅସଦ୍‌ବ୍ୟବହାର କିମ୍ବା ଅସମର୍ଥତା କାରଣ ଯୋଗୁଁ ବହିଷ୍କାର ନିମନ୍ତେ ରାଷ୍ଟ୍ରପତିଙ୍କ ନିକଟରେ ପ୍ରସ୍ତାବ ଉପସ୍ଥାପନ କରିବେ ଏବଂ ସେତେବେଳେ ରାଷ୍ଟ୍ରପତି ଏ ସଂକ୍ରାନ୍ତରେ ଏକ ଆଦେଶ ଜାରି କରିବେ ।

(5) ଖଣ୍ଡ (4) ଅନୁଯାୟୀ, କୌଣସି ନ୍ୟାୟାଧୀଶଙ୍କ ଅସଦ୍‌ବ୍ୟବହାର କିମ୍ବା ଅସମର୍ଥତାର ତଦନ୍ତ କରିବା ଏବଂ ପ୍ରମାଣ କରିବା ନିମନ୍ତେ ଏକ ପ୍ରସ୍ତାବ ଉପସ୍ଥାପନ କରିବାପାଇଁ ସଂସଦ; ଆଇନ ଦ୍ୱାରା କାର୍ଯ୍ୟ ନିୟନ୍ତ୍ରଣ କରିବେ ।

(6) ସର୍ବୋଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶଭାବେ ନିଯୁକ୍ତ ହେବାକୁଥିବା କୌଣସି ବ୍ୟକ୍ତି, ନିଜର ପଦବୀ ଧାରଣ କରିବା ପୂର୍ବରୁ, ତୃତୀୟ ଅନୁସୂଚୀରେ ଏହି ଉଦ୍ଦେଶ୍ୟରେ ଉଲ୍ଲେଖିତ ପତ୍ର ଅନୁଯାୟୀ, ରାଷ୍ଟ୍ରପତି କିମ୍ବା ତାଙ୍କଦ୍ୱାରା ଏ ସମ୍ବନ୍ଧରେ ନିଯୁକ୍ତ କୌଣସି ବ୍ୟକ୍ତିଙ୍କ ସମ୍ମୁଖରେ, ଶପଥ ଗ୍ରହଣ କରିବେ କିମ୍ବା ସଂକଳ୍ପ କରିବେ ।

(7) ସର୍ବୋଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶଭାବେ ପଦଭାର ଗ୍ରହଣ କରିଥିବା କୌଣସି ବ୍ୟକ୍ତି, କୌଣସି ନ୍ୟାୟାଳୟରେ ଓକିଲାତି କିମ୍ବା ଭାରତର କୌଣସି ଅଞ୍ଚଳରେ କୌଣସି ଅଧିକାରୀଙ୍କ ସମ୍ମୁଖରେ ଏପରି କୌଣସି କାର୍ଯ୍ୟ କରିବେ ନାହିଁ ।

[2]**[124A. ଜାତୀୟ ନ୍ୟାୟିକ ନିଯୁକ୍ତି ଆୟୋଗ—** (1) ଏକ ଆୟୋଗ ରହିବ, ଯାହାକି ଜାତୀୟ ନ୍ୟାୟିକ ନିଯୁକ୍ତି ଆୟୋଗଭାବେ ପରିଚିତ ଏବଂ ନିମ୍ନଲିଖିତଙ୍କୁ ନେଇ ଗଠିତ ହେବ, ଯଥା:—

---

[1] ସମ୍ବିଧାନ (ପଞ୍ଚଦଶ ସଂଶୋଧନ) ଅଧିନିୟମ, 1963, ଧାରା 2 ଦ୍ୱାରା ସନ୍ନିବେଶିତ (5-10-1963ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (99ତମ ସଂଶୋଧନ) ଅଧିନିୟମ, 2014, ଧାରା 3 ଦ୍ୱାରା ସନ୍ନିବେଶିତ (13-4-2015ଠାରୁ କାର୍ଯ୍ୟକାରୀ) । ଏହି ସଂଶୋଧନକୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସର୍ବୋଚ୍ଚ ନ୍ୟାୟାଳୟ ଆଡଭୋକେଟ୍ସ-ଅନ୍-ରେକର୍ଡ ଆସୋସିଏସନ୍ ଏବଂ ଅନ୍ୟ ବନାମ କେନ୍ଦ୍ର ସରକାର ମାମଲାରେ 16-10-2015, AIR 2016 SC 117 ରାୟରେ ରଦ୍ଦ କରାଯାଇଛି ।

(*a*) ଭାରତର ମୁଖ୍ୟ ନ୍ୟାୟାଧୀଶ, ଅଧ୍ୟକ୍ଷ, ନିଜ *ପଦବୀ* ଅନୁସାରେ;

(*b*) ଭାରତର ମୁଖ୍ୟ ନ୍ୟାୟାଧୀଶଙ୍କ ପରବର୍ତ୍ତୀ, ସର୍ବୋଚ୍ଚ ନ୍ୟାୟାଳୟର ଅନ୍ୟ ଦୁଇଜଣ ବରିଷ୍ଠ ନ୍ୟାୟାଧୀଶ ସଦସ୍ୟ, ନିଜ *ପଦବୀ* ଅନୁସାରେ;

(*c*) ଆଇନ ଏବଂ ନ୍ୟାୟ ଦାୟୀତ୍ୱରେ ଥିବା କେନ୍ଦ୍ରମନ୍ତ୍ରୀ ସଦସ୍ୟ, ନିଜ *ପଦବୀ* ଅନୁସାରେ;

(*d*) ପ୍ରଧାନମନ୍ତ୍ରୀ, ଭାରତର ମୁଖ୍ୟ ନ୍ୟାୟାଧୀଶ ଏବଂ ଲୋକସଭାରେ ବିରୋଧୀ ଦଳର ନେତାଙ୍କୁ ନେଇ ଗଠିତ କମିଟି ଦ୍ୱାରା ଦୁଇଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ମନୋନୀତ କରାଯିବ କିମ୍ବା ଯେଉଁଠାରେ ସେପରି କୌଣସି ବିରୋଧୀ ଦଳର ନେତା ନଥିବେ ତେବେ ଲୋକସଭାର ଏକକ ସଂଖ୍ୟା ଗରିଷ୍ଠ ବିରୋଧି ଦଳର ନେତା - ସଦସ୍ୟ ବୃନ୍ଦ:

କିନ୍ତୁ, ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଅନ୍ୟ ପଛୁଆ ଶ୍ରେଣୀ, ସଂଖ୍ୟାଲଘୁ କିମ୍ବା ମହିଳାମାନଙ୍କ ମଧ୍ୟରୁ ମନୋନୀତ ହେବେ:

ଅଧିକନ୍ତୁ, ଜଣେ ବିଶିଷ୍ଟ ବ୍ୟକ୍ତି, ତିନିବର୍ଷର ଏକ ସମୟକାଳ ପାଇଁ ମନୋନୀତ ହେବେ ଏବଂ ପୁନଃମନୋନୀତ ହେବାକୁ ଯୋଗ୍ୟ ବିବେଚିତ ହେବେ ନାହିଁ ।

(2) ଜାତୀୟ ନ୍ୟାୟିକ ନିଯୁକ୍ତି ଆୟୋଗର କୌଣସି କାର୍ଯ୍ୟ କିମ୍ବା ଆଇନଗତ କାର୍ଯ୍ୟାନୁଷ୍ଠାନକୁ ପ୍ରଶ୍ନ କରାଯାଇପାରିବ ନାହିଁ କିମ୍ବା ଆୟୋଗର ଗଠନରେ କୌଣସି ଶୂନ୍ୟସ୍ଥାନ କିମ୍ବା ତ୍ରୁଟିର ଅସ୍ତିତ୍ୱ ହେତୁ ଏହା ଅମାନ୍ୟ ହେବ ନାହିଁ ।

**124B. ଆୟୋଗର କାର୍ଯ୍ୟାବଳୀ—** ଏହା ଜାତୀୟ ନ୍ୟାୟିକ ନିଯୁକ୍ତି ଆୟୋଗର କର୍ତ୍ତବ୍ୟ ହେବ ଯେ —

(*a*) ଭାରତର ମୁଖ୍ୟ ନ୍ୟାୟାଧୀଶ, ସର୍ବୋଚ୍ଚ ନ୍ୟାୟାଳୟର ଅନ୍ୟ ନ୍ୟାୟାଧୀଶ, ଉଚ୍ଚ ନ୍ୟାୟାଳୟଗୁଡ଼ିକର ମୁଖ୍ୟ ନ୍ୟାୟାଧୀଶ ଏବଂ ଉଚ୍ଚ ନ୍ୟାୟାଳୟଗୁଡ଼ିକର ଅନ୍ୟ ନ୍ୟାୟାଧୀଶଭାବେ ନିଯୁକ୍ତି ନିମନ୍ତେ ବ୍ୟକ୍ତିମାନଙ୍କୁ ସୁପାରିଶ କରିବା;

(*b*) ଉଚ୍ଚ ନ୍ୟାୟାଳୟଗୁଡ଼ିକର ମଖ୍ୟ ନ୍ୟାୟାଧୀଶ ଏବଂ ଅନ୍ୟ ନ୍ୟାୟାଧୀଶମାନଙ୍କୁ ଗୋଟିଏ ଉଚ୍ଚ ନ୍ୟାୟାଳୟରୁ ଅନ୍ୟ କୌଣସି ଉଚ୍ଚ ନ୍ୟାୟାଳୟକୁ ବଦଳି କରିବାକୁ ସୁପାରିଶ କରିବା; ଏବଂ

(*c*) ସୁପାରିଶ କରାଯାଇଥିବା ବ୍ୟକ୍ତି ଦକ୍ଷ ଏବଂ ସଚ୍ଚୋଟ ଅଟନ୍ତି ବୋଲି ସୁନିଶ୍ଚିତ କରିବା ।

**124C. ସଂସଦର ଆଇନ ପ୍ରଣୟନ କ୍ଷମତା—** ଭାରତର ମୁଖ୍ୟ ନିୟାଧୀଶ ଏବଂ ସର୍ବୋଚ୍ଚ ନ୍ୟାୟାଳୟର ଅନ୍ୟ ନ୍ୟାୟାଧୀଶ ଏବଂ ଉଚ୍ଚ ନ୍ୟାୟାଳୟଗୁଡ଼ିକର ମୁଖ୍ୟ ନ୍ୟାୟାଧୀଶ ଏବଂ ଅନ୍ୟ ନ୍ୟାୟାଧୀଶମାନଙ୍କୁ ନିଯୁକ୍ତି ପାଇଁ କାର୍ଯ୍ୟପଦ୍ଧତିର ନିର୍ଦ୍ଧାରଣ କରିବେ ଏବଂ ଆୟୋଗକୁ ଏହାର କାର୍ଯ୍ୟନିର୍ବାହ ପାଇଁ, ନିଯୁକ୍ତି ପାଇଁ ବ୍ୟକ୍ତିମାନଙ୍କର ମନୋନୟନ ପ୍ରକ୍ରିୟା ଏବଂ ସେପରି ଅନ୍ୟ ବିଷୟଗୁଡ଼ିକ, ଯାହା ଏହା ଦ୍ୱାରା ଆବଶ୍ୟକ, ତାହା ନିର୍ଦ୍ଧାରଣ କରିବା ପାଇଁ, ସଂସଦର କ୍ଷମତା ରହିବ ।]

**125. ନ୍ୟାୟାଧୀଶମାନଙ୍କର ବେତନ ଇତ୍ୟାଦି—** [1][(1) ସର୍ବୋଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶମାନଙ୍କୁ ସେହି ପ୍ରକାର ବେତନ ପ୍ରଦାନ କରାଯିବ, ଯାହାକି ସଂସଦ, ଆଇନ ଦ୍ୱାରା ସ୍ଥିର କରିବେ ଏବଂ ଯେପର୍ଯ୍ୟନ୍ତ ତାହା ସ୍ଥିର କରାନଯାଇଛି, ସେପର୍ଯ୍ୟନ୍ତ ଦ୍ୱିତୀୟ ଅନୁସୂଚୀରେ ଧାର୍ଯ୍ୟ କରାଯାଇଥିବା ବେତନ ପାଇବେ ।]

(2) ଛୁଟିରେ ଅନୁପସ୍ଥିତ ରହିବା ଏବଂ ଅବସରକାଳୀନ ବେତନ ସମ୍ବନ୍ଧରେ, ପ୍ରତ୍ୟେକ ନ୍ୟାୟାଧୀଶ ଏପରି ସୁବିଧା ସୁଯୋଗ ଏବଂ ଏପରି ଅଧିକାର ନିମନ୍ତେ ଅଧିକାର ପ୍ରାପ୍ତ ହେବେ, ଯାହାକି ସଂସଦ ସମୟାନୁକ୍ରମେ ପ୍ରଣୀତ ଆଇନ ଦ୍ୱାରା ସ୍ଥିର କରିବେ ଏବଂ ଯେପର୍ଯ୍ୟନ୍ତ ଏପରି ସ୍ଥିର କରାନଯାଇଛି, ସେପର୍ଯ୍ୟନ୍ତ ଏପରି ସୁବିଧା ସୁଯୋଗ, ଭତ୍ତା ଏବଂ ଅଧିକାର ପାଇବେ, ଯାହାକି ଦ୍ୱିତୀୟ ଅନୁସୂଚୀରେ ଧାର୍ଯ୍ୟ କରାଯାଇଥିବା ପରି, ତାହା ପାଇବାକୁ ଅଧିକାର ପ୍ରାପ୍ତ ହେବେ:

---

[1] ସମ୍ବିଧାନ (54ତମ ସଂଶୋଧନ) ଅଧିନିୟମ, 1986, ଧାରା 2 ଦ୍ୱାରା ଖଣ୍ଡ (1) ପାଇଁ ପ୍ରତିସ୍ଥାପିତ (1-4-1986ଠାରୁ କାର୍ଯ୍ୟକାରୀ)।

କିନ୍ତୁ, କୌଣସି ନ୍ୟାୟାଧୀଶଙ୍କ ନିଯୁକ୍ତି ପରେ, ତାଙ୍କର ଛୁଟିରେ ଅନୁପସ୍ଥିତି କିମ୍ବା ପେନସନ୍ ସମ୍ବନ୍ଧରେ ସୁବିଧା ସୁଯୋଗ କିମ୍ବା ଭତ୍ତା କିମ୍ବା ଅଧିକାରକୁ, ପରିବର୍ତ୍ତନ କରାଯିବ ନାହିଁ ।

**126. କାର୍ଯ୍ୟକାରୀ ମୁଖ୍ୟ ନ୍ୟାୟାଧୀଶଙ୍କର ନିଯୁକ୍ତି—** ଯେତେବେଳେ ଭାରତର ମୁଖ୍ୟ ନ୍ୟାୟାଧୀଶଙ୍କ ପଦ ଖାଲି ହେବ କିମ୍ବା ଯେତେବେଳେ ମୁଖ୍ୟ ନ୍ୟାୟାଧୀଶଙ୍କ ଅନୁପସ୍ଥିତି କାରଣ ଯୋଗୁଁ କିମ୍ବା ଅନ୍ୟଥା, ତାଙ୍କର ପଦବୀର କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ଅକ୍ଷମ ହୁଅନ୍ତି, ସେତେବେଳେ ଉକ୍ତ ପଦବୀର କାର୍ଯ୍ୟ, ସେହି ନ୍ୟାୟାଳୟର ଅନ୍ୟ ଏକ ନ୍ୟାୟାଧୀଶଙ୍କ ଦ୍ୱାରା ସମ୍ପାଦିତ ହେବ ଯାହାଙ୍କୁ ସେହି ଉଦ୍ଦେଶ୍ୟରେ ରାଷ୍ଟ୍ରପତି ନିଯୁକ୍ତ କରିବେ ।

**127. ସାମୟିକ ନ୍ୟାୟାଧୀଶମାନଙ୍କର ନିଯୁକ୍ତି—** (1) ଯଦି କୌଣସି ସମୟରେ ଉଚ୍ଚତମ ନ୍ୟାୟାଳୟର କୌଣସି ଅଧିବେଶନରେ ନ୍ୟାୟାଧିଶଙ୍କ ସଂଖ୍ୟା, ନ୍ୟାୟାଳୟ ଜାରି ରଖିବାପାଇଁ ଆବଶ୍ୟକ ସଂଖ୍ୟାଠାରୁ କମ୍ ହୁଏ, ତା'ହେଲେ [1][ଜାତୀୟ ନ୍ୟାୟିକ ନିଯୁକ୍ତି ଆୟୋଗ, ଭାରତର ପ୍ରଧାନ ନ୍ୟାୟାଧୀଶଙ୍କ ଦ୍ୱାରା ଏହାକୁ କରାଯାଇଥିବା ଏକ ଉଲ୍ଲେଖ ଉପରେ, ରାଷ୍ଟ୍ରପତିଙ୍କ ପୂର୍ବ ସମ୍ମତି ଗ୍ରହଣ କରି] ଏବଂ ସମ୍ପୃକ୍ତ ଉଚ୍ଚ ନ୍ୟାୟାଳୟଗୁଡ଼ିକର ମୁଖ୍ୟ ନ୍ୟାୟାଧୀଶଙ୍କ ସହ ପରାମର୍ଶ କରିବାପରେ, ସର୍ବୋଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶଭାବେ ନିଯୁକ୍ତ ହେବା ନିମନ୍ତେ ଯୋଗ୍ୟ କୌଣସି ନ୍ୟାୟାଧୀଶଙ୍କୁ ଆବଶ୍ୟକ ସମୟ ନିମନ୍ତେ ଭାରତର ମୁଖ୍ୟ ନ୍ୟାୟାଧୀଶ ନାମିତ କରିବେ ।

(2) ଏପରି ଭାବେ ନାମିତ ହୋଇଥିବା କୌଣସି ନ୍ୟାୟାଧୀଶ, ତାଙ୍କ ପଦବୀର ଅନ୍ୟ କାର୍ଯ୍ୟକୁ ଗୁରୁତ୍ୱ ନଦେଇ, ଯେଉଁ ସମୟରେ ସର୍ବୋଚ୍ଚ ନ୍ୟାୟାଳୟରେ ତାଙ୍କର ଉପସ୍ଥିତି ଆବଶ୍ୟକ, ସେଥିରେ ସେ ଯୋଗଦାନ କରିବା ତାଙ୍କର କର୍ତ୍ତବ୍ୟ ହେବ ଏବଂ ଏପରି ଯୋଗଦାନ କରିବା ସମୟରେ, ତାଙ୍କର ସର୍ବୋଚ୍ଚ ନ୍ୟାୟାଳୟର ଜଣେ ନ୍ୟାୟାଧୀଶଭାବେ ସମସ୍ତ ଅଧିକାରର ପରିସର, କର୍ତ୍ତବ୍ୟ, କ୍ଷମତା ଏବଂ ସୁବିଧା ସୁଯୋଗ ରହିବ ।

**128. ସର୍ବୋଚ୍ଚ ନ୍ୟାୟାଳୟର ବୈଠକରେ ଅବସରପ୍ରାପ୍ତ ନ୍ୟାୟାଧୀଶ ଉପସ୍ଥିତି—** ଏହି ଅଧ୍ୟାୟରେ ଯାହାକିଛି ବ୍ୟବସ୍ଥା ଥିବା ସତ୍ତ୍ୱେ [2][ଜାତୀୟ ନ୍ୟାୟିକ ନିଯୁକ୍ତି ଆୟୋଗ], ଯେକୌଣସି ସମୟରେ, ରାଷ୍ଟ୍ରପତିଙ୍କର ପୂର୍ବ ସମ୍ମତି ଗ୍ରହଣ କରି, କୌଣସି ବ୍ୟକ୍ତି ଯିଏକି ସର୍ବୋଚ୍ଚ ନ୍ୟାୟାଳୟ କିମ୍ବା କୌଣସି ସଂଘୀୟ ନ୍ୟାୟାଳୟର ପଦବୀ ଧାରଣ କରିଥିଲେ [3][କିମ୍ବା କୌଣସି ଉଚ୍ଚ ନ୍ୟାୟାଳୟର ପଦବୀ ଧାରଣ କରିଥିଲେ ଏବଂ ସର୍ବୋଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶଭାବେ ନିଯୁକ୍ତ ହେବା ନିମନ୍ତେ ଯୋଗ୍ୟ] ଏବଂ ସର୍ବୋଚ୍ଚ ନ୍ୟାୟାଳୟରେ ଏକ ନ୍ୟାୟାଧୀଶ ଏହାର କାର୍ଯ୍ୟ ପରିଚାଳନା କରିପାରିବେ ଏବଂ ଏପରି ଅନୁରୋଧ କରାଯାଇଥିବା ବ୍ୟକ୍ତି, ଯେତେବେଳେ ଏପରି କାର୍ଯ୍ୟ କରନ୍ତି କିମ୍ବା ବୈଠକରେ ଅଂଶ ଗ୍ରହଣ କରନ୍ତି, ସେ ରାଷ୍ଟ୍ରପତିଙ୍କ ଦ୍ୱାରା ସ୍ଥିର କରାଯାଇଥିବା ଭତ୍ତା ପାଇବା ନିମନ୍ତେ ଅଧିକାର ପ୍ରାପ୍ତ ହେବେ ଏବଂ ତାଙ୍କର ସମସ୍ତ ଅଧିକାରର ପରିସର ଏବଂ ସୁବିଧା ସୁଯୋଗ ରହିବ, ମାତ୍ର ସେ ଅନ୍ୟଥା ଉକ୍ତ ନ୍ୟାୟାଳୟର ଜଣେ ନ୍ୟାୟାଧୀଶଭାବେ ବିବେଚିତ ହେବେ ନାହିଁ:

---

[1] ସମ୍ବିଧାନ (99ତମ ସଂଶୋଧନ) ଅଧିନିୟମ, 2014, ଧାରା 4 ଦ୍ୱାରା "ଭାରତର ମୁଖ୍ୟ ନ୍ୟାୟାଧୀଶ ରାଷ୍ଟ୍ରପତିଙ୍କ ପୂର୍ବ ସମ୍ମତି ସହିତ" ପାଇଁ ପ୍ରତିସ୍ଥାପିତ (13-4-2015ଠାରୁ କାର୍ଯ୍ୟକାରୀ) । ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସର୍ବୋଚ୍ଚ ନ୍ୟାୟାଳୟ ଆଡଭୋକେଟ୍ସ-ଅନ୍-ରେକର୍ଡ ଆସୋସିଏସନ୍ ଏବଂ ଅନ୍ୟ ଏକ ବନାମ କେନ୍ଦ୍ର ସରକାର ମାମଲାରେ 16-10-2015 ତାରିଖର ରାୟରେ ଏହି ସଂଶୋଧନକୁ ଖାରଜ କରାଯାଇଛି, AIR 2016 SC 117 ।

[2] ସମ୍ବିଧାନ (99ତମ ସଂଶୋଧନ) ଅଧିନିୟମ, 2014, ଧାରା 5 ଦ୍ୱାରା "ଭାରତର ମୁଖ୍ୟ ନ୍ୟାୟାଧୀଶ" ପାଇଁ ପ୍ରତିସ୍ଥାପିତ (13-4-2015ଠାରୁ କାର୍ଯ୍ୟକାରୀ) । ଏହି ସଂଶୋଧନକୁ ସୁପ୍ରିମକୋର୍ଟ ଆଡଭୋକେଟ୍ସ-ଅନ୍-ରେକର୍ଡ ଆସୋସିଏସନ୍ ଏବଂ ଅନ୍ୟ ଏକ ବନାମ କେନ୍ଦ୍ର ସରକାର ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା 16-10-2015 ତାରିଖର ରାୟରେ, AIR 2016 SC 117 ରଦ୍ଦ କରାଯାଇଛି।

[3] ସମ୍ବିଧାନ (ପଞ୍ଚଦଶ ସଂଶୋଧନ) ଅଧିନିୟମ, 1963, ଧାରା 3 ଦ୍ୱାରା ସନ୍ନିବେଶିତ (5-10-1963ଠାରୁ କାର୍ଯ୍ୟକାରୀ) ।

କିନ୍ତୁ, ଏହି ଅନୁଚ୍ଛେଦର କୌଣସି ବ୍ୟବସ୍ଥା ଉପରୋକ୍ତ ଏପରି କୌଣସି ବ୍ୟକ୍ତିଙ୍କୁ ନ୍ୟାୟାଧୀଶଭାବେ କାର୍ଯ୍ୟ କରିବା ନିମନ୍ତେ ଆବଶ୍ୟକ କରିବ ନାହିଁ, ଯଦି ସେ ଏଥିନିମନ୍ତେ ତାଙ୍କର ସମ୍ମତି ପ୍ରଦାନ ନକରିଛନ୍ତି ।

**129. ସର୍ବୋଚ୍ଚ ନ୍ୟାୟାଳୟ ଏକ ଅଭିଲେଖର ନ୍ୟାୟାଳୟ ହେବ—** ସର୍ବୋଚ୍ଚ ନ୍ୟାୟାଳୟ ଏକ ଅଭିଲେଖ ନ୍ୟାୟାଳୟ ହେବ ଏବଂ ସେ ଏହିପ୍ରକାର ନ୍ୟାୟାଳୟର ସମସ୍ତ ଶକ୍ତି ଧାରଣ କରିବ ଯାହାର ସ୍ୱକୀୟ ଅବମାନନା ନିମନ୍ତେ ଦଣ୍ଡ ପ୍ରଦାନ କରିବାର କ୍ଷମତା ରହିବ ।

**130. ସର୍ବୋଚ୍ଚ ନ୍ୟାୟାଳୟର ଆସନ—** ସର୍ବୋଚ୍ଚ ନ୍ୟାୟାଳୟର ଆସନ ଦିଲ୍ଲୀରେ କିମ୍ବା ଯେକୌଣସି ସ୍ଥାନ ବା ସ୍ଥାନଗୁଡ଼ିକରେ ରହିବ, ଯାହାକୁ ଭାରତାର ମୁଖ୍ୟ ନ୍ୟାୟାଧୀଶ, ରାଷ୍ଟ୍ରପତିଙ୍କ ଅନୁମୋଦନ ସହିତ ସମାୟାନୁକ୍ରମେ ନିଯୁକ୍ତ କରିବେ ।

**131. ସର୍ବୋଚ୍ଚ ନ୍ୟାୟାଳୟର ମୂଳ ଅଧିକାରର ପରିସର—**ଏହି ସମ୍ବିଧାନର ବ୍ୟବସ୍ଥା ଥିବା ସତ୍ତ୍ୱେ, ସର୍ବୋଚ୍ଚ ନ୍ୟାୟାଳୟ, ଅନ୍ୟ କୌଣସି ନ୍ୟାୟାଳୟକୁ ବାଦ୍ ଦେଇ, କୌଣସି ବିବାଦ ଉପରେ ମୂଳ ଅଧିକାର ପରିସର ରହିବ—

(*a*) ଭାରତ ସରକାର ଏବଂ ଏକ କିମ୍ବା ଅଧିକ ରାଜ୍ୟ ମଧ୍ୟରେ; କିମ୍ବା

(*b*) ଭାରତ ସରକାର ଏବଂ ଯେକୌଣସି ରାଜ୍ୟ କିମ୍ବା ରାଜ୍ୟଗୁଡ଼ିକ ଏକ ପକ୍ଷରେ ଏବଂ ଗୋଟିଏ କିମ୍ବା ଅଧିକ ରାଜ୍ୟ ଅନ୍ୟ ପକ୍ଷରେ; କିମ୍ବା

(*c*) ଦୁଇ କିମ୍ବା ଅଧିକ ରାଜ୍ୟ ମଧ୍ୟରେ,

ଯଦି ଏପରି ବିବାଦ କୌଣସି ଆଇନଗତ କିମ୍ବା ତଥ୍ୟଗତ ପ୍ରଶ୍ନକୁ ଅନ୍ତର୍ଭୁକ୍ତ କରୁଥାଏ, ଯାହା ଉପରେ କୌଣସି ଆଇନଗତ ଅଧିକାର ସ୍ଥିତି  କିମ୍ବା ପରିବ୍ୟାପ୍ତ ନିର୍ଭର କରୁଥାଏ:

[1][କିନ୍ତୁ, ଯଦି ଉକ୍ତ ବିବାଦ କୌଣସି ସନ୍ଧି, ଚୁକ୍ତି, ଚୁକ୍ତିନାମା, ନିଯୁକ୍ତି, ସନନ୍ଦ କିମ୍ବା ସେହିପରି କୌଣସି ଦଲିଲ୍‌ରୁ ଉଦ୍ରେକ ହୋଇଥାଏ, ଯାହାକି ଏହି ସମ୍ବିଧାନ ପ୍ରଚଳନ ପୂର୍ବରୁ କାର୍ଯ୍ୟକାରୀ କିମ୍ବା ସମ୍ପାଦନ ହୋଇଥାଏ, ସେଥିପ୍ରତି ଏପରି ଅଧିକାର ପରିସର ପ୍ରୟୋଗନୀୟ ହେବ ନାହିଁ ଏବଂ ତାହା ଏହି ସମ୍ବିଧାନ ପ୍ରଚଳନ ପରେ ମଧ୍ୟ ଜାରି ରହିବ କିମ୍ବା ଉପରୋକ୍ତ ଅଧିକାର ପରିସର ଯାହା ଏଥିପ୍ରତି ପରିବର୍ଦ୍ଧିତ ହେବ ନାହିଁ ବୋଲି ବ୍ୟବସ୍ଥା କରିଥାଏ ।]

[2]**[131A**. *କେନ୍ଦ୍ରୀୟ ଆଇନର ସାମ୍ବିଧାନିକ ବୈଧତା ବିଷୟରେ କୌଣସି ପ୍ରଶ୍ନ ଉପରେ, ସର୍ବୋଚ୍ଚ ନ୍ୟାୟାଳୟର ସମ୍ପୂର୍ଣ୍ଣ ଅଧିକାର ପରିସର ରହିବ ] — ସମ୍ବିଧାନର (43ତମ ସଂଶୋଧନ ଅଧିନିୟମ), 1977ର ଧାରା 4 ଦ୍ୱାରା ବାଦ୍ ଦିଆଯାଇଛି (13-4-1978ଠାରୁ କାର୍ଯ୍ୟକାରୀ) ।*

**132. କେତେକ କ୍ଷେତ୍ରରେ ଉଚ୍ଚ ନ୍ୟାୟାଳୟଗୁଡ଼ିକରୁ ହେଉଥିବା ଆବେଦନରେ, ସର୍ବୋଚ୍ଚ ନ୍ୟାୟାଳୟର ଆବେଦନର ଅଧିକାର ପରିସର—** (1) ଭାରତୀୟ ଅଞ୍ଚଳରେ ଥିବା କୌଣସି ଉଚ୍ଚ ନ୍ୟାୟାଳୟର କୌଣସି ନିଷ୍ପତ୍ତି, କିମ୍ବା ସର୍ବଶେଷ ଆଦେଶ, ତାହା ଦେୱାନୀ, ଫୌଜଦାରୀ କିମ୍ବା ଅନ୍ୟ କାର୍ଯ୍ୟାନୁଷ୍ଠାନରୁ ହୋଇଥିବା ସତ୍ତ୍ୱେ, ତା’ ବିରୋଧରେ ସର୍ବୋଚ୍ଚ ନ୍ୟାୟାଳୟରେ ଆବେଦନ କରାଯାଇପାରିବ, ଯଦି [3][ଅନୁଚ୍ଛେଦ 134A ଅନୁଯାୟୀ ଉଚ୍ଚ ନ୍ୟାୟାଳୟ ପ୍ରମାଣପତ୍ର ପ୍ରଦାନ କରନ୍ତି] ଯେ, ଉକ୍ତ ମକଦ୍ଦମାଟିରେ ସାମ୍ବିଧାନିକ ବ୍ୟାଖ୍ୟା ସମ୍ବନ୍ଧରେ କୌଣସି ଗୁରୁତ୍ୱପୂର୍ଣ୍ଣ ଆଇନଗତ ପ୍ରଶ୍ନ ଅନ୍ତର୍ଭୁକ୍ତ ।

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 5 ଦ୍ୱାରା ଏହି ପ୍ରତିବନ୍ଧ ପାଇଁ ପ୍ରତିସ୍ଥାପିତ (1-11-1956ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 23  ଦ୍ୱାରା ସନ୍ନିବେଶିତ (1-2-1977ଠାରୁ କାର୍ଯ୍ୟକାରୀ)

[3] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 17 ଦ୍ୱାରା "ଯଦି ଉଚ୍ଚ ନ୍ୟାୟାଳୟ ପ୍ରମାଣିତ କରନ୍ତି" ପାଇଁ ପ୍ରତିସ୍ଥାପିତ (1-8-1979ଠାରୁ କାର୍ଯ୍ୟକାରୀ) ।

[1](2)* * * * *

(3) ଯେଉଁସ୍ଥଳରେ ଏପରି ପ୍ରମାଣପତ୍ର ପ୍ରଦାନ କରାଯାଇଥାଏ[2]***ଉକ୍ତ ମକଦ୍ଦମାରେ ଅନ୍ତର୍ଭୁକ୍ତ କୌଣସି ପକ୍ଷ, ଉପରୋକ୍ତ ଅନୁଯାୟୀ, ଏପରି କୌଣସି ପ୍ରଶ୍ନ ଭୁଲଭାବେ ସ୍ଥିର କରାଯାଇଛି[2]***ସେହି କାରଣ ଉପରେ, ସର୍ବୋଚ୍ଚ ନ୍ୟାୟାଳୟରେ, ଆବେଦନ କରିପାରିବେ ।

*ସ୍ପଷ୍ଟୀକରଣ*— ଏହି ଅନୁଚ୍ଛେଦ ଉଦ୍ଦେଶ୍ୟରେ, ଉକ୍ତ ଚୂଡ଼ାନ୍ତ ଆଦେଶରେ, କୌଣସି ବିଷୟ ଉପରେ ସ୍ଥିର କରାଯାଇଥିବା କୌଣସି ଆଦେଶ ଅନ୍ତର୍ଭୁକ୍ତ, ଯଦି ଆବେଦନକର୍ତ୍ତାଙ୍କ ସପକ୍ଷରେ ସ୍ଥିର କରାଯାଏ, ତାହା ମକଦ୍ଦମାର ଚୂଡ଼ାନ୍ତ ନିର୍ଣ୍ଣୟ କରିବାପାଇଁ ଯଥେଷ୍ଟ ହେବ ।

**133. ଦେୱାନୀ ବିଷୟ ସମ୍ବନ୍ଧରେ, ଉଚ୍ଚ ନ୍ୟାୟାଳୟଗୁଡ଼ିକରୁ ଆବେଦନରେ, ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆବେଦନ ଅଧିକାର ପରିସର—** [3][(1)ଭାରତୀୟ ଅଞ୍ଚଳରେ ଥିବା କୌଣସି ଉଚ୍ଚ ନ୍ୟାୟାଳୟର ଦେୱାନୀ କାର୍ଯ୍ୟାନୁଷ୍ଠାନରେ କୌଣସି ନିଷ୍ପତ୍ତି କିମ୍ବା ଚୂଡ଼ାନ୍ତ ଆଦେଶ ବିରୋଧରେ, ସର୍ବୋଚ୍ଚ ନ୍ୟାୟାଳୟରେ ପୁନର୍ବିଚାର ପାଇଁ ଆବେଦନ କରାଯାଇପାରିବ, ଯଦି ଉକ୍ତ ଉଚ୍ଚ ନ୍ୟାୟାଳୟ [4][ଅନୁଚ୍ଛେଦ 134A ଅନୁଯାୟୀ ପ୍ରମାଣପତ୍ର ପ୍ରଦାନ କରନ୍ତି କିମ୍ବା ପ୍ରମାଣିତ କରନ୍ତି—]

(*a*) ଯେ, ମକଦ୍ଦମାଟି ସାଧାରଣ ଗୁରୁତ୍ୱପୂର୍ଣ୍ଣ ଉପାଦେୟ ଆଇନଗତ ପ୍ରଶ୍ନ ବହନ କରେ; ଏବଂ

(*b*) ଯେ, ଉଚ୍ଚ ନ୍ୟାୟାଳୟଙ୍କ ମତରେ, ଉପରୋକ୍ତ ପ୍ରଶ୍ନଟି ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଷ୍ପତ୍ତି ନିଆଯିବା ଉଚିତ ।]

(2) ଅନୁଚ୍ଛେଦ 132ରେ ଯାହା କିଛି ଥିବା ସତ୍ତ୍ୱେ, ଖଣ୍ଡ (1) ଅନୁଯାୟୀ ଉଚ୍ଚତମ ନ୍ୟାୟାଳୟରେ ପୁନର୍ବିଚାର ପାଇଁ ଆବେଦନ କରିଥିବା କୌଣସି ପକ୍ଷ, ଉକ୍ତ ଆବେଦନରେ ଏକ କାରଣ ଦର୍ଶାଇପାରନ୍ତି ଯେ, ସାମ୍ବିଧାନିକ ଆଇନର ବ୍ୟାଖ୍ୟା ଭୁଲଭାବେ ସ୍ଥିର କରାଯାଇଛି ।

(3) ଏହି ଅନୁଚ୍ଛେଦରେ ଯାହାକିଛି ବ୍ୟବସ୍ଥା ଥିବା ସତ୍ତ୍ୱେ, କୌଣସି ଆବେଦନ, ଯଦି ସଂସଦ ଆଇନ ଦ୍ୱାରା ଅନ୍ୟଥା ବ୍ୟବସ୍ଥା ନକରନ୍ତି, କୌଣସି ଉଚ୍ଚ ନ୍ୟାୟାଳୟର କୌଣସି ନ୍ୟାୟାଧୀଶଙ୍କ ନିଷ୍ପତ୍ତି, କିମ୍ବା ଚୂଡ଼ାନ୍ତ ଆଦେଶ ବିରୋଧରେ, ସର୍ବୋଚ୍ଚ ନ୍ୟାୟାଳୟରେ ଆବେଦନ କରାଯାଇପାରିବ ।

**134. ଫୌଜଦାରୀ ବିଷୟରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆବେଦନ ଅଧିକାରର ପରିସର—** (1) ଭାରତୀୟ ଅଞ୍ଚଳର କୌଣସି ଉଚ୍ଚ ନ୍ୟାୟାଳୟରେ କୌଣସି ଫୌଜଦାରୀ ଆଇନଗତ କାର୍ଯ୍ୟାନୁଷ୍ଠାନର କୌଣସି ନିଷ୍ପତ୍ତି, ଚୂଡ଼ାନ୍ତ ଆଦେଶ କିମ୍ବା ଦଣ୍ଡ ବିରୋଧରେ ସର୍ବୋଚ୍ଚ ନ୍ୟାୟାଳୟରେ ଆବେଦନ କରାଯାଇପାରିବ, ଯଦି ଉଚ୍ଚ ନ୍ୟାୟାଳୟ—

(*a*) କୌଣସି ଅପରାଧୀର ପୁନର୍ବିଚାର ପାଇଁ ଆବେଦନ ଉପରେ ଖଲାସ ଆଦେଶକୁ ପରିବର୍ତ୍ତନ କରି, ମୃତ୍ୟୁଦଣ୍ଡ ପ୍ରଦାନ କରନ୍ତି; କିମ୍ବା

(*b*) ଏହାର ଅଧିନସ୍ଥ କୌଣସି ନ୍ୟାୟାଳୟରୁ ଉକ୍ତ ମକଦ୍ଦମାକୁ ବିଚାର ନିମନ୍ତେ ପ୍ରତ୍ୟାହାର କରି ନିଅନ୍ତି ଏବଂ ଏପରି ବିଚାରରେ ଅପରାଧୀକୁ ଦୋଷୀ ସାବ୍ୟସ୍ତ କରି ମୃତ୍ୟୁଦଣ୍ଡରେ ଦଣ୍ଡିତ କରନ୍ତି; କିମ୍ବା

(*c*) [5][ଅନୁଚ୍ଛେଦ 134A ଅନୁଯାୟୀ ପ୍ରମାଣିତ କରନ୍ତି ଯେ], ମକଦ୍ଦମାଟି ସର୍ବୋଚ୍ଚ ନ୍ୟାୟାଳୟରେ ପୁନର୍ବିଚାର ପାଇଁ ଆବେଦନ ନିମନ୍ତେ ଉପଯୁକ୍ତ ଅଟେ:

---

[1] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 17 ଦ୍ୱାରା "ଯଦି ଉଚ୍ଚ ନ୍ୟାୟାଳୟ ପ୍ରମାଣିତ କରନ୍ତି" ପାଇଁ ଖଣ୍ଡ(2)କୁ ବାଦ୍ ଦିଆଯାଇଛି (1-8-1979ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 17ଦ୍ୱାରା ନିର୍ଦ୍ଦିଷ୍ଟ ଶବ୍ଦକୁ ବାଦ୍ ଦିଆଯାଇଛି (1-8-1979ଠାରୁ କାର୍ଯ୍ୟକାରୀ) ।

[3] ସମ୍ବିଧାନ (30ତମ ସଂଶୋଧନ) ଅଧିନିୟମ, 1972, ଧାରା 2ଦ୍ୱାରା ଖଣ୍ଡ (1) ପାଇଁ ପ୍ରତିସ୍ଥାପିତ (27-2-1973ଠାରୁ କାର୍ଯ୍ୟକାରୀ)

[4] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 18ଦ୍ୱାରା "ଯଦି ଉଚ୍ଚ ନ୍ୟାୟାଳୟ ପ୍ରମାଣିତ କରନ୍ତି" ପାଇଁ ପ୍ରତିସ୍ଥାପିତ (1-8-1979ଠାରୁ କାର୍ଯ୍ୟକାରୀ) ।

[5] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 19ଦ୍ୱାରା "ପ୍ରମାଣିତ" ପାଇଁ ପ୍ରତିସ୍ଥାପିତ (1-8-1979ଠାରୁ କାର୍ଯ୍ୟକାରୀ)।

କିନ୍ତୁ, ଉପଖଣ୍ଡ(*c*) ଅନୁଯାୟୀ କୌଣସି ଆବେଦନ, ଅନୁଚ୍ଛେଦ 145ର ଖଣ୍ଡ (1) ଅନୁଯାୟୀ ସେ ସମ୍ବନ୍ଧରେ ହୋଇଥିବା ସର୍ତ୍ତାବଳୀ ଯାହାକି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସ୍ଥାପନ କରାଯାଇଥିବ ଏବଂ ଆବଶ୍ୟକ କରାଯାଇଥିବ ତେବେ ଆବେଦନ କରାଯାଇପାରିବ ।

(2) ଏପରି କୌଣସି ଆଇନରେ ଧାର୍ଯ୍ୟ କରାଯାଇଥିବା ସର୍ତ୍ତାବଳୀ ଏବଂ ସୀମାବଦ୍ଧକରଣର ନିୟନ୍ତ୍ରଣାଧୀନରେ, ଭାରତୀୟ ଅଞ୍ଚଳରେ ଥିବା କୌଣସି ଉଚ୍ଚ ନ୍ୟାୟାଳୟରେ କୌଣସି ଫୌଜଦାରୀ ଆଇନଗତ କାର୍ଯ୍ୟାନୁଷ୍ଠାନ କୌଣସି ନିଷ୍ପତ୍ତି, ଚୂଡ଼ାନ୍ତ ଆଦେଶ କିମ୍ବା ଦଣ୍ଡ ବିରୋଧରେ, ଆବେଦନ ଗ୍ରହଣ କରିବାପାଇଁ ସଂସଦ ଆଇନ ଦ୍ୱାରା ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ଅଧିକ କ୍ଷମତା ପ୍ରଦାନ କରିପାରନ୍ତି ।

[1][**134A. ସର୍ବୋଚ୍ଚ ନ୍ୟାୟାଳୟକୁ ଆବେଦନ କରିବା ନିମନ୍ତେ ପ୍ରମାଣପତ୍ର—** ପ୍ରତ୍ୟେକ ଉଚ୍ଚ ନ୍ୟାୟାଳୟ ଅନୁଚ୍ଛେଦ 132 ଖଣ୍ଡ (1)ରେ କିମ୍ବା ଅନୁଚ୍ଛେଦ 133ର ଖଣ୍ଡ (1)ରେ କିମ୍ବା ଅନୁଚ୍ଛେଦ 134ର ଖଣ୍ଡ(1)ରେ ଉଲ୍ଲେଖ ଥିବା କୌଣସି ରାୟ, ଚୂଡ଼ାନ୍ତ ଆଦେଶ କିମ୍ବା ଦଣ୍ଡ ପ୍ରଦାନ କରିବା ସମୟରେ, —

(*a*) ଯଦି ଉପଯୁକ୍ତ ମନେକରନ୍ତି, ତା'ହେଲେ ନିଜ ଉଦ୍ୟମରେ କରିପାରିବେ; ଏବଂ

(*b*) ଯଦି ଏପରି ନିଷ୍ପତ୍ତି, ଚୂଡ଼ାନ୍ତ ଆଦେଶ କିମ୍ବା ଦଣ୍ଡ ପ୍ରଦାନ କରିବା ଠିକ୍ ପରେ ପରେ,

ଏଥିରେ କ୍ଷୁବ୍ଧ କୌଣସି ପକ୍ଷର ମୌଖିକ ଆବେଦନ ଉପରେ, ସ୍ଥିର କରିବେ ଯେ, ଅନୁଚ୍ଛେଦ 132ର ଖଣ୍ଡ(1) କିମ୍ବା ଅନୁଚ୍ଛେଦ 133ର ଖଣ୍ଡ(1) କିମ୍ବା ଅନୁଚ୍ଛେଦ 134ର ଖଣ୍ଡ (1)ରେ ଉଲ୍ଲେଖ ଥିବା ପ୍ରମାଣପତ୍ର ପ୍ରଦାନ କରାଯିବ କି ନାହିଁ ।]

**135. ପ୍ରଚଳିତ ଆଇନ ଅନୁଯାୟୀ ସଂଘୀୟ ନ୍ୟାୟାଳୟର ଅଧିକାରର ପରିସର ଏବଂ କ୍ଷମତା, ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ପରିଚାଳନା କରାଯିବ—** ଯେପର୍ଯ୍ୟନ୍ତ ସଂସଦ ଆଇନ ଦ୍ୱାରା ଅନ୍ୟଥା ବ୍ୟବସ୍ଥା ନକରିଛନ୍ତି ସେପର୍ଯ୍ୟନ୍ତ ସର୍ବୋଚ୍ଚ ନ୍ୟାୟାଳୟଙ୍କର ଅଧିକାରର ପରିସର ଏବଂ କ୍ଷମତା ରହିବ, ଯେଉଁଥିପାଇଁ ଅନୁଚ୍ଛେଦ 133 କିମ୍ବା ଅନୁଚ୍ଛେଦ 134ର ବ୍ୟବସ୍ଥା ପ୍ରଯୋଗ ହୁଏ ନାହିଁ, ଯଦି ଉକ୍ତ ବିଷୟ ସମ୍ବନ୍ଧୀୟ ଅଧିକାରର ପରିସର ଏବଂ କ୍ଷମତା କୌଣସି ପ୍ରଚଳିତ ଆଇନ ଅନୁଯାୟୀ ଏହି ସମ୍ବିଧାନ ପ୍ରାରମ୍ଭର ଠିକ୍ ପୂର୍ବରୁ, କୌଣସି ସଂଘୀୟ ନ୍ୟାୟାଳୟ ଦ୍ୱାରା ପରିଚାଳିତ ହେଉଥିଲା ।

**136. ପୁନର୍ବିଚାର ପାଇଁ ଆବେଦନ କରିବା ନିମନ୍ତେ ସର୍ବୋଚ୍ଚ ନ୍ୟାୟାଳୟର ସ୍ୱତନ୍ତ୍ର ଅନୁମତି—** (1) ଏହି ଅଧ୍ୟାୟରେ ଯାହା କିଛି ବ୍ୟବସ୍ଥା ଥିବା ସତ୍ତ୍ୱେ, ସର୍ବୋଚ୍ଚ ନ୍ୟାୟାଳୟ ତାଙ୍କ ନିଜ ଇଚ୍ଛାନୁଯାୟୀ ଭାରତୀୟ ଅଞ୍ଚଳର କୌଣସି ନ୍ୟାୟାଳୟ କିମ୍ବା ବିଚାରାଳୟ ଦ୍ୱାରା କୌଣସି ମକଦ୍ଦମାରେ, ପ୍ରଦାନ କରାଯାଇଥିବା କୌଣସି ନିଷ୍ପତ୍ତି, ସିଦ୍ଧାନ୍ତ, ଦୃଢ଼ ସଂକଳ୍ପ, ଦଣ୍ଡ କିମ୍ବା ଆଦେଶ ବିରୋଧରେ ପୁନର୍ବିଚାର ପାଇଁ ଆବେଦନ କରିବାକୁ ବିଶେଷ ଅନୁମତି ପ୍ରଦାନ କରିପାରନ୍ତି ।

(2) ସୈନ୍ୟବାହିନୀ ସମ୍ପର୍କିତ କୌଣସି ଆଇନ ଅନୁଯାୟୀ ଗଠିତ କୌଣସି ନ୍ୟାୟାଳୟ କିମ୍ବା ବିଚାରାଳୟ ଦ୍ୱାରା ପ୍ରଦାନ କରାଯାଇଥିବା କୌଣସି ନିଷ୍ପତ୍ତି, ସିଦ୍ଧାନ୍ତ, ଦଣ୍ଡ କିମ୍ବା ଆଦେଶ ପ୍ରତି, ଖଣ୍ଡ (1)ର କୌଣସି ବ୍ୟବସ୍ଥା ଲାଗୁ ହେବ ନାହିଁ ।

**137. ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ନିଷ୍ପତ୍ତି କିମ୍ବା ଆଦେଶର ପୁନର୍ବିଚାର—** (1) ଅନୁଚ୍ଛେଦ 145 ଅନୁଯାୟୀ କରାଯାଇଥିବା କୌଣସି ନିୟମ କିମ୍ବା ସଂସଦ ଦ୍ୱାରା ଆଇନ ଅନୁଯାୟୀ କାର୍ଯ୍ୟପଦ୍ଧତି ଥିବା ସତ୍ତ୍ୱେ, ନିଜ ଦ୍ୱାରା ନିଆଯାଇଥିବା କୌଣସି ନିଷ୍ପତ୍ତିକୁ ପୁନର୍ବିଚାର କରିବା ନିମନ୍ତେ କ୍ଷମତା ରହିବ ।

---

[1] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 20ଦ୍ୱାରା ସନ୍ନିବେଶିତ (1-8-1979ଠାରୁ କାର୍ଯ୍ୟକାରୀ) ।

**138. ସର୍ବୋଚ୍ଚ ନ୍ୟାୟାଳୟର ନ୍ୟାୟିକ ଅଧିକାରର ସମ୍ପ୍ରସାରଣ—** (1) କେନ୍ଦ୍ର ତାଲିକାରେ କୌଣସି ସମ୍ବନ୍ଧରେ, ସର୍ବୋଚ୍ଚ ନ୍ୟାୟାଳୟର ଏପରି ଅଧିକାର ଏବଂ କ୍ଷମତା ରହିବ, ଯେପରି ସଂସଦରେ ଆଇନ ଦ୍ୱାରା ନ୍ୟସ୍ତ କରିବେ ।

(2) ଉଚ୍ଚତମ ନ୍ୟାୟାଳୟରେ ଏପରି କୌଣସି ବିଷୟ ସମ୍ବନ୍ଧରେ ଅଧିକ ନ୍ୟାୟିକ ଅଧିକାର ଏବଂ କ୍ଷମତା ରହିବ; ଯାହା ଭାରତ ସରକାର ଏବଂ କୌଣସି ରାଜ୍ୟ ସରକାର, ବିଶେଷ ଚୁକ୍ତି ଦ୍ୱାରା ପ୍ରଦାନ କରିବେ, ଯଦି ସଂସଦ ଆଇନ ଦ୍ୱାରା ଏପରି ନ୍ୟାୟିକ ଅଧିକାର ଏବଂ କ୍ଷମତା ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ପ୍ରୟୋଗ କରିବା ନିମନ୍ତେ ବ୍ୟବସ୍ଥା କରେ ।

**139. କେତେକ ନିର୍ଦ୍ଦେଶନାମା ଜାରି କରିବା ନିମନ୍ତେ ସର୍ବୋଚ୍ଚ ନ୍ୟାୟାଳୟକୁ କ୍ଷମତା ପ୍ରଦାନ କରିବା—** ଅନୁଚ୍ଛେଦ 32ର ଖଣ୍ଡ(2)ରେ ଉଲ୍ଲେଖ ବିଷୟ ବ୍ୟତୀତ, ଅନ୍ୟ ଯେକୌଣସି ବିଷୟ ଉପରେ ବ୍ୟକ୍ତିଗତଭାବେ ହାଜିର କରାଇବା, କୌଣସି କାର୍ଯ୍ୟ ସମ୍ପାଦନ ନିମନ୍ତେ *ବାଧ୍ୟତାମୂଳକ ଆଦେଶ, ନିଷେଧକରଣ, କାରଣ ଦର୍ଶାଇବା,* ଏବଂ ପୁନର୍ବିଚାର ନିମନ୍ତେ ନିମ୍ନ ବିଚାରାଳୟରୁ ଡକୁମେଣ୍ଟ ମଗାଇବା ଅନ୍ତର୍ଭୁକ୍ତ କରେ କିମ୍ବା ସେଥିମଧ୍ୟରୁ କୌଣସି ଗୋଟିଏ ନିମନ୍ତେ ସଂସଦ ଆଇନ ଦ୍ୱାରା ସର୍ବୋଚ୍ଚ ନ୍ୟାୟାଳୟକୁ କ୍ଷମତା ପ୍ରଦାନ କରିପାରିବେ ।

[1][**139A. କେତେକ ମକଦ୍ଦମାର ହସ୍ତାନ୍ତର—** [2][(1) ଯେଉଁ ସ୍ଥଳରେ ମକଦ୍ଦମାଗୁଡ଼ିକରେ ସମାନ ପ୍ରଶ୍ନ ଅନ୍ତର୍ଭୁକ୍ତ ଥାଏ ତାହା ସର୍ବୋଚ୍ଚ ନ୍ୟାୟାଳୟରେ କିମ୍ବା ଗୋଟିଏ କିମ୍ବା ତଦୁର୍ଦ୍ଧ୍ୱ ଉଚ୍ଚ ନ୍ୟାୟାଳୟରେ କିମ୍ବା ଦୁଇ କିମ୍ବା ତଦୁର୍ଦ୍ଧ୍ୱ ଉଚ୍ଚ ନ୍ୟାୟାଳୟରେ ସ୍ଥଗିତାବସ୍ଥାରେ ଥାଏ ଏବଂ ସର୍ବୋଚ୍ଚ ନ୍ୟାୟାଳୟ ନିଜ ଇଚ୍ଛାନୁଯାୟୀ କିମ୍ବା ଭାରତର ମହାନ୍ୟାୟବାଦୀଙ୍କ ଦ୍ୱାରା ପ୍ରଦତ୍ତ କୌଣସି ଆବେଦନ ଉପରେ କିମ୍ବା ଏପରି ମକଦ୍ଦମା ଅନ୍ତର୍ଭୁକ୍ତ କୌଣସି ପକ୍ଷଙ୍କ ଆବେଦନ ଉପରେ ସନ୍ତୁଷ୍ଟ ହୁଅନ୍ତି ଯେ, ଉକ୍ତ ମକଦ୍ଦମାରେ ଏକ ସର୍ବସାଧାରଣ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଅନ୍ତର୍ଭୁକ୍ତ, ତା'ହେଲେ ସର୍ବୋଚ୍ଚ ନ୍ୟାୟାଳୟ ଏପରି ଉଚ୍ଚ ନ୍ୟାୟାଳୟ କିମ୍ବା ଉଚ୍ଚ ନ୍ୟାୟାଳୟଗୁଡ଼ିକରେ ସ୍ଥଗିତାବସ୍ଥାରେ ଥିବା ଏପରି ମକଦ୍ଦମାକୁ କିମ୍ବା ମକଦ୍ଦମାଗୁଡ଼ିକୁ ପ୍ରତ୍ୟାହାର କରି ତାହାକୁ ନିଜେ ନିର୍ଣ୍ଣୟ କରିବେ:

କିନ୍ତୁ, ସର୍ବୋଚ୍ଚ ନ୍ୟାୟାଳୟ, ଆଇନ ସମ୍ବନ୍ଧୀୟ ଉକ୍ତ ପ୍ରଶ୍ନଗୁଡ଼ିକ ସ୍ଥିର କରିବା ପରେ, ଏପରି ପ୍ରତ୍ୟାହାର କରାଯାଇଥିବା ମକଦ୍ଦମାକୁ ଏକାଠି ଏହାର ନିଷ୍ପତ୍ତିର ନକଲ ସହିତ, ଯେ ଉଚ୍ଚ ନ୍ୟାୟାଳୟରୁ ଏହା ପ୍ରତ୍ୟାହାର କରାଯାଇଥିଲା, ତାଙ୍କୁ ଫେରସ୍ତ ଦେବେ ଏବଂ ଉକ୍ତ ଉଚ୍ଚ ନ୍ୟାୟାଳୟ ତାହା ପାଇବା ପରେ ଉକ୍ତ ନିଷ୍ପତ୍ତି ସହିତ ସାମଞ୍ଜସ୍ୟ ରକ୍ଷାକରି, ତାହା ନିର୍ଣ୍ଣୟ କରିବାପାଇଁ ଅଗ୍ରସର ହେବେ ।]

(2) ସର୍ବୋଚ୍ଚ ନ୍ୟାୟାଳୟ, ନ୍ୟାୟ ଉଦ୍ଦେଶ୍ୟରେ ଯଦି ସେପରି ସମୀଚୀନ ବୋଲି ଆବଶ୍ୟକ ମନେକରନ୍ତି, ତା'ହେଲେ କୌଣସି ଉଚ୍ଚ ନ୍ୟାୟାଳୟରେ ସ୍ଥଗିତାବସ୍ଥାରେ ଥିବା କୌଣସି ମକଦ୍ଦମା, ପୁନର୍ବିଚାର ପାଇଁ ଆବେଦନ କିମ୍ବା ଅନ୍ୟ କାର୍ଯ୍ୟାନୁଷ୍ଠାନକୁ, ଅନ୍ୟ କୌଣସି ଉଚ୍ଚ ନ୍ୟାୟାଳୟକୁ ହସ୍ତାନ୍ତର କରିପାରନ୍ତି ।]

**140. ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆନୁଷଙ୍ଗିକ କ୍ଷମତା—** ଏହି ସମ୍ବିଧାନ ଅନୁଯାୟୀ କିମ୍ବା ଦ୍ୱାରା ପ୍ରଦତ୍ତ କର୍ତ୍ତୃତ୍ୱକୁ ଯଥେଷ୍ଟ ଭାବେ କାର୍ଯ୍ୟକାରୀ କରିବା ନିମନ୍ତେ ଏବଂ ସମ୍ବିଧାନର ବ୍ୟବସ୍ଥା ସହିତ ଅସାମଞ୍ଜସ୍ୟ ହୋଇନଥିବା କୌଣସି, ଏପରି ପରିପୂରଣ କ୍ଷମତା, ସଂସଦ ଆଇନ ଦ୍ୱାରା ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ପ୍ରଦାନ କରିପାରନ୍ତି ।

---

[1] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 24ଦ୍ୱାରା ସନ୍ନିବେଶିତ (1-2-1977ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 21 ଦ୍ୱାରା, ଖଣ୍ଡ (1) ପାଇଁ ପ୍ରତିସ୍ଥାପିତ (1-8-1979ଠାରୁ କାର୍ଯ୍ୟକାରୀ) ।

**141. ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ଘୋଷିତ ଆଇନ ସମସ୍ତ ନ୍ୟାୟାଳୟ ଉପରେ ବାଧ୍ୟତାମୂଳକ**— ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ଘୋଷିତ ଆଇନ, ଭାରତୀୟ ଅଞ୍ଚଳ ମଧ୍ୟରେ ଥିବା ସମସ୍ତ ନ୍ୟାୟାଳୟ ପ୍ରତି ବାଧ୍ୟତାମୂଳକ ହେବ ।

**142. ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତି ଏବଂ ଆଦେଶ ଏବଂ ଆବିଷ୍କାର ବିଷୟରେ ଆଦେଶ ଇତ୍ୟାଦିକୁ ବଳବତ୍ତର କରିବା**— (1) ସର୍ବୋଚ୍ଚ ନ୍ୟାୟାଳୟ, ଏହା ଉପରେ ନ୍ୟସ୍ତ ଥିବା କ୍ଷମତା ଅନୁଯାୟୀ କୌଣସି ବିଷୟ କିମ୍ବା କୌଣସି କାରଣ ଯାହାକି ତାଙ୍କ ପାଖରେ ବିଚାରାଧୀନ ଅଛି, ତା'ଉପରେ ସମ୍ପୂର୍ଣ୍ଣ ନ୍ୟାୟ ପ୍ରଦାନ ଉଦ୍ଦେଶ୍ୟରେ, ତାଙ୍କର ନ୍ୟାୟିକ ଅଧିକାରକୁ ପରିଚାଳନା କରି ଏପରି ସିଦ୍ଧାନ୍ତ ପ୍ରଦାନ କରିବେ କିମ୍ବା ଏପରି ଆଦେଶ ପ୍ରଦାନ କରିବେ, ଯାହାକି ସଂସଦ ଦ୍ୱାରା ପ୍ରଣୀତ କୌଣସି ଆଇନ ଅନୁଯାୟୀ ଧାର୍ଯ୍ୟ କାର୍ଯ୍ୟ ପଦ୍ଧତିରେ ଭାରତର ସମସ୍ତ ଅଞ୍ଚଳରେ ବଳବତ୍ତର ହୋଇପାରିବ ଏବଂ ଯେପର୍ଯ୍ୟନ୍ତ ଏ ସମ୍ବନ୍ଧରେ କୌଣସି କାର୍ଯ୍ୟ ପଦ୍ଧତି ବ୍ୟବସ୍ଥିତ କରାଯାଇନାହିଁ, ସେପର୍ଯ୍ୟନ୍ତ ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରଦତ୍ତ ଆଦେଶ[1] ଅନୁଯାୟୀ ତାହା ବଳବତ୍ତର ହେବ ।

(2) ଏ ସମ୍ବନ୍ଧରେ ସଂସଦ ଦ୍ୱାରା ପ୍ରଣୀତ କୌଣସି ଆଇନର ବ୍ୟବସ୍ଥା ଅଧୀନରେ, ଭାରତର ସମୁଦାୟ ଅଞ୍ଚଳରେ କୌଣସି ବ୍ୟକ୍ତିର ଉପସ୍ଥିତି ନିଶ୍ଚିତ କରିବାପାଇଁ, କୌଣସି ଦସ୍ତାବିଜ ଆବିଷ୍କାର କିମ୍ବା ଉପସ୍ଥାପନ କରିବା କିମ୍ବା ନିଜର ଅବମାନନା କ୍ଷେତ୍ରରେ ତାହା ଅନୁସନ୍ଧାନ କରିବା ଏବଂ ଦଣ୍ଡ ପ୍ରଦାନ କରିବାପାଇଁ, ସର୍ବୋଚ୍ଚ ନ୍ୟାୟାଳୟଙ୍କର ସମସ୍ତ କ୍ଷମତା ରହିବ ।

**143. ସର୍ବୋଚ୍ଚ ନ୍ୟାୟାଳୟ ସହିତ ପରାମର୍ଶ କରିବା ନିମନ୍ତେ ରାଷ୍ଟ୍ରପତିଙ୍କ କ୍ଷମତା**— (1) ଯଦି କୌଣସି ସମୟରେ ରାଷ୍ଟ୍ରପତିଙ୍କୁ ଏହା ପ୍ରତୀୟମାନ ହୁଏ ଯେ, କୌଣସି ଆଇନଗତ ପ୍ରଶ୍ନ ଉଠିଛି କିମ୍ବା ଉଠିବାର ସମ୍ଭାବନା ଅଛି ଏବଂ ଏହା ଏପରି ପ୍ରକୃତିର ଏବଂ ଏପରି ସର୍ବସାଧାରଣ ଗୁରୁତ୍ୱପୂର୍ଣ୍ଣ ବିଷୟ ଯେ, ସେଥିରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ମତାମତ ଗ୍ରହଣ କରିବା ଅବଶ୍ୟମ୍ଭାବୀ, ତା'ହେଲେ ସେ ଉକ୍ତ ପ୍ରଶ୍ନକୁ ଉକ୍ତ ନ୍ୟାୟାଳୟଙ୍କ ବିଚାର କରିବା ନିମନ୍ତେ ଉଲ୍ଲେଖ କରିବେ ଏବଂ ଉଚ୍ଚତମ ନ୍ୟାୟାଳୟ ଯାହା ଉଚିତ ମନେ କରିବେ, ଆବଶ୍ୟକ ଶୁଣାଣିରେ, ରାଷ୍ଟ୍ରପତିଙ୍କୁ ତାଙ୍କର ମତାମତ ପ୍ରଦାନ କରିବେ।

(2) ଅନୁଚ୍ଛେଦ 131ର [2]***ପ୍ରତିବନ୍ଧରେ ଯାହା କିଛି ଥିବା ସତ୍ତ୍ୱେ, ରାଷ୍ଟ୍ରପତି [3][ଉକ୍ତ ପ୍ରତିବନ୍ଧ]ରେ ଉଲ୍ଲେଖିତ ସେହି ପ୍ରକାର ବିବାଦକୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ମତାମତ ନିମନ୍ତେ ଉଲ୍ଲେଖ କରିପାରିବେ ଏବଂ ସର୍ବୋଚ୍ଚ ନ୍ୟାୟାଳୟ ଯାହା ଉଚିତ ମନେ କରିବେ, ଆବଶ୍ୟକ ଶୁଣାଣି ପରେ, ଏହା ଉପରେ ନିଜର ମତାମତ ରାଷ୍ଟ୍ରପତିଙ୍କୁ ଜଣାଇବେ ।

**144. ଦେୱାନୀ ଏବଂ ନ୍ୟାୟିକ ଅଧିକାରୀମାନେ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ସାହାଯ୍ୟ କରିବା ନିମନ୍ତେ କାର୍ଯ୍ୟ କରିବେ**— ଭାରତୀୟ ଅଞ୍ଚଳରେ ଥିବା ସମସ୍ତ ଦେୱାନୀ ଏବଂ ନ୍ୟାୟିକ ଅଧିକାରୀ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ସାହାଯ୍ୟ କରିବା ନିମନ୍ତେ କାର୍ଯ୍ୟ କରିବେ ।

[4][**144A.** [*ଆଇନର ସାମ୍ବିଧାନିକ ବୈଧତା ସମ୍ବନ୍ଧରେ ପ୍ରଶ୍ନଗୁଡ଼ିକର ନିର୍ଣ୍ଣୟ ନିମନ୍ତେ ବିଶେଷ କାର୍ଯ୍ୟପଦ୍ଧତି—*] *ସମ୍ବିଧାନର 43ତମ ସଂଶୋଧନ ଅଧିନିୟମ, 1977, ଧାରା 5ଦ୍ୱାରା ବାଦ୍ ଦିଆଯାଇଛି (13-4-1978ଠାରୁ କାର୍ଯ୍ୟକାରୀ) ।*]

**145. ନ୍ୟାୟାଳୟର ନିୟମାବଳୀ, ଇତ୍ୟାଦି**— (1) ସଂସଦ ଦ୍ୱାରା ପ୍ରସ୍ତୁତ କୌଣସି ଆଇନର ବ୍ୟବସ୍ଥା ଅଧୀନରେ, ସର୍ବୋଚ୍ଚ ନ୍ୟାୟାଳୟ ସମୟାନୁକ୍ରମେ ରାଷ୍ଟ୍ରପତିଙ୍କ ସମ୍ମତି ସହ ନ୍ୟାୟାଳୟର ନିୟମ ଏବଂ କାର୍ଯ୍ୟପଦ୍ଧତି ଉପରେ ସାଧାରଣଭାବେ ନିୟନ୍ତ୍ରଣ ଜାରି କରିବାପାଇଁ ନିୟମାବଳୀ ପ୍ରଣୟନ କରିପାରନ୍ତି ଯାହାକି—

(*a*) ନ୍ୟାୟାଳୟରେ ଓକିଲାତି କରୁଥିବା ବ୍ୟକ୍ତିମାନଙ୍କ ପାଇଁ ନିୟମାବଳୀ;

---

[1] ସର୍ବୋଚ୍ଚ ନ୍ୟାୟାଳୟ (ଆଇନଗତ ଆଦେଶ ଏବଂ ନିର୍ଦ୍ଦେଶ) ପ୍ରବର୍ତ୍ତନ ଆଦେଶ, 1954 (C.O.47) ଦେଖନ୍ତୁ।

[2] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା "ଖଣ୍ଡ (*i*)"ର ଶବ୍ଦ, ବନ୍ଧନୀ ଏବଂ ଅଙ୍କକୁ ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ) ।

[3] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା "ଉକ୍ତ ଖଣ୍ଡ" ପାଇଁ ପ୍ରତିସ୍ଥାପିତ (1-11-1956ଠାରୁ କାର୍ଯ୍ୟକାରୀ)।

[4] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 25ଦ୍ୱାରା ସନ୍ନିବେଶିତ (1-2-1977 ଠାରୁ କାର୍ଯ୍ୟକାରୀ) ।

(*b*) ପୁନର୍ବିଚାର ପାଇଁ ଆବେଦନଗୁଡ଼ିକର ଶୁଣାଣି କିମ୍ବା ଆବେଦନ ସମ୍ବନ୍ଧୀୟ ଅନ୍ୟ ବିଷୟ ସମ୍ବନ୍ଧର ପଦ୍ଧତି ଉପରେ ନିୟମାବଳୀ ଏବଂ କେଉଁ ସମୟ ମଧ୍ୟରେ ଏପରି ପୁନର୍ବିଚାର ପାଇଁ ଆବେଦନ ଗ୍ରହଣୀୟ ହେବ;

(*c*) ଭାଗ 3ଦ୍ୱାରା ପ୍ରଦାନ କରାଯାଇଥିବା କୌଣସି ଅଧିକାରକୁ ବଳବତ୍ତର କରିବାପାଇଁ, କୌଣସି ନ୍ୟାୟାଳୟର କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧରେ ନିୟମାବଳୀ;

[1][(*cc*) [2][ଅନୁଚ୍ଛେଦ 139A] ଅନୁଯାୟୀ, ନ୍ୟାୟାଳୟରେ କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧରେ ନିୟମାବଳୀ;]

(*d*) ଅନୁଚ୍ଛେଦ 134ର ଖଣ୍ଡ(1)ର ଉପଖଣ୍ଡ(*c*) ଅନୁଯାୟୀ, ପୁନର୍ବିଚାର ପାଇଁ ଆବେଦନ ଗ୍ରହଣ କରିବା ସମ୍ବନ୍ଧରେ ନିୟମାବଳୀ;

(*e*) କେଉଁ ସର୍ତ୍ତାବଳୀର ନିୟନ୍ତ୍ରଣାଧୀନରେ, ନ୍ୟାୟାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ନିଷ୍ପତ୍ତି କିମ୍ବା ଆଦେଶକୁ ପୁନର୍ବିଚାର କରାଯିବ ଏବଂ କେଉଁ ସମୟ ମଧ୍ୟରେ ଏପରି ପୁନର୍ବିଚାର ନିମନ୍ତେ ନ୍ୟାୟାଳୟଙ୍କୁ ଆବେଦନ ପ୍ରଦାନ କରାଯିବ ଏବଂ ଏପରି ପୁନର୍ବିଚାରର ପଦ୍ଧତି ବିଷୟରେ ନିୟମାବଳୀ;

(*f*) ନ୍ୟାୟାଳୟରେ କୌଣସି କାର୍ଯ୍ୟାନୁଷ୍ଠାନରେ ଖର୍ଚ୍ଚ କିମ୍ବା ଆନୁଷଙ୍ଗିକ ଖର୍ଚ୍ଚ ଏବଂ ଏପରି କାର୍ଯ୍ୟାନୁଷ୍ଠାନରେ କେତେ ଶୁଳ୍କ ଧାର୍ଯ୍ୟ କରାଯିବ, ସେ ସମ୍ବନ୍ଧରେ ନିୟମାବଳୀ;

(*g*) ଜାମିନ୍ ମଞ୍ଜୁର କରିବା ସମ୍ବନ୍ଧରେ ନିୟମାବଳୀ;

(*h*) କାର୍ଯ୍ୟାନୁଷ୍ଠାନକୁ ସ୍ଥଗିତ ରଖିବା ପାଇଁ ନିୟମାବଳୀ;

(*i*) ଯଦି ନ୍ୟାୟାଳୟଙ୍କୁ ଏହା ପ୍ରତୀୟମାନ ହୁଏ ଯେ, କୌଣସି ପୁନର୍ବିଚାର ପାଇଁ ଆବେଦନ ଯୁକ୍ତିଯୁକ୍ତ ନୁହେଁ କିମ୍ବା ବିରକ୍ତିକର କିମ୍ବା ବିଳମ୍ବ ଘଟାଇବା ଉଦ୍ଦେଶ୍ୟରେ ଆଗତ କରାଯାଇଛି, ସେପରି ଅପିଲ୍‌ର ତୁରନ୍ତ ନିର୍ଣ୍ଣୟ ପାଇଁ ନିୟମାବଳୀ;

(*j*) ଅନୁଚ୍ଛେଦ 317ର ଖଣ୍ଡ (1)ରେ ଉଲ୍ଲେଖିତ ଅନୁସନ୍ଧାନ ନିମନ୍ତେ ପଦ୍ଧତି ବିଷୟରେ ନିୟମାବଳୀ ।

(2) [3][[4]***ଖଣ୍ଡ (3)ର ବ୍ୟବସ୍ଥା] ଅଧୀନରେ; ଏହି ପରିଚ୍ଛେଦ ଅନୁଯାୟୀ ପ୍ରଣୀତ ନିୟମାବଳୀ, କୌଣସି ଉଦ୍ଦେଶ୍ୟରେ ସର୍ବନିମ୍ନ କେତେଜଣ ନ୍ୟାୟାଧୀଶ ବୈଠକରେ ମିଳିତ ହେବେ, ତାହା ସ୍ଥିର କରିବ ଏବଂ ଜଣେ ନ୍ୟାୟାଧୀଶ ଏବଂ କୌଣସି ଖଣ୍ଡପୀଠର କ୍ଷମତା ବିଷୟ ବ୍ୟବସ୍ଥାୟିତ ।

(3) [5][ଏହି ସମ୍ବିଧାନର କୌଣସି ଆଇନଗତ ପ୍ରଶ୍ନର ବ୍ୟାଖ୍ୟା କରିବା ପାଇଁ ଏବଂ ଏଥି ସହିତ ସମ୍ପୃକ୍ତ କୌଣସି ମକଦ୍ଦମା ନିର୍ଣ୍ଣୟ କରିବା ନିମନ୍ତେ କିମ୍ବା ଅନୁଚ୍ଛେଦ 143 ଅନୁଯାୟୀ କୌଣସି ଉଲ୍ଲେଖ ଉପରେ ଶୁଣାଣି କରିବା ପାଇଁ, [4]***[ସର୍ବନିମ୍ନ] ନ୍ୟାୟାଧୀଶଙ୍କ ସଂଖ୍ୟା ପାଞ୍ଚ ହେବ ।

---

[1] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 26ଦ୍ୱାରା ସନ୍ନିବେଶିତ (1-2-1977 ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (43ତମ ସଂଶୋଧନ) ଅଧିନିୟମ, 1977, ଧାରା 6ଦ୍ୱାରା "ଅନୁଚ୍ଛେଦ 131A ଏବଂ 139A" ପାଇଁ ପ୍ରତିସ୍ଥାପିତ (13-4-1978ଠାରୁ କାର୍ଯ୍ୟକାରୀ) ।

[3] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 26 ଦ୍ୱାରା "ଖଣ୍ଡ (3)ର ବ୍ୟବସ୍ଥା" ପାଇଁ ପ୍ରତିସ୍ଥାପିତ (1-2-1977ଠାରୁ କାର୍ଯ୍ୟକାରୀ) ।

[4] ସମ୍ବିଧାନ (43ତମ ସଂଶୋଧନ) ଅଧିନିୟମ, 1977, ଧାରା 6 ଦ୍ୱାରା ନିର୍ଦ୍ଦିଷ୍ଟ କିଛି ଶବ୍ଦକୁ ବାଦ୍ ଦିଆଯାଇଛି (13-4-1978 ଠାରୁ କାର୍ଯ୍ୟକାରୀ) ।

[5] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 26 ଦ୍ୱାରା "ସର୍ବନିମ୍ନ ସଂଖ୍ୟା" ପାଇଁ ପ୍ରତିସ୍ଥାପିତ (1-2-1977ଠାରୁ କାର୍ଯ୍ୟକାରୀ) ।

କିନ୍ତୁ, ଯେଉଁ ସ୍ଥଳରେ ଅନୁଚ୍ଛେଦ 132 ବ୍ୟତୀତ, ଏହି ଅଧ୍ୟାୟର କୌଣସି ବ୍ୟବସ୍ଥା ଅନୁଯାୟୀ, ନ୍ୟାୟାଳୟ କୌଣସି ପୁନର୍ବିଚାର ପାଇଁ ଆବେଦନର ଶୁଣାଣି କରୁଥାଆନ୍ତି ଏବଂ ସେପରି ଶୁଣାଣିରେ ପାଞ୍ଚଜଣରୁ କମ ନ୍ୟାୟାଧୀଶ ଥାଆନ୍ତି ଏବଂ ଶୁଣାଣି ସମୟରେ, ନ୍ୟାୟାଳୟ ସନ୍ତୁଷ୍ଟ ହୁଅନ୍ତି ଯେ, ପୁନର୍ବିଚାର ପାଇଁ ଆବେଦନଟିରେ ଏହି ସମ୍ବିଧାନର କୌଣସି ଗୁରୁତର ଆଇନ ବ୍ୟାଖ୍ୟା କରିବା ଅନ୍ତର୍ଭୁକ୍ତ, ଯାହାର ସ୍ଥିରୀକରଣ, ପୁନର୍ବିଚାର ପାଇଁ ଆବେଦନଟିର ଶୁଣାଣି ନିମନ୍ତେ ଏକାନ୍ତ ଆବଶ୍ୟକ, ତା'ହେଲେ ଏପରି ନ୍ୟାୟାଳୟ, ଏହି ଅନୁଚ୍ଛେଦ ଅନୁଯାୟୀ ଆବଶ୍ୟକ ଏବଂ ଗଠିତ କୌଣସି ନ୍ୟାୟାଳୟଙ୍କୁ, ତାଙ୍କର ମତାମତ ନିମନ୍ତେ ଏହା ଉଲ୍ଲେଖ କରିବେ ଏବଂ ଉକ୍ତ ନ୍ୟାୟାଳୟଙ୍କ ଏପରି ମତାମତ ପାଇବା ପରେ, ସେହି ଅନୁଯାୟୀ ପୁନର୍ବିଚାର ପାଇଁ ଆବେଦନଟିକୁ ନିର୍ଣ୍ଣୟ କରିବେ ।

(4) ଉକ୍ତ ନ୍ୟାୟାଳୟ ବ୍ୟତୀତ, ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା କୌଣସି ନିଷ୍ପତ୍ତି ପ୍ରଦାନ କରାଯିବ ନାହିଁ ଏବଂ ଅନୁଚ୍ଛେଦ 143 ଅନୁଯାୟୀ କୌଣସି ବିବରଣୀ, କୌଣସି ମତାମତ ସହିତ ବା ଅନୁଯାୟୀ, କେବଳ ଉକ୍ତ ନ୍ୟାୟାଳୟରେ ହିଁ ପ୍ରଦାନ କରାଯିବ ।

(5) ବହୁ ନ୍ୟାୟାଧୀଶଙ୍କ ମତାମତ ବିନା କିମ୍ବା ସଂଖ୍ୟାଗରିଷ୍ଠ ନ୍ୟାୟାଧୀଶଙ୍କ ମତାମତ ବିନା, ସର୍ବୋଚ୍ଚ ନ୍ୟାୟାଳୟଙ୍କଦ୍ୱାରା କୌଣସି ନିର୍ଣ୍ଣୟ କିମ୍ବା କୌଣସି ଆଦେଶ ପ୍ରଦାନ କରାଯିବ ନାହିଁ; ମାତ୍ର ଏହି ଅନୁଚ୍ଛେଦର କୌଣସି ବ୍ୟବସ୍ଥା, କୌଣସି ନ୍ୟାୟାଧୀଶଙ୍କୁ ତାଙ୍କର ଭିନ୍ନ ମତାମତ ପ୍ରଦାନ କରିବାରେ ପ୍ରତିବନ୍ଧିତ କରିବ ନାହିଁ ।

**146. ସର୍ବୋଚ୍ଚ ନ୍ୟାୟାଳୟର ଉଚ୍ଚ କର୍ମଚାରୀ ଏବଂ ଅନ୍ୟ କର୍ମଚାରୀଙ୍କ ଖର୍ଚ୍ଚ—** (1) ସର୍ବୋଚ୍ଚ ନ୍ୟାୟାଳୟର ଉଚ୍ଚକର୍ମଚାରୀ ଏବଂ ସେବକମାନଙ୍କର ନିଯୁକ୍ତି ଭାରତର ମୁଖ୍ୟ ନ୍ୟାୟାଧୀଶଙ୍କ ଦ୍ୱାରା କରାଯିବ କିମ୍ବା ତାଙ୍କ ନିର୍ଦ୍ଦେଶାନୁଯାୟୀ ଏପରି ଅନ୍ୟ କୌଣସି ନ୍ୟାୟାଧୀଶ କିମ୍ବା ଉଚ୍ଚ କର୍ମଚାରୀଙ୍କ ଦ୍ୱାରା କରାଯିବ :

କିନ୍ତୁ, ରାଷ୍ଟ୍ରପତି, ଆଇନ ଦ୍ୱାରା, ଆବଶ୍ୟକ କରିପାରନ୍ତି ଯେ, ନିୟମରେ ଧାର୍ଯ୍ୟ ଏପରି କ୍ଷେତ୍ରରେ, କୌଣସି ବ୍ୟକ୍ତି ଯିଏକି ନ୍ୟାୟାଳୟ ସହିତ ସମ୍ପୃକ୍ତ ନୁହଁନ୍ତି, ତାଙ୍କୁ କେନ୍ଦ୍ର ଲୋକସେବା ଆୟୋଗଙ୍କ ସହିତ ପରାମର୍ଶ କରିବା ବ୍ୟତୀତ, ନ୍ୟାୟାଳୟର କୌଣସି କାର୍ଯ୍ୟାଳୟରେ ନିଯୁକ୍ତି ପ୍ରଦାନ କରାଯିବ ନାହିଁ ।

(2) ସଂସଦ ଦ୍ୱାରା ପ୍ରଣୀତ କୌଣସି ଆଇନର ବ୍ୟବସ୍ଥା ନିୟନ୍ତ୍ରଣାଧୀନରେ, ଭାରତର ମୁଖ୍ୟ ନ୍ୟାୟାଧୀଶଙ୍କ ଦ୍ୱାରା କିମ୍ବା ମୁଖ୍ୟ ନ୍ୟାୟାଧୀଶଙ୍କ ଦ୍ୱାରା କ୍ଷମତାୟିତ ଅନ୍ୟ କୌଣସି ନ୍ୟାୟାଧୀଶ କିମ୍ବା ଉଚ୍ଚ କର୍ମଚାରୀଙ୍କ ଦ୍ୱାରା ଧାର୍ଯ୍ୟ ଅନୁଯାୟୀ, ସର୍ବୋଚ୍ଚ ନ୍ୟାୟାଳୟର ଉଚ୍ଚ କର୍ମଚାରୀ ଏବଂ ସେବକମାନଙ୍କ ଚାକିରି ସର୍ତ୍ତାବଳୀ ହେବ:

କିନ୍ତୁ, ଏହି ଅନୁଚ୍ଛେଦ ଅନୁଯାୟୀ ପ୍ରଣୀତ ନିୟମାବଳୀ, ଯାହାକି ବେତନ, ଭତ୍ତା, ଛୁଟି କିମ୍ବା ପେନସନ୍ ସହିତ ସମ୍ପୃକ୍ତ, ତାହା ରାଷ୍ଟ୍ରପତିଙ୍କ ଅନୁମୋଦନ ଆବଶ୍ୟକ କରିବ ।

(3) ନ୍ୟାୟାଳୟର ଉଚ୍ଚ କର୍ମଚାରୀ ଏବଂ ସେବକମାନଙ୍କ ସମ୍ବନ୍ଧରେ ଦେଶର ସମସ୍ତ ବେତନ ଭତ୍ତା ଏବଂ ପେନସନ୍ ସହିତ ସର୍ବୋଚ୍ଚ ନ୍ୟାୟାଳୟଙ୍କ ପ୍ରଶାସନିକ ଖର୍ଚ୍ଚ, ଭାରତର ସଞ୍ଚିତ ପାଣ୍ଠି ଉପରେ ନ୍ୟସ୍ତ କରାଯିବ ଏବଂ ନ୍ୟାୟାଳୟଦ୍ୱାରା ଗ୍ରହଣ କରାଯାଉଥିବା କୌଣସି ଶୁଳ୍କ କିମ୍ବା ଅନ୍ୟ ଅର୍ଥ, ଉକ୍ତ ପାଣ୍ଠିର ଅଂଶ ହେବ ।

**147. ବ୍ୟାଖ୍ୟା**— ଏହି ଅଧ୍ୟାୟ ଓ ଭାଗ 6ରେ ଅଧ୍ୟାୟ 5ରେ ଏହି ସମ୍ବିଧାନର ବ୍ୟାଖ୍ୟା ସମ୍ବନ୍ଧୀୟ କୌଣସି ମହତ୍ତ୍ୱପୂର୍ଣ୍ଣ ଆଇନଗତ ପ୍ରଶ୍ନର ଉଲ୍ଲେଖ, ଭାରତର ଶାସନ ଅଧିନିୟମ, 1935 (କୌଣସି ଆଇନ ସଂଶୋଧନ କିମ୍ବା ସେହି ଆଇନର ପରିପୂରକ ସହିତ) କିମ୍ବା ରାଜକୀୟ ପରିଷଦ ଆଦେଶ ବା ତାର ଅଧୀନରେ ପ୍ରସ୍ତୁତ ହୋଇଥିବା କୌଣସି ଆଦେଶ ବା ତାର ଅଧୀନରେ ପ୍ରସ୍ତୁତ ହୋଇଥିବା କୌଣସି ଆଦେଶ ବା ଭାରତ ସ୍ୱାଧୀନତା ଅଧିନିୟମ 1947କିମ୍ବା ସେଥି ସହିତ ପ୍ରଣୀତ କୌଣସି ଆଦେଶର ବ୍ୟାଖ୍ୟା ସମ୍ବନ୍ଧୀୟ ଆଇନଗତ ବିଧିର ମହତ୍ତ୍ୱପୂର୍ଣ୍ଣ ପ୍ରଶ୍ନଗୁଡ଼ିକୁ ଉଲ୍ଲେଖ କରେ ।

## ଆଧ୍ୟାୟ 5— ଭାରତର ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକ

**148. ଭାରତର ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକ—** (1) ଭାରତର ଜଣେ ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକ ଯିଏକି ଭାରତର ରାଷ୍ଟ୍ରପତିଙ୍କ ହସ୍ତାକ୍ଷର ଏବଂ ମୋହର ବହନ କରିଥିବା ନିର୍ଦ୍ଦେଶନାମାଦ୍ୱାରା ନିଯୁକ୍ତ ହେବେ ଏବଂ ସର୍ବୋଚ୍ଚ ନ୍ୟାୟାଳୟର କୌଣସି ନ୍ୟାୟାଧୀଶଙ୍କ ଭଳି ସମାନ ରୀତିରେ ଏବଂ ସମାନ ଆଧାରରେ ତାଙ୍କୁ ପଦରୁ ବହିଷ୍କାର କରାଯାଇପାରିବ ।

(2) ଭାରତର ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକଭାବେ ନିଯୁକ୍ତ ହୋଇଥିବା ପ୍ରତ୍ୟେକ ବ୍ୟକ୍ତି, ପଦଭାର ଗ୍ରହଣ କରିବା ପୂର୍ବରୁ, ତୃତୀୟ ଅନୁସୂଚୀରେ ଉଲ୍ଲେଖ ଥିବା ପତ୍ର ଅନୁଯାୟୀ, ରାଷ୍ଟ୍ରପତିଙ୍କ ସମ୍ମୁଖରେ କିମ୍ବା ଏ ସମ୍ବନ୍ଧରେ ତାଙ୍କଦ୍ୱାରା ନିଯୁକ୍ତ କୌଣସି ବ୍ୟକ୍ତି ସମ୍ମୁଖରେ ଶପଥ ଗ୍ରହଣ କରିବେ ।

(3) ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକଙ୍କ ବେତନ ଏବଂ ଚାକିରିର ଅନ୍ୟ ସର୍ତ୍ତାବଳୀ, ସଂସଦଦ୍ୱାରା ପ୍ରଣୀତ ଆଇନ ଅନୁଯାୟୀ ସ୍ଥିର କରାଯିବ ଏବଂ ଯେପର୍ଯ୍ୟନ୍ତ ସେପରି ନହୋଇଛି, ସେପର୍ଯ୍ୟନ୍ତ ଦ୍ୱିତୀୟ ଅନୁସୂଚୀ ଅନୁଯାୟୀ ତାହା ନିରୂପିତ ହେବ:

କିନ୍ତୁ ନିଯୁକ୍ତି ପରେ, କୌଣସି ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକଙ୍କ ବେତନ କିମ୍ବା ଅନୁପସ୍ଥିତି, ଛୁଟି, ଅବସରକାଳୀନ ଭତ୍ତା କିମ୍ବା ଅବସର ଗ୍ରହଣପାଇଁ ବୟସ ସୀମା ସମ୍ବନ୍ଧରେ ଅଧିକାରକୁ, ତାଙ୍କୁ ଅସୁବିଧାରେ ପକାଇବା ପାଇଁ ପରିବର୍ତ୍ତନ କରାଯିବ ନାହିଁ ।

(4) ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକ ପଦନିବୃତ୍ତ ହେବା ପରେ ଭାରତର ସରକାରଙ୍କ ଅଧୀନରେ କିମ୍ବା କୌଣସି ରାଜ୍ୟ ସରକାରଙ୍କ ଅଧୀନରେ କୌଣସି ପଦବୀ ଧାରଣ କରିବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ନାହିଁ ।

(5) ଏହି ସମ୍ବିଧାନର ବ୍ୟବସ୍ଥା ଏବଂ ସଂସଦଦ୍ୱାରା ପ୍ରଣୀତ କୌଣସି ଆଇନର ଅଧୀନରେ ରହି, ଭାରତୀୟ ହିସାବ ଓ ସମୀକ୍ଷା ବିଭାଗରେ କାର୍ଯ୍ୟରତ ବ୍ୟକ୍ତିମାନଙ୍କର ଚାକିରି ସର୍ତ୍ତାବଳୀ ଏବଂ ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକଙ୍କର ପ୍ରଶାସନିକ କ୍ଷମତା ଏପରି ହେବ, ଯାହାକି ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକଙ୍କର ସହିତ ପରାମର୍ଶ କରିବାପରେ, ରାଷ୍ଟ୍ରପତିଙ୍କଦ୍ୱାରା ଧାର୍ଯ୍ୟ କରାଯିବ ।

(6) ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକଙ୍କ କାର୍ଯ୍ୟାଳୟର ପ୍ରଶାସନିକ ଖର୍ଚ୍ଚ ସହିତ ତାଙ୍କର, ତଥା ଉକ୍ତ କାର୍ଯ୍ୟାଳୟରେ କାର୍ଯ୍ୟରତ ବ୍ୟକ୍ତିମାନଙ୍କର କିମ୍ବା ସେମାନଙ୍କ ସମ୍ବନ୍ଧିତ ସମସ୍ତ ଦେୟ ଯଥା ବେତନ, ଭତ୍ତା ଏବଂ ପେନସନ୍ ଭାରତର **ସଞ୍ଚିତ ପାଣ୍ଠି** ଉପରେ ନ୍ୟସ୍ତ କରାଯିବ ।

**149. ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକଙ୍କ କର୍ତ୍ତବ୍ୟ ଏବଂ କ୍ଷମତା—** ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକ କେନ୍ଦ୍ର ଓ ତାହାର ରାଜ୍ୟଗୁଡ଼ିକର କିମ୍ବା କୌଣସି କର୍ତ୍ତୃପକ୍ଷ କିମ୍ବା ସଂସ୍ଥାର ହିସାବପତ୍ର ସମ୍ବନ୍ଧରେ, ସଂସଦଦ୍ୱାରା ପ୍ରସ୍ତୁତ କୌଣସି ଆଇନଦ୍ୱାରା କିମ୍ବା ସେହି ଆଇନ ଅଧୀନରେ ଏପରି କର୍ତ୍ତବ୍ୟ ସମ୍ପାଦନ କରିବେ ଏବଂ ଏପରି କ୍ଷମତା ପରିଚାଳନା କରିବେ, ଯାହାକି ଧାର୍ଯ୍ୟ କରାଯାଇଥିବ ଏବଂ ସେ ସମ୍ବନ୍ଧରେ ଏପରି ବ୍ୟବସ୍ଥା ହେବା ପର୍ଯ୍ୟନ୍ତ, କେନ୍ଦ୍ର ତଥା ରାଜ୍ୟଗୁଡ଼ିକର ହିସାବପତ୍ର ସମ୍ବନ୍ଧରେ ଏପରି କର୍ତ୍ତବ୍ୟ ସମ୍ପାଦନ କରିବେ ଏବଂ ଏପରି କ୍ଷମତା ପରିଚାଳନା କରିବେ, ଯାହାକି ଏହି ସମ୍ବିଧାନର ଠିକ୍ ପ୍ରଚଳନ ପୂର୍ବରୁ, କ୍ରମାନୁଯାୟୀ ଭାରତୀୟ ଅଞ୍ଚଳ ଏବଂ ପ୍ରଦେଶଗୁଡ଼ିକର ହିସାବପତ୍ର ସମ୍ବନ୍ଧରେ, ଭାରତର ମହାଲେଖା ପରୀକ୍ଷକଙ୍କୁ ପ୍ରଦତ୍ତ ହୋଇଥିଲା କିମ୍ବା କ୍ଷମତା ପ୍ରୟୋଗ କରିବା ଯୋଗ୍ୟ ଥିଲା ।

[1][**150. କେନ୍ଦ୍ର ଏବଂ ରାଜ୍ୟଗୁଡ଼ିକର ହିସାବପତ୍ରର ପ୍ରାରୂପ—** କେନ୍ଦ୍ର ଏବଂ ରାଜ୍ୟଗୁଡ଼ିକର ହିସାବପତ୍ର ଏପରି ଭାବରେ ରଖାଯିବ, ଯେପରି ରାଷ୍ଟ୍ରପତି ଭାରତର ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକଙ୍କ [2][ଉପଦେଶ ଅନୁଯାୟୀ] ଧାର୍ଯ୍ୟ କରିବେ ।]

**151. ସମୀକ୍ଷା ବିବରଣୀ—** (1) କେନ୍ଦ୍ରର ହିସାବପତ୍ର ସମ୍ବନ୍ଧରେ ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକଙ୍କ ବିବରଣୀକୁ, ରାଷ୍ଟ୍ରପତିଙ୍କ ନିକଟରେ ଉପସ୍ଥାପନ କରାଯିବ, ସେ ସଂସଦର ପ୍ରତ୍ୟେକ ସଦନରେ ସେଗୁଡ଼ିକର ଉପସ୍ଥାପନ ବ୍ୟବସ୍ଥା କରାଇବେ ।

(2) ଭାରତର ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକଙ୍କଦ୍ୱାରା ପ୍ରଦତ୍ତ କୌଣସି ରାଜ୍ୟର ହିସାବପତ୍ର ସମ୍ବନ୍ଧିତ ବିବରଣୀଗୁଡ଼ିକ, ଉକ୍ତ ରାଜ୍ୟର ରାଜ୍ୟପାଳଙ୍କ [3]***ନିକଟରେ ଦାଖଲ ହେବ ଯାହାକୁ ସେହି ବିଧାନମଣ୍ଡଳରେ ସେ ଉପସ୍ଥାପନ କରାଇବାର ବ୍ୟବସ୍ଥା କରିବେ ।

---

[1] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 27ଦ୍ୱାରା ଅନୁଚ୍ଛେଦ 150 ପାଇଁ ପ୍ରତିସ୍ଥାପିତ (1-4-1977ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 22ଦ୍ୱାରା "ସହିତ ପରାମର୍ଶ ପରେ" ପାଇଁ ପ୍ରତିସ୍ଥାପିତ (20-6-1979ଠାରୁ କାର୍ଯ୍ୟକାରୀ) ।

[3] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା "କିମ୍ବା ରାଜପ୍ରମୁଖ" ଶବ୍ଦଗୁଡ଼ିକୁ ବାଦ୍ ଦିଆଯାଇଛି (1-11-1956ଠାରୁ କାର୍ଯ୍ୟକାରୀ) ।

# ଭାଗ 6

## ରାଜ୍ୟ[1]***

### ଅଧ୍ୟାୟ 1— ସାଧାରଣ

**152. ପରିଭାଷା—** ଏହି ଭାଗରେ, ଯଦି ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁନଥାଏ, "ରାଜ୍ୟ" ପଦ [2][ଜମ୍ମୁ ଏବଂ କାଶ୍ମୀର ରାଜ୍ୟକୁ ଅନ୍ତର୍ଭୁକ୍ତ କରେ ନାହିଁ ]।

### ଅଧ୍ୟାୟ 2— କାର୍ଯ୍ୟପାଳିକା

*ରାଜ୍ୟପାଳ*

**153. ରାଜ୍ୟର ରାଜ୍ୟପାଳ—**ପ୍ରତ୍ୟେକ ରାଜ୍ୟ ନିମନ୍ତେ ଜଣେ ରାଜ୍ୟପାଳ ରହିବେ;

[3][କିନ୍ତୁ, ଏହି ଅନୁଚ୍ଛେଦର କୌଣସି ବ୍ୟବସ୍ଥା, କୌଣସି ବ୍ୟକ୍ତିକୁ ଦୁଇ କିମ୍ବା ତଦୁର୍ଦ୍ଧ୍ୱ ରାଜ୍ୟର ରାଜ୍ୟପାଳଭାବେ ନିଯୁକ୍ତି ପ୍ରଦାନକୁ ପ୍ରତିବନ୍ଧିତ କରିବ ନାହିଁ ।]

**154. ରାଜ୍ୟର କାର୍ଯ୍ୟପାଳିକା କ୍ଷମତା—**(1) ରାଜ୍ୟର ଶାସନ କାର୍ଯ୍ୟ ପରିଚାଳନା କ୍ଷମତା, ରାଜ୍ୟପାଳଙ୍କ ଉପରେ ନ୍ୟସ୍ତ ରହିବ ଏବଂ ସମ୍ବିଧାନ ଅନୁଯାୟୀ, ତାହା ତାଙ୍କଦ୍ୱାରା ପ୍ରତ୍ୟକ୍ଷଭାବେ କିମ୍ବା ତାଙ୍କ ଅଧୀନସ୍ଥ ପଦାଧିକାରୀମାନଙ୍କଦ୍ୱାରା ପରିଚାଳନା କରାଯିବ ।

(2) ଏହି ଅନୁଚ୍ଛେଦର କୌଣସି ବ୍ୟବସ୍ଥା—

(*a*) କୌଣସି ପ୍ରଚଳିତ ଆଇନଦ୍ୱାରା, ଅନ୍ୟ କୌଣସି ଅଧିକାରୀଙ୍କ ଉପରେ ନ୍ୟସ୍ତ କୌଣସି କାର୍ଯ୍ୟ, ରାଜ୍ୟପାଳଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ଧରାଯିବ ନାହିଁ କିମ୍ବା

(*b*) ରାଜ୍ୟପାଳଙ୍କ ଅଧୀନସ୍ଥ କୌଣସି ଅଧିକାରୀଙ୍କ ଉପରେ, ଆଇନଦ୍ୱାରା କୌଣସି କାର୍ଯ୍ୟ ନ୍ୟସ୍ତ କରିବା ପାଇଁ, ସଂସଦଦ୍ୱାରା ରାଜ୍ୟ ବିଧାନମଣ୍ଡଳକୁ ପ୍ରତିବନ୍ଧିତ କରିବ ନାହିଁ ।

**155. ରାଜ୍ୟପାଳଙ୍କ ନିଯୁକ୍ତି—** ରାଷ୍ଟ୍ରପତିଙ୍କ ହସ୍ତଲିଖିତ ଏବଂ ମୋହର ପ୍ରଦତ୍ତ ନିର୍ଦ୍ଦେଶନାମାଦ୍ୱାରା, କୌଣସି ରାଜ୍ୟର ରାଜ୍ୟପାଳଙ୍କୁ ନିଯୁକ୍ତ କରାଯିବ ।

**156. ରାଜ୍ୟପାଳଙ୍କ କାର୍ଯ୍ୟ ଅବଧି—** (1) ରାଜ୍ୟପାଳ, ରାଷ୍ଟ୍ରପତିଙ୍କ ସନ୍ତୁଷ୍ଟି କାଳ ପର୍ଯ୍ୟନ୍ତ ପଦବୀ ଧାରଣ କରିବେ ।

(2) ରାଜ୍ୟପାଳ ରାଷ୍ଟ୍ରପତିଙ୍କୁ ସମ୍ବୋଧିତ କରି, ନିଜ ହସ୍ତଲିଖିତ ପତ୍ର ମାଧ୍ୟମରେ ନିଜ ପଦ ତ୍ୟାଗ କରିପାରିବେ ।

(3) ଏହି ଅନୁଚ୍ଛେଦର ପୂର୍ବବର୍ତ୍ତୀ ବ୍ୟବସ୍ଥାର ଅଧୀନରେ ରହି, କୌଣସି ରାଜ୍ୟପାଳ, ନିଜ ପଦଗ୍ରହଣର ତାରିଖରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ପଦବୀ ଧାରଣ କରିବେ:

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା "**ପ୍ରଥମ ଅନୁସୂଚୀର ଭାଗ A**" ଶବ୍ଦଗୁଡ଼ିକୁ ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀ ଦ୍ୱାରା "ପ୍ରଥମ ଅନୁସୂଚୀର ଭାଗ A ରେ "ନିର୍ଦ୍ଦିଷ୍ଟ ଏକ ରାଜ୍ୟକୁ ବୁଝାଏ" ପାଇଁ ପ୍ରତିସ୍ଥାପିତ (1-11-1956 ଠାରୁ କାର୍ଯ୍ୟକାରୀ)।

[3] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 6 ଦ୍ୱାରା ସଂଯୁକ୍ତ କରାଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ )।

କିନ୍ତୁ, କୌଣସି ରାଜ୍ୟପାଳ, ତାଙ୍କର କାର୍ଯ୍ୟକାଳ ସମାପ୍ତି ପରେ ମଧ୍ୟ ଯେପର୍ଯ୍ୟନ୍ତ ତାଙ୍କର ଉତ୍ତରାଧିକାରୀ ପଦଭାର ଗ୍ରହଣ କରିନାହାଁନ୍ତି, ସେପର୍ଯ୍ୟନ୍ତ ସେ ଦାୟିତ୍ୱରେ ରହିବେ ।

**157. ରାଜ୍ୟପାଳ ଭାବେ ନିଯୁକ୍ତି ନିମନ୍ତେ ଯୋଗ୍ୟତା—** ରାଜ୍ୟପାଳଭାବେ ନିଯୁକ୍ତ ହେବା ପାଇଁ ଯୋଗ୍ୟ ବ୍ୟକ୍ତି ଭାରତୀୟ ନାଗରିକ ହୋଇଥିବେ ଏବଂ ତାଙ୍କର ବୟସ ଅତିକମରେ 35 ବର୍ଷ ହୋଇଥିବ ।

**158. ରାଜ୍ୟପାଳ ପଦବୀ ନିମନ୍ତେ ସର୍ତ୍ତାବଳୀ—** (1) ରାଜ୍ୟପାଳ, ସଂସଦର କୌଣସି ସଦନର ସଦସ୍ୟ ହୋଇନଥିବେ କିମ୍ବା ପ୍ରଥମ ଅନୁସୂଚୀରେ ନିର୍ଦ୍ଦିଷ୍ଟ କରାଯାଇଥିବା କୌଣସି ରାଜ୍ୟର ବିଧାନମଣ୍ଡଳର ସଦସ୍ୟ ହୋଇନଥିବେ ଏବଂ ଯଦି ସଂସଦର କୌଣସି ସଦନର ସଦସ୍ୟ କିମ୍ବା ଏପରି କୌଣସି ରାଜ୍ୟ ବିଧାନମଣ୍ଡଳର କୌଣସି ସଦନର ସଦସ୍ୟ, ରାଜ୍ୟପାଳଭାବେ ନିଯୁକ୍ତ ହୁଅନ୍ତି, ତା'ହେଲେ ଯେଉଁ ତାରିଖରେ ସେ ପଦଭାର ଗ୍ରହଣ କଲେ, ସେହି ତାରିଖରୁ ଉକ୍ତ ସଦନରୁ ସେ ତାଙ୍କର ଆସନ ଖାଲି କରିଛନ୍ତି ବୋଲି ଧରାଯିବ ।

(2) ରାଜ୍ୟପାଳ, ଅନ୍ୟ କୌଣସି ଲାଭଜନକ ପଦବୀ ଧାରଣ କରିବେ ନାହିଁ ।

(3) ରାଜ୍ୟପାଳ ତାଙ୍କର କାର୍ଯ୍ୟାଳୟ ବାସସ୍ଥାନ ବିନାଦେୟରେ ବ୍ୟବହାର କରିବା ପାଇଁ ଏବଂ ଏଭଳି ପଦଭୋଗ, ଭତ୍ତା ଓ ସୁବିଧା ସୁଯୋଗ ପାଇବାପାଇଁ ଅଧିକାରପ୍ରାପ୍ତ ହେବ, ଯାହା ଆଇନ ଓ ସଂସଦଦ୍ୱାରା ସ୍ଥିର କରାଯିବ ଏବଂ ଯେପର୍ଯ୍ୟନ୍ତ ଏହା ନିମନ୍ତେ କୌଣସି ବ୍ୟବସ୍ଥା କରାନଯାଇଛି, ସେ ପର୍ଯ୍ୟନ୍ତ ଏପରି ପଦଭୋଗ, ଭତ୍ତା ଓ ସୁବିଧା ସୁଯୋଗ ଉପଭୋଗ କରିବେ ଯାହା ଦ୍ୱିତୀୟ ଅନୁସୂଚୀରେ ଉଲ୍ଲେଖିତ ଅଛି ।

[1][(3A) ଯେଉଁ ସ୍ଥଳରେ ଜଣେ ବ୍ୟକ୍ତି, ଦୁଇ କିମ୍ବା ଅଧିକ ରାଜ୍ୟର ରାଜ୍ୟପାଳଭାବେ ନିଯୁକ୍ତ ହୁଅନ୍ତି, ସେପରିସ୍ଥଳେ ଉକ୍ତ ରାଜ୍ୟପାଳଙ୍କୁ ଦେୟ ପଦଭୋଗ ଏବଂ ଭତ୍ତା, ଉକ୍ତ ରାଜ୍ୟଗୁଡ଼ିକ ମଧ୍ୟରେ ଏପରି ଅନୁପାତରେ ଆବଣ୍ଟନ କରାଯିବ, ଯାହା ରାଷ୍ଟ୍ରପତି ଆଦେଶଦ୍ୱାରା ସ୍ଥିରୀକୃତ ହେବ ।]

(4) ରାଜ୍ୟପାଳଙ୍କ କାର୍ଯ୍ୟକାଳ ସମୟରେ ତାଙ୍କର ବେତନ ଏବଂ ଭତ୍ତାକୁ ହ୍ରାସ କରାଯିବ ନାହିଁ ।

**159. ରାଜ୍ୟପାଳଙ୍କଦ୍ୱାରା ଶପଥ ଗ୍ରହଣ ବା ସଙ୍କଳ୍ପବଦ୍ଧତା —** ପ୍ରତ୍ୟେକ ରାଜ୍ୟପାଳ କିମ୍ବା ରାଜ୍ୟପାଳଙ୍କ କାର୍ଯ୍ୟ ସମ୍ପାଦନ କରୁଥିବା ପ୍ରତ୍ୟେକ ବ୍ୟକ୍ତି, ପଦବୀ ଗ୍ରହଣ କରିବା ପୂର୍ବରୁ, ଉକ୍ତ ରାଜ୍ୟ ଉପରେ କର୍ତ୍ତୃତ୍ୱ ଥିବା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶ କିମ୍ବା ତାଙ୍କର ଅନୁପସ୍ଥିତରେ ସେହି ନ୍ୟାୟାଳୟରେ ବରିଷ୍ଠତମ ନ୍ୟାୟାଧୀଶଙ୍କ ସମ୍ମୁଖରେ ନିମ୍ନଲିଖିତ ଶୈଳୀରେ ଈଶ୍ୱରଙ୍କ ନାମରେ ଶପଥ ଗ୍ରହଣ କିମ୍ବା ଦୃଢ଼ ଘୋଷଣା ବା ସଙ୍କଳ୍ପବଦ୍ଧ ହେବେ ଏବଂ ତାହା ଉପରେ ନିଜର ଦସ୍ତଖତ ଦେବେ —

"ମୁଁ (ନିଜ ନାମ)., $\frac{\text{ଈଶ୍ୱରଙ୍କ ନାମରେ ଶପଥ କରୁଛି}}{\text{ସତ୍ୟନିଷ୍ଠା ସହ ପ୍ରତିଜ୍ଞା କରୁଛି}}$ ଯେ ମୁଁ ବିଶ୍ୱସ୍ତଭାବେ..... *(ରାଜ୍ୟର ନାମ)* ର ପଦର କାର୍ଯ୍ୟ ସମ୍ପାଦନ (କିମ୍ବା ରାଜ୍ୟପାଳଙ୍କ କାର୍ଯ୍ୟ ନିର୍ବାହ) କରିବି ଏବଂ ମୋର ସାମର୍ଥ୍ୟ ଅନୁଯାୟୀ ସମ୍ବିଧାନ ଓ ଆଇନର ସଂରକ୍ଷଣ, ସୁରକ୍ଷା ଓ ପ୍ରତିରକ୍ଷା କରିବି ଏବଂ ମୁଁ............*(ରାଜ୍ୟର ନାମ)* ର ଜନତା ଏବଂ ସେବା ଓ କଲ୍ୟାଣରେ ନିଜକୁ ସମର୍ପିତ କରିବି ।"

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 7ଦ୍ୱାରା ସନ୍ନିବେଶିତ (1-11-1956ଠାରୁ କାର୍ଯ୍ୟକାରୀ) ।

**160. ନିର୍ଦ୍ଦିଷ୍ଟ ଜରୁରୀକାଳୀନ ପରିସ୍ଥିତିରେ ରାଜ୍ୟପାଳଙ୍କ କାର୍ଯ୍ୟନିର୍ବାହ—** ଏହି ଅଧ୍ୟାୟରେ ବ୍ୟବସ୍ଥାୟିତ ହୋଇନଥିବା କୌଣସି ଜରୁରୀକାଳୀନ ପରିସ୍ଥିତିରେ, କୌଣସି ରାଜ୍ୟର ରାଜ୍ୟପାଳଙ୍କ କାର୍ଯ୍ୟ ସମ୍ପାଦନ କରିବା ପାଇଁ, ରାଷ୍ଟ୍ରପତି ଯେପରି ଉପଯୁକ୍ତ ମନେ କରିବେ ସେପରି ବ୍ୟବସ୍ଥା କରିବେ ।

**161. କେତେକ କ୍ଷେତ୍ରରେ କ୍ଷମା ପ୍ରଦାନ କରିବା ଇତ୍ୟାଦି ଏବଂ କୌଣସି ଦଣ୍ଡ ସ୍ଥଗିତ କରିବା, ହ୍ରାସ କରିବା କିମ୍ବା ଛାଡ଼ କରିବା ବା କ୍ଷମା କରିବାରେ ରାଜ୍ୟପାଳଙ୍କ କ୍ଷମତା—** କେତେକ ଦଣ୍ଡରେ କ୍ଷମା ପ୍ରଦାନ କରିବା, ଦଣ୍ଡ ହ୍ରାସ କରିବା କିମ୍ବା ଲାଘବ କରିବା ପାଇଁ କିମ୍ବା କୌଣସି ବିଷୟ ସମ୍ବନ୍ଧରେ କୌଣସି ଆଇନ ବିରୋଧରେ, କୌଣସି ଅପରାଧରେ ଦୋଷୀ ସାବ୍ୟସ୍ତ ବ୍ୟକ୍ତିର ଦଣ୍ଡକୁ ଖାରଜ କରିବା, ହ୍ରାସ କରିବା କିମ୍ବା କ୍ଷମା କରିବା ପାଇଁ, ରାଜ୍ୟପାଳଙ୍କ କ୍ଷମତା ଅଛି, ଯେଉଁଥିପାଇଁ ସେହି ରାଜ୍ୟର କାର୍ଯ୍ୟପାଳିକା କ୍ଷମତାର ପରିବ୍ୟାପ୍ତି ରହିଛି ।

**162. ରାଜ୍ୟର କାର୍ଯ୍ୟନିର୍ବାହୀ କ୍ଷମତାର ପରିସର—** ଏହି ସମ୍ବିଧାନର ବ୍ୟବସ୍ଥା ନିୟନ୍ତ୍ରଣାଧୀନରେ, କୌଣସି ରାଜ୍ୟର ଶାସନକାର୍ଯ୍ୟ ପରିଚାଳନା କ୍ଷମତା, ସେହି ସମସ୍ତ ବିଷୟ ପ୍ରତି ପରିବର୍ଦ୍ଧିତ ହେବ, ଯାହା ସମ୍ବନ୍ଧରେ ରାଜ୍ୟ ବିଧାନମଣ୍ଡଳର ନିୟମ ବା ଆଇନ ପ୍ରଣୟନ କରିବା କ୍ଷମତା ରହିଛି:

କିନ୍ତୁ, କୌଣସି ବିଷୟରେ ଯାହା ସମ୍ବନ୍ଧରେ କୌଣସି ରାଜ୍ୟ ବିଧାନମଣ୍ଡଳ ଏବଂ ସଂସଦ, ଉଭୟର ଆଇନ ପ୍ରଣୟନ କରିବା କ୍ଷମତା ଅଛି, ସେ ପରିସ୍ଥିତିରେ ରାଜ୍ୟର କାର୍ଯ୍ୟନିର୍ବାହୀ କ୍ଷମତା, ଏହି ସମ୍ବିଧାନଦ୍ୱାରା ବା ସଂସଦଦ୍ୱାରା ପ୍ରସ୍ତୁତ କୌଣସି ଆଇନଦ୍ୱାରା କେନ୍ଦ୍ର ବା ତା'ର କର୍ତ୍ତୃପକ୍ଷଙ୍କ ସ୍ପଷ୍ଟଭାବେ ଦିଆଯାଇଥିବା କାର୍ଯ୍ୟନିର୍ବାହୀ କ୍ଷମତାର ଅଧୀନ ଏବଂ ସୀମାବଦ୍ଧ ହେବ ।

*ମନ୍ତ୍ରୀ ପରିଷଦ*

**163. ମନ୍ତ୍ରୀ ପରିଷଦର ରାଜ୍ୟପାଳଙ୍କୁ ସହାୟତା ଏବଂ ଉପଦେଶ ପ୍ରଦାନ—** (1) ସମ୍ବିଧାନର ଆବଶ୍ୟକତା ଅନୁଯାୟୀ, ତାଙ୍କର ସ୍ୱାଧୀନ ଇଚ୍ଛାରେ ଯେଉଁ କାର୍ଯ୍ୟ ସେ ନିଜେ ପରିଚାଳନା କରିପାରିବେ, ତା'ବ୍ୟତୀତ ରାଜ୍ୟପାଳଙ୍କ କାର୍ଯ୍ୟ ପରିଚାଳନାରେ ତାଙ୍କୁ ସାହାଯ୍ୟ କରିବା ଏବଂ ଉପଦେଶ ପ୍ରଦାନ କରିବା ନିମନ୍ତେ, ଏକ ମନ୍ତ୍ରୀପରିଷଦ ରହିବ ଯାହାର ପ୍ରଧାନ, ମୁଖ୍ୟମନ୍ତ୍ରୀ ରହିବେ ।

(2) ଯଦି କୌଣସି ପ୍ରଶ୍ନ ଉଠେ ଯେ, କୌଣସି ବିଷୟ ଯାହା ସମ୍ବନ୍ଧରେ ରାଜ୍ୟପାଳ, ଏହି ସମ୍ବିଧାନ ଅନୁଯାୟୀ କିମ୍ବା ସମ୍ବିଧାନଦ୍ୱାରା, ତାଙ୍କର ସ୍ୱଇଚ୍ଛା ବା ବିବେକ ଅନୁଯାୟୀ କାର୍ଯ୍ୟ କରିବେ, ସେପରିସ୍ଥଳେ ତାଙ୍କର ସ୍ୱଇଚ୍ଛା ଅନୁଯାୟୀ ରାଜ୍ୟପାଳଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ହେବ ଏବଂ ରାଜ୍ୟପାଳଙ୍କଦ୍ୱାରା ପ୍ରସ୍ତୁତ କୌଣସି କାର୍ଯ୍ୟର ବୈଧତା ଉପରେ, ସେ ତାଙ୍କର ସ୍ୱଇଚ୍ଛାରେ ବା ବିବେକରେ ଏପରି କାର୍ଯ୍ୟ କରିବା ଉଚିତ ବା ଅନୁଚିତ, ସେପରି କୌଣସି ପ୍ରଶ୍ନ ଉଠାଯିବ ନାହିଁ ।

(3) ରାଜ୍ୟପାଳଙ୍କୁ ମନ୍ତ୍ରୀମାନଙ୍କଦ୍ୱାରା ଯଦି କୌଣସି ଉପଦେଶ ପ୍ରଦାନ କରାଯାଇଥାଏ କିମ୍ବା କ'ଣ ଉପଦେଶ ପ୍ରଦାନ କରାଗଲା, ସେ ବିଷୟରେ କୌଣସି ନ୍ୟାୟାଳୟ ତଦନ୍ତ କରିପାରିବ ନାହିଁ ।

**164. ମନ୍ତ୍ରୀମାନଙ୍କ ସମ୍ବନ୍ଧରେ ଅନ୍ୟ ବ୍ୟବସ୍ଥା—** (1) ରାଜ୍ୟପାଳଙ୍କଦ୍ୱାରା ମୁଖ୍ୟମନ୍ତ୍ରୀ ନିଯୁକ୍ତ ହେବେ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉପଦେଶ ଅନୁଯାୟୀ ଅନ୍ୟ ମନ୍ତ୍ରୀମାନେ, ରାଜ୍ୟପାଳଙ୍କଦ୍ୱାରା ନିଯୁକ୍ତ ହେବେ ଏବଂ ରାଜ୍ୟପାଳଙ୍କ ସନ୍ତୁଷ୍ଟି କାଳ ପର୍ଯ୍ୟନ୍ତ, ମନ୍ତ୍ରୀମାନେ ସେମାନଙ୍କର ପଦବୀରେ ରହିବେ:

କିନ୍ତୁ, [1][ଛତିଶଗଡ଼, ଝାଡ଼ଖଣ୍ଡ], ମଧ୍ୟପ୍ରଦେଶ ଏବଂ [2][ଓଡ଼ିଶା] ପ୍ରଭୃତି ରାଜ୍ୟରେ, ଜନଜାତି ଅଧ୍ୟୁଷିତ ଅଞ୍ଚଳର କଲ୍ୟାଣ ଦାୟିତ୍ୱରେ ଜଣେ ମନ୍ତ୍ରୀ ରହିବେ, ଯିଏ ତାଙ୍କ କାର୍ଯ୍ୟ ସହିତ, ଅନୁସୂଚିତ ଜାତି ଏବଂ ପଛୁଆ ବର୍ଗ ଶ୍ରେଣୀର କଲ୍ୟାଣ ଦାୟିତ୍ୱ କିମ୍ବା ଅନ୍ୟ ଯେକୌଣସି କାର୍ଯ୍ୟର ଦାୟିତ୍ୱରେ ରହିବେ ।

[3][(1A) କୌଣସି ରାଜ୍ୟର ମନ୍ତ୍ରୀ ପରିଷଦରେ ମୁଖ୍ୟମନ୍ତ୍ରୀଙ୍କ ସହିତ, ସମୁଦାୟ ମନ୍ତ୍ରୀଙ୍କ ସଂଖ୍ୟା, ଉକ୍ତ ରାଜ୍ୟର ବିଧାନସଭାର ସମୁଦାୟ ସଦସ୍ୟଙ୍କର ପନ୍ଦର ପ୍ରତିଶତରୁ ଅଧିକ ହେବ ନାହିଁ:

କିନ୍ତୁ କୌଣସି ରାଜ୍ୟରେ ମୁଖ୍ୟମନ୍ତ୍ରୀଙ୍କ ସହିତ, ସମୁଦାୟ ମନ୍ତ୍ରୀଙ୍କ ସଂଖ୍ୟା 12ରୁ କମ୍ ହେବ ନାହିଁ :

ଅଧିକନ୍ତୁ, ସମ୍ବିଧାନର (91ତମ ସଂଶୋଧନ) ଅଧିନିୟମ, 2003ର ପ୍ରାରମ୍ଭରେ କୌଣସି ରାଜ୍ୟର ମନ୍ତ୍ରୀ ପରିଷଦରେ ମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ତ୍ରୀମାନଙ୍କର ସମୁଦାୟ ସଂଖ୍ୟା, ଉକ୍ତ ପନ୍ଦର ପ୍ରତିଶତକୁ ଅତିକ୍ରମ କରେ କିମ୍ବା ପ୍ରଥମ ସର୍ତ୍ତରେ ଧାର୍ଯ୍ୟ ସଂଖ୍ୟାକୁ ଅତିକ୍ରମ କରେ, ତାହେଲେ ଏପରି ଘଟିଥିବା ତାରିଖରୁ ଛଅମାସ ସମୟ[4] ମଧ୍ୟରେ ଏହି ଖଣ୍ଡର ବ୍ୟବସ୍ଥା ସହିତ ସମନ୍ୱୟ ରକ୍ଷା କରି ଉକ୍ତ ରାଜ୍ୟର ସମୁଦାୟ ମନ୍ତ୍ରୀ ସଂଖ୍ୟା ଏପରି ହେବ, ଯେପରି ରାଷ୍ଟ୍ରପତି ସରକାରୀ ବିଜ୍ଞପ୍ତିଦ୍ୱାରା ଧାର୍ଯ୍ୟ କରିବେ ।

(1B) କୌଣସି ରାଜ୍ୟର ବିଧାନସଭା କିମ୍ବା ବିଧାନମଣ୍ଡଳ ଥିବା ଯେକୌଣସି ସଦନ, ଯେଉଁଥିରେ ବିଧାନ ପରିଷଦ ମଧ୍ୟ ରହିଛି; ତାହାର ଜଣେ ସଦସ୍ୟ ଯିଏକି କୌଣସି ରାଜନୈତିକ ଦଳର ହୋଇଥାନ୍ତି, ଯିଏ ଦଶମ ଅନୁସୂଚୀ ପରିଚ୍ଛେଦ (2) ଅନୁଯାୟୀ, ଉକ୍ତ ସଦନର ଜଣେ ସଦସ୍ୟ ହେବା ନିମନ୍ତେ ଅଯୋଗ୍ୟ ଅଟନ୍ତି, ସେହି ସମୟ ମଧ୍ୟରେ ଖଣ୍ଡ (1) ଅନୁଯାୟୀ ଜଣେ ମନ୍ତ୍ରୀଭାବେ ନିଯୁକ୍ତ ହେବା ନିମନ୍ତେ ମଧ୍ୟ ଅଯୋଗ୍ୟ ହେବେ, ଯାହାକି ତାଙ୍କର ଏପରି ଅଯୋଗ୍ୟ ହେବା ତାରିଖରୁ ଆରମ୍ଭ ହୋଇ ସେହି ତାରିଖ ପର୍ଯ୍ୟନ୍ତ ଚାଲେ, ଯେବେ ଏପରି ସଦସ୍ୟଭାବେ ତାଙ୍କର କାର୍ଯ୍ୟକାଳ ସମାପ୍ତ ହେବ, କିମ୍ବା ଯେଉଁ ସ୍ଥଳରେ ସେ କୌଣସି ବିଧାନସଭା କିମ୍ବା ବିଧାନ ପରିଷଦ ଥିବା କୌଣସି ରାଜ୍ୟର ପରିଷଦର କୌଣସି ସଦନ ନିମନ୍ତେ କୌଣସି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରନ୍ତି, ଯଥାସ୍ଥିତିରେ ଯେପରି ପ୍ରଯୁଜ୍ୟ ହେବ ଯେଉଁସ୍ଥଳରେ ଯେପରି ପ୍ରୟୋଗନୀୟ ଏବଂ ତାହା ଏପରି ସମୟ ଅତିବାହିତ ହେବା ପୂର୍ବରୁ ସେହି ତାରିଖ ପର୍ଯ୍ୟନ୍ତ ହେବ ଯେବେ ସେ ନିର୍ବାଚିତ ବୋଲି ଘୋଷିତ ହୁଅନ୍ତି; ତନ୍ମଧ୍ୟରୁ ଯେଉଁଟି ଆଗ ହୋଇଥିବ ।]

(2) ମନ୍ତ୍ରୀ ପରିଷଦ, ସାମୂହିକ ଭାବେ, ରାଜ୍ୟ ବିଧାନସଭା ନିକଟରେ ଦାୟୀ ରହିବେ ।

(3) କୌଣସି ମନ୍ତ୍ରୀ ତାଙ୍କ ପଦଭାର ଗ୍ରହଣ କରିବା ପର୍ବରୁ, ରାଜ୍ୟପାଳ, ଏହି ଉଦ୍ଦେଶ୍ୟରେ, ତୃତୀୟ ଅନୁସୂଚୀରେ ଉଲ୍ଲେଖ କରାଯାଇଥିବା ପ୍ରାରୂପ ଅନୁଯାୟୀ, ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇବେ।

---

[1] ସମ୍ବିଧାନ (94ତମ ସଂଶୋଧନ) ଅଧିନିୟମ, 2006, ଧାରା 2ଦ୍ୱାରା "ବିହାର" ପାଇଁ ପ୍ରତିସ୍ଥାପିତ (12-6-2006 ଠାରୁ କାର୍ଯ୍ୟକାରୀ)

[2] ଓଡ଼ିଶା (ନାମ ପରିବର୍ତ୍ତନ) ଅଧିନିୟମ, 2011 (2011 ର 15), ଧାରା 4ଦ୍ୱାରା "ଓଡ଼ିଶା" ପାଇଁ ପ୍ରତିସ୍ଥାପିତ (1-11-2011 ଠାରୁ କାର୍ଯ୍ୟକାରୀ) ।

[3] ସମ୍ବିଧାନ (91ତମ ସଂଶୋଧନ) ଅଧିନିୟମ, 2003, ଧାରା 3ଦ୍ୱାରା ସନ୍ନିବେଶିତ (1-1-2004 ଠାରୁ କାର୍ଯ୍ୟକାରୀ) ।

[4] ବିଜ୍ଞପ୍ତି ସଂଖ୍ୟା S.O. 21(E), ତାରିଖ 7-1-2004 ମାଧ୍ୟମରେ ।

(4) କୌଣସି ମନ୍ତ୍ରୀ, ଯିଏ ଲଗାତାର ଛଅମାସ ମଧ୍ୟରେ କୌଣସି ସମୟରେ ରାଜ୍ୟ ବିଧାନମଣ୍ଡଳର ସଦସ୍ୟ ହୋଇ ନଥାଆନ୍ତି, ସେ ଉକ୍ତ ଅବଧିର ଅବସାନ ହେଲେ, ମନ୍ତ୍ରୀ ରହିବେ ନାହିଁ ।

(5) ମନ୍ତ୍ରୀମାନଙ୍କର ବେତନ ଏବଂ ଭତ୍ତା ରାଜ୍ୟ ବିଧାନମଣ୍ଡଳ ସମୟାନୁକ୍ରମେ ଆଇନଦ୍ୱାରା ସ୍ଥିର କରିବେ ଏବଂ ଯେପର୍ଯ୍ୟନ୍ତ ରାଜ୍ୟ ବିଧାନମଣ୍ଡଳ ସେପରି ନିର୍ଦ୍ଧାରଣ ନକରିଛନ୍ତି ସେପର୍ଯ୍ୟନ୍ତ ଦ୍ୱିତୀୟ ଅନୁସୂଚୀରେ ଯେପରି ଧାର୍ଯ୍ୟ ହୋଇଛି ତାହା ହେବ ।

*ରାଜ୍ୟର ମହା-ଅଧିବକ୍ତା*

**165. ରାଜ୍ୟର ମହା-ଅଧିବକ୍ତା—** (1) ପ୍ରତ୍ୟେକ ରାଜ୍ୟର ରାଜ୍ୟପାଳ, କୌଣସି ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶ ହେବା ନିମନ୍ତେ ଯୋଗ୍ୟ ଥିବା କୌଣସି ବ୍ୟକ୍ତିଙ୍କୁ ରାଜ୍ୟର ମହାଅଧିବକ୍ତାଭାବେ ନିଯୁକ୍ତ କରିବେ।

(2) ଆଇନଗତ ବିଷୟ ଉପରେ ରାଜ୍ୟସରକାରଙ୍କୁ ଉପଦେଶ ପ୍ରଦାନ କରିବା ହେଉଛି ମହାଅଧିବକ୍ତାଙ୍କ କର୍ତ୍ତବ୍ୟ ଏବଂ ଅନ୍ୟ ଆଇନଗତ କାର୍ଯ୍ୟ ସେ ସମ୍ପାଦନ କରିବେ ଯାହାକି ରାଜ୍ୟପାଳ, ତାଙ୍କ ଉପରେ ସମୟାନୁକ୍ରମେ ସମ୍ବିଧାନ ଅନୁଯାୟୀ କିମ୍ବା ସେହି ସମୟରେ ବଳବତ୍ତର ଥିବା କୌଣସି ଆଇନ ଅନୁଯାୟୀ, ତାଙ୍କ ଉପରେ ପ୍ରଦାନ କରାଯାଇଥିବା କାର୍ଯ୍ୟ ସମ୍ପାଦନ କରିବେ ।

(3) ରାଜ୍ୟପାଳଙ୍କ ସନ୍ତୁଷ୍ଟିକାଳ ପର୍ଯ୍ୟନ୍ତ ମହାଅଧିବକ୍ତା ତାଙ୍କର ପଦବୀ ଧାରଣ କରିବେ ଏବଂ ରାଜ୍ୟପାଳଙ୍କଦ୍ୱାରା ନିର୍ଦ୍ଧାରିତ ହୋଇଥିବା ବେତନ ପାଇବେ ।

*ସରକାରୀ କାର୍ଯ୍ୟ ପରିଚାଳନା*

**166. ରାଜ୍ୟ ସରକାରଙ୍କ କାର୍ଯ୍ୟ ପରିଚାଳନା—** (1) ରାଜ୍ୟ ସରକାରଙ୍କ ସମସ୍ତ ଶାସନ କାର୍ଯ୍ୟ ପରିଚାଳନାକୁ, ରାଜ୍ୟପାଳଙ୍କ ନାମରେ ଜ୍ଞାତ ବୋଲି ଅଭିବ୍ୟକ୍ତ ହେବ ।

(2) ରାଜ୍ୟପାଳଙ୍କ ନାମରେ ପ୍ରଦାନ କରାଯାଇଥିବା ଆଦେଶ ଏବଂ ସମ୍ପାଦିତ ହୋଇଥିବା ଦଲିଲ୍, ରାଜ୍ୟପାଳଙ୍କଦ୍ୱାରା ପ୍ରଣୀତ ହୋଇଥିବା ନିୟମାବଳୀରେ ଧାର୍ଯ୍ୟ ପଦ୍ଧତି ଅନୁଯାୟୀ ସଠିକ୍ କରାଯିବ ଏବଂ ଏପରି ସଠିକ୍ ହୋଇଥିବା କୌଣସି ଆଦେଶ କିମ୍ବା ଦଲିଲକୁ, ତାହା ରାଜ୍ୟପାଳଙ୍କଦ୍ୱାରା ପ୍ରଦାନ କରାଯାଇନାହିଁ କିମ୍ବା ସଠିକ୍ କରାଯାଇନାହିଁ ବୋଲି, କୌଣସି ଆପତ୍ତି କରାଯିବ ନାହିଁ ।

(3) ରାଜ୍ୟ ସରକାରଙ୍କ କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ରାଜ୍ୟପାଳ, ନିୟମାବଳୀ ପ୍ରଣୟନ କରିବେ ଏବଂ ସମ୍ବିଧାନ ଅନୁଯାୟୀ ଯେଉଁ କାର୍ଯ୍ୟ ରାଜ୍ୟପାଳ ନିଜ ସ୍ୱାଧୀନ ଇଚ୍ଛା ଅନୁଯାୟୀ କରିପାରିବେ, ତା'ବ୍ୟତୀତ ଅନ୍ୟ କାର୍ଯ୍ୟକୁ ମନ୍ତ୍ରୀମାନଙ୍କ ମଧ୍ୟରେ ଆବଣ୍ଟନ କରିବେ ।

[1](4)* * * * *

**167. ରାଜ୍ୟପାଳଙ୍କୁ ସୂଚନା ଯୋଗାଇବା ଇତ୍ୟାଦି ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀଙ୍କ କର୍ତ୍ତବ୍ୟ—** ପ୍ରତ୍ୟେକ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କର ଏହା କର୍ତ୍ତବ୍ୟ ହେବ—

(*a*) ରାଜ୍ୟର କାର୍ଯ୍ୟ ସମୂହର ପରିଚାଳନା ସମ୍ବନ୍ଧୀୟ ମନ୍ତ୍ରୀପରିଷଦର ସମସ୍ତ ନିଷ୍ପତ୍ତି ଓ ଆଇନ ପ୍ରଣୟନ ପାଇଁ ଦିଆଯାଇଥିବା ପ୍ରସ୍ତାବ ଗୁଡ଼ିକୁ ରାଜ୍ୟପାଳଙ୍କୁ ଅବଗତ କରାଇବା;

(*b*) ରାଜ୍ୟ ପ୍ରଶାସନ ସମ୍ବନ୍ଧରେ ଏବଂ ଆଇନ ପ୍ରଣୟନ ସମ୍ବନ୍ଧରେ, ରାଜ୍ୟପାଳ ଆହ୍ୱାନ କରିଥିବା ସମସ୍ତ ତଥ୍ୟ, ତାଙ୍କୁ ପ୍ରଦାନ କରିବା; ଏବଂ

(*c*) କୌଣସି ମନ୍ତ୍ରୀ ଯଦି କୌଣସି ବିଷୟ ଉପରେ ନିଷ୍ପତ୍ତି ନେଇଛନ୍ତି, କିନ୍ତୁ ତାହା ମନ୍ତ୍ରୀ ପରିଷଦଦ୍ୱାରା ବିଚାର କରାଯାଇନଥାଏ, ଯଦି ରାଜ୍ୟପାଳ ସେ ବିଷୟକୁ ଆବଶ୍ୟକ ମନେ କରନ୍ତି ତେବେ ମନ୍ତ୍ରୀ ପରିଷଦର ବିଚାର ତାଙ୍କ ନିକଟରେ ଉପସ୍ଥାପନ କରିପାରିବେ ।

## ଅଧ୍ୟାୟ 3— ରାଜ୍ୟ ବିଧାନମଣ୍ଡଳ

*ସାଧାରଣ*

**168. ରାଜ୍ୟଗୁଡ଼ିକରେ ବିଧାନମଣ୍ଡଳ ଗଠନ—**(1) ପ୍ରତ୍ୟେକ ରାଜ୍ୟ ନିମନ୍ତେ ଏକ ବିଧାନମଣ୍ଡଳ ରହିବ, ଯେଉଁଥିରେ, ରାଜ୍ୟପାଳ, ଏବଂ —

(*a*) ରାଜ୍ୟ- [2]*** [3][ଆନ୍ଧ୍ରପ୍ରଦେଶ], ବିହାର, [4]*** [5][ମଧ୍ୟପ୍ରଦେଶ],[6]*** [7][ମହାରାଷ୍ଟ୍ର], [8][କର୍ଣ୍ଣାଟକ], [9]***

---

[1] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 28ଦ୍ୱାରା ସନ୍ନିବେଶିତ (3-1-1977ଠାରୁ କାର୍ଯ୍ୟକାରୀ) ଏବଂ ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 23ଦ୍ୱାରା ବାଦ୍ ଦିଆଯାଇଛି (20-6-1979ଠାରୁ କାର୍ଯ୍ୟକାରୀ) ।

[2] ଆନ୍ଧ୍ରପ୍ରଦେଶ ବିଧାନ ପରିଷଦ (ଉଚ୍ଛେଦ) ଅଧିନିୟମ, 1985 (1985ର 34ନଂ), ଧାରା 4 ଦ୍ୱାରା "ଆନ୍ଧ୍ରପ୍ରଦେଶ" ଶବ୍ଦଗୁଡ଼ିକୁ ବାଦ୍ ଦିଆଯାଇଛି (1-6-1985ଠାରୁ କାର୍ଯ୍ୟକାରୀ) ।

[3] ଆନ୍ଧ୍ରପ୍ରଦେଶ ବିଧାନ ପରିଷଦ ଅଧିନିୟମ, 2005 (2006ରେ 1ନଂ), ଧାରା 3 ଦ୍ୱାରା ସନ୍ନିବେଶିତ (30-3-2007ଠାରୁ କାର୍ଯ୍ୟକାରୀ)।

[4] ବମ୍ବେ ପୁନର୍ଗଠନ ଅଧିନିୟମ, 1960 (1960ର 11ନଂ) ଧାରା 20ଦ୍ୱାରା "ବମ୍ବେ" ଶବ୍ଦକୁ ବାଦ୍ ଦିଆଯାଇଛି (1-5-1960ଠାରୁ କାର୍ଯ୍ୟକାରୀ) ।

[5] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 8ଦ୍ୱାରା ସନ୍ନିବେଶିତ (1-11-1956 ଠାରୁ କାର୍ଯ୍ୟକାରୀ)।

[6] ତାମିଲନାଡୁ ବିଧାନ ପରିଷଦ (ଉଚ୍ଛେଦ) ଅଧିନିୟମ, 1986 (1986 ର 40), ଧାରା 4 ଦ୍ୱାରା "ତାମିଲନାଡୁ" ଶବ୍ଦଗୁଡ଼ିକ ବାଦ୍ ଦିଆଯାଇଛି (1-11-1986 ଠାରୁ କାର୍ଯ୍ୟକାରୀ) ।

[7] ବମ୍ବେ ପୁନର୍ଗଠନ ଅଧିନିୟମ, 1960 (1960ର 11ନଂ), ଧାରା 20ଦ୍ୱାରା ସନ୍ନିବେଶିତ (1-5-1960ଠାରୁ କାର୍ଯ୍ୟକାରୀ)।

[8] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 8(1)ଦ୍ୱାରା "ମହୀଶୂର" ପାଇଁ ସନ୍ନିବେଶିତ (1-11-1956ଠାରୁ କାର୍ଯ୍ୟକାରୀ), ଯାହା ମହୀଶୂର ରାଜ୍ୟ (ନାମ ପରିବର୍ତ୍ତନ) ଅଧିନିୟମ, 1973 (1973ର 31ନଂ), ଧାରା 4ଦ୍ୱାରା ପ୍ରତିସ୍ଥାପିତ (1-11-1973ଠାରୁ କାର୍ଯ୍ୟକାରୀ )।

[9] ପଞ୍ଜାବ ବିଧାନ ପରିଷଦ (ଉଚ୍ଛେଦ) ଅଧିନିୟମ, 1969 (1969ର 46 ନଂ), ଧାରା 4ଦ୍ୱାରା "ପଞ୍ଜାବ" ଶବ୍ଦଟି ବାଦ୍ ଦିଆଯାଇଛି (7-1-1970ଠାରୁ କାର୍ଯ୍ୟକାରୀ)।

[1][[2][ତାମିଲନାଡୁ, ତେଲେଙ୍ଗାନା]] [3][ଏବଂ ଉତ୍ତରପ୍ରଦେଶରେ] ଦୁଇଟି ସଦନ ରହିବ;

(*b*) ଅନ୍ୟ ରାଜ୍ୟରେ ଗୋଟିଏ ସଦନ ରହିବ ।

(2) ଯେଉଁଠାରେ, କୌଣସି ରାଜ୍ୟର ଦୁଇଟି ସଦନ ଥାଏ, ସେଠାରେ ଗୋଟିଏ ସଦନ ବିଧାନ ପରିଷଦଭାବେ ଏବଂ ଅନ୍ୟଟି ବିଧାନସଭା ରୂପେ ପରିଚିତ ହେବ ଏବଂ ଯେଉଁଠି, କେବଳ ଗୋଟିଏ ମାତ୍ର ସଦନ ଅଛି, ତାହା ବିଧାନସଭାଭାବେ ପରିଚିତ ହେବ ।

**169. ରାଜ୍ୟଗୁଡ଼ିକରେ ବିଧାନ ପରିଷଦର ଉଚ୍ଛେଦ କିମ୍ବା ଗଠନ—** (1) ଯଦି କୌଣସି ରାଜ୍ୟର ବିଧାନସଭା ବହୁମତରେ ଏକ ପ୍ରସ୍ତାବ ଗ୍ରହଣ କରେ ଏବଂ ସମସ୍ତ ଉପସ୍ଥିତ ଥିବା ଓ ମତଦାନ ଦେଇଥିବା ସଦସ୍ୟଙ୍କ ମଧ୍ୟରୁ ଦୁଇ-ତୃତୀୟାଂଶ ସଦସ୍ୟଙ୍କ ସଂଖ୍ୟାଗରିଷ୍ଠତାରେ ଏପରି ପ୍ରସ୍ତାବ ଗୃହୀତ ହୁଏ, ତା'ହେଲେ ଅନୁଚ୍ଛେଦ 168ରେ ଯାହାକିଛି ବ୍ୟବସ୍ଥା ଥିବା ସତ୍ତ୍ୱେ, ସଂସଦ ଆଇନଦ୍ୱାରା, ଯେଉଁ ରାଜ୍ୟରେ ବିଧାନ ପରିଷଦ ଅଛି, ତା'ର ଉଚ୍ଛେଦ ପାଇଁ କିମ୍ବା କୌଣସି ରାଜ୍ୟ, ଯେଉଁଠି କୌଣସି ବିଧାନ ପରିଷଦ ନାହିଁ, ସେଠାରେ ଏକ ବିଧାନ ପରିଷଦ ଗଠନ କରିବା ପାଇଁ ବ୍ୟବସ୍ଥା କରାଯିବ ।

(2) ଖଣ୍ଡ (1)ରେ ଉଲ୍ଲେଖ ଥିବା କୌଣସି ଆଇନ, ଏହି ଆଇନର ବା ଉକ୍ତ ଆଇନର ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ନିମନ୍ତେ, ସମ୍ବିଧାନକୁ ସଂଶୋଧନ କରିବା ପାଇଁ, ଏହି ସମ୍ବିଧାନର ଏପରି ସଂଶୋଧନର ଆବଶ୍ୟକତା ଅନୁଭୂତ ହୁଏ ତାହା କରିବା ପାଇଁ ଉପଯୁକ୍ତ ବ୍ୟବସ୍ଥା ତଥା ସଂସଦ ଯେପରି ଆବଶ୍ୟକ ବୋଲି ବିବେଚନା କରେ ସେପରି ଅନୁପୂରକ, ଆନୁଷଙ୍ଗିକ ଓ ନ୍ୟାୟସଙ୍ଗତ ବ୍ୟବସ୍ଥାମାନ ସେହି ଅନୁସାରେ ରହିବ।

(3) ଅନୁଚ୍ଛେଦ 368 ଉଦ୍ଦେଶ୍ୟରେ, ଏପରି ସଂଶୋଧିତ ହୋଇଥିବା ପୂର୍ବୋକ୍ତ ପ୍ରକାର କୌଣସି ଆଇନ ସମ୍ବିଧାନର ଏକ ସଂଶୋଧନ ବୋଲି ଧରାଯିବ ନାହିଁ ।

[4][**170. ବିଧାନସଭାର ଗଠନ—** (1) ଅନୁଚ୍ଛେଦ 333ର ବ୍ୟବସ୍ଥା ଅଧୀନରେ, ପ୍ରତ୍ୟେକ ରାଜ୍ୟର ବିଧାନସଭାରେ ପାଞ୍ଚଶହ ସଦସ୍ୟରୁ କମ୍ ଏବଂ ଷାଠିଏ ଜଣ ସଦସ୍ୟରୁ ଅଧିକ ସଦସ୍ୟଙ୍କୁ, ରାଜ୍ୟର ଆଞ୍ଚଳିକ ନିର୍ବାଚନ ମଣ୍ଡଳୀଗୁଡ଼ିକରୁ, ପ୍ରତ୍ୟକ୍ଷ ନିର୍ବାଚନଦ୍ୱାରା ବଛାଯିବ ।

(2) ଖଣ୍ଡ (1) ଉଦ୍ଦେଶ୍ୟରେ ପ୍ରତ୍ୟେକ ରାଜ୍ୟକୁ ଆଞ୍ଚଳିକ ନିର୍ବାଚନ ମଣ୍ଡଳୀରେ ଏପରି ଭାବେ ବିଭକ୍ତ କରାଯିବ ଯେ, ପ୍ରତ୍ୟେକ ନିର୍ବାଚନମଣ୍ଡଳୀର ଜନସଂଖ୍ୟା ଏବଂ ସେହି ରାଜ୍ୟକୁ ଆବଣ୍ଟନ କରାଯାଇଥିବା ଆସନ ସଂଖ୍ୟା ମଧ୍ୟରେ ଅନୁପାତ, ଯଥାସମ୍ଭବ, ରାଜ୍ୟସାରା, ସମାନ ହେବ ।

---

[1] ତାମିଲନାଡୁ ବିଧାନ ପରିଷଦ ଅଧିନିୟମ, 2010 (2010ର 16), ଧାରା 3 ଦ୍ୱାରା "ତାମିଲନାଡୁ" ଶବ୍ଦ ସନ୍ନିବେଶିତ (ତାରିଖ ପରେ ସୂଚିତ ହେବ) ।

[2] ଆନ୍ଧ୍ରପ୍ରଦେଶ ପୁନର୍ଗଠନ ଅଧିନିୟମ, 2014 (2014 ର 6), ଧାରା 96 ଦ୍ୱାରା "ତାମିଲନାଡୁ" ପାଇଁ ପ୍ରତିସ୍ଥାପିତ (1-6-2014ଠାରୁ କାର୍ଯ୍ୟକାରୀ)।

[3] ପଶ୍ଚିମବଙ୍ଗ ବିଧାନ ପରିଷଦ (ଉଚ୍ଛେଦ) ଅଧିନିୟମ, 1969 (1969 ର 20ନଂ), ଧାରା 4ଦ୍ୱାରା "ଉତ୍ତର ପ୍ରଦେଶ ଏବଂ ପଶ୍ଚିମବଙ୍ଗ" ପାଇଁ ପ୍ରତିସ୍ଥାପିତ (1-8-1969ଠାରୁ କାର୍ଯ୍ୟକାରୀ)।

[4] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 9ଦ୍ୱାରା ଅନୁଚ୍ଛେଦ 170 ପାଇଁ ପ୍ରତିସ୍ଥାପିତ (1-11-1956ଠାରୁ କାର୍ଯ୍ୟକାରୀ) ।

[1][*ସ୍ପଷ୍ଟୀକରଣ*— ଏହି ଖଣ୍ଡରେ, "ଜନସଂଖ୍ୟା" ଅର୍ଥ, ସେହି ଜନସଂଖ୍ୟା ଯାହାକି ଗତ ଜନଗଣନା ଅନୁଯାୟୀ ସ୍ଥିର କରାଯାଇଥିଲା ଏବଂ ଯାହାର ପ୍ରାସଙ୍ଗିକ ସଂଖ୍ୟା ପ୍ରକାଶ କରାଯାଇଛି:

କିନ୍ତୁ, ଏହି *ସ୍ପଷ୍ଟୀକରଣରେ* ଉଲ୍ଲେଖ ଥିବା ଗତ ପୂର୍ବ ଜନଗଣନା, ଯାହାର ସଠିକ୍ ସଂଖ୍ୟା ପ୍ରକାଶ କରାଯାଇଛି, ତାହା ଯେପର୍ଯ୍ୟନ୍ତ [2][2026] ବର୍ଷପରେ ହେବାକୁ ଥିବା ପ୍ରଥମ ଜନଗଣନା ପ୍ରକାଶିତ ନହୋଇଛି, [3][2001]ର ଜନଗଣନାକୁ ଉଲ୍ଲେଖ କରୁଛି ବୋଲି ବ୍ୟାଖ୍ୟା କରାଯିବ ।]

(3) ପ୍ରତ୍ୟେକ ଜନଗଣନାର ସମାପ୍ତି ପରେ, ପ୍ରତ୍ୟେକ ରାଜ୍ୟ ବିଧାନସଭାର ସମୁଦାୟ ଆସନ ସଂଖ୍ୟା ଏବଂ ପ୍ରତ୍ୟେକ ରାଜ୍ୟକୁ ଆଞ୍ଚଳିକ ନିର୍ବାଚନ ମଣ୍ଡଳୀରେ ବିଭକ୍ତିକରଣକୁ, ଯେପରିଭାବେ ସଂସଦ, ଆଇନଦ୍ୱାରା ସ୍ଥିର କରିବେ, ଏପରି ଅଧିକାରୀଙ୍କଦ୍ୱାରା ସେପରି ଭାବେ ପୁନଃସମାଯୋଜନ କରାଯିବ:

କିନ୍ତୁ, ଯେପର୍ଯ୍ୟନ୍ତ ସେ ସମୟର ଥିବା ବିଧାନସଭା ଭଙ୍ଗ ନହୋଇଛି, ସେପର୍ଯ୍ୟନ୍ତ ଏପରି ପୁନଃସମାଯୋଜନ, ବିଧାନସଭାରେ ଏପରି ପ୍ରତିନିଧିତ୍ୱକୁ ପ୍ରଭାବିତ କରିବ ନାହିଁ:

[4][ଅଧିକନ୍ତୁ, ଏପରି ପୁନଃସମାଯୋଜନ, ସେହି ତାରିଖଠାରୁ କାର୍ଯ୍ୟକାରୀ ହେବ, ଯେପରି ରାଷ୍ଟ୍ରପତି ଆଦେଶଦ୍ୱାରା ଧାର୍ଯ୍ୟ କରିବେ ଏବଂ ଯେପର୍ଯ୍ୟନ୍ତ ଏପରି ପୁନଃସମାଯୋଜନକରଣ କାର୍ଯ୍ୟକାରୀ ନହୋଇଛି, ସେ ପର୍ଯ୍ୟନ୍ତ ବିଧାନସଭାକୁ ହେଉଥିବା ନିର୍ବାଚନ, ଏପରି ପୁନଃସମାଯୋଜନ ପୂର୍ବରୁ ଥିବା ଆଞ୍ଚଳିକ ନିର୍ବାଚନମଣ୍ଡଳୀ ଭିତରେ ଅନୁଷ୍ଠିତ ହେବ:

ପୁଣି, [2][2026] ମସିହା ପରେ ଯେପର୍ଯ୍ୟନ୍ତ ପ୍ରଥମ ଜନଗଣନାର ସଂଖ୍ୟା ପ୍ରକାଶିତ ନହୋଇଛି, ସେ ପର୍ଯ୍ୟନ୍ତ ପ୍ରତ୍ୟେକ ରାଜ୍ୟର ବିଧାନସଭାର ସମୁଦାୟ ଆସନ ସଂଖ୍ୟାକୁ ନିମ୍ନ ଭାବେ [5][ପୁନଃସମଯୋଜନ କରିବା ଆବଶ୍ୟକ ହେବ ନାହିଁ—

(*i*) ପ୍ରତ୍ୟେକ ରାଜ୍ୟର ବିଧାନସଭାର ସମୁଦାୟ ଆସନ ସଂଖ୍ୟା ଯେପରି 1971 ଜନଗଣନାର ଭିତ୍ତି ଉପରେ ପୁନଃ ସମାଯୋଜନ କରାଯିବା; ଏବଂ

(*ii*) ଏପରି ରାଜ୍ୟଗୁଡ଼ିକର, ଆଞ୍ଚଳିକ ନିର୍ବାଚନ ମଣ୍ଡଳୀରେ ବିଭାଜନ, ଯେପରି [3][2001] ମସିହା ଜନଗଣନା ଭିତ୍ତି ଅନୁସାରେ,

ଏହି ଖଣ୍ଡ ଅନୁଯାୟୀ ପୁନଃସମାଯୋଜନ କରାଯାଇପାରେ ।]

---

[1] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 29, *ସ୍ପଷ୍ଟୀକରଣ* ପାଇଁ ପ୍ରତିସ୍ଥାପିତ(3-1-1977ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (84ତମ ସଂଶୋଧନ) ଅଧିନିୟମ, 2001, ଧାରା 5ଦ୍ୱାରା "2000" ପାଇଁ ପ୍ରତିସ୍ଥାପିତ (21-2-2002ଠାରୁ କାର୍ଯ୍ୟକାରୀ) ।

[3] ସମ୍ବିଧାନ (87ତମ ସଂଶୋଧନ) ଅଧିନିୟମ, 2003, ଧାରା 4ଦ୍ୱାରା "1991" ପାଇଁ ପ୍ରତିସ୍ଥାପିତ (22-6-2003ଠାରୁ କାର୍ଯ୍ୟକାରୀ । ସମ୍ବିଧାନ (84ତମ ସଂଶୋଧନ) ଅଧିନିୟମ, 2001, ଧାରା 5ଦ୍ୱାରା "1991" ସଂଖ୍ୟାଗୁଡ଼ିକୁ ମୂଳ ସଂଖ୍ୟା "1971" ପାଇଁ ପ୍ରତିସ୍ଥାପିତ କରାଯାଇଥିଲା (21-2-2002ଠାରୁ କାର୍ଯ୍ୟକାରୀ) ।

[4] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 29ଦ୍ୱାରା ସନ୍ନିବେଶିତ (3-1-1977ଠାରୁ କାର୍ଯ୍ୟକାରୀ)।

[5] ସମ୍ବିଧାନ (84ତମ ସଂଶୋଧନ) ଅଧିନିୟମ, 2001, ଧାରା 5ଦ୍ୱାରା ନିର୍ଦ୍ଦିଷ୍ଟ ଶବ୍ଦଗୁଡ଼ିକ ପାଇଁ ପ୍ରତିସ୍ଥାପିତ 21-2-2002ଠାରୁ କାର୍ଯ୍ୟକାରୀ

**171. ବିଧାନ ପରିଷଦର ଗଠନ—** (1) ବିଧାନ ପରିଷଦ ଥିବା କୌଣସି ରାଜ୍ୟର ବିଧାନ ପରିଷଦର ସମୁଦାୟ ସଦସ୍ୟଙ୍କ ସଂଖ୍ୟା, ଉକ୍ତ ରାଜ୍ୟର ବିଧାନସଭାର ସମୁଦାୟ ସଦସ୍ୟଙ୍କ ସଂଖ୍ୟାର [1][ଏକ-ତୃତୀୟାଂଶ]ରୁ ଅଧିକ ହେବ ନାହିଁ:

କିନ୍ତୁ, କୌଣସି ରାଜ୍ୟର ବିଧାନ ପରିଷଦର ସମୁଦାୟ ସଦସ୍ୟଙ୍କ ସଂଖ୍ୟା, କୌଣସି କ୍ଷେତ୍ରରେ, ଚାଳିଶରୁ କମ୍ ହେବ ନାହିଁ ।

(2) ଯେପର୍ଯ୍ୟନ୍ତ ସଂସଦ ଆଇନଦ୍ୱାରା ଅନ୍ୟଥା ବ୍ୟବସ୍ଥା ନକରିଛନ୍ତି, ସେପର୍ଯ୍ୟନ୍ତ କୌଣସି ରାଜ୍ୟର ବିଧାନ ପରିଷଦର ଗଠନ, ଖଣ୍ଡ (3)ର ବ୍ୟବସ୍ଥା ଅନୁଯାୟୀ ହେବ ।

(3) କୌଣସି ରାଜ୍ୟର ବିଧାନ ପରିଷଦର ସମୁଦାୟ ସଦସ୍ୟଙ୍କ ସଂଖ୍ୟାରୁ—

(*a*) ଯଥାସମ୍ଭବ, ଏକ-ତୃତୀୟାଂଶ ସଦସ୍ୟଙ୍କୁ ବା ଏହାର ନିକଟତମ ସଂଖ୍ୟକ ସଦସ୍ୟଙ୍କୁ ପୌରପାଳିକା, ଜିଲ୍ଲାମଣ୍ଡଳ ଏବଂ ରାଜ୍ୟର ଏପରି ଅନ୍ୟ ସ୍ଥାନୀୟ ଅଧିକାରୀ ସଦସ୍ୟମାନଙ୍କଦ୍ୱାରା ଗଠିତ ନିର୍ବାଚନ ମଣ୍ଡଳଦ୍ୱାରା ନିର୍ବାଚିତ କରାଯିବ, ଯେପରିଭାବେ ସଂସଦ ଆଇନଦ୍ୱାରା, ଧାର୍ଯ୍ୟ କରିବ;

(*b*) ଯଥାସମ୍ଭବ, ଏକ-ଦ୍ୱାଦଶାଂଶ ସଦସ୍ୟ ବା ଏହାର ନିକଟତମ ସଂଖ୍ୟକ ସଦସ୍ୟମାନେ ସେହି ନିର୍ବାଚକମାନଙ୍କଦ୍ୱାରା ନିର୍ବାଚିତ ହେବେ, ଯେଉଁମାନେ ରାଜ୍ୟରେ ବାସ କରୁଅଛନ୍ତି ଏବଂ ଯେଉଁମାନେକି ଅତିକମରେ ତିନି ବର୍ଷଧରି, ଭାରତୀୟ ଅଞ୍ଚଳର କୌଣସି ବିଶ୍ୱବିଦ୍ୟାଳୟରୁ ସ୍ନାତକ ଉପାଧି ଧାରଣ କରିଛନ୍ତି କିମ୍ବା ଏପରି କୌଣସି ଯୋଗ୍ୟତା ଧାରଣ କରିଛନ୍ତି ଯାହା ବିଶ୍ୱବିଦ୍ୟାଳୟର ସ୍ନାତକ ଉପାଧିର ସମତୁଲ୍ୟ ବୋଲି ସଂସଦ ପ୍ରଣୀତ କୌଣସି ଆଇନଦ୍ୱାରା ଗୃହୀତ ହୋଇଛି;

(*c*) ଯଥାସମ୍ଭବ, ଏକ-ଦ୍ୱାଦଶାଂଶ ସଦସ୍ୟ, ସେହି ନିର୍ବାଚକମାନଙ୍କଦ୍ୱାରା ନିର୍ବାଚିତ ହେବେ, ଯେଉଁମାନେ ଅତିକମରେ ତିନିବର୍ଷ ପର୍ଯ୍ୟନ୍ତ, ରାଜ୍ୟର କୌଣସି ଶିକ୍ଷାନୁଷ୍ଠାନରେ ଶିକ୍ଷାଦାନ କରୁଅଛନ୍ତି, ଯେଉଁ ଅନୁଷ୍ଠାନର ମାନ ବା ସ୍ତର, ସଂସଦଦ୍ୱାରା କୌଣସି ଆଇନଦ୍ୱାରା ଧାର୍ଯ୍ୟ, ମାଧ୍ୟମିକ ଶିକ୍ଷାନୁଷ୍ଠାନ ସ୍ତରଠାରୁ କମ୍ ହୋଇନଥିବ;

(*d*) ଯଥାସମ୍ଭବ, ନିକଟତମ ଏକ-ତୃତୀୟାଂଶ ଭାଗ ରାଜ୍ୟ ବିଧାନସଭା ସଦସ୍ୟମାନଙ୍କଦ୍ୱାରା ନିର୍ବାଚିତ ହେବେ, ନିର୍ବାଚିତ ବ୍ୟକ୍ତି ବିଧାନସଭାର ସଦସ୍ୟ ହୋଇନଥିବେ;

(*e*) ଅବଶିଷ୍ଟ ସଦସ୍ୟ, ଖଣ୍ଡ (5)ର ବ୍ୟବସ୍ଥା ଅନୁଯାୟୀ, ରାଜ୍ୟପାଳଙ୍କଦ୍ୱାରା ମନୋନୀତ ହେବେ ।

(4) ଖଣ୍ଡ (3)ର ଉପଖଣ୍ଡ (*a*), (*b*) ଏବଂ (*c*) ଅନୁଯାୟୀ ନିର୍ବାଚିତ ହେବାକୁ ଥିବା ସଦସ୍ୟମାନେ, ଏପରି ଆଞ୍ଚଳିକ ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହେବେ, ଯାହାକି ସଂସଦଦ୍ୱାରା କୌଣସି ଆଇନ ଅନୁଯାୟୀ

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 10ଦ୍ୱାରା "ଏକ-ଚତୁର୍ଥାଂଶ" ପାଇଁ ପ୍ରତିସ୍ଥାପିତ (1-11-1956ଠାରୁ କାର୍ଯ୍ୟକାରୀ) ।

ଧାର୍ଯ୍ୟ କରାଯିବ ଏବଂ ଉକ୍ତ ଅନୁଚ୍ଛେଦର ଉକ୍ତ ଉପଖଣ୍ଡଗୁଡ଼ିକ ଏବଂ ଉପଖଣ୍ଡ (*d*) ଅନୁଯାୟୀ ନିର୍ବାଚନ, ଆନୁପାତିକ ପ୍ରତିନିଧିତ୍ୱ ପଦ୍ଧତିରେ, ଏକକ-ସ୍ଥାନାନ୍ତରିତ ମତଦାନଦ୍ୱାରା, ଅନୁଷ୍ଠିତ ହେବ ବା କରାଯିବ ।

(5) ଖଣ୍ଡ (3)ର ଉପଖଣ୍ଡ (*e*) ଅନୁଯାୟୀ ରାଜ୍ୟପାଳଙ୍କଦ୍ୱାରା ମନୋନୀତ ହେବାକୁ ଥିବା ସଦସ୍ୟମାନେ ଏପରି ବ୍ୟକ୍ତି ହୋଇଥିବେ, ଯେଉଁମାନଙ୍କର ନିମ୍ନଲିଖିତ ବିଷୟରେ ବିଶେଷ ଜ୍ଞାନ କିମ୍ବା ପ୍ରୟୋଗାତ୍ମକ ଅନୁଭୂତି ଥିବ, ଯଥା:—

ଭାଷା, ବିଜ୍ଞାନ, କଳା, ସମବାୟ ଆନ୍ଦୋଳନ ଏବଂ ସାମାଜିକ ସେବା ।

**172. ରାଜ୍ୟ ବିଧାନମଣ୍ଡଳର ଅବଧି—** (1) ପ୍ରତ୍ୟେକ ରାଜ୍ୟର ବିଧାନସଭା, ଯଦି ଶୀଘ୍ର ଭଙ୍ଗ ନହୁଏ, ତା'ହେଲେ ଏହାର ପ୍ରଥମ ଅଧିବେଶନ ନିମନ୍ତେ ଧାର୍ଯ୍ୟ ତାରିଖଠାରୁ [1][ପାଞ୍ଚବର୍ଷ] ପର୍ଯ୍ୟନ୍ତ ଚାଲିବ ଏବଂ ତା'ଠାରୁ ଅଧିକ ସମୟ ପର୍ଯ୍ୟନ୍ତ ନୁହେଁ; ଏବଂ ଉକ୍ତ [1][ପାଞ୍ଚବର୍ଷ] ଅବଧି ସମାପ୍ତ ହେଲେ, ବିଧାନସଭା ସ୍ୱୟଂ ଭଙ୍ଗ ହେଲା ବୋଲି ଧରାଯିବ:

କିନ୍ତୁ, ଉକ୍ତ ଅବଧିରେ ଯଦି କୌଣସି ଜରୁରୀ ପରିସ୍ଥିତି କାର୍ଯ୍ୟକାରୀ ହୋଇଥାଏ, ସେତେବେଳେ ସଂସଦଦ୍ୱାରା କୌଣସି ଆଇନ ବଳରେ, ଏହାକୁ ଏକ ସମୟ ପାଇଁ ଏକ ବର୍ଷ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇପାରେ ଏବଂ ଜରୁରୀ ପରିସ୍ଥିତି ଉଦଘୋଷଣା ପ୍ରବର୍ତ୍ତନର ଶେଷ ହେବା ପରେ, କୌଣସି କ୍ଷେତ୍ରରେ ମଧ୍ୟ ଏହି ଅବଧି ଛଅମାସରୁ ଅଧିକ ହେବ ନାହିଁ ।

(2) କୌଣସି ରାଜ୍ୟର ବିଧାନ ପରିଷଦ ଭଙ୍ଗ ହେବ ନାହିଁ, କିନ୍ତୁ ସଂସଦର ଆଇନର ବ୍ୟବସ୍ଥା ଅନୁଯାୟୀ, ଯଥା ସମ୍ଭବ, ତାହାର ନିକଟତମ ଏକ-ତୃତୀୟାଂଶ ସଦସ୍ୟ ପ୍ରତ୍ୟେକ ଦ୍ୱିତୀୟ ବର୍ଷ ସମାପ୍ତ ହେବା ପରେ ଅବସର ନେବେ ।

**173. ରାଜ୍ୟ ବିଧାନମଣ୍ଡଳର ସଦସ୍ୟତା ନିମନ୍ତେ ଯୋଗ୍ୟତା—** କୌଣସି ବ୍ୟକ୍ତି, କୌଣସି ରାଜ୍ୟ ବିଧାନମଣ୍ଡଳରେ ଆସନ ପୂରଣ ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ, ଯଦି ସେ—

[2][(*a*) ଯଦି ସେ ଭାରତର ନାଗରିକ ହୋଇନଥାଆନ୍ତି ଏବଂ ସେ ସମ୍ବନ୍ଧରେ ନିର୍ବାଚନ ଆୟୋଗଙ୍କଦ୍ୱାରା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ, ଏହି ଉଦ୍ଦେଶ୍ୟରେ ତୃତୀୟ ଅନୁସୂଚୀରେ ଉଲ୍ଲେଖ ଥିବା ପ୍ରାରୂପ ଅନୁଯାୟୀ ଶପଥ ବା ପ୍ରତିଜ୍ଞା ଗ୍ରହଣ ନକରନ୍ତି ତଥା ତହିଁ ଉପରେ ସ୍ୱାକ୍ଷର ନକରନ୍ତି;]

---

[1] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 30ଦ୍ୱାରା "ପାଞ୍ଚ ବର୍ଷ" ପାଇଁ ପ୍ରତିସ୍ଥାପିତ (3-1-1977ଠାରୁ କାର୍ଯ୍ୟକାରୀ) ଏବଂ ପରେ ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 24ଦ୍ୱାରା "ଛଅ ବର୍ଷ" ପାଇଁ ପ୍ରତିସ୍ଥାପିତ (6-9-1979ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (16ତମ ସଂଶୋଧନ) ଅଧିନିୟମ, 1963, ଧାରା 4ଦ୍ୱାରା ଖଣ୍ଡ (*a*) ପାଇଁ ପ୍ରତିସ୍ଥାପିତ (5-10-1963ଠାରୁ କାର୍ଯ୍ୟକାରୀ) ।

(*b*) ବିଧାନସଭାର କୌଣସି ଆସନ ନିମିତ୍ତ ଅତିକମରେ ପଚିଶ ବର୍ଷ ଏବଂ କୌଣସି ବିଧାନ ପରିଷଦ ଆସନ କ୍ଷେତ୍ରରେ, ଅତିକମରେ ତିରିଶବର୍ଷ ବୟସ ହୋଇନଥାଏ; ଏବଂ

(*c*) ସଂସଦଦ୍ୱାରା ପ୍ରସ୍ତୁତ କିମ୍ବା ସଂସଦ ଅଧୀନରେ ନିର୍ଦ୍ଧାରିତ ଆଇନ ଅନୁଯାୟୀ ଅନ୍ୟ ଯୋଗ୍ୟତା ଧାରଣ କରୁନାହାଁନ୍ତି ।

[1][**174. ରାଜ୍ୟ ବିଧାନମଣ୍ଡଳରେ ଅଧିବେଶନ, ସ୍ଥଗିତକରଣ ଏବଂ ଭଙ୍ଗ**— (1) ରାଜ୍ୟପାଳ ସମାୟାନୁକ୍ରମେ ରାଜ୍ୟ ବିଧାନମଣ୍ଡଳର ଏକ ସଦନକୁ ବା ଉଭୟ ସଦନକୁ ଯେଉଁ ସ୍ଥାନ ଓ ସମୟରେ ଉପଯୁକ୍ତ ମନେକରିବେ, ସେହି ସ୍ଥାନରେ ଏକତ୍ରିତ ହେବା ପାଇଁ ଡାକି ପାରନ୍ତି କିନ୍ତୁ ଗୋଟିଏ ଅଧିବେଶନର ଶେଷ ବୈଠକ ଏବଂ ଆଗାମୀ ଅଧିବେଶନର ବୈଠକ ନିମନ୍ତେ ନିର୍ଦ୍ଧାରିତ କରାଯାଇଥିବା ସମୟ ମଧ୍ୟରେ, ଛଅମାସରୁ ଅଧିକ ବ୍ୟବଧାନ ହୋଇନଥିବ ।

(2) ରାଜ୍ୟପାଳ, ସମାୟାନୁକ୍ରମେ—

(*a*) ସଦନକୁ କିମ୍ବା ଯେକୌଣସି ସଦନକୁ ସ୍ଥଗିତ ରଖିପାରନ୍ତି;

(*b*) ବିଧାନସଭାକୁ ଭଙ୍ଗ କରିପାରନ୍ତି ।]

**175. ସଦନ କିମ୍ବା ସଦନଗୁଡ଼ିକୁ ଅଭିଭାଷଣ ଏବଂ ସୂଚନା ପ୍ରଦାନ କରିବା ନିମନ୍ତେ ରାଜ୍ୟପାଳଙ୍କ ଅଧିକାର**—(1) ରାଜ୍ୟପାଳ ବିଧାନସଭାକୁ କିମ୍ବା ଯେଉଁ ରାଜ୍ୟରେ ବିଧାନ ପରିଷଦ ରହିଛି, ସେଠାରେ ବିଧାନମଣ୍ଡଳର ଯେକୌଣସି ସଦନ କିମ୍ବା ଉଭୟ ସଦନକୁ ମିଳିତଭାବେ ସମ୍ବୋଧନ କରିପାରିବେ ଏବଂ ସେହି ଉଦ୍ଦେଶ୍ୟରେ ସଦସ୍ୟମାନଙ୍କର ଉପସ୍ଥିତି ଆବଶ୍ୟକ କରିପାରିବେ ।

(2) ଯେତେବେଳେ କୌଣସି ବିଧେୟକ, ବିଧାନମଣ୍ଡଳରେ ସ୍ଥଗିତାବସ୍ଥାରେ କିମ୍ବା ଅନ୍ୟ ବିଷୟ ସମ୍ପର୍କରେ ଥାଏ, ସେତେବେଳେ ରାଜ୍ୟପାଳ, ରାଜ୍ୟ ବିଧାନମଣ୍ଡଳର ସଦନ କିମ୍ବା ସଦନଗୁଡ଼ିକୁ ସେ ସମ୍ପର୍କରେ ସୂଚନା ପ୍ରଦାନ କରିପାରିବେ ଏବଂ ଯେଉଁ ସଦନକୁ ଏପରି ସୂଚନା ପ୍ରଦାନ କରାଯାଇଥାଏ, ସେହି ସଦନ ସୁବିଧା ଅନୁଯାୟୀ ଯଥା ସମ୍ଭବ ତାହାକୁ ବିଚାର କରିବେ ।

**176. ରାଜ୍ୟପାଳଙ୍କଦ୍ୱାରା ସ୍ୱତନ୍ତ୍ର ସମ୍ବୋଧନ**— (1) ବିଧାନସଭାର ପ୍ରତ୍ୟେକ ସାଧାରଣ ନିର୍ବାଚନ ପରେ [2][ପ୍ରଥମ ଅଧିବେଶନ ଆରମ୍ଭରେ ଏବଂ ପ୍ରତିବର୍ଷର ପ୍ରଥମ ଅଧିବେଶନ ଆରମ୍ଭରେ, ରାଜ୍ୟପାଳ ବିଧାନସଭାକୁ] କିମ୍ବା ଯେଉଁ ରାଜ୍ୟରେ ବିଧାନ ପରିଷଦ ଅଛି, ସେଠାରେ ଉଭୟ ସଦନର ମିଳିତ ସଭାକୁ ସମ୍ବୋଧନ କରିବେ ଏବଂ ବିଧାନମଣ୍ଡଳକୁ ତାହାର କାରଣସମୂହକୁ ସୂଚିତ କରିବେ ।

(2) ଏହିପରି ସମ୍ବୋଧନରେ ଉଲ୍ଲେଖିତ ବିଷୟଗୁଡ଼ିକ ଉପରେ, ଆଲୋଚନା ପାଇଁ ସମୟ ବଣ୍ଟନ ସମ୍ପର୍କରେ, ସଦନ କିମ୍ବା ସଦନଗୁଡ଼ିକର ପଦ୍ଧତିକୁ ନିୟନ୍ତ୍ରଣ କରୁଥିବା ନିୟମଗୁଡ଼ିକର ବ୍ୟବସ୍ଥା କରାଯିବ[3]***।

---

[1] ସମ୍ବିଧାନ (ପ୍ରଥମ ସଂଶୋଧନ) ଅଧିନିୟମ, 1951, ଧାରା 8ଦ୍ୱାରା ଅନୁଚ୍ଛେଦ 174 ପାଇଁ ପ୍ରତିସ୍ଥାପିତ (18-6-1951ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (ପ୍ରଥମ ସଂଶୋଧନ) ଅଧିନିୟମ, 1951, ଧାରା 9ଦ୍ୱାରା "ପ୍ରତ୍ୟେକ ଅଧିବେଶନ" ପାଇଁ ପ୍ରତିସ୍ଥାପିତ (18-6-1951ଠାରୁ କାର୍ଯ୍ୟକାରୀ) ।

[3] ସମ୍ବିଧାନ (ପ୍ରଥମ ସଂଶୋଧନ) ଅଧିନିୟମ, 1951, ଧାରା 9ଦ୍ୱାରା "ଏବଂ ସଦନର ଅନ୍ୟ କାର୍ଯ୍ୟ ଅପେକ୍ଷା ଏପରି ଆଲୋଚନାର ପ୍ରାଧାନ୍ୟ ପାଇଁ" ଶବ୍ଦଗୁଡ଼ିକ ବାଦ୍ ଦିଆଯାଇଛି (18-6-1951ଠାରୁ କାର୍ଯ୍ୟକାରୀ) ।

**177. ସଦନଗୁଡ଼ିକ ସମ୍ବନ୍ଧରେ ମନ୍ତ୍ରୀମାନଙ୍କର ଏବଂ ମହା-ଅଧିବକ୍ତାଙ୍କର ଅଧିକାର—** ରାଜ୍ୟର ପ୍ରତ୍ୟେକ ମନ୍ତ୍ରୀ ଏବଂ ମହା-ଅଧିବକ୍ତା, ବିଧାନସଭାରେ ବକ୍ତବ୍ୟ ଦେଇପାରିବେ କିମ୍ବା ଏହାର କାର୍ଯ୍ୟାନୁଷ୍ଠାନରେ ଅଂଶଗ୍ରହଣ କରିପାରିବେ କିମ୍ବା କୌଣସି ରାଜ୍ୟରେ ଯଦି ବିଧାନମଣ୍ଡଳ ଥାଏ, ତା'ହେଲେ ଉଭୟ ସଦନରେ ବକ୍ତବ୍ୟ ଦେଇପାରିବେ କିମ୍ବା ଏହାର କାର୍ଯ୍ୟାନୁଷ୍ଠାନରେ ଅଂଶଗ୍ରହଣ କରିପାରିବେ କିମ୍ବା ବିଧାନମଣ୍ଡଳର କୌଣସି ସମିତିର ସଦସ୍ୟଭାବେ ନାମିତ ହୋଇଥାଆନ୍ତି, ସେଥିରେ ବକ୍ତବ୍ୟ ଦେଇପାରିବେ କିମ୍ବା ତା'ର କାର୍ଯ୍ୟାନୁଷ୍ଠାନରେ ଅଂଶଗ୍ରହଣ କରିପାରିବେ, କିନ୍ତୁ ଏହି ଅନୁଚ୍ଛେଦ ଅନୁସାରେ, ତାଙ୍କର ମତଦାନ ଦେବାର କୌଣସି ଅଧିକାର ରହିବ ନାହିଁ ।

*ରାଜ୍ୟ ବିଧାନମଣ୍ଡଳର ଅଧିକାରୀମାନେ*

**178. ବିଧାନସଭାର ବାଚସ୍ପତି ଏବଂ ଉପ-ବାଚସ୍ପତି—** ପ୍ରତ୍ୟେକ ରାଜ୍ୟର ବିଧାନସଭା, ଯଥାସମ୍ଭବ, ତାହାର ସଦସ୍ୟମାନଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ଯଥାକ୍ରମେ ବାଚସ୍ପତି ଏବଂ ଉପ-ବାଚସ୍ପତି ଭାବେ ଚୟନ କରିବେ ଏବଂ ଯେତେବେଳେ ବାଚସ୍ପତି କିମ୍ବା ଉପ-ବାଚସ୍ପତି ପଦ ଖାଲି ହୁଏ, ସେତେବେଳେ ସଦନ ଅନ୍ୟ ଜଣେ ସଦସ୍ୟଙ୍କୁ ଯଥାସ୍ଥିତି ବାଚସ୍ପତି କିମ୍ବା ଉପ-ବାଚସ୍ପତିଭାବେ ଚୟନ କରିବେ ।

**179. ବାଚସ୍ପତି ଏବଂ ଉପ-ବାଚସ୍ପତି ପଦର ରିକ୍ତତା ଏବଂ ଏଥିରୁ ଇସ୍ତଫା ଏବଂ ବହିଷ୍କାର—** କୌଣସି ବିଧାନସଭାର ବାଚସ୍ପତି କିମ୍ବା ଉପ-ବାଚସ୍ପତି ଭାବେ ପଦବୀ ଧାରଣ କରିଥିବା କୌଣସି ସଦସ୍ୟ—

(*a*) ଯଦି ସେ ବିଧାନସଭାର ସଦସ୍ୟତା ହରାନ୍ତି, ତେବେ ତାଙ୍କ ପଦ ଖାଲିକରିବେ;

(*b*) ଯଦି ସେ ବାଚସ୍ପତି ହୋଇଥାଆନ୍ତି, ତେବେ ଉପ-ବାଚସ୍ପତିଙ୍କୁ ସମ୍ବୋଧନ କରି ଏବଂ ଯଦି ଉପ-ବାଚସ୍ପତି ହୋଇଥାଆନ୍ତି ତା'ହେଲେ ବାଚସ୍ପତିଙ୍କୁ ସମ୍ବୋଧନ କରି, ଯେକୌଣସି ସମୟରେ ନିଜର ହସ୍ତଲିଖିତ ପତ୍ରଦ୍ୱାରା ତାଙ୍କ ପଦରୁ ଇସ୍ତଫା ଦେଇପାରିବେ; ଏବଂ

(*c*) ବିଧାନସଭାର ସମସ୍ତ ସଦସ୍ୟଙ୍କ ସଂଖ୍ୟାଗରିଷ୍ଠତାରେ ଗୃହୀତ କୌଣସି ପ୍ରସ୍ତାବଦ୍ୱାରା ତାଙ୍କ ପଦରୁ ତାଙ୍କୁ ଯଦି ବହିଷ୍କାର କରାଯାଏ:

କିନ୍ତୁ, ଯଦି ଖଣ୍ଡ (*c*) ଉଦ୍ଦେଶ୍ୟରେ ଅତିକମରେ ଚଉଦ ଦିନିଆ ସୂଚନା ପ୍ରଦାନ କରାଯାଇନଥାଏ, ତା'ହେଲେ ଏପରି କୌଣସି ପ୍ରସ୍ତାବ ଆଗତ କରାଯିବ ନାହିଁ:

ଅଧିକନ୍ତୁ, ଯେତେବେଳେ ବିଧାନସଭା ଭଙ୍ଗ ହୁଏ, ଭଙ୍ଗ ହେବା ପରେ ବିଧାନସଭାର ପ୍ରଥମ ଅଧିବେଶନର ଠିକ ପୂର୍ବରୁ, ବାଚସ୍ପତି ତାଙ୍କର ପଦ ଛାଡ଼ିବେ ନାହିଁ ।

**180. ବାଚସ୍ପତିଭାବେ କର୍ତ୍ତବ୍ୟ ସମ୍ପାଦନ କରିବା କିମ୍ବା ବାଚସ୍ପତିଭାବେ କାର୍ଯ୍ୟ କରିବାରେ ଉପ-ବାଚସ୍ପତି କିମ୍ବା ଅନ୍ୟ ବ୍ୟକ୍ତିଙ୍କର କ୍ଷମତା—** (1) ଯେତେବେଳେ ବାଚସ୍ପତିଙ୍କ ପଦ ଖାଲି ହୁଏ, ତାଙ୍କ ପଦର କର୍ତ୍ତବ୍ୟକୁ, ଉପ-ବାଚସ୍ପତିଙ୍କଦ୍ୱାରା ସମ୍ପାଦନ କରାଯିବ; କିମ୍ବା ଯଦି ଉପ-ବାଚସ୍ପତିଙ୍କର ପଦ ମଧ୍ୟ ଖାଲିଥାଏ ତା'ହେଲେ ସେହି ଉଦ୍ଦେଶ୍ୟରେ ରାଜ୍ୟପାଳ, ବିଧାନସଭାର ଯେଉଁ ସଦସ୍ୟଙ୍କୁ ନିଯୁକ୍ତ କରିବେ, ସେ ସଦସ୍ୟ କାର୍ଯ୍ୟ ସମ୍ପାଦନ କରିବେ।

(2) ବିଧାନସଭାର କୌଣସି ବୈଠକରେ ବାଚସ୍ପତିଙ୍କ ଅନୁପସ୍ଥିତିରେ ଉପ-ବାଚସ୍ପତି କିମ୍ବା ସେ ମଧ୍ୟ ଯଦି ଅନୁପସ୍ଥିତ ଥାଆନ୍ତି, ତା'ହେଲେ ବିଧାନସଭା ପଦ୍ଧତିର ନିୟମାବଳୀ ଅନୁଯାୟୀ ଯେପରି ନିର୍ଦ୍ଧାରିତ ହୋଇଥାଏ ସେପରି କୌଣସି ବ୍ୟକ୍ତି କିମ୍ବା ଯଦି କୌଣସି ବ୍ୟକ୍ତି ଉପସ୍ଥିତ ନଥାଆନ୍ତି, ତା'ହେଲେ ବିଧାନସଭାଦ୍ୱାରା ସ୍ଥିର କରାଯାଇଥିବା ଅନ୍ୟ କୌଣସି ବ୍ୟକ୍ତି, ବାଚସ୍ପତିଭାବେ କାର୍ଯ୍ୟ କରିବେ ।

**181. ବାଚସ୍ପତି କିମ୍ବା ଉପ-ବାଚସ୍ପତିଙ୍କୁ ପଦରୁ ବହିଷ୍କାର କରିବା ନିମନ୍ତେ ପ୍ରସ୍ତାବ ବିଚାରାଧୀନ ଥିବାବେଳେ, ସଭାପତିତ୍ୱ ନକରିବା—** (1) ବିଧାନସଭାର କୌଣସି ବୈଠକରେ, ଯେତେବେଳେ ବାଚସ୍ପତିଙ୍କୁ ତାଙ୍କ ପଦରୁ ବହିଷ୍କାର କରିବା ନିମନ୍ତେ କୌଣସି ପ୍ରସ୍ତାବ ବିଚାରାଧୀନ ଥାଏ, ସେତେବେଳେ ବାଚସ୍ପତି କିମ୍ବା ଯେତେବେଳେ ଉପ-ବାଚସ୍ପତିଙ୍କୁ ବହିଷ୍କାର କରିବା ନିମନ୍ତେ କୌଣସି ପ୍ରସ୍ତାବ ବିଚାରାଧୀନ ଥାଏ, ସେତେବେଳେ ଉପ-ବାଚସ୍ପତି, ଯଦିଓ ଉପସ୍ଥିତ ଥାଆନ୍ତି, ସଭାପତିତ୍ୱ କରିବେ ନାହିଁ ଏବଂ ଅନୁଚ୍ଛେଦ 180ର ଖଣ୍ଡ (2)ର ବ୍ୟବସ୍ଥା, ଏପରି ପ୍ରତ୍ୟେକ ବୈଠକ ନିମନ୍ତେ ପ୍ରୟୋଗନୀୟ ହେବ, ଯେପରି ତାହା ସେହି ବୈଠକ ପ୍ରତି ପ୍ରଯୁଜ୍ୟ ହୁଏ, ଯେଉଁଥିରେ ବାଚସ୍ପତି କିମ୍ବା ଉପ-ବାଚସ୍ପତି ଅନୁପସ୍ଥିତ ଥାଆନ୍ତି ।

(2) ବିଧାନସଭାରେ ଯେତେବେଳେ ବାଚସ୍ପତିଙ୍କୁ ବହିଷ୍କାର କରିବା ନିମନ୍ତେ କୌଣସି ପ୍ରସ୍ତାବ ବିଚାରାଧୀନ ଥାଏ, ସେତେବେଳେ ବାଚସ୍ପତି ସେଠାରେ ବକ୍ତବ୍ୟ ପ୍ରଦାନ କରିବା ଏବଂ ଅନ୍ୟଥା ଏପରି କାର୍ଯ୍ୟାନୁଷ୍ଠାନରେ ଅଂଶଗ୍ରହଣ କରିବା ନିମନ୍ତେ ବାଚସ୍ପତିଙ୍କର ଅଧିକାର ଅଛି ଏବଂ ଅନୁଚ୍ଛେଦ 189ରେ ଯାହା କିଛି ଥିବା ସତ୍ତ୍ୱେ, ଏପରି ପ୍ରସ୍ତାବ ଉପରେ କେବଳ ପ୍ରଥମଥର ପାଇଁ ମତଦାନ ପ୍ରଦାନ କରିବାର ଅଧିକାର ରହିବ କିମ୍ବା ଏପରି କାର୍ଯ୍ୟାନୁଷ୍ଠାନ ମଧ୍ୟରେ, ଅନ୍ୟ କୌଣସି ବିଷୟ ଉପରେ ମତଦାନ କରିବାରେ ଅଧିକାର ରଖିବେ, କିନ୍ତୁ ପ୍ରସ୍ତାବ ସପକ୍ଷ ଓ ବିପକ୍ଷରେ ସମାନ ମତଦାନ ହେଲେ ଅଧିକାର ରହିବ ନାହିଁ ।

**182. ବିଧାନ ପରିଷଦର ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ—** ଯେଉଁ ରାଜ୍ୟର ବିଧାନ ପରିଷଦ ରହିଛି, ଯଥାସମ୍ଭବ, ତାହାର ସଦସ୍ୟମାନଙ୍କ ମଧ୍ୟରୁ ଦୁଇଜଣଙ୍କୁ ଯଥାକ୍ରମେ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷଭାବେ ଚୟନ କରାଯିବ ଏବଂ ଯେତେବେଳେ ଏପରି ଅଧ୍ୟକ୍ଷ କିମ୍ବା ଉପାଧ୍ୟକ୍ଷଙ୍କର ପଦ ଖାଲି ହୁଏ, ସେତେବେଳେ ପରିଷଦ ଅନ୍ୟ ଜଣେ ସଦସ୍ୟଙ୍କୁ ଯଥାସ୍ଥିତି ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷଭାବେ ଚୟନ କରିବେ ।

**183. ଅଧ୍ୟକ୍ଷ ଏବଂ ଉପଧ୍ୟକ୍ଷଙ୍କ ପଦବୀ ଖାଲି, ଇସ୍ତଫା ଏବଂ ବହିଷ୍କାର—** ବିଧାନ ପରିଷଦର ଅଧ୍ୟକ୍ଷ କିମ୍ବା ଉପଧ୍ୟକ୍ଷଙ୍କ ପଦବୀ ଧାରଣ କରିଥିବା ସଦସ୍ୟ—

(*a*) ଯଦି ସେ ପରିଷଦର ସଦସ୍ୟତା ହରାନ୍ତି, ତା'ହେଲେ ତାଙ୍କ ପଦ ଖାଲି କରିବେ;

(*b*) ଯଦି ଅଧ୍ୟକ୍ଷ ହୋଇଥାଆନ୍ତି, ତା'ହେଲେ ଉପାଧ୍ୟକ୍ଷଙ୍କୁ ଏବଂ ଯଦି ଉପାଧ୍ୟକ୍ଷ ହୋଇଥାନ୍ତି ତାହେଲେ ଅଧ୍ୟକ୍ଷଙ୍କୁ ସମ୍ବୋଧିତ କରି ହସ୍ତଲିଖିତ ପତ୍ରଦ୍ୱାରା ଇସ୍ତଫା ଦେଇ ପାରିବେ; ଏବଂ

(*c*) ପରିଷଦର ତତ୍କାଳୀନ ସମସ୍ତ ସଦସ୍ୟଙ୍କର ସଂଖ୍ୟାଗରିଷ୍ଠତାରେ ଗୃହୀତ କୌଣସି ପ୍ରସ୍ତାବଦ୍ୱାରା, ତାଙ୍କ ପଦରୁ ତାଙ୍କୁ ବହିଷ୍କାର କରାଯାଇପାରିବ:

କିନ୍ତୁ, ଯଦି ଖଣ୍ଡ (*c*) ଉଦ୍ଦେଶ୍ୟରେ ଅତିକମରେ ଚଉଦ ଦିନିଆ ସୂଚନା ପ୍ରଦାନ କରାଯାଇନଥାଏ, ତା'ହେଲେ ଏପରି କୌଣସି ପ୍ରସ୍ତାବ ଆଗତ କରାଯିବ ନାହିଁ ।

**184. ଅଧ୍ୟକ୍ଷଭାବେ ତାଙ୍କର କାର୍ଯ୍ୟାଳୟ କର୍ତ୍ତବ୍ୟ ସମ୍ପାଦନ କରିବା କିମ୍ବା ଅଧ୍ୟକ୍ଷରୂପେ କାର୍ଯ୍ୟ କରିବା ନିମନ୍ତେ ଉପାଧ୍ୟକ୍ଷଙ୍କ କିମ୍ବା ଅନ୍ୟ ବ୍ୟକ୍ତିଙ୍କ କ୍ଷମତା—** (1) ଯେତେବେଳେ ଅଧ୍ୟକ୍ଷ ପଦ ଖାଲି ହୁଏ, ସେତେବେଳେ ଉକ୍ତ ପଦବୀର କାର୍ଯ୍ୟ ଉପାଧ୍ୟକ୍ଷଙ୍କଦ୍ୱାରା ସମ୍ପାଦନ କରାଯିବ କିମ୍ବା ଯଦି ଉପାଧ୍ୟକ୍ଷଙ୍କର ପଦ ମଧ୍ୟ ଖାଲି ରୁହେ, ସେହି ଉଦ୍ଦେଶ୍ୟରେ ରାଜ୍ୟପାଳ, ପରିଷଦର ଯେଉଁ ସଦସ୍ୟଙ୍କୁ ନିଯୁକ୍ତ କରିବେ, ସେ ସଦସ୍ୟ କାର୍ଯ୍ୟ ସମ୍ପାଦନ କରିବେ ।

(2) ପରିଷଦର କୌଣସି ବୈଠକରେ ଅଧ୍ୟକ୍ଷଙ୍କ ଅନୁପସ୍ଥିତିରେ ଉପାଧ୍ୟକ୍ଷ; କିମ୍ବା ଯଦି ସେ ମଧ୍ୟ ଅନୁପସ୍ଥିତ ଥାଆନ୍ତି, ତା'ହେଲେ ପରିଷଦର ପଦ୍ଧତିର ନିୟମାବଳୀ ଅନୁଯାୟୀ ସ୍ଥିର କରାଯାଇଥିବା ଏପରି କୌଣସି ବ୍ୟକ୍ତି କିମ୍ବା ଯଦି ଏପରି ବ୍ୟକ୍ତି ମଧ୍ୟ ଉପସ୍ଥିତ ନଥାଆନ୍ତି, ତା'ହେଲେ ପରିଷଦଦ୍ୱାରା ସ୍ଥିର କରାଯାଇଥିବା ଅନ୍ୟ କୌଣସି ବ୍ୟକ୍ତି, ଅଧ୍ୟକ୍ଷଭାବେ କାର୍ଯ୍ୟ କରିବେ ।

**185. ଅଧ୍ୟକ୍ଷ କିମ୍ବା ଉପାଧ୍ୟକ୍ଷ, ସଭାପତିତ୍ୱ କରିବେ ନାହିଁ ଯଦି କାର୍ଯ୍ୟାଳୟରୁ ତାଙ୍କର ବହିଷ୍କାର ନିମନ୍ତେ କୌଣସି ପ୍ରସ୍ତାବ ବିଚାରାଧୀନ ଥାଏ—** (1) ବିଧାନ ପରିଷଦର କୌଣସି ବୈଠକରେ, ଯେତେବେଳେ ଅଧ୍ୟକ୍ଷ କିମ୍ବା ଉପାଧ୍ୟକ୍ଷଙ୍କୁ ପଦରୁ ବହିଷ୍କାର କରିବା ନିମନ୍ତେ କୌଣସି ପ୍ରସ୍ତାବ ବିଚାରାଧୀନ ଥାଏ ସେତେବେଳେ ସେମାନେ ଉପସ୍ଥିତ ଥିଲେ ମଧ୍ୟ ସଭାପତିତ୍ୱ କରିବେ ନାହିଁ ଏବଂ ଯଥାସ୍ଥିତି ଅନୁଚ୍ଛେଦ 184 ଖଣ୍ଡ (1)ର ବ୍ୟବସ୍ଥା, ଏପରି ପ୍ରତ୍ୟେକ ବୈଠକ ପାଇଁ ପ୍ରୟୋଗ ହେବ ଯେପରି ଯଥାସ୍ଥିତି ଅଧ୍ୟକ୍ଷ ବା ଉପାଧ୍ୟକ୍ଷ ଅନୁପସ୍ଥିତ ଥିବା ବୈଠକରେ ପ୍ରୟୋଗ ହୁଏ ।

(2) ଯେତେବେଳେ ପରିଷଦରେ ତାଙ୍କର ବହିଷ୍କାର ପାଇଁ କୌଣସି ପ୍ରସ୍ତାବ ବିଚାରଧୀନ ଥାଏ, ସେତେବେଳେ ପରିଷଦର ବୈଠକରେ ବକ୍ତବ୍ୟ ଦେବା କିମ୍ବା ଅନ୍ୟଥା ଏପରି ବୈଠକରେ ଅଂଶଗ୍ରହଣ କରିବା ନିମନ୍ତେ ଅଧ୍ୟକ୍ଷଙ୍କର ଅଧିକାର ରହିବ ଏବଂ ଅନୁଚ୍ଛେଦ 189ରେ ଯାହା କିଛି ଥିବା ସତ୍ତ୍ୱେ, ଏପରି ପ୍ରସ୍ତାବ ଉପରେ କିମ୍ବା ଏପରି କାର୍ଯ୍ୟାନୁଷ୍ଠାନ ସମୟରେ କେବଳ ପ୍ରଥମ ପର୍ଯ୍ୟାୟରେ ମତଦାନ ଦେବାର ଅଧିକାର ରହିବ, କିନ୍ତୁ ପ୍ରସ୍ତାବ ସପକ୍ଷ ଓ ବିପକ୍ଷରେ ମତଦାନ ସମାନ ହେଲେ ମତଦାନ ଦେବାର ଅଧିକାର ରହିବ ନାହିଁ ।

**186. ବାଚସ୍ପତି ଏବଂ ଉପ-ବାଚସ୍ପତି ଏବଂ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷଙ୍କର ବେତନ ଏବଂ ଭତ୍ତା—** ବିଧାନସଭାର ବାଚସ୍ପତି ଏବଂ ଉପ-ବାଚସ୍ପତି ଏବଂ ବିଧାନ ପରିଷଦର ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷଙ୍କୁ ଏପରି ବେତନ ଏବଂ ଭତ୍ତା ପ୍ରଦାନ କରାଯିବ, ଯାହାକି ଆଇନଦ୍ୱାରା ରାଜ୍ୟ ବିଧାନମଣ୍ଡଳଦ୍ୱାରା ସ୍ଥିର କରାଯାଇଥିବ ଏବଂ ଯେପର୍ଯ୍ୟନ୍ତ ସେ ସମ୍ବନ୍ଧରେ କୌଣସି ବ୍ୟବସ୍ଥା କରାଯାଇ ନାହିଁ, ସେମାନେ ସେପର୍ଯ୍ୟନ୍ତ ଦ୍ୱିତୀୟ ଅନୁସୂଚୀରେ ଧାର୍ଯ୍ୟ କରାଯାଇଥିବା ବେତନ ଏବଂ ଭତ୍ତା ପାଇବେ ।

**187. ରାଜ୍ୟ ବିଧାନମଣ୍ଡଳର ସଚିବାଳୟ—** ରାଜ୍ୟ ବିଧାନମଣ୍ଡଳର ସଦନ କିମ୍ବା ପ୍ରତ୍ୟେକ ସଦନର ଏକ ପୃଥକ ସଚିବାଳୟ କର୍ମଚାରୀ ରହିବେ:

କିନ୍ତୁ, ଏହି ଅନୁଚ୍ଛେଦରେ ଥିବା କୌଣସି ବ୍ୟବସ୍ଥା, ଯେଉଁ ରାଜ୍ୟର ବିଧାନମଣ୍ଡଳରେ ବିଧାନ ପରିଷଦ ଅଛି ସେପରି କ୍ଷେତ୍ରରେ, ଉଭୟ ସଦନର ସାଧାରଣ ପଦବୀ ସୃଷ୍ଟି କରିବାରେ ବ୍ୟାଘାତ ସୃଷ୍ଟି କରିବ ନାହିଁ ବୋଲି ବୋଲି ଗ୍ରହଣ କରାଯିବ ।

(2) ରାଜ୍ୟ ବିଧାନମଣ୍ଡଳ, ରାଜ୍ୟ ବିଧାନମଣ୍ଡଳର ସଦନ କିମ୍ବା ସଦନଗୁଡ଼ିକରେ ସଚିବାଳୟ କର୍ମଚାରୀମାନଙ୍କ ଭତ୍ତା, ନିଯୁକ୍ତ ବ୍ୟକ୍ତିମାନଙ୍କର ଚାକିରି ସର୍ତ୍ତାବଳୀ ଇତ୍ୟାଦିକୁ, ଆଇନଦ୍ୱାରା ନିୟନ୍ତ୍ରଣ କରିପାରିବେ ।

(3) ଯେ ପର୍ଯ୍ୟନ୍ତ ଖଣ୍ଡ (2) ଅନୁଯାୟୀ କୌଣସି ରାଜ୍ୟ ବିଧାନମଣ୍ଡଳ କୌଣସି ବ୍ୟବସ୍ଥା ନକରିଛି ସେପର୍ଯ୍ୟନ୍ତ ବିଧାନସଭା ଓ ବିଧାନ ପରିଷଦର ସଚିବାଳୟ କର୍ମଚାରୀଭାବେ ନିଯୁକ୍ତ ବ୍ୟକ୍ତିମାନଙ୍କର ନିଯୁକ୍ତି ଏବଂ ନିଯୁକ୍ତ ବ୍ୟକ୍ତିମାନଙ୍କର ଚାକିରି ସର୍ତ୍ତାବଳୀକୁ, ରାଜ୍ୟପାଳ, ବିଧାନସଭାର ବାଚସ୍ପତି ଏବଂ ବିଧାନ ପରିଷଦ ଅଧ୍ୟକ୍ଷଙ୍କ ସହିତ ପରାମର୍ଶ କରିବାପରେ, ନିୟମାବଳୀ ପ୍ରଣୟନ କରିପାରିବେ ଏବଂ ଏପରି ପ୍ରଣୀତ କୌଣସି ନିୟମାବଳୀ, ଉକ୍ତ ଖଣ୍ଡ ଅଧୀନରେ ପ୍ରଣୀତ ଆଇନର ବ୍ୟବସ୍ଥାର ନିୟନ୍ତ୍ରଣାଧୀନରେ ରହିବା ସତ୍ତ୍ୱେ ମାନ୍ୟ ହେବ ।

*କାର୍ଯ୍ୟ ପରିଚାଳନା*

**188. ସଦସ୍ୟମାନଙ୍କଦ୍ୱାରା ଶପଥ ଗ୍ରହଣ ବା ସଙ୍କଳ୍ପବଦ୍ଧତା —** କୌଣସି ରାଜ୍ୟର ବିଧାନ ସଭା କିମ୍ବା ବିଧାନ ପରିଷଦର ପ୍ରତ୍ୟେକ ସଦସ୍ୟ, ନିଜ ଆସନ ଗ୍ରହଣ କରିବା ପୂର୍ବରୁ, ରାଜ୍ୟପାଳଙ୍କ ସମ୍ମୁଖରେ କିମ୍ବା ସେ ସମ୍ବନ୍ଧରେ ତାଙ୍କଦ୍ୱାରା ନିଯୁକ୍ତ କୌଣସି ବ୍ୟକ୍ତିଙ୍କ ସମ୍ମୁଖରେ, ତୃତୀୟ ଅନୁସୂଚୀରେ ଧାର୍ଯ୍ୟ କରାଯାଇଥିବା ପ୍ରାରୂପ ଅନୁଯାୟୀ ଶପଥ ଗ୍ରହଣ କରିବେ ।

**189. ସଦନଗୁଡ଼ିକର ମତଦାନ ପ୍ରଦାନ, ଖାଲିସ୍ଥାନ ଏବଂ ଆବଶ୍ୟକୀୟ ସର୍ବନିମ୍ନ ଉପସ୍ଥାନ ଥାଇ ସଦନଗୁଡ଼ିକର କାର୍ଯ୍ୟ ସଂଖ୍ୟା ନଥାଇ ମଧ ସଦନଗୁଡ଼ିକରେ ମତଦାନ ପ୍ରଦାନ, ସଦନଗୁଡ଼ିକରେ କାର୍ଯ୍ୟ କରିବା କ୍ଷମତା—** (1) ଯଦି ସମ୍ବିଧାନରେ ଅନ୍ୟଥା କୌଣସି ବ୍ୟବସ୍ଥା କରାନଯାଇଥାଏ, ତା'ହେଲେ କୌଣସି ରାଜ୍ୟ ବିଧାନମଣ୍ଡଳର କୌଣସି ସଦନର କୌଣସି ବୈଠକରେ ସମସ୍ତ ପ୍ରଶ୍ନ, ଏପରି କାର୍ଯ୍ୟ କରୁଥିବା ବାଚସ୍ପତି କିମ୍ବା ଅଧ୍ୟକ୍ଷ ସେହି ରୂପରେ କାର୍ଯ୍ୟ କରୁଥିବା କିମ୍ବା ବ୍ୟକ୍ତିଙ୍କ ବ୍ୟତୀତ, ଉପସ୍ଥିତ ସଦସ୍ୟମାନଙ୍କର ସଂଖ୍ୟାଗରିଷ୍ଠତା ଅନୁଯାୟୀ ସ୍ଥିର କରାଯିବ ।

ଏପରି ଭାବେ କାର୍ଯ୍ୟ କରୁଥିବା ବାଚସ୍ପତି କିମ୍ବା ଅଧ୍ୟକ୍ଷ କିମ୍ବା ତାଙ୍କ ପଦରେ କାର୍ଯ୍ୟ କରୁଥିବା ବ୍ୟକ୍ତି, ପ୍ରଥମ ଦଫାରେ ମତଦାନ ଦେବେନାହିଁ, ମାତ୍ର ମତଦାନ ସମାନ ହେବା କ୍ଷେତ୍ରରେ, ତାଙ୍କର ନିର୍ଣ୍ଣୟକାରୀ ମତଦାନ ଅଧିକାର ରହିବ ।

(2) କୌଣସି ରାଜ୍ୟର ବିଧାନମଣ୍ଡଳର ସଦସ୍ୟ ପଦ ଥାଇ ମଧ୍, ଏହାର କାର୍ଯ୍ୟକାରିତା କ୍ଷମତା ରହିବ ଏବଂ ରାଜ୍ୟ ବିଧାନମଣ୍ଡଳର କାର୍ଯ୍ୟାନୁଷ୍ଠାନ ବୈଧ ହେବ, ଯଦିଓ ପରେ ଜଣାଯାଏ ଯେ, କୌଣସି ବ୍ୟକ୍ତି କାର୍ଯ୍ୟାନୁଷ୍ଠାନବେଳେ ଉପସ୍ଥିତ ହେବା ବା ମତଦାନ ଦେବା ବା ଯଥା ଭାଗ ନେବା ପାଇଁ ଅଧିକାର ନଥିବା ସତ୍ତ୍ୱେ ଏପରି କାର୍ଯ୍ୟାନୁଷ୍ଠାନରେ ଥିଲେ କିମ୍ବା ଅନ୍ୟଥା, ଅଂଶଗ୍ରହଣ କରିଥିଲେ ।

[1][(3) ଯେପର୍ଯ୍ୟନ୍ତ ରାଜ୍ୟ ବିଧାନମଣ୍ଡଳ, ଆଇନଦ୍ୱାରା ଅନ୍ୟଥା କୌଣସି ବ୍ୟବସ୍ଥା ନକରିଛନ୍ତି, ସେପର୍ଯ୍ୟନ୍ତ କୌଣସି ରାଜ୍ୟ ବିଧାନମଣ୍ଡଳର କୌଣସି ସଦନର ବୈଠକ ଗଠନ କରିବା ନିମନ୍ତେ ଆବଶ୍ୟକ ସଂଖ୍ୟା ଦଶଜଣ ସଦସ୍ୟ ହେବ କିମ୍ବା ଉକ୍ତ ସଦନର ସମୁଦାୟ ସଦସ୍ୟଙ୍କର ଏକ-ଦଶମାଂଶ ହେବ, ଉଲ୍ଲେଖନୀୟ ଯେ ତନ୍ମଧ୍ୟରୁ ଯେଉଁଟି ଅଧିକ ହୋଇଥିବ, ତାହାକୁ ଗ୍ରହଣ କରାଯିବ ।

(4) ଯଦି କୌଣସି ସମୟରେ, ବିଧାନସଭାର ବୈଠକ ମଧ୍ୟରେ କିମ୍ବା କୌଣସି ରାଜ୍ୟର ବିଧାନ ପରିଷଦର ଏପରି ବୈଠକ ମଧ୍ୟରେ, ଆବଶ୍ୟକ ସଂଖ୍ୟକ ସଦସ୍ୟ ନଥାଆନ୍ତି, ତା'ହେଲେ ବାଚସ୍ପତି କିମ୍ବା ଅଧ୍ୟକ୍ଷ କିମ୍ବା ଏହି ଅନୁସାରେ କାର୍ଯ୍ୟ କରୁଥିବା କୌଣସି ବ୍ୟକ୍ତି, ଯେପର୍ଯ୍ୟନ୍ତ ଆବଶ୍ୟକ ସର୍ବନିମ୍ନ ସଂଖ୍ୟକ ସଦସ୍ୟ ନହୋଇଛନ୍ତି, ସେପର୍ଯ୍ୟନ୍ତ ଏପରି ବୈଠକକୁ ମୁଲତବି ରଖିବେ କିମ୍ବା ସ୍ଥଗିତ ରଖିବେ ।]

---

[1] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ , 1976, ଧାରା 31ଦ୍ୱାରା ବାଦ୍ ଦିଆଯାଇଛି (ତାରିଖ ସୂଚିତ କରାଯାଇ ନାହିଁ) । ଏହି ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ , 1978, ଧାରା 45ଦ୍ୱାରା ଏହି ସଂଶୋଧନ ବାଦ୍ ଦିଆଯାଇଥିଲା (20-6-1979 ଠାରୁ କାର୍ଯ୍ୟକାରୀ) ।

*ସଦସ୍ୟମାନଙ୍କର ଅଯୋଗ୍ୟତା*

**190. ଖାଲି ଆସନ—** (1) କୌଣସି ବ୍ୟକ୍ତି, କୌଣସି ରାଜ୍ୟ ବିଧାନମଣ୍ଡଳର ଉଭୟ ସଦନର ସଦସ୍ୟ ହୋଇପାରିବେ ନାହିଁ ଏବଂ ଯଦି କୌଣସି ବ୍ୟକ୍ତି ଏପରି ଉଭୟ ସଦନର ସଦସ୍ୟଭାବେ ଚୟନ ହୋଇଥାଆନ୍ତି, ତା'ହେଲେ ତାଙ୍କୁ ଗୋଟିଏ ବା ଅନ୍ୟ ସଦନର ଆସନ ପରିତ୍ୟାଗ କରିବା ପାଇଁ, ରାଜ୍ୟ ବିଧାନମଣ୍ଡଳଦ୍ୱାରା ଏ ସମ୍ବନ୍ଧରେ ଆଇନଗତ ବ୍ୟବସ୍ଥା କରାଯିବ ।

(2) ପ୍ରଥମ ଅନୁସୂଚୀରେ ଧାର୍ଯ୍ୟ ଅନୁଯାୟୀ, କୌଣସି ବ୍ୟକ୍ତି ଦୁଇ କିମ୍ବା ଅଧିକ ରାଜ୍ୟର ବିଧାନମଣ୍ଡଳର ସଦସ୍ୟ ହୋଇପାରିବେ ନାହିଁ ଏବଂ ଯଦି କୌଣସି ବ୍ୟକ୍ତି ଏପରି ଦୁଇ କିମ୍ବା ଅଧିକ ରାଜ୍ୟର ବିଧାନମଣ୍ଡଳରେ ସଦସ୍ୟ ନିମନ୍ତେ ବଛା ଯାଇଥାଆନ୍ତି, ତା'ହେଲେ ରାଷ୍ଟ୍ରପତିଙ୍କଦ୍ୱାରା ପ୍ରଣୀତ ନିୟମାବଳୀରେ[1] ଧାର୍ଯ୍ୟ ସମୟ ଅତିବାହିତ ହେବା ପରେ, ଏପରି ସମସ୍ତ ରାଜ୍ୟ ବିଧାନମଣ୍ଡଳରେ ଥିବା ଉକ୍ତ ବ୍ୟକ୍ତିଙ୍କର ଆସନ ଖାଲିହେବ, ଯଦି ସେ ପୂର୍ବରୁ ଗୋଟିଏ ରାଜ୍ୟ ବିଧାନମଣ୍ଡଳ ବ୍ୟତୀତ ଅନ୍ୟ ମଣ୍ଡଳରୁ ନିଜର ଆସନ ତ୍ୟାଗ କରିନଥାଆନ୍ତି।

(3) ଯଦି କୌଣସି ରାଜ୍ୟ ବିଧାନମଣ୍ଡଳର କୌଣସି ସଦନର କୌଣସି ସଦସ୍ୟ—

(*a*) [2][ଅନୁଚ୍ଛେଦ 191ର ଖଣ୍ଡ (1) କିମ୍ବା ଖଣ୍ଡ (2)]ରେ ଉଲ୍ଲେଖ ଥିବା କୌଣସି ଅଯୋଗ୍ୟତାର ନିୟନ୍ତ୍ରଣାଧୀନ ହୁଅନ୍ତି; କିମ୍ବା

[3][(*b*) ଯଥାସ୍ଥିତି ବାଚସ୍ପତି କିମ୍ବା ଅଧ୍ୟକ୍ଷଙ୍କୁ ସମ୍ବୋଧନ କରି ସ୍ୱାକ୍ଷରିତ ପତ୍ରଦ୍ୱାରା ନିଜ ଆସନରୁ ଇସ୍ତଫା ପ୍ରଦାନ କରନ୍ତି ଏବଂ ତାଙ୍କର ଇସ୍ତଫା ବାଚସ୍ପତି କିମ୍ବା ଅଧ୍ୟକ୍ଷଙ୍କଦ୍ୱାରା ଗୃହୀତ ହୁଏ,]

ତାହେଲେ ତାଙ୍କର ଆସନ ଖାଲିହେବ:

[4][କିନ୍ତୁ, ଉପଖଣ୍ଡ(*b*)ରେ ଉଲ୍ଲେଖ ଥିବା କୌଣସି ଇସ୍ତଫା କ୍ଷେତ୍ରରେ, ଯଦି ଗୃହୀତ ହୋଇଥିବା ତଥ୍ୟ କିମ୍ବା ଅନ୍ୟଥା କିମ୍ବା ଉପଯୁକ୍ତ ବିବେଚନା ଅନୁଯାୟୀ ତଦନ୍ତ କରିବାପରେ, ବାଚସ୍ପତି କିମ୍ବା ଅଧ୍ୟକ୍ଷ ସନ୍ତୁଷ୍ଟ ହୁଅନ୍ତି ଯେ, ଏପରି ଇସ୍ତଫା ସ୍ୱେଚ୍ଛାକୃତ ନୁହେଁ କିମ୍ବା ସଠିକ୍ ନୁହେଁ, ତା'ହେଲେ ସେ ଉକ୍ତ ଇସ୍ତଫା ଗ୍ରହଣ କରିବେ ନାହିଁ ।]

(4) ଯଦି କୌଣସି ରାଜ୍ୟ ବିଧାନମଣ୍ଡଳର କୌଣସି ସଦନର କୌଣସି ସଦସ୍ୟ, ବିନା ଅନୁମତିରେ ଷାଠିଏ ଦିନ ପର୍ଯ୍ୟନ୍ତ ସମସ୍ତ ବୈଠକରୁ ଅନୁପସ୍ଥିତ ରୁହନ୍ତି, ତା'ହେଲେ ଉକ୍ତ ସଦନ ତାଙ୍କର ଆସନ ଖାଲି ଅଛି ବୋଲି ଘୋଷଣା କରିବେ:

କିନ୍ତୁ, ଏପରି ଷାଠିଏ ଦିନ ଗଣନା କରିବା ସମୟରେ, ଯେଉଁ ସମୟ ମଧ୍ୟରେ ଲଗାତାର ଚାରିଦିନ ପର୍ଯ୍ୟନ୍ତ ଉକ୍ତ ସଦନର ଅଧିବେଶନକୁ ସ୍ଥଗିତ ରଖାଯାଏ କିମ୍ବା ମୁଲତବି କରାଯାଏ, ତାହା ହିସାବକୁ ନିଆଯିବ ନାହିଁ ।

---

[1] ଆଇନ ମନ୍ତ୍ରାଳୟଦ୍ୱାରା ପ୍ରକାଶିତ ଏକକାଳୀନ ସଦସ୍ୟତା ନିଷେଧ ନିୟମ, 1950, ବିଜ୍ଞପ୍ତି ସଂଖ୍ୟା F. 46/50-C, ତାରିଖ 26 ଜାନୁଆରୀ, 1950, ଭାରତୀୟ ରାଜପତ୍ର, ବିଶେଷ ସଂସ୍କରଣ, ପୃଷ୍ଠା 678 ଦେଖନ୍ତୁ ।

[2] ସମ୍ବିଧାନ (52ତମ ସଂଶୋଧନ) ଅଧିନିୟମ, 1985, ଧାରା 4ଦ୍ୱାରା "ଅନୁଚ୍ଛେଦ 191ର ଖଣ୍ଡ (1)" ପାଇଁ ପ୍ରତିସ୍ଥାପିତ (1-3-1985 ଠାରୁ କାର୍ଯ୍ୟକାରୀ) ।

[3] ସମ୍ବିଧାନ (33ତମ ସଂଶୋଧନ) ଅଧିନିୟମ, 1974, ଧାରା 3ଦ୍ୱାରା ପ୍ରତିସ୍ଥାପିତ (19-5-1974 ଠାରୁ କାର୍ଯ୍ୟକାରୀ)।

[4] ସମ୍ବିଧାନ (33ତମ ସଂଶୋଧନ) ଅଧିନିୟମ, 1974, ଧାରା 3ଦ୍ୱାରା ସନ୍ନିବେଶିତ (19-5-1974 ଠାରୁ କାର୍ଯ୍ୟକାରୀ)।

**191. ସଦସ୍ୟତା ନିମନ୍ତେ ଅଯୋଗ୍ୟତା—** (1) କୌଣସି ରାଜ୍ୟର ବିଧାନସଭା କିମ୍ବା ବିଧାନ ପରିଷଦ ନିମନ୍ତେ, କୌଣସି ବ୍ୟକ୍ତିଙ୍କୁ ସଦସ୍ୟ ଭାବେ ବାଛିବା ନିମନ୍ତେ ଅଯୋଗ୍ୟ ବୋଲି ବିବେଚନା କରାଯିବ—

[1][(*a*) ଯଦି ପ୍ରଥମ ଅନୁସୂଚୀରେ ଧାର୍ଯ୍ୟ ଅନୁଯାୟୀ ସେ ଭାରତ ସରକାରଙ୍କ ଅଧୀନରେ କିମ୍ବା କୌଣସି ରାଜ୍ୟ ସରକାରଙ୍କ ଅଧୀନରେ ଲାଭଦାୟକ କୌଣସି କାର୍ଯ୍ୟାଳୟ ଧାରଣ କରିଥାଆନ୍ତି, ମାତ୍ର ଏପରି କୌଣସି କାର୍ଯ୍ୟାଳୟ ଯାହାକି ରାଜ୍ୟ ବିଧାନମଣ୍ଡଳଦ୍ୱାରା ଆଇନବଳରେ, ଏପରି କାର୍ଯ୍ୟାଳୟ ଧାରଣ କରିଥିବା ବ୍ୟକ୍ତିଙ୍କୁ ଅଯୋଗ୍ୟ ବୋଲି ଘୋଷଣା ନକରେ;]

(*b*) ଯଦି ସେ ବିକୃତ ମସ୍ତିଷ୍କ ହୋଇଥାଆନ୍ତି ଏବଂ କୌଣସି ଉପଯୁକ୍ତ ନ୍ୟାୟାଳୟଦ୍ୱାରା ଏପରି ଘୋଷିତ ହୋଇଥାଆନ୍ତି;

(*c*) ଯଦି ସେ ଋଣ ପରିଶୋଧ ନକରିଥିବା ଦେବାଳିଆ ହୋଇଥାଆନ୍ତି;

(*d*) ଯଦି ସେ ଭାରତର ନାଗରିକ ହୋଇନଥାନ୍ତି କିମ୍ବା ସ୍ୱେଚ୍ଛାକୃତଭାବେ କୌଣସି ବିଦେଶୀ ରାଷ୍ଟ୍ରର ନାଗରିକତ୍ୱ ଗ୍ରହଣ କରିଥାଆନ୍ତି; କିମ୍ବା କୌଣସି ବିଦେଶୀ ରାଷ୍ଟ୍ର ପ୍ରତି ନିଷ୍ଠା ବା ଆନୁଗତ୍ୟ ସ୍ୱୀକାର କରିଥାଆନ୍ତି;

(*e*) ଯଦି ସେ ସଂସଦଦ୍ୱାରା ପ୍ରଣୀତ କୌଣସି ଆଇନ ଅନୁଯାୟୀ ସେପରି ଅଯୋଗ୍ୟ ହୋଇଥାଆନ୍ତି ।

[2][*ସ୍ପଷ୍ଟୀକରଣ*— ଏହି ଖଣ୍ଡ ଉଦ୍ଦେଶ୍ୟରେ], କେବଳ ସେ କେନ୍ଦ୍ରର କିମ୍ବା କୌଣସି ରାଜ୍ୟର ମନ୍ତ୍ରୀ ଥିବା କାରଣ ଯୋଗୁଁ କୌଣସି ବ୍ୟକ୍ତିଙ୍କୁ କେନ୍ଦ୍ର ସରକାରଙ୍କ ଅଧୀନରେ କିମ୍ବା ରାଜ୍ୟ ସରକାରଙ୍କ ଅଧୀନରେ ଲାଭଦାୟକ କାର୍ଯ୍ୟାଳୟ ଧାରଣ କରିଛନ୍ତି ବୋଲି ଧରାଯିବ ନାହିଁ ।

[3][(2) କୌଣସି ରାଜ୍ୟ ବିଧାନସଭାର କିମ୍ବା ରାଜ୍ୟ ବିଧାନ ପରିଷଦର ସଦସ୍ୟ ହେବା ନିମନ୍ତେ କୌଣସି ବ୍ୟକ୍ତି ଅଯୋଗ୍ୟ ହେବେ, ଯଦି ସେ ଦଶମ ଅନୁସୂଚୀ ଅନୁଯାୟୀ ଏପରି ଅଯୋଗ୍ୟ ହୋଇଥାଆନ୍ତି ।]

[4][**192. ସଦସ୍ୟମାନଙ୍କର ଅଯୋଗ୍ୟତା ସମ୍ବନ୍ଧୀୟ ପ୍ରଶ୍ନ ଉପରେ ନିଷ୍ପତ୍ତି—** (1) ଅନୁଚ୍ଛେଦ 191ର ଖଣ୍ଡ (1)ରେ ଉଲ୍ଲେଖ ଥିବା କୌଣସି ଅଯୋଗ୍ୟତାର ପରିସରଭୁକ୍ତ କୌଣସି ରାଜ୍ୟ ବିଧାନମଣ୍ଡଳର କୌଣସି ସଦସ୍ୟ ଅଟନ୍ତି କି ନାହିଁ ବୋଲି ଯଦି କୌଣସି ପ୍ରଶ୍ନ ଉଠେ, ତା'ହେଲେ ଉକ୍ତ ପ୍ରଶ୍ନକୁ ରାଜ୍ୟପାଳଙ୍କୁ ପଠାଯିବ ଏବଂ ତାଙ୍କର ନିଷ୍ପତ୍ତି ଚୂଡ଼ାନ୍ତ ହେବ ।

---

[1] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 32ଦ୍ୱାରା ପ୍ରତିସ୍ଥାପିତ, "(*a*) ଯଦି ସେ ଭାରତ ସରକାର କିମ୍ବା ପ୍ରଥମ ଅନୁସୂଚୀରେ ନିର୍ଦ୍ଦିଷ୍ଟ କୌଣସି ରାଜ୍ୟ ସରକାରଙ୍କ ଅଧୀନରେ ଏପରି କୌଣସି ଲାଭଜନକ ପଦବୀ ଧାରଣ କରନ୍ତି ଯାହା ସଂସଦଦ୍ୱାରା ଅଧିନିୟମଦ୍ୱାରା ଏହାର ଧାରକଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଛି" (ତାରିଖ ସୂଚିତ ହୋଇନାହିଁ) । ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 45ଦ୍ୱାରା ଏହି ସଂଶୋଧନକୁ ବାଦ୍ ଦିଆଯାଇଥିଲା (20-6-1979ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (52ତମ ସଂଶୋଧନ) ଅଧିନିୟମ, 1985, ଧାରା 5ଦ୍ୱାରା "ଏହି ଅନୁଚ୍ଛେଦ ଉଦ୍ଦେଶ୍ୟରେ (2)" ପାଇଁ ପ୍ରତିସ୍ଥାପିତ (1-3-1985ଠାରୁ କାର୍ଯ୍ୟକାରୀ) ।

[3] ସମ୍ବିଧାନ (52ତମ ସଂଶୋଧନ) ଅଧିନିୟମ, 1985, ଧାରା 5ଦ୍ୱାରା ସନ୍ନିବେଶିତ (1-3-1985ଠାରୁ କାର୍ଯ୍ୟକାରୀ) ।

[4] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 33ଦ୍ୱାରା ଅନୁଚ୍ଛେଦ 192 ପାଇଁ ପ୍ରତିସ୍ଥାପିତ (3-1-1977ଠାରୁ କାର୍ଯ୍ୟକାରୀ) ଏବଂ ପରବର୍ତ୍ତୀ ସମୟରେ ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 25ଦ୍ୱାରା ଅନୁଚ୍ଛେଦ 192 ପାଇଁ ପ୍ରତିସ୍ଥାପିତ (20-6-1979ଠାରୁ କାର୍ଯ୍ୟକାରୀ) ।

(2) ଏପରି କୌଣସି ପ୍ରଶ୍ନ ଉପରେ ନିଷ୍ପତ୍ତି ନେବା ପୂର୍ବରୁ ରାଜ୍ୟପାଳ, ନିର୍ବାଚନ ଆୟୋଗଙ୍କ ମତାମତ ଗ୍ରହଣ କରିବେ ଏବଂ ସେହି ମତାମତ ଅନୁଯାୟୀ କାର୍ଯ୍ୟ କରିବେ ।]

**193. ଅନୁଚ୍ଛେଦ 188 ଅନୁଯାୟୀ, ଶପଥ ଗ୍ରହଣ କରିବା ବା ସଂକଳ୍ପବଦ୍ଧ ହେବା ପୂର୍ବରୁ ଆସନ ଗ୍ରହଣ କରିବା ଏବଂ ମତଦାନ ପ୍ରଦାନ କରିବା କିମ୍ବା ଯେତେବେଳେ ଯୋଗ୍ୟ ନୁହଁନ୍ତି କିମ୍ବା ଯେତେବେଳେ ଅଯୋଗ୍ୟ, ସେତେବେଳେ ଆସନ ଗ୍ରହଣ କରିବା ଏବଂ ମତଦାନ ପ୍ରଦାନ କରିବା ନିମନ୍ତେ ଦଣ୍ଡ ବା ଜୋରିମାନା—** ଅନୁଚ୍ଛେଦ 188ର ଆବଶ୍ୟକତାକୁ ପରିପାଳନ କରିବା ପୂର୍ବରୁ, ଯଦି କୌଣସି ବ୍ୟକ୍ତି କୌଣସି ରାଜ୍ୟ ବିଧାନସଭାରେ କିମ୍ବା ରାଜ୍ୟ ବିଧାନ ପରିଷଦରେ ଆସନ ଗ୍ରହଣ କରନ୍ତି କିମ୍ବା ମତଦାନ ପ୍ରଦାନ କରନ୍ତି କିମ୍ବା ଯେତେବେଳେ ସେ ଜାଣିଥାଆନ୍ତି ଯେ, ସଦସ୍ୟତା ନିମନ୍ତେ ସେ ଯୋଗ୍ୟ ନୁହଁନ୍ତି କିମ୍ବା ଅଯୋଗ୍ୟ ଅଟନ୍ତି କିମ୍ବା ସଂସଦଦ୍ୱାରା ପ୍ରଣୀତ କୌଣସି ଆଇନର ବ୍ୟବସ୍ଥା ଅନୁଯାୟୀ, ଏପରି କରିବା ନିମନ୍ତେ ସେ ପ୍ରତିବନ୍ଧିତ, ତା'ହେଲେ ଏପରି ଆସନ ଗ୍ରହଣ କରିଥିବା ଏବଂ ମତଦାନ ପ୍ରଦାନ କରିଥିବା ପ୍ରତ୍ୟେକ ଦିନ ପ୍ରତି ପାଞ୍ଚଶତ ଟଙ୍କା ହିସାବରେ ଜୋରିମାନାରେ ଦଣ୍ଡିତ କରାଯିବ, ଯାହାକି ରାଜ୍ୟର ଦେୟ ଋଣଭାବେ ତାଙ୍କଠାରୁ ଆଦାୟ କରାଯିବ ।

*ରାଜ୍ୟ ବିଧାନମଣ୍ଡଳ ଏବଂ ତା'ର ସଦସ୍ୟମାନଙ୍କର କ୍ଷମତା, ସୁବିଧା ସୁଯୋଗ ଏବଂ ପ୍ରତିରୋଧ କ୍ଷମତା*

**194. ବିଧାନମଣ୍ଡଳର ସଦନଗୁଡ଼ିକର ଏବଂ ସଦସ୍ୟମାନଙ୍କର ତଥା ସେହି ସମିତିଗୁଡ଼ିକର କ୍ଷମତା ସୁବିଧା ସୁଯୋଗ ଇତ୍ୟାଦି—** (1) ଏହି ସମ୍ବିଧାନର ବ୍ୟବସ୍ଥା ଏବଂ ବିଧାନମଣ୍ଡଳର ପ୍ରକ୍ରିୟା, ନିୟମାବଳୀ ଏବଂ ସ୍ଥାୟୀ ଆଦେଶନାମାର ନିୟନ୍ତ୍ରଣାଧୀନରେ ରହି, ପ୍ରତ୍ୟେକ ରାଜ୍ୟ ବିଧାନମଣ୍ଡଳରେ ବକ୍ତବ୍ୟ ଦେବାର ସ୍ୱାଧୀନତା ରହିବ ।

(2) ରାଜ୍ୟର କିମ୍ବା ଏହାର କୌଣସି ସମିତିରେ କୌଣସି ବକ୍ତବ୍ୟ ପ୍ରଦାନ କରିବା କିମ୍ବା ମତଦାନ ପ୍ରଦାନ କରିବା ନିମନ୍ତେ କୌଣସି ରାଜ୍ୟ ବିଧାନ ମଣ୍ଡଳର ସଦସ୍ୟଙ୍କୁ, କୌଣସି ନ୍ୟାୟାଳୟ କାର୍ଯ୍ୟାନୁଷ୍ଠାନରେ ଦାୟୀ କରାଯିବ ନାହିଁ ଏବଂ ସଦନର କ୍ଷମତାନୁଯାୟୀ କୌଣସି ବିବରଣୀ, କାଗଜପତ୍ର, ମତଦାନ କିମ୍ବା କାର୍ଯ୍ୟାନୁଷ୍ଠାନର ବିବରଣୀ ପ୍ରକାଶ ସମ୍ବନ୍ଧରେ କୌଣସି ବ୍ୟକ୍ତିଙ୍କୁ ଦାୟୀ କରାଯିବ ନାହିଁ ।

[1][(3) ଅନ୍ୟ କ୍ଷେତ୍ରରେ, କୌଣସି ରାଜ୍ୟ ବିଧାନମଣ୍ଡଳର,

---

[1] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 34ଦ୍ୱାରା ପ୍ରତିସ୍ଥାପିତ ଏବଂ ନିମ୍ନଲିଖିତ ରୂପେ ପଠିତ:

"(3) ଅନ୍ୟ ଦିଗରେ, ରାଜ୍ୟ ବିଧାନମଣ୍ଡଳର ଏକ ସଦନର ଏବଂ ତାହାର ସଦସ୍ୟ ଓ ସମିତିମାନଙ୍କର କ୍ଷମତା, ସୁବିଧା ଏବଂ ପ୍ରତିରୋଧ କ୍ଷମତା, ସେହି ସଦନର, ତାର ସଦସ୍ୟ ଓ ସମିତିମାନଙ୍କର ହେବ, ଯେପରି ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976ରେ ଧାରା 34 ଆରମ୍ଭ ସମୟରେ ଥିଲା, ଏବଂ ଯାହା ଲୋକସଭାଦ୍ୱାରା ଏମିତି ସଦନ ଓ ତାର ସଦସ୍ୟ ଓ ସମିତି ପାଇଁ ବିକଶିତ ହୋଇପାରେ, ଯେଉଁଠାରେ ସେହି ସଦନ ବିଧାନସଭା ଅଟେ, ଏବଂ ରାଜ୍ୟସଭାଦ୍ୱାରା ଏମିତି ସଦନ, ତାର ସଦସ୍ୟ ଓ ସମିତି ଅନୁଯାୟୀ ବିକଶିତ ହୋଇପାରେ, ଏବଂ ଯେଉଁଠାରେ ସେହି ସଦନ ବିଧାନ ପରିଷଦ ଅଟେ" (ତାରିଖ ସୂଚିତ ହୋଇନାହିଁ) । ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 45ଦ୍ୱାରା ଏହି ସଂଶୋଧନକୁ ବାଦ୍ ଦିଆଯାଇଥିଲା (19-6-1979ଠାରୁ କାର୍ଯ୍ୟକାରୀ) ।"

[1][କୌଣସି ସଦନର ଏବଂ ଏହାର ସଦସ୍ୟମାନଙ୍କର ଏବଂ ଏପରି ପରିଷଦର କୌଣସି ସମିତିର କ୍ଷମତା, ସୁବିଧା ସୁଯୋଗ ଏବଂ ନିରାପତ୍ତା ବିଧାନମଣ୍ଡଳଦ୍ୱାରା ସମୟାନୁକ୍ରମେ ଆଇନଦ୍ୱାରା ସଜ୍ଞା ଭୁକ୍ତ ହେବ ଏବଂ ଯେପର୍ଯ୍ୟନ୍ତ ଏପରି କରାନଯାଇଛି, ସେପର୍ଯ୍ୟନ୍ତ ସମ୍ବିଧାନର 44ତମ ସଂଶୋଧନ ଅଧିନିୟମ, 1978ର ଧାରା 26 ବଳବତ୍ତର ହେବାର ଠିକ୍ ପୂର୍ବରୁ ଯେଉଁ ବ୍ୟବସ୍ଥା ଥିଲା, ସେହି ଅନୁଯାୟୀ ପରିଚାଳିତ ହେବ ।]

(4) ଖଣ୍ଡ(1), (2) ଏବଂ (3)ର ବ୍ୟବସ୍ଥା ସେହି ସମସ୍ତ ବ୍ୟକ୍ତିଙ୍କ ପ୍ରତି ପ୍ରଯୁଜ୍ୟ ହେବ, ଯେଉଁମାନଙ୍କର ଏହି ସମ୍ବିଧାନର କ୍ଷମତା ଅନୁଯାୟୀ, ରାଜ୍ୟ ବିଧାନମଣ୍ଡଳର କୌଣସି ସଦନରେ ବକ୍ତବ୍ୟ ପ୍ରଦାନ କରିବା ଏବଂ ଅନ୍ୟଥା ଅଂଶଗ୍ରହଣ କରିବା ନିମନ୍ତେ ଅଧିକାର ଅଛି କିମ୍ବା ସେଥିର କୌଣସି ସମିତି ପ୍ରତି, ଯେପରିକି ସେଗୁଡ଼ିକ ଉକ୍ତ ବିଧାନମଣ୍ଡଳର ସଦସ୍ୟମାନଙ୍କ ପ୍ରତି ପ୍ରଯୁଜ୍ୟ ହୁଏ ।

**195. ସଦସ୍ୟମାନଙ୍କର ବେତନ ଏବଂ ଭତ୍ତା—**କୌଣସି ରାଜ୍ୟର ବିଧାନସଭା ଏବଂ ବିଧାନ ପରିଷଦର ସଦସ୍ୟମାନେ ଏପରି ବେତନ ଏବଂ ଭତ୍ତା ପାଇବା ନିମନ୍ତେ ଅଧିକାରପ୍ରାପ୍ତ ହେବେ, ଯାହାକି ସମୟାନୁକ୍ରମେ ଆଇନଦ୍ୱାରା ରାଜ୍ୟ ବିଧାନମଣ୍ଡଳଦ୍ୱାରା ସ୍ଥିର କରାଯିବ; ଏବଂ ଯେପର୍ଯ୍ୟନ୍ତ ଏପରି ବ୍ୟବସ୍ଥା କରାଯାଇ ନାହିଁ, ସେପର୍ଯ୍ୟନ୍ତ ସମ୍ବିଧାନର ଠିକ୍ ପ୍ରଚଳନ ପୂର୍ବରୁ ଏପରି ହାରରେ ଏବଂ ଏପରି ସର୍ତ୍ତରେ ବେତନ ଏବଂ ଭତ୍ତା ପାଇବେ,ଯେପରି ସମକାଳୀନ ପ୍ରଦେଶର ବିଧାନସଭାର ସଦସ୍ୟମାନେ ପାଉଥିଲେ।

*ବିଧାନ ପ୍ରକ୍ରିୟା*

**196. ବିଧେୟକ ଉପସ୍ଥାପନ କରିବା ଏବଂ ମଞ୍ଜୁରି କରିବା ସମ୍ବନ୍ଧରେ ବ୍ୟବସ୍ଥା—** (1) ଅନୁଚ୍ଛେଦ 198 ଏବଂ 207ର ନିୟନ୍ତ୍ରଣାଧୀନରେ, ଅର୍ଥ ବିଧେୟକ ଏବଂ ଅନ୍ୟ ଅର୍ଥ ସମ୍ବନ୍ଧୀୟ ବିଧେୟକ ବ୍ୟତୀତ ଅନ୍ୟ କୌଣସି ବିଧେୟକକୁ, ଯେଉଁ ରାଜ୍ୟରେ ବିଧାନ ପରିଷଦ ଅଛି ସେଇ ରାଜ୍ୟର ବିଧାନମଣ୍ଡଳର ଯେକୌଣସି ସଦନରେ ଉପସ୍ଥାପନ କରାଯାଇପାରେ ।

(2) ଅନୁଚ୍ଛେଦ 197 ଏବଂ 198ର ବ୍ୟବସ୍ଥାର ଅଧୀନରେ ରହି, ବିଧାନମଣ୍ଡଳର ବିଧାନ ପରିଷଦ କିମ୍ବା କୌଣସି ରାଜ୍ୟର ଉଭୟ ସଦନରେ କୌଣସି ବିଧେୟକ ମଞ୍ଜୁର ହୋଇଛି ବୋଲି ଧରାଯିବ ନାହିଁ, ଯଦି ତାହା ଉଭୟ ସଦନଦ୍ୱାରା ବିନା ସଂଶୋଧନରେ କିମ୍ବା ସଂଶୋଧନ ସହିତ ସମ୍ମତି ଲାଭ କରିନଥାଏ ।

(3) କୌଣସି ରାଜ୍ୟ ବିଧାନମଣ୍ଡଳରେ ବିଚାରାଧୀନ ଥିବା କୌଣସି ବିଧେୟକ, ଉକ୍ତ ବିଧାନମଣ୍ଡଳର ସଦନ କିମ୍ବା ଉଭୟ ସଦନର ସ୍ଥଗିତାବସ୍ଥାରେ, ଅକାମୀ ହେବ ନାହିଁ ।

(4) କୌଣସି ରାଜ୍ୟର ବିଧାନ ପରିଷଦରେ ବିଚାରାଧୀନ ଥିବା କୌଣସି ବିଧେୟକ, ଯାହାକି ବିଧାନସଭାଦ୍ୱାରା ପାରିତ ହୋଇନାହିଁ, ତାହା ବିଧାନସଭା ଭାଙ୍ଗିଯିବା କାରଣ ଯୋଗୁଁ,ଅକାମୀ ହେବ ନାହିଁ।

(5) କୌଣସି ରାଜ୍ୟ ବିଧାନସଭାରେ ବିଚାରାଧୀନ ଥିବା କୌଣସି ବିଧେୟକ କିମ୍ବା ବିଧାନସଭାଦ୍ୱାରା ପାରିତ ହୋଇ ବିଧାନ ପରିଷଦରେ ବିଚାରାଧୀନ ଅଛି, ତାହା ବିଧାନସଭା ଭାଙ୍ଗିବା ପରେ, ଅକାମୀ ହୋଇଯିବ ।

**197. ଅର୍ଥ ବିଧେୟକ ବ୍ୟତୀତ ଅନ୍ୟ ବିଧେୟକ ସମ୍ବନ୍ଧରେ ବିଧାନ ପରିଷଦର କ୍ଷମତା ଉପରେ କଟକଣା—** (1) ବିଧାନ ପରିଷଦ ଥିବା ରାଜ୍ୟର ବିଧାନସଭାଦ୍ୱାରା ଯଦି କୌଣସି ବିଧେୟକ ମଞ୍ଜୁର ହେବା ପରେ, ଉକ୍ତ ରାଜ୍ୟରେ ଥିବା ବିଧାନ ପରିଷଦକୁ ପ୍ରେରଣ କରାଯାଏ—

---

[1] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 26ଦ୍ୱାରା ନିର୍ଦ୍ଦିଷ୍ଟ କିଛି ଶବ୍ଦ ପାଇଁ ପ୍ରତିସ୍ଥାପିତ (20-6-1979ଠାରୁ କାର୍ଯ୍ୟକାରୀ)।

(*a*) ପରିଷଦଦ୍ୱାରା ଉକ୍ତ ବିଧେୟକଟି ଅସ୍ୱୀକୃତ ହୁଏ; କିମ୍ବା

(*b*) ଯେଉଁ ତାରିଖରେ ଉକ୍ତ ବିଧେୟକଟି ପରିଷଦରେ ଉପସ୍ଥାପନ କରାଗଲା, ସେହି ତାରିଖରୁ ତିନିମାସ ସମୟ ଅତିବାହିତ ହେବା ସତ୍ତ୍ୱେ, ତାହା, ପରିଷଦଦ୍ୱାରା ପାରିତ ନହୋଇଥାଏ; କିମ୍ବା

(*c*) ସଂଶୋଧନ ସହିତ ବିଧେୟକଟି ପରିଷଦଦ୍ୱାରା ମଞ୍ଜୁରି ଲାଭକରେ, ଯେଉଁଥିରେ ବିଧାନସଭା ସମ୍ମତ ହୁଏ ନାହିଁ;

ସେପରିସ୍ଥଳେ ବିଧାନସଭା ଏହାର ପ୍ରକ୍ରିୟାକୁ ନିୟନ୍ତ୍ରଣ କରୁଥିବା ନିୟମାବଳୀର ଅଧୀନରେ ରହି, ସଂଶୋଧନ ସହିତ କିମ୍ବା ବିନା ସଂଶୋଧନରେ, ଯାହାକି ବିଧାନ ପରିଷଦଦ୍ୱାରା କରାଯାଇଛି, ମତାମତ ପ୍ରଦାନ କରାଯାଇଛି କିମ୍ବା ସମ୍ମତି ଲାଭ କରିଛି, ତାହା ସହିତ ପରବର୍ତ୍ତୀ ଅଧିବେଶନରେ ଉକ୍ତ ବିଧେୟକକୁ ପୁନର୍ବାର ମଞ୍ଜୁର କରିବେ ଏବଂ ତା'ପରେ ଏପରି ମଞ୍ଜୁରି ଲାଭ କରିଥିବା ବିଧେୟକକୁ, ବିଧାନ ପରିଷଦକୁ ପୁନଃପ୍ରେରଣ କରିବେ ।

(2) ଯଦି କୌଣସି ବିଧେୟକ ଏପରି ଭାବେ ଦ୍ୱିତୀୟଥର ବିଧାନସଭାଦ୍ୱାରା ମଞ୍ଜୁର କରାଯାଇ, ବିଧାନ ପରିଷଦକୁ ପ୍ରେରଣ କରାଯାଏ—

(*a*) ପରିଷଦଦ୍ୱାରା ବିଧେୟକଟି ଅସ୍ୱୀକୃତ ହୁଏ; କିମ୍ବା

(*b*) ପରିଷଦ ସମକ୍ଷରେ ସେହି ବିଧେୟକ ଉପସ୍ଥାପିତ କରଯିବା ତାରିଖରୁ ତାହା ଏକ ମାସରୁ ଊର୍ଦ୍ଧ୍ୱ ସମୟ ଅତିବାହିତ ହୋଇଥିଲେ ମଧ୍ୟ, ମଞ୍ଜୁର ହୋଇନାହିଁ; କିମ୍ବା

(*c*) ସଂଶୋଧନ ସହିତ ବିଧେୟକଟି ପରିଷଦଦ୍ୱାରା ମଞ୍ଜୁର କରାଯାଇଛି ଯେଉଁଥିରେ ବିଧାନସଭା ସମ୍ମତ ହୁଏ ନାହିଁ;

ସେପରିସ୍ଥଳେ ବିଧେୟକଟି, ଯେଉଁଭାବେ ବିଧାନସଭାଦ୍ୱାରା ଏପରି ସଂଶୋଧନ ସହିତ, ଯଦି କିଛି ଥାଏ ଏବଂ ଯାହାକି ବିଧାନ ପରିଷଦଦ୍ୱାରା କରାଯାଇଥାଏ କିମ୍ବା ମତାମତ ପ୍ରଦାନ କରାଯାଇଥାଏ, ତାହା ବିଧାନସଭା ଦ୍ୱାରା ସମ୍ମତି ଲାଭ କରି ଯେପରିଭାବେ ବିଧାନସଭା ଦ୍ୱାରା ମଞ୍ଜୁରି ଲାଭ କରିଥାଏ ସେହିପରିଭାବେ ଉକ୍ତ ବିଧେୟକଟି, ରାଜ୍ୟ ବିଧାନମଣ୍ଡଳର ସଦନଗୁଡ଼ିକଦ୍ୱାରା ମଞ୍ଜୁରି ଲାଭ କରିଛି ବୋଲି ଧରାଯିବ ।

(3) ଏହି ଅନୁଚ୍ଛେଦର କୌଣସି ବ୍ୟବସ୍ଥା ଅର୍ଥ ବିଧେୟକ ପ୍ରତି ପ୍ରୟୋଗ ହେବ ନାହିଁ ।

**198. ଅର୍ଥ ବିଧେୟକ ସମ୍ବନ୍ଧରେ ବିଶେଷ ପଦ୍ଧତି—** (1) କୌଣସି ଅର୍ଥ ବିଧେୟକ କୌଣସି ବିଧାନ ପରିଷଦରେ ଆଗତ କରାଯିବ ନାହିଁ ।

(2) ବିଧାନ ପରିଷଦରେ ଥିବା କୌଣସି ରାଜ୍ୟର ବିଧାନସଭାଦ୍ୱାରା କୌଣସି ଅର୍ଥ ବିଧେୟକ ମଞ୍ଜୁର ହେବା ପରେ, ବିଧାନ ପରିଷଦର ସୁପାରିଶ ନିମନ୍ତେ ଏହାକୁ ବିଧାନ ପରିଷଦକୁ ପ୍ରେରଣ କରାଯିବ ଏବଂ ବିଧାନ ପରିଷଦ ଏପରି ବିଧେୟକ ପାଇବା ତାରିଖର ଚଉଦ ଦିନ ମଧ୍ୟରେ, ନିଜର ସୁପାରିଶ ସହିତ ତାକୁ ବିଧାନସଭାକୁ ପ୍ରତ୍ୟାର୍ପଣ କରିବେ ବା ଫେରାଇବେ ଏବଂ ତା'ପରେ ବିଧାନସଭା, ବିଧାନ ପରିଷଦର ସମସ୍ତ କିମ୍ବା ଯେକୌଣସି ସୁପାରିଶକୁ ଗ୍ରହଣ କରିପାରନ୍ତି କିମ୍ବା ପ୍ରତ୍ୟାଖ୍ୟାନ କରିପାରନ୍ତି ।

(3) ଯଦି ବିଧାନସଭା, ବିଧାନ ପରିଷଦର କୌଣସି ସୁପାରିଶକୁ ଗ୍ରହଣ କରନ୍ତି, ତା'ହେଲେ ଅର୍ଥ ବିଧେୟକଟି, ବିଧାନ ପରିଷଦଦ୍ୱାରା ସୁପାରିଶ କରାଯାଇଥିବା ସଂଶୋଧନ ସହିତ ଏବଂ ବିଧାନସଭାଦ୍ୱାରା ଗୃହୀତ ହୋଇଥିବା ଯୋଗୁଁ, ଉଭୟ ସଦନଦ୍ୱାରା ମଞ୍ଜୁରି ଲାଭ କରିଛି ବୋଲି ଧରାଯିବ ।

(4) ଯଦି ବିଧାନସଭା, ବିଧାନ ପରିଷଦର କୌଣସି ସୁପାରିଶକୁ ଗ୍ରହଣ କରନ୍ତି ନାହିଁ, ତା'ହେଲେ ବିଧାନ

ପରିଷଦର କୌଣସି ସଂଶୋଧନ ବିନା ଯେପରି ସୁପାରିଶ କରାଯାଇଥିଲା, ସେହିପରି ଭାବେ ଉଭୟ ସଦନଦ୍ୱାରା ଉକ୍ତ ଅର୍ଥ ବିଧେୟକଟି ମଞ୍ଜୁରି ଲାଭ କରିଛି ବୋଲି ଧରାଯିବ ।

(5) ଯଦି କୌଣସି ଅର୍ଥ ବିଧେୟକ ବିଧାନସଭାଦ୍ୱାରା ମଞ୍ଜୁରି ଲାଭକରି, ବିଧାନ ପରିଷଦର ସୁପାରିଶ ନିମନ୍ତେ ପ୍ରେରଣ କରାଯାଏ ଏବଂ ତାହା ଉକ୍ତ ଚଉଦ ଦିନ ଅବଧି ମଧ୍ୟରେ ବିଧାନସଭାକୁ ଫେରସ୍ତ ନକରାଯାଏ, ତା'ହେଲେ ଯେଉଁ ଆକାରରେ ତାହା ବିଧାନସଭାଦ୍ୱାରା ମଞ୍ଜୁରି ଲାଭ କରିଥିଲା, ସେହିପରି ଭାବେ, ଉକ୍ତ ଅବଧିର ସମାପ୍ତି ପରେ, ଉଭୟ ସଦନଦ୍ୱାରା ମଞ୍ଜୁରି ଲାଭ କରିଛି ବୋଲି ଧରାଯିବ ।

**199. ଅର୍ଥ ବିଧେୟକର ପରିଭାଷା—** (1) ଏହି ଅଧ୍ୟାୟର ପ୍ରୟୋଜନ ଉଦ୍ଦେଶ୍ୟରେ ଯଦି ଏହି ନିମ୍ନଲିଖିତ ବିଷୟଗୁଡ଼ିକ ମଧ୍ୟରୁ ସମସ୍ତ ବା କୌଣସିଟି ସମ୍ବନ୍ଧିତ ବ୍ୟବସ୍ଥା ଥାଏ, ତେବେ ସେହି ବିଧେୟକକୁ ଏକ ଅର୍ଥ ବିଧେୟକ ଭାବେ ବିବେଚନା କରାଯିବ, ଯଥା:—

(*a*) କୌଣସି କର ଲାଗୁକରଣ, ଉଚ୍ଛେଦ, ଛାଡ଼, ସଂଶୋଧନ, ନିୟନ୍ତ୍ରଣ ବା ବ୍ୟବସ୍ଥାପନ;

(*b*) ଟଙ୍କା ଋଣ କରିବାକୁ ନିୟନ୍ତ୍ରଣ କରିବା କିମ୍ବା ଏ ସମ୍ବନ୍ଧରେ ରାଜ୍ୟଦ୍ୱାରା ପ୍ରତିଶ୍ରୁତି ପ୍ରଦାନର ବିନିମୟ ବା ରାଜ୍ୟଦ୍ୱାରା ନିଆଯାଇଥିବା କିମ୍ବା ନିଆଯିବାକୁ ଥିବା କୌଣସି ଆର୍ଥିକ ଦାୟିତ୍ୱ ସମ୍ପର୍କିତ ଆଇନର ସଂଶୋଧନ;

(*c*) ରାଜ୍ୟର ସଞ୍ଚିତ ପାଣ୍ଠି କିମ୍ବା ଜରୁରୀକାଳୀନ ପାଣ୍ଠିର ତତ୍ତ୍ୱାବଧାନ; ଏପରି ପାଣ୍ଠିକୁ ଟଙ୍କା ପ୍ରଦାନ କିମ୍ବା ପ୍ରତ୍ୟାହାର କରିବା;

(*d*) ରାଜ୍ୟର ସଞ୍ଚିତ ପାଣ୍ଠିରୁ ଅର୍ଥର ନିର୍ଦ୍ଧାରିତ ବ୍ୟୟ;

(*e*) ରାଜ୍ୟର ସଞ୍ଚିତ ପାଣ୍ଠି ଉପରେ କୌଣସି ବ୍ୟୟକୁ ନ୍ୟସ୍ତ ବ୍ୟୟ ବୋଲି ଘୋଷଣା କରିବା କିମ୍ବା ଏପରି ଖର୍ଚ୍ଚର ପରିମାଣକୁ ବୃଦ୍ଧି କରିବା;

(*f*) ରାଜ୍ୟର ସଞ୍ଚିତ ପାଣ୍ଠି କିମ୍ବା ସର୍ବସାଧାରଣ ପାଣ୍ଠି ବବାଦକୁ ଅର୍ଥ ଗ୍ରହଣ କରିବା କିମ୍ବା ଏପରି ଅର୍ଥର ତତ୍ତ୍ୱାବଧାନରେ ରହିବା କିମ୍ବା କିମ୍ବା ଅର୍ଥ ପ୍ରଦାନ କରିବା; କିମ୍ବା

(*g*) ଉପଖଣ୍ଡ (*a*)ରୁ (*f*) ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ କରାଯାଇଥିବା ବିଷୟଗୁଡ଼ିକ କିମ୍ବା ସେଥିରୁ ଆନୁଷଙ୍ଗିକ କୌଣସି ବିଷୟ ।

(2) କେବଳ ଜୋରିମାନା ଲାଗୁ କରିବା କିମ୍ବା ଅନ୍ୟ ଆର୍ଥିକ ଦଣ୍ଡ ବ୍ୟବସ୍ଥା କରୁଥିବା କିମ୍ବା ଦାବି ପତ୍ର ନିମନ୍ତେ କିମ୍ବା ପ୍ରଦତ୍ତ ସେବା ନିମନ୍ତେ ଶୁଳ୍କ ଦାବି କରୁଥିବାରୁ, କିମ୍ବା କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ବା ସଂସ୍ଥାଦ୍ୱାରା, ସ୍ଥାନୀୟ ପ୍ରୟୋଜନ ଉଦ୍ଦେଶ୍ୟରେ କୌଣସି କର ଲାଗୁ କରିବା, ଛାଡ଼ କରିବା, ସଂଶୋଧନ କିମ୍ବା ନିୟନ୍ତ୍ରଣ କରିବାର କାରଣ ଯୋଗୁଁ କୌଣସି ବିଧେୟକ ଅର୍ଥ ବିଧେୟକ ଭାବେ ବିବେଚନା କରାଯିବ ନାହିଁ ।

(3) ବିଧାନ ପରିଷଦ ଥିବା କୌଣସି ରାଜ୍ୟର ବିଧାନମଣ୍ଡଳରେ ଆଗତ କରାଯାଇଥିବା କୌଣସି

ବିଧେୟକ, ଅର୍ଥ ବିଧେୟକ ଅଟେ କି ନୁହେଁ ବୋଲି ଯଦି ପ୍ରଶ୍ନ ଉଠେ, ତା'ହେଲେ ଉକ୍ତ ରାଜ୍ୟର ବିଧାନସଭାର ବାଚସ୍ପତିଙ୍କର, ସେ ସମ୍ବନ୍ଧରେ ନିଷ୍ପତ୍ତି ଚୂଡ଼ାନ୍ତ ହେବ ।

(4) ଅନୁଚ୍ଛେଦ 198 ଅନୁଯାୟୀ ରାଜ୍ୟ ବିଧାନ ପରିଷଦକୁ ପ୍ରେରିତ ହେଉଥିବା ସମୟରେ ଏବଂ ଅନୁଚ୍ଛେଦ 200 ଅନୁଯାୟୀ ରାଜ୍ୟପାଳଙ୍କ ସମ୍ମତି ନିମନ୍ତେ ତାଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଉଥିବା ବେଳେ, ପ୍ରତ୍ୟେକ ଅର୍ଥ ବିଧେୟକରେ ବିଧାନସଭାର ବାଚସ୍ପତି ଏହା ଅର୍ଥ ବିଧେୟକ ଅଟେ ବୋଲି ଏକ ପ୍ରମାଣପତ୍ରରେ ଦସ୍ତଖତ କରିବେ ।

**200. ବିଧେୟକଗୁଡ଼ିକ ପ୍ରତି ସ୍ୱୀକୃତି—** କୌଣସି ବିଧେୟକ ରାଜ୍ୟ ବିଧାନସଭାଦ୍ୱାରା ପାରିତ ହେବା ପରେ କିମ୍ବା ବିଧାନ ପରିଷଦ ଥିବା ରାଜ୍ୟର ଉଭୟ ସଦନରେ ପାରିତ ହେବା ପରେ ଏହାକୁ ରାଜ୍ୟପାଳଙ୍କ ନିକଟରେ ଉପସ୍ଥାପନ କରାଯିବ ଏବଂ ରାଜ୍ୟପାଳ ଏହି ବିଧେୟକକୁ ସ୍ୱୀକୃତି ପ୍ରଦାନ କରିବେ ବା ପ୍ରତ୍ୟାହାର କରିବେ କିମ୍ବା ରାଷ୍ଟ୍ରପତିଙ୍କ ବିଚାର ନିମନ୍ତେ ତାକୁ ସଂରକ୍ଷିତ ରଖିବେ ତାହା ଘୋଷଣା କରିବେ ।

କିନ୍ତୁ, ରାଜ୍ୟପାଳଙ୍କ ତାଙ୍କର ସ୍ୱୀକୃତି ଉଦ୍ଦେଶ୍ୟରେ ଉପସ୍ଥାପନା କରାଯାଇଥିବା ବିଧେୟକ, ଅର୍ଥ ବିଧେୟକ ହୋଇନଥିଲେ ସେ ତାକୁ ଯେତେ ଶୀଘ୍ର ସମ୍ଭବ, ଏପରି ଏକ ବାର୍ତ୍ତା ସହ ଫେରାଇ ଦେଇପାରିବେ ଯେଉଁଥିରେ ସେ ଅନୁରୋଧ କରିଥିବେ ଯେ ସଦନରେ ବା ଯେଉଁ ରାଜ୍ୟରେ ଉଭୟ ସଦନ ଥିବ, ଉଭୟରେ ସେହି ବିଧେୟକର ବା ସେଥିରେ ଥିବା କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥାର ପୁନର୍ବିଚାର କରାଯାଉ ଏବଂ ବିଶେଷଭାବେ ସେ ସେହି ସର୍ତ୍ତରେ ଏପରି ସୁପାରିଶ କରିଥିବେ ଯେ, ଏହିପରି ସଂଶୋଧନ ସହିତ ଉକ୍ତ ବିଧେୟକକୁ ଆଗତ କରିବା କିପରି ବାଞ୍ଛନୀୟ ତାର ଯଥାର୍ଥତା ସମ୍ପର୍କରେ ବିଚାର କରାଯାଉ ଏବଂ ଯେତେବେଳେ ଏପରି ଅନୁରୋଧ ସହ ଏକ ବିଧେୟକ ରାଜ୍ୟପାଳଙ୍କ ନିକଟରୁ ଫେରିଆସେ ସଦନ ବା ଉଭୟ ସଦନ ସେହି ଅନୁସାରେ ଏହାର ପୁନର୍ବିଚାର କରିବେ, ଏବଂ ଯଦି ଉକ୍ତ ବିଧେୟକ ସଂଶୋଧନ ସହିତ କିମ୍ବା ବିନା ସଂଶୋଧନରେ ପୁନର୍ବାର ଉକ୍ତ ସଦନ ବା ସଦନଗୁଡ଼ିକଦ୍ୱାରା ପାରିତ କରାଯାଏ ଏବଂ ସ୍ୱୀକୃତି ନିମନ୍ତେ ରାଜ୍ୟପାଳଙ୍କ ସମକ୍ଷରେ ଉପସ୍ଥାପନ କରାଯାଏ ତେବେ ରାଜ୍ୟପାଳ ତହିଁ ଉପରେ ତାଙ୍କର ସ୍ୱୀକୃତି ଅଟକ ରଖିବେ ନାହିଁ ।

ଅଧିକନ୍ତୁ, ଯଦି କୌଣସି ବିଧେୟକ ଆଇନରେ ପରିଣତ ହେଲେ ତାହା ଏପରିଭାବେ ଉଚ୍ଚ ନ୍ୟାୟାଳୟଙ୍କ ମର୍ଯ୍ୟାଦା ହାନି କରିବା ବା ତାଙ୍କ କ୍ଷମତାକୁ ଏପରି ହ୍ରାସ କରିବା, ଯଦ୍ୱାରା ଉଚ୍ଚ ନ୍ୟାୟାଳୟଙ୍କ ସ୍ଥିତି ଯାହାକୁ ଯେଉଁ ଆସନରେ ସ୍ଥାନିତ ହେବା ପାଇଁ ସମ୍ବିଧାନଦ୍ୱାରା ପରିକଳ୍ପନା କରାଯାଇଛି ତାହା ସଂକଟାପନ୍ନ ହେବ ବୋଲି ରାଜ୍ୟପାଳ ମତବ୍ୟକ୍ତ କରନ୍ତି, ତେବେ ସେହି ବିଧେୟକ ଉପରେ ସେ ସ୍ୱୀକୃତି ଦେବେ ନାହିଁ, ମାତ୍ର ତାହାକୁ ରାଷ୍ଟ୍ରପତିଙ୍କ ବିଚାରାର୍ଥେ ସଂରକ୍ଷଣ କରି ରଖିପାରନ୍ତି ।

**201. ବିଚାର ନିମନ୍ତେ ସଂରକ୍ଷିତ ବିଧେୟକ—** ଯେତେବେଳେ ରାଷ୍ଟ୍ରପତିଙ୍କ ବିଚାର ନିମନ୍ତେ, ରାଜ୍ୟପାଳଙ୍କଦ୍ୱାରା କୌଣସି ବିଧେୟକ ସଂରକ୍ଷିତ କରାଯାଏ, ସେତେବେଳେ ରାଷ୍ଟ୍ରପତି ଏପରି ବିଧେୟକକୁ ସ୍ୱୀକୃତି ଦେବେ କି କିମ୍ବା ସ୍ୱୀକୃତି ପ୍ରତ୍ୟାହାର କରିବେ, ତାହା ଘୋଷଣା କରିବେ:

କିନ୍ତୁ, ସେହି ବିଧେୟକ ଯଦି, ଅର୍ଥ ବିଧେୟକ ହୋଇନଥାଏ, ଯଥାସ୍ଥିତି ଅନୁଚ୍ଛେଦ 200ର ପ୍ରଥମ ପ୍ରତିବନ୍ଧରେ ଉଲ୍ଲେଖିତ ବାର୍ତ୍ତା ସହିତ ଉକ୍ତ ବିଧେୟକକୁ ରାଜ୍ୟ ବିଧାନମଣ୍ଡଳର ସଦନକୁ ଫେରସ୍ତ କରିବା ପାଇଁ ରାଷ୍ଟ୍ରପତି ରାଜ୍ୟପାଳଙ୍କୁ ନିର୍ଦ୍ଦେଶ ଦେବେ ଏବଂ ଯେତେବେଳେ କୌଣସି ବିଧେୟକକୁ ଏପରି ଫେରସ୍ତ କରାଯାଏ, ସେତେବେଳେ ଏପରି ବାର୍ତ୍ତା ପାଇବାର ଛଅମାସର ସମୟ ମଧ୍ୟରେ, ଉକ୍ତ ସଦନ କିମ୍ବା ଉଭୟ ସଦନ ତାହାକୁ ପୁନର୍ବିଚାର କରିବେ ଏବଂ ଯଦି ଏହା ସଂଶୋଧନ ସହ କିମ୍ବା ବିନା ସଂଶୋଧନରେ ପୁନର୍ବାର

ଉକ୍ତ ସଦନ କିମ୍ବା ଉଭୟ ସଦନଦ୍ୱାରା ପାରିତ, ତା'ହେଲେ ରାଷ୍ଟ୍ରପତିଙ୍କ ପାଇଁ ପୁନର୍ବିଚାର ନିମନ୍ତେ ତାକୁ ଉପସ୍ଥାପନ କରାଯିବ ।

*ଆର୍ଥିକ ବିଷୟ ସମ୍ବନ୍ଧରେ ପଦ୍ଧତି*

**202. ବାର୍ଷିକ ଆର୍ଥିକ ବିବରଣୀ—** (1) ପ୍ରତ୍ୟେକ ଆର୍ଥିକ ବର୍ଷ ସମ୍ବନ୍ଧରେ, ରାଜ୍ୟପାଳ, ରାଜ୍ୟ ବିଧାନମଣ୍ଡଳର ସଦନ କିମ୍ବା ସଦନଗୁଡ଼ିକରେ, ସେହି ବର୍ଷ ନିମନ୍ତେ ରାଜ୍ୟର ଆଦାୟ ଏବଂ ଖର୍ଚ୍ଚର ଅଟକଳ ଉପସ୍ଥାପନ କରାଇବେ, ଯାହାକି, ଏହି ଅଂଶରେ "ବାର୍ଷିକ-ବିତ୍ତୀୟ ବିବରଣୀ" ଭାବେ ଉଲ୍ଲେଖିତ ।

(2) ବାର୍ଷିକ ବିତ୍ତୀୟ ବିବରଣୀରେ ସନ୍ନିବିଷ୍ଟ ହୋଇଥିବା ଖର୍ଚ୍ଚର ଅଟକଳ, ପୃଥକ ଭାବେ ଏସବୁ ଦର୍ଶାଇବ—

(*a*) ଖର୍ଚ୍ଚ ବହନ କରିବା ପାଇଁ ଆବଶ୍ୟକ ଅର୍ଥ, ଯାହାକି ଏହି ସମ୍ବିଧାନରେ, ରାଜ୍ୟର ସଞ୍ଚିତ ପାଣ୍ଠି ଉପରେ ନ୍ୟସ୍ତ ବ୍ୟୟ ବୋଲି ବର୍ଣ୍ଣନା କରାଯାଇଛି; ଏବଂ

(*b*) ରାଜ୍ୟର ସଞ୍ଚିତ ପାଣ୍ଠିରୁ ପ୍ରସ୍ତାବିତ ଅନ୍ୟ ଖର୍ଚ୍ଚ ବହନ କରିବା ପାଇଁ ଆବଶ୍ୟକ ଅର୍ଥ,

ଏବଂ ଅନ୍ୟ ଖର୍ଚ୍ଚଠାରୁ ରାଜସ୍ୱ ହିସାବରେ ଖର୍ଚ୍ଚକୁ ପୃଥକ ଭାବେ ରଖାଯିବ।

(3) ନିମ୍ନଲିଖିତ ବ୍ୟୟଗୁଡ଼ିକୁ, ପ୍ରତ୍ୟେକ ରାଜ୍ୟର ସଞ୍ଚିତ ପାଣ୍ଠି ଉପରେ ନ୍ୟସ୍ତ ଖର୍ଚ୍ଚ ବୋଲି ଧରାଯିବ—

(*a*) ରାଜ୍ୟପାଳଙ୍କ ବେତନ ଭତ୍ତା ଓ ଅନ୍ୟ ସୁବିଧା ଏବଂ ତାଙ୍କ ଅନ୍ୟ ଖର୍ଚ୍ଚ;

(*b*) ବିଧାନସଭାର ବାଚସ୍ପତି ଏବଂ ଉପ ବାଚସ୍ପତିଙ୍କ ବେତନ ଏବଂ ଭତ୍ତା ଏବଂ ବିଧାନ ପରିଷଦ ଥିବା କୌଣସି ରାଜ୍ୟ କ୍ଷେତ୍ରରେ, ବିଧାନ ପରିଷଦର ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷଙ୍କର ବେତନ ଏବଂ ଭତ୍ତା;

(*c*) ରାଜ୍ୟର ଦାୟିତ୍ୱରେ ଥିବା ଏପରି ଋଣ ସମ୍ବନ୍ଧୀୟ ବ୍ୟୟ ଯେଉଁଥିରେ ସୁଧ, ଭବିଷ୍ୟତରେ ଋଣ ସୁଝିବା ପାଇଁ ସଞ୍ଚିତ ପାଣ୍ଠି ସମ୍ବନ୍ଧିତ ବ୍ୟୟ ରହୁଥିବା "ନିମଜ୍ଜନ ପାଣ୍ଠିର ଭାର ଓ ରାଜ୍ୟ ନେଇଥିବା ଋଣ କିମ୍ବା ବ୍ୟୟର କାଳ ଅବଧି ପୂର୍ଣ୍ଣ ହେବା ପରେ ବା ତାପୂର୍ବରୁ ମୋଚନ (ପରିଶୋଧ କିମ୍ବା ପ୍ରତିଦାନ) କରିବାରେ ବ୍ୟୟ ବା ଋଣ ମୁକ୍ତିର ଭାର ଏବଂ ଋଣ ଉଠାଣ, ଋଣ ସେବା ଓ ଋଣ ମୁକ୍ତି ସମ୍ବନ୍ଧିତ ଅନ୍ୟ ବ୍ୟୟ ଅନ୍ତର୍ଭୁକ୍ତ;

(*d*) କୌଣସି ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶମାନଙ୍କର ବେତନ ଏବଂ ଭତ୍ତା ବାବଦରେ ଖର୍ଚ୍ଚ;

(*e*) କୌଣସି ନ୍ୟାୟାଳୟ କିମ୍ବା ମଧ୍ୟସ୍ଥ ନ୍ୟାୟାଳୟର ନିଷ୍ପତ୍ତି, ନିର୍ଣ୍ଣୟ, ଅଧିନିର୍ଣ୍ଣୟ, ପ୍ରଭୃତିକୁ ସନ୍ତୁଷ୍ଟ କରିବା ପାଇଁ ଅନ୍ୟ ବ୍ୟୟ;

(*f*) ଏହି ସମ୍ବିଧାନଦ୍ୱାରା କିମ୍ବା ଆଇନଦ୍ୱାରା ରାଜ୍ୟର ବିଧାନମଣ୍ଡଳଦ୍ୱାରା ଘୋଷିତ ଅନ୍ୟ କୌଣସି ବ୍ୟୟ, ଏହିପରି ଆଦାୟ କରାଯିବ ।

**203. ଅଟକଳ ସମ୍ବନ୍ଧିତ ବିଧାନମଣ୍ଡଳର କାର୍ଯ୍ୟବିଧି—** (1) କୌଣସି ରାଜ୍ୟର ସଞ୍ଚିତ ପାଣ୍ଠି ଉପରେ ଧାର୍ଯ୍ୟ କରାଯାଇଥିବା ସେହି ପରିମାଣ ଖର୍ଚ୍ଚ ଅଟକଳକୁ, ବିଧାନସଭାରେ ମତଦାନ ପାଇଁ ଉପସ୍ଥାପନ

କରାଯିବ ନାହିଁ; ମାତ୍ର ଏହି ଅନୁଚ୍ଛେଦର କୌଣସି ବ୍ୟବସ୍ଥା, ଏପରି କୌଣସି ଅଟକଳକୁ ବିଧାନମଣ୍ଡଳରେ ଆଲୋଚନା କରିବାରେ ପ୍ରତିବନ୍ଧ ସୃଷ୍ଟି କରିବ ନାହିଁ ।

(2) ଉକ୍ତ ଅଟକଳ ମଧ୍ୟରୁ ଯେତିକି ଅନ୍ୟ ବ୍ୟୟ ସହ ସମ୍ବନ୍ଧିତ, ତାହା ବିଧାନସଭାରେ ଅନୁଦାନ ନିମିତ୍ତ ଦାବି ଆକାରରେ ଉପସ୍ଥାପନ କରାଯିବ ଏବଂ ଏପରି ଦାବିକୁ ସ୍ୱୀକୃତି ପ୍ରଦାନ ବା ପ୍ରତ୍ୟାହାର କରିବା ବା କୌଣସି ଦାବିରେ ବିନିର୍ଦ୍ଦିଷ୍ଟ ପରିମାଣକୁ ହ୍ରାସ କରି ତାହାକୁ ସ୍ୱୀକୃତି ପ୍ରଦାନ କରିବା ପାଇଁ ବିଧାନସଭାର କ୍ଷମତା ରହିବ ।

(3) ରାଜ୍ୟପାଳଙ୍କ ସୁପାରିଶ ବ୍ୟତୀତ, ସ୍ୱୀକୃତି ନିମନ୍ତେ କୌଣସି ଅନୁଦାନ ଦାବିକୁ ଆଗତ କରାଯିବ ନାହିଁ ।

**204. ବିନିଯୋଗ ବିଧେୟକ—** (1) ଅନୁଚ୍ଛେଦ 203 ଅନୁଯାୟୀ ବିଧାନସଭାଦ୍ୱାରା ମଞ୍ଜୁରି ପରେ, ଯେତେଶୀଘ୍ର ସମ୍ଭବ, ରାଜ୍ୟର ସଞ୍ଚିତ ପାଣ୍ଠିରୁ, ନିମ୍ନ ଖର୍ଚ୍ଚଗୁଡ଼ିକୁ ଭରଣା କରିବା ନିମନ୍ତେ, ଏକ ବିନିଯୋଗ ବିଧେୟକ ଉପସ୍ଥାପନ କରାଯିବ—

(*a*) ବିଧାନସଭାଦ୍ୱାରା ଏହିପରି କରାଯାଇଥିବା ମଞ୍ଜୁରିର; ଏବଂ

(*b*) ରାଜ୍ୟର ସଞ୍ଚିତ ପାଣ୍ଠି ଉପରେ ଧାର୍ଯ୍ୟ କରାଯାଇଥିବା, ମାତ୍ର ପୂର୍ବରୁ ସଦନରେ କିମ୍ବା ଉଭୟ ସଦନରେ ଦର୍ଶାଯାଇଥିବା ବିବରଣୀରେ ଉଲ୍ଲେଖ ପରିମାଣଠାରୁ କୌଣସି କ୍ଷେତ୍ରରେ ଅଧିକ ହୋଇନଥିବା ବ୍ୟୟର ।

(2) ରାଜ୍ୟ ବିଧାନମଣ୍ଡଳର ସଦନ କିମ୍ବା ଉଭୟ ସଦନରେ କୌଣସି ବିଧେୟକରେ ଏପରି କୌଣସି ସଂଶୋଧନ ପ୍ରସ୍ତାବିତ ହେବ ନାହିଁ ଯାହା ଫଳରେ କୌଣସି ସଂଶୋଧନ ପ୍ରସ୍ତାବିତ ହେବ ନାହିଁ , ଯାହା ଫଳରେ କୌଣସି ଅନୁଦାନର ଖର୍ଚ୍ଚ ପରିମାଣ ଭିନ୍ନ ହେବାର ବା ତାହାର ବ୍ୟୟ ସ୍ଥଳରେ ସଂଶୋଧନ ହେବାର ପରିମାଣ ଭଳି କିମ୍ବା ରାଜ୍ୟର ସଞ୍ଚିତ ପାଣ୍ଠି ଉପରେ ନ୍ୟସ୍ତ ବ୍ୟୟର ପରିମାଣରେ ପରିବର୍ତ୍ତନ ସଂଘଟିତ ହେବାଭଳି ପ୍ରଭାବ ଅନୁଭୂତ ହେଉଥିବ ଏବଂ ଏହି ଅନୁଚ୍ଛେଦ ଅନୁଯାୟୀ କୌଣସି ସଂଶୋଧନ ଗ୍ରହଣ ଯୋଗ୍ୟ କି ନୁହେଁ, ତାହା ଏଥିରେ ଅଧ୍ୟକ୍ଷ କରୁଥିବା ବ୍ୟକ୍ତିଙ୍କର ନିଷ୍ପତ୍ତି ଅନୁଯାୟୀ ଚୂଡ଼ାନ୍ତ ହେବ ।

(3) ଅନୁଚ୍ଛେଦ 205 ଓ 206ରେ ବ୍ୟବସ୍ଥା ଥିବା ସତ୍ତ୍ୱେ ଏହି ଅନୁଚ୍ଛେଦର ବ୍ୟବସ୍ଥା ସହିତ ସାମଞ୍ଜସ୍ୟ ରକ୍ଷା କରି ପ୍ରଣୀତ ଆଇନର ଅଧୀନରେ ରହିଥିବା 'ଅର୍ଥ ବିନିଯୋଗ' ବ୍ୟତିରେକ ରାଜ୍ୟର ସଞ୍ଚିତ ପାଣ୍ଠିରୁ କୌଣସି ଅର୍ଥ ବ୍ୟୟ କରାଯାଇପାରିବ ନାହିଁ ।

**205. ଅନୁପୂରକ, ଅତିରିକ୍ତ କିମ୍ବା ମାତ୍ରାଧିକ ଅନୁଦାନ—** (1) ଯଦି ରାଜ୍ୟପାଳ—

(*a*) ଯଦି ଚଳିତ ଆର୍ଥିକ ବର୍ଷରେ କୌଣସି ନିର୍ଦ୍ଦିଷ୍ଟ ସେବା ନିମନ୍ତେ, ଅନୁଚ୍ଛେଦ 204ର ବ୍ୟବସ୍ଥା ଅନୁଯାୟୀ କୌଣସି ଆଇନଦ୍ୱାରା କ୍ଷମତାରେ ଥିବା ରାଶିର ପରିମାଣ, ଉକ୍ତ ବର୍ଷର ଖର୍ଚ୍ଚ ପାଇଁ ଯଥେଷ୍ଟ ହୋଇନଥାଏ କିମ୍ବା ଉକ୍ତ ବର୍ଷର ବାର୍ଷିକ ଆର୍ଥିକ ବିବରଣୀରେ ପରିକଳ୍ପିତ ହୋଇନଥିବା କୌଣସି ନୂତନ ସେବା ନିମନ୍ତେ କୌଣସି ଅନୁପୂରକ କିମ୍ବା ଅତିରିକ୍ତ ଖର୍ଚ୍ଚ ଆବଶ୍ୟକ ହୁଏ; କିମ୍ବା

(*b*) ଯଦି ଏକ ଆର୍ଥିକ ବର୍ଷରେ ଉକ୍ତ ବର୍ଷ ସେହି ସେବା ପାଇଁ ମଞ୍ଜୁର କରାଯାଇଥିବା ରାଶି, ଠାରୁ ଅଧିକ ପରିମାଣ ରାଶି ଖର୍ଚ୍ଚ ହୁଏ,

ତା'ହେଲେ ସେ ରାଜ୍ୟ ବିଧାନମଣ୍ଡଳର ସଦନ କିମ୍ବା ଉଭୟ ସଦନରେ, ଆଉ ଏକ ବିବରଣୀ ଉପସ୍ଥାପନ କରାଇବେ, ଯେଉଁଥିରେ ଉକ୍ତ ଖର୍ଚ୍ଚ ଦର୍ଶାଯାଇଥିବ କିମ୍ବା ରାଜ୍ୟ ବିଧାନସଭାରେ ଏପରି ଅଧିକ ଖର୍ଚ୍ଚ ପାଇଁ ଏକ ଦାବି ଉପସ୍ଥାପନ କରାଇବେ ।

(2) ଅନୁଚ୍ଛେଦ 202, 203, 204ର ବ୍ୟବସ୍ଥା, ବାର୍ଷିକ ବିତ୍ତୀୟ ବିବରଣୀ ଓ ସେଥିରେ ଉଲ୍ଲେଖିତ ବ୍ୟୟ ସହିତ ବା କୌଣସି ଅନୁଦାନ ନିମନ୍ତେ ଦାବି ବା ଏପରି ବ୍ୟୟ ବା ଦାବି ସମ୍ବନ୍ଧୀୟ ଅନୁଦାନର ପୂରଣ ପାଇଁ ରାଜ୍ୟର ସଞ୍ଚିତ ପାଣ୍ଠିରୁ ଅର୍ଥ ବିନିଯୋଗକୁ ପ୍ରାଧିକୃତ କରିବା ନିମିତ୍ତ ପ୍ରଣୀତ ହେବା କୌଣସି ଆଇନ ସମ୍ବନ୍ଧରେ ଯେପରି ପ୍ରଭାବୀ ହୁଏ, ସେହିପରି କୌଣସି ପୂରକ ଅତିରିକ୍ତ ଅନୁଦାନ ସମ୍ପର୍କିତ କୌଣସି ବିବରଣୀ ଏବଂ ବ୍ୟୟ ବା ଦାବି ଏବଂ ରାଜ୍ୟର ସଞ୍ଚିତ ପାଣ୍ଠିରୁ ଅର୍ଥ ବିନିଯୋଗକୁ ପ୍ରାଧିକୃତ କରିବା ନିମିତ୍ତ ପ୍ରଣୀତ ହେବା କୌଣସି ଆଇନ ସମ୍ବନ୍ଧରେ ପ୍ରଭାବୀ ହେବ ।

**206. ହିସାବ, ଋଣ ଓ ବିଶେଷ ଅନୁଦାନ ଉପରେ ମତଦାନ—** ଏହି ଅଧ୍ୟାୟର ପୂର୍ବରୁ କୁହାଯାଇଥିବା ବ୍ୟବସ୍ଥାରେ ଉଲ୍ଲେଖ ଥିବା ସତ୍ତ୍ୱେ କୌଣସି ରାଜ୍ୟ ବିଧାନସଭାର ନିମ୍ନ କ୍ଷମତା ରହିବ—

(*a*) କୌଣସି ଆର୍ଥିକ ବର୍ଷର ବ୍ୟୟ ଅଟକଳର କୌଣସି ଅଂଶ ସମ୍ପର୍କରେ ଅନୁଦାନ ପାଇଁ ମତଦାନ ପ୍ରକ୍ରିୟା ଅନୁଚ୍ଛେଦ 203ରେ ଉଲ୍ଲେଖିତ ଆଇନ ଅନୁଯାୟୀ ସମ୍ପୂର୍ଣ୍ଣ ହେବା, ଲମ୍ବିତ ଥିବା ଓ ଅନୁଚ୍ଛେଦ 204ର ବ୍ୟବସ୍ଥା ଅନୁରୂପ ବ୍ୟୟ ସମ୍ବନ୍ଧିତ ଆଇନର ସ୍ୱୀକୃତି ପ୍ରାପ୍ତି ବିଚାରାଧୀନ ଥିବା ଅବସ୍ଥାରେ କୌଣସି ଅଗ୍ରୀମ ଅନୁଦାନ ପ୍ରଦାନ କରିବା ପାଇଁ;

(*b*) କୌଣସି ସେବାର ପରିବ୍ୟାପ୍ତତା କିମ୍ବା ଅନିର୍ଦ୍ଦିଷ୍ଟ ପ୍ରକୃତି ଯୋଗୁଁ, ବାର୍ଷିକ— ଆର୍ଥିକ ବିବରଣୀରେ ସାଧାରଣତଃ ପ୍ରଦାନ କରାଯାଇନଥିବା ପ୍ରସ୍ତୁତ ବିବରଣୀର କାରଣ ଯୋଗୁଁ, ରାଜ୍ୟ ସମ୍ବଳରୁ, ଏପରି ଅପ୍ରତ୍ୟାଶିତ ଦାବିକୁ ପୂରଣ କରିବା ନିମନ୍ତେ ମଞ୍ଜୁରି ପ୍ରଦାନ କରିବା;

(*c*) କୌଣସି ଆର୍ଥିକ ବର୍ଷର ପ୍ରଚଳିତ ସେବାର କୌଣସି ଭାଗ ଗଠନ କରୁନଥିବା, କୌଣସି ବ୍ୟତିକ୍ରମ ଥିବା ମଞ୍ଜୁରି ପ୍ରଦାନ କରିବା,

ଏବଂ ଯେଉଁ ଉଦ୍ଦେଶ୍ୟରେ ଉପରୋକ୍ତ ମଞ୍ଜୁରି ପ୍ରଦାନ କରାଗଲା, ସେହି ଉଦ୍ଦେଶ୍ୟରେ ରାଜ୍ୟର ସଞ୍ଚିତ ପାଣ୍ଠିରୁ ଟଙ୍କା ବାହାର କରିବା ନିମନ୍ତେ, ଆଇନଦ୍ୱାରା କ୍ଷମତାୟିତ କରିବା ପାଇଁ, ରାଜ୍ୟ ବିଧାନମଣ୍ଡଳର କ୍ଷମତା ରହିବ ।

(2) ଖଣ୍ଡ(1) ଅନୁଯାୟୀ କୌଣସି ମଞ୍ଜୁରି ପ୍ରଦାନ କରିବା ନିମନ୍ତେ ଏବଂ ବାର୍ଷିକ ବିତ୍ତୀୟ ବିବରଣୀରେ ଉଲ୍ଲେଖ ଥିବା କୌଣସି ବ୍ୟୟ ସମ୍ବନ୍ଧରେ କୌଣସି ମଞ୍ଜୁରି ପ୍ରଦାନ କରିବା ନିମନ୍ତେ, ଅନୁଚ୍ଛେଦ 203 ଏବଂ 204ର ବ୍ୟବସ୍ଥା କୌଣସି ମଞ୍ଜୁରି ପ୍ରତି ଯେପରି ପ୍ରଭାବୀ ହୁଏ, ସେହିପରି ଏପରି ଖର୍ଚ୍ଚ ତୁଲାଇବା ନିମନ୍ତେ

ରାଜ୍ୟର ସଞ୍ଚିତ ପାଣ୍ଠିରୁ ଟଙ୍କା ବିନିଯୋଗ କରିବା ନିମନ୍ତେ ପ୍ରଣୀତ ହେବାକୁ ଥିବା କୌଣସି ଆଇନ ପ୍ରତି, ମଧ୍ୟ ଅନୁଚ୍ଛେଦ 203 ଏବଂ 204ର ବ୍ୟବସ୍ଥା ପ୍ରଭାବୀ ରହିବ ।

**207. ଅର୍ଥ ସମ୍ବନ୍ଧୀୟ ବିଧେୟକ ଉପରେ ବିଶେଷ ବ୍ୟବସ୍ଥା—** (1) ଅନୁଚ୍ଛେଦ 199ର ଖଣ୍ଡ (1)ର ଉପଖଣ୍ଡ (*a*)ରୁ (*f*)ପର୍ଯ୍ୟନ୍ତ ବିଷୟଗୁଡ଼ିକ ମଧ୍ୟରୁ କୌଣସିଟି ନିମନ୍ତେ ବ୍ୟବସ୍ଥା କରିବା ପାଇଁ କୌଣସି ବିଧେୟକ କିମ୍ବା ସଂଶୋଧନକୁ, ରାଜ୍ୟପାଳଙ୍କ ସୁପାରିଶ ବିନା ଉପସ୍ଥାପନ କରାଯିବ ନାହିଁ କିମ୍ବା ଆଲୋଚନା ପାଇଁ ଆଗତ କରାଯିବ ନାହିଁ; ଏବଂ ଏପରି ବ୍ୟବସ୍ଥା କରିଥିବା କୌଣସି ବିଧେୟକକୁ ବିଧାନ ପରିଷଦରେ ଉପସ୍ଥାପନ କରାଯିବ ନାହିଁ:

କିନ୍ତୁ, କୌଣସି କର ହ୍ରାସ କିମ୍ବା କର ଉଚ୍ଛେଦ ନିମନ୍ତେ, ଏହି ଖଣ୍ଡ ଅନୁଯାୟୀ ଆଲୋଚନା ପାଇଁ କୌଣସି ସଂଶୋଧନ ଆଗତ କରିବା ନିମନ୍ତେ, କୌଣସି ସୁପାରିଶର ଆବଶ୍ୟକତା ରହିବ ନାହିଁ ।

(2) କୌଣସି ବିଧେୟକ ବା ସଂଶୋଧନକୁ କେବଳ ମାତ୍ର ଜୋରିମାନା କିମ୍ବା ଅନ୍ୟ କୌଣସି ଅର୍ଥଦଣ୍ଡ ଲାଗୁ ବା ପ୍ରଦାନ କିମ୍ବା ଅନୁମତି ପତ୍ର ପାଇଁ ମହାସୁଲ ଶୁଳ୍କ କିମ୍ବା ପ୍ରଦତ୍ତ ସେବା ନିମନ୍ତେ ମହାସୁଲ ଦାବି ବା ପ୍ରଦାନ କରିବା ଯୋଗୁଁ କିମ୍ବା ସ୍ଥାନୀୟ କର୍ତ୍ତୃପକ୍ଷ ବା ସଂସ୍ଥା, ସ୍ଥାନୀୟ ଉଦ୍ଦେଶ୍ୟରେ କର ଲାଗୁ, ଉଚ୍ଛେଦ, କରଛାଡ଼, ସଂଶୋଧନ ବା କର ନିୟମନ କରିବା କାରଣରୁ ମଧ୍ୟ ଉପରୋକ୍ତ ବିଷୟରେ ବ୍ୟବସ୍ଥା କରିଛି ବୋଲି ଧରାଯିବ ନାହିଁ ।

(3) କୌଣସି ବିଧେୟକ ଯଦି ଆଇନରେ ପରିଣତ ଏବଂ କାର୍ଯ୍ୟକାରୀ ହେବା ସମୟରେ ରାଜ୍ୟର ସଞ୍ଚିତ ପାଣ୍ଠିରୁ ବ୍ୟୟ ସମ୍ପୃକ୍ତ ହୁଏ, ସେପରି ବିଧେୟକର ବିଚାର ନିମନ୍ତେ ରାଜ୍ୟପାଳ, ସଦନକୁ, ସୁପାରିଶ କରିନଥିଲେ ତାହା ରାଜ୍ୟ ବିଧାନମଣ୍ଡଳର କୌଣସି ସଦନଦ୍ୱାରା ପାରିତ କରାଯିବ ନାହିଁ ।

*ସାଧାରଣ ପଦ୍ଧତି*

**208. କାର୍ଯ୍ୟ ପଦ୍ଧତି ପାଇଁ ନିୟମାବଳୀ—** (1) ଏହି ସମ୍ବିଧାନର ବ୍ୟବସ୍ଥା ଅଧୀନରେ, ରାଜ୍ୟ ବିଧାନମଣ୍ଡଳର କୌଣସି ସଦନ କାର୍ଯ୍ୟ ପରିଚାଳନା ପାଇଁ ତାହାର ପ୍ରକ୍ରିୟା ସମ୍ବନ୍ଧିତ ନିୟମାବଳୀ* ପ୍ରଣୟନ କରିପାରିବ ।

(2) ଖଣ୍ଡ (1) ଅନୁଯାୟୀ ଯେପର୍ଯ୍ୟନ୍ତ ନିୟମାବଳୀ ପ୍ରଣୟନ କରାନଯାଇଛି, ସେପର୍ଯ୍ୟନ୍ତ ଏହି ସମ୍ବିଧାନ ପ୍ରାରମ୍ଭର ଠିକ ପୂର୍ବରୁ, ଅନୁରୂପ ପ୍ରଦେଶଗୁଡ଼ିକରେ ପ୍ରଚଳିତ ବା ବଳବତ୍ତର ଥିବା କାର୍ଯ୍ୟ ପରିଚାଳନାର ପ୍ରକ୍ରିୟାଗତ ନିୟମାବଳୀ ଏବଂ ନିର୍ଦ୍ଦେଶନାମା, ସେହି ପ୍ରଦେଶର ବିଧାନସଭାର ବାଚସ୍ପତି କିମ୍ବା ବିଧାନ ପରିଷଦର ଅଧ୍ୟକ୍ଷଦ୍ୱାରା ଯଥାସ୍ଥିତି ଆବଶ୍ୟକ ପରିବର୍ତ୍ତନ ଓ ଅନୁକୂଳନ ବା ଗ୍ରହଣୀୟତାର ଅଧୀନରେ ରହି, ରାଜ୍ୟ ବିଧାନମଣ୍ଡଳ ସମ୍ବନ୍ଧରେ କାର୍ଯ୍ୟକାରୀ ହେବ ।

(3) ବିଧାନ ପରିଷଦ ଥିବା କୌଣସି ରାଜ୍ୟରେ, ରାଜ୍ୟପାଳ, ବିଧାନସଭାର ବାଚସ୍ପତି ଏବଂ ବିଧାନ

---

* ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 35 ଦ୍ୱାରା ବନ୍ଧନୀ ଓ ଶବ୍ଦଗୁଡ଼ିକ (ସଦନର ବୈଠକ ସାମ୍ବିଧାନିକ ସଭାର ଆବଶ୍ୟକ ସର୍ବନିମ୍ନ ସଭ୍ୟ ସଂଖ୍ୟା ଅନ୍ତର୍ଭୁକ୍ତ) ସନ୍ନିବେଶିତ (ତାରିଖ ସୂଚିତ ହୋଇନାହିଁ) । ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 45 ଦ୍ୱାରା ଏହି ସଂଶୋଧନକୁ ବାଦ୍ ଦିଆଯାଇଥିଲା (20-06-1979ଠାରୁ କାର୍ଯ୍ୟକାରୀ) ।

ପରିଷଦର ଅଧ୍ୟକ୍ଷଙ୍କ ସହିତ ପରାମର୍ଶ କରିବା ପରେ, ଉଭୟ ସଦନ ମଧ୍ୟରେ ସମ୍ପର୍କ ଆଦାନ ପ୍ରଦାନ ନିମନ୍ତେ ପ୍ରକ୍ରିୟାଗତ ନିୟମାବଳୀ ପ୍ରଣୟନ କରିପାରନ୍ତି ।

**209. ରାଜ୍ୟ ବିଧାନମଣ୍ଡଳରେ ଆର୍ଥିକ କାର୍ଯ୍ୟ ସମ୍ବନ୍ଧୀୟ ପ୍ରକ୍ରିୟାର ଆଇନ ଦ୍ୱାରା ନିୟନ୍ତ୍ରଣ—** କୌଣସି ରାଜ୍ୟ ବିଧାନମଣ୍ଡଳ ଆର୍ଥିକ କାରବାରକୁ ଯଥା ସମୟରେ ସମାପ୍ତ କରିବା ଉଦ୍ଦେଶ୍ୟରେ, ରାଜ୍ୟ ବିଧାନମଣ୍ଡଳରେ ସଦନ କିମ୍ବା ସଦନଗୁଡ଼ିକରେ କୌଣସି ଆର୍ଥିକ ବିଷୟ ସମ୍ବନ୍ଧରେ କୌଣସି କାର୍ଯ୍ୟ ପରିଚାଳନା ପ୍ରକ୍ରିୟାକୁ କିମ୍ବା ରାଜ୍ୟର ସଞ୍ଚିତ ପାଣ୍ଠିରୁ ଟଙ୍କା ବିନିଯୋଗ କରିବା ନିମନ୍ତେ କୌଣସି ବିଧେୟକକୁ, ଆଇନଦ୍ୱାରା, ନିୟନ୍ତ୍ରିତ କରିବେ ଏବଂ ଏପରି ପ୍ରଣୀତ ହୋଇଥିବା କୌଣସି ଆଇନର କୌଣସି ବ୍ୟବସ୍ଥା, ଯଦି ଅନୁଚ୍ଛେଦ 208ର ଖଣ୍ଡ (1) ଅନୁଯାୟୀ ରାଜ୍ୟ ବିଧାନମଣ୍ଡଳର କୌଣସି ସଦନ କିମ୍ବା ସଦନଗୁଡ଼ିକଦ୍ୱାରା ପ୍ରଣୀତ କୌଣସି ଆଇନର ବ୍ୟବସ୍ଥା ସହିତ କିମ୍ବା ଉକ୍ତ ଅନୁଚ୍ଛେଦର ଖଣ୍ଡ(2) ଅନୁଯାୟୀ ଉକ୍ତ ରାଜ୍ୟ ବିଧାନମଣ୍ଡଳ ସମ୍ବନ୍ଧରେ କାର୍ଯ୍ୟକାରୀ ହେଉଥିବା କୌଣସି ନିୟମ କିମ୍ବା ନିର୍ଦ୍ଦେଶନାମା ସହିତ ଅସାମଞ୍ଜସ୍ୟ ହୋଇଥାଏ, ତା'ହେଲେ, ତାହା କାର୍ଯ୍ୟକାରୀ ହେବ ନାହିଁ।

**210. ବିଧାନମଣ୍ଡଳରେ ପ୍ରୟୋଗ ହେବାକୁ ଥିବା ଭାଷା—** (1) ଭାଗ 17ରେ ଯାହାକିଛି ଥିବା ସତ୍ତ୍ୱେ, ଅନୁଚ୍ଛେଦ 348ର ବ୍ୟବସ୍ଥା ନିୟନ୍ତ୍ରଣାଧୀନରେ, କୌଣସି ରାଜ୍ୟ ବିଧାନମଣ୍ଡଳର କାରବାର, ସରକାରୀ ଭାଷା କିମ୍ବା ରାଜ୍ୟର ଭାଷା କିମ୍ବା ହିନ୍ଦୀରେ କିମ୍ବା ଇଂରାଜୀରେ ପରିଚାଳନା କରାଯିବ;

କିନ୍ତୁ, ବିଧାନସଭାର ବାଚସ୍ପତି କିମ୍ବା ବିଧାନ ପରିଷଦର ଅଧ୍ୟକ୍ଷ କିମ୍ବା ଯଥାସ୍ଥିତି, ସେପରି କାର୍ଯ୍ୟ କରୁଥିବା ବ୍ୟକ୍ତି, ଉପରୋକ୍ତ ଭାଷାଗୁଡ଼ିକ ମଧ୍ୟରୁ କୌଣସିଟିରେ ନିଜକୁ ଯଦି ପର୍ଯ୍ୟାପ୍ତ ରୂପେ ଅଭିବ୍ୟକ୍ତ କରିପାରୁନଥିବେ, ତାଙ୍କୁ ସଦନରେ ତାଙ୍କ ମାତୃଭାଷାରେ ନିଜର ବକ୍ତବ୍ୟ ଉପସ୍ଥାପନ କରିବାକୁ ଅନୁମତି ଦେବେ ।

(2) ଯଦି ରାଜ୍ୟ ବିଧାନମଣ୍ଡଳ ଆଇନଦ୍ୱାରା ଅନ୍ୟଥା ବ୍ୟବସ୍ଥା ନକରନ୍ତି, ତା'ହେଲେ ଏହି ଅନୁଚ୍ଛେଦ ସମ୍ବିଧାନ ପ୍ରାରମ୍ଭର ପନ୍ଦର ବର୍ଷ ଅତିବାହିତ ହେବା ପରେ, ଏପରି ପ୍ରଭାବୀ ହେବ, ଯେପରି ଶବ୍ଦମାନ "କିମ୍ବା ଇଂରାଜୀରେ", ସେଥିରୁ ବାଦ୍ ଦିଆଯାଇଛି ।

[1][କିନ୍ତୁ, [2][ହିମାଚଳ ପ୍ରଦେଶ, ମଣିପୁର, ମେଘାଳୟ ଏବଂ ତ୍ରିପୁରା] ପ୍ରଭୃତି ରାଜ୍ୟ ବିଧାନମଣ୍ଡଳଗୁଡ଼ିକରେ, ଏହି ଅନୁଚ୍ଛେଦ କାର୍ଯ୍ୟକାରୀ ହେବ, ଯେପରିକି ସେଥିରେ ଥିବା ଶବ୍ଦାବଳୀ "ପନ୍ଦର ବର୍ଷ" ପରିବର୍ତ୍ତେ ଶବ୍ଦାବଳୀ "ପଚିଶ ବର୍ଷ" ପ୍ରତିସ୍ଥାପିତ କରାଯାଇଛି;]

[3][ଅଧିକନ୍ତୁ, [4][ [5][ଅରୁଣାଚଳପ୍ରଦେଶ, ଗୋଆ ଏବଂ ମିଜୋରାମ] ପ୍ରଭୃତି ରାଜ୍ୟ ବିଧାନମଣ୍ଡଳ ଗୁଡ଼ିକରେ],

---

[1] ହିମାଚଳ ପ୍ରଦେଶ ରାଜ୍ୟ ଅଧିନିୟମ, 1970 (1970 ର 53ନଂ), ଧାରା 46ଦ୍ୱାରା ସନ୍ନିବେଶିତ (25-1-1971ଠାରୁ କାର୍ଯ୍ୟକାରୀ) ।

[2] ଉତ୍ତର-ପୂର୍ବାଞ୍ଚଳ (ପୁନର୍ଗଠନ) ଅଧିନିୟମ, 1971 (1971 ର 81ନଂ) ଧାରା 71ଦ୍ୱାରା "ହିମାଚଳ ପ୍ରଦେଶ ରାଜ୍ୟ ବିଧାନସଭା" ପାଇଁ ପ୍ରତିସ୍ଥାପିତ (21-1-1972ଠାରୁ କାର୍ଯ୍ୟକାରୀ)।

[3] ମିଜୋରାମ ରାଜ୍ୟ ଅଧିନିୟମ, 1986 (1986 ର 34ନଂ), ଧାରା 39ଦ୍ୱାରା ସନ୍ନିବେଶିତ (20-2-1987 ଠାରୁ କାର୍ଯ୍ୟକାରୀ)।

[4] "ମିଜୋରାମ ରାଜ୍ୟର ବିଧାନସଭା" ପାଇଁ ଅରୁଣାଚଳ ପ୍ରଦେଶ ରାଜ୍ୟ ଅଧିନିୟମ, 1986 (1986 ର 69), ଧାରା 42ଦ୍ୱାରା ପ୍ରତିସ୍ଥାପିତ(20-2-1987 ଠାରୁ କାର୍ଯ୍ୟକାରୀ)।

[5] ଗୋଆ, ଡାମନ ଏବଂ ଡିଉ ପୁନର୍ଗଠନ ଅଧିନିୟମ, 1987 (1987ର 18ନଂ), ଧାରା 63ଦ୍ୱାରା "ଅରୁଣାଚଳ ପ୍ରଦେଶ ଏବଂ ମିଜୋରାମ" ପାଇଁ ପ୍ରତିସ୍ଥାପିତ (30-5-1987 ଠାରୁ କାର୍ଯ୍ୟକାରୀ)।

ଏହି ଅନୁଚ୍ଛେଦ କାର୍ଯ୍ୟକାରୀ ହେବ ଯେପରିକି ସେଥିରେ ଥିବା ଶବ୍ଦାବଳୀ "ପନ୍ଦର ବର୍ଷ" ସ୍ଥାନରେ ଶବ୍ଦାବଳୀ "ଚାଳିଶବର୍ଷ", ପରିବର୍ତ୍ତନ କରାଯାଇଛି ।]

**211. ବିଧାନମଣ୍ଡଳରେ ଆଲୋଚନା ଉପରେ କଟକଣା—** ସର୍ବୋଚ୍ଚ ନ୍ୟାୟାଳୟର କିମ୍ବା କୌଣସି ଉଚ୍ଚ ନ୍ୟାୟାଳୟର କୌଣସି ନ୍ୟାୟାଧୀଶଙ୍କ କାର୍ଯ୍ୟକାରୀତା ଉପରେ, ରାଜ୍ୟ ବିଧାନମଣ୍ଡଳରେ କୌଣସି ଆଲୋଚନା କରାଯିବ ନାହିଁ ।

**212. ନ୍ୟାୟାଳୟ ବିଧାନମଣ୍ଡଳର ଆଇନଗତ କାର୍ଯ୍ୟାନୁଷ୍ଠାନ ବିଷୟରେ ତଦନ୍ତ କରିବେ ନାହିଁ—** (1) କୌଣସି କଥିତ ପ୍ରକ୍ରିୟାଗତ ଅନିୟମିତତାର ଅଭିଯୋଗରେ ରାଜ୍ୟ ବିଧାନମଣ୍ଡଳର କୌଣସି କାର୍ଯ୍ୟକଳାପ ସମ୍ପର୍କରେ କୌଣସି ପ୍ରଶ୍ନ କରାଯାଇପାରିବ ନାହିଁ ।

(2) ବିଧାନମଣ୍ଡଳର କାର୍ଯ୍ୟ ପ୍ରକ୍ରିୟା କିମ୍ବା କାର୍ଯ୍ୟ ସଞ୍ଚାଳନକୁ ନିୟନ୍ତ୍ରଣ କରିବା ନିମନ୍ତେ କିମ୍ବା ଏହାର ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ, କୌଣସି ଅଧିକାରୀ କିମ୍ବା ବିଧାନମଣ୍ଡଳ ସଦସ୍ୟଙ୍କ ଉପରେ ସମ୍ବିଧାନଦ୍ୱାରା ବା ସମ୍ବିଧାନ କର୍ତ୍ତୃତ୍ୱାଧିନ କ୍ଷମତା ନ୍ୟସ୍ତ କରାଯାଇଥିଲେ, ସେହି କ୍ଷମତାର ପରିଚାଳନା, କୌଣସି ନ୍ୟାୟାଳୟଙ୍କ କର୍ତ୍ତୃତ୍ୱାଧୀନ ବା ନିୟନ୍ତ୍ରଣାଧୀନରେ ରହିବ ନାହିଁ ।

## ଅଧ୍ୟାୟ 4— ରାଜ୍ୟପାଳଙ୍କ ବୈଧାନିକ କ୍ଷମତା

**213. ବିଧାନମଣ୍ଡଳର ବିରତି ସମୟ ମଧ୍ୟରେ ଅଧ୍ୟାଦେଶ ଜାରି କରିବାର କ୍ଷମତା—** (1) କୌଣସି ରାଜ୍ୟ ବିଧାନସଭା କିମ୍ବା ଯେଉଁ ଅନ୍ୟ ସମୟରେ ରାଜ୍ୟରେ ବିଧାନମଣ୍ଡଳ ଥାଏ ସେପରିସ୍ଥଳେ ଉଭୟ ସଦନର ଅଧିବେଶନ ସମୟ ଭିନ୍ନ, ଯଦି ରାଜ୍ୟପାଳଙ୍କ ହୃଦବୋଧ ହୁଏ ଯେ, ଏପରି ପରିସ୍ଥିତି ରହିଛି, ଯହିଁରେ ତାଙ୍କର ଅବିଳମ୍ବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ, ତା'ହେଲେ ପରିସ୍ଥିତିର ଆବଶ୍ୟକତା ଅନୁଯାୟୀ ସେ ଅଧ୍ୟାଦେଶ ଜାରି କରିପାରନ୍ତି:

କିନ୍ତୁ, ରାଜ୍ୟପାଳ, ରାଷ୍ଟ୍ରପତିଙ୍କଠାରୁ କୌଣସି ନିର୍ଦ୍ଦେଶ ନପାଇ, ଏପରି କୌଣସି ଅଧ୍ୟାଦେଶ ଜାରି କରିବେ ନାହିଁ, ଯଦି—

(*a*) ଏହି ସମ୍ବିଧାନରେ ସେହିପରି ବ୍ୟବସ୍ଥାଥିବା କୌଣସି ବିଧେୟକ, ବିଧାନମଣ୍ଡଳରେ ଆଗତ କରାଯିବା ନିମନ୍ତେ ରାଷ୍ଟ୍ରପତିଙ୍କର ପୂର୍ବ ମଞ୍ଜୁରି ଆବଶ୍ୟକ ହୋଇଥାଆନ୍ତା; କିମ୍ବା

(*b*) ସେହି ବ୍ୟବସ୍ଥା ଧାରଣ କରିଥିବା କୌଣସି ବିଧେୟକକୁ ରାଷ୍ଟ୍ରପତିଙ୍କ ବିଚାର ନିମନ୍ତେ, ଯଦି ସେ ଆବଶ୍ୟକ ମନେକରନ୍ତି, ତା'ହେଲେ ତାହା ସଂରକ୍ଷଣ କରିପାରିବେ; କିମ୍ବା

(*c*) ରାଜ୍ୟ ବିଧାନମଣ୍ଡଳ ସେହି ବ୍ୟବସ୍ଥା ଥିବା ବିଧେୟକ, ଯାହାକି ଏହି ସମ୍ବିଧାନ ଅନୁଯାୟୀ ରାଷ୍ଟ୍ରପତିଙ୍କ ବିଚାର ନିମନ୍ତେ ସଂରକ୍ଷିତ ହୋଇ ତାଙ୍କର ସ୍ୱୀକୃତି ପ୍ରାପ୍ତ ହୋଇନଥିଲେ ଅବୈଧ ହୋଇଥାନ୍ତା ।

(2) ଏହି ଅନୁଚ୍ଛେଦ ଅନୁଯାୟୀ ଜାରି କରାଯାଇଥିବା କୌଣସି ଅଧ୍ୟାଦେଶର ବୈଧଶକ୍ତି ଓ ପ୍ରଭାବ ରାଜ୍ୟପାଳଙ୍କଦ୍ୱାରା ସ୍ୱୀକୃତ ହୋଇଥିବା ରାଜ୍ୟ ବିଧାନମଣ୍ଡଳ କୌଣସି ଆଇନ ସହ ସମାନ ହେବ; ମାତ୍ର ଏପରି ପ୍ରତ୍ୟେକ ଅଧ୍ୟାଦେଶ—

(*a*) ରାଜ୍ୟ ବିଧାନସଭାରେ ଉପସ୍ଥାପନ କରାଯିବ କିମ୍ବା ଯେଉଁସ୍ଥଳରେ କୌଣସି ରାଜ୍ୟରେ ବିଧାନ ପରିଷଦ ଥାଏ, ସେପରି ସ୍ଥଳେ ଉଭୟ ସଦନରେ ଉପସ୍ଥାପନ କରାଯିବ ଏବଂ ବିଧାନମଣ୍ଡଳର ପୁନଃସମାବେଶର ଛଅ ସପ୍ତାହ ପରେ କିମ୍ବା ଯଦି ବିଧାନସଭାଦ୍ୱାରା ଏହାକୁ ଅନୁମୋଦନ ନକରି କୌଣସି ପ୍ରସ୍ତାବ ଗୃହୀତ ହୁଏ ଏବଂ ସେଥିରେ ବିଧାନ ପରିଷଦ ଥିଲେ ସେ ମଧ୍ୟ ସମ୍ମତି ପ୍ରଦାନ କରନ୍ତି, ତା'ହେଲେ ଏପରି ସମୟ ପୂର୍ବରୁ ମଧ୍ୟ, ତାହା କାର୍ଯ୍ୟକାରୀ ହେବାରୁ ବିରତ ହେବ ।

(*b*) ରାଜ୍ୟପାଳଙ୍କଦ୍ୱାରା, ଯେକୌଣସି ସମୟରେ ପ୍ରତ୍ୟାହୃତ ହୋଇପାରିବ ।

*ସ୍ପଷ୍ଟୀକରଣ*— ବିଧାନ ପରିଷଦ ଥିବା ରାଜ୍ୟ ବିଧାନମଣ୍ଡଳର ଉଭୟ ସଦନର ଭିନ୍ନ ତାରିଖରେ ପୁନଃସମାବେଶ ହେବା ପାଇଁ ଡାକିପାରନ୍ତି; ସେପରିସ୍ଥଳେ ଏହି ଖଣ୍ଡର ପ୍ରୟୋଜନ ଉଦ୍ଦେଶ୍ୟରେ ଉକ୍ତ ତାରିଖଗୁଡ଼ିକ ମଧ୍ୟରୁ ସବା ଶେଷ ତାରିଖରୁ ଉକ୍ତ ଛଅ ସପ୍ତାହ ଅବଧି ଗଣନା କରାଯିବ ।

(3) ଯଦି ଏହି ଅନୁଚ୍ଛେଦ ଅନୁଯାୟୀ ଏବଂ ଯେପର୍ଯ୍ୟନ୍ତ କୌଣସି ଅଧ୍ୟାଦେଶରେ ଏପରି କୌଣସି ବ୍ୟବସ୍ଥା ରହିଥାଏ ଯାହା ରାଜ୍ୟ ବିଧାନମଣ୍ଡଳଦ୍ୱାରା କୌଣସି ଆଇନରେ ସ୍ଥାନ ପାଇଲେ ତାହା ରାଜ୍ୟପାଳଙ୍କ ଦ୍ୱାରା ଅନୁମୋଦନ ପ୍ରାପ୍ତ ନହେଲେ ବୈଧ ହୁଏ ନାହିଁ ତେବେ ସେହି ଅଧ୍ୟାଦେଶଟି ବାତିଲ ହେଲା ବୋଲି ଧରି ନିଆଯିବ ।

କିନ୍ତୁ, କୌଣସି ରାଜ୍ୟ ବିଧାନମଣ୍ଡଳର କୌଣସି ଆଇନର ପ୍ରଭାବ ବା କାର୍ଯ୍ୟକାରିତା ସମ୍ବନ୍ଧରେ ଏହି ସମ୍ବିଧାନର ବ୍ୟବସ୍ଥା ଉଦ୍ଦେଶ୍ୟରେ, ଯାହାକି ସଂସଦର କୌଣସି ଆଇନର ପ୍ରତିକୂଳ ବା ବିପରୀତ ଅଟେ କିମ୍ବା କେନ୍ଦ୍ର ଓ ରାଜ୍ୟ ଉଭୟ ଆଇନ ପ୍ରଣୟନ କରିପାରୁଥିବା ବିଷୟ ସମ୍ବନ୍ଧିତ ଯୁଗ୍ମ ତାଲିକାରେ ଉଲ୍ଲେଖ କରାଯାଇଥିବା କୌଣସି ବିଷୟ ସମ୍ବନ୍ଧରେ କୌଣସି ସ୍ଥିତ ଆଇନର ବିରୋଧାଚରଣ କରୁଥାଏ, ସେପରିସ୍ଥଳେ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶରେ ଏହି ଅନୁଚ୍ଛେଦ ଅନୁଯାୟୀ ଜାରି କରାଯାଇଥିବା କୌଣସି ଅଧ୍ୟାଦେଶକୁ ରାଜ୍ୟ ବିଧାନମଣ୍ଡଳର ଏକ ଆଇନ ବୋଲି ଧରାଯିବ, ଯାହାକି ରାଷ୍ଟ୍ରପତିଙ୍କ ବିଚାର ନିମନ୍ତେ ସଂରକ୍ଷିତ ହୋଇଛି ଏବଂ ତାଙ୍କଦ୍ୱାରା ସ୍ୱୀକୃତି ପ୍ରାପ୍ତ କରିଛି ।

[1](4)* * * *

---

[1] ସମ୍ବିଧାନ (38ତମ ସଂଶୋଧନ) ଅଧିନିୟମ, 1975, ଧାରା 3ଦ୍ୱାରା ଖଣ୍ଡ (4) (ପୂର୍ବ ପ୍ରଭାବ ସହିତ) ଦ୍ୱାରା ସନ୍ନିବେଶିତ ଥିଲା ଏବଂ ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 27ଦ୍ୱାରା ବାଦ୍ ଦିଆଯାଇଛି (20-6-1979 ଠାରୁ କାର୍ଯ୍ୟକାରୀ)।

## ଅଧ୍ୟାୟ 5— ରାଜ୍ୟରେ ଥିବା ଉଚ୍ଚ ନ୍ୟାୟାଳୟ

**214. ରାଜ୍ୟଗୁଡ଼ିକ ନିମନ୍ତେ ଉଚ୍ଚ ନ୍ୟାୟାଳୟ—** [1]***ପ୍ରତ୍ୟେକ ରାଜ୍ୟପାଇଁ ଗୋଟିଏ ଉଚ୍ଚ ନ୍ୟାୟାଳୟ ରହିବ।

[2](2)* * * *
[2](3)* * * *

**215. ଉଚ୍ଚ ନ୍ୟାୟାଳୟଗୁଡ଼ିକ ଅଭିଲେଖର ନ୍ୟାୟାଳୟ ହେବ—** ପ୍ରତ୍ୟେକ ଉଚ୍ଚ ନ୍ୟାୟାଳୟ, ଅଭିଲେଖର ଏକ ନ୍ୟାୟାଳୟ ହେବ ଏବଂ ଏହାର ଅବମାନନା ନିମନ୍ତେ ଦଣ୍ଡ ପ୍ରଦାନ କରିବା କ୍ଷମତା ସହିତ ଏପରି ନ୍ୟାୟାଳୟର ସମସ୍ତ କ୍ଷମତା ରହିବ ।

**216. ଉଚ୍ଚ ନ୍ୟାୟାଳୟର ଗଠନ—** ପ୍ରତ୍ୟେକ ଉଚ୍ଚ ନ୍ୟାୟାଳୟରେ ଜଣେ ମୁଖ୍ୟ ନ୍ୟାୟାଧୀଶ ଏବଂ ଏପରି ଅନ୍ୟ ନ୍ୟାୟାଧୀଶମାନେ ରହିବେ, ଯେପରି ରାଷ୍ଟ୍ରପତି ସମୟାନୁକ୍ରମେ, ନିଯୁକ୍ତ କରିବା ପାଇଁ ଆବଶ୍ୟକ ମନେ କରିବେ ।

[3]* * * * *

**217. ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶଙ୍କ ପଦ ନିଯୁକ୍ତି ଏବଂ ନିଯୁକ୍ତି ସର୍ତ୍ତାବଳୀ—** (1) କୌଣସି ଉଚ୍ଚ ନ୍ୟାୟାଳୟର ପ୍ରତ୍ୟେକ ନ୍ୟାୟାଧୀଶଙ୍କୁ, ରାଷ୍ଟ୍ରପତି, [4][ଅନୁଚ୍ଛେଦ 124Aରେ ଉଲ୍ଲେଖିତ ଜାତୀୟ ନ୍ୟାୟିକ ନିଯୁକ୍ତି ଆୟୋଗର ସୁପାରିଶ ଉପରେ ନିଜ ହସ୍ତରେ ଆଦେଶନାମା ବଳରେ ନିଯୁକ୍ତ କରିବେ] ଏବଂ [5][କୌଣସି ଅତିରିକ୍ତ କିମ୍ବା ବଦଳ କାର୍ଯ୍ୟ କରୁଥିବା ବା କାମଚଳା ନ୍ୟାୟାଧୀଶଙ୍କ କ୍ଷେତ୍ରରେ ଅନୁଚ୍ଛେଦ 224ର ବ୍ୟବସ୍ଥା ଅନୁଯାୟୀ ଏବଂ ଅନ୍ୟ କ୍ଷେତ୍ରରେ ଯେପର୍ଯ୍ୟନ୍ତ ସେ [6][62 ବର୍ଷରେ], ଉପନୀତ ନହୋଇଛନ୍ତି, ସେ ପର୍ଯ୍ୟନ୍ତ ପଦ ଧାରଣ କରିବେ;]

କିନ୍ତୁ—

(*a*) କୌଣସି ନ୍ୟାୟାଧୀଶ, ରାଷ୍ଟ୍ରପତିଙ୍କୁ ସମ୍ବୋଧନ କରି, ଲିଖିତ ନିଜସ୍ୱ ହସ୍ତାକ୍ଷର ସମ୍ମିଳିତ ପତ୍ର ମାଧ୍ୟମରେ ତାଙ୍କ ପଦବୀରୁ କାର୍ଯ୍ୟାଳୟରୁ ଇସ୍ତଫା ଦେଇପାରନ୍ତି;

(*b*) ଉଚ୍ଚତମ ନ୍ୟାୟାଳୟ କୌଣସି ନ୍ୟାୟାଧୀଶଙ୍କୁ ବହିଷ୍କାର କରିବା ନିମନ୍ତେ ଅନୁଚ୍ଛେଦ 124ର ଖଣ୍ଡ

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା ବନ୍ଧନୀ ଏବଂ ଅଙ୍କ "(1)"କୁ ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା ଖଣ୍ଡ (2) ଓ (3)କୁ ବାଦ୍ ଦିଆଯାଇଛି, (1-11-1956 ଠାରୁ କାର୍ଯ୍ୟକାରୀ)।

[3] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 11ଦ୍ୱାରା ପ୍ରତିବନ୍ଧକୁ ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ)।

[4] ସମ୍ବିଧାନ (99ତମ ସଂଶୋଧନ) ଅଧିନିୟମ, 2014, ଧାରା 6ଦ୍ୱାରା "ଭାରତର ମୁଖ୍ୟ ନ୍ୟାୟାଧୀଶ, ରାଜ୍ୟର ରାଜ୍ୟପାଳଙ୍କ ସହିତ ପରାମର୍ଶ ପରେ ଏବଂ ମୁଖ୍ୟ ନ୍ୟାୟାଧୀଶ ବ୍ୟତୀତ ଅନ୍ୟ ଜଣେ ନ୍ୟାୟାଧୀଶଙ୍କ ନିଯୁକ୍ତି କ୍ଷେତ୍ରରେ, ଉଚ୍ଚ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶଙ୍କ ସହିତ ପରାମର୍ଶ କରିବା ପରେ" (13-4-2015ଠାରୁ କାର୍ଯ୍ୟକାରୀ) । ଏହି ସଂଶୋଧନକୁ ସୁପ୍ରିମକୋର୍ଟ ଆଡଭୋକେଟ୍ସ-ଅନ୍-ରେକର୍ଡ ଆସୋସିଏସନ୍ ଏବଂ ଅନ୍ୟ ବନାମ କେନ୍ଦ୍ର ସରକାର ମାମଲାରେ 16-10-2015 ରେ ତାଙ୍କ ରାୟରେ ଖାରଜ କରିଦେଇଛନ୍ତି, AIR 2016 SC 117।

[5] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 12ଦ୍ୱାରା, "ଷାଠିଏ ବର୍ଷ ବୟସ ପ୍ରାପ୍ତ କରିବା ପର୍ଯ୍ୟନ୍ତ ସେ ପଦବୀରେ ରହିବେ" ପାଇଁ ପ୍ରତିସ୍ଥାପିତ (1-11-1956 ଠାରୁ କାର୍ଯ୍ୟକାରୀ)।

[6] ସମ୍ବିଧାନ (ପଞ୍ଚଦଶ ସଂଶୋଧନ) ଅଧିନିୟମ, 1963, ଧାରା 4(*a*)ଦ୍ୱାରା "ଷାଠିଏ ବର୍ଷ" ପାଇଁ ପ୍ରତିସ୍ଥାପିତ (5-10-1963 ଠାରୁ କାର୍ଯ୍ୟକାରୀ) ।

(4)ରେ ଥିବା ବ୍ୟବସ୍ଥା ସମ୍ବନ୍ଧିତ ପ୍ରକ୍ରିୟାରେ ବ୍ୟବସ୍ଥାୟିତ ପଦ୍ଧତିରେ, କୌଣସି ନ୍ୟାୟାଧୀଶଙ୍କୁ, ରାଷ୍ଟ୍ରପତି ତାଙ୍କ କାର୍ଯ୍ୟାଳୟରୁ ବହିଷ୍କାର କରିପାରନ୍ତି;

(*c*) କୌଣସି ନ୍ୟାୟାଧୀଶଙ୍କ କାର୍ଯ୍ୟାଳୟ ସେତେବେଳେ ଖାଲି ପଡ଼େ ବା ଖାଲି ହୁଏ, ଯେତେବେଳେ ସେ ରାଷ୍ଟ୍ରପତିଙ୍କଦ୍ୱାରା, ସର୍ବୋଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶଭାବେ ନିଯୁକ୍ତ ହୁଅନ୍ତି କିମ୍ବା ଭାରତୀୟ ଅଞ୍ଚଳ ମଧ୍ୟରେ ଥିବା ଅନ୍ୟ କୌଣସି ଉଚ୍ଚ ନ୍ୟାୟାଳୟକୁ, ରାଷ୍ଟ୍ରପତିଙ୍କଦ୍ୱାରା ସ୍ଥାନାନ୍ତରିତ ହୁଅନ୍ତି ।

(2) କୌଣସି ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶଭାବେ ନିଯୁକ୍ତ ହେବା ପାଇଁ କୌଣସି ବ୍ୟକ୍ତି ଯୋଗ୍ୟ ବିବେଚିତ ହେବେ ନାହିଁ, ଯଦି ସେ ଭାରତର ନାଗରିକ ହୋଇନଥାଆନ୍ତି ଏବଂ—

(*a*) ଭାରତୀୟ ଅଞ୍ଚଳରେ ଅତିକମରେ ଦଶବର୍ଷ ପର୍ଯ୍ୟନ୍ତ ନ୍ୟାୟିକ ପଦ ଧାରଣ କରିନଥାନ୍ତି; କିମ୍ବା

(*b*) କୌଣସି ଉଚ୍ଚ ନ୍ୟାୟାଳୟରେ[1]*** ଦୁଇ ବା ତତୋଧିକ ଏହିପରି ନ୍ୟାୟାଳୟରେ [2]***ଅତିକମରେ ଦଶବର୍ଷ ପର୍ଯ୍ୟନ୍ତ ଜଣେ ଅଧିବକ୍ତା ହୋଇ ନଥାନ୍ତି ।

[2](*c*)* * * * *

*ସ୍ପଷ୍ଟୀକରଣ*— ଏହି ଖଣ୍ଡ ଉଦ୍ଦେଶ୍ୟରେ—

[3][(*a*) ଭାରତୀୟ ଅଞ୍ଚଳ ମଧ୍ୟରେ ଥିବା ବିଚାର ବିଭାଗୀୟ କାର୍ଯ୍ୟାଳୟ, କୌଣସି ବ୍ୟକ୍ତି ଧାରଣ କରିଥିବା ସମୟକୁ ଗଣନା କରିବାରେ ସେ ଏପରି କାର୍ଯ୍ୟାଳୟ ଗ୍ରହଣ କରିବା ବା ଧାରଣ କରିବା ପରେ, କୌଣସି ସମୟକୁ ଅନ୍ତର୍ଭୁକ୍ତ କରାଯିବ, ଯେଉଁ ସମୟ ମଧ୍ୟରେ ଉକ୍ତ ବ୍ୟକ୍ତି କୌଣସି ଉଚ୍ଚ ନ୍ୟାୟାଳୟର ଅଧବକ୍ତା ଥିଲେ କିମ୍ବା କେନ୍ଦ୍ର କିମ୍ବା ରାଜ୍ୟ ଅଧୀନରେ, ଆଇନରେ ବିଶେଷ ଜ୍ଞାନ ଥିବା କୌଣସି ପଦବୀ କିମ୍ବା କୌଣସି ବିଚାରାଳୟର ସଦସ୍ୟଭାବେ କାର୍ଯ୍ୟାଳୟରେ ଥିବେ;]

[4][(*aa*)] ଯେଉଁ ସମୟ ମଧ୍ୟରେ କୌଣସି ବ୍ୟକ୍ତି ଉଚ୍ଚ ନ୍ୟାୟାଳୟର ଜଣେ ଅଧିବକ୍ତା ଥିଲେ, ତାହା ଗଣନା କରିବାରେ, ସେଥିରେ ସେହି ସଙ୍ଗେ ଅନ୍ତର୍ଭୁକ୍ତ କରାଯିବ, ଯେଉଁ ସମୟ ମଧ୍ୟରେ ଉକ୍ତ ବ୍ୟକ୍ତି କୌଣସି [5][ବିଚାର ବିଭାଗୀୟ କାର୍ଯ୍ୟାଳୟ କିମ୍ବା ଅଧିବକ୍ତା ହେବା ପରେ, କେନ୍ଦ୍ର କିମ୍ବା ରାଜ୍ୟ ଅଧୀନରେ ଥିବା କୌଣସି ବିଚାରାଳୟର ସଦସ୍ୟଙ୍କ କାର୍ଯ୍ୟାଳୟ ଧାରଣ କରିଥିଲେ;]

(*b*) ଯେଉଁ ସମୟ ମଧ୍ୟରେ କୌଣସି ବ୍ୟକ୍ତି, ଭାରତୀୟ ଅଞ୍ଚଳରେ ଥିବା କୌଣସି ବିଚାର ବିଭାଗୀୟ ପଦବୀ ଧାରଣ କରିଥିଲେ କିମ୍ବା କୌଣସି ଉଚ୍ଚ ନ୍ୟାୟାଳୟର ଅଧିବକ୍ତା ଥିଲେ, ତାହା ଗଣନା କରିବା ସମୟରେ ସେଥିରେ, ଏହି ସମ୍ବିଧାନର ପ୍ରଚଳନ ପୂର୍ବରୁ କୌଣସି ସମୟ ବା ଅବଧିକୁ ଅନ୍ତର୍ଭୁକ୍ତ

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା "ପ୍ରଥମ ଅନୁସୂଚୀରେ ନିର୍ଦ୍ଦିଷ୍ଟ କୌଣସି ରାଜ୍ୟରେ" ଶବ୍ଦଗୁଡ଼ିକୁ ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 36ଦ୍ୱାରା "କିମ୍ବା" ଶବ୍ଦ ଏବଂ ଉପଖଣ୍ଡ (*c*)କୁ ସନ୍ନିବେଶିତ କରାଯାଇଛି (3-1-1977ଠାରୁ କାର୍ଯ୍ୟକାରୀ) ଏବଂ ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 28ଦ୍ୱାରା ବାଦ୍ ଦିଆଯାଇଛି (20-6-1979ଠାରୁ କାର୍ଯ୍ୟକାରୀ) ।

[3] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 28ଦ୍ୱାରା ସନ୍ନିବେଶିତ (20-6-1979 ଠାରୁ କାର୍ଯ୍ୟକାରୀ)।

[4] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 28ଦ୍ୱାରା ଖଣ୍ଡ (*a*)କୁ ଖଣ୍ଡ (aa)ଭାବେ ପୁନଃନାମକରଣ କରାଯାଇଛି (20-6-1979 ଠାରୁ କାର୍ଯ୍ୟକାରୀ) ।

[5] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 36ଦ୍ୱାରା "ନ୍ୟାୟିକ ପଦରେ ଧାରଣ କରିଛନ୍ତି" ପାଇଁ ପ୍ରତିସ୍ଥାପିତ (3-1-1977ଠାରୁ କାର୍ଯ୍ୟକାରୀ)।

କରାଯିବ, ଯେଉଁ ସମୟ ମଧ୍ୟରେ ସେ କୌଣସି ଅଞ୍ଚଳରେ ବିଚାର ବିଭାଗୀୟ ପଦବୀ ଧାରଣ କରିଥିଲେ, ଯାହାକି ଭାରତ ବର୍ଷରେ ଅଗଷ୍ଟ 15 ତାରିଖ 1947 ମସିହା ପୂର୍ବରୁ, ଅନ୍ତର୍ଭୁକ୍ତ ଥିଲା, ଯାହାକି ଭାରତ ଶାସନ ଅଧିନିୟମ, 1935ଦ୍ୱାରା ପରିଭାଷିତ କରାଯାଇଛି କିମ୍ବା ଏପରି କୌଣସି ଅଞ୍ଚଳରେ ଥିବା କୌଣସି ଉଚ୍ଚ ନ୍ୟାୟାଳୟରେ ଜଣେ ଅଧିବକ୍ତା ଥାଆନ୍ତି ।

[1][(3) କୌଣସି ଉଚ୍ଚ ନ୍ୟାୟାଳୟର କୌଣସି ନ୍ୟାୟାଧୀଶଙ୍କ ବୟସ ବିଷୟରେ ଯଦି କୌଣସି ପ୍ରଶ୍ନ ଉଠେ, ତାହା ଭାରତର ମୁଖ୍ୟ ନ୍ୟାୟାଧୀଶଙ୍କ ସହିତ ପରାମର୍ଶ କରିବା ପରେ, ରାଷ୍ଟ୍ରପତିଙ୍କଦ୍ୱାରା ସ୍ଥିର କରାଯିବ ଏବଂ ରାଷ୍ଟ୍ରପତିଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ହେବ ।]

**218. ସର୍ବୋଚ୍ଚ ନ୍ୟାୟାଳୟ ସମ୍ବନ୍ଧରେ କେତେକ ବ୍ୟବସ୍ଥାର ଉଚ୍ଚ ନ୍ୟାୟାଳୟ ପ୍ରତି ପ୍ରୟୋଗ—** ଅନୁଚ୍ଛେଦ 124ର ଖଣ୍ଡ(4) ଏବଂ (5)ର ବ୍ୟବସ୍ଥା, କୌଣସି ଉଚ୍ଚ ନ୍ୟାୟାଳୟ ସମ୍ବନ୍ଧରେ ସେହିପରି ଲାଗୁ ହେବ, ଯେପରି ତାହା ସର୍ବୋଚ୍ଚ ନ୍ୟାୟାଳୟ ସମ୍ବନ୍ଧରେ ଲାଗୁ ହୁଏ, କେବଳ 'ସର୍ବୋଚ୍ଚ ନ୍ୟାୟାଳୟ' ଉଲ୍ଲେଖ ସ୍ଥାନରେ ଉଚ୍ଚ ନ୍ୟାୟାଳୟ ଉଲ୍ଲେଖ ପ୍ରତିସ୍ଥାପିତ କରି ବର୍ଣ୍ଣନା ହେବ ।

**219. ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶଙ୍କ ଶପଥ ଗ୍ରହଣ ଓ ସଂକଳ୍ପବଦ୍ଧତା—** କୌଣସି ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶ [2]*** ଭାବେ ନିଯୁକ୍ତ ପ୍ରତ୍ୟେକ ବ୍ୟକ୍ତି ତାଙ୍କର ପଦଭାର ଗ୍ରହଣ ପୂର୍ବରୁ ରାଜ୍ୟର ରାଜ୍ୟପାଳଙ୍କ ସମ୍ମୁଖରେ କିମ୍ବା ଏ ସମ୍ବନ୍ଧରେ ତାଙ୍କଦ୍ୱାରା ନିଯୁକ୍ତ କୌଣସି ବ୍ୟକ୍ତିଙ୍କ ସମ୍ମୁଖରେ, ତୃତୀୟ ଅନୁସୂଚୀରେ ଧାର୍ଯ୍ୟ କରାଯାଇଥିବା ପତ୍ର ଅନୁଯାୟୀ ଶପଥ ଗ୍ରହଣ କରିବେ ।

[3]**[220. ସ୍ଥାୟୀ ନ୍ୟାୟାଧୀଶଭାବେ ଅବସ୍ଥାପିତ ହେବା ପରେ, ଅଧିବକ୍ତା ବୃତ୍ତି ଉପରେ ପ୍ରତିବନ୍ଧକ—** ଏହି ସମ୍ବିଧାନର ପ୍ରାରମ୍ଭ ପରେ, କୌଣସି ଉଚ୍ଚ ନ୍ୟାୟାଳୟରେ ସ୍ଥାୟୀ ନ୍ୟାୟାଧୀଶ ଭାବେ ପଦବୀ ଧାରଣ କରିଥିବା କୌଣସି ବ୍ୟକ୍ତି, ସର୍ବୋଚ୍ଚ ନ୍ୟାୟାଳୟ ଏବଂ ଅନ୍ୟ ଉଚ୍ଚ ନ୍ୟାୟାଳୟ ବ୍ୟତୀତ କୌଣସି ନ୍ୟାୟାଳୟରେ କିମ୍ବା ଭାରତର କୌଣସି କର୍ତ୍ତୃପକ୍ଷଙ୍କ ନିକଟରେ ଯୁକ୍ତି କରିବେ ନାହିଁ କିମ୍ବା କାର୍ଯ୍ୟ କରିବେ ନାହିଁ।

*ସ୍ପଷ୍ଟୀକରଣ*— ଏହି ଅନୁଚ୍ଛେଦରେ ଥିବା ଉକ୍ତ 'ଉଚ୍ଚ ନ୍ୟାୟାଳୟ' ପ୍ରଥମ ଅନୁସୂଚୀର ଭାଗ Bରେ ଧାର୍ଯ୍ୟ କରାଯାଇଥିବା କୌଣସି ନ୍ୟାୟାଳୟକୁ ଅନ୍ତର୍ଭୁକ୍ତ କରେ ନାହିଁ, ଯେପରି ଏହା ସମ୍ବିଧାନର (ସପ୍ତମ ସଂଶୋଧନ) ଅଧିନିୟମ, 1956ରେ ପ୍ରଚଳନ[4] ପୂର୍ବରୁ ଅବସ୍ଥିତ ଥିଲା ।]

**221. ନ୍ୟାୟାଧୀଶଙ୍କର ବେତନ ଇତ୍ୟାଦି—** [5][(1) ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶମାନଙ୍କୁ ସେହି ପ୍ରକାର ବେତନ ପ୍ରଦାନ କରାଯିବ, ଯାହାକି ଆଇନଦ୍ୱାରା ସଂସଦ ସ୍ଥିର କରିବ ଏବଂ ଯେପର୍ଯ୍ୟନ୍ତ ସେ

---

[1] ସମ୍ବିଧାନ (ପଞ୍ଚଦଶ ସଂଶୋଧନ) ଅଧିନିୟମ, 1963, ଧାରା 4*(b)*ଦ୍ୱାରା ସନ୍ନିବେଶିତ (ପୂର୍ବ ପ୍ରଭାବ ସହିତ) ।

[2] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା "ଏକ ରାଜ୍ୟରେ" ଶବ୍ଦଗୁଡ଼ିକୁ ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ) ।

[3] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 13ଦ୍ୱାରା ପ୍ରତିସ୍ଥାପିତ (1-11-1956 ଠାରୁ କାର୍ଯ୍ୟକାରୀ)।

[4] ନଭେମ୍ବର 1, 1956

[5] ସମ୍ବିଧାନ (54ତମ ସଂଶୋଧନ) ଅଧିନିୟମ, 1986, ଧାରା 3ଦ୍ୱାରା ଖଣ୍ଡ (1) ପାଇଁ ପ୍ରତିସ୍ଥାପିତ (1-4-1986 ଠାରୁ କାର୍ଯ୍ୟକାରୀ) ।

ସମ୍ବନ୍ଧରେ ବ୍ୟବସ୍ଥା କରାନଯାଇଛି, ସେ ପର୍ଯ୍ୟନ୍ତ ଦ୍ୱିତୀୟ ଅନୁସୂଚୀରେ ଧାର୍ଯ୍ୟ କରାଯାଇଥିବା ବେତନ ପାଇବେ ।]

(2) ପ୍ରତ୍ୟେକ ନ୍ୟାୟାଧୀଶ, ସଂସଦଦ୍ୱାରା ପ୍ରଣୀତ କୌଣସି ଆଇନ ଅନୁଯାୟୀ କିମ୍ବା ଆଇନଦ୍ୱାରା, ସମୟାନୁକ୍ରମେ ସ୍ଥିର କରାଯାଇଥିବା ଏପରି ଭତ୍ତା, ଅନୁପସ୍ଥିତି ଛୁଟି ଏବଂ ଅବସରକାଳୀନ ଭତ୍ତା ସମ୍ବନ୍ଧରେ, ସେପରି ଅଧିକାର ପାଇବେ, ଯେପର୍ଯ୍ୟନ୍ତ ଏପରି ସ୍ଥିର କରାଯାଇନାହିଁ, ସେପର୍ଯ୍ୟନ୍ତ ଦ୍ୱିତୀୟ ଅନୁସୂଚୀରେ ଧାର୍ଯ୍ୟ କରାଯାଇଥିବା ଭତ୍ତା ଏବଂ ଅଧିକାର ପାଇବେ:

କିନ୍ତୁ, ତାଙ୍କର ନ୍ୟାୟାଧୀଶ ଭାବେ ନିଯୁକ୍ତି ପରେ, ଅସୁବିଧା ସୃଷ୍ଟି କରିବା ନିମନ୍ତେ, ତାଙ୍କର ଭତ୍ତା କିମ୍ବା ଅନୁପସ୍ଥିତି ଛୁଟି କିମ୍ବା ଅବସରକାଳୀନ ଭତ୍ତାକୁ ପରିବର୍ତ୍ତନ କରାଯିବ ନାହିଁ ।

**222. କୌଣସି ନ୍ୟାୟାଧୀଶଙ୍କର ଗୋଟିଏ ଉଚ୍ଚ ନ୍ୟାୟାଳୟରୁ ଅନ୍ୟ ଉଚ୍ଚ ନ୍ୟାୟାଳୟକୁ ବଦଳି—** (1) ରାଷ୍ଟ୍ରପତି, [1][ଅନୁଚ୍ଛେଦ 124Aରେ ଉଲ୍ଲେଖିତ ଜାତୀୟ ନ୍ୟାୟିକ ନିଯୁକ୍ତି ଆୟୋଗର ସୁପାରିଶ କ୍ରମେ], କୌଣସି ନ୍ୟାୟାଧୀଶଙ୍କୁ ଗୋଟିଏ ଉଚ୍ଚ ନ୍ୟାୟାଳୟରୁ ଅନ୍ୟ କୌଣସି ଉଚ୍ଚ ନ୍ୟାୟାଳୟକୁ ବଦଳି କରିପାରନ୍ତି[2]***।

[3][(2) ଯେତେବେଳେ କୌଣସି ନ୍ୟାୟାଧୀଶ ଏପରି ବଦଳି ହୁଅନ୍ତି, ସମ୍ବିଧାନର (15ତମ ସଂଶୋଧନ) ଅଧିନିୟମ, 1963ର ପ୍ରଚଳନ ପରେ, ଅନ୍ୟ ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶଭାବେ, ତାଙ୍କର ବେତନ ସହିତ ଅତିରିକ୍ତ କ୍ଷତିପୂରଣ ଭତ୍ତା ପାଇବା ନିମନ୍ତେ ଅଧିକାରପ୍ରାପ୍ତ ହେବେ, ଯାହାକି ସଂସଦଦ୍ୱାରା, ଆଇନ ବଳରେ ସ୍ଥିର କରାଯିବ ଏବଂ ଯେପର୍ଯ୍ୟନ୍ତ ସେପରି ସ୍ଥିର କରାନଯାଇଛି, ସେପର୍ଯ୍ୟନ୍ତ ସେ ଏପରି କ୍ଷତିପୂରଣ ଭତ୍ତା ପାଇବା ପାଇଁ ଅଧିକାରପ୍ରାପ୍ତ ହେବେ, ଯାହାକି ରାଷ୍ଟ୍ରପତିଙ୍କ ଆଦେଶ ଦ୍ୱାରା ସ୍ଥିର ହେବ ।

**223. ମୁଖ୍ୟ କାର୍ଯ୍ୟକାରୀ ନ୍ୟାୟାଧୀଶଙ୍କ ନିଯୁକ୍ତି—** ଯେତେବେଳେ କୌଣସି ଉଚ୍ଚ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶଙ୍କ ପଦ ଖାଲି ହୁଏ କିମ୍ବା ଯେତେବେଳେ ଏପରି କୌଣସି ମୁଖ୍ୟ ନ୍ୟାୟାଧୀଶ କୌଣସି କାରଣରୁ ଅନୁପସ୍ଥିତି ଯୋଗୁଁ କିମ୍ବା ଅନ୍ୟ କାରଣ ଯୋଗୁଁ ତାଙ୍କର କର୍ତ୍ତବ୍ୟ ସମ୍ପାଦନ କରିବାରେ ଅକ୍ଷମ ହୁଅନ୍ତି, ସେତେବେଳେ ଉକ୍ତ ପଦବୀର କାର୍ଯ୍ୟ, ସେହି ନ୍ୟାୟାଳୟର ଅନ୍ୟ ଏକ ନ୍ୟାୟାଧୀଶଙ୍କଦ୍ୱାରା ସମ୍ପାଦିତ ହେବ ଯାହାଙ୍କୁ ସେହି ଉଦ୍ଦେଶ୍ୟରେ ରାଷ୍ଟ୍ରପତି ନିଯୁକ୍ତ କରିବେ ।

**[4][224. ଅତିରିକ୍ତ କାର୍ଯ୍ୟକାରୀ ନ୍ୟାୟାଧୀଶଙ୍କ ନିଯୁକ୍ତି—** (1) ଯଦି କୌଣସି ଉଚ୍ଚ ନ୍ୟାୟାଳୟର କାରବାରରେ ସାମୟିକ ବୃଦ୍ଧି ଯୋଗୁଁ କିମ୍ବା ସେଥିରେ ଥିବା ବକେୟା କାର୍ଯ୍ୟ ଯୋଗୁଁ, ରାଷ୍ଟ୍ରପତିଙ୍କୁ ପ୍ରତୀୟମାନ

---

[1] ସମ୍ବିଧାନ (99ତମ ସଂଶୋଧନ) ଅଧିନିୟମ, 2014, ଧାରା 7ଦ୍ୱାରା "ଭାରତର ମୁଖ୍ୟ ନ୍ୟାୟାଧୀଶ ସହିତ ପରାମର୍ଶ ପରେ" ପାଇଁ ପ୍ରତିସ୍ଥାପିତ (13-4-2015ଠାରୁ କାର୍ଯ୍ୟକାରୀ) । ଏହି ସଂଶୋଧନକୁ ସର୍ବୋଚ୍ଚ ନ୍ୟାୟାଳୟଦ୍ୱାରା *ସୁପ୍ରିମକୋର୍ଟ ଆଡଭୋକେଟ୍ସ-ଅନ୍-ରେକର୍ଡ ଆସୋସିଏସନ୍ ଏବଂ ଅନ୍ୟ ବନାମ କେନ୍ଦ୍ର ସରକାର ମାମଲାରେ* 16-10-2015 ତାରିଖର AIR 2016 SC 117 ରାୟରେ ଖାରଜ କରିଦେଇଛନ୍ତି ।

[2] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 14ଦ୍ୱାରା "ଭାରତୀୟ ଅଞ୍ଚଳ ମଧ୍ୟରେ" ଶବ୍ଦଗୁଡ଼ିକ ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ) ।

[3] ସମ୍ବିଧାନ (ପଞ୍ଚଦଶ ସଂଶୋଧନ) ଅଧିନିୟମ, 1963, ଧାରା 5ଦ୍ୱାରା ସନ୍ନିବେଶିତ (5-10-1963ଠାରୁ କାର୍ଯ୍ୟକାରୀ)। ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 14ଦ୍ୱାରା ମୂଳ ଖଣ୍ଡ (2) ବାଦ୍ ଦିଆଯାଇଥିଲା (1-1-1956ଠାରୁ କାର୍ଯ୍ୟକାରୀ)।

[4] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, ଧାରା 15ଦ୍ୱାରା ଅନୁଚ୍ଛେଦ 224 ପାଇଁ ପ୍ରତିସ୍ଥାପିତ (1-11-1956 ଠାରୁ କାର୍ଯ୍ୟକାରୀ)।

ହୁଏ ଯେ, ଉକ୍ତ ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶଙ୍କ ସଂଖ୍ୟା ଅସ୍ଥାୟୀ ସମୟ ପାଇଁ ବର୍ଦ୍ଧିତ ହେବା ଉଚିତ ସେତେବେଳେ [1][ରାଷ୍ଟ୍ରପତି ଜାତୀୟ ନ୍ୟାୟିକ ନିଯୁକ୍ତି ଆୟୋଗର ପରାମର୍ଶ କ୍ରମେ ଉକ୍ତ ନ୍ୟାୟାଳୟର ଯୋଗ୍ୟ ବ୍ୟକ୍ତିଙ୍କୁ ସର୍ବାଧିକ ଦୁଇବର୍ଷ ପର୍ଯ୍ୟନ୍ତ, ଅତିରିକ୍ତ କାର୍ଯ୍ୟ ନିର୍ବାହକ ନ୍ୟାୟାଧୀଶଭାବେ ନିଯୁକ୍ତ କରିବେ ।]

(2) ଯେତେବେଳେ କୌଣସି ଉଚ୍ଚ ନ୍ୟାୟାଳୟର, ମୁଖ୍ୟ ନ୍ୟାୟାଧୀଶଙ୍କ ବ୍ୟତୀତ, କୌଣସି ନ୍ୟାୟାଧୀଶ ଅନୁପସ୍ଥିତି କାରଣ ଯୋଗୁଁ କିମ୍ବା ଅନ୍ୟ କୌଣସି କାରଣ ଯୋଗୁଁ, ତାଙ୍କର କାର୍ଯ୍ୟାଳୟ କାର୍ଯ୍ୟ କରିବାରେ ଅସମର୍ଥ ହୁଅନ୍ତି; କିମ୍ବା ସାମୟିକ ଭାବେ ବା ଅସ୍ଥାୟୀଭାବେ ମୁଖ୍ୟ ନ୍ୟାୟାଧୀଶଙ୍କ ବଦଳରେ କାର୍ଯ୍ୟ କରୁଥାଆନ୍ତି, ସେତେବେଳେ ରାଷ୍ଟ୍ରପତି, ଜାତୀୟ ନ୍ୟାୟିକ ନିଯୁକ୍ତି ଆୟୋଗର ପରାମର୍ଶ କ୍ରମେ, କୌଣସି ଉପଯୁକ୍ତ ବ୍ୟକ୍ତିଙ୍କୁ, ଯେପର୍ଯ୍ୟନ୍ତ ସ୍ଥାୟୀ ନ୍ୟାୟାଧୀଶ ପୁନର୍ବାର ଦାୟିତ୍ୱ ଗ୍ରହଣ ନକରୁଛନ୍ତି, ସେପର୍ଯ୍ୟନ୍ତ ତାଙ୍କ ସ୍ଥାନରେ କାର୍ଯ୍ୟ କରିବା ନିମନ୍ତେ ନ୍ୟାୟାଧୀଶ ଭାବେ ନିଯୁକ୍ତ କରିବେ ।

(3) ଅତିରିକ୍ତ ନ୍ୟାୟାଧୀଶ କିମ୍ବା କାର୍ଯ୍ୟକାରୀ ନ୍ୟାୟାଧୀଶ ଭାବେ କାର୍ଯ୍ୟ କରିଥିବା କୌଣସି ବ୍ୟକ୍ତି [2][62 ବର୍ଷରେ] ଉପନୀତ ହେବା ପରେ କାର୍ଯ୍ୟାଳୟ ଗ୍ରହଣ କରିବେ ନାହିଁ ।]

[3]**[224A. ଉଚ୍ଚ ନ୍ୟାୟାଳୟର ବୈଠକରେ ଅବସରପ୍ରାପ୍ତ ନ୍ୟାୟାଧୀଶମାନଙ୍କ ନିଯୁକ୍ତି—** ଏହି ଅଧ୍ୟାୟରେ ଯାହାକିଛି ବ୍ୟବସ୍ଥା ଥିବା ସତ୍ତ୍ୱେ, ରାଷ୍ଟ୍ରପତିଙ୍କ ପୂର୍ବ ସମ୍ମତି ନେଇ ମୁଖ୍ୟ ନ୍ୟାୟାଧୀଶ ଏପରି [4][ଜାତୀୟ ନ୍ୟାୟିକ ନିଯୁକ୍ତି ଆୟୋଗ ସେହି ନ୍ୟାୟାଳୟର ପୂର୍ବରୁ ପଦବୀ ଧାରଣ କରିଥିବା କୌଣସି ନ୍ୟାୟାଧୀଶଙ୍କୁ କିମ୍ବା ଅନ୍ୟ କୌଣସି ଉଚ୍ଚ ନ୍ୟାୟାଳୟ ସେହିପରି ପୂର୍ବରୁ କୌଣସି ନ୍ୟାୟାଧୀଶଙ୍କ କାର୍ଯ୍ୟାଳୟ ଧାରଣ କରିଥିବା ବ୍ୟକ୍ତିଙ୍କୁ, ସେହି ରାଜ୍ୟର ଉଚ୍ଚ ନ୍ୟାୟାଳୟରେ ନ୍ୟାୟାଧୀଶଭାବେ କାର୍ଯ୍ୟ କରିବା ପାଇଁ ଅନୁରୋଧ କରିବେ ଏବଂ ପ୍ରତ୍ୟେକ ବ୍ୟକ୍ତି, ଯେ ଏପରି ଆସନ ଗ୍ରହଣ କରି କାର୍ଯ୍ୟ କରନ୍ତି, ସେ ରାଷ୍ଟ୍ରପତିଙ୍କ ଆଦେଶଦ୍ୱାରା ସ୍ଥିର କରାଯାଇଥିବା ଏପରି ଭତ୍ତା ପାଇବା ନିମନ୍ତେ ଅଧିକାର ପ୍ରାପ୍ତ ହେବେ ଏବଂ ତାଙ୍କର ସମସ୍ତ କର୍ତ୍ତୃତ୍ୱ, କ୍ଷମତା ଏବଂ ସୁବିଧା ସୁଯୋଗ ରହିବ, ମାତ୍ର ସେ ଉକ୍ତ ନ୍ୟାୟାଳୟର ଜଣେ ନ୍ୟାୟାଧୀଶଭାବେ ବିବେଚିତ ହେବେ ନାହିଁ ।

କିନ୍ତୁ, ଏହି ଅନୁଚ୍ଛେଦର କୌଣସି ବ୍ୟବସ୍ଥା, ଉପରୋକ୍ତ ଏପରି ବ୍ୟକ୍ତିଙ୍କୁ, ଉକ୍ତ ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶଭାବେ ଆସନ ଗ୍ରହଣ କରି କାର୍ଯ୍ୟ କରିବେ ବୋଲି ଧରାଯିବ ନାହିଁ, ଯଦି ସେ ଏପରି ଅନୁରୋଧରେ, ତାଙ୍କର ସମ୍ମତି ପ୍ରଦାନ କରି ନଥାଆନ୍ତି ।]

---

[1] ସମ୍ବିଧାନ (99ତମ ସଂଶୋଧନ) ଅଧିନିୟମ, 2014, ଧାରା 8ଦ୍ୱାରା "ରାଷ୍ଟ୍ରପତି ନିଯୁକ୍ତି ଦେଇପାରିବେ" ପାଇଁ ପ୍ରତିସ୍ଥାପିତ (13-4-2015ଠାରୁ କାର୍ଯ୍ୟକାରୀ) । ସର୍ବୋଚ୍ଚ ନ୍ୟାୟାଳୟଙ୍କଦ୍ୱାରା *ସୁପ୍ରିମକୋର୍ଟ ଆଡଭୋକେଟ୍ସ-ଅନ୍-ରେକର୍ଡ ଆସୋସିଏସନ୍ ଏବଂ ଅନ୍ୟ ବନାମ କେନ୍ଦ୍ର ସରକାର ମାମଲାରେ* 16-10-2015 ତାରିଖର AIR 2016 SC117 ରାୟରେ ଏହି ସଂଶୋଧନକୁ ରଦ୍ଦ କରାଯାଇଛି ।

[2] ସମ୍ବିଧାନ (ପଞ୍ଚଦଶ ସଂଶୋଧନ) ଅଧିନିୟମ, 1963, ଧାରା 6ଦ୍ୱାରା "ଷାଠିଏ ବର୍ଷ" ପାଇଁ ପ୍ରତିସ୍ଥାପିତ (5-10-1963ଠାରୁ କାର୍ଯ୍ୟକାରୀ) ।

[3] ସମ୍ବିଧାନ (ପଞ୍ଚଦଶ ସଂଶୋଧନ) ଅଧିନିୟମ, 1963, ଧାରା 7 ଦ୍ୱାରା ସନ୍ନିବେଶିତ (5-10-1963ଠାରୁ କାର୍ଯ୍ୟକାରୀ)।

[4] ସମ୍ବିଧାନ (99ତମ ସଂଶୋଧନ) ଅଧିନିୟମ, 2014, ଧାରା 9ଦ୍ୱାରା "ଯେକୌଣସି ରାଜ୍ୟର ଉଚ୍ଚ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶ ରାଷ୍ଟ୍ରପତିଙ୍କ ପୂର୍ବ ସମ୍ମତି ସହିତ ଯେକୌଣସି ସମୟରେ କରିପାରିବେ" ପାଇଁ ପ୍ରତିସ୍ଥାପିତ (13-4-2015 ଠାରୁ କାର୍ଯ୍ୟକାରୀ) । ସର୍ବୋଚ୍ଚ ନ୍ୟାୟାଳୟଙ୍କଦ୍ୱାରା *ସୁପ୍ରିମକୋର୍ଟ ଆଡଭୋକେଟ୍ସ-ଅନ୍-ରେକର୍ଡ ଆସୋସିଏସନ୍ ଏବଂ ଅନ୍ୟ ବନାମ କେନ୍ଦ୍ର ସରକାର ମାମଲାରେ* 16-10-2015 ତାରିଖର AIR 2016 SC 117 ରାୟରେ ଏହି ସଂଶୋଧନକୁ ରଦ୍ଦ କରାଯାଇଛି ।

**225. ବର୍ତ୍ତମାନ ପ୍ରଚଳିତ ଉଚ୍ଚ ନ୍ୟାୟାଳୟଗୁଡ଼ିକର ଅଧିକାର କ୍ଷେତ୍ର—** ଏହି ସମ୍ବିଧାନର ବ୍ୟବସ୍ଥା ଏବଂ କୌଣସି ସମୁଚିତ ବିଧାନମଣ୍ଡଳ କୌଣସି ଆଇନର ବ୍ୟବସ୍ଥାର ନିୟନ୍ତ୍ରଣାଧୀନରେ, ଯାହାକି ସମ୍ବିଧାନଦ୍ୱାରା ଉକ୍ତ ବିଧାନମଣ୍ଡଳ ଉପରେ ନ୍ୟସ୍ତ କ୍ଷମତା ବଳରେ ପ୍ରଣୀତ ହୋଇଛି, ସେପରିସ୍ଥଳେ କୌଣସି ବର୍ତ୍ତମାନ ପ୍ରଚଳିତ ଉଚ୍ଚ ନ୍ୟାୟାଳୟର ଅଧିକାରିତା ଏବଂ ସେଥିରେ ପ୍ରଶାସିତ ଆଇନ ଏବଂ ନ୍ୟାୟ ପ୍ରଦାନ କରିବା ସହିତ ସମ୍ବନ୍ଧିତ, ନ୍ୟାୟାଧୀଶମାନଙ୍କ କ୍ଷମତା ସହିତ ଏବଂ ନ୍ୟାୟାଳୟର ନିୟମାବଳୀ ପ୍ରଣୟନ କରିବା ନିମନ୍ତେ କ୍ଷମତା ଏବଂ ନ୍ୟାୟାଳୟର ଜଣେ ମାତ୍ର ସଦସ୍ୟ (ନ୍ୟାୟାଧୀଶ)ଙ୍କ ସହିତ କିମ୍ବା ଖଣ୍ଡପୀଠରେ ଆସନ ଗ୍ରହଣ କରିବା ବିଷୟ ନିୟନ୍ତ୍ରଣ କରିବା ବିଷୟ, ସେହିପରି ହେବ, ଯେପରି ସମ୍ବିଧାନର ପ୍ରଚଳନ ପୂର୍ବରୁ ଥିଲା ।

[1][କିନ୍ତୁ, ରାଜସ୍ୱ ବିଷୟ କିମ୍ବା ତାହା ଆଦାୟ କରିବା ସମ୍ବନ୍ଧରେ ଉଚ୍ଚ ନ୍ୟାୟାଳୟଦ୍ୱାରା କୌଣସି କାର୍ଯ୍ୟ କରିବା ନିମନ୍ତେ ଆଦେଶ କିମ୍ବା କରାଯାଇଥିବା କାର୍ଯ୍ୟ ଉପରେ କଟକଣା ଯାହାକି ଏହି ସମ୍ବିଧାନର ଠିକ୍ ପ୍ରଚଳନ ପୂର୍ବରୁ ପ୍ରଚଳିତ ଥିଲା, ତାହା ଏପରି କର୍ତ୍ତୃତ୍ୱ ପ୍ରତି ଆଉ ପ୍ରୟୋଗ ହେବ ନାହିଁ ।

[2]**[226. କିଛି ନିର୍ଦ୍ଦିଷ୍ଟ ନିର୍ଦ୍ଦେଶନାମା ଜାରି କରିବାରେ ଉଚ୍ଚ ନ୍ୟାୟାଳୟର କ୍ଷମତା—** (1) ଅନୁଚ୍ଛେଦ 32ରେ[3]*** ଯାହା ବ୍ୟବସ୍ଥା ଥିବା ସତ୍ତ୍ୱେ, ଯେଉଁ ସମସ୍ତ ରାଜ୍ୟ କ୍ଷେତ୍ରରେ ଉଚ୍ଚ ନ୍ୟାୟାଳୟ କର୍ତ୍ତୃତ୍ୱ ପରିଚାଳନା କରନ୍ତି, ତାହା ପରିଚାଳନା କରି କୌଣସି ବ୍ୟକ୍ତିଙ୍କୁ କିମ୍ବା ଅଧିକାରୀଙ୍କୁ କିମ୍ବା ଉପଯୁକ୍ତ କ୍ଷେତ୍ରରେ ସରକାରଙ୍କୁ ଆଦେଶ କିମ୍ବା [4][ନିର୍ଦ୍ଦେଶନାମା, ବାଧ୍ୟତାମୂଳକ ଆଦେଶ, ନିଷେଧକରଣ ଏବଂ କାରଣ ଦର୍ଶାଇବା ଏବଂ ପୁନର୍ବିଚାର ନିମନ୍ତେ ନିମ୍ନ ନ୍ୟାୟାଳୟ ବା ନିମ୍ନ ନ୍ୟାୟାଳୟରୁ ଡକୁମେଣ୍ଟ ମଗାଇବା ପ୍ରଭୃତିର ଲିଖିତ ଆଦେଶ ସହିତ, ନିର୍ଦ୍ଦେଶ କିମ୍ବା ଆଦେଶ କିମ୍ବା ଲିଖିତ ଆଦେଶ ପ୍ରଦାନ କରିବା ପାଇଁ, ସେଗୁଡ଼ିକ ମଧ୍ୟରୁ କୌଣସି ନିର୍ଦ୍ଦେଶନାମା, ଭାଗ 3ଦ୍ୱାରା ପ୍ରଦତ୍ତ ଅଧିକାରକୁ ବଳବତ୍ତର କରିବା ନିମନ୍ତେ କିମ୍ବା ଅନ୍ୟ ଉଦ୍ଦେଶ୍ୟ ନିମନ୍ତେ ଜାରି କରିପାରନ୍ତି ।]

(2) କୌଣସି ସରକାର, ଅଧିକାରୀ କିମ୍ବା ବ୍ୟକ୍ତି ବିରୋଧରେ ଖଣ୍ଡ (1) ଅନୁଯାୟୀ ନିର୍ଦ୍ଦେଶ, ଆଦେଶ କିମ୍ବା ନିର୍ଦ୍ଦେଶନାମା ଜାରି କରିବା ନିମନ୍ତେ ପ୍ରଦତ୍ତ କ୍ଷମତାକୁ ଯେକୌଣସି ଉଚ୍ଚ ନ୍ୟାୟାଳୟ ଯିଏକି, ଯେଉଁ ରାଜ୍ୟକ୍ଷେତ୍ରରେ ଏପରି ବିବାଦର କାରଣ ସମ୍ପୂର୍ଣ୍ଣ କିମ୍ବା ଆଂଶିକଭାବେ ଘଟିଲା, ସେହି ରାଜ୍ୟକ୍ଷେତ୍ର ଉପରେ

---

[1] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 37ଦ୍ୱାରା ବାଦ୍ ଦିଆଯାଇଛି (1-2-1977ଠାରୁ କାର୍ଯ୍ୟକାରୀ) ଏବଂ ପରବର୍ତ୍ତୀ ସମୟରେ ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 29ଦ୍ୱାରା ସନ୍ନିବେଶିତ କରାଯାଇଛି (20-6-1979ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 38 ଦ୍ୱାରା ଅନୁଚ୍ଛେଦ 226 ପାଇଁ ପ୍ରତିସ୍ଥାପିତ (1-2-1977ଠାରୁ କାର୍ଯ୍ୟକାରୀ)।

[3] ସମ୍ବିଧାନ (43ତମ ସଂଶୋଧନ) ଅଧିନିୟମ, 1977, ଧାରା 7ଦ୍ୱାରା "କିନ୍ତୁ ଅନୁଚ୍ଛେଦ 131A ଏବଂ 226Aର ବ୍ୟବସ୍ଥା ଅଧୀନରେ" ଶବ୍ଦ, ସଂଖ୍ୟା ଏବଂ ଅକ୍ଷରଗୁଡ଼ିକ ବାଦ୍ ଦିଆଯାଇଛି(13-4-1978ଠାରୁ କାର୍ଯ୍ୟକାରୀ)।

[4] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 30ଦ୍ୱାରା "ନିର୍ଦ୍ଦେଶନାମା, ବାଧ୍ୟତାମୂଳକ ଆଦେଶ, ନିଷେଧକରଣ ଏବଂ କାରଣ ଦର୍ଶାଇବା ଏବଂ ପୁନର୍ବିଚାର ନିମନ୍ତେ ନିମ୍ନ ନ୍ୟାୟାଳୟ ବା ନିମ୍ନ ନ୍ୟାୟାଳୟରୁ ଡକୁମେଣ୍ଟ ମଗାଇବା ପ୍ରଭୃତିର ଲିଖିତ ଆଦେଶ ସହିତ, ନିର୍ଦ୍ଦେଶ କିମ୍ବା ଆଦେଶ କିମ୍ବା ଲିଖିତ ଆଦେଶ ପ୍ରଦାନ କରିବା ପାଇଁ" ଆରମ୍ଭ ହେଉଥିବା ଅଂଶ ଏବଂ "ଏପରି ଅବୈଧତା ନ୍ୟାୟର ଯଥେଷ୍ଟ ବିଫଳତା ଆଣିଛି" ସହିତ ଶେଷ ହେଉଥିବା ଅଂଶ ପାଇଁ ପ୍ରତିସ୍ଥାପିତ (1-8-1979ଠାରୁ କାର୍ଯ୍ୟକାରୀ)।

କର୍ତ୍ତୃତ୍ୱ ପରିଚାଳନା, ଯଦିଓ ଏପରି ସରକାରଙ୍କର କିମ୍ବା ଅଧିକାରୀଙ୍କର ଆସନ କିମ୍ବା ଏପରି ବ୍ୟକ୍ତିର ବାସସ୍ଥାନ ସେହି ରାଜ୍ୟ କ୍ଷେତ୍ରରେ ହୋଇନଥାଏ ।

[1][(3) ଯେଉଁ ସ୍ଥଳରେ କୌଣସି ପକ୍ଷ ଯାହାଙ୍କ ବିରୋଧରେ ଅନ୍ୟ କୌଣସି ଉପାୟରେ ମଧ୍ୟବର୍ତ୍ତୀକାଳୀନ ନିଷେଧାଜ୍ଞା କିମ୍ବା ସ୍ଥଗିତାଦେଶ ପ୍ରଦାନ କରାଯାଇଛି କିମ୍ବା ଖଣ୍ଡ (1) ଅନୁଯାୟୀ କୌଣସି କାର୍ଯ୍ୟାନୁଷ୍ଠାନରେ କୌଣସି ଆବେଦନପତ୍ରରେ, କୌଣସି କାର୍ଯ୍ୟାନୁଷ୍ଠାନ—

(*a*) ପକ୍ଷଙ୍କୁ ଆବେଦନର ନକଲ ବା ଏପରି ମଧ୍ୟବର୍ତ୍ତୀକାଳୀନ ଆଦେଶ ଦଲିଲ୍ ପ୍ରଦାନ ନକରି; ଏବଂ

(*b*) ଯଦି କୌଣସି ପକ୍ଷକୁ ଶୁଣାଣିର ସୁଯୋଗ ଦିଆନଯାଇ,

ସେ ହାଇକୋର୍ଟରେ ଏପରି ଆଦେଶକୁ ରଦ୍ଦ କରିବା ପାଇଁ ଆବେଦନ କରେ ଏବଂ ଯେଉଁ ପକ୍ଷ ପାଇଁ ଏହି ଆଦେଶ ଜାରି ହୋଇଛି ତାହାଙ୍କୁ କିମ୍ବା ତାହାଙ୍କ ଅଧିବକ୍ତାଙ୍କୁ ଏହି ଆବେଦନର ଏକ ନକଲ ପ୍ରଦାନ କରେ, ତେବେ ଉଚ୍ଚ ନ୍ୟାୟାଳୟ ଏହି ଆବେଦନଟି ପାଇବା ତାରିଖରୁ କିମ୍ବା ଏହି ଆବେଦନର ନକଲ ପ୍ରଦାନ କରାଯିବା ତାରିଖରୁ, ଯେଉଁ ତାରିଖ ପରେ ହେଉଛି, ତାହାଠାରୁ ଦୁଇ ସପ୍ତାହ ମଧ୍ୟରେ ଆବେଦନର ନିଷ୍ପତ୍ତି କରିବ। ଯଦି ଏହି ଅବଧିର ଶେଷ ଦିନରେ ଉଚ୍ଚ ନ୍ୟାୟାଳୟ ବନ୍ଦ ରହେ, ତେବେ ପରବର୍ତ୍ତୀ ଦିନ ଯେଉଁଦିନ ଉଚ୍ଚ ନ୍ୟାୟାଳୟ ଖୋଲା ରହେ, ତା'ପୂର୍ବରୁ ନିଷ୍ପତ୍ତି କରାଯିବ । ଯଦି ଏହି ଆବେଦନର ନିଷ୍ପତ୍ତି ଏହି ଅବଧି ମଧ୍ୟରେ କରାଯାଏ ନାହିଁ, ତେବେ ଅନ୍ତରୀଣ ଆଦେଶଟି ଏହି ଅବଧିର ସମାପ୍ତିରେ, କିମ୍ବା ଯଥାକ୍ରମେ, ଉକ୍ତ ପରବର୍ତ୍ତୀ ଦିନର ସମାପ୍ତିରେ, ସ୍ୱୟଂଚାଳିତ ଭାବେ ରଦ୍ଦ ହୋଇଯିବ।]

[2][(4) ଏହି ଅନୁଚ୍ଛେଦ ଦ୍ୱାରା କୌଣସି ଉଚ୍ଚ ନ୍ୟାୟାଳୟ ଉପରେ ପ୍ରଦାନ କରାଯାଇଥିବା କ୍ଷମତା, ଅନୁଚ୍ଛେଦ 32ର ଖଣ୍ଡ(2)ଦ୍ୱାରା ଉଚ୍ଚତମ ନ୍ୟାୟାଳୟ ଉପରେ ପ୍ରଦାନ କରାଯାଇଥିବା କ୍ଷମତାର ବିରୋଧାଚରଣ କରିବ ନାହିଁ ।]

[3]**[226A.** *ଅନୁଚ୍ଛେଦ 226 ଅନୁଯାୟୀ, କେନ୍ଦ୍ରୀୟ ଆଇନର ସାମ୍ବିଧାନିକ ବୈଧତାକୁ କୌଣସି କାର୍ଯ୍ୟାନୁଷ୍ଠାନରେ ବିଚାର କରାଯିବ ନାହିଁ । ସମ୍ବିଧାନର (43ତମ ସଂଶୋଧନ) ଅଧିନିୟମ, 197ର ଧାରା 8ଦ୍ୱାରା ବାଦ୍ ଦିଆଯାଇଛି (13-4-1978ଠାରୁ କାର୍ଯ୍ୟକାରୀ) ।*

**227. ଉଚ୍ଚ ନ୍ୟାୟାଳୟର ସମସ୍ତ ନ୍ୟାୟାଳୟ ଉପରେ ତତ୍ତ୍ୱାବଧାନ ନିମିତ୍ତ କ୍ଷମତା**— [4][(1) ପ୍ରତ୍ୟେକ ଉଚ୍ଚ ନ୍ୟାୟାଳୟ, ଯେଉଁ ରାଜ୍ୟକ୍ଷେତ୍ର ଉପରେ ତାଙ୍କର ଅଧିକାର ପ୍ରୟୋଗ କରନ୍ତି, ସେଠାରେ ଥିବା ସମସ୍ତ ନ୍ୟାୟାଳୟ ଏବଂ ବିଚାରାଳୟ ଉପରେ ତତ୍ତ୍ୱାବଧାନ କରିବା କ୍ଷମତା ତାଙ୍କର ରହିବ ।]

---

[1] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 30ଦ୍ୱାରା ଖଣ୍ଡ (3), (4), (5) ଓ (6) ପାଇଁ ପ୍ରତିସ୍ଥାପିତ (1-8-1979ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 30ଦ୍ୱାରା ଖଣ୍ଡ (7) କୁ ଖଣ୍ଡ (4) ଭାବରେ ପୁନଃ ସଂଖ୍ୟାଙ୍କିତ କରାଯାଇଛି (1-8-1979 ଠାରୁ କାର୍ଯ୍ୟକାରୀ) ।

[3] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 39ଦ୍ୱାରା ସନ୍ନିବେଶିତ (1-2-1977 ଠାରୁ କାର୍ଯ୍ୟକାରୀ)।

[4] ସମ୍ବିଧାନ (42ତମସଂଶୋଧନ) ଅଧିନିୟମ, 1976, ଧାରା 40ଦ୍ୱାରା ଖଣ୍ଡ (1) ପାଇଁ ପ୍ରତିସ୍ଥାପିତ (1-2-1977 ଠାରୁ କାର୍ଯ୍ୟକାରୀ) ଏବଂ ପରବର୍ତ୍ତୀ ସମୟରେ ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 31ଦ୍ୱାରା ଖଣ୍ଡ (1) ପାଇଁ ପ୍ରତିସ୍ଥାପିତ (20-6-1979 ଠାରୁ କାର୍ଯ୍ୟକାରୀ) ।

(2) ଉପରୋକ୍ତ ବ୍ୟବସ୍ଥାରେ କୌଣସି ପ୍ରତିକୂଳ ପ୍ରଭାବ ନପକାଇ, ଉଚ୍ଚ ନ୍ୟାୟାଳୟ–

(*a*) ଏପରି ନ୍ୟାୟାଳୟଗୁଡ଼ିକରୁ ଆବଶ୍ୟକ ବିବରଣୀ ମଗାଇପାରନ୍ତି;

(*b*) ଏପରି ନ୍ୟାୟାଳୟଗୁଡ଼ିକର କାର୍ଯ୍ୟାନୁଷ୍ଠାନକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ସାଧାରଣ ନିୟମାବଳୀ ପ୍ରଣୟନ କରିପାରିବେ ଏବଂ ପ୍ରଚଳିତ ପ୍ରଥା ଓ ପ୍ରକ୍ରିୟାକୁ ବ୍ୟବସ୍ଥିତ କରିବା ପାଇଁ ପ୍ରାରୂପ ନିର୍ଦ୍ଧାରଣ କରିପାରିବେ; ଏବଂ

(*c*) ଏପରି କୌଣସି ନ୍ୟାୟାଳୟର ଉଚ୍ଚ କର୍ମଚାରୀଙ୍କଦ୍ୱାରା ରକ୍ଷଣାବେକ୍ଷଣ କରାଯାଉଥିବା ନଥିପତ୍ର, ଅନ୍ତର୍ଭୁକ୍ତକରଣ ଏବଂ ହିସାବପତ୍ର ନିମନ୍ତେ ପ୍ରାରୂପ ନିର୍ଦ୍ଧାରଣ କରିବେ ।

(3) ସେହି ସମସ୍ତ ନ୍ୟାୟାଳୟରେ, ଯେଉଁ ସମସ୍ତ ମହାନଗରଗୁଡ଼ିକର ବନ୍ଦୀମାନଙ୍କର ତତ୍ତ୍ୱାବଧାନ ତଥା ରିଟ କାର୍ଯ୍ୟକାରୀ କରାଇବା ନିମନ୍ତେ ନିଯୁକ୍ତ ସେରିଫ ଏବଂ ସମସ୍ତ କିରାଣି ଏବଂ ଅଧିକାରୀଙ୍କୁ ବିଚାରାଳୟରେ ବୃତ୍ତି ଅଭ୍ୟାସ କରୁଥିବା ଆଟର୍ଣ୍ଣି, ଅଧିବକ୍ତା ଏବଂ ପ୍ଲିଡରମାନଙ୍କୁ କେଉଁ ହାରରେ ବେତନ ପ୍ରଦାନ କରାଯିବ, ସେହି ଶୁଳ୍କ ସାରଣୀ ଉଚ୍ଚ ନ୍ୟାୟାଳୟ ସ୍ଥିର କରିପାରିବେ :

କିନ୍ତୁ, ଖଣ୍ଡ (2) କିମ୍ବା ଖଣ୍ଡ (3) ଅନୁଯାୟୀ ପ୍ରସ୍ତୁତ କରାଯାଇଥିବା କୌଣସି କ୍ଷମତାବଳୀ, ନିର୍ଦ୍ଧାରିତ ପ୍ରାରୂପ କିମ୍ବା ସ୍ଥିର କରାଯାଇଥିବା ସାରଣୀ, କୌଣସି ବଳବତ୍ତର ଆଇନ ସହିତ ଅସାମଞ୍ଜସ୍ୟ ହେଉନଥିବ ଏବଂ ତାହା ରାଜ୍ୟପାଳଙ୍କ ପୂର୍ବ ଅନୁମୋଦନ ଆବଶ୍ୟକ କରିବ ।

(4) କୌଣସି ଆଇନ ବଳରେ ସୈନ୍ୟବାହିନୀ ନିମନ୍ତେ ଗଠିତ କୌଣସି ନ୍ୟାୟାଳୟ କିମ୍ବା ବିଚାରାଳୟ ଉପରେ, ଏହି ଅନୁଚ୍ଛେଦ ଅନୁଯାୟୀ କୌଣସି ଉଚ୍ଚ ନ୍ୟାୟାଳୟଙ୍କର କୌଣସି ତତ୍ତ୍ୱାବଧାନ କ୍ଷମତା ରହିବ ନାହିଁ ।

[1](5)* * * *

**228. କେତେକ ମକଦ୍ଦମାକୁ ଉଚ୍ଚ ନ୍ୟାୟାଳୟକୁ ସ୍ଥାନାନ୍ତର କରିବା—** ଯଦି ଉଚ୍ଚ ନ୍ୟାୟାଳୟ ସନ୍ତୁଷ୍ଟ ହୁଅନ୍ତି ଯେ, ତାଙ୍କ ଅଧସ୍ତନ କୌଣସି ନ୍ୟାୟାଳୟରେ ସ୍ଥଗିତାବସ୍ଥାରେ ଥିବା କୌଣସି ମକଦ୍ଦମାରେ, ସମ୍ବିଧାନର ବ୍ୟାଖ୍ୟା କରିବା ନିମନ୍ତେ କୌଣସି ଗୁରୁତର ପ୍ରଶ୍ନ ଅନ୍ତର୍ଭୁକ୍ତ, ଯାହା ସ୍ଥିର କରିବା ପରେ ହିଁ ମକଦ୍ଦମାଟିରେ ଅନ୍ତିମ ନିଷ୍ପତ୍ତି ନିଆଯାଇପାରିବ, [2][ତା'ହେଲେ ସେ ମକଦ୍ଦମାଟିକୁ ସେଠାରୁ ପ୍ରତ୍ୟାହାର କରିବେ ଏବଂ [3]***—]

(*a*) ନିଜେ ଉକ୍ତ ମକଦ୍ଦମାର ଅନ୍ତିମ ନିଷ୍ପତ୍ତି ନେବେ, କିମ୍ବା

(*b*) ଉକ୍ତ ଆଇନ ସମ୍ବନ୍ଧୀୟ ପ୍ରଶ୍ନକୁ ସ୍ଥିର କରି, ଯେଉଁ ନ୍ୟାୟାଳୟରୁ ତାହା ପ୍ରତ୍ୟାହାର କରାଯାଇଥିଲା, ସେଠିକୁ ଏପରି ପ୍ରଶ୍ନ ଉପରେ ନିଷ୍ପତ୍ତିର ନକଲ ସହିତ, ତାହା ଫେରସ୍ତ ଦେବେ ଏବଂ ଉକ୍ତ ନ୍ୟାୟାଳୟ ତାହା ପାଇବା ପରେ, ଉକ୍ତ ରାୟ ସହିତ ସାମଞ୍ଜସ୍ୟତା ରକ୍ଷାକରି, ଉକ୍ତ ମକଦ୍ଦମାର ଅନ୍ତିମ ନିଷ୍ପତ୍ତି ନେବେ।

---

[1] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 40ଦ୍ୱାରା ଖଣ୍ଡ (5) ସନ୍ନିବେଶିତ କରାଯାଇଥିଲା (1-2-1977ଠାରୁ କାର୍ଯ୍ୟକାରୀ) ଏବଂ ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 31ଦ୍ୱାରା ବାଦ୍ ଦିଆଯାଇଛି (20-6-1979ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 41ଦ୍ୱାରା ପ୍ରତିସ୍ଥାପିତ, "ଏହି ମାମଲା ପ୍ରତ୍ୟାହାର ହେବ ଏବଂ କାରଣ- " (1-2-1977 ଠାରୁ କାର୍ଯ୍ୟକାରୀ) ।

[3] ସମ୍ବିଧାନ (43ତମ ସଂଶୋଧନ) ଅଧିନିୟମ, 1977, ଧାରା 9ଦ୍ୱାରା " ଅନୁଚ୍ଛେଦ 131Aର ବ୍ୟବସ୍ଥା ଅଧୀନରେ," ଶବ୍ଦ, ସଂଖ୍ୟା ଏବଂ ଅକ୍ଷରକୁ ବାଦ୍ ଦିଆଯାଇଛି (13-4-1978ଠାରୁ କାର୍ଯ୍ୟକାରୀ)।

[1]**[228A.** *ରାଜ୍ୟ ଆଇନର ସାମ୍ବିଧାନିକ ବୈଧତା ସମ୍ବନ୍ଧୀୟ ପ୍ରଶ୍ନର ଅନ୍ତିମ ନିଷ୍ପତ୍ତି ନିମନ୍ତେ ବିଶେଷ ବ୍ୟବସ୍ଥା ସମ୍ବିଧାନର (43 ତମ ସଂଶୋଧନ) ଅଧିନିୟମ, 1977 ର ଧାରା 10 ଦ୍ୱାରା ବାଦ୍ ଦିଆଯାଇଛି* (13-4-1978 ଠାରୁ କାର୍ଯ୍ୟକାରୀ) ।

**229. ଉଚ୍ଚ ନ୍ୟାୟାଳୟର କର୍ମଚାରୀ ଏବଂ ସେବକ ଏବଂ ଏହାର ଖର୍ଚ୍ଚ—** (1) କୌଣସି ଉଚ୍ଚ ନ୍ୟାୟାଳୟରେ ଉଚ୍ଚ କର୍ମଚାରୀ ଏବଂ ସେବକମାନଙ୍କର ନିଯୁକ୍ତି, ଉକ୍ତ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶ କିମ୍ବା ତାଙ୍କ ନିର୍ଦ୍ଦେଶାନୁଯାୟୀ ଅନ୍ୟ କୌଣସି ନ୍ୟାୟାଧୀଶ କିମ୍ବା ଉଚ୍ଚ କର୍ମଚାରୀଙ୍କଦ୍ୱାରା କରାଯିବ:

କିନ୍ତୁ, ରାଜ୍ୟର ରାଜ୍ୟପାଳ[2]***, ନିୟମଦ୍ୱାରା ଆବଶ୍ୟକ କରିପାରନ୍ତି ଯେ, ନିୟମରେ ଧାର୍ଯ୍ୟ କରାଯାଇଥିବା ଅନୁଯାୟୀ କୌଣସି ବ୍ୟକ୍ତି ଯେ କି ଉକ୍ତ ନ୍ୟାୟାଳୟରେ ସମ୍ପୃକ୍ତ ନୁହଁନ୍ତି, ତାଙ୍କୁ ରାଜ୍ୟ ଲୋକସେବା ଆୟୋଗଙ୍କ ସହିତ ପରାମର୍ଶ ନକରି ନିଯୁକ୍ତ କରାଯିବ ନାହିଁ ।

(2) ରାଜ୍ୟ ବିଧାନମଣ୍ଡଳଦ୍ୱାରା ପ୍ରଣୀତ କୌଣସି ଆଇନର ବ୍ୟବସ୍ଥା ଅଧୀନରେ ରହି, କୌଣସି ଉଚ୍ଚ ନ୍ୟାୟାଳୟର ଅଧିକାରୀ ଓ କର୍ମଚାରୀମାନଙ୍କର ଚାକିରି ସର୍ତ୍ତାବଳୀ, ଉକ୍ତ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶଙ୍କଦ୍ୱାରା ଧାର୍ଯ୍ୟ କିମ୍ବା ଉକ୍ତ ଉଦ୍ଦେଶ୍ୟରେ, ମୁଖ୍ୟ ନ୍ୟାୟାଧୀଶଙ୍କଦ୍ୱାରା ପ୍ରାଧିକୃତ, ଉକ୍ତ ନ୍ୟାୟାଳୟର ଅନ୍ୟ କୌଣସି ନ୍ୟାୟାଧୀଶ କିମ୍ବା ଉଚ୍ଚ କର୍ମଚାରୀଙ୍କଦ୍ୱାରା ପ୍ରଣୀତ ନିୟମାବଳୀ ଅନୁଯାୟୀ ହେବ:

କିନ୍ତୁ, ଏହି ଖଣ୍ଡ ଅନୁଯାୟୀ ପ୍ରଣୀତ ନିୟମାବଳୀ, ଯାହାକି ବେତନ, ଭତ୍ତା, ଛୁଟି କିମ୍ବା ଅବସରକାଳୀନ ଭତ୍ତା ସହିତ ସମ୍ପୃକ୍ତ, ତାହା ରାଜ୍ୟର ରାଜ୍ୟପାଳଙ୍କ[2]*** ଅନୁମୋଦନ ଆବଶ୍ୟକ କରିବ ।

(3) କୌଣସି ଉଚ୍ଚ ନ୍ୟାୟାଳୟର ପ୍ରଶାସନିକ ଖର୍ଚ୍ଚ ସହିତ, ଅଧିକାରୀ ତଥା କର୍ମଚାରୀମାନଙ୍କୁ ଦେୟ, ସମସ୍ତ ବେତନ, ଭତ୍ତା ଏବଂ ଅବସରକାଳୀନ ଭତ୍ତାକୁ ରାଜ୍ୟର ସଞ୍ଚିତ ପାଣ୍ଠିରୁ ପ୍ରଦାନ କରାଯିବ ଏବଂ ନ୍ୟାୟାଳୟଦ୍ୱାରା ଗ୍ରହଣ କରାଯାଉଥିବା କୌଣସି ପେମେଣ୍ଟ କିମ୍ବା ଅନ୍ୟ ଧନରାଶି, ଉକ୍ତ ପାଣ୍ଠିର ଅଂଶରୂପେ ଗ୍ରହଣ କରାଯିବ ।

[3]**[230. ଉଚ୍ଚ ନ୍ୟାୟାଳୟମାନଙ୍କର ଅଧିକାର କ୍ଷେତ୍ରକୁ କେନ୍ଦ୍ରଶାସିତ ପ୍ରଦେଶମାନଙ୍କୁ ପ୍ରସାରିତ କରିବା—** (1)ସଂସଦ, ଆଇନ ବଳରେ, କୌଣସି ଉଚ୍ଚ ନ୍ୟାୟାଳୟର ଅଧିକାର କ୍ଷେତ୍ରକୁ, କୌଣସି କେନ୍ଦ୍ରଶାସିତ ଅଞ୍ଚଳକୁ ପ୍ରସାରିତ କରିପାରନ୍ତି କିମ୍ବା କୌଣସି କେନ୍ଦ୍ରଶାସିତ ଅଞ୍ଚଳରୁ ଏପରି କର୍ତ୍ତୃତ୍ୱକୁ ପ୍ରତ୍ୟାହାର କରିପାରନ୍ତି ।

(2) ଯେଉଁସ୍ଥଳରେ କୌଣସି ରାଜ୍ୟର ଉଚ୍ଚ ନ୍ୟାୟାଳୟ, କୌଣସି କେନ୍ଦ୍ରଶାସିତ ଅଞ୍ଚଳ ସମ୍ବନ୍ଧରେ କର୍ତ୍ତୃତ୍ୱ ପରିଚାଳନା କରନ୍ତି,—

(*a*) ଏହି ସମ୍ବିଧାନର କୌଣସି ବ୍ୟବସ୍ଥା, ଉକ୍ତ ରାଜ୍ୟର ବିଧାନମଣ୍ଡଳର କ୍ଷମତାକୁ ଏପରି କର୍ତ୍ତୃତ୍ୱକୁ ବୃଦ୍ଧି କରିବା, ସୀମିତ କରିବା କିମ୍ବା ଉଚ୍ଛେଦ କରିବା ନିମନ୍ତେ ବ୍ୟାଖ୍ୟା କରାଯିବ ନାହିଁ; ଏବଂ

(*b*) ଉକ୍ତ ଅଞ୍ଚଳରେ ଥିବା ଅଧସ୍ତନ ନ୍ୟାୟାଳୟଗୁଡ଼ିକ ନିମନ୍ତେ କୌଣସି ନିୟମାବଳୀ, ପ୍ରାରୂପ କିମ୍ବା

---

[1] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 42ଦ୍ୱାରା ସନ୍ନିବେଶିତ (1-2-1977ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା "ଯେଉଁଠାରେ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ଆସନ ଅଛି" ଶବ୍ଦଗୁଡ଼ିକୁ ବାଦ୍ ଦିଆଯାଇଛି (1-11-1956ଠାରୁ କାର୍ଯ୍ୟକାରୀ)।

[3] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 16ଦ୍ୱାରା ଅନୁଚ୍ଛେଦ 230, 231 ଏବଂ 232 ପାଇଁ ପ୍ରତିସ୍ଥାପିତ (1-11-1956ଠାରୁ କାର୍ଯ୍ୟକାରୀ) ।

ସାରଣୀ ସମ୍ବନ୍ଧରେ, ଅନୁଚ୍ଛେଦ 227ରେ ରାଜ୍ୟପାଳଙ୍କ ପ୍ରତି ନିର୍ଦ୍ଦେଶକୁ ରାଷ୍ଟ୍ରପତିଙ୍କ ପ୍ରତି ନିର୍ଦ୍ଦେଶ ବୋଲି ବ୍ୟାଖ୍ୟା କରାଯିବ ।

**231. ଦୁଇ କିମ୍ବା ଅଧିକ ରାଜ୍ୟ ନିମନ୍ତେ ଏକ ସାଧାରଣ ଉଚ୍ଚ ନ୍ୟାୟାଳୟର ସ୍ଥାପନା—** (1) ଏହି ଅଧ୍ୟାୟର ପୂର୍ବବର୍ତ୍ତୀ ବ୍ୟବସ୍ଥାରେ ଯାହା କିଛି ବିଷୟ ଥିବା ସତ୍ତ୍ୱେ, ସଂସଦ ଆଇନ ବଳରେ ଦୁଇ କିମ୍ବା ଅଧିକ ରାଜ୍ୟ ନିମନ୍ତେ କିମ୍ବା ଦୁଇ କିମ୍ବା ଅଧିକ ରାଜ୍ୟ ଏବଂ କୌଣସି କେନ୍ଦ୍ରଶାସିତ ଅଞ୍ଚଳ ନିମନ୍ତେ, ଏକ ସାଧାରଣ ଉଚ୍ଚ ନ୍ୟାୟାଳୟ ସ୍ଥାପନ କରିପାରିବ ।

(2) ଏପରି କୌଣସି ଉଚ୍ଚ ନ୍ୟାୟାଳୟ ସମ୍ବନ୍ଧରେ,—

[1](*a*) * * * * *

(*b*) କୌଣସି ଅଧସ୍ତନ ନ୍ୟାୟାଳୟ ସମ୍ବନ୍ଧରେ କୌଣସି ନିୟମାବଳୀ, ରୂପରେଖ ବା ସାରଣୀ ସମ୍ବନ୍ଧରେ, ଅନୁଚ୍ଛେଦ 227ରେ ଉଲ୍ଲେଖ ଥିବା 'ରାଜ୍ୟପାଳ' ଅର୍ଥ ଯେଉଁ ରାଜ୍ୟରେ ଏପରି ଅଧସ୍ତନ ନ୍ୟାୟାଳୟ ଅବସ୍ଥିତ, ସେଠାକାର ରାଜ୍ୟପାଳଙ୍କୁ, ନିର୍ଦ୍ଦେଶ ବୋଲି ବ୍ୟାଖ୍ୟା କରାଯିବ; ଏବଂ

(*c*) ଅନୁଚ୍ଛେଦ 219 ଏବଂ 229ରେ ଉଲ୍ଲେଖ ଥିବା 'ରାଜ୍ୟ'ର ଅର୍ଥ , ଯେଉଁ ରାଜ୍ୟରେ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ଆସନ ବିଦ୍ୟମାନ, ଉକ୍ତ ରାଜ୍ୟ ପ୍ରତି ନିର୍ଦ୍ଦେଶ ବୋଲି ବ୍ୟାଖ୍ୟା କରାଯିବ:

କିନ୍ତୁ, ଯଦି ଏପରି ମୁଖ୍ୟ ଆସନ କୌଣସି କେନ୍ଦ୍ରଶାସିତ ଅଞ୍ଚଳରେ ଥାଏ, ଅନୁଚ୍ଛେଦ 219 ଓ 229ରେ ଥିବା ରାଜ୍ୟପାଳ, ଲୋକସେବା ଆୟୋଗ, ବିଧାନମଣ୍ଡଳ ଏବଂ ରାଜ୍ୟର ସଞ୍ଚିତ ପାଣ୍ଠି ପ୍ରତି ଥିବା ନିର୍ଦ୍ଦେଶକୁ ଯଥାକ୍ରମେ ରାଷ୍ଟ୍ରପତି, କେନ୍ଦ୍ରୀୟ ଲୋକସେବା ଆୟୋଗ, ସଂସଦ ଏବଂ ଭାରତର ସଞ୍ଚିତ ପାଣ୍ଠି ପ୍ରତି ନିର୍ଦ୍ଦେଶ ବୋଲି ବ୍ୟାଖ୍ୟା କରାଯିବ ।]

[**232. ବ୍ୟାଖ୍ୟା**— ଅନୁଚ୍ଛେଦ 230, 231 ଏବଂ 232, ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 16ଦ୍ୱାରା ଅନୁଚ୍ଛେଦ 230 ଏବଂ 231 ପାଇଁ ପ୍ରତିସ୍ଥାପିତ (1-11-1956ଠାରୁ କାର୍ଯ୍ୟକାରୀ)।]

## ଅଧ୍ୟାୟ 6—ଅଧସ୍ତନ ନ୍ୟାୟାଳୟ

**233. ଜିଲ୍ଲା ନ୍ୟାୟାଳୟରେ ନ୍ୟାୟାଧୀଶମାନଙ୍କ ନିଯୁକ୍ତି—** (1) କୌଣସି ରାଜ୍ୟରେ ଜିଲ୍ଲା

---

[1] ସମ୍ବିଧାନ (99ତମ ସଂଶୋଧନ) ଅଧିନିୟମ, 2014, ଧାରା 10ଦ୍ୱାରା ଉପଖଣ୍ଡ (*a*)କୁ ବାଦ୍ ଦିଆଯାଇଥିଲା (13-4-2015ଠାରୁ କାର୍ଯ୍ୟକାରୀ) । ସର୍ବୋଚ୍ଚ ନ୍ୟାୟାଳୟରେ ସର୍ବୋଚ୍ଚ ନ୍ୟାୟାଳୟ ଆଡଭୋକେଟ୍ସ-ଅନ୍-ରେକର୍ଡ ଆସୋସିଏସନ୍ ଏବଂ ଅନ୍ୟ ବନାମ କେନ୍ଦ୍ର ସରକାର 16-10-2015 ତାରିଖରେ AIR 2016 SC 117ରେ ଏହି ସଂଶୋଧନକୁ ଖାରଜ କରାଯାଇଛି । ସଂଶୋଧନ ପୂର୍ବରୁ, ଉପଖଣ୍ଡ (a)ରେ ନିମ୍ନଲିଖିତ ଥିଲା:—

"(*a*) ରାଜ୍ୟ ରାଜ୍ୟପାଳଙ୍କ ପ୍ରତି ଅନୁଚ୍ଛେଦ 217ରେ ଉଲ୍ଲେଖ କରାଯାଇଥିବା ସୂଚନାକୁ ଉଚ୍ଚ ନ୍ୟାୟାଳୟ କ୍ଷେତ୍ରାଧିକାର ପ୍ରୟୋଗ କରୁଥିବା ସମସ୍ତ ରାଜ୍ୟର ରାଜ୍ୟପାଳଙ୍କ ପ୍ରତି ଉଲ୍ଲେଖ ଭାବରେ ବ୍ୟାଖ୍ୟା କରାଯିବ" ।

ନ୍ୟାୟାଳୟରେ ପଦବୀରେ ନିଯୁକ୍ତି ଓ ପଦୋନ୍ନତି, ସେହି ରାଜ୍ୟର ରାଜ୍ୟପାଳଙ୍କ ଦ୍ୱାରା, ଉଚ୍ଚ ନ୍ୟାୟାଳୟ ଯାହାର ଅଧିକାର କ୍ଷେତ୍ରରେ ସେହି ରାଜ୍ୟ ଥିବ; ସହିତ ପରାମର୍ଶ କରି କରାଯିବ ।

(2) କୌଣସି ବ୍ୟକ୍ତି ଯିଏକି କେନ୍ଦ୍ର ସରକାରଙ୍କ ଅଧୀନରେ କିମ୍ବା ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟ କରୁନଥାନ୍ତି ଏବଂ ଯଦି ସେ ଅତିକମରେ ସାତବର୍ଷ ପର୍ଯ୍ୟନ୍ତ କୌଣସି ଅଧିବକ୍ତାଭାବେ କାର୍ଯ୍ୟ କରିଥାଆନ୍ତି ଏବଂ ନିଯୁକ୍ତି ନିମନ୍ତେ ଉଚ୍ଚ ନ୍ୟାୟାଳୟ ଦ୍ୱାରା ସୁପାରିଶ କରାଯାଇଥାଏ, ସେ ଜିଲ୍ଲା ନ୍ୟାୟାଧୀଶଭାବେ ନିଯୁକ୍ତ ନିମନ୍ତେ, ଯୋଗ୍ୟ ହେବେ।

[1][**233A. କେତେକ ଜିଲ୍ଲା ନ୍ୟାୟାଧୀଶଙ୍କ ନିଯୁକ୍ତି ଏବଂ ପ୍ରଦତ୍ତ ନିଷ୍ପତ୍ତି ଇତ୍ୟାଦିର ବୈଧତା—** କୌଣସି ନ୍ୟାୟାଳୟର ଆଦେଶରେ ଯାହା କିଛି ଥିବା ସତ୍ତ୍ୱେ,—

(*a*) (*i*) କୌଣସି ରାଜ୍ୟର ବିଚାର ବିଭାଗୀୟ ସେବାରେ ନଥିବା କୌଣସି ବ୍ୟକ୍ତି କିମ୍ବା ଯିଏ ଅତିକମରେ ସାତବର୍ଷ ପର୍ଯ୍ୟନ୍ତ କୌଣସି ଅଧିବକ୍ତା ହୋଇନଥାଆନ୍ତି, ସେ ଉକ୍ତ ରାଜ୍ୟର ଜିଲ୍ଲା ନ୍ୟାୟାଧୀଶଭାବେ ନିଯୁକ୍ତ ହେବେନାହିଁ, ଏବଂ

(*ii*) କୌଣସି ଜିଲ୍ଲା ନ୍ୟାୟାଧୀଶଭାବେ ଏପରି କୌଣସି ବ୍ୟକ୍ତିର ପଦ, ପଦୋନ୍ନତି କିମ୍ବା ବଦଳି, ଏହି ସମ୍ବିଧାନର (ବିଂଶତମ ସଂଶୋଧନ), ଅଧିନିୟମର ପ୍ରଚଳନ ପୂର୍ବରୁ ହୋଇଥିବ, ଅନ୍ୟଥା ଅନୁଚ୍ଛେଦ 233 କିମ୍ବା ଅନୁଚ୍ଛେଦ 235ର ବ୍ୟବସ୍ଥା ବେଆଇନ କିମ୍ବା ଅସିଦ୍ଧ ବୋଲି ଧରାଯିବ କିମ୍ବା କେବଳ ଏହି କାରଣ ଯେ, ଏପରି ନିଯୁକ୍ତି, ଅବସ୍ଥାପନ, ପଦୋନ୍ନତି କିମ୍ବା ସ୍ଥାନାନ୍ତରଣ, ଉପରୋକ୍ତ ବ୍ୟବସ୍ଥା ଅନୁଯାୟୀ କରାଯାଇନଥିଲେ ତାହା ଅବୈଧ କିମ୍ବା ଅସିଦ୍ଧ ହେବ;

(*b*) କୌଣସି ରାଜ୍ୟରେ ଜିଲ୍ଲା ନ୍ୟାୟାଧୀଶଭାବେ ନିଯୁକ୍ତ ବ୍ୟକ୍ତିଙ୍କଦ୍ୱାରା, ସମ୍ବିଧାନ (ବିଂଶତମ ସଂଶୋଧନ) ଅଧିନିୟମ, 1960ର ପ୍ରଚଳନ ପୂର୍ବରୁ ପରିଚାଳନା କରାଯାଇଥିବା କୌଣସି କର୍ତ୍ତୃତ୍ୱ, ପ୍ରଦାନ କରାଯାଇଥିବା କୌଣସି ରାଏ, ସିଦ୍ଧାନ୍ତ, ଦଣ୍ଡ କିମ୍ବା ଆଦେଶ କିମ୍ବା କରାଯାଇଥିବା କୌଣସି କାର୍ଯ୍ୟ କିମ୍ବା ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ, ଯଦି, କୌଣସି ରାଜ୍ୟରେ ଜିଲ୍ଲା ନ୍ୟାୟାଧୀଶଭାବେ ନିଯୁକ୍ତ, ସଂସ୍ଥିତ, ଉନ୍ନୀତ କିମ୍ବା ବଦଳି ହୋଇ ଆସିଥିବା କୌଣସି ବ୍ୟକ୍ତିଙ୍କଦ୍ୱାରା କରାଯାଇଥାଏ ଏବଂ ତାହା ଅନୁଚ୍ଛେଦ 233 କିମ୍ବା ଅନୁଚ୍ଛେଦ 235 ସହିତ ସାମଞ୍ଜସ୍ୟ ରକ୍ଷା କରୁନଥାଏ, ତାହା ଅବୈଧ କିମ୍ବା ଅକାମୀ କିମ୍ବା ତାହା ଯେକୌଣସି ସମୟରେ ଅବୈଧ କିମ୍ବା ଅକାମୀ ହେବ ।]

**234. ଜିଲ୍ଲା ନ୍ୟାୟାଧୀଶଙ୍କ ବ୍ୟତୀତ ଅନ୍ୟ ବ୍ୟକ୍ତିମାନଙ୍କର ନ୍ୟାୟିକ ସେବାରେ ନିଯୁକ୍ତି —** ଜିଲ୍ଲା ନ୍ୟାୟାଧୀଶଙ୍କ ବ୍ୟତୀତ, କୌଣସି ରାଜ୍ୟର ନ୍ୟାୟିକ ସେବାରେ ବ୍ୟକ୍ତିମାନଙ୍କର ନିଯୁକ୍ତି, ରାଜ୍ୟପାଳଙ୍କଦ୍ୱାରା ସେ ସମ୍ବନ୍ଧରେ ପ୍ରଣୀତ ନିୟମାବଳୀ ସହିତ ସମନ୍ୱୟତା ରକ୍ଷାକରି ଏବଂ ଲୋକସେବା ଆୟୋଗଙ୍କ ସହିତ ପରାମର୍ଶ ଏବଂ ଏପରି ରାଜ୍ୟ ଉପରେ କର୍ତ୍ତୃତ୍ୱ ପରିଚାଳନା କରୁଥିବା ଉଚ୍ଚ ନ୍ୟାୟାଳୟ ସହିତ ପରାମର୍ଶ କଲାପରେ, ରାଜ୍ୟପାଳଙ୍କ ଦ୍ୱାରା କରାଯିବ ।

---

[1] ସମ୍ବିଧାନ (20ତମ ସଂଶୋଧନ) ଅଧିନିୟମ, 1966, ଧାରା 2ଦ୍ୱାରା ସନ୍ନିବେଶିତ (22-12-1966ଠାରୁ କାର୍ଯ୍ୟକାରୀ)।

**235. ଅଧସ୍ତନ ନ୍ୟାୟାଳୟଗୁଡ଼ିକ ଉପରେ ନିୟନ୍ତ୍ରଣ—** ଉଚ୍ଚ ନ୍ୟାୟାଳୟ ଅଧୀନରେ ଥିବା ଜିଲ୍ଲା ନ୍ୟାୟାଳୟଗୁଡ଼ିକ ଏବଂ ତା'ର ଅଧୀନସ୍ଥ ଥିବା ନ୍ୟାୟାଳୟଗୁଡ଼ିକ ସହିତ କୌଣସି ରାଜ୍ୟର ନ୍ୟାୟିକ ସେବାରେ ଜିଲ୍ଲା ନ୍ୟାୟାଧୀଶଙ୍କ ପଦବୀରୁ ନିମ୍ନ ପଦରେ ଥିବା ବ୍ୟକ୍ତିଙ୍କର ଅବସ୍ଥାପନ ଏବଂ ପଦୋନ୍ନତି ଏବଂ ଛୁଟି ମଞ୍ଜୁରି ପ୍ରଭୃତି ଉପରେ ନିୟନ୍ତ୍ରଣ ରହିବ କିନ୍ତୁ ଏହି ଅନୁଚ୍ଛେଦର କୌଣସି ବ୍ୟବସ୍ଥାକୁ, ସେହି ଶ୍ରେଣୀର କୌଣସି ବ୍ୟକ୍ତିଙ୍କୁ, ତାଙ୍କର ସେବା ସର୍ତ୍ତାବଳୀକୁ ନିୟନ୍ତ୍ରିତ କରୁଥିବା ଆଇନ ବିରୋଧରେ ପୁନର୍ବିଚାର ପାଇଁ ଆବେଦନ କରିବାର ଅଧିକାରକୁ କିମ୍ବା ଆଇନ ଅନୁଯାୟୀ ନିର୍ଦ୍ଧାରିତ ତାଙ୍କର ସେବା ସର୍ତ୍ତାବଳୀ ବିରୋଧରେ ତାଙ୍କ ପ୍ରତି ବିଚାର କରିବା ନିମନ୍ତେ ଉଚ୍ଚ ନ୍ୟାୟାଳୟକୁ କ୍ଷମତା ପ୍ରଦାନ କରାଯାଇଛି ବୋଲି ବ୍ୟାଖ୍ୟା କରାଯିବ ନାହିଁ ।

**236. ବ୍ୟାଖ୍ୟା—**ଏହି ଅଧ୍ୟାୟରେ—

(*a*) ଉକ୍ତ "ଜିଲ୍ଲା ନ୍ୟାୟାଧୀଶ", ଶବ୍ଦ ମଧ୍ୟରେ ନଗରର ଦେୱାନୀ ନ୍ୟାୟାଳୟ, ଅତିରିକ୍ତ ଜିଲ୍ଲା-ନ୍ୟାୟାଧୀଶ, ଯୁଗ୍ମ ଜିଲ୍ଲା-ନ୍ୟାୟାଧୀଶ, ସହକାରୀ ଜିଲ୍ଲା ନ୍ୟାୟାଧୀଶ, ଲଘୁବିବାଦ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶ, ମୁଖ୍ୟ ପ୍ରେସିଡେନ୍ସି ମାଜିଷ୍ଟ୍ରେଟ, ଅତିରିକ୍ତ ମୁଖ୍ୟ ପ୍ରେସିଡେନ୍ସି-ମାଜିଷ୍ଟ୍ରେଟ, ଅଧିବେଶନ ନ୍ୟାୟାଧୀଶ, ଅତିରିକ୍ତ ଅଧିବେଶନ ନ୍ୟାୟାଧୀଶ ଏବଂ ସହକାରୀ ଅଧିବେଶନ ନ୍ୟାୟାଧୀଶ ଅନ୍ତର୍ଭୁକ୍ତ;

(*b*) ଉକ୍ତ "ନ୍ୟାୟିକ ସେବା" ଅର୍ଥ, କୌଣସି ସେବା ଯେଉଁଥିରେ ଜିଲ୍ଲା ନ୍ୟାୟାଧୀଶଙ୍କ କାର୍ଯ୍ୟାଳୟ ତଥା ଜିଲ୍ଲା ନ୍ୟାୟାଧୀଶଙ୍କ ପଦବୀଠାରୁ ନିମ୍ନ ପଦବୀର ଅନ୍ୟ ନ୍ୟାୟିକ ପଦବୀ ପୂରଣ କରିବା ନିମନ୍ତେ ଉଦ୍ଦିଷ୍ଟ ବ୍ୟକ୍ତିମାନଙ୍କୁ ନେଇ ଗଠିତ ସେବାକୁ ବୁଝାଏ ।

**237. କେତେକ ନିର୍ଦ୍ଦିଷ୍ଟ ଶ୍ରେଣୀ କିମ୍ବା ଶ୍ରେଣୀଗୁଡ଼ିକର ମାଜିଷ୍ଟ୍ରେଟ୍‌ଙ୍କ ପ୍ରତି ଏହି ଅଧ୍ୟାୟର ବ୍ୟବସ୍ଥାର ପ୍ରୟୋଗ—** ରାଜ୍ୟପାଳ, ସରକାରୀ ବିଜ୍ଞପ୍ତି ଦ୍ଵାରା ନିର୍ଦ୍ଦେଶ ଦେଇପାରନ୍ତି ଯେ, ଏହି ଅଧ୍ୟାୟର ପୂର୍ବ ବ୍ୟବସ୍ଥା ଏବଂ ତତ୍‌ସହିତ ସମ୍ବନ୍ଧିତ ନିୟମାବଳୀ, ତାଙ୍କଦ୍ଵାରା ନିର୍ଦ୍ଦିଷ୍ଟ ହୋଇଥିବା ତାରିଖଠାରୁ, ରାଜ୍ୟରେ ଥିବା ସେହି ଶ୍ରେଣୀୟ ମାଜିଷ୍ଟ୍ରେଟ୍‌ମାନଙ୍କ ପ୍ରତି ପ୍ରଯୁଜ୍ୟ ହେବ, ଯେପରି ତାହା ରାଜ୍ୟର ବିଚାର ବିଭାଗୀୟ ସେବାରେ ନିଯୁକ୍ତ ବ୍ୟକ୍ତିମାନଙ୍କ ପ୍ରତି, ଉକ୍ତ ବିଜ୍ଞପ୍ତିରେ ନିର୍ଦ୍ଦିଷ୍ଟ କରାଯାଇଥିବା ବ୍ୟତିକ୍ରମ ଏବଂ ସଂଶୋଧନର ନିୟନ୍ତ୍ରଣରେ ଲାଗୁ ହେବ ।

# *ଭାଗ 7

*[ପ୍ରଥମ ଅନୁସୂଚୀର ଭାଗ B ରେ ଥିବା ରାଜ୍ୟଗୁଡ଼ିକ]*

* ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ)।

# ଭାଗ 8

## [1] [କେନ୍ଦ୍ରଶାସିତ ଅଞ୍ଚଳ]

[2][**239. କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ପ୍ରଶାସନ—** (1) ଯଦି ସଂସଦଦ୍ୱାରା ଆଇନ ଅନୁଯାୟୀ ଅନ୍ୟଥା ବ୍ୟବସ୍ଥା କରାନଯାଇଛି, ପ୍ରତ୍ୟେକ କେନ୍ଦ୍ରଶାସିତ ଅଞ୍ଚଳ ରାଷ୍ଟ୍ରପତିଙ୍କଦ୍ୱାରା କିମ୍ବା ତାଙ୍କଦ୍ୱାରା ଏପରି ପଦବୀଯୁକ୍ତ କୌଣସି ପ୍ରଶାସକଙ୍କ ମାଧ୍ୟମରେ କାର୍ଯ୍ୟ ସମ୍ପାଦନ କରିବେ ଯାହାକି ସେ ଉପଯୁକ୍ତ ବୋଲି ମନେ କରିବେ;

(2) ଭାଗ 6ରେ ଯାହା କିଛି ଥିବା ସତ୍ତ୍ୱେ, ରାଷ୍ଟ୍ରପତି ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ନିକଟତମ ରାଜ୍ୟର ରାଜ୍ୟପାଳଙ୍କୁ ଏହାର ପ୍ରଶାସକଭାବେ ନିଯୁକ୍ତ କରିପାରିବେ ଏବଂ ଏହି ଭାବରେ ନିଯୁକ୍ତ ରାଜ୍ୟପାଳ କେନ୍ଦ୍ରଶାସିତ ଅଞ୍ଚଳର ପ୍ରଶାସକ ଭାବେ ନିଜସ୍ୱ ମନ୍ତ୍ରୀ ପରିଷଦଠାରୁ ସ୍ୱାଧୀନ ଭାବେ କାର୍ଯ୍ୟ ସମ୍ପାଦନ କରିବେ ।]

[3]*[**239A. କେତେକ ନିର୍ଦ୍ଦିଷ୍ଟ କେନ୍ଦ୍ରଶାସିତ ଅଞ୍ଚଳ ନିମନ୍ତେ ସ୍ଥାନୀୟ ବିଧାନ ପରିଷଦ କିମ୍ବା ମନ୍ତ୍ରୀ ପରିଷଦ କିମ୍ବା ଉଭୟର ଗଠନ—** (1) ସଂସଦ [4][କେନ୍ଦ୍ରଶାସିତ ଅଞ୍ଚଳ [5][‘ପୁଦୁଚେରୀ’] ନିମନ୍ତେ]—

(*a*) କୌଣସି ସଂସ୍ଥା, ଯାହାକି ନିର୍ବାଚିତ କିମ୍ବା ଆଂଶିକଭାବେ ମନୋନୀତ ଏବଂ ଆଂଶିକଭାବେ ନିର୍ବାଚିତ, ତାହା ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳର, ବିଧାନମଣ୍ଡଳ ଭାବେ କାର୍ଯ୍ୟ କରିବ, କିମ୍ବା

(*b*) କୌଣସି ମନ୍ତ୍ରୀପରିଷଦ,

କିମ୍ବା ଉଭୟ ଯାହା ପ୍ରତ୍ୟେକ କ୍ଷେତ୍ରରେ ଏପରି ଗଠନ, କ୍ଷମତା ଏବଂ କାର୍ଯ୍ୟ ଆଇନ ଅନୁଯାୟୀ ଧାର୍ଯ୍ୟ କରାଯାଇଛି, ତାହା ଆଇନଦ୍ୱାରା ଗଠନ କରିପାରିବ ।

(2) ଏହି ସମ୍ବିଧାନର ଅନୁଚ୍ଛେଦ 368 ଉଦ୍ଦେଶ୍ୟରେ, ଖଣ୍ଡ (1)ରେ ଉଲ୍ଲେଖ କରାଯାଇଥିବା ଏପରି କୌଣସି ଆଇନକୁ ଏକ ସଂଶୋଧନ ବୋଲି ଧରାଯିବ ନାହିଁ, ଯଦିଓ ଏହା ଏପରି ବ୍ୟବସ୍ଥା ଧାରଣ କରିଥାଏ, ଯାହାକି ଏହି ସମ୍ବିଧାନକୁ ସଂଶୋଧନ କରେ କିମ୍ବା ଏପରି ସଂଶୋଧନ ଉପରେ ପ୍ରଭାବ ପକାଇଥାଏ ।]

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 17ଦ୍ୱାରା "**ପ୍ରଥମ ଅନୁସୂଚୀର ଭାଗ Cରେ ଥିବା ରାଜ୍ୟଗୁଡ଼ିକ**" ଶୀର୍ଷକ ପାଇଁ ପ୍ରତିସ୍ଥାପିତ (1-11-1956 ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 17ଦ୍ୱାରା ଅନୁଚ୍ଛେଦ 239 ପାଇଁ ପ୍ରତିସ୍ଥାପିତ (1-11-1956ଠାରୁ କାର୍ଯ୍ୟକାରୀ) ।

[3] ସମ୍ବିଧାନ (ଚତୁର୍ଦ୍ଦଶ ସଂଶୋଧନ) ଅଧିନିୟମ, 1962, ଧାରା 4 ଦ୍ୱାରା ସନ୍ନିବେଶିତ (28-12-1962ଠାରୁ କାର୍ଯ୍ୟକାରୀ)।

[*] ଜମ୍ମୁ ଓ କାଶ୍ମୀର ପୁନର୍ଗଠନ ଅଧିନିୟମ, 2019 (2019ର 34ନଂ), ଧାରା 13 ଦ୍ୱାରା ଅନୁଚ୍ଛେଦ 239A କୁ ଜମ୍ମୁ ଓ କାଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ଲାଗୁ କରାଯାଇଛି (31-10-2019ଠାରୁ କାର୍ଯ୍ୟକାରୀ) ।

[4] ଗୋଆ , ଡାମନ ଓ ଡିଉ ପୁନର୍ଗଠନ ଅଧିନିୟମ, 1987 (1987ର 18ନଂ) ଧାରା 63 ଦ୍ୱାରା “ଗୋଆ , ଡାମନ ଓ ଡିଉ ଏବଂ ପଣ୍ଡିଚେରୀର ଯେକୌଣସି କେନ୍ଦ୍ର ଶାସିତ ଅଞ୍ଚଳ” ପାଇଁ ପ୍ରତିସ୍ଥାପିତ (30-5-1987ଠାରୁ କାର୍ଯ୍ୟକାରୀ) ।

[5] ପଣ୍ଡିଚେରୀ (ନାମ ପରିବର୍ତ୍ତନ) ଅଧିନିୟମ, 2006 (2006ର 44ନଂ), ଧାରା 4ଦ୍ୱାରା "ପଣ୍ଡିଚେରୀ" ପାଇଁ ପ୍ରତିସ୍ଥାପିତ (1-10-2006 ଠାରୁ କାର୍ଯ୍ୟକାରୀ) ।

[1][**239AA. ଦିଲ୍ଲୀ ସମ୍ବନ୍ଧରେ ବିଶେଷ ବ୍ୟବସ୍ଥା—** (1) ସମ୍ବିଧାନର (69ତମ ସଂଶୋଧନ) ଅଧିନିୟମ 1991ର ପ୍ରାରମ୍ଭରୁ, କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀ, ଜାତୀୟ ରାଜଧାନୀ ଅଞ୍ଚଳ ଦିଲ୍ଲୀଭାବେ ପରିଚିତ ହେବ (ଏହାପରେ, ଏହି ଭାଗରେ ଜାତୀୟ ରାଜଧାନୀ ଅଞ୍ଚଳଭାବେ ଉଲ୍ଲେଖିତ) ଏବଂ ଅନୁଚ୍ଛେଦ 239 ଅନୁଯାୟୀ ନିଯୁକ୍ତିପ୍ରାପ୍ତ ଏହାର ପ୍ରଶାସକ ଉପ-ରାଜ୍ୟପାଳ ରୂପେ ଅଭିହିତ ହେବେ ।

(2)(*a*) ଜାତୀୟ ରାଜଧାନୀ ଅଞ୍ଚଳ ନିମନ୍ତେ ଏକ ବିଧାନସଭା ରହିବ ଏବଂ ଏପରି ସଭାର ଆସନଗୁଡ଼ିକ ସେହି ସଦସ୍ୟମାନଙ୍କଦ୍ୱାରା ପୂରଣ କରାଯିବ, ଯେଉଁମାନେ କି ଜାତୀୟ ରାଜଧାନୀ ଅଞ୍ଚଳର ନିର୍ବାଚନ ମଣ୍ଡଳୀରୁ, ପ୍ରତ୍ୟକ୍ଷ ନିର୍ବାଚନରେ ନିର୍ବାଚିତ ହୋଇଥିବେ ।

(*b*) ବିଧାନସଭାରେ ମୋଟ ଆସନ ସଂଖ୍ୟା, ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ଆସନ ସଂଖ୍ୟା, ଜାତୀୟ ରାଜଧାନୀ କ୍ଷେତ୍ରକୁ ଆଞ୍ଚଳିକ ନିର୍ବାଚନମଣ୍ଡଳୀରେ ବିଭକ୍ତ କରିବା (ଏପରି ବିଭାଜନର ଆଧାର ସହିତ) ଏବଂ ବିଧାନସଭାର କାର୍ଯ୍ୟକାରିତା ସହିତ ଜଡ଼ିତ ଅନ୍ୟ ସମସ୍ତ ବିଷୟ ସଂସଦଦ୍ୱାରା ପ୍ରଣୀତ ଆଇନଦ୍ୱାରା ନିୟନ୍ତ୍ରିତ ହେବ ।

[2][(*ba*) ଜାତୀୟ ରାଜଧାନୀ ଅଞ୍ଚଳ ଦିଲ୍ଲୀର ବିଧାନସଭାରେ ମହିଳାମାନଙ୍କ ପାଇଁ ଆସନ ସଂରକ୍ଷିତ ରହିବ।

(*bb*) ଯଥାସମ୍ଭବ, ଜାତୀୟ ରାଜଧାନୀ ଅଞ୍ଚଳ ଦିଲ୍ଲୀର ବିଧାନସଭାରେ ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ଆସନର ଏକ-ତୃତୀୟାଂଶ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରହିବ ।

(*bc*) ଯଥାସମ୍ଭବ, ଜାତୀୟ ରାଜଧାନୀ ଅଞ୍ଚଳ ଦିଲ୍ଲୀର ବିଧାନସଭାରେ ପ୍ରତ୍ୟକ୍ଷ ନିର୍ବାଚନଦ୍ୱାରା ପୂରଣ ହେବାକୁ ଥିବା ମୋଟ ଆସନ ସଂଖ୍ୟାର ଏକ-ତୃତୀୟାଂଶ ଆସନ (ଅନୁସୂଚିତ ଜାତିର ମହିଳାମାନଙ୍କ ପାଇଁ ସଂରକ୍ଷିତ ଆସନ ସଂଖ୍ୟା ସମେତ) ଏହିପରି ମହିଳାମାନଙ୍କ ପାଇଁ ସଂରକ୍ଷିତ ରହିବ, ଯାହା ସଂସଦ ଆଇନଦ୍ୱାରା ଧାର୍ଯ୍ୟ କରିବ ।]

(*c*) ଅନୁଚ୍ଛେଦ 324ରୁ 327 ଓ 329ର ବ୍ୟବସ୍ଥା ଜାତୀୟ ରାଜଧାନୀ ଅଞ୍ଚଳ, ଜାତୀୟ ରାଜଧାନୀ ଅଞ୍ଚଳର ବିଧାନସଭା ଏବଂ ତା'ର ସଦସ୍ୟମାନଙ୍କ ସମ୍ବନ୍ଧରେ ଏପରି ପ୍ରୟୋଗନୀୟ ହେବ, ଯେପରି ତାହା କୌଣସି ରାଜ୍ୟ, କୌଣସି ରାଜ୍ୟର ବିଧାନସଭା ଏବଂ ତା'ର ସଦସ୍ୟମାନଙ୍କ ପ୍ରତି ଲାଗୁ ହୁଏ ଏବଂ ଅନୁଚ୍ଛେଦ 326 ଏବଂ 329ରେ କୌଣସି "ଉପଯୁକ୍ତ ବିଧାନମଣ୍ଡଳର" ଉଲ୍ଲେଖକୁ ସଂସଦ ପ୍ରତି ଉଲ୍ଲେଖ ବୋଲି ଧରି ନିଆଯିବ ।

---

[1] ସମ୍ବିଧାନ (69ତମ ସଂଶୋଧନ) ଅଧିନିୟମ, 1991, ଧାରା 2ଦ୍ୱାରା ଅନୁଚ୍ଛେଦ 239AA ଏବଂ 239AB ସନ୍ନିବେଶିତ (2-1-1992ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (106ତମ ସଂଶୋଧନ) ଅଧିନିୟମ, 2023, ଧାରା 2ଦ୍ୱାରା ସନ୍ନିବେଶିତ (ତାରିଖ ଏପର୍ଯ୍ୟନ୍ତ ସୂଚିତ କରାଯାଇ ନାହିଁ) ।

(3)(*a*) ଏହି ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ବିଧାନସଭାରେ ରାଜ୍ୟ ତାଲିକାର ପ୍ରବିଷ୍ଟି 1, 2 ଓ 18 ତଥା ସେହି ତାଲିକାର ପ୍ରବିଷ୍ଟି 64, 65 ଓ 66ରେ ଯାହାର ସମ୍ପର୍କ ସେହି ପ୍ରବିଷ୍ଟି 1, 2 ଓ 18 ସହ ଅଛି, ସେହି ସମ୍ବନ୍ଧୀୟ ବିଷୟ ବ୍ୟତୀତ, ରାଜ୍ୟ ତାଲିକା କିମ୍ବା ଯୁଗ୍ମ ତାଲିକାରେ ଅନ୍ତର୍ଭୁକ୍ତ କୌଣସି ବିଷୟରେ, ଯାହା କେନ୍ଦ୍ରଶାସିତ ଆଞ୍ଚଳ ପାଇଁ ପ୍ରଯୁଜ୍ୟ, ସମୁଦାୟ ଜାତୀୟ ରାଜଧାନୀ ଅଞ୍ଚଳରେ କିମ୍ବା ଏହାର କୌଣସି ଅଂଶବିଶେଷରେ ଆଇନ ପ୍ରଣୟନ କରିବାର କ୍ଷମତା ରହିବ ।

(*b*) ଉପଖଣ୍ଡ (*a*)ର କୌଣସି ବ୍ୟବସ୍ଥା, ଏହି ସମ୍ବିଧାନ ଅନୁଯାୟୀ କେନ୍ଦ୍ରଶାସିତ ଅଞ୍ଚଳ କିମ୍ବା ଏହାର କୌଣସି ଅଂଶ ନିମନ୍ତେ ବା ସମ୍ବନ୍ଧରେ ସଂସଦର ଆଇନ ପ୍ରଣୟନ କ୍ଷମତାକୁ ନ୍ୟୁନ କରିପାରିବ ନାହିଁ ।

(*c*) କୌଣସି ବିଷୟ ଉପରେ ବିଧାନସଭାଦ୍ୱାରା ପ୍ରଣୀତ କୌଣସି ଆଇନର କୌଣସି ବ୍ୟବସ୍ଥା, ଯଦି ସେହି ବିଷୟ ଉପରେ ସଂସଦଦ୍ୱାରା ପ୍ରଣୀତ କୌଣସି ଆଇନର ବିପରୀତ ହୋଇଥାଏ କିମ୍ବା ବିରୁଦ୍ଧାଚରଣ କରୁଥାଏ, ଯାହାକି ବିଧାନସଭାଦ୍ୱାରା ପ୍ରଣୀତ ଆଇନର ପୂର୍ବରୁ ହୋଇଥାଉ କିମ୍ବା ପରେ ହୋଇଥାଉ କିମ୍ବା କୌଣସି ପୂର୍ବୋକ୍ତ ଆଇନ ଯାହା ବିଧାନସଭାଦ୍ୱାରା ଆଇନଠାରୁ ଭିନ୍ନ ହୋଇଥାଏ; ତେବେ ଉଭୟ ସ୍ଥିତିରେ ସଂସଦଦ୍ୱାରା ପ୍ରଣୀତ ଆଇନ କିମ୍ବା ସେହି ପୂର୍ବୋକ୍ତଦ୍ୱାରା ପ୍ରଣୀତ ଆଇନ, ଯେଉଁ ସୀମା ପର୍ଯ୍ୟନ୍ତ ବିପରୀତ ହୋଇଥିବ, ତାହା ଅସିଦ୍ଧ ହେବ:

କିନ୍ତୁ, ଯଦି ବିଧାନସଭାଦ୍ୱାରା ପ୍ରଣୀତ ଏପରି ଆଇନକୁ ରାଷ୍ଟ୍ରପତିଙ୍କ ବିଚାର ନିମନ୍ତେ ସଂରକ୍ଷଣ କରାଯାଇଥାଏ ଏବଂ ତାଙ୍କର ସ୍ୱୀକୃତି ଲାଭ କରିଥାଏ, ତାହାହେଲେ ଉକ୍ତ ଆଇନ, ଜାତୀୟ ରାଜଧାନୀ ଅଞ୍ଚଳରେ କାର୍ଯ୍ୟକାରୀ ହେବ:

ଅଧିକନ୍ତୁ, ଏହି ଉପଖଣ୍ଡର କୌଣସି ବ୍ୟବସ୍ଥା, ସେହି ବିଷୟ ଉପରେ, ଯେକୌଣସି ସମୟରେ ଆଇନ ପ୍ରଣୟନ କରିବା ସହିତ, ବିଧାନସଭା ଦ୍ୱାରା ପ୍ରଣୀତ ଆଇନ ସହିତ ସଂଯୋଗ, ସଂଶୋଧନ, ପରିବର୍ତ୍ତନ କିମ୍ବା ତାକୁ ରଦ୍ଦ କରିବା ନିମନ୍ତେ ସଂସଦର କ୍ଷମତାକୁ ପ୍ରତିବନ୍ଧିତ କରିବ ନାହିଁ ।

(4) କୌଣସି ବିଷୟରେ ଆଇନ ଅନୁସାରେ କିମ୍ବା ଆଇନର ଅଧୀନରେ ନିଜ ବିଚାର ଅନୁଯାୟୀ ଉପ-ରାଜ୍ୟପାଳ କାର୍ଯ୍ୟ କରିବେ, ସେହି ସମ୍ବନ୍ଧରେ ବିଧାନସଭାର ଆଇନ ପ୍ରଣୟନ କରିବାର କ୍ଷମତା ରହିଛି, ତାଙ୍କ କାର୍ଯ୍ୟ ପରିଚାଳନାରେ ତାଙ୍କୁ ସାହାଯ୍ୟ କରିବା ଏବଂ ଉପଦେଶ ଦେବା ନିମନ୍ତେ ଏକ ମନ୍ତ୍ରୀପରିଷଦ ରହିବ, ଯେଉଁଥିରେ ବିଧାନସଭାର ସମୁଦାୟ ସଦସ୍ୟ ସଂଖ୍ୟାର ଶତକଡ଼ା ଦଶଭାଗ ସଦସ୍ୟଙ୍କଠାରୁ ଅଧିକ ସଦସ୍ୟ ହୋଇନଥିବେ, ଯାହାର ମୁଖ୍ୟଭାବେ ମୁଖ୍ୟମନ୍ତ୍ରୀ ରହିବେ:

କିନ୍ତୁ, ଯଦି କୌଣସି ବିଷୟ ଉପରେ ଉପ-ରାଜ୍ୟପାଳ ଏବଂ ତାଙ୍କ ମନ୍ତ୍ରୀମାନଙ୍କ ମଧ୍ୟରେ କୌଣସି ମତଭେଦ ହୁଏ, ତା'ହେଲେ ନିଷ୍ପତ୍ତି ନେବା ନିମନ୍ତେ ଉପ-ରାଜ୍ୟପାଳ ତାହାକୁ ରାଷ୍ଟ୍ରପତିଙ୍କ ପାଖକୁ ପଠାଇବେ ଏବଂ ରାଷ୍ଟ୍ରପତିଙ୍କ ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟ କରିବେ ଏବଂ ଏପରି ନିଷ୍ପତ୍ତି ମିଳିନଥିଲେ ବା ସ୍ଥଗିତ ଥିଲେ ଯଦି କୌଣସି ବିଷୟ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ, ତା'ହେଲେ ଉପ-ରାଜ୍ୟପାଳ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କିମ୍ବା ଏପରି ନିର୍ଦ୍ଦେଶ ପ୍ରଦାନ କରିବେ, ଯାହାକି ତାଙ୍କୁ ଉଚିତ ବୋଧ ହେବ ।

(5) ମୁଖ୍ୟମନ୍ତ୍ରୀ, ରାଷ୍ଟ୍ରପତିଙ୍କଦ୍ୱାରା ନିଯୁକ୍ତ ହେବେ ଏବଂ ଅନ୍ୟ ମନ୍ତ୍ରୀମାନେ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ଅନୁଯାୟୀ, ରାଷ୍ଟ୍ରପତିଙ୍କଦ୍ୱାରା ନିଯୁକ୍ତ ହେବେ ଏବଂ ରାଷ୍ଟ୍ରପତିଙ୍କ ସନ୍ତୁଷ୍ଟି ସମୟ ମଧ୍ୟରେ, କାର୍ଯ୍ୟାଳୟ ଧାରଣ କରିବେ ।

(6) ମନ୍ତ୍ରୀପରିଷଦ ସାମୂହିକ ଭାବେ ବିଧାନସଭା ନିକଟରେ ଦାୟୀ ରହିବେ ।

[1][(7) (*a*)] ପୂର୍ବବର୍ତ୍ତୀ ଖଣ୍ଡଗୁଡ଼ିକରେ ଥିବା ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ନିମନ୍ତେ କିମ୍ବା ତାହାର ଅନୁପୂରକ ବ୍ୟବସ୍ଥା କରିବା ନିମନ୍ତେ, ସେହି ସମସ୍ତ ଆନୁଷଙ୍ଗିକ କିମ୍ବା ତା'ର ପାରିଣାମିକ ସମସ୍ତ ବିଷୟ ଉପରେ ସଂସଦ ଆଇନଦ୍ୱାରା ବ୍ୟବସ୍ଥା କରିପାରିବ ।

[2][(*b*) ଏପରି କୌଣସି ଆଇନ ଯାହାକି ଉପଖଣ୍ଡ (*a*)ରେ ଉଲ୍ଲେଖ କରାଯାଇଛି, ତାହା ଅନୁଚ୍ଛେଦ 368 ଉଦ୍ଦେଶ୍ୟରେ, ସମ୍ବିଧାନର ସଂଶୋଧନ ବୋଲି ଧରାଯିବ ନାହିଁ, ଯଦିଓ ଏହା କୌଣସି ବ୍ୟବସ୍ଥା ଧାରଣ କରିଥାଏ, ଯାହାକି ଏହି ସମ୍ବିଧାନ ସଂଶୋଧନ କରୁଥାଏ କିମ୍ବା ସମ୍ବିଧାନ ସଂଶୋଧନ କରିବାର ପ୍ରଭାବ ରଖୁଥାଏ ।]

(8) ଅନୁଚ୍ଛେଦ 239Bର ବ୍ୟବସ୍ଥା, ଯଥାସମ୍ଭବ ଜାତୀୟ ରାଜଧାନୀ ଅଞ୍ଚଳ ଉପ-ରାଜ୍ୟପାଳ ଏବଂ ବିଧାନସଭା ପ୍ରତି ସେହିପରି ପ୍ରୟୋଗନୀୟ ହେବ, ଯେପରି ତାହା ଯଥାକ୍ରମେ କେନ୍ଦ୍ରଶାସିତ ଅଞ୍ଚଳ [3][ପୁଦୁଚେରୀ], ଏହାର ପ୍ରଶାସକ ଏବଂ ବିଧାନମଣ୍ଡଳ ପ୍ରତି ପ୍ରୟୋଗନୀୟ ହୁଏ ଏବଂ ଉକ୍ତ ଅନୁଚ୍ଛେଦରେ, ଅନୁଚ୍ଛେଦ 239Aର ଖଣ୍ଡ(1) ପ୍ରତି କୌଣସି ଉଲ୍ଲେଖକୁ, ଏହି ଅନୁଚ୍ଛେଦ କିମ୍ବା ଅନୁଚ୍ଛେଦ 239AB, ପ୍ରତି ଉଲ୍ଲେଖ ବୋଲି ଧରି ନିଆଯିବ ।

**239AB. ସାମ୍ବିଧାନିକ କାର୍ଯ୍ୟ ପଦ୍ଧତି ବିଫଳ ହେବା କ୍ଷେତ୍ରରେ ବ୍ୟବସ୍ଥା—** ଯଦି ରାଷ୍ଟ୍ରପତିଙ୍କର, ଉପ-ରାଜ୍ୟପାଳଙ୍କଠାରୁ କୌଣସି ବିବରଣୀ ପାଇ କିମ୍ବା ଅନ୍ୟଥା ହୃଦବୋଧ ହୁଏ ଯେ—

(*a*) ଏପରି ଏକ ପରିସ୍ଥିତି ଉଦ୍ରେକ ହୋଇଛି ଯାହା ଫଳରେ ଜାତୀୟ ରାଜଧାନୀ ଅଞ୍ଚଳର ପ୍ରଶାସନ, ଅନୁଚ୍ଛେଦ 239AAର ବ୍ୟବସ୍ଥା ଅନୁଯାୟୀ କିମ୍ବା ଉକ୍ତ ଅନୁଚ୍ଛେଦ ଅନୁଯାୟୀ ପ୍ରଣୀତ କୌଣସି ଆଇନ ବଳରେ ପରିଚାଳନା କରାଯାଇପାରିବ ନାହିଁ; କିମ୍ବା

(*b*) ଜାତୀୟ ରାଜଧାନୀ ଅଞ୍ଚଳରେ ଉପଯୁକ୍ତ ପ୍ରଶାସନ ନିମନ୍ତେ ଏହା କରିବା ଅବଶ୍ୟକ କିମ୍ବା ସମୀଚୀନ,

ତା'ହେଲେ ରାଷ୍ଟ୍ରପତି ଆଦେଶ ବଳରେ ଅନୁଚ୍ଛେଦ 239AAର ସମସ୍ତ କିମ୍ବା କୌଣସି ବ୍ୟବସ୍ଥା କିମ୍ବା ସେହି ଅନୁଚ୍ଛେଦ ଅନୁଯାୟୀ ପ୍ରଣୀତ କୌଣସି ଆଇନର ବ୍ୟବସ୍ଥାକୁ ସେହି ସମୟ ପର୍ଯ୍ୟନ୍ତ ଏପରି ସର୍ତ୍ତାବଳୀ

---

[1] ସମ୍ବିଧାନ (70ତମ ସଂଶୋଧନ) ଅଧିନିୟମ, 1992, ଧାରା 3ଦ୍ୱାରା "(7)" ପାଇଁ ପ୍ରତିସ୍ଥାପିତ (21-12-1991ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (70ତମ ସଂଶୋଧନ) ଅଧିନିୟମ, 1992, ଧାରା 3ଦ୍ୱାରା ସନ୍ନିବେଶିତ (21-12-1991ଠାରୁ କାର୍ଯ୍ୟକାରୀ)।

[3] ପଣ୍ଡିଚେରୀ (ନାମ ପରିବର୍ତ୍ତନ) ଅଧିନିୟମ, 2006 (2006ର 44ନଂ), ଧାରା 4ଦ୍ୱାରା "ପଣ୍ଡିଚେରୀ" ପାଇଁ ପ୍ରତିସ୍ଥାପିତ (1-10-2006ଠାରୁ କାର୍ଯ୍ୟକାରୀ) ।

ଅନୁଯାୟୀ ନିଲମ୍ବିତ କରିବେ, ଯାହା ଏପରି ଆଇନରେ ନିର୍ଦ୍ଦିଷ୍ଟ ହୋଇଥିବ ଏବଂ ଏପରି ଆନୁଷଙ୍ଗିକ କିମ୍ବା ପାରିଣାମିକ ବ୍ୟବସ୍ଥା କରିବେ, ଯାହା ଅନୁଚ୍ଛେଦ 239 ଏବଂ 239AAର ବ୍ୟବସ୍ଥା ଅନୁଯାୟୀ ଜାତୀୟ ରାଜଧାନୀ ଅଞ୍ଚଳର ପ୍ରଶାସନ ନିମନ୍ତେ ଆବଶ୍ୟକ କିମ୍ବା ସମୀଚୀନ ବୋଲି ତାଙ୍କର ହୃଦବୋଧ ହୁଏ ।]

[1][**239B. ବିଧାନମଣ୍ଡଳର ଅବକାଶ ସମୟ ମଧ୍ୟରେ ଅଧ୍ୟାଦେଶ ଜାରି କରିବାରେ ପ୍ରଶାସକଙ୍କ କ୍ଷମତା—** (1) [2][କେନ୍ଦ୍ରଶାସିତ ଅଞ୍ଚଳ [3][ପୁଡୁଚେରୀ]] ବିଧାନମଣ୍ଡଳର ଅଧିବେଶନ ସମୟ ବ୍ୟତୀତ, ଯଦି ସେଠାକାର ପ୍ରଶାସକଙ୍କ ହୃଦବୋଧ ହୁଏ ଯେ, ଏପରି ପରିସ୍ଥିତି ଉଦ୍ରେକ ହୋଇଛି, ଯାହାକି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ କରେ, ତା'ହେଲେ ପରିସ୍ଥିତିର ଆବଶ୍ୟକତା ଅନୁଯାୟୀ ସେ ସେହି ପ୍ରକାର ଅଧ୍ୟାଦେଶ ଜାରି କରିପାରିବେ:

କିନ୍ତୁ, ସେ ସମ୍ବନ୍ଧରେ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶ ନପାଇବା ପର୍ଯ୍ୟନ୍ତ, ପ୍ରଶାସକ ଏପରି କୌଣସି ଅଧ୍ୟାଦେଶ, ଜାରି କରି ପାରିବେ ନାହିଁ:

ଅଧିକନ୍ତୁ, ଯେତେବେଳେ ଉକ୍ତ ବିଧାନମଣ୍ଡଳ ଭଙ୍ଗ ହୁଏ କିମ୍ବା ଏହାର କାର୍ଯ୍ୟକାରିତା, ଅନୁଚ୍ଛେଦ 239Aର ଖଣ୍ଡ(1)ରେ ଉଲ୍ଲେଖ କୌଣସି ଆଇନ ବଳରେ ନିଲମ୍ବିତ କରାଯାଇଥାଏ, ସେପରିସ୍ଥଳେ ଏପରି ଭଙ୍ଗ ସମୟରେ କିମ୍ବା ନିଲମ୍ବନ ସମୟରେ ପ୍ରଶାସନ କୌଣସି ଅଧ୍ୟାଦେଶ ଜାରି କରିପାରିବ ନାହିଁ ।

(2) ରାଷ୍ଟ୍ରପତିଙ୍କଠାରୁ ନିର୍ଦ୍ଦେଶ ଅନୁସାରେ ଏହି ଅନୁଚ୍ଛେଦ ଅନୁଯାୟୀ ଜାରି କରାଯାଇଥିବା କୌଣସି ଅଧ୍ୟାଦେଶକୁ, କେନ୍ଦ୍ରଶାସିତ ଅଞ୍ଚଳ ବିଧାନମଣ୍ଡଳର ଏକ ଆଇନ ବୋଲି ଧରାଯିବ, ଯାହାକି ଅନୁଚ୍ଛେଦ 239Aର ଖଣ୍ଡ(1)ରେ ଉଲ୍ଲେଖ କୌଣସି ଏପରି ଆଇନରେ ସେ ସମ୍ବନ୍ଧରେ ବ୍ୟବସ୍ଥାକୁ ପରିପୂରଣ କରାଯାଇ ଯଥାବିଧି ପ୍ରଣୟନ କରାଯାଇଛି, ମାତ୍ର ଏପରି ପ୍ରତ୍ୟେକ ଅଧ୍ୟାଦେଶକୁ—

(*a*) କେନ୍ଦ୍ରଶାସିତ ଅଞ୍ଚଳ ବିଧାନମଣ୍ଡଳରେ ଉପସ୍ଥାପନ କରାଯିବ ଏବଂ ବିଧାନମଣ୍ଡଳ ପୁନଃ ସମବେତ ହେବାର ଛଅ ସପ୍ତାହ ଅତିବାହିତ ହେବା ପରେ କାର୍ଯ୍ୟକାରୀ ହେବାରୁ ରହିତ ହେବ କିମ୍ବା ଯଦି ଉକ୍ତ ସମୟ ଅତିବାହିତ ହେବା ପୂର୍ବରୁ, କୌଣସି ପ୍ରସ୍ତାବଦ୍ୱାରା ଏହାକୁ ବିଧାନମଣ୍ଡଳରେ ଅନୁମୋଦନ କରାନଯାଏ ତା'ହେଲେ ଏପରି ପ୍ରସ୍ତାବ ଗୃହୀତ ହେବା ପରେ, କାର୍ଯ୍ୟକାରୀ ହେବାରୁ ରହିତ ହେବ; ଏବଂ

(*b*) ସେ ସମ୍ବନ୍ଧରେ ରାଷ୍ଟ୍ରପତିଙ୍କଠାରୁ କୌଣସି ନିର୍ଦ୍ଦେଶ ପାଇବାପରେ, ଯେକୌଣସି ସମୟରେ ଏହାକୁ, ପ୍ରଶାସକଙ୍କଦ୍ୱାରା ପ୍ରତ୍ୟାହାର କରାଯାଇପାରେ ।

(3) ଯଦି ଏବଂ ଯେତେଦୂର ପର୍ଯ୍ୟନ୍ତ ଏହି ଅନୁଚ୍ଛେଦ ଅଧୀନସ୍ଥ ଏକ ଅଧ୍ୟାଦେଶ କୌଣସି ବ୍ୟବସ୍ଥା କରିଥାଏ, ଯଦି ତାହା ଅନୁଚ୍ଛେଦ 239Aର ଖଣ୍ଡ (1)ରେ ଉଲ୍ଲେଖ ଥିବା ବ୍ୟବସ୍ଥାକୁ ପରିପୂରଣ କରି,

---

[1] ସମ୍ବିଧାନ (27ତମ ସଂଶୋଧନ) ଅଧିନିୟମ, 1971, ଧାରା 3 ଦ୍ୱାରା ସନ୍ନିବେଶିତ (30-12-1971ଠାରୁ କାର୍ଯ୍ୟକାରୀ)।

[2] ଗୋଆ, ଡାମନ ଏବଂ ଡିଉ ପୁନର୍ଗଠନ ଅଧିନିୟମ, 1987 (1987ର 18ନଂ) ଧାରା 63ଦ୍ୱାରା "ଅନୁଚ୍ଛେଦ 239Aର ଖଣ୍ଡ (1)ରେ ଉଲ୍ଲେଖିତ କେନ୍ଦ୍ରଶାସିତ ଅଞ୍ଚଳ" ପାଇଁ ପ୍ରତିସ୍ଥାପିତ (30-5-1987ଠାରୁ କାର୍ଯ୍ୟକାରୀ) ।

[3] ପଣ୍ଡିଚେରୀ (ନାମ ପରିବର୍ତ୍ତନ) ଅଧିନିୟମ, 2006 (2006ର 44), ଧାରା 4ଦ୍ୱାରା "ପଣ୍ଡିଚେରୀ" ପାଇଁ ପ୍ରତିସ୍ଥାପିତ (1-10-2006ଠାରୁ କାର୍ଯ୍ୟକାରୀ) ।

କେନ୍ଦ୍ରଶାସିତ ଅଞ୍ଚଳ ବିଧାନମଣ୍ଡଳ ଦ୍ୱାରା ପ୍ରଣୟନ କରାଯାଇଥିବା ଆଇନ ଅନୁଯାୟୀ ବୈଧ ହୁଏ ନାହିଁ, ତେବେ ସେହି ଅଧ୍ୟାଦେଶ ଅସିଦ୍ଧ ହେବ ।]

[1](4)* * * *

[2][**240. କେତେକ ନିର୍ଦ୍ଦିଷ୍ଟ କେନ୍ଦ୍ରଶାସିତ ଅଞ୍ଚଳ ନିମନ୍ତେ ନିୟମ ପ୍ରଣୟନ କରିବାରେ ରାଷ୍ଟ୍ରପତିଙ୍କ କ୍ଷମତା**—(1) ନିମ୍ନୋକ୍ତ କେନ୍ଦ୍ରଶାସିତ ଅଞ୍ଚଳର ଶାନ୍ତି, ଉନ୍ନତି ଏବଂ ଉତ୍ତମ ପ୍ରଶାସନ ନିମନ୍ତେ ରାଷ୍ଟ୍ରପତି ନିୟମ ପ୍ରଣୟନ କରିପାରନ୍ତି—

(*a*) ଆଣ୍ଡାମାନ୍ ଓ ନିକୋବର ଦ୍ୱୀପପୁଞ୍ଜ;

[3][(*b*) ଲାକ୍ଷାଦ୍ୱୀପ;]

[4][(*c*) ଦାଦ୍ରା ଓ ନଗର ହାବେଳି ଏବଂ ଡାମନ୍ ଓ ଡିଉ;]

[5][(*d*) ****;]

[6][(*e*) [7][ପୁଦୁଚେରୀ];]

[8][(*f*) * * *

[9][(*g*)* * *

[10][କିନ୍ତୁ, ଯେତେବେଳେ କେନ୍ଦ୍ରଶାସିତ ଅଞ୍ଚଳ [ପୁଦୁଚେରୀ]ର ବିଧାନମଣ୍ଡଳଭାବେ କାର୍ଯ୍ୟ କରିବା ନିମନ୍ତେ ଅନୁଚ୍ଛେଦ 239A ଅନୁଯାୟୀ କୌଣସି ସଂସ୍ଥା ଗଠନ କରାଯାଏ, ସେତେବେଳେ ବିଧାନମଣ୍ଡଳର ପ୍ରଥମ ବୈଠକ ନିମନ୍ତେ ଧାର୍ଯ୍ୟ କରାଯାଇଥିବା ତାରିଖଠାରୁ, ସେହି କେନ୍ଦ୍ରଶାସିତ ଅଞ୍ଚଳର ଶାନ୍ତି, ଉନ୍ନତି ଏବଂ ଉତ୍ତମ ପ୍ରଶାସନ ନିମନ୍ତେ ରାଷ୍ଟ୍ରପତି କୌଣସି ନିୟମ କରିପାରିବେ ନାହିଁ:]

---

1 ସମ୍ବିଧାନ (38ତମ ସଂଶୋଧନ) ଅଧିନିୟମ, 1975, ଧାରା 4ଦ୍ୱାରା ଖଣ୍ଡ (4) ପାଇଁ ସନ୍ନିବେଶିତ (ପୂର୍ବ ପ୍ରଭାବ ସହିତ)। ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 32ଦ୍ୱାରା ଏହି ସଂଶୋଧନକୁ ବାଦ୍ ଦିଆଯାଇଥିଲା (20-6-1979 ଠାରୁ କାର୍ଯ୍ୟକାରୀ) ।

2 ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 17ଦ୍ୱାରା ଅନୁଚ୍ଛେଦ 240 ପାଇଁ ପ୍ରତିସ୍ଥାପିତ (1-11-1956 ଠାରୁ କାର୍ଯ୍ୟକାରୀ)।

3 ଲାକାଡିଭ୍, ମିନିକୟ ଏବଂ ଆମେଣ୍ଡିଭି ଦ୍ୱୀପପୁଞ୍ଜ (ନାମ ପରିବର୍ତ୍ତନ) ଅଧିନିୟମ, 1973 (1973 ର 34), ଧାରା 4, ପ୍ରବିଷ୍ଟି (*b*) ପାଇଁ ପ୍ରତିସ୍ଥାପିତ (1-11-1973 ଠାରୁ କାର୍ଯ୍ୟକାରୀ) ।

4 ସମ୍ବିଧାନ (ଦଶମ ସଂଶୋଧନ) ଅଧିନିୟମ, 1961, ଧାରା 3ଦ୍ୱାରା ପ୍ରବିଷ୍ଟି(*c*) ପାଇଁ ଦାଦ୍ରା ଓ ନଗର ହବେଲୀ ଏବଂ ଡାମନ ଓ ଡିଉ (କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ମିଶ୍ରଣ) ଅଧିନିୟମ, (11-8-1961ଠାରୁ କାର୍ଯ୍ୟକାରୀ), 2019 (2019 ର 44ନଂ) ଧାରା 4(*i*)ଦ୍ୱାରା ପ୍ରତିସ୍ଥାପିତ (26-1-2020 ଠାରୁ କାର୍ଯ୍ୟକାରୀ) ।

5 ଦାଦ୍ରା ଓ ନଗର ହବେଲୀ ଏବଂ ଡାମନ ଏବଂ ଡିଉ (କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ମିଶ୍ରଣ) ଅଧିନିୟମ, 2019 (2019ର 44ନଂ) ଧାରା 4(*ii*) ଦ୍ୱାରା ବାଦ୍ ଦିଆଯାଇଛି (26-1-2020ଠାରୁ କାର୍ଯ୍ୟକାରୀ) ।

6 ସମ୍ବିଧାନ (ଚତୁର୍ଦ୍ଦଶ ସଂଶୋଧନ) ଅଧିନିୟମ, 1962, ଧାରା 5 ଦ୍ୱାରା ସନ୍ନିବେଶିତ (16-8-1962ଠାରୁ କାର୍ଯ୍ୟକାରୀ)।

7 ପଣ୍ଡିଚେରୀ (ନାମ ପରିବର୍ତ୍ତନ) ଅଧିନିୟମ, 2006 (2006ର 44ନଂ), ଧାରା 4ଦ୍ୱାରା "ପଣ୍ଡିଚେରୀ" ପାଇଁ ପ୍ରତିସ୍ଥାପିତ।

8 ମିଜୋରାମ ରାଜ୍ୟ ଅଧିନିୟମ, 1986 (1986 ର 34), ଧାରା 39ଦ୍ୱାରା ମିଜୋରାମ ସମ୍ବନ୍ଧୀୟ ପ୍ରବିଷ୍ଟି (*f*)କୁ ବାଦ୍ ଦିଆଯାଇଛି (20-2-1987 ଠାରୁ କାର୍ଯ୍ୟକାରୀ) ।

9 ଅରୁଣାଚଳ ପ୍ରଦେଶ ରାଜ୍ୟ ଅଧିନିୟମ, 1986 (1986 ର 69), ଧାରା 42ଦ୍ୱାରା ଅରୁଣାଚଳ ପ୍ରଦେଶ ସମ୍ବନ୍ଧୀୟ ପ୍ରବିଷ୍ଟି (*g*)କୁ ବାଦ୍ ଦିଆଯାଇଛି (20-2-1987 ଠାରୁ କାର୍ଯ୍ୟକାରୀ)।

10 ସମ୍ବିଧାନ (ଚତୁର୍ଦ୍ଦଶ ସଂଶୋଧନ) ଅଧିନିୟମ, 1962, ଧାରା 5 ଦ୍ୱାରା ସନ୍ନିବେଶିତ (28-12-1962ଠାରୁ କାର୍ଯ୍ୟକାରୀ)।

[1][ଅଧିକନ୍ତୁ, ଯେତେବେଳେ କେନ୍ଦ୍ରଶାସିତ ଅଞ୍ଚଳ [2][ପୁଦୁଚେରୀ]ର ବିଧାନମଣ୍ଡଳଭାବେ କାର୍ଯ୍ୟ କରୁଥିବା ସଂସ୍ଥା ଭାଙ୍ଗିଯାଏ କିମ୍ବା ଅନୁଚ୍ଛେଦ 239Aର ଖଣ୍ଡ (1)ରେ ଉଲ୍ଲେଖ କୌଣସି ଆଇନ ଅନୁଯାୟୀ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ବଳରେ, ବିଧାନମଣ୍ଡଳ ରୂପେ କାର୍ଯ୍ୟ କରୁଥିବା ଏପରି ସଂସ୍ଥାର କାର୍ଯ୍ୟକାରିତା ନିଲମ୍ବିତ ରୁହେ, ସେତବେଳେ ଏପରି ଭଙ୍ଗ କିମ୍ବା ନିଲମ୍ବନ ସମୟରେ, ରାଷ୍ଟ୍ରପତି, ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳର ଶାନ୍ତି, ଉନ୍ନତି ଏବଂ ଉତ୍ତମ ପ୍ରଶାସନ ନିମନ୍ତେ ନିୟମାବଳୀ ପ୍ରଣୟନ କରିପାରିବେ ।]

(2) ଏପରି ପ୍ରଣୀତ ହୋଇଥିବା ନିୟମ, ସଂସଦଦ୍ୱାରା ପ୍ରଣୀତ କୌଣସି ଅଧିନିୟମ କିମ୍ବା [3][ଅନ୍ୟ କୌଣସି ଆଇନ]କୁ ରଦ୍ଦ କରିପାରିବ କିମ୍ବା ସଂଶୋଧନ କରିପାରିବ, ଯାହାକି ସେହି ସମୟରେ କେନ୍ଦ୍ରଶାସିତ ଅଞ୍ଚଳ ପ୍ରତି ପ୍ରୟୋଗନୀୟ ଅଟେ ଏବଂ ଯେତେବେଳେ ତାହା ରାଷ୍ଟ୍ରପତିଙ୍କଦ୍ୱାରା ଜାରି କରାଯାଏ, ତାହା ସଂସଦଦ୍ୱାରା ପ୍ରଣୀତ କୌଣସି ଆଧିନିୟମ ପରି ସମାନଭାବେ ବଳବତ୍ତର ହେବ, ଯାହାକି ଉକ୍ତ ଅଞ୍ଚଳ ପ୍ରତି ପ୍ରୟୋଗନୀୟ ଅଟେ ।]

**241. କେନ୍ଦ୍ରଶାସିତ ଅଞ୍ଚଳ ନିମନ୍ତେ ଉଚ୍ଚ ନ୍ୟାୟାଳୟ**— (1) ସଂସଦ ଆଇନ ବଳରେ, କୌଣସି [4][କେନ୍ଦ୍ରଶାସିତ ଅଞ୍ଚଳ] ନିମନ୍ତେ ଏକ ଉଚ୍ଚ ନ୍ୟାୟାଳୟ ଗଠନ କରିପାରିବ କିମ୍ବା ଏହି ସମ୍ବିଧାନ ଉଦ୍ଦେଶ୍ୟରେ [5][ଏପରି ଅଞ୍ଚଳରେ] ଥିବା କୌଣସି ନ୍ୟାୟାଳୟକୁ, ଉଚ୍ଚ ନ୍ୟାୟାଳୟ ଭାବେ ଘୋଷଣା କରିପାରିବ ।

(2) ଭାଗ(6)ର ଅଧ୍ୟାୟ 5 ବ୍ୟବସ୍ଥା, ଆଇନର କୌଣସି ପରିବର୍ତ୍ତନ କିମ୍ବା ବ୍ୟତିକ୍ରମ ଅଧୀନସ୍ଥ ଯାହା ସଂସଦ ଆଇନଦ୍ୱାରା ବ୍ୟବସ୍ଥା କରିଥାଏ, ପ୍ରତ୍ୟେକ ଉଚ୍ଚ ନ୍ୟାୟଳୟ ସମ୍ବନ୍ଧରେ ଖଣ୍ଡ (1)ରେ ଉଲ୍ଲେଖ କରାଯାଇଥିବା ଏପରି ପ୍ରୟୋଜନୀୟ ହେବ, ଯେପରି ଅନୁଚ୍ଛେଦ 214ରେ ଉଲ୍ଲେଖ କୌଣସି ଉଚ୍ଚ ନ୍ୟାୟାଳୟ ପାଇଁ ପ୍ରଯୁଜ୍ୟ ହୋଇଥାଏ ।

[6][(3) ଏହି ସମ୍ବିଧାନର ବ୍ୟବସ୍ଥା ଏବଂ ସମ୍ବିଧାନଦ୍ୱାରା ପ୍ରଦତ୍ତ କ୍ଷମତାବଳରେ କୌଣସି ଉପଯୁକ୍ତ ବିଧାନମଣ୍ଡଳଦ୍ୱାରା ପ୍ରଣୀତ କୌଣସି ଆଇନର ବ୍ୟବସ୍ଥାର ଅଧୀନସ୍ଥ, ପ୍ରତ୍ୟେକ ଉଚ୍ଚ ନ୍ୟାୟାଳୟ, ଯାହା ସମ୍ବିଧାନର (ସପ୍ତମ ସଂଶୋଧନ) ଆଇନ, 1956ର ପ୍ରଚଳନ ପୂର୍ବରୁ, କୌଣସି କେନ୍ଦ୍ରଶାସିତ ଅଞ୍ଚଳ ଉପରେ ଅଧିକାର ପରିସର ସାବ୍ୟସ୍ତ କରୁଥିଲେ, ସେହି ନ୍ୟାୟାଳୟଗୁଡ଼ିକ, ଏପରି ପ୍ରାରମ୍ଭ ପରେ ମଧ୍ୟ ସେହିପରି ଅଧିକାରର ପରିସର ସାବ୍ୟସ୍ତ କରିବା ଜାରି ରଖିପାରିବେ ।

(4) ଏହି ଅନୁଚ୍ଛେଦର କୌଣସି ବ୍ୟବସ୍ଥା, କୌଣସି ରାଜ୍ୟର ଉଚ୍ଚ ନ୍ୟାଳୟାଳୟର ଅଧିକାର ପରିସରକୁ, କିମ୍ବା କୌଣସି କେନ୍ଦ୍ରଶାସିତ ଅଞ୍ଚଳ କିମ୍ବା ତା'ର ଅଂଶ ନିମନ୍ତେ ସଂସଦ ବିସ୍ତାର କରିବା କିମ୍ବା ପ୍ରତ୍ୟାହାର କରିବାର କ୍ଷମତାକୁ ସଙ୍କୁଚିତ କରିବ ନାହିଁ ।

**242**. *[କୁର୍ଗ]— ସମ୍ବିଧାନର (ସପ୍ତମ ସଂଶୋଧନ) ଅଧିନିୟମ , 1956ର ଧାରା 29 ଓ ଅନୁସୂଚୀ ଦ୍ୱାରା ବାଦ୍ ଦିଆଯାଇଛି* (1-11-1956ଠାରୁ କାର୍ଯ୍ୟକାରୀ) ।

---

[1] ସମ୍ବିଧାନ (27ତମ ସଂଶୋଧନ) ଅଧିନିୟମ, 1971, ଧାରା 4 ଦ୍ୱାରା ସନ୍ନିବେଶିତ (15-2-1972ଠାରୁ କାର୍ଯ୍ୟକାରୀ) ।

[2] ପଣ୍ଡିଚେରୀ (ନାମ ପରିବର୍ତ୍ତନ) ଅଧିନିୟମ, 2006 (2006ର 44ନଂ), ଧାରା 4ଦ୍ୱାରା “ପଣ୍ଡିଚେରୀ” ପାଇଁ ପ୍ରତିସ୍ଥାପିତ।

[3] ସମ୍ବିଧାନ (27ତମ ସଂଶୋଧନ) ଅଧିନିୟମ, 1971, ଧାରା 4 ଦ୍ୱାରା "ଯେକୌଣସି ବଳବତ୍ତର ନିୟମ" ପାଇଁ ପ୍ରତିସ୍ଥାପିତ (15-2-1972ଠାରୁ କାର୍ଯ୍ୟକାରୀ) ।

[4] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା "ପ୍ରଥମ ଅନୁସୂଚୀର ଭାଗ Cରେ ନିର୍ଦ୍ଦିଷ୍ଟ ରାଜ୍ୟ" ପାଇଁ ପ୍ରତିସ୍ଥାପିତ (1-11-1956ଠାରୁ କାର୍ଯ୍ୟକାରୀ) ।

[5] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା "ଏପରି ରାଜ୍ୟ" ପାଇଁ ପ୍ରତିସ୍ଥାପିତ (1-11-1956 ଠାରୁ କାର୍ଯ୍ୟକାରୀ) ।

[6] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ସେହି ଅନୁସୂଚୀଦ୍ୱାରା ଖଣ୍ଡ (3) ଏବଂ (4) ପାଇଁ ପ୍ରତିସ୍ଥାପିତ (1-11-1956ଠାରୁ କାର୍ଯ୍ୟକାରୀ) ।

# [1][ଭାଗ 9

## ପଞ୍ଚାୟତ

**243. ପରିଭାଷା—** ଏହି ଭାଗରେ, ଯେ ପର୍ଯ୍ୟନ୍ତ ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁନଥାଏ,—

(*a*) "ଜିଲ୍ଲା" ଅର୍ଥ ଯେକୌଣସି ରାଜ୍ୟରେ ଥିବା ଗୋଟିଏ ଜିଲ୍ଲା;

(*b*) "ଗ୍ରାମସଭା" ଅର୍ଥ ଗ୍ରାମସ୍ତରରେ ଥିବା ପଞ୍ଚାୟତ ଅଞ୍ଚଳ ମଧ୍ୟରେ ଥିବା କୌଣସି ଗ୍ରାମର ନିର୍ବାଚନ ତାଲିକାରେ ନିବନ୍ଧିତ ହୋଇଥିବା ବ୍ୟକ୍ତିଙ୍କୁ ନେଇ ଗଠିତ କୌଣସି ସଂସ୍ଥା;

(*c*) "ମଧ୍ୟବର୍ତ୍ତୀ ସ୍ତର" ଅର୍ଥ, ଗ୍ରାମ ଏବଂ ଜିଲ୍ଲା ସ୍ତର ମଧ୍ୟରେ ଥିବା କୌଣସି ସ୍ତର, ଯାହାକି କୌଣସି ରାଜ୍ୟର ରାଜ୍ୟପାଳଙ୍କର ଏକ ସାଧାରଣ ବିଜ୍ଞପ୍ତିଦ୍ୱାରା ଏହି ଭାଗ ଉଦ୍ଦେଶ୍ୟରେ ମଧ୍ୟବର୍ତ୍ତୀ ସ୍ତର ହେବ ବୋଲି ଧାର୍ଯ୍ୟ କରାଯାଇଥାଏ;

(*d*) "ପଞ୍ଚାୟତ" ଅର୍ଥ ଯେକୌଣସି ଅନୁଷ୍ଠାନ, (ଯେଉଁ ନାମରେ ପରିଚିତ ଥିବା ସତ୍ତ୍ୱେ), ତାହା ଗ୍ରାମାଞ୍ଚଳ ନିମନ୍ତେ ଅନୁଚ୍ଛେଦ 243B ଅନୁଯାୟୀ ଗଠିତ ସ୍ୱାୟତ୍ତ ଶାସନ;

(*e*) "ପଞ୍ଚାୟତ ଅଞ୍ଚଳ" ଅର୍ଥ, କୌଣସି ପଞ୍ଚାୟତର ଆଞ୍ଚଳିକ ପରିସୀମା;

(*f*) "ଜନସଂଖ୍ୟା" ଅର୍ଥ, ପୂର୍ବବର୍ତ୍ତୀ ଜନଗଣନାରେ ନିଶ୍ଚିତ କରାଯାଇଥିବା ଜନସଂଖ୍ୟା, ଯାହାର ନିର୍ଦ୍ଦିଷ୍ଟ ସଂଖ୍ୟା ପ୍ରକାଶିତ ହୋଇଛି;

(*g*) "ଗ୍ରାମ" ଅର୍ଥ ଯେକୌଣସି ଗ୍ରାମ ଯାହାକି ରାଜ୍ୟପାଳଙ୍କ ଦ୍ୱାରା ସରକାରୀ ବିଜ୍ଞପ୍ତିରେ ଏହି ଭାଗ ଉଦ୍ଦେଶ୍ୟରେ ଗ୍ରାମ ବୋଲି ଧାର୍ଯ୍ୟ କରାଯାଇଛି ଏବଂ ଏହା ଏପରି ଧାର୍ଯ୍ୟ କରାଯାଇଥିବା ଏକ ଗ୍ରାମ-ସମୂହକୁ ଅନ୍ତର୍ଭୁକ୍ତ କରେ ।

**243A. ଗ୍ରାମସଭା**— କୌଣସି ଗ୍ରାମ ସଭା ଏପରି କ୍ଷମତା ପ୍ରୟୋଗ କରିବ ଏବଂ ଏପରି କାର୍ଯ୍ୟ ଗ୍ରାମ ସ୍ତରରେ ସମ୍ପାଦନ କରିବ ଯାହାକି କୌଣସି ରାଜ୍ୟର ବିଧାନମଣ୍ଡଳ ଆଇନଦ୍ୱାରା ବ୍ୟବସ୍ଥା କରିବ ।

**243B. ପଞ୍ଚାୟତର ଗଠନ—** (1) ପ୍ରତ୍ୟେକ ରାଜ୍ୟରେ, ଏହି ଭାଗର ବ୍ୟବସ୍ଥା ଅନୁଯାୟୀ ଗ୍ରାମ, ମଧ୍ୟବର୍ତ୍ତୀ ଏବଂ ଜିଲ୍ଲା ସ୍ତରରେ, ପଞ୍ଚାୟତ ଗଠନ କରାଯିବ ।

(2) ଖଣ୍ଡ (1)ରେ ଯାହା କିଛି ବ୍ୟବସ୍ଥା ଥିବା ସତ୍ତ୍ୱେ, ଯେଉଁ ରାଜ୍ୟର ଜନ ସଂଖ୍ୟା କୋଡ଼ିଏ ଲକ୍ଷରୁ ଅଧିକ ନୁହେଁ, ସେଠାରେ ମଧ୍ୟବର୍ତ୍ତୀ ସ୍ତରରେ କୌଣସି ପଞ୍ଚାୟତ ଗଠନ କରାଯିବ ନାହିଁ ।

**243C. ପଞ୍ଚାୟତର ସଂରଚନା—** (1) ଏହି ଭାଗର ବ୍ୟବସ୍ଥା ଅଧୀନରେ, କୌଣସି ରାଜ୍ୟର ବିଧାନମଣ୍ଡଳ ଆଇନଦ୍ୱାରା, ପଞ୍ଚାୟତର ସଂରଚନା ନିମନ୍ତେ ବ୍ୟବସ୍ଥା କରିବେ:

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା "ପ୍ରଥମ ଅନୁସୂଚୀର ଭାଗ D ରେ ଥିବା ଅଞ୍ଚଳ ଏବଂ ସେହି ଅନୁସୂଚୀରେ ନିର୍ଦ୍ଦିଷ୍ଟ ନଥିବା ଅନ୍ୟ ଅଞ୍ଚଳ" ସମ୍ବନ୍ଧୀୟ ମୂଳ ଭାଗ IX ବାଦ୍ ଦିଆଯାଇଥିଲା (1-11-1956ଠାରୁ କାର୍ଯ୍ୟକାରୀ) ଏବଂ ପରବର୍ତ୍ତୀ ସମୟରେ ସମ୍ବିଧାନ (73ତମ ସଂଶୋଧନ) ଅଧିନିୟମ, 1992, ଧାରା 2ଦ୍ୱାରା ସନ୍ନିବେଶିତ (24-4-1993ଠାରୁ କାର୍ଯ୍ୟକାରୀ) ।

କିନ୍ତୁ, କୌଣସି ସ୍ତରରେ ଥିବା କୌଣସି ପଞ୍ଚାୟତର ଆଞ୍ଚଳିକ ପରିସୀମାର ଜନସଂଖ୍ୟା ଏବଂ ଏପରି ପଞ୍ଚାୟତର ନିର୍ବାଚନଦ୍ୱାରା ପୂରଣ କରାଯାଉଥିବା ଆସନ ସଂଖ୍ୟାର ଅନୁପାତ, ଯଥାସମ୍ଭବ ସମଗ୍ର ରାଜ୍ୟରେ ସମାନ ହୋଇଥିବ ।

(2) କୌଣସି ପଞ୍ଚାୟତର ସମସ୍ତ ଆସନ, ପଞ୍ଚାୟତ ଅଞ୍ଚଳର ଆଞ୍ଚଳିକ ନିର୍ବାଚନ ମଣ୍ଡଳୀରୁ, ପ୍ରତ୍ୟକ୍ଷ ନିର୍ବାଚନଦ୍ୱାରା ବଛାଯାଇ ପୂରଣ କରାଯିବ ଏବଂ ଏହି ଉଦ୍ଦେଶ୍ୟରେ ପ୍ରତ୍ୟେକ ପଞ୍ଚାୟତ ଅଞ୍ଚଳକୁ ଏପରି ଆଞ୍ଚଳିକ ନିର୍ବାଚନ ମଣ୍ଡଳୀରେ ବିଭକ୍ତ କରାଯିବ ଯେ, ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀର ଜନସଂଖ୍ୟା ଏବଂ ଏହାକୁ ଆବଣ୍ଟିତ ହୋଇଥିବା ଆସନ ସଂଖ୍ୟାର ଅନୁପାତ, ଯଥାସମ୍ଭବ ସମଗ୍ର ପଞ୍ଚାୟତ ଅଞ୍ଚଳରେ ସମାନ ହେବ ।

(3) କୌଣସି ରାଜ୍ୟର ବିଧାନମଣ୍ଡଳ ଆଇନଦ୍ୱାରା—

(*a*) ଗ୍ରାମସ୍ତରରେ ଥିବା ପଞ୍ଚାୟତର ଅଧ୍ୟକ୍ଷ, ମଧ୍ୟବର୍ତ୍ତୀ ସ୍ତରରେ ଥିବା ପଞ୍ଚାୟତଗୁଡ଼ିକ କିମ୍ବା ଯଦି କୌଣସି ରାଜ୍ୟର ମଧ୍ୟବର୍ତ୍ତୀ ସ୍ତରରେ ପଞ୍ଚାୟତ ନଥାଏ, ସେପରିସ୍ଥଳେ ଜିଲ୍ଲାସ୍ତରର ପଞ୍ଚାୟତର ଅଧ୍ୟକ୍ଷ;

(*b*) ମଧ୍ୟବର୍ତ୍ତୀ ସ୍ତରରେ ଥିବା ପଞ୍ଚାୟତର ଅଧ୍ୟକ୍ଷ ଏବଂ ଜିଲ୍ଲାସ୍ତରରେ ଥିବା ପଞ୍ଚାୟତର ଅଧ୍ୟକ୍ଷ;

(*c*) ରାଜ୍ୟର ଲୋକସଭା ସଦସ୍ୟମାନେ ଏବଂ ବିଧାନସଭାର ସଦସ୍ୟମାନେ, ଯେଉଁମାନେକି ସେହି ନିର୍ବାଚନ ମଣ୍ଡଳୀଗୁଡ଼ିକରୁ ପ୍ରତିନିଧିତ୍ୱ କରନ୍ତି, ଯାହାକି କୌଣସି ପଞ୍ଚାୟତରେ ସମ୍ପୂର୍ଣ୍ଣ ଭାବେ କିମ୍ବା ଆଂଶିକଭାବେ, ଗ୍ରାମସ୍ତର ବ୍ୟତୀତ କୌଣସି ପଞ୍ଚାୟତ ଅଞ୍ଚଳରେ ଅନ୍ତର୍ଭୁକ୍ତ;

(*d*) ରାଜ୍ୟସଭା ଏବଂ ରାଜ୍ୟର ବିଧାନ ପରିଷଦର ସଦସ୍ୟମାନେ, ଯେଉଁମାନେ କି—

(*i*) ମଧ୍ୟବର୍ତ୍ତୀ ସ୍ତରରେ ଥିବା ପଞ୍ଚାୟତ ଅଞ୍ଚଳର, ନିର୍ବାଚକ ରୂପେ ନିବନ୍ଧିତ ହୋଇଥିବେ ମଧ୍ୟବର୍ତ୍ତୀ ସ୍ତରର ପଞ୍ଚାୟତରେ;

(*ii*) ଜିଲ୍ଲାସ୍ତରରେ ଥିବା ପଞ୍ଚାୟତ ଅଞ୍ଚଳର, ନିର୍ବାଚକ ରୂପେ ନିବନ୍ଧିତ ହୋଇଥିବେ ଜିଲ୍ଲାସ୍ତରର ପଞ୍ଚାୟତରେ;

ପ୍ରତିନିଧିତ୍ୱ କରିବା ପାଇଁ ବ୍ୟବସ୍ଥା କରିପାରନ୍ତି ।

(4) କୌଣସି ପଞ୍ଚାୟତର ଅଧ୍ୟକ୍ଷ ଏବଂ କୌଣସି ପଞ୍ଚାୟତରେ ଅନ୍ୟ ସଦସ୍ୟ, ଯେଉଁମାନେକି ପଞ୍ଚାୟତ ଅଞ୍ଚଳର ଆଞ୍ଚଳିକ ନିର୍ବାଚନ ମଣ୍ଡଳୀରୁ ପ୍ରତ୍ୟକ୍ଷ ନିର୍ବାଚନରେ ବଛା ହୋଇଥାନ୍ତି କି ନଥାଆନ୍ତି, ସେମାନଙ୍କର ପଞ୍ଚାୟତ ବୈଠକରେ ମତଦାନ ଦେବାର ଅଧିକାର ରହିବ ।

(5) (*a*) ଗ୍ରାମସ୍ତରର କୌଣସି ପଞ୍ଚାୟତର ଅଧ୍ୟକ୍ଷ ଏପରି ଭାବେ ନିର୍ବାଚିତ ହେବେ, ଯାହାକି କୌଣସି ରାଜ୍ୟ ବିଧାନମଣ୍ଡଳ ଆଇନଦ୍ୱାରା ବ୍ୟବସ୍ଥା କରିବେ ଏବଂ

(*b*) ମଧ୍ୟବର୍ତ୍ତୀ ସ୍ତର କିମ୍ବା ଜିଲ୍ଲାସ୍ତରର କୌଣସି ପଞ୍ଚାୟତର ଅଧ୍ୟକ୍ଷ ସେଥିର ନିର୍ବାଚିତ ସଦସ୍ୟମାନଙ୍କଦ୍ୱାରା କିମ୍ବା ସେହି ସଦସ୍ୟମାନଙ୍କ ମଧ୍ୟରୁ ନିର୍ବାଚିତ ହେବେ ।

**243D. ଆସନର ସଂରକ୍ଷଣ—** (1) ପ୍ରତ୍ୟେକ ପଞ୍ଚାୟତରେ–

(*a*) ଅନୁସୂଚିତ ଜାତି; ଏବଂ

(*b*) ଅନୁସୂଚିତ ଜନଜାତିଙ୍କ;

ପାଇଁ ଆସନ ସଂରକ୍ଷଣ ରହିବ ଏବଂ ଏପରି ସଂରକ୍ଷଣ କରାଯାଇଥିବା ଆସନ, ଉକ୍ତ ପଞ୍ଚାୟତରେ ପ୍ରତ୍ୟକ୍ଷ ନିର୍ବାଚନଦ୍ୱାରା ପୂରଣ କରାଯିବା ସମସ୍ତ ଆସନ ସହିତ ସେହି ଅନୁପାତ ରକ୍ଷା କରିବ, ଯେପରି ଉକ୍ତ ପଞ୍ଚାୟତ ଅଞ୍ଚଳରେ ଥିବା ଅନୁସୂଚିତ ଜାତି କିମ୍ବା ଉକ୍ତ ପଞ୍ଚାୟତ ଅଞ୍ଚଳର ଅନୁସୂଚିତ ଜନଜାତିର ଜନସଂଖ୍ୟା, ସେହି ଅଞ୍ଚଳର ଜନସଂଖ୍ୟା ସହ ବହନ କରେ ଏବଂ ଏପରି ଆସନଗୁଡ଼ିକୁ, ପଞ୍ଚାୟତରେ ବିଭିନ୍ନ ନିର୍ବାଚନ ମଣ୍ଡଳୀ ମଧ୍ୟରେ ଆବର୍ତ୍ତନ ଅନୁଯାୟୀ ବଣ୍ଟନ କରାଯିବ ବା ଆବଣ୍ଟନ କରାଯିବ ।

(2) ଖଣ୍ଡ(1) ଅନୁଯାୟୀ ସଂରକ୍ଷିତ କରାଯାଇଥିବା ସମୁଦାୟ ଆସନର ଅତିକମରେ ଏକ-ତୃତୀୟାଂଶ ଆସନ, ଯଥାସ୍ଥିତି ଅନୁସୂଚିତ ଜାତି କିମ୍ବା ଅନୁସୂଚିତ ଜନଜାତିର ମହିଳାମାନଙ୍କ ପାଇଁ ସଂରକ୍ଷଣ କରାଯିବ।

(3) ପ୍ରତ୍ୟେକ ପଞ୍ଚାୟତର ପ୍ରତ୍ୟକ୍ଷ ନିର୍ବାଚନ ଦ୍ୱାରା ପୂରଣ କରାଯାଉଥିବା ସମୁଦାୟ ଆସନ ମଧ୍ୟରୁ ଅତିକମରେ ଏକ-ତୃତୀୟାଂଶ ଆସନ (ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିର ମହିଳାମାନଙ୍କ ନିମନ୍ତେ ସଂରକ୍ଷିତ ଆସନ ସହିତ) ନାରୀମାନଙ୍କ ନିମନ୍ତେ ସଂରକ୍ଷିତ କରାଯିବ ଏବଂ କୌଣସି ପଞ୍ଚାୟତରେ ଥିବା ନିର୍ବାଚନର ମଣ୍ଡଳୀଗୁଡ଼ିକ ମଧ୍ୟରେ ଆବର୍ତ୍ତନ ଅନୁସାରେ ଆବଣ୍ଟନ କରାଯିବ ।

(4) ଗ୍ରାମସ୍ତର କିମ୍ବା ଅନ୍ୟ ସ୍ତରରେ ଥିବା ପଞ୍ଚାୟତର ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ମହିଳାମାନଙ୍କ ନିମନ୍ତେ ଏପରି ଭାବେ ସଂରକ୍ଷଣ କରାଯିବ, ଯାହାକି ରାଜ୍ୟ ବିଧାନମଣ୍ଡଳ ଆଇନଦ୍ୱାରା ବ୍ୟବସ୍ଥା କରିବେ:

କିନ୍ତୁ, କୌଣସି ରାଜ୍ୟରେ ପ୍ରତ୍ୟେକ ସ୍ତରରେ ଥିବା ପଞ୍ଚାୟତରେ, ଅନୁସୂଚିତ ଜାତି ଏବଂ ଅନୁସୂଚିତ ଉପଜାତିର ଲୋକମାନଙ୍କ ନିମନ୍ତେ ସଂରକ୍ଷିତ ହୋଇଥିବା ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସଂଖ୍ୟା, ପ୍ରତ୍ୟେକ ସ୍ତରରେ ଥିବା ପଞ୍ଚାୟତରେ ଏପରି କାର୍ଯ୍ୟାଳୟର ସମୁଦାୟ ସଂଖ୍ୟା ସହିତ ସମାନ ଅନୁପାତ ବା ଏକ ପ୍ରକାର ଅନୁପାତ ବହନ କରିବ, ଯେପରି ଭାବେ ରାଜ୍ୟର ଅନୁସୂଚିତ ଜାତି କିମ୍ବା ଅନୁସୂଚିତ ଜନଜାତିର ଜନସଂଖ୍ୟା, ରାଜ୍ୟର ସମୁଦାୟ ଜନସଂଖ୍ୟାର ଅନୁପାତ ବହନ କରେ:

ଅଧିକନ୍ତୁ, ପ୍ରତ୍ୟେକ ସ୍ତରରେ ଥିବା ପଞ୍ଚାୟତରେ ଥିବା ଅଧ୍ୟକ୍ଷମାନଙ୍କ କାର୍ଯ୍ୟାଳୟ ସଂଖ୍ୟାର ଅତିକମରେ ଏକ ତୃତୀୟାଂଶ ମହିଳାମାନଙ୍କ ପାଇଁ ସଂରକ୍ଷିତ ରହିବ:

ପୁନଶ୍ଚ, ଏହି ଖଣ୍ଡ ଅନୁଯାୟୀ ସଂରକ୍ଷଣ କରାଯାଇଥିବା କାର୍ଯ୍ୟାଳୟ ସଂଖ୍ୟା, ପ୍ରତ୍ୟେକ ସ୍ତରରେ ଥିବା ବିଭିନ୍ନ ପଞ୍ଚାୟତଗୁଡ଼ିକ ମଧ୍ୟରେ ଆବର୍ତ୍ତନ ପଦ୍ଧତିରେ ଆବଣ୍ଟନ କରାଯିବ ।

(5) ଖଣ୍ଡ (1) ଓ (2) ଅନୁଯାୟୀ ସଂରକ୍ଷଣ କରାଯାଇଥିବା ଆସନଗୁଡ଼ିକ ଖଣ୍ଡ (4) ଅଧିନରେ ଏବଂ ଅନୁଚ୍ଛେଦ 334 ଅନୁଯାୟୀ କରାଯାଇଥିବା ଅଧ୍ୟକ୍ଷମାନଙ୍କ କାର୍ଯ୍ୟାଳୟର ସଂରକ୍ଷଣ (ମହିଳାମାନଙ୍କ ପାଇଁ ସଂରକ୍ଷଣ ବ୍ୟତୀତ), ଧାର୍ଯ୍ୟ କରାଯାଇଥିବା ସମୟ ଅତିବାହିତ ହେବା ପରେ କାର୍ଯ୍ୟକାରୀ ହେବାରୁ ବିରତ ହେବ ।

(6) ଏହି ଭାଗର କୌଣସି ବ୍ୟବସ୍ଥା, ପଛୁଆ ବର୍ଗ ନାଗରିକଙ୍କ ସପକ୍ଷରେ କୌଣସି ସ୍ତରରେ ଥିବା ପଞ୍ଚାୟତଗୁଡ଼ିକରେ ଆସନ ସଂରକ୍ଷଣ କରିବା କିମ୍ବା ଅଧ୍ୟକ୍ଷମାନଙ୍କ କାର୍ଯ୍ୟାଳୟର ସଂରକ୍ଷଣ କରିବାରେ, ରାଜ୍ୟ ବିଧାନମଣ୍ଡଳଦ୍ୱାରା ଏ ସମ୍ବନ୍ଧରେ କୌଣସି ବ୍ୟବସ୍ଥା କରିବାକୁ ପ୍ରତିବନ୍ଧିତ କରିବ ନାହିଁ ।

**243E. ପଞ୍ଚାୟତଗୁଡ଼ିକର କାର୍ଯ୍ୟକାଳ, ଇତ୍ୟାଦି**— (1) ପ୍ରତ୍ୟେକ ପଞ୍ଚାୟତ, ସେହି ସମୟରେ ପ୍ରଚଳିତ ଏବଂ ବଳବତ୍ତର ଥିବା କୌଣସି ଆଇନ ବଳରେ ଯଦି ଆଗୁଆ ଭଙ୍ଗ ନହୁଏ, ତା'ହେଲେ ତାହା, ତାହାର ପ୍ରଥମ ବୈଠକର ଧାର୍ଯ୍ୟ ତାରିଖଠାରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବ, ଏହାଠାରୁ ଅଧିକ ସମୟ ନୁହେଁ ।

(2) ସେହି ସମୟରେ ପ୍ରଚଳିତ କୌଣସି ଆଇନର କୌଣସି ସଂଶୋଧନ, କୌଣସି ସ୍ତରରେ ଥିବା କୌଣସି ପଞ୍ଚାୟତର ଭଙ୍ଗ କରିବ ନାହିଁ, ଯାହାକି ଏପରି ସଂଶୋଧନର ପୂର୍ବର କାର୍ଯ୍ୟ କରୁଥିଲା ଏବଂ ଯେପର୍ଯ୍ୟନ୍ତ ଖଣ୍ଡ (1)ରେ ଧାର୍ଯ୍ୟ କରାଯାଇଥିବା ଅବଧି ସମାପ୍ତ ନହୋଇଛି ।

(3) କୌଣସି ପଞ୍ଚାୟତ ଗଠନ କରିବା ନିମନ୍ତେ କୌଣସି ନିର୍ବାଚନ—

(*a*) ଖଣ୍ଡ (1)ରେ ଧାର୍ଯ୍ୟ କରାଯାଇଥିବା ଅବଧିର ସମାପ୍ତି ପୂର୍ବରୁ;

(*b*) ଏହାର ଭଙ୍ଗ ହେବା ତାରିଖରୁ ଛଅମାସ ସମୟ ଅତିବାହିତ ହେବା ପୂର୍ବରୁ,

ସମ୍ପୂର୍ଣ୍ଣ ହେବ:

କିନ୍ତୁ, ଯେଉଁ ସ୍ଥଳରେ ଅବଶିଷ୍ଟ ସମୟ ନିମନ୍ତେ ଭାଙ୍ଗିଯାଇଥିବା ଉକ୍ତ ପଞ୍ଚାୟତଟି କାର୍ଯ୍ୟ କରିଥାଆନ୍ତା ଏବଂ ତାହା ଛଅମାସରୁ କମ୍ ହୋଇଥାଏ, ସେପରି ସ୍ଥଳେ ଏହି ଖଣ୍ଡ ଅନୁସାରେ ଏହି ସମୟ ପାଇଁ ପଞ୍ଚାୟତ ଗଠନ କରିବା ନିମନ୍ତେ କୌଣସି ନିର୍ବାଚନ କରିବା ଆବଶ୍ୟକ ନୁହେଁ ।

(4) କୌଣସି ପଞ୍ଚାୟତ ଏହାର ଅବଧି ସମାପ୍ତ ହେବା ପୂର୍ବରୁ ଯଦି ଭଙ୍ଗ ହୋଇଯାଏ ଏବଂ ଏକ ପଞ୍ଚାୟତ ଗଠନ କରାଯାଏ, ତାହା ସେହି ଅବଶିଷ୍ଟ ସମୟ ପର୍ଯ୍ୟନ୍ତ ଚାଲିବ, ଯାହାକି ଭଙ୍ଗ ହୋଇଥିବା ପଞ୍ଚାୟତ ଯଦି ଭଙ୍ଗ ହୋଇନଥାନ୍ତା ଏବଂ ଖଣ୍ଡ (1) ଅନୁଯାୟୀ ଯେଉଁ ସମୟ ପର୍ଯ୍ୟନ୍ତ ଚାଲିଥାଆନ୍ତା ।

**243F. ସଦସ୍ୟତା ନିମନ୍ତେ ଅଯୋଗ୍ୟତା—** (1) କୌଣସି ବ୍ୟକ୍ତି କୌଣସି ପଞ୍ଚାୟତର ସଦସ୍ୟଭାବେ ବଛା ହେବା ନିମନ୍ତେ ଏବଂ ସଦସ୍ୟ ହେବା ନିମନ୍ତେ ଅଯୋଗ୍ୟ ବୋଲି ବିବେଚିତ ହେବେ—

(*a*) ଯଦି ସେ ସମ୍ପୃକ୍ତ ରାଜ୍ୟ ବିଧାନମଣ୍ଡଳକୁ ସେହି ଉଦ୍ଦେଶ୍ୟରେ ନିର୍ବାଚିତ ହେବା ନିମନ୍ତେ କୌଣସି ବଳବତ୍ତର ଆଇନ ଅନୁଯାୟୀ ଅଯୋଗ୍ୟ ହୋଇଥାଆନ୍ତି:

କିନ୍ତୁ, କୌଣସି ବ୍ୟକ୍ତି ଯଦି ଏକୋଇଶ ବର୍ଷରେ ପଦାର୍ପଣ କରିଥାଆନ୍ତି, ମାତ୍ର ପଚିଶ ବର୍ଷରୁ କମ ହୋଇଥାଆନ୍ତି, ସେହି କାରଣ ଯୋଗୁଁ ସେ ଅଯୋଗ୍ୟ ବୋଲି ବିବେଚିତ ହେବେ ନାହିଁ;

(*b*) ଯଦି ସେ ରାଜ୍ୟ ବିଧାନମଣ୍ଡଳଦ୍ୱାରା ପ୍ରଣୀତ କୌଣସି ଆଇନ ଅନୁଯାୟୀ ବା ଆଇନଦ୍ୱାରା ଏପରି ଅଯୋଗ୍ୟ ହୋଇଥାଆନ୍ତି ।

(2) ଯଦି ଏପରି କୌଣସି ପଞ୍ଚାୟତର ସଦସ୍ୟ ଖଣ୍ଡ(1)ରେ ଉଲ୍ଲେଖ ଥିବା କୌଣସି ଅଯୋଗ୍ୟତାର ଅଧୀନସ୍ଥ କି ନୁହେଁ ବୋଲି କୌଣସି ପ୍ରଶ୍ନ ଉଠେ, ତା'ହେଲେ ଏପରି ପ୍ରଶ୍ନର ସମାଧାନ କରିବା ନିମନ୍ତେ, ତାହା ସେପରି ଅଧିକାରୀଙ୍କୁ ସେହି ପଦ୍ଧତିରେ ଉଲ୍ଲେଖ କରାଯିବ, ଯେପରି କୌଣସି ରାଜ୍ୟ ବିଧାନମଣ୍ଡଳ ଏ ସମ୍ବନ୍ଧରେ ଆଇନଦ୍ୱାରା ବ୍ୟବସ୍ଥା କରିବ ।

**243G. ପଞ୍ଚାୟତର କ୍ଷମତା, ଅଧିକାର ଏବଂ ଦାୟିତ୍ୱ—** ସମ୍ବିଧାନର ବ୍ୟବସ୍ଥା ଅଧୀନସ୍ଥ, କୌଣସି ରାଜ୍ୟ ବିଧାନମଣ୍ଡଳ ଆଇନଦ୍ୱାରା ପଞ୍ଚାୟତ ଏପରି କ୍ଷମତା ଏବଂ ଅଧିକାର ପ୍ରଦାନ କରିବ, ଯାହାକି ସେମାନଙ୍କୁ ଏକ ସ୍ୱାୟତ୍ତ ଶାସନ ଅନୁଷ୍ଠାନ ଭାବେ କାର୍ଯ୍ୟ କରିବା ପାଇଁ ସକ୍ଷମ କରିବା ନିମନ୍ତେ ଆବଶ୍ୟକ ଏବଂ ସେଥିରେ ଧାର୍ଯ୍ୟ କରାଯାଇଥିବା ନିମ୍ନୋକ୍ତ ବିଷୟ ସମ୍ବନ୍ଧରେ ଏପରି ସର୍ତ୍ତାବଳୀର ଅଧୀନରେ, ଏପରି ଆଇନ ଯାହା ପଞ୍ଚାୟତ ଉପରେ ଉପଯୁକ୍ତ କ୍ଷମତା ଏବଂ ଦାୟିତ୍ୱ ନ୍ୟସ୍ତ କରିବା ନିମନ୍ତେ ବ୍ୟବସ୍ଥା ଧାରଣ କରିଥିବ, ଯଥା–

(*a*) ଆର୍ଥିକ ଉନ୍ନତି ଏବଂ ସାମାଜିକ ନ୍ୟାୟ ନିମନ୍ତେ, ଯୋଜନା ପ୍ରସ୍ତୁତ କରିବା;

(*b*) ଆର୍ଥିକ ଉନ୍ନତି ଏବଂ ସାମାଜିକ ନ୍ୟାୟ ଯୋଜନାକୁ କାର୍ଯ୍ୟକାରୀ କରିବା ନିମନ୍ତେ ତାଙ୍କୁ ନ୍ୟସ୍ତ କରାଯାଇପାରେ, ଯେଉଁ ଯୋଜନାର ବିଷୟବସ୍ତୁ ଏକାଦଶ ଅନୁସୂଚୀର ତାଲିକାରେ ଅନ୍ତର୍ଭୁକ୍ତ ।

**243H. ପଞ୍ଚାୟତ ଦ୍ୱାରା କର ଧାର୍ଯ୍ୟ କରିବାର କ୍ଷମତା ଏବଂ ତା'ର ପାଣ୍ଠି—** କୌଣସି ରାଜ୍ୟ ବିଧାନମଣ୍ଡଳ ଆଇନଦ୍ୱାରା, —

(*a*) କର ଧାର୍ଯ୍ୟ କରିବା, ଆଦାୟ କରିବା ଏବଂ ଏପରି କରକୁ ବିନିଯୋଗ କରିବା ଏବଂ ଏପରି ପଦ୍ଧତି ଅନୁସାରେ ଏବଂ ସୀମିତିକରଣର ଅଧୀନରେ, ଶୁଳ୍କ, ପଥକର ଏବଂ ପ୍ରାପ୍ୟ ଧାର୍ଯ୍ୟ କରିବା ଏବଂ ଆଦାୟ କରିବା ନିମନ୍ତେ ପଞ୍ଚାୟତକୁ କ୍ଷମତା ପ୍ରଦାନ କରିବେ;

(*b*) ଏହି ଉଦ୍ଦେଶ୍ୟରେ ଏବଂ ଏପରି ସର୍ତ୍ତାବଳୀ ଏବଂ ସୀମିତ କରଣର ଅଧୀନରେ, ରାଜ୍ୟ ସରକାରଙ୍କଦ୍ୱାରା ଆଦାୟ କରାଯାଉଥିବା ଏପରି କର, ଶୁଳ୍କ, ପଥକର ଏବଂ ପ୍ରାପ୍ୟ, ପଞ୍ଚାୟତ ଉପରେ ନ୍ୟସ୍ତ କରିବେ;

(*c*) ରାଜ୍ୟର ସଞ୍ଚିତ ପାଣ୍ଠିରୁ, ପଞ୍ଚାୟତକୁ ସାହାଯ୍ୟ ପ୍ରଦାନ କରିବା ନିମନ୍ତେ ବ୍ୟବସ୍ଥା କରିବେ; ଏବଂ

(*d*) ପଞ୍ଚାୟତଦ୍ୱାରା କିମ୍ବା ପଞ୍ଚାୟତ ତରଫରୁ ଗୃହୀତ ହେଉଥିବା ସମସ୍ତ ଅର୍ଥକୁ ଜମା କରିବା ନିମନ୍ତେ ଏମିତି ଏକ ପାଣ୍ଠିର ଗଠନ ଏବଂ ସେଥିରୁ ଅର୍ଥ ପ୍ରତ୍ୟାହାର କରିବା ନିମନ୍ତେ ବ୍ୟବସ୍ଥା କରିବେ, ଯାହାକି ଆଇନରେ ଧାର୍ଯ୍ୟ କରାଯାଇଥିବ ।

**243I. ଆର୍ଥିକ ସ୍ଥିତିର ପୁନର୍ବିଚାର କରିବା ନିମନ୍ତେ ଅର୍ଥ ଆୟୋଗ ଗଠନ—** (1) କୌଣସି ରାଜ୍ୟର ରାଜ୍ୟପାଳ, ଯଥାସମ୍ଭବ ସମ୍ବିଧାନର (73ତମ ସଂଶୋଧନ) ଅଧିନିୟମ, 1992ର ପ୍ରଚଳନର ଏକ ବର୍ଷ ମଧ୍ୟରେ ଏବଂ ତା'ପରେ ପ୍ରତ୍ୟେକ ପାଞ୍ଚ ବର୍ଷର ସମାପ୍ତି ପରେ, ପଞ୍ଚାୟତର ଆର୍ଥିକ ସ୍ଥିତିର ପୁନର୍ବିଚାର କରିବା ନିମନ୍ତେ ଏକ ଅର୍ଥ ଆୟୋଗ ଗଠନ କରିବେ ଏବଂ ନିମ୍ନ ବିଷୟ ଉପରେ ରାଜ୍ୟପାଳଙ୍କୁ ସୁପାରିଶ ପ୍ରଦାନ କରିବେ–

(*a*) ଯେଉଁ ନୀତି ଏହା ପରିଚାଳନା କରିବା ଉଚିତ—

(*i*) ରାଜ୍ୟଦ୍ୱାରା ଧାର୍ଯ୍ୟ କର, ଶୁଳ୍କ, ପଥକର ଏବଂ ପ୍ରାପ୍ୟର ସାମଗ୍ରିକ ଅର୍ଥକୁ ରାଜ୍ୟ ଏବଂ ପଞ୍ଚାୟତ ମଧ୍ୟରେ ବଣ୍ଟନ, ଯାହାକି ଏହି ଭାଗ ଅଧୀନରେ ସେମାନଙ୍କ ମଧ୍ୟରେ ଭାଗ କରାଯିବ ଏବଂ ଏପରି ଆୟକୁ ପଞ୍ଚାୟତ ମଧ୍ୟରେ ସମସ୍ତ ସ୍ତରରେ ଯଥାକ୍ରମେ ଆବଣ୍ଟନ କରାଯିବ;

(*ii*) କେତେ ପରିମାଣ କର, ଶୁଳ୍କ, ପଥକର ଏବଂ ପ୍ରାପ୍ୟ ଯାହାକି ପଞ୍ଚାୟତକୁ, ହସ୍ତାନ୍ତର କିମ୍ବା ବିନିଯୋଗ ନିମନ୍ତେ ନ୍ୟସ୍ତ କରାଯିବ, ତା'ର ସ୍ଥିରୀକରଣ;

(*iii*) ରାଜ୍ୟର ସଞ୍ଚିତ ପାଣ୍ଠିରୁ ପଞ୍ଚାୟତକୁ ସାହାଯ୍ୟ;

(*b*) ପଞ୍ଚାୟତର ଆର୍ଥିକ ସ୍ଥିତିକୁ ଉନ୍ନତ କରିବା ନିମନ୍ତେ ଆବଶ୍ୟକ ହେଉଥିବା ପଦକ୍ଷେପ;

(*c*) ପଞ୍ଚାୟତର ଦୃଢ଼ ଆର୍ଥିକ ହିତକୁ ଦୃଷ୍ଟିରେ ରଖି ରାଜ୍ୟପାଳଙ୍କଦ୍ୱାରା ଅର୍ଥ ଆୟୋଗଙ୍କୁ ଉଲ୍ଲେଖ କରାଯାଇଥିବା ଅନ୍ୟ କୌଣସି ବିଷୟ ।

(2) ଆୟୋଗ ଗଠନ କରିବା ଏବଂ ସେଥିର ସଦସ୍ୟ ହେବା ନିମନ୍ତେ ଆବଶ୍ୟକ ଯୋଗ୍ୟତା ଏବଂ ଯେଉଁ ପଦ୍ଧତିରେ ସେମାନଙ୍କୁ ବଛାଯିବ, ତାହା ରାଜ୍ୟର ବିଧାନମଣ୍ଡଳ ଆଇନଦ୍ୱାରା ବ୍ୟବସ୍ଥା କରିବ ।

(3) ଆୟୋଗ, ତାଙ୍କର ପଦ୍ଧତି ନିର୍ଦ୍ଧାରଣ କରିବେ ଏବଂ ତାଙ୍କର କାର୍ଯ୍ୟ ସମ୍ପାଦନ କରିବାରେ ଏପରି କ୍ଷମତା ରହିବ ଯେପରି ରାଜ୍ୟର ବିଧାନମଣ୍ଡଳ ଆଇନଦ୍ୱାରା ସେମାନଙ୍କ ଉପରେ ପ୍ରଦାନ କରିବ ।

(4) ରାଜ୍ୟପାଳ ଏହି ଅନୁଚ୍ଛେଦ ଅନୁଯାୟୀ ଆୟୋଗଦ୍ୱାରା କରାଯାଇଥିବା ପ୍ରତ୍ୟେକ ସୁପାରିଶ ସହିତ, ଏହା ଉପରେ କେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ସେ ସମ୍ବନ୍ଧରେ ଏକ ପୂର୍ଣ୍ଣ ବିବରଣୀ ପ୍ରସ୍ତୁତ କରି ରାଜ୍ୟର ବିଧାନମଣ୍ଡଳରେ ଉପସ୍ଥାପନ କରିବେ ।

**243J. ପଞ୍ଚାୟତ ହିସାବର ସମୀକ୍ଷା**— କୌଣସି ରାଜ୍ୟ ବିଧାନମଣ୍ଡଳ, ଆଇନଦ୍ୱାରା ପଞ୍ଚାୟତଗୁଡ଼ିକର ହିସାବପତ୍ର ରକ୍ଷଣାବେକ୍ଷଣ ସମ୍ବନ୍ଧରେ ଏବଂ ଏପରି ହିସାବକୁ ସମୀକ୍ଷା କରିବା ନିମନ୍ତେ ବ୍ୟବସ୍ଥା କରିବ ।

**243K. ପଞ୍ଚାୟତର ନିର୍ବାଚନ**— (1) ପଞ୍ଚାୟତର ନିର୍ବାଚନ ତାଲିକାର ତତ୍ତ୍ୱାବଧାନ, ନିର୍ଦ୍ଦେଶନା ଏବଂ ପ୍ରସ୍ତୁତିର ନିୟନ୍ତ୍ରଣ ଏବଂ ପଞ୍ଚାୟତ ନିର୍ବାଚନ କରିବା ଦାୟିତ୍ୱ, ରାଜ୍ୟ ନିର୍ବାଚନ ଆୟୋଗଙ୍କ ଉପରେ ନ୍ୟସ୍ତ ରହିବ, ଯେଉଁଥିରେ, ରାଜ୍ୟପାଳଙ୍କଦ୍ୱାରା ନିଯୁକ୍ତ ଜଣେ ରାଜ୍ୟ ନିର୍ବାଚନ ଆୟୁକ୍ତ ରହିବେ ।

(2) କୌଣସି ରାଜ୍ୟ ବିଧାନମଣ୍ଡଳଦ୍ୱାରା ପ୍ରଣୀତ କୌଣସି ଆଇନର ବ୍ୟବସ୍ଥା ଅଧୀନରେ, ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ ଚାକିରି ସର୍ତ୍ତାବଳୀ ଏବଂ କାର୍ଯ୍ୟାଳୟ ଅବଧି, ଏପରି ହେବ, ଯାହାକି ରାଜ୍ୟପାଳ ନିୟମଦ୍ୱାରା ସ୍ଥିର କରିବେ:

କିନ୍ତୁ, ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କୁ ତାଙ୍କ ପଦବୀରୁ ସେହି ପ୍ରକାରେ ଏବଂ ସେହି ଆଧାରରେ ବହିଷ୍କାର କରାଯାଇପାରିବ, ଯେଉଁ ପ୍ରକାରେ ଏବଂ ଆଧାରରେ ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶଙ୍କୁ ବହିଷ୍କାର କରାଯାଇଥାଏ ।

(3) ରାଜ୍ୟ ନିର୍ବାଚନ ଆୟୋଗ ଯଦି ଏପରି ଅନୁରୋଧ କରନ୍ତି, ତେବେ କୌଣସି ରାଜ୍ୟର ରାଜ୍ୟପାଳ ରାଜ୍ୟ ନିର୍ବାଚନ ଆୟୋଗକୁ ଏପରି କର୍ମଚାରୀ ଉପଲବ୍ଧ କରାଇବେ ଯାହା ରାଜ୍ୟ ନିର୍ବାଚନ ଆୟୋଗକୁ ଖଣ୍ଡ (1) ଦ୍ୱାରା ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ନ୍ୟସ୍ତ କରାଯାଇଥିବା କାର୍ଯ୍ୟ ପରିଚାଳନା କରିବା ନିମନ୍ତେ ଆବଶ୍ୟକ ।

(4) ଏହି ସମ୍ବିଧାନର ବ୍ୟବସ୍ଥା ଅଧୀନରେ, କୌଣସି ରାଜ୍ୟର ବିଧାନମଣ୍ଡଳ ଆଇନଦ୍ୱାରା ପଞ୍ଚାୟତର ନିର୍ବାଚନ ସମ୍ବନ୍ଧୀୟ ଓ ସମ୍ପର୍କିତ ସମସ୍ତ ବିଷୟ ଉପରେ ବ୍ୟବସ୍ଥା କରିବେ ।

**243L. କେନ୍ଦ୍ରଶାସିତ ଅଞ୍ଚଳ ପ୍ରତି ପ୍ରୟୋଗ—** ଏହି ଭାଗର ବ୍ୟବସ୍ଥା, କେନ୍ଦଶାସିତ ଅଞ୍ଚଳ ପ୍ରତି ପ୍ରୟୋଗନୀୟ ହେବ ଏବଂ କୌଣସି କେନ୍ଦ୍ରଶାସିତ ଅଞ୍ଚଳ ପ୍ରତି ସେଗୁଡ଼ିକର ପ୍ରୟୋଗର ପ୍ରଭାବ ଏପରି ହେବ ଯେପରି କୌଣସି ରାଜ୍ୟର ରାଜ୍ୟପାଳଙ୍କ ପ୍ରତି ଉଲ୍ଲେଖ ଥିବା ସ୍ଥାନରେ କେନ୍ଦ୍ରଶାସିତ ଅଞ୍ଚଳର ପ୍ରଶାସକ ଯିଏକି ଅନୁଚ୍ଛେଦ 239 ଅନୁଯାୟୀ ନିଯୁକ୍ତ ହୋଇଥାଆନ୍ତି ଏବଂ ରାଜ୍ୟ ବିଧାନମଣ୍ଡଳ ବା ବ୍ୟବସ୍ଥା ସଭା ସ୍ଥାନରେ କେନ୍ଦ୍ରଶାସିତ ଅଞ୍ଚଳରେ ଥିବା ବିଧାନସଭା ସେହି ବିଧାନସଭା ବୁଝାଇବ:

କିନ୍ତୁ, ରାଷ୍ଟ୍ରପତି ସରକାରୀ ବିଜ୍ଞପ୍ତିଦ୍ୱାରା ନିର୍ଦ୍ଦେଶ ଦେଇପାରନ୍ତି ଯେ, ଏହି ଭାଗର ବ୍ୟବସ୍ଥା ଯେକୌଣସି କେନ୍ଦ୍ରଶାସିତ ଅଞ୍ଚଳ ପ୍ରତି କିମ୍ବା ଏହାର ଅଂଶବିଶେଷ ପ୍ରତି ପ୍ରୟୋଗ ହେବ ଏବଂ ତାହା ଏପରି ସଂଶୋଧନ ଏବଂ ବ୍ୟତିକ୍ରମର ନିୟନ୍ତ୍ରଣାଧୀନ ହେବ, ଯେପରି ସେ ଉକ୍ତ ବିଜ୍ଞପ୍ତିରେ ଧାର୍ଯ୍ୟ କରିଥିବେ ।

**243M. ଏହି ଭାଗ କେତେକ ଅଞ୍ଚଳ ପାଇଁ ପ୍ରୟୋଗ ହେବ ନାହିଁ—** (1) ଅନୁଚ୍ଛେଦ 244ର ଖଣ୍ଡ(1)ରେ ଉଲ୍ଲେଖ ଥିବା ଅନୁସୂଚିତ ଅଞ୍ଚଳ ଏବଂ ଖଣ୍ଡ (2)ରେ ଉଲ୍ଲେଖ ଥିବା ଆଦିବାସୀ ଅଞ୍ଚଳ ପ୍ରତି, ଏହି ଭାଗର କୌଣସି ବ୍ୟବସ୍ଥା ପ୍ରୟୋଗ ହେବ ନାହିଁ ।

(2) ଏହି ଭାଗର କୌଣସି ବ୍ୟବସ୍ଥା ପ୍ରୟୋଗ ହେବ ନାହିଁ—

(*a*) ନାଗାଲ୍ୟାଣ୍ଡ, ମେଘାଳୟ ଏବଂ ମିଜୋରାମ ରାଜ୍ୟଗୁଡ଼ିକ ପ୍ରତି;

(*b*) ମଣିପୁର ରାଜ୍ୟର ପାର୍ବତୀୟ ଅଞ୍ଚଳ ପ୍ରତି, ଯେଉଁଠାରେ ସେହି ସମୟ ପାଇଁ ବଳବତ୍ତର ଥିବା କୌଣସି ଆଇନ ଅନୁଯାୟୀ ଜିଲ୍ଲାପରିଷଦ ଅବସ୍ଥିତ ।

(3) ଏହି ଭାଗର କୌଣସି ବ୍ୟବସ୍ଥା—

(*a*) ଜିଲ୍ଲାସ୍ତରରେ ଥିବା ପଞ୍ଚାୟତଗୁଡ଼ିକ ସମ୍ବନ୍ଧରେ, ପଶ୍ଚିମବଙ୍ଗ ରାଜ୍ୟର ଦାର୍ଜିଲିଂ ଜିଲ୍ଲା, ଏପରି ପାର୍ବତ୍ୟ ଅଞ୍ଚଳ ପାଇଁ ପ୍ରଯୋଗ ହେବ ନାହିଁ ଯାହା ସେହି ସମୟ ପାଇଁ କୌଣସି ଆଇନ ଅନୁଯାୟୀ ବଳବତ୍ତର ଥିବା ଦାର୍ଜିଲିଂ ଗୋର୍ଖା ପାର୍ବତୀୟ ଅଞ୍ଚଳ ପରିଷଦ ଅବସ୍ଥିତ;

(*b*) ଏପରି ଆଇନ ଅନୁଯାୟୀ ଗଠିତ ଦାର୍ଜିଲିଂ ଗୋର୍ଖା ପାର୍ବତୀୟ ଅଞ୍ଚଳ ପରିଷଦର କାର୍ଯ୍ୟାବଳୀ ଏବଂ କ୍ଷମତାକୁ ପ୍ରଭାବିତ କରଛି ବୋଲି ବ୍ୟାଖ୍ୟା କରାଯିବ ନାହିଁ ।

[1][(3A) ଅନୁସୂଚିତ ଜାତିର ଲୋକଙ୍କ ଆସନ ସଂରକ୍ଷଣ ସମ୍ବନ୍ଧୀୟ ଅନୁଚ୍ଛେଦ '243D'ରେ ଥିବା କୌଣସି ବିଷୟ ଅରୁଣାଚଳ ପ୍ରଦେଶ ରାଜ୍ୟ ପାଇଁ ପ୍ରଯୋଗ ହେବ ନାହିଁ ।]

(4) ଏହି ସମ୍ବିଧାନରେ ଯାହାକିଛି ବ୍ୟବସ୍ଥା ଥିବା ସତ୍ତ୍ୱେ, —

(*a*) ଖଣ୍ଡ(2)ର ଉପଖଣ୍ଡ(*a*)ରେ ଉଲ୍ଲେଖ ଥିବା କୌଣସି ରାଜ୍ୟ ବିଧାନମଣ୍ଡଳ ଆଇନଦ୍ୱାରା, ଖଣ୍ଡ (1)ରେ ଉଲ୍ଲେଖ ଥିବା କୌଣସି ଅଞ୍ଚଳ ବ୍ୟତୀତ, ସେହି ରାଜ୍ୟକୁ ଏହି ଭାଗ ବିସ୍ତାରିତ ହେବ, ଯଦି ଉକ୍ତ ରାଜ୍ୟର ବିଧାନସଭା, ସମୁଦାୟ ସଦସ୍ୟଙ୍କ ବହୁମତରେ ଏ ସମ୍ବନ୍ଧରେ କୌଣସି ପ୍ରସ୍ତାବ ପାରିତ କରନ୍ତି ଏବଂ ଉକ୍ତ ସଦନର ଅତିକମରେ ଦୁଇ ତୃତୀୟାଂଶ ସଦସ୍ୟ ଉପସ୍ଥିତ ରହି ମତଦାନ ପ୍ରଦାନ କରନ୍ତି;

(*b*) ସଂସଦ ଆଇନଦ୍ୱାରା ଏହି ଭାଗର ବ୍ୟବସ୍ଥାକୁ ଖଣ୍ଡ (1)ରେ ଉଲ୍ଲେଖ କରାଯାଇଥିବା ଅନୁସୂଚିତ ଅଞ୍ଚଳ ଏବଂ ଆଦିବାସୀ ଅଞ୍ଚଳ ପାଇଁ ଆଇନଦ୍ୱାରା ଧାର୍ଯ୍ୟ କରାଯାଇଥିବା ବ୍ୟତିକ୍ରମ ଏବଂ ସଂଶୋଧନ ଅଧୀନରେ ବିସ୍ତାର କରିପାରିବେ ଏବଂ କୌଣସି ଆଇନକୁ ଅନୁଚ୍ଛେଦ 368 ଉଦ୍ଦେଶ୍ୟରେ, ସମ୍ବିଧାନର ଏକ ସଂଶୋଧନ ବୋଲି ଧରାଯିବ ନାହିଁ ।

**243N. ପ୍ରଚଳିତ ଆଇନ ଏବଂ ପଞ୍ଚାୟତଗୁଡ଼ିକର ନିରନ୍ତର ପ୍ରଚଳନ—** ଏହି ଭାଗରେ ଯାହା କିଛି ବ୍ୟବସ୍ଥା ଥିବା ସତ୍ତ୍ୱେ, ପଞ୍ଚାୟତଗୁଡ଼ିକ ସମ୍ବନ୍ଧରେ କୌଣସି ଆଇନ, ଯାହାକି ସମ୍ବିଧାନର (73ତମ ସଂଶୋଧନ) ଅଧିନିୟମ 1992ର ପ୍ରଚଳନ ପୂର୍ବରୁ, କୌଣସି ରାଜ୍ୟରେ ବଳବତ୍ତର ଥାଏ ଏବଂ ଯାହାକି ଏହି ଭାଗର ବ୍ୟବସ୍ଥାର ପରିପନ୍ଥୀ, ଯେପର୍ଯ୍ୟନ୍ତ ତାହା କୌଣସି ଦକ୍ଷ ବିଧାନମଣ୍ଡଳ କିମ୍ବା ଅନ୍ୟ କୌଣସି ଦକ୍ଷ ଅଧିକାରୀଙ୍କଦ୍ୱାରା ସଂଶୋଧତ କିମ୍ବା ରଦ୍ଦ ହୋଇଛି କିମ୍ବା ଏପରି ପ୍ରଚଳନର ଏକବର୍ଷ ଅତିବାହିତ ନହେବା ପର୍ଯ୍ୟନ୍ତ, ଏହା ମଧ୍ୟରୁ ଯାହା ପ୍ରଥମେ ହେବ, ତାହା ସେପର୍ଯ୍ୟନ୍ତ ବଳବତ୍ତର ରହିବ:

କିନ୍ତୁ, ଏପରି ପ୍ରଚଳନ ପୂର୍ବରୁ ଥିବା ସମସ୍ତ ପଞ୍ଚାୟତ, ସେଗୁଡ଼ିକର ଅବଧି ସମାପ୍ତ ହେବା ପର୍ଯ୍ୟନ୍ତ, ସେହିପରି ଭାବେ କାର୍ଯ୍ୟ କରିବ, ଯେପର୍ଯ୍ୟନ୍ତ ଉକ୍ତ ରାଜ୍ୟର ବିଧାନସଭା ଦ୍ୱାରା ସେ ସମ୍ବନ୍ଧରେ ଗୃହୀତ କୌଣସି ପ୍ରସ୍ତାବଦ୍ୱାରା କିମ୍ବା ରାଜ୍ୟ ପରିଷଦ ଥିବା କୌଣସି ରାଜ୍ୟରେ, ଉକ୍ତ ରାଜ୍ୟ ବିଧାନମଣ୍ଡଳର ପତ୍ୟେକ ସଦନଦ୍ୱାରା ଗୃହୀତ କୌଣସି ପ୍ରସ୍ତାବଦ୍ୱାରା ଏହାକୁ ଭଙ୍ଗ ନକରାଯାଏ ।

**243O. ନିର୍ବାଚନ ସମ୍ବନ୍ଧୀୟ ବିଷୟରେ ନ୍ୟାୟାଳୟଗୁଡ଼ିକର ହସ୍ତକ୍ଷେପରେ ପ୍ରତିବନ୍ଧତା—** ଏହି ସମ୍ବିଧାନରେ ଯାହାକିଛି ବ୍ୟବସ୍ଥା ଥିବା ସତ୍ତ୍ୱେ,—

(*a*) ନିର୍ବାଚନ ମଣ୍ଡଳୀଗୁଡ଼ିକର ସୀମା ନିରୂପଣ କିମ୍ବା ଏପରି ନିର୍ବାଚନ ମଣ୍ଡଳୀଗୁଡ଼ିକରେ ଆସନର ଆବଣ୍ଟନ ସମ୍ବନ୍ଧରେ କୌଣସି ଆଇନର ବୈଧତା, ଯାହାକି ଅନୁଚ୍ଛେଦ 243K ଅନୁଯାୟୀ ପ୍ରଣୀତ ହୋଇଥାଏ, ସେ ସମ୍ବନ୍ଧୀୟ ପ୍ରଶ୍ନ କୌଣସି ନ୍ୟାୟାଳୟରେ ଉଠାଯାଇପାରିବ ନାହିଁ;

(*b*) କୌଣସି ପଞ୍ଚାୟତ ପାଇଁ କୌଣସି ନିର୍ବାଚନ ଏପରି ନିର୍ବାଚନ ଆବେଦନ ପତ୍ରଦ୍ୱାରା କରାଯାଇପାରିବ, ଯାହାକି ଏପରି ଅଧିକାରୀଙ୍କ ସମ୍ମୁଖରେ ଏବଂ ଏପରି ପଦ୍ଧତିରେ ଉପସ୍ଥାପନ କରାଯିବ, ଯାହାକି କୌଣସି ରାଜ୍ୟ ବିଧାନମଣ୍ଡଳଦ୍ୱାରା ଆଇନ ଅଧୀନରେ ସ୍ଥିର କରିବେ, ଅନ୍ୟଥା ନୁହେଁ ।

---

[1] ସମ୍ବିଧାନ (83ତମ ସଂଶୋଧନ) ଅଧିନିୟମ, 2000, ଧାରା 2 ଦ୍ୱାରା ସନ୍ନିବେଶିତ (8-9-2000 ଠାରୁ କାର୍ଯ୍ୟକାରୀ)।

## [1][ଭାଗ 9A

## ପୌରପାଳିକା

**243P. ପରିଭାଷା—** ଏହି ଭାଗରେ ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁନଥିଲେ,—

(*a*) "ସମିତି" ଅର୍ଥ ଅନୁଚ୍ଛେଦ 243S ଅନୁଯାୟୀ ଗଠିତ କୌଣସି ସମିତି;

(*b*) "ଜିଲ୍ଲା" ଅର୍ଥ ଯେକୌଣସି ରାଜ୍ୟର ଗୋଟିଏ ଜିଲ୍ଲା;

(*c*) "ମହାନଗରୀୟ ଅଞ୍ଚଳ" ଅର୍ଥ ଦଶଲକ୍ଷ କିମ୍ବା ତଦୂର୍ଦ୍ଧ୍ୱ ଜନସଂଖ୍ୟା ଥିବା ଅଞ୍ଚଳ ଯେଉଁଥିରେ ଏକ କିମ୍ବା ଅଧିକ ଜିଲ୍ଲାରେ ଥିବା କୌଣସି ଅଞ୍ଚଳ ଏବଂ ଦୁଇ କିମ୍ବା ତଦୂର୍ଦ୍ଧ୍ୱ ପୌରପାଳିକା କିମ୍ବା ପଞ୍ଚାୟତ ଏବଂ ଅନ୍ୟ ସଂଲଗ୍ନ କ୍ଷେତ୍ର ଏବଂ ଯାହା ଏହି ଭାଗ ଉଦ୍ଦେଶ୍ୟରେ ଏକ ମହାନଗର କ୍ଷେତ୍ର ବୋଲି ରାଜ୍ୟପାଳଙ୍କଦ୍ୱାରା ଏକ ସାଧାରଣ ବିଜ୍ଞପ୍ତିରେ ଧାର୍ଯ୍ୟ କରାଯାଇଥାଏ;

(*d*) "ପୌରପାଳିକା ଅଞ୍ଚଳ" ଅର୍ଥ ରାଜ୍ୟପାଳଙ୍କଦ୍ୱାରା ପ୍ରଦତ୍ତ ବିଜ୍ଞପ୍ତି ଅନୁଯାୟୀ କୌଣସି ପୌରପାଳିକାର ଆଞ୍ଚଳିକ ଅଞ୍ଚଳ;

(*e*) "ପୌରପାଳିକା" ଅର୍ଥ ଅନୁଚ୍ଛେଦ 243Q ଅନୁଯାୟୀ ଗଠିତ କୌଣସି ସ୍ୱାୟତ୍ତଶାସନ ଅନୁଷ୍ଠାନ;

(*f*) "ପଞ୍ଚାୟତ" ଅର୍ଥ ଅନୁଚ୍ଛେଦ 243B ଅନୁଯାୟୀ ଗଠିତ କୌଣସି ପଞ୍ଚାୟତ;

(*g*) "ଜନସଂଖ୍ୟା" ଅର୍ଥ ଗତ ପୂର୍ବବର୍ତ୍ତୀ ଜନଗଣନା ଅନୁଯାୟୀ ସ୍ଥିର କରାଯାଇଥିବା ଜନସଂଖ୍ୟା, ଯାହାର ପ୍ରକୃତ ସଂଖ୍ୟା ପ୍ରକାଶ କରାଯାଇଛି ।

**243Q. ପୌରପାଳିକାର ଗଠନ—** (1) ପ୍ରତ୍ୟେକ ରାଜ୍ୟରେ ଏହି ଭାଗର ବ୍ୟବସ୍ଥା ଅନୁଯାୟୀ,–

(*a*) କୌଣସି ଅବସ୍ଥାନ୍ତର ଅଞ୍ଚଳ ନିମନ୍ତେ ଏକ ନଗର ପଞ୍ଚାୟତ; (ଯେକୌଣସି ନାମରେ ପରିଚିତ) ଅର୍ଥାତ୍, କୌଣସି ଗ୍ରାମାଞ୍ଚଳରୁ ଏକ ସହରାଞ୍ଚଳକୁ ଅବସ୍ଥାନ୍ତର;

(*b*) ଏକ କ୍ଷୁଦ୍ର ସହରାଞ୍ଚଳ ନିମନ୍ତେ ଏକ ପୌରପରିଷଦ; ଏବଂ

(*c*) ଏକ ବୃହତ ସହରାଞ୍ଚଳ ନିମନ୍ତେ ଏକ ପୌରନିଗମ,

ଗଠନ କରାଯିବ:

---

[1] ସମ୍ବିଧାନ (74ତମ ସଂଶୋଧନ) ଅଧିନିୟମ, 1992, ଧାରା 2ଦ୍ୱାରା ଭାଗ 9Aକୁ ସନ୍ନିବେଶିତ କରାଯାଇଛି (1-6-1993ଠାରୁ କାର୍ଯ୍ୟକାରୀ) ।

କିନ୍ତୁ, ଏହି ଖଣ୍ଡ ଅନୁଯାୟୀ କୌଣସି ପୌରପାଳିକା, ଏପରି ସହରାଞ୍ଚଳ କିମ୍ବା ତାର କୌଣସି ଅଂଶ ନିମନ୍ତେ ଗଠନ କରାଯିବ ନାହିଁ, ଯେପରିକି ରାଜ୍ୟପାଳ, ଉକ୍ତ ଅଞ୍ଚଳର ଆକାର ଏବଂ ସେହି ଅଞ୍ଚଳରେ କୌଣସି ଶିଳ୍ପନୈତିକ ପ୍ରତିଷ୍ଠାନଦ୍ୱାରା ଯୋଗାଇ ଦିଆଯାଇଥିବା କିମ୍ବା ଯୋଗାଇ ଦେବା ନିମନ୍ତେ ପ୍ରସ୍ତାବିତ ପୌରସେବାକୁ ଏବଂ ଅନ୍ୟ ବିଷୟକୁ ଯାହା ଉଚିତ ବୋଲି ବିଚାରକରି ସରକାରୀ ବିଜ୍ଞପ୍ତିଦ୍ୱାରା ତାହାକୁ ବା ଉକ୍ତ ଅଞ୍ଚଳକୁ ଏକ ଶିଳ୍ପନୈତିକ ସହର ବୋଲି ଧାର୍ଯ୍ୟ କରିବେ ।

(2) ଏହି ଅନୁଚ୍ଛେଦରେ, "ଏକ ଅବସ୍ଥାନ୍ତର ଅଞ୍ଚଳ", "ଏକ କ୍ଷୁଦ୍ର ସହରାଞ୍ଚଳ" କିମ୍ବା "ଏକ ବୃହତ୍ ସହରାଞ୍ଚଳ" ଅର୍ଥ ଏପରି ଅଞ୍ଚଳ ଯାହାକି ରାଜ୍ୟପାଳ ଉକ୍ତ ଅଞ୍ଚଳର ଜନସଂଖ୍ୟାକୁ ଏବଂ ଜନସଂଖ୍ୟାର ଘନତାକୁ ସ୍ଥାନୀୟ ପ୍ରଶାସନ ନିମନ୍ତେ ସୃଷ୍ଟ ରାଜସ୍ୱକୁ, ଅଣକୃଷି କର୍ମରେ ନିଯୁକ୍ତିର ଶତକଡ଼ା ଅନୁପାତକୁ ଅର୍ଥନୈତିକ ଗୁରୁତ୍ୱ ଏବଂ ଏହିପରି ଅନ୍ୟ ବିଷୟକୁ ଯାହା ସେ ଉଚିତ ମନେ କରିବେ, ତାହା ଦୃଷ୍ଟିରେ ରଖି ଏହି ଭାଗ ଉଦ୍ଦେଶ୍ୟରେ ଏକ ସରକାରୀ ବିଜ୍ଞପ୍ତିରେ ଧାର୍ଯ୍ୟ କରିବେ ।

**243R. ପୌରପାଳିକାର ସଂରଚନା—** (1) ଖଣ୍ଡ (2)ରେ ଥିବା ବ୍ୟବସ୍ଥା ବ୍ୟତୀତ କୌଣସି ପୌରପାଳିକାରେ ଥିବା ସମସ୍ତ ଆସନକୁ ପୌରପାଳିକା ଅଞ୍ଚଳର ଆଞ୍ଚଳିକ ନିର୍ବାଚନ ମଣ୍ଡଳୀରୁ ପ୍ରତ୍ୟକ୍ଷ ନିର୍ବାଚନଦ୍ୱାରା ବଛାଯାଇଥିବା ବ୍ୟକ୍ତିଙ୍କଦ୍ୱାରା ପୂରଣ କରାଯିବ ଏବଂ ଏହି ଉଦ୍ଦେଶ୍ୟରେ ପ୍ରତ୍ୟେକ ପୌରପାଳିକା ଅଞ୍ଚଳ, ଆଞ୍ଚଳିକ ନିର୍ବାଚନ ମଣ୍ଡଳୀରେ ବିଭକ୍ତ କରାଯିବ ଯାହାକି 'ୱାର୍ଡ' ଭାବେ ପରିଚିତ ହେବ ।

(2) ଏକ ରାଜ୍ୟର ବିଧାନମଣ୍ଡଳ ଆଇନ ଅନୁଯାୟୀ, -

(*a*) କୌଣସି ପୌରପାଳିକାରେ ପ୍ରତିନିଧିତ୍ୱ ପାଇଁ-

(*i*) ପୌର ପ୍ରଶାସନରେ ବିଶେଷ ଜ୍ଞାନ କିମ୍ବା ଅଭିଜ୍ଞତା ଥିବା ବ୍ୟକ୍ତି;

(*ii*) ଲୋକସଭାର ସଦସ୍ୟ ଏବଂ ରାଜ୍ୟ ବିଧାନସଭାର ସଦସ୍ୟ ଯେଉଁମାନେ ପୌରପାଳିକା କ୍ଷେତ୍ରକୁ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବରେ ନେଇ ଗଠିତ ନିର୍ବାଚନମଣ୍ଡଳୀକୁ ପ୍ରତିନିଧିତ୍ୱ କରନ୍ତି;

(*iii*) ପୌରପାଳିକା କ୍ଷେତ୍ର ମଧ୍ୟରେ ମତଦାତା ଭାବରେ ପଞ୍ଜୀକୃତ ରାଜ୍ୟସଭା ଓ ରାଜ୍ୟ ବିଧାନ ପରିଷଦର ସଦସ୍ୟ;

(*iv*) ଅନୁଚ୍ଛେଦ 243Sର ଖଣ୍ଡ (5) ଅନୁଯାୟୀ ଗଠିତ ସମିତିର ଅଧକ୍ଷ:

କିନ୍ତୁ, ପରିଚ୍ଛେଦ (*i*)ରେ ଉଲ୍ଲେଖ କରାଯାଇଥିବା ବ୍ୟକ୍ତିମାନଙ୍କର, ପୌରପାଳିକା ବୈଠକରେ ମତଦାନ ଦେବାର ଅଧିକାର ରହିବ ନାହିଁ;

(*b*) ପୌରପାଳିକାର ଅଧକ୍ଷଙ୍କ ନିର୍ବାଚନ ପଦ୍ଧତି ।

**243S. ୱାର୍ଡ ସମିତି ଇତ୍ୟାଦିର ଗଠନ ଓ ସଂରଚନା—** (1) କୌଣସି ପୌରପାଳିକାର ଆଞ୍ଚଳିକ ସ୍ଥାନ ମଧ୍ୟରେ, ଯାହାର ଜନସଂଖ୍ୟା ତିନିଲକ୍ଷ କିମ୍ବା ତଦୁର୍ଦ୍ଧ୍ୱ, ସେଠାରେ ଗୋଟିଏ କିମ୍ବା ତଦୁର୍ଦ୍ଧ୍ୱ ୱାର୍ଡକୁ ନେଇ ୱାର୍ଡ ସମିତି ଗଠନ କରାଯିବ ।

(2) କୌଣସି ରାଜ୍ୟ ବିଧାନମଣ୍ଡଳ ଆଇନଦ୍ୱାରା ନିମ୍ନ ବିଷୟ ସମ୍ବନ୍ଧରେ ବ୍ୟବସ୍ଥା କରିପାରନ୍ତି—

(*a*) ୱାର୍ଡ ସମିତିର ସଂରଚନା ଏବଂ ଆଞ୍ଚଳିକ ଅଞ୍ଚଳ;

(*b*) ୱାର୍ଡ ସମିତିର ଆସନଗୁଡ଼ିକ କେଉଁ ପଦ୍ଧତିରେ ପୂରଣ କରାଯିବ ।

(3) କୌଣସି ପୌରପାଳିକାର କୌଣସି ସଦସ୍ୟ, ଯିଏକି ୱାର୍ଡ ସମିତିର ଆଞ୍ଚଳିକ କ୍ଷେତ୍ର ମଧ୍ୟରେ କୌଣସି ୱାର୍ଡର ପ୍ରତିନିଧିତ୍ୱ କରନ୍ତି; ସେ ଉକ୍ତ ସମିତିର ଜଣେ ସଦସ୍ୟ ହେବେ ।

(4) ଯେଉଁସ୍ଥଳରେ ୱାର୍ଡ ସମିତି ଧାରଣ କରିଥାଏ—

(*a*) ଗୋଟିଏ ୱାର୍ଡ, ପୌରପାଳିକାରେ ଉକ୍ତ ୱାର୍ଡକୁ ପ୍ରତିନିଧିତ୍ୱ କରୁଥିବା ସଦସ୍ୟ; କିମ୍ବା

(*b*) ଦୁଇ କିମ୍ବା ଅଧିକ ୱାର୍ଡ, ଜଣେ ସଦସ୍ୟ ଯିଏକି ପୌରପାଳିକାରେ ଏପରି ୱାର୍ଡର ପ୍ରତିନିଧିତ୍ୱ କରିବା ନିମନ୍ତେ ୱାର୍ଡ ସମିତିର ସଦସ୍ୟମାନଙ୍କଦ୍ୱାରା ନିର୍ବାଚିତ ହୋଇ ଥାଆନ୍ତି,

ସେ, ଉକ୍ତ ସମିତିର ଅଧ୍ୟକ୍ଷ ହେବେ ।

(5) ୱାର୍ଡ ସମିତିଗୁଡ଼ିକ ସହିତ ଅତିରିକ୍ତ ସମିତି ଗଠନ କରିବା ପାଇଁ କୌଣସି ରାଜ୍ୟ ବିଧାନମଣ୍ଡଳ ଏ ସମ୍ବନ୍ଧରେ କୌଣସି ବ୍ୟବସ୍ଥା କରିବାରେ, ଏହି ଅନୁଚ୍ଛେଦର କୌଣସି ବ୍ୟବସ୍ଥା ପ୍ରତିବନ୍ଧିତ କରୁଛି ବୋଲି ଧରାଯିବ ନାହିଁ ।

**243T. ଆସନର ସଂରକ୍ଷଣ—** (1) ପ୍ରତ୍ୟେକ ପୌରପାଳିକାରେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିର ଲୋକମାନଙ୍କ ପାଇଁ ଆସନ ସଂରକ୍ଷିତ ରହିବ ଏବଂ ଏପରି ସଂରକ୍ଷଣ କରାଯାଇଥିବା ଆସନର ସଂଖ୍ୟା, ଉକ୍ତ ପୌରପାଳିକାରେ ପ୍ରତ୍ୟକ୍ଷ ନିର୍ବାଚନଦ୍ୱାରା ପୂରଣ କରାଯାଉଥିବା ସମୁଦାୟ ଆସନ ସଂଖ୍ୟାର ଯଥାସମ୍ଭବ, ସମାନ ଅନୁପାତ ବହନ କରିବ, ଯେପରି ପୌରପାଳିକା ଅଞ୍ଚଳର ସମୁଦାୟ ଅନୁସୂଚିତ ଜାତି ଏବଂ ସମୁଦାୟ ଅନୁସୂଚିତ ଜନଜାତିର ଜନସଂଖ୍ୟା, ଉକ୍ତ ଅଞ୍ଚଳର ସମୁଦାୟ ଜନସଂଖ୍ୟାର ଅନୁପାତ ବହନ କରେ ଏବଂ ଏପରି ଆସନଗୁଡ଼ିକୁ କୌଣସି ପୌରପାଳିକାର ବିଭିନ୍ନ ନିର୍ବାଚନ ମଣ୍ଡଳୀ ମଧ୍ୟରେ ଆବର୍ତ୍ତନ ପଦ୍ଧତିରେ ଆବଣ୍ଟନ କରାଯିବ ।

(2) ଖଣ୍ଡ (1) ଅନୁଯାୟୀ ସଂରକ୍ଷଣ କରାଯାଇଥିବା ମୋଟ ଆସନର ଅତିକମରେ ଏକ-ତୃତୀୟାଂଶ ଆସନ, ଯଥାସ୍ଥିତି ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିର ମହିଳାମାନଙ୍କ ନିମନ୍ତେ ସଂରକ୍ଷଣ କରାଯିବ।

(3) ପ୍ରତ୍ୟେକ ପୌରପାଳିକାରେ ପ୍ରତ୍ୟକ୍ଷ ନିର୍ବାଚନଦ୍ୱାରା ପୂରଣ କରାଯିବାକୁ ଥିବା ସମସ୍ତ ଆସନ ସଂଖ୍ୟାର ଅତିକମରେ ଏକ ତୃତୀୟାଂଶ ଆସନ (ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିର ମହିଳାମାନଙ୍କ ନିମନ୍ତେ ସଂରକ୍ଷିତ ଆସନ ସହିତ), ମହିଳାମାନଙ୍କ ନିମନ୍ତେ ସଂରକ୍ଷଣ କରାଯିବ ଏବଂ ଏପରି ଆସନଗୁଡ଼ିକୁ, କୌଣସି ପୌରପାଳିକାରେ ଥିବା ବିଭିନ୍ନ ନିର୍ବାଚନ ମଣ୍ଡଳୀଗୁଡ଼ିକ ମଧ୍ୟରେ ଆବର୍ତ୍ତନ ପଦ୍ଧତିରେ ଆବଣ୍ଟନ କରାଯିବ ।

(4) ପୌରପାଳିକାର ଅଧ୍ୟକ୍ଷଙ୍କ ଆସନ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ମହିଳାମାନଙ୍କ ପାଇଁ ଏପରି ଭାବେ ସଂରକ୍ଷଣ କରାଯିବ, ଯାହାକି ରାଜ୍ୟ ବିଧାନମଣ୍ଡଳ ଆଇନଦ୍ୱାରା ବ୍ୟବସ୍ଥା କରିବ ।

(5) ଖଣ୍ଡ (1) ଏବଂ (2) ଅଧୀନସ୍ଥ ସଂରକ୍ଷିତ ଆସନ ଏବଂ ଅଧ୍ୟକ୍ଷଙ୍କ ନିମନ୍ତେ ସଂରକ୍ଷିତ ଆସନ (ମହିଳାମାନଙ୍କ ନିମନ୍ତେ ସଂରକ୍ଷଣ ବ୍ୟତୀତ)ର କାର୍ଯ୍ୟକାରୀତା, ଅନୁଚ୍ଛେଦ 334ରେ ଧାର୍ଯ୍ୟ ସମୟ ଅତିବାହିତ ହେବା ପରେ ରହିତ ହେବ ।

(6) ଏହି ଭାଗର କୌଣସି ବ୍ୟବସ୍ଥା, ପଛୁଆବର୍ଗ ନାଗରିକମାନଙ୍କ ନିମନ୍ତେ କୌଣସି ପୌରପାଳିକାରେ ଆସନ ସଂରକ୍ଷଣ କିମ୍ବା ପୌରପାଳିକାରେ ଅଧ୍ୟକ୍ଷଙ୍କ ଆସନ ସଂରକ୍ଷଣ ନିମନ୍ତେ କୌଣସି ରାଜ୍ୟ ବିଧାନମଣ୍ଡଳଦ୍ୱାରା ପ୍ରଣୀତ କୌଣସି ବ୍ୟବସ୍ଥାରେ ପ୍ରତିବନ୍ଧକ ସୃଷ୍ଟି କରିବ ନାହିଁ ।

**243U. ପୌରପାଳିକାର ଅବଧି, ଇତ୍ୟାଦି—** (1) ପ୍ରତ୍ୟେକ ପୌରପାଳିକା, ସେହି ସମୟରେ ଯଦି କୌଣସି ବଳବତ୍ତର ଆଇନଦ୍ୱାରା, ଶୀଘ୍ର ଭାଙ୍ଗିନଯାଏ, ତା'ହେଲେ ଏହାର ପ୍ରଥମ ବୈଠକ ଧାର୍ଯ୍ୟ ତାରିଖରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବ ଏବଂ ତା'ଠାରୁ ଅଧିକ ସମୟ ପର୍ଯ୍ୟନ୍ତ ନୁହେଁ:

କିନ୍ତୁ, ଏହାର ଭଙ୍ଗ ପୂର୍ବରୁ କୌଣସି ପୌରପାଳିକାକୁ ଶୁଣାଣିର ଯଥାଯଥ ସୁଯୋଗ ପ୍ରଦାନ କରାଯିବ ।

(2) ସେହି ସମୟରେ ବଳବତ୍ତର ଥିବା କୌଣସି ସଂଶୋଧନ, କୌଣସି ସ୍ତରରେ କାର୍ଯ୍ୟ କରୁଥିବା କୌଣସି ପୌରପାଳିକା ଯାହା ଏପରି ସଂଶୋଧନ ପୂର୍ବରୁ କାର୍ଯ୍ୟ କରୁଥିଲା, ଖଣ୍ଡ(1)ରେ ଧାର୍ଯ୍ୟ କରାଯାଇଥିବା ଅବଧି ସମାପ୍ତ ନହେବା ପର୍ଯ୍ୟନ୍ତ ଭଙ୍ଗ କରାଯାଇପାରିବ ନାହିଁ ।

(3) କୌଣସି ପୌରପାଳିକା ଗଠନ କରିବା ପାଇଁ କୌଣସି ନିର୍ବାଚନ,—

(*a*) ଖଣ୍ଡ (1)ରେ ଧାର୍ଯ୍ୟ କରାଯାଇଥିବା ଏହାର ଅବଧି ସମାପ୍ତ ହେବା ପୂର୍ବରୁ;

(*b*) ଏହା ଭଙ୍ଗ ହେବାର ତାରିଖଠାରୁ ଛଅମାସ ସମୟ ଅତିବାହିତ ହେବା ପୂର୍ବରୁ,

ସମ୍ପୂର୍ଣ୍ଣ ହେବ:

କିନ୍ତୁ, ଯେଉଁସ୍ଥଳରେ ଅବଶିଷ୍ଟ ସମୟ ଯେଉଁଥିପାଇଁ ଭଙ୍ଗ ହୋଇଥିବା ପୌରପାଳିକା କାର୍ଯ୍ୟ କରିଥାଆନ୍ତା, ତାହା ଛଅମାସରୁ କମ୍ ହୋଇଥାଏ, ସେପରିସ୍ଥଳେ, ପୌରପାଳିକା ଗଠନ କରିବା ପାଇଁ ଏହି ଖଣ୍ଡ ଅନୁଯାୟୀ ସେଇ ସମୟ ପାଇଁ କୌଣସି ନିର୍ବାଚନ କରିବାର ଆବଶ୍ୟକତା ରହିବ ନାହିଁ ।

(4) କୌଣସି ପୌରପାଳିକାର ଅବଧି ସମାପ୍ତ ପୂର୍ବରୁ ଭଙ୍ଗ କରାଯାଇଥିବା ଏପରି ପୌରପାଳିକା ସ୍ଥାନରେ ଗଠିତ କୌଣସି ପୌରପାଳିକା, ସେହି ଅବଶିଷ୍ଟ ଅବଧି ନିମନ୍ତେ କାର୍ଯ୍ୟ କରିବ, ଯାହାକି ଖଣ୍ଡ(1) ଅନୁଯାୟୀ ଭଙ୍ଗ କରାଯାଇଥିବା ପୌରପାଳିକା କାର୍ଯ୍ୟ କରିଥାଆନ୍ତା, ଯଦି ଏହା ଭଙ୍ଗ ହୋଇନଥାଆନ୍ତା ।

**243V. ସଦସ୍ୟତା ନିମନ୍ତେ ଅଯୋଗ୍ୟତା—** (1) କୌଣସି ବ୍ୟକ୍ତି, କୌଣସି ପୌରପାଳିକାର ସଦସ୍ୟଭାବେ ବଛାଯିବା କିମ୍ବା ସଦସ୍ୟ ହେବା ନିମନ୍ତେ ଅଯୋଗ୍ୟ ବିବେଚିତ ହେବେ—

(*a*) ଯଦି ସେ ସମ୍ପୃକ୍ତ ରାଜ୍ୟ ବିଧାନମଣ୍ଡଳକୁ ନିର୍ବାଚିତ ହେବା ଉଦ୍ଦେଶ୍ୟରେ କୌଣସି ଆଇନ ଅନୁଯାୟୀ କିମ୍ବା କୌଣସି ଆଇନ ଅଧୀନରେ ଏପରି ଅଯୋଗ୍ୟ ହୋଇଥାଆନ୍ତି:

କିନ୍ତୁ, ଯଦି କୌଣସି ବ୍ୟକ୍ତି ଏକୋଇଶ ବର୍ଷରେ ପଦାର୍ପଣ କରିଥାଆନ୍ତି, ମାତ୍ର ପଚିଶ ବର୍ଷରେ ଉପନୀତ ହୋଇ ନଥାଆନ୍ତି, ସେହି କାରଣ ଯୋଗୁ ସେ ଅଯୋଗ୍ୟ ବୋଲି ବିବେଚିତ ହେବେ ନାହିଁ;

(*b*) ଯଦି ସେ ରାଜ୍ୟ ବିଧାନମଣ୍ଡଳଦ୍ୱାରା ପ୍ରଣୀତ କୌଣସି ଆଇନ ଅନୁଯାୟୀ କିମ୍ବା କୌଣସି ଆଇନ ଅଧୀନରେ ଏପରି ଅଯୋଗ୍ୟ ହୋଇଥାଆନ୍ତି ।

(2) ଖଣ୍ଡ(1) ରେ ଉଲ୍ଲେଖ ଥିବା ଅଯୋଗ୍ୟତାର ଅଧୀନରେ, ପୌରପାଳିକାର କୌଣସି ସଦସ୍ୟ ଅଯୋଗ୍ୟ କି ନୁହେଁ ବୋଲି ଯଦି କୌଣସି ପ୍ରଶ୍ନ ଉଠେ, ତା'ହେଲେ ସେହି ପ୍ରଶ୍ନ ରାଜ୍ୟ ବିଧାନମଣ୍ଡଳର, ଆଇନ ଅନୁଯାୟୀ ସ୍ଥିର କରାଯାଇଥିବା ପଦ୍ଧତି ଅନୁସାରେ ଏପରି ଅଧିକାରୀଙ୍କ ନିଷ୍ପତ୍ତି ନିମନ୍ତେ ପଠାଯିବ ।

**243W. ପୌରପାଳିକାର କ୍ଷମତା, ଅଧିକାର ଏବଂ ଦାୟିତ୍ୱ—** ଏହି ସମ୍ବିଧାନର ବ୍ୟବସ୍ଥା ଅଧୀନରେ, କୌଣସି ରାଜ୍ୟ ବିଧାନମଣ୍ଡଳ ଆଇନଦ୍ୱାରା ନ୍ୟସ୍ତ କରିପାରନ୍ତି—

(*a*) ପୌରପାଳିକାକୁ ସ୍ୱାୟତ୍ତଶାସନ ଅନୁଷ୍ଠାନଭାବେ କାର୍ଯ୍ୟ କରିବା ପାଇଁ ସମର୍ଥ ହେବା ନିମନ୍ତେ ଆବଶ୍ୟକ ଏପରି କ୍ଷମତା ଏବଂ ଅଧିକାର ପ୍ରଦାନ କରିବେ ଏବଂ ଏପରି ଆଇନ ସେଥିରେ ଧାର୍ଯ୍ୟ କରାଯାଇଥିବା ସର୍ତ୍ତାବଳୀର ଅଧୀନରେ, ପୌରପାଳିକା ନିମନ୍ତେ କ୍ଷମତା ଏବଂ ଦାୟିତ୍ୱ ବ୍ୟବସ୍ଥା କରାଯାଇପାରିବ ଅର୍ଥାତ ନିମ୍ନ ବିଷୟ ଉପରେ ନ୍ୟସ୍ତ କରିବ—

(*i*) ଅର୍ଥନୈତିକ ଉନ୍ନତି ଏବଂ ସମାଜିକ ନ୍ୟାୟ ନିୟନ୍ତେ ଯୋଜନା ପ୍ରସ୍ତୁତ କରିବା;

(*ii*) ଦ୍ୱାଦଶ ଅନୁସୂଚୀରେ ଉଲ୍ଲେଖ ତାଲିକାରେ ଅନ୍ତର୍ଭୁକ୍ତ ବିଷୟଗୁଡ଼ିକ ସହିତ, ସେମାନଙ୍କୁ ନ୍ୟସ୍ତ କରାଯାଇଥିବା ଯୋଜନାକୁ ସମ୍ପାଦନ କରିବା ଏବଂ କାର୍ଯ୍ୟକାରୀ କରିବା;

(*b*) ସମିତିଗୁଡ଼ିକୁ ଏପରି କ୍ଷମତା ଏବଂ ଅଧିକାର ପ୍ରଦାନ କରାଯିବ, ଯାହାଫଳରେ ଦ୍ୱାଦଶ ଅନୁସୂଚୀରେ ଥିବା ତାଲିକାର ବିଷୟଗୁଡ଼ିକ ସହିତ, ତାଙ୍କ ଉପରେ ନ୍ୟସ୍ତ କରାଯାଇଥିବା ଅନ୍ୟ ଦାୟିତ୍ୱକୁ ସମ୍ପାଦନ କରିବା ନିମନ୍ତେ ସମର୍ଥ ହୋଇପାରିବେ ।

**243X. ପୌରପାଳିକାଦ୍ୱାରା କର ଧାର୍ଯ୍ୟ କରିବା କ୍ଷମତା ଏବଂ ତାହାର ପାଣ୍ଠି —** କୌଣସି ରାଜ୍ୟ ବିଧାନମଣ୍ଡଳ ଆଇନଦ୍ୱାରା,—

(*a*) କର ଧାର୍ଯ୍ୟ କରିବା, ଆଦାୟ କରିବା, ଏପରି କରକୁ ବିନିଯୋଗ କରିବା, ମହାସୁଲ, ପଥକର ଓ ସେହି ପଦ୍ଧତି ଅନୁସାରେ ପ୍ରାପ୍ୟ ଧାର୍ଯ୍ୟ କରିବା ଏବଂ ଆଦାୟ କରିବା ନିମନ୍ତେ ପୌରପାଳିକାକୁ କ୍ଷମତା ପ୍ରଦାନ କରିପାରିବ;

(*b*) ଏହି ଉଦ୍ଦେଶ୍ୟରେ ଏବଂ ଏପରି ସର୍ତ୍ତାବଳୀ ଏବଂ ସୀମିତକରଣର ଅଧୀନରେ, ରାଜ୍ୟ ସରକାରଙ୍କଦ୍ୱାରା ଧାର୍ଯ୍ୟ ଏବଂ ଆଦାୟ କରାଯାଉଥିବା ଏପରି କର, ଶୁଳ୍କ, ପଥକର ବା ଜଳକର ଏବଂ ଅନ୍ୟ ଶୁଳ୍କକୁ, କୌଣସି ପୌରପାଳିକାଠାରେ ନ୍ୟସ୍ତ କରିପାରନ୍ତି;

(*c*) ରାଜ୍ୟର ସଞ୍ଚିତ ପାଣ୍ଠିରୁ ପୌରପାଳିକାଗୁଡ଼ିକୁ ଅନୁଦାନ ପ୍ରଦାନ କରିବା ନିମନ୍ତେ ବ୍ୟବସ୍ଥା କରିବେ; ଏବଂ

(*d*) ପୌରପାଳିକାଦ୍ୱାରା କିମ୍ବା ପୌରପାଳିକା ତରଫରୁ ଗୃହୀତ ହେଉଥିବା ସମସ୍ତ ଅର୍ଥକୁ ଜମା କରିବା ନିମନ୍ତେ ଏପରି ଏକ ପାଣ୍ଠିର ଗଠନ ଏବଂ ସେଥିରୁ ଅର୍ଥ ଉଠାଣ କରିବା ନିମନ୍ତେ ବ୍ୟବସ୍ଥା କରିବେ,

ଯାହାକି ଆଇନରେ ଧାର୍ଯ୍ୟ କରାଯାଇଥିବ ।

**243Y. ଅର୍ଥ ଆୟୋଗ—** (1) ଅନୁଚ୍ଛେଦ 243I ଅନୁଯାୟୀ ଗଠିତ ଅର୍ଥ ଆୟୋଗ ପୌରପାଳିକାଗୁଡ଼ିକର ଆର୍ଥିକ ସ୍ଥିତିର ପୁନର୍ବିଚାର କରିବେ ଏବଂ ନିମ୍ନ ବିଷୟରେ, ରାଜ୍ୟପାଳଙ୍କୁ ସୁପାରିଶ ପ୍ରଦାନ କରିବେ–

(*a*) ନୀତି ପରିଚାଳନା କରିବ ଯାହା—

(*i*) ରାଜ୍ୟଦ୍ୱାରା ଧାର୍ଯ୍ୟ କରାଯାଉଥିବା କର, ଶୁଳ୍କ, ପଥକର ଏବଂ ପ୍ରାପ୍ୟର ସାମଗ୍ରିକ ଲବ୍ଧ ଧନକୁ ରାଜ୍ୟ ଏବଂ ପୌରପାଳିକାଗୁଡ଼ିକ ମଧ୍ୟରେ ବଣ୍ଟନ, ଯାହାକି ଏହି ଭାଗ ଅନୁଯାୟୀ, ସେମାନଙ୍କ ମଧ୍ୟରେ ବଣ୍ଟନ କରାଯିବ ଏବଂ ଏପରି ଲବ୍ଧ ଅର୍ଥକୁ ବିଭିନ୍ନ ସ୍ତରରେ ଥିବା ପୌରପାଳିକାଗୁଡ଼ିକ ମଧ୍ୟରେ ଆବଣ୍ଟନ କରାଯିବ;

(*ii*) ପୌରପାଳିକାକୁ କର, ଶୁଳ୍କ, ପଥକର ଏବଂ ପ୍ରାପ୍ୟ ହସ୍ତାନ୍ତର କିମ୍ବା ବିନିଯୋଗ ନିମନ୍ତେ ନ୍ୟସ୍ତ କରାଯିବ, ତା'ର ସ୍ଥିରୀକରଣ;

(*iii*) ରାଜ୍ୟର ସଞ୍ଚିତ ପାଣ୍ଠିରୁ, ପୌରପାଳିକାଗୁଡ଼ିକୁ ସହାୟତା ଅନୁଦାନ;

(*b*) ପୌରପାଳିକାର ଆର୍ଥିକ ସ୍ଥିତିକୁ ଉନ୍ନତ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ;

(*c*) ପୌରପାଳିକାର ସୁସ୍ଥ ଆର୍ଥିକ ହିତକୁ ଦୃଷ୍ଟିରେ ରଖି, ରାଜ୍ୟପାଳଙ୍କଦ୍ୱାରା ଅର୍ଥ ଆୟୋଗଙ୍କୁ ଉଲ୍ଲେଖ କରାଯାଇଥିବା ଅନ୍ୟ କୌଣସି ବିଷୟ ।

(2) ରାଜ୍ୟପାଳ ଏହି ଅନୁଚ୍ଛେଦ ଅନୁଯାୟୀ, ଆୟୋଗଙ୍କଦ୍ୱାରା ପ୍ରଦାନ କରାଯାଇଥିବା ପ୍ରତ୍ୟେକ ସୁପାରିଶ ସହିତ , ତା'ଉପରେ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ବିଷୟରେ ଏକ ବିସ୍ତୃତ ବିବରଣୀ ପ୍ରସ୍ତୁତ କରି, ରାଜ୍ୟ ବିଧାନମଣ୍ଡଳରେ ଉପସ୍ଥାପନ କରାଇବେ ।

**243Z. ପୌରପାଳିକାଗୁଡ଼ିକର ହିସାବର ସମୀକ୍ଷା—** ରାଜ୍ୟର ବିଧାନମଣ୍ଡଳ ଆଇନଦ୍ୱାରା, ପୌରପାଳିକାଦ୍ୱାରା ହିସାବ ପତ୍ର ରକ୍ଷଣାବେକ୍ଷଣ ସମ୍ବନ୍ଧରେ ଏବଂ ଏପରି ହିସାବପତ୍ରକୁ ସମୀକ୍ଷା କରିବା ନିମନ୍ତେ ବ୍ୟବସ୍ଥା କରିପାରନ୍ତି ।

**243ZA. ପୌରପାଳିକା ନିମନ୍ତେ ନିର୍ବାଚନ—** (1) ପୌରପାଳିକାର ନିର୍ବାଚନ ତାଲିକା ପ୍ରସ୍ତୁତ କରିବାରେ ତତ୍ତ୍ୱାବଧାନ, ନିର୍ଦ୍ଦେଶନାମା ଏବଂ ପ୍ରସ୍ତୁତିର ନିୟନ୍ତ୍ରଣ, ପୌରପାଳିକାର ସମସ୍ତ ନିର୍ବାଚନ କରିବା ଅନୁଚ୍ଛେଦ 243Kରେ ଉଲ୍ଲେଖାନୁଯାୟୀ, କୌଣସି ରାଜ୍ୟ ନିର୍ବାଚନ ଆୟୋଗଙ୍କ ଉପରେ ନ୍ୟସ୍ତ ରହିବ ।

(2) ଏହି ସମ୍ବିଧାନର ବ୍ୟବସ୍ଥାର ଅଧୀନରେ, କୌଣସି ରାଜ୍ୟର ବିଧାନମଣ୍ଡଳ ଆଇନଦ୍ୱାରା, ପୌରପାଳିକାର ନିର୍ବାଚନ ସମ୍ବନ୍ଧୀୟ ଏବଂ ସମ୍ପର୍କିତ ସମସ୍ତ ବିଷୟ ଉପରେ ବ୍ୟବସ୍ଥା ତିଆରି କରିପାରିବ ।

**243ZB. କେନ୍ଦ୍ରଶାସିତ ଅଞ୍ଚଳ ପ୍ରତି ପ୍ରୟୋଗ—** ଏହି ଭାଗର ବ୍ୟବସ୍ଥା, କେନ୍ଦ୍ରଶାସିତ ଅଞ୍ଚଳ ପ୍ରତି ପ୍ରୟୋଗ ହେବ ଏବଂ କୌଣସି କେନ୍ଦ୍ରଶାସିତ ଅଞ୍ଚଳ ପ୍ରତି ଏହାର ପ୍ରୟୋଗର ପ୍ରଭାବ ଏପରି ହେବ ଯେ କୌଣସି ରାଜ୍ୟର ରାଜ୍ୟପାଳଙ୍କ ପ୍ରତି ଉଲ୍ଲେଖ ଥିବା ସ୍ଥାନରେ କେନ୍ଦ୍ରଶାସିତ ଅଞ୍ଚଳର ପ୍ରଶାସକ ଯିଏକି, ଅନୁଚ୍ଛେଦ 239 ଅନୁଯାୟୀ ନିଯୁକ୍ତ ହୋଇଥାନ୍ତି ଏବଂ କୌଣସି ରାଜ୍ୟ ବିଧାନମଣ୍ଡଳ କିମ୍ବା ବିଧାନସଭା ସ୍ଥାନରେ, କୌଣସି କେନ୍ଦ୍ରଶାସିତ ଅଞ୍ଚଳରେ ଥିବା ବିଧାନସଭା ସେହି ବିଧାନସଭାକୁ ବୁଝାଯିବ:

କିନ୍ତୁ, ରାଷ୍ଟ୍ରପତି ସାଧାରଣ ବିଜ୍ଞପ୍ତିଦ୍ୱାରା ନିର୍ଦ୍ଦେଶ ଦେଇପାରନ୍ତି ଯେ, ଏପରି ବ୍ୟତିକ୍ରମ ଏବଂ ସଂଶୋଧନ, ଯାହାକି ଉକ୍ତ ବିଜ୍ଞପ୍ତିରେ ଧାର୍ଯ୍ୟ କରାଯାଇଥିବ, ତା'ର ଅଧୀନରେ, ଏହି ଭାଗର ବ୍ୟବସ୍ଥା, କୌଣସି କେନ୍ଦ୍ରଶାସିତ ଅଞ୍ଚଳ କିମ୍ବା ତା'ର ଅଂଶାବଶେଷ ନିମନ୍ତେ ପ୍ରୟୋଗ ହେବ ।

**243ZC. ଏହି ଭାଗ କେତେକ ଅଞ୍ଚଳ ପ୍ରତି ପ୍ରୟୋଗ ହେବ ନାହିଁ—** (1) ଏହି ଭାଗର କୌଣସି ବ୍ୟବସ୍ଥା, ଅନୁଚ୍ଛେଦ 244ର ଖଣ୍ଡ(1)ରେ ଉଲ୍ଲେଖ କରାଯାଇଥିବା ଅନୁସୂଚିତ ଅଞ୍ଚଳ ଏବଂ ଖଣ୍ଡ(2)ରେ ଉଲ୍ଲେଖ କରାଯାଇଥିବା ଆଦିବାସୀ ଅନୁସୂଚିତ ଅଞ୍ଚଳ ପ୍ରତି ପ୍ରୟୋଗନୀୟ ହେବ ନାହିଁ ।

(2) ପଶ୍ଚିମବଙ୍ଗ ରାଜ୍ୟର ଦାର୍ଜିଲିଂ ଜିଲ୍ଲାର ପାର୍ବତ୍ୟ ଅଞ୍ଚଳରେ ସେହି ଅସମୟ ପାଇଁ ବଳବତ୍ତର ଥିବା କୌଣସି ଆଇନ ଅନୁଯାୟୀ ଗଠିତ ଦାର୍ଜିଲିଂ ଗୋର୍ଖା ପାର୍ବତ୍ୟ ପରିଷଦର କାର୍ଯ୍ୟ ଏବଂ କ୍ଷମତାରେ ଏହି ଅଂଶର କୌଣସି ବ୍ୟବସ୍ଥା ପ୍ରଭାବ ପକାଇବ ବୋଲି ବ୍ୟାଖ୍ୟା କରାଯିବ ନାହିଁ ।

(3) ଏହି ସମ୍ବିଧାନରେ ଯାହାକିଛି ବ୍ୟବସ୍ଥା ଥିବା ସତ୍ତ୍ୱେ, ସଂସଦ ଆଇନଦ୍ୱାରା ଏହି ଭାଗର ବ୍ୟବସ୍ଥାକୁ ଖଣ୍ଡ(1)ରେ ଉଲ୍ଲେଖିତ ଅନୁସୂଚିତ ଅଞ୍ଚଳ ଏବଂ ଜନଜାତି ଅଞ୍ଚଳ ପାଇଁ ଆଇନଦ୍ୱାରା ଧାର୍ଯ୍ୟ କରାଯାଇଥିବା ବ୍ୟତିକ୍ରମ ଏବଂ ସଂଶୋଧନ ଅଧୀନରେ ବିସ୍ତାର କରିପାରିବେ ଏବଂ ଏପରି କୌଣସି ଆଇନ ଅନୁଚ୍ଛେଦ 368 ଉଦ୍ଦେଶ୍ୟରେ ସମ୍ବିଧାନର ଏକ ସଂଶୋଧନ ବୋଲି ଧରି ନିଆଯିବ ନାହିଁ ।

**243ZD. ଜିଲ୍ଲା ଯୋଜନା ନିମନ୍ତେ ସମିତି—** (1) ପ୍ରତ୍ୟେକ ରାଜ୍ୟରେ ଜିଲ୍ଲା ସ୍ତରରେ ଏକ ଜିଲ୍ଲା ଯୋଜନା ସମିତି ଗଠନ କରାଯିବ, ଯିଏକି ଜିଲ୍ଲାର ପଞ୍ଚାୟତ ଏବଂ ପୌରପାଳିକାଗୁଡ଼ିକଦ୍ୱାରା ଏବଂ ପ୍ରସ୍ତୁତ କରାଯାଇଥିବା ଯୋଜନାକୁ ଏକତ୍ରିତ କରିବେ ଏବଂ ସମୁଦାୟ ଜିଲ୍ଲାପାଇଁ ଏକ ଉନ୍ନୟନ ଯୋଜନାର ଖସଡ଼ା ପ୍ରସ୍ତୁତ କରିବେ ।

(2) କୌଣସି ରାଜ୍ୟ ବିଧାନମଣ୍ଡଳ ଆଇନଦ୍ୱାରା, ନିମ୍ନଲିଖିତ ବିଷୟରେ ବ୍ୟବସ୍ଥା ପ୍ରଣୟନ କରିପାରିବେ—

(*a*) ଜିଲ୍ଲା ଯୋଜନା ସମିତିର ସଂରଚନା;

(*b*) କେଉଁ ପଦ୍ଧତି ଅନୁଯାୟୀ ଏପରି ସମିତିର ଆସନ ପୂରଣ କରାଯିବ:

କିନ୍ତୁ, ଏପରି ସମିତିର ସମୁଦାୟ ସଦସ୍ୟଙ୍କ ମଧ୍ୟରୁ ଅତିକମରେ ଚାରି-ପଞ୍ଚମାଂଶ ସଦସ୍ୟ ଜିଲ୍ଲାସ୍ତରରେ ଥିବା ପଞ୍ଚାୟତ ଏବଂ ଜିଲ୍ଲାର ପୌରପାଳିକାର ସଦସ୍ୟଙ୍କଦ୍ୱାରା ଏବଂ ସେମାନଙ୍କ ମଧ୍ୟରୁ ଜିଲ୍ଲାର ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ଜନସଂଖ୍ୟା ମଧ୍ୟରୁ ଆନୁପାତିକ ଭିତ୍ତିରେ ନିର୍ବାଚିତ ହେବେ;

(*c*) ଜିଲ୍ଲା ଯୋଜନା ସମ୍ବନ୍ଧରେ କାର୍ଯ୍ୟ ଯାହାକି ଏପରି ସମିତିକୁ ନ୍ୟସ୍ତ କରାଯାଇପାରେ;

(*d*) କେଉଁ ପଦ୍ଧତିରେ, ଏପରି ସମିତିର ଅଧ୍ୟକ୍ଷଙ୍କୁ ବଛାଯିବ ।

(3) ପ୍ରତ୍ୟେକ ଜିଲ୍ଲା ଯୋଜନା ସମିତି ଉନ୍ନୟନ ଯୋଜନା ଖସଡ଼ା ପ୍ରସ୍ତୁତ କରିବାରେ,—

(*a*) ନିମ୍ନଲିଖିତ ବିଷୟକୁ ବିଚାରକୁ ନେବେ—

(*i*) ପଞ୍ଚାୟତ ଏବଂ ପୌରପାଳିକା ମଧ୍ୟରେ ସାଧାରଣ ସ୍ୱାର୍ଥ ଜନିତ ବିଷୟବସ୍ତୁ ଯାହାକି ସ୍ଥାନ ସମ୍ବନ୍ଧୀୟ ଯୋଜନା, ଜଳ ଏବଂ ଅନ୍ୟ ଭୌତିକ ଏବଂ ପ୍ରାକୃତିକ ସମ୍ବଳର ବଣ୍ଟନ, ସମନ୍ୱିତ ନିର୍ମାଣ ଉନ୍ନୟନ ଏବଂ ପରିବେଶର ସଂରକ୍ଷଣ;

(*ii*) ଉପଲବ୍ଧ ହେଉଥିବା ଆର୍ଥିକ କିମ୍ବା ଅନ୍ୟ ସଂସାଧନରେ ପରିମାଣ ଏବଂ ଆକାର ପ୍ରକାର;

(*b*) ଏପରି ଅନୁଷ୍ଠାନ ଏବଂ ସଂସ୍ଥା ସହିତ ପରାମର୍ଶ କରିବା, ଯାହାକି ରାଜ୍ୟପାଳ, ଆଦେଶଦ୍ୱାରା, ଧାର୍ଯ୍ୟ କରିବେ ।

(4) ପ୍ରତ୍ୟେକ ଜିଲ୍ଲା ଯୋଜନା ସମିତିର ଅଧ୍ୟକ୍ଷ, ଏପରି ସମିତିଦ୍ୱାରା ସୁପାରିଶ କରାଯାଇଥିବା ଉନ୍ନୟନ ଯୋଜନାକୁ, ରାଜ୍ୟ ସରକାରଙ୍କ ନିକଟକୁ ପ୍ରେରଣ କରିବେ ।

**243ZE. ମହାନଗର ଯୋଜନା ନିମନ୍ତେ ସମିତି—** (1) ସମୁଦାୟ ମହାନଗର ଅଞ୍ଚଳର ଉନ୍ନୟନ ଯୋଜନା ଖସଡ଼ା ପ୍ରସ୍ତୁତ କରିବା ପାଇଁ, ପ୍ରତ୍ୟେକ ମହାନଗର ଅଞ୍ଚଳ ନିମନ୍ତେ ଏକ ମହାନଗର ଯୋଜନା ସମିତି ଗଠନ କରାଯିବ ।

(2) କୌଣସି ରାଜ୍ୟ ବିଧାନମଣ୍ଡଳ ଆଇନଦ୍ୱାରା, ନିମ୍ନଲିଖିତ ବିଷୟ ଉପରେ ବ୍ୟବସ୍ଥା କରିପାରନ୍ତି—

(*a*) ମହାନଗର ଯୋଜନା ସମିତିର ସଂରଚନା;

(*b*) କେଉଁ ପଦ୍ଧତିରେ, ଏପରି ସମିତିର ଆସନ ପୂରଣ କରାଯିବ:

କିନ୍ତୁ, ଏପରି ସମିତିର ଅତିକମରେ ଦୁଇ-ତୃତୀୟାଂଶ ସଦସ୍ୟ ମହାନଗର ଅଞ୍ଚଳରେ ଥିବା ପଞ୍ଚାୟତଗୁଡ଼ିକର ନିର୍ବାଚିତ ଅଧ୍ୟକ୍ଷ ଏବଂ ପୌରପାଳିକାଗୁଡ଼ିକର ନିର୍ବାଚିତ ସଦସ୍ୟଙ୍କ ମଧ୍ୟରୁ ଏବଂ ସେମାନଙ୍କଦ୍ୱାରା, ସେହି ଅଞ୍ଚଳରେ ଥିବା ପୌରପାଳିକା ଏବଂ ପଞ୍ଚାୟତର ଜନସଂଖ୍ୟା ମଧ୍ୟରେ ଥିବା ଆନୁପାତିକ ହାରରେ ନିର୍ବାଚିତ ହେବେ;

(*c*) ଏପରି ସମିତି ଉପରେ ନ୍ୟସ୍ତ କରାଯାଇଥିବା କାର୍ଯ୍ୟାବଳୀକୁ ସମ୍ପାଦନ କରିବା ପାଇଁ ଆବଶ୍ୟକ ମନେ କରାଯାଉଥିବା ଅନୁଯାୟୀ, କେନ୍ଦ୍ର ସରକାର, ରାଜ୍ୟ ସରକାର ଏବଂ ଏପରି ସଂସ୍ଥା ଏବଂ ଅନୁଷ୍ଠାନର ଏପରି ସମିତିର ପ୍ରତିନିଧିତ୍ୱ;

(*d*) ମହାନଗର ଅଞ୍ଚଳର ଯୋଜନା ଏବଂ ସମନ୍ୱୟତା ସହିତ ସମ୍ପୃକ୍ତ କାର୍ଯ୍ୟ ଯାହା ଏପରି ସମିତି ଉପରେ ନ୍ୟସ୍ତ କରାଯାଇପାରେ;

(*e*) କେଉଁ ପଦ୍ଧତିରେ ଏପରି ସମିତିର ଅଧ୍ୟକ୍ଷଙ୍କୁ ଚୟନ କରାଯିବ ।

(3) ପ୍ରତ୍ୟେକ ମହାନଗର ଯୋଜନା ସମିତି, ଉନ୍ନୟନ ଯୋଜନା ଖସଡ଼ା ପ୍ରସ୍ତୁତ କରିବାରେ,—

(*a*) ନିମ୍ନଲିଖିତ ବିଷୟକୁ ବିଚାରକୁ ନେବେ—

(*i*) ମହାନଗର ଅଞ୍ଚଳରେ ପୌରପାଳିକା ଏବଂ ପଞ୍ଚାୟତଦ୍ୱାରା ପ୍ରସ୍ତୁତ କରାଯାଇଥିବା ଯୋଜନା;

(*ii*) ପଞ୍ଚାୟତ ଏବଂ ପୌରପାଳିକା ମଧ୍ୟରେ ସାଧାରଣ ସ୍ୱାର୍ଥ ଜନିତ ବିଷୟବସ୍ତୁ, ଯାହାକି ସ୍ଥାନ ସମ୍ବନ୍ଧୀୟ ଯୋଜନା, ଜଳ ଏବଂ ଅନ୍ୟ ଭୌତିକ ଏବଂ ପ୍ରାକୃତିକ ସମ୍ବଳର ବଣ୍ଟନ, ସମନ୍ୱିତ ନିର୍ମାଣ ଉନ୍ନୟନ ଏବଂ ପରିବେଶ ସଂରକ୍ଷଣ;

(*iii*) ଭାରତ ସରକାର ଏବଂ ରାଜ୍ୟ ସରକାରଙ୍କଦ୍ୱାରା ଧାର୍ଯ୍ୟ କରାଯାଇଥିବା ସାମଗ୍ରିକ ଉଦ୍ଦେଶ୍ୟ ଏବଂ ଅଗ୍ରାଧିକାର;

(*iv*) ଭାରତ ସରକାରଙ୍କର ସଂସ୍ଥା ଏବଂ ରାଜ୍ୟ ସରକାରଙ୍କ ସଂସ୍ଥାଦ୍ୱାରା ଏବଂ ଅନ୍ୟ ଉପଲବ୍ଧ ସମ୍ବଳ, ଯାହା ଆର୍ଥିକ କିମ୍ବା ଅନ୍ୟ ସଂସାଧନ ହୋଇପାରେ, ମହାନଗର ନିଗମ ଅଞ୍ଚଳରେ ବିନିଯୋଗ କରିବାର ପରିମାଣ ଏବଂ ପ୍ରକୃତି;

(*b*) ରାଜ୍ୟପାଳ, ଆଦେଶ ବଳରେ ଯାହା ଧାର୍ଯ୍ୟ କରିବେ, ସେପରି ଅନୁଷ୍ଠାନ ଏବଂ ସଙ୍ଗଠନ ସହିତ ପରାମର୍ଶ କରିବେ ।

(4) ପ୍ରତ୍ୟେକ ମହାନଗର ଯୋଜନା ସମିତିର ଅଧ୍ୟକ୍ଷ, ସମିତିଦ୍ୱାରା ସୁପାରିଶ କରାଯାଇଥିବା ଉନ୍ନୟନ ଯୋଜନାକୁ, ରାଜ୍ୟ ସରକାରଙ୍କ ନିକଟକୁ ପ୍ରେରଣ କରିବେ ।

**243ZF. ପ୍ରଚଳିତ ଆଇନ ଏବଂ ପୌରପାଳିକାର କ୍ରମାଗତ ଚଳନ—** ଏହି ଭାଗରେ ଯାହା କିଛି ବ୍ୟବସ୍ଥା ଥିବା ସତ୍ତ୍ୱେ, ସମ୍ବିଧାନର (74ତମ ସଂଶୋଧନ) ଅଧିନିୟମ, 1992ର ପ୍ରାରମ୍ଭର ଠିକ ପୂର୍ବରୁ, କୌଣସି ରାଜ୍ୟରେ ପୌରପାଳିକା ସମ୍ବନ୍ଧରେ ବଳବତ୍ତର ଥିବା କୌଣସି ଆଇନର ବ୍ୟବସ୍ଥା, ଯାହାକି ଏହି ଭାଗର ବ୍ୟବସ୍ଥା ସହିତ ଅସାମଞ୍ଜସ୍ୟ ଅଟେ, ସେ ପର୍ଯ୍ୟନ୍ତ ବଳବତ୍ତର ରହିବ, ଯେପର୍ଯ୍ୟନ୍ତ କୌଣସି ଦକ୍ଷ ବିଧାନମଣ୍ଡଳ କିମ୍ବା ଅନ୍ୟ କୌଣସି ଦକ୍ଷ ଅଧିକାରୀଙ୍କଦ୍ୱାରା ସଂଶୋଧିତ ନହୋଇଛି କିମ୍ବା ରଦ୍ଦ ନହୋଇଛି କିମ୍ବା ଏପରି ପ୍ରଚଳନର ଏକବର୍ଷ ଅତିବାହିତ ହେବା ପର୍ଯ୍ୟନ୍ତ, ତନ୍ମଧ୍ୟରୁ ଯେଉଁଟି ପ୍ରଥମ ହୋଇଥିବ:

କିନ୍ତୁ, ଏପରି ପ୍ରଚଳନର ଠିକ ପୂର୍ବରୁ ପ୍ରଚଳିତ ସମସ୍ତ ପୌରପାଳିକା, ନିଜର ଅବଧି ସମାପ୍ତ ହେବା ପର୍ଯ୍ୟନ୍ତ କାର୍ଯ୍ୟ କରିବେ, ଯଦି ସେହି ରାଜ୍ୟର ବିଧାନସଭାଦ୍ୱାରା କିମ୍ବା ଯେଉଁ ରାଜ୍ୟରେ ବିଧାନ ପରିଷଦ ଅଛି, ସେହି ରାଜ୍ୟର ବିଧାନମଣ୍ଡଳର ପ୍ରତ୍ୟେକ ସଦନଦ୍ୱାରା ଗୃହୀତ କୌଣସି ପ୍ରସ୍ତାବଦ୍ୱାରା ଭଙ୍ଗ ହୋଇନଥାଏ ।

**243ZG. ନିର୍ବାଚନ ସମ୍ବନ୍ଧୀୟ ବିଷୟରେ ନ୍ୟାୟାଳୟର ହସ୍ତକ୍ଷେପରେ ପ୍ରତିବନ୍ଧତା—** ଏହି ସମ୍ବିଧାନରେ ଯାହାକିଛି ବ୍ୟବସ୍ଥା ଥିବା ସତ୍ତ୍ୱେ,—

(*a*) ନିର୍ବାଚନ ମଣ୍ଡଳୀର ସୀମା ନିରୂପଣ କିମ୍ବା ଏପରି ନିର୍ବାଚନ ମଣ୍ଡଳୀର ଆସନର ଆବଣ୍ଟନ ସମ୍ବନ୍ଧରେ କୌଣସି ଆଇନର ବୈଧତାକୁ ଅନୁଚ୍ଛେଦ 243ZA ଅନୁଯାୟୀ ପ୍ରଣୀତ ହୋଇଥାଏ, ସେ ସମ୍ବନ୍ଧୀୟ ପ୍ରଶ୍ନ କୌଣସି ନ୍ୟାୟାଳୟରେ ଆହ୍ୱାନ କରାଯାଇପାରିବ ନାହିଁ;

(*b*) କୌଣସି ରାଜ୍ୟ ବିଧାନମଣ୍ଡଳଦ୍ୱାରା କିମ୍ବା ବିଧାନମଣ୍ଡଳ ଅଧୀନରେ ପ୍ରଣୀତ କୌଣସି ଆଇନ ଅନୁଯାୟୀ ଏପରି ବ୍ୟବସ୍ଥାୟିତ ପଦ୍ଧତି ଅନୁଯାୟୀ କିମ୍ବା ଏପରି ଅଧିକାରୀଙ୍କ ସମ୍ମୁଖରେ ନିର୍ବାଚନ ଆବେଦନ ପତ୍ର ଦାଖଲ କରିବା ବ୍ୟତୀତ, କୌଣସି ପୌରପାଳିକାର ନିର୍ବାଚନ ବିଷୟରେ କୌଣସି ପ୍ରଶ୍ନ ଉଠାଯାଇପାରିବ ନାହିଁ ।]

# [1][ଭାଗ - 9B

## ସମବାୟ ସମିତି

**243ZH. ପରିଭାଷା—** ଏହି ଭାଗରେ ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁନଥିଲେ,—

(*a*) "ପ୍ରାଧିକୃତ ବ୍ୟକ୍ତି" ଅର୍ଥ ଅନୁଚ୍ଛେଦ 243ZQରେ ସେହିପରି ଉଲ୍ଲେଖିତ ଜଣେ ବ୍ୟକ୍ତି;

(*b*) "ମଣ୍ଡଳ" ଅର୍ଥ ନିର୍ଦ୍ଦେଶକମାନଙ୍କର ମଣ୍ଡଳୀ କିମ୍ବା ଏକ ସମବାୟ ସମିତିର ପରିଚାଳନା ସମିତି, ଯେଉଁ ନାମଦ୍ୱାରା ଡକାଯାଉ, ଯାହାକୁ ଏକ ସମିତିର ବ୍ୟାପାର ପରିଚାଳନାର ନିର୍ଦ୍ଦେଶନା ଏବଂ ନିୟନ୍ତ୍ରଣ ନ୍ୟସ୍ତ ହୋଇଥାଏ;

(*c*) "ସମବାୟ ସମିତି" ଅର୍ଥ କୌଣସି ରାଜ୍ୟରେ ସେହି ସମୟ ପାଇଁ ବଳବତ୍ତର ଥିବା ସମବାୟ ସମିତି ସମ୍ପର୍କରେ କୌଣସି ଆଇନ ଅନୁଯାୟୀ ପଞ୍ଜୀକୃତ କିମ୍ବା ପଞ୍ଜୀକରଣ ହେବାକୁ ବିବେଚିତ ହୋଇଥିବା ଏକ ସମିତି;

(*d*) "ବହୁ ରାଜ୍ୟ ସମବାୟ ସମିତି" ଅର୍ଥ ଗୋଟିଏ ରାଜ୍ୟକୁ ସୀମିତ ନଥିବା ଉଦ୍ଦେଶ୍ୟ ସହିତ, ସେହି ସମୟରେ ବଳବତ୍ତର ସେପରି ସମବାୟ ସମିତି ସମ୍ପର୍କୀତ କୌଣସି ଆଇନ ଅନୁଯାୟୀ, ପଞ୍ଜୀକୃତ କିମ୍ବା ପଞ୍ଜୀକରଣ ପାଇଁ ବିବେଚିତ ଏକ ସମିତି;

(*e*) "ପଦାଧିକାରୀ" ଅର୍ଥ ଏକ ସମବାୟ ସମିତିର ଜଣେ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ସଚିବ କିମ୍ବା କୋଷାଧ୍ୟକ୍ଷ ଏବଂ ଏହା କୌଣସି ସମବାୟ ସମିତିର ମଣ୍ଡଳଦ୍ୱାରା ନିର୍ବାଚିତ ହେବାକୁ ଥିବା ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଅନ୍ତର୍ଭୁକ୍ତ କରିବ;

(*f*) "କୁଳସଚିବ" ଅର୍ଥ ବହୁରାଜ୍ୟ ସମବାୟ ସମିତିଗୁଡ଼ିକ ସମ୍ପର୍କରେ କେନ୍ଦ୍ର ସରକାରଙ୍କଦ୍ୱାରା ନିଯୁକ୍ତ କେନ୍ଦ୍ରୀୟ କୁଳସଚିବ ଏବଂ ସମବାୟ ସମିତିଗୁଡ଼ିକ ସମ୍ପର୍କରେ ଏକ ରାଜ୍ୟର ବିଧାନମଣ୍ଡଳଦ୍ୱାରା କରାଯାଇଥିବା ଆଇନ ଅନୁଯାୟୀ ରାଜ୍ୟ ସରକାରଙ୍କଦ୍ୱାରା ସମବାୟ ସମିତି ପାଇଁ ନିଯୁକ୍ତ କୁଳସଚିବ;

(*g*) "ରାଜ୍ୟ ଅଧିନିୟମ" ଅର୍ଥ ଏକ ରାଜ୍ୟର ବିଧାନମଣ୍ଡଳଦ୍ୱାରା ପ୍ରସ୍ତୁତ କରାଯାଇଥିବା କୌଣସି ଆଇନ;

(*h*) "ରାଜ୍ୟସ୍ତରୀୟ ସମବାୟ ସମିତି" ଅର୍ଥ ଏକ ସମବାୟ ସମିତି ଯାହାର କାର୍ଯ୍ୟକ୍ଷେତ୍ର ସମଗ୍ର ରାଜ୍ୟ ପର୍ଯ୍ୟନ୍ତ ବିସ୍ତୃତ ଏବଂ ଏକ ରାଜ୍ୟ ବିଧାନମଣ୍ଡଳଦ୍ୱାରା ପ୍ରସ୍ତୁତ କୌଣସି ଆଇନ ଅନୁସାରେ ପରିଭାଷିତ ।

**243ZI. ସମବାୟ ସମିତିର ଅନ୍ତର୍ଭୁକ୍ତିକରଣ—** ଏହି ଭାଗର ବ୍ୟବସ୍ଥା ଅଧୀନରେ, ଏକ ରାଜ୍ୟର ବିଧାନମଣ୍ଡଳ ଆଇନଦ୍ୱାରା ସ୍ୱେଚ୍ଛାକୃତ ଗଠନ, ଗଣତାନ୍ତ୍ରିକ ସଦସ୍ୟ-ନିୟନ୍ତ୍ରଣ, ସଦସ୍ୟ-ଅର୍ଥନୈତିକ ଅଂଶଗ୍ରହଣ ଏବଂ ସ୍ୱୟଂଶାସିତ କାର୍ଯ୍ୟକାରିତାର ସିଦ୍ଧାନ୍ତ ଉପରେ ଆଧାରିତ ସମବାୟ ସମିତିର ଅନ୍ତର୍ଭୁକ୍ତିକରଣ, ନିୟନ୍ତ୍ରଣ ଏବଂ ପରିସମାପନ ସମ୍ବନ୍ଧରେ ବ୍ୟବସ୍ଥା ପ୍ରସ୍ତୁତ କରିବ ।

[1] ସମ୍ବିଧାନ (97ତମ ସଂଶୋଧନ) ଅଧିନିୟମ, 2011, ଧାରା 4ଦ୍ୱାରା ଭାଗ 9Bକୁ ସନ୍ନିବେଶିତ କରାଯାଇଛି (15-2-2012 ଠାରୁ କାର୍ଯ୍ୟକାରୀ) ।

**243ZJ. ମଣ୍ଡଳର ସଦସ୍ୟ ଏବଂ ପଦାଧିକାରୀମାନଙ୍କର ସଂଖ୍ୟା ଏବଂ କାର୍ଯ୍ୟକାଳ—** (1) ମଣ୍ଡଳର କେତେ ଜଣ ନିର୍ଦ୍ଦେଶକ ରହିବେ ତାହା ରାଜ୍ୟର ବିଧାନମଣ୍ଡଳ ଆଇନଦ୍ୱାରା ନିର୍ଦ୍ଧାରିତ କରିବ:

କିନ୍ତୁ, ଏକ ସମବାୟ ସମିତିର ନିର୍ଦ୍ଦେଶକମାନଙ୍କର ସଂଖ୍ୟା 21ରୁ ଅଧିକ ହେବ ନାହିଁ:

ଅଧିକନ୍ତୁ, କୌଣସି ରାଜ୍ୟର ବିଧାନମଣ୍ଡଳ, ଆଇନଦ୍ୱାରା, ପ୍ରତ୍ୟେକ ସମବାୟ ସମିତିର ମଣ୍ଡଳ ପାଇଁ ଅନୁସୂଚିତ ଜାତି ଓ ଜନଜାତି ପାଇଁ ଗୋଟିଏ ଆସନ ଏବଂ ମହିଳାଙ୍କ ପାଇଁ ଦୁଇଟି ଆସନ ସଂରକ୍ଷଣ ପାଇଁ ବ୍ୟବସ୍ଥା କରିବେ ଯାହାକି ସଦସ୍ୟଭାବରେ ବ୍ୟକ୍ତିମାନଙ୍କୁ ନେଇ ଗଠିତ ହୋଇଥିବ ଏବଂ ଯେଉଁଥିରେ ଏପରି ବର୍ଗ ଓ ଶ୍ରେଣୀର ବ୍ୟକ୍ତି, ସଦସ୍ୟ ଥିବେ ।

(2) ମଣ୍ଡଳର ନିର୍ବାଚିତ ସଦସ୍ୟ ଏବଂ ଏହାର ପଦାଧିକାରୀମାନଙ୍କ କାର୍ଯ୍ୟକାଳ, ନିର୍ବାଚନ ତାରିଖଠାରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ହେବ ଏବଂ ପଦାଧିକାରୀଙ୍କ କାର୍ଯ୍ୟକାଳ, ମଣ୍ଡଳର କାର୍ଯ୍ୟକାଳ ସହିତ ସମାନ ହେବ:

କିନ୍ତୁ, ଯଦି ମଣ୍ଡଳର କାର୍ଯ୍ୟକାଳ ଏହାର ମୂଳ ଅବଧିର ଅଧାରୁ କମ୍ ହୋଇଥାଏ, ତେବେ ଯେଉଁ ବର୍ଗର ସଦସ୍ୟଙ୍କ କ୍ଷେତ୍ରରେ ଅସ୍ଥାୟୀ ପଦବୀ ସୃଷ୍ଟି ହୋଇଛି, ସେହି ବର୍ଗର ସଦସ୍ୟମାନଙ୍କ ମଧ୍ୟରୁ, ମନୋନୟନଦ୍ୱାରା ମଣ୍ଡଳ ଏକ ଅସ୍ଥାୟୀ ପଦବୀ ପୂରଣ କରିପାରିବ ।

(3) କୌଣସି ରାଜ୍ୟର ବିଧାନମଣ୍ଡଳ ଆଇନଦ୍ୱାରା ଏମିତି ସମିତିର ମଣ୍ଡଳର ସଦସ୍ୟଭାବରେ ବ୍ୟାଙ୍କ କ୍ଷେତ୍ରରେ, ପରିଚାଳନା, ଅର୍ଥ କ୍ଷେତ୍ରରେ ଅଭିଜ୍ଞତା ଥିବା କିମ୍ବା ସମବାୟ ସମିତିର ଉଦ୍ଦେଶ୍ୟ ଏବଂ ଏହାଦ୍ୱାରା କରାଯିବାକୁ ଥିବା କାର୍ଯ୍ୟକଳାପ ସମ୍ବନ୍ଧରେ ଅନ୍ୟ କୌଣସି କ୍ଷେତ୍ରରେ ବିଶେଷଜ୍ଞତା ଥିବା ବ୍ୟକ୍ତିମାନଙ୍କୁ ମଣ୍ଡଳର ସଦସ୍ୟମାନଙ୍କୁ ସହ-ମନୋନୟନ କରିବା ପାଇଁ ବ୍ୟବସ୍ଥା କରିପାରିବେ:

କିନ୍ତୁ, ଏପରି ସହ-ମନୋନୀତ ସଦସ୍ୟଙ୍କର ସଂଖ୍ୟା, ଖଣ୍ଡ (1)ରେ ପ୍ରଥମ ପ୍ରତିବନ୍ଧରେ ନିର୍ଦ୍ଦିଷ୍ଟ ହୋଇଥିବା ଏକୋଇଶି ଜଣ ନିର୍ଦ୍ଦେଶକଙ୍କ ସହିତ ଦୁଇରୁ ଅଧିକ ହେବେ ନାହିଁ:

ଅଧିକନ୍ତୁ, ଏହିପରି ସହ-ମନୋନୀତ ସଦସ୍ୟଙ୍କର ସମବାୟ ସମିତିର କୌଣସି ନିର୍ବାଚନରେ ଏପରି ସଦସ୍ୟଭାବେ ସେମାନଙ୍କ କ୍ଷମତା ଅନୁସାରେ ମତଦାନ କରିବାର କିମ୍ବା ମଣ୍ଡଳର ପଦାଧିକାରୀଭାବେ ନିର୍ବାଚିତ ହେବାର ଅଧିକାର ରହିବ ନାହିଁ :

ପୁନଶ୍ଚ, କୌଣସି ସମବାୟ ସମିତିର କାର୍ଯ୍ୟକ୍ଷମ ନିର୍ଦ୍ଦେଶକମାନେ ମଧ୍ୟ ମଣ୍ଡଳର ସଦସ୍ୟ ରହିବେ ଏବଂ ଖଣ୍ଡ (1)ର ପ୍ରଥମ ପ୍ରତିବନ୍ଧରେ ନିର୍ଦ୍ଦିଷ୍ଟ ହୋଇଥିବା ମୋଟ ନିର୍ଦ୍ଦେଶକଙ୍କ ସଂଖ୍ୟାକୁ ଗଣନା କରିବା ଉଦ୍ଦେଶ୍ୟରେ ଏହିପରି ସଦସ୍ୟମାନଙ୍କୁ ବାଦ୍ ଦିଆଯିବ ।

**243ZK. ମଣ୍ଡଳର ସଦସ୍ୟମାନଙ୍କର ନିର୍ବାଚନ—** (1) ରାଜ୍ୟର ବିଧାନମଣ୍ଡଳଦ୍ୱାରା ପ୍ରସ୍ତୁତ କୌଣସି ଆଇନରେ ଯାହା କିଛି ବ୍ୟବସ୍ଥା ଥିବା ସତ୍ତ୍ୱେ, ମଣ୍ଡଳର କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ଏକ ମଣ୍ଡଳର ନିର୍ବାଚନ କରାଯିବ, ଯେଉଁଥିରେ ଏହା ନିଶ୍ଚିତ କରାଯିବ କି ମଣ୍ଡଳର ନବ ନିର୍ବାଚିତ ସଦସ୍ୟ ବିଦାୟ ନେଉଥିବା ମଣ୍ଡଳର ସଦସ୍ୟଙ୍କ କାର୍ଯ୍ୟକାଳର ଅବଧି ଶେଷ ହେବା ଠିକ ପରେ ତୁରନ୍ତ କାର୍ଯ୍ୟଭାର ଗ୍ରହଣ କରିପାରିବେ ।

(2) ଏକ ସମବାୟ ସମିତିର ସମସ୍ତ ନିର୍ବାଚନପାଇଁ ମତଦାତାଙ୍କ ତାଲିକା ପ୍ରସ୍ତୁତ କରିବା ଏବଂ ପରିଚାଳନା କରିବା ଉପରେ ତତ୍ତ୍ୱାବଧାନ, ନିର୍ଦ୍ଦେଶ ଏବଂ ନିୟନ୍ତ୍ରଣ, ଏପରି ଏକ କର୍ତ୍ତୃପକ୍ଷ କିମ୍ବା ସଂସ୍ଥାରେ ନ୍ୟସ୍ତ ହେବ, ଯାହା ଆଇନଦ୍ୱାରା ରାଜ୍ୟର ବିଧାନମଣ୍ଡଳଦ୍ୱାରା ବ୍ୟବସ୍ଥିତ କରାଯାଇପାରେ:

କିନ୍ତୁ, ଏକ ରାଜ୍ୟର ବିଧାନମଣ୍ଡଳ ଆଇନଦ୍ୱାରା ଏପରି ନିର୍ବାଚନଗୁଡ଼ିକର ପରିଚାଳନା ପାଇଁ ପ୍ରକ୍ରିୟା ଏବଂ ନିୟମାବଳୀର ବ୍ୟବସ୍ଥା କରିପାରିବେ ।

**243ZL. ମଣ୍ଡଳର ଅଧିକ୍ରମଣ ଏବଂ ନିଲମ୍ବନ ଏବଂ ମଧ୍ୟବର୍ତ୍ତୀକାଳୀନ ପରିଚାଳନା—** (1) ସେହି ସମୟରେ ବଳବତ୍ତର ଥିବା କୌଣସି ଆଇନରେ ଯାହା କିଛି ଥିବା ସତ୍ତ୍ୱେ, କୌଣସି ମଣ୍ଡଳକୁ ଛଅମାସରୁ ଅଧିକ ସମୟ ପାଇଁ ଅଧିକ୍ରମଣ କିମ୍ବା ନିଲମ୍ବନ କରାଯାଇପାରିବ ନାହିଁ:

କିନ୍ତୁ, ନିମ୍ନମତେ ମଣ୍ଡଳକୁ ଅଧିକ୍ରମଣ କିମ୍ବା ନିଲମ୍ବନ କରାଯାଇପାରିବ ଯେତେବେଳେ—

(*i*) ଏହାର କାର୍ଯ୍ୟରେ ବାରମ୍ବାର ଅସମାନତା ଦେଖାଦେଲେ; କିମ୍ବା

(*ii*) ଏହାର କର୍ତ୍ତବ୍ୟପାଳନରେ ଅବହେଳା ଉତ୍ପନ୍ନ ହେଲେ; କିମ୍ବା

(*iii*) ମଣ୍ଡଳଦ୍ୱାରା ସମବାୟ ସମିତି କିମ୍ବା ଏହାର ସଦସ୍ୟମାନଙ୍କର ସ୍ୱାର୍ଥରେ ପ୍ରତିକୂଳ କାର୍ଯ୍ୟ ସଂଘଟିତ ହେବାର ଦେଖାଗଲେ; କିମ୍ବା

(*iv*) ମଣ୍ଡଳର ଗଠନ କିମ୍ବା ଏହାର କାର୍ଯ୍ୟରେ ଗତିରୋଧ ଦେଖାଗଲେ; କିମ୍ବା

(*v*) ରାଜ୍ୟ ବିଧାନମଣ୍ଡଳ ଆଇନଦ୍ୱାରା ଅନୁଚ୍ଛେଦ 243ZKର ଖଣ୍ଡ (2) ଅନୁଯାୟୀ ବ୍ୟବସ୍ଥା କରିଥିବା କର୍ତ୍ତୃପକ୍ଷ କିମ୍ବା ସଂସ୍ଥା, ରାଜ୍ୟ ଅଧିନିୟମର ବ୍ୟବସ୍ଥା ଅନୁସାରେ ନିର୍ବାଚନଗୁଡ଼ିକୁ ପରିଚାଳନା କରିବାରେ ଅସଫଳ ହେଲେ:

ଅଧିକନ୍ତୁ, ଏପରି କୌଣସି ସମବାୟ ସମିତିର ମଣ୍ଡଳକୁ ଅଧିକ୍ରମଣ କିମ୍ବା ନିଲମ୍ବନ କରାଯିବ ନାହିଁ ଯେଉଁଠାରେ, କୌଣସି ସରକାରୀ ଅଂଶୀଦାରତା କିମ୍ବା ଋଣ କିମ୍ବା ଆର୍ଥିକ ସହାୟତା କିମ୍ବା ସରକାରଙ୍କଦ୍ୱାରା କୌଣସି ପ୍ରତିଭୂତି ନଥିବ:

ପୁନଶ୍ଚ, ବ୍ୟାଙ୍କ କାରବାର କରୁଥିବା କୌଣସି ଏକ ସମବାୟ ସମିତି ପାଇଁ ବ୍ୟାଙ୍କ ନିୟନ୍ତ୍ରଣ ଅଧିନିୟମ, (1949ର 10ନଂ)ର ବ୍ୟବସ୍ଥା ମଧ୍ୟ ପ୍ରୟୋଗ ହେବ:

ପୁନଶ୍ଚ, ବ୍ୟାଙ୍କ କାରବାର କରୁଥିବା ବହୁ-ରାଜ୍ୟ ସମବାୟ ସମିତି ବ୍ୟତୀତ, ଏକ ସମବାୟ ସମିତି କ୍ଷେତ୍ରରେ ଏହି ଖଣ୍ଡର ବ୍ୟବସ୍ଥା ସେପରି ପ୍ରଭାବୀ ହେବ, ଯେପରିକି 'ଛଅମାସ' ଶବ୍ଦପାଇଁ 'ଏକବର୍ଷ' ଶବ୍ଦ ପ୍ରତିସ୍ଥାପିତ କରାଯାଇଥିଲା ।

(2) ଏକ ମଣ୍ଡଳର ଅଧିକ୍ରମଣ କ୍ଷେତ୍ରରେ ଏପରି ସମବାୟ ସମିତିର କାର୍ଯ୍ୟ ପରିଚାଳନା ପାଇଁ ନିଯୁକ୍ତ ପ୍ରଶାସକ, ଖଣ୍ଡ (1)ରେ ନିର୍ଦ୍ଦିଷ୍ଟ ହୋଇଥିବା ସମୟ ମଧ୍ୟରେ ନିର୍ବାଚନ ପରିଚାଳନା କରିବା ପାଇଁ ଆୟୋଜନ କରିବେ ଏବଂ ନିର୍ବାଚିତ ମଣ୍ଡଳକୁ ପରିଚାଳନା ହସ୍ତାନ୍ତର କରିବେ ।

(3) ଏକ ରାଜ୍ୟର ବିଧାନମଣ୍ଡଳ, ଆଇନଦ୍ୱାରା ପ୍ରଶାସକଙ୍କର କାର୍ଯ୍ୟ ସର୍ତ୍ତାବଳୀ ପାଇଁ ବ୍ୟବସ୍ଥା ପ୍ରସ୍ତୁତ କରିପାରିବେ ।

**243ZM. ସମବାୟ ସମିତିର ହିସାବର ସମୀକ୍ଷା—** (1) ଏକ ରାଜ୍ୟର ବିଧାନମଣ୍ଡଳ, ଆଇନଦ୍ୱାରା ସମବାୟ ସମିତିଦ୍ୱାରା ହିସାବପତ୍ରର ରକ୍ଷଣାବେକ୍ଷଣ ସମ୍ବନ୍ଧରେ ଏବଂ ପ୍ରତି ଆର୍ଥିକ ବର୍ଷରେ ଅତିକମରେ ଥରେ ହିସାବର ସମୀକ୍ଷା ପାଇଁ ବ୍ୟବସ୍ଥା ପ୍ରସ୍ତୁତ କରିବେ ।

(2) ଏକ ରାଜ୍ୟର ବିଧାନମଣ୍ଡଳ; ଆଇନଦ୍ୱାରା ସମୀକ୍ଷକମାନଙ୍କର ଏବଂ ସମୀକ୍ଷା କରୁଥିବା ବ୍ୟବସାୟିକ ପ୍ରତିଷ୍ଠାନର ନ୍ୟୁନତମ ଶିକ୍ଷାଗତ ଯୋଗ୍ୟତା ଏବଂ ଅଭିଜ୍ଞତା ନିର୍ଦ୍ଧାରଣ କରିବେ, ଯେଉଁମାନେ ସମବାୟ ସମିତିର ହିସାବର ସମୀକ୍ଷା ପାଇଁ ଯୋଗ୍ୟ ହେବେ ।

(3) ପ୍ରତ୍ୟେକ ସମବାୟ ସମିତି, ଖଣ୍ଡ (2)ରେ ଉଲ୍ଲେଖିତ ସମବାୟ ସମିତିର ସାଧାରଣ ସଂସ୍ଥାଦ୍ୱାରା ନିଯୁକ୍ତ ଏକ ସମୀକ୍ଷକ, କିମ୍ବା ସମୀକ୍ଷା ପ୍ରତିଷ୍ଠାନଦ୍ୱାରା ହିସାବର ସମୀକ୍ଷା:

କିନ୍ତୁ, ସେପରି ସମୀକ୍ଷକ କିମ୍ବା ସମୀକ୍ଷା ପ୍ରତିଷ୍ଠାନ ଏକ ରାଜ୍ୟସରକାର କିମ୍ବା ସେଥିପାଇଁ ରାଜ୍ୟ ସରକାରଙ୍କଦ୍ୱାରା ପ୍ରାଧିକୃତ ଏକ କର୍ତ୍ତୃପକ୍ଷଙ୍କଦ୍ୱାରା ଅନୁମୋଦିତ ଏକ ନାମ ତାଲିକାରୁ ନିଯୁକ୍ତ ହେବେ ।

(4) ପ୍ରତ୍ୟେକ ସମବାୟ ସମିତିର ହିସାବ, ଯାହା ସେହି ହିସାବ ସମ୍ପର୍କିତ ଅଟେ, ତାହା ସେହି ଆର୍ଥିକ ବର୍ଷ ସମାପ୍ତିର ଛଅମାସ ମଧ୍ୟରେ ସମୀକ୍ଷା କରାଯିବ।

(5) ରାଜ୍ୟ ଅଧିନିୟମଦ୍ୱାରା ପରିଭାଷିତ କୌଣସି ସର୍ବୋଚ୍ଚ ସମବାୟ ସମିତିର ହିସାବର ସମୀକ୍ଷା ବିବରଣୀ, ରାଜ୍ୟ ବିଧାନମଣ୍ଡଳରେ ସେହି ଅନୁସାରେ ଉପସ୍ଥାପନ କରାଯିବ, ଯାହା ରାଜ୍ୟ ବିଧାନମଣ୍ଡଳଦ୍ୱାରା, ଆଇନଦ୍ୱାରା ବ୍ୟବସ୍ଥା କରିବେ ।

**243ZN. ସାଧାରଣ ବୈଠକର ସଂଯୋଜନା କରିବା—** ଏକ ରାଜ୍ୟର ବିଧାନମଣ୍ଡଳ ଆଇନଦ୍ୱାରା ବ୍ୟବସ୍ଥା ପ୍ରସ୍ତୁତ କରିବେ ଯେ, ପ୍ରତ୍ୟେକ ସମବାୟ ସମିତିର ବାର୍ଷିକ ସାଧାରଣ ବୈଠକ, ବ୍ୟବସାୟର କାରବାର ନିମନ୍ତେ ଆର୍ଥିକ ବର୍ଷର ସମାପ୍ତିର ଛଅମାସ ସମୟକାଳ ମଧ୍ୟରେ ଡକାଯିବ, ଯାହା ଆଇନରେ ବ୍ୟବସ୍ଥା କରାଯାଇପାରିବ ।

**243ZO. ସଦସ୍ୟଙ୍କର ସୂଚନା ପାଇବାର ଅଧିକାର**— (1) ଏକ ରାଜ୍ୟର ବିଧାନମଣ୍ଡଳ ଆଇନଦ୍ୱାରା ଏକ ସମବାୟ ସମିତିର ପ୍ରତ୍ୟେକ ସଦସ୍ୟଙ୍କୁ ସମବାୟ ସମିତିର ବହିପତ୍ର, ସୂଚନା ଏବଂ ହିସାବର ପହଞ୍ଚ ସୁବିଧା, ବ୍ୟବସ୍ଥା କରିବେ, ଯାହା ସେପରି ସଦସ୍ୟମାନଙ୍କ ସହିତ ଏହାର ବ୍ୟବସାୟର ନିୟମିତ କାରବାର ପାଇଁ ରଖାଯାଇପାରିବ ।

(2) ଏକ ରାଜ୍ୟର ବିଧାନମଣ୍ଡଳ ଆଇନଦ୍ୱାରା ସମବାୟ ସମିତିର ପରିଚାଳନାରେ ସଦସ୍ୟମାନଙ୍କ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ପାଇଁ, ସଦସ୍ୟମାନଙ୍କଦ୍ୱାରା ବୈଠକଗୁଡ଼ିକରେ ଯୋଗ ଦେବାର ଏପରି ସର୍ବନିମ୍ନ ଆବଶ୍ୟକତାର ବ୍ୟବସ୍ଥା କରିବେ ଏବଂ ସେବାର ସର୍ବନିମ୍ନ ବ୍ୟବହାର ଉପଯୋଗ କରିବେ, ଯାହା ଏପରି ଆଇନରେ ବ୍ୟବସ୍ଥା କରାଯାଇପାରିବ ।

(3) ଏକ ରାଜ୍ୟର ବିଧାନମଣ୍ଡଳ ଆଇନଦ୍ୱାରା, ଏହାର ସଦସ୍ୟମାନଙ୍କ ପାଇଁ ସମବାୟ ଶିକ୍ଷା ଏବଂ ପ୍ରଶିକ୍ଷଣର ବ୍ୟବସ୍ଥା କରିବେ ।

**243ZP. ବିବରଣୀ—** ପ୍ରତ୍ୟେକ ସମବାୟ ସମିତି ନିମ୍ନଲିଖିତ ବିଷୟ ଅନ୍ତର୍ଭୁକ୍ତ କରି, ରାଜ୍ୟସରକାରଙ୍କଦ୍ୱାରା ନାମିତ କର୍ତ୍ତୃପକ୍ଷଙ୍କୁ ପ୍ରତ୍ୟେକ ଆର୍ଥିକ ବର୍ଷର ସମାପ୍ତିର ଛଅମାସ ମଧ୍ୟରେ ବିବରଣୀ ଦାଖଲ କରିବେ, ଅର୍ଥାତ:—

(*a*) ଏହାର କାର୍ଯ୍ୟକଳାପର ବାର୍ଷିକ ବିବରଣୀ;

(*b*) ଏହାର ସମୀକ୍ଷା କରାଯାଇଥିବା ହିସାବଗୁଡ଼ିକର ବିବରଣୀ;

(*c*) ଅତିରିକ୍ତ ନିକାସ ପାଇଁ ଯୋଜନା ଯାହା ସମବାୟ ସମିତିର ସାଧାରଣ ସଂସ୍ଥାଦ୍ୱାରା ଅନୁମୋଦିତ ହୋଇଥିବ;

(*d*) ସମବାୟ ସମିତିର ଉପ-ଆଇନ ସଂଶୋଧନର ତାଲିକା, ଯଦି କୌଣସି ତାଲିକା ଥାଏ;

(*e*) ଏହାର ସାଧାରଣ ବୈଠକ କରିବାର ତାରିଖ ବିଷୟରେ ଏବଂ ନିର୍ବାଚନ ପରିଚାଳନା ଯେତେବେଳେ ବାକି ଥାଏ ତାହାର ଘୋଷଣା; ଏବଂ

(*f*) ରାଜ୍ୟ ଅଧିନିୟମର କୌଣସି ବ୍ୟବସ୍ଥା ଅନୁସାରେ, କୁଳସଚିବଙ୍କଦ୍ୱାରା ଆବଶ୍ୟକ ଅନ୍ୟ କୌଣସି ସୂଚନା ।

**243ZQ. ଅପରାଧ ଏବଂ ଶାସ୍ତି—** (1) ଏକ ରାଜ୍ୟର ବିଧାନମଣ୍ଡଳ, ଆଇନଦ୍ୱାରା ସମବାୟ ସମିତି ସମ୍ପର୍କିତ ଅପରାଧ ଏବଂ ସେହି ଅପରାଧ ପାଇଁ ଶାସ୍ତିର ବ୍ୟବସ୍ଥା ପ୍ରସ୍ତୁତ କରିବେ ।

(2) ଖଣ୍ଡ (1) ଅନୁଯାୟୀ ଏକ ରାଜ୍ୟର ବିଧାନମଣ୍ଡଳଦ୍ୱାରା ବ୍ୟବସ୍ଥିତ ଏକ ଆଇନରେ ନିମ୍ନଲିଖିତ କାର୍ଯ୍ୟ କରିବା କିମ୍ବା ତାହାକୁ ବାଦ୍ ଦେବା, ତାହାକୁ ଅପରାଧଭାବେ ଅନ୍ତର୍ଭୁକ୍ତ କରାଯିବ, ଅର୍ଥାତ:—

(*a*) ଯଦି ଏକ ସମବାୟ ସମିତି କିମ୍ବା ତାହାର ଜଣେ ଅଧିକାରୀ କିମ୍ବା ସଦସ୍ୟ, ଜାଣିଶୁଣି ଭୁଲ ତଥ୍ୟ ଦାଖଲ କରିଛନ୍ତି କିମ୍ବା ମିଥ୍ୟା ସୂଚନା ପ୍ରଦାନ କରିଛନ୍ତି କିମ୍ବା କୌଣସି ବ୍ୟକ୍ତି ଜାଣିଶୁଣି ଆବଶ୍ୟକୀୟ ସୂଚନା ପ୍ରଦାନ କରିନାହାଁନ୍ତି, ଯାହା ରାଜ୍ୟ ଅଧିନିୟମ ବ୍ୟବସ୍ଥା ଅନୁଯାୟୀ ପ୍ରାଧିକୃତ ଜଣେ ବ୍ୟକ୍ତିଙ୍କଦ୍ୱାରା, ତାଙ୍କଠାରୁ ଆବଶ୍ୟକ କରାଯାଇଥିବ;

(*b*) ଯଦି କୌଣସି ବ୍ୟକ୍ତି ଜାଣିଶୁଣି କିମ୍ବା ଯୁକ୍ତିଯୁକ୍ତ କାରଣ ନଥାଇ, ରାଜ୍ୟ ଅଧିନିୟମର ବ୍ୟବସ୍ଥା ଅନୁଯାୟୀ ଜାରି ହୋଇଥିବା ଅଦାଲତରେ ହାଜିର ହେବା ପାଇଁ କୌଣସି ଆଦେଶ, କର୍ତ୍ତବ୍ୟ ସମ୍ପାଦନ ପାଇଁ ଲିଖିତ ଆଦେଶ କିମ୍ବା ଆଇନଗତ ଲିଖିତ ଆଦେଶକୁ ଅବମାନନା କରନ୍ତି;

(*c*) ଯଦି କୌଣସି ନିୟୋଜକ, ଯିଏ ଯଥେଷ୍ଟ କାରଣ ନଥାଇ, ତାଙ୍କଦ୍ୱାରା ତାଙ୍କ କର୍ମଚାରୀମାନଙ୍କଠାରୁ କାଟି ରଖିଥିବା ପରିମାଣକୁ, ସେହି ତାରିଖଠାରୁ, ଯାହାର କାଟି ରଖାଯାଇଛି, ଚଉଦ ଦିନର ସମୟ ମଧ୍ୟରେ ସମବାୟ ସମିତିକୁ ପ୍ରଦାନ କରିବାକୁ ଅସଫଳ ହେଲେ;

(*d*) ଯଦି କୌଣସି ଅଧିକାରୀ କିମ୍ବା ଅଭିରକ୍ଷକ ଯିଏ କୌଣସି ସମବାୟ ସମିତିର ଜଣେ ଅଧିକାରୀ କିମ୍ବା ଅଭିରକ୍ଷକ ହୋଇଥାନ୍ତି, ବହିପତ୍ର, ହିସାବପତ୍ର, ଦସ୍ତାବିଜ୍, ଅଭିଲେଖ, ନଗଦଜମା, ପ୍ରତିଭୂତି ଏବଂ ଅନ୍ୟ ସମ୍ପତ୍ତିର ସୁରକ୍ଷାକୁ ଜଣେ ପ୍ରାଧିକୃତ ବ୍ୟକ୍ତିଙ୍କୁ ଜାଣିଶୁଣି ହସ୍ତାନ୍ତର କରିବାରେ ଅସଫଳ ହୁଅନ୍ତି; ଏବଂ

(*e*) ଯଦି କୌଣସି ମଣ୍ଡଳର ସଦସ୍ୟମାନଙ୍କ ନିର୍ବାଚନ ପୂର୍ବରୁ, ସେହି ସମୟରେ କିମ୍ବା ପରେ କୌଣସି ଦୁର୍ନୀତିଗ୍ରସ୍ତ ଆଚାରଣ ଆପଣେଇ ଥାଆନ୍ତି ।

**243ZR. ବହୁ-ରାଜ୍ୟ ସମବାୟ ସମିତି ପାଇଁ ପ୍ରୟୋଗ**—ଏହି ଭାଗର ବ୍ୟବସ୍ଥା ବହୁ ରାଜ୍ୟ ସମବାୟ ସମିତିର ଏହି ରୂପାନ୍ତର ଅଧୀନରେ ପ୍ରୟୋଗ ହେବ ଯେ "ଏକ ରାଜ୍ୟର ବିଧାନମଣ୍ଡଳ" "ରାଜ୍ୟ ଅଧିନିୟମ" କିମ୍ବା "ରାଜ୍ୟ ସରକାର" ପ୍ରତି କୌଣସି ନିର୍ଦ୍ଦେଶର ସେହି ଅର୍ଥ ହେବ, ଯାହା ଯଥାକ୍ରମେ "ସଂସଦ", "କେନ୍ଦ୍ରୀୟ ଅଧିନିୟମ" କିମ୍ବା "କେନ୍ଦ୍ର ସରକାର"ର ଅଟେ ।

**243ZS. କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ପ୍ରୟୋଗ**— ଏହି ଭାଗର ବ୍ୟବସ୍ଥା କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ପ୍ରୟୋଗ ହେବ ଏବଂ ଏପରି କେନ୍ଦ୍ରଶାସିତ ଅଞ୍ଚଳ ଯାହାର ବିଧାନସଭା ନାହିଁ, ସେହିପରି ପ୍ରୟୋଗ ହେବ ଯେମିତି କୌଣସି ରାଜ୍ୟର ବିଧାନମଣ୍ଡଳରେ ଉଲ୍ଲେଖିତ ଅନୁଚ୍ଛେଦ 239 ଅନୁଯାୟୀ ନିଯୁକ୍ତ ତାହାର ପ୍ରଶାସକଙ୍କ ପ୍ରତି ଏବଂ ଏପରି କେନ୍ଦ୍ରଶାସିତ ଅଞ୍ଚଳ ସମ୍ବନ୍ଧରେ, ଯାହାର ଏକ ବିଧାନ ସଭା ଅଛି ସେହି ବିଧାନସଭା ପ୍ରତି ଉଲ୍ଲେଖ ଥିଲା ବୋଲି ଧରି ନିଆଯିବ:

କିନ୍ତୁ, ରାଷ୍ଟ୍ରପତି ରାଜପତ୍ରରେ ବିଜ୍ଞପ୍ତିଦ୍ୱାରା ନିର୍ଦ୍ଦେଶ ଦେବେ ଯେ, ଏହି ଭାଗର ବ୍ୟବସ୍ଥା କୌଣସି କେନ୍ଦ୍ରଶାସିତ ଅଞ୍ଚଳ କିମ୍ବା ତାହାର ଅଂଶ ପାଇଁ ପ୍ରୟୋଗ ହେବ ନାହିଁ, ଯାହା ସେ ବିଜ୍ଞପ୍ତିରେ ନିର୍ଦ୍ଦିଷ୍ଟ କରିବେ।

**243ZT. ପ୍ରଚଳିତ ଆଇନକୁ ଜାରି ରଖିବା**— ଏହି ଭାଗରେ ଯାହା କିଛି ଥିବା ସତ୍ତ୍ୱେ, ସମ୍ବିଧାନର (97 ତମ ସଂଶୋଧନ) ଅଧିନିୟମ 2011ର ପ୍ରାରମ୍ଭର ଠିକ୍‌ପୂର୍ବରୁ ଏକ ରାଜ୍ୟରେ ବଳବତ୍ତର ଥିବା ସମବାୟ ସମିତିଗୁଡ଼ିକ ସମ୍ପର୍କୀତ କୌଣସି ଆଇନର କୌଣସି ବ୍ୟବସ୍ଥା, ଯାହା ଏହି ଭାଗର ବ୍ୟବସ୍ଥାଗୁଡ଼ିକ ସହିତ ଅସଙ୍ଗତ ଅଟେ, ତାହାକୁ ଏକ ସକ୍ଷମ ବିଧାନମଣ୍ଡଳ କିମ୍ବା ଅନ୍ୟ ସକ୍ଷମ କର୍ତ୍ତୃପକ୍ଷଙ୍କଦ୍ୱାରା ସଂଶୋଧିତ କିମ୍ବା ପ୍ରତ୍ୟାହୃତ ନହେବା ପର୍ଯ୍ୟନ୍ତ, କିମ୍ବା ସେପରି ପ୍ରାରମ୍ଭଠାରୁ ଏକ ବର୍ଷର ସମାପ୍ତି ପର୍ଯ୍ୟନ୍ତ, ଯାହା ବି କମ୍ ଅଟେ, ତାହା ବଳବତ୍ତର ରହିବ ।]

# ଭାଗ 10

## ଅନୁସୂଚିତ ଏବଂ ଜନଜାତି ଅଞ୍ଚଳ

**244. ଅନୁସୂଚିତ ଏବଂ ଜନଜାତି ଅଞ୍ଚଳର ପ୍ରଶାସନ**— (1) ପଞ୍ଚମ ଅନୁସୂଚୀର ବ୍ୟବସ୍ଥା [1][ଆସାମ ଓ [2][[3][ମେଘାଳୟ, ତ୍ରିପୁରା ଓ ମିଜୋରାମ]]] ରାଜ୍ୟ ବ୍ୟତୀତ ଯେକୌଣସି ରାଜ୍ୟରେ[4]*** ଥିବା ସୂଚିତ ଅଞ୍ଚଳ ଓ ଅନୁସୂଚିତ ଜନଜାତିର ପ୍ରଶାସନ ଓ ନିୟନ୍ତ୍ରଣ ନିମନ୍ତେ ସମ୍ବିଧାନର ଅନୁସାରେ ପ୍ରୟୋଗ ହେବ।

(2) ସମ୍ବିଧାନର ଷଷ୍ଠ ଅନୁସୂଚୀର ବ୍ୟବସ୍ଥା ଅନୁସାରେ [2][ଆସାମ [3][, [5][ମେଘାଳୟ, ତ୍ରିପୁରା, ଏବଂ ମିଜୋରାମ]]] ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ପ୍ରଶାସନ ନିମନ୍ତେ ପ୍ରୟୋଗ ହେବ ।

[6][**244A. ଆସାମରେ କିଛି ଜନଜାତି ଅଞ୍ଚଳକୁ ନେଇ ଏକ ସ୍ୱୟଂଶାସିତ ରାଜ୍ୟ ଗଠନ ଏବଂ ସ୍ଥାନୀୟ ବିଧାନମଣ୍ଡଳ କିମ୍ବା ମନ୍ତ୍ରୀ ପରିଷଦ କିମ୍ବା ଉଭୟର ଗଠନ—** (1) ଏହି ସମ୍ବିଧାନରେ ଯେକୌଣସି ବ୍ୟବସ୍ଥା ଥିବା ସତ୍ତ୍ୱେ, ସଂସଦ, ଆଇନଦ୍ୱାରା ଆସାମ ରାଜ୍ୟ ମଧ୍ୟରେ ଏକ ସ୍ୱୟଂଶାସିତ ରାଜ୍ୟ ଗଠନ କରିପାରିବ ଯେଉଁଥିରେ କି ଷଷ୍ଠ ଅନୁସୂଚୀର ପରିଚ୍ଛେଦ 20ରେ ସଂଲଗ୍ନ ସାରଣୀ [7][ଭାଗ 1]ରେ ଉଲ୍ଲେଖିତ ଏବଂ ସେଥିନିମନ୍ତେ—

(*a*) ସ୍ୱୟଂଶାସିତ ରାଜ୍ୟର ବିଧାନମଣ୍ଡଳ ରୂପେ କାର୍ଯ୍ୟ କରିବା ପାଇଁ ଏକ ସଂସ୍ଥା ନିର୍ବାଚିତ ହୋଇଥାଉ କିମ୍ବା ଆଂଶିକଭାବେ ମନୋନୀତ କିମ୍ବା ଆଂଶିକଭାବେ ନିର୍ବାଚିତ, କିମ୍ବା

(*b*) ଏକ ମନ୍ତ୍ରୀ ପରିଷଦ,

କିମ୍ବା ଉଭୟର ଗଠନ କରିପାରିବେ ଯେଉଁଥିରେ ପ୍ରତ୍ୟେକର ଗଠନ, କ୍ଷମତା ଓ କାର୍ଯ୍ୟପ୍ରଣାଳୀ ଏମିତି ହେବ ଯାହା ଆଇନଦ୍ୱାରା ନିର୍ଦ୍ଧାରିତ ହେବ ।

(2) ଖଣ୍ଡ (1) ରେ ଉଲ୍ଲେଖ ଥିବା ଆଇନ, ବିଶେଷତଃ,—

---

[1] ଉତ୍ତର-ପୂର୍ବାଞ୍ଚଳ କ୍ଷେତ୍ର (ପୁନର୍ଗଠନ) ଅଧିନିୟମ, 1971 (1971 ର 81ନଂ), ଧାରା 71ଦ୍ୱାରା "ଆସାମ ରାଜ୍ୟ" ପାଇଁ ପ୍ରତିସ୍ଥାପିତ (21-1-1972 ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (49ତମ ସଂଶୋଧନ) ଅଧିନିୟମ, 1984, ଧାରା 2ଦ୍ୱାରା, "ଏବଂ ମେଘାଳୟ" ପାଇଁ ପ୍ରତିସ୍ଥାପିତ (1-4-1985 ଠାରୁ କାର୍ଯ୍ୟକାରୀ)।

[3] ମିଜୋରାମ ରାଜ୍ୟ ଅଧିନିୟମ, 1986 (1986ର 34ନଂ), ଧାରା 39ଦ୍ୱାରା "ମେଘାଳୟ ଏବଂ ତ୍ରିପୁରା" ପାଇଁ ପ୍ରତିସ୍ଥାପିତ (20-2-1987 ଠାରୁ କାର୍ଯ୍ୟକାରୀ)।

[4] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା ପ୍ରଥମ ଅନୁସୂଚୀର ଭାଗ A କିମ୍ବା ଭାଗ B ରେ "ନିର୍ଦ୍ଦିଷ୍ଟ" ଶବ୍ଦ ଏବଂ ଅକ୍ଷରଗୁଡ଼ିକ ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ)।

[5] ମିଜୋରାମ ରାଜ୍ୟ ଅଧିନିୟମ, 1986 (1986ର 34ନଂ), ଧାରା 39ଦ୍ୱାରା "ମେଘାଳୟ ଏବଂ ତ୍ରିପୁରା ଏବଂ ମିଜୋରାମ କେନ୍ଦ୍ରଶାସିତ ଅଞ୍ଚଳ" ପାଇଁ ପ୍ରତିସ୍ଥାପିତ (20-2-1987 ଠାରୁ କାର୍ଯ୍ୟକାରୀ)।

[6] ସମ୍ବିଧାନ (22ତମ ସଂଶୋଧନ) ଅଧିନିୟମ, 1969, ଧାରା 2ଦ୍ୱାରା ସନ୍ନିବେଶିତ (25-9-1969ଠାରୁ କାର୍ଯ୍ୟକାରୀ)।

[7] ଉତ୍ତର-ପୂର୍ବାଞ୍ଚଳ କ୍ଷେତ୍ର (ପୁନର୍ଗଠନ) ଅଧିନିୟମ, 1971 (1971 ର 81ନଂ), ଧାରା 71ଦ୍ୱାରା "ଭାଗ A" ପ୍ରତିସ୍ଥାପିତ (21-1-1972 ଠାରୁ କାର୍ଯ୍ୟକାରୀ)।

(*a*) ରାଜ୍ୟ ତାଲିକା କିମ୍ବା ଯୁଗ୍ମ ତାଲିକାରେ ଗଣନା କରାଯାଇଥିବା ବିଷୟଗୁଡ଼ିକ ନିର୍ଦ୍ଦିଷ୍ଟ କରିବେ ଯାହା ସମ୍ବନ୍ଧରେ ସ୍ୱୟଂଶାସିତ ରାଜ୍ୟର ବିଧାନମଣ୍ଡଳର ସମ୍ପୂର୍ଣ୍ଣ ସ୍ୱୟଂଶାସିତ ରାଜ୍ୟ ପାଇଁ କିମ୍ବା ଏହାର କୌଣସି ଅଂଶ ପାଇଁ ଆଇନ ପ୍ରଣୟନ କରିବାର କ୍ଷମତା ରହିବ, ତାହା ଆସାମ ରାଜ୍ୟର ବିଧାନମଣ୍ଡଳର ବହିଷ୍କାର ହେଉ କିମ୍ବା ଅନ୍ୟଥା;

(*b*) କେଉଁ ବିଷୟ ପ୍ରତି ସ୍ୱୟଂଶାସିତ ରାଜ୍ୟର କାର୍ଯ୍ୟପାଳିକାର କ୍ଷମତା ବିସ୍ତାର ହୋଇପାରିବ ତାହା ନିର୍ଦ୍ଦିଷ୍ଟ କରିବେ;

(*c*) ଏପରି ବ୍ୟବସ୍ଥା କରିବେ କି, ଆସାମ ରାଜ୍ୟଦ୍ୱାରା ଗୃହୀତ କୌଣସି କର ସ୍ୱୟଂଶାସିତ ରାଜ୍ୟକୁ ସେ ପର୍ଯ୍ୟନ୍ତ ପଠାଯିବ ଯେ ପର୍ଯ୍ୟନ୍ତ ତାର ଲବ୍ଧ ଅର୍ଥ ସ୍ୱୟଂଶାସିତ ରାଜ୍ୟରୁ ପ୍ରାପ୍ତ ବୋଲି ଧରାଯାଇଥିବ;

(*d*) ଏପରି ବ୍ୟବସ୍ଥା କରିବେ କି, ଏହି ସମ୍ବିଧାନର କୌଣସି ଅନୁଚ୍ଛେଦର କୌଣସି ରାଜ୍ୟ ପ୍ରତି କୌଣସି ନିର୍ଦ୍ଦେଶକୁ ତାର ଅନ୍ତର୍ଗତ ସ୍ୱୟଂଶାସିତ ରାଜ୍ୟ ପ୍ରତି ଏକ ନିର୍ଦ୍ଦେଶ ବୋଲି ବିବେଚନା କରାଯିବ; କିମ୍ବା

(*e*) ଏପରି ପରିପୂରକ, ଆନୁଷଙ୍ଗିକ ଏବଂ ପାରିଣାମିକ ବ୍ୟବସ୍ଥା କରିପାରିବେ, ଯାହା ଆବଶ୍ୟକ ମନେ ହେବ ।

(3) ଉପରୋକ୍ତ ଅନୁଯାୟୀ ଏପରି କୌଣସି ଆଇନର ସଂଶୋଧନ, ଯେପର୍ଯ୍ୟନ୍ତ ଖଣ୍ଡ (2)ର ଉପଖଣ୍ଡ (*a*) ବା ଉପଖଣ୍ଡ (*b*)ରେ ଧାର୍ଯ୍ୟ କୌଣସି ବିଷୟ ପ୍ରତି ସମ୍ପର୍କିତ, ଯେପର୍ଯ୍ୟନ୍ତ ଏପରି ସଂଶୋଧନ, ସଂସଦର ଉଭୟ ସଦନରେ ଉପସ୍ଥିତ ଥିବା ଓ ମତଦାନ ଦେଇଥିବା ସଦସ୍ୟମାନଙ୍କର ଅତିକମରେ ଦୁଇ ତୃତୀୟାଂଶ ସଦସ୍ୟଙ୍କଦ୍ୱାରା ପ୍ରତ୍ୟେକ ସଦନରେ ମଞ୍ଜୁର କରାଯାଇ ନଥାଏ, ସେ ପର୍ଯ୍ୟନ୍ତ ସେହି ଆଇନର କୌଣସି ପ୍ରଭାବ ରହିବ ନାହିଁ ।

(4) ଏହି ଅନୁଚ୍ଛେଦରେ ଉଲ୍ଲେଖ କରାଯାଇଥିବା ଏପରି କୌଣସି ଆଇନ ଏହି ସମ୍ବିଧାନକୁ ସଂଶୋଧିତ କରୁଥିବା ବା ସଂଶୋଧନର ପ୍ରଭାବ ଥିବା ଭଳି କୌଣସି ବ୍ୟବସ୍ଥା ଥିବା ସତ୍ତ୍ୱେ ତାହା ଅନୁଚ୍ଛେଦ 368ର ପ୍ରୟୋଜନ ନିମିତ୍ତ ଏହି ସମ୍ବିଧାନର ସଂଶୋଧନ ରୂପେ ବିବେଚିତ ହେବ ନାହିଁ ।]

# ଭାଗ 11

## କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ସମ୍ପର୍କ

### ଅଧ୍ୟାୟ 1— ବୈଧାନିକ ସମ୍ପର୍କ

*ବୈଧାନିକ କ୍ଷମତା ବଣ୍ଟନ*

**245. ସଂସଦ ଓ ରାଜ୍ୟ ବିଧାନମଣ୍ଡଳଦ୍ୱାରା ପ୍ରସ୍ତୁତ ଆଇନର ପରିସର—** (1) ଏହି ସମ୍ବିଧାନରେ ଯାହା କିଛି ବ୍ୟବସ୍ଥା ଥିବା ସତ୍ତ୍ୱେ, ସଂସଦ ଭାରତର ସମସ୍ତ ଅଞ୍ଚଳ କିମ୍ବା କୌଣସି ଅଂଶପାଇଁ ଆଇନ ପ୍ରଣୟନ କରିପାରିବ ଏବଂ ରାଜ୍ୟ ବିଧାନମଣ୍ଡଳ ସମଗ୍ର ରାଜ୍ୟ ବା ରାଜ୍ୟର କୌଣସି ଅଂଶ ନିମନ୍ତେ ଆଇନ ପ୍ରଣୟନ କରିପାରିବ ।

(2) ସଂସଦଦ୍ୱାରା ପ୍ରଣୀତ କୌଣସି ଆଇନକୁ ଏହାର ରାଜ୍ୟ କ୍ଷେତ୍ରାତୀ କାର୍ଯ୍ୟ ପରିସରର ଆଧାରରେ ଅବୈଧ ବୋଲି ବିବେଚିତ କରାଯାଇପାରିବ ନାହିଁ ।

**246. ସଂସଦ ଓ ରାଜ୍ୟ ବିଧାନମଣ୍ଡଳଦ୍ୱାରା ପ୍ରସ୍ତୁତ ଆଇନର ବିଷୟବସ୍ତୁ—** (1) ଖଣ୍ଡ (2) ଓ ଖଣ୍ଡ (3)ରେ ଯାହାକିଛି ଥିବା ସତ୍ତ୍ୱେ, ସଂସଦର ସପ୍ତମ ଅନୁସୂଚୀର ପ୍ରଥମ ତାଲିକାରେ (ଯାହା ‘‘କେନ୍ଦ୍ରର ତାଲିକା’’ ନାମରେ ନାମିତ) ବର୍ଣ୍ଣିତ ଥିବା ଯେକୌଣସି ବିଷୟରେ ଆଇନ ପ୍ରଣୟନ କରିବାର ସ୍ୱତନ୍ତ୍ର କ୍ଷମତା ରହିଛି ।

(2) ଖଣ୍ଡ (3)ରେ ଯାହା କିଛି ବିଷୟ ଥିବା ସତ୍ତ୍ୱେ, ସଂସଦ ଏବଂ ଖଣ୍ଡ (1) ଅଧୀନରେ, କୌଣସି ରାଜ୍ୟର ବିଧାନମଣ୍ଡଳର[1]*** ମଧ୍ୟ ସପ୍ତମ ଅନୁସୂଚୀର ତୃତୀୟ ତାଲିକା (ଏହି ସମ୍ବିଧାନରେ ‘‘ଯୁଗ୍ମ ତାଲିକା’’ ଭାବେ ଉଲ୍ଲେଖିତ)ରେ ବର୍ଣ୍ଣିତ କୌଣସି ବିଷୟ ସମ୍ପର୍କରେ ଆଇନ ପ୍ରଣୟନ କରିବାର କ୍ଷମତା ରହିବ ।

(3) ଖଣ୍ଡ(1) ଓ (2)ଅଧୀନରେ ଥିବା ସତ୍ତ୍ୱେ, କୌଣସି ରାଜ୍ୟର ବିଧାନମଣ୍ଡଳ[1]***, ସପ୍ତମ ଅନୁସୂଚୀର ଦ୍ୱିତୀୟ ତାଲିକାରେ (ଯାହା ଏହି ସମ୍ବିଧାନରେ ‘‘ରାଜ୍ୟ ତାଲିକା’’ଭାବେ ଉଲ୍ଲେଖିତ)ରେ ବର୍ଣ୍ଣିତ ଥିବା କୌଣସି ବିଷୟ ସମ୍ବନ୍ଧରେ ଆଇନ ତିଆରି କରିବାର କ୍ଷମତା ରହିବ ।

(4) ସଂସଦର ଭାରତୀୟ ଅଞ୍ଚଳରେ ଯେକୌଣସି ଅଞ୍ଚଳ ପାଇଁ ଯେକୌଣସି ବିଷୟରେ ଆଇନ ପ୍ରଣୟନ କରିବାର କ୍ଷମତା ରହିବ ଯାହା [2][ରାଜ୍ୟରେ] ଅନ୍ତର୍ଭୁକ୍ତ ନୁହେଁ, ଯଦିଓ ଏହା ଏପରି ଏକ ବିଷୟ ଅଟେ ଯାହା ରାଜ୍ୟ ତାଲିକାରେ ଅନ୍ତର୍ଭୁକ୍ତ ।

[3]**[246A. ଦ୍ରବ୍ୟ ଏବଂ ସେବା କର ସମ୍ବନ୍ଧୀୟ ସ୍ୱତନ୍ତ୍ର ବ୍ୟବସ୍ଥା—** (1) ଅନୁଚ୍ଛେଦ 246 ଓ 254ରେ ଯେକୌଣସି ବିଷୟ ସତ୍ତ୍ୱେ, ସଂସଦର ଏବଂ ଓ ଖଣ୍ଡ (2)ର ଅନୁଯାୟୀ, ପ୍ରତ୍ୟେକ ରାଜ୍ୟ ବିଧାନମଣ୍ଡଳକୁ, କେନ୍ଦ୍ରଦ୍ୱାରା କିମ୍ବା ଉକ୍ତ ରାଜ୍ୟଦ୍ୱାରା ଧାର୍ଯ୍ୟ କରାଯାଇଥିବା ଦ୍ରବ୍ୟ ଓ ସେବା କର ସମ୍ବନ୍ଧରେ ଆଇନ ପ୍ରଣୟନ କରିବାର କ୍ଷମତା ରହିବ ।

---

[1] ଭାରତୀୟ ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀ ଦ୍ୱାରା ପ୍ରଥମ ଅନୁସୂଚୀର ଭାଗ A କିମ୍ବା ଭାଗ B ରେ ଥିବା "ନିର୍ଦ୍ଦିଷ୍ଟ" ଶବ୍ଦ ଏବଂ ଅକ୍ଷରଗୁଡ଼ିକ ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ) ।

[2] ଭାରତୀୟ ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀ ଦ୍ୱାରା ପ୍ରଥମ ଅନୁସୂଚୀର ଭାଗ A କିମ୍ବା ଭାଗ B ରେ" ପାଇଁ ପ୍ରତିସ୍ଥାପିତ (1-11-1956ଠାରୁ କାର୍ଯ୍ୟକାରୀ) ।

[3] ସମ୍ବିଧାନ (101ତମ ସଂଶୋଧନ) ଅଧିନିୟମ, 2016, ଧାରା 2ଦ୍ୱାରା ସନ୍ନିବେଶିତ (16-9-2016 ଠାରୁ କାର୍ଯ୍ୟକାରୀ)।

(2) ଯେତେବେଳେ ଦ୍ରବ୍ୟ ଓ ସେବାର କିମ୍ବା ଉଭୟର ଯୋଗାଣ ଆନ୍ତଃରାଜ୍ୟ ବ୍ୟାପାର ଓ ବାଣିଜ୍ୟ ଅନୁସାରେ ହୁଏ, ତେବେ ସଂସଦର, ଦ୍ରବ୍ୟ ଓ ସେବା କର ସମ୍ବନ୍ଧୀୟ ଆଇନ ପ୍ରଣୟନ କରିବାର ସ୍ୱତନ୍ତ୍ର କ୍ଷମତା ରହିବ ।

*ସ୍ପଷ୍ଟୀକରଣ*— ଏହି ଅନୁଚ୍ଛେଦର ବ୍ୟବସ୍ଥାଗୁଡ଼ିକ ଅନୁଚ୍ଛେଦ 279A ର ଖଣ୍ଡ (5)ରେ ଉଲ୍ଲେଖ ଥିବା ଦ୍ରବ୍ୟ ଓ ସେବା କର, ଦ୍ରବ୍ୟ ଓ ସେବା କର ପରିଷଦଦ୍ୱାରା ସୁପାରିଶ କରାଯାଇଥିବା ତାରିଖଠାରୁ କାର୍ଯ୍ୟକାରୀ ହେବ ।]

**247. କେତେକ ଅତିରିକ୍ତ ନ୍ୟାୟାଳୟ ସ୍ଥାପନ କରିବା ପାଇଁ ବ୍ୟବସ୍ଥା କରିବା ନିମନ୍ତେ ସଂସଦର କ୍ଷମତା**— ଏହି ଅଧ୍ୟାୟରେ ଯାହା କିଛି ବ୍ୟବସ୍ଥା ଥିବା ସତ୍ତ୍ୱେ, କୌଣସି ବିଷୟ ଯାହା କେନ୍ଦ୍ର ତାଲିକାରେ ଅନ୍ତର୍ଭୁକ୍ତ, ସଂସଦଦ୍ୱାରା ପ୍ରଣୀତ କିମ୍ବା କୌଣସି ପ୍ରଚଳିତ ଆଇନର ସୁପରିଚାଳନା ପାଇଁ, ସଂସଦ ଆଇନ ପ୍ରଣୟନଦ୍ୱାରା ଅତିରିକ୍ତ ନ୍ୟାୟାଳୟ ସ୍ଥାପନ କରିବା ପାଇଁ ବ୍ୟବସ୍ଥା କରିପାରିବ ।

**248. ଆଇନ ପ୍ରଣୟନର ଅବଶିଷ୍ଟ କ୍ଷମତା**— (1) [1][ଅନୁଚ୍ଛେଦ 246Aରେ ଅଧୀନରେ, ସଂସଦ] ସ୍ୱତନ୍ତ୍ର କ୍ଷମତା ବଳରେ, ସମବର୍ତ୍ତୀ ତାଲିକା କିମ୍ବା ରାଜ୍ୟ ତାଲିକାରେ ଉଲ୍ଲେଖ ନଥିବା କୌଣସି ବିଷୟ ସମ୍ବନ୍ଧରେ ଆଇନ ପ୍ରଣୟନ କରିପାରିବ ।

(2) ଏପରି କ୍ଷମତାରେ ଏପରି କୌଣସି କର ଧାର୍ଯ୍ୟ କରିବାରେ ଯାହା ସେହି ତାଲିକା ମଧ୍ୟରୁ କୌଣସି ସୂଚୀରେ ଉଲ୍ଲେଖ ନାହିଁ, ଆଇନ ପ୍ରଣୟନ କରିବାର କ୍ଷମତା ଅନ୍ତର୍ଗତ ।

**249. ଜାତୀୟ ହିତ ପାଇଁ ରାଜ୍ୟ ତାଲିକାଭୁକ୍ତ ବିଷୟ ଉପରେ ସଂସଦର ଆଇନ ପ୍ରଣୟନ କରିବାର କ୍ଷମତା**— (1) ଏହି ଅଧ୍ୟାୟର ପୂର୍ବୋକ୍ତ ବ୍ୟବସ୍ଥାର ଯାହା କିଛି ବ୍ୟବସ୍ଥା ଥିବା ସତ୍ତ୍ୱେ, ଯଦି ରାଜ୍ୟ ସଭାରେ ଉପସ୍ଥିତ ଥିବା ଏବଂ ମତଦାନ ପ୍ରଦାନ କରିଥିବା ଅତିକମରେ ଦୁଇ-ତୃତୀୟାଂଶ ସଦସ୍ୟ ଏକ ପ୍ରସ୍ତାବ ପାରିତ କରି ଘୋଷଣା କରନ୍ତି ଯେ ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଆବଶ୍ୟକ କିମ୍ବା ସମୀଚୀନ [2][ଅନୁଚ୍ଛେଦ 246A ଅନୁଯାୟୀ ଦ୍ରବ୍ୟ ଏବଂ ସେବାକର ବା] ରାଜ୍ୟ ତାଲିକାରେ ନିର୍ଦ୍ଦିଷ୍ଟ ଥିବା କୌଣସି ବିଷୟରେ ଆଇନର ଆବଶ୍ୟକତା ଥାଏ, ଯାହା ସେହି ପ୍ରସ୍ତାବରେ ନିର୍ଦ୍ଦିଷ୍ଟ ହୋଇଥିବ ଏବଂ ଯେତେବେଳେ ଏହି ପ୍ରସ୍ତାବ ବଳବତ୍ତର ଥିବ, ସଂସଦ ଭାରତର ସମଗ୍ର ଅଞ୍ଚଳ କିମ୍ବା ଯେକୌଣସି ଅଂଶ ଉପରେ ଆଇନ ପ୍ରଣୟନ କରିବା ଆଇନ ସଙ୍ଗତ ହେବ ।

(2) ଖଣ୍ଡ (1) ଅନୁଯାୟୀ ପାରିତ ହୋଇଥିବା କୌଣସି ପ୍ରସ୍ତାବ ଏପରି ସମୟ ପାଇଁ ବଳବତ୍ତର ରହିବ, ଯାହା ଏକ ବର୍ଷରୁ ଅଧିକ ହେବ ନାହିଁ, ଯାହା ସେଥିରେ ଧାର୍ଯ୍ୟ କରାଯାଇପାରେ:

କିନ୍ତୁ, ଯଦି ଏବଂ ଅନେକ ସମୟରେ ଏପରି କୌଣସି ପ୍ରସ୍ତାବର ବଳବତ୍ତରତାକୁ ଅନୁମୋଦନ କରୁଥିବା ଏକ ପ୍ରସ୍ତାବ ଖଣ୍ଡ (1) ରେ ବ୍ୟବସ୍ଥାପିତ ପଦ୍ଧତିରେ ଗୃହୀତ ହୁଏ, ତେବେ ଏପରି ପ୍ରସ୍ତାବ ସେହି ତାରିଖରୁ ଅଧିକ ଗୋଟିଏ ବର୍ଷ ପାଇଁ ବଳବତ୍ତର ରହିବ ଯେଉଁ ତାରିଖରେ ଏହି ଧାରା ଅନୁଯାୟୀ ଏହା ବଳବତ୍ତର ରହିବା ବନ୍ଦ ହୋଇଥାନ୍ତା।

(3) ସଂସଦଦ୍ୱାରା ପ୍ରଣୀତ ଏକ ଆଇନ, ଯାହା ସଂସଦ ଖଣ୍ଡ (1) ଅନୁଯାୟୀ ଏକ ପ୍ରସ୍ତାବ ଗୃହୀତ କରିବା ପାଇଁ ସକ୍ଷମ ହୋଇନଥିବ, କିନ୍ତୁ ଅକ୍ଷମତାର ସୀମା ପର୍ଯ୍ୟନ୍ତ, ଉକ୍ତ ଅବଧି ସମାପ୍ତ ହେବା ପୂର୍ବରୁ ବାଦ୍ ଦିଆଯାଇଥିବା କାର୍ଯ୍ୟ ବ୍ୟତୀତ, ପ୍ରସ୍ତାବ ବଳବତ୍ତର ରହିବା ପରେ, ଛଅ ମାସର ଅବଧି ସମାପ୍ତ ହେବା ଉପରେ ପ୍ରଭାବ ପକାଇବ ନାହିଁ ।

---

[1] ସମ୍ବିଧାନ (101ତମ ସଂଶୋଧନ) ଅଧିନିୟମ, 2016, ଧାରା 3ଦ୍ୱାରା "ସଂସଦ" ପାଇଁ ପ୍ରତିସ୍ଥାପିତ (16-9-2016ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (101ତମ ସଂଶୋଧନ) ଅଧିନିୟମ, 2016, ଧାରା 4ଦ୍ୱାରା ସନ୍ନିବେଶିତ (16-9-2016ଠାରୁ କାର୍ଯ୍ୟକାରୀ)।

**250. ଯେତେବେଳେ ଜରୁରୀକାଳୀନ ପରିସ୍ଥିତି ଜାରି ରହିଥିବ, ସେହି ସମୟର ରାଜ୍ୟ ତାଲିକାର କୌଣସି ବିଷୟ ଉପରେ ସଂସଦର ଆଇନ ପ୍ରଣୟନ କରିବାର କ୍ଷମତା**— (1) ଏହି ଅଧ୍ୟାୟରେ ଯାହା କିଛି ବ୍ୟବସ୍ଥା ଥିବା ସତ୍ତ୍ୱେ, ସଂସଦ ଜରୁରୀକାଳୀନ ପରିସ୍ଥିତି ବଳବତ୍ତର ଥିବା ସମୟରେ [1][ଅନୁଚ୍ଛେଦ 246A ଅନୁସାରେ ଦ୍ରବ୍ୟ ଓ ସେବାକର ବା] ସମ୍ବନ୍ଧୀୟ କିମ୍ବା ରାଜ୍ୟ ତାଲିକାରେ ଅନ୍ତର୍ଭୁକ୍ତ କୌଣସି ବିଷୟ ସମ୍ବନ୍ଧରେ ଭାରତର ସମଗ୍ର ଅଞ୍ଚଳ କିମ୍ବା ଏହାର କୌଣସି ଅଂଶ ନିମନ୍ତେ ଆଇନ ପ୍ରଣୟନ କରିବାର କ୍ଷମତା ରହିବ ।

(2) ସଂସଦଦ୍ୱାରା ପ୍ରଣୀତ କୌଣସି ଆଇନ ଯାହାକୁ ସଂସଦ ଜରୁରୀକାଳୀନ ପରିସ୍ଥିତିର ଘୋଷଣା ବ୍ୟତୀତ, ପ୍ରଣୀତ କରିବା ପାଇଁ ସକ୍ଷମ ନୁହଁନ୍ତି, ତେବେ ଜରୁରୀକାଳୀନ ପରିସ୍ଥିତି ଜାରି ନରହିବାର ଛଅ ମାସର ଅବଧି ସମାପ୍ତ ପରେ ଅକ୍ଷମତା ପର୍ଯ୍ୟନ୍ତ ସେହି ବିଷୟ ବ୍ୟତିରେକେ ବଳବତ୍ତର ରହିବ ନାହିଁ, ଯାହା ଉକ୍ତ ଅବଧିର ସମାପ୍ତି ପୂର୍ବରୁ କରାଯାଇଥିଲା କିମ୍ବା କରିବା ପାଇଁ ବାଦ୍ ଦିଆଯାଇଥିଲା ।

**251. ସଂସଦଦ୍ୱାରା ଅନୁଚ୍ଛେଦ 249 ଏବଂ 250 ଅଧୀନରେ ପ୍ରସ୍ତୁତ ଆଇନ ଓ ରାଜ୍ୟଗୁଡ଼ିକର ବିଧାନମଣ୍ଡଳଦ୍ୱାରା ପ୍ରସ୍ତୁତ ଆଇନରେ ଥିବା ଅସଙ୍ଗତି**— ସମ୍ବିଧାନଦ୍ୱାରା ପ୍ରଦତ୍ତ କ୍ଷମତା ଅନୁଯାୟୀ କୌଣସି ରାଜ୍ୟର ବିଧାନମଣ୍ଡଳକୁ କୌଣସି ଆଇନ ପାରିତ କରିବା ପାଇଁ ଅନୁଚ୍ଛେଦ 249 କିମ୍ବା ଅନୁଚ୍ଛେଦ 250 ପ୍ରତିବନ୍ଧିତ କରିପାରିବ ନାହିଁ, କିନ୍ତୁ ଯଦି ରାଜ୍ୟର ବିଧାନମଣ୍ଡଳଦ୍ୱାରା ପ୍ରଣୀତ ଆଇନର ବ୍ୟବସ୍ଥା, ଉପରୋକ୍ତ ଦୁଇଟି ଅନୁଚ୍ଛେଦ ଅନୁଯାୟୀ କ୍ଷମତାପ୍ରାପ୍ତ ହୋଇ ସଂସଦ ଗୃହୀତ କରିଥିବା ଆଇନର ବିରୁଦ୍ଧାଚରଣ କରୁଥାଏ ତେବେ ଏକ ରାଜ୍ୟ ବିଧାନମଣ୍ଡଳ ପାରିତ କରିଥିବା ଆଇନ ପୂର୍ବରୁ କିମ୍ବା ପରେ ସଂସଦ ପ୍ରଣୀତ କରିଥିବା ଆଇନ ବଳବତ୍ତର ରହିବ ଏବଂ ରାଜ୍ୟ ବିଧାନମଣ୍ଡଳଦ୍ୱାରା ପ୍ରଣୀତ ଆଇନ ବିରୁଦ୍ଧାଚରଣ କରୁଥିବା ସୀମା ପର୍ଯ୍ୟନ୍ତ ଅକାମୀ ରହିବ, ଯେପର୍ଯ୍ୟନ୍ତ ସଂସଦଦ୍ୱାରା ପ୍ରଣୀତ ଆଇନ ବଳବତ୍ତର ଥାଏ ।

**252. ସମ୍ମତିଦ୍ୱାରା ଦୁଇ କିମ୍ବା ତତୋଧିକ ରାଜ୍ୟ ପାଇଁ ଆଇନ ପ୍ରଣୟନ କରିବାର ସଂସଦର କ୍ଷମତା ଏବଂ ଅନ୍ୟ ଯେକୌଣସି ରାଜ୍ୟଦ୍ୱାରା ଏପରି ଆଇନ ଗ୍ରହଣ କରିବା**— (1) ଅନୁଚ୍ଛେଦ 249 ଏବଂ 250ରେ ଥିବା କୌଣସି ବିଷୟ ବ୍ୟତୀତ ଯଦି ଦୁଇ କିମ୍ବା ତତୋଧିକ ରାଜ୍ୟର ବିଧାନମଣ୍ଡଳକୁ ପ୍ରତୀୟମାନ ହୁଏ ଯେ ସଂସଦ ରାଜ୍ୟମାନଙ୍କର କୌଣସି ବିଷୟ ପାଇଁ ଆଇନ ପ୍ରଣୟନ କରିବାର କ୍ଷମତା ବହିର୍ଭୂତ ଏବଂ ସେହି ସମସ୍ତ ରାଜ୍ୟ, ସଂସଦର ଆଇନଦ୍ୱାରା ପରିଚାଳିତ ହେବେ ଏବଂ ରାଜ୍ୟ ବିଧାନମଣ୍ଡଳର ସମସ୍ତ ସଦନ ଏହି ସଂକ୍ରାନ୍ତରେ ପ୍ରସ୍ତାବ ସବୁ ଗୃହୀତ କରନ୍ତି, ଏହି ସବୁ ବିଷୟକୁ ନିୟନ୍ତ୍ରଣ କରିବା ପାଇଁ ଆଇନ ପ୍ରଣୟନ କରିବା ସଂସଦ ନିମନ୍ତେ ଆଇନ ସଙ୍ଗତ ହେବ ଏବଂ ଏପରି ଗୃହୀତ ହୋଇଥିବା କୌଣସି ଆଇନ ସେହି ରାଜ୍ୟ ପ୍ରତି ଲାଗୁ ହେବ ଏବଂ ଅନ୍ୟ ରାଜ୍ୟ ଯେଉଁମାନେ କି ଏହାକୁ ପରବର୍ତ୍ତୀ ସମୟରେ ଏକ ପ୍ରସ୍ତାବଦ୍ୱାରା ସଦନ କିମ୍ବା ଯେଉଁଠି ଦୁଇଟି ସଦନରେ ଅଛି, ବିଧାନମଣ୍ଡଳର ପ୍ରତ୍ୟେକ ସଦନଦ୍ୱାରା ଗ୍ରହଣ କରିଥାଆନ୍ତି ।

---

[1] ଭାରତୀୟ ସମ୍ବିଧାନ (101ତମ ସଂଶୋଧନ) ଅଧିନିୟମ, 2016, ଧାରା 5ଦ୍ୱାରା ସନ୍ନିବେଶିତ (16-9-2016 ଠାରୁ କାର୍ଯ୍ୟକାରୀ) ।

(2) ସଂସଦଦ୍ୱାରା ଗୃହୀତ ଏପରି କୌଣସି ଆଇନ, ସେହି ରୀତିରେ ଗୃହୀତ ଏବଂ ଅଙ୍ଗୀକୃତ ହୋଇଥିବ ସଂସଦର କୌଣସି ଅଧିନିୟମଦ୍ୱାରା ସଂଶୋଧିତ କିମ୍ବା ପ୍ରତ୍ୟାହୃତ ହୋଇପାରିବ ମାତ୍ର ଯେଉଁ ରାଜ୍ୟ ପ୍ରତି ତାହା ଲାଗୁ ହୋଇଥିବ, ସେହି ରାଜ୍ୟ ସମ୍ପର୍କରେ ତାହା ସେହି ରାଜ୍ୟର ବିଧାନମଣ୍ଡଳରେ କୌଣସି ଅଧିନିୟମଦ୍ୱାରା ସଂଶୋଧିତ ବା ପ୍ରତ୍ୟାହୃତ ହୋଇପାରିବ ନାହିଁ ।

**253. ଆନ୍ତର୍ଜାତିକ ଚୁକ୍ତିକୁ କାର୍ଯ୍ୟକାରୀ କରିବା ନିମିତ୍ତ ଆଇନ ପ୍ରଣୟନ**— ଏହି ଅଧ୍ୟାୟର ପୂର୍ବୋକ୍ତ କୌଣସି ବ୍ୟବସ୍ଥା ଥିବା ସତ୍ତ୍ୱେ, ଅନ୍ୟ କୌଣସି ଦେଶ କିମ୍ବା ଦେଶମାନଙ୍କ ସହିତ ସନ୍ଧି, ଚୁକ୍ତି କିମ୍ବା ସମ୍ମେଳନ ଅଥବା କୌଣସି ଅନ୍ତରାଷ୍ଟ୍ରୀୟ ସମ୍ମିଳନୀ, ସଂଘ କିମ୍ବା କୌଣସି ସଂସ୍ଥାର ବିଷୟକୁ କାର୍ଯ୍ୟକାରୀ କରିବା ନିମିତ୍ତ ଭାରତର ସମଗ୍ର ଅଞ୍ଚଳ ପାଇଁ ବା କୌଣସି ଅଂଶ ପାଇଁ ଆଇନ ପ୍ରଣୟନ କରିବା ପାଇଁ ସଂସଦର କ୍ଷମତା ରହିଛି ।

**254. ସଂସଦଦ୍ୱାରା ଓ ରାଜ୍ୟ ବିଧାନମଣ୍ଡଳଦ୍ୱାରା ପ୍ରଣୀତ ଆଇନର ଅସାମଞ୍ଜସ୍ୟତା—** (1) ଯଦି ଏକ ରାଜ୍ୟର ବିଧାନମଣ୍ଡଳଦ୍ୱାରା ପ୍ରଣୀତ କୌଣସି ଆଇନର ସଂସଦଦ୍ୱାରା ପ୍ରଣୀତ ଆଇନକୁ, ଯାହା ସଂସଦ ପ୍ରଣୟନ କରିବା ପାଇଁ ଯୋଗ୍ୟ ହୋଇଥାଏ ତାର ବିରୁଦ୍ଧାଚାରଣ କରୁଥାଏ କିମ୍ବା ଯୁଗ୍ମ ତାଲିକାରେ ଉଲ୍ଲେଖିତ କୌଣସି ବିଷୟ ସମ୍ବନ୍ଧରେ କୌଣସି ପ୍ରଚଳିତ ଆଇନର କୌଣସି କୌଣସି ବ୍ୟବସ୍ଥା ଏବଂ ତାହା ଖଣ୍ଡ(2)ର ବ୍ୟବସ୍ଥା ଅଧୀନସ୍ଥ, ଯଥାସ୍ଥିତି ସେତେବେଳେ ସଂସଦଦ୍ୱାରା ପ୍ରଣୀତ ଆଇନ, ଯାହା ଏପରି ରାଜ୍ୟର ବିଧାନମଣ୍ଡଳଦ୍ୱାରା ପ୍ରଣୀତ ଆଇନ ଗୃହୀତ ହେବା ପୂର୍ବରୁ ବା ପରେ ଗୃହୀତ ହୋଇଥିବ କିମ୍ବା ପ୍ରଚଳିତ ଆଇନ ବଳବତ୍ତର ରହିବ ଏବଂ ରାଜ୍ୟ ବିଧାନମଣ୍ଡଳଦ୍ୱାରା ପ୍ରଣୀତ ଆଇନ ଯେତେଦୂର ପର୍ଯ୍ୟନ୍ତ ପ୍ରଚଳିତ ଆଇନର ବିରୁଦ୍ଧାଚାରଣ କରୁଥିବ, ସେପର୍ଯ୍ୟନ୍ତ ଅବୈଧ ହେବ ।

(2) ଯେତେବେଳେ ରାଜ୍ୟ ବିଧାନମଣ୍ଡଳ[1]*** ଯୁଗ୍ମ ତାଲିକାରେ ବର୍ଣ୍ଣିତ କୌଣସି ବିଷୟରେ ଆଇନ ପ୍ରଣୟନ କରନ୍ତି ଏବଂ ତାହା ଯଦି ସଂସଦଦ୍ୱାରା ପୂର୍ବରୁ ପ୍ରଣୀତ କୌଣସି ଆଇନ ସେହି ବିଷୟ ସମ୍ବନ୍ଧୀୟ କୌଣସି ଆଇନର ବିରୁଦ୍ଧାଚରଣ କରୁଥାଏ, ତେବେ ସେହି ରାଜ୍ୟ ବିଧାନମଣ୍ଡଳଦ୍ୱାରା ପ୍ରଣୀତ ସେହି ଆଇନଟି ଯଦି ରାଷ୍ଟ୍ରପତିଙ୍କ ବିଚାର ପାଇଁ ସଂରକ୍ଷିତ ଥାଏ ଏବଂ ରାଷ୍ଟ୍ରପତିଙ୍କ ସମ୍ମତି ଲାଭ କରିଥାଏ, ତାହା ସେହି ରାଜ୍ୟରେ ପ୍ରଚଳିତ ହେବ:

କିନ୍ତୁ, ଏହି ଖଣ୍ଡର କୌଣସି ବ୍ୟବସ୍ଥା ସଂସଦକୁ ସେହି ସମାନ ବିଷୟରେ କୌଣସି ଆଇନ ଯାହାର ଅନ୍ତର୍ଗତ ଏପରି ଏକ ଆଇନ ଅଛି, ଯାହା ରାଜ୍ୟ ବିଧାନମଣ୍ଡଳଦ୍ୱାରା ଏହି ପ୍ରକାର ଗୃହୀତ କରାଯାଇଥିବା ଆଇନର ସଂଯୋଗୀକରଣ, ପରିବର୍ତ୍ତନ କିମ୍ବା, ରଦ୍ଦ କରୁଛି, କୌଣସି ଆଇନ ପ୍ରଣଯନ କରିବା ପାଇଁ ବାରଣ କରିବ ନାହିଁ ।

**255. ସୁପାରିଶ ଏବଂ ପୂର୍ବ ମଞ୍ଜୁରି ନିମନ୍ତେ ଆବଶ୍ୟକତାକୁ କେବଳ ପାଦ୍ଧତିକ ପ୍ରକ୍ରିୟାଭାବେ ବିଚାର କରାଯିବ—** ସଂସଦର କିମ୍ବା ରାଜ୍ୟ ବିଧାନମଣ୍ଡଳର [1]***କୌଣସି ଆଇନ—

---

[1] ଭାରତୀୟ ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା ପ୍ରଥମ ଅନୁସୂଚୀର ଭାଗ A କିମ୍ବା ଭାଗ B ରେ ଥିବା "ନିର୍ଦ୍ଦିଷ୍ଟ" ଶବ୍ଦ ଏବଂ ଅକ୍ଷରଗୁଡ଼ିକ ବାଦ୍ ଦିଆଯାଇଛି (1-11-1956ଠାରୁ କାର୍ଯ୍ୟକାରୀ) ।

(*a*) ଯେତେବେଳେ ସୁପାରିଶ ରାଜ୍ୟପାଳଙ୍କଦ୍ୱାରା ଆବଶ୍ୟକ ହୋଇଥାଏ, ସେତେବେଳେ ରାଜ୍ୟପାଳଙ୍କ ଦ୍ୱାରା କିମ୍ବା ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମତି ପ୍ରଦାନ କରାଯାଇଥିଲା;

(*b*) ଯେତେବେଳେ ସୁପାରିଶ ରାଜପ୍ରମୁଖଙ୍କଦ୍ୱାରା ଆବଶ୍ୟକ ହୋଇଥାଏ, ସେତେବେଳେ ରାଜପ୍ରମୁଖଙ୍କ ଦ୍ୱାରା ହୋଇଥାଏ, କିମ୍ବା ରାଷ୍ଟ୍ରପତିଙ୍କଦ୍ୱାରା ସମ୍ମତି ପ୍ରଦାନ କରାଯାଇଥିଲା;

(*c*) ଯେତେବେଳେ ରାଷ୍ଟ୍ରପତିଙ୍କ ସୁପାରିଶ କିମ୍ବା ପୂର୍ବ ମଞ୍ଜୁରି ଆବଶ୍ୟକ ହୋଇଥାଏ, ସେତେବେଳେ, ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମତି ପ୍ରଦାନ କରାଯାଇଥିଲା;

ତେବେ ଏପରି କୌଣସି ଅଧିନିୟମ ଏବଂ ଅଧିନିୟମ ଅଧୀନସ୍ଥ କୌଣସି ବ୍ୟବସ୍ଥା ଏହି କାରଣରୁ ଅବୈଧ ହେବ ନାହିଁ ଯେ ଏଥିପାଇଁ ସମ୍ବିଧାନଦ୍ୱାରା ଆବଶ୍ୟକ ପୂର୍ବ ମଞ୍ଜୁରି କିମ୍ବା ସୁପାରିଶ ପ୍ରଦାନ କରାଯାଇନଥିଲା।

## ଅଧ୍ୟାୟ 2— ପ୍ରଶାସନିକ ସମ୍ବନ୍ଧ

*ସାଧାରଣ*

**256. ରାଜ୍ୟ ଓ କେନ୍ଦ୍ରର ଦାୟିତ୍ୱ—** ପ୍ରତ୍ୟେକ ରାଜ୍ୟର କାର୍ଯ୍ୟପାଳିକାର କ୍ଷମତା ଏପରି ପ୍ରୟୋଗ ହେବା ଆବଶ୍ୟକ ଯାହା ସଂସଦଦ୍ୱାରା ପ୍ରଣୀତ ଆଇନ ଏବଂ ଏପରି କୌଣସି ପ୍ରଚଳିତ ଆଇନ ଯାହା ସେହି ରାଜ୍ୟ ପାଇଁ ଲାଗୁହେବ, ପାଳନ ସୁନିଶ୍ଚିତ ହେବ ଏବଂ କେନ୍ଦ୍ରର କାର୍ଯ୍ୟପାଳିକା କ୍ଷମତାର ଏପରି ବିସ୍ତାର କୌଣସି ରାଜ୍ୟକୁ ନିର୍ଦ୍ଦେଶ ଦେବା ପର୍ଯ୍ୟନ୍ତ ହେବ ଯାହା ଭାରତର ସରକାରଙ୍କୁ ଏହା ଆବଶ୍ୟକ ବୋଲି ପ୍ରତ୍ୟୟମାନ ହେବ ।

**257. ନିର୍ଦ୍ଦିଷ୍ଟ କ୍ଷେତ୍ରରେ ରାଜ୍ୟଗୁଡ଼ିକ ଉପରେ କେନ୍ଦ୍ରର ନିୟନ୍ତ୍ରଣ**— (1) ପ୍ରତ୍ୟେକ ରାଜ୍ୟର କାର୍ଯ୍ୟପାଳିକାର କ୍ଷମତା ଏପରି ହେବା ଆବଶ୍ୟକ ଯାହା କେନ୍ଦ୍ରର କାର୍ଯ୍ୟପାଳିକାର କ୍ଷମତାରେ ବାଧା ସୃଷ୍ଟି କରିବ ନାହିଁ କିମ୍ବା ପ୍ରତିକୂଳ ପ୍ରଭାବ ପକାଇବ ନାହିଁ ଏବଂ କେନ୍ଦ୍ରର କାର୍ଯ୍ୟପାଳିକା କ୍ଷମତା ଏପରି ବିସ୍ତାର ହେବ କୌଣସି ରାଜ୍ୟକୁ ଏପରି ନିର୍ଦ୍ଦେଶ ଦେବା ପର୍ଯ୍ୟନ୍ତ ହେବ, ଏହା ଆବଶ୍ୟକ ବୋଲି ପ୍ରତ୍ୟୟ ହେବ ।

(2) କେନ୍ଦ୍ରର କାର୍ଯ୍ୟପାଳିକା କ୍ଷମତାର ମଧ ବିସ୍ତାର ଏପରି ଯୋଗାଯୋଗ ସାଧନର ନିର୍ମାଣ ଓ ରକ୍ଷଣାବେକ୍ଷଣର ନିର୍ଦ୍ଦେଶ ଦେବା ପାଇଁ ହେବ, ଯାହାକି ରାଜ୍ୟକୁ ଜାତୀୟ ଓ ସୈନ୍ୟ ବାହିନୀର ଗୁରୁତ୍ୱପୂର୍ଣ୍ଣତା ପାଇଁ ସେହି ନିର୍ଦ୍ଦେଶରେ ଘୋଷିତ ହେଇଥିବ ।

କିନ୍ତୁ, ଏହି ଭାଗର କୌଣସି ବିଷୟ କୌଣସି ରାଜମାର୍ଗ ବା ଜଳମାର୍ଗକୁ ଜାତୀୟ ରାଜପଥ ବା ଜାତୀୟ ଜଳପଥ ଘୋଷଣା କରିବା ପାଇଁ ସଂସଦର କ୍ଷମତାକୁ ଅଥବା ଏହି ପ୍ରକାର ଘୋଷଣା କରାଯାଇଥିବା ରାଜପଥ ବା ଜଳପଥ ବିଷୟରେ କେନ୍ଦ୍ରର କ୍ଷମତାକୁ ଅଥବା ନୌସେନା, ସ୍ଥଳ ସେନା ଏବଂ ବାୟୁସେନା ସମ୍ବନ୍ଧୀୟ ବିଷୟ ଘୋଷିତ ହୋଇଥିବା ମତେ ଯୋଗାଯୋଗ ବ୍ୟବସ୍ଥାର ନିର୍ମାଣ ଓ ରକ୍ଷଣାବେକ୍ଷଣ ନିମିତ୍ତ କେନ୍ଦ୍ରର କ୍ଷମତାକୁ ପ୍ରତିବନ୍ଧିତ କରୁଛି ବୋଲି ବିବେଚନା କରାଯାଇପାରିବ ନାହିଁ ।

(3) କେନ୍ଦ୍ରର କାର୍ଯ୍ୟପାଳିକା କ୍ଷମତାର ବିସ୍ତାର କୌଣସି ରାଜ୍ୟରେ ରେଳପଥର ସଂରକ୍ଷଣ ପାଇଁ କରାଯାଇଥିବା ଉପାୟର ବିଷୟ ସେହି ରାଜ୍ୟକୁ ନିର୍ଦ୍ଦେଶ ଦେବା ପର୍ଯ୍ୟନ୍ତ ବିସ୍ତାରିତ ହେବ ।

(4) ଯାହା ଖଣ୍ଡ (2) ଅଧୀନରେ ଯୋଗାଯୋଗ ବ୍ୟବସ୍ଥାର ନିର୍ମାଣ ବା ରକ୍ଷଣାବେକ୍ଷଣ ବାବଦରେ ଅଥବା ଖଣ୍ଡ (3)ର ଅଧୀନରେ କୌଣସି ରେଳପଥ ସଂରକ୍ଷଣ ପାଇଁ ଅବଲମ୍ବନ କରାଯାଇଥିବା ଉପାୟ ବାବଦରେ କୌଣସି ରାଜ୍ୟକୁ ଦିଆଯାଇଥିବା କୌଣସି ପ୍ରକାର ନିର୍ଦ୍ଦେଶ ପାଳନରେ, ଯଦି ରାଜ୍ୟର ସାଧାରଣ ଦାୟିତ୍ୱ ନିର୍ବାହନ କରିବାରେ ଯାହା ଖର୍ଚ୍ଚ ହୋଇଥାନ୍ତା ଯଦି ତହିଁରୁ ଅଧିକ ଖର୍ଚ୍ଚ ହୁଏ, ଯଦି ଏପରି ନିର୍ଦ୍ଦେଶ ଦିଆଯାଇ ନଥାନ୍ତା ତେବେ ରାଜ୍ୟର ସାଧାରଣ ଦାୟିତ୍ୱ ନିର୍ବାହନ କରିବାରେ ଯାହା ଖର୍ଚ୍ଚ ହୋଇଥାନ୍ତା, ସେଠାରେ ରାଜ୍ୟଦ୍ୱାରା ଏହି ପ୍ରକାର କରାଯାଇଥିବା ଅତିରିକ୍ତ ଖର୍ଚ୍ଚ ବିଷୟରେ ଭାରତ ସରକାରଙ୍କଦ୍ୱାରା ଚୁକ୍ତି ଅନୁସାରେ କିମ୍ବା ଚୁକ୍ତି ଉଲ୍ଲଙ୍ଘନ କ୍ଷେତ୍ରରେ ଭାରତର ମୁଖ୍ୟ ନ୍ୟାୟାଧୀଶଙ୍କ ଦ୍ୱାରା ନିଯୁକ୍ତ ମଧ୍ୟସ୍ଥିଙ୍କ ନିର୍ଦ୍ଧାରିତ ରାଶି ଅନୁସାରେ ସେହି ରାଜ୍ୟକୁ ପ୍ରଦାନ କରାଯିବ ।

[1]**[257A.** [*କେନ୍ଦ୍ରର ସଶସ୍ତ୍ର ବାହିନୀ କିମ୍ବା ଅନ୍ୟ ବାହିନୀ ନିୟୋଜନଦ୍ୱାରା ରାଜ୍ୟକୁ ସହାୟତା*]*— (ସମ୍ବିଧାନ 44ତମ ସଂଶୋଧନ) ଅଧିନିୟମ, 1978ର ଧାରା 33ଦ୍ୱାରା ବାଦ୍ ଦିଆଯାଇଛି (20-06-1979ଠାରୁ କାର୍ଯ୍ୟକାରୀ) ]*]

**258. କେତେକ ନିର୍ଦ୍ଦିଷ୍ଟ ବିଷୟରେ ରାଜ୍ୟ ଉପରେ କ୍ଷମତା ନ୍ୟସ୍ତ କରିବା ଇତ୍ୟାଦିରେ କେନ୍ଦ୍ରର କ୍ଷମତା**— (1) ଏହି ସମ୍ବିଧାନରେ ଯେକୌଣସି ବିଷୟ ସତ୍ତ୍ୱେ, ରାଷ୍ଟ୍ରପତି, ଏକ ରାଜ୍ୟ ସରକାରଙ୍କ ସମ୍ମତି ସହିତ, ସଂଘର କାର୍ଯ୍ୟନିର୍ବାହୀ କ୍ଷମତା ବିସ୍ତାରିତ ଯେକୌଣସି ବିଷୟ ସମ୍ପର୍କରେ ସେହି ସରକାରଙ୍କୁ କିମ୍ବା ଏହାର ଅଧିକାରୀମାନଙ୍କୁ ସର୍ତ୍ତମୂଳକ କିମ୍ବା ନିଃସର୍ତ୍ତ ଭାବରେ କାର୍ଯ୍ୟ ପ୍ରଦାନ କରିପାରିବେ।

(2) ସଂସଦଦ୍ୱାରା ତିଆରି ହୋଇଥିବା ଆଇନ ଯାହା କୌଣସି ରାଜ୍ୟପ୍ରତି ପ୍ରଯୁଜ୍ୟ ସେହି ବିଷୟ ସମ୍ବନ୍ଧୀୟ ହେଲେ ମଧ୍ୟ କାର୍ଯ୍ୟ ହୋଇ ମଧ୍ୟ ଯେଉଁ ବିଷୟରେ ରାଜ୍ୟ ବିଧାନମଣ୍ଡଳକୁ ଆଇନ ପ୍ରଣୟନ କରିବାର କ୍ଷମତା ନାହିଁ, ସେହି ରାଜ୍ୟ ବା ଏହାର ଅଧିକାରୀଙ୍କୁ ବା କର୍ତ୍ତୃପକ୍ଷଙ୍କୁ କ୍ଷମତା ପ୍ରଦାନ, ଦାୟିତ୍ୱ ନ୍ୟସ୍ତ କିମ୍ବା କ୍ଷମତା ପ୍ରଦାନ କରିବା ପାଇଁ ଅଧିକୃତ କରାଯାଇପାରିବ ।

(3) ଏହି ଅନୁଚ୍ଛେଦ ବଳରେ କୌଣସି ରାଜ୍ୟ ଅଥବା ତାହାର ଅଧିକାରୀ ବା କର୍ତ୍ତୃପକ୍ଷଙ୍କ ଉପରେ କ୍ଷମତା ପ୍ରଦାନ ଯେଉଁଠାରେ ନ୍ୟସ୍ତ କରାଯାଇଛି, ସେହି କ୍ଷମତା ଓ କର୍ତ୍ତବ୍ୟର ପ୍ରୟୋଗ ସମ୍ପର୍କରେ ରାଜ୍ୟଦ୍ୱାରା କରାଯାଇଥିବା ଅତିରିକ୍ତ ପ୍ରଶାସନିକ ଖର୍ଚ୍ଚ ବାବଦରେ ଭାରତ ସରକାରଙ୍କଦ୍ୱାରା ରାଜ୍ୟ ସରକାରଙ୍କୁ ଏମିତି ଧନରାଶି ଯାହା ଚୁକ୍ତିବଦ୍ଧ ହୋଇଥିବା କିମ୍ବା ଚୁକ୍ତି ଉଲ୍ଲଘଂନରେ ଏହି ଖର୍ଚ୍ଚ ଧନରାଶି, ଯାହା ଭରତର ମୁଖ୍ୟ ନ୍ୟାୟାଧୀଶଙ୍କଦ୍ୱାରା ନିଯୁକ୍ତ ମଧ୍ୟସ୍ଥି ସ୍ଥିରୀକୃତ କରିଥିବେ ତାହା ପ୍ରଦାନ କରାଯିବ ।

[2][**258A. କେନ୍ଦ୍ର ସରକାରଙ୍କୁ ଦାୟିତ୍ୱ ପ୍ରଦାନ ନିମନ୍ତେ ରାଜ୍ୟ ସରକାରଙ୍କ କ୍ଷମତା—** ଏହି ସମ୍ବିଧାନରେ ଯାହା କିଛି ଥିବା ସତ୍ତ୍ୱେ, କୌଣସି ରାଜ୍ୟର ରାଜ୍ୟପାଳ ଭାରତ ସରକାରଙ୍କ ସହମତିରେ, ରାଜ୍ୟର କାର୍ଯ୍ୟନିର୍ବାହୀ କ୍ଷମତା ବିସ୍ତାରିତ ଯେକୌଣସି ବିଷୟ ସମ୍ପର୍କରେ ସର୍ତ୍ତମୂଳକ କିମ୍ବା ନିଃସର୍ତ୍ତଭାବରେ ସେହି ରାଜ୍ୟ ସରକାର ବା ରାଜ୍ୟସରକାରଙ୍କ କୌଣସି ଅଧିକାରୀଙ୍କୁ ନ୍ୟସ୍ତ କରିପାରିବେ ।]

**[259.** *ପ୍ରଥମ ଅନୁସୂଚୀର ଭାଗ Bରେ ରାଜ୍ୟର ସଶସ୍ତ୍ର ବଳ* ] *—ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ 1956ର ଧାରା 29 ଏବଂ ଅନୁସୂଚୀ ଦ୍ୱାରା ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ)*

**260. କେନ୍ଦ୍ରସରକାରଙ୍କ ଭାରତ ବାହାର ଅଞ୍ଚଳ ସମ୍ବନ୍ଧରେ କର୍ତ୍ତୃତ୍ୱ**— ଭାରତ ସରକାର, କୌଣସି ଅଞ୍ଚଳର ସରକାରଙ୍କ ସହିତ ଯିଏକି ଭାରତର କୌଣସି ଅଞ୍ଚଳର ଅଂଶ ନୁହେଁ, ଚୁକ୍ତିଦ୍ୱାରା ଅଧୀନସ୍ଥ କୌଣସି ପ୍ରଶାସନିକ, ବୈଧାନିକ ବା ନ୍ୟାୟପାଳିକାର ଭାର ନିଜ ଉପରେ ନିୟୋଜିତ କରିପାରନ୍ତି କିନ୍ତୁ ଏପରି ପ୍ରତ୍ୟେକ ଚୁକ୍ତି ବିଦେଶୀ ଅଧିକାରିତାର ପ୍ରୟୋଗ ସମ୍ପର୍କରେ ସେହି ସମୟରେ ବଳବତ୍ତର ଥିବା ଆଇନର ଅଧୀନ ହେବ ଏବଂ ତଦନୁସାରେ ପାଳନ କରାଯିବ ।

---

[1] ଭାରତୀୟ ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 43ଦ୍ୱାରା ସନ୍ନିବେଶିତ (3-1-1977ଠାରୁ କାର୍ଯ୍ୟକାରୀ) ।

[2] ଭାରତୀୟ ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 18ଦ୍ୱାରା ସନ୍ନିବେଶିତ (1-11-1956ଠାରୁ କାର୍ଯ୍ୟକାରୀ) ।

**261. ସରକାରୀ କାର୍ଯ୍ୟ, ରେକର୍ଡ ଏବଂ ନ୍ୟାୟିକ କାର୍ଯ୍ୟାନୁଷ୍ଠାନ**— (1) ଭାରତର ରାଜ୍ୟକ୍ଷେତ୍ରର ସମଗ୍ର ଅଞ୍ଚଳରେ କେନ୍ଦ୍ର ଓ ରାଜ୍ୟର ସରକାରୀ କାର୍ଯ୍ୟ, ରେକର୍ଡ ଏବଂ ନ୍ୟାୟିକ କାର୍ଯ୍ୟାନୁଷ୍ଠାନକୁ ସମ୍ପୂର୍ଣ୍ଣ ବିଶ୍ୱାସ ଏବଂ ପୂର୍ଣ୍ଣ ମାନ୍ୟତା ପ୍ରଦାନ କରାଯିବ ।

(2) ଖଣ୍ଡ (1)ରେ ଉଲ୍ଲେଖିତ କାର୍ଯ୍ୟ, ରେକର୍ଡ ଏବଂ କାର୍ଯ୍ୟାନୁଷ୍ଠାନକୁ ପ୍ରମାଣିତ କରିବା ପାଇଁ ପଦ୍ଧତି ଏବଂ ସର୍ତ୍ତାବଳୀ ତଥା ଏହାର ପ୍ରଭାବର ଅବଧାରଣା ସଂସଦଦ୍ୱାରା ପ୍ରସ୍ତୁତ ହୋଇଥିବା ଆଇନଦ୍ୱାରା ଉଲ୍ଲେଖିତ ପଦ୍ଧତି ଅନୁଯାୟୀ କରାଯିବ ।

(3) ଭାରତର କୌଣସି ଭାଗରେ ଦେୱାନୀ ନ୍ୟାୟାଳୟଦ୍ୱାରା ଦିଆଯାଇଥିବା ଚୂଡ଼ାନ୍ତ ରାୟ ବା ଆଦେଶକୁ ଉକ୍ତ ରାଜ୍ୟ କ୍ଷେତ୍ରର କୌଣସି ଅଞ୍ଚଳର ଯେକୌଣସି ଅଞ୍ଚଳ ମଧ୍ୟରେ ଆଇନ ଅନୁଯାୟୀ ସମ୍ପାଦିତ କରାଯାଇପାରିବ ।

*ଜଳ ସମ୍ବନ୍ଧୀୟ ବିବାଦ*

**262. ଆନ୍ତଃରାଜ୍ୟ ନଦୀ କିମ୍ବା ନଦୀ ଉପତ୍ୟକାର ଜଳ ସମ୍ବନ୍ଧୀୟ ବିବାଦର ନ୍ୟାୟ ସଙ୍ଗତ ନିଷ୍ପତ୍ତି**— (1) କୌଣସି ଆନ୍ତଃରାଜ୍ୟର ନଦୀ କିମ୍ବା ନଦୀ ଉପତ୍ୟକାର କିମ୍ବା ସେଥିରେ ଜଳର ବ୍ୟବହାର, ବଣ୍ଟନ କିମ୍ବା ନିୟନ୍ତ୍ରଣ ସମ୍ବନ୍ଧୀୟ କୌଣସି ବିବାଦ କିମ୍ବା ଅଭିଯୋଗର ନ୍ୟାୟ ସଙ୍ଗତ ନିଷ୍ପତ୍ତି କରିବା ପାଇଁ ସଂସଦ, ଆଇନଦ୍ୱାରା ବ୍ୟବସ୍ଥା କରିପାରିବେ ।

(2) ଏହି ସମ୍ବିଧାନରେ ଯେକୌଣସି ବିଷୟ ଥିବା ସତ୍ତ୍ୱେ, ସଂସଦ, ଆଇନଦ୍ୱାରା ବ୍ୟବସ୍ଥା କରିପାରିବ ଯେ ସର୍ବୋଚ୍ଚ ନ୍ୟାୟାଳୟ କିମ୍ବା ଅନ୍ୟ କୌଣସି ନ୍ୟାୟାଳୟ ଖଣ୍ଡ (1)ରେ ନିର୍ଦ୍ଦିଷ୍ଟ କୌଣସି ବିବାଦ କିମ୍ବା ଅଭିଯୋଗ ସମ୍ବନ୍ଧରେ କର୍ତ୍ତୃତ୍ୱ ପ୍ରୟୋଗ କରିପାରିବେ ନାହିଁ ।

*ରାଜ୍ୟମାନଙ୍କ ଭିତରେ ସମନ୍ୱୟତା*

**263. ଆନ୍ତଃରାଜ୍ୟ ପରିଷଦ ସମ୍ବନ୍ଧରେ ବ୍ୟବସ୍ଥା**— ଯଦି କୌଣସି ସମୟରେ ରାଷ୍ଟ୍ରପତିଙ୍କୁ ପ୍ରତୀୟମାନ ହୁଏ ଯେ କର୍ତ୍ତବ୍ୟ ନ୍ୟସ୍ତ କରାଯାଇଥିବା ଏପରି ଏକ ପରିଷଦର ସ୍ଥାପନା ଜନହିତରେ ସିଦ୍ଧ ହେବ ଯାହା—

(*a*) ରାଜ୍ୟମାନଙ୍କ ମଧ୍ୟରେ ଯେଉଁ ବିବାଦ ଉତ୍ପନ୍ନ ହୋଇଥିବ, ସେ ବିଷୟରେ ଉପଦେଶ ଦେବା ସହିତ ତଦନ୍ତ କରିବା;

(*b*) କେତେକ ବା ସମସ୍ତ ରାଜ୍ୟର କିମ୍ବା କେନ୍ଦ୍ର ଏବଂ ଏକ ବା ଅଧିକ ରାଜ୍ୟର ସମାନ ହିତ ସମ୍ବନ୍ଧୀୟ ସମସ୍ତ ବିଷୟର ଅନୁସନ୍ଧାନ କରିବା ଏବଂ ତାଉପରେ ଆଲୋଚନା କରିବା; ଅଥବା

(*c*) ଏପରି କୌଣସି ବିଷୟରେ ସୁପାରିଶ କରିବା ଏବଂ ବିଶେଷତଃ ଏହି ବିଷୟ ସମ୍ବନ୍ଧରେ ନୀତି ଏବଂ କର୍ଯ୍ୟାନୁଷ୍ଠାନର ଅଧିକ ଏବଂ ଉତ୍ତମ ସମନ୍ୱୟ ପାଇଁ ସୁପାରିଶ କରିବାର ଦାୟିତ୍ୱ ଦିଆଯାଏ,

ତେବେ ରାଷ୍ଟ୍ରପତିଙ୍କ ପାଇଁ ଏହା ଆଇନ ସଙ୍ଗତ ହେବ ଯେ, ସେ ଆଦେଶଦ୍ୱାରା ଏପରି ଏକ ପରିଷଦ ପ୍ରତିଷ୍ଠା କରିବେ ଏବଂ ଏହାଦ୍ୱାରା ନିର୍ବାହ ହେବାକୁଥିବା କର୍ତ୍ତବ୍ୟର ପ୍ରକୃତି ଏବଂ ଏହାର ସଙ୍ଗଠନ ଏବଂ ପ୍ରଣାଳୀକୁ ବ୍ୟାଖ୍ୟା କରିବା ନିଶ୍ଚିତ କରିବେ ।

# ଭାଗ 12

## ଅର୍ଥ, ସମ୍ପତ୍ତି, ଚୁକ୍ତି ଓ ମକଦ୍ଦମା

### ଅଧ୍ୟାୟ 1- ଅର୍ଥ

*ସାଧାରଣ*

[1][**264. ବ୍ୟାଖ୍ୟା—** ଏହି ଭାଗରେ, "ଅର୍ଥ ଆୟୋଗ" ଅର୍ଥ ଅନୁଚ୍ଛେଦ 280 ଅଧୀନରେ ଗଠିତ ଏକ ଅର୍ଥ ଆୟୋଗ।]

**265. ଆଇନର ଅଧିକାର ବିନା କୌଣସି କର ଧାର୍ଯ୍ୟ ନକରିବା—** ଆଇନର ଅଧିକାର ବିନା କୌଣସି କର ଆଦାୟ ବା ସଂଗ୍ରହ କରାଯିବ ନାହିଁ ।

**266. ଭାରତ ଓ ରାଜ୍ୟର ସଞ୍ଚିତ ପାଣ୍ଠି ଏବଂ ସରକାରୀ ହିସାବ—** (1) ଅନୁଚ୍ଛେଦ 267 ଏବଂ ଏହି ଅଧ୍ୟାୟର ବ୍ୟବସ୍ଥା ଅନୁଯାୟୀ, ରାଜ୍ୟକୁ କେତେକ କର ଏବଂ ଶୁଳ୍କର ସମୁଦାୟ ବା ଆଂଶିକ ସମ୍ପୂର୍ଣ୍ଣ ଆୟ ରାଜ୍ୟକୁ ପ୍ରଦାନ କରିବା ସମ୍ପର୍କରେ, ଭାରତ ସରକାରଙ୍କଦ୍ୱାରା ପ୍ରାପ୍ତ ସମସ୍ତ ରାଜସ୍ୱ, କୋଷାଗାର ବିଧେୟକ, ଋଣ ବା ଉପାୟ ଏବଂ ଅର୍ଥୋପାୟ ଅଗ୍ରିମ ମାଧ୍ୟମରେ ସେହି ସରକାରଦ୍ୱାରା ସଂଗ୍ରହ କରାଯାଇଥିବା ସମସ୍ତ ଋଣ ଏବଂ ସେହି ସରକାରଙ୍କଦ୍ୱାରା ଋଣ ପରିଶୋଧରେ ପ୍ରାପ୍ତ ସମସ୍ତ ଅର୍ଥର ଏକ ସଞ୍ଚିତ ପାଣ୍ଠି ଗଠନ କରାଯିବ ଯାହାକୁ "ଭାରତର ସଞ୍ଚିତ ପାଣ୍ଠି" ବୋଲି ନାମିତ କରାଯିବ ଏବଂ ରାଜ୍ୟ ସରକାରଙ୍କଦ୍ୱାରା ପ୍ରାପ୍ତ ସମସ୍ତ ରାଜସ୍ୱ, କୋଷାଗାର ବିଧେୟକ, ଋଣ ବା ଉପାୟ ଏବଂ ଅର୍ଥୋପାୟ ଅଗ୍ରିମ ମାଧ୍ୟମରେ ସେହି ସରକାରଦ୍ୱାରା ସଂଗ୍ରହ କରାଯାଇଥିବା ସମସ୍ତ ଋଣ ଏବଂ ସେହି ସରକାରଙ୍କଦ୍ୱାରା ଋଣ ପରିଶୋଧରେ ପ୍ରାପ୍ତ ସମସ୍ତ ଅର୍ଥର ଏକ ସଞ୍ଚିତ ପାଣ୍ଠି ଗଠିତ ହେବ ଯାହା "ରାଜ୍ୟର ସଞ୍ଚିତ ପାଣ୍ଠି" ବୋଲି ନାମିତ ହେବ ।

(2) ଭାରତ ସରକାର ବା ରାଜ୍ୟ ସରକାରଙ୍କ ପକ୍ଷରୁ କିମ୍ବା ତାଙ୍କଦ୍ୱାରା ପ୍ରାପ୍ତ ଅନ୍ୟ ସମସ୍ତ ସରକାରୀ ଅର୍ଥ ଭାରତର ସରକାରୀ ହିସାବ ବା ରାଜ୍ୟର ସରକାରୀ ହିସାବରେ, ଯଥାସ୍ଥିତି ଜମା କରାଯିବ ।

(3) ଭାରତର ସଞ୍ଚିତ ପାଣ୍ଠି କିମ୍ବା ରାଜ୍ୟର ସଞ୍ଚିତ ପାଣ୍ଠିରୁ କୌଣସି ଅର୍ଥ ଆଇନ ଅନୁଯାୟୀ ଏବଂ ଏହି ସମ୍ବିଧାନରେ ନିର୍ଦ୍ଧାରିତ ଉଦ୍ଦେଶ୍ୟ ଏବଂ ପଦ୍ଧତି ବ୍ୟତୀତ ଅନ୍ୟ କୌଣସି ଅନୁସାରେ ବିନିଯୋଗ କରାଯାଇପାରିବ ନାହିଁ ।

**267. ଜରୁରୀକାଳୀନ ପାଣ୍ଠି—** ସଂସଦ ଆଇନଦ୍ୱାରା ଏକ ଅଗ୍ରିମ ଧନ ରୂପେ ବିବେଚିତ "ଭାରତର ଜରୁରୀକାଳୀନ ପାଣ୍ଠି" ନାମକ ଏକ ଜରୁରୀକାଳୀନ ପାଣ୍ଠି ସ୍ଥାପନ କରିପାରିବ, ଯେଉଁଥିରେ କି ଏପରି ଏକ ଆଇନଦ୍ୱାରା ନିର୍ଦ୍ଧାରିତ ରାଶି ସମୟ ସମୟରେ ଜମା କରାଯିବ ଏବଂ ଏହି ଧନ ରାଶି ରାଷ୍ଟ୍ରପତିଙ୍କ ଅଧୀନରେ ରହିବ, ଯାହାଦ୍ୱାରା ସେ ଏହି ପାଣ୍ଠିରୁ ଅଗ୍ରିମ ରାଶି ଦେଇପାରିବେ, ଯାହା ଅପ୍ରତ୍ୟାଶିତ ଖର୍ଚ୍ଚର ଆବଶ୍ୟକତା ପୂରଣ କରିବା ପାଇଁ ଦରକାର ଏବଂ ଯାହାକୁ ପରେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 115 କିମ୍ବା 116 ଅନୁଯାୟୀ ଆଇନଦ୍ୱାରା ସଂସଦଦ୍ୱାରା ଅନୁମୋଦନ କରାଯାଇପାରିବ।

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା, ଅନୁଚ୍ଛେଦ 264 ପାଇଁ ପ୍ରତିସ୍ଥାପିତ (1-11-1956 ଠାରୁ କାର୍ଯ୍ୟକାରୀ)।

(2) ଏକ ରାଜ୍ୟର ବିଧାନମଣ୍ଡଳ, ଆଇନଦ୍ୱାରା ଏକ ଅଗ୍ରିମ ଧନ ରୂପେ "ରାଜ୍ୟର ଜରୁରୀକାଳୀନ ପାଣ୍ଠି" ନାମକ ଏକ ଜରୁରୀକାଳୀନ ପାଣ୍ଠି ସ୍ଥାପନ କରିପାରିବ, ଯେଉଁଥିରେ କି ଏପରି ଏକ ଆଇନଦ୍ୱାରା ନିର୍ଦ୍ଧାରିତ ରାଶି ସମୟ ସମୟରେ ଜମା କରାଯିବ ଏବଂ ଏହି ଧନ ରାଜ୍ୟର ରାଜ୍ୟପାଳଙ୍କ[1]*** ଅଧୀନରେ ରହିବ, ଯାହାଦ୍ୱାରା ସେ ଏହି ପାଣ୍ଠିରୁ ଅଗ୍ରିମ ରାଶି ଦେଇପାରିବେ, ଅପ୍ରତ୍ୟାଶିତ ଖର୍ଚ୍ଚର ଆବଶ୍ୟକତା ପୂରଣ କରିବା ପାଇଁ ଦରକାର ଏବଂ ଯାହାକୁ ପରେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 205 କିମ୍ବା 206 ଅନୁଯାୟୀ ଆଇନଦ୍ୱାରା ବିଧାନମଣ୍ଡଳଦ୍ୱାରା ଅନୁମୋଦନ କରାଯାଇପାରିବ ।

*କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ରାଜସ୍ୱ ବଣ୍ଟନ*

**268. କେନ୍ଦ୍ରଦ୍ୱାରା ଆଦାୟ କରାଯାଉଥିବା କିନ୍ତୁ ରାଜ୍ୟଦ୍ୱାରା ସଂଗ୍ରହ ଏବଂ ବଣ୍ଟନ କରାଯାଉଥିବା ଶୁଳ୍କ—** (1) କେନ୍ଦ୍ର ତାଲିକାରେ ଉଲ୍ଲେଖିତ ଏଭଳି ଷ୍ଟାମ୍ପ ଶୁଳ୍କ[2]*** ଭାରତ ସରକାରଙ୍କଦ୍ୱାରା ଆଦାୟ କରାଯିବ, କିନ୍ତୁ—

(*a*) ଯେଉଁ କ୍ଷେତ୍ରରେ ଏହିପରି ଶୁଳ୍କ କୌଣସି [3][କେନ୍ଦ୍ରଶାସିତ ଅଞ୍ଚଳ] ମଧ୍ୟରେ ଆଦାୟଯୋଗ୍ୟ, ସେଠାରେ ଭାରତ ସରକାରଙ୍କଦ୍ୱାରା, ଏବଂ

(*b*) ଅନ୍ୟ ପରିସ୍ଥିତିରେ ଯେଉଁ ରାଜ୍ୟ ମଧ୍ୟରେ ଏହିପରି ଶୁଳ୍କ ଆଦାୟଯୋଗ୍ୟ, ସେହି ରାଜ୍ୟଦ୍ୱାରା ସଂଗୃହିତ କରାଯିବ ।

(2) କୌଣସି ରାଜ୍ୟ ମଧ୍ୟରେ ଆଦାୟଯୋଗ୍ୟ ଏହିପରି ଶୁଳ୍କର ଆୟ କୌଣସି ଆର୍ଥିକ ବର୍ଷରେ ଭାରତର ସଞ୍ଚିତ ପାଣ୍ଠିର ଅଂଶ ହେବ ନାହିଁ ବରଂ ସେହି ରାଜ୍ୟକୁ ଆବଣ୍ଟନ କରାଯିବ ।

[4]**268A.** *[କେନ୍ଦ୍ରଦ୍ୱାରା ଆଦାୟ କରାଯାଉଥିବା ଏବଂ କେନ୍ଦ୍ର ଓ ରାଜ୍ୟମାନଙ୍କଦ୍ୱାରା ସଂଗ୍ରହ ଓ ଆବଣ୍ଟନ କରାଯାଉଥିବା ସେବା କର]*—ସମ୍ବିଧାନ (101ତମ ସଂଶୋଧନ) ଅଧିନିୟମ, 2016, ଧାରା 7ଦ୍ୱାରା ବାଦ୍ ଦିଆଯାଇଛି (16-9-2016ଠାରୁ କାର୍ଯ୍ୟକାରୀ) ।

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା "କିମ୍ବା ରାଜପ୍ରମୁଖ" ଶବ୍ଦ ବାଦ୍ ଦିଆଯାଇଛି (1-11-1956ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (101ତମ ସଂଶୋଧନ) ଅଧିନିୟମ, 2016, ଧାରା 6ଦ୍ୱାରା "ଔଷଧୀୟ ଏବଂ ପ୍ରସାଧନ ପ୍ରସ୍ତୁତି ଉପରେ ଏହିପରି ଅବକାରୀ ଶୁଳ୍କ" ଶବ୍ଦଗୁଡ଼ିକ ବାଦ୍ ଦିଆଯାଇଛି (16-9-2016ଠାରୁ କାର୍ଯ୍ୟକାରୀ)।

[3] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା, "ପ୍ରଥମ ଅନୁସୂଚୀର ଭାଗ Cରେ ଉଲ୍ଲେଖିତ ରାଜ୍ୟ" ପାଇଁ ପ୍ରତିସ୍ଥାପିତ (1-11-1956ଠାରୁ କାର୍ଯ୍ୟକାରୀ)।

[4] ସମ୍ବିଧାନ (୪୪ତମ ସଂଶୋଧନ) ଅଧିନିୟମ, 2003, ଧାରା 2ଦ୍ୱାରା ସନ୍ନିବେଶିତ (ତାରିଖ ବିଜ୍ଞପ୍ତି ହୋଇନାହିଁ)।

**269. କେନ୍ଦ୍ରଦ୍ୱାରା ଆଦାୟ ଏବଂ ସଂଗ୍ରହ କରାଯାଉଥିବ କିନ୍ତୁ ରାଜ୍ୟକୁ ବଣ୍ଟନ କରାଯାଉଥିବା କର—** [1][(1) ଦ୍ରବ୍ୟର ବିକ୍ରୟ ବା କ୍ରୟ ଉପରେ କର ଏବଂ ଦ୍ରବ୍ୟର ପ୍ରେରଣ ଉପରେ କର [2][ଅନୁଚ୍ଛେଦ 269Aରେ ଉଲ୍ଲେଖିତ ବ୍ୟବସ୍ଥା ବ୍ୟତୀତ] ଭାରତ ସରକାରଙ୍କଦ୍ୱାରା ଆଦାୟ ଏବଂ ସଂଗ୍ରହ କରାଯିବ, କିନ୍ତୁ ଏହା 1996 ମସିହା ଏପ୍ରିଲ ମାସର ପ୍ରଥମ ତାରିଖରୁ କିମ୍ବା ତା'ପରେ ରାଜ୍ୟମାନଙ୍କୁ ବଣ୍ଟନ କରାଯିବ ଏବଂ ବଣ୍ଟନ କରାଯାଇଥିବ ବୋଲି ଧରି ନିଆଯିବ, ଯେପରି ଖଣ୍ଡ (2)ରେ ପ୍ରଦାନ କରାଯାଇଛି ।

*ସ୍ପଷ୍ଟୀକରଣ*— ଏହି ଖଣ୍ଡର ଉଦ୍ଦେଶ୍ୟ ପାଇଁ,—

(*a*) "ଦ୍ରବ୍ୟର ବିକ୍ରୟ ବା କ୍ରୟ ଉପରେ କର" ବାକ୍ୟାଂଶର ଅର୍ଥ ହେଉଛି ଖବରକାଗଜ ବ୍ୟତୀତ ଅନ୍ୟ ଦ୍ରବ୍ୟର ବିକ୍ରୟ ବା କ୍ରୟ ଉପରେ କର, ଯେଉଁଠାରେ ଏହିପରି ବିକ୍ରୟ ବା କ୍ରୟ ଆନ୍ତଃରାଜ୍ୟ ବାଣିଜ୍ୟ ବା ବ୍ୟବସାୟ ସମୟରେ ହୁଏ;

(*b*) "ଦ୍ରବ୍ୟର ପ୍ରେରଣ ଉପରେ କର" ବାକ୍ୟାଂଶର ଅର୍ଥ, ଦ୍ରବ୍ୟର ପ୍ରେରଣ ଉପରେ କର (ଯିଏ ପ୍ରେରଣ କରୁଛି ତାଙ୍କୁ ବା ଅନ୍ୟ କୌଣସି ବ୍ୟକ୍ତିଙ୍କୁ ହେଉ), ଯେଉଁଠାରେ ଏହିପରି ପ୍ରେରଣ ଆନ୍ତଃରାଜ୍ୟ ବାଣିଜ୍ୟ ବା ବ୍ୟବସାୟ ମଧ୍ୟରେ ହୁଏ ।

(2) ଏହିପରି କୌଣସି କରର ଏକ ଆର୍ଥିକ ବର୍ଷରେ ମୋଟ ଆୟ, ତାହା ବ୍ୟତୀତ ଯେପର୍ଯ୍ୟନ୍ତ ସେହି ଆୟ କେନ୍ଦ୍ରଶାସିତ ଅଞ୍ଚଳର ଆୟ ବୋଲି ଧରି ନିଆଯିବ, ତାହା ଭାରତର ସଞ୍ଚିତ ପାଣ୍ଠିର ଅଂଶ ହେବ ନାହିଁ, ବରଂ ସେହି ବର୍ଷରେ ଯେଉଁ ରାଜ୍ୟ ମଧ୍ୟରେ ସେହି କର ଆଦାୟଯୋଗ୍ୟ, ସେହି ରାଜ୍ୟକୁ ବଣ୍ଟନ କରାଯିବ ଏବଂ ସେହି ରାଜ୍ୟ ମଧ୍ୟରେ ସଂସଦଦ୍ୱାରା ଆଇନ ମାଧ୍ୟମରେ ନିର୍ଦ୍ଧାରିତ ଆବଣ୍ଟନ ନୀତି ଅନୁଯାୟୀ ଆବଣ୍ଟନ କରାଯିବ ।]

[3][(3) ସଂସଦ ଆଇନଦ୍ୱାରା ଆନ୍ତଃରାଜ୍ୟ ବାଣିଜ୍ୟ ବା ବ୍ୟବସାୟ ସମୟରେ [4][ଦ୍ରବ୍ୟର ବିକ୍ରୟ ବା କ୍ରୟ, ବା ପ୍ରେରଣ] କେବେ ହୁଏ ତାହା ନିର୍ଣ୍ଣୟ କରିବା ପାଇଁ ନୀତି ପ୍ରଣୟନ କରିପାରିବ ।]

[5][**269A. ଆନ୍ତଃରାଜ୍ୟ ବାଣିଜ୍ୟ ବା ବ୍ୟବସାୟ ସମୟରେ ଦ୍ରବ୍ୟ ଏବଂ ସେବା କରର ଆଦାୟ ଏବଂ ସଂଗ୍ରହ—** (1) ଆନ୍ତଃରାଜ୍ୟ ବାଣିଜ୍ୟ ବା ବ୍ୟବସାୟ ସମୟରେ ଯୋଗାଣ ଉପରେ ଦ୍ରବ୍ୟ ଏବଂ ସେବା କର ଭାରତ ସରକାରଙ୍କଦ୍ୱାରା ଆଦାୟ ଏବଂ ସଂଗ୍ରହ କରାଯିବ ଏବଂ ଏହିପରି କର ଦ୍ରବ୍ୟ ଏବଂ ସେବା କର ପରିଷଦର ସୁପାରିଶ ଅନୁଯାୟୀ ସଂସଦଦ୍ୱାରା ଆଇନ ମାଧ୍ୟମରେ ନିର୍ଦ୍ଧାରିତ ପ୍ରଣାଳୀ ଅନୁସାରେ କେନ୍ଦ୍ର ଏବଂ ରାଜ୍ୟମାନଙ୍କ ମଧ୍ୟରେ ବଣ୍ଟନ କରାଯିବ ।

---

[1] ସମ୍ବିଧାନ (80ତମ ସଂଶୋଧନ) ଅଧିନିୟମ, 2000, ଧାରା 2ଦ୍ୱାରା, ଖଣ୍ଡ (1) ଏବଂ (2) ପାଇଁ ପ୍ରତିସ୍ଥାପିତ (9-6-2000 ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (101ତମ ସଂଶୋଧନ) ଅଧିନିୟମ, 2016, ଧାରା 8ଦ୍ୱାରା ସନ୍ନିବେଶିତ (16-9-2016 ଠାରୁ କାର୍ଯ୍ୟକାରୀ)।

[3] ସମ୍ବିଧାନ (ଷଷ୍ଠ ସଂଶୋଧନ) ଅଧିନିୟମ, 1956, ଧାରା 3ଦ୍ୱାରା ସନ୍ନିବେଶିତ (11-9-1956 ଠାରୁ କାର୍ଯ୍ୟକାରୀ)।

[4] ସମ୍ବିଧାନ (46 ତମ ସଂଶୋଧନ) ଅଧିନିୟମ, 1982, ଧାରା 2ଦ୍ୱାରା, "ସାମଗ୍ରୀ କ୍ରୟ ବା ବିକ୍ରୟ" ପାଇଁ ପ୍ରତିସ୍ଥାପିତ (2-2-1983 ଠାରୁ କାର୍ଯ୍ୟକାରୀ)।

[5] ସମ୍ବିଧାନ (101ତମ ସଂଶୋଧନ) ଅଧିନିୟମ, 2016, ଧାରା 9ଦ୍ୱାରା ସନ୍ନିବେଶିତ (16-9-2016 ଠାରୁ କାର୍ଯ୍ୟକାରୀ)।

*ସ୍ପଷ୍ଟୀକରଣ* — ଏହି ଖଣ୍ଡର ଉଦ୍ଦେଶ୍ୟ ପାଇଁ, ଭାରତୀୟ ଅଞ୍ଚଳରେ ଆମଦାନୀ ମଧ୍ୟରେ ଦ୍ରବ୍ୟ, ସେବା ବା ଉଭୟର ଯୋଗାଣକୁ ଆନ୍ତଃରାଜ୍ୟ ବାଣିଜ୍ୟ ବା ବ୍ୟବସାୟ ମଧ୍ୟରେ ଦ୍ରବ୍ୟ, ସେବା, ବା ଉଭୟର ଯୋଗାଣ ବୋଲି ଧରି ନିଆଯିବ ।

(2) ଖଣ୍ଡ (1) ଅଧୀନରେ, ରାଜ୍ୟକୁ ଆନୁପାତିକଭାବେ ବିଭାଜିତ ରାଶି ଭାରତର ସଞ୍ଚିତ ପାଣ୍ଠିର ଅଂଶ ହେବ ନାହିଁ ।

(3) ଯେଉଁଠାରେ ଖଣ୍ଡ (1) ଅଧୀନରେ ଆଦାୟ କରାଯାଇଥିବା କରର ରାଶି ଅନୁଚ୍ଛେଦ 246A ଅଧୀନରେ ରାଜ୍ୟଦ୍ୱାରା ଆଦାୟ କରାଯାଇଥିବା କରର ପୈଠ ପାଇଁ ବ୍ୟବହାର କରାଯାଇଛି, ସେହି ରାଶି ଭାରତର ସଞ୍ଚିତ ପାଣ୍ଠିର ଅଂଶ ହେବ ନାହିଁ ।

(4) ଯେଉଁଠାରେ ଅନୁଚ୍ଛେଦ 246A ଅଧୀନରେ ରାଜ୍ୟଦ୍ୱାରା ଆଦାୟ କରାଯାଇଥିବା କରର ରାଶି ଖଣ୍ଡ (1) ଅଧୀନରେ ଆଦାୟ କରାଯାଇଥିବା କରର ପୈଠପାଇଁ ବ୍ୟବହାର କରାଯାଇଛି, ସେହି ରାଶି ରାଜ୍ୟର ସଞ୍ଚିତ ପାଣ୍ଠିର ଅଂଶ ହେବ ନାହିଁ ।

(5) ସଂସଦ, ଆଇନଦ୍ୱାରା ଯୋଗାଣର ସ୍ଥାନ ନିର୍ଣ୍ଣୟ କରିବା ପାଇଁ ନୀତି ପ୍ରଣୟନ ଏବଂ ଆନ୍ତଃରାଜ୍ୟ ବାଣିଜ୍ୟ ବା ବ୍ୟବସାୟ ସମୟରେ ଦ୍ରବ୍ୟ, ସେବା ବା ଉଭୟର ଯୋଗାଣ କେବେ ହେବ ତାହା ନିର୍ଣ୍ଣୟ କରିପାରିବ ।]

[1][**270. କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ଆଦାୟ ଏବଂ ବଣ୍ଟନ କରାଯାଉଥିବା କର**— (1) କେନ୍ଦ୍ର ତାଲିକାରେ ଉଲ୍ଲେଖିତ ସମସ୍ତ କର ଏବଂ ଶୁଳ୍କ, ପର୍ଯ୍ୟାୟକ୍ରମେ [2][ଅନୁଚ୍ଛେଦ 268, 269 ଏବଂ 269A] ରେ ଉଲ୍ଲେଖିତ ଶୁଳ୍କ ଏବଂ କର ବ୍ୟତୀତ, ଅନୁଚ୍ଛେଦ 271ରେ ଉଲ୍ଲେଖିତ କର ଏବଂ ଶୁଳ୍କ ଉପରେ ଅତିରିକ୍ତ ଶୁଳ୍କ ଏବଂ ସଂସଦଦ୍ୱାରା ପ୍ରଣୀତ କୌଣସି ଆଇନ ଅଧୀନରେ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ଆଦାୟ କରାଯାଇଥିବା କୌଣସି ଉପକର ଭାରତ ସରକାରଙ୍କଦ୍ୱାରା ଆଦାୟ ଏବଂ ସଂଗ୍ରହ କରାଯିବ ଏବଂ ଖଣ୍ଡ (2) ରେ ପ୍ରଦାନ କରାଯାଇଥିବା ପ୍ରଣାଳୀ ଅନୁସାରେ କେନ୍ଦ୍ର ଏବଂ ରାଜ୍ୟମାନଙ୍କ ମଧ୍ୟରେ ବଣ୍ଟନ କରାଯିବ ।

[3][(1A) ଅନୁଚ୍ଛେଦ 246A ର ଖଣ୍ଡ (1) ଅଧୀନରେ କେନ୍ଦ୍ରଦ୍ୱାରା ସଂଗୃହୀତ କର ମଧ୍ୟ ଖଣ୍ଡ (2)ରେ ପ୍ରଦାନ କରାଯାଇଥିବା ପ୍ରଣାଳୀ ଅନୁସାରେ କେନ୍ଦ୍ର ଏବଂ ରାଜ୍ୟମାନଙ୍କ ମଧ୍ୟରେ ବଣ୍ଟନ କରାଯିବ ।

(1B) ଅନୁଚ୍ଛେଦ 246 ଏବଂ ଅନୁଚ୍ଛେଦ 269A ଖଣ୍ଡ (2) ର ଅଧୀନରେ କେନ୍ଦ୍ରଦ୍ୱାରା ଆଦାୟ ଏବଂ ସଂଗୃହୀତ କର, ଯାହା ଅନୁଚ୍ଛେଦ 246Aର ଖଣ୍ଡ (1) ଅଧୀନରେ କେନ୍ଦ୍ରଦ୍ୱାରା ଆଦାୟ କରାଯାଇଥିବା କରର ପୈଠ ପାଇଁ ବ୍ୟବହାର କରାଯାଇଛି, ଏବଂ ଅନୁଚ୍ଛେଦ 269Aର ଖଣ୍ଡ (1) ଅଧୀନରେ କେନ୍ଦ୍ରକୁ ଆନୁପାତିକ ରାଶି, ମଧ୍ୟ ଖଣ୍ଡ (2)ରେ ପ୍ରଦାନ କରାଯାଇଥିବା ପ୍ରଣାଳୀ ଅନୁସାରେ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ଆବଣ୍ଟନ କରାଯିବ ।]

---

[1] ସମ୍ବିଧାନ (80ତମ ସଂଶୋଧନ) ଅଧିନିୟମ, 2000, ଧାରା 3ଦ୍ୱାରା, ଅନୁଚ୍ଛେଦ 270 ପାଇଁ ପ୍ରତିସ୍ଥାପିତ (1-4-1996ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (88ତମ ସଂଶୋଧନ) ଅଧିନିୟମ, 2003, ଧାରା 3ଦ୍ୱାରା, " ଅନୁଚ୍ଛେଦ 268 ଏବଂ 269" ପାଇଁ ପ୍ରତିସ୍ଥାପିତ (କାର୍ଯ୍ୟକାରୀ ହୋଇନାହିଁ) ଏବଂ ପରେ ସମ୍ବିଧାନ (101ତମ ସଂଶୋଧନ) ଅଧିନିୟମ, 2016, ଧାରା 10ଦ୍ୱାରା, "ଅନୁଚ୍ଛେଦ 268, 268A ଏବଂ 269" ପାଇଁ ପ୍ରତିସ୍ଥାପିତ (16-9-2016ଠାରୁ କାର୍ଯ୍ୟକାରୀ)।

[3] ସମ୍ବିଧାନ (88ତମ ସଂଶୋଧନ) ଅଧିନିୟମ, 2003, ଧାରା 10ଦ୍ୱାରା ସନ୍ନିବେଶିତ (16-9-2016ଠାରୁ କାର୍ଯ୍ୟକାରୀ)।

(2) କୌଣସି ଆର୍ଥିକ ବର୍ଷରେ ଏହିପରି କୌଣସି କର ବା ଶୁଳ୍କର ମୋଟ ଆୟର ଏକ ନିର୍ଦ୍ଦିଷ୍ଟ ଶତକଡ଼ା, ଯେପରି ନିର୍ଦ୍ଧାରିତ ହୋଇଥାଏ, ଭାରତର ସଞ୍ଚିତ ପାଣ୍ଠିର ଅଂଶ ହେବ ନାହିଁ, ବରଂ ସେହି ବର୍ଷରେ ଯେଉଁ ରାଜ୍ୟମାନଙ୍କ ମଧ୍ୟରେ ସେହି କର ବା ଶୁଳ୍କ ଆଦାୟଯୋଗ୍ୟ, ସେହି ରାଜ୍ୟମାନଙ୍କୁ ବଣ୍ଟନ କରାଯିବ ଏବଂ ଖଣ୍ଡ (3)ରେ ପ୍ରଦାନ କରାଯାଇଥିବା ଅନୁସାରେ ନିର୍ଦ୍ଧାରିତ ସମୟରୁ ଏବଂ ସେହି ରାଜ୍ୟମାନଙ୍କ ମଧ୍ୟରେ ଆବଣ୍ଟନ କରାଯିବ ।

(3) ଏହି ଅନୁଚ୍ଛେଦରେ, "ନିର୍ଦ୍ଧାରିତ" ଅର୍ଥ,—

(*i*) ଯେପର୍ଯ୍ୟନ୍ତ, ରାଷ୍ଟ୍ରପତିଙ୍କଦ୍ୱାରା ଆଦେଶ ମାଧ୍ୟମରେ ନିର୍ଦ୍ଧାରିତ ଅର୍ଥ ଆୟୋଗ ଗଠନ ନ କରାଯାଇଛି, ଏବଂ

(*ii*) ଅର୍ଥ ଆୟୋଗ ଗଠନ ହେବା ପରେ, ଅର୍ଥ ଆୟୋଗର ସୁପାରିଶକୁ ବିଚାର କରି ରାଷ୍ଟ୍ରପତିଙ୍କଦ୍ୱାରା ଆଦେଶ ମାଧ୍ୟମରେ ନିର୍ଦ୍ଧାରିତ ।]

**271. କେନ୍ଦ୍ରର ଉଦ୍ଦେଶ୍ୟ ପାଇଁ ନିର୍ଦ୍ଦିଷ୍ଟ ଶୁଳ୍କ ଏବଂ କର ଉପରେ ଅତିରିକ୍ତ ଶୁଳ୍କ**— ଅନୁଚ୍ଛେଦ 269 ଏବଂ 270A ରେ ଥିବା କୌଣସି ବିଷୟ ସତ୍ତ୍ୱେ, ସଂସଦ ଯେକୌଣସି ସମୟରେ ସେହି ଅନୁଚ୍ଛେଦରେ ଉଲ୍ଲେଖିତ କୌଣସି ଶୁଳ୍କ ବା କର [1][ଅନୁଚ୍ଛେଦ 246A ଅଧୀନରେ ଥିବା ଦ୍ରବ୍ୟ ଏବଂ ସେବା କର ବ୍ୟତୀତ] କେନ୍ଦ୍ରର ଉଦ୍ଦେଶ୍ୟ ପାଇଁ ଅତିରିକ୍ତ ଶୁଳ୍କଦ୍ୱାରା ବୃଦ୍ଧି କରିପାରେ ଏବଂ ଏହିପରି କୌଣସି ଅତିରିକ୍ତ ଶୁଳ୍କର ସମଗ୍ର ଆୟ ଭାରତର ସଞ୍ଚିତ ପାଣ୍ଠିର ଅଂଶ ହେବ ।

**[272.** *କେନ୍ଦ୍ରଦ୍ୱାରା ଆଦାୟ ଏବଂ ସଂଗୃହୀତ କର ଏବଂ କେନ୍ଦ୍ର ଓ ରାଜ୍ୟମାନଙ୍କ ମଧ୍ୟରେ ବଣ୍ଟନ କରାଯାଇପାରେ। ]— ସମ୍ବିଧାନ (80ତମ ସଂଶୋଧନ) ଅଧିନିୟମ, 2000, ଧାରା 4ଦ୍ୱାରା ବାଦ୍ ଦିଆଯାଇଛି* (9-6-2000ଠାରୁ କାର୍ଯ୍ୟକାରୀ) ।

**273. ଝୋଟ ଏବଂ ଝୋଟ ଉତ୍ପାଦିତ ଦ୍ରବ୍ୟ ଉପରେ ରପ୍ତାନୀ ଶୁଳ୍କ ବଦଳରେ ଅନୁଦାନ**— (1) ଝୋଟ ଏବଂ ଝୋଟ ଉତ୍ପାଦିତ ଦ୍ରବ୍ୟ ଉପରେ ରପ୍ତାନୀ ଶୁଳ୍କର ପ୍ରତ୍ୟେକ ବର୍ଷର ମୋଟ ଆୟର କୌଣସି ଅଂଶର ବଣ୍ଟନ ବଦଳରେ, ପ୍ରତ୍ୟେକ ବର୍ଷ ଆସାମ, ବିହାର, [2][ଓଡ଼ିଶା] ଏବଂ ପଶ୍ଚିମବଙ୍ଗ ରାଜ୍ୟକୁ ସମର୍ପି ଦିଆଯିବା ବଦଳରେ ସେହି ରାଜ୍ୟର ରାଜସ୍ୱର ଅନୁଦାନଭାବେ ପ୍ରତ୍ୟେକ ବର୍ଷ ଭାରତର ସଞ୍ଚିତ ପାଣ୍ଠି ଉପରେ ନିର୍ଦ୍ଧାରିତ ରାଶି ଆଦାୟ କରାଯିବ ।

(2) ଏହିପରି ନିର୍ଦ୍ଧାରିତ ଧନରାଶି ଭାରତର ସଞ୍ଚିତ ପାଣ୍ଠି ଉପରେ ନ୍ୟସ୍ତ କରାଯିବା ଜାରି ରହିବ, ଯେପର୍ଯ୍ୟନ୍ତ ଭାରତ ସରକାରଦ୍ୱାରା ଝୋଟ ବା ଝୋଟ ଉତ୍ପାଦିତ ସାମଗ୍ରୀ ଉପରେ କୌଣସି ରପ୍ତାନୀ ଶୁଳ୍କ ଆଦାୟ କରାଯାଉଛି ବା ଏହି ସମ୍ବିଧାନ ପ୍ରାରମ୍ଭରୁ ଦଶବର୍ଷ ପୂର୍ଣ୍ଣ ହେବା ପର୍ଯ୍ୟନ୍ତ, ଯେଉଁଟି ପ୍ରଥମେ ହୁଏ ।

---

[1] ସମ୍ବିଧାନ (101ତମ ସଂଶୋଧନ) ଅଧିନିୟମ, 2016, ଧାରା 11ଦ୍ୱାରା ସନ୍ନିବେଶିତ (16-9-2016ଠାରୁ କାର୍ଯ୍ୟକାରୀ)।

[2] ଓଡ଼ିଶା (ନାମ ପରିବର୍ତ୍ତନ) ଅଧିନିୟମ, 2011 (2011ର 15ନଂ), ଧାରା 5ଦ୍ୱାରା, "ଓଡ଼ିଶା" ପାଇଁ ପ୍ରତିସ୍ଥାପିତ (1-11-2011ଠାରୁ କାର୍ଯ୍ୟକାରୀ)।

(3) ଏହି ଅନୁଚ୍ଛେଦରେ, "ନିର୍ଦ୍ଧାରିତ" ଅର୍ଥ ଅନୁଚ୍ଛେଦ 270ରେ ଥିବା ଅର୍ଥ ସହ ସମାନ ।

**274. ରାଜ୍ୟ ସ୍ୱାର୍ଥ ସହିତ ସମ୍ବନ୍ଧିତ କର ଉପରେ ପ୍ରଭାବ ପକାଉଥିବା ବିଧେୟକ ପାଇଁ ରାଷ୍ଟ୍ରପତିଙ୍କ ପୂର୍ବ ସୁପାରିଶ ଆବଶ୍ୟକ—** (1) କୌଣସି ବିଧେୟକ ବା ସଂଶୋଧନ ଯାହା ଏପରି କର ବା ଶୁଳ୍କ ଯାହା ମଧ୍ୟରେ ରାଜ୍ୟର ହିତ ଅନ୍ତର୍ଭୁକ୍ତ, ଧାର୍ଯ୍ୟ କରେ କିମ୍ବା ପରିବର୍ତ୍ତନ କରେ ବା ଭାରତୀୟ ଆୟକର ସମ୍ବନ୍ଧୀୟ ଆଇନଗୁଡ଼ିକର ଉଦ୍ଦେଶ୍ୟ ପାଇଁ ନିର୍ଦ୍ଧାରିତ "କୃଷି ଆୟ"ର ଅର୍ଥ ପରିବର୍ତ୍ତନ କରେ କିମ୍ବା ଏହି ଅଧ୍ୟାୟର ପୂର୍ବବର୍ତ୍ତୀ ବ୍ୟବସ୍ଥା ଅଧୀନରେ ରାଜ୍ୟମାନଙ୍କୁ ବଣ୍ଟନ କରାଯାଉଥିବା ବା ବଣ୍ଟନ କରାଯାଇପାରୁଥିବା ଅର୍ଥ ଉପରେ ନୀତିଗୁଡ଼ିକୁ ପ୍ରଭାବିତ କରେ କିମ୍ବା ଏହି ଅଧ୍ୟାୟର ପୂର୍ବବର୍ତ୍ତୀ ବ୍ୟବସ୍ଥାରେ ଉଲ୍ଲେଖିତ କେନ୍ଦ୍ରର ଉଦ୍ଦେଶ୍ୟ ପାଇଁ ଏହିପରି କୌଣସି ଅତିରିକ୍ତ ଶୁଳ୍କ ଆରୋପ କରେ, ତାହା ରାଷ୍ଟ୍ରପତିଙ୍କ ସୁପାରିଶ ବିନା ସଂସଦର କୌଣସି ସଦନରେ ଉପସ୍ଥାପନ ବା ପ୍ରସ୍ତାବିତ କରାଯାଇପାରିବ ନାହିଁ ।

(2) ଏହି ଅନୁଚ୍ଛେଦରେ, "କର ବା ଶୁଳ୍କ ଯେଉଁଥିରେ ରାଜ୍ୟର ସ୍ୱାର୍ଥ ଅନ୍ତର୍ଭୁକ୍ତ" ଅର୍ଥ ହେଉଛି—

(*a*) ଏକ କର ବା ଶୁଳ୍କ ଯାହାର ବାସ୍ତବିକ ଆୟର ସମଗ୍ର ବା କିଛି ଅଂଶ କୌଣସି ରାଜ୍ୟକୁ ପ୍ରଦାନ କରାଯାଇଥାଏ; କିମ୍ବା

(*b*) ଭାରତର ସଞ୍ଚିତ ପାଣ୍ଠିରୁ ବର୍ତ୍ତମାନ କୌଣସି ରାଜ୍ୟକୁ ଯେଉଁ ଅର୍ଥରାଶି ପ୍ରଦାନ କରାଯିବାର ଅଛି, ସେହି ବାସ୍ତବିକ ଆୟ ସମ୍ବନ୍ଧରେ କୌଣସି କର କିମ୍ବା ଶୁଳ୍କ ।

**275. କେନ୍ଦ୍ରରୁ ନିର୍ଦ୍ଦିଷ୍ଟ ରାଜ୍ୟକୁ ଅନୁଦାନ—** (1) ସଂସଦ ଆଇନଦ୍ୱାରା ଯେଉଁ ରାଶି ନିର୍ଦ୍ଧାରଣ କରିବ, ତାହା ପ୍ରତ୍ୟେକ ବର୍ଷ ସହାୟତା ଆବଶ୍ୟକ ବୋଲି ସଂସଦ ନିର୍ଣ୍ଣୟ କରୁଥିବା ରାଜ୍ୟମାନଙ୍କ ରାଜସ୍ୱର ଅନୁଦାନଭାବେ ଭାରତର ସଞ୍ଚିତ ପାଣ୍ଠି ଉପରେ ନ୍ୟସ୍ତ ହେବ ଏବଂ ବିଭିନ୍ନ ରାଜ୍ୟ ପାଇଁ ଭିନ୍ନ ଭିନ୍ନ ରାଶି ନିର୍ଦ୍ଧାରଣ କରାଯାଇପାରିବ:

କିନ୍ତୁ, କୌଣସି ରାଜ୍ୟର ରାଜସ୍ୱ ପାଇଁ ଅନୁଦାନ ସ୍ୱରୂପ ଭାରତର ସଞ୍ଚିତ ପାଣ୍ଠିରୁ, ସେହି ରାଜ୍ୟରେ ଅନୁସୂଚିତ ଜନଜାତିର କଲ୍ୟାଣକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ କିମ୍ବା ସେଥିରେ ଅନୁସୂଚିତ ଅଞ୍ଚଳର ପ୍ରଶାସନର ସ୍ତରକୁ ସେହି ରାଜ୍ୟର ଅବଶିଷ୍ଟ କ୍ଷେତ୍ରର ପ୍ରଶାସନ ସ୍ତରକୁ ଉନ୍ନୀତ କରିବା ଉଦ୍ଦେଶ୍ୟରେ ଭାରତ ସରକାରଙ୍କ ଅନୁମୋଦନକ୍ରମେ ରାଜ୍ୟଦ୍ୱାରା ଗ୍ରହଣ କରାଯାଇଥିବା ବିକାଶ ଯୋଜନାଗୁଡ଼ିକର ବ୍ୟୟ ବହନ କରିବା ପାଇଁ ସେହି ରାଜ୍ୟକୁ ସକ୍ଷମ କରିବା ନିମନ୍ତେ ଆବଶ୍ୟକ ପୁଞ୍ଜି ଏବଂ ନିୟମିତ ରାଶି ପ୍ରଦାନ କରାଯିବ:

ଅଧିକନ୍ତୁ, ଆସାମ ରାଜ୍ୟର ରାଜସ୍ୱର ଅନୁଦାନଭାବେ ଭାରତର ସଞ୍ଚିତ ପାଣ୍ଠିରୁ ମୋଟ ରାଶି, ମୂଳଧନ ଏବଂ ଆବର୍ତ୍ତୀ ରାଶି ପ୍ରଦାନ କରାଯିବ, ଯାହା ନିମ୍ନଲିଖିତ ସହିତ ସମାନ—

(*a*) ଷଷ୍ଠ ଅନୁସୂଚୀର ପରିଚ୍ଛେଦ 20ରେ ସଂଲଗ୍ନ ସାରଣୀର [1][ପ୍ରଥମ ଭାଗ]ରେ ନିର୍ଦ୍ଦିଷ୍ଟ ଜନଜାତି ଅଞ୍ଚଳଗୁଡ଼ିକର ଶାସନ ସମ୍ବନ୍ଧରେ ଏହି ସମ୍ବିଧାନ ପ୍ରାରମ୍ଭର ଠିକ୍ ପୂର୍ବରୁ ଦୁଇ ବର୍ଷ ମଧ୍ୟରେ ରାଜସ୍ୱ ଉପରେ ହାରାହାରି ଅତିରିକ୍ତ ଖର୍ଚ୍ଚ; ଏବଂ

(*b*) ସେହି ରାଜ୍ୟଦ୍ୱାରା ଭାରତ ସରକାରଙ୍କ ଅନୁମୋଦନ ସହିତ, ସେହି ଅଞ୍ଚଳର ଶାସନ ସ୍ତରକୁ ରାଜ୍ୟର ଅନ୍ୟ ଅଞ୍ଚଳର ଶାସନ ସ୍ତର ପର୍ଯ୍ୟନ୍ତ ଉନ୍ନୀତ କରିବା ଉଦ୍ଦେଶ୍ୟରେ ଗ୍ରହଣ କରାଯାଇଥିବା ବିକାଶ ଯୋଜନାର ଖର୍ଚ୍ଚ ।

[2][(1A) ଅନୁଚ୍ଛେଦ 244A ଅଧୀନରେ ସ୍ୱୟଂଶାସିତ ରାଜ୍ୟ ଗଠନରୁ ଏବଂ ତା'ପରଠାରୁ,—

(*i*) ଖଣ୍ଡ (1)ର ଦ୍ୱିତୀୟ ପ୍ରତିବନ୍ଧର ଖଣ୍ଡ (*a*) ଅଧୀନରେ ପ୍ରଦେୟ ରାଶି, ଯଦି ସ୍ୱୟଂଶାସିତ ରାଜ୍ୟ ସେଥିରେ ଉଲ୍ଲେଖିତ ସମସ୍ତ ଜନଜାତି ଅଞ୍ଚଳକୁ ଅନ୍ତର୍ଭୁକ୍ତ କରେ, ସେହି ସ୍ୱୟଂଶାସିତ ରାଜ୍ୟକୁ ପ୍ରଦାନ କରାଯିବ, ଏବଂ ଯଦି ସ୍ୱୟଂଶାସିତ ରାଜ୍ୟ କେବଳ ସେହି ଜନଜାତି ଅଞ୍ଚଳର କିଛି ଅଂଶକୁ ଅନ୍ତର୍ଭୁକ୍ତ କରେ, ତେବେ ଆସାମ ରାଜ୍ୟ ଏବଂ ସ୍ୱୟଂଶାସିତ ରାଜ୍ୟ ମଧ୍ୟରେ ଏପରି ବିଭାଜନ କରାଯିବ, ଯାହା ରାଷ୍ଟ୍ରପତିଙ୍କ ଆଦେଶ ଅନୁସାରେ ନିର୍ଦ୍ଦିଷ୍ଟ କରାଯାଇଥିବ;

(*ii*) ଭାରତର ସଞ୍ଚିତ ପାଣ୍ଠିରୁ ସ୍ୱୟଂଶାସିତ ରାଜ୍ୟର ରାଜସ୍ୱର ଅନୁଦାନ ଭାବେ ମୋଟ ରାଶି, ମୂଳଧନ ଏବଂ ଆବର୍ତ୍ତୀ ରାଶି ପ୍ରଦାନ କରାଯିବ, ଯାହା ସେହି ସ୍ୱୟଂଶାସିତ ରାଜ୍ୟଦ୍ୱାରା ଭାରତ ସରକାରଙ୍କ ଅନୁମୋଦନ ସହିତ ସେହି ରାଜ୍ୟର ଶାସନ ସ୍ତରକୁ ଆସାମ ରାଜ୍ୟର ଅନ୍ୟ ଅଞ୍ଚଳର ଶାସନ ସ୍ତର ପର୍ଯ୍ୟନ୍ତ ଉନ୍ନୀତ କରିବା ଉଦ୍ଦେଶ୍ୟରେ ଗ୍ରହଣ କରାଯାଇଥିବା ବିକାଶ ଯୋଜନାର ଖର୍ଚ୍ଚ ସହିତ ସମାନ ।]

(2) ଯେପର୍ଯ୍ୟନ୍ତ ସଂସଦଦ୍ୱାରା ଖଣ୍ଡ (1) ଅଧୀନରେ ବ୍ୟବସ୍ଥା କରାନଯାଇଛି, ସେହି ଖଣ୍ଡ ଅଧୀନରେ ସଂସଦକୁ ପ୍ରଦତ୍ତ କ୍ଷମତା ରାଷ୍ଟ୍ରପତିଙ୍କଦ୍ୱାରା ଆଦେଶ ମାଧ୍ୟମରେ କାର୍ଯ୍ୟକାରୀ ହେବ ଏବଂ ରାଷ୍ଟ୍ରପତିଙ୍କଦ୍ୱାରା ଏହି ଖଣ୍ଡ ଅଧୀନରେ ପ୍ରସ୍ତୁତ କୌଣସି ଆଦେଶ ସଂସଦଦ୍ୱାରା ପ୍ରଣୀତ ବ୍ୟବସ୍ଥା ଅଧୀନରେ ରହି ପ୍ରଭାବୀ ହେବ:

କିନ୍ତୁ, ଏକ ଅର୍ଥ ଆୟୋଗ ଗଠନ ହେବା ପରେ, ଅର୍ଥ ଆୟୋଗଙ୍କ ସୁପାରିଶ ଉପରେ ବିଚାର କରିବା ବ୍ୟତୀତ ରାଷ୍ଟ୍ରପତିଙ୍କଦ୍ୱାରା ଏହି ଖଣ୍ଡ ଅଧୀନରେ କୌଣସି ଆଦେଶ ଦିଆଯିବ ନାହିଁ ।

**276. ବୃତ୍ତି, ବ୍ୟବସାୟ, ବାଣିଜ୍ୟ ଏବଂ ନିଯୁକ୍ତି ଉପରେ କର**— (1) ଅନୁଚ୍ଛେଦ 246ରେ ଥିବା ଯେକୌଣସି ବିଷୟ ଥିବା ସତ୍ତ୍ୱେ, ରାଜ୍ୟ ବା ରାଜ୍ୟରେ ଥିବା ପୌର ପରିଷଦ, ଜିଲ୍ଲା ମଣ୍ଡଳ, ସ୍ଥାନୀୟ ମଣ୍ଡଳ ବା ଅନ୍ୟ ସ୍ଥାନୀୟ କର୍ତ୍ତୃପକ୍ଷଙ୍କର ଲାଭ ପାଇଁ ରାଜ୍ୟର ବିଧାନସଭାଦ୍ୱାରା ବୃତ୍ତି, ବ୍ୟବସାୟ, ବାଣିଜ୍ୟ ବା ନିଯୁକ୍ତି ସମ୍ବନ୍ଧରେ କର ସମ୍ପର୍କିତ କୌଣସି ଆଇନ, ଏହି ଆଧାରରେ ଅବୈଧ ହେବ ନାହିଁ ଯେ ଏହା ଆୟ ଉପରେ କର ସହ ସମ୍ବନ୍ଧିତ।

---

[1] ଉତ୍ତର-ପୂର୍ବାଞ୍ଚଳ (ପୁନର୍ଗଠନ) ଅଧିନିୟମ, 1971 (1971ର 81ନଂ), ଧାରା 71ଦ୍ୱାରା, "ଭାଗ A" ପାଇଁ ପ୍ରତିସ୍ଥାପିତ (21-1-1972 ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (22ତମ ସଂଶୋଧନ) ଅଧିନିୟମ, 1969, ଧାରା 3ଦ୍ୱାରା ସନ୍ନିବେଶିତ (25-9-1969 ଠାରୁ କାର୍ଯ୍ୟକାରୀ)।

(2) ବୃତ୍ତି, ବ୍ୟବସାୟ, ବାଣିଜ୍ୟ ଏବଂ ନିଯୁକ୍ତି ଉପରେ କର ରୂପେ ରାଜ୍ୟ ବା ରାଜ୍ୟରେ ଥିବା କୌଣସି ଏକ ପୌର ପରିଷଦ, ଜିଲ୍ଲା ମଣ୍ଡଳ, ସ୍ଥାନୀୟ ମଣ୍ଡଳ ବା ଅନ୍ୟ ସ୍ଥାନୀୟ କର୍ତ୍ତୃପକ୍ଷକୁ କୌଣସି ବ୍ୟକ୍ତିଙ୍କ ନିମନ୍ତେ ପ୍ରଦେୟ ମୋଟ ରାଶି ବାର୍ଷିକ [1][ଦୁଇ ହଜାର ପାଞ୍ଚ ଶହ ଟଙ୍କା]ରୁ ଅଧିକ ହେବ ନାହିଁ ।

[2]* * * *

(3) ବୃତ୍ତି, ବ୍ୟବସାୟ, ବାଣିଜ୍ୟ ଏବଂ ନିଯୁକ୍ତି ଉପରେ କର ସମ୍ପର୍କରେ ଉପରୋକ୍ତ ଅନୁଯାୟୀ ଆଇନ ପ୍ରଣୟନ କରିବା ପାଇଁ ରାଜ୍ୟର ବିଧାନମଣ୍ଡଳ କ୍ଷମତାକୁ ବୃତ୍ତି, ବ୍ୟବସାୟ, ବାଣିଜ୍ୟ ଏବଂ ନିଯୁକ୍ତିରୁ ଉପାର୍ଜିତ ବା ଉତ୍ପନ୍ନ ଆୟ ଉପରେ କର ସମ୍ପର୍କରେ ଆଇନ ପ୍ରଣୟନ କରିବା ପାଇଁ ସଂସଦର କ୍ଷମତାକୁ କୌଣସି ପ୍ରକାରେ ସୀମିତ କରିବ ବୋଲି ବ୍ୟାଖ୍ୟା କରାଯାଇପାରିବ ନାହିଁ ।

**277. ସଂରକ୍ଷଣ**— ଏପରି କର, ଶୁଳ୍କ, ଉପକର ବା ଦେୟ ଯାହା ସମ୍ବିଧାନ ପ୍ରାରମ୍ଭର ଠିକ୍ ପୂର୍ବରୁ କୌଣସି ରାଜ୍ୟ ସରକାର ବା କୌଣସି ପୌରପରିଷଦ ବା ଅନ୍ୟ ସ୍ଥାନୀୟ କର୍ତ୍ତୃପକ୍ଷ ବା ସଂସ୍ଥାଦ୍ୱାରା ରାଜ୍ୟ, ପୌରପରିଷଦ, ଜିଲ୍ଲା ବା ଅନ୍ୟ ସ୍ଥାନୀୟ ଅଞ୍ଚଳର ଉଦ୍ଦେଶ୍ୟ ପାଇଁ ବୈଧଭାବେ ଆଦାୟ କରାଯାଉଥିବା, ଏପରି ବ୍ୟବସ୍ଥା ଥିବା ସତ୍ତ୍ୱେ ମଧ୍ୟ ସେହି କର, ଶୁଳ୍କ, ଉପକର ବା ଦେୟ, କେନ୍ଦ୍ର ତାଲିକାରେ ଉଲ୍ଲେଖିତ ଥିବା ସତ୍ତ୍ୱେ, ସେପର୍ଯ୍ୟନ୍ତ ଆଦାୟ କରାଯାଉଥିବ ଏବଂ ତାହାର ପ୍ରୟୋଗ କରାଯାଉଥିବ, ଯେପର୍ଯ୍ୟନ୍ତ ସଂସଦଦ୍ୱାରା ଆଇନ ମାଧ୍ୟମରେ ତାର ଅଲଗା ବ୍ୟବସ୍ଥା କରାନଯାଇଛି ।

**278.** *[ପ୍ରଥମ ଅନୁସୂଚୀ ଭାଗ Bରେ ଥିବା ରାଜ୍ୟମାନଙ୍କ ସହିତ ନିର୍ଦ୍ଦିଷ୍ଟ ଆର୍ଥିକ ବିଷୟ ସମ୍ପର୍କରେ ଚୁକ୍ତି]—ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା ବାଦ୍ ଦିଆଯାଇଛି* (1-11-1956 ଠାରୁ କାର୍ଯ୍ୟକାରୀ) ।

**279. "ବାସ୍ତବିକ ଆୟ"ର ହିସାବ ଇତ୍ୟାଦି**— (1) ଏହି ଅଧ୍ୟାୟର ପୂର୍ବବର୍ତ୍ତୀ ବ୍ୟବସ୍ଥାଗୁଡ଼ିକରେ,"ବାସ୍ତବିକ ଆୟ"ର ଅର୍ଥ କୌଣସି କର ବା ଶୁଳ୍କ ସମ୍ବନ୍ଧୀୟ ସଂଗୃହୀତ ଖର୍ଚ୍ଚରୁ ହ୍ରାସ କରାଯାଇଥିବା ରାଶି ଏବଂ ଏହିସବୁ ବ୍ୟବସ୍ଥାଗୁଡ଼ିକର ଉଦ୍ଦେଶ୍ୟ ପାଇଁ କୌଣସି କର ବା ଶୁଳ୍କର ବାସ୍ତବିକ ଆୟ, କର ବା ଶୁଳ୍କର କୌଣସି ଅଂଶ, କୌଣସି ଅଞ୍ଚଳରେ ବା ତାହା ସହିତ ସମ୍ପୃକ୍ତ, ତାହା ଭାରତର ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକଙ୍କଦ୍ୱାରା ନିର୍ଣ୍ଣୟ ଏବଂ ପ୍ରମାଣିତ କରାଯିବ, ଯାହାର ପ୍ରମାଣପତ୍ର ଚୂଡ଼ାନ୍ତ ହେବ ।

(2) ଉପରୋକ୍ତ ବିଷୟ ଏବଂ ଏହି ଅଧ୍ୟାୟର ଅନ୍ୟ କୌଣସି ବ୍ୟକ୍ତ ବ୍ୟବସ୍ଥା ଅଧୀନରେ, ସଂସଦଦ୍ୱାରା ପ୍ରଣୀତ ଆଇନ ବା ରାଷ୍ଟ୍ରପତିଙ୍କ ଆଦେଶ ଏହି ଭାଗ ଅଧୀନରେ ଯେକୌଣସି ଅବସ୍ଥାରେ ଶୁଳ୍କ ବା କରର ଆୟ କୌଣସି ରାଜ୍ୟକୁ ଆବଣ୍ଟନ କରାଯାଇଛି ବା ଆବଣ୍ଟନ କରାଯାଇପାରେ, ସେହି ଆୟ କେଉଁ ପ୍ରଣାଳୀରେ ହିସାବ କରାଯିବ, କେଉଁ ସମୟରୁ ବା କେଉଁ ସମୟରେ ଏବଂ କେଉଁ ପ୍ରଣାଳୀରେ ପୈଠ କରାଯିବ, ଏକ ଆର୍ଥିକ ବର୍ଷ ଓ ଅନ୍ୟ ଆର୍ଥିକ ବର୍ଷ ମଧ୍ୟରେ ସମନ୍ୱୟ ଏବଂ ଅନ୍ୟ କୌଣସି ଆନୁଷଙ୍ଗିକ ବା ପ୍ରାସଙ୍ଗିକ ବିଷୟ ପାଇଁ ବ୍ୟବସ୍ଥା କରିପାରିବ।

---

[1] ସମ୍ବିଧାନ (60ତମ ସଂଶୋଧନ) ଅଧିନିୟମ, 1988, ଧାରା 2ଦ୍ୱାରା, "ଦୁଇଶହ ପଚାଶ ଟଙ୍କା" ପାଇଁ ପ୍ରତିସ୍ଥାପିତ (20-12-1988 ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (60ତମ ସଂଶୋଧନ) ଅଧିନିୟମ, 1988, ଧାରା 2ଦ୍ୱାରା ପ୍ରତିବନ୍ଧ ବାଦ୍ ଦିଆଯାଇଛି (20-12-1988 ଠାରୁ କାର୍ଯ୍ୟକାରୀ)।

[1][**279A. ଦ୍ରବ୍ୟ ଏବଂ ସେବା କର ପରିଷଦ**— (1) ରାଷ୍ଟ୍ରପତି, ସମ୍ବିଧାନ (101ତମ ସଂଶୋଧନ) ଅଧିନିୟମ, 2016 ପ୍ରାରମ୍ଭର ତାରିଖଠାରୁ ଷାଠିଏ ଦିନ ମଧ୍ୟରେ, ଆଦେଶଦ୍ୱାରା ଏକ ପରିଷଦ ଗଠନ କରିବେ ଯାହା ଦ୍ରବ୍ୟ ଏବଂ ସେବା କର ପରିଷଦ ନାମରେ ନାମିତ ହେବ ।

(2) ଦ୍ରବ୍ୟ ଏବଂ ସେବା କର ପରିଷଦ ନିମ୍ନଲିଖିତ ସଦସ୍ୟମାନଙ୍କୁ ନେଇ ଗଠିତ ହେବ, ଯଥା:—

(*a*) କେନ୍ଦ୍ର ଅର୍ଥମନ୍ତ୍ରୀ— ଅଧ୍ୟକ୍ଷ;

(*b*) ରାଜ୍ୟର ରାଜସ୍ୱ ଓ ଅର୍ଥ ଦାୟିତ୍ୱରେ ଥିବା କେନ୍ଦ୍ରମନ୍ତ୍ରୀ— ସଦସ୍ୟ;

(*c*) ପ୍ରତ୍ୟେକ ରାଜ୍ୟ ସରକାରଙ୍କ ଅର୍ଥ ବା କର ବିଭାଗର ମନ୍ତ୍ରୀ ବା ଅନ୍ୟ କୌଣସି ମନୋନୀତ ହୋଇଥିବା ମନ୍ତ୍ରୀ— ସଦସ୍ୟ ।

(3) ଖଣ୍ଡ (2)ର ଉପଖଣ୍ଡ (*c*) ରେ ଉଲ୍ଲେଖିତ ଦ୍ରବ୍ୟ ଏବଂ ସେବା କର ପରିଷଦର ସଦସ୍ୟମାନେ, ଯଥାଶୀଘ୍ର ସମ୍ଭବ, ସେମାନଙ୍କ ମଧ୍ୟରୁ ଜଣେ ସଦସ୍ୟଙ୍କୁ ସେହି ଅବଧି ପାଇଁ ଯାହା ସେମାନେ ସ୍ଥିର କରିବେ, ପରିଷଦର ଉପାଧ୍ୟକ୍ଷଭାବେ ମନୋନୀତ କରିପାରିବେ ।

(4) ଦ୍ରବ୍ୟ ଏବଂ ସେବା କର ପରିଷଦ କେନ୍ଦ୍ର ଏବଂ ରାଜ୍ୟମାନଙ୍କୁ ନିମ୍ନଲିଖିତ ବିଷୟରେ ସୁପାରିଶ କରିପାରିବେ—

(*a*) କେନ୍ଦ୍ର, ରାଜ୍ୟ ଏବଂ ସ୍ଥାନୀୟ ସଂସ୍ଥାମାନଙ୍କଦ୍ୱାରା ଆଦାୟ କରାଯାଉଥିବା କର, ଉପକର ଏବଂ ଅତିରିକ୍ତ ଶୁଳ୍କ ଯାହା ଦ୍ରବ୍ୟ ଏବଂ ସେବା କରରେ ଅନ୍ତର୍ଭୁକ୍ତ;

(*b*) ଦ୍ରବ୍ୟ ଏବଂ ସେବା ଯାହା ଦ୍ରବ୍ୟ ଏବଂ ସେବା କରର ଅଧୀନ ହୋଇପାରେ ବା ଛାଡ଼ କରାଯାଇପାରେ;

(*c*) ଆଦର୍ଶ ଦ୍ରବ୍ୟ ଏବଂ ସେବାକର ଆଇନଗୁଡ଼ିକ, କର ଆଦାୟର ନୀତି, ଅନୁଚ୍ଛେଦ 269A ଅଧୀନରେ ଆନ୍ତଃରାଜ୍ୟ ବାଣିଜ୍ୟ ବା ବ୍ୟବସାୟ ସମୟରେ ଯୋଗାଣ ଉପରେ ଆଦାୟ କରାଯାଉଥିବା ଦ୍ରବ୍ୟ ଏବଂ ସେବା କରର ବିଭାଜନ ଏବଂ ଯୋଗାଣର ସ୍ଥାନ ନିର୍ଣ୍ଣୟ କରୁଥିବା ନୀତି;

(*d*) ବାର୍ଷିକ ବ୍ୟାପାର ପରିମାଣର ସୀମାଠାରୁ ଦ୍ରବ୍ୟ ଏବଂ ସେବା କମ୍ ହେଲେ, ଦ୍ରବ୍ୟ ଏବଂ ସେବା କରରୁ ଛାଡ଼ କରାଯାଇପାରୁଥିବା ତା'ର ସୀମା;

(*e*) ଦ୍ରବ୍ୟ ଏବଂ ସେବା କରର ଦର ଓ ସମନ୍ୱିତ ହାର, ଯେଉଁଥିରେ ସର୍ବନିମ୍ନ ଦର ଅନ୍ତର୍ଭୁକ୍ତ;

(*f*) କୌଣସି ପ୍ରାକୃତିକ ଦୁର୍ବିପାକ କିମ୍ବା ବିପର୍ଯ୍ୟୟ ସମୟରେ ଅତିରିକ୍ତ ସମ୍ବଳ ସଂଗ୍ରହ କରିବା ପାଇଁ ନିର୍ଦ୍ଦିଷ୍ଟ ଅବଧି ନିମନ୍ତେ କୌଣସି ବିଶେଷ ଦର ବା ଦରଗୁଡ଼ିକ;

---

[1] ସମ୍ବିଧାନ (101ତମ ସଂଶୋଧନ) ଅଧିନିୟମ, 2016, ଧାରା 12ଦ୍ୱାରା ସନ୍ନିବେଶିତ (12-9-2016 ଠାରୁ କାର୍ଯ୍ୟକାରୀ)।

(*g*) ଅରୁଣାଚଳ ପ୍ରଦେଶ, ଆସାମ, ଜମ୍ମୁ ଓ କାଶ୍ମୀର, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ସିକିମ, ତ୍ରିପୁରା, ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡ ରାଜ୍ୟମାନଙ୍କ ପାଇଁ ବିଶେଷ ବ୍ୟବସ୍ଥା; ଏବଂ

(*h*) ଦ୍ରବ୍ୟ ଏବଂ ସେବା କର ସମ୍ପର୍କିତ ଅନ୍ୟ ଯେକୌଣସି ବିଷୟ, ଯାହା ପରିଷଦ ନିଷ୍ପତ୍ତି ନେଇପାରିବେ ।

(5) ଦ୍ରବ୍ୟ ଏବଂ ସେବା କର ପରିଷଦ ଅଶୋଧିତ ତୈଳ, ଉଚ୍ଚଗତି ଡିଜେଲ, ମୋଟର ସ୍ପିରିଟ (ସାଧାରଣତଃ ପେଟ୍ରୋଲ ନାମେ ଜଣାଯାଏ), ପ୍ରାକୃତିକ ଗ୍ୟାସ ଏବଂ ବିମାନ ଚାଳନା ପାଇଁ ବ୍ୟବହୃତ ଇନ୍ଧନ ଉପରେ ଦ୍ରବ୍ୟ ଏବଂ ସେବା କର ଆଦାୟ କରାଯିବାର ତାରିଖ ସୁପାରିଶ କରିବେ ।

(6) ଏହି ଅନୁଚ୍ଛେଦଦ୍ୱାରା ପ୍ରଦତ୍ତ କାର୍ଯ୍ୟ ସମ୍ପାଦନ କରିବା ସମୟରେ, ଦ୍ରବ୍ୟ ଏବଂ ସେବା କର ପରିଷଦ ଦ୍ରବ୍ୟ ଏବଂ ସେବା କରର ଏକ ସୁସଙ୍ଗଠିତ ଗଠନ ଏବଂ ଦ୍ରବ୍ୟ ଏବଂ ସେବା ପାଇଁ ଏକ ସୁବ୍ୟବସ୍ଥିତ ଜାତୀୟ ବଜାରର ବିକାଶର ଆବଶ୍ୟକତା ଅନୁଯାୟୀ ପରିଚାଳିତ ହେବ ।

(7) ଦ୍ରବ୍ୟ ଏବଂ ସେବା କର ପରିଷଦର ବୈଠକ ପାଇଁ ଆବଶ୍ୟକ ହେଉଥିବା ସର୍ବନିମ୍ନ ସଦସ୍ୟଙ୍କ ସଂଖ୍ୟା, ମୋଟ ସଦସ୍ୟଙ୍କ ସଂଖ୍ୟାର ଅଧା ହେଉଥିବା ଦରକାର ।

(8) ଦ୍ରବ୍ୟ ଏବଂ ସେବା କର ପରିଷଦ ଏହାର କାର୍ଯ୍ୟ ସମ୍ପାଦନ ପାଇଁ ପଦ୍ଧତି ନିର୍ଣ୍ଣୟ କରିବ ।

(9) ଦ୍ରବ୍ୟ ଏବଂ ସେବା କର ପରିଷଦର ପ୍ରତ୍ୟେକ ନିଷ୍ପତ୍ତି ଏକ ବୈଠକରେ ନିଆଯିବ, ଯେଉଁଠାରେ ଉପସ୍ଥିତ ଏବଂ ମତଦାନ କରୁଥିବା ସଦସ୍ୟମାନଙ୍କ ଭାରି ମତ ଅତିକମରେ ତିନି-ଚତୁର୍ଥାଂଶ ବହୁମତଦ୍ୱାରା, ନିମ୍ନଲିଖିତ ନୀତି ଅନୁଯାୟୀ ଗ୍ରହଣ କରାଯିବ, ଯଥା:—

(*a*) ସେହି ବୈଠକରେ କେନ୍ଦ୍ର ସରକାରଙ୍କର ମତର ଭାର ମୋଟ ପ୍ରଦତ୍ତ ମତର ଏକ-ତୃତୀୟାଂଶ ହେବ; ଏବଂ

(*b*) ସେହି ବୈଠକରେ ମତଦାନ କରିଥିବା ସମସ୍ତ ରାଜ୍ୟ ସରକାରମାନଙ୍କର ଏକତ୍ରିତ ମତ ମୋଟ ପ୍ରଦତ୍ତ ମତର ଦୁଇ-ତୃତୀୟାଂଶ ଭାର ହେବ ।

(10) ଦ୍ରବ୍ୟ ଏବଂ ସେବା କର ପରିଷଦର କୌଣସି କାର୍ଯ୍ୟ ବା ପ୍ରକ୍ରିୟା ନିମ୍ନଲିଖିତ କାରଣରୁ ଅବୈଧ ହେବ ନାହିଁ, ଯଦି—

(*a*) ପରିଷଦର ଗଠନରେ କୌଣସି ଶୂନ୍ୟସ୍ଥାନ ବା ତ୍ରୁଟି ଦେଖାଯାଏ; କିମ୍ବା

(*b*) ପରିଷଦର ସଦସ୍ୟଭାବେ କୌଣସି ବ୍ୟକ୍ତିଙ୍କ ନିଯୁକ୍ତିରେ କୌଣସି ତ୍ରୁଟି ଦେଖାଯାଏ; କିମ୍ବା

(*c*) ପରିଷଦର କୌଣସି ପ୍ରକ୍ରିୟାଗତ ଅନିୟମିତତା ଯାହା ମାମଲାର ମୂଳ ବିଷୟକୁ ପ୍ରଭାବିତ କରେ ନାହିଁ ।

(11) ଦ୍ରବ୍ୟ ଏବଂ ସେବା କର ପରିଷଦ—

(*a*) ଭାରତ ସରକାର ଏବଂ ଏକ ବା ଏକାଧିକ ରାଜ୍ୟ ମଧ୍ୟରେ; କିମ୍ବା

(*b*) ଭାରତ ସରକାର ଏବଂ କୌଣସି ରାଜ୍ୟ ବା ରାଜ୍ୟମାନେ ଏକ ପାର୍ଶ୍ୱରେ ଏବଂ ଅନ୍ୟ ଏକ ବା ଏକାଧିକ ରାଜ୍ୟ ଅନ୍ୟ ପାର୍ଶ୍ୱରେ; କିମ୍ବା

(*c*) ଦୁଇ ବା ଅଧିକ ରାଜ୍ୟ ମଧ୍ୟରେ,

ପରିଷଦର ସୁପାରିଶ ବା ତାହାର କାର୍ଯ୍ୟକାରୀତାରୁ ଉତ୍ପନ୍ନ କୌଣସି ବିବାଦର ନ୍ୟାୟପୂର୍ଣ୍ଣ ନିଷ୍ପତ୍ତି ନିମନ୍ତେ ଏକ ପ୍ରଣାଳୀ ଗଠନ କରିବ ।]

**280. ଅର୍ଥ ଆୟୋଗ**— (1) ରାଷ୍ଟ୍ରପତି, ଏହି ସମ୍ବିଧାନ ପ୍ରାରମ୍ଭରୁ ଦୁଇବର୍ଷ ମଧ୍ୟରେ ଏବଂ ତା'ପରେ ପ୍ରତ୍ୟେକ ପାଞ୍ଚବର୍ଷ ଶେଷରେ କିମ୍ବା ଏପରି କୌଣସି ସମୟ ଆଗରୁ ରାଷ୍ଟ୍ରପତି ଆବଶ୍ୟକ ବୋଲି ମନେକଲେ, ଆଦେଶଦ୍ୱାରା ଏକ ଅର୍ଥ ଆୟୋଗ ଗଠନ କରିବେ, ଯେଉଁଥିରେ ଜଣେ ଅଧ୍ୟକ୍ଷ ଏବଂ ରାଷ୍ଟ୍ରପତିଙ୍କଦ୍ୱାରା ନିଯୁକ୍ତ ଅନ୍ୟ ଚାରି ଜଣ ସଦସ୍ୟ ରହିବେ ।

(2) ସଂସଦ ,ଆଇନଦ୍ୱାରା ଆୟୋଗର ସଦସ୍ୟ ଭାବେ ନିଯୁକ୍ତି ପାଇଁ ଆବଶ୍ୟକୀୟ ଯୋଗ୍ୟତା ଏବଂ ସେମାନଙ୍କୁ ମନୋନୟନ କରିବାର ପ୍ରଣାଳୀ ନିର୍ଣ୍ଣୟ କରିପାରିବ ।

(3) ରାଷ୍ଟ୍ରପତିଙ୍କୁ ନିମ୍ନଲିଖିତ ବିଷୟରେ ସୁପାରିଶ କରିବା ଆୟୋଗର କର୍ତ୍ତବ୍ୟ ହେବ—

(*a*) ଏହି ଅଧ୍ୟାୟ ଅଧୀନରେ କେନ୍ଦ୍ର ଏବଂ ରାଜ୍ୟମାନଙ୍କ ମଧ୍ୟରେ ବିଭାଜନ କରାଯିବାକୁ ଥିବା ବା ବିଭାଜନ କରାଯାଇପାରୁଥିବା କରର ବାସ୍ତବିକ ଆୟ ଏବଂ ସେହି ସମ୍ପୃକ୍ତ ଆୟର ଅଂଶ ରାଜ୍ୟମାନଙ୍କ ମଧ୍ୟରେ ଆବଣ୍ଟନ;

(*b*) ଭାରତର ସଞ୍ଚିତ ପାଣ୍ଠିରୁ ରାଜ୍ୟମାନଙ୍କ ରାଜସ୍ୱର ଅନୁଦାନକୁ ନିୟନ୍ତ୍ରଣ କରିବା ନିମନ୍ତେ ଉଚିତ ନୀତି;

[1][(*bb*) ରାଜ୍ୟର ଅର୍ଥ ଆୟୋଗର ସୁପାରିଶ ଆଧାରରେ ରାଜ୍ୟର ପଞ୍ଚାୟତଗୁଡ଼ିକର ସମ୍ବଳ ପୂରଣ କରିବା ପାଇଁ ରାଜ୍ୟର ସଞ୍ଚିତ ପାଣ୍ଠିକୁ ବୃଦ୍ଧି କରିବା ପାଇଁ ଆବଶ୍ୟକ ପଦକ୍ଷେପ;]

[2][(*c*) ରାଜ୍ୟର ଅର୍ଥ ଆୟୋଗର ସୁପାରିଶ ଆଧାରରେ ରାଜ୍ୟର ପୌରପାଳିକାଗୁଡ଼ିକର ସମ୍ବଳ ପୂରଣ କରିବା ପାଇଁ ରାଜ୍ୟର ସଞ୍ଚିତ ପାଣ୍ଠିକୁ ବୃଦ୍ଧି କରିବା ପାଇଁ ଆବଶ୍ୟକ ପଦକ୍ଷେପ;]

[3][(*d*)] ସୁଦୃଢ଼ ଅର୍ଥ ବ୍ୟବସ୍ଥାର ସ୍ୱାର୍ଥରେ ରାଷ୍ଟ୍ରପତିଙ୍କଦ୍ୱାରା ଆୟୋଗକୁ ପ୍ରେରିତ ଅନ୍ୟ କୌଣସି ବିଷୟ ।

(4) ଆୟୋଗ ନିଜର ପ୍ରଣାଳୀ ନିର୍ଣ୍ଣୟ କରିବ ଏବଂ ସେମାନଙ୍କୁ ପ୍ରଦାନ କରାଯାଇଥିବା କାର୍ଯ୍ୟ ସମ୍ପାଦନ ପାଇଁ ଏହିପରି କ୍ଷମତା ରହିବ, ଯାହା ସଂସଦ ତାଙ୍କୁ ଆଇନଦ୍ୱାରା ପ୍ରଦାନ କରିବ ।

---

[1] ସମ୍ବିଧାନ (73ତମ ସଂଶୋଧନ) ଅଧିନିୟମ, 1992, ଧାରା 3ଦ୍ୱାରା ସନ୍ନିବେଶିତ (24-4-1993 ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (74ତମ ସଂଶୋଧନ) ଅଧିନିୟମ, 1992, ଧାରା 3ଦ୍ୱାରା ସନ୍ନିବେଶିତ (1-6-1993 ଠାରୁ କାର୍ଯ୍ୟକାରୀ)।

[3] ସମ୍ବିଧାନ (74ତମ ସଂଶୋଧନ) ଅଧିନିୟମ, 1992, ଧାରା 3ଦ୍ୱାରା ଉପଖଣ୍ଡ (*c*)କୁ ଉପଖଣ୍ଡ (*d*) ଭାବେ ପୁନଃନାମକରଣ କରାଯାଇଛି (1-6-1993 ଠାରୁ କାର୍ଯ୍ୟକାରୀ)।

**281. ଅର୍ଥ ଆୟୋଗର ସୁପାରିଶ**— ରାଷ୍ଟ୍ରପତି ଏହି ସମ୍ବିଧାନର ବ୍ୟବସ୍ଥା ଅଧୀନରେ ଅର୍ଥ ଆୟୋଗଦ୍ୱାରା କରାଯାଇଥିବା ପ୍ରତ୍ୟେକ ସୁପାରିଶକୁ, ତାହା ଉପରେ ନିଆଯାଇଥିବା କାର୍ଯ୍ୟ ସମ୍ପର୍କିତ ଏକ ବ୍ୟାଖ୍ୟାତ୍ମକ ଜ୍ଞାପନପତ୍ର ସହିତ ସଂସଦର ପ୍ରତ୍ୟେକ ସଦନ ସମ୍ମୁଖରେ ଉପସ୍ଥାପନ କରାଇବେ ।

*ବିବିଧ ଆର୍ଥିକ ବ୍ୟବସ୍ଥା*

**282. କେନ୍ଦ୍ର ବା ରାଜ୍ୟଦ୍ୱାରା ରାଜସ୍ୱରୁ ନିର୍ବାହ କରାଯାଉଥିବା ପ୍ରତ୍ୟେକ ଖର୍ଚ୍ଚ—** କେନ୍ଦ୍ର ବା ରାଜ୍ୟ ଯେକୌଣସି ସରକାରୀ ଉଦ୍ଦେଶ୍ୟ ପାଇଁ ଅନୁଦାନ ପ୍ରଦାନ କରିପାରନ୍ତି, ଯାହା ସତ୍ତ୍ୱେ ଏହାର ପ୍ରୟୋଜନ ଏପରି ନୁହେଁ, ଯଥାସ୍ଥିତି ସେ ସମ୍ବନ୍ଧରେ ସଂସଦ ବା ରାଜ୍ୟର ବିଧାନମଣ୍ଡଳ ଆଇନ ପ୍ରଣୟନ କରିପାରିବେ ।

**283. ସଞ୍ଚିତ ପାଣ୍ଠି, ଜରୁରୀକାଳୀନ ପାଣ୍ଠି ଏବଂ ସରକାରୀ ହିସାବରେ ଜମା ହୋଇଥିବା ଅର୍ଥର ସୁରକ୍ଷା, ଇତ୍ୟାଦି—** (1) ଭାରତର ସଞ୍ଚିତ ପାଣ୍ଠି ଏବଂ ଭାରତର ଜରୁରୀକାଳୀନ ପାଣ୍ଠିର ସୁରକ୍ଷା, ଏହି ପାଣ୍ଠିଗୁଡ଼ିକରେ ଅର୍ଥ ଜମା କରାଯିବା, ସେହି ପାଣ୍ଠିରୁ ଅର୍ଥ ଉଠାଣ, ଭାରତ ସରକାରଙ୍କ ତରଫରୁ ବା ଭାରତ ସରକାରଙ୍କ ପାଇଁ ଏହି ପାଣ୍ଠିଗୁଡ଼ିକରେ ଜମା ହୋଇଥିବା ସରକାରୀ ଅର୍ଥର ସୁରକ୍ଷା, ଭାରତର ସରକାରୀ ଆକାଉଣ୍ଟରେ ତାକୁ ଜମା କରାଯିବା ଏବଂ ସେହି ଆକାଉଣ୍ଟରୁ ଅର୍ଥ ଉଠାଣ ଏବଂ ଉପରୋକ୍ତ ବିଷୟଗୁଡ଼ିକ ସହିତ ସମ୍ପୃକ୍ତ ବା ଆନୁଷଙ୍ଗିକ ସମସ୍ତ ବିଷୟ ସଂସଦଦ୍ୱାରା ପ୍ରଣୀତ ଆଇନଦ୍ୱାରା ନିୟନ୍ତ୍ରିତ ହେବ ଏବଂ ଏହା ସଂସଦଦ୍ୱାରା ବ୍ୟବସ୍ଥା ନହେବା ପର୍ଯ୍ୟନ୍ତ, ରାଷ୍ଟ୍ରପତିଙ୍କଦ୍ୱାରା ପ୍ରଣୀତ ନିୟମଦ୍ୱାରା ନିୟନ୍ତ୍ରିତ ହେବ ।

(2) ରାଜ୍ୟର ସଞ୍ଚିତ ପାଣ୍ଠି ଏବଂ ରାଜ୍ୟର ଜରୁରୀକାଳୀନ ପାଣ୍ଠିର ସୁରକ୍ଷା, ଏହି ପାଣ୍ଠିଗୁଡ଼ିକରେ ଅର୍ଥ ଜମା କରାଯିବା, ସେହି ପାଣ୍ଠିରୁ ଅର୍ଥ ଉଠାଣ, ରାଜ୍ୟ ସରକାରଙ୍କ ତରଫରୁ ବା ରାଜ୍ୟ ସରକାରଙ୍କ ପାଇଁ ଏହି ପାଣ୍ଠିଗୁଡ଼ିକରେ ଜମା ହୋଇଥିବା ସରକାରୀ ଅର୍ଥର ସୁରକ୍ଷା, ରାଜ୍ୟର ସରକାରୀ ଆକାଉଣ୍ଟରେ ତାହାକୁ ଜମା କରାଯିବା ଏବଂ ସେହି ଆକାଉଣ୍ଟରୁ ଅର୍ଥ ଉଠାଣ ଏବଂ ଉପରୋକ୍ତ ବିଷୟଗୁଡ଼ିକ ସହିତ ସମ୍ପୃକ୍ତ ବା ଆନୁଷଙ୍ଗିକ ସମସ୍ତ ବିଷୟ ରାଜ୍ୟ ବିଧାନମଣ୍ଡଳଦ୍ୱାରା ପ୍ରଣୀତ ଆଇନଦ୍ୱାରା ନିୟନ୍ତ୍ରିତ ହେବ ଏବଂ ଏହା ବିଧାନମଣ୍ଡଳଦ୍ୱାରା ବ୍ୟବସ୍ଥା ନହେବା ପର୍ଯ୍ୟନ୍ତ, ରାଜ୍ୟର ରାଜ୍ୟପାଳଙ୍କ[1]*** ପ୍ରଣୀତ ନିୟମଦ୍ୱାରା ନିୟନ୍ତ୍ରିତ ହେବ ।

**284. ସରକାରୀ କର୍ମଚାରୀ ଓ ନ୍ୟାୟାଳୟଗୁଡ଼ିକ ଦ୍ୱାରା ପ୍ରାପ୍ତ ଆବେଦନକାରୀଙ୍କ ଜମା ରାଶି ସବୁ ଏବଂ ଅନ୍ୟ ଅର୍ଥ ରାଶିର ସୁରକ୍ଷା—** ଏପରି ସମସ୍ତ ଅର୍ଥ ଯାହା—

(*a*) କେନ୍ଦ୍ର ବା ରାଜ୍ୟର ବ୍ୟାପାର ସହିତ ସମ୍ବନ୍ଧିତ କୌଣସି ଅଧିକାରୀଙ୍କ ଦ୍ୱାରା, ତାଙ୍କ କ୍ଷମତା ଅନୁସାରେ, ଭାରତ ସରକାର ବା ରାଜ୍ୟ ସରକାରଙ୍କ ଦ୍ୱାରା, ଯଥାସ୍ଥିତିରେ ସଂଗୃହୀତ ବା ଗ୍ରହଣ କରାଯାଇଥିବା ରାଜସ୍ୱ ବା ସରକାରୀ ଅର୍ଥ ବ୍ୟତୀତ; କିମ୍ବା

(*b*) କୌଣସି ମାମଲା, ବିଷୟ, ହିସାବ ବା ବ୍ୟକ୍ତିମାନଙ୍କ ନାମରେ ଜମା, ଭାରତର ଅଞ୍ଚଳ ମଧ୍ୟରେ ଥିବା କୌଣସି ନ୍ୟାୟାଳୟଦ୍ୱାରା,

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା "କିମ୍ବା ରାଜପ୍ରମୁଖ" ଶବ୍ଦଗୁଡ଼ିକୁ ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ)।

ପ୍ରାପ୍ତ ହୋଇଥାଏ କିମ୍ବା ଜମା ହୋଇଥାଏ ତାହା ଯଥାସ୍ଥିତି; ଭାରତର ସରକାରୀ ଆକାଉଣ୍ଟରେ ବା ରାଜ୍ୟର ସରକାରୀ ଆକାଉଣ୍ଟରେ ଜମା କରାଯିବ ।

**285. ରାଜ୍ୟକରରୁ କେନ୍ଦ୍ରର ସମ୍ପତ୍ତିର ଛାଡ଼—** (1) କେନ୍ଦ୍ରର ସମ୍ପତ୍ତି, ସଂସଦ ଆଇନଦ୍ୱାରା ଅନ୍ୟଥା ବ୍ୟବସ୍ଥା ନକରିବା ପର୍ଯ୍ୟନ୍ତ, ରାଜ୍ୟ ବା ରାଜ୍ୟ ମଧ୍ୟରେ ଥିବା କୌଣସି କର୍ତ୍ତୃପକ୍ଷଙ୍କଦ୍ୱାରା ଲାଗୁ ସମସ୍ତ କରରୁ ଛାଡ଼ ହେବ ।

(2) ଖଣ୍ଡ (1) ଅଧୀନରେ ଯାହା କିଛି ଥିବା ସତ୍ତ୍ୱେ, ସଂସଦ ଆଇନଦ୍ୱାରା ଅନ୍ୟଥା ବ୍ୟବସ୍ଥା ନକରିବା ପର୍ଯ୍ୟନ୍ତ, ରାଜ୍ୟ ମଧ୍ୟରେ ଥିବା କୌଣସି କର୍ତ୍ତୃପକ୍ଷଙ୍କୁ ଏହି ସମ୍ବିଧାନ ପ୍ରାରମ୍ଭର ଠିକ୍ ପୂର୍ବରୁ କେନ୍ଦ୍ରର ସମ୍ପତ୍ତି ଉପରେ କୌଣସି କର ଆଦାୟ ପାଇଁ ଦାୟୀ ବା ଦାୟୀ ବୋଲି ବିବେଚିତ ହେଉଥିବା ସମ୍ପତ୍ତି ଉପରେ କର ଆଦାୟ କରିବା ନିମନ୍ତେ ପ୍ରତିବନ୍ଧିତ କରିବ ନାହିଁ, ଯେପର୍ଯ୍ୟନ୍ତ ସେହି କର, ସେହି ରାଜ୍ୟରେ ଆଦାୟ କରାଯାଉଛି ।

**286. ଦ୍ରବ୍ୟର ବିକ୍ରୟ ବା କ୍ରୟ ସମ୍ବନ୍ଧରେ କର ଆରୋପ ଉପରେ କଟକଣା—** (1) କୌଣସି ରାଜ୍ୟର ଆଇନ [1][ଦ୍ରବ୍ୟ ବା ସେବା ବା ଉଭୟର ଯୋଗାଣ, ଯେଉଁଠାରେ ଏହିପରି ଯୋଗାଣ ହୋଇଥାଏ] ତା'ଉପରେ କର ଆରୋପିତ କରିବ ନାହିଁ ବା ଆରୋପିତ କରିବାକୁ ଅଧିକୃତ କରିବ ନାହିଁ—

(*a*) ରାଜ୍ୟ ବାହାରେ; କିମ୍ବା

(*b*) ଭାରତର ଅଞ୍ଚଳ ମଧ୍ୟରେ [2][ଦ୍ରବ୍ୟ ବା ସେବା ବା ଉଭୟର] ଆମଦାନୀ କିମ୍ବା 2[ଦ୍ରବ୍ୟ ବା ସେବା ବା ଉଭୟର] ରପ୍ତାନି ସମୟରେ ।

[3][* * * *]

[4][(2) ଖଣ୍ଡ (1)ରେ ଉଲ୍ଲେଖିତ, କୌଣସି ଉପାୟରେ [5][ଦ୍ରବ୍ୟ ବା ସେବା କିମ୍ବା ଉଭୟର ଯୋଗାଣ] କେବେ ହେବ ତାହା ନିର୍ଣ୍ଣୟ କରିବା ପାଇଁ ସଂସଦ ଆଇନଦ୍ୱାରା ଆଇନ ପ୍ରଣୟନ କରିପାରିବ ।

[6][(3)* * * *]

**287. ବିଦ୍ୟୁତ ଉପରେ କରରୁ ଛାଡ଼—** ସଂସଦ ଆଇନଦ୍ୱାରା ଅନ୍ୟଥା ବ୍ୟବସ୍ଥା ନକରିବା ପର୍ଯ୍ୟନ୍ତ, କୌଣସି ରାଜ୍ୟର ଆଇନ ବିଦ୍ୟୁତର ଉପଯୋଗ ବା ବିକ୍ରୟ (ସରକାର ବା ଅନ୍ୟ ବ୍ୟକ୍ତିଙ୍କଦ୍ୱାରା ଉତ୍ପାଦିତ)

---

[1] ସମ୍ବିଧାନ (101 ତମ ସଂଶୋଧନ) ଅଧିନିୟମ, ଧାରା 13, (i)(A)ଦ୍ୱାରା "ଦ୍ରବ୍ୟ କ୍ରୟ ବା ବିକ୍ରୟ ଯେଉଁଠାରେ ଏହିପରି କ୍ରୟ ବା ବିକ୍ରୟ ହୁଏ" ପାଇଁ ପ୍ରତିସ୍ଥାପିତ (16-9-2016 ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (101ତମ ସଂଶୋଧନ) ଅଧିନିୟମ, 2016, ଧାରା 13 (i)(B)ଦ୍ୱାରା, "ଦ୍ରବ୍ୟ" ପାଇଁ ପ୍ରତିସ୍ଥାପିତ (16-9-2016ଠାରୁ କାର୍ଯ୍ୟକାରୀ)।

[3] ସମ୍ବିଧାନ (ଷଷ୍ଠ ସଂଶୋଧନ) ଅଧିନିୟମ, 1956, ଧାରା 4ଦ୍ୱାରା ଖଣ୍ଡ (1) ର *ସ୍ପଷ୍ଟୀକରଣ* ବାଦ୍ ଦିଆଯାଇଛି (11-9-1956ଠାରୁ କାର୍ଯ୍ୟକାରୀ) ।

[4] ସମ୍ବିଧାନ (ଷଷ୍ଠ ସଂଶୋଧନ) ଅଧିନିୟମ, 1956, ଧାରା 4ଦ୍ୱାରା, ଖଣ୍ଡ (2) ଏବଂ (3) ପାଇଁ ପ୍ରତିସ୍ଥାପିତ (11-9-1956ଠାରୁ କାର୍ଯ୍ୟକାରୀ) ।

[5] ସମ୍ବିଧାନ (101ତମ ସଂଶୋଧନ) ଅଧିନିୟମ, 2016, ଧାରା 13 (*ii*)ଦ୍ୱାରା, "ଦ୍ରବ୍ୟ କ୍ରୟ ବା ବିକ୍ରୟ ହୁଏ" ପାଇଁ ପ୍ରତିସ୍ଥାପିତ (16-9-2016 ଠାରୁ କାର୍ଯ୍ୟକାରୀ) ।

[6] ସମ୍ବିଧାନ (101ତମ ସଂଶୋଧନ) ଅଧିନିୟମ, ଧାରା 13 (*iii*) ଦ୍ୱାରା ଖଣ୍ଡ (3) ବାଦ୍ ଦିଆଯାଇଛି (16-9-2016 ଠାରୁ କାର୍ଯ୍ୟକାରୀ) ।

ତା'ଉପରେ କର ଲାଗୁ କରିବ ନାହିଁ ବା ଲାଗୁ କରିବାକୁ ଅଧିକୃତ କରିବ ନାହିଁ, ଯାହା—

(*a*) ଭାରତ ସରକାରଙ୍କଦ୍ୱାରା ଉପଯୋଗ କରାଯାଏ କିମ୍ବା ଭାରତ ସରକାରଙ୍କଦ୍ୱାରା ଉପଯୋଗ କରିବା ପାଇଁ ସେହି ସରକାରକୁ ବିକ୍ରୟ କରାଯାଏ; କିମ୍ବା

(*b*) ରେଳବାଇର ନିର୍ମାଣ, ରକ୍ଷଣାବେକ୍ଷଣ ବା ପରିଚାଳନା ପାଇଁ ଭାରତ ସରକାର ବା କୌଣସି ରେଳବାଇ ସଂସ୍ଥା ପରିଚାଳନା କରୁଥାନ୍ତି ବା ଉପଯୋଗ କରୁଥାନ୍ତି କିମ୍ବା ରେଳର ନିର୍ମାଣ, ରକ୍ଷଣାବେକ୍ଷଣ ବା ପରିଚାଳନାର ଉପଯୋଗ ପାଇଁ ସେହି ସରକାର କିମ୍ବା ଏପରି ରେଳବାଇ ସଂସ୍ଥାକୁ ବିକ୍ରୟ କରାଯାଏ,

ଏବଂ ବିଦ୍ୟୁତର ବିକ୍ରୟ ଉପରେ କର ଲାଗୁ କରୁଥିବା ବା ଲାଗୁ କରିବାକୁ ଅଧିକୃତ କରୁଥିବା ଏହିପରି କୌଣସି ଆଇନ, ସୁନିଶ୍ଚିତ କରିବ ଯେ, ଭାରତ ସରକାରଙ୍କୁ କିମ୍ବା ସେହି ସରକାରଙ୍କ ଉପଯୋଗ ପାଇଁ ବା ଉପରୋକ୍ତ ରେଳବାଇ ସଂସ୍ଥାକୁ ରେଳବାଇର ନିର୍ମାଣ, ରକ୍ଷଣାବେକ୍ଷଣ ବା ପରିଚାଳନାରେ ଉପଯୋଗ ପାଇଁ ବିକ୍ରୟ କରାଯାଇଥିବା ବିଦ୍ୟୁତର ମୂଲ୍ୟ ଯଥେଷ୍ଟ ପରିମାଣର ଅନ୍ୟ ବିଦ୍ୟୁତ ଉପଭୋକ୍ତାମାନଙ୍କଠାରୁ ଆଦାୟ କରାଯାଉଥିବା ମୂଲ୍ୟ ଅପେକ୍ଷା କରର ରାଶି ଅନୁଯାୟୀ କମ୍ ହେବ ।

**288. ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଜଳ ବା ବିଦ୍ୟୁତ ସମ୍ପର୍କରେ ରାଜ୍ୟମାନଙ୍କଦ୍ୱାରା କରରୁ ଛାଡ଼—** (1) ରାଷ୍ଟ୍ରପତିଙ୍କ ଆଦେଶଦ୍ୱାରା ଅନ୍ୟଥା ବ୍ୟବସ୍ଥା ନହେବା ପର୍ଯ୍ୟନ୍ତ, ଏହି ସମ୍ବିଧାନ ପ୍ରାରମ୍ଭର ଠିକ୍ ପୂର୍ବରୁ କାର୍ଯ୍ୟକାରୀ ଥିବା କୌଣସି ରାଜ୍ୟର ଆଇନ ଆନ୍ତଃରାଜ୍ୟ ନଦୀ ବା ନଦୀ-ଉପତ୍ୟକାର ନିୟନ୍ତ୍ରଣ ବା ବିକାଶ ପାଇଁ ସଂସଦଦ୍ୱାରା ପ୍ରଣୀତ କୌଣସି ପ୍ରଚଳିତ ଆଇନ ବା ଆଇନ ଅନୁଯାୟୀ ଅଧିଷ୍ଠିତ କୌଣସି କର୍ତ୍ତୃପକ୍ଷଙ୍କଦ୍ୱାରା ସଂଗ୍ରହ, ଉତ୍ପାଦନ, ଉପଯୋଗ, ଆବଣ୍ଟନ ବା ବିକ୍ରୟ କରାଯାଇଥିବା ଜଳ ବା ବିଦ୍ୟୁତ ସମ୍ପର୍କରେ କର ଲାଗୁ କରିପାରିବ ନାହିଁ କିମ୍ବା ଲାଗୁ କରିବାକୁ ଅଧିକୃତ କରିବ ନାହିଁ ।

*ସ୍ପଷ୍ଟୀକରଣ*— ଏହି ଖଣ୍ଡରେ "ରାଜ୍ୟରେ ବଳବତ୍ତର ଥିବା ଆଇନ" ବାକ୍ୟାଂଶ, ଏହି ସମ୍ବିଧାନ ପ୍ରାରମ୍ଭ ପୂର୍ବରୁ ପାରିତ କିମ୍ବା ପ୍ରଣୀତ ହୋଇଥିବା ଏବଂ ପୂର୍ବରୁ ରଦ୍ଦ ହୋଇନଥିବା ରାଜ୍ୟର ଆଇନ ଅନ୍ତର୍ଭୁକ୍ତ ହେବ, ଯାହା କିଛି ଥିବା ସତ୍ତ୍ୱେ ତାହା କିମ୍ବା ତାହାର କିଛି ଅଂଶ ସେହି ସମୟରେ ସମ୍ପୂର୍ଣ୍ଣ ବା ନିର୍ଦ୍ଦିଷ୍ଟ ଅଞ୍ଚଳରେ କାର୍ଯ୍ୟକାରୀ ହୋଇ ନଥାଏ ।

(2) କୌଣସି ରାଜ୍ୟର ବିଧାନମଣ୍ଡଳ ଆଇନଦ୍ୱାରା ଖଣ୍ଡ (1)ରେ ଉଲ୍ଲେଖିତ ଏହିପରି କୌଣସି କର ଲାଗୁ କରିପାରନ୍ତି କିମ୍ବା ଲାଗୁ କରିବାକୁ ଅଧିକୃତ କରିପାରନ୍ତି, କିନ୍ତୁ ଏପରି କୌଣସି ଆଇନ ରାଷ୍ଟ୍ରପତିଙ୍କ ବିଚାର ପାଇଁ ସଂରକ୍ଷିତ ହୋଇ ତାଙ୍କ ସମ୍ମତି ନପାଇବା ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ନାହିଁ ଏବଂ ଯଦି ଏପରି କୌଣସି ଆଇନ କୌଣସି କର୍ତ୍ତୃପକ୍ଷଦ୍ୱାରା ଆଇନ ଅନୁଯାୟୀ କରାଯାଇଥିବା ନିୟମ ବା ଆଦେଶଦ୍ୱାରା ଏହିପରି କରର ଦର ଏବଂ ଅନ୍ୟ ଆନୁଷଙ୍ଗିକ ବିଷୟ ନିର୍ଦ୍ଧାରଣ ପାଇଁ ବ୍ୟବସ୍ଥା କରେ, ତେବେ ଆଇନ ଏହିପରି କୌଣସି ନିୟମ ବା ଆଦେଶ ପ୍ରଣୟନ ପାଇଁ ରାଷ୍ଟ୍ରପତିଙ୍କ ପୂର୍ବ ସମ୍ମତି ଆବଶ୍ୟକ କରିବ ।

**289. ରାଜ୍ୟର ସମ୍ପତ୍ତି ଏବଂ ଆୟ କେନ୍ଦ୍ରୀୟ କରରୁ ଛାଡ଼—** (1) ରାଜ୍ୟର ସମ୍ପତ୍ତି ଏବଂ ଆୟ କେନ୍ଦ୍ରୀୟ କରରୁ ଛାଡ଼ ପାଇବ ।

(2) ଖଣ୍ଡ (1)ରେ ଥିବା ଯେକୌଣସି ବିଷୟ କେନ୍ଦ୍ରକୁ ରାଜ୍ୟ ସରକାରଦ୍ୱାରା ବା ତାଙ୍କ ତରଫରୁ ପରିଚାଳିତ କୌଣସି ପ୍ରକାରର ବ୍ୟବସାୟ, ବାଣିଜ୍ୟ ବା ତାହା ସହିତ ସମ୍ପୃକ୍ତ କୌଣସି କାର୍ଯ୍ୟକଳାପ ବା ଏପରି ବ୍ୟବସାୟ ବା ବାଣିଜ୍ୟର ଉଦ୍ଦେଶ୍ୟ ପାଇଁ ବ୍ୟବହୃତ ବା ଅଧିକୃତ ସମ୍ପତ୍ତି ବା ତାହା ସହିତ ସମ୍ପୃକ୍ତ ଉପାର୍ଜିତ ଓ ଉତ୍ପନ୍ନ ଆୟ ଉପରେ ସଂସଦ ଆଇନଦ୍ୱାରା ଯେଉଁ ପରିମାଣରେ ନିର୍ଦ୍ଧାରଣ କରିବେ, ତେବେ କର ଲାଗୁ କରିବା ବା ଲାଗୁ କରିବାକୁ ଅଧିକୃତ କରିବାରୁ ପ୍ରତିବନ୍ଧିତ କରିପାରିବ ନାହିଁ ।

(3) ଖଣ୍ଡ (2)ରେ ଥିବା କୌଣସି ବିଷୟ ଏପରି ବ୍ୟବସାୟ, ବାଣିଜ୍ୟ ବା ଏପରି ବ୍ୟବସାୟ ବା ବାଣିଜ୍ୟର ବର୍ଗ ଉପରେ ପ୍ରୟୋଗ ହେବ ନାହିଁ ଯାହା ସମ୍ବନ୍ଧରେ ସଂସଦ ଆଇନଦ୍ୱାରା ଘୋଷଣା କରିବେ ଯେ ଏହା ସରକାରଙ୍କ ସାଧାରଣ କାର୍ଯ୍ୟ ସହିତ ଆନୁଷଙ୍ଗିକ ଅଟେ ।

**290. ନିର୍ଦ୍ଦିଷ୍ଟ ଖର୍ଚ୍ଚ ଏବଂ ଅବସରକାଳୀନ ଭତ୍ତା ସମ୍ବନ୍ଧରେ ସମନ୍ୱୟ—** ଯେଉଁଠାରେ ଏହି ସମ୍ବିଧାନର ବ୍ୟବସ୍ଥା ଅଧୀନରେ କୌଣସି ବିଚାରାଳୟ ବା ଆୟୋଗର ଖର୍ଚ୍ଚ ବା ଏହି ସମ୍ବିଧାନ ପ୍ରାରମ୍ଭ ପୂର୍ବରୁ ଭାରତରେ ବ୍ରିଟିଶ ରାଜତ୍ୱ ଅଧୀନରେ ବା ତା'ପରେ କେନ୍ଦ୍ର ବା ରାଜ୍ୟର ବ୍ୟାପାର ସହିତ ସମ୍ବନ୍ଧିତ ଜଣେ ବ୍ୟକ୍ତିଙ୍କୁ ତାଙ୍କ ସେବାପାଇଁ ପ୍ରଦେୟ ଅବସରକାଳୀନ ଭତ୍ତା, ଭାରତର ସଞ୍ଚିତ ପାଣ୍ଠି ବା ରାଜ୍ୟର ସଞ୍ଚିତ ପାଣ୍ଠି ଉପରେ ନ୍ୟସ୍ତ ହେବ, ତାପରେ, ଯଦି—

(*a*) ଭାରତର ସଞ୍ଚିତ ପାଣ୍ଠି ଉପରେ ନ୍ୟସ୍ତ ହୋଇଥିବା ମାମଲାରେ, ନ୍ୟାୟାଳୟ ବା ଆୟୋଗ ରାଜ୍ୟର କୌଣସି ପୃଥକ ଆବଶ୍ୟକତା ପୂରଣ କରୁଛି କିମ୍ବା ସେହି ବ୍ୟକ୍ତି ସମ୍ପୂର୍ଣ୍ଣ ବା ଆଂଶିକଭାବେ ରାଜ୍ୟର ବ୍ୟାପାର ସହିତ ସମ୍ବନ୍ଧିତ ସେବା କରିଛନ୍ତି; କିମ୍ବା

(*b*) ରାଜ୍ୟର ର ସଞ୍ଚିତ ପାଣ୍ଠି ଉପରେ ନ୍ୟସ୍ତ ହୋଇଥିବା ମାମଲାରେ, ବିଚାରାଳୟ ବା ଆୟୋଗ ରାଜ୍ୟର କୌଣସି ପୃଥକ ଆବଶ୍ୟକତା ପୂରଣ କରୁଛି କିମ୍ବା ସେହି ବ୍ୟକ୍ତି ସମ୍ପୂର୍ଣ୍ଣ ବା ଆଂଶିକଭାବେ କେନ୍ଦ୍ରର ବା ଅନ୍ୟ ରାଜ୍ୟର ବ୍ୟାପାର ସହିତ ସମ୍ବନ୍ଧିତ ସେବା କରିଛନ୍ତି,

ତେବେ ରାଜ୍ୟର ସଞ୍ଚିତ ପାଣ୍ଠି କିମ୍ବା ଯଥାସ୍ଥିତି, ଭାରତର ସଞ୍ଚିତ ପାଣ୍ଠି କିମ୍ବା ଅନ୍ୟ ରାଜ୍ୟର ସଞ୍ଚିତ ପାଣ୍ଠିରୁ ଖର୍ଚ୍ଚ ବା ଅବସରକାଳୀନ ଭତ୍ତା ସମ୍ପର୍କିତ ଏହିପରି ଅବଦାନ ନ୍ୟସ୍ତ କରାଯିବ ଏବଂ ପ୍ରଦାନ କରାଯିବ, ଯାହା ସମ୍ମତ ହୋଇଥିବ କିମ୍ବା ସମ୍ମତିର ଅଭାବରେ ଭାରତର ମୁଖ୍ୟ ନ୍ୟାୟାଧୀଶଙ୍କଦ୍ୱାରା ନିଯୁକ୍ତ ଏକ ମଧ୍ୟସ୍ଥଦ୍ୱାରା ନିର୍ଣ୍ଣୟ କରାଯାଇଥିବ ।

[1][**290A. ନିର୍ଦ୍ଦିଷ୍ଟ ଦେବସ୍ୱମ ପାଣ୍ଠିକୁ ବାର୍ଷିକ ପୈଠ—** ପ୍ରତ୍ୟେକ ବର୍ଷ ଛୟାଳିଶ ଲକ୍ଷ ପଚାଶ ହଜାର ଟଙ୍କା କେରଳ ରାଜ୍ୟର ସଞ୍ଚିତ ପାଣ୍ଠି ଉପରେ ନ୍ୟସ୍ତ କରାଯିବ; ଏବଂ ସେହି ପାଣ୍ଠିରୁ ତ୍ରାଭାଙ୍କୋର ଦେବସ୍ୱମ ପାଣ୍ଠିକୁ ପ୍ରଦାନ କରାଯିବ ଏବଂ ପ୍ରତ୍ୟେକ ବର୍ଷ ତେର ଲକ୍ଷ ପଚାଶ ହଜାର ଟଙ୍କା [2][ତାମିଲନାଡୁ] ରାଜ୍ୟର ସଞ୍ଚିତ ପାଣ୍ଠି ଉପରେ ନ୍ୟସ୍ତ କରାଯିବ ଏବଂ ସେହି ପାଣ୍ଠିରୁ 1 ନଭେମ୍ବର, 1956ରେ ସେହି ରାଜ୍ୟକୁ ତ୍ରାଭାଙ୍କୋର-କୋଚି ରାଜ୍ୟ ଅନ୍ତର୍ଗତ ରାଜ୍ୟକ୍ଷେତ୍ରର ହସ୍ତାନ୍ତରିତ ଅଞ୍ଚଳର ହିନ୍ଦୁ ମନ୍ଦିର ଏବଂ ତୀର୍ଥସ୍ଥାନଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ରାଜ୍ୟରେ ସ୍ଥାପିତ ଦେବସ୍ୱମ ପାଣ୍ଠିକୁ ପ୍ରଦାନ କରାଯିବ ।]

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 19ଦ୍ୱାରା ସନ୍ନିବେଶିତ (1-11-1956ଠାରୁ କାର୍ଯ୍ୟକାରୀ)।

[2] ମାଡ୍ରାସ ରାଜ୍ୟ (ନାମ ପରିବର୍ତ୍ତନ) ଅଧିନିୟମ, 1968 (1968ର 53ନଂ), ଧାରା 4 ଦ୍ୱାରା, "ମାଡ୍ରାସ" ପାଇଁ ପ୍ରତିସ୍ଥାପିତ (14-1-1969 ଠାରୁ କାର୍ଯ୍ୟକାରୀ)।

**291.** *[ସେହି ସମୟର ରାଜତ୍ୱ ସମୟର ପ୍ରିଭି ପର୍ସ]— ସମ୍ବିଧାନ (26ତମ ସଂଶୋଧନ) ଅଧିନିୟମ, 1971, ଧାରା 2 ଦ୍ୱାରା ବାଦ୍ ଦିଆଯାଇଛି (28-12-1971 ଠାରୁ କାର୍ଯ୍ୟକାରୀ)* ।

## ଅଧ୍ୟାୟ 2 — ଋଣ ଗ୍ରହଣ

**292. ଭାରତ ସରକାରଙ୍କଦ୍ୱାରା ଋଣ ଗ୍ରହଣ**— କେନ୍ଦ୍ରର କାର୍ଯ୍ୟନିର୍ବାହୀ କ୍ଷମତା ଭାରତର ସଞ୍ଚିତ ପାଣ୍ଠିର ସୁରକ୍ଷା ଉପରେ ଋଣ ଗ୍ରହଣ କରିବା ପାଇଁ ଏପରି ସୀମା ମଧ୍ୟରେ, ଯଦି କୌଣସି ସୀମା ଥାଏ ସେପର୍ଯ୍ୟନ୍ତ ସମ୍ପ୍ରସାରିତ ହେବ, ଯାହା ସଂସଦ, ଆଇନଦ୍ୱାରା ସମୟାନୁକ୍ରମେ ନିର୍ଦ୍ଧାରିତ କରିପାରିବ ଏବଂ ସେହି ନିର୍ଦ୍ଧାରିତ ସୀମା ମଧ୍ୟରେ, ଯଦି କୌଣସି ସୀମା ଥାଏ, ଯାହା ନିର୍ଦ୍ଧାରଣ କରାଯାଇପାରିବ, ତାକୁ ସ୍ୱୀକୃତି ପ୍ରଦାନ କରିବା ନିମନ୍ତେ ଧାର୍ଯ୍ୟ କରିପାରିବ ।

**293. ରାଜ୍ୟଦ୍ୱାରା ଋଣ ଗ୍ରହଣ**— (1) ଏହି ଅନୁଚ୍ଛେଦର ବ୍ୟବସ୍ଥା ଅନୁଯାୟୀ, ରାଜ୍ୟର କାର୍ଯ୍ୟନିର୍ବାହୀ କ୍ଷମତା, ଭାରତର ଅଞ୍ଚଳ ମଧ୍ୟରେ ରାଜ୍ୟର ସଞ୍ଚିତ ପାଣ୍ଠିର ସୁରକ୍ଷା ଉପରେ ଋଣ ଗ୍ରହଣ କରିବା ପାଇଁ ଏପରି ସୀମା ମଧ୍ୟରେ, ଯଦି କୌଣସି ସୀମା ଥାଏ ସେପର୍ଯ୍ୟନ୍ତ ସମ୍ପ୍ରସାରିତ ହେବ, ଯାହାକି ସମୟାନୁକ୍ରମେ ଏପରି ରାଜ୍ୟର ବିଧାନମଣ୍ଡଳ ଆଇନଦ୍ୱାରା ନିର୍ଦ୍ଧାରଣ କରିପାରେ, ସେହି ନିର୍ଦ୍ଧାରିତ ସୀମା ମଧ୍ୟରେ, ଯଦି କୌଣସି ସୀମା ଥାଏ, ଯାହା ନିର୍ଦ୍ଧାରଣ କରାଯାଇପାରିବ, ତାହକୁ ସ୍ୱୀକୃତି ପ୍ରଦାନ କରିବା ନିମନ୍ତେ ଧାର୍ଯ୍ୟ କରିପାରିବେ।

(2) ଭାରତ ସରକାର, ସଂସଦଦ୍ୱାରା ପ୍ରଣୀତ ଆଇନଦ୍ୱାରା ବା ଆଇନ ଅଧୀନରେ ନିର୍ଦ୍ଧାରିତ ସର୍ତ୍ତ ଅନୁଯାୟୀ କୌଣସି ରାଜ୍ୟକୁ ଋଣ ପ୍ରଦାନ କରିପାରିବେ କିମ୍ବା ଅନୁଚ୍ଛେଦ 292 ଅନୁଯାୟୀ ନିର୍ଦ୍ଧାରିତ ସୀମା ଅତିକ୍ରମ ନହେବା ପର୍ଯ୍ୟନ୍ତ, କୌଣସି ରାଜ୍ୟଦ୍ୱାରା ଉଠାଯାଇଥିବା ଋଣ ଉପରେ ସ୍ୱୀକୃତି ପ୍ରଦାନ କରିପାରିବେ ଏବଂ ଏହିପରି ଋଣ ପ୍ରଦାନ କରିବା ଉଦ୍ଦେଶ୍ୟରେ ଆବଶ୍ୟକ ରାଶି ଭାରତର ସଞ୍ଚିତ ପାଣ୍ଠି ଉପରେ ନ୍ୟସ୍ତ କରାଯିବ ।

(3) ଯଦି ଭାରତ ସରକାର କିମ୍ବା ତାଙ୍କର ପୂର୍ବବର୍ତ୍ତୀ ସରକାରଙ୍କଦ୍ୱାରା ରାଜ୍ୟକୁ ପ୍ରଦତ୍ତ ଋଣର କୌଣସି ଅଂଶ ଏପର୍ଯ୍ୟନ୍ତ ବକେୟା ରହିଛି କିମ୍ବା ଋଣ ଉପରେ ଭାରତ ସରକାର କିମ୍ବା ତାଙ୍କର ପୂର୍ବବର୍ତ୍ତୀ ସରକାର ସ୍ୱୀକୃତି ଦେଇଛନ୍ତି, ତେବେ ଭାରତ ସରକାରଙ୍କ ସମ୍ମତି ବିନା ରାଜ୍ୟ କୌଣସି ଋଣ ଉଠାଇ ପାରିବେ ନାହିଁ ।

(4) ଖଣ୍ଡ (3) ଅଧୀନରେ ଥିବା ସହମତି, ଏପରି ସର୍ତ୍ତ ଅଧୀନରେ, ଯଦି କିଛି ଥାଏ, ଦିଆଯାଇପାରିବ, ଯାହା ଭାରତ ସରକାର ଲାଗୁ କରିବା ଉଚିତ ବୋଲି ବିଚାର କରିବେ ।

## ଅଧ୍ୟାୟ 3 — ସମ୍ପତ୍ତି, ଚୁକ୍ତି, ଅଧିକାର, ଦାୟବଦ୍ଧତା, ବାଧ୍ୟବାଧକତା ଏବଂ ମକଦ୍ଦମା

**294. ନିର୍ଦ୍ଦିଷ୍ଟ କ୍ଷେତ୍ରରେ ସମ୍ପତ୍ତି, ସମ୍ପଦ, ଅଧିକାର, ଦାୟବଦ୍ଧତା ଏବଂ ବାଧ୍ୟବାଧକତାର ଉତ୍ତରାଧିକାର**— ଏହି ସମ୍ବିଧାନ ପ୍ରାରମ୍ଭ ପୂର୍ବରୁ ପାକିସ୍ତାନ ଅଧିରାଜ୍ୟ କିମ୍ବା ପଶ୍ଚିମ ବଙ୍ଗ, ପୂର୍ବ ବଙ୍ଗ, ପଶ୍ଚିମ ପଞ୍ଜାବ ଏବଂ ପୂର୍ବ ପଞ୍ଜାବ ପ୍ରଦେଶଗୁଡ଼ିକର ସୃଷ୍ଟି କାରଣରୁ କରାଯାଇଥିବା ବା କରାଯିବାକୁ ଥିବା କୌଣସି ସମନ୍ୱୟ ଅଧୀନରେ—

(*a*) ଏହା ପ୍ରାରମ୍ଭର ଠିକ୍ ପୂର୍ବରୁ ଭାରତର ଅଧିରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ ପାଇଁ ମହାମହିମଙ୍କ ନିକଟରେ ନିହିତ ଥିବା ସମସ୍ତ ସମ୍ପତ୍ତି ଏବଂ ସମ୍ପଦ ଏବଂ ଏହା ପ୍ରାରମ୍ଭର ଠିକ୍ ପୂର୍ବରୁ ପ୍ରତ୍ୟେକ ରାଜ୍ୟପାଳଙ୍କ ପ୍ରଦେଶ ସରକାରଙ୍କ ଉଦ୍ଦେଶ୍ୟ ପାଇଁ ମହାମହିମଙ୍କ ନିକଟରେ ନିହିତ ଥିବା ସମସ୍ତ ସମ୍ପତ୍ତି ଏବଂ ସମ୍ପଦ ଯଥାକ୍ରମେ କେନ୍ଦ୍ର ଏବଂ ସମ୍ପୃକ୍ତ ରାଜ୍ୟରେ ନିହିତ ହେବ; ଏବଂ

(*b*) ଭାରତର ଅଧିରାଜ୍ୟ ସରକାର ଏବଂ ପ୍ରତ୍ୟେକ ରାଜ୍ୟପାଳଙ୍କ ପ୍ରଦେଶ ସରକାରଙ୍କର ସମସ୍ତ ଅଧିକାର, ଦାୟିତ୍ୱ ଏବଂ ବାଧ୍ୟବାଧକତା, ଯେକୌଣସି ଚୁକ୍ତିରୁ ବା ଅନ୍ୟଥା ଉତ୍ପନ୍ନ ହୋଇଥାଉ, ଯଥାକ୍ରମେ ଭାରତ ସରକାର ଏବଂ ପ୍ରତ୍ୟେକ ଅନୁରୂପ ରାଜ୍ୟ ସରକାରଙ୍କର ଅଧିକାର, ଦାୟିତ୍ୱ ଏବଂ ବାଧ୍ୟବାଧକତା ହେବ ।

**295. ଅନ୍ୟ ମାମଲାରେ ସମ୍ପତ୍ତି, ସମ୍ପଦ, ଅଧିକାର, ଦାୟବଦ୍ଧତା ଏବଂ ବାଧ୍ୟବାଧକତାର ଉତ୍ତରାଧିକାର—** (1) ଏହି ସମ୍ବିଧାନ ପ୍ରାରମ୍ଭରୁ—

(*a*) ଯେଉଁ ସମ୍ପତ୍ତି ଓ ସମ୍ପଦ ଏପରି ପ୍ରାରମ୍ଭର ଠିକ୍ ପୂର୍ବରୁ ପ୍ରଥମ ଅନୁସୂଚୀର ଭାଗ Bରେ ନିର୍ଦ୍ଦିଷ୍ଟ ରାଜ୍ୟର ସମ୍ପୃକ୍ତ କୌଣସି ଭାରତୀୟ ରାଜ୍ୟରେ ନିହିତ ଥିଲା, ସେହି ସମ୍ପତ୍ତି ଏବଂ ସମ୍ପଦ ଏପରି ପ୍ରାରମ୍ଭର ଠିକ୍ ପୂର୍ବରୁ ଯେଉଁ ଉଦ୍ଦେଶ୍ୟ ପାଇଁ ପ୍ରୟୋଜନ କରାଯାଇଥିଲା, ତାହା ସେପରି ପ୍ରାରମ୍ଭ ପରେ କେନ୍ଦ୍ରତାଲିକାରେ ଅନ୍ତର୍ଭୁକ୍ତ କୌଣସି ବିଷୟ ସମ୍ବନ୍ଧରେ କେନ୍ଦ୍ରର ପ୍ରୟୋଜନ ହୁଏ ତେବେ ଭାରତ ସରକାର ସେହି ରାଜ୍ୟର ସରକାରଙ୍କ ସହିତ ସେ ସମ୍ପର୍କରେ କରିଥିବା ଚୁକ୍ତିର ବଶବର୍ତ୍ତୀ ରହି କେନ୍ଦ୍ରଠାରେ ତାହା ନିହିତ ହେବ; ଏବଂ

(*b*) ପ୍ରଥମ ଅନୁସୂଚୀର ଭାଗ (*B*)ରେ ନିର୍ଦ୍ଦିଷ୍ଟ ରାଜ୍ୟର ସମ୍ପୃକ୍ତ କୌଣସି ଭାରତୀୟ ରାଜ୍ୟ ସରକାରର ସମସ୍ତ ଅଧିକାର, ଦାୟିତ୍ୱ ଏବଂ ବାଧ୍ୟବାଧକାତା କୌଣସି ଚୁକ୍ତିରୁ ବା ଅନ୍ୟଥା ଉତ୍ପନ୍ନ ହୋଇଥାଉ, ଯଦି ଏହିପରି ଅଧିକାର ଅର୍ଜନ ବା ଦାୟିତ୍ୱ ବା ବାଧ୍ୟବାଧକତା ଗ୍ରହଣ କରାଯାଇଥିବା ଉଦ୍ଦେଶ୍ୟ ଉପରେ କେନ୍ଦ୍ରତାଲିକାରେ ଅନ୍ତର୍ଭୁକ୍ତ କୌଣସି ବିଷୟ ସହିତ ସମ୍ପୃକ୍ତ ଭାରତ ସରକାରର ପ୍ରୟୋଜନ ହେବ, ତେବେ ଭାରତ ସରକାର ସେହି ରାଜ୍ୟର ସରକାରଙ୍କ ସହିତ ସେ ସମ୍ପର୍କରେ କରିଥିବା ଚୁକ୍ତିର ବଶବର୍ତ୍ତୀ ହୋଇ,

ତାହା ଭାରତ ସରକାରଙ୍କର ଅଧିକାର, ଦାୟିତ୍ୱ ଓ ବାଧ୍ୟବାଧକତା ହେବ ।

(2) ଉପରେ ବର୍ଣ୍ଣିତ ବିଷୟ ଅଧୀନରେ, ପ୍ରଥମ ଅନୁସୂଚୀ ଭାଗ Bରେ ନିର୍ଦ୍ଦିଷ୍ଟ ପ୍ରତ୍ୟେକ ରାଜ୍ୟ ସରକାର, ଏହି ସମ୍ବିଧାନର ପ୍ରାରମ୍ଭରୁ, ଖଣ୍ଡ(1)ରେ ଉଲ୍ଲେଖିତ ବିଷୟ ବ୍ୟତୀତ ଅନ୍ୟ ସମସ୍ତ ସମ୍ପତ୍ତି, ସମ୍ପଦ ଏବଂ ସମସ୍ତ ଅଧିକାର, ଦାୟବଦ୍ଧତା ଓ ବାଧ୍ୟବାଧକତା, କୌଣସି ଚୁକ୍ତିରୁ ବା ଅନ୍ୟଥା ଉତ୍ପନ୍ନ ହୋଇଥାଉ, ସେ ବିଷୟରେ ସମ୍ପୃକ୍ତ ଭାରତୀୟ ରାଜ୍ୟ ସରକାରଙ୍କ ଉତ୍ତରାଧିକାରୀ ହେବେ ।

**296. ବାଜ୍ୟାପ୍ତ ସମ୍ପତ୍ତି କିମ୍ବା ନିର୍ଗତ କିମ୍ବା ଦାବି ବିହୀନ ସମ୍ପତ୍ତିର ସଂଗ୍ରହ**— ପରବର୍ତ୍ତୀ ସମୟରେ ଯେଉଁ ବ୍ୟବସ୍ଥା କରାଯାଇଛି, ଭାରତୀୟ ଅଞ୍ଚଳରେ ଥିବା କୌଣସି ସମ୍ପତ୍ତି, ଯଦି ଏହି ସମ୍ବିଧାନ କାର୍ଯ୍ୟକାରୀ ହୋଇନଥାନ୍ତା, ତେବେ ମହାମହିମଙ୍କୁ କିମ୍ବା ଯଥାସ୍ଥିତିରେ, ଭାରତୀୟ ରାଜ୍ୟର ଶାସକଙ୍କୁ ବାଜ୍ୟାପ୍ତ ସମ୍ପତ୍ତି କିମ୍ବା ନିର୍ଗତ କିମ୍ବା ଦାବି ବିହୀନ ସମ୍ପତ୍ତି ବୈଧ ମାଲିକର ଅଭାବ ହେତୁଦ୍ୱାରା ସଂଗୃହୀତ ହୋଇଥାନ୍ତା, ତେବେ ଯଦି ସେହି ସମ୍ପତ୍ତି କୌଣସି ରାଜ୍ୟରେ ଅବସ୍ଥିତ, ତେବେ ସେହି ରାଜ୍ୟ ଉପରେ ନ୍ୟସ୍ତ ହେବ ଏବଂ ଅନ୍ୟ କୌଣସି ପରିସ୍ଥିତିରେ କେନ୍ଦ୍ର ଉପରେ ନ୍ୟସ୍ତ ହେବ:

କିନ୍ତୁ, ଯେଉଁ ସମ୍ପତ୍ତି ମହାମହିମଙ୍କୁ ବା ଭାରତୀୟ ରାଜ୍ୟର ଶାସକଙ୍କୁ ଏହିପରି ସଂଗୃହୀତ ହେବାର ତାରିଖରେ ଭାରତ ସରକାର କିମ୍ବା ରାଜ୍ୟ ସରକାରର ଦଖଲରେ ବା ନିୟନ୍ତ୍ରଣରେ ଥିଲା, ସେହି ସମୟରେ ଯେଉଁ ଉଦ୍ଦେଶ୍ୟ ପାଇଁ ଏହା ବ୍ୟବହୃତ ବା ଧାରଣ କରାଯାଇଥିଲା, ସେହି ଉଦ୍ଦେଶ୍ୟରେ ଯଦି କେନ୍ଦ୍ରରେ ଥିଲା ତେବେ କେନ୍ଦ୍ରରେ କିମ୍ବା ଯଦି କୌଣସି ରାଜ୍ୟରେ ଥିଲା, ସେହି ରାଜ୍ୟରେ ନିହିତ ହେବ ।

*ସ୍ପଷ୍ଟୀକରଣ*—ଏହି ଅନୁଚ୍ଛେଦରେ, "ଶାସକ" ଏବଂ "ଭାରତୀୟ ରାଜ୍ୟ" ଅର୍ଥ ଅନୁଚ୍ଛେଦ 363 ରେ ଥିବା ଅର୍ଥ ସହ ସମାନ ।

[1][**297. ଆଞ୍ଚଳିକ ଜଳ ବା ମହୀସୋପାନ ଏବଂ ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳର ସମ୍ବଳରେ ଥିବା ମୂଲ୍ୟବାନ ବସ୍ତୁ କେନ୍ଦ୍ରରେ ନିହିତ ହେବ—** (1) ଭାରତର ଆଞ୍ଚଳିକ ଜଳ, ମହୀସୋପାନ ବା ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳର ସମୁଦ୍ର ତଳେ ଥିବା ସମସ୍ତ ଭୂମି ଖଣିଜ ଓ ଅନ୍ୟ ମୂଲ୍ୟବାନ ବସ୍ତୁ କେନ୍ଦ୍ରରେ ନିହିତ ହେବ ଏବଂ କେନ୍ଦ୍ରର ପ୍ରୟୋଜନ ପାଇଁ ଧାରଣ କରାଯିବ ।

(2) ଭାରତର ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳର ଅନ୍ୟ ସମସ୍ତ ସମ୍ବଳ ମଧ୍ୟ କେନ୍ଦ୍ରରେ ନିହିତ ହେବ ଏବଂ କେନ୍ଦ୍ରର ପ୍ରୟୋଜନ ନିମନ୍ତେ ଧାରଣ କରାଯିବ ।

(3) ଭାରତର ଆଞ୍ଚଳିକ ଜଳ, ମହୀସୋପାନ, ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳ ଏବଂ ଅନ୍ୟ ସାମୁଦ୍ରିକ କ୍ଷେତ୍ରର ସୀମା ଏପରି ହେବ ଯାହା ସମୟାନୁକ୍ରମେ ସଂସଦଦ୍ୱାରା ପ୍ରଣୟନ କରାଯାଇଥିବା ଆଇନଦ୍ୱାରା କିମ୍ବା ତାହା ଅଧୀନରେ ନିର୍ଦ୍ଦିଷ୍ଟ କରାଯାଇଥିବ ।]

[2][**298. ବାଣିଜ୍ୟ ଇତ୍ୟାଦି କରିବାର କ୍ଷମତା—** କେନ୍ଦ୍ର ଏବଂ ପ୍ରତ୍ୟେକ ରାଜ୍ୟର କାର୍ଯ୍ୟପାଳିକା କ୍ଷମତା କୌଣସି ବାଣିଜ୍ୟ ବା ବ୍ୟବସାୟ ଚଳାଇବା, ସମ୍ପତ୍ତିର ଅଧିଗ୍ରହଣ ଧାରଣ ଏବଂ ବିକ୍ରୟ ଏବଂ କୌଣସି ଉଦ୍ଦେଶ୍ୟ ପାଇଁ ଚୁକ୍ତି କରିବା ପାଇଁ ସମ୍ପ୍ରସାରିତ ହେବ:

କିନ୍ତୁ—

(*a*) ଯେପର୍ଯ୍ୟନ୍ତ ଏପରି ବାଣିଜ୍ୟ ବା ବ୍ୟବସାୟ କିମ୍ବା ଯାହା ପ୍ରୟୋଜନର ବିଷୟ ନୁହେଁ, ସେ ସମ୍ବନ୍ଧରେ ସଂସଦ ଆଇନ ପ୍ରଣୟନ କରିପାରିବେ, ସେପର୍ଯ୍ୟନ୍ତ କେନ୍ଦ୍ରର ଏପରି କାର୍ଯ୍ୟପାଳିକା କ୍ଷମତା ପ୍ରତ୍ୟେକ ରାଜ୍ୟରେ ସେହି ରାଜ୍ୟର ବ୍ୟବସ୍ଥା ଅଧୀନରେ ହେବ; ଏବଂ

(*b*) ଯେପର୍ଯ୍ୟନ୍ତ ଏପରି ବାଣିଜ୍ୟ ବା ବ୍ୟବସାୟ ବା ଯାହା ଏପରି ପ୍ରୟୋଜନର ବିଷୟ ନୁହେଁ, ଯାହା ସମ୍ବନ୍ଧରେ ରାଜ୍ୟ ବିଧାନମଣ୍ଡଳ ଆଇନ ପ୍ରଣୟନ କରିପାରିବେ, ସେପର୍ଯ୍ୟନ୍ତ ପ୍ରତ୍ୟେକ ରାଜ୍ୟର ଏପରି କାର୍ଯ୍ୟପାଳିକା କ୍ଷମତା ସଂସଦର ବ୍ୟବସ୍ଥା ଅଧୀନରେ ହେବ।]

---

[1] ସମ୍ବିଧାନ (40ତମ ସଂଶୋଧନ) ଅଧିନିୟମ, 1976, ଧାରା 2 ଦ୍ୱାରା ପ୍ରତିସ୍ଥାପିତ (27-5-1976ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 20 ଦ୍ୱାରା ପ୍ରତିସ୍ଥାପିତ (1-11-1956 ଠାରୁ କାର୍ଯ୍ୟକାରୀ)।

**299. ଚୁକ୍ତି—** (1) କେନ୍ଦ୍ର ବା ରାଜ୍ୟର କାର୍ଯ୍ୟପାଳିକା କ୍ଷମତାର ପ୍ରୟୋଗ କରି କରାଯାଇଥିବା ସମସ୍ତ ଚୁକ୍ତି ଯଥାସ୍ଥିତିରେ, ରାଷ୍ଟ୍ରପତିଙ୍କଦ୍ୱାରା ବା ରାଜ୍ୟର ରାଜ୍ୟପାଳଙ୍କ[1]***ଦ୍ୱାରା କରାଯାଇଛି ବୋଲି ଅଭିବ୍ୟକ୍ତ ହେବ, ସେହି କ୍ଷମତାର ପ୍ରୟୋଗରେ କରାଯିବା ସେପରି ସମସ୍ତ ଚୁକ୍ତି ଏବଂ ସମ୍ପତ୍ତି ସମ୍ବନ୍ଧୀୟ ହସ୍ତାନ୍ତରଣ ପତ୍ର, ରାଷ୍ଟ୍ରପତି ବା ରାଜ୍ୟପାଳଙ୍କ[1]*** ତରଫରୁ ଏପରି ବ୍ୟକ୍ତିଙ୍କଦ୍ୱାରା ଏବଂ ସମ୍ପାଦିତ ହେବ, ଯାହା ସେ ନିର୍ଦ୍ଦେଶିତ କିମ୍ବା ପ୍ରାଧିକୃତ କରିବେ ।

(2) ରାଷ୍ଟ୍ରପତି ବା ରାଜ୍ୟପାଳ[2]*** ଏହି ସମ୍ବିଧାନର ପ୍ରୟୋଜନ ପାଇଁ ଅଥବା ଏହା ପୂର୍ବରୁ କାର୍ଯ୍ୟକାରୀ ଭାରତ ସରକାର ସମ୍ପର୍କିତ କୌଣସି ଆଇନର ପ୍ରୟୋଜନ ପାଇଁ କରାଯାଇଥିବା ବା କାର୍ଯ୍ୟକାରୀ ହୋଇଥିବା କୌଣସି ଚୁକ୍ତି ବା ହସ୍ତାନ୍ତରଣ ପତ୍ର ପାଇଁ ବ୍ୟକ୍ତିଗତଭାବେ ଦାୟୀ ହେବେ ନାହିଁ ଏବଂ ସେମାନଙ୍କ ମଧ୍ୟରୁ କାହା ତରଫରୁ ଏହିପରି ଚୁକ୍ତି ବା ହସ୍ତାନ୍ତରଣ ପତ୍ର ଦେଇଥିବା ବା କାର୍ଯ୍ୟକାରୀ କରିଥିବା କୌଣସି ବ୍ୟକ୍ତି ମଧ୍ୟ ସେ ସମ୍ପର୍କରେ ବ୍ୟକ୍ତିଗତଭାବେ ଦାୟୀ ହେବେ ନାହିଁ ।

**300. ମକଦ୍ଦମା ଓ ଆଇନଗତ ପ୍ରକ୍ରିୟା**— (1) ଭାରତ ସରକାର ଭାରତ କେନ୍ଦ୍ରର ନାମରେ ମକଦ୍ଦମା କରିପାରିବ କିମ୍ବା ଏହା ଉପରେ ମକଦ୍ଦମା କରାଯାଇପାରେ ଏବଂ କୌଣସି ରାଜ୍ୟର ସରକାର ରାଜ୍ୟ ନାମରେ ମକଦ୍ଦମା କରିପାରିବ କିମ୍ବା ଏହା ଉପରେ ମକଦ୍ଦମା କରାଯାଇପାରେ ଏବଂ ଏହି ସମ୍ବିଧାନଦ୍ୱାରା ପ୍ରଦତ୍ତ କ୍ଷମତା ଅନୁଯାୟୀ ସଂସଦ କିମ୍ବା ଏହିପରି ରାଜ୍ୟର ବିଧାନସଭାଦ୍ୱାରା ନିର୍ମିତ ଆଇନଦ୍ୱାରା କରାଯାଇଥିବା କୌଣସି ବ୍ୟବସ୍ଥା ଅଧୀନରେ, ସେମାନଙ୍କ ନିଜ କାର୍ଯ୍ୟକଳାପ ସମ୍ବନ୍ଧରେ ଏହିପରି ମକଦ୍ଦମା କରିପାରିବ ବା ତାଙ୍କ ଉପରେ ମକଦ୍ଦମା କରାଯାଇପାରେ, ଯେପରି ଭାରତ ଅଧିରାଜ୍ୟ ଏବଂ ସମ୍ପୃକ୍ତ ପ୍ରଦେଶ ବା ସମ୍ପୃକ୍ତ ଭାରତୀୟ ରାଜ୍ୟ ମକଦ୍ଦମା କରିଥାନ୍ତେ କିମ୍ବା ମକଦ୍ଦମା କରାଯାଇଥାନ୍ତା, ଯଦି ଏହି ସମ୍ବିଧାନ ପ୍ରଣୟନ ହୋଇନଥାନ୍ତା ।

(2) ଯଦି ଏହି ସମ୍ବିଧାନ ପ୍ରାରମ୍ଭ ସମୟରେ—

(*a*) କୌଣସି ଏପରି ଆଇନଗତ ପ୍ରକ୍ରିୟା ଯଦି ବିଚାରାଧୀନ ଥାଏ, ଯେଉଁଥିରେ ଭାରତ ଅଧିରାଜ୍ୟ ଏକ ପକ୍ଷ ଥାଆନ୍ତି, ତେବେ ଭାରତ କେନ୍ଦ୍ର ସରକାର ସେହି ପ୍ରକ୍ରିୟାରେ ସାର୍ବଭୌମତ୍ୱ ପାଇଁ ପ୍ରତିସ୍ଥାପିତ ହେଲେ ବୋଲି ଧରି ନିଆଯିବ; ଏବଂ

(*b*) କୌଣସି ପ୍ରଦେଶ ବା ଭାରତୀୟ ରାଜ୍ୟ ଏକ ପକ୍ଷ ଥିବା କୌଣସି ଆଇନଗତ ପ୍ରକ୍ରିୟା ବିଚାରାଧୀନ ଥାଏ, ତେବେ ସମ୍ପୃକ୍ତ ରାଜ୍ୟ ସେହି ପ୍ରକ୍ରିୟାରେ ପ୍ରଦେଶ ବା ଭାରତୀୟ ରାଜ୍ୟ ପାଇଁ ପ୍ରତିସ୍ଥାପିତ ହେଲେ ବୋଲି ଧରି ନିଆଯିବ ।

## [3][ଅଧ୍ୟାୟ 4— ସମ୍ପତ୍ତିର ଅଧିକାର

**300A. ଆଇନର କର୍ତ୍ତୃତ୍ୱ ବିନା ବ୍ୟକ୍ତିଙ୍କୁ ସମ୍ପତ୍ତିରୁ ବଞ୍ଚିତ କରାଯିବ ନାହିଁ—** କୌଣସି ବ୍ୟକ୍ତିଙ୍କୁ ଆଇନର କର୍ତ୍ତୃତ୍ୱ ବିନା ତାଙ୍କ ସମ୍ପତ୍ତିରୁ ବଞ୍ଚିତ କରାଯାଇପାରିବ ନାହିଁ। ]

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀ ଦ୍ୱାରା "କିମ୍ବା ରାଜପ୍ରମୁଖ" ଶବ୍ଦଗୁଡ଼ିକ ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀ ଦ୍ୱାରା "କିମ୍ବା ରାଜପ୍ରମୁଖ ନୁହେଁ" ଶବ୍ଦଗୁଡ଼ିକ ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ) ।

[3] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 34 ଦ୍ୱାରା ସନ୍ନିବେଶିତ (20-6-1979 ଠାରୁ କାର୍ଯ୍ୟକାରୀ)।

# ଭାଗ 13

## ଭାରତୀୟ ଅଞ୍ଚଳ ମଧ୍ୟରେ ବ୍ୟାପାର, ବାଣିଜ୍ୟ ଓ ସମାଗମ

**301. ବ୍ୟବସାୟ, ବାଣିଜ୍ୟ ଓ ସମାଗମର ସ୍ୱାଧୀନତା**— ଏହି ଭାଗର ଅନ୍ୟ ବ୍ୟବସ୍ଥା ଅଧୀନରେ ବ୍ୟବସାୟ, ବାଣିଜ୍ୟ ଏବଂ ସମାଗମ ଭାରତର ସମସ୍ତ ଅଞ୍ଚଳରେ ଅବାଧ ଓ ମୁକ୍ତ ହେବ।

**302. ବ୍ୟବସାୟ, ବାଣିଜ୍ୟ, ଏବଂ ସମାଗମ ଉପରେ କଟକଣା ଧାର୍ଯ୍ୟ କରିବା ପାଇଁ, ସଂସଦର କ୍ଷମତା**— ସଂସଦ ଆଇନଦ୍ୱାରା, ଏକ ରାଜ୍ୟ ଓ ଅନ୍ୟ ରାଜ୍ୟ ମଧ୍ୟରେ କିମ୍ବା ଭାରତୀୟ ଅଞ୍ଚଳର ଯେକୌଣସି ସ୍ଥାନରେ ବ୍ୟବସାୟ, ବାଣିଜ୍ୟ ଓ ସମାଗମର ସ୍ୱାଧୀନତା ଉପରେ ଜନହିତ ଉଦ୍ଦେଶ୍ୟରେ ଆବଶ୍ୟକ ଅନୁଯାୟୀ କଟକଣା ଲାଗୁ କରିପାରିବ ।

**303. ବ୍ୟବସାୟ ଓ ବାଣିଜ୍ୟ ସମ୍ବନ୍ଧରେ, କେନ୍ଦ୍ର ଓ ରାଜ୍ୟଗୁଡ଼ିକର ବୈଧାନିକ କ୍ଷମତା ଉପରେ କଟକଣା**—(1) ଅନୁଚ୍ଛେଦ 302ରେ ଯାହା କିଛି ଥିବା ସତ୍ତ୍ୱେ, ସପ୍ତମ ଅନୁସୂଚୀର ଯେକୌଣସି ତାଲିକାରେ କୌଣସି ବ୍ୟବସାୟ ଏବଂ ବାଣିଜ୍ୟ ସମ୍ବନ୍ଧୀୟ କୌଣସି ପ୍ରବିଷ୍ଟି ଆଧାରରେ, ସଂସଦ କିମ୍ବା ରାଜ୍ୟ ବିଧାନମଣ୍ଡଳର କୌଣସି ଏପରି ଆଇନ ପ୍ରଣୟନ କରିବା କ୍ଷମତା ରହିବ ନାହିଁ, ଯାହା ଏକ ରାଜ୍ୟକୁ କୌଣସି ରାଜ୍ୟକୁ ଅନ୍ୟ ରାଜ୍ୟ ଉପରେ ଅଗ୍ରାଧିକାର ଦିଏ କିମ୍ବା ଦେବାକୁ ପ୍ରାଧିକୃତ କରେ କିମ୍ବା ଏକ ରାଜ୍ୟ ଏବଂ ଅନ୍ୟ ରାଜ୍ୟ ମଧ୍ୟରେ ଭେଦଭାବ ସୃଷ୍ଟି କରିଥାଏ କିମ୍ବା କରିବାକୁ ପ୍ରାଧିକୃତ କରିଥାଏ ।

(2) ଖଣ୍ଡ (1)ରେ ବର୍ଣ୍ଣିତ କୌଣସି ବିଷୟ ସଂସଦକୁ କୌଣସି ଆଇନ ପ୍ରଣୟନ କରିବା ପାଇଁ ପ୍ରତିବନ୍ଧିତ କରିପାରିବ ନାହିଁ, ଯାହା ଏପରି ଅଗ୍ରାଧିକାର ଦେଇଥାଏ କିମ୍ବା ଦେବାକୁ ପ୍ରାଧିକୃତ କରିଥାଏ ଅଥବା ଏପରି କୌଣସି ବିଭେଦ ସୃଷ୍ଟି କରିଥାଏ କିମ୍ବା କରିବା ପାଇଁ ପ୍ରାଧିକୃତ କରିଥାଏ, ଯଦି ଆଇନଦ୍ୱାରା ଘୋଷଣା କରାଯାଏ କି ଭାରତର ସମସ୍ତ ଅଞ୍ଚଳରେ କୌଣସି ଅଂଶରେ ଦ୍ରବ୍ୟର ଅଭାବରୁ ଉଦ୍ରେକ କୌଣସି ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଏପରି କରିବା ଆବଶ୍ୟକ ଅଟେ ।

**304. ରାଜ୍ୟଗୁଡ଼ିକ ମଧ୍ୟରେ ବ୍ୟବସାୟ, ବାଣିଜ୍ୟ ଏବଂ ସମାଗମ ଉପରେ କଟକଣା**— ସମ୍ବିଧାନର 301 ବା 303 ଅନୁଚ୍ଛେଦରେ କୌଣସି ବିଷୟ ଥିବା ସତ୍ତ୍ୱେ, କୌଣସି ରାଜ୍ୟର ବିଧାନମଣ୍ଡଳ ଆଇନଦ୍ୱାରା—

(*a*) ଅନ୍ୟ ରାଜ୍ୟ କିମ୍ବା [1][କେନ୍ଦ୍ରଶାସିତ ଅଞ୍ଚଳ]ରୁ ଆମଦାନୀ ହେଉଥିବା ଦ୍ରବ୍ୟ ଉପରେ କୌଣସି କର ଧାର୍ଯ୍ୟ କରିପାରିବେ ଯାହାକି ସେହି ରାଜ୍ୟରେ ନିର୍ମିତ ବା ଉତ୍ପନ୍ନ ସେପରି ଦ୍ରବ୍ୟ ପ୍ରତି ପ୍ରଯୁଜ୍ୟ ମାତ୍ର ତାହା ଏହି ପ୍ରକାର ହେବ ନାହିଁ ଯାହା ସେହି ପ୍ରକାର ଆମଦାନୀ ହେଉଥିବା ଦ୍ରବ୍ୟ ଓ ସେପରି ନିର୍ମିତ ବା ଉତ୍ପନ୍ନ ଦ୍ରବ୍ୟ ମଧ୍ୟରେ ଭେଦଭାବ ସୃଷ୍ଟି କରିବ; ଏବଂ

(*b*) ସେହି ରାଜ୍ୟ ସହିତ ବା ସେହି ରାଜ୍ୟ ମଧ୍ୟରେ ବ୍ୟବସାୟ, ବାଣିଜ୍ୟ ବା ସମାଗମର ସ୍ୱତନ୍ତ୍ରତା ଉପରେ ଏପରି ଯଥାଯଥ କଟକଣା ଲାଗୁ କରିପାରନ୍ତି ଯାହା ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଆବଶ୍ୟକ ହୋଇପାରେ:

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା ସନ୍ନିବେଶିତ (1-11-1956 ଠାରୁ କାର୍ଯ୍ୟକାରୀ) ।

କିନ୍ତୁ ଖଣ୍ଡ (*b*)ର ପ୍ରୟୋଜନ ପାଇଁ କୌଣସି ବିଧେୟକ ବା ସଂଶୋଧନ ରାଷ୍ଟ୍ରପତିଙ୍କ ପୂର୍ବ ଅନୁମତି ବିନା କୌଣସି ରାଜ୍ୟର ବିଧାନମଣ୍ଡଳରେ ଆଗତ କିମ୍ବା ପ୍ରସ୍ତାବିତ କରାଯାଇପାରିବ ନାହିଁ ।

[1][**305. ପ୍ରଚଳିତ ଆଇନ ଏବଂ ରାଜ୍ୟର ଏକଚାଟିଆ ନୀତି ନିମନ୍ତେ ଆଇନର ବ୍ୟବସ୍ଥା ଏବଂ ସଂରକ୍ଷଣ**— ଅନୁଚ୍ଛେଦ 301 ଓ 303ରେ ଥିବା କୌଣସି ବିଷୟ କୌଣସି ପ୍ରଚଳିତ ଆଇନର ବ୍ୟବସ୍ଥାକୁ ରାଷ୍ଟ୍ରପତି ଯେଉଁ ମାତ୍ରାରେ ଆଦେଶଦ୍ୱାରା ଅନ୍ୟଥା ନିର୍ଦ୍ଦେଶ ଦେବେ, ଏହା ବ୍ୟତୀତ ଅନ୍ୟ ପ୍ରକାରେ ପ୍ରଭାବିତ କରିବ ନାହିଁ ଏବଂ ଅନୁଚ୍ଛେଦ 301ରେ ଥିବା କୌଣସି ବିଷୟ ସମ୍ବିଧାନ (ଚତୁର୍ଥ ସଂଶୋଧନ) ଅଧିନିୟମ, 1955ର ପ୍ରାରମ୍ଭ ପୂର୍ବରୁ କାର୍ଯ୍ୟକାରୀ ଥିବା କୌଣସି ଆଇନ ଯେପର୍ଯ୍ୟନ୍ତ ଅନୁଚ୍ଛେଦ 19ର ଖଣ୍ଡ (6)ର ଉପଖଣ୍ଡ (*ii*)ରେ ନିର୍ଦ୍ଦିଷ୍ଟ ହୋଇଥିବା ଭଳି କୌଣସି ବିଷୟ ସହିତ ସମ୍ବନ୍ଧିତ ହୋଇଥାଏ କିମ୍ବା ସେପରି କୌଣସି ବିଷୟ ସମ୍ବନ୍ଧରେ ସଂସଦକୁ ବା କୌଣସି ରାଜ୍ୟର ବିଧାନମଣ୍ଡଳକୁ କୌଣସି ଆଇନ ପ୍ରଣୟନ କରିବାରେ ବାରଣ କରିଥାଏ,ସେହି ପର୍ଯ୍ୟନ୍ତ ସେହି ଆଇନର ପ୍ରବର୍ତ୍ତନକୁ ପ୍ରଭାବିତ କରିବ ନାହିଁ ।]

**306.** *[ବ୍ୟବସାୟ ଏବଂ ବାଣିଜ୍ୟ ଉପରେ କଟକଣା ଲାଗୁ କରିବା ପାଇଁ, ପ୍ରଥମ ଅନୁସୂଚୀର ଭାଗ Bରେ କେତେକ ରାଜ୍ୟର କ୍ଷମତା]— ସମ୍ବିଧାନର (ସପ୍ତମ ସଂଶୋଧନ) ଅଧିନିୟମ, 1956 ଧାରା 29 ଏବଂ ଅନୁସୂଚୀଦ୍ୱାରା ବାଦ୍ ଦିଆଗଲା (1-11-1956ଠାରୁ କାର୍ଯ୍ୟକାରୀ) ।*

**307. ଅନୁଚ୍ଛେଦ 301ରୁ 304ର ଉଦ୍ଦେଶ୍ୟକୁ କାର୍ଯ୍ୟକାରୀ କରିବା ପାଇଁ କର୍ତ୍ତୃପକ୍ଷଙ୍କ ନିଯୁକ୍ତି**— ଅନୁଚ୍ଛେଦ 301, 302, 303, 304ର ଉଦ୍ଦେଶ୍ୟରେ ସଂସଦ ଯେପରି ବିବେଚନା କରିବ, ଆଇନଦ୍ୱାରା ସେହିପରି ଅଧିକାରୀଙ୍କୁ ଏପରି କ୍ଷମତା ପ୍ରଦାନ କରିପାରିବ ଏବଂ ଏପରି କର୍ତ୍ତବ୍ୟ ପ୍ରଦାନ କରିବ ଯାହା ସେ ଆବଶ୍ୟକ ମନେ କରିବ ।

---

[1] ସମ୍ବିଧାନ (ଚତୁର୍ଥ ସଂଶୋଧନ) ଅଧିନିୟମ, 1955, ଧାରା 4ଦ୍ୱାରା, ଅନୁଚ୍ଛେଦ 305 ପାଇଁ ପ୍ରତିସ୍ଥାପିତ (27-4-1955 ଠାରୁ କାର୍ଯ୍ୟକାରୀ) ।

# ଭାଗ 14

## କେନ୍ଦ୍ର ଏବଂ ରାଜ୍ୟ ଅଧୀନରେ ଥିବା ସେବା

### ଅଧ୍ୟାୟ 1— ସେବା

**308. ବ୍ୟାଖ୍ୟା**—ଏହି ଭାଗରେ, ଯଦି ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ ନକରେ, ତେବେ "ରାଜ୍ୟ" ଶବ୍ଦଟି [1][ଜମ୍ମୁ ଓ କାଶ୍ମୀର ରାଜ୍ୟକୁ ଅନ୍ତର୍ଭୁକ୍ତ କରେ ନାହିଁ]।

**309. କେନ୍ଦ୍ର କିମ୍ବା ରାଜ୍ୟ ସେବାରେ ନିୟୋଜିତ ବ୍ୟକ୍ତିଙ୍କ ନିଯୁକ୍ତି ଏବଂ ସେବା ସର୍ତ୍ତ**—ଏହି ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ, ଉପଯୁକ୍ତ ବିଧାନ ଅଧିନିୟମ କେନ୍ଦ୍ର କିମ୍ବା କୌଣସି ରାଜ୍ୟର କାର୍ଯ୍ୟ ସହିତ ସମ୍ବନ୍ଧିତ ସରକାରୀ ସେବା ଏବଂ ପଦବୀଗୁଡ଼ିକରେ ନିଯୁକ୍ତ ବ୍ୟକ୍ତିଙ୍କ ନିଯୁକ୍ତି ଏବଂ ସେବା ସର୍ତ୍ତଗୁଡ଼ିକୁ ନିୟନ୍ତ୍ରଣ କରିପାରିବ:

କିନ୍ତୁ ଏହା ସ୍ପଷ୍ଟ ଯେ, କେନ୍ଦ୍ରର କାର୍ଯ୍ୟ ସହିତ ସମ୍ବନ୍ଧିତ ସେବା ଏବଂ ପଦବୀଗୁଡ଼ିକ ପାଇଁ ରାଷ୍ଟ୍ରପତି କିମ୍ବା ତାଙ୍କଦ୍ୱାରା ନିର୍ଦ୍ଦେଶିତ ବ୍ୟକ୍ତି, ଏବଂ ରାଜ୍ୟର କାର୍ଯ୍ୟ ସହିତ ସମ୍ବନ୍ଧିତ ସେବା ଏବଂ ପଦବୀଗୁଡ଼ିକ ପାଇଁ ରାଜ୍ୟପାଳ[2]*** କିମ୍ବା ତାଙ୍କଦ୍ୱାରା ନିର୍ଦ୍ଦେଶିତ ବ୍ୟକ୍ତି, ଏହି ଅନୁଚ୍ଛେଦ ଅନୁଯାୟୀ ଉପଯୁକ୍ତ ବିଧାନ ଅଧିନିୟମଦ୍ୱାରା ବ୍ୟବସ୍ଥା ନହେବା ପର୍ଯ୍ୟନ୍ତ ନିଯୁକ୍ତି ଏବଂ ସେବା ସର୍ତ୍ତଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ ନିୟମ ପ୍ରଣୟନ କରିବା ପାଇଁ ସକ୍ଷମ ହେବେ ଏବଂ ଏହିପରି ପ୍ରଣୀତ ନିୟମ ଏହିପରି ଅଧିନିୟମର ବ୍ୟବସ୍ଥା ଅଧୀନରେ ରହି କାର୍ଯ୍ୟକାରୀ ହେବ ।

**310. କେନ୍ଦ୍ର କିମ୍ବା ରାଜ୍ୟ ସେବାରେ ନିୟୋଜିତ ବ୍ୟକ୍ତିଙ୍କ ପଦବୀର କାର୍ଯ୍ୟକାଳ**—(1) ଏହି ସମ୍ବିଧାନରେ ସ୍ପଷ୍ଟଭାବେ ବ୍ୟବସ୍ଥା ନଥିବା ପର୍ଯ୍ୟନ୍ତ, ପ୍ରତ୍ୟେକ ବ୍ୟକ୍ତି ଯିଏ ପ୍ରତିରକ୍ଷା ସେବାର ସଦସ୍ୟ କିମ୍ବା କେନ୍ଦ୍ରର ପ୍ରଶାସନିକ ସେବା କିମ୍ବା ସର୍ବ ଭାରତୀୟ ସେବାର ସଦସ୍ୟ ଅଟନ୍ତି କିମ୍ବା ପ୍ରତିରକ୍ଷା ସହିତ ସମ୍ବନ୍ଧିତ କୌଣସି ପଦବୀ କିମ୍ବା କେନ୍ଦ୍ର ଅଧୀନରେ କୌଣସି ପ୍ରଶାସନିକ ପଦବୀ ଧାରଣ କରନ୍ତି, ସେ ରାଷ୍ଟ୍ରପତିଙ୍କ ସନ୍ତୁଷ୍ଟି କାଳ ପର୍ଯ୍ୟନ୍ତ ପଦବୀରେ ରହିବେ, ଏବଂ ପ୍ରତ୍ୟେକ ବ୍ୟକ୍ତି ଯିଏ ରାଜ୍ୟର ପ୍ରଶାସନିକ ସେବାର ସଦସ୍ୟ ଅଟନ୍ତି କିମ୍ବା ରାଜ୍ୟ ଅଧୀନରେ କୌଣସି ସରକାରୀ ପଦବୀ ଧାରଣ କରନ୍ତି, ସେ ରାଜ୍ୟପାଳଙ୍କ[3]*** ସନ୍ତୁଷ୍ଟି କାଳ ପର୍ଯ୍ୟନ୍ତ ପଦବୀରେ ରହିବେ ।

(2) ଯାହା କିଛି ଥିବା ସତ୍ତ୍ୱେ, କେନ୍ଦ୍ର କିମ୍ବା ରାଜ୍ୟ ଅଧୀନରେ ସରକାରୀ ପଦବୀ ଧାରଣ କରୁଥିବା କୌଣସି ବ୍ୟକ୍ତି ରାଷ୍ଟ୍ରପତିଙ୍କ କିମ୍ବା, ଯେପରି ରାଜ୍ୟପାଳଙ୍କ[2]***ସନ୍ତୁଷ୍ଟି କାଳ ପର୍ଯ୍ୟନ୍ତ ପଦବୀରେ ରହି ପାରିବେ କିନ୍ତୁ ଯଦି ଜଣେ ବ୍ୟକ୍ତି କୌଣସି ଚୁକ୍ତି ଅଧୀନରେ ଯିଏ ପ୍ରତିରକ୍ଷା ସେବା କିମ୍ବା ସର୍ବ ଭାରତୀୟ ସେବା କିମ୍ବା କେନ୍ଦ୍ର ବା ରାଜ୍ୟର ପ୍ରଶାସନିକ ସେବାର ସଦସ୍ୟ ନୁହଁନ୍ତି, ଏହି ସମ୍ବିଧାନ ଅନୁଯାୟୀ ଏପରି ପଦବୀ ଧାରଣ କରିବା ପାଇଁ ନିଯୁକ୍ତ ହୋଇଛନ୍ତି, ତେବେ ଯଥାସ୍ଥିତି ରାଷ୍ଟ୍ରପତି କିମ୍ବା ରାଜ୍ୟପାଳ[2]***, ଯଦି

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା, "ପ୍ରଥମ ଅନୁସୂଚୀର ଭାଗ A କିମ୍ବା ଭାଗ Bରେ ଉଲ୍ଲେଖିତ ରାଜ୍ୟକୁ ବୁଝାଏ" ପାଇଁ ପ୍ରତିସ୍ଥାପିତ (1-11-1956 ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା "କିମ୍ବା ରାଜପ୍ରମୁଖ" ଶବ୍ଦଗୁଡ଼ିକ ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ) ।

[3] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା "କିମ୍ବା, ଯଥାସ୍ଥିତି, ରାଜପ୍ରମୁଖ" ଶବ୍ଦଗୁଡ଼ିକ ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ) ।

ବିଶେଷ ଯୋଗ୍ୟତା ଥିବା କୌଣସି ବ୍ୟକ୍ତିଙ୍କ ସେବା ସୁରକ୍ଷିତ କରିବା ଆବଶ୍ୟକ ମନେ କରନ୍ତି, ତେବେ କରାଯାଉଥିବା ଚୁକ୍ତି ଅବଧି ସମାପ୍ତ ହେବା ପୂର୍ବରୁ, ଯଦି ସେହି ପଦବୀ ନିର୍ଦ୍ଦିଷ୍ଟ ଅବଧି ପୂର୍ବରୁ ଉଚ୍ଛେଦ ହୁଏ କିମ୍ବା ସେ ଦୁର୍ନିତୀଗ୍ରସ୍ତ ହୋଇନଥିବେ, ଓ ତାଙ୍କୁ ସେହି ପଦବୀରୁ ଇସ୍ତଫା ଦେବାକୁ ପଡ଼େ, ତେବେ ତାଙ୍କୁ କ୍ଷତିପୂରଣ ପ୍ରଦାନ କରିପାରିବେ।

**311. କେନ୍ଦ୍ର କିମ୍ବା ରାଜ୍ୟ ଅଧୀନରେ ପ୍ରଶାସନିକ ପଦବୀରେ ନିଯୁକ୍ତ ବ୍ୟକ୍ତିଙ୍କୁ ପଦରୁ ବରଖାସ୍ତ, ବହିଷ୍କାର କିମ୍ବା ପଦବୀର ହ୍ରାସ କରିବା**— (1) ଯେଉଁ ବ୍ୟକ୍ତି କେନ୍ଦ୍ରର ପ୍ରଶାସନିକ ସେବା କିମ୍ବା ସର୍ବ ଭାରତୀୟ ସେବା କିମ୍ବା ରାଜ୍ୟର ପ୍ରଶାସନିକ ସେବାର ସଦସ୍ୟ ଅଟନ୍ତି କିମ୍ବା କେନ୍ଦ୍ର କିମ୍ବା ରାଜ୍ୟ ଅଧୀନରେ ପ୍ରଶାସନିକ ପଦବୀ ଧାରଣ କରନ୍ତି, ତାଙ୍କୁ ନିଯୁକ୍ତ କରିଥିବା କର୍ତ୍ତୃପକ୍ଷଙ୍କଠାରୁ ନିମ୍ନସ୍ତରୀୟ କର୍ତ୍ତୃପକ୍ଷଙ୍କଦ୍ୱାରା ବରଖାସ୍ତ କିମ୍ବା ପଦରୁ ଅପସାରଣ କରାଯାଇପାରିବ ନାହିଁ ।

[1][(2) ଉପରୋକ୍ତ ପ୍ରକାରର କୌଣସି ବ୍ୟକ୍ତିଙ୍କୁ ବରଖାସ୍ତ, ଅପସାରଣ କିମ୍ବା ତାଙ୍କ ପଦବୀର ହ୍ରାସ କରାଯାଇପାରିବ ନାହିଁ, ଯେ ପର୍ଯ୍ୟନ୍ତ ତାଙ୍କ ବିରୁଦ୍ଧରେ ଏକ ତଦନ୍ତ ପରେ, ଯେଉଁଥିରେ ତାଙ୍କୁ ଅଭିଯୋଗ ବିଷୟରେ ଜଣାଇ ଦିଆଯାଇଛି ଏବଂ ସେହି ଅଭିଯୋଗ ସମ୍ବନ୍ଧରେ ଶୁଣାଣି ପାଇଁ ତାଙ୍କୁ ଯୁକ୍ତିଯୁକ୍ତ ସୁଯୋଗ ଦିଆଯାଇଛି[2]***:

[3][କିନ୍ତୁ, ଯଦି ଏହିପରି ତଦନ୍ତ ପରେ ତାଙ୍କ ଉପରେ ଏପରି କୌଣସି ଦଣ୍ଡ ଆରୋପ କରିବା ପାଇଁ ପ୍ରସ୍ତାବ କରାଯାଏ, ତେବେ ସେହି ଶାସ୍ତି ସେହି ତଦନ୍ତ ସମୟରେ ଉପସ୍ଥାପିତ ପ୍ରମାଣ ଆଧାରରେ ଆରୋପ କରାଯାଇପାରିବ ଏବଂ ପ୍ରସ୍ତାବିତ ଶାସ୍ତି ସମ୍ବନ୍ଧରେ ତାଙ୍କୁ କୌଣସି ଉପସ୍ଥାପନା କରିବାର ସୁଯୋଗ ଦେବା ଆବଶ୍ୟକ ହେବ ନାହିଁ:

ଅଧିକନ୍ତୁ, ଏହି ଖଣ୍ଡ ପ୍ରୟୋଗ ହେବ ନାହିଁ, ଯଥା—]

(*a*) ଯେଉଁଠାରେ ଜଣେ ବ୍ୟକ୍ତିଙ୍କୁ ଅପରାଧିକ ଆଚରଣ ଅଭିଯୋଗରେ ଦୋଷୀ ସାବ୍ୟସ୍ତରେ ବରଖାସ୍ତ, ଅପସାରଣ କିମ୍ବା ତାଙ୍କ ପଦବୀରେ ହ୍ରାସ କରାଯାଏ; ଅଥବା

(*b*) ଯେଉଁଠାରେ ବରଖାସ୍ତ, ଅପସାରଣ କିମ୍ବା ପଦବୀରେ ହ୍ରାସ କରିବାର କ୍ଷମତା ଥିବା କର୍ତ୍ତୃପକ୍ଷ ସନ୍ତୁଷ୍ଟ ହୁଅନ୍ତି ଯେ, କୌଣସି କାରଣ ପାଇଁ, ଏପରି ତଦନ୍ତ କରିବା ଯଥାର୍ଥଭାବେ ସମ୍ଭବ ନୁହେଁ; ତାହା ସେହି କର୍ତ୍ତୃପକ୍ଷଙ୍କଦ୍ୱାରା ଲିଖିତଭାବେ ଲିପିବଦ୍ଧ କରାଯିବ, ଅଥବା

(*c*) ଯେଉଁଠାରେ, ଯଥାସ୍ଥିତି ରାଷ୍ଟ୍ରପତି କିମ୍ବା ରାଜ୍ୟପାଳ ସନ୍ତୁଷ୍ଟ ହୁଅନ୍ତି ଯେ, ରାଜ୍ୟର ସୁରକ୍ଷା ସ୍ୱାର୍ଥରେ ଏପରି ତଦନ୍ତ କରିବା ସମୀଚୀନ ନୁହେଁ ।

(3) ଯଦି, ପୂର୍ବୋକ୍ତ କୌଣସି ବ୍ୟକ୍ତିଙ୍କ ସମ୍ବନ୍ଧରେ, ଖଣ୍ଡ(2)ରେ ଉଲ୍ଲେଖିତ ଏପରି ତଦନ୍ତ କରିବା ଯଥାର୍ଥଭାବେ ସମ୍ଭବ କି ନୁହେଁ ସେ ସମ୍ବନ୍ଧରେ କୌଣସି ପ୍ରଶ୍ନ ଉଠେ, ତେବେ ଏପରି ବ୍ୟକ୍ତିଙ୍କୁ ବରଖାସ୍ତ, ଅପସାରଣ କିମ୍ବା ପଦବୀର ହ୍ରାସ କରିବାର କ୍ଷମତା ଥିବା କର୍ତ୍ତୃପକ୍ଷଙ୍କର ଏହି ବିଷୟରେ ନିଷ୍ପତ୍ତି ଚୂଡ଼ାନ୍ତ ହେବ ।]

---

[1] ସମ୍ବିଧାନ (15ମ ସଂଶୋଧନ) ଅଧିନିୟମ, 1963, ଧାରା 10ଦ୍ୱାରା, ଖଣ୍ଡ (2) ଏବଂ (3) ପାଇଁ ପ୍ରତିସ୍ଥାପିତ (5-10-1963ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 44ଦ୍ୱାରା ନିର୍ଦ୍ଦିଷ୍ଟ ଶବ୍ଦଗୁଡ଼ିକ ବାଦ୍ ଦିଆଯାଇଛି (3-1-1977ଠାରୁ କାର୍ଯ୍ୟକାରୀ) ।

[3] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 44ଦ୍ୱାରା କେତେକ ଶବ୍ଦ ପାଇଁ ପ୍ରତିସ୍ଥାପିତ (3-1-1977ଠାରୁ କାର୍ଯ୍ୟକାରୀ) ।

**312. ସର୍ବ ଭାରତୀୟ ସେବା— (**1) [1][ଷଷ୍ଠ କିମ୍ବା ଏକାଦଶ ଭାଗର ଷଷ୍ଠ ଅଧ୍ୟାୟରେ] ଥିବା ଯେକୌଣସି ବିଷୟ ସତ୍ତ୍ୱେ, ଯଦି ରାଜ୍ୟସଭାରେ ଉପସ୍ଥିତ ଏବଂ ମତଦାନ କରୁଥିବା ସଦସ୍ୟମାନଙ୍କର ଅତିକମରେ ଦୁଇ-ତୃତୀୟାଂଶ ସଦସ୍ୟଙ୍କଦ୍ୱାରା ସମର୍ଥିତ ଏକ ପ୍ରସ୍ତାବ ମାଧ୍ୟମରେ ଘୋଷଣା କରାଯାଏ ଯେ, ଜାତୀୟ ସ୍ୱାର୍ଥରେ ଏପରି କରିବା ଆବଶ୍ୟକ କିମ୍ବା ସମୀଚୀନ, ତେବେ ସଂସଦ ଆଇନଦ୍ୱାରା କେନ୍ଦ୍ର ଏବଂ ରାଜ୍ୟ ପାଇଁ ସମାନଭାବେ ଏକ ବା ଏକାଧିକ ସର୍ବ ଭାରତୀୟ ସେବା [(ଏକ ସର୍ବ ଭାରତୀୟ ନ୍ୟାୟିକ ସେବା ସମେତ)] ସୃଷ୍ଟି କରିବା ପାଇଁ ବ୍ୟବସ୍ଥା କରିପାରିବେ, ଏବଂ ଏହି ଅଧ୍ୟାୟର ଅନ୍ୟ ବ୍ୟବସ୍ଥା ଅନୁଯାୟୀ, ଏପରି ସେବାରେ ନିଯୁକ୍ତ ବ୍ୟକ୍ତିଙ୍କ ନିଯୁକ୍ତି ଏବଂ ସେବା ସର୍ତ୍ତଗୁଡ଼ିକୁ ନିୟନ୍ତ୍ରଣ କରିପାରିବ ।

(2) ଏହି ସମ୍ବିଧାନ ପ୍ରାରମ୍ଭ ସମୟରେ ଥିବା ଭାରତୀୟ ପ୍ରଶାସନିକ ସେବା ଏବଂ ଭାରତୀୟ ପୁଲିସ ସେବା ନାମରେ ପରିଚିତ ସେବାଗୁଡ଼ିକୁ ଏହି ଅନୁଚ୍ଛେଦ ଅନୁଯାୟୀ ସଂସଦଦ୍ୱାରା ସୃଷ୍ଟ ସେବା ବୋଲି ଧରି ନିଆଯିବ।

[2][(3) ଖଣ୍ଡ (1)ରେ ଉଲ୍ଲେଖିତ ସର୍ବ ଭାରତୀୟ ନ୍ୟାୟିକ ସେବାରେ ଅନୁଚ୍ଛେଦ 236ରେ ପରିଭାଷିତ ଜିଲ୍ଲା ନ୍ୟାୟାଧୀଶଙ୍କ ପଦବୀଠାରୁ ନିମ୍ନସ୍ତରୀୟ କୌଣସି ପଦବୀ ଅନ୍ତର୍ଭୁକ୍ତ ହେବ ନାହିଁ।

(4) ଉପରୋକ୍ତ ସର୍ବ ଭାରତୀୟ ନ୍ୟାୟିକ ସେବା ସୃଷ୍ଟି କରିବା ପାଇଁ ବ୍ୟବସ୍ଥା କରୁଥିବା ଆଇନରେ ଷଷ୍ଠ ଭାଗର ଷଷ୍ଠ ଅଧ୍ୟାୟର ସଂଶୋଧନ ପାଇଁ ଏପରି ବ୍ୟବସ୍ଥା ଅନ୍ତର୍ଭୁକ୍ତ କରାଯାଇପାରେ ଯାହା ସେହି ଆଇନର ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ଏବଂ ଏପରି କୌଣସି ଆଇନକୁ ଅନୁଚ୍ଛେଦ 368ର ଉଦ୍ଦେଶ୍ୟ ପାଇଁ ଏହି ସମ୍ବିଧାନର ସଂଶୋଧନ ବୋଲି ଧରି ନିଆଯିବ ନାହିଁ।]

[3][**312A. କେତେକ ନିର୍ଦ୍ଦିଷ୍ଟ ସେବାର ଅଧିକାରୀଙ୍କ ସେବା ସର୍ତ୍ତ ପରିବର୍ତ୍ତନ କିମ୍ବା ରଦ୍ଦ କରିବା ପାଇଁ ସଂସଦର କ୍ଷମତା**—(1) ସଂସଦ, ଆଇନଦ୍ୱାରା—

(*a*) ଏହି ସମ୍ବିଧାନ ଆରମ୍ଭ ହେବା ପୂର୍ବରୁ ଭାରତରେ ବ୍ରିଟିଶ ରାଷ୍ଟ୍ରମୁଖ୍ୟଙ୍କ ପ୍ରଶାସନିକ ସେବାରେ ରାଜ୍ୟ ସଚିବ କିମ୍ବା ପରିଷଦର ରାଜ୍ୟ ସଚିବଙ୍କଦ୍ୱାରା ନିଯୁକ୍ତ ହୋଇଥିବା ଏବଂ ସମ୍ବିଧାନ (ଅଷ୍ଟାବିଂଶ ସଂଶୋଧନ) ଅଧିନିୟମ, 1972 ଆରମ୍ଭ ହେବା ପରେ ଭାରତ ସରକାର କିମ୍ବା ରାଜ୍ୟ ସରକାରଙ୍କ ଅଧୀନରେ କୌଣସି ସେବା କିମ୍ବା ପଦବୀରେ ସେବା ଜାରି ରଖିଥିବା ବ୍ୟକ୍ତିଙ୍କର ପାରିଶ୍ରମିକ, ଛୁଟି ଏବଂ ଅବସରକାଳୀନ ଭତ୍ତା ସମ୍ବନ୍ଧୀୟ ସେବା ସର୍ତ୍ତ ଏବଂ ଶୃଙ୍ଖଳା ସମ୍ବନ୍ଧୀୟ ଅଧିକାରଗୁଡ଼ିକୁ ଭବିଷ୍ୟତ କିମ୍ବା ପୂର୍ବବର୍ତ୍ତୀ ଭାବରେ ପରିବର୍ତ୍ତନ କିମ୍ବା ପ୍ରତ୍ୟାହାର କରାଯାଇପାରିବ;

---

[1] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 45ଦ୍ୱାରା "ଭାଗ 11" ପାଇଁ ପ୍ରତିସ୍ଥାପିତ (3-1-1977 ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 45ଦ୍ୱାରା ସନ୍ନିବେଶିତ (3-1-1977 ଠାରୁ କାର୍ଯ୍ୟକାରୀ)।

[3] ସମ୍ବିଧାନ (28ତମ ସଂଶୋଧନ) ଅଧିନିୟମ, 1972, ଧାରା 2ଦ୍ୱାରା ସନ୍ନିବେଶିତ (29-8-1972 ଠାରୁ କାର୍ଯ୍ୟକାରୀ)।

(*b*) ଏହି ସମ୍ବିଧାନ ଆରମ୍ଭ ହେବା ପୂର୍ବରୁ ଭାରତରେ ବ୍ରିଟିଶ ରାଷ୍ଟ୍ରମୁଖ୍ୟଙ୍କ ପ୍ରଶାସନିକ ସେବାରେ ରାଜ୍ୟ ସଚିବ କିମ୍ବା ପରିଷଦର ରାଜ୍ୟ ସଚିବଙ୍କଦ୍ୱାରା ନିଯୁକ୍ତ ହୋଇଥିବା ଏବଂ ସମ୍ବିଧାନ (ଅଷ୍ଟାବିଂଶ ସଂଶୋଧନ) ଅଧିନିୟମ, 1972 ଆରମ୍ଭ ହେବା ପୂର୍ବରୁ ଅବସର ଗ୍ରହଣ କରିଥିବା କିମ୍ବା ଅନ୍ୟଥା ସେବାରୁ ବିରତ ହୋଇଥିବା ବ୍ୟକ୍ତିଙ୍କର ଅବସରକାଳୀନ ଭତ୍ତା ସମ୍ବନ୍ଧୀୟ ସେବା ସର୍ତ୍ତ ଭବିଷ୍ୟତ କିମ୍ବା ପୂର୍ବବର୍ତ୍ତୀ ଭାବରେ ପରିବର୍ତ୍ତନ କିମ୍ବା ପ୍ରତ୍ୟାହାର କରାଯାଇପାରିବ:

କିନ୍ତୁ, ଯଦି ଏପରି କୌଣସି ବ୍ୟକ୍ତି ସର୍ବୋଚ୍ଚ ନ୍ୟାୟାଳୟ କିମ୍ବା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶ କିମ୍ବା ଅନ୍ୟ ନ୍ୟାୟାଧୀଶ, ଭାରତର ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକ, କେନ୍ଦ୍ର କିମ୍ବା ରାଜ୍ୟ ଲୋକସେବା ଆୟୋଗର ଅଧ୍ୟକ୍ଷ କିମ୍ବା ଅନ୍ୟ ସଦସ୍ୟ, କିମ୍ବା ମୁଖ୍ୟ ନିର୍ବାଚନ ଆୟୋଗର ପଦବୀରେ ଅଧିଷ୍ଠିତ ଅଛନ୍ତି କିମ୍ବା ଅଧିଷ୍ଠିତ ଥିଲେ, ତେବେ ଉପଖଣ୍ଡ (*a*) କିମ୍ବା ଉପଖଣ୍ଡ (*b*)ରେ ଯାହା କିଛି ଥିବା ସତ୍ତ୍ୱେ, ସଂସଦକୁ ତାଙ୍କ ନିଯୁକ୍ତି ପରେ ଏପରି ପଦବୀରେ ତାଙ୍କ ସେବା ସର୍ତ୍ତଗୁଡ଼ିକୁ ପରିବର୍ତ୍ତନ କିମ୍ବା ରଦ୍ଦ କରିବାର କ୍ଷମତା ପ୍ରଦାନ କରୁଥିବ ବୋଲି ବ୍ୟାଖ୍ୟା କରାଯିବ ନାହିଁ, ଯେପର୍ଯ୍ୟନ୍ତ ଏହିପରି ସେବା ସର୍ତ୍ତ ତାଙ୍କ ଉପରେ ପ୍ରୟୋଗ ହେବ, ଯେହେତୁ ସେ ରାଜ୍ୟ ସଚିବ କିମ୍ବା ପରିଷଦର ରାଜ୍ୟ ସଚିବଙ୍କଦ୍ୱାରା ଭାରତରେ ବ୍ରିଟିଶ ରାଷ୍ଟ୍ରମୁଖ୍ୟଙ୍କ ପ୍ରଶାସନିକ ସେବାରେ ନିଯୁକ୍ତ ହୋଇଥିବା ବ୍ୟକ୍ତି ଅଟନ୍ତି ।

(2) ଏହି ଅନୁଚ୍ଛେଦ ଅନୁଯାୟୀ ସଂସଦଦ୍ୱାରା ଆଇନ ମାଧ୍ୟମରେ ବ୍ୟବସ୍ଥା କରାଯାଇଥିବା ସମ୍ପ୍ରସାରଣ ବ୍ୟତୀତ, ଏହି ସମ୍ବିଧାନର ଅନ୍ୟ କୌଣସି ବ୍ୟବସ୍ଥା ଅନୁଯାୟୀ ଖଣ୍ଡ(1)ରେ ଉଲ୍ଲେଖିତ ବ୍ୟକ୍ତିଙ୍କର ସେବା ସର୍ତ୍ତ ନିୟନ୍ତ୍ରଣ କରିବାରେ କୌଣସି ବିଧାନମଣ୍ଡଳ କିମ୍ବା ଅନ୍ୟ କର୍ତ୍ତୃପକ୍ଷର କ୍ଷମତାକୁ ପ୍ରଭାବିତ କରିବ ନାହିଁ।

(3) ସର୍ବୋଚ୍ଚ ନ୍ୟାୟାଳୟ କିମ୍ବା ଅନ୍ୟ କୌଣସି ନ୍ୟାୟାଳୟର ନିମ୍ନଲିଖିତ ବିଷୟରେ କ୍ଷେତ୍ରାଧିକାର ରହିବ ନାହିଁ—

(*a*) ଖଣ୍ଡ(1)ରେ ଉଲ୍ଲେଖିତ କୌଣସି ବ୍ୟକ୍ତିଙ୍କଦ୍ୱାରା ସମ୍ପାଦିତ କିମ୍ବା ଦସ୍ତଖତ ହୋଇଥିବା କୌଣସି ଚୁକ୍ତି, ସମ୍ମତି କିମ୍ବା ଅନ୍ୟ ସମାନ ଦଲିଲର କୌଣସି ବ୍ୟବସ୍ଥା କିମ୍ବା ଏହା ଉପରେ ଥିବା କୌଣସି ଅନୁମୋଦନ, କିମ୍ବା ଏପରି ବ୍ୟକ୍ତିଙ୍କୁ ଭାରତରେ ବ୍ରିଟିଶ ରାଷ୍ଟ୍ରମୁଖ୍ୟଙ୍କ ପ୍ରଶାସନିକ ସେବାରେ ନିଯୁକ୍ତି କିମ୍ବା ଭାରତ ଅଧିରାଜ୍ୟ ସରକାର କିମ୍ବା ଏହାର କୌଣସି ପ୍ରଦେଶ ଅଧୀନରେ ସେବା ଜାରି ରଖିବା ସମ୍ବନ୍ଧରେ ଜାରି କରାଯାଇଥିବା କୌଣସି ପତ୍ରରୁ ଉତ୍ପନ୍ନ ହେଉଥିବା କୌଣସି ବିବାଦ;

(*b*) ମୂଳ ରୂପେ ପ୍ରଣୀତ ଅନୁଚ୍ଛେଦ 314 ଅନୁଯାୟୀ କୌଣସି ଅଧିକାର, ଦାୟବଦ୍ଧତା କିମ୍ବା ବାଧ୍ୟବାଧକତା ସମ୍ବନ୍ଧରେ କୌଣସି ବିବାଦ।

(4) ମୂଳ ରୂପେ ପ୍ରଣୀତ ଅନୁଚ୍ଛେଦର 314 କିମ୍ବା ଏହି ସମ୍ବିଧାନର ଅନ୍ୟ କୌଣସି ବ୍ୟବସ୍ଥାରେ ଯାହା କିଛି ଥିବା ସତ୍ତ୍ୱେ, ଏହି ଅନୁଚ୍ଛେଦର ବ୍ୟବସ୍ଥା କାର୍ଯ୍ୟକାରୀ ହେବ ।]

**313. ମଧ୍ୟବର୍ତ୍ତୀକାଳୀନ ବ୍ୟବସ୍ଥା**— ଏହି ସମ୍ବିଧାନ ଅନୁଯାୟୀ ଏହା ସମ୍ବନ୍ଧରେ ଅନ୍ୟ ବ୍ୟବସ୍ଥା ନହେବା ପର୍ଯ୍ୟନ୍ତ, ଏହି ସମ୍ବିଧାନ ଆରମ୍ଭ ହେବା ଠିକ୍ ପୂର୍ବରୁ ବଳବତ୍ତର ଥିବା ଏବଂ କୌଣସି ସରକାରୀ ସେବା କିମ୍ବା ପଦବୀ ପାଇଁ ପ୍ରଯୋଗ ହେଉଥିବା ସମସ୍ତ ଆଇନ, ଯେଉଁଗୁଡ଼ିକ ଏହି ସମ୍ବିଧାନ ଆରମ୍ଭ ହେବା ପରେ ସର୍ବ ଭାରତୀୟ ସେବା କିମ୍ବା କେନ୍ଦ୍ର କିମ୍ବା ରାଜ୍ୟ ଅଧୀନରେ ସେବା କିମ୍ବା ପଦବୀ ରୂପେ ଜାରି ରହିଛି, ସେଗୁଡ଼ିକ ଏହି ସମ୍ବିଧାନର ବ୍ୟବସ୍ଥା ସହିତ ସାମଞ୍ଜସ୍ୟ ରହିବା ପର୍ଯ୍ୟନ୍ତ ବଳବତ୍ତର ରହିବ ।

**314.** [ନିର୍ଦ୍ଦିଷ୍ଟ ସେବାର ପ୍ରଚଳିତ ଅଧିକାରୀଙ୍କ ସୁରକ୍ଷା ପାଇଁ ବ୍ୟବସ୍ଥା]—ସମ୍ବିଧାନ (28ତମ ସଂଶୋଧନ) ଅଧିନିୟମ, 1972, ଧାରା 3ଦ୍ୱାରା ବାଦ୍ ଦିଆଯାଇଛି (29-8-1972ଠାରୁ କାର୍ଯ୍ୟକାରୀ)।

## ଅଧ୍ୟାୟ 2 — ଲୋକସେବା ଆୟୋଗ

**315. କେନ୍ଦ୍ର ଏବଂ ରାଜ୍ୟଗୁଡ଼ିକ ପାଇଁ ଲୋକ ସେବା ଆୟୋଗ**— (1) ଏହି ଅନୁଚ୍ଛେଦର ବ୍ୟବସ୍ଥା ଅନୁଯାୟୀ, କେନ୍ଦ୍ର ପାଇଁ ଏକ ଲୋକସେବା ଆୟୋଗ ଏବଂ ପ୍ରତ୍ୟେକ ରାଜ୍ୟ ପାଇଁ ଏକ ଲୋକସେବା ଆୟୋଗ ରହିବ।

(2) ଦୁଇ କିମ୍ବା ତଦୂର୍ଦ୍ଧ୍ୱ ରାଜ୍ୟ ଯଦି ଏକମତ ହୋଇପାରନ୍ତି ଯେ, ସେହି ରାଜ୍ୟ ସମୂହ ପାଇଁ ଏକ ଲୋକସେବା ଆୟୋଗ ରହିବ, ଏବଂ ଯଦି ଏକ ପ୍ରସ୍ତାବ ସେହି ରାଜ୍ୟରେ ଥିବା ବିଧାନମଣ୍ଡଳର ସଦନଦ୍ୱାରା କିମ୍ବା ଯେଉଁଠାରେ ଦୁଇଟି ସଦନ ଅଛି, ସେହି ପ୍ରତ୍ୟେକ ରାଜ୍ୟର ବିଧାନମଣ୍ଡଳର ପ୍ରତ୍ୟେକ ସଦନଦ୍ୱାରା ପାରିତ ହୁଏ, ତେବେ ସଂସଦ ଆଇନଦ୍ୱାରା ସେହି ରାଜ୍ୟଗୁଡ଼ିକର ଆବଶ୍ୟକତା ପୂରଣ କରିବା ପାଇଁ ଏକ ଯୁଗ୍ମ ରାଜ୍ୟ ଲୋକସେବା ଆୟୋଗ (ଏହି ଅଧ୍ୟାୟରେ ଯୁଗ୍ମ ଆୟୋଗଭାବେ ଉଲ୍ଲେଖିତ) ନିଯୁକ୍ତି ପାଇଁ ବ୍ୟବସ୍ଥା କରିପାରିବ ।

(3) ଉପରୋକ୍ତ ଏପରି କୌଣସି ଆଇନରେ ସେହି ଆଇନର ଉଦ୍ଦେଶ୍ୟଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ କିମ୍ବା ବାଞ୍ଛନୀୟ ଏପରି ଆନୁଷଙ୍ଗିକ ଏବଂ ପରିଣାମମୂଳକ ବ୍ୟବସ୍ଥା ଅନ୍ତର୍ଭୁକ୍ତ ହୋଇପାରେ ।

(4) ଯଦି କୌଣସି ରାଜ୍ୟର ରାଜ୍ୟପାଳଙ୍କଦ୍ୱାରା [1]*** କେନ୍ଦ୍ର ପାଇଁ ଥିବା ଲୋକସେବା ଆୟୋଗକୁ ଏପରି କରିବା ପାଇଁ ଅନୁରୋଧ କରାଯାଏ, ତେବେ ରାଷ୍ଟ୍ରପତିଙ୍କ ଅନୁମୋଦନ ସହିତ, ସେହି ରାଜ୍ୟର ସମସ୍ତ କିମ୍ବା କୌଣସି ଆବଶ୍ୟକତା ପୂରଣ କରିବାକୁ ସହମତି ପ୍ରକାଶ କରିପାରେ ।

(5) ଏହି ସମ୍ବିଧାନରେ କେନ୍ଦ୍ର ଲୋକସେବା ଆୟୋଗ କିମ୍ବା ରାଜ୍ୟ ଲୋକ ସେବା ଆୟୋଗ ସମ୍ବନ୍ଧୀୟ ଉଲ୍ଲେଖଗୁଡ଼ିକ, ଯଦି ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ ନକରେ, ତେବେ ଯଥାସ୍ଥିତି କେନ୍ଦ୍ର କିମ୍ବା ରାଜ୍ୟର ଆବଶ୍ୟକତା ପୂରଣ କରୁଥିବା ଆୟୋଗ ସମ୍ବନ୍ଧରେ ପ୍ରଶ୍ନଗତ ନିର୍ଦ୍ଦିଷ୍ଟ ବିଷୟ ସମ୍ପର୍କରେ ଉଲ୍ଲେଖଭାବେ ବ୍ୟାଖ୍ୟା କରାଯିବ ।

**316. ସଦସ୍ୟମାନଙ୍କର ନିଯୁକ୍ତି ଏବଂ ପଦବୀର କାର୍ଯ୍ୟକାଳ**—(1) ଲୋକସେବା ଆୟୋଗର ଅଧ୍ୟକ୍ଷ ଏବଂ ଅନ୍ୟ ସଦସ୍ୟମାନଙ୍କୁ, କେନ୍ଦ୍ର ଆୟୋଗ କିମ୍ବା ଯୁଗ୍ମ ଆୟୋଗ ପାଇଁ ରାଷ୍ଟ୍ରପତି ଏବଂ ରାଜ୍ୟ ଆୟୋଗ ପାଇଁ ରାଜ୍ୟର ରାଜ୍ୟପାଳଦ୍ୱାରା ନିଯୁକ୍ତ କରାଯିବ:

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା "କିମ୍ବା ରାଜପ୍ରମୁଖ" ଶବ୍ଦଗୁଡ଼ିକ ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ) ।

କିନ୍ତୁ, ଯଥାସମ୍ଭବ ପ୍ରତ୍ୟେକ ଲୋକସେବା ଆୟୋଗର ଅଧା ସଦସ୍ୟ ଏପରି ବ୍ୟକ୍ତି ହେବେ ଯେଉଁମାନେ ସେମାନଙ୍କର ନିଜ ନିଯୁକ୍ତି ତାରିଖ ପର୍ଯ୍ୟନ୍ତ ଭାରତ ସରକାରଙ୍କ କିମ୍ବା ରାଜ୍ୟ ସରକାରଙ୍କ ଅଧୀନରେ ଅତିକମରେ ଦଶବର୍ଷ ପାଇଁ ପଦବୀରେ ଅଧିଷ୍ଠିତ ଥିବେ, ଏବଂ ଉକ୍ତ ଦଶବର୍ଷର ଅବଧି ଗଣନା କରିବା ସମୟରେ ଏହି ସମ୍ବିଧାନ ଆରମ୍ଭ ହେବା ପୂର୍ବରୁ ଜଣେ ବ୍ୟକ୍ତି ଭାରତରେ ବ୍ରିଟିଶ ରାଷ୍ଟ୍ରମୁଖ୍ୟ କିମ୍ବା ଭାରତୀୟ ରାଜ୍ୟ ଅଧୀନରେ ପଦବୀରେ ଅଧିଷ୍ଠିତ ଥିବା ଯେକୌଣସି ଅବଧି ଅନ୍ତର୍ଭୁକ୍ତ ହେବ ।

[1][(1A) ଯଦି ଆୟୋଗର ଅଧ୍ୟକ୍ଷଙ୍କ ପଦବୀ ଖାଲି ହୁଏ କିମ୍ବା ଯଦି ଏପରି କୌଣସି ଅଧ୍ୟକ୍ଷ ଅନୁପସ୍ଥିତି କିମ୍ବା ଅନ୍ୟ କୌଣସି କାରଣରୁ ତାଙ୍କ ପଦବୀର କାର୍ଯ୍ୟ ସମ୍ପାଦନ କରିବାରେ ଅସମର୍ଥ ହୁଅନ୍ତି, ତେବେ ସେହି କାର୍ଯ୍ୟଗୁଡ଼ିକ, ଖଣ୍ଡ(1) ଅନୁଯାୟୀ ଖାଲି ପଦବୀରେ ନିଯୁକ୍ତ କୌଣସି ବ୍ୟକ୍ତି ଯଥାସ୍ଥିତି, ତାଙ୍କ କାର୍ଯ୍ୟ ଆରମ୍ଭ କରିବା ପର୍ଯ୍ୟନ୍ତ କିମ୍ବା ଅଧ୍ୟକ୍ଷ ତାଙ୍କ କାର୍ଯ୍ୟ ପୁନରାରମ୍ଭ କରିବା ପର୍ଯ୍ୟନ୍ତ, କେନ୍ଦ୍ର ଆୟୋଗ କିମ୍ବା ଯୁଗ୍ମ ଆୟୋଗ ପାଇଁ ରାଷ୍ଟ୍ରପତି ଏବଂ ରାଜ୍ୟ ଆୟୋଗ ପାଇଁ ରାଜ୍ୟର ରାଜ୍ୟପାଳଙ୍କଦ୍ୱାରା ନିଯୁକ୍ତ କରାଯାଇଥିବା ଆୟୋଗର ଅନ୍ୟ ଜଣେ ସଦସ୍ୟଙ୍କଦ୍ୱାରା ସମ୍ପାଦିତ ହେବ ।]

(2) ଲୋକସେବା ଆୟୋଗର ଜଣେ ସଦସ୍ୟ ତାଙ୍କ କାର୍ଯ୍ୟଭାର ଗ୍ରହଣ କରିବା ତାରିଖଠାରୁ ଛଅ ବର୍ଷର କାର୍ଯ୍ୟକାଳ କିମ୍ବା କେନ୍ଦ୍ର ଆୟୋଗ ପାଇଁ 65 ବର୍ଷ ବୟସ ପର୍ଯ୍ୟନ୍ତ ଏବଂ ରାଜ୍ୟ ଆୟୋଗ କିମ୍ବା ଯୁଗ୍ମ ଆୟୋଗ ପାଇଁ, [2][62 ବର୍ଷ ବୟସ] ପର୍ଯ୍ୟନ୍ତ, ଯେଉଁଟି ପ୍ରଥମେ ହୁଏ, ସେହି ପଦବୀରେ ରହି ପାରିବେ:

କିନ୍ତୁ—

(*a*) ଲୋକସେବା ଆୟୋଗର ଜଣେ ସଦସ୍ୟ, କେନ୍ଦ୍ର ଆୟୋଗ କିମ୍ବା ଯୁଗ୍ମ ଆୟୋଗ ପାଇଁ ରାଷ୍ଟ୍ରପତିଙ୍କୁ ଏବଂ ରାଜ୍ୟ ଆୟୋଗ ପାଇଁ ରାଜ୍ୟର ରାଜ୍ୟପାଳଙ୍କୁ[3]*** ସମ୍ବୋଧିତ କରି ନିଜ ହସ୍ତାକ୍ଷରରେ ଲିଖିତ ପତ୍ର ମାଧ୍ୟମରେ, ତାଙ୍କ ପଦବୀରୁ ଇସ୍ତଫା ଦେଇପାରନ୍ତି;

(*b*) ଲୋକସେବା ଆୟୋଗର ଜଣେ ସଦସ୍ୟଙ୍କୁ ଅନୁଚ୍ଛେଦ 317ର ଖଣ୍ଡ(1) କିମ୍ବା ଖଣ୍ଡ (3) ରେ ବ୍ୟବସ୍ଥା କରାଯାଇଥିବା ପଦ୍ଧତି ଅନୁସାରେ ତାଙ୍କ ପଦବୀରୁ ଅପସାରଣ କରାଯାଇପାରିବ ।

(3) ଲୋକସେବା ଆୟୋଗର ଜଣେ ସଦସ୍ୟଭାବେ ପଦବୀରେ ଅଧିଷ୍ଠିତ ଜଣେ ବ୍ୟକ୍ତି, ତାଙ୍କ କାର୍ଯ୍ୟକାଳ ସମାପ୍ତି ପରେ, ସେହି ପଦବୀରେ ପୁନଃନିଯୁକ୍ତି ପାଇଁ ଅଯୋଗ୍ୟ ହେବେ ।

---

[1] ସମ୍ବିଧାନ (15ତମ ସଂଶୋଧନ) ଅଧିନିୟମ, 1963, ଧାରା 11ଦ୍ୱାରା ସନ୍ନିବେଶିତ (5-10-1963 ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (41ତମ ସଂଶୋଧନ) ଅଧିନିୟମ, 1976, ଧାରା 2 ଦ୍ୱାରା, "ଷାଠିଏ ବର୍ଷ" ପାଇଁ ପ୍ରତିସ୍ଥାପିତ (7-9-1976 ଠାରୁ କାର୍ଯ୍ୟକାରୀ)।

[3] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀ ଦ୍ୱାରା "କିମ୍ବା ରାଜପ୍ରମୁଖ" ଶବ୍ଦଗୁଡ଼ିକ ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ)।

**317. ଲୋକସେବା ଆୟୋଗର ସଦସ୍ୟଙ୍କର ବହିଷ୍କାର ଏବଂ ନିଲମ୍ବନ**—(1) ଖଣ୍ଡ (3)ର ବ୍ୟବସ୍ଥା ଅଧୀନରେ, ଲୋକସେବା ଆୟୋଗର ଅଧ୍ୟକ୍ଷ କିମ୍ବା ଅନ୍ୟ କୌଣସି ସଦସ୍ୟଙ୍କୁ କେବଳ ଦୁର୍ବ୍ୟବହାର କାରଣରୁ ରାଷ୍ଟ୍ରପତିଙ୍କଦ୍ୱାରା ଦିଆଯାଇଥିବା ଏପରି ଆଦେଶଦ୍ୱାରା ତାଙ୍କ ପଦବୀରୁ ନିଲମ୍ବନ କରାଯିବ ଯାହା ସର୍ବୋଚ୍ଚ ନ୍ୟାୟାଳୟକୁ ରାଷ୍ଟ୍ରପତିଙ୍କଦ୍ୱାରା ନିର୍ଦ୍ଦେଶ ଦିଆଯିବା ପରେ ସେହି ନ୍ୟାୟାଳୟ ଅନୁଚ୍ଛେଦ 145ର ଅଧୀନରେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁଯାୟୀ କରାଯାଇଥିବା ତଦନ୍ତ ପରେ ସୁପାରିଶ କରିବେ ଯେ ଯଥାସ୍ଥିତି, ଅଧ୍ୟକ୍ଷ କିମ୍ବା ଅନ୍ୟ କୌଣସି ସଦସ୍ୟଙ୍କୁ ବହିଷ୍କାର କରାଯିବା ଆବଶ୍ୟକ ।

(2) କେନ୍ଦ୍ରୀୟ ଆୟୋଗ କିମ୍ବା ଯୁଗ୍ମ ଆୟୋଗ ପାଇଁ ରାଷ୍ଟ୍ରପତି ଏବଂ ରାଜ୍ୟ ଆୟୋଗ ପାଇଁ ରାଜ୍ୟପାଳ[1]*** ଖଣ୍ଡ(1) ଅନୁଯାୟୀ ସର୍ବୋଚ୍ଚ ନ୍ୟାୟଳୟକୁ ପ୍ରେରଣ କରିଥିବା ନିର୍ଦ୍ଦେଶ ଅନୁସାରେ ଅଧ୍ୟକ୍ଷ କିମ୍ବା ଆୟୋଗର ଅନ୍ୟ କୌଣସି ସଦସ୍ୟଙ୍କୁ ତାଙ୍କ ପଦବୀରୁ ନିଲମ୍ବନ କରିପାରନ୍ତି, ଯେପର୍ଯ୍ୟନ୍ତ ରାଷ୍ଟ୍ରପତିଙ୍କ ଏପରି ନିର୍ଦ୍ଦେଶ ଉପରେ ସର୍ବୋଚ୍ଚ ନ୍ୟାୟାଳୟର 'ବିବରଣୀ' ପ୍ରାପ୍ତି ପରେ ନିଜର ଆଦେଶ ପ୍ରଦାନ କରିନାହାଁନ୍ତି ।

(3) ଖଣ୍ଡ (1)ରେ ଥିବା କୌଣସି ବିଷୟ ସତ୍ତ୍ୱେ, ରାଷ୍ଟ୍ରପତି ଆଦେଶଦ୍ୱାରା ଯଥାସ୍ଥିତି, ଲୋକସେବା ଆୟୋଗର ଅଧ୍ୟକ୍ଷ କିମ୍ବା ଅନ୍ୟ କୌଣସି ସଦସ୍ୟଙ୍କୁ ତାଙ୍କ ପଦବୀରୁ ବହିଷ୍କାର କରିପାରନ୍ତି, ଯଦି ଅଧ୍ୟକ୍ଷ କିମ୍ବା ଏପରି ଅନ୍ୟ ସଦସ୍ୟ,—

(*a*) ଦେବାଳିଆ ବୋଲି ଘୋଷିତ ହୁଅନ୍ତି; କିମ୍ବା

(*b*) ତାଙ୍କ କାର୍ଯ୍ୟକାଳ ମଧ୍ୟରେ ତାଙ୍କ ପଦବୀର କାର୍ଯ୍ୟ ବାହାରେ କୌଣସି ପାରିଶ୍ରମିକଯୁକ୍ତ ନିଯୁକ୍ତିରେ ନିୟୋଜିତ ହୁଅନ୍ତି; କିମ୍ବା

(*c*) ରାଷ୍ଟ୍ରପତିଙ୍କ ମତରେ, ମାନସିକ କିମ୍ବା ଶାରୀରିକ ଦୁର୍ବଳତା ହେତୁ ପଦବୀରେ ରହିବା ପାଇଁ ଅଯୋଗ୍ୟ ହୁଅନ୍ତି ।

(4) ଯଦି ଲୋକସେବା ଆୟୋଗର ଅଧ୍ୟକ୍ଷ କିମ୍ବା ଅନ୍ୟ କୌଣସି ସଦସ୍ୟ ଏକ ଅନ୍ତର୍ଭୁକ୍ତ ସଂସ୍ଥାର ସଦସ୍ୟଭାବରେ କିମ୍ବା ଅନ୍ୟ ସଦସ୍ୟମାନଙ୍କ ସହିତ ସମ୍ମିଳିତ ଭାବରେ ଅଥବା ଭାରତ ସରକାର କିମ୍ବା ରାଜ୍ୟ ସରକାରଙ୍କଦ୍ୱାରା କିମ୍ବା ତାଙ୍କ ତରଫରୁ କରାଯାଇଥିବା କୌଣସି ଚୁକ୍ତି କିମ୍ବା ରାଜିନାମାରେ ସମ୍ପୃକ୍ତ ହୁଅନ୍ତି କିମ୍ବା ଏଥିରୁ ଉତ୍ପନ୍ନ ହେଉଥିବା ଲାଭ କିମ୍ବା ପାରିଶ୍ରମିକରେ ଅନ୍ୟ କୌଣସିଭାବେ ଅଂଶଗ୍ରହଣ କରନ୍ତି, ତେବେ ସେ ଖଣ୍ଡ(1)ର ଉଦ୍ଦେଶ୍ୟ ଅନୁଯାୟୀ, ଦୁର୍ବ୍ୟବହାର ପାଇଁ ଦୋଷୀ ବୋଲି ବିବେଚିତ ହେବେ ।

**318. ଆୟୋଗର ସଦସ୍ୟ ଏବଂ କର୍ମଚାରୀମାନଙ୍କର ସେବା ସର୍ତ୍ତାବଳୀ ସମ୍ବନ୍ଧରେ ନିୟମାବଳୀ ପ୍ରଣୟନ କରିବାର କ୍ଷମତା**— କେନ୍ଦ୍ର ଆୟୋଗ କିମ୍ବା ଯୁଗ୍ମ ଆୟୋଗ ପାଇଁ ରାଷ୍ଟ୍ରପତି ଏବଂ ରାଜ୍ୟ ଆୟୋଗ ପାଇଁ ରାଜ୍ୟର ରାଜ୍ୟପାଳ[1]*** ନିୟମାବଳୀଦ୍ୱାରା—

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀ ଦ୍ୱାରା "କିମ୍ବା ରାଜପ୍ରମୁଖ" ଶବ୍ଦଗୁଡ଼ିକ ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ) ।

(*a*) ଆୟୋଗର ସଦସ୍ୟମାନଙ୍କର ସଂଖ୍ୟା ଏବଂ ସେମାନଙ୍କର ସେବା ସର୍ତ୍ତାବଳୀ ନିର୍ଦ୍ଧାରଣ କରିପାରିବେ; ଏବଂ

(*b*) ଆୟୋଗର କର୍ମଚାରୀମାନଙ୍କର ସଂଖ୍ୟା ଏବଂ ସେମାନଙ୍କର ସେବା ସର୍ତ୍ତାବଳୀ ସମ୍ବନ୍ଧରେ ବ୍ୟବସ୍ଥା କରିପାରିବେ:

କିନ୍ତୁ, ଲୋକସେବା ଆୟୋଗର ଜଣେ ସଦସ୍ୟଙ୍କର ସେବା ସର୍ତ୍ତାବଳୀ ତାଙ୍କ ନିଯୁକ୍ତି ପରେ ତାଙ୍କ ଅସୁବିଧା ପାଇଁ ପରିବର୍ତ୍ତନ କରାଯାଇପାରିବ ନାହିଁ ।

**319. ଆୟୋଗର ସଦସ୍ୟମାନଙ୍କଦ୍ୱାରା ଏପରି ସଦସ୍ୟଙ୍କ ବିରତି ପରେ ପଦବୀ ଧାରଣ ଉପରେ ନିଷେଧ**—ପଦବୀରେ ନରହିବା ପରେ—

(*a*) କେନ୍ଦ୍ରୀୟ ଲୋକସେବା ଆୟୋଗର ଅଧ୍ୟକ୍ଷ ଭାରତ ସରକାର କିମ୍ବା ରାଜ୍ୟ ସରକାରଙ୍କ ଅଧୀନରେ ଅନ୍ୟ କୌଣସି ନିଯୁକ୍ତି ପାଇଁ ଅଯୋଗ୍ୟ ହେବେ;

(*b*) ରାଜ୍ୟ ଲୋକସେବା ଆୟୋଗର ଅଧ୍ୟକ୍ଷ କେନ୍ଦ୍ର ଲୋକସେବା ଆୟୋଗର ଅଧ୍ୟକ୍ଷ କିମ୍ବା ଅନ୍ୟ କୌଣସି ସଦସ୍ୟଭାବେ କିମ୍ବା ଅନ୍ୟ କୌଣସି ରାଜ୍ୟ ଲୋକସେବା ଆୟୋଗର ଅଧ୍ୟକ୍ଷଭାବେ ନିଯୁକ୍ତି ପାଇଁ ଯୋଗ୍ୟ ହେବେ କିନ୍ତୁ ଭାରତ ସରକାର କିମ୍ବା ରାଜ୍ୟ ସରକାରଙ୍କ ଅଧୀନରେ ଅନ୍ୟ କୌଣସି ନିଯୁକ୍ତି ପାଇଁ ଯୋଗ୍ୟ ହେବେ ନାହିଁ;

(*c*) କେନ୍ଦ୍ରୀୟ ଲୋକସେବା ଆୟୋଗର ଅଧ୍ୟକ୍ଷ ବ୍ୟତୀତ ଜଣେ ସଦସ୍ୟ କେନ୍ଦ୍ର ଲୋକସେବା ଆୟୋଗର ଅଧ୍ୟକ୍ଷ କିମ୍ବା ରାଜ୍ୟ ଲୋକସେବା ଆୟୋଗର ଅଧ୍ୟକ୍ଷଭାବେ ନିଯୁକ୍ତି ପାଇଁ ଯୋଗ୍ୟ ହେବେ କିନ୍ତୁ ଭାରତ ସରକାର କିମ୍ବା ରାଜ୍ୟ ସରକାରଙ୍କ ଅଧୀନରେ ଅନ୍ୟ କୌଣସି ନିଯୁକ୍ତି ପାଇଁ ଯୋଗ୍ୟ ହେବେ ନାହିଁ;

(*d*) ରାଜ୍ୟ ଲୋକସେବା ଆୟୋଗର ଅଧ୍ୟକ୍ଷ ବ୍ୟତୀତ ଜଣେ ସଦସ୍ୟ କେନ୍ଦ୍ରୀୟ ଲୋକସେବା ଆୟୋଗର ଅଧ୍ୟକ୍ଷ କିମ୍ବା ଅନ୍ୟ କୌଣସି ସଦସ୍ୟଭାବେ କିମ୍ବା ସେହି କିମ୍ବା ଅନ୍ୟ କୌଣସି ରାଜ୍ୟ ଲୋକସେବା ଆୟୋଗର ଅଧ୍ୟକ୍ଷଭାବେ ନିଯୁକ୍ତି ପାଇଁ ଯୋଗ୍ୟ ହେବେ କିନ୍ତୁ ଭାରତ ସରକାର କିମ୍ବା ରାଜ୍ୟ ସରକାର ଅଧୀନରେ ଅନ୍ୟ କୌଣସି ନିଯୁକ୍ତି ପାଇଁ ଯୋଗ୍ୟ ହେବେ ନାହିଁ ।

**320. ଲୋକସେବା ଆୟୋଗର କାର୍ଯ୍ୟାବଳୀ**—(1) କେନ୍ଦ୍ର ଏବଂ ରାଜ୍ୟ ଲୋକସେବା ଆୟୋଗର ଏହା କର୍ତ୍ତବ୍ୟ ହେବ ଯେ ସେମାନେ ଯଥାକ୍ରମେ କେନ୍ଦ୍ରର ସେବା ଏବଂ ରାଜ୍ୟର ସେବାଗୁଡ଼ିକରେ ନିଯୁକ୍ତି ପାଇଁ ପରୀକ୍ଷା ପରିଚାଳନା କରିବେ ।

(2) ଯଦି ଦୁଇ ବା ତଦୁର୍ଦ୍ଧ୍ୱ ରାଜ୍ୟଗୁଡ଼ିକ ଏପରି ଅନୁରୋଧ କରନ୍ତି, ତେବେ କେନ୍ଦ୍ରୀୟ ଲୋକସେବା ଆୟୋଗର ଏହା ମଧ୍ୟ କର୍ତ୍ତବ୍ୟ ହେବ ଯେ, ସେ ଏପରି କୌଣସି ସେବାଗୁଡ଼ିକ ପାଇଁ ବିଶେଷ ଯୋଗ୍ୟତା ଥିବା ପ୍ରାର୍ଥୀ ଆବଶ୍ୟକ, ସେହି ସେବାଗୁଡ଼ିକ ପାଇଁ ଯୁଗ୍ମ ନିଯୁକ୍ତି ଯୋଜନା ପ୍ରଣୟନ ଏବଂ ପରିଚାଳନାରେ ସେହି ରାଜ୍ୟଗୁଡ଼ିକୁ ସହାୟତା କରିବେ।

(3) ଯଥାସ୍ଥିତି, କେନ୍ଦ୍ରୀୟ ଲୋକସେବା ଆୟୋଗ କିମ୍ବା ରାଜ୍ୟ ଲୋକସେବା ଆୟୋଗ ସହିତ ପରାମର୍ଶ କରାଯିବ—

(*a*) ପ୍ରଶାସନିକ ସେବା ଏବଂ ପ୍ରଶାସନିକ ପଦବୀଗୁଡ଼ିକରେ ନିଯୁକ୍ତିର ପଦ୍ଧତି ସମ୍ବନ୍ଧୀୟ ସମସ୍ତ ବିଷୟ;

(*b*) ପ୍ରଶାସନିକ ସେବା ଏବଂ ପ୍ରଶାସନିକ ପଦବୀଗୁଡ଼ିକରେ ନିଯୁକ୍ତି, ପଦୋନ୍ନତି ଏବଂ ଏକ ସେବାରୁ ଅନ୍ୟ ସେବାକୁ ସ୍ଥାନାନ୍ତରଣ କରିବାରେ ଅନୁସରଣ କରାଯିବା ନୀତି ଏବଂ ଏପରି ନିଯୁକ୍ତି, ପଦୋନ୍ନତି କିମ୍ବା ସ୍ଥାନାନ୍ତରଣ ପାଇଁ ପ୍ରାର୍ଥୀମାନଙ୍କର ଯୋଗ୍ୟତା;

(*c*) ଭାରତ ସରକାର ବା ରାଜ୍ୟ ସରକାର ଅଧୀନରେ ପ୍ରଶାସନିକ କ୍ଷମତାରେ କାର୍ଯ୍ୟ କରୁଥିବା ଜଣେ ବ୍ୟକ୍ତିଙ୍କୁ ପ୍ରଭାବିତ କରୁଥିବା ସମସ୍ତ ଶୃଙ୍ଖଳା ସମ୍ବନ୍ଧୀୟ ବିଷୟରେ, ସେହିପରି ବିଷୟଗୁଡ଼ିକ ସହ ସମ୍ପୃକ୍ତ ଜ୍ଞାପନପତ୍ର ବା ଆବେଦନପତ୍ର ସମେତ;

(*d*) ଭାରତ ସରକାର କିମ୍ବା ରାଜ୍ୟ ସରକାର କିମ୍ବା ଭାରତରେ ବ୍ରିଟିଶ ରାଷ୍ଟ୍ରମୁଖ୍ୟଙ୍କ ଅଧୀନରେ କିମ୍ବା ଭାରତୀୟ ରାଜ୍ୟର ସରକାରଙ୍କ ଅଧୀନରେ ପ୍ରଶାସନିକ କ୍ଷମତାରେ ସେବା କରୁଥିବା ବା ସେବା କରିଥିବା ଜଣେ ବ୍ୟକ୍ତିଙ୍କଦ୍ୱାରା କିମ୍ବା ତାଙ୍କ ସମ୍ବନ୍ଧରେ କୌଣସି ଦାବି ଉପରେ, ଯେ ତାଙ୍କ କର୍ତ୍ତବ୍ୟ ପାଳନରେ କରାଯାଇଥିବା ବା କରାଯାଇଥିବା ବୋଲି ଗଣ୍ୟ ହୋଇଥିବା କାର୍ଯ୍ୟ ସମ୍ବନ୍ଧରେ ତାଙ୍କ ବିରୁଦ୍ଧରେ ଆରମ୍ଭ କରାଯାଇଥିବା ଆଇନଗତ କାର୍ଯ୍ୟାନୁଷ୍ଠାନର ପ୍ରତିରକ୍ଷା ପାଇଁ ତାଙ୍କଦ୍ୱାରା ହୋଇଥିବା ଖର୍ଚ୍ଚ ଭାରତର ସଞ୍ଚିତ ପାଣ୍ଠିରୁ କିମ୍ବା ଯଥାସ୍ଥିତି, ରାଜ୍ୟର ସଞ୍ଚିତ ପାଣ୍ଠିରୁ ପ୍ରଦାନ କରାଯିବା ଉଚିତ;

(*e*) ଭାରତ ସରକାର କିମ୍ବା ରାଜ୍ୟ ସରକାର କିମ୍ବା ଭାରତରେ ବ୍ରିଟିଶ ରାଷ୍ଟ୍ରମୁଖ୍ୟଙ୍କ ଅଧୀନରେ କିମ୍ବା ଭାରତୀୟ ରାଜ୍ୟର ସରକାରଙ୍କ ଅଧୀନରେ ପ୍ରଶାସନିକ କ୍ଷମତାରେ ସେବା କରୁଥିବା ସମୟରେ ଜଣେ ବ୍ୟକ୍ତିଙ୍କୁ ହୋଇଥିବା ଆଘାତ ନିମନ୍ତେ ଅବସରକାଳୀନ ଭତ୍ତା ପ୍ରଦାନ ପାଇଁ କୌଣସି ଦାବି ଏବଂ ଏପରି କୌଣସି ଭତ୍ତାର ପରିମାଣ ସମ୍ବନ୍ଧରେ କୌଣସି ପ୍ରଶ୍ନ,

ଏବଂ ଲୋକ ସେବା ଆୟୋଗର କର୍ତ୍ତବ୍ୟ ହେବ ଯେ ସେମାନଙ୍କୁ ପ୍ରେରଣ କରାଯାଇଥିବା କୌଣସି ବିଷୟ ଏବଂ ରାଷ୍ଟ୍ରପତି କିମ୍ବା ଯଥାସ୍ଥିତିରେ, ରାଜ୍ୟର ରାଜ୍ୟପାଳ[1]***ଦ୍ୱାରା ସେମାନଙ୍କୁ ପ୍ରେରଣ କରାଯାଇଥିବା ଅନ୍ୟ କୌଣସି ବିଷୟରେ ପରାମର୍ଶ ଦେବା:

କିନ୍ତୁ, ସର୍ବ ଭାରତୀୟ ସେବାଗୁଡ଼ିକ ଏବଂ କେନ୍ଦ୍ରର କାର୍ଯ୍ୟ ସହିତ ସମ୍ପୃକ୍ତ ଅନ୍ୟ ସେବା ଏବଂ ପଦବୀଗୁଡ଼ିକ ସମ୍ବନ୍ଧରେ ରାଷ୍ଟ୍ରପତି ଏବଂ ରାଜ୍ୟର କାର୍ଯ୍ୟ ସହିତ ସମ୍ପୃକ୍ତ ଅନ୍ୟ ସେବା ଏବଂ ପଦବୀଗୁଡ଼ିକ ସମ୍ବନ୍ଧରେ ରାଜ୍ୟପାଳ[2]*** ନିୟମାବଳୀ ପ୍ରଣୟନ କରିପାରିବେ, ଯେଉଁଥିରେ ସାଧାରଣତଃ କିମ୍ବା କୌଣସି ନିର୍ଦ୍ଦିଷ୍ଟ ଶ୍ରେଣୀର ମାମଲାରେ ବା ନିର୍ଦ୍ଦିଷ୍ଟ ପରିସ୍ଥିତିରେ, ଲୋକସେବା ଆୟୋଗ ସହ ପରାମର୍ଶ କରିବା ଆବଶ୍ୟକ ହେବ ନାହିଁ ।

(4) ଖଣ୍ଡ (3)ରେ କୌଣସି ବିଷୟ ନାହିଁ, ଯାହା ଲୋକ ସେବା ଆୟୋଗକୁ ଅନୁଚ୍ଛେଦ 16ରେ ଖଣ୍ଡ (4)ରେ ଉଲ୍ଲେଖିତ କୌଣସି ବ୍ୟବସ୍ଥା କିପରି କରାଯିବ କିମ୍ବା ଅନୁଚ୍ଛେଦ 335ର ବ୍ୟବସ୍ଥାକୁ କିପରି କାର୍ଯ୍ୟକାରୀ କରାଯିବ ସେ ସମ୍ବନ୍ଧରେ ପରାମର୍ଶ କରିବା ଆବଶ୍ୟକ କରେ ।

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀ ଦ୍ୱାରା "କିମ୍ବା ରାଜପ୍ରମୁଖ" ଶବ୍ଦଗୁଡ଼ିକ ବାଦ୍ ଦିଆଯାଇଛି (1-11-1956ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀ ଦ୍ୱାରା "ଯଥାସ୍ଥିତି, କିମ୍ବା ରାଜପ୍ରମୁଖ" ଶବ୍ଦଗୁଡ଼ିକ ବାଦ୍ ଦିଆଯାଇଛି (1-11-1956ଠାରୁ କାର୍ଯ୍ୟକାରୀ) ।

(5) ଖଣ୍ଡ (3)ର ପ୍ରତିବନ୍ଧ ଅନୁଯାୟୀ ରାଷ୍ଟ୍ରପତି କିମ୍ବା ରାଜ୍ୟର ରାଜ୍ୟପାଳଙ୍କଦ୍ୱାରା[1]*** ପ୍ରଣୀତ ସମସ୍ତ ନିୟମାବଳୀ, ସେଗୁଡ଼ିକ ପ୍ରଣୀତ ହେବା ପରେ ଯଥାଶୀଘ୍ର, ସଂସଦର ପ୍ରତ୍ୟେକ ସଦନ କିମ୍ବା ରାଜ୍ୟର ବିଧାନମଣ୍ଡଳର ସଦନ ସମ୍ମୁଖରେ, ଯଥାସ୍ଥିତି ଅତିକମରେ ଚଉଦ ଦିନ ପାଇଁ ଉପସ୍ଥାପନ କରାଯିବ ଏବଂ ସେଗୁଡ଼ିକ ଯେଉଁ ଅଧିବେଶନରେ ଉପସ୍ଥାପନ କରାଯିବ, ସେହି ଅଧିବେଶନ ମଧ୍ୟରେ ସଂସଦର ଉଭୟ ସଦନ କିମ୍ବା ରାଜ୍ୟର ବିଧାନମଣ୍ଡଳର ସଦନ କିମ୍ବା ଉଭୟ ସଦନଦ୍ୱାରା ଖାରଜ ବା ସଂଶୋଧନ ମାଧ୍ୟମରେ କରାଯାଇପାରୁଥିବା ଏହିପରି ପରିବର୍ତ୍ତନଗୁଡ଼ିକର ଅଧୀନ ହେବ ।

**321. ଲୋକସେବା ଆୟୋଗର କାର୍ଯ୍ୟଗୁଡ଼ିକୁ ସମ୍ପ୍ରସାରିତ କରିବାର କ୍ଷମତା**— ସଂସଦଦ୍ୱାରା କିମ୍ବା, ଯଥାସ୍ଥିତିରେ, ରାଜ୍ୟର ବିଧାନମଣ୍ଡଳଦ୍ୱାରା ପ୍ରଣୀତ ଏକ ଅଧିନିୟମ କେନ୍ଦ୍ର ଲୋକସେବା ଆୟୋଗ କିମ୍ବା ରାଜ୍ୟ ଲୋକ ସେବା ଆୟୋଗକୁ କେନ୍ଦ୍ର କିମ୍ବା ରାଜ୍ୟର ସେବାଗୁଡ଼ିକ ସମ୍ବନ୍ଧରେ ଏବଂ ଆଇନଦ୍ୱାରା ଗଠିତ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ କିମ୍ବା ଅନ୍ୟ ନିଗମ ସଂସ୍ଥା କିମ୍ବା କୌଣସି ସରକାରୀ ପ୍ରତିଷ୍ଠାନର ସେବାଗୁଡ଼ିକ ସମ୍ବନ୍ଧରେ ଅତିରିକ୍ତ କାର୍ଯ୍ୟ ସମ୍ପାଦନ ପାଇଁ ବ୍ୟବସ୍ଥା କରିପାରିବେ ।

**322. ଲୋକସେବା ଆୟୋଗର ବ୍ୟୟ**— କେନ୍ଦ୍ର କିମ୍ବା ରାଜ୍ୟ ଲୋକସେବା ଆୟୋଗର ବ୍ୟୟ, ଯେଉଁଥିରେ ଆୟୋଗର ସଦସ୍ୟମାନଙ୍କ କିମ୍ବା କର୍ମଚାରୀମାନଙ୍କ ପାଇଁ କିମ୍ବା ସମ୍ବନ୍ଧରେ ପ୍ରଦେୟ ବେତନ, ଭତ୍ତା ଏବଂ ଅବସରକାଳୀନ ଭତ୍ତା ଅନ୍ତର୍ଭୁକ୍ତ, ଏସବୁ ଭାରତର ସଞ୍ଚିତ ପାଣ୍ଠି କିମ୍ବା ଯଥାସ୍ଥିତିରେ ରାଜ୍ୟର ସଞ୍ଚିତ ପାଣ୍ଠି ଉପରେ ନ୍ୟସ୍ତ କରାଯିବ ।

**323. ଲୋକସେବା ଆୟୋଗର ବିବରଣୀ**— (1) ଏହା କେନ୍ଦ୍ର ଆୟୋଗର କର୍ତ୍ତବ୍ୟ ହେବ ଯେ ପ୍ରତ୍ୟେକ ବର୍ଷ ରାଷ୍ଟ୍ରପତିଙ୍କୁ ଆୟୋଗଦ୍ୱାରା କରାଯାଇଥିବା କାର୍ଯ୍ୟ ସମ୍ବନ୍ଧରେ ଏକ ବିବରଣୀ ଉପସ୍ଥାପନ କରିବା ଏବଂ ଏପରି ବିବରଣୀ ପ୍ରାପ୍ତି ପରେ ରାଷ୍ଟ୍ରପତି ଏହାର ଏକ ନକଲ ସହିତ ଏକ ଜ୍ଞାପନପତ୍ର ଯେଉଁଥିରେ ଯଦି କୌଣସି ମାମଲାରେ ଆୟୋଗର ପରାମର୍ଶ ଗ୍ରହଣ କରାଯାଇ ନାହିଁ, ଏପରି ଗ୍ରହଣ କରାଯାଇନଥିବା କାରଣଗୁଡ଼ିକ ବ୍ୟାଖ୍ୟା କରି, ତାହା ସଂସଦର ପ୍ରତ୍ୟେକ ସଦନ ସମ୍ମୁଖରେ ଉପସ୍ଥାପନ କରାଇବେ ।

(2) ରାଜ୍ୟ ଆୟୋଗର କର୍ତ୍ତବ୍ୟ ହେବ ଯେ ପ୍ରତ୍ୟେକ ବର୍ଷ ରାଜ୍ୟର ରାଜ୍ୟପାଳଙ୍କୁ[1]*** ଆୟୋଗଦ୍ୱାରା କରାଯାଇଥିବା କାର୍ଯ୍ୟ ସମ୍ବନ୍ଧରେ ଏକ ବିବରଣୀ ଉପସ୍ଥାପନ କରିବା ଏବଂ ଏହା ଯୁଗ୍ମ ଆୟୋଗର କର୍ତ୍ତବ୍ୟ ହେବ ଯେଉଁ ରାଜ୍ୟଗୁଡ଼ିକର ଆବଶ୍ୟକତା ଯୁଗ୍ମ ଆୟୋଗଦ୍ୱାରା ପୂରଣ କରାଯାଉଛି, ସେହି ପ୍ରତ୍ୟେକ ରାଜ୍ୟର ରାଜ୍ୟପାଳଙ୍କୁ[1]*** ସେହି ରାଜ୍ୟ ସମ୍ବନ୍ଧରେ ଆୟୋଗଦ୍ୱାରା କରାଯାଇଥିବା କାର୍ଯ୍ୟ ସମ୍ବନ୍ଧରେ ଏକ ବିବରଣୀ ବାର୍ଷିକଭାବେ ଉପସ୍ଥାପନ କରିବା ଏବଂ ଉଭୟ ମାମଲାରେ ରାଜ୍ୟପାଳ[2]***, ଏପରି ବିବରଣୀ ପ୍ରାପ୍ତି ପରେ ଏହାର ଏକ ନକଲ ସହିତ ଏକ ଜ୍ଞାପନପତ୍ର, ଯେଉଁଥିରେ, ଯଦି କୌଣସି ମାମଲାରେ, ଆୟୋଗର ପରାମର୍ଶ ଗ୍ରହଣ କରାଯାଇନାହିଁ, ତେବେ ଏପରି ଗ୍ରହଣ କରାଯାଇନଥିବା କାରଣଗୁଡ଼ିକ ବ୍ୟାଖ୍ୟା କରି, ରାଜ୍ୟର ବିଧାନମଣ୍ଡଳ ସମ୍ମୁଖରେ ଉପସ୍ଥାପନ କରାଇବେ ।

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀ ଦ୍ୱାରା "କିମ୍ବା ରାଜପ୍ରମୁଖ" ଶବ୍ଦଗୁଡ଼ିକ ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀ ଦ୍ୱାରା "ଯଥାସ୍ଥିତି, କିମ୍ବା ରାଜପ୍ରମୁଖ" ଶବ୍ଦଗୁଡ଼ିକ ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ) ।

## [1][ଭାଗ 14A

## ନ୍ୟାୟାଧିକରଣ

**323A. ପ୍ରଶାସନିକ ନ୍ୟାୟାଧିକରଣ**—(1) ସଂସଦ, ଆଇନଦ୍ୱାରା, ଭାରତର ଅଞ୍ଚଳ ମଧ୍ୟରେ କିମ୍ବା ଭାରତ ସରକାରଙ୍କ ନିୟନ୍ତ୍ରଣାଧୀନ କିମ୍ବା ସରକାରଙ୍କଦ୍ୱାରା ମାଲିକାନା କିମ୍ବା ନିୟନ୍ତ୍ରିତ କୌଣସି ନିଗମର, କେନ୍ଦ୍ର କିମ୍ବା ରାଜ୍ୟ କିମ୍ବା କୌଣସି ସ୍ଥାନୀୟ କିମ୍ବା ଅନ୍ୟ କର୍ତ୍ତୃପକ୍ଷଙ୍କର କାର୍ଯ୍ୟ ସହିତ ସମ୍ବନ୍ଧିତ ସରକାରୀ ସେବା ଏବଂ ପଦବୀଗୁଡ଼ିକରେ ନିଯୁକ୍ତ ବ୍ୟକ୍ତିମାନଙ୍କର ନିଯୁକ୍ତି ଏବଂ ସେବା ସର୍ତ୍ତ ସମ୍ବନ୍ଧୀୟ ବିବାଦ ଏବଂ ଅଭିଯୋଗଗୁଡ଼ିକର ନିଷ୍ପତ୍ତି କିମ୍ବା ବିଚାର ପାଇଁ ପ୍ରଶାସନିକ ନ୍ୟାୟାଧିକରଣଦ୍ୱାରା ବିଚାର କରିବା ପାଇଁ ବ୍ୟବସ୍ଥା କରିପାରିବେ ।

(2)ଖଣ୍ଡ (1) ଅନୁଯାୟୀ ପ୍ରଣୀତ ଏକ ଆଇନ—

(*a*) କେନ୍ଦ୍ର ପାଇଁ ଏକ ପ୍ରଶାସନିକ ନ୍ୟାୟାଧିକରଣ ଏବଂ ପ୍ରତ୍ୟେକ ରାଜ୍ୟ ପାଇଁ କିମ୍ବା ଦୁଇ ବା ତଦୁର୍ଦ୍ଧ୍ୱ ରାଜ୍ୟଗୁଡ଼ିକ ପାଇଁ ଏକ ପୃଥକ ପ୍ରଶାସନିକ ନ୍ୟାୟାଧିକରଣ ସ୍ଥାପନ ପାଇଁ ବ୍ୟବସ୍ଥା କରିପାରିବ;

(*b*) ଉକ୍ତ ନ୍ୟାୟାଧିକରଣଗୁଡ଼ିକଦ୍ୱାରା ପ୍ରୟୋଗ କରାଯାଇପାରୁଥିବା ଅଧିକାର, କ୍ଷମତା (ଅବମାନନା ପାଇଁ ଦଣ୍ଡ ଦେବାର କ୍ଷମତା ସମେତ) ଏବଂ କର୍ତ୍ତୃତ୍ୱ ନିର୍ଦ୍ଦିଷ୍ଟ କରିପାରିବ;

(*c*) ଉକ୍ତ ନ୍ୟାୟାଧିକରଣଗୁଡ଼ିକଦ୍ୱାରା ଅନୁସରଣ କରାଯିବାକୁ ଥିବା ପଦ୍ଧତି (ସୀମାବଦ୍ଧତା ଏବଂ ପ୍ରମାଣ ନିୟମ ସମ୍ବନ୍ଧୀୟ ବ୍ୟବସ୍ଥା ସମେତ) ବ୍ୟବସ୍ଥା କରିପାରିବ;

(*d*) ଅନୁଚ୍ଛେଦ 136 ଅନୁଯାୟୀ ସର୍ବୋଚ୍ଚ ନ୍ୟାୟାଳୟର କ୍ଷମତା ବ୍ୟତୀତ, ଖଣ୍ଡ (1)ରେ ଉଲ୍ଲେଖିତ ବିବାଦ କିମ୍ବା ଅଭିଯୋଗ ସମ୍ବନ୍ଧରେ ସମସ୍ତ ନ୍ୟାୟାଳୟର କ୍ଷମତାକୁ ବାଦ୍ ଦେଇପାରିବ;

(*e*) ଏପରି ନ୍ୟାୟାଧିକରଣ ସ୍ଥାପନ ହେବା ଠିକ ପୂର୍ବରୁ କୌଣସି ନ୍ୟାୟାଳୟ କିମ୍ବା ଅନ୍ୟ କର୍ତ୍ତୃପକ୍ଷ ସମ୍ମୁଖରେ ବିଚାରାଧୀନ ଥିବା କୌଣସି ମାମଲାକୁ, ଯାହା ଏପରି ନ୍ୟାୟାଧିକରଣର କ୍ଷମତା ମଧ୍ୟରେ ହୋଇଥାନ୍ତା ଯଦି ଏପରି ମକଦ୍ଦମା କିମ୍ବା କାର୍ଯ୍ୟାନୁଷ୍ଠାନର କାରଣ ସେହି ନ୍ୟାୟାଧିକରଣ ସ୍ଥାପନ ପରେ ଉତ୍ପନ୍ନ ହୋଇଥାନ୍ତା, ସେହି ପ୍ରଶାସନିକ ନ୍ୟାୟାଧିକରଣକୁ ସ୍ଥାନାନ୍ତରଣ ପାଇଁ ବ୍ୟବସ୍ଥା କରିପାରିବ;

(*f*) ଅନୁଚ୍ଛେଦ 371Dର ଖଣ୍ଡ (3) ଅନୁଯାୟୀ ରାଷ୍ଟ୍ରପତିଙ୍କଦ୍ୱାରା କରାଯାଇଥିବା କୌଣସି ଆଦେଶକୁ ରଦ୍ଦ କିମ୍ବା ସଂଶୋଧନ କରିପାରିବ;

(*g*) ଏପରି ନ୍ୟାୟାଧିକରଣଗୁଡ଼ିକର ସଫଳ କାର୍ଯ୍ୟକାରିତା, ମାମଲାଗୁଡ଼ିକର ଶୀଘ୍ର ନିଷ୍ପତ୍ତି ଏବଂ ଏହାର ଆଦେଶଗୁଡ଼ିକର ପ୍ରବର୍ତ୍ତନ ପାଇଁ ସଂସଦ ଆବଶ୍ୟକ ମନେ କରୁଥିବା ଏପରି ଅନୁପୂରକ, ଆନୁଷଙ୍ଗିକ ଏବଂ ପରିଣାମମୂଳକ ବ୍ୟବସ୍ଥା (ଦେୟ ସମ୍ବନ୍ଧୀୟ ବ୍ୟବସ୍ଥା ସମେତ) ଅନ୍ତର୍ଭୁକ୍ତ କରିପାରିବ।

---

[1] ଭାରତୀୟ ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 46ଦ୍ୱାରା ସନ୍ନିବେଶିତ (3-1-1977 ଠାରୁ କାର୍ଯ୍ୟକାରୀ)।

(3) ଏହି ସମ୍ବିଧାନରେ ଯାହା କିଛି ଥିବା ସତ୍ତ୍ୱେ କିମ୍ବା ବଳବତ୍ତର ଥିବା କୌଣସି ଆଇନରେ ଯାହା କିଛି ବ୍ୟବସ୍ଥା ଥିବା ସତ୍ତ୍ୱେ ଏହି ଅନୁଚ୍ଛେଦର ବ୍ୟବସ୍ଥା କାର୍ଯ୍ୟକାରୀ ହେବ ।

**323B. ଅନ୍ୟ ବିଷୟ ପାଇଁ ନ୍ୟାୟାଧିକରଣ**—(1) ଉପଯୁକ୍ତ ବିଧାନମଣ୍ଡଳ ଆଇନଦ୍ୱାରା, ଖଣ୍ଡ (2)ରେ ନିର୍ଦ୍ଦିଷ୍ଟ ସମସ୍ତ ବା କୌଣସି ବିଷୟ ସମ୍ବନ୍ଧରେ, ଯେଉଁ ବିଷୟଗୁଡ଼ିକ ସମ୍ବନ୍ଧରେ ଏହିପରି ବିଧାନମଣ୍ଡଳର ଆଇନ ପ୍ରଣୟନ କରିବାର କ୍ଷମତା ଅଛି, ସେହି ବିଷୟଗୁଡ଼ିକ ସମ୍ବନ୍ଧରେ କୌଣସି ବିବାଦ, ଅଭିଯୋଗ କିମ୍ବା ଅପରାଧର ନିଷ୍ପତ୍ତି କିମ୍ବା ବିଚାର ପାଇଁ ନ୍ୟାୟାଧିକରଣଦ୍ୱାରା ବିଚାର କରିବା ପାଇଁ ବ୍ୟବସ୍ଥା କରିପାରିବ ।

(2) ଖଣ୍ଡ (1)ରେ ଉଲ୍ଲେଖିତ ବିଷୟଗୁଡ଼ିକ ନିମ୍ନଲିଖିତ, ଯଥା:—

(*a*) କୌଣସି କରର ଆଦାୟ, ମୂଲ୍ୟାଙ୍କନ, ସଂଗ୍ରହ ଏବଂ ପ୍ରବର୍ତ୍ତନ;

(*b*) ବୈଦେଶିକ ମୁଦ୍ରା, ଶୁଳ୍କ ସୀମା ପାର ଆମଦାନୀ ଏବଂ ରପ୍ତାନୀ;

(*c*) ଶିଳ୍ପ ସମ୍ବନ୍ଧୀୟ ଏବଂ ଶ୍ରମ ବିବାଦ;

(*d*) ଅନୁଚ୍ଛେଦ 31Aରେ ନିର୍ଦ୍ଦିଷ୍ଟ କରାଯାଇଥିବା ରାଜ୍ୟଦ୍ୱାରା କୌଣସି ସମ୍ପତ୍ତି ଅଧିଗ୍ରହଣ କିମ୍ବା ଏଥିରେ ଥିବା କୌଣସି ଅଧିକାର କିମ୍ବା ଏପରି କୌଣସି ଅଧିକାରର ସମାପ୍ତି କିମ୍ବା ପରିବର୍ତ୍ତନ କିମ୍ବା କୃଷି ଜମିରେ ସୀମା ନିର୍ଦ୍ଧାରଣ କିମ୍ବା ଅନ୍ୟ କୌଣସି ଉପାୟରେ ଭୂସଂସ୍କାର;

(*e*) ସହରୀ ସମ୍ପତ୍ତିରେ ସୀମା ନିର୍ଦ୍ଧାରଣ;

(*f*) ସଂସଦର ଯେକୌଣସି ସଦନ କିମ୍ବା ରାଜ୍ୟ ବିଧାନମଣ୍ଡଳର ସଦନ କିମ୍ବା ଉଭୟ ସଦନରେ ନିର୍ବାଚନ, କିନ୍ତୁ ଅନୁଚ୍ଛେଦ 329 ଏବଂ ଅନୁଚ୍ଛେଦ 329Aରେ ଉଲ୍ଲେଖିତ ବିଷୟଗୁଡ଼ିକୁ ବାଦ୍ ଦେଇ;

(*g*) ଖାଦ୍ୟ ପଦାର୍ଥ (ଖାଦ୍ୟ ତୈଳବୀଜ ଏବଂ ତୈଳ ସମେତ) ଏବଂ ରାଷ୍ଟ୍ରପତି ଏହି ଅନୁଚ୍ଛେଦ ଅନୁଯାୟୀ ସରକାରୀ ବିଜ୍ଞପ୍ତିଦ୍ୱାରା ଅତ୍ୟାବଶ୍ୟକ ଦ୍ରବ୍ୟ ବୋଲି ଘୋଷଣା କରିଥିବା ଏପରି ଦ୍ରବ୍ୟର ଉତ୍ପାଦନ, ସଂଗ୍ରହ, ଯୋଗାଣ ଏବଂ ବଣ୍ଟନ ଏବଂ ଏପରି ଦ୍ରବ୍ୟର ମୂଲ୍ୟ ନିୟନ୍ତ୍ରଣ କରିବେ;

[1][(*h*) ଭୂମାଲିକ ଓ ଟିନାଣ୍ଟଙ୍କ ଅଧିକାର ଟାଇଟେଲଙ୍କ ସ୍ୱାର୍ଥ ସହ ଭଡ଼ା, ଏହାର ପରିଚାଳନା ଏବଂ ନିୟନ୍ତ୍ରଣ ଏବଂ ଟିନାନ୍ସି ସମସ୍ୟା;]

[2][(*i*)] ଉପଖଣ୍ଡ (*a*) ରୁ [3][(*h*)] ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ କୌଣସି ବିଷୟ ସମ୍ବନ୍ଧୀୟ ଆଇନ ବିରୁଦ୍ଧ ଅପରାଧ ଏବଂ ଏହି ବିଷୟଗୁଡ଼ିକ ସମ୍ବନ୍ଧରେ ଫି;

---

[1] ଭାରତୀୟ ସମ୍ବିଧାନ (75ତମ ସଂଶୋଧନ) ଅଧିନିୟମ, 1993, ଧାରା 2ଦ୍ୱାରା ସନ୍ନିବେଶିତ (15-5-1994 ଠାରୁ କାର୍ଯ୍ୟକାରୀ)।

[2] ଭାରତୀୟ ସମ୍ବିଧାନ (75ତମ ସଂଶୋଧନ) ଅଧିନିୟମ, 1993, ଧାରା 2ଦ୍ୱାରା ଉପଖଣ୍ଡ (*h*)କୁ ଉପଖଣ୍ଡ (*i*)ଭାବେ ପୁନଃନାମକରଣ କରାଯାଇଛି (15-5-1994 ଠାରୁ କାର୍ଯ୍ୟକାରୀ)।

[3] ଭାରତୀୟ ସମ୍ବିଧାନ (75ତମ ସଂଶୋଧନ) ଅଧିନିୟମ, 1993, ଧାରା 2ଦ୍ୱାରା, "(*g*)" ବନ୍ଧନୀ ଏବଂ ଅକ୍ଷର ପାଇଁ ପ୍ରତିସ୍ଥାପିତ (15-5-1994 ଠାରୁ କାର୍ଯ୍ୟକାରୀ)।

[1][(*j*)] ଉପଖଣ୍ଡ (*a*) ରୁ [2][(*i*)] ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ କୌଣସି ବିଷୟ ସହିତ ସମ୍ବନ୍ଧିତ କୌଣସି ବିଷୟ।

(3)ଖଣ୍ଡ (1) ଅନୁଯାୟୀ ପ୍ରଣୀତ ଏକ ଆଇନ—

(*a*) ନ୍ୟାୟାଧିକରଣଗୁଡ଼ିକର ଏକ ପଦାନୁକ୍ରମ; ସ୍ଥାପନ ପାଇଁ ବ୍ୟବସ୍ଥା କରିପାରିବ;

(*b*) ଉକ୍ତ ନ୍ୟାୟାଧିକରଣଗୁଡ଼ିକଦ୍ୱାରା ପ୍ରୟୋଗ କରାଯାଇପାରୁଥିବା ନ୍ୟାୟକ୍ଷେତ୍ର ଅଧିକାର, କ୍ଷମତା (ଅବମାନନା ପାଇଁ ଦଣ୍ଡ ଦେବାର କ୍ଷମତା ସମେତ) ଏବଂ କର୍ତ୍ତୃତ୍ୱ ନିର୍ଦ୍ଦିଷ୍ଟ କରିପାରିବ;

(*c*) ଉକ୍ତ ନ୍ୟାୟାଧିକରଣଗୁଡ଼ିକଦ୍ୱାରା ଅନୁସରଣ କରାଯିବା ପ୍ରକ୍ରିୟା (ସୀମାବଦ୍ଧତା ଏବଂ ପ୍ରମାଣ ନିୟମ ସମ୍ବନ୍ଧୀୟ ବ୍ୟବସ୍ଥା ସମେତ) ବ୍ୟବସ୍ଥା କରିପାରିବ;

(*d*) ଉକ୍ତ ନ୍ୟାୟାଧିକରଣଗୁଡ଼ିକର କ୍ଷେତ୍ରାଧିକାର ମଧ୍ୟରେ ଆସୁଥିବା ସମସ୍ତ ବା କୌଣସି ବିଷୟ ସମ୍ବନ୍ଧରେ, ଅନୁଚ୍ଛେଦ 136 ଅନୁଯାୟୀ ସର୍ବୋଚ୍ଚ ନ୍ୟାୟାଳୟର କ୍ଷେତ୍ରାଧିକାର ବ୍ୟତୀତ, ସମସ୍ତ ନ୍ୟାୟାଳୟର ଅଧିକାରକୁ ବାଦ୍ ଦେଇପାରିବ;

(*e*) ଏପରି ନ୍ୟାୟାଧିକରଣ ସ୍ଥାପନ ହେବା ପୂର୍ବରୁ କୌଣସି ନ୍ୟାୟାଳୟ କିମ୍ବା ଅନ୍ୟ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ବିଚାରାଧୀନ ଥିବା କୌଣସି ମାମଲାକୁ, ଯାହା ଏପରି ନ୍ୟାୟାଧିକରଣର ଅଧିକାର ମଧ୍ୟରେ ହୋଇଥାନ୍ତା ଯଦି ଏପରି ମକଦ୍ଦମା କିମ୍ବା କାର୍ଯ୍ୟାନୁଷ୍ଠାନର କାରଣ ସେହି ନ୍ୟାୟାଧିକରଣ ସ୍ଥାପନ ପରେ ଉତ୍ପନ୍ନ ହୋଇଥାନ୍ତା, ସେହି ନ୍ୟାୟାଧିକରଣକୁ ସ୍ଥାନାନ୍ତରଣ ପାଇଁ ବ୍ୟବସ୍ଥା କରିପାରିବ;

(*f*) ଏପରି ନ୍ୟାୟାଧିକରଣର ସଫଳ କାର୍ଯ୍ୟକାରିତା, ମାମଲାଗୁଡ଼ିକର ଶୀଘ୍ର ନିଷ୍ପତ୍ତି ଏବଂ ଏହାର ଆଦେଶର ପ୍ରବର୍ତ୍ତନ ପାଇଁ ଉପଯୁକ୍ତ ବିଧାନମଣ୍ଡଳ ଆବଶ୍ୟକ ମନେ କରୁଥିବା ଏପରି ଅନୁପୂରକ, ଆନୁଷଙ୍ଗିକ ଏବଂ ପରିଣାମମୂଳକ ବ୍ୟବସ୍ଥା (ଦେୟ ସମ୍ବନ୍ଧୀୟ ବ୍ୟବସ୍ଥା ସମେତ) ଅନ୍ତର୍ଭୁକ୍ତ କରିପାରିବ।

(4) ଏହି ସମ୍ବିଧାନରେ ଯାହା କିଛି ଥିବା ସତ୍ତ୍ୱେ କିମ୍ବା ବଳବତ୍ତର ଥିବା ଅନ୍ୟ କୌଣସି ଆଇନରେ ଯାହା କିଛି ବ୍ୟବସ୍ଥା ଥିବା ସତ୍ତ୍ୱେ, ଏହି ଅନୁଚ୍ଛେଦର ବ୍ୟବସ୍ଥା କାର୍ଯ୍ୟକାରୀ ହେବ ।

*ସ୍ପଷ୍ଟୀକରଣ*— ଏହି ଅନୁଚ୍ଛେଦରେ, "ଉପଯୁକ୍ତ ବିଧାନମଣ୍ଡଳ", କୌଣସି ବିଷୟ ସମ୍ବନ୍ଧରେ, ଯଥାସ୍ଥିତି ସଂସଦ କିମ୍ବା ରାଜ୍ୟ ବିଧାନମଣ୍ଡଳକୁ ବୁଝାଏ, ଭାଗ 11ର ବ୍ୟବସ୍ଥା ଅନୁଯାୟୀ, ଏପରି ସମ୍ବନ୍ଧରେ ଆଇନ ପ୍ରଣୟନ କରିବାରେ ସମର୍ଥ ଅଟନ୍ତି ।]

---

[1] ଭାରତୀୟ ସମ୍ବିଧାନ (75ତମ ସଂଶୋଧନ) ଅଧିନିୟମ, 1993, ଧାରା 2ଦ୍ୱାରା ଉପଖଣ୍ଡ (*i*)କୁ ଉପଖଣ୍ଡ (*j*) ଭାବେ ପୁନଃନାମକରଣ କରାଯାଇଛି (15-5-1994 ଠାରୁ କାର୍ଯ୍ୟକାରୀ)।

[2] ଭାରତୀୟ ସମ୍ବିଧାନ (75ତମ ସଂଶୋଧନ) ଅଧିନିୟମ, 1993, ଧାରା 2ଦ୍ୱାରା, "(*h*)" ପାଇଁ ପ୍ରତିସ୍ଥାପିତ (15-5-1994ଠାରୁ କାର୍ଯ୍ୟକାରୀ)।

# ଭାଗ 15

## ନିର୍ବାଚନ

**324. ନିର୍ବାଚନର ତଦାରଖ, ନିର୍ଦ୍ଦେଶ ଏବଂ ନିୟନ୍ତ୍ରଣ ଜଣେ ନିର୍ବାଚନ ଆୟୋଗଙ୍କ ଉପରେ ନ୍ୟସ୍ତ ରହିବ—** (1) ଏହି ସମ୍ବିଧାନରେ[1]*** ସଂସଦ ଏବଂ ପ୍ରତ୍ୟେକ ରାଜ୍ୟର ବିଧାନମଣ୍ଡଳ, ରାଷ୍ଟ୍ରପତି ଓ ଉପ-ରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ କରିବା ଓ ନିର୍ବାଚନ ନାମାଙ୍କନ ପ୍ରସ୍ତୁତକୁ ତଦାରଖ, ନିର୍ଦ୍ଦେଶ ଏବଂ ନିୟନ୍ତ୍ରଣ କରିବା ଏକ ଆୟୋଗ ଉପରେ ନ୍ୟସ୍ତ କରାଯିବ (ଯାହାକୁ ଏହି ସମ୍ବିଧାନରେ ନିର୍ବାଚନ ଆୟୋଗ କୁହାଯାଏ)।

(2) ନିର୍ବାଚନ ଆୟୋଗ ଜଣେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଏବଂ ଏପରି ସଂଖ୍ୟକ ଅନ୍ୟ ନିର୍ବାଚନ ଆୟୁକ୍ତଙ୍କୁ ନେଇ ଗଠିତ, ଯାହା ରାଷ୍ଟ୍ରପତି ସମୟାନୁକ୍ରମେ ଧାର୍ଯ୍ୟ କରିବେ ଏବଂ ମୁଖ୍ୟ ନିର୍ବାଚନ ଆୟୁକ୍ତ ଏବଂ ଅନ୍ୟ ନିର୍ବାଚନ ଆୟୁକ୍ତମାନଙ୍କ ନିଯୁକ୍ତି, ସଂସଦଦ୍ୱାରା ସେ ସମ୍ବନ୍ଧରେ ପ୍ରଣୀତ କୌଣସି ଆଇନର ବ୍ୟବସ୍ଥା ଅନୁଯାୟୀ ହେବ, ଏହା ରାଷ୍ଟ୍ରପତିଙ୍କଦ୍ୱାରା କରାଯିବ।

(3) ଯେତେବେଳେ ଅନ୍ୟ କୌଣସି ନିର୍ବାଚନ ଆୟୁକ୍ତମାନେ ଏପରି ନିଯୁକ୍ତ, ସେତେବେଳେ, ମୁଖ୍ୟ ନିର୍ବାଚନ ଆୟୁକ୍ତ, ନିର୍ବାଚନ ଆୟୋଗର ଅଧ୍ୟକ୍ଷ ରୂପେ କାର୍ଯ୍ୟ କରିବେ ।

(4) ଲୋକସଭା ଏବଂ ପ୍ରତ୍ୟେକ ରାଜ୍ୟର ବିଧାନସଭାର ସାଧାରଣ ନିର୍ବାଚନ ପୂର୍ବରୁ ଏବଂ ଏପରି ପରିଷଦ ଥିବା ପ୍ରତ୍ୟେକ ରାଜ୍ୟର ବିଧାନ ପରିଷଦ ପାଇଁ ପ୍ରଥମ ସାଧାରଣ ନିର୍ବାଚନ ପୂର୍ବରୁ ଏବଂ ତା'ପରେ ପ୍ରତ୍ୟେକ ଦ୍ୱି-ବାର୍ଷିକ ନିର୍ବାଚନ ପୂର୍ବରୁ, ରାଷ୍ଟ୍ରପତି ନିର୍ବାଚନ ଆୟୋଗଙ୍କ ସହ ପରାମର୍ଶ କରିବା ପରେ, ଯେପରି ସେ ଉଚିତ ମନେ କରିବେ, ଖଣ୍ଡ (1)ଦ୍ୱାରା ଆୟୋଗଙ୍କୁ ନ୍ୟସ୍ତ ହୋଇଥିବା କାର୍ଯ୍ୟକୁ ସମ୍ପାଦନ କରିବା ତଥା ସହାୟତା କରିବା ପାଇଁ ଆବଶ୍ୟକ ଅନୁଯାୟୀ ଆଞ୍ଚଳିକ ଆୟୁକ୍ତ ନିଯୁକ୍ତ କରିପାରିବେ ।

(5) ସଂସଦଦ୍ୱାରା ପ୍ରସ୍ତୁତ କୌଣସି ଆଇନର ବ୍ୟବସ୍ଥା ଅଧୀନରେ ରହି, ନିର୍ବାଚନ ଆୟୁକ୍ତମାନଙ୍କର ଓ ଆଞ୍ଚଳିକ ନିର୍ବାଚନ ଆୟୁକ୍ତମାନଙ୍କର ସେବା ସର୍ତ୍ତାବଳୀ ଏବଂ କାର୍ଯ୍ୟାଳୟ ଅବଧି ଏପରି ହେବ, ଯାହା ରାଷ୍ଟ୍ରପତି ନିୟମଦ୍ୱାରା ସ୍ଥିର କରିବେ:

କିନ୍ତୁ, ମୁଖ୍ୟନିର୍ବାଚନ ଆୟୁକ୍ତଙ୍କୁ ତାଙ୍କ ପଦବୀରୁ ସେହି ଭାବେ ଏବଂ ଆଧାରରେ ତାଙ୍କ ପଦରୁ ବହିଷ୍କାର କରାଯାଇପାରିବ, ଯେଉଁ ଭାବେ ଓ ଆଧାରରେ ସର୍ବୋଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶଙ୍କୁ ବହିଷ୍କାର କରାଯାଏ ଏବଂ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ନିଯୁକ୍ତି ପରେ ତାଙ୍କର ସେବା ସର୍ତ୍ତାବଳୀରେ ତାଙ୍କର ଅସୁବିଧା ହେଲା ଭଳି କୌଣସି ପରିବର୍ତ୍ତନ କରାଯିବ ନାହିଁ:

---

[1] ସମ୍ବିଧାନ (19ତମ ସଂଶୋଧନ) ଅଧିନିୟମ, 1966, ଧାରା 2ଦ୍ୱାରା "ସଂସଦ ଏବଂ ରାଜ୍ୟମାନଙ୍କର ବିଧାନମଣ୍ଡଳ ନିର୍ବାଚନ ସହିତ ସମ୍ବନ୍ଧିତ ବା ଉତ୍ପନ୍ନ ହେଉଥିବା ସନ୍ଦେହ ଏବଂ ବିବାଦଗୁଡ଼ିକର ନିଷ୍ପତ୍ତି ପାଇଁ ନିର୍ବାଚନ ନ୍ୟାୟାଧିକରଣର ନିଯୁକ୍ତି ସମେତ" ଶବ୍ଦଗୁଡ଼ିକ ବାଦ୍ ଦିଆଯାଇଛି (11-12-1966ଠାରୁ କାର୍ଯ୍ୟକାରୀ)।

ଅଧିକନ୍ତୁ, ଅନ୍ୟ କୌଣସି ନିର୍ବାଚନ ଆୟୁକ୍ତ କିମ୍ବା ଆଞ୍ଚଳିକ ନିର୍ବାଚନ ଆୟୁକ୍ତଙ୍କୁ, ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ସୁପାରିଶ ବିନା ତାଙ୍କ ପଦବୀରୁ ତାଙ୍କୁ ବହିଷ୍କାର କରାଯାଇପାରିବ ନାହିଁ ।

(6) ରାଷ୍ଟ୍ରପତି, କିମ୍ବା କୌଣସି ରାଜ୍ୟର ରାଜ୍ୟପାଳ [1]*** ନିର୍ବାଚନ ଆୟୋଗଙ୍କ ଅନୁରୋଧ କ୍ରମେ ନିର୍ବାଚନ ଆୟୋଗ କିମ୍ବା ଆଞ୍ଚଳିକ ନିର୍ବାଚନ ଆୟୁକ୍ତ ଖଣ୍ଡ (1) ଅନୁଯାୟୀ ନିର୍ବାଚନ ଆୟୋଗଙ୍କ ଉପରେ ନିୟୋଜିତ କାର୍ଯ୍ୟର ସମ୍ପାଦନ ନିମନ୍ତେ ଆବଶ୍ୟକ କର୍ମଚାରୀଙ୍କୁ ଉପଲବ୍ଧ କରାଇବେ ।

**325. ଧର୍ମ, ମୂଳବଂଶ, ଜାତି କିମ୍ବା ଲିଙ୍ଗ କାରଣ ପାଇଁ କୌଣସି ନିର୍ବାଚନ ତାଲିକାରେ ଅନ୍ତର୍ଭୁକ୍ତ ହେବା ନିମନ୍ତେ କିମ୍ବା ଏପରି ଦାବି କରିବା ନିମନ୍ତେ, କୌଣସି ବ୍ୟକ୍ତି ଅଯୋଗ୍ୟ ହେବେ ନାହିଁ—** ସଂସଦର କୌଣସି ସଦନ କିମ୍ବା କୌଣସି ରାଜ୍ୟ ବିଧାନମଣ୍ଡଳର ସଦନ ନିର୍ବାଚନ ପାଇଁ ପ୍ରତ୍ୟେକ ଆଞ୍ଚଳିକ ନିର୍ବାଚନ ମଣ୍ଡଳୀ ପାଇଁ ଗୋଟିଏ ସାଧାରଣ ନିର୍ବାଚନ ତାଲିକା ହେବ ଏବଂ କୌଣସି ବ୍ୟକ୍ତି ଧର୍ମ, ବଂଶ, ଜାତି, ଲିଙ୍ଗ କିମ୍ବା ଏଗୁଡ଼ିକ ମଧ୍ୟରୁ ଯେ କୌଣସି ଗୋଟିଏ ବିଷୟରେ ଏପରି ନିର୍ବାଚନ ମଣ୍ଡଳୀ ପାଇଁ ଏପରି ତାଲିକାରେ ଅନ୍ତର୍ଭୁକ୍ତ ହେବା ନିମନ୍ତେ ଅଯୋଗ୍ୟ ହେବେ ନାହିଁ ।

**326. ଲୋକସଭା ଏବଂ ରାଜ୍ୟର ବିଧାନସଭା ପାଇଁ ନିର୍ବାଚନ ସାବାଳକଙ୍କ ମତାଧିକାର ଅନୁସାରେ ହେବ—** ଲୋକସଭା ଏବଂ ପ୍ରତ୍ୟେକ ରାଜ୍ୟର ବିଧାନସଭା ପାଇଁ ନିର୍ବାଚନ, ସାବାଳକଙ୍କ ମତାଧିକାର ଉପରେ କରାଯିବ ଅର୍ଥାତ୍ ପ୍ରତ୍ୟେକ ବ୍ୟକ୍ତି, ଯିଏ ଭାରତର ନାଗରିକ ହୋଇଥିବେ ଏବଂ ଯାହାଙ୍କର ବୟସ ସେହି ତାରିଖରେ [2][18 ବର୍ଷ]ରୁ କମ ହୋଇନଥିବ ଯାହାକି ଉପଯୁକ୍ତ ବିଧାନମଣ୍ଡଳଦ୍ୱାରା ପ୍ରଣୀତ କୌଣସି ଆଇନର ଅଧୀନରେ ଅନ୍ୟଥା ଅଯୋଗ୍ୟ ହୋଇନଥିବେ କିମ୍ବା ଅଣବାସିନ୍ଦା, ଅସୁସ୍ଥ ମସ୍ତିଷ୍କ, ଅପରାଧ, ଦୁର୍ନୀତୀଗ୍ରସ୍ତ ଏବଂ ଅବୈଧ ଅଭ୍ୟାସ ଯୋଗୁଁ ଅଯୋଗ୍ୟ ହୋଇନଥିବେ, ତାଙ୍କର ଏପରି ନିର୍ବାଚାନରେ ଜଣେ ମତଦାତା ହେବା ପାଇଁ ଅଧିକାର ରହିବ ।

**327. ବିଧାନମଣ୍ଡଳ ନିର୍ବାଚନ ସମ୍ବନ୍ଧରେ ବ୍ୟବସ୍ଥା କରିବା ନିମନ୍ତେ ସଂସଦର କ୍ଷମତା—** ଏହି ସମ୍ବିଧାନର ବ୍ୟବସ୍ଥା ଅଧୀନରେ, ସଂସଦ ସମୟାନୁକ୍ରମେ ଆଇନଦ୍ୱାରା ସଂସଦର ଯେକୌଣସି ସଦନ କିମ୍ବା ବିଧାନସଭାର କୌଣସି ସଦନ କିମ୍ବା ଉଭୟ ସଦନର ନିର୍ବାଚନ ସହିତ ସମ୍ବନ୍ଧିତ ସମସ୍ତ ବିଷୟ ସମ୍ପର୍କରେ କିମ୍ବା ସେଗୁଡ଼ିକ ସହିତ ସମ୍ବନ୍ଧିତ ସମସ୍ତ ବିଷୟ ପାଇଁ ବ୍ୟବସ୍ଥା କରିପାରିବ, ଯେଉଁଥିରେ ମତଦାତା ତାଲିକା ପ୍ରସ୍ତୁତ କରିବା, ନିର୍ବାଚନ ମଣ୍ଡଳୀର ସୀମା ନିର୍ଦ୍ଧାରଣ ଏବଂ ଏପରି ସଦନ କିମ୍ବା ସଦନମାନଙ୍କର ଯଥାଯଥ ଗଠନ ପାଇଁ ଆବଶ୍ୟକ ସମସ୍ତ ବିଷୟ ଅନ୍ତର୍ଭୁକ୍ତ ।

---

[1] ଭାରତୀୟ ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା "କିମ୍ବା ରାଜପ୍ରମୁଖ" ଶବ୍ଦଗୁଡ଼ିକ ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ)।

[2] ଭାରତୀୟ ସମ୍ବିଧାନ (61ତମ ସଂଶୋଧନ) ଅଧିନିୟମ, 1988, ଧାରା 2ଦ୍ୱାରା, "ଏକୋଇଶ ବର୍ଷ" ପାଇଁ ପ୍ରତିସ୍ଥାପିତ (28-3-1989 ଠାରୁ କାର୍ଯ୍ୟକାରୀ) ।

**328. କୌଣସି ରାଜ୍ୟର ବିଧାନମଣ୍ଡଳର ନିର୍ବାଚନ ସମ୍ବନ୍ଧରେ ବ୍ୟବସ୍ଥା କରିବା ପାଇଁ ସେହି ବିଧାନମଣ୍ଡଳର କ୍ଷମତା**— ଏହି ସମ୍ବିଧାନର ବ୍ୟବସ୍ଥା ଅଧୀନରେ ଏବଂ ଯେପର୍ଯ୍ୟନ୍ତ ସଂସଦଦ୍ୱାରା ଏ ସମ୍ବନ୍ଧରେ ବ୍ୟବସ୍ଥା କରାଯାଇନାହିଁ, ସେହି ରାଜ୍ୟ ବିଧାନମଣ୍ଡଳ ସମୟାନୁକ୍ରମେ ଆଇନଦ୍ୱାରା ରାଜ୍ୟ ବିଧାନମଣ୍ଡଳର ସଦନ କିମ୍ବା ଯେକୌଣସି ସଦନର ନିର୍ବାଚନ ସହିତ ସମ୍ବନ୍ଧିତ ସମସ୍ତ ବିଷୟ ସମ୍ପର୍କରେ ବ୍ୟବସ୍ଥା କରିପାରେ, ଯେଉଁଥିରେ ମତଦାତା ତାଲିକା ପ୍ରସ୍ତୁତ କରିବା ଏବଂ ଏପରି ସଦନ କିମ୍ବା ସଦନର ଯଥାର୍ଥ ଗଠନ ପାଇଁ ଆବଶ୍ୟକୀୟ ଅନ୍ୟ ସମସ୍ତ ବିଷୟ ଅନ୍ତର୍ଭୁକ୍ତ ।

**329. ନିର୍ବାଚନ ବିଷୟରେ ନ୍ୟାୟାଳୟଦ୍ୱାରା ହସ୍ତକ୍ଷେପ ପ୍ରତି ପ୍ରତିବନ୍ଧକ**— [1][ଏହି ସମ୍ବିଧାନର ଯାହା କିଛି ଥିବା ସତ୍ତ୍ୱେ [2]***—]

(*a*) ସମ୍ବିଧାନ ଅନୁଚ୍ଛେଦ 327 କିମ୍ବା ଅନୁଚ୍ଛେଦ 328 ଅନୁଯାୟୀ କରାଯାଇଥିବା କିମ୍ବା କରାଯିବାକୁ ଥିବା କୌଣସି ନିର୍ବାଚନ ମଣ୍ଡଳୀର ସୀମା ନିର୍ଦ୍ଧାରଣ କିମ୍ବା ଏପରି ନିର୍ବାଚନ ମଣ୍ଡଳୀର ଆସନ ଆବଣ୍ଟନ ନିମନ୍ତେ ହୋଇଥିବା ଆଇନର ବୈଧତା ସମ୍ପର୍କରେ ନ୍ୟାୟାଳୟରେ ପ୍ରଶ୍ନ କରାଯାଇପାରିବ ନାହିଁ ।

(*b*) ଉପଯୁକ୍ତ ବିଧାନମଣ୍ଡଳଦ୍ୱାରା ପ୍ରଣୀତ କୌଣସି ଆଇନଦ୍ୱାରା କିମ୍ବା ଆଇନ ଅଧୀନରେ ବ୍ୟବସ୍ଥାପିତ କର୍ତ୍ତୃପକ୍ଷଙ୍କ ନିକଟରେ ଏବଂ ଏପରି ପଦ୍ଧତିରେ ଉପସ୍ଥାପିତ ନିର୍ବାଚନ ଆବେଦନ ବ୍ୟତୀତ ସଂସଦର କୌଣସି ସଦନ କିମ୍ବା କୌଣସି ରାଜ୍ୟର ବିଧାନମଣ୍ଡଳର ସଦନ କିମ୍ବା କୌଣସି ସଦନର ନିର୍ବାଚନ ଉପରେ ପ୍ରଶ୍ନ କରାଯାଇ ପାରିବ ନାହିଁ ।

[3]**329A.** *[ପ୍ରଧାନମନ୍ତ୍ରୀ ଏବଂ ବାଚସ୍ପତିଙ୍କ କ୍ଷେତ୍ରରେ ସଂସଦ ନିର୍ବାଚନ ସମ୍ବନ୍ଧୀୟ ବିଶେଷ ବ୍ୟବସ୍ଥା ।]— ଭାରତର ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 36ଦ୍ୱାରା ବାଦ୍ ଦିଆଯାଇଛି* (20-6-1979 ଠାରୁ କାର୍ଯ୍ୟକାରୀ )।

---

[1] ଭାରତୀୟ ସମ୍ବିଧାନ (39ତମ ସଂଶୋଧନ) ଅଧିନିୟମ, 1975, ଧାରା 3ଦ୍ୱାରା, ନିର୍ଦ୍ଦିଷ୍ଟ ଶବ୍ଦଗୁଡ଼ିକ ପାଇଁ ପ୍ରତିସ୍ଥାପିତ (10-8-1975 ଠାରୁ କାର୍ଯ୍ୟକାରୀ)।

[2] ଭାରତୀୟ ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 35ଦ୍ୱାରା "ଅନୁଚ୍ଛେଦ 329Aର ବ୍ୟବସ୍ଥା ଅଧୀନରେ" ଶବ୍ଦ, ସଂଖ୍ୟା ଏବଂ ଅକ୍ଷରଗୁଡ଼ିକ ବାଦ୍ ଦିଆଯାଇଛି (20-6-1979ଠାରୁ କାର୍ଯ୍ୟକାରୀ)।

[3] ଭାରତୀୟ ସମ୍ବିଧାନ (39ତମ ସଂଶୋଧନ) ଅଧିନିୟମ, 1975, ଧାରା 4 ଦ୍ୱାରା ସନ୍ନିବେଶିତ (10-8-1975ଠାରୁ କାର୍ଯ୍ୟକାରୀ)।

# ଭାଗ 16

## ନିର୍ଦ୍ଦିଷ୍ଟ ଶ୍ରେଣୀ ସମ୍ବନ୍ଧୀୟ ବିଶେଷ ବ୍ୟବସ୍ଥା

**330. ଲୋକସଭାରେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିଙ୍କ ପାଇଁ ଆସନ ସଂରକ୍ଷଣ**— (1) ଲୋକସଭାରେ ନିମ୍ନଲିଖିତ ପାଇଁ ଆସନ ସଂରକ୍ଷିତ ରହିବ:

(*a*) ଅନୁସୂଚିତ ଜାତି;

[1][(*b*) ଆସାମର ସ୍ୱୟଂଶାସିତ ଜିଲ୍ଲାଗୁଡ଼ିକରେ ଥିବା ଅନୁସୂଚିତ ଜନଜାତି ବ୍ୟତୀତ ଅନୁସୂଚିତ ଜନଜାତି; ଏବଂ]

(*c*) ଆସାମର ସ୍ୱୟଂଶାସିତ ଜିଲ୍ଲାଗୁଡ଼ିକରେ ଥିବା ଅନୁସୂଚିତ ଜନଜାତି ।

(2) ଖଣ୍ଡ (1) ଅଧୀନରେ କୌଣସି ରାଜ୍ୟ [2][କିମ୍ବା କେନ୍ଦ୍ରଶାସିତ ଅଞ୍ଚଳ]ରେ ଅନୁସୂଚିତ ଜାତି କିମ୍ବା ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ ଆସନ ସଂଖ୍ୟା, ଯଥାସମ୍ଭବ, ସେହି ରାଜ୍ୟ [2][କିମ୍ବା କେନ୍ଦ୍ରଶାସିତ ଅଞ୍ଚଳ]ରେ ଲୋକସଭା ପାଇଁ ବଣ୍ଟନ କରାଯାଇଥିବା ମୋଟ ଆସନ ସଂଖ୍ୟା ସହିତ ସମାନୁପାତିକ ହେବ, ଯେପରି ସେହି ରାଜ୍ୟ [2][କିମ୍ବା କେନ୍ଦ୍ରଶାସିତ ଅଞ୍ଚଳ]ରେ ଅନୁସୂଚିତ ଜାତି କିମ୍ବା ଅନୁସୂଚିତ ଜନଜାତିର ଜନସଂଖ୍ୟା, କିମ୍ବା ଯେଉଁ ରାଜ୍ୟ [2][କିମ୍ବା କେନ୍ଦ୍ରଶାସିତ ଅଞ୍ଚଳ]ର ଅଂଶ ପାଇଁ ଆସନ ସଂରକ୍ଷିତ ହୋଇଛି, ସେହି ରାଜ୍ୟ [2][କିମ୍ବା କେନ୍ଦ୍ରଶାସିତ ଅଞ୍ଚଳ]ର ମୋଟ ଜନସଂଖ୍ୟା ସହିତ ସମାନୁପାତିକ ହେବ ।

[3][(3) ଖଣ୍ଡ (2)ରେ ଯେକୌଣସି ବିଷୟ ଥିବା ସତ୍ତ୍ୱେ, ଆସାମର ସ୍ୱୟଂଶାସିତ ଜିଲ୍ଲାରେ ଅନୁସୂଚିତ ଜନଜାତି ପାଇଁ ଲୋକସଭାରେ ସଂରକ୍ଷିତ ଆସନ ସଂଖ୍ୟା, ସେହି ରାଜ୍ୟ ପାଇଁ ବଣ୍ଟନ କରାଯାଇଥିବା ମୋଟ ଆସନ ସଂଖ୍ୟା ସହିତ ଏକ ଅନୁପାତ ବହନ କରିବ, ଯାହା ଉକ୍ତ ସ୍ୱୟଂଶାସିତ ଜିଲ୍ଲାରେ ଅନୁସୂଚିତ ଜନଜାତିର ଜନସଂଖ୍ୟା ରାଜ୍ୟର ମୋଟ ଜନସଂଖ୍ୟା ସହିତ ଯେଉଁ ଅନୁପାତ ବହନ କରେ, ତାହାଠାରୁ କମ୍ ହେବ ନାହିଁ।]

[4][*ସ୍ପଷ୍ଟୀକରଣ*— ଏହି ଅନୁଚ୍ଛେଦ ଏବଂ ଅନୁଚ୍ଛେଦ 332ରେ, "ଜନସଂଖ୍ୟା" ଶବ୍ଦର ଅର୍ଥ ହେଉଛି ପୂର୍ବବର୍ତ୍ତୀ ଜନଗଣନାରେ ନିରୂପିତ ଜନସଂଖ୍ୟା, ଯାହାର ସମ୍ବନ୍ଧୀୟ ତଥ୍ୟ ପ୍ରକାଶିତ ହୋଇଛି:

କିନ୍ତୁ, ଏହି *ସ୍ପଷ୍ଟୀକରଣରେ* ପୂର୍ବବର୍ତ୍ତୀ ଜନଗଣନା, ଯାହା ସମ୍ବନ୍ଧୀୟ ତଥ୍ୟ ପ୍ରକାଶିତ ହୋଇଛି, ସେହି ଉଲ୍ଲେଖକୁ, [5][2026] ବର୍ଷ ପରେ ପ୍ରଥମ ଜନଗଣନାର ସମ୍ବନ୍ଧୀୟ ତଥ୍ୟ ପ୍ରକାଶିତ ନହେବା ପର୍ଯ୍ୟନ୍ତ, [6][2001] ଜନଗଣନାର ଉଲ୍ଲେଖ ବୋଲି ବ୍ୟାଖ୍ୟା କରାଯିବ ।]

---

[1] ସମ୍ବିଧାନ(51ତମ ସଂଶୋଧନ)ଅଧିନିୟମ, 1984, ଧାରା 2ଦ୍ୱାରା, ଉପଖଣ୍ଡ (*b*)ପାଇଁ ପ୍ରତିସ୍ଥାପିତ(16-6-1986ଠାରୁ କାର୍ଯ୍ୟକାରୀ)

[2] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀ ଦ୍ୱାରା ସନ୍ନିବେଶିତ (1-11-1956ଠାରୁ କାର୍ଯ୍ୟକାରୀ)।

[3] ସମ୍ବିଧାନ (31ତମ ସଂଶୋଧନ) ଅଧିନିୟମ, 1973, ଧାରା 3 ଦ୍ୱାରା ସନ୍ନିବେଶିତ (17-10-1973ଠାରୁ କାର୍ଯ୍ୟକାରୀ)।

[4] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 47 ଦ୍ୱାରା ସନ୍ନିବେଶିତ (3-1-1977ଠାରୁ କାର୍ଯ୍ୟକାରୀ)।

[5] ସମ୍ବିଧାନ (84ତମ ସଂଶୋଧନ) ଅଧିନିୟମ, 2001, ଧାରା 6 ଦ୍ୱାରା, "2000" ପାଇଁ ପ୍ରତିସ୍ଥାପିତ (21-2-2002ଠାରୁ କାର୍ଯ୍ୟକାରୀ)।

[6] ସମ୍ବିଧାନ (87ତମ ସଂଶୋଧନ) ଅଧିନିୟମ, 2003, ଧାରା 5 ଦ୍ୱାରା, "1991" ପାଇଁ ପ୍ରତିସ୍ଥାପିତ (22-6-2003ଠାରୁ କାର୍ଯ୍ୟକାରୀ)।

[1][**330A. ଲୋକକସଭାରେ ମହିଳାମାନଙ୍କ ପାଇଁ ଆସନ ସଂରକ୍ଷଣ**— (1) ଲୋକସଭାରେ ମହିଳାମାନଙ୍କ ପାଇଁ ଆସନ ସଂରକ୍ଷିତ ରହିବ ।

(2) ଯଥାସମ୍ଭବ, ଅନୁଚ୍ଛେଦ 330ର ଖଣ୍ଡ (2) ଅଧୀନରେ ସଂରକ୍ଷିତ ମୋଟ ଆସନ ସଂଖ୍ୟାର ଏକ-ତୃତୀୟାଂଶ ଅନୁସୂଚିତ ଜାତି କିମ୍ବା ଅନୁସୂଚିତ ଜନଜାତି ଅନ୍ତର୍ଗତ ମହିଳାମାନଙ୍କ ପାଇଁ ସଂରକ୍ଷିତ ହେବ ।

(3) ଯଥାସମ୍ଭବ, ଲୋକସଭାରେ ପ୍ରତ୍ୟକ୍ଷ ନିର୍ବାଚନଦ୍ୱାରା ପୂରଣ ହେବାକୁ ଥିବା ମୋଟ ଆସନ ସଂଖ୍ୟାର ଏକ-ତୃତୀୟାଂଶ ଆସନ (ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ଅନ୍ତର୍ଗତ ମହିଳାମାନଙ୍କ ପାଇଁ ସଂରକ୍ଷିତ ଆସନ ସଂଖ୍ୟା ସହିତ) ମହିଳାମାନଙ୍କ ପାଇଁ ସଂରକ୍ଷିତ ହେବ ।]

**331. ଲୋକସଭାରେ ଆଙ୍ଗ୍ଲୋ-ଭାରତୀୟ ସମ୍ପ୍ରଦାୟର ପ୍ରତିନିଧିତ୍ୱ**— ଅନୁଚ୍ଛେଦ 81ରେ ଯାହା କିଛି ଥିବା ସତ୍ତ୍ୱେ, ଯଦି ରାଷ୍ଟ୍ରପତି ଏପରି ମତ ପୋଷଣ କରନ୍ତି ଯେ **ଆଙ୍ଗ୍ଲୋ**-ଭାରତୀୟ ସମ୍ପ୍ରଦାୟର ଲୋକସଭାରେ ଯଥେଷ୍ଟ ପ୍ରତିନିଧିତ୍ୱ ନାହିଁ, ତେବେ ସେ ସେହି ସମ୍ପ୍ରଦାୟର ଅତିବେଶିରେ ଦୁଇଜଣ ସଦସ୍ୟଙ୍କୁ ଲୋକସଭାକୁ ମନୋନୀତ କରିପାରିବେ ।

**332. ରାଜ୍ୟଗୁଡ଼ିକର ବିଧାନସଭାରେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିଙ୍କ ପାଇଁ ଆସନ ସଂରକ୍ଷଣ**—(1) ପ୍ରତ୍ୟେକ ରାଜ୍ୟର[2]*** ବିଧାନସଭାରେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିଙ୍କ [3][ଆସାମର ସ୍ୱୟଂଶାସିତ ଜିଲ୍ଲାଗୁଡ଼ିକରେ ଥିବା ଅନୁସୂଚିତ ଜନଜାତି ବ୍ୟତୀତ] ପାଇଁ ଆସନ ସଂରକ୍ଷିତ ରହିବ ।

(2) ଆସାମ ରାଜ୍ୟର ବିଧାନସଭାରେ ସ୍ୱୟଂଶାସିତ ଜିଲ୍ଲାଗୁଡ଼ିକ ପାଇଁ ମଧ୍ୟ ଆସନ ସଂରକ୍ଷିତ ରହିବ ।

(3) ଖଣ୍ଡ (1) ଅଧୀନରେ କୌଣସି ରାଜ୍ୟର ବିଧାନସଭାରେ ଅନୁସୂଚିତ ଜାତି କିମ୍ବା ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ ଆସନଗୁଡିକର ସଂଖ୍ୟା, ଯଥାସମ୍ଭବ, ବିଧାନସଭାରେ ମୋଟ ଆସନ ସଂଖ୍ୟା ସହିତ ସମାନୁପାତିକ ହେବ, ଯେପରି ଯଥାସ୍ଥିତି ସେହି ରାଜ୍ୟର ଅନୁସୂଚିତ ଜାତିର କିମ୍ବା ଅନୁସୂଚିତ ଜନଜାତିର ଜନସଂଖ୍ୟା ସେହି ରାଜ୍ୟ କିମ୍ବା ଅନ୍ୟ ରାଜ୍ୟର ଭାଗ ପାଇଁ ଆସନ ସଂରକ୍ଷିତ ହୋଇଛି, ସେହି ରାଜ୍ୟର ମୋଟ ଜନସଂଖ୍ୟା ସହିତ ସମାନୁପାତିକ ହେବ ।

[4][(3A) ଖଣ୍ଡ (3)ରେ ଥିବା ଯେ କୌଣସି ବିଷୟ ଥିବା ସତ୍ତ୍ୱେ, [5][2026] ବର୍ଷ ପରେ ପ୍ରଥମ ଜନଗଣନାର ଆଧାରରେ, ଅନୁଚ୍ଛେଦ 170 ଅଧୀନରେ ଅରୁଣାଚଳ ପ୍ରଦେଶ, ମେଘାଳୟ, ମିଜୋରାମ ଏବଂ ନାଗାଲାଣ୍ଡ ରାଜ୍ୟଗୁଡ଼ିକର ବିଧାନସଭାରେ ଆସନ ସଂଖ୍ୟାର ପୁନର୍ବିନ୍ୟାସ କାର୍ଯ୍ୟକାରୀ ହେବା ପର୍ଯ୍ୟନ୍ତ, ଯେଉଁ ଆସନ ଏହି ପ୍ରକାର କୌଣସି ରାଜ୍ୟଗୁଡ଼ିକର ବିଧାନସଭାରେ ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ କରାଯିବ, ତାହା—

[1] ସମ୍ବିଧାନ (106ତମ ସଂଶୋଧନ) ଅଧିନିୟମ, 2023, ଧାରା 3 ଦ୍ୱାରା ସନ୍ନିବେଶିତ (ତାରିଖ ଏପର୍ଯ୍ୟନ୍ତ ଘୋଷିତ ହୋଇନାହିଁ)।

[2] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀ ଦ୍ୱାରା ପ୍ରଥମ ଅନୁସୂଚୀର ଭାଗ A କିମ୍ବା ଭାଗ Bରେ ଉଲ୍ଲେଖିତ" ଶବ୍ଦ ଏବଂ ଅକ୍ଷରଗୁଡ଼ିକ ବାଦ୍ ଦିଆଯାଇଛି (1-11-1956ଠାରୁ କାର୍ଯ୍ୟକାରୀ) ।

[3] ସମ୍ବିଧାନ (51ତମ ସଂଶୋଧନ) ଅଧିନିୟମ, 1984, ଧାରା 3 ଦ୍ୱାରା, ନିର୍ଦ୍ଦିଷ୍ଟ କିଛି ଶବ୍ଦ ପାଇଁ ପ୍ରତିସ୍ଥାପନ (16-6-1986ଠାରୁ କାର୍ଯ୍ୟକାରୀ) ।

[4] ସମ୍ବିଧାନ (57ତମ ସଂଶୋଧନ) ଅଧିନିୟମ, 1987, ଧାରା 2 ଦ୍ୱାରା ସନ୍ନିବେଶିତ (21-9-1987ଠାରୁ କାର୍ଯ୍ୟକାରୀ) ।

[5] ସମ୍ବିଧାନ (84ତମ ସଂଶୋଧନ) ଅଧିନିୟମ, 2001, ଧାରା 7 ଦ୍ୱାରା "2000" ପାଇଁ ପ୍ରତିସ୍ଥାପନ (21-2-2002ଠାରୁ କାର୍ଯ୍ୟକାରୀ)।

(*a*) ଯଦି 1987 ମସିହାରେ ସମ୍ବିଧାନ (57ତମ ସଂଶୋଧନ) ଅଧିନିୟମ ପ୍ରବର୍ତ୍ତନ ତାରିଖରେ ବଳବତ୍ତର ଥିବା ଏପରି ରାଜ୍ୟର ବିଧାନସଭାର ସମସ୍ତ ଆସନ (ଏହାକୁ ଏହି ଖଣ୍ଡରେ ଏହା ପରବର୍ତ୍ତୀ ପ୍ରଚଳିତ ବିଧାନସଭା କୁହାଯାଇଛି) ଅନୁସୂଚିତ ଜନଜାତିର ସଦସ୍ୟମାନଙ୍କଦ୍ୱାରା ଅଧିକୃତ ହୋଇଥାଏ, ତେବେ ଗୋଟିଏ ଆସନକୁ ଛାଡ଼ି ସମସ୍ତ ଆସନ;

(*b*) ଅନ୍ୟ କୌଣସି କ୍ଷେତ୍ରରେ, ମୋଟ ଆସନ ସଂଖ୍ୟାରେ ଏପରି ଅନୁପାତରେ ଆସନ ସଂଖ୍ୟା ହେବ, ଯାହା ପ୍ରଚଳିତ ବିଧାନସଭାରେ ଅନୁସୂଚିତ ଜନଜାତିର ସଦସ୍ୟ ସଂଖ୍ୟା (ଉକ୍ତ ତାରିଖ ଅନୁଯାୟୀ) ଏବଂ ପ୍ରଚଳିତ ବିଧାନସଭାର ମୋଟ ଆସନ ସଂଖ୍ୟାର ଅନୁପାତଠାରୁ କମ୍ ନୁହେଁ ।]

[1][(3B) ଖଣ୍ଡ (3)ରେ ଯେକୌଣସି ବିଷୟ ଥିବା ସତ୍ତ୍ୱେ, [2][2026] ପରେ ପ୍ରଥମ ଜନଗଣନା ଆଧାରରେ ଅନୁଚ୍ଛେଦ 170 ଅନୁଯାୟୀ ଆସନ ସଂଖ୍ୟାର ପୁନର୍ବିନ୍ୟାସ କାର୍ଯ୍ୟକାରୀ ନହେବା ପର୍ଯ୍ୟନ୍ତ, ତ୍ରିପୁରା ରାଜ୍ୟର ବିଧାନସଭାରେ ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ ଆସନ ସଂଖ୍ୟା ଏପରି ହେବ, ଯାହା ମୋଟ ଆସନ ସଂଖ୍ୟାରେ ଏକ ଅନୁପାତ ରଖିବ, ଯାହା ସମ୍ବିଧାନ (72ତମ ସଂଶୋଧନ) ଅଧିନିୟମ, 1992 କାର୍ଯ୍ୟକାରୀ ହେବାର ତାରିଖରେ ପ୍ରଚଳିତ ବିଧାନସଭାରେ ଅନୁସୂଚିତ ଜନଜାତିର ସଦସ୍ୟ ସଂଖ୍ୟା ଏବଂ ସେହି ବିଧାନସଭାର ମୋଟ ଆସନ ସଂଖ୍ୟାର ଅନୁପାତଠାରୁ କମ୍ ନୁହେଁ ।]

(4) ଆସାମ ରାଜ୍ୟର ବିଧାନସଭାରେ କୌଣସି ସ୍ୱୟଂଶାସିତ ଜିଲ୍ଲା ପାଇଁ ସଂରକ୍ଷିତ ଆସନ ସଂଖ୍ୟା ସେହି ବିଧାନସଭାର ମୋଟ ଆସନ ସଂଖ୍ୟାରେ ଏପରି ଅନୁପାତ ବହନ କରିବ, ଯାହା ରାଜ୍ୟର ମୋଟ ଜନସଂଖ୍ୟାରେ ଜିଲ୍ଲାର ଜନସଂଖ୍ୟାର ଅନୁପାତରୁ କମ୍ ନୁହେଁ ।

(5) ଆସାମର କୌଣସି ସ୍ୱୟଂଶାସିତ ଜିଲ୍ଲା ପାଇଁ ସଂରକ୍ଷିତ ଆସନଗୁଡ଼ିକର ନିର୍ବାଚନ ମଣ୍ଡଳୀଗୁଡ଼ିକରେ ସେହି ଜିଲ୍ଲା ବାହାରେ କୌଣସି ଅଞ୍ଚଳ ଅନ୍ତର୍ଭୁକ୍ତ ହେବ ନାହିଁ [3]***।

(6) ଆସାମ ରାଜ୍ୟର କୌଣସି ସ୍ୱୟଂଶାସିତ ଜିଲ୍ଲାର ଅନୁସୂଚିତ ଜନଜାତିର ସଦସ୍ୟ ନହୋଇଥିବା କୌଣସି ବ୍ୟକ୍ତି ସେହି ଜିଲ୍ଲାର କୌଣସି ନିର୍ବାଚନ ମଣ୍ଡଳୀରୁ ରାଜ୍ୟର ବିଧାନସଭା ନିମନ୍ତେ ନିର୍ବାଚିତ ହେବା ପାଇଁ ଯୋଗ୍ୟ ହେବେ ନାହିଁ [3]***।

[4][କିନ୍ତୁ, ଆସାମ ରାଜ୍ୟର ବିଧାନସଭା ନିର୍ବାଚନ ପାଇଁ, ବୋଡୋଲାଣ୍ଡ ପ୍ରାଦେଶିକ ପରିଷଦ କ୍ଷେତ୍ର ଜିଲ୍ଲାରେ ଅନ୍ତର୍ଭୁକ୍ତ ନିର୍ବାଚନ ମଣ୍ଡଳୀଗୁଡ଼ିକରେ, ଯେପରି ବିଜ୍ଞପ୍ତି ପ୍ରକାଶ କରାଯାଇଛି ଏବଂ ବୋଡୋଲାଣ୍ଡ

---

[1] ସମ୍ବିଧାନ (72ତମ ସଂଶୋଧନ) ଅଧିନିୟମ, 1992, ଧାରା 2ଦ୍ୱାରା ସନ୍ନିବେଶିତ (5-12-1992ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (84 ତମ ସଂଶୋଧନ) ଅଧିନିୟମ, 2001, ଧାରା 7ଦ୍ୱାରା "2000" ପାଇଁ ପ୍ରତିସ୍ଥାପିତ (21-2-2002ଠାରୁ କାର୍ଯ୍ୟକାରୀ)।

[3] ଉତ୍ତର-ପୂର୍ବାଞ୍ଚଳ (ପୁନର୍ଗଠନ) ଅଧିନିୟମ, 1971 (1971ର 81ନଂ), ଧାରା 71ଦ୍ୱାରା କେତେକ ଶବ୍ଦଗୁଡ଼ିକ ବାଦ୍ ଦିଆଯାଇଛି (21-1-1972 ଠାରୁ କାର୍ଯ୍ୟକାରୀ)।

[4] ସମ୍ବିଧାନ (90ତମ ସଂଶୋଧନ) ଅଧିନିୟମ, 2003, ଧାରା 2ଦ୍ୱାରା ସନ୍ନିବେଶିତ (28-9-2003 ଠାରୁ କାର୍ଯ୍ୟକାରୀ)।

ସୀମାନ୍ତ ଅଞ୍ଚଳର ଜିଲ୍ଲା ଗଠନ ପୂର୍ବରୁ ପ୍ରଚଳିତ ଥିଲା, ଅନୁସୂଚିତ ଜନଜାତି ଏବଂ ଅଣ ଅନୁସୂଚିତ ଜନଜାତିର ପ୍ରତିନିଧିତ୍ୱ ବଜାୟ ରଖାଯିବ । ]

[1]**[332A. ରାଜ୍ୟମାନଙ୍କର ବିଧାନସଭାରେ ମହିଳାମାନଙ୍କ ପାଇଁ ଆସନ ସଂରକ୍ଷଣ—** (1) ପ୍ରତ୍ୟେକ ରାଜ୍ୟର ବିଧାନସଭାରେ ମହିଳାମାନଙ୍କ ପାଇଁ ଆସନ ସଂରକ୍ଷିତ ହେବ ।

(2) ଯଥାସମ୍ଭବ, ଅନୁଚ୍ଛେଦ 332ର ଖଣ୍ଡ (3) ଅନୁଯାୟୀ ସଂରକ୍ଷିତ ମୋଟ ଆସନ ସଂଖ୍ୟାର ଏକ-ତୃତୀୟାଂଶ ଆସନ ଅନୁସୂଚିତ ଜାତି ବା ଅନୁସୂଚିତ ଜନଜାତିର ମହିଳାମାନଙ୍କ ପାଇଁ ସଂରକ୍ଷିତ ରହିବ ।

(3) ଯଥାସମ୍ଭବ, ପ୍ରତ୍ୟେକ ରାଜ୍ୟର ବିଧାନସଭାରେ ପ୍ରତ୍ୟକ୍ଷ ନିର୍ବାଚନଦ୍ୱାରା ପୂରଣ ହେବାକୁ ଥିବା ମୋଟ ଆସନ ସଂଖ୍ୟାର ଏକ-ତୃତୀୟାଂଶ (ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିର ମହିଳାମାନଙ୍କ ପାଇଁ ସଂରକ୍ଷିତ ଆସନ ସଂଖ୍ୟା ସହିତ) ମହିଳାମାନଙ୍କ ପାଇଁ ସଂରକ୍ଷିତ ରହିବ ।]

**333. ରାଜ୍ୟମାନଙ୍କର ବିଧାନସଭାରେ ଆଙ୍ଗ୍ଲୋ-ଭାରତୀୟ ସମ୍ପ୍ରଦାୟର ପ୍ରତିନିଧିତ୍ୱ—** ଅନୁଚ୍ଛେଦ 170ରେ ଯାହା କିଛି ବିଷୟ ଥିବା ସତ୍ତ୍ୱେ, ଯଦି ରାଜ୍ୟର ରାଜ୍ୟପାଳ [2]*** ଏପରି ମତ ପୋଷଣ କରନ୍ତି ଯେ ଆଙ୍ଗ୍ଲୋ-ଭାରତୀୟ ସମ୍ପ୍ରଦାୟର ରାଜ୍ୟର ବିଧାନସଭାରେ ପ୍ରତିନିଧିତ୍ୱ ଆବଶ୍ୟକ ଏବଂ ସେମାନେ ସେଠାରେ ଯଥେଷ୍ଟ ପ୍ରତିନିଧିତ୍ୱ ପାଉନାହାନ୍ତି, ତେବେ [3][ସେ ସେହି ସମ୍ପ୍ରଦାୟର ଜଣେ ସଦସ୍ୟଙ୍କୁ ବିଧାନସଭାକୁ ମନୋନୀତ କରିପାରିବେ]।

**334. [4][ଆସନଗୁଡ଼ିକର ସଂରକ୍ଷଣ ଏବଂ ବିଶେଷ ପ୍ରତିନିଧିତ୍ୱ ନିର୍ଦ୍ଦିଷ୍ଟ ଅବଧି ପରେ ବନ୍ଦ ହେବ]—** ଏହି ଭାଗର ପୂର୍ବବର୍ତ୍ତୀ ବ୍ୟବସ୍ଥାରେ ଯାହା କିଛି ଥିବା ସତ୍ତ୍ୱେ, ଏହି ସମ୍ବିଧାନରେ ସମ୍ବନ୍ଧିତ ବ୍ୟବସ୍ଥା—

(*a*) ଲୋକସଭା ଏବଂ ରାଜ୍ୟମାନଙ୍କର ବିଧାନସଭାଗୁଡ଼ିକରେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ପାଇଁ ଆସନ ସଂରକ୍ଷଣ; ଏବଂ

(*b*) ଲୋକସଭା ଏବଂ ରାଜ୍ୟମାନଙ୍କର ବିଧାନସଭାଗୁଡ଼ିକରେ ଆଙ୍ଗ୍ଲୋ-ଭାରତୀୟ ସମ୍ପ୍ରଦାୟର ମନୋନୟନଦ୍ୱାରା ପ୍ରତିନିଧିତ୍ୱ,

---

[1] ସମ୍ବିଧାନ (106ତମ ସଂଶୋଧନ) ଅଧିନିୟମ, 2023, ଧାରା 4ଦ୍ୱାରା ସନ୍ନିବେଶିତ (ତାରିଖ ଏପର୍ଯ୍ୟନ୍ତ ସୂଚିତ ହୋଇନାହିଁ)।

[2] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା "କିମ୍ବା ରାଜପ୍ରମୁଖ" ଶବ୍ଦଗୁଡ଼ିକ ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ) ।

[3] ସମ୍ବିଧାନ (23ତମ ସଂଶୋଧନ) ଅଧିନିୟମ, 1969, ଧାରା 4ଦ୍ୱାରା "ସମୁଦାୟରୁ ଏତେ ସଂଖ୍ୟକ ସଦସ୍ୟଙ୍କୁ ବିଧାନସଭାକୁ ମନୋନୀତ କରିବା ଯାହା ସେ ଉପଯୁକ୍ତ ମନେ କରନ୍ତି" ପାଇଁ ପ୍ରତିସ୍ଥାପିତ (23-1-1970 ଠାରୁ କାର୍ଯ୍ୟକାରୀ) ।

[4] ସମ୍ବିଧାନ (104ତମ ସଂଶୋଧନ) ଅଧିନିୟମ, 2019, ଧାରା 2ଦ୍ୱାରା ସୀମାନ୍ତ ଶୀର୍ଷକ ପାଇଁ ପ୍ରତିସ୍ଥାପିତ (25-1-2020 ଠାରୁ କାର୍ଯ୍ୟକାରୀ) ।

ଏହି ସମ୍ବିଧାନ ପ୍ରବର୍ତ୍ତନ ହେବାଠାରୁ [1][ଖଣ୍ଡ(*a*) ପାଇଁ 80 ବର୍ଷ ଏବଂ ଖଣ୍ଡ(*b*) ପାଇଁ 70 ବର୍ଷ] ଅବଧି ସମାପ୍ତ ହେବା ପରେ କାର୍ଯ୍ୟକାରୀ ହେବ ନାହିଁ:

କିନ୍ତୁ, ଏହି ଅନୁଚ୍ଛେଦରେ ଯାହା କିଛି ଥିବା ସତ୍ତ୍ୱେ ଯାହା ଲୋକସଭା ବା ରାଜ୍ୟର ବିଧାନସଭାରେ ସେ ପର୍ଯ୍ୟନ୍ତ କୌଣସି ପ୍ରତିନିଧିତ୍ୱ ଉପରେ ପ୍ରଭାବ ପକାଇବ ନାହିଁ, ଯଥାସ୍ଥିତି ସେହି ସମୟରେ ପ୍ରଚଳିତ ଲୋକସଭା କିମ୍ବା ବିଧାନସଭା ଯେ ପର୍ଯ୍ୟନ୍ତ ଭଙ୍ଗ ହୋଇନାହିଁ ।

[2]**[334A. ମହିଳାମାନଙ୍କ ପାଇଁ ଆସନ ସଂରକ୍ଷଣ କାର୍ଯ୍ୟକାରୀ ହେବା—** (1) ଏହି ଭାଗ ବା ଭାଗ 8ର ପୂର୍ବବର୍ତ୍ତୀ ବ୍ୟବସ୍ଥାଗୁଡ଼ିକରେ ଯାହା କିଛି ଥିବା ସତ୍ତ୍ୱେ, ଲୋକସଭା, ରାଜ୍ୟର ବିଧାନସଭା ଏବଂ ଦିଲ୍ଲୀ ରାଷ୍ଟ୍ରୀୟ ରାଜଧାନୀ ଅଞ୍ଚଳର ବିଧାନସଭାରେ ମହିଳାମାନଙ୍କ ପାଇଁ ଆସନ ସଂରକ୍ଷଣ ସମ୍ବନ୍ଧିତ ସମ୍ବିଧାନର ବ୍ୟବସ୍ଥାଗୁଡ଼ିକ ସମ୍ବିଧାନ (106ତମ ସଂଶୋଧନ) ଅଧିନିୟମ, 2023 ପ୍ରବର୍ତ୍ତନ ପରେ ପ୍ରଥମ ଜନଗଣନାର ସମ୍ବନ୍ଧିତ ତଥ୍ୟ ପ୍ରକାଶିତ ହେବା ପରେ ଏବଂ ଏହି ଉଦ୍ଦେଶ୍ୟରେ ଏକ ସୀମା ନିର୍ଦ୍ଧାରଣ କାର୍ଯ୍ୟ ଆରମ୍ଭ ହେବା ପରେ କାର୍ଯ୍ୟକାରୀ ହେବ ଏବଂ ଏହା ପ୍ରବର୍ତ୍ତନରୁ ପନ୍ଦର ବର୍ଷ ଅବଧି ସମାପ୍ତ ହେବା ପରେ କାର୍ଯ୍ୟକାରୀ ହେବ ନାହିଁ।

(2) ଅନୁଚ୍ଛେଦ 239AA, 330A ଏବଂ 332Aର ବ୍ୟବସ୍ଥା ଅନୁଯାୟୀ, ଲୋକସଭା, ରାଜ୍ୟର ବିଧାନସଭା ଏବଂ ଦିଲ୍ଲୀ ରାଷ୍ଟ୍ରୀୟ ରାଜଧାନୀ ଅଞ୍ଚଳର ବିଧାନସଭାରେ ମହିଳାମାନଙ୍କ ପାଇଁ ସଂରକ୍ଷିତ ଆସନଗୁଡ଼ିକ ସେହି ତାରିଖ ପର୍ଯ୍ୟନ୍ତ ଜାରି ରହିବ, ଯାହା ସଂସଦ ଆଇନଦ୍ୱାରା ନିର୍ଦ୍ଧାରଣ କରିବେ ।

(3) ଲୋକସଭା, ରାଜ୍ୟର ବିଧାନସଭା ଏବଂ ଦିଲ୍ଲୀ ରାଷ୍ଟ୍ରୀୟ ରାଜଧାନୀ ଅଞ୍ଚଳର ବିଧାନସଭାରେ ମହିଳାମାନଙ୍କ ପାଇଁ ସଂରକ୍ଷିତ ଆସନଗୁଡ଼ିକର ଆବର୍ତ୍ତନ ପ୍ରତ୍ୟେକ ପରବର୍ତ୍ତୀ ସୀମା ନିର୍ଦ୍ଧାରଣ କାର୍ଯ୍ୟ ପରେ ଏପରି କାର୍ଯ୍ୟକାରୀ ହେବ ଯାହା ସଂସଦ ଆଇନଦ୍ୱାରା ନିର୍ଦ୍ଧାରଣ କରିବେ ।

(4) ଏହି ଅନୁଚ୍ଛେଦର କୌଣସି ବିଷୟ, ଯାହା ଲୋକସଭା, ରାଜ୍ୟର ବିଧାନସଭା ବା ଦିଲ୍ଲୀ ରାଷ୍ଟ୍ରୀୟ ରାଜଧାନୀ ଅଞ୍ଚଳର ବିଧାନସଭାରେ କୌଣସି ପ୍ରତିନିଧିତ୍ୱକୁ ସେ ପର୍ଯ୍ୟନ୍ତ ପ୍ରଭାବିତ କରିବ ନାହିଁ, ଯେପର୍ଯ୍ୟନ୍ତ ତତ୍କାଳୀନ ପ୍ରଚଳିତ ଲୋକସଭା, ରାଜ୍ୟର ବିଧାନସଭା ବା ଦିଲ୍ଲୀ ରାଷ୍ଟ୍ରୀୟ ରାଜଧାନୀ ଅଞ୍ଚଳର ବିଧାନସଭା ଭଙ୍ଗ କରାଯାଇ ନାହିଁ ।]

**335. ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିର ସେବା ଏବଂ ପଦବୀ ଦାବି—** ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିର ସଦସ୍ୟମାନଙ୍କର ଦାବିଗୁଡ଼ିକୁ, ପ୍ରଶାସନର ଦକ୍ଷତା ବଜାୟ ରଖିବା ସହିତ ସମନ୍ୱିତଭାବେ କେନ୍ଦ୍ର ବା ରାଜ୍ୟର କାର୍ଯ୍ୟ ସମ୍ବନ୍ଧରେ ସେବା ଏବଂ ପଦବୀରେ ନିଯୁକ୍ତି କରିବା ସମୟରେ ଧ୍ୟାନ ଦିଆଯିବ:

---

[1] ସମ୍ବିଧାନ (104ତମ ସଂଶୋଧନ) ଅଧିନିୟମ, 2019, ଧାରା 2ଦ୍ୱାରା "ସତୁରି ବର୍ଷ" ପାଇଁ ପ୍ରତିସ୍ଥାପିତ (25-1-2020 ଠାରୁ କାର୍ଯ୍ୟକାରୀ) । ସମ୍ବିଧାନ (95ତମ ସଂଶୋଧନ) ଅଧିନିୟମ, 2009, ଧାରା 2ଦ୍ୱାରା "ଷାଠିଏ ବର୍ଷ" ପାଇଁ "ସତୁରି ବର୍ଷ" ଶବ୍ଦଗୁଡ଼ିକ ପ୍ରତିସ୍ଥାପିତ (25-1-2010 ଠାରୁ କାର୍ଯ୍ୟକାରୀ) । ସମ୍ବିଧାନ (79ତମ ସଂଶୋଧନ) ଅଧିନିୟମ, 1999, ଧାରା 2ଦ୍ୱାରା "ପଚାଶ ବର୍ଷ" ପାଇଁ "ଷାଠିଏ ବର୍ଷ" ଶବ୍ଦଗୁଡ଼ିକ ପ୍ରତିସ୍ଥାପିତ (25-1-2000 ଠାରୁ କାର୍ଯ୍ୟକାରୀ) । ସମ୍ବିଧାନ (62ତମ ସଂଶୋଧନ) ଅଧିନିୟମ, 1989, ଧାରା 2ଦ୍ୱାରା "ଚାଳିଶ ବର୍ଷ" ପାଇଁ "ପଚାଶ ବର୍ଷ" ଶବ୍ଦଗୁଡ଼ିକ ପ୍ରତିସ୍ଥାପିତ (20-12-1989 ଠାରୁ କାର୍ଯ୍ୟକାରୀ) । ସମ୍ବିଧାନ (45ତମ ସଂଶୋଧନ) ଅଧିନିୟମ, 1980, ଧାରା 2ଦ୍ୱାରା "ତିରିଶ ବର୍ଷ" ପାଇଁ "ଚାଳିଶ ବର୍ଷ" ଶବ୍ଦଗୁଡ଼ିକ ପ୍ରତିସ୍ଥାପିତ (25-1-1980ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (106ତମ ସଂଶୋଧନ) ଅଧିନିୟମ, 2023, ଧାରା 5ଦ୍ୱାରା ସନ୍ନିବେଶିତ (ତାରିଖ ଏପର୍ଯ୍ୟନ୍ତ ବିଜ୍ଞାପିତ ହୋଇନାହିଁ)।

[1][କିନ୍ତୁ, ଏହି ଅନୁଚ୍ଛେଦରେ ଥିବା କୌଣସି ବିଷୟ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିର ସଦସ୍ୟମାନଙ୍କ ସପକ୍ଷରେ କୌଣସି ପରୀକ୍ଷାରେ ଯୋଗ୍ୟତା ମାର୍କରେ କୋହଳ କରିବା କିମ୍ବା ମୂଲ୍ୟାଙ୍କନର ମାନ ହ୍ରାସ କରିବା, କେନ୍ଦ୍ର କିମ୍ବା ରାଜ୍ୟର କାର୍ଯ୍ୟ ସହିତ ସମ୍ବନ୍ଧିତ କୌଣସି ଶ୍ରେଣୀ କିମ୍ବା ଶ୍ରେଣୀଗୁଡ଼ିକର ସେବା କିମ୍ବା ପଦବୀରେ ସଂରକ୍ଷଣ କିମ୍ବା ପଦୋନ୍ନତି ପାଇଁ କୌଣସି ବ୍ୟବସ୍ଥା କରିବାରେ ବାଧା ସୃଷ୍ଟି କରିବ ନାହିଁ ।]

**336. ନିର୍ଦ୍ଦିଷ୍ଟ ସେବାଗୁଡ଼ିକରେ ଆଙ୍ଗ୍ଲୋ-ଭାରତୀୟ ସମ୍ପ୍ରଦାୟ ପାଇଁ ବିଶେଷ ବ୍ୟବସ୍ଥା—** (1) ଏହି ସମ୍ବିଧାନ ପ୍ରାରମ୍ଭର ପ୍ରଥମ ଦୁଇବର୍ଷ ମଧ୍ୟରେ, କେନ୍ଦ୍ରର ରେଳ, ସୀମା ଶୁଳ୍କ, ଡାକ ଏବଂ ତାର ସେବାରେ ଆଙ୍ଗ୍ଲୋ-ଭାରତୀୟ ସମ୍ପ୍ରଦାୟର ସଦସ୍ୟଙ୍କ ନିଯୁକ୍ତି, ଏହି ଆଧାରରେ କରାଯିବ, ଯେଉଁ ଆଧାର ଅଗଷ୍ଟ ମାସର ପନ୍ଦର ତାରିଖ, 1947 ପୂର୍ବରୁ କରାଯାଉଥିଲା ।

ପ୍ରତ୍ୟେକ ପରବର୍ତ୍ତୀ ଦୁଇ ବର୍ଷ ଅବଧିରେ, ଉକ୍ତ ସେବାରେ ଉକ୍ତ ସମ୍ପ୍ରଦାୟର ସଦସ୍ୟମାନଙ୍କ ପାଇଁ ସଂରକ୍ଷିତ ପଦବୀର ସଂଖ୍ୟା, ଯଥାସମ୍ଭବ, ଠିକ ପୂର୍ବବର୍ତ୍ତୀ ଦୁଇ ବର୍ଷ ଅବଧିରେ ସଂରକ୍ଷିତ ସଂଖ୍ୟା ଅପେକ୍ଷା ଦଶ ପ୍ରତିଶତ କମ ହେବ:

କିନ୍ତୁ, ଏହି ସମ୍ବିଧାନ ପ୍ରାରମ୍ଭର ଦଶ ବର୍ଷ ସମାପ୍ତି ହେବା ପରେ ଏହିପରି ସମସ୍ତ ସଂରକ୍ଷଣ ବନ୍ଦ ହେବ।

(2) ଯଦି ଆଙ୍ଗ୍ଲୋ-ଭାରତୀୟ ସମ୍ପ୍ରଦାୟର ସଦସ୍ୟ ଅନ୍ୟ ସମ୍ପ୍ରଦାୟର ସଦସ୍ୟଙ୍କ ତୁଳନାରେ ଯୋଗ୍ୟତା ଦୃଷ୍ଟିରୁ ନିଯୁକ୍ତି ନିମନ୍ତେ ଯୋଗ୍ୟ ହୋଇଥାନ୍ତି, ତେବେ ଖଣ୍ଡ (1) ଅଧୀନରେ ଏହି ସମ୍ପ୍ରଦାୟ ପାଇଁ ସଂରକ୍ଷିତ ପଦବୀରୁ ଭିନ୍ନ ବା ଅନ୍ୟ ଅତିରିକ୍ତ ପଦ ପାଇଁ ଆଙ୍ଗ୍ଲୋ-ଭାରତୀୟ ସମ୍ପ୍ରଦାୟର ସଦସ୍ୟମାନଙ୍କ ନିଯୁକ୍ତିକୁ ସେହି ଖଣ୍ଡର କୌଣସି ବ୍ୟବସ୍ଥା ପ୍ରତିବନ୍ଧିତ କରିବ ନାହିଁ ।

**337. ଆଙ୍ଗ୍ଲୋ-ଭାରତୀୟ ସମ୍ପ୍ରଦାୟର ସୁବିଧା ପାଇଁ ଶିକ୍ଷା ଅନୁଦାନ ମଞ୍ଜୁରି ସମ୍ବନ୍ଧରେ ବିଶେଷ ବ୍ୟବସ୍ଥା—** ଏହି ସମ୍ବିଧାନ ପ୍ରାରମ୍ଭର ପ୍ରଥମ ତିନି ଆର୍ଥିକ ବର୍ଷ ମଧ୍ୟରେ, ଯଦି କୌଣସି ଅନୁଦାନ ଥାଏ, ତେବେ କେନ୍ଦ୍ର ଏବଂ ପ୍ରତ୍ୟେକ ରାଜ୍ୟଦ୍ୱାରା[2]*** ଆଙ୍ଗ୍ଲୋ-ଭାରତୀୟ ସମ୍ପ୍ରଦାୟର ହିତ ପାଇଁ ଶିକ୍ଷା ସମ୍ବନ୍ଧରେ ସମାନ ଅନୁଦାନ ପ୍ରଦାନ କରାଯିବ ଯାହା ମାର୍ଚ୍ଚ ମାସର 31ତାରିଖ, 1948ରେ ଶେଷ ହୋଇଥିବା ଆର୍ଥିକ ବର୍ଷରେ ପ୍ରଦାନ କରାଯାଇଥିଲା।

ପ୍ରତ୍ୟେକ ପରବର୍ତ୍ତୀ ତିନିବର୍ଷ ଅବଧିରେ ଅନୁଦାନଗୁଡ଼ିକ ଠିକ ପୂର୍ବବର୍ତ୍ତୀ ତିନିବର୍ଷ ଅବଧି ପାଇଁ ଥିବା ଅନୁଦାନଠାରୁ ଦଶ ପ୍ରତିଶତ କମ୍ ହୋଇପାରେ:

କିନ୍ତୁ, ଏହି ସମ୍ବିଧାନ ପ୍ରାରମ୍ଭରୁ ଦଶ ବର୍ଷ ସମାପ୍ତ ହେବା ପରେ ଆଙ୍ଗ୍ଲୋ-ଭାରତୀୟ ସମ୍ପ୍ରଦାୟ ପାଇଁ ବିଶେଷ ରିହାତି ହିସାବରେ ଥିବା ଏହିପରି ଅନୁଦାନଗୁଡ଼ିକ ବନ୍ଦ ହେବ:

ଅଧିକନ୍ତୁ, କୌଣସି ଶିକ୍ଷାନୁଷ୍ଠାନ ଏହି ଅନୁଚ୍ଛେଦ ଅନୁଯାୟୀ କୌଣସି ଅନୁଦାନ ପାଇବାକୁ ଅଧିକାରପ୍ରାପ୍ତ ହେବେ ନାହିଁ, ଯଦି ତାହାର ବାର୍ଷିକ ନାମଲେଖାର ଅତିକମରେ ଚାଳିଶ ପ୍ରତିଶତ ଆଙ୍ଗ୍ଲୋ- ଭାରତୀୟ ସମ୍ପ୍ରଦାୟ ବ୍ୟତୀତ ଅନ୍ୟ ସମ୍ପ୍ରଦାୟର ସଦସ୍ୟ ପାଇଁ ଉପଲବ୍ଧ କରାଯାଇନାହିଁ ।

---

[1] ସମ୍ବିଧାନ (82ତମ ସଂଶୋଧନ) ଅଧିନିୟମ, 2000, ଧାରା 2ଦ୍ୱାରା ସନ୍ନିବେଶିତ (8-9-2000ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା "ପ୍ରଥମ ଅନୁସୂଚୀର ଭାଗ A କିମ୍ବା ଭାଗ Bରେ ନିର୍ଦ୍ଦିଷ୍ଟ" ଶବ୍ଦ ଏବଂ ଅକ୍ଷରଗୁଡ଼ିକ ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ)।

**338.** [1]**[ଅନୁସୂଚିତ ଜାତି ପାଇଁ ଜାତୀୟ ଆୟୋଗ]—** [2][[3][(1) ଅନୁସୂଚିତ ଜାତି ପାଇଁ ଏକ ଆୟୋଗ ରହିବ, ଯାହାକୁ ଜାତୀୟ ଅନୁସୂଚିତ ଜାତି ଆୟୋଗ ନାମରେ ଜ୍ଞାତ ହେବ ।

(2) ସଂସଦଦ୍ୱାରା ଏହି ସମ୍ବନ୍ଧରେ ପ୍ରଣୀତ କୌଣସି ଆଇନର ବ୍ୟବସ୍ଥା ଅଧୀନରେ, ଆୟୋଗରେ ଜଣେ ଅଧ୍ୟକ୍ଷ, ଜଣେ ଉପାଧ୍ୟକ୍ଷ ଏବଂ ତିନି ଜଣ ଅନ୍ୟ ସଦସ୍ୟ ରହିବେ ଏବଂ ଏହିପରି ନିଯୁକ୍ତ ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ ଅନ୍ୟ ସଦସ୍ୟମାନଙ୍କର ସେବା ସର୍ତ୍ତାବଳୀ ଏବଂ କାର୍ଯ୍ୟକାଳର ଅବଧି ଏପରି ହେବ, ଯାହା ରାଷ୍ଟ୍ରପତି ନିୟମଦ୍ୱାରା ନିର୍ଦ୍ଧାରିତ କରିବେ ।]

(3) ଆୟୋଗର ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ ଅନ୍ୟ ସଦସ୍ୟ ରାଷ୍ଟ୍ରପତିଙ୍କଦ୍ୱାରା ତାଙ୍କ ହସ୍ତାକ୍ଷର ଏବଂ ମୋହର ସମ୍ବଳିତ ଅଧିପତ୍ରଦ୍ୱାରା ନିଯୁକ୍ତ ହେବେ ।

(4) ନିଜ ପଦ୍ଧତିକୁ ନିୟନ୍ତ୍ରଣ କରିବା ନିମନ୍ତେ ଆୟୋଗର କ୍ଷମତା ରହିବ ।

(5) ଆୟୋଗର ଏହା କର୍ତ୍ତବ୍ୟ ହେବ ଯେ—

(*a*) ଏହି ସମ୍ବିଧାନ ବା ସେହି ସମୟରେ ବଳବତ୍ତର କୌଣସି ଅନ୍ୟ ଆଇନ ବା ସରକାରୀ ଆଦେଶ ଅନୁଯାୟୀ ଅନୁସୂଚିତ ଜାତି [4]*** ପାଇଁ ପ୍ରଦତ୍ତ ସମସ୍ତ ନିରାପତ୍ତା ସମ୍ବନ୍ଧୀୟ ବିଷୟର ତଦନ୍ତ ଏବଂ ନିରୀକ୍ଷଣ କରିବା ଏବଂ ଏହିପରି ନିରାପତ୍ତାଗୁଡ଼ିକର କାର୍ଯ୍ୟକାରିତା ମୂଲ୍ୟାଙ୍କନ କରିବା;

(*b*) ଅନୁସୂଚିତ ଜାତିଙ୍କୁ [4]*** ସେମାନଙ୍କର ଅଧିକାର ଏବଂ ନିରାପତ୍ତାରୁ ବଞ୍ଚିତ କରିବା ନିମନ୍ତେ ନିର୍ଦ୍ଦିଷ୍ଟ ଅଭିଯୋଗର ଯାଞ୍ଚ କରିବା;

(*c*) ଅନୁସୂଚିତ ଜାତିର [1]*** ସାମାଜିକ ଓ ଆର୍ଥିକ ବିକାଶର ଯୋଜନା ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ଏବଂ ପରାମର୍ଶ ଦେବା ଏବଂ କେନ୍ଦ୍ର ଓ ରାଜ୍ୟ ଅଧୀନରେ ସେମାନଙ୍କର ବିକାଶର ପ୍ରଗତିର ମୂଲ୍ୟାଙ୍କନ କରିବା;

(*d*) ଆୟୋଗ ପ୍ରତିବର୍ଷ କିମ୍ବା ଯଦି ଉପଯୁକ୍ତ ମନେ କରନ୍ତି ଅନ୍ୟ ସମୟରେ ନିରାପତ୍ତାଗୁଡ଼ିକର କାର୍ଯ୍ୟକାରିତା ସମ୍ବନ୍ଧୀୟ ବିବରଣୀ ରାଷ୍ଟ୍ରପତିଙ୍କ ନିକଟରେ ଉପସ୍ଥାପନ କରିବେ;

(*e*) ଏହିପରି ବିବରଣୀରେ ସେହି ନିରାପତ୍ତାଗୁଡ଼ିକର ପ୍ରଭାବଶାଳୀ କାର୍ଯ୍ୟକାରୀତା ଏବଂ ଅନୁସୂଚିତ

---

[1] ସମ୍ବିଧାନ (89ତମ ସଂଶୋଧନ) ଅଧିନିୟମ, 2003, ଧାରା 2ଦ୍ୱାରା ସୀମାନ୍ତ ଶୀର୍ଷକ ପାଇଁ ପ୍ରତିସ୍ଥାପିତ (19-2-2004 ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (65ତମ ସଂଶୋଧନ) ଅଧିନିୟମ, 1990, ଧାରା 2ଦ୍ୱାରା ଖଣ୍ଡ (1) ଏବଂ (2) ପାଇଁ ପ୍ରତିସ୍ଥାପିତ (12-3-1992ଠାରୁ କାର୍ଯ୍ୟକାରୀ)।

[3] ସମ୍ବିଧାନ (89ତମ ସଂଶୋଧନ) ଅଧିନିୟମ, 2003, ଧାରା 2ଦ୍ୱାରା ଖଣ୍ଡ (1) ଏବଂ (2) ପାଇଁ ପ୍ରତିସ୍ଥାପିତ (19-2-2004ଠାରୁ କାର୍ଯ୍ୟକାରୀ)।

[4] ସମ୍ବିଧାନ (89ତମ ସଂଶୋଧନ) ଅଧିନିୟମ, 2003, ଧାରା 2ଦ୍ୱାରା "ଏବଂ ଅନୁସୂଚିତ ଜନଜାତି" ଶବ୍ଦଗୁଡ଼ିକ ବାଦ୍ ଦିଆଯାଇଛି (19-2-2004 ଠାରୁ କାର୍ଯ୍ୟକାରୀ) ।

ଜାତିର[1]*** ସୁରକ୍ଷା, କଲ୍ୟାଣ ଏବଂ ସାମାଜିକ ଅର୍ଥନୈତିକ ଉନ୍ନୟନ ନିମନ୍ତେ କେନ୍ଦ୍ର ବା ରାଜ୍ୟଦ୍ୱାରା ଗ୍ରହଣ କରାଯାଇଥିବା ଉଚିତ ପଦକ୍ଷେପ ସମ୍ବନ୍ଧରେ ସୁପାରିଶ କରିବା;

(*f*) ଅନୁସୂଚିତ ଜାତିର [1]*** ସୁରକ୍ଷା, କଲ୍ୟାଣ, ବିକାଶ ତଥା ଉନ୍ନୟନ ସମ୍ବନ୍ଧୀୟ ଅନ୍ୟ କାର୍ଯ୍ୟ ସମ୍ପାଦନ କରିବେ ଯାହା ରାଷ୍ଟ୍ରପତି, ସଂସଦଦ୍ୱାରା ପ୍ରଣୀତ କୌଣସି ଆଇନର ବ୍ୟବସ୍ଥା ଭିତରେ ରହି, ନିୟମଦ୍ୱାରା ଧାର୍ଯ୍ୟ କରିବେ ।

(6) ରାଷ୍ଟ୍ରପତି ଏହି ସବୁ ବିବରଣୀ ସଂସଦର ପ୍ରତିଟି ସଦନ ସମ୍ମୁଖରେ ଉପସ୍ଥାପନ କରିବେ ଏବଂ ଏହା ସହିତ କେନ୍ଦ୍ରଦ୍ୱାରା କରାଯାଇଥିବା ସୁପାରିଶ ଉପରେ ନିଆଯାଇଥିବା ବା ନିଆଯିବାକୁ ଥିବା କାର୍ଯ୍ୟାନୁଷ୍ଠାନ ତଥା ଯଦି ଏପରି କୌଣସି ସୁପାରିଶ ଅସ୍ୱୀକାର କରାଯାଇଥାଏ, ତେବେ ଏପରି ଅସ୍ୱୀକାରର କାରଣକୁ ସ୍ପଷ୍ଟ କରୁଥିବା ଏକ ଜ୍ଞାପନପତ୍ର ଜାରି କରିବେ ।

(7) ଯେଉଁଠାରେ ଏହିପରି କୌଣସି ବିବରଣୀ କିମ୍ବା ତାହାର କୌଣସି ଅଂଶ, ରାଜ୍ୟ ସରକାରଙ୍କ ସହିତ ସମ୍ବନ୍ଧିତ କୌଣସି ବିଷୟ ସହିତ ସମ୍ବନ୍ଧିତ, ସେହି ବିବରଣୀର ଏକ ନକଲ ରାଜ୍ୟର ରାଜ୍ୟପାଳଙ୍କୁ ପ୍ରଦାନ କରାଯିବ, ଯାହାକୁ ସେ ରାଜ୍ୟର ବିଧାନମଣ୍ଡଳ ସମ୍ମୁଖରେ ଉପସ୍ଥାପନ କରିବେ ଏବଂ ଏହା ସହିତ ରାଜ୍ୟଦ୍ୱାରା କରାଯାଇଥିବା ବା କରାଯିବାକୁ ଥିବା ସୁପାରିଶ ଉପରେ କାର୍ଯ୍ୟାନୁଷ୍ଠାନ ତଥା ଯଦି ଏପରି କୌଣସି ସୁପାରିଶ ଅସ୍ୱୀକାର କରାଯାଇଥାଏ ତେବେ ଏପରି ଅସ୍ୱୀକାରର କାରଣକୁ ସ୍ପଷ୍ଟ କରୁଥିବା ଜ୍ଞାପନପତ୍ର ଜାରି କରିବେ ।

(8) ଖଣ୍ଡ (5)ର ଉପଖଣ୍ଡ (*a*)ରେ ଉଲ୍ଲେଖିତ କୌଣସି ବିଷୟର ତଦନ୍ତ କରିବା ବା ଉପଖଣ୍ଡ (*b*)ରେ ଉଲ୍ଲେଖିତ କୌଣସି ଅଭିଯୋଗର ତଦନ୍ତ କରିବା ସମୟରେ, ଆୟୋଗର ଏକ ଦେୱାନୀ ନ୍ୟାୟାଳୟର ମକଦ୍ଦମା ବିଚାର କରିବାର ସମସ୍ତ କ୍ଷମତା ରହିବ ଏବଂ ବିଶେଷତଃ ନିମ୍ନଲିଖିତ ବିଷୟ ସମ୍ବନ୍ଧରେ, ଯଥା:—

(*a*) ଭାରତର ଯେକୌଣସି ଅଂଶରୁ କୌଣସି ବ୍ୟକ୍ତିଙ୍କୁ ଡକାଇ ତାଙ୍କ ଉପସ୍ଥିତି ବାଧ୍ୟତାମୂଳକ କରିବା ଏବଂ ତାଙ୍କୁ ଶପଥରେ ପରୀକ୍ଷା କରିବା;

(*b*) କୌଣସି ଦସ୍ତାବିଜର ଆବିଷ୍କାର ଏବଂ ପ୍ରସ୍ତୁତିକରଣ କରିବା;

(*c*) ଶପଥପତ୍ର ଉପରେ ସାକ୍ଷ୍ୟ ଗ୍ରହଣ କରିବା;

(*d*) କୌଣସି ନ୍ୟାୟାଳୟ ବା କାର୍ଯ୍ୟାଳୟରୁ କୌଣସି ସରକାରୀ ବିବରଣୀ ବା ତାହାର ନକଲ ଆବଶ୍ୟକ କରିବା;

(*e*) ସାକ୍ଷୀ ଏବଂ ଡକୁମେଣ୍ଟଗୁଡ଼ିକର ପରୀକ୍ଷା ପାଇଁ ଆୟୋଗ ଜାରି କରିବା;

(*f*) ଏମିତି କିଛି ଅନ୍ୟ ବିଷୟ ଯାହା ରାଷ୍ଟ୍ରପତି ନିୟମଦ୍ୱାରା ନିର୍ଦ୍ଧାରିତ କରିବେ ।

(9) କେନ୍ଦ୍ର ଏବଂ ପ୍ରତ୍ୟେକ ରାଜ୍ୟ ସରକାର ଅନୁସୂଚିତ ଜାତିକୁ[1]*** ପ୍ରଭାବିତ କରୁଥିବା ସମସ୍ତ ପ୍ରମୁଖ ନୀତି ବିଷୟରେ ଆୟୋଗ ସହିତ ପରାମର୍ଶ କରିବେ ।

[2][(10)] ଏହି ଅନୁଚ୍ଛେଦରେ, ଅନୁସୂଚିତ ଜାତିର[1]***ସମ୍ବନ୍ଧୀୟ ଉଲ୍ଲେଖକୁ[3]*** ଆଙ୍ଗ୍ଲୋ-ଭାରତୀୟ ସମ୍ପ୍ରଦାୟର ପ୍ରସଙ୍ଗ ଅନ୍ତର୍ଭୁକ୍ତ କରାଯାଇ ବ୍ୟାଖ୍ୟା କରାଯିବ ।

[4]**[338A. ଅନୁସୂଚିତ ଜନଜାତି ପାଇଁ ଜାତୀୟ ଆୟୋଗ**— (1) ଅନୁସୂଚିତ ଜନଜାତି ପାଇଁ ଏକ ଆୟୋଗ ରହିବ, ଯାହା ଅନୁସୂଚିତ ଜନଜାତିର ଜାତୀୟ ଆୟୋଗଭାବେ ଜ୍ଞାତ ହେବ ।

---

[1] ସମ୍ବିଧାନ (89ତମ ସଂଶୋଧନ) ଅଧିନିୟମ, 2003, ଧାରା 2ଦ୍ୱାରା "ଏବଂ ଅନୁସୂଚିତ ଜନଜାତି" ଶବ୍ଦଗୁଡ଼ିକ ବାଦ୍ ଦିଆଯାଇଛି (19-2-2004 ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (65ତମ ସଂଶୋଧନ) ଅଧିନିୟମ, 1990, ଧାରା 2ଦ୍ୱାରା ଖଣ୍ଡ (3)କୁ ଖଣ୍ଡ (10)ଭାବେ ପୁନଃ ସଂଖ୍ୟାଙ୍କିତ କରାଯାଇଛି (12-3-1992ଠାରୁ କାର୍ଯ୍ୟକାରୀ)।

[3] ସମ୍ବିଧାନ (102ତମ ସଂଶୋଧନ) ଅଧିନିୟମ, 2018, ଧାରା 2ଦ୍ୱାରା "ଅନ୍ୟ ପଛୁଆ ଶ୍ରେଣୀଗୁଡ଼ିକ ପାଇଁ ଯାହା ରାଷ୍ଟ୍ରପତି ଅନୁଚ୍ଛେଦ 340ର ଖଣ୍ଡ (1) ଅନୁଯାୟୀ ନିଯୁକ୍ତ ଆୟୋଗର ବିବରଣୀ ପାଇବା ପରେ ଆଦେଶଦ୍ୱାରା ନିର୍ଦ୍ଦିଷ୍ଟ କରିପାରନ୍ତି ଏବଂ ପୁଣି" ଶବ୍ଦ, ବନ୍ଧନୀ ଏବଂ ସଂଖ୍ୟାଗୁଡ଼ିକ ବାଦ୍ ଦିଆଯାଇଛି (15-8-2018 ଠାରୁ କାର୍ଯ୍ୟକାରୀ)।

[4] ସମ୍ବିଧାନ (89ତମ ସଂଶୋଧନ) ଅଧିନିୟମ, 2003, ଧାରା 3ଦ୍ୱାରା ଅନୁଚ୍ଛେଦ 338A ସନ୍ନିବେଶିତ (19-2-2004 ଠାରୁ କାର୍ଯ୍ୟକାରୀ)।

(2) ସଂସଦଦ୍ଵାରା ଏହି ସମ୍ବନ୍ଧରେ ପ୍ରଣୀତ କୌଣସି ଆଇନର ବ୍ୟବସ୍ଥା ଅଧୀନରେ, ଆୟୋଗରେ ଜଣେ ଅଧ୍ୟକ୍ଷ, ଜଣେ ଉପାଧ୍ୟକ୍ଷ ଏବଂ ତିନି ଜଣ ଅନ୍ୟ ସଦସ୍ୟ ରହିବେ ଏବଂ ଏହିପରି ନିଯୁକ୍ତ ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ ଅନ୍ୟ ସଦସ୍ୟମାନଙ୍କର ସେବା ସର୍ତ୍ତାବଳୀ ଏବଂ କାର୍ଯ୍ୟକାଳର ଅବଧି ଏପରି ହେବ, ଯାହା ରାଷ୍ଟ୍ରପତି ନିୟମଦ୍ଵାରା ନିର୍ଦ୍ଧାରିତ କରିବେ ।

(3) ଆୟୋଗର ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ ଅନ୍ୟ ସଦସ୍ୟ ରାଷ୍ଟ୍ରପତିଙ୍କଦ୍ଵାରା ତାଙ୍କ ହସ୍ତାକ୍ଷର ଏବଂ ମୋହର ସମ୍ବଳିତ ଅଧିପତ୍ରଦ୍ଵାରା ନିଯୁକ୍ତ ହେବେ ।

(4) ନିଜ ପଦ୍ଧତିକୁ ନିୟନ୍ତ୍ରଣ କରିବା ନିମନ୍ତେ ଆୟୋଗର କ୍ଷମତା ରହିବ ।

(5) ଆୟୋଗର କର୍ତ୍ତବ୍ୟ ହେବ ଯେ—

(*a*) ଏହି ସମ୍ବିଧାନ ବା ସେହି ସମୟରେ ବଳବତ୍ତର କୌଣସି ଅନ୍ୟ ଆଇନ ବା ସରକାରୀ ଆଦେଶ ଅନୁଯାୟୀ ଅନୁସୂଚିତ ଜନଜାତି ପାଇଁ ପ୍ରଦତ୍ତ ସମସ୍ତ ନିରାପତ୍ତା ସମ୍ବନ୍ଧୀୟ ବିଷୟଗୁଡ଼ିକର ତଦନ୍ତ ଏବଂ ନିରୀକ୍ଷଣ କରିବା ଏବଂ ଏହିପରି ନିରାପତ୍ତାଗୁଡ଼ିକର କାର୍ଯ୍ୟକାରିତା ମୂଲ୍ୟାଙ୍କନ କରିବା;

(*b*) ଅନୁସୂଚିତ ଜନଜାତିଙ୍କୁ ସେମାନଙ୍କର ଅଧିକାର ଏବଂ ନିରାପତ୍ତାରୁ ବଞ୍ଚିତ କରିବା ନିମନ୍ତେ ନିର୍ଦ୍ଦିଷ୍ଟ ଅଭିଯୋଗର ଯାଞ୍ଚ କରିବା;

(*c*) ଅନୁସୂଚିତ ଜନଜାତିର ସାମାଜିକ-ଆର୍ଥିକ ବିକାଶର ଯୋଜନା ପ୍ରକ୍ରିୟାରେ ଅଂଶଗ୍ରହଣ ଏବଂ ପରାମର୍ଶ ଦେବା ଏବଂ କେନ୍ଦ୍ର ଓ ରାଜ୍ୟ ଅଧୀନରେ ସେମାନଙ୍କର ବିକାଶର ପ୍ରଗତି ମୂଲ୍ୟାଙ୍କନ କରିବା;

(*d*) ଆୟୋଗ ପ୍ରତିବର୍ଷ କିମ୍ବା ଯଦି ଉପଯୁକ୍ତ ମନେ କରନ୍ତି ଅନ୍ୟ ସମୟରେ ନିରାପତ୍ତାଗୁଡ଼ିକର କାର୍ଯ୍ୟକାରିତା ସମ୍ବନ୍ଧୀୟ ବିବରଣୀ ରାଷ୍ଟ୍ରପତିଙ୍କ ନିକଟରେ ଉପସ୍ଥାପନ କରିବେ;

(*e*) ଏହିପରି ବିବରଣୀରେ ସେହି ସୁରକ୍ଷାର ପ୍ରଭାବଶାଳୀ କାର୍ଯ୍ୟକାରୀତା ଏବଂ ଅନୁସୂଚିତ ଜନଜାତିର ସୁରକ୍ଷା, କଲ୍ୟାଣ ଏବଂ ସାମାଜିକ ଅର୍ଥନୈତିକ ଉନ୍ନୟନ ନିମନ୍ତେ ନିରାପତ୍ତା ଓ ଅନ୍ୟ ପଦକ୍ଷେପର କାର୍ଯ୍ୟ କରିବା ପାଇଁ, କେନ୍ଦ୍ର କିମ୍ବା କୌଣସି ରାଜ୍ୟଦ୍ଵାରା କାର୍ଯ୍ୟକାରୀ କରାଯିବା ଦରକାର ସେ ବିଷୟରେ ନିଆଯାଇଥିବା ପଦକ୍ଷେପ ସମ୍ବନ୍ଧରେ ସୁପାରିଶ, ଏପରି ବିବରଣୀରେ ପ୍ରଦାନ କରିବେ; ଏବଂ

(*f*) ଅନୁସୂଚିତ ଜନଜାତିର ସୁରକ୍ଷା, କଲ୍ୟାଣ, ଉନ୍ନତି ଓ ଅଗ୍ରଗତି ସମ୍ବନ୍ଧରେ ଏପରି ଅନ୍ୟ କାର୍ଯ୍ୟ ସମ୍ପାଦନ କରିପାରିବେ ଯେପରି ରାଷ୍ଟ୍ରପତି, ସଂସଦଦ୍ଵାରା ପ୍ରଣୀତ କୌଣସି ଆଇନ ଅନୁଯାୟୀ, ନିୟମଦ୍ଵାରା ନିର୍ଦ୍ଦିଷ୍ଟ କରିବେ ।

(6) ରାଷ୍ଟ୍ରପତି ଏହି ସବୁ ବିବରଣୀ ସଂସଦର ପ୍ରତିଟି ସଦନ ସମ୍ମୁଖରେ ଉପସ୍ଥାପନ କରାଇବେ ଏବଂ ଏହା ସହିତ କେନ୍ଦ୍ରଦ୍ଵାରା କରାଯାଇଥିବା ସୁପାରିଶ ଉପରେ ନିଆଯାଇଥିବା ବା ନିଆଯିବାକୁ ଥିବା କାର୍ଯ୍ୟାନୁଷ୍ଠାନ ତଥା ଯଦି ଏପରି କୌଣସି ସୁପାରିଶ ଅସ୍ଵୀକାର କରାଯାଇଥାଏ, ତେବେ ଏପରି ଅସ୍ଵୀକାରର କାରଣକୁ ସ୍ପଷ୍ଟ କରୁଥିବା ଜ୍ଞାପନପତ୍ର ଜାରି କରିବେ ।

(7) ଯେଉଁଠାରେ ଏହିପରି କୌଣସି ବିବରଣୀ, ବା ତାହାର କୌଣସି ଅଂଶ, ରାଜ୍ୟ ସରକାରଙ୍କ ସହିତ ସମ୍ବନ୍ଧିତ କୌଣସି ବିଷୟ ସହିତ ସମ୍ବନ୍ଧିତ, ସେହି ବିବରଣୀର ଏକ ନକଲ ରାଜ୍ୟର ରାଜ୍ୟପାଳଙ୍କୁ ପ୍ରଦାନ କରାଯିବ, ଯାହାକୁ ସେ ରାଜ୍ୟର ବିଧାନମଣ୍ଡଳ ସମ୍ମୁଖରେ ଉପସ୍ଥାପନ କରିବେ ଏବଂ ଏହା ସହିତ ରାଜ୍ୟଦ୍ଵାରା କରାଯାଇଥିବା ବା କରାଯିବାକୁ ଥିବା ସୁପାରିଶ ଉପରେ କାର୍ଯ୍ୟାନୁଷ୍ଠାନ ତଥା ଯଦି ଏପରି କୌଣସି ସୁପାରିଶ ଅସ୍ଵୀକାର କରାଯାଇଥାଏ ତେବେ ଏପରି ଅସ୍ଵୀକାରର କାରଣକୁ ସ୍ପଷ୍ଟ କରୁଥିବା ଜ୍ଞାପନପତ୍ର ଜାରି କରିବେ ।

(8) ଖଣ୍ଡ (5)ର ଉପଖଣ୍ଡ (*a*)ରେ ଉଲ୍ଲେଖିତ କୌଣସି ବିଷୟର ତଦନ୍ତ କରିବା ବା ଉପଖଣ୍ଡ (*b*)ରେ ଉଲ୍ଲେଖିତ କୌଣସି ଅଭିଯୋଗର ତଦନ୍ତ କରିବା ସମୟରେ, ଆୟୋଗର ଏକ ଦେୱାନୀ ନ୍ୟାୟାଳୟର ମକଦ୍ଦମା ବିଚାର କରିବାର ସମସ୍ତ କ୍ଷମତା ରହିବ ଏବଂ ବିଶେଷତଃ ନିମ୍ନଲିଖିତ ବିଷୟଗୁଡ଼ିକ ସମ୍ବନ୍ଧରେ, ଯଥା:—

(*a*) ଭାରତର ଯେକୌଣସି ଭାଗରୁ କୌଣସି ବ୍ୟକ୍ତିଙ୍କୁ ଡକାଇ ତାଙ୍କ ଉପସ୍ଥିତି ବାଧ୍ୟତାମୂଳକ କରିବା ଏବଂ ତାଙ୍କୁ ଶପଥରେ ପରୀକ୍ଷା କରିବା;

(*b*) କୌଣସି ଦସ୍ତାବିଜର ଆବିଷ୍କାର ଏବଂ ପ୍ରସ୍ତୁତିକରଣ କରିବା;

(*c*) ଶପଥପତ୍ର ଉପରେ ସାକ୍ଷ୍ୟ ଗ୍ରହଣ କରିବା;

(*d*) କୌଣସି ନ୍ୟାୟାଳୟ ବା କାର୍ଯ୍ୟାଳୟରୁ କୌଣସି ସରକାରୀ ବିବରଣୀ ବା ତା'ର ନକଲ ଆବଶ୍ୟକ କରିବା;

(*e*) ସାକ୍ଷୀ ଏବଂ ଡକୁମେଣ୍ଟଗୁଡ଼ିକର ପରୀକ୍ଷା ପାଇଁ ଆୟୋଗ ଜାରି କରିବା;

(*f*) ଏମିତି କିଛି ଅନ୍ୟ ବିଷୟ ଯାହା ରାଷ୍ଟ୍ରପତି ନିୟମଦ୍ୱାରା ନିର୍ଦ୍ଧାରିତ କରିବେ ।

(9) କେନ୍ଦ୍ର ଏବଂ ପ୍ରତ୍ୟେକ ରାଜ୍ୟ ସରକାର ଅନୁସୂଚିତ ଜନଜାତିକୁ ପ୍ରଭାବିତ କରୁଥିବା ସମସ୍ତ ପ୍ରମୁଖ ନୀତି ବିଷୟରେ ଆୟୋଗ ସହିତ ପରାମର୍ଶ କରିବେ ।]

[1][**338B. ପଛୁଆ ବର୍ଗ ପାଇଁ ଜାତୀୟ ଆୟୋଗ**—(1) ସାମାଜିକ ଓ ଶିକ୍ଷାଗତଭାବେ ପଛୁଆ ବର୍ଗ ପାଇଁ ଏକ ଆୟୋଗ ରହିବ, ଯାହା ପଛୁଆ ବର୍ଗ ପାଇଁ ଜାତୀୟ ଆୟୋଗଭାବେ ଜଣାଯିବ।

(2) ସଂସଦଦ୍ୱାରା ଏହି ସମ୍ବନ୍ଧରେ ପ୍ରଣୀତ କୌଣସି ଆଇନର ବ୍ୟବସ୍ଥା ଅଧୀନରେ, ଆୟୋଗରେ ଜଣେ ଅଧ୍ୟକ୍ଷ, ଜଣେ ଉପାଧ୍ୟକ୍ଷ ଏବଂ ତିନି ଜଣ ଅନ୍ୟ ସଦସ୍ୟ ରହିବେ ଏବଂ ଏହିପରି ନିଯୁକ୍ତ ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ ଅନ୍ୟ ସଦସ୍ୟମାନଙ୍କର ସେବା ସର୍ତ୍ତାବଳୀ ଏବଂ କାର୍ଯ୍ୟକାଳର ଅବଧି ଏପରି ହେବ, ଯାହା ରାଷ୍ଟ୍ରପତି ନିୟମଦ୍ୱାରା ନିର୍ଦ୍ଧାରିତ କରିବେ ।

(3) ଆୟୋଗର ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ ଅନ୍ୟ ସଦସ୍ୟମାନେ ରାଷ୍ଟ୍ରପତିଙ୍କଦ୍ୱାରା ତାଙ୍କ ହସ୍ତାକ୍ଷର ଏବଂ ମୋହର ସମ୍ବଳିତ ଅଧିପତ୍ରଦ୍ୱାରା ନିଯୁକ୍ତ ହେବେ ।

(4) ନିଜ ପଦ୍ଧତିକୁ ନିୟନ୍ତ୍ରଣ କରିବା ନିମନ୍ତେ ଆୟୋଗର କ୍ଷମତା ରହିବ ।

(5) ଆୟୋଗର କର୍ତ୍ତବ୍ୟ ହେବ ଯେ—

(*a*) ଏହି ସମ୍ବିଧାନ ବା ସେହି ସମୟରେ ବଳବତ୍ତର କୌଣସି ଅନ୍ୟ ଆଇନ ବା ସରକାରୀ ଆଦେଶ ଅନୁଯାୟୀ ସାମାଜିକ ଓ ଶିକ୍ଷାଗତଭାବେ ପଛୁଆ ବର୍ଗ ପ୍ରଦତ୍ତ ସମସ୍ତ ନିରାପତ୍ତା ସମ୍ବନ୍ଧୀୟ ବିଷୟର ତଦନ୍ତ ଏବଂ ନିରୀକ୍ଷଣ କରିବା ଏବଂ ଏହିପରି ନିରାପତ୍ତାଗୁଡ଼ିକର କାର୍ଯ୍ୟକାରିତା ମୂଲ୍ୟାଙ୍କନ କରିବା;

(*b*) ସାମାଜିକ ଓ ଶିକ୍ଷାଗତଭାବେ ପଛୁଆ ବର୍ଗମାନଙ୍କୁ ସେମାନଙ୍କର ଅଧିକାର ଏବଂ ନିରାପତ୍ତାରୁ ବଞ୍ଚିତ କରିବା ନିମନ୍ତେ ନିର୍ଦ୍ଦିଷ୍ଟ ଅଭିଯୋଗର ଯାଞ୍ଚ କରିବା;

(*c*) ସାମାଜିକ ଓ ଶିକ୍ଷାଗତଭାବେ ପଛୁଆ ବର୍ଗର ସାମାଜିକ-ଆର୍ଥିକ ବିକାଶର ଯୋଜନା ପ୍ରକ୍ରିୟାରେ ଅଂଶଗ୍ରହଣ ଏବଂ ପରାମର୍ଶ ଦେବା ଏବଂ କେନ୍ଦ୍ର ଓ ରାଜ୍ୟ ଅଧୀନରେ ସେମାନଙ୍କର ବିକାଶର ପ୍ରଗତି ମୂଲ୍ୟାଙ୍କନ କରିବା;

---

[1] ସମ୍ବିଧାନ (102ତମ ସଂଶୋଧନ) ଅଧିନିୟମ, 2018, ଧାରା 3ଦ୍ୱାରା ଅନୁଚ୍ଛେଦ 338B ସନ୍ନିବେଶିତ (15-8-2018ଠାରୁ କାର୍ଯ୍ୟକାରୀ)।

(*d*) ଆୟୋଗ ପ୍ରତିବର୍ଷ କିମ୍ବା ଯଦି ଉପଯୁକ୍ତ ମନେ କରନ୍ତି ଅନ୍ୟ ସମୟରେ ନିରାପତ୍ତାଗୁଡ଼ିକର କାର୍ଯ୍ୟକାରିତା ସମ୍ବନ୍ଧୀୟ ବିବରଣୀ ରାଷ୍ଟ୍ରପତିଙ୍କ ନିକଟରେ ଉପସ୍ଥାପନ କରିବା;

(*e*) ଏହିପରି ବିବରଣୀଗୁଡ଼ିକରେ ସେହି ସୁରକ୍ଷାର ପ୍ରଭାବଶାଳୀ କାର୍ଯ୍ୟକାରିତା ଏବଂ ସାମାଜିକ ଓ ଶିକ୍ଷାଗତଭାବେ ପଛୁଆ ବର୍ଗର ସୁରକ୍ଷା, କଲ୍ୟାଣ ଏବଂ ସାମାଜିକ ଅର୍ଥନୈତିକ ଉନ୍ନୟନ ନିମନ୍ତେ ନିରାପତ୍ତା ଓ ଅନ୍ୟ ପଦକ୍ଷେପର କାର୍ଯ୍ୟ କରିବା ପାଇଁ, କେନ୍ଦ୍ର କିମ୍ବା କୌଣସି ରାଜ୍ୟଦ୍ୱାରା କାର୍ଯ୍ୟକାରୀ କରାଯିବା ଦରକାର ସେ ବିଷୟରେ ନିଆଯାଇଥିବା ପଦକ୍ଷେପ ସମ୍ବନ୍ଧରେ ସୁପାରିଶ, ଏପରି ବିବରଣୀରେ ପ୍ରଦାନ କରିବେ; ଏବଂ

(*f*) ସାମାଜିକ ଓ ଶିକ୍ଷାଗତଭାବେ ପଛୁଆ ବର୍ଗ ର ସୁରକ୍ଷା, କଲ୍ୟାଣ, ଉନ୍ନତି ଓ ଅଗ୍ରଗତି ସମ୍ବନ୍ଧରେ ଏପରି ଅନ୍ୟ କାର୍ଯ୍ୟ ସମ୍ପାଦନ କରିପାରିବେ ଯେପରି ରାଷ୍ଟ୍ରପତି, ସଂସଦଦ୍ୱାରା ପ୍ରଣୀତ କୌଣସି ଆଇନ ଅନୁଯାୟୀ, ନିୟମଦ୍ୱାରା ନିର୍ଦ୍ଦିଷ୍ଟ କରିବେ ।

(6) ରାଷ୍ଟ୍ରପତି ଏହି ସବୁ ବିବରଣୀ ସଂସଦର ପ୍ରତିଟି ସଦନ ସମ୍ମୁଖରେ ଉପସ୍ଥାପନ କରାଇବେ ଏବଂ ଏହା ସହିତ କେନ୍ଦ୍ରଦ୍ୱାରା କରାଯାଇଥିବା ସୁପାରିଶ ଉପରେ ନିଆଯାଇଥିବା ବା ନିଆଯିବାକୁ ଥିବା କାର୍ଯ୍ୟାନୁଷ୍ଠାନ ତଥା ଯଦି ଏପରି କୌଣସି ସୁପାରିଶ ଅସ୍ୱୀକାର କରାଯାଇଥାଏ, ତେବେ ଏପରି ଅସ୍ୱୀକାରର କାରଣକୁ ସ୍ପଷ୍ଟ କରୁଥିବା ଜ୍ଞାପନପତ୍ର ଜାରି କରିବେ ।

(7) ଯେଉଁଠାରେ ଏହିପରି କୌଣସି ବିବରଣୀ ଅଥବା ତାହାର କୌଣସି ଅଂଶ, ରାଜ୍ୟ ସରକାରଙ୍କ ସହିତ ସମ୍ବନ୍ଧିତ କୌଣସି ବିଷୟ ସହିତ ସମ୍ବନ୍ଧିତ, ସେହି ବିବରଣୀର ଏକ ନକଲ ରାଜ୍ୟର ରାଜ୍ୟପାଳଙ୍କୁ ପ୍ରଦାନ କରାଯିବ, ଯାହାକୁ ସେ ରାଜ୍ୟର ବିଧାନମଣ୍ଡଳ ସମ୍ମୁଖରେ ଉପସ୍ଥାପନ କରିବେ ଏବଂ ଏହା ସହିତ ରାଜ୍ୟଦ୍ୱାରା କରାଯାଇଥିବା ବା କରାଯିବାକୁ ଥିବା ସୁପାରିଶ ଉପରେ କାର୍ଯ୍ୟାନୁଷ୍ଠାନ ତଥା ଯଦି ଏପରି କୌଣସି ସୁପାରିଶ ଅସ୍ୱୀକାର କରାଯାଇଥାଏ ତେବେ ଏପରି ଅସ୍ୱୀକାରର କାରଣକୁ ସ୍ପଷ୍ଟ କରୁଥିବା ଜ୍ଞାପନପତ୍ର ଜାରି କରିବେ ।

(8) ଖଣ୍ଡ (5)ର ଉପଖଣ୍ଡ (*a*)ରେ ଉଲ୍ଲେଖିତ କୌଣସି ବିଷୟର ତଦନ୍ତ କରିବା ବା ଉପଖଣ୍ଡ (*b*)ରେ ଉଲ୍ଲେଖିତ କୌଣସି ଅଭିଯୋଗର ତଦନ୍ତ କରିବା ସମୟରେ, ଆୟୋଗର ଏକ ଦେୱାନୀ ନ୍ୟାୟାଳୟର ମକଦ୍ଦମା ବିଚାର କରିବାର ସମସ୍ତ କ୍ଷମତା ରହିବ ଏବଂ ବିଶେଷତଃ ନିମ୍ନଲିଖିତ ବିଷୟଗୁଡ଼ିକ ସମ୍ବନ୍ଧରେ, ଯଥା:—

(*a*) ଭାରତର ଯେକୌଣସି ଭାଗରୁ କୌଣସି ବ୍ୟକ୍ତିଙ୍କୁ ଡକାଇ ତାଙ୍କ ଉପସ୍ଥିତି ବାଧ୍ୟତାମୂଳକ କରିବା ଏବଂ ତାଙ୍କୁ ଶପଥରେ ପରୀକ୍ଷା କରିବା;

(*b*) କୌଣସି ଡକୁମେଣ୍ଟର ଆବିଷ୍କାର ଏବଂ ପ୍ରସ୍ତୁତିକରଣ କରିବା;

(*c*) ଶପଥପତ୍ର ଉପରେ ସାକ୍ଷ୍ୟ ଗ୍ରହଣ କରିବା;

(*d*) କୌଣସି ନ୍ୟାୟାଳୟ ବା କାର୍ଯ୍ୟାଳୟରୁ କୌଣସି ସରକାରୀ ବିବରଣୀ ବା ତାହାର ନକଲ ଆବଶ୍ୟକ କରିବା;

(*e*) ସାକ୍ଷୀ ଏବଂ ଡକୁମେଣ୍ଟର ପରୀକ୍ଷା ପାଇଁ ଆୟୋଗ ଜାରି କରିବା;

(*f*) ଏମିତି କିଛି ଅନ୍ୟ ବିଷୟ ଯାହା ରାଷ୍ଟ୍ରପତି ନିୟମଦ୍ୱାରା ନିର୍ଦ୍ଧାରିତ କରିବେ ।

(9) କେନ୍ଦ୍ର ଏବଂ ପ୍ରତ୍ୟେକ ରାଜ୍ୟ ସରକାର ସାମାଜିକ ଓ ଶିକ୍ଷାଗତଭାବେ ପଛୁଆ ବର୍ଗକୁ ପ୍ରଭାବିତ କରୁଥିବା ସମସ୍ତ' ପ୍ରମୁଖ ନୀତି ବିଷୟରେ ଆୟୋଗ ସହିତ ପରାମର୍ଶ କରିବେ:]

[1][କିନ୍ତୁ, ଏହି ଖଣ୍ଡରେ ଥିବା କୌଣସି ବିଷୟ, ଅନୁଚ୍ଛେଦ 342Aର ଖଣ୍ଡ(3)ରେ ଏହି ଉଦ୍ଦେଶ୍ୟ ପାଇଁ ପ୍ରୟୋଗ ହେବ ନାହିଁ ।]

**339. ଅନୁସୂଚିତ ଅଞ୍ଚଳର ପ୍ରଶାସନ ଏବଂ ଅନୁସୂଚିତ ଜନଜାତିର କଲ୍ୟାଣ ଉପରେ କେନ୍ଦ୍ରର ନିୟନ୍ତ୍ରଣ—** (1) ରାଷ୍ଟ୍ରପତି ଯେକୌଣସି ସମୟରେ ଏବଂ ଏହି ସମ୍ବିଧାନ ପ୍ରାରମ୍ଭରୁ ଦଶ ବର୍ଷ ସମାପ୍ତ ହେବା ପରେ ଆଦେଶଦ୍ୱାରା ରାଜ୍ୟମାନଙ୍କରେ[2]*** ଅନୁସୂଚିତ ଅଞ୍ଚଳର ପ୍ରଶାସନ ଏବଂ ଅନୁସୂଚିତ ଜନଜାତିର କଲ୍ୟାଣ ସମ୍ବନ୍ଧରେ ବିବରଣୀ ଦେବା ନିମନ୍ତେ ଏକ ଆୟୋଗ ନିଯୁକ୍ତ କରିବେ।

ଏହି ଆଦେଶରେ ଆୟୋଗର ଗଠନ, କ୍ଷମତା ଏବଂ ପଦ୍ଧତି ନିର୍ଦ୍ଧାରିତ କରାଯିବ ଏବଂ ରାଷ୍ଟ୍ରପତି ଆବଶ୍ୟକ ବା ଉପଯୁକ୍ତ ମନେ କରୁଥିବା ଏହିପରି ଆନୁଷଙ୍ଗିକ କିମ୍ବା ସହାୟକ ବ୍ୟବସ୍ଥା ଅନ୍ତର୍ଭୁକ୍ତ ହେବ ।

(2) କେନ୍ଦ୍ରର କାର୍ଯ୍ୟପାଳିକା କ୍ଷମତା [3][ଏକ ରାଜ୍ୟ]କୁ ସେହି ରାଜ୍ୟରେ ଅନୁସୂଚିତ ଜନଜାତିର କଲ୍ୟାଣ ପାଇଁ ଆଦେଶରେ ନିର୍ଦ୍ଦିଷ୍ଟ ଯୋଜନାର ପ୍ରସ୍ତୁତି ଏବଂ କାର୍ଯ୍ୟକାରିତା ସମ୍ବନ୍ଧରେ ନିର୍ଦ୍ଦେଶ ପ୍ରଦାନ କରିବା ପର୍ଯ୍ୟନ୍ତ ସମ୍ପ୍ରସାରିତ ହେବ ।

**340. ପଛୁଆ ବର୍ଗର ସ୍ଥିତିର ଅନୁସନ୍ଧାନ କରିବା ପାଇଁ ଏକ ଆୟୋଗର ନିଯୁକ୍ତି—** (1) ରାଷ୍ଟ୍ରପତି ଆଦେଶଦ୍ୱାରା ତାଙ୍କୁ ଉପଯୁକ୍ତ ମନେ ହେଉଥିବା ଏହିପରି ବ୍ୟକ୍ତିମାନଙ୍କୁ ନେଇ ଏକ ଆୟୋଗ ନିଯୁକ୍ତ କରିପାରିବେ, ଯେଉଁମାନେ ଭାରତ ଅଞ୍ଚଳ ମଧ୍ୟରେ ସାମାଜିକ ଓ ଶିକ୍ଷାଗତଭାବେ ପଛୁଆ ବର୍ଗର ସ୍ଥିତି ଏବଂ ସେମାନେ ଯେଉଁ ଅସୁବିଧାରେ କାର୍ଯ୍ୟ କରୁଛନ୍ତି ତାହାର ତଦନ୍ତ କରିବେ ଏବଂ ଏହିପରି ଅସୁବିଧା ଦୂର କରିବା ଏବଂ ସେମାନଙ୍କ ଅବସ୍ଥାର ଉନ୍ନତିକରଣ ପାଇଁ କେନ୍ଦ୍ର ବା କୌଣସି ରାଜ୍ୟଦ୍ୱାରା ଗ୍ରହଣ କରାଯିବାକୁ ଥିବା ଉଚିତ ପଦକ୍ଷେପ ଏବଂ ଏହି ଉଦ୍ଦେଶ୍ୟରେ କେନ୍ଦ୍ର ବା କୌଣସି ରାଜ୍ୟଦ୍ୱାରା ପ୍ରଦାନ କରାଯିବାକୁ ଥିବା ଉଚିତ ଅନୁଦାନ ଏବଂ ଏହିପରି ଅନୁଦାନ ପ୍ରଦାନ ସମ୍ବନ୍ଧୀୟ ସର୍ତ୍ତଗୁଡ଼ିକ ସମ୍ବନ୍ଧରେ ସୁପାରିଶ କରିବେ ଏବଂ ଏହିପରି ଆୟୋଗ ନିଯୁକ୍ତ କରୁଥିବା ଆଦେଶ, ଆୟୋଗଦ୍ୱାରା ଅନୁସରଣୀୟ ପଦ୍ଧତିକୁ ନିର୍ଦ୍ଧାରଣ କରିବ ।

(2) ଏପରି ନିଯୁକ୍ତ ଏକ ଆୟୋଗ ତାଙ୍କୁ ପ୍ରଦାନ କରାଯାଇଥିବା ବିଷୟଗୁଡ଼ିକର ତଦନ୍ତ କରିବ ଏବଂ ରାଷ୍ଟ୍ରପତିଙ୍କୁ ଏକ ବିବରଣୀ ପ୍ରସ୍ତୁତ କରି ଦାଖଲ କରିବ, ଯେଉଁଥିରେ ସେମାନେ ପାଇଥିବା ତଥ୍ୟଗୁଡ଼ିକ ଉଲ୍ଲେଖ ଥିବ ଏବଂ ସେମାନେ ଉଚିତ ମନେ କରୁଥିବା ସୁପାରିଶଗୁଡ଼ିକ ପ୍ରଦାନ କରିବେ ।

(3) ରାଷ୍ଟ୍ରପତି ଏହିପରି ଦିଆଯାଇଥିବା ବିବରଣୀର ଏକ ନକଲ ଏବଂ ତାହା ଉପରେ ଗ୍ରହଣ କରାଯାଇଥିବା କାର୍ଯ୍ୟକୁ ବ୍ୟାଖ୍ୟା କରୁଥିବା ଏକ ଜ୍ଞାପନପତ୍ର ସହିତ ସଂସଦର ପ୍ରତ୍ୟେକ ସଦନରେ ଉପସ୍ଥାପନ କରାଇବେ ।

**341. ଅନୁସୂଚିତ ଜାତି—** (1) ରାଷ୍ଟ୍ରପତି [4][କୌଣସି ରାଜ୍ୟ [5][ବା କେନ୍ଦ୍ରଶାସିତ ଅଞ୍ଚଳ] ସମ୍ବନ୍ଧରେ ଏବଂ ଯେଉଁଠାରେ ଏହା ଏକ ରାଜ୍ୟ[2]***,

---

[1] ସମ୍ବିଧାନ (105ତମ ସଂଶୋଧନ) ଅଧିନିୟମ, 2021, ଧାରା 2ଦ୍ୱାରା ସନ୍ନିବେଶିତ (15-9-2021ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା "ପ୍ରଥମ ଅନୁସୂଚୀର ଭାଗ A କିମ୍ବା ଭାଗ B ରେ ନିର୍ଦ୍ଦିଷ୍ଟ" ଶବ୍ଦ ଏବଂ ଅକ୍ଷରଗୁଡ଼ିକ ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ)।

[3] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା "ଏପରି କୌଣସି ରାଜ୍ୟ" ପାଇଁ ପ୍ରତିସ୍ଥାପିତ (1-11-1956 ଠାରୁ କାର୍ଯ୍ୟକାରୀ)।

[4] ସମ୍ବିଧାନ (ପ୍ରଥମ ସଂଶୋଧନ) ଅଧିନିୟମ, 1951, ଧାରା 10ଦ୍ୱାରା "କୌଣସି ରାଜ୍ୟର ରାଜ୍ୟପାଳ କିମ୍ବା ରାଜପ୍ରମୁଖଙ୍କ ସହ ପରାମର୍ଶ ପରେ କରିପାରିବେ" ପାଇଁ ପ୍ରତିସ୍ଥାପିତ (18-6-1951 ଠାରୁ କାର୍ଯ୍ୟକାରୀ)।

[5] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀ ଦ୍ୱାରା ସନ୍ନିବେଶିତ (1-11-1956 ଠାରୁ କାର୍ଯ୍ୟକାରୀ)।

[ସେହି ରାଜ୍ୟର ରାଜ୍ୟପାଳଙ୍କ[1]*** ସହିତ ପରାମର୍ଶ କରି]], ସରକାରୀ ବିଜ୍ଞପ୍ତି [2]ଜରିଆରେ, ଜାତି, ବଂଶ ବା ଜନଜାତି କିମ୍ବା ଜାତି, ବଂଶ ବା ଜନଜାତିର ଅଂଶ ବା ଗୋଷ୍ଠୀକୁ ନିର୍ଦ୍ଦିଷ୍ଟ କରିପାରିବେ, ଯାହା ଏହି ସମ୍ବିଧାନର ଉଦ୍ଦେଶ୍ୟ ପାଇଁ [3][ଯଥାସ୍ଥିତି], ସେହି ରାଜ୍ୟ [3][କିମ୍ବା କେନ୍ଦ୍ରଶାସିତ ଅଞ୍ଚଳ] ସମ୍ବନ୍ଧରେ ଅନୁସୂଚିତ ଜାତି ବୋଲି ଧରି ନିଆଯିବ ।]

(2) ସଂସଦ ଆଇନଦ୍ୱାରା ଖଣ୍ଡ (1) ଅଧୀନରେ ଜାରି କରାଯାଇଥିବା ବିଜ୍ଞପ୍ତିରେ ନିର୍ଦ୍ଦିଷ୍ଟ ଅନୁସୂଚିତ ଜାତିର ତାଲିକାରେ କୌଣସି ଜାତି, ବଂଶ ବା ଜନଜାତି କିମ୍ବା କୌଣସି ଜାତି, ବଂଶ ବା ଜନଜାତି ମଧ୍ୟରେ ଥିବା ଅଂଶ କିମ୍ବା ଗୋଷ୍ଠୀକୁ ଅନ୍ତର୍ଭୁକ୍ତ କରିପାରିବେ ବା ବାଦ୍ ଦେଇପାରିବେ କିନ୍ତୁ ଉପରୋକ୍ତ ବ୍ୟବସ୍ଥା ବ୍ୟତୀତ ଉକ୍ତ ଅନୁଚ୍ଛେଦ ଅଧୀନରେ ଜାରି କରାଯାଇଥିବା ବିଜ୍ଞପ୍ତି କୌଣସି ପରବର୍ତ୍ତୀ ବିଜ୍ଞପ୍ତିଦ୍ୱାରା ପରିବର୍ତ୍ତନ କରାଯିବ ନାହିଁ ।

**342. ଅନୁସୂଚିତ ଜନଜାତି**— (1) ରାଷ୍ଟ୍ରପତି [4][କୌଣସି ରାଜ୍ୟ [3][କିମ୍ବା କେନ୍ଦ୍ରଶାସିତ ଅଞ୍ଚଳ] ସମ୍ପର୍କରେ, ଏବଂ ଯେଉଁଠାରେ ଏହା ଏକ ରାଜ୍ୟ[5]***, ସେହି ରାଜ୍ୟର ରାଜ୍ୟପାଳଙ୍କ[1]*** ସହ ପରାମର୍ଶ କରି], ସରକାରୀ ବିଜ୍ଞପ୍ତି ଜରିଆରେ[6], ଜନଜାତି କିମ୍ବା ଜନଜାତି ସମ୍ପ୍ରଦାୟ କିମ୍ବା ଜନଜାତି କିମ୍ବା ଜନଜାତି ସମ୍ପ୍ରଦାୟର ଅଂଶ କିମ୍ବା ଗୋଷ୍ଠୀକୁ ନିର୍ଦ୍ଦିଷ୍ଟ କରିପାରିବେ, ଯାହା ଏହି ସମ୍ବିଧାନର ଉଦ୍ଦେଶ୍ୟ ପାଇଁ [3][ଯଥାସ୍ଥିତି], ସେହି ରାଜ୍ୟ [3][କିମ୍ବା କେନ୍ଦ୍ରଶାସିତ ଅଞ୍ଚଳ,] ସହ ସମ୍ପର୍କିତ ବୋଲି ଧରି ନିଆଯିବ।

(2) ସଂସଦ ଆଇନଦ୍ୱାରା ଖଣ୍ଡ (1) ଅଧୀନରେ ଜାରି କରାଯାଇଥିବା ବିଜ୍ଞପ୍ତିରେ ନିର୍ଦ୍ଦିଷ୍ଟ ଅନୁସୂଚିତ ଜନଜାତିର ତାଲିକାରେ କୌଣସି ଜନଜାତି କିମ୍ବା ଜନଜାତି ସମ୍ପ୍ରଦାୟ କିମ୍ବା ଜନଜାତି କିମ୍ବା ଜନଜାତି ସମ୍ପ୍ରଦାୟର ଅଂଶ କିମ୍ବା ଗୋଷ୍ଠୀକୁ ଅନ୍ତର୍ଭୁକ୍ତ କରିପାରିବ କିମ୍ବା ବାଦ ଦେଇପାରିବ କିନ୍ତୁ ଉପରୋକ୍ତ ବ୍ୟବସ୍ଥା ବ୍ୟତୀତ ଉକ୍ତ ଅନୁଚ୍ଛେଦ ଅଧୀନରେ ଜାରି କରାଯାଇଥିବା ବିଜ୍ଞପ୍ତି କୌଣସି ପରବର୍ତ୍ତୀ ବିଜ୍ଞପ୍ତିଦ୍ୱାରା ପରିବର୍ତ୍ତନ କରାଯାଇପାରିବ ନାହିଁ ।

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀ ଦ୍ୱାରା "କିମ୍ବା ରାଜପ୍ରମୁଖ" ଶବ୍ଦଗୁଡ଼ିକ ବାଦ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (ଅନୁସୂଚିତ ଜାତି) ଆଦେଶ, 1950 (ସମ୍ବିଧାନ ଆଦେଶ 19), ସମ୍ବିଧାନ (ଅନୁସୂଚିତ ଜାତି) (କେନ୍ଦ୍ରଶାସିତ ଅଞ୍ଚଳ) ଆଦେଶ, 1951 (ସମ୍ବିଧାନ ଆଦେଶ 32), ସମ୍ବିଧାନ (ଜମ୍ମୁ ଓ କାଶ୍ମୀର) ଅନୁସୂଚିତ ଜାତି ଆଦେଶ, 1956 (ସମ୍ବିଧାନ ଆଦେଶ 52), ସମ୍ବିଧାନ (ଦାଦ୍ରା ଓ ନଗର ହବେଲୀ) (ଅନୁସୂଚିତ ଜାତି) ଆଦେଶ, 1962 (ସମ୍ବିଧାନ ଆଦେଶ 64), ସମ୍ବିଧାନ (ପଣ୍ଡିଚେରୀ) ଅନୁସୂଚିତ ଜାତି ଆଦେଶ, 1964 (ସମ୍ବିଧାନ ଆଦେଶ 68), ସମ୍ବିଧାନ (ଗୋଆ, ଡାମନ ଓ ଡିଉ) ଅନୁସୂଚିତ ଜାତି ଆଦେଶ, 1968 (ସମ୍ବିଧାନ ଆଦେଶ 81) ଏବଂ ସମ୍ବିଧାନ (ସିକିମ) ଅନୁସୂଚିତ ଜାତି ଆଦେଶ, 1978 (ସମ୍ବିଧାନ ଆଦେଶ 110) ଦେଖନ୍ତୁ।

[3] ସମ୍ବିଧାନ (70ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀ ଦ୍ୱାରା ସନ୍ନିବେଶିତ ।

[4] ସମ୍ବିଧାନ (ପ୍ରଥମ ସଂଶୋଧନ) ଅଧିନିୟମ, 1951, ଧାରା 10ଦ୍ୱାରା "ରାଜ୍ୟର ରାଜ୍ୟପାଳ କିମ୍ବା ରାଜପ୍ରମୁଖଙ୍କ ସହ ପରାମର୍ଶ ପରେ କରିପାରିବେ" ପାଇଁ ପ୍ରତିସ୍ଥାପିତ (18-6-1951 ଠାରୁ କାର୍ଯ୍ୟକାରୀ)।

[5] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀ ଦ୍ୱାରା ନିର୍ଦ୍ଦିଷ୍ଟ କେତେକ ଶବ୍ଦ ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ)।

[6] ସମ୍ବିଧାନ (ଅନୁସୂଚିତ ଜନଜାତି) ଆଦେଶ, 1950 (ସମ୍ବିଧାନ ଆଦେଶ 22), ସମ୍ବିଧାନ (ଅନୁସୂଚିତ ଜନଜାତି) (କେନ୍ଦ୍ରଶାସିତ ଅଞ୍ଚଳ) ଆଦେଶ, 1951 (ସମ୍ବିଧାନ ଆଦେଶ 33), ସମ୍ବିଧାନ (ଆଣ୍ଡାମାନ ଓ ନିକୋବାର ଦ୍ୱୀପପୁଞ୍ଜ) (ଅନୁସୂଚିତ ଜନଜାତି) ଆଦେଶ, 1959 (ସମ୍ବିଧାନ ଆଦେଶ 58), ସମ୍ବିଧାନ (ଦାଦ୍ରା ଓ ନଗର ହବେଲୀ) (ଅନୁସୂଚିତ ଜନଜାତି) ଆଦେଶ, 1962 (ସମ୍ବିଧାନ ଆଦେଶ 65), ସମ୍ବିଧାନ (ଅନୁସୂଚିତ ଜନଜାତି) (ଉତ୍ତର ପ୍ରଦେଶ) ଆଦେଶ, 1967 (ସମ୍ବିଧାନ ଆଦେଶ 78), ସମ୍ବିଧାନ (ଗୋଆ, ଡାମନ ଓ ଡିଉ) ଅନୁସୂଚିତ ଜନଜାତି ଆଦେଶ, 1968 (ସମ୍ବିଧାନ ଆଦେଶ 82), ସମ୍ବିଧାନ (ନାଗାଲାଣ୍ଡ) ଅନୁସୂଚିତ ଜନଜାତି ଆଦେଶ, 1970 (ସମ୍ବିଧାନ ଆଦେଶ 88), ସମ୍ବିଧାନ (ସିକିମ) ଅନୁସୂଚିତ ଜନଜାତି ଆଦେଶ, 1978 (ସମ୍ବିଧାନ ଆଦେଶ 111) ଦେଖନ୍ତୁ।

[1][**342A. ସାମାଜିକ ଓ ଶିକ୍ଷାଗତଭାବେ ପଛୁଆ ବର୍ଗ—** (1) ରାଷ୍ଟ୍ରପତି କୌଣସି ରାଜ୍ୟ ବା କେନ୍ଦ୍ରଶାସିତ ଅଞ୍ଚଳ ସମ୍ବନ୍ଧରେ, ଏବଂ ଯେଉଁଠାରେ ଏହା ଏକ ରାଜ୍ୟ, ସେହି ରାଜ୍ୟର ରାଜ୍ୟପାଳ ସହିତ ପରାମର୍ଶ ପରେ, ସରକାରୀ ବିଜ୍ଞପ୍ତି ଜରିଆରେ, [2][କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟ ପାଇଁ କେନ୍ଦ୍ର ତାଲିକାରେ ସାମାଜିକ ଓ ଶିକ୍ଷାଗତଭାବେ ପଛୁଆ ବର୍ଗକୁ ନିର୍ଦ୍ଦିଷ୍ଟ କରିପାରିବେ,] ଯାହାକୁ ଯଥାସ୍ଥିତି ସେହି ରାଜ୍ୟ ବା କେନ୍ଦ୍ରଶାସିତ ଅଞ୍ଚଳ ସମ୍ପର୍କିତ ସାମାଜିକ ଓ ଶିକ୍ଷାଗତଭାବେ ପଛୁଆ ବର୍ଗ ବୋଲି ଧରି ନିଆଯିବ ।

(2) ସଂସଦ ଆଇନଦ୍ୱାରା ଖଣ୍ଡ (1) ଅଧୀନରେ ଜାରି କରାଯାଇଥିବା ବିଜ୍ଞପ୍ତିରେ ନିର୍ଦ୍ଦିଷ୍ଟ ସାମାଜିକ ଓ ଶିକ୍ଷାଗତଭାବେ ପଛୁଆ ବର୍ଗର କେନ୍ଦ୍ର ତାଲିକାରେ କୌଣସି ସାମାଜିକ ଓ ଶିକ୍ଷାଗତଭାବେ ପଛୁଆ ବର୍ଗକୁ ଅନ୍ତର୍ଭୁକ୍ତ କରିପାରିବ କିମ୍ବା ବାଦ ଦେଇପାରିବ, କିନ୍ତୁ ଉପରୋକ୍ତ ବ୍ୟବସ୍ଥା ବ୍ୟତୀତ ଉକ୍ତ ଅନୁଚ୍ଛେଦ ଅଧୀନରେ ଜାରି କରାଯାଇଥିବା ବିଜ୍ଞପ୍ତି କୌଣସି ପରବର୍ତ୍ତୀ ବିଜ୍ଞପ୍ତିଦ୍ୱାରା ପରିବର୍ତ୍ତନ କରାଯାଇପାରିବ ନାହିଁ ।]

[3][*ସ୍ପଷ୍ଟୀକରଣ*— ଖଣ୍ଡ (1) ଏବଂ (2)ର ଉଦ୍ଦେଶ୍ୟ ପାଇଁ, "କେନ୍ଦ୍ର ତାଲିକା" ଶବ୍ଦାବଳୀ କେନ୍ଦ୍ର ସରକାରଙ୍କଦ୍ୱାରା ଏବଂ କେନ୍ଦ୍ର ସରକାର ପାଇଁ ପ୍ରସ୍ତୁତ ଓ ପରିଚାଳିତ ସାମାଜିକ ଓ ଶିକ୍ଷାଗତଭାବେ ପଛୁଆ ବର୍ଗର ତାଲିକାକୁ ବୁଝାଏ ।

(3) ଖଣ୍ଡ(1) ଏବଂ (2)ରେ ଯାହା କିଛି ବିଷୟ ଥିବା ସତ୍ତ୍ୱେ, ପ୍ରତ୍ୟେକ ରାଜ୍ୟ ବା କେନ୍ଦ୍ରଶାସିତ ଅଞ୍ଚଳ ନିଜ ଉଦ୍ଦେଶ୍ୟ ପାଇଁ, ଆଇନଦ୍ୱାରା, ସାମାଜିକ ଓ ଶିକ୍ଷାଗତଭାବେ ପଛୁଆ ବର୍ଗର ଏକ ତାଲିକା ପ୍ରସ୍ତୁତ ଏବଂ ରକ୍ଷଣାବେକ୍ଷଣ କରିବେ, ଯେଉଁଥିରେ ଥିବା ପ୍ରବିଷ୍ଟିଗୁଡ଼ିକ କେନ୍ଦ୍ର ତାଲିକାଠାରୁ ଭିନ୍ନ ହୋଇପାରେ ।]

---

[1] ସମ୍ବିଧାନ (102ତମ ସଂଶୋଧନ) ଅଧିନିୟମ, 2018, ଧାରା 4ଦ୍ୱାରା ଅନୁଚ୍ଛେଦ 342A ସନ୍ନିବେଶିତ (15-8-2018 ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (105ତମ ସଂଶୋଧନ) ଅଧିନିୟମ, 2021, ଧାରା 3ଦ୍ୱାରା ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ଶ୍ରେଣୀଗୁଡ଼ିକ ପାଇଁ ଯାହା ସମ୍ବିଧାନର ଉଦ୍ଦେଶ୍ୟ ପାଇଁ ପ୍ରତିସ୍ଥାପିତ (15-9-2021 ଠାରୁ କାର୍ଯ୍ୟକାରୀ)।

[3] ସମ୍ବିଧାନ (105ତମ ସଂଶୋଧନ) ଅଧିନିୟମ, 2021, ଧାରା 3ଦ୍ୱାରା ସନ୍ନିବେଶିତ (15-9-2021ଠାରୁ କାର୍ଯ୍ୟକାରୀ)।

# ଭାଗ 17

## ସରକାରୀ ଭାଷା

### ଅଧ୍ୟାୟ 1— କେନ୍ଦ୍ରର ଭାଷା

**343. କେନ୍ଦ୍ରର ସରକାରୀ ଭାଷା**— (1) କେନ୍ଦ୍ରର ସରକାରୀ ଭାଷା ଦେବନାଗରୀ ଲିପିରେ ହିନ୍ଦୀ ହେବ।

କେନ୍ଦ୍ରର ସରକାରୀ ଉଦ୍ଦେଶ୍ୟ ପାଇଁ ବ୍ୟବହୃତ ହେବାକୁ ଥିବା ସଂଖ୍ୟାର ରୂପ, ଭାରତୀୟ ସଂଖ୍ୟାର ଆନ୍ତର୍ଜାତୀୟ ରୂପ ହେବ ।

(2) ଖଣ୍ଡ (1)ରେ କୌଣସି ବିଷୟ ଥିବା ସତ୍ତ୍ୱେ, ଏହି ସମ୍ବିଧାନ ପ୍ରାରମ୍ଭରୁ ପନ୍ଦର ବର୍ଷ ପର୍ଯ୍ୟନ୍ତ, ଇଂରାଜୀ ଭାଷା କେନ୍ଦ୍ରର ସମସ୍ତ ସରକାରୀ କାର୍ଯ୍ୟ ପାଇଁ ବ୍ୟବହୃତ ହେବ, ଯେମିତି ଏହା ଏହି ପ୍ରାରମ୍ଭର ଠିକ ପୂର୍ବରୁ ବ୍ୟବହୃତ ହେଉଥିଲା ।

କିନ୍ତୁ, ଏହା ସହିତ ରାଷ୍ଟ୍ରପତି ଉକ୍ତ ଅବଧି ମଧ୍ୟରେ, ଆଦେଶ[1]ଦ୍ୱାରା ଇଂରାଜୀ ଭାଷା ସହିତ ହିନ୍ଦୀ ଭାଷା ଏବଂ ଭାରତୀୟ ସଂଖ୍ୟାର ଆନ୍ତର୍ଜାତୀୟ ରୂପ ସହିତ ଦେବନାଗରୀ ସଂଖ୍ୟା ରୂପକୁ କେନ୍ଦ୍ରର ଯେକୌଣସି ସରକାରୀ କାର୍ଯ୍ୟ ପାଇଁ ବ୍ୟବହାର କରିବାକୁ ଅଧିକାର ଦେଇପାରିବେ।

(3) ଏହି ଅନୁଚ୍ଛେଦରେ ଯାହା କିଛି ଥିବା ସତ୍ତ୍ୱେ ମଧ୍ୟ, 15 ବର୍ଷ ପରେ, ସଂସଦ ଏକ ଆଇନଦ୍ୱାରା ନିମ୍ନଲିଖିତ ବ୍ୟବହାର ପାଇଁ ବ୍ୟବସ୍ଥା କରିପାରିବେ—

(*a*) ଇଂରାଜୀ ଭାଷା; କିମ୍ବା

(*b*) ଦେବନାଗରୀ ଲିପିରେ ଭାରତୀୟ ସଂଖ୍ୟା,

ଏପରି ଉଦ୍ଦେଶ୍ୟଗୁଡିକ ପାଇଁ ଯାହା ଆଇନଦ୍ୱାରା ନିର୍ଦ୍ଦିଷ୍ଟ କରାଯାଇପାରିବ।

**344. ସରକାରୀ ଭାଷା ବିଷୟରେ ସଂସଦର ଆୟୋଗ ଓ ସମିତି**— (1) ଏହି ସମ୍ବିଧାନ ଆରମ୍ଭ ହେବାର ପାଞ୍ଚବର୍ଷ ପରେ ଏବଂ ତା'ପରେ ଏପରି ଆରମ୍ଭ ହେବାର ଦଶ ବର୍ଷ ସମାପ୍ତ ହେବା ପରେ, ରାଷ୍ଟ୍ରପତି ଆଦେଶଦ୍ୱାରା ଏକ ଆୟୋଗ ଗଠନ କରିବେ, ଯେଉଁଥିରେ ଜଣେ ଅଧ୍ୟକ୍ଷ ଏବଂ ଅଷ୍ଟମ ଅନୁସୂଚୀରେ ନିର୍ଦ୍ଦିଷ୍ଟ ଥିବା ବିଭିନ୍ନ ଭାଷାର ପ୍ରତିନିଧିତ୍ୱ କରୁଥିବା ଅନ୍ୟ ସଦସ୍ୟ ରାଷ୍ଟ୍ରପତିଙ୍କଦ୍ୱାରା ନିଯୁକ୍ତ ହେବେ ଏବଂ ଏହି ଆଦେଶ, ଆୟୋଗଦ୍ୱାରା ଅନୁସରଣ କରାଯିବାର ପଦ୍ଧତିକୁ ପରିଭାଷିତ କରିବ ।

(2) ନିମ୍ନଲିଖିତ ବିଷୟରେ ରାଷ୍ଟ୍ରପତିଙ୍କୁ ସୁପାରିଶ କରିବା ପାଇଁ, ଏହି ଆୟୋଗର ଏହା କର୍ତ୍ତବ୍ୟ ହେବ—

(*a*) କେନ୍ଦ୍ରର ସରକାରୀ କାର୍ଯ୍ୟ ପାଇଁ ହିନ୍ଦୀ ଭାଷାର କ୍ରମାଗତ ବ୍ୟବହାର;

(*b*) କେନ୍ଦ୍ରର ସମସ୍ତ କିମ୍ବା କିଛି ସରକାରୀ କାର୍ଯ୍ୟ ପାଇଁ ଇଂରାଜୀ ଭାଷା ବ୍ୟବହାର ଉପରେ କଟକଣା;

---

[1] ସମ୍ବିଧାନ ଆଦେଶ 41 ଦେଖନ୍ତୁ।

(*c*) ଅନୁଚ୍ଛେଦ 348 ରେ ଉଲ୍ଲେଖିତ କାର୍ଯ୍ୟଗୁଡ଼ିକ ପାଇଁ ବ୍ୟବହାର ହେବାକୁ ଥିବା ଭାଷା;

(*d*) କେନ୍ଦ୍ରର କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ବ୍ୟବହୃତ ସଂଖ୍ୟାର ରୂପ;

(*e*) କେନ୍ଦ୍ରର ସରକାରୀ ଭାଷା ଏବଂ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ କିମ୍ବା ଗୋଟିଏ ରାଜ୍ୟ ଏବଂ ଅନ୍ୟ ଏକ ରାଜ୍ୟ ମଧ୍ୟରେ ଯୋଗାଯୋଗ ପାଇଁ ଭାଷା ଏବଂ ଏହାର ବ୍ୟବହାର ସମ୍ପର୍କରେ ରାଷ୍ଟ୍ରପତିଙ୍କଦ୍ୱାରା ଆୟୋଗଙ୍କୁ ପଠାଯାଇଥିବା ଅନ୍ୟ କୌଣସି ବିଷୟ ।

(3) ଉପଖଣ୍ଡ(2) ଅନୁଯାୟୀ ତାଙ୍କର ସୁପାରିଶ ଦେବା ସମୟରେ, ଆୟୋଗ ଭାରତର ଔଦ୍ୟୋଗିକ, ସାଂସ୍କୃତିକ ଓ ବୈଜ୍ଞାନିକ ଉନ୍ନତିର ଏବଂ ସରକାରୀ ସେବା ସମ୍ବନ୍ଧରେ ଅଣ-ହିନ୍ଦୀ ଭାଷାଭାଷୀ ଅଞ୍ଚଳର ଲୋକଙ୍କ ଉଚିତ ଦାବି ଓ ସ୍ୱାର୍ଥ ବିଷୟରେ ଯଥାଯଥ ଧ୍ୟାନ ଦେବ ।

(4) ତିରିଶ ଜଣ ସଦସ୍ୟଙ୍କୁ ନେଇ ଏକ ସମିତି ଗଠନ କରାଯିବ, ଯେଉଁମାନଙ୍କ ମଧ୍ୟରୁ କୋଡ଼ିଏ ଜଣ ଲୋକସଭାର ସଦସ୍ୟ ଏବଂ ଦଶ ଜଣ ରାଜ୍ୟ ସଭାର ସଦସ୍ୟ ହେବେ ଏବଂ ଏକକ ହସ୍ତାନ୍ତରଣୀୟ ମତଦାନ ମାଧ୍ୟମରେ ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା ଅନୁଯାୟୀ ଲୋକସଭାର ସଦସ୍ୟ ଏବଂ ରାଜ୍ୟ ସଭାର ସଦସ୍ୟଙ୍କଦ୍ୱାରା ଯଥାକ୍ରମେ ନିର୍ବାଚିତ ହେବେ ।

(5) ଖଣ୍ଡ (1) ଅନୁଯାୟୀ ଏହି ଗଠିତ ସମିତି ଆୟୋଗର ସୁପାରିଶକୁ ଅନୁଧ୍ୟାନ କରିବେ ଏବଂ ତାହା ଉପରେ ତାଙ୍କର ମତାମତ ବିଷୟରେ ରାଷ୍ଟ୍ରପତିଙ୍କୁ ଏକ ବିବରଣୀ ପ୍ରଦାନ କରିବେ ।

(6) ଅନୁଚ୍ଛେଦ 343ରେ ଯେକୌଣସି ବିଷୟ ଥିବା ସତ୍ତ୍ୱେ, ରାଷ୍ଟ୍ରପତି ଖଣ୍ଡ(5)ରେ ଉଲ୍ଲେଖିତ ବିବରଣୀକୁ ବିଚାର କରିବା ପରେ, ସେହି ବିବରଣୀର ସମ୍ପୂର୍ଣ୍ଣ କିମ୍ବା ଯେକୌଣସି ଅଂଶ ଅନୁସାରେ ନିର୍ଦ୍ଦେଶ ଜାରି କରିପାରିବେ ।

## ଅଧ୍ୟାୟ 2— ଆଞ୍ଚଳିକ ଭାଷା

**345. ରାଜ୍ୟର ସରକାରୀ ଭାଷା କିମ୍ବା ଭାଷାଗୁଡ଼ିକ**— ଅନୁଚ୍ଛେଦ 346 ଓ 347ର ବ୍ୟବସ୍ଥା ଅଧୀନରେ, ଗୋଟିଏ ରାଜ୍ୟର ବିଧାନମଣ୍ଡଳ ରାଜ୍ୟରେ ବ୍ୟବହୃତ ଏକ ବା ଅଧିକ ଭାଷାକୁ କିମ୍ବା ହିନ୍ଦୀକୁ, ସେହି ରାଜ୍ୟର ସମସ୍ତ କିମ୍ବା ଯେ କୌଣସି ସରକାରୀ କାର୍ଯ୍ୟ ପାଇଁ ବ୍ୟବହୃତ ଭାଷା କିମ୍ବା ଭାଷାଗୁଡ଼ିକଭାବେ ଆଇନଦ୍ୱାରା ଗ୍ରହଣ କରିପାରିବେ:

କିନ୍ତୁ, ଯେପର୍ଯ୍ୟନ୍ତ ସେହି ରାଜ୍ୟର ବିଧାନମଣ୍ଡଳ ଆଇନଦ୍ୱାରା ଅନ୍ୟ କୌଣସି ବ୍ୟବସ୍ଥା କରିନାହାଁନ୍ତି, ସେପର୍ଯ୍ୟନ୍ତ ସେହି ରାଜ୍ୟ ମଧ୍ୟରେ ସେହିସବୁ ସରକାରୀ କାର୍ଯ୍ୟ ପାଇଁ ଇଂରାଜୀ ଭାଷାର ପ୍ରୟୋଗ ଜାରି ରହିବ, ଯେପରିକି ସମ୍ବିଧାନ ପ୍ରାରମ୍ଭର ଠିକ ପୂର୍ବରୁ ସେହି ଭାଷା ବ୍ୟବହୃତ ହେଉଥିଲା ।

**346. ରାଜ୍ୟ ଏବଂ ଅନ୍ୟ ରାଜ୍ୟ କିମ୍ବା ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ଯୋଗାଯୋଗ ପାଇଁ ସରକାରୀ ଭାଷା**— ସେହି ସମୟରେ କେନ୍ଦ୍ରରେ ସରକାରୀ କାର୍ଯ୍ୟ ପାଇଁ ବଳବତ୍ତର ଥିବା ବ୍ୟବହାର ପାଇଁ ଅଧିକାର

ପାଇଥିବା ଭାଷା, ଗୋଟିଏ ରାଜ୍ୟ ଏବଂ ଅନ୍ୟ ରାଜ୍ୟ କିମ୍ବା ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ଯୋଗାଯୋଗ ପାଇଁ ସରକାରୀ ଭାଷା ହେବ:

କିନ୍ତୁ ଯଦି ଦୁଇ କିମ୍ବା ତାହାଠାରୁ ଅଧିକ ରାଜ୍ୟ ଏଥି ପାଇଁ ଏକମତ ହୁଅନ୍ତି ଯେ ସେମାନଙ୍କ ମଧ୍ୟରେ ଯୋଗାଯୋଗ ପାଇଁ ହିନ୍ଦୀ ଭାଷା ବ୍ୟବହୃତ ହେଉ, ତେବେ ସେହି ଭାଷା ଏହି ଉଦ୍ଦେଶ୍ୟରେ ଯୋଗାଯୋଗ ପାଇଁ ବ୍ୟବହୃତ ହେଇପାରିବ ।

**347. ରାଜ୍ୟର ଜନସଂଖ୍ୟାର ଏକ ଅଂଶଦ୍ୱାରା କଥିତ ଭାଷା ସମ୍ବନ୍ଧରେ ବିଶେଷ ବ୍ୟବସ୍ଥା**— ଯଦି ଏହି ସମ୍ବନ୍ଧରେ ଦାବି କରାଯାଇଥାଏ, ରାଷ୍ଟ୍ରପତିଙ୍କର ଯଦି ହୃଦବୋଧ ହୁଏ, କୌଣସି ରାଜ୍ୟର ଜନସଂଖ୍ୟାର ଏକ ଯଥେଷ୍ଟ ଅଂଶ ସେମାନଙ୍କଦ୍ୱାରା କଥିତ ଯେକୌଣସି ଭାଷାର ବ୍ୟବହାରକୁ ସେହି ରାଜ୍ୟଦ୍ୱାରା ସ୍ୱୀକୃତି ପ୍ରଦାନ କରିବାକୁ ଚାହାଁନ୍ତି, ତେବେ ସେ ନିର୍ଦ୍ଦେଶ ଦେଇପାରିବେ ଯେ ଏପରି ଭାଷାକୁ ସେହି ରାଜ୍ୟ କିମ୍ବା ତାହାର ଯେକୌଣସି ଅଂଶରେ ସରକାରୀ ଭାଷାଭାବରେ, ସେହି ଉଦ୍ଦେଶ୍ୟରେ ଯାହା ସେ ନିର୍ଦ୍ଦିଷ୍ଟ କରିପାରିବେ ତାହା ସରକାରୀ ସ୍ୱୀକୃତି ପ୍ରାପ୍ତ ହେବ ।

## ଅଧ୍ୟାୟ 3— ସର୍ବୋଚ୍ଚ ନ୍ୟାୟଳୟ, ଉଚ୍ଚ ନ୍ୟାୟାଳୟର ଏବଂ ଇତ୍ୟାଦିର ଭାଷା

**348. ସର୍ବୋଚ୍ଚ ନ୍ୟାୟାଳୟ ଓ ଉଚ୍ଚ ନ୍ୟାୟାଳୟ ଓ ଅଧିନିୟମସବୁ, ବିଧେୟକଗୁଡ଼ିକ, ଇତ୍ୟାଦି ପାଇଁ ବ୍ୟବହୃତ ଭାଷା**— (1) ଏହି ଭାଗର ପୂର୍ବୋକ୍ତ ବ୍ୟବସ୍ଥାରେ ଯାହା କିଛି ଥିବା ସତ୍ତ୍ୱେ, ଯେପର୍ଯ୍ୟନ୍ତ ସଂସଦ ଆଇନଦ୍ୱାରା ଅନ୍ୟ କୌଣସି ବ୍ୟବସ୍ଥା କରିନାହାଁନ୍ତି—

(*a*) ସର୍ବୋଚ୍ଚ ନ୍ୟାୟାଳୟ ଓ ପ୍ରତ୍ୟେକ ଉଚ୍ଚ ନ୍ୟାୟାଳୟରେ ସମସ୍ତ କାର୍ଯ୍ୟଧାରା;

(*b*) ପ୍ରାମାଣିକ ପାଠ୍ୟ—

(*i*) ସଂସଦର ଯେକୌଣସି ସଦନ କିମ୍ବା ଏକ ରାଜ୍ୟର ବିଧାନମଣ୍ଡଳର ସଦନ କିମ୍ବା ଯେକୌଣସି ସଦନରେ ଉପସ୍ଥାପିତ ସମସ୍ତ ବିଧେୟକଗୁଡ଼ିକ ବା ସେଠାରେ ପ୍ରସ୍ତାବିତ ସଂଶୋଧନଗୁଡ଼ିକ,

(*ii*) ସଂସଦ କିମ୍ବା ରାଜ୍ୟ ବିଧାନମଣ୍ଡଳଦ୍ୱାରା ଗୃହୀତ ହୋଇଥିବା ସମସ୍ତ ଅଧିନିୟମ ଏବଂ ରାଷ୍ଟ୍ରପତି କିମ୍ବା ରାଜ୍ୟପାଳଙ୍କଦ୍ୱାରା[1]*** ଘୋଷିତ ସମସ୍ତ ଅଧ୍ୟାଦେଶଗୁଡ଼ିକ,

(*iii*) ଏହି ସମ୍ବିଧାନ ଅନୁଯାୟୀ କିମ୍ବା ସଂସଦ କିମ୍ବା ରାଜ୍ୟର ବିଧାନମଣ୍ଡଳଦ୍ୱାରା ପ୍ରଣୀତ କୌଣସି ଆଇନ ଅନୁଯାୟୀ ଜାରି ହୋଇଥିବା ସମସ୍ତ ଆଦେଶଗୁଡ଼ିକ, ନୀତିଗୁଡ଼ିକ, ନିୟମଗୁଡ଼ିକ ଓ ଉପ-ଆଇନଗୁଡ଼ିକ,

ଇଂରାଜୀ ଭାଷାରେ ହେବ ।

(2) ଖଣ୍ଡ (1)ର ଉପଖଣ୍ଡ (*a*)ରେ ଯେ ଯାହା କିଛି ଥିବା ସତ୍ତ୍ୱେ, ରାଜ୍ୟର ରାଜ୍ୟପାଳ[1]***, ରାଷ୍ଟ୍ରପତିଙ୍କ

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା "କିମ୍ବା ରାଜପ୍ରମୁଖ" ଶବ୍ଦଗୁଡ଼ିକ ବାଦ୍ ଦିଆଯାଇଛି(1-11-1956 ଠାରୁ କାର୍ଯ୍ୟକାରୀ)।

ପୂର୍ବ ଅନୁମତି ସହିତ, ସେହି ରାଜ୍ୟରେ ମୁଖ୍ୟ ଆସନ ଥିବା ଉଚ୍ଚ ନ୍ୟାୟାଳୟର କାର୍ଯ୍ୟଧାରାରେ ହିନ୍ଦୀ ଭାଷା କିମ୍ବା ସେହି ରାଜ୍ୟରେ ସରକାରୀ ଉଦ୍ଦେଶ୍ୟରେ ବ୍ୟବହୃତ ଅନ୍ୟ କୌଣସି ଭାଷା ବ୍ୟବହାର କରିବାକୁ ଅନୁମତି ଦେଇପାରିବେ:

କିନ୍ତୁ, ଏହି ଅନୁଚ୍ଛେଦ ଅନୁଯାୟୀ କୌଣସି ବିଷୟ ଏପରି ଉଚ୍ଚ ନ୍ୟାୟାଳୟଦ୍ୱାରା ପ୍ରଦାନ କରାଯାଇଥିବା କୌଣସି ନିଷ୍ପତ୍ତି, ଆଇନଗତ ଆଦେଶ କିମ୍ବା ନିର୍ଦ୍ଦେଶ ଉପରେ ପ୍ରୟୋଗ ହେବ ନାହିଁ ।

(3) ଖଣ୍ଡ (1)ର ଉପଖଣ୍ଡ (*b*)ରେ ଯେକୌଣସି ବିଷୟ ଥିବା ସତ୍ତ୍ୱେ, ଯେଉଁଠାରେ କୌଣସି ରାଜ୍ୟର ବିଧାନମଣ୍ଡଳ ଇଂରାଜୀ ଭାଷା ବ୍ୟତୀତ ଅନ୍ୟ କୌଣସି ଭାଷାକୁ ରାଜ୍ୟର ବିଧାନସଭାରେ ଉପସ୍ଥାପିତ ବିଧେୟକଗୁଡ଼ିକରେ କିମ୍ବା ରାଜ୍ୟର ବିଧାନସଭାଦ୍ୱାରା ଗୃହୀତ ଆଇନଗୁଡ଼ିକରେ କିମ୍ବା ରାଜ୍ୟର ରାଜ୍ୟପାଳଙ୍କଦ୍ୱାରା[1]*** ଜାରି ହୋଇଥିବା ଅଧ୍ୟାଦେଶଗୁଡ଼ିକରେ କିମ୍ବା ଉକ୍ତ ଉପଖଣ୍ଡର ପରିଚ୍ଛେଦ (*iii*)ରେ ଉଲ୍ଲେଖିତ କୌଣସି ଆଦେଶ, ନୀତି, ନିୟମ ବା ଉପ-ଆଇନରେ ବ୍ୟବହାର ପାଇଁ ନିର୍ଦ୍ଦିଷ୍ଟ କରାଯାଇଛି, ତେବେ ସେହି ରାଜ୍ୟର ରାଜ୍ୟପାଳଙ୍କ[1]*** ଅଧିକାର ଅଧୀନରେ ସେହି ରାଜ୍ୟର ରାଜପତ୍ରରେ ପ୍ରକାଶିତ ଇଂରାଜୀ ଭାଷାରେ ଏହାର ଅନୁବାଦ ଏହି ଅନୁଚ୍ଛେଦ ଅଧୀନରେ ଇଂରାଜୀ ଭାଷାରେ ଏହାର ପ୍ରାମାଣିକ ପାଠ୍ୟ ବୋଲି ଧରି ନିଆଯିବ ।

**349. ଭାଷା ସମ୍ବନ୍ଧରେ କିଛି ନିର୍ଦ୍ଦିଷ୍ଟ ଆଇନ ପାରିତ କରିବା ନିମିତ୍ତ ବିଶେଷ ପ୍ରକ୍ରିୟା**— ଏହି ସମ୍ବିଧାନ ପ୍ରାରମ୍ଭର ପ୍ରଥମ ପନ୍ଦର ବର୍ଷ ମଧ୍ୟରେ, ଅନୁଚ୍ଛେଦ 348 ଖଣ୍ଡ (1)ରେ ଉଲ୍ଲେଖିତ କୌଣସି ଉଦ୍ଦେଶ୍ୟ ପାଇଁ ବ୍ୟବହୃତ ଭାଷା ସମ୍ବନ୍ଧୀୟ ବ୍ୟବସ୍ଥା କରୁଥିବା କୌଣସି ବିଧେୟକ କିମ୍ବା ସଂଶୋଧନ ରାଷ୍ଟ୍ରପତିଙ୍କ ପୂର୍ବ ଅନୁମୋଦନ ବିନା ସଂସଦର କୌଣସି ସଦନରେ ଉପସ୍ଥାପନ କିମ୍ବା ପ୍ରସ୍ତାବିତ କରାଯାଇପାରିବ ନାହିଁ ଏବଂ ରାଷ୍ଟ୍ରପତି ଅନୁଚ୍ଛେଦ 344 ଖଣ୍ଡ (1) ଅଧୀନରେ ଗଠିତ ଆୟୋଗର ସୁପାରିଶ ଏବଂ ଖଣ୍ଡ (4) ଅଧୀନରେ ଗଠିତ ସମିତିର ବିବରଣୀକୁ ଯେପର୍ଯ୍ୟନ୍ତ ବିଚାରକୁ ନେଇନାହାଁନ୍ତି, ସେ ପର୍ଯ୍ୟନ୍ତ ଏପରି କୌଣସି ବିଧେୟକ ଉପସ୍ଥାପନ କିମ୍ବା ସଂଶୋଧନ ପ୍ରସ୍ତାବ ପାଇଁ ଅନୁମୋଦନ କରିବେ ନାହିଁ ।

## ଅଧ୍ୟାୟ 4— ବିଶେଷ ନିର୍ଦ୍ଦେଶାବଳୀ

**350. ଅଭିଯୋଗ ନିରାକରଣ ପାଇଁ ନିବେଦନ କରିବାରେ ବ୍ୟବହୃତ ଭାଷା**—ପ୍ରତ୍ୟେକ ବ୍ୟକ୍ତିଙ୍କର, କୌଣସି ଅଭିଯୋଗର ନିରାକରଣ ପାଇଁ କେନ୍ଦ୍ର କିମ୍ବା ରାଜ୍ୟର କୌଣସି ଅଧିକାରୀ କିମ୍ବା କର୍ତ୍ତୃପକ୍ଷଙ୍କୁ ଯଥାସ୍ଥିତି, କେନ୍ଦ୍ର କିମ୍ବା ରାଜ୍ୟରେ ବ୍ୟବହୃତ କୌଣସି ଭାଷାରେ, ଏକ ଉପସ୍ଥାପନା ଦାଖଲ କରିବାର ଅଧିକାର ରହିବ ।

[2][**350A. ପ୍ରାଥମିକ ସ୍ତରରେ ମାତୃଭାଷାରେ ଶିକ୍ଷା ପାଇଁ ସୁବିଧା**— ପ୍ରତ୍ୟେକ ରାଜ୍ୟ ଏବଂ ରାଜ୍ୟରେ ଥିବା ପ୍ରତ୍ୟେକ ସ୍ଥାନୀୟ କର୍ତ୍ତୃପକ୍ଷଙ୍କର ଏହା କର୍ତ୍ତବ୍ୟ ହେବ ଯେ ଭାଷାଗତ ସଂଖ୍ୟାଲଘୁ ଗୋଷ୍ଠୀର ଶିଶୁମାନଙ୍କୁ

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା "କିମ୍ବା ରାଜପ୍ରମୁଖ" ଶବ୍ଦଗୁଡ଼ିକ ବାଦ୍ ଦିଆଯାଇଛି(1-11-1956 ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 21ଦ୍ୱାରା ଅନୁଚ୍ଛେଦ 350A ଓ 350B ସନ୍ନିବେଶିତ (1-11-1956ଠାରୁ କାର୍ଯ୍ୟକାରୀ)।

ପ୍ରାଥମିକ ଶିକ୍ଷାସ୍ତରରେ ମାତୃଭାଷାରେ ଶିକ୍ଷା ଯୋଗାଇ ଦେବା ପାଇଁ ପର୍ଯ୍ୟାପ୍ତ ସୁବିଧା ପ୍ରଦାନ କରିବେ ଏବଂ ରାଷ୍ଟ୍ରପତି ଏହି ସୁବିଧା ସୁନିଶ୍ଚିତ କରିବା ପାଇଁ କୌଣସି ରାଜ୍ୟକୁ ଆବଶ୍ୟକ କିମ୍ବା ଉଚିତ ମନେ କରୁଥିବା ନିର୍ଦ୍ଦେଶ ଜାରି କରିପାରିବେ ।

**350B. ଭାଷାଗତ ସଂଖ୍ୟାଲଘୁ ସମ୍ପ୍ରଦାୟ ପାଇଁ ବିଶେଷ ଅଧିକାରୀ—** (1) ଭାଷାଗତ ସଂଖ୍ୟାଲଘୁଙ୍କ ପାଇଁ ଜଣେ ସ୍ୱତନ୍ତ୍ର ଅଧିକାରୀ ରହିବେ ଯିଏକି ରାଷ୍ଟ୍ରପତିଙ୍କଦ୍ୱାରା ନିଯୁକ୍ତ ହେବେ ।

(2) ଏହି ସମ୍ବିଧାନ ଅନୁଯାୟୀ ଭାଷାଗତ ସଂଖ୍ୟାଲଘୁଙ୍କ ପାଇଁ ପ୍ରଦାନ କରାଯାଇଥିବା ନିରାପତ୍ତା ସମ୍ପର୍କିତ ସମସ୍ତ ବିଷୟର ତଦନ୍ତ କରିବା ଏବଂ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶ ଅନୁଯାୟୀ ସେହି ବିଷୟଗୁଡ଼ିକ ଉପରେ ରାଷ୍ଟ୍ରପତିଙ୍କୁ ସୂଚିତ କରିବା ସ୍ୱତନ୍ତ୍ର ଅଧିକାରୀଙ୍କ କର୍ତ୍ତବ୍ୟ ହେବ ଏବଂ ରାଷ୍ଟ୍ରପତି ଏପରି ସମସ୍ତ ବିବରଣୀ ସଂସଦର ପ୍ରତ୍ୟେକ ସଦନରେ ଉପସ୍ଥାପନ କରିବା ପାଇଁ ବନ୍ଦୋବସ୍ତ କରିବେ ଏବଂ ସମ୍ପୃକ୍ତ ରାଜ୍ୟଗୁଡ଼ିକର ସରକାରଙ୍କୁ ପ୍ରେରଣ କରିବେ ।]

**351. ହିନ୍ଦୀ ଭାଷାର ଉନ୍ନତି ପାଇଁ ନିର୍ଦ୍ଦେଶ—** ଏହା କେନ୍ଦ୍ରର କର୍ତ୍ତବ୍ୟ ହେବ ଯେ, ହିନ୍ଦୀ ଭାଷାର ପ୍ରସାରଣ ପାଇଁ ପ୍ରୋତ୍ସାହନ ଦେବା, ଏହାକୁ ବିକଶିତ କରିବା ଯାହାଦ୍ୱାରା ଏହା ଭାରତର ମିଶ୍ରିତ ସାଂସ୍କୃତିକ ଉପାଦାନର ଅଭିବ୍ୟକ୍ତିର ମାଧ୍ୟମ ହେବ ଏବଂ ଏହାର ପ୍ରତିଭାରେ ହସ୍ତକ୍ଷେପ ନକରି ହିନ୍ଦୁସ୍ତାନୀ ଏବଂ ଅଷ୍ଟମ ଅନୁସୂଚୀରେ ଉଲ୍ଲେଖିତ ଭାରତର ଅନ୍ୟ ଭାଷାରେ ବ୍ୟବହୃତ ରୂପ, ଶୈଳୀ ଏବଂ ଅଭିବ୍ୟକ୍ତିକୁ ଏକୀକରଣ କରିବା ଏବଂ ଆବଶ୍ୟକ ବା ବାଞ୍ଛନୀୟ ହେଲେ, ଏହାର ଶବ୍ଦଭଣ୍ଡାର ପାଇଁ ମୁଖ୍ୟତଃ ସଂସ୍କୃତରୁ ଏବଂ ଗୌଣଭାବେ ଅନ୍ୟ ଭାଷାରୁ ଉପାଦାନ ଗ୍ରହଣ କରି, ଏହାର ସମୃଦ୍ଧି ସୁନିଶ୍ଚିତ କରିବେ ।

# ଭାଗ-18

## ଜରୁରୀକାଳୀନ ବ୍ୟବସ୍ଥା

**352. ଜରୁରୀକାଳୀନ ଘୋଷଣା—** (1) ଯଦି ରାଷ୍ଟ୍ରପତି ସନ୍ତୁଷ୍ଟ ହୁଅନ୍ତି ଯେ, ଏକ ଗୁରୁତର ଜରୁରୀକାଳୀନ ପରିସ୍ଥିତି ଉପୁଜିଛି, ଯାହାଦ୍ୱାରା ଭାରତର ସୁରକ୍ଷା କିମ୍ବା ଏହାର କୌଣସି ଅଂଶର ସୁରକ୍ଷା ଯୁଦ୍ଧ, ବାହ୍ୟ ଆକ୍ରମଣ କିମ୍ବା [1][ସଶସ୍ତ୍ର ବିଦ୍ରୋହ]ଦ୍ୱାରା ବିପଦଗ୍ରସ୍ତ ହୋଇଛି, ସେ ଏକ ଘୋଷଣା ଜାରି କରି ସେହି ବିଷୟରେ ଏକ ଘୋଷଣା କରିପାରିବେ [2][ସମଗ୍ର ଭାରତ କିମ୍ବା ଘୋଷଣାରେ ଉଲ୍ଲେଖିତ ଏହାର ଏକ ନିର୍ଦ୍ଦିଷ୍ଟ ଅଂଶ ପାଇଁ ।]

[3][ *ସ୍ପଷ୍ଟୀକରଣ*— ଯଦି ରାଷ୍ଟ୍ରପତି ସନ୍ତୁଷ୍ଟ ହୁଅନ୍ତି ଯେ ଯୁଦ୍ଧ, ବାହ୍ୟ ଆକ୍ରମଣ କିମ୍ବା ସଶସ୍ତ୍ର ବିଦ୍ରୋହର ଆସନ୍ନ ବିପଦ ରହିଛି, ତେବେ ଏହି ପ୍ରକାର ଯୁଦ୍ଧ, ଆକ୍ରମଣ କିମ୍ବା ବିଦ୍ରୋହ ଘଟିବା ପୂର୍ବରୁ ଭାରତ କିମ୍ବା ଏହାର କୌଣସି ଅଂଶର ସୁରକ୍ଷା ବିପଦଗ୍ରସ୍ତ ହେବା ଘୋଷଣା କରୁଥିବା ଏକ ଜରୁରୀକାଳୀନ ଘୋଷଣା ଜାରି ହୋଇପାରିବ ।]

[4][(2) ଖଣ୍ଡ (1) ଅଧୀନରେ ଜାରି ହୋଇଥିବା ଏକ ଘୋଷଣାକୁ ପରବର୍ତ୍ତୀ ଘୋଷଣାଦ୍ୱାରା ପରିବର୍ତ୍ତନ କିମ୍ବା ରଦ୍ଦ କରାଯାଇପାରିବ ।

(3) ରାଷ୍ଟ୍ରପତି, ଖଣ୍ଡ(1) ଅଧୀନରେ ଏକ ଘୋଷଣା ଜାରି କରିବେ ନାହିଁ କିମ୍ବା ଏପରି ଘୋଷଣାକୁ ପରିବର୍ତ୍ତନ କରୁଥିବା ଏକ ଘୋଷଣା ଜାରି କରିବେ ନାହିଁ, ଯେପର୍ଯ୍ୟନ୍ତ କେନ୍ଦ୍ର ମନ୍ତ୍ରୀମଣ୍ଡଳ (ଅର୍ଥାତ୍ ଅନୁଚ୍ଛେଦ 75 ଅଧୀନରେ ନିଯୁକ୍ତ ପ୍ରଧାନମନ୍ତ୍ରୀ ଏବଂ ଅନ୍ୟ କ୍ୟାବିନେଟ୍ ମନ୍ତ୍ରୀମାନଙ୍କୁ ନେଇ ଗଠିତ ପରିଷଦ)ର ନିଷ୍ପତ୍ତି ଯେ ଏପରି ଘୋଷଣା ଜାରି କରାଯାଇପାରିବ, ତାହା ତାଙ୍କୁ ଲିଖିତ ରୂପେ ଜଣାଇ ଦିଆଯାଇ ନାହିଁ ।

(4) ଏହି ଅନୁଚ୍ଛେଦ ଅଧୀନରେ ଜାରି ହୋଇଥିବା ପ୍ରତ୍ୟେକ ଘୋଷଣା ସଂସଦର ଉଭୟ ସଦନ ସମ୍ମୁଖରେ ଉପସ୍ଥାପନ କରାଯିବ ଏବଂ ଯଦି ଏହା ପୂର୍ବବର୍ତ୍ତୀ ଘୋଷଣାକୁ ରଦ୍ଦ କରୁଥିବା ଘୋଷଣା ନୁହେଁ, ତେବେ ଏହା ଏକ ମାସ ଅବଧି ସମାପ୍ତିରେ କାର୍ଯ୍ୟକାରୀ ହେବା ବନ୍ଦ ହେବ, ଯଦି ସେହି ଅବଧି ସମାପ୍ତ ହେବା ପୂର୍ବରୁ ଏହା ସଂସଦର ଉଭୟ ସଦନର ସଂକଳ୍ପଦ୍ୱାରା ଅନୁମୋଦିତ ହୋଇନଥାଏ:

---

[1] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 37 ଦ୍ୱାରା "ଆଭ୍ୟନ୍ତରୀଣ ବିଶୃଙ୍ଖଳା" ପାଇଁ ପ୍ରତିସ୍ଥାପନ (20-6-1979ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 48ଦ୍ୱାରା ସନ୍ନିବେଶିତ (3-1-1977ଠାରୁ କାର୍ଯ୍ୟକାରୀ)।

[3] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 37ଦ୍ୱାରା ସନ୍ନିବେଶିତ (20-6-1979ଠାରୁ କାର୍ଯ୍ୟକାରୀ)।

[4] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 37ଦ୍ୱାରା, ଖଣ୍ଡ (2), (2A) ଏବଂ (3) ପାଇଁ ପ୍ରତିସ୍ଥାପିତ (20-6-1979ଠାରୁ କାର୍ଯ୍ୟକାରୀ)।

କିନ୍ତୁ, ଯଦି ଏପରି କୌଣସି ଘୋଷଣା (ଯାହା ପୂର୍ବବର୍ତ୍ତୀ ଘୋଷଣାକୁ ରଦ୍ଦ କରୁଥିବା ଘୋଷଣା ନୁହେଁ) ଏକ ସମୟରେ ଜାରି ହୁଏ ଯେତେବେଳେ ଲୋକସଭା ବିଘଟନ ହୋଇଥାଏ, କିମ୍ବା ଏହି ଖଣ୍ଡରେ ଉଲ୍ଲେଖିତ ଏକ ମାସର ଅବଧି ମଧ୍ୟରେ ଲୋକସଭାର ବିଘଟନ ହୁଏ, ଏବଂ ଯଦି ରାଜ୍ୟସଭାଦ୍ୱାରା ଘୋଷଣାକୁ ଅନୁମୋଦନ କରୁଥିବା ଏକ ସଂକଳ୍ପ ପାରିତ ହୋଇଥାଏ, କିନ୍ତୁ ଏହି ଅବଧି ସମାପ୍ତ ହେବା ପୂର୍ବରୁ ଲୋକସଭାଦ୍ୱାରା ଏପରି ଘୋଷଣା ସମ୍ବନ୍ଧରେ କୌଣସି ସଂକଳ୍ପ ପାରିତ ହୋଇନଥାଏ, ତେବେ ଘୋଷଣାଟି ଲୋକସଭାର ପୁନର୍ଗଠନ ପରେ ପ୍ରଥମ ବୈଠକର ତାରିଖଠାରୁ ତିରିଶ ଦିନ ସମାପ୍ତିରେ କାର୍ଯ୍ୟକାରୀ ହେବା ବନ୍ଦ ହେବ, ଯଦି ସେହି ତିରିଶ ଦିନର ଅବଧି ସମାପ୍ତ ହେବା ପୂର୍ବରୁ ଲୋକସଭାଦ୍ୱାରା ଘୋଷଣାକୁ ଅନୁମୋଦନ କରୁଥିବା ଏକ ସଂକଳ୍ପ ପାରିତ ନହୁଏ ।

(5) ଏପରି ଅନୁମୋଦିତ ଏକ ଘୋଷଣା, ଯଦି ରଦ୍ଦ ନହୁଏ, ତେବେ ଖଣ୍ଡ(4) ଅଧୀନରେ ଘୋଷଣାକୁ ଅନୁମୋଦନ କରୁଥିବା ଦ୍ୱିତୀୟ ସଂକଳ୍ପ ପାରିତ ହେବାର ତାରିଖଠାରୁ ଛଅ ମାସର ଅବଧି ସମାପ୍ତିରେ କାର୍ଯ୍ୟକାରୀ ହେବା ବନ୍ଦ ହେବ:

କିନ୍ତୁ, ଯଦି ଏବଂ ଯେତେବେଳେ ଏପରି ଘୋଷଣାର ଜାରି ରହିବାକୁ ଅନୁମୋଦନ କରୁଥିବା ଏକ ସଂକଳ୍ପ ସଂସଦର ଉଭୟ ସଦନଦ୍ୱାରା ପାରିତ ହୁଏ, ତେବେ ଘୋଷଣାଟି, ଯଦି ରଦ୍ଦ ନହୁଏ, ଏହି ଖଣ୍ଡ ଅଧୀନରେ ଅନ୍ୟଥା କାର୍ଯ୍ୟକାରୀ ହେବା ବନ୍ଦ ହେବାର ତାରିଖଠାରୁ ଆଉ ଛଅମାସ ପାଇଁ ଜାରି ରହିବ:

ଅଧିକନ୍ତୁ, ଯଦି ଏପରି ଛଅ ମାସର ଅବଧି ମଧ୍ୟରେ ଲୋକସଭାର ଭଙ୍ଗ ହୁଏ ଏବଂ ଏପରି ଘୋଷଣାର ଜାରି ରହିବାକୁ ଅନୁମୋଦନ କରୁଥିବା ଏକ ସଂକଳ୍ପ ରାଜ୍ୟସଭାଦ୍ୱାରା ପାରିତ ହୋଇଥାଏ, କିନ୍ତୁ ଲୋକସଭାଦ୍ୱାରା ଏହି ଅବଧି ମଧ୍ୟରେ ଏପରି ଘୋଷଣାର ଜାରି ରହିବା ସମ୍ବନ୍ଧରେ କୌଣସି ସଂକଳ୍ପ ପାରିତ ହୋଇନଥାଏ, ତେବେ ଘୋଷଣାଟି ଲୋକସଭାର ପୁନର୍ଗଠନ ପରେ ପ୍ରଥମ ବୈଠକର ତାରିଖଠାରୁ ତିରିଶ ଦିନ ସମାପ୍ତିରେ କାର୍ଯ୍ୟକାରୀ ହେବା ବନ୍ଦ ହେବ, ଯଦି ସେହି ତିରିଶ ଦିନର ଅବଧି ସମାପ୍ତ ହେବା ପୂର୍ବରୁ ଲୋକସଭାଦ୍ୱାରା ଘୋଷଣାର ଜାରି ରହିବାକୁ ଅନୁମୋଦନ କରୁଥିବା ଏକ ସଂକଳ୍ପ ପାରିତ ନହୁଏ ।

(6) ଖଣ୍ଡ (4) ଏବଂ (5)ର ଉଦ୍ଦେଶ୍ୟ ପାଇଁ, ସଂସଦର କୌଣସି ସଦନଦ୍ୱାରା ଏକ ସଂକଳ୍ପ କେବଳ ସେହି ସଦନର ମୋଟ ସଦସ୍ୟସଂଖ୍ୟାର ସଂଖ୍ୟାଗରିଷ୍ଠ ଏବଂ ସେହି ସଦନର ଉପସ୍ଥିତ ଏବଂ ମତଦାନ କରୁଥିବା ସଦସ୍ୟମାନଙ୍କର ଅତିକମରେ ଦୁଇ-ତୃତୀୟାଂଶ ଦ୍ୱାରା ପାରିତ ହୋଇପାରିବ ।

(7) ପୂର୍ବବର୍ତ୍ତୀ ଖଣ୍ଡଗୁଡ଼ିକରେ ଥିବା କୌଣସି ବିଷୟ ସତ୍ତ୍ୱେ, ଯଦି ଲୋକସଭା ଏପରି ଘୋଷଣାକୁ ଅନୁମୋଦନ ନକରୁଥିବା ବା, ଯେପରି ହେଉଛି, ଏପରି ଘୋଷଣାର ଜାରି ରହିବାକୁ ଅନୁମୋଦନ ନକରୁଥିବା ଏକ ସଂକଳ୍ପ ପାରିତ କରେ, ତେବେ ରାଷ୍ଟ୍ରପତି ଖଣ୍ଡ(1) ଅଧୀନରେ ଜାରି ହୋଇଥିବା ଏକ ଘୋଷଣା କିମ୍ବା ଏପରି ଘୋଷଣାକୁ ପରିବର୍ତ୍ତନ କରୁଥିବା ଏକ ଘୋଷଣାକୁ ରଦ୍ଦ କରିବେ ।

(8) ଯେଉଁଠାରେ ଲୋକସଭାର ମୋଟ ସଦସ୍ୟ ସଂଖ୍ୟାର ଅତିକମରେ ଏକ ଦଶମାଂଶ ସଦସ୍ୟଙ୍କ ଦ୍ୱାରା ଏକ ଲିଖିତ ସୂଚନା ଦିଆଯାଏ, ଯେଉଁଥିରେ ଖଣ୍ଡ(1) ଅଧୀନରେ ଜାରି ହୋଇଥିବା ଏକ ଘୋଷଣାକୁ ଅନୁମୋଦନ ନକରିବା ବା, ଯଥାସ୍ଥିତି, ଏପରି ଘୋଷଣାର ଜାରି ରହିବାକୁ ଅନୁମୋଦନ ନକରିବା ପାଇଁ ଏକ ସଂକଳ୍ପ ପ୍ରସ୍ତାବ କରିବାର ସେମାନଙ୍କର ଅଭିପ୍ରାୟ ଉଲ୍ଲେଖ କରାଯାଏ,—

(*a*) ଯଦି ସଦନ ଅଧିବେଶନରେ ଥାଏ, ତେବେ ବାଚସ୍ପତିଙ୍କୁ; ଅଥବା

(*b*) ଯଦି ସଦନ ଅଧିବେଶନରେ ନଥାଏ, ତେବେ ରାଷ୍ଟ୍ରପତିଙ୍କୁ,

ତେବେ ଏପରି ସୂଚନା ବାଚସ୍ପତି ବା, ଯେପରି ହେଉଛି, ରାଷ୍ଟ୍ରପତିଙ୍କ ନିକଟରେ ପ୍ରାପ୍ତ ହେବାର ତାରିଖଠାରୁ ଚଉଦ ଦିନ ମଧ୍ୟରେ ଏପରି ସଂକଳ୍ପ ବିଚାର କରିବା ଉଦ୍ଦେଶ୍ୟରେ ସଦନର ଏକ ବିଶେଷ ବୈଠକ ଅନୁଷ୍ଠିତ ହେବ ।]

[1][(9) ଏହି ଅନୁଚ୍ଛେଦଦ୍ୱାରା ରାଷ୍ଟ୍ରପତିଙ୍କୁ ପ୍ରଦତ୍ତ କ୍ଷମତାରେ ବିଭିନ୍ନ କାରଣରେ ଭିନ୍ନ ଭିନ୍ନ ଘୋଷଣା ଜାରି କରିବାର କ୍ଷମତା ଅନ୍ତର୍ଭୁକ୍ତ ହେବ, ଯଥା ଯୁଦ୍ଧ ବା ବାହ୍ୟ ଆକ୍ରମଣ ବା [2][ସଶସ୍ତ୍ର ବିଦ୍ରୋହ] ବା ଯୁଦ୍ଧ ବା ବାହ୍ୟ ଆକ୍ରମଣ ବା [2][ସଶସ୍ତ୍ର ବିଦ୍ରୋହ]ର ଆସନ୍ନ ବିପଦ, ଏପରି କୌଣସି ଘୋଷଣା ରାଷ୍ଟ୍ରପତିଙ୍କଦ୍ୱାରା ଖଣ୍ଡ(1) ଅଧୀନରେ ଜାରି ହୋଇଥାଉ ବା ନହୋଇଥାଉ, ଏବଂ ଏହା କାର୍ଯ୍ୟକାରୀ ଥିବା ସତ୍ତ୍ୱେ ।]

[1]* * * * * * * *

**353. ଜରୁରୀକାଳୀନ ପରିସ୍ଥିତି ଘୋଷଣାର ପ୍ରଭାବ**— ଯେତେବେଳେ ଏକ ଜରୁରୀକାଳୀନ ଘୋଷଣା କାର୍ଯ୍ୟକାରୀ ରହିଛି, ତେବେ—

(*a*) ଏହି ସମ୍ବିଧାନରେ ଥିବା କୌଣସି ବିଷୟ ସତ୍ତ୍ୱେ, କେନ୍ଦ୍ରର କାର୍ଯ୍ୟପାଳିକା କ୍ଷମତା ଯେକୌଣସି ରାଜ୍ୟକୁ ତାହାର କାର୍ଯ୍ୟପାଳିକା କ୍ଷମତା କିପରି ପ୍ରୟୋଗ କରାଯିବ ସେ ସମ୍ବନ୍ଧରେ ନିର୍ଦ୍ଦେଶ ଦେବା ପାଇଁ ବିସ୍ତାରିତ ହେବ;

(*b*) ଯେକୌଣସି ବିଷୟ ସମ୍ବନ୍ଧରେ ସଂସଦର ଆଇନ ପ୍ରଣୟନ କରିବାର କ୍ଷମତାରେ ଏହା ଅନ୍ତର୍ଭୁକ୍ତ ହେବ ଯେ ସେହି ବିଷୟ ସମ୍ବନ୍ଧରେ କେନ୍ଦ୍ର ବା କେନ୍ଦ୍ରର ଅଧିକାରୀ ଓ କର୍ତ୍ତୃପକ୍ଷମାନଙ୍କୁ କ୍ଷମତା ପ୍ରଦାନ କରୁଥିବା ଏବଂ କର୍ତ୍ତବ୍ୟ ଧାର୍ଯ୍ୟ କରୁଥିବା, କିମ୍ବା କ୍ଷମତା ପ୍ରଦାନ ଏବଂ କର୍ତ୍ତବ୍ୟ ଧାର୍ଯ୍ୟ କରିବାକୁ ଅଧିକାର ପ୍ରଦାନ କରୁଥିବା ଆଇନ ପ୍ରଣୟନ କରିବା, ଯଦିଓ ସେହି ବିଷୟଗୁଡ଼ିକ କେନ୍ଦ୍ର ତାଲିକାରେ ଉଲ୍ଲେଖିତ ନୁହେଁ:

---

[1] ସମ୍ବିଧାନ (38ତମ ସଂଶୋଧନ) ଅଧିନିୟମ, 1975, ଧାରା 5 ଦ୍ୱାରା ଖଣ୍ଡ (4) ଏବଂ (5) ସନ୍ନିବେଶିତ (ପୂର୍ବପ୍ରଭାବୀ ସହିତ) ଏବଂ ପରବର୍ତ୍ତୀ ସମୟରେ ଖଣ୍ଡ (4) ଖଣ୍ଡ (9) ଭାବେ ପୁନଃସଂଖ୍ୟାଙ୍କିତ ଏବଂ ଖଣ୍ଡ (5) ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 37 ଦ୍ୱାରା ବାଦ୍ ଦିଆଯାଇଛି (20-6-1979ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (38ତମ ସଂଶୋଧନ) ଅଧିନିୟମ, 1975, ଧାରା 37 ଦ୍ୱାରା "ଆଭ୍ୟନ୍ତରୀଣ ବିଶୃଙ୍ଖଳା" ପାଇଁ ପ୍ରତିସ୍ଥାପିତ (20-6-1979ଠାରୁ କାର୍ଯ୍ୟକାରୀ) ।

[1][କିନ୍ତୁ ଯଦି ଏକ ଜରୁରୀକାଳୀନ ପରିସ୍ଥିତି ଘୋଷଣା କେବଳ ଭାରତୀୟ ଅଞ୍ଚଳର କୌଣସି ଅଂଶରେ କାର୍ଯ୍ୟକାରୀ ରହିଛି, ତେବେ,—

(*i*) ଖଣ୍ଡ (*a*) ଅଧୀନରେ କେନ୍ଦ୍ରର ନିର୍ଦ୍ଦେଶ ଦେବାର କାର୍ଯ୍ୟପାଳିକା କ୍ଷମତା, ଏବଂ

(*ii*) ଖଣ୍ଡ (*b*) ଅଧୀନରେ ସଂସଦର ଆଇନ ପ୍ରଣୟନ କରିବାର କ୍ଷମତା,

ତାହା ସେହି ରାଜ୍ୟ ବ୍ୟତୀତ, ଅନ୍ୟ ରାଜ୍ୟକୁ ପାଇଁ ମଧ୍ୟ ବିସ୍ତାରିତ ହେବ, ଯେଉଁ ରାଜ୍ୟରେ କିମ୍ବା ଯେଉଁ ରାଜ୍ୟର କୌଣସି ଅଂଶରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କାର୍ଯ୍ୟକାରୀ ଥାଏ, ଯଦି ଏବଂ ଯେପର୍ଯ୍ୟନ୍ତ ଭାରତର ସୁରକ୍ଷା ବା ଏହାର କୌଣସି ଅଂଶର ସୁରକ୍ଷା ପାଇଁ ଜରୁରୀକାଳୀନ ପରିସ୍ଥିତି ଘୋଷଣା କାର୍ଯ୍ୟକାରୀ ଅଛି, ସେ ସମ୍ପର୍କିତ କୌଣସି କାର୍ଯ୍ୟକଳାପଦ୍ୱାରା ବିପଦଗ୍ରସ୍ତ ହୋଇଛି ।]

**354. ଜରୁରୀକାଳୀନ ପରିସ୍ଥିତି ଘୋଷଣା ହେଉଥିବା ସମୟରେ ରାଜସ୍ୱ ବିତରଣ ସମ୍ବନ୍ଧୀୟ ବ୍ୟବସ୍ଥାର ପ୍ରୟୋଗ—** (1) ରାଷ୍ଟ୍ରପତି, ଯେତେବେଳେ ଏକ ଜରୁରୀକାଳୀନ ପରିସ୍ଥିତି ଘୋଷଣା କାର୍ଯ୍ୟକାରୀ ଥାଏ, ସେତେବେଳେ ଆଦେଶ ଜାରି କରି ନିର୍ଦ୍ଦେଶ ଦେଇପାରିବେ ଯେ ଅନୁଚ୍ଛେଦ 268 ରୁ 279 ପର୍ଯ୍ୟନ୍ତ ସମସ୍ତ ବା କୌଣସି ବ୍ୟବସ୍ଥା ଏପରି ଅବଧି ପାଇଁ, ଯାହା ଆଦେଶରେ ନିର୍ଦ୍ଦିଷ୍ଟ କରାଯାଇଥିବ ଏବଂ ଯାହା କୌଣସି ପରିସ୍ଥିତିରେ ଆର୍ଥିକ ବର୍ଷ ସମାପ୍ତି ପରେ ପରିବର୍ଦ୍ଧିତ ହୋଇପାରିବ ନାହିଁ, ଯେଉଁଥିରେ ଏପରି ଘୋଷଣା କାର୍ଯ୍ୟକାରୀ ନଥାଏ, ତାହା ଏପରି ବ୍ୟତିକ୍ରମ ବା ପରିବର୍ତ୍ତନ ସହିତ ପ୍ରଭାବୀ ହେବ, ଯାହା ସେ ଉପଯୁକ୍ତ ମନେ କରିବେ ।

(2) ଖଣ୍ଡ (1) ଅଧୀନରେ ଜାରି ହୋଇଥିବା ପ୍ରତ୍ୟେକ ଆଦେଶ ଜାରି ହେବା ପରେ ଯଥାଶୀଘ୍ର ସଂସଦର ଉଭୟ ସଦନ ସମ୍ମୁଖରେ ଉପସ୍ଥାପନ କରାଯିବ ।

**355. ବାହ୍ୟ ଆକ୍ରମଣ ଏବଂ ଆଭ୍ୟନ୍ତରୀଣ ବିଶୃଙ୍ଖଳାରୁ ରାଜ୍ୟଗୁଡ଼ିକୁ ସୁରକ୍ଷା ଦେବାର କେନ୍ଦ୍ରର କର୍ତ୍ତବ୍ୟ—** କେନ୍ଦ୍ରର ଏହା କର୍ତ୍ତବ୍ୟ ହେବ ଯେ, ପ୍ରତ୍ୟେକ ରାଜ୍ୟକୁ ବାହ୍ୟ ଆକ୍ରମଣ ଏବଂ ଆଭ୍ୟନ୍ତରୀଣ ବିଶୃଙ୍ଖଳାରୁ ସୁରକ୍ଷା ଦେବା ଏବଂ ପ୍ରତ୍ୟେକ ରାଜ୍ୟର ସରକାର ଏହି ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ପରିଚାଳିତ ହେଉଛି ତାହା ସୁନିଶ୍ଚିତ କରିବା ।

**356. ରାଜ୍ୟଗୁଡ଼ିକରେ ସାମ୍ବିଧାନିକ ବ୍ୟବସ୍ଥା ବିଫଳ ହେବା କ୍ଷେତ୍ରରେ ବ୍ୟବସ୍ଥା—** (1) କୌଣସି ରାଜ୍ୟର ରାଜ୍ୟପାଳଙ୍କଠାରୁ[2]*** ଏକ ବିବରଣୀ ପ୍ରାପ୍ତ ହେଲା ପରେ କିମ୍ବା ଅନ୍ୟଥା, ଯଦି ରାଷ୍ଟ୍ରପତିଙ୍କର ଏହା ହୃଦବୋଧ ହୁଏ ଯେ ଏପରି ଏକ ପରିସ୍ଥିତି ଉଦ୍ରେକ ହୋଇଛି ଯେଉଁଥିରେ ରାଜ୍ୟର ସରକାର ଏହି ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ପରିଚାଳନା କରାଯାଇପାରିବ ନାହିଁ, ତେବେ ରାଷ୍ଟ୍ରପତି ଘୋଷଣାଦ୍ୱାରା—

---

[1] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 49 ଦ୍ୱାରା ସଂଯୁକ୍ତ କରାଯାଇଛି (3-1-1977ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀ ଦ୍ୱାରା "କିମ୍ବା ରାଜପ୍ରମୁଖ" ଶବ୍ଦଗୁଡ଼ିକ ବାଦ୍ ଦିଆଯାଇଛି (1-11-1956ଠାରୁ କାର୍ଯ୍ୟକାରୀ) ।

(*a*) ରାଜ୍ୟ ସରକାରର ସମସ୍ତ ବା କୌଣସି କାର୍ଯ୍ୟ ଏବଂ ରାଜ୍ୟପାଳଙ୍କ[1]*** ଠାରେ କିମ୍ବା ବିଧାନମଣ୍ଡଳ ବ୍ୟତୀତ କିମ୍ବା ରାଜ୍ୟରେ ଥିବା ଅନ୍ୟ କୌଣସି ସଂସ୍ଥା ବା କର୍ତ୍ତୃପକ୍ଷଙ୍କ ନିକଟରେ ନିହିତ ତାଙ୍କଦ୍ୱାରା ପ୍ରୟୋଜନୀୟ ସମସ୍ତ କିମ୍ବା ଯେ କୌଣସି କ୍ଷମତାକୁ ଗ୍ରହଣ କରିବେ;

(*b*) ଘୋଷଣା କରିବେ ଯେ ରାଜ୍ୟ ବିଧାନମଣ୍ଡଳର କ୍ଷମତା ସଂସଦଦ୍ୱାରା କିମ୍ବା ତାହାର ଅଧିକାର ଅଧୀନରେ ପ୍ରୟୋଗ କରାଯିବ;

(*c*) ଏପରି ଆନୁଷଙ୍ଗିକ ଏବଂ ପରିଣାମମୂଳକ ବ୍ୟବସ୍ଥା ଗ୍ରହଣ କରିବେ ଯାହା ଘୋଷଣାର ଉଦ୍ଦେଶ୍ୟକୁ ପ୍ରଭାବୀ କରିବା ପାଇଁ ରାଷ୍ଟ୍ରପତିଙ୍କୁ ଆବଶ୍ୟକ ବା ବାଞ୍ଛନୀୟ ପ୍ରତୀତ ହେବ ଯେଉଁଥିରେ ରାଜ୍ୟରେ ଥିବା କୌଣସି ସଂସ୍ଥା ବା କର୍ତ୍ତୃପକ୍ଷଙ୍କ ସମ୍ବନ୍ଧୀୟ ଏହି ସମ୍ବିଧାନର କୌଣସି ବ୍ୟବସ୍ଥାର କାର୍ଯ୍ୟକାରିତାକୁ ସମ୍ପୂର୍ଣ୍ଣ ବା ଆଂଶିକଭାବେ ନିଲମ୍ବନ କରିବା ଅନ୍ତର୍ଭୁକ୍ତ ହେବ:

କିନ୍ତୁ, ଏହି ଖଣ୍ଡରେ କୌଣସି ବିଷୟ ରାଷ୍ଟ୍ରପତିଙ୍କୁ ଉଚ୍ଚ ନ୍ୟାୟାଳୟରେ ନିହିତ ବା ପ୍ରୟୋଗଯୋଗ୍ୟ କୌଣସି କ୍ଷମତା ଗ୍ରହଣ କରିବାକୁ କିମ୍ବା ଉଚ୍ଚ ନ୍ୟାୟାଳୟ ସମ୍ବନ୍ଧୀୟ ଏହି ସମ୍ବିଧାନର କୌଣସି ବ୍ୟବସ୍ଥାର କାର୍ଯ୍ୟକାରିତାକୁ ସମ୍ପୂର୍ଣ୍ଣ ବା ଆଂଶିକଭାବେ ନିଲମ୍ବନ କରିବାକୁ ଅଧିକାର ପ୍ରଦାନ କରେ ନାହିଁ ।

(2) ଏପରି କୌଣସି ଘୋଷଣା ପରବର୍ତ୍ତୀ ଘୋଷଣାଦ୍ୱାରା ପ୍ରତ୍ୟାହାର କିମ୍ବା ପରିବର୍ତ୍ତନ କରାଯାଇପାରିବ ।

(3) ଏହି ଅନୁଚ୍ଛେଦ ଅଧୀନରେ ଜାରି ହୋଇଥିବା ପ୍ରତ୍ୟେକ ଘୋଷଣା ସଂସଦର ଉଭୟ ସଦନ ସମ୍ମୁଖରେ ଉପସ୍ଥାପନ କରାଯିବ ଏବଂ ଯଦି ଏହା ପୂର୍ବବର୍ତ୍ତୀ ଘୋଷଣାକୁ ପ୍ରତ୍ୟାହାର କରୁଥିବା ଘୋଷଣା ନୁହେଁ, ତେବେ ଏହା ଦୁଇ ମାସର ଅବଧି ସମାପ୍ତିରେ କାର୍ଯ୍ୟକାରୀ ହେବା ବନ୍ଦ ହେବ, ଯଦି ସେହି ଅବଧି ସମାପ୍ତ ହେବା ପୂର୍ବରୁ ଏହା ସଂସଦର ଉଭୟ ସଦନର ସଂକଳ୍ପଦ୍ୱାରା ଅନୁମୋଦିତ ହୋଇନଥାଏ:

କିନ୍ତୁ, ଯଦି ଏପରି କୌଣସି ଘୋଷଣା (ଯାହା ପୂର୍ବବର୍ତ୍ତୀ ଘୋଷଣାକୁ ପ୍ରତ୍ୟାହାର କରୁଥିବା ଘୋଷଣା ନୁହେଁ) ଏପରି ସମୟରେ ଜାରି ହୁଏ ଯେତେବେଳେ ଲୋକସଭା ଭଙ୍ଗ ହୋଇଥାଏ ବା ଏହି ଖଣ୍ଡରେ ଉଲ୍ଲେଖିତ ଦୁଇ ମାସର ଅବଧି ମଧ୍ୟରେ ଲୋକସଭା ଭଙ୍ଗ ହୋଇଯାଏ, ଏବଂ ଯଦି ରାଜ୍ୟସଭାଦ୍ୱାରା ଘୋଷଣାକୁ ଅନୁମୋଦନ କରୁଥିବା ଏକ ପ୍ରସ୍ତାବ ପାରିତ ହୋଇଥାଏ, କିନ୍ତୁ ଏହି ଅବଧି ସମାପ୍ତ ହେବା ପୂର୍ବରୁ ଲୋକସଭାଦ୍ୱାରା ଏପରି ଘୋଷଣା ସମ୍ବନ୍ଧରେ କୌଣସି ସଂକଳ୍ପ ପାରିତ ହୋଇନଥାଏ, ତେବେ ଘୋଷଣାଟି ଲୋକସଭାର ପୁନର୍ଗଠନ ପରେ ପ୍ରଥମ ବୈଠକର ତାରିଖଠାରୁ ତିରିଶ ଦିନ ସମାପ୍ତିରେ କାର୍ଯ୍ୟକାରୀ ହେବା ବନ୍ଦ ହେବ, ଯଦି ସେହି ତିରିଶ ଦିନର ଅବଧି ସମାପ୍ତ ହେବା ପୂର୍ବରୁ ଲୋକସଭାଦ୍ୱାରା ଘୋଷଣାକୁ ଅନୁମୋଦନ କରୁଥିବା ଏକ ସଂକଳ୍ପ ପାରିତ କରାଯାଇନଥାଏ ।

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀ ଦ୍ୱାରା "ଯଥାସ୍ଥିତି, କିମ୍ବା ରାଜପ୍ରମୁଖ" ଶବ୍ଦଗୁଡ଼ିକ ବାଦ ଦିଆଯାଇଛି (1-11-1956ଠାରୁ କାର୍ଯ୍ୟକାରୀ)।

(4) ଏପରି ଅନୁମୋଦିତ ଏକ ଘୋଷଣା, ଯଦି ପ୍ରତ୍ୟାହୃତ ନହୁଏ, ତେବେ [1][ଘୋଷଣା ଜାରି ହେବାର ତାରିଖଠାରୁ 6 ମାସର ଅବଧି ସମାପ୍ତିରେ] କାର୍ଯ୍ୟକାରୀ ହେବା ବନ୍ଦ ହେବ:

କିନ୍ତୁ, ଯଦି ଏବଂ ଯେତେବେଳେ ଏପରି ଘୋଷଣା ବଳବତ୍ତର ରହିବାକୁ ଅନୁମୋଦନ କରୁଥିବା ଏକ ସଂକଳ୍ପ ସଂସଦର ଉଭୟ ସଦନଦ୍ୱାରା ପାରିତ ହୁଏ, ସେତେବେଳେ ତେବେ ଘୋଷଣାଟି, ଯଦି ପ୍ରତ୍ୟାହୃତ ନହୁଏ, ଏହି ଖଣ୍ଡ ଅଧୀନରେ ଅନ୍ୟଥା କାର୍ଯ୍ୟକାରୀ ହେବା ବନ୍ଦ ହେବାର ତାରିଖଠାରୁ ଆଉ [2][ଛଅ ମାସ] ପାଇଁ ଜାରି ରହିବ, କିନ୍ତୁ ଏପରି କୌଣସି ଘୋଷଣା କୌଣସି କ୍ଷେତ୍ରରେ ତିନି ବର୍ଷରୁ ଅଧିକ ସମୟ ପାଇଁ ବଳବତ୍ତର ରହିବ ନାହିଁ:

ଅଧିକନ୍ତୁ, ଯଦି ଏପରି [2][ଛଅ ମାସର] ଅବଧି ମଧ୍ୟରେ ଲୋକସଭାର ଭଙ୍ଗ ହୁଏ ଏବଂ ଏପରି ଘୋଷଣା ଜାରି ରହିବାକୁ ଅନୁମୋଦନ କରୁଥିବା ଏକ ସଂକଳ୍ପ ରାଜ୍ୟସଭାଦ୍ୱାରା ପାରିତ ହୋଇଥାଏ, କିନ୍ତୁ ଏହି ଅବଧି ମଧ୍ୟରେ ଲୋକସଭାଦ୍ୱାରା ଏପରି ଘୋଷଣାର ଜାରି ରହିବା ସମ୍ବନ୍ଧରେ କୌଣସି ସଂକଳ୍ପ ପାରିତ ହୋଇନଥାଏ, ତେବେ ଘୋଷଣାଟି ଲୋକସଭାର ପୁନର୍ଗଠନ ପରେ ପ୍ରଥମ ବୈଠକର ତାରିଖଠାରୁ ତିରିଶ ଦିନ ସମାପ୍ତିରେ କାର୍ଯ୍ୟକାରୀ ହେବା ବନ୍ଦ ହେବ, ଯଦି ସେହି ତିରିଶ ଦିନର ଅବଧି ସମାପ୍ତ ହେବା ପୂର୍ବରୁ ଲୋକସଭାଦ୍ୱାରା ଘୋଷଣାର ଜାରି ରହିବାକୁ ଅନୁମୋଦନ କରୁଥିବା ଏକ ସଂକଳ୍ପ ପାରିତ ନହୁଏ:

[3][ଅଧିକନ୍ତୁ ଖଣ୍ଡ(1) ଅଧୀନରେ 1987 ମସିହା ମଇ 11ତାରିଖରେ ପଞ୍ଜାବ ରାଜ୍ୟ ସମ୍ବନ୍ଧରେ ଜାରି ହୋଇଥିବା ଘୋଷଣାର କ୍ଷେତ୍ରରେ, ଏହି ଖଣ୍ଡର ପ୍ରଥମ ସର୍ତ୍ତରେ "ତିନି ବର୍ଷ" ଉଲ୍ଲେଖକୁ [4][ପାଞ୍ଚ ବର୍ଷ] ବୋଲି ବ୍ୟାଖ୍ୟା କରାଯିବ ।]

---

[1] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 50 ଦ୍ୱାରା "ଛଅ ମାସ" ପାଇଁ ପ୍ରତିସ୍ଥାପିତ (3-1-1977ଠାରୁ କାର୍ଯ୍ୟକାରୀ) ଏବଂ ପରବର୍ତ୍ତୀ ସମୟରେ ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 38 ଦ୍ୱାରା "ଖଣ୍ଡ (3) ଅଧୀନରେ ଘୋଷଣାକୁ ଅନୁମୋଦନ କରୁଥିବା ଦ୍ୱିତୀୟ ପ୍ରସ୍ତାବ ପାସ୍ ହେବାର ତାରିଖଠାରୁ ଏକ ବର୍ଷ" ପାଇଁ ପ୍ରତିସ୍ଥାପିତ (20-6-1979ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 50 ଦ୍ୱାରା "ଛଅ ମାସ" ପାଇଁ ପ୍ରତିସ୍ଥାପନ (3-1-1977ଠାରୁ କାର୍ଯ୍ୟକାରୀ) ଏବଂ ପରେ ଉକ୍ତ ଧାରା 38 ଦ୍ୱାରା ଯଥାକ୍ରମେ "ଏକ ବର୍ଷ" ପାଇଁ ପ୍ରତିସ୍ଥାପିତ (20-6-1979ଠାରୁ କାର୍ଯ୍ୟକାରୀ) ।

[3] ସମ୍ବିଧାନ (64ତମ ସଂଶୋଧନ) ଅଧିନିୟମ, 1990, ଧାରା 2 ଦ୍ୱାରା ସନ୍ନିବେଶିତ (16-4-1990ଠାରୁ କାର୍ଯ୍ୟକାରୀ)।

[4] ସମ୍ବିଧାନ (67ତମ ସଂଶୋଧନ) ଅଧିନିୟମ, 1990, ଧାରା 2 ଦ୍ୱାରା ପ୍ରତିସ୍ଥାପିତ (4-10-1990ଠାରୁ କାର୍ଯ୍ୟକାରୀ) ଏବଂ ପରବର୍ତ୍ତୀ ସମୟରେ ସମ୍ବିଧାନ (68ତମ ସଂଶୋଧନ) ଅଧିନିୟମ, 1991, ଧାରା 2 ଦ୍ୱାରା ପ୍ରତିସ୍ଥାପିତ (12-3-1991ଠାରୁ କାର୍ଯ୍ୟକାରୀ)।

[1][(5) ଖଣ୍ଡ (4)ରେ ଥିବା ଯେକୌଣସି ବିଷୟ ସତ୍ତ୍ୱେ, ଖଣ୍ଡ(3) ଅଧୀନରେ ଅନୁମୋଦିତ ଏକ ଘୋଷଣାର ଜାରି ରହିବା ସମ୍ବନ୍ଧରେ ଏପରି ଘୋଷଣା ଜାରି ହେବାର ତାରିଖଠାରୁ ଏକ ବର୍ଷର ଅବଧି ସମାପ୍ତି ପରେ ଯେକୌଣସି ଅବଧି ପାଇଁ ଏକ ସଂକଳ୍ପ ସଂସଦର କୌଣସି ସଦନଦ୍ୱାରା ପାରିତ ହେବ ନାହିଁ, ଯଦି—

(*a*) ଏପରି ସଂକଳ୍ପ ପାରିତ ହେବା ସମୟରେ ସମଗ୍ର ଭାରତରେ ବା, ଯେପରି ହେଉଛି, ସମଗ୍ର ରାଜ୍ୟ ବା ରାଜ୍ୟର କୌଣସି ଅଂଶରେ ଏକ ଜରୁରୀକାଳୀନ ଘୋଷଣା କାର୍ଯ୍ୟକାରୀ ହେଉଛି, ଏବଂ

(*b*) ନିର୍ବାଚନ ଆୟୋଗ ପ୍ରମାଣିତ କରେ ଯେ ଖଣ୍ଡ(3) ଅଧୀନରେ ଅନୁମୋଦିତ ଘୋଷଣାର ଜାରି ରହିବା ଏପରି ସଂକଳ୍ପରେ ଉଲ୍ଲେଖିତ ଅବଧି ମଧ୍ୟରେ ସମ୍ବନ୍ଧିତ ରାଜ୍ୟର ବିଧାନସଭା ପାଇଁ ସାଧାରଣ ନିର୍ବାଚନ ଆୟୋଜନ କରିବାରେ ଅସୁବିଧା ହେତୁ ଆବଶ୍ୟକ:]

[2][କିନ୍ତୁ ଏହି ଖଣ୍ଡରେ କିଛି ମଧ୍ୟ 1987 ମସିହା ମଇ 11 ତାରିଖରେ ଖଣ୍ଡ (1) ଅଧୀନରେ ପଞ୍ଜାବ ରାଜ୍ୟ ସମ୍ବନ୍ଧରେ ଜାରି ହୋଇଥିବା ଘୋଷଣାର କ୍ଷେତ୍ରରେ ପ୍ରୟୋଗ ହେବ ନାହିଁ ।]

**357. ଅନୁଚ୍ଛେଦ 356 ଅଧୀନରେ ଜାରି ହୋଇଥିବା ଘୋଷଣା ଅଧୀନରେ ବୈଧାନିକ କ୍ଷମତାର ପ୍ରୟୋଗ**—(1) ଯେଉଁଠାରେ ଅନୁଚ୍ଛେଦ 356ର ଖଣ୍ଡ (1) ଅଧୀନରେ ଜାରି ହୋଇଥିବା ଏକ ଘୋଷଣାଦ୍ୱାରା ଘୋଷଣା କରାଯାଇଛି ଯେ ରାଜ୍ୟ ବିଧାନମଣ୍ଡଳର କ୍ଷମତା ସଂସଦଦ୍ୱାରା କିମ୍ବା ତାହାର ଅଧିକାର ଅଧୀନରେ ପ୍ରୟୋଗ କରାଯିବ, ତେବେ ଏହା ଯୋଗ୍ୟ ହେବ—

(*a*) ସଂସଦ ପାଇଁ ରାଷ୍ଟ୍ରପତିଙ୍କୁ ରାଜ୍ୟ ବିଧାନମଣ୍ଡଳର ଆଇନ ପ୍ରଣୟନ କରିବାର କ୍ଷମତା ପ୍ରଦାନ କରିବା ଏବଂ ରାଷ୍ଟ୍ରପତିଙ୍କୁ ଏପରି ପ୍ରଦତ୍ତ କ୍ଷମତାକୁ, ସେ ଯେଉଁ ସର୍ତ୍ତ ଲାଗୁ କରିବା ଉପଯୁକ୍ତ ମନେ କରନ୍ତି, ସେହି ଅନୁଯାୟୀ ଅନ୍ୟ କୌଣସି କର୍ତ୍ତୃପକ୍ଷକୁ, ଯାହାକୁ ସେ ଏହି ଉଦ୍ଦେଶ୍ୟରେ ନିର୍ଦ୍ଦିଷ୍ଟ କରନ୍ତି, ଅର୍ପଣ କରିବାକୁ ଅଧିକାର ପ୍ରଦାନ କରିବା;

(*b*) ସଂସଦ ବା ରାଷ୍ଟ୍ରପତି ବା ଅନ୍ୟ କର୍ତ୍ତୃପକ୍ଷ, ଯାହାଙ୍କ ଠାରେ ଉପଖଣ୍ଡ (*a*) ଅଧୀନରେ ଆଇନ ପ୍ରଣୟନ ଓ କର୍ତ୍ତବ୍ୟ ଧାର୍ଯ୍ୟ କରିବାର କ୍ଷମତା ରହିଛି, ସେମାନେ କେନ୍ଦ୍ର ବା ତାହାର ଅଧିକାରୀ ଏବଂ କର୍ତ୍ତୃପକ୍ଷମାନଙ୍କୁ କ୍ଷମତା ପ୍ରଦାନ କରୁଥିବା ଏବଂ କର୍ତ୍ତବ୍ୟ ଧାର୍ଯ୍ୟ କରୁଥିବା ବା କ୍ଷମତା ପ୍ରଦାନ ଏବଂ କର୍ତ୍ତବ୍ୟ ଧାର୍ଯ୍ୟ କରିବାକୁ ଅଧିକାର ପ୍ରଦାନ କରୁଥିବା ଆଇନ ପ୍ରଣୟନ କରିବା;

(*c*) ଯେତେବେଳେ ଲୋକସଭା ଅଧିବେଶନରେ ନଥାଏ, ସେତେବେଳେ ରାଷ୍ଟ୍ରପତି ରାଜ୍ୟର ସଞ୍ଚିତ ପାଣ୍ଠିରୁ ବ୍ୟୟକୁ ସଂସଦର ଅନୁମୋଦନ ପାଇଁ ଅପେକ୍ଷା କରୁଥିବା ସମୟରେ ଅଧିକାର ପ୍ରଦାନ କରିବା।

---

[1] ସମ୍ବିଧାନ (38ତମ ସଂଶୋଧନ) ଅଧିନିୟମ, 1975, ଧାରା 6 ଦ୍ୱାରା ସନ୍ନିବେଶିତ (ପୁନଃପ୍ରଭାବୀ ସହିତ) ଏବଂ ପରବର୍ତ୍ତୀ ସମୟରେ ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 38 ଦ୍ୱାରା ଖଣ୍ଡ (5) ପାଇଁ ପ୍ରତିସ୍ଥାପିତ (20-6-1979ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (63ତମ ସଂଶୋଧନ) ଅଧିନିୟମ, 1989, ଧାରା 2 ଦ୍ୱାରା ପ୍ରତିବନ୍ଧକୁ ବାଦ୍ ଦିଆଯାଇଛି (6-1-1990ଠାରୁ କାର୍ଯ୍ୟକାରୀ) ଏବଂ ପରବର୍ତ୍ତୀ ସମୟରେ ସମ୍ବିଧାନ (64ତମ ସଂଶୋଧନ) ଅଧିନିୟମ, 1990, ଧାରା 2 ଦ୍ୱାରା ସନ୍ନିବେଶିତ (16-4-1990ଠାରୁ କାର୍ଯ୍ୟକାରୀ) ।

[1][(2) ଖଣ୍ଡ (1)ର ଉପଖଣ୍ଡ (*a*)ରେ ଉଲ୍ଲେଖିତ ସଂସଦ ବା ରାଷ୍ଟ୍ରପତି ବା ଅନ୍ୟ କର୍ତ୍ତୃପକ୍ଷଦ୍ୱାରା ରାଜ୍ୟ ବିଧାନମଣ୍ଡଳର କ୍ଷମତା ପ୍ରୟୋଗ କରି ପ୍ରଣୀତ କୌଣସି ଆଇନ, ଯାହା ଅନୁଚ୍ଛେଦ 356 ଅଧୀନରେ ଘୋଷଣା ଜାରି ନହେଲେ ସଂସଦ ବା ରାଷ୍ଟ୍ରପତି ବା ଏହିପରି ଅନ୍ୟ କର୍ତ୍ତୃପକ୍ଷ ପ୍ରଣୟନ କରିବାରେ ଯୋଗ୍ୟ ହୋଇନଥାନ୍ତେ, ତାହା ଘୋଷଣା କାର୍ଯ୍ୟକାରୀ ହେବା ବନ୍ଦ ହେବା ପରେ ଜାରି ରହିବ, ଯେପର୍ଯ୍ୟନ୍ତ ଏକ ଯୋଗ୍ୟ ବିଧାନସଭା ବା ଅନ୍ୟ କର୍ତ୍ତୃପକ୍ଷଦ୍ୱାରା ପରିବର୍ତ୍ତନ, ରଦ୍ଦ ବା ସଂଶୋଧନ ନହୁଏ ।]

**358. ଜରୁରୀକାଳୀନ ସମୟରେ ଅନୁଚ୍ଛେଦ 19ର ବ୍ୟବସ୍ଥାଗୁଡ଼ିକ ସ୍ଥଗିତ ରହିବ**—[2][(1)] [3][ଯେତେବେଳେ ଭାରତର କିମ୍ବା ଏହାର କୌଣସି ଅଞ୍ଚଳର କୌଣସି ଅଂଶର ସୁରକ୍ଷା, ଯୁଦ୍ଧ କିମ୍ବା ବାହ୍ୟ ଆକ୍ରମଣଦ୍ୱାରା ବିପଦଗ୍ରସ୍ତ ହେବାର ଘୋଷଣା କରୁଥିବା ଏକ ଜରୁରୀକାଳୀନ ପରିସ୍ଥିତି ଘୋଷଣା ବଳବତ୍ତର ରହିଛି], ତେବେ ଅନୁଚ୍ଛେଦ 19ରେ ଥିବା ବିଷୟ ଭାଗ IIIରେ ପରିଭାଷିତ ରାଜ୍ୟର କ୍ଷମତାକୁ କୌଣସି ଆଇନ ପ୍ରଣୟନ କରିବା କିମ୍ବା କୌଣସି ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ନେବାରେ ପ୍ରତିବନ୍ଧିତ କରିବ ନାହିଁ, ଯାହା ସେହି ରାଜ୍ୟ ଏହି ଭାଗରେ ଥିବା ବ୍ୟବସ୍ଥା ନଥିଲେ ପ୍ରଣୟନ କରିବାରେ କିମ୍ବା ଗ୍ରହଣ କରିବାରେ ସକ୍ଷମ ହୋଇଥାନ୍ତା, କିନ୍ତୁ ଏପରି ପ୍ରଣୀତ କୌଣସି ଆଇନ, ଅଯୋଗ୍ୟତାର ସୀମା ପର୍ଯ୍ୟନ୍ତ, ଘୋଷଣା କାର୍ଯ୍ୟକାରୀ ହେବା ବନ୍ଦ ହେବା ସଙ୍ଗେ ସଙ୍ଗେ ତା'ର ପ୍ରଭାବ ମଧ୍ୟ ବନ୍ଦ ହେବ, କେବଳ ସେହି ବିଷୟ ବ୍ୟତୀତ, ଯାହା ଏହି ଆଇନ ବନ୍ଦ ହେବା ପୂର୍ବରୁ କରାଯାଇଥିଲା କିମ୍ବା କରାଯିବାରୁ ବାଦ୍ ଦିଆଯାଇଛି:

[4][କିନ୍ତୁ, [5][ ଯେଉଁ ସ୍ଥଳରେ ଏପରି ଜରୁରୀକାଳୀନ ପରିସ୍ଥିତିର ଘୋଷଣା] କେବଳ ଭାରତର କୌଣସି ଅଞ୍ଚଳର କୌଣସି ଅଂଶରେ କାର୍ଯ୍ୟକାରୀ ରହିଛି, ଯଦି ଏବଂ ଯେପର୍ଯ୍ୟନ୍ତ ଭାରତ କିମ୍ବା ଭାରତର କୌଣସି ଅଞ୍ଚଳରେ କୌଣସି ଭାଗର ସୁରକ୍ଷା, ଭାରତର ଅଞ୍ଚଳର ସେହି ଅଂଶରେ କିମ୍ବା ତାହା ସମ୍ବନ୍ଧରେ, ଯେଉଁଠାରେ ଜରୁରୀକାଳୀନ ପରିସ୍ଥିତିର ଘୋଷଣା ବଳବତ୍ତର ରହିଛି, ସେଠାରେ ହେବାକୁ ଥିବା କାର୍ଯ୍ୟକଳାପଦ୍ୱାରା ବିପଦ ଅଛି, ତେବେ ସେପର୍ଯ୍ୟନ୍ତ ସେହି ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳରେ କିମ୍ବା ଏହା ସମ୍ବନ୍ଧରେ ଯେଉଁଥିରେ କିମ୍ବା ଯାହା କୌଣସି ଅଂଶରେ ଜରୁରୀକାଳୀନ ପରିସ୍ଥିତିର ଘୋଷଣା ବଳବତ୍ତର ନଥାଏ, ଏହି ଅନୁଚ୍ଛେଦ ଅନୁଯାୟୀ ଏପରି କୌଣସି ଆଇନ ପ୍ରଣୟନ କରାଯାଇପାରିବ କିମ୍ବା ଏପରି କୌଣସି ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ।]

[6][(2) ଖଣ୍ଡ (1)ରେ ଥିବା କୌଣସି ବିଷୟ—

---

[1] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 51ଦ୍ୱାରା ପ୍ରତିସ୍ଥାପନ (3-1-1977ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 39ଦ୍ୱାରା ଅନୁଚ୍ଛେଦ 358କୁ ଖଣ୍ଡ (1)ଭାବେ ପୁନଃସଂଖ୍ୟାଙ୍କିତ (20-6-1979ଠାରୁ କାର୍ଯ୍ୟକାରୀ)।

[3] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 39ଦ୍ୱାରା "ଜରୁରୀକାଳୀନ ଘୋଷଣା କାର୍ଯ୍ୟକାରୀ ଥିଲାବେଳେ" ପାଇଁ ପ୍ରତିସ୍ଥାପନ (20-6-1979ଠାରୁ କାର୍ଯ୍ୟକାରୀ)।

[4] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 52ଦ୍ୱାରା ସଂଯୁକ୍ତ କରାଯାଇଛି (3-1-1977ଠାରୁ କାର୍ଯ୍ୟକାରୀ)।

[5] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 39ଦ୍ୱାରା "ଯେଉଁଠାରେ ଜରୁରୀକାଳୀନ ଘୋଷଣା" ପାଇଁ ପ୍ରତିସ୍ଥାପିତ (20-6-1979 ଠାରୁ କାର୍ଯ୍ୟକାରୀ)।

[6] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 39ଦ୍ୱାରା ସନ୍ନିବେଶିତ (20-6-1979ଠାରୁ କାର୍ଯ୍ୟକାରୀ)।

(*a*) ଏପରି କୌଣସି ଆଇନ ପ୍ରତି ପ୍ରୟୋଗ ହେବ ନାହିଁ, ଯେଉଁଠି ଏହା ଉଲ୍ଲେଖ ନଥିବ ଯେ ଏମିତି ଆଇନ ସେଇ ସମୟରେ ଲାଗୁ ଜରୁରୀକାଳୀନର ଘୋଷଣା ସମ୍ବନ୍ଧରେ ଅଟେ ଯେତେବେଳେ ଏହା ହୋଇଥିଲା; କିମ୍ବା

(*b*) ଏମିତି ଉଲ୍ଲେଖ ଥିବା ଆଇନ ବ୍ୟତୀତ ଅନ୍ୟ କୌଣସି ଉପାୟରେ କରାଯାଇଥିବା କାର୍ଯ୍ୟପାଳିକା ପଦକ୍ଷେପ ଉପରେ ପ୍ରୟୋଗ ହେବ ନାହିଁ।]

**359. ଜରୁରୀକାଳୀନ ପରିସ୍ଥିତି ସମୟରେ ଭାଗ 3ଦ୍ୱାରା ପ୍ରଦତ୍ତ ଅଧିକାରଗୁଡ଼ିକର ପ୍ରୟୋଗ ସ୍ଥଗିତ ରହିବ—**(1) ଯେତେବେଳେ ଏକ ଜରୁରୀକାଳୀନ ଘୋଷଣା ବଳବତ୍ତର ରହିଛି, ତେବେ ରାଷ୍ଟ୍ରପତି ଆଦେଶଦ୍ୱାରା ଘୋଷଣା କରିପାରିବେ ଯେ [1][ଭାଗ 3ଦ୍ୱାରା ପ୍ରଦତ୍ତ ଅଧିକାରଗୁଡ଼ିକ (ଅନୁଚ୍ଛେଦ 20 ଏବଂ 21 ବ୍ୟତୀତ)] ବଳବତ୍ତର କରିବା ନିମନ୍ତେ ଯାହା ଏହି ଆଦେଶରେ ଉଲ୍ଲେଖିତ କରାଯାଇଥିବ, କୌଣସି ନ୍ୟାୟାଳୟରେ ଆବେଦନ କରିବାର ଅଧିକାର ଏବଂ ଏପରି ଉଲ୍ଲେଖିତ ଅଧିକାରଗୁଡ଼ିକର ପ୍ରୟୋଗ ପାଇଁ କୌଣସି ନ୍ୟାୟାଳୟରେ ବିଚାରାଧୀନ ସମସ୍ତ କାର୍ଯ୍ୟାନୁଷ୍ଠାନ, ସେହି ଅବଧି ପର୍ଯ୍ୟନ୍ତ ସ୍ଥଗିତ ରହିବ, ଯେଉଁ ଅବଧି ପର୍ଯ୍ୟନ୍ତ ଏପରି ଘୋଷଣା ବଳବତ୍ତର ଥିବ କିମ୍ବା ଏପରି ଅଳ୍ପ ଅବଧି ପର୍ଯ୍ୟନ୍ତ, ଯାହା ଉକ୍ତ ଆଦେଶରେ ଉଲ୍ଲେଖ କରାଯାଇଥିବ ।

[2][(1A) ଯେତେବେଳେ ଖଣ୍ଡ (1) ଅଧୀନରେ [(ଅନୁଚ୍ଛେଦ 20 ଏବଂ 21 ବ୍ୟତୀତ)] ଭାଗ 3ଦ୍ୱାରା ପ୍ରଦତ୍ତ ଅଧିକାରଗୁଡ଼ିକ ଉଲ୍ଲେଖ କରୁଥିବା ଏକ ଆଦେଶ କାର୍ଯ୍ୟକାରୀ ରହିଛି, ତେବେ ସେହି ଭାଗରେ ଏହି ଅଧିକାରଗୁଡ଼ିକ ପ୍ରଦାନ କରୁଥିବା କୌଣସି ବିଷୟ ଉକ୍ତ ଭାଗରେ ପରିଭାଷିତ ରାଷ୍ଟ୍ରର କ୍ଷମତାକୁ କୌଣସି ଆଇନ ପ୍ରଣୟନ କରିବା କିମ୍ବା କୌଣସି ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବାଧା ଦେବ ନାହିଁ, ଯାହା ରାଜ୍ୟ, ଏହି ଭାଗରେ ଥିବା ବ୍ୟବସ୍ଥା ନଥିଲେ ପ୍ରଣୟନ କରିବାରେ ବା ଗ୍ରହଣ କରିବାରେ ସକ୍ଷମ ହୋଇଥାନ୍ତା, କିନ୍ତୁ ଏପରି ପ୍ରଣୀତ କୌଣସି ଆଇନ, ପୂର୍ବୋକ୍ତ ଆଦେଶ କାର୍ଯ୍ୟକାରୀ ହେବା ବନ୍ଦ ହୋଇଯିବ, ଯାହା ଆଇନର ଏହି ପ୍ରକାର ପ୍ରଭାବହୀନ ହେବା ପୂର୍ବରୁ କରାଯାଇଛି ବା କରିବା ପାଇଁ ଉଚ୍ଛେଦ କରାଯାଇଛି:]

[3][କିନ୍ତୁ, ଯେଉଁ ସ୍ଥାନରେ ଏକ ଜରୁରୀକାଳୀନ ପରିସ୍ଥିତିର ଘୋଷଣା କେବଳ ଭାରତର କୌଣସି ଅଂଶରେ ବଳବତ୍ତର ରହିଛି, ଯଦି ଏବଂ ଯେପର୍ଯ୍ୟନ୍ତ ଭାରତ କିମ୍ବା ଭାରତ କିମ୍ବା ଭାରତୀୟ ଅଞ୍ଚଳର କୌଣସି ଅଂଶର ସୁରକ୍ଷା, ଭାରତର ଅଞ୍ଚଳର ସେହି ଅଂଶରେ କିମ୍ବା ତାହା ସମ୍ବନ୍ଧରେ ଯେଉଁଠାରେ ଜରୁରୀକାଳୀନ ପରିସ୍ଥିତିର ଘୋଷଣା ବଳବତ୍ତର ରହିଛି, ସେଠାରେ ହେବାକୁ ଥିବା କାର୍ଯ୍ୟାକଳାପଦ୍ୱାରା ବିପଦ ଅଛି ତେବେ ସେପର୍ଯ୍ୟନ୍ତ ସେହି ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳରେ କିମ୍ବା ଏହା ସମ୍ବନ୍ଧରେ, ଯେଉଁଥିରେ କିମ୍ବା ଯାହାର କୌଣସି ଅଂଶରେ ଜରୁରୀକାଳୀନ ଘୋଷଣା ବଳବତ୍ତର ନଥାଏ, ଏହି ଅନୁଚ୍ଛେଦ ଅନୁଯାୟୀ ଏପରି କୌଣସି ଆଇନ ପ୍ରଣୟନ କରାଯାଇପାରିବ କିମ୍ବା ଏପରି କୌଣସି ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ।]

---

[1] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 40ଦ୍ୱାରା "ଭାଗ 3ଦ୍ୱାରା ପ୍ରଦତ୍ତ ଅଧିକାର" ପାଇଁ ପ୍ରତିସ୍ଥାପନ (20-6-1979ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (38ତମ ସଂଶୋଧନ) ଅଧିନିୟମ, 1975, ଧାରା 7ଦ୍ୱାରା ସନ୍ନିବେଶିତ (ପୁନଃପ୍ରଭାବୀ ସହିତ) ।

[3] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 53 ଦ୍ୱାରା ସଂଯୁକ୍ତ କରାଯାଇଛି (3-1-1977ଠାରୁ କାର୍ଯ୍ୟକାରୀ)।

[1][(1B) ଖଣ୍ଡ (1A) ରେ ଥିବା କୌଣସି ବିଷୟ—

(*a*) ଏପରି କୌଣସି ଆଇନ ପ୍ରତି ପ୍ରୟୋଗ ହେବ ନାହିଁ, ଯାହାକି ଏପରି କୌଣସି ଉଲ୍ଲେଖ ଧାରଣ କରେ ନାହିଁ ଯେ, ଏହି ଆଇନ, ତାହା ପ୍ରଣୟନ ସମୟରେ ବଳବତ୍ତର ଥିବା ଜରୁରୀକାଳୀନ ପରିସ୍ଥିତି ଘୋଷଣା ସହିତ ସମ୍ପର୍କିତ; କିମ୍ବା

(*b*) ଏପରି କୌଣସି କାର୍ଯ୍ୟପାଳିକା ପଦକ୍ଷେପ ପ୍ରତି ପ୍ରୟୋଗ ହେବ ନାହିଁ, ଯାହା ଏପରି ଉଲ୍ଲେଖରେ ଧାରଣ କରୁଥିବା ଆଇନ ବ୍ୟତୀତ ଅନ୍ୟଥା କରାଯାଇଛି ।]

(2) ଉପରୋକ୍ତ ଅନୁଯାୟୀ ଜାରି ହୋଇଥିବା ଆଦେଶ ଭାରତର ସମଗ୍ର ଅଞ୍ଚଳ କିମ୍ବା ଏହାର କୌଣସି ଅଂଶ ପାଇଁ ପରିବର୍ଦ୍ଧିତ ହୋଇପାରେ:

[2][କିନ୍ତୁ, ଯଦି ଏକ ଜରୁରୀକାଳୀନ ଘୋଷଣା କେବଳ ଭାରତୀୟ ଅଞ୍ଚଳର କୌଣସି ଅଂଶରେ ବଳବତ୍ତର ରହିଛି, ତେବେ ଏପରି କୌଣସି ଆଦେଶ ଭାରତର କିମ୍ବା ଭାରତୀୟ ଅଞ୍ଚଳର କୌଣସି ଅଂଶରେ ସେତେବେଳେ ପରିବର୍ଦ୍ଧିତ ହୋଇପାରିବ, ଯେତେବେଳେ ରାଷ୍ଟ୍ରପତିଙ୍କ ଏହା ହୃଦବୋଧ ହୁଏ ଯେ ଭାରତ କିମ୍ବା ଭାରତୀୟ ଅଞ୍ଚଳର କୌଣସି ଅଂଶର ସୁରକ୍ଷା, ଭାରତୀୟ ଅଞ୍ଚଳର ସେହି ଅଂଶରେ କିମ୍ବା ସେହି ସମ୍ବନ୍ଧରେ, ଯେଉଁଠାରେ ଜରୁରୀକାଳୀନ ଘୋଷଣା ବଳବତ୍ତର ରହିଛି, ସୃଷ୍ଟି ହୋଇଥିବା ଥିବା କାର୍ଯ୍ୟକାଳାପଦ୍ୱାରା ସଙ୍କଟରେ ଅଛି, ଏପରି ପରିବର୍ଦ୍ଧନର ଆବଶ୍ୟକତା ଅଛି ।]

(3) ଖଣ୍ଡ (1) ଅଧୀନରେ ଜାରି ହୋଇଥିବା ପ୍ରତ୍ୟେକ ଆଦେଶ ଜାରି ହେବା ପରେ ଯଥାଶୀଘ୍ର ସଂସଦର ଉଭୟ ସଦନ ସମ୍ମୁଖରେ ଉପସ୍ଥାପନ କରାଯିବ ।

[3]**359A.** *[ପଞ୍ଜାବ ରାଜ୍ୟ ପ୍ରତି ଏହି ଭାଗର ପ୍ରୟୋଗ]- ସମ୍ବିଧାନ (63 ତମ ସଂଶୋଧନ) ଅଧିନିୟମ, 1989, ଧାରା 3 ଦ୍ୱାରା ବାଦ୍ ଦିଆଯାଇଛି (6-1-1990 ଠାରୁ କାର୍ଯ୍ୟକାରୀ) ।*

**360. ଆର୍ଥିକ ଜରୁରୀକାଳୀନ ସ୍ଥିତି ସମ୍ବନ୍ଧୀୟ ବ୍ୟବସ୍ଥା—**(1) ଯଦି ରାଷ୍ଟ୍ରପତିଙ୍କର ହୃଦବୋଧ ହୁଏ ଯେ, ଏପରି ଏକ ପରିସ୍ଥିତି ଉପୁଜିଛି ଯାହାଦ୍ୱାରା ଭାରତର ଆର୍ଥିକ ସ୍ଥିରତା ବା ଋଣର ଦୃଢ଼ତା ବିପଦଗ୍ରସ୍ତ ଅଛି, ତେବେ ସେ ଏକ ଘୋଷଣା ମାଧ୍ୟମରେ ଏ ସମ୍ବନ୍ଧରେ ଘୋଷଣା କରିପାରିବେ ।

[4][(2) ଖଣ୍ଡ (1) ଅଧୀନରେ ଜାରି ହୋଇଥିବା ଏକ ଘୋଷଣା—

(*a*) ଏକ ପରବର୍ତ୍ତୀ ଘୋଷଣାଦ୍ୱାରା ପ୍ରତ୍ୟାହାର କିମ୍ବା ପରିବର୍ତ୍ତନ କରାଯାଇପାରିବ;

(*b*) ସଂସଦର ଉଭୟ ସଦନ ସମ୍ମୁଖରେ ଉପସ୍ଥାପନ କରାଯିବ;

---

[1] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 40 ଦ୍ୱାରା ସନ୍ନିବେଶିତ (20-6-1979 ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 53 ଦ୍ୱାରା ସଂଯୁକ୍ତ କରାଯାଇଛି (3-1-1977 ଠାରୁ କାର୍ଯ୍ୟକାରୀ) ।

[3] ସମ୍ବିଧାନ (59ତମ ସଂଶୋଧନ) ଅଧିନିୟମ, 1988, ଧାରା 3 ଦ୍ୱାରା ସନ୍ନିବେଶିତ (30-3-1988 ଠାରୁ କାର୍ଯ୍ୟକାରୀ) ଏବଂ ଏହା ଅଧିନିୟମ ଆରମ୍ଭର ଦୁଇ ବର୍ଷ ପରେ, ଅର୍ଥାତ୍ 30 ମାର୍ଚ୍ଚ 1988ରେ, କାର୍ଯ୍ୟ କରିବା ବନ୍ଦ ହୋଇଥିଲା ।

[4] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 41 ଦ୍ୱାରା ଖଣ୍ଡ (2) ପାଇଁ ପ୍ରତିସ୍ଥାପିତ (20-6-1979ଠାରୁ କାର୍ଯ୍ୟକାରୀ)।

(*c*) ଦୁଇ ମାସର ଅବଧି ସମାପ୍ତି ହେବା ପରେ କାର୍ଯ୍ୟକାରୀ ହେବାରୁ ବନ୍ଦ ହେବ, ଯଦି ସେହି ଅବଧି ସମାପ୍ତ ହେବା ପୂର୍ବରୁ ଏହା ସଂସଦର ଉଭୟ ସଦନର ପ୍ରସ୍ତାବଗୁଡ଼ିକଦ୍ୱାରା ଅନୁମୋଦିତ ନହୋଇଛି:

କିନ୍ତୁ, ଯଦି ଏପରି କୌଣସି ଘୋଷଣା ଏପରି ସମୟରେ ଜାରି କାରାଯାଏ, ଯେତେବେଳେ ଲୋକସଭା ଭଙ୍ଗ ହୋଇଥାଏ କିମ୍ବା ଉପଖଣ୍ଡ (*c*)ରେ ଉଲ୍ଲେଖିତ ଦୁଇ ମାସର ଅବଧି ମଧ୍ୟରେ ଲୋକସଭା ଭଙ୍ଗ ହୁଏ ଏବଂ ଯଦି ଘୋଷଣାକୁ ଅନୁମୋଦନ କରୁଥିବା ପ୍ରସ୍ତାବକୁ ରାଜ୍ୟସଭାଦ୍ୱାରା ପାରିତ କରି ଦିଆଯାଏ, କିନ୍ତୁ ଏହି ଅବଧି ସମାପ୍ତ ହେବା ପୂର୍ବରୁ ଲୋକସଭାଦ୍ୱାରା ଏପରି ଘୋଷଣା ସମ୍ବନ୍ଧରେ କୌଣସି ପ୍ରସ୍ତାବ ପାରିତ କରାଯାଇନଥାଏ, ତେବେ ଘୋଷଣାଟି ସେହି ଦିନଠାରୁ, ଯେବେ ଲୋକସଭା ଏହାର ପୁନର୍ଗଠନ ପରେ ପ୍ରଥମ ବୈଠକର ତାରିଖଠାରୁ ତିରିଶ ଦିନ ସମାପ୍ତ ହେବା ପରେ କାର୍ଯ୍ୟକାରୀ ହେବାରୁ ବନ୍ଦ ହେବ, ଯଦି ସେହି ତିରିଶ ଦିନର ଅବଧି ସମାପ୍ତ ହେବା ପୂର୍ବରୁ ଘୋଷଣାକୁ ଅନୁମୋଦନ କରୁଥିବା ଏକ ପ୍ରସ୍ତାବ ଲୋକସଭାଦ୍ୱାରା ପାରିତ କରାଯାଇନଥାଏ ।]

(3) ଖଣ୍ଡ (1)ରେ ଉଲ୍ଲେଖିତ ଏପରି କୌଣସି ଘୋଷଣା କାର୍ଯ୍ୟକାରୀ ଥିବା ଅବଧି ମଧ୍ୟରେ, କେନ୍ଦ୍ରର ପ୍ରଶାସନିକ କ୍ଷମତାର ବିସ୍ତାର କୌଣସି ରାଜ୍ୟକୁ ତାର ଅର୍ଥନୈତିକ ନିୟମାବଳୀ ସମ୍ବନ୍ଧରେ ଏପରି ସିଦ୍ଧାନ୍ତଗୁଡିକୁ ପାଳନ କରିବା ପାଇଁ ନିର୍ଦ୍ଦେଶ ଦେବା ଏବଂ ଅନ୍ୟ ନିର୍ଦ୍ଦେଶ ଦେବା ପର୍ଯ୍ୟନ୍ତ ହେବ ଯାହାକୁ ରାଷ୍ଟ୍ରପତି ଏହି ଉଦ୍ଦେଶ୍ୟ ନିମନ୍ତେ ଆବଶ୍ୟକ ଓ ଯଥେଷ୍ଟ ବୋଲି ମନେ କରିବେ ।

(4) ଏହି ସମ୍ବିଧାନରେ ଯାହା କିଛି ଥିବା ସତ୍ତ୍ୱେ—

(*a*) ଏପରି କୌଣସି ନିର୍ଦ୍ଦେଶରେ ନିମ୍ନଲିଖିତ ଅନ୍ତର୍ଭୁକ୍ତ ହୋଇପାରେ—

(*i*) କୌଣସି ରାଜ୍ୟର କାର୍ଯ୍ୟକଳାପରେ ନିୟୋଜିତ ସମସ୍ତ କିମ୍ବା କୌଣସି ଶ୍ରେଣୀର ବ୍ୟକ୍ତିମାନଙ୍କର ଦରମା ଏବଂ ଭତ୍ତାକୁ ହ୍ରାସ କରିବା ପାଇଁ ଏକ ବ୍ୟବସ୍ଥା;

(*ii*) ଅନୁଚ୍ଛେଦ 207ର ବ୍ୟବସ୍ଥା ପ୍ରୟୋଗ ହେଉଥିବା ସମସ୍ତ ଅର୍ଥ ବିଧେୟକ କିମ୍ବା ଅନ୍ୟ ବିଧେୟକଗୁଡ଼ିକ, ତାହା ରାଜ୍ୟ ବିଧାନମଣ୍ଡଳ ଦ୍ୱାରା ପାରିତ ହେବା ପରେ ରାଷ୍ଟ୍ରପତିଙ୍କ ବିଚାର ନିମନ୍ତେ ସଂରକ୍ଷିତ ରଖିବା ପାଇଁ ଏକ ବ୍ୟବସ୍ଥା;

(*b*) ଏହି ଅନୁଚ୍ଛେଦ ଅଧୀନରେ ଜାରି କରାଯାଇଥିବା କୌଣସି ଘୋଷଣା କାର୍ଯ୍ୟକାରୀ ଥିବା ଅବଧି ମଧ୍ୟରେ, ସର୍ବୋଚ୍ଚ ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶମାନଙ୍କ ସହିତ, କେନ୍ଦ୍ର କାର୍ଯ୍ୟକାଳାପରେ ନିୟୋଜିତ ସମସ୍ତ କିମ୍ବା କୌଣସି ଶ୍ରେଣୀର ବ୍ୟକ୍ତିମାନଙ୍କର, ବେତନ ଏବଂ ଭତ୍ତା ହ୍ରାସ କରିବା ପାଇଁ ନିର୍ଦ୍ଦେଶ ଜାରି କରିବାରେ ରାଷ୍ଟ୍ରପତି ସକ୍ଷମ ହେବେ ।

[1][(5) * * * * *]

---

[1] ଭାରତୀୟ ସମ୍ବିଧାନ (38ତମ ସଂଶୋଧନ) ଅଧିନିୟମ, 1975, ଧାରା 8ଦ୍ୱାରା ସନ୍ନିବେଶିତ (ପୂର୍ବବର୍ତ୍ତୀ ପ୍ରଭାବ ସହିତ) ଏବଂ ଭାରତୀୟ ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 41ଦ୍ୱାରା ବାଦ୍ ଦିଆଯାଇଛି (20-6-1979ଠାରୁ କାର୍ଯ୍ୟକାରୀ)।

# ଭାଗ 19

## ବିବିଧ

**361 . ରାଷ୍ଟ୍ରପତି, ରାଜ୍ୟପାଳ ଓ ରାଜପ୍ରମୁଖଙ୍କ ନିରାପତ୍ତା—** (1) ରାଷ୍ଟ୍ରପତି, ରାଜ୍ୟର ରାଜ୍ୟପାଳ କିମ୍ବା ରାଜପ୍ରମୁଖ ତାଙ୍କ ପଦବୀର ସମସ୍ତ କ୍ଷମତାର ପ୍ରୟୋଗ ଓ କର୍ତ୍ତବ୍ୟର ପାଳନ ନିମନ୍ତେ କିମ୍ବା ସେହି କ୍ଷମତା ଓ କର୍ତ୍ତବ୍ୟର ବ୍ୟବହାର କରି ନିଜଦ୍ଵାରା କୌଣସି କାର୍ଯ୍ୟ ସମ୍ପାଦନ କରିଥିଲେ କିମ୍ବା କରିବାର ଥିଲେ, ସେପରି କୌଣସି କାର୍ଯ୍ୟ ପାଇଁ କୌଣସି ନ୍ୟାୟାଳୟ ନିକଟରେ ଉତ୍ତରଦାୟୀ ହେବେ ନାହିଁ:

କିନ୍ତୁ, ଅନୁଚ୍ଛେଦ 61 ଅନୁଯାୟୀ ଅଭିଯୋଗର ତଦନ୍ତ ପାଇଁ ସଂସଦର ଯେ କୌଣସି ସଦନ ଦ୍ଵାରା ନିଯୁକ୍ତ ବା ଅଭିହିତ କୌଣସି ନ୍ୟାୟାଳୟ, ନ୍ୟାୟାଧିକରଣ କିମ୍ବା ସଂସ୍ଥାଦ୍ଵାରା ରାଷ୍ଟ୍ରପତିଙ୍କ ଆଚରଣକୁ ପୁନର୍ବିଚାର କରାଯାଇପାରିବ:

ଅଧିକନ୍ତୁ, ଏହି ଖଣ୍ଡରେ କୌଣସି ବିଷୟ କୌଣସି ବ୍ୟକ୍ତିଙ୍କୁ କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାରଙ୍କ ବିରୁଦ୍ଧରେ ନ୍ୟାୟାଳୟରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଅଧିକାରକୁ ପ୍ରତିବନ୍ଧିତ କରିବା ଭାବରେ ବ୍ୟାଖ୍ୟା କରାଯିବ ନାହିଁ।

(2) ରାଷ୍ଟ୍ରପତି କିମ୍ବା ରାଜ୍ୟପାଳଙ୍କ[1]*** କାର୍ଯ୍ୟକାଳ ସମୟ ମଧ୍ୟରେ, ତାଙ୍କ ବିରୁଦ୍ଧରେ କୌଣସି ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ ନାହିଁ କିମ୍ବା ଚାଲୁ କରାଯାଇପାରିବ ନାହିଁ ।

(3) ରାଷ୍ଟ୍ରପତି କିମ୍ବା ରାଜ୍ୟର ରାଜ୍ୟପାଳଙ୍କୁ[1]*** ତାଙ୍କ କାର୍ଯ୍ୟକାଳ ସମୟ ମଧ୍ୟରେ ତାଙ୍କୁ ଗିରଫ କରିବା କିମ୍ବା ବନ୍ଦୀ କରିବା ପାଇଁ କୌଣସି ନ୍ୟାୟାଳୟ ପକ୍ଷରୁ କୌଣସି ଆଦେଶନାମା ଜାରି କରାଯାଇପାରିବ ନାହିଁ ।

(4) ରାଷ୍ଟ୍ରପତି କିମ୍ବା ରାଜ୍ୟପାଳଭାବେ[1]*** ତାଙ୍କ ପଦଭାର ଗ୍ରହଣ କରିବା ପୂର୍ବରୁ କିମ୍ବା ପରେ ତାଙ୍କଦ୍ଵାରା ବ୍ୟକ୍ତିଗତଭାବେ କରାଯାଇଥିବା କିମ୍ବା କରାଯିବାକୁ ଥିବା କୌଣସି କାର୍ଯ୍ୟ ସମ୍ବନ୍ଧରେ କୌଣସି ଦେୱାନୀ କାର୍ଯ୍ୟାନୁଷ୍ଠାନ ଯେଉଁଥିରେ ରାଷ୍ଟ୍ରପତି କିମ୍ବା ଏପରି ରାଜ୍ୟପାଳଙ୍କ[1]*** ବିରୁଦ୍ଧରେ ଦୃଢ଼ ଦାବି କରାଯାଇଥାଏ, ତାଙ୍କ କାର୍ଯ୍ୟକାଳ ସମୟ ମଧ୍ୟରେ କୌଣସି ନ୍ୟାୟାଳୟରେ ସେ ପର୍ଯ୍ୟନ୍ତ ଆରମ୍ଭ କରାଯାଇପାରିବ ନାହିଁ, ଯେପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାର ପ୍ରକୃତି ଏବଂ ଏପରି କାର୍ଯ୍ୟାନୁଷ୍ଠାନର ପ୍ରକୃତି ଏବଂ ଏପରି କାର୍ଯ୍ୟାନୁଷ୍ଠାନକୁ ଆରମ୍ଭ କରିବାକୁ ଥିବା ପକ୍ଷକାରଙ୍କ ନାମ, ବର୍ଣ୍ଣନା, ବାସସ୍ଥାନ ଏବଂ ଏପରି ଭାରମୁକ୍ତି ଯାହା ସେ ଦାବି କରୁଛନ୍ତି, ସେପରି ଲିଖିତ ସୂଚନା ଯଥାସ୍ଥିତି, ରାଷ୍ଟ୍ରପତି କିମ୍ବା ରାଜ୍ୟପାଳଙ୍କୁ[1]*** ପ୍ରଦାନ କରାଯାଇଥିବ କିମ୍ବା ତାଙ୍କ କାର୍ଯ୍ୟାଳୟରେ ଦିଆଯାଇଥିବ, ତାହା ଦୁଇମାସ ସମୟ ସମାପ୍ତ ହେବା ମଧ୍ୟରେ ହେବ ।

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956 ର ଧାରା 29 ଓ ଅନୁସୂଚୀଦ୍ଵାରା "କିମ୍ବା ରାଜପ୍ରମୁଖ" ଶବ୍ଦଗୁଡିକୁ ବାଦ୍ ଦିଆଯାଇଛି (1-11-1956ଠାରୁ କାର୍ଯ୍ୟକାରୀ) ।

[1]**[361A. ସଂସଦ ଏବଂ ବିଧାନମଣ୍ଡଳର କାର୍ଯ୍ୟବିଧିର ପ୍ରକାଶନର ସୁରକ୍ଷା—** (1) କୌଣସି ବ୍ୟକ୍ତି କୌଣସି ସମ୍ବାଦପତ୍ରରେ ସଂସଦର କୌଣସି ସଦନ କିମ୍ବା ଯଥାସ୍ଥିତି, କୌଣସି ରାଜ୍ୟର ବିଧାନସଭା ବା କୌଣସି ରାଜ୍ୟର ବିଧାନମଣ୍ଡଳର ଯେକୌଣସି କାର୍ଯ୍ୟର କୌଣସି ସତ୍ୟ ରିପୋର୍ଟ ପ୍ରକାଶନ ପାଇଁ କୌଣସି ଅଦାଲତରେ କୌଣସି ଦେୱାନୀ କିମ୍ବା ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ପାଇଁ ଦାୟୀ ହେବେ ନାହିଁ, ଯଦି ପ୍ରକାଶନଟି ମନ୍ଦ ଉଦ୍ଦେଶ୍ୟ ରଖି କରାଯାଇଥିବା ପ୍ରମାଣିତ ନହୁଏ:

କିନ୍ତୁ, ଏହି ଖଣ୍ଡ ଅନୁଯାୟୀ କୌଣସି ବିଷୟ ସଂସଦର କୌଣସି ସଦନ କିମ୍ବା ଯଥାସ୍ଥିତି, କୌଣସି ରାଜ୍ୟର ବିଧାନସଭା ବା କୌଣସି ରାଜ୍ୟର ବିଧାନମଣ୍ଡଳର ଗୋପନ ବୈଠକର କାର୍ଯ୍ୟର କୌଣସି ରିପୋର୍ଟ ପ୍ରକାଶନ ପାଇଁ ପ୍ରଯୁଜ୍ୟ ହେବ ନାହିଁ।

(2) ଖଣ୍ଡ (1), ସମ୍ବାଦପତ୍ରରେ ପ୍ରକାଶିତ ରିପୋର୍ଟ କିମ୍ବା ବିଷୟଗୁଡ଼ିକ ସମ୍ପର୍କରେ ପ୍ରଯୁଜ୍ୟ ହେଉଥିବା ପ୍ରସାରଣ ଷ୍ଟେସନର ମାଧ୍ୟମ ଦ୍ୱାରା ପ୍ରଦାନ କରାଯାଇଥିବା ଯେକୌଣସି କାର୍ଯ୍ୟକ୍ରମ କିମ୍ବା ସେବାର ଅଂଶ ଭାବରେ ୱାୟାରଲେସ୍ ଟେଲିଗ୍ରାଫି ମାଧ୍ୟମରେ ପ୍ରସାରିତ ରିପୋର୍ଟ କିମ୍ବା ବିଷୟଗୁଡ଼ିକ ସମ୍ପର୍କରେ ପ୍ରଯୁଜ୍ୟ ହେବ।

*ସ୍ପଷ୍ଟୀକରଣ*— ଏହି ଅନୁଚ୍ଛେଦରେ "ସମ୍ବାଦପତ୍ର" ସମାଚାର ସଂସ୍ଥାଦ୍ୱାରା ପ୍ରକାଶିତ ବିବରଣୀକୁ ଅନ୍ତର୍ଭୁକ୍ତ କରେ ।]

[2]**[361B. ଲାଭଜନକ ରାଜନୈତିକ ପଦରେ ନିଯୁକ୍ତି ପାଇଁ ଅଯୋଗ୍ୟତା—** କୌଣସି ସଦନର ସଦସ୍ୟ ଯିଏକି ରାଜନୈତିକ ଦଳର ସଦସ୍ୟ ହୋଇଥିବେ, ଯିଏ ଦଶମ ଅନୁସୂଚୀର ପରିଚ୍ଛେଦ 2 ଅନୁଯାୟୀ ସଦନର ସଭ୍ୟ ହେବା ପାଇଁ ଅଯୋଗ୍ୟ ଅଟନ୍ତି, ନିଜର ଅଯୋଗ୍ୟତା ତାରିଖର ପ୍ରାରମ୍ଭରୁ ସେହି ତାରିଖ ପର୍ଯ୍ୟନ୍ତ ଯେବେ ଏପରି ସଦସ୍ୟ ରୂପେ ତାଙ୍କର ପଦବୀ ଧାରଣ କରିବାର ଅବଧି ସମାପ୍ତ ହେବ କିମ୍ବା ସେହି ତାରିଖ ପର୍ଯ୍ୟନ୍ତ ଯେତେବେଳେ ସେ କୌଣସି ସଦନ ନିମନ୍ତେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରନ୍ତି ଏବଂ ନିର୍ବାଚିତ ହେଲେ ବୋଲି ଘୋଷିତ ହୁଅନ୍ତି, ଏହା ମଧ୍ୟରୁ ଯେଉଁଟା ପ୍ରଥମେ ହେବ, ସେହି ସମୟ ମଧ୍ୟରେ ସେ କୌଣସି ଲାଭଜନକ ଜଣକ ରାଜନୈତିକ ପଦବୀ ଧାରଣ କରିବା ପାଇଁ ଅଯୋଗ୍ୟ ହେବେ ।

*ସ୍ପଷ୍ଟୀକରଣ*— ଏହି ଅନୁଚ୍ଛେଦ ଉଦ୍ଦେଶ୍ୟରେ,—

(*a*) "ସଦନ" ଅର୍ଥ ଦଶମ ଅନୁସୂଚୀର ପରିଚ୍ଛେଦ 1ର ଖଣ୍ଡ (1)ରେ ଉଲ୍ଲେଖିତ କରାଯାଇଛି;

(*b*) "ଲାଭଜନକ ରାଜନୈତିକ ପଦ" ଅର୍ଥ—

(*i*) ଭାରତ ସରକାର କିମ୍ବା କୌଣସି ରାଜ୍ୟ ସରକାରଙ୍କ ଅଧୀନରେ ଥିବା କୌଣସି କାର୍ଯ୍ୟାଳୟ, ଯେଉଁଠାରେ ଏପରି କାର୍ଯ୍ୟାଳୟ ପାଇଁ ବେତନ କିମ୍ବା ପାରିଶ୍ରମିକ ଭାରତ ସରକାର କିମ୍ବା ରାଜ୍ୟ ସରକାରଙ୍କ ସରକାରୀ ରାଜସ୍ୱରୁ ପ୍ରଦାନ କରାଯାଇଥାଏ; କିମ୍ବା

---

[1] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978ର ଧାରା 42ଦ୍ୱାରା ଅନୁଚ୍ଛେଦ 361Aକୁ ସନ୍ନିବେଶିତ କରାଯାଇଛି (20-6-1979ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (91ତମ ସଂଶୋଧନ) ଅଧିନିୟମ, 2003ର ଧାରା 4ଦ୍ୱାରା ଅନୁଚ୍ଛେଦ 361Bକୁ ସନ୍ନିବେଶିତ କରାଯାଇଛି (1-1-2004ଠାରୁ କାର୍ଯ୍ୟକାରୀ) ।

(*ii*) କୌଣସି ସଂସ୍ଥା ଅଧୀନରେ, ତାହା ସନ୍ନିବିଷ୍ଟ ହୋଇଥାଉ କି ନାହିଁ, ଯାହା ସମ୍ପୂର୍ଣ୍ଣ ଭାବେ କିମ୍ବା ଆଂଶିକ ଭାବେ ଭାରତ ସରକାର କିମ୍ବା କୌଣସି ରାଜ୍ୟ ସରକାରଙ୍କଦ୍ୱାରା ଅଧିକୃତ, ଏବଂ ଏପରି କାର୍ଯ୍ୟାଳୟ ନିମନ୍ତେ ବେତନ କିମ୍ବା ପାରିଶ୍ରମିକ ଏପରି ସଂସ୍ଥାଦ୍ୱାରା ପ୍ରଦାନ କରାଯାଇଥାଏ, ଯେଉଁଠାରେ ପ୍ରଦାନ କରାଯାଇଥିବା ବେତନ କିମ୍ବା ପାରିଶ୍ରମିକ କ୍ଷତିପୂରଣ ପ୍ରକୃତିର ହୋଇଥାଏ, ତାହା ବ୍ୟତୀତ ।]

**362.** *[ଭାରତୀୟ ରାଜ୍ୟର ଶାସକମାନଙ୍କର ଅଧିକାର ଏବଂ ସମସ୍ତ ସୁବିଧା ]— ସମ୍ବିଧାନ (26ତମ ସଂଶୋଧନ) ଅଧିନିୟମ, 1971 ଧାରା 2 ଦ୍ୱାରା ବାଦ୍ ଦିଆଯାଇଛି (28-12-1971 ଠାରୁ କାର୍ଯ୍ୟକାରୀ)* ।

**363. ସନ୍ଧି ବା ଚୁକ୍ତିରେ ହସ୍ତକ୍ଷେପ କରିବା ପାଇଁ ନ୍ୟାୟାଳୟକୁ ବାରଣ—** (1) ଏହି ସମ୍ବିଧାନରେ ଯାହା କିଛି ଥିବା ସତ୍ତ୍ୱେ, କିନ୍ତୁ ଅନୁଚ୍ଛେଦ 143ର ବ୍ୟବସ୍ଥା ଅଧୀନରେ, ସର୍ବୋଚ୍ଚ ନ୍ୟାୟଳୟ କିମ୍ବା ଅନ୍ୟ କୌଣସି ନ୍ୟାୟାଳୟର ଏପରି ସନ୍ଧି, ରାଜିନାମା, ଚୁକ୍ତିନାମା, ଲିଖିତ ଅଙ୍ଗୀକାର, *ସନନ୍ଦ* କିମ୍ବା ସେହିପରି କୌଣସି ଦଲିଲ ସମ୍ବନ୍ଧରେ, ଯାହା ଏହି ସମ୍ବିଧାନ ପ୍ରାରମ୍ଭ ପୂର୍ବରୁ କୌଣସି ଏକ ଭାରତୀୟ ରାଜ୍ୟ ଶାସକଙ୍କଦ୍ୱାରା ସମ୍ପାଦିତ କରାଯାଇଥିଲା ଯେଉଁଥିରେ ଭାରତ ଅଧିରାଜ୍ୟ ଅଞ୍ଚଳର ସରକାର କିମ୍ବା ଏହାର ପୂର୍ବବର୍ତ୍ତୀ ସରକାରମାନେ ଏକ ପକ୍ଷ ଥିଲେ ଏବଂ ଯାହା ଏପରି ପ୍ରାରମ୍ଭ ପରେ କାର୍ଯ୍ୟକାରୀ ଅଛି କିମ୍ବା କାର୍ଯ୍ୟକାରିତା ଚାଲୁ ରହିଛି, ସୃଷ୍ଟ କୌଣସି ବିବାଦରେ ଅଥବା ଏପରି ସନ୍ଧି, ରାଜିନାମା, ଚୁକ୍ତିନାମା, ଲିଖିତ ଅଙ୍ଗୀକାର, ସନନ୍ଦ କିମ୍ବା ସେହିପରି କୌଣସି ଦଲିଲ ସମ୍ବନ୍ଧରେ ଏହି ସମ୍ବିଧାନର କୌଣସି ବ୍ୟବସ୍ଥାର ଅଧୀନରେ ସୃଷ୍ଟ କୌଣସି ଦାୟିତ୍ୱ କିମ୍ବା କର୍ତ୍ତବ୍ୟବୋଧତା ସମ୍ବନ୍ଧୀୟ କୌଣସି ବିବାଦରେ କର୍ତ୍ତୃତ୍ୱ ରହିବ ନାହିଁ ।

(2) ଏହି ଅନୁଚ୍ଛେଦରେ—

(*a*) "ଭାରତୀୟ ରାଜ୍ୟ" ଅର୍ଥ ସମ୍ବିଧାନ ପ୍ରଣୟନ ହେବା ପୂର୍ବରୁ ଭାରତର ସମ୍ରାଟ ବା ଭାରତ ଅଧିରାଜ୍ୟ ଦ୍ୱାରା ଘୋଷିତ ହୋଇଥିବା ରାଜ୍ୟ; ଏବଂ

(*b*) "ଶାସକ" ଅର୍ଥ ଯୁବରାଜ, ରାଜା କିମ୍ବା କୌଣସି ବ୍ୟକ୍ତି ଯିଏକି ସମ୍ବିଧାନ ପ୍ରଣୟନ ପୂର୍ବରୁ ସମ୍ରାଟ ବା ଭାରତ ଅଧିରାଜ୍ୟ ଦ୍ୱାରା ସେହି ରାଜ୍ୟର ରାଜା ବୋଲି ଘୋଷିତ ହୋଇଥିବେ ।

[1]**[363A. ଭାରତର ବିଭିନ୍ନ ରାଜ୍ୟର ରାଜାଭାବେ ଅଭିହିତ ହୋଇଥିବା ଓ ତାଙ୍କୁ ମିଳୁଥିବା ପାଣ୍ଠିରୁ ଉଚ୍ଛେଦ—**ଏହି ସମ୍ବିଧାନରେ ଥିବା ସମସ୍ତ ବ୍ୟବସ୍ଥା ସତ୍ତ୍ୱେ—

(*a*) ରାଜକୁମାର, ମୁଖ୍ୟ କିମ୍ବା ଅନ୍ୟ କୌଣସି ବ୍ୟକ୍ତି ଯିଏ 1971 ମସିହାରେ ସମ୍ବିଧାନ (26ତମ ସଂଶୋଧନ) ଅଧିନିୟମ ପ୍ରଚଳନ ପୂର୍ବରୁ ରାଷ୍ଟ୍ରପତିଙ୍କଦ୍ୱାରା କୌଣସି ଭାରତୀୟ ରାଜ୍ୟର ଶାସକଭାବରେ ମାନ୍ୟତା ପ୍ରାପ୍ତ ଥିଲେ କିମ୍ବା ଏପରି ଶାସକଙ୍କ ଉତ୍ତରାଧିକାରୀଭାବରେ ମାନ୍ୟତା ପ୍ରାପ୍ତ ଥିଲେ, ସେ ସମସ୍ତେ ଉକ୍ତ ଆଇନ ପ୍ରଚଳନରୁ ଶାସକ କିମ୍ବା ଶାସକଙ୍କ ଉତ୍ତରାଧିକାରୀଭାବରେ ମାନ୍ୟତା ହରାଇବେ;

---

[1] ସମ୍ବିଧାନ (26ତମ ସଂଶୋଧନ) ଅଧିନିୟମ, 1971 ର ଧାରା 3ଦ୍ୱାରା ଅନୁଚ୍ଛେଦ 363Aକୁ ସନ୍ନିବେଶିତ (28-12-1971ଠାରୁ କାର୍ଯ୍ୟକାରୀ)

(*b*) 1971 ମସିହାରେ ସମ୍ବିଧାନ (26ତମ ସଂଶୋଧନ) ଅଧିନିୟମ ପ୍ରଚଳନରୁ, ରାଜକୀୟ ଭତ୍ତା ଉଚ୍ଛେଦ କରାଯାଇଛି ଏବଂ ରାଜକୀୟ ଭତ୍ତା ସମ୍ପର୍କିତ ସମସ୍ତ ଅଧିକାର, ଦାୟିତ୍ୱ ଏବଂ ବାଧ୍ୟବାଧକତା ସମାପ୍ତ କରାଯାଇଛି। ତଦନୁଯାୟୀ, ଖଣ୍ଡ (*a*)ରେ ଉଲ୍ଲେଖିତ ଶାସକ କିମ୍ବା, ଯେଉଁଠାରେ ପ୍ରଯୁଜ୍ୟ, ଏପରି ଶାସକଙ୍କ ଉତ୍ତରାଧିକାରୀ କିମ୍ବା ଅନ୍ୟ କୌଣସି ବ୍ୟକ୍ତିଙ୍କୁ *ବ୍ରିଟିଶ ସରକାରଙ୍କ ନିଜସ୍ୱ ପାଣ୍ଠି* ଭାବରେ କୌଣସି ଅର୍ଥ ପ୍ରଦାନ କରାଯିବ ନାହିଁ ।]

**364. ବୃହତ ପୋତାଶ୍ରୟ ଏବଂ ବିମାନବନ୍ଦର ପାଇଁ ବିଶେଷ ନିୟମ—** (1) ଏହି ସମ୍ବିଧାନରେ ଯେକୌଣସି ବିଷୟ ଥିବା ସତ୍ତ୍ୱେ, ରାଷ୍ଟ୍ରପତି ସରକାରୀ ବିଜ୍ଞପ୍ତି ଦ୍ୱାରା ନିର୍ଦ୍ଦେଶ ଦେଇପାରନ୍ତି ଯେ ବିଜ୍ଞପ୍ତିରେ ନିର୍ଦ୍ଦିଷ୍ଟ ତାରିଖରୁ—

(*a*) ସଂସଦ କିମ୍ବା ରାଜ୍ୟର ବିଧାନମଣ୍ଡଳଦ୍ୱାରା ପ୍ରଣୀତ କୌଣସି ଆଇନ କୌଣସି ପ୍ରମୁଖ ପୋତାଶ୍ରୟ କିମ୍ବା ବିମାନ ବନ୍ଦର ପାଇଁ ପ୍ରଯୁଜ୍ୟ ହେବ ନାହିଁ କିମ୍ବା ସେଇ ବିଜ୍ଞପ୍ତିରେ ନିର୍ଦ୍ଦିଷ୍ଟ ହୋଇଥିବା ବ୍ୟତିକ୍ରମ କିମ୍ବା ସଂଶୋଧନ ଅଧୀନରେ ପ୍ରଯୁଜ୍ୟ ହେବ; କିମ୍ବା

(*b*) ଉକ୍ତ ତାରିଖ ପୂର୍ବରୁ କରାଯାଇଥିବା କିମ୍ବା କରାଯିବାକୁ ବାଦ ଦିଆଯାଇଥିବା କାର୍ଯ୍ୟ ବ୍ୟତୀତ, କୌଣସି ପ୍ରଚଳିତ ଆଇନ କୌଣସି ପ୍ରମୁଖ ପୋତାଶ୍ରୟ କିମ୍ବା ବିମାନ ବନ୍ଦରରେ ପ୍ରଭାବଶାଳୀ ହେବା ବନ୍ଦ ହୋଇଯିବ, କିମ୍ବା ଏପରି ବନ୍ଦର କିମ୍ବା ବିମାନ ବନ୍ଦରରେ ବିଜ୍ଞପ୍ତିରେ ନିର୍ଦ୍ଦିଷ୍ଟ ହୋଇଥିବା ବ୍ୟତିକ୍ରମ କିମ୍ବା ସଂଶୋଧନ ଅଧୀନରେ ପ୍ରଯୁଜ୍ୟ ହେବ।

(2) ଏହି ଅନୁଚ୍ଛେଦ ଅନୁସାରେ—

(*a*) "ବୃହତ ପୋତାଶ୍ରୟ" ଅର୍ଥ ସଂସଦଦ୍ୱାରା ପ୍ରଣୟନ ହୋଇଥିବା ଆଇନ ବା ପ୍ରଚଳିତ ଆଇନରେ ଘୋଷିତ ପୋତାଶ୍ରୟ ଏବଂ ଆଇନରେ ବର୍ଣ୍ଣିତ ଥିବା ପୋତାଶ୍ରୟର ପରିସୀମାକୁ ବୁଝାଯିବ;

(*b*) "ବିମାନ ବନ୍ଦର" ଅର୍ଥ ଆଇନରେ ଘୋଷିତ ହୋଇଥିବା ବାୟୁପଥ, ବିମାନ ତଥା ବିମାନ ପରିବହନ ପଥ ।

**365. କେନ୍ଦ୍ରର ନିର୍ଦ୍ଦେଶନାମାକୁ ପାଳନ କରିବାରେ ବା କାର୍ଯ୍ୟକାରୀ କରିବାରେ ବିଫଳ ହେଲେ—** ଯଦି କୌଣସି ରାଜ୍ୟ ସମ୍ବିଧାନରେ ପ୍ରଦତ୍ତ ନିୟମ ଅନୁଯାୟୀ କେନ୍ଦ୍ର ସରକାର ଦେଇଥିବା ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ ନକରନ୍ତି ତେବେ ଏ କ୍ଷେତ୍ରରେ ରାଷ୍ଟ୍ରପତି ଉକ୍ତ ରାଜ୍ୟ ସମ୍ବିଧାନରେ ଥିବା ନିୟମାବଳୀ ଅନୁସାରେ କାର୍ଯ୍ୟ କରୁନାହିଁ ବୋଲି ସିଦ୍ଧାନ୍ତରେ ଉପନୀତ ହୋଇପାରିବେ ।

**366. ପରିଭାଷା—** ଏହି ସମ୍ବିଧାନରେ ଯେ ପର୍ଯ୍ୟନ୍ତ ଆବଶ୍ୟକ ନହୋଇଛି, ଶବ୍ଦଗୁଡ଼ିକର ପରିଭାଷା ନିମ୍ନଲିଖିତ ମତେ ଅଭିହିତ ହେବ ।

(1) "କୃଷିରୁ ଆୟ"ର ଅର୍ଥ ଭାରତୀୟ ଆୟକର ଆଇନରେ ଯେମିତି ପରିଭାଷିତ ହୋଇଛି;

(2) "ଆଙ୍ଗ୍ଲୋ-ଭାରତୀୟ" ଅର୍ଥ ବ୍ୟକ୍ତିଙ୍କର ପିତା ବା ପିତୃ ପରମ୍ପରା ମଧ୍ୟରୁ କୌଣସି ପୁରୁଷ ୟୁରୋପୀୟ ବଂଶଜ ଅଟନ୍ତି ଏବଂ କାଳକ୍ରମେ ଭାରତରେ ଜନ୍ମହୋଇ ସ୍ଥାୟୀଭାବେ ବସବାସ କରୁଛନ୍ତି;

(3) "ଅନୁଚ୍ଛେଦ" ଅର୍ଥ ସମ୍ବିଧାନରେ ପ୍ରଦତ୍ତ ଅନୁଚ୍ଛେଦ;

(4) "ଉଧାର" ଅର୍ଥ ଟଙ୍କା ଠୁଳ କରିବାକୁ ବୁଝାଯିବ ହୁଏ ତ ତାହା ବାର୍ଷିକ ବୃତ୍ତି ବା ଋଣ ହୋଇପାରେ;

[1][(4A)* * * *]

(5) "ଖଣ୍ଡ" ଅର୍ଥ ନିର୍ଦ୍ଦିଷ୍ଟ ଅନୁଚ୍ଛେଦରେ ଉଲ୍ଲେଖ ଥିବା ଉକ୍ତି;

(6) "କର୍ପୋରେସନ କର" ବା ଖଜଣାର ଅର୍ଥ କୌଣସି କମ୍ପାନୀର ଆୟକର ଯାହାକି ନିମ୍ନଲିଖିତ ସର୍ତ୍ତଗୁଡ଼ିକୁ ପୂରଣ କରୁଥିବ:—

(*a*) ଏହା କୃଷିକର୍ମରୁ ଆୟ ପାଇଁ ପ୍ରଯୁଜ୍ୟ ହେବ ନାହିଁ;

(*b*) କମ୍ପାନୀମାନେ ଯେଉଁ କର ଦେଇଛନ୍ତି, ସେହି କର ବାବଦରେ କୌଣସି ଆଇନ ଅନୁଯାୟୀ ବ୍ୟକ୍ତିମାନଙ୍କୁ କମ୍ପାନୀ ତରଫରୁ ଦିଆଯାଉଥିବା ଲାଭାଂଶ;

(*c*) ଭାରତୀୟ ଆୟକର ଉଦ୍ଦେଶ୍ୟରେ ଏପରି ଲାଭାଂଶ ପ୍ରାପ୍ତ କରୁଥିବା ବ୍ୟକ୍ତିମାନଙ୍କର ମୋଟ ଆୟ ଗଣନା କରିବାରେ କିମ୍ବା ବ୍ୟକ୍ତିମାନଙ୍କ ଦ୍ୱାରା ଦେୟ କିମ୍ବା ଫେରସ୍ତଯୋଗ୍ୟ ଭାରତୀୟ ଆୟକର ଗଣନା କରିବାରେ ଏପରି ଦେୟ କରକୁ ହିସାବକୁ ନେବା ପାଇଁ କୌଣସି ବ୍ୟବସ୍ଥା ନାହିଁ;

(7) ଯଦି କେବେ ସନ୍ଦେହ ଉପୁଜେ ବା ପ୍ରଶ୍ନ ଉଠେ ଯେ କେଉଁ ଭାରତୀୟ ଦେଶୀୟ ଅଞ୍ଚଳ ବା ପ୍ରଦେଶ ଭାରତର ରାଜ୍ୟଭାବେ ବିବେଚିତ ହେବ, ତେବେ ତାହା ରାଷ୍ଟ୍ରପତି ନିର୍ଣ୍ଣୟ କରିବେ ।

---

[1] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976 ର ଧାରା 54ଦ୍ୱାରା "ଖଣ୍ଡ (4A) କୁ ସନ୍ନିବେଶିତ କରାଯାଇଥିଲା (1-2-1977ଠାରୁ କାର୍ଯ୍ୟକାରୀ) ଏବଂ ପରବର୍ତ୍ତୀ ସମୟରେ ସମ୍ବିଧାନ (43ତମ ସଂଶୋଧନ) ଅଧିନିୟମ, 1977 ର ଧାରା 11ଦ୍ୱାରା ବାଦ୍ ଦିଆଯାଇଛି (13-4-1978ଠାରୁ କାର୍ଯ୍ୟକାରୀ) ।"

(8) ବାର୍ଷିକ ମୂଳଧନ ରାଶିର ଦେୟ ବା ମୂଳରାଶିର ପରିଶୋଧ ବା କରଜ ନେଇ ପରିଶୋଧ ପାଇଁ ପ୍ରତିଶ୍ରୁତି ଇତ୍ୟାଦି ମଧ୍ୟ "ଋଣ"ର ଅନ୍ତର୍ଭୁକ୍ତ;

(9) "ସମ୍ପତ୍ତି ଶୁଳ୍କ"ର ଅର୍ଥ ସଂସଦ ବା ବିଧାନମଣ୍ଡଳଦ୍ୱାରା ପ୍ରଣୟନ ହୋଇଥିବା ଆଇନ ଅନୁଯାୟୀ କୌଣସି ବ୍ୟକ୍ତିଙ୍କ ମୃତ୍ୟୁପରେ ତାଙ୍କ ଉତ୍ତରାଧିକାରୀଙ୍କୁ ହସ୍ତାନ୍ତର ହୋଇଥିବା ସମ୍ପତ୍ତି ଉପରେ ଧାର୍ଯ୍ୟ କରାଯାଇଥିବା ଶୁଳ୍କକୁ ବୁଝାଯିବ;

(10) "ପ୍ରଚଳିତ ଆଇନ"ର ଅର୍ଥ ଭାରତର ସମ୍ବିଧାନ ପ୍ରଣୟନ ପୂର୍ବରୁ ପ୍ରଚଳିତ ଥିବା ଏବଂ ବିଧି ଅନୁଯାୟୀ କ୍ଷମତାସୀନ ବ୍ୟକ୍ତି ବା ଶାସକଙ୍କଦ୍ୱାରା ପ୍ରଣୀତ ହୋଇଥିବା ଆଇନ, ଅଧ୍ୟାଦେଶ, ଆଦେଶ, ନିୟମ, ଉପଆଇନ ଇତ୍ୟାଦି;

(11) "ସଂଘୀୟ ନ୍ୟାୟାଳୟ" ଅର୍ଥ ଭାରତ ସରକାରଙ୍କ ଆଇନ 1935 ମସିହା ଅନୁଯାୟୀ ଗଠନ କରାଯାଇଥିବା ନ୍ୟାୟାଳୟ;

(12) "ଦ୍ରବ୍ୟ"ରେ ଉପକରଣ, ସରଞ୍ଜାମ ଅନ୍ତର୍ଭୁକ୍ତ ହେବ;

[1][(12A) "ଦ୍ରବ୍ୟ ଏବଂ ସେବା କର" ଅର୍ଥ, ଯେକୌଣସି ଦ୍ରବ୍ୟ କିମ୍ବା ସେବା କିମ୍ବା ଉଭୟ ପାଇଁ ଦିଆଯାଇଥିବା କରକୁ ବୁଝାଯିବ ମାତ୍ର ମାନବ ସେବନ ପାଇଁ ଯୋଗାଣ କରାଯାଉଥିବା ମଦ ଏହାର ଅନ୍ତର୍ଭୁକ୍ତ ନୁହେଁ];

(13) ସମ୍ବିଧାନ ପ୍ରଣୟନ ପୂର୍ବରୁ ଦିଆଯାଇଥିବା ପ୍ରତିଶ୍ରୁତି ବା ନିର୍ଣ୍ଣୟ ହୋଇଥିବା କୌଣସି ଅର୍ଥ ପରିଶୋଧ ବା ଋଣ ପରିଶୋଧ "ପ୍ରତିଶ୍ରୁତି"ର ଅନ୍ତର୍ଭୁକ୍ତ;

(14) "ଉଚ୍ଚ ନ୍ୟାୟାଳୟ"ର ଅର୍ଥ ସମ୍ବିଧାନଦ୍ୱାରା ପ୍ରତ୍ୟେକ ରାଜ୍ୟ ପାଇଁ ନିର୍ଦ୍ଧାରଣ କରାଯାଇଥିବା ଏବଂ ନିମ୍ନଲିଖିତ ଉଚ୍ଚ ନ୍ୟାୟଳୟ ମଧ୍ୟ ଏହାର ଅନ୍ତର୍ଭୁକ୍ତ—

(*a*) ଭାରତ ଭୂଭାଗର ଯେକୌଣସି ଉଚ୍ଚ ନ୍ୟାୟାଳୟ, ଯାହାକି ସମ୍ବିଧାନଦ୍ୱାରା ଗଠିତ ବା ପୁନର୍ଗଠିତ ହୋଇଥିବ; ଏବଂ

(*b*) ଭାରତ ଭୂଭାଗରେ ଥିବା ଯେକୌଣସି ନ୍ୟାୟାଳୟ ଯାହାକି ସଂସଦଦ୍ୱାରା ଉଚ୍ଚ ନ୍ୟାୟାଳୟଭାବେ ଘୋଷିତ ହୋଇଥିବ;

(15) "ଭାରତୀୟ ରାଜ୍ୟ"ର ଅର୍ଥ ଭାରତ ଭୂଭାଗରେ ଭାରତ ସରକାରଙ୍କଦ୍ୱାରା ଚିହ୍ନଟ ହୋଇଥିବା ରାଜ୍ୟ;

---

[1] ସମ୍ବିଧାନ (101ତମ ସଂଶୋଧନ) ଅଧିନିୟମ, 2016 ର ଧାରା 14(*i*)ଦ୍ୱାରା ସନ୍ନିବେଶିତ (16-9-2016ଠାରୁ କାର୍ଯ୍ୟକାରୀ) ।

(16) "ଭାଗ" ଅର୍ଥ ସମ୍ବିଧାନର ଭାଗକୁ ବୁଝାଯିବ;

(17) "ଅବସରକାଳୀନ ମାସିକ ଭତ୍ତା" ଅର୍ଥ କୌଣସି ବ୍ୟକ୍ତିଙ୍କୁ ତାଙ୍କର ସେବାରୁ ଅବସର ଗ୍ରହଣ ପରେ ମାସିକ ଭତ୍ତା ବା ତାଙ୍କର ସେବା ପାଇଁ କୃତଜ୍ଞତାସ୍ୱରୂପ ଭତ୍ତା ବା ତାଙ୍କର ଚାକିରି କାଳରେ ତାଙ୍କ ଭତ୍ତାରୁ ଆଦାୟ ହୋଇଥିବା ଅଂଶ, ସୁଧ ସହ ବା ସୁଧ ବିନା, ବା ଭବିଷ୍ୟନିଧି ପାଣ୍ଠିରେ ଜମା ଥିବା ଦେୟକୁ ବୁଝାଯିବ;

(18) "ଜରୁରୀ କାଳୀନ ଘୋଷଣା" ଅର୍ଥ ସମ୍ବିଧାନର ଅନୁଚ୍ଛେଦ 352(1)ରେ ହୋଇଥିବା ଘୋଷଣାନାମା;

(19) "ସରକାରୀ ବିଜ୍ଞପ୍ତି" ଅର୍ଥ ଭାରତର ବା ରାଜ୍ୟର ରାଜପତ୍ରରେ ଦିଆଯାଇଥିବା ଅଧିସୂଚନା ।

(20) ନିମ୍ନଲିଖିତ ଯୋଗାଯୋଗ "ରେଳପଥ"ଭାବେ ଅନ୍ତର୍ଭୁକ୍ତ ହେବ ନାହିଁ—

(*a*) ନଗର ପାଳିକା କ୍ଷେତ୍ରରେ ଅବସ୍ଥିତ ଟ୍ରାମ୍ ପଥ; କିମ୍ବା

(*b*) ସଂସଦଦ୍ୱାରା ରେଳପଥଭାବେ ଘୋଷିତ ହୋଇନଥିବା ରେଳପଥ ଯାହାକି କୌଣସି ରାଜ୍ୟରେ ଯୋଗାଯୋଗ ପଥଭାବେ ଅନ୍ତର୍ଭୁକ୍ତ;

[1][(21)* * * *]

[2][(22) "ଶାସକ" ଅର୍ଥ ଯୁବରାଜ, ମୁଖିଆ ବା ଅନ୍ୟ ବ୍ୟକ୍ତି ଯିଏକି ସମ୍ବିଧାନ (26ତମ ସଂଶୋଧନ) ଅଧିନିୟମ, 1971 ପ୍ରାରମ୍ଭ ପୂର୍ବରୁ କୌଣସି ସମୟରେ, କୌଣସି ଭାରତୀୟ ଶାସକଭାବେ ରାଷ୍ଟ୍ରପତିଙ୍କଦ୍ୱାରା ସ୍ୱୀକୃତ କିମ୍ବା କୌଣସି ବ୍ୟକ୍ତି ଯିଏ କି ଏପରି ପ୍ରାରମ୍ଭ ପୂର୍ବରୁ କୌଣସି ସମୟରେ ଏପରି ଶାସକଙ୍କ ଉତ୍ତରାଧିକାରୀ ଭାବେ ରାଷ୍ଟ୍ରପତିଙ୍କଦ୍ୱାରା ସ୍ୱୀକୃତି ପାଇଥିଲେ;]

(23) "ଅନୁସୂଚୀ" ଅର୍ଥ ଏହି ସମ୍ବିଧାନରେ ପ୍ରଦତ୍ତ ଅନୁସୂଚୀ;

(24) "ଅନୁସୂଚିତ ଜାତି" ଅର୍ଥ ଜାତି, ବଂଶ କିମ୍ବା ଜନଜାତିର ଅଂଶ କିମ୍ବା ଗୋଷ୍ଠୀ ଯେଉଁମାନେ ଏହି ସମ୍ବିଧାନ ଉଦ୍ଦେଶ୍ୟରେ ଅନୁଚ୍ଛେଦ 341 ଅଧୀନରେ ଅନୁସୂଚିତ ଜାତି ବୋଲି ଧରି ନିଆଯାଇଥିବ;

(25) "ଅନୁସୂଚିତ ଜନଜାତି" ଅର୍ଥ ଜନଜାତି କିମ୍ବା ଜନଜାତି ସମ୍ପ୍ରଦାୟର ଅଂଶ କିମ୍ବା ଗୋଷ୍ଠୀ ଯେଉଁମାନେ ଏହି ସମ୍ବିଧାନ ଉଦ୍ଦେଶ୍ୟରେ ଅନୁଚ୍ଛେଦ 342 ଅଧୀନରେ ଅନୁସୂଚିତ ଜାତି ବୋଲି ଧରି ନିଆଯାଇଥିବ;

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956 ର ଧାରା 29 ଓ ଅନୁସୂଚୀଦ୍ୱାରା "ଖଣ୍ଡ (21)କୁ ବାଦ୍ ଦିଆଯାଇଛି (1-11-1956ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (26ତମ ସଂଶୋଧନ) ଅଧିନିୟମ, 1971 ର ଧାରା 4ଦ୍ୱାରା ପ୍ରତିସ୍ଥାପିତ (28-12-1971ଠାରୁ କାର୍ଯ୍ୟକାରୀ)।

(26) "ସୁରକ୍ଷିତ ପୁଞ୍ଜି" ସୁରକ୍ଷିତ ଷ୍ଟକର ଅନ୍ତର୍ଭୁକ୍ତ;

[1]***

[2][(26A) "ସେବା" ଅର୍ଥ, ସାମଗ୍ରୀ ବ୍ୟତୀତ ଯେକୌଣସି ଜିନିଷର ବୁଝାଯିବ;

(26B) "ରାଜ୍ୟ" ଅର୍ଥ ଅନୁଚ୍ଛେଦ 246A, 268, 269, 269A ଏବଂ 279A ଅନୁଯାୟୀ ବିଧାନମଣ୍ଡଳ ଥିବା କେନ୍ଦ୍ରଶାସିତ ଅଞ୍ଚଳକୁ ଅନ୍ତର୍ଭୁକ୍ତ କରିବ];

[3][(26C) "ସାମାଜିକ ଏବଂ ଶିକ୍ଷାଗତଭାବେ ପଛୁଆ ବର୍ଗ" ର ଅର୍ଥ ହେଉଛି— ଅନୁଚ୍ଛେଦ 342 A ଅନୁଯାୟୀ କେନ୍ଦ୍ର ସରକାର କିମ୍ବା ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳରେ ଥିବା ପଛୁଆବର୍ଗକୁ ବୁଝାଯିବ;

(27) "ଉପଖଣ୍ଡ"ର ଅର୍ଥ କୌଣସି ଖଣ୍ଡର ଉପଖଣ୍ଡରେ ବର୍ଣ୍ଣିତ ବ୍ୟାଖ୍ୟା];

(28) "କର"ରେ ଆଞ୍ଚଳିକ ବା ବିଶେଷଭାବେ ଆମଦାନୀ କର ଆଦାୟ ଦେଉଥିବା ରାଜସ୍ୱ ମଧ୍ୟ କରର ଅନ୍ତର୍ଗତ;

(29) "ଆୟ ଉପରେ କର"ରେ ଅର୍ଥ ଆୟରୁ ଅତିରିକ୍ତ ଲାଭ ଅନ୍ତର୍ଭୁକ୍ତ;

[4][(29A) "ଦ୍ରବ୍ୟ ବିକ୍ରି ଓ କ୍ରୟରେ ନିମ୍ନଲିଖିତ କର" ଅନ୍ତର୍ଭୁକ୍ତ —

(*a*) କୌଣସି ଚୁକ୍ତିନାମା ଅନୁସାରେ ନୁହେଁ, କିନ୍ତୁ ନଗଦ, ବିଳମ୍ବିତ ଦେୟ କିମ୍ବା ଅନ୍ୟ କୌଣସି ମୂଲ୍ୟବାନ ପ୍ରତିଦାନ ବଦଳରେ ସାମଗ୍ରୀର ମାଲିକାନା ହସ୍ତାନ୍ତର ଉପରେ କର;

(*b*) କୌଣସି କାର୍ଯ୍ୟ ଚୁକ୍ତି ପାଳନ ସମୟରେ ସାମଗ୍ରୀର (ସାଧାରଣ ରୂପରେ କିମ୍ବା ଅନ୍ୟ କୌଣସି ରୂପରେ) ମାଲିକାନା ହସ୍ତାନ୍ତର ଉପରେ କର;

(*c*) କିସ୍ତି ରୂପରେ ଦେୟ ବ୍ୟବସ୍ଥା କିମ୍ବା ଭଡ଼ା-କ୍ରୟରେ ଦିଆଯାଇଥିବା ସାମଗ୍ରୀର ବିତରଣ ଉପରେ କର;

(*d*) (ନିର୍ଦ୍ଦିଷ୍ଟ ସମୟ ଥାଉ କି ନ ଥାଉ), କୌଣସି ଉଦ୍ଦେଶ୍ୟ ପାଇଁ ସାମଗ୍ରୀ ବ୍ୟବହାର କରିବା ଅଧିକାର ହସ୍ତାନ୍ତର ଉପରେ ନଗଦ ଟଙ୍କା, ବିଳମ୍ବିତ ଦେୟ କିମ୍ବା ଅନ୍ୟ କୌଣସି ମୂଲ୍ୟବାନ ପ୍ରତିଦାନ ବଦଳରେ ଦିଆଯାଇଥିବା କର;

---

[1] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976 ର ଧାରା 54ଦ୍ୱାରା ଖଣ୍ଡ (26A)କୁ ସନ୍ନିବେଶିତ କରାଯାଇଥିଲା (1-2-1977ଠାରୁ କାର୍ଯ୍ୟକାରୀ), ଏବଂ ପରବର୍ତ୍ତୀ ସମୟରେ ସମ୍ବିଧାନ (43ତମ ସଂଶୋଧନ) ଅଧିନିୟମ, 1977 ର ଧାରା 11ଦ୍ୱାରା ବାଦ୍ ଦିଆଯାଇଛି (13-4-1978 ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (101ତମ ସଂଶୋଧନ) ଅଧିନିୟମ, 2016 ର ଧାରା 14(ii)ଦ୍ୱାରା ସନ୍ନିବେଶିତ (16-9-2016ଠାରୁ କାର୍ଯ୍ୟକାରୀ) ।"

[3] ସମ୍ବିଧାନ (102ତମ ସଂଶୋଧନ) ଅଧିନିୟମ, 2018 ର ଧାରା 5ଦ୍ୱାରା ଖଣ୍ଡ (26C)କୁ ସନ୍ନିବେଶିତ କରାଯାଇଥିଲା (14-8-2018 ଠାରୁ କାର୍ଯ୍ୟକାରୀ), ଏବଂ ପରେ ସମ୍ବିଧାନ (ସଂଖ୍ୟା 105 ସଂଶୋଧନ) ଅଧିନିୟମ, 2021 ର ଧାରା 4ଦ୍ୱାରା ପ୍ରତିସ୍ଥାପିତ କରାଯାଇଛି (15-9-2021ଠାରୁ କାର୍ଯ୍ୟକାରୀ) ।"

[4] ସମ୍ବିଧାନ (46ତମ ସଂଶୋଧନ) ଅଧିନିୟମ, 1982, ଧାରା 4ଦ୍ୱାରା ଖଣ୍ଡ (29A)କୁ ସନ୍ନିବେଶିତ କରାଯାଇଛି (2-2-1983ଠାରୁ କାର୍ଯ୍ୟକାରୀ)।

(*e*) ଯେକୌଣସି ଅସଙ୍ଗଠିତ କେନ୍ଦ୍ର କିମ୍ବା ବ୍ୟକ୍ତିମାନଙ୍କ ଗୋଷ୍ଠୀଦ୍ୱାରା ସେମାନଙ୍କ ଗୋଷ୍ଠୀର ଏକ ସଦସ୍ୟଙ୍କୁ ନଗଦ, ବିଳମ୍ବିତ ଦେୟ କିମ୍ବା ଅନ୍ୟ କୌଣସି ମୂଲ୍ୟବାନ ପ୍ରତିଦାନ ବଦଳରେ ସାମଗ୍ରୀ ଯୋଗାଣ ଉପରେ କର;

(*f*) ସାମଗ୍ରୀ, ଯଥା ଖାଦ୍ୟ ପଦାର୍ଥ କିମ୍ବା ମାନବ ସେବନ ଉପଯୋଗୀ ଅନ୍ୟ କୌଣସି ଉତ୍ପାଦ ବା ପାନୀୟ (ମାଦକ ହେଉ ବା ନହେଉ), ଯଦି ସେହି ସାମଗ୍ରୀ ଯୋଗାଣ କୌଣସି ସେବାଭାବେ, ସେବାର ଅଂଶଭାବେ କିମ୍ବା ଯେକୌଣସି ଭିନ୍ନ ପ୍ରକାରରେ କରାଯାଇଥାଏ, ଏବଂ ସେହି ଯୋଗାଣ କିମ୍ବା ସେବା ନଗଦ, ବିଳମ୍ବିତ ଦେୟ କିମ୍ବା ଅନ୍ୟ କୌଣସି ମୂଲ୍ୟବାନ ପ୍ରତିଦାନ ବଦଳରେ ଥାଏ, ତେବେ ସେହି ଯୋଗାଣ ଉପରେ କର,

ଏବଂ ଏପରି ସାମଗ୍ରୀର ହସ୍ତାନ୍ତର, ବିତରଣ କିମ୍ବା ଯୋଗାଣକୁ ସେହି ଦ୍ରବ୍ୟଗୁଡ଼ିକର ବିକ୍ରୟ ବୋଲି ଏବଂ ଯାହାକୁ ଏହି ହସ୍ତାନ୍ତର, ବିତରଣ କିମ୍ବା ଯୋଗାଣ କରାଯାଇଛି ସେ ଲୋକଙ୍କଦ୍ୱାରା ସେହି ବସ୍ତୁର କ୍ରୟ ବୋଲି ବିବେଚନା କରାଯିବ;]

[1][(30) "କେନ୍ଦ୍ରଶାସିତ ଅଞ୍ଚଳ"ର ଅର୍ଥ ସମ୍ବିଧାନର ପ୍ରଥମ ଅନୁସୂଚୀରେ ବର୍ଣ୍ଣିତ ଅଞ୍ଚଳ ତଥା ଭାରତର ପରିସୀମା ମଧ୍ୟରେ ଥିବା ଅନ୍ୟ କ୍ଷେତ୍ର ଯାହାକି ଉକ୍ତ ଅନୁସୂଚୀରେ ବିଶେଷରୂପେ ଉଲ୍ଲେଖ ହୋଇନାହିଁ ।]

**367. ବ୍ୟାଖ୍ୟା—** (1) ସାଧାରଣ ଖଣ୍ଡ ଅଧିନିୟମ 1897ରେ ଥିବା ସମସ୍ତ ନିୟମର ଉପଯୋଗ ବା ରୂପାନ୍ତରିତ କଲାବେଳେ ସମ୍ବିଧାନର ଅନୁଚ୍ଛେଦ 372 ଅନୁଯାୟୀ ବ୍ୟାଖ୍ୟା କରାଯିବ । ଏହା ମଧ୍ୟ ଭାରତ ଅଧିରାଜ୍ୟରେ ଥିବା ରାଜ୍ୟମାନଙ୍କଦ୍ୱାରା ପ୍ରଣୟନ କରାଯାଇଥିବା ଆଇନ ପାଇଁ ପ୍ରଯୁଜ୍ୟ ।

(2) ସମ୍ବିଧାନ ଅନୁଯାୟୀ ସଂସଦଦ୍ୱାରା ବା ରାଜ୍ୟ ବିଧାନମଣ୍ଡଳ[2]***ଦ୍ୱାରା ପ୍ରଣୟନ କରାଯାଇଥିବା ଆଇନ ପରି ରାଷ୍ଟ୍ରପତି ବା ରାଜ୍ୟର ରାଜ୍ୟପାଳଙ୍କ[3]***ଦ୍ୱାରା କରାଯାଇଥିବା ଅଧ୍ୟାଦେଶକୁ ମଧ୍ୟ ଆଇନଭାବେ ବିବେଚିତ କରାଯିବ।

(3) ସମ୍ବିଧାନ ଅନୁଯାୟୀ "ବିଦେଶୀ ରାଷ୍ଟ୍ରର" ଅର୍ଥ ଭାରତ ବ୍ୟତୀତ ଅନ୍ୟ ଯେକୌଣସି ରାଷ୍ଟ୍ର ।

କିନ୍ତୁ ସଂସଦଦ୍ୱାରା ପ୍ରଣୟନ କରାଯାଇଥିବା ଆଇନ ଅଧୀନରେ ରାଷ୍ଟ୍ରପତି ନିଜ ଆଦେଶ[4] ବଳରେ ଯେକୌଣସି ରାଷ୍ଟ୍ରକୁ ବିଦେଶୀ ରାଷ୍ଟ୍ର ନୁହେଁ ବୋଲି ଆଦେଶରେ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ଘୋଷଣା କରି ପାରିବେ ।

[5][(4)* * * *]

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା ଖଣ୍ଡ 30 ପାଇଁ ପ୍ରତିସ୍ଥାପିତ ।

[2] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଓ ଅନୁସୂଚୀଦ୍ୱାରା ପ୍ରଥମ ଅନୁସୂଚୀର ଭାଗ A କିମ୍ବା ଭାଗ B ରେ ଉଲ୍ଲେଖିତ' ବାକ୍ୟ ଓ ଅକ୍ଷରଗୁଡିକୁ ବାଦ୍ ଦିଆଯାଇଛି (1-11-1956ଠାରୁ କାର୍ଯ୍ୟକାରୀ) ।

[3] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956 ଧାରା 29 ଓ ଅନୁସୂଚୀଦ୍ୱାରା "କିମ୍ବା ରାଜପ୍ରମୁଖ' ଶବ୍ଦଗୁଡ଼ିକୁ ବାଦ୍ ଦିଆଯାଇଛି (1-11-1956ଠାରୁ କାର୍ଯ୍ୟକାରୀ) ।

[4] ସମ୍ବିଧାନ (ବିଦେଶୀ ରାଜ୍ୟ ବୋଲି ଘୋଷଣା) ଆଦେଶ, 1950 (ସମ୍ବିଧାନ ଆଦେଶ 2) ଦେଖନ୍ତୁ ।

[5] ସମ୍ବିଧାନ (ଜମ୍ମୁ ଏବଂ କଶ୍ମୀର ପାଇଁ ପ୍ରୟୋଗ) ଆଦେଶ, 2019 (ସମ୍ବିଧାନ ଆଦେଶ 2)ଦ୍ୱାରା ସଂଯୁକ୍ତ କରାଯାଇଛି (5-8-2019ଠାରୁ କାର୍ଯ୍ୟକାରୀ), ଏହି ସମ୍ବିଧାନ ଆଦେଶର ପୂର୍ଣ୍ଣ ପାଠ୍ୟ ପରିଶିଷ୍ଟ II ରେ ଦେଖନ୍ତୁ ।

# ଭାଗ-20

## ସଂବିଧାନର ସଂଶୋଧନ

**368. [1][ସମ୍ବିଧାନର ସଂଶୋଧନ କରିବା ପାଇଁ ସଂସଦର କ୍ଷମତା ଏବଂ ତାହା ପାଇଁ କାର୍ଯ୍ୟପ୍ରଣାଳୀ]—** [2][(1) ଏହି ସମ୍ବିଧାନରେ ଯାହା କିଛି ଥିବା ସତ୍ତ୍ୱେ, ସଂସଦ ନିଜର ସାମ୍ବିଧାନିକ କ୍ଷମତା ପ୍ରୟୋଗ କରି, ଏହି ଅନୁଚ୍ଛେଦରେ ଉଲ୍ଲେଖିତ ପଦ୍ଧତି ଅନୁଯାୟୀ, ଏହି ସମ୍ବିଧାନର କୌଣସି ସଂଯୋଗ, ପରିବର୍ତ୍ତନ ଏବଂ ଉଚ୍ଛେଦଦ୍ୱାରା ସଂଶୋଧନ କରିପାରିବ ।]

[3][(2)] ସମ୍ବିଧାନର ସଂଶୋଧନ କରିବା ପାଇଁ ଏକ ବିଧେୟକ ପ୍ରସ୍ତାବଦ୍ୱାରା ସଂସଦର ଉଭୟ ସଦନରେ ଆଗତ କରାଯିବ ଏବଂ ସଂସଦର ଉଭୟ ସଦନରେ ଉପସ୍ଥିତ ଥିବା ମୋଟ ସଦସ୍ୟଙ୍କ ସଂଖ୍ୟାଗରିଷ୍ଠତାଦ୍ୱାରା କିମ୍ବା ଦୁଇ-ତୃତୀୟାଂଶ ସଦସ୍ୟଙ୍କଦ୍ୱାରା ପାରିତ ହେବା ପରେ [4][ଉକ୍ତ ବିଧେୟକ ପ୍ରସ୍ତାବ ରାଷ୍ଟ୍ରପତିଙ୍କ ପାଖରେ ଉପସ୍ଥାପନ କରାଯିବ] ଏବଂ ତାଙ୍କ ଅନୁମୋଦନ ମିଳିବା ପରେ ତାହା ସଂଶୋଧିତ ହେବ:

କିନ୍ତୁ, ଯଦି ଏପରି ସଂଶୋଧନ—

(*a*) ଅନୁଚ୍ଛେଦ 54, ଅନୁଚ୍ଛେଦ 55, ଅନୁଚ୍ଛେଦ 73, [5][ଅନୁଚ୍ଛେଦ 162, ଅନୁଚ୍ଛେଦ 241 କିମ୍ବା ଅନୁଚ୍ଛେଦ 279A]ରେ; କିମ୍ବା

(*b*) 5ମ ଭାଗର 4ର୍ଥ ଅଧ୍ୟାୟର, ଷଷ୍ଠ ଭାଗର 5ମ ଅଧ୍ୟାୟ କିମ୍ବା ଭାଗ 11 ଅଧ୍ୟାୟ 1; କିମ୍ବା

(*c*) ସପ୍ତମ ଅନୁସୂଚୀର ଯେକୌଣସି ତାଲିକାର; କିମ୍ବା

(*d*) ସଂସଦରେ କୌଣସି ରାଜ୍ୟର ପ୍ରତିନିଧିତ୍ୱରେ; କିମ୍ବା

(*e*) ଏହି ଅନୁଚ୍ଛେଦର କୌଣସି ବ୍ୟବସ୍ଥାରେ,

---

[1] ଭାରତୀୟ ସମ୍ବିଧାନ (24ତମ ସଂଶୋଧନ) ଅଧିନିୟମ, 1971, ଧାରା 3ଦ୍ୱାରା "ସମ୍ବିଧାନ ସଂଶୋଧନ ପାଇଁ ପ୍ରକ୍ରିୟା" ପାଇଁ ପ୍ରତିସ୍ଥାପିତ (5-11-1971ଠାରୁ କାର୍ଯ୍ୟକାରୀ)।

[2] ଭାରତୀୟ ସମ୍ବିଧାନ (24ତମ ସଂଶୋଧନ) ଅଧିନିୟମ, 1971, ଧାରା 3ଦ୍ୱାରା ସନ୍ନିବେଶିତ (5-11-1971ଠାରୁ କାର୍ଯ୍ୟକାରୀ)।

[3] ଭାରତୀୟ ସମ୍ବିଧାନ (24ତମ ସଂଶୋଧନ) ଅଧିନିୟମ, 1971, ଧାରା 3ଦ୍ୱାରା ଅନୁଚ୍ଛେଦ 368କୁ ଖଣ୍ଡ (2)ଭାବେ ପୁନଃସଂଖ୍ୟାୟନ କରାଯାଇଛି

[4] ଭାରତୀୟ ସମ୍ବିଧାନ (24ତମ ସଂଶୋଧନ) ଅଧିନିୟମ, 1971, ଧାରା 3ଦ୍ୱାରା ପ୍ରତିସ୍ଥାପିତ (5-11-1971ଠାରୁ କାର୍ଯ୍ୟକାରୀ) ।

[5] ଭାରତୀୟ ସମ୍ବିଧାନ (101ତମ ସଂଶୋଧନ) ଅଧିନିୟମ, 2016, ଧାରା 15ଦ୍ୱାରା "ଅନୁଚ୍ଛେଦ 162 କିମ୍ବା ଅନୁଚ୍ଛେଦ 241" ଶବ୍ଦ ଓ ସଂଖ୍ୟା ପାଇଁ ପ୍ରତିସ୍ଥାପିତ (16-9-2016ଠାରୁ କାର୍ଯ୍ୟକାରୀ)।

କୌଣସି ପରିବର୍ତ୍ତନ କରିବାକୁ ଚାହେଁ ତେବେ ଏପରି ସଂଶୋଧନ ପାଇଁ ବ୍ୟବସ୍ଥା କରୁଥିବା ବିଧେୟକ ରାଷ୍ଟ୍ରପତିଙ୍କ ନିକଟରେ ସମ୍ମତି ପାଇଁ ଉପସ୍ଥାପନା କରାଯିବା ପୂର୍ବରୁ ସେହି ସଂଶୋଧନ ପାଇଁ ଅତିକମରେ ଅର୍ଦ୍ଧାଧିକ ରାଜ୍ୟର[1]*** ବିଧାନମଣ୍ଡଳଦ୍ୱାରା ସେଥିପାଇଁ ଏକ ପ୍ରସ୍ତାବଦ୍ୱାରା ଏପରି ସଂଶୋଧନ ପାରିତ ହେବା ଆବଶ୍ୟକ ।

[2][(3) ଅନୁଚ୍ଛେଦ 13ରେ ଥିବା କୌଣସି ବ୍ୟବସ୍ଥା ଏହି ଅନୁଚ୍ଛେଦ ଅନୁଯାୟୀ କରାଯାଉଥିବା କୌଣସି ସଂଶୋଧନ ପାଇଁ ପ୍ରୟୋଗ ହେବ ନାହିଁ ।]

[3][(4) ଏହି ସମ୍ବିଧାନର (ଯେଉଁଥିରେ ଭାଗ 3ର ବ୍ୟବସ୍ଥା ଅନ୍ତର୍ଭୁକ୍ତ)ଏହି ଅନୁଚ୍ଛେଦ ଅନୁଯାୟୀ ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976ର ଧାରା 55 ପ୍ରଚଳନ କିମ୍ବା ସେ ସମ୍ବନ୍ଧରେ କରାଯାଇଥିବା କିମ୍ବା କରାଯାଇଥିବା ଉଦ୍ଦେଶ୍ୟରେ କୌଣସି ସଂଶୋଧନ କୌଣସି କାରଣ ଆଧାରରେ କୌଣସି ନ୍ୟାୟାଳୟରେ ପ୍ରଶ୍ନ କରାଯାଇପାରିବ ନାହିଁ ।

(5) ସନ୍ଦେହ ଦୂର କରିବା ପାଇଁ ଏହି ଅନୁଚ୍ଛେଦରେ ଘୋଷଣା କରାଗଲା ଯେ ସଂସଦର ସମ୍ବିଧାନକୁ ସଂଶୋଧନ କରିବା ଯଥା କୌଣସି ନିୟମକୁ ଯୋଗ କରିବା, ରୂପାନ୍ତରିତ କରିବା ବା ଉଚ୍ଛେଦ କରିବା ପାଇଁ ସଂସଦର ମୌଳିକ କ୍ଷମତା ରହିଛି ।]

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956 ର ଧାରା 29 ଓ ଅନୁସୂଚୀଦ୍ୱାରା 'ପ୍ରଥମ ଅନୁସୂଚୀର ଭାଗ A ଏବଂ ଭାଗ B ରେ ଉଲ୍ଲେଖିତ' ବାକ୍ୟ ଓ ଅକ୍ଷରଗୁଡ଼ିକୁ ବାଦ୍ ଦିଆଯାଇଛି (1-11-1956ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (24ତମ ସଂଶୋଧନ) ଅଧିନିୟମ, 1971ର ଧାରା 3ଦ୍ୱାରା ସନ୍ନିବେଶିତ କରାଯାଇଛି (5-11-1971ଠାରୁ କାର୍ଯ୍ୟକାରୀ)।

[3] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976ର ଧାରା 55ଦ୍ୱାରା ସନ୍ନିବେଶିତ (3-1-1977ଠାରୁ କାର୍ଯ୍ୟକାରୀ)। ଏହି ଧାରାକୁ ସୁପ୍ରିମକୋର୍ଟ *ମିନର୍ଭା ମିଲ୍ସ ଲିଃ ଓ ଅନ୍ୟମାନେ ବନାମ ଭାରତ ସଂଘ ଏବଂ ଅନ୍ୟମାନେ,* AIR 1980 SC 1789 ରେ ଅବୈଧ ଘୋଷଣା କରିଛନ୍ତି।

# ଭାଗ 21

## [1][ଅସ୍ଥାୟୀ, ଅନ୍ତରୀଣ ଓ ବିଶେଷ ବ୍ୟବସ୍ଥା]

**369. ରାଜ୍ୟ ତାଲିକାଭୁକ୍ତ କେତେକ ବିଷୟ ଯାହାକି ଯୁଗ୍ମ ତାଲିକାଭୁକ୍ତ ଭଳି ପ୍ରତୀୟମାନ ହେଉଥିଲେ, ସେ ବିଷୟରେ ଆଇନ ପ୍ରଣୟନ କରିବା ପାଇଁ ସଂସଦର ଅସ୍ଥାୟୀ କ୍ଷମତା**— ସମ୍ବିଧାନରେ ବିଭିନ୍ନ ବିଷୟ ଉଲ୍ଲେଖ ଥିବା ସତ୍ତ୍ୱେ ସମ୍ବିଧାନ ପ୍ରଣୟନର 5ବର୍ଷ ମଧ୍ୟରେ ସଂସଦ ନିମ୍ନଲିଖିତ ବିଷୟରେ ଆଇନ ପ୍ରଣୟନ କରିବାର କ୍ଷମତା ରହିବ, ଯଦି ସେହି ବିଷୟଗୁଡ଼ିକ ଯୁଗ୍ମ ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବ ଯଥା:—

(*a*) ରାଜ୍ୟ ଭିତରେ ବେପାର, ବାଣିଜ୍ୟ ଓ ସୂତା ଓ ପଶମ ବସ୍ତ୍ର, ତୂଳା (ଭିଣା ଯାଇଥିବା ତୂଳା ବା ଭିଣା ନଯାଇଥିବା ତୂଳା ବା *କପା*) କପାମଞ୍ଜି, କାଗଜ (ନ୍ୟୁଜ ପ୍ରିଣ୍ଟ), ଖାଦ୍ୟଦ୍ରବ୍ୟ ତୈଳବୀଜ ଓ ତୈଳ, ଗୋଖାଦ୍ୟ ଓ ତୈଳପିଡ଼ିଆ ଓ ତୈଳଯୁକ୍ତ ଉତ୍ପାଦ) କୋଇଲା ଓ କୋଇଲାରୁ ଉତ୍ପାଦିତ ଅନ୍ୟ ଦ୍ରବ୍ୟ, ଲୁହା, ଇସ୍ପାତ ଏବଂ ଅଭ୍ର ଇତ୍ୟାଦିର ଉତ୍ପାଦନ, ଯୋଗଣ ବଣ୍ଟନ;

(*b*) ଉପରୋକ୍ତ ଖଣ୍ଡ (*b*)ରେ ବର୍ଣ୍ଣିତ ବିଷୟ ସମ୍ବନ୍ଧରେ ଯଦି କୌଣସି ଅପରାଧିକ କାର୍ଯ୍ୟକଳାପ ଘଟେ ସର୍ବୋଚ୍ଚ ନ୍ୟାୟାଳୟ ବ୍ୟତିରେକ ସମସ୍ତ ନ୍ୟାୟାଳୟର ପରିସର ଓ କ୍ଷମତା ଏବଂ ତଦନୁଯାୟୀ ନିଆଯାଇଥିବା ସମସ୍ତ ପାଉଣା ଓ ବିଷୟ ବିରୁଦ୍ଧରେ ପ୍ରଶ୍ନ କରାଯାଇପାରିବ । ମାତ୍ର ଏଥିରେ ନ୍ୟାୟାଳୟରେ ଆଦାୟ ହେଉଥିବା ଦେୟ ଏଥିରେ ଅନ୍ତର୍ଭୁକ୍ତ ହେବ ନାହିଁ,

ସଂସଦଦ୍ୱାରା ପ୍ରଣୟନ କରାଯାଇଥିବା କୌଣସି ଆଇନ, ଯାହା ସଂସଦ ଏହି ପରିଚ୍ଛେଦର ବ୍ୟବସ୍ଥା ଅନୁଯାୟୀ ପ୍ରଣୟନ କରିବା ପାଇଁ ସକ୍ଷମ ନୁହେଁ, ଉକ୍ତ ସମୟ ସୀମା ସମାପ୍ତ ହେବା ପରେ ଅକ୍ଷମତାର ସମୟ ସୀମା ପର୍ଯ୍ୟନ୍ତ ସେହି ବିଷୟଗୁଡ଼ିକ ବ୍ୟତୀତ ବଳବତ୍ତର ରହିବ ନାହିଁ, ଯାହା ସେହି ସମୟ ସୀମା ସମାପ୍ତ ହେବା ପୂର୍ବରୁ କରାଯାଇଥିଲା କିମ୍ବା ବାଦ୍ ଦିଆଯାଇଥିଲା ।

---

[1] ସମ୍ବିଧାନ (13ତମ ସଂଶୋଧନ) ଅଧିନିୟମ, 1962 ର ଧାରା 2ଦ୍ୱାରା **"ଅସ୍ଥାୟୀ ଓ ମଧ୍ୟବର୍ତ୍ତୀକାଳୀନ ବ୍ୟବସ୍ଥାକୁ"** ପ୍ରତିସ୍ଥାପିତ କରାଯାଇଛି (1-12-1963ଠାରୁ କାର୍ଯ୍ୟକାରୀ)।

**[1][370. ଏହି ସମ୍ବିଧାନରେ ଜମ୍ମୁ ଓ କାଶ୍ମୀର ରାଜ୍ୟପାଇଁ ଅସ୍ଥାୟୀ ବ୍ୟବସ୍ଥା**— (1) ଏହି ସମ୍ବିଧାନରେ ଥିବା ସମସ୍ତ ବ୍ୟବସ୍ଥା ସତ୍ତ୍ୱେ ଜମ୍ମୁ ଓ କାଶ୍ମୀର ରାଜ୍ୟପାଇଁ ଅସ୍ଥାୟୀ ବ୍ୟବସ୍ଥା,—

(*a*) ଅନୁଚ୍ଛେଦ 238ରେ ଥିବା ସମସ୍ତ ବ୍ୟବସ୍ଥା ଜମ୍ମୁ ଓ କାଶ୍ମୀର ରାଜ୍ୟ ପାଇଁ ପ୍ରଯୁଜ୍ୟ ହେବ ନାହିଁ;

(*b*) ସଂସଦର ଉକ୍ତ ରାଜ୍ୟପାଇଁ ନିମ୍ନଲିଖିତ ଅନ୍ତରୀଣ ଆଇନ ପ୍ରଣୟନ କରିବାର କ୍ଷମତା ରହିଛି—

(*i*) କେନ୍ଦ୍ର ତାଲିକା ଏବଂ ଯୁଗ୍ମ ତାଲିକାରେ ଥିବା ସେହି ବିଷୟ, ଯାହା ରାଜ୍ୟ ସରକାରଙ୍କ ସହ ପରାମର୍ଶ କରି ରାଷ୍ଟ୍ରପତିଙ୍କଦ୍ୱାରା ଘୋଷଣା କରାଯାଏ ଯେ, ଭାରତର ଅଧିରାଜ୍ୟରେ ଥିବା ରାଜ୍ୟର ପ୍ରବେଶକୁ ନିୟନ୍ତ୍ରଣ କରୁଥିବା ଅଧିଗ୍ରହଣ ପତ୍ର (ଆଇନଗତ ଦଲିଲ୍)ରେ ନିର୍ଦ୍ଦିଷ୍ଟ ବିଷୟ ସହିତ ସମାନ ହେବ ଏବଂ ନିର୍ଦ୍ଦିଷ୍ଟ ବିଷୟ ସମ୍ପର୍କରେ ଅଧିରାଜ୍ୟ ବିଧାନମଣ୍ଡଳ ସେହି ରାଜ୍ୟପାଇଁ ଆଇନ ପ୍ରଣୟନ କରିପାରିବେ; ଏବଂ

---

** ଭାରତ ସମ୍ବିଧାନର ଧାରା 370 ର ଖଣ୍ଡ (3) ସହିତ ଧାରା 370ର ଖଣ୍ଡ (1)ଦ୍ୱାରା ପ୍ରଦତ୍ତ କ୍ଷମତା ଅନୁଯାୟୀ, ରାଷ୍ଟ୍ରପତି, ସଂସଦର ସୁପାରିଶ ଆଧାରରେ, ଏହା ଘୋଷଣା କରିବାକୁ ସନ୍ତୁଷ୍ଟ ଯେ, 6 ଅଗଷ୍ଟ, 2019ଠାରୁ ଉକ୍ତ ଧାରା 370ର ସମସ୍ତ ଖଣ୍ଡ କାର୍ଯ୍ୟକାରୀ ହେବ ନାହିଁ, କେବଳ ନିମ୍ନଲିଖିତ ଖଣ୍ଡ ବଳବତ୍ତର ରହିବ, ଯାହା ନିମ୍ନ ପ୍ରକାରେ:—

"370. ଏହି ସମ୍ବିଧାନର ସମସ୍ତ ବ୍ୟବସ୍ଥା, ଯାହା ସମୟ ସମୟରେ ସଂଶୋଧିତ ହୋଇଛି, କୌଣସି ପରିବର୍ତ୍ତନ ବା ବ୍ୟତିକ୍ରମ ବିନା, ଜମ୍ମୁ ଓ କାଶ୍ମୀର ରାଜ୍ୟରେ ପ୍ରଯୁଜ୍ୟ ହେବ, ଏହା ସତ୍ତ୍ୱେ ଯେ ଅନୁଚ୍ଛେଦ 152 କିମ୍ବା 308 କିମ୍ବା ଏହି ସମ୍ବିଧାନର ଅନ୍ୟ କୌଣସି ଅନୁଚ୍ଛେଦ ବା ଜମ୍ମୁ ଓ କାଶ୍ମୀର ସମ୍ବିଧାନର ଅନ୍ୟ କୌଣସି ବ୍ୟବସ୍ଥା ବା କୌଣସି ଅଧିନିୟମ, ଦଲିଲ, ରାୟ, ଅଧାଦେଶ, ଆଦେଶ, ଉପ-ଅଧିନିୟମ, ନିୟମ, ବିଧି, ବିଜ୍ଞପ୍ତି, ପ୍ରଥା ବା ଭାରତର ଅଞ୍ଚଳରେ ଅଧିନିୟମର ବଳ ଥିବା ପ୍ରଚଳନ ବା ଅନୁଚ୍ଛେଦ 363 ଅଧୀନରେ ବା ଅନ୍ୟଥା ପରିକଳ୍ପିତ କୌଣସି ଅନ୍ୟ ଦଲିଲ, ସନ୍ଧି ବା ଚୁକ୍ତିରେ ଥିବା କୌଣସି ବିପରୀତ ବିଷୟ ସତ୍ତ୍ୱେ"।

(ପରିଶିଷ୍ଟ III ଦେଖନ୍ତୁ) (ସମ୍ବିଧାନ ଆଦେଶ 273)

[1] ଭାରତ ସମ୍ବିଧାନର ଖଣ୍ଡ (3)ଦ୍ୱାରା ପ୍ରଦତ୍ତ କ୍ଷମତା ଅନୁଯାୟୀ, ରାଷ୍ଟ୍ରପତି, ଜମ୍ମୁ ଓ କାଶ୍ମୀର ରାଜ୍ୟର ସମ୍ବିଧାନ ସଭାର ସୁପାରିଶ ଆଧାରରେ, ଘୋଷଣା କରିଛନ୍ତି ଯେ, 17 ନଭେମ୍ବର, 1952 ଠାରୁ ଉକ୍ତ ଅନୁଚ୍ଛେଦ 370 ନିମ୍ନଲିଖିତ ପରିବର୍ତ୍ତନ ସହିତ କାର୍ଯ୍ୟକାରୀ ହେବ, ଯଥା:— ଖଣ୍ଡ (1) ରେ ଥିବା ବ୍ୟାଖ୍ୟା ପାଇଁ, ନିମ୍ନଲିଖିତ ବ୍ୟାଖ୍ୟା ପ୍ରତିସ୍ଥାପିତ ହେବ, ଯଥା:—

"*ସ୍ପଷ୍ଟୀକରଣ*— ଏହି ଅନୁଚ୍ଛେଦ ଉଦ୍ଦେଶ୍ୟ ପାଇଁ, ରାଜ୍ୟ ସରକାର ଅର୍ଥାତ୍ ରାଷ୍ଟ୍ରପତିଙ୍କଦ୍ୱାରା ରାଜ୍ୟର ବିଧାନସଭାର ସୁପାରିଶ ଅନୁଯାୟୀ ସାମୟିକ ଭାବେ ଜମ୍ମୁ ଓ କାଶ୍ମୀରର *ସଦର-ଇ-ରିୟାସତ* ଭାବେ ସ୍ୱୀକୃତ ବ୍ୟକ୍ତି, ଯିଏ ସାମୟିକ ଭାବେ ରାଜ୍ୟର ମନ୍ତ୍ରୀପରିଷଦର ପରାମର୍ଶ ଅନୁଯାୟୀ କାର୍ଯ୍ୟ କରୁଛନ୍ତି।"

(ସମ୍ବିଧାନ ଆଦେଶ 44, 15 ନଭେମ୍ବର, 1952).

* ଏବେ "ରାଜ୍ୟପାଳ"

(*ii*) ସେହି ରାଜ୍ୟ ସରକାରଙ୍କ ସହମତି କ୍ରମେ ଉକ୍ତ ତାଲିକାରେ ଉଲ୍ଲେଖିତ ଅନ୍ୟ ବିଷୟ ଗୁଡ଼ିକ ରାଷ୍ଟ୍ରପତି ଆଦେଶଦ୍ୱାରା ଉଲ୍ଲେଖ କରିପାରିବେ ।

*ସ୍ପଷ୍ଟୀକରଣ*— ଏହି ଅନୁଚ୍ଛେଦର ଉଦ୍ଦେଶ୍ୟ ପାଇଁ "ରାଜ୍ୟ ସରକାର"ର ଅର୍ଥ 5 ମାର୍ଚ୍ଚ 1948 ମସିହାରେ ମହାରାଜାଙ୍କ ଉଦଘୋଷଣା ଅନୁଯାୟୀ ତତ୍କାଳୀନ ପଦସ୍ଥ ମନ୍ତ୍ରୀ ପରିଷଦର ପରାମର୍ଶ ଅନୁଯାୟୀ କାର୍ଯ୍ୟ କରୁଥିବା ଏବଂ ରାଷ୍ଟ୍ରପତିଙ୍କଦ୍ୱାରା ସ୍ୱୀକୃତି ପ୍ରାପ୍ତ ଜମ୍ମୁ ଓ କାଶ୍ମୀରର ମହାରାଜା ବୁଝାଯିବ;

(*c*) ଅନୁଚ୍ଛେଦ 1 ଓ ଏହି ଅନୁଚ୍ଛେଦରେ ଥିବା ବ୍ୟବସ୍ଥା ଉକ୍ତ ରାଜ୍ୟ ପାଇଁ ପ୍ରଯୁଜ୍ୟ ହେବ;

(*d*) ଏହି ସମ୍ବିଧାନର ଅନ୍ୟ ବ୍ୟବସ୍ଥା ପ୍ରଚଳିତ ବ୍ୟତିକ୍ରମ ଓ ସଂଶୋଧନ ସହିତ ରାଷ୍ଟ୍ରପତିଙ୍କ ଆଦେଶ* ମାଧ୍ୟମରେ ଉକ୍ତ ରାଜ୍ୟ ପ୍ରତି ପଯୁଜ୍ୟ ହେବ;

କିନ୍ତୁ, ଅଧିଗ୍ରହଣ ପତ୍ର ଉପଖଣ୍ଡ (*b*)ର ପରିଚ୍ଛେଦ (*i*)ରେ ଉଲ୍ଲେଖିତ ରାଜ୍ୟର ବିଷୟ ସହିତ ସମ୍ପୃକ୍ତ କୌଣସି ଆଦେଶ ରାଜ୍ୟ ସରକାର ସହିତ ପରାମର୍ଶ ବିନା ଜାରି କରାଯିବ ନାହିଁ:

ଅଧିକନ୍ତୁ, ପୂର୍ବବର୍ତ୍ତୀ ପ୍ରତିବନ୍ଧରେ ଉଲ୍ଲେଖିତ ବିଷୟବସ୍ତୁକୁ ଛାଡ଼ି ଅନ୍ୟ ବିଷୟ ସହିତ ସମ୍ପୃକ୍ତ କୌଣସି ଆଦେଶ, ସେ ରାଜ୍ୟର ସରକାରଙ୍କ ସମ୍ମତି ବିନା ଜାରି କରାଯିବ ନାହିଁ ।

(2) ଯଦି ରାଜ୍ୟ ସରକାରଙ୍କ ସହମତି, ଖଣ୍ଡ (1)ର ଉପଖଣ୍ଡ (*b*)ର ପରିଚ୍ଛେଦ (*ii*) କିମ୍ବା ସେହି ଉପଖଣ୍ଡ (*d*)ର ଦ୍ୱିତୀୟ ପ୍ରତିବନ୍ଧ ଅନୁଯାୟୀ, ରାଜ୍ୟର ସମ୍ବିଧାନ ତିଆରି ପାଇଁ ଗଠିତ ହେବାକୁ ଯାଉଥିବା ସମ୍ବିଧାନ ସଭା ଆହ୍ୱାନ ପୂର୍ବରୁ ଦିଆଯାଇଥାଏ, ତେବେ ସେହି ସହମତିକୁ ସେହି ସମ୍ବିଧାନ ସଭା ସମ୍ମୁଖରେ ଉପସ୍ଥାପନ କରାଯିବ, ଯାହାପରେ ସଭା ସେ ସମ୍ପର୍କରେ ଯେଉଁ ନିଷ୍ପତ୍ତି ନେବ, ତାହା ଗ୍ରହଣ କରାଯିବ ।

(3) ଏହି ଅନୁଚ୍ଛେଦରେ ଯାହା କିଛି ବ୍ୟବସ୍ଥା ଥିବା ସତ୍ତ୍ୱେ ରାଷ୍ଟ୍ରପତି ଆବଶ୍ୟକ ସ୍ଥଳେ ପ୍ରଚଳିତ ବ୍ୟତିକ୍ରମ ଓ ସଂଶୋଧନ ସହିତ ଜନସାଧାରଣଙ୍କୁ ଅବଗତି ନିମନ୍ତେ ବିଜ୍ଞପ୍ତି ଜାରି କରି ଏହି ଅନୁଚ୍ଛେଦକୁ ରଦ୍ଦ କରିପାରିବେ ବା ଏହାକୁ ନିର୍ଦ୍ଦିଷ୍ଟ ତାରିଖରୁ ପ୍ରଚଳିତ କରିପାରିବେ:

କିନ୍ତୁ, [1][ରାଜ୍ୟ ବିଧାନସଭାର ଖଣ୍ଡ(2)] ଅନୁଯାୟୀ ରାଷ୍ଟ୍ରପତି ଏହି ବିଜ୍ଞପ୍ତି ଜାରି କରିବା ପୂର୍ବରୁ ସୁପାରିଶ ଗ୍ରହଣ କରିବା ଆବଶ୍ୟକ ।

---

* ପରିଶିଷ୍ଟ II ଦେଖ

[1] ସମ୍ବିଧାନ ଆଦେଶ 272, ତାରିଖ 5-8-2019, ଧାରା 2ଦ୍ୱାରା "ରାଜ୍ୟ ସଙ୍ଗଠନ ସଭା ଯାହା ଖଣ୍ଡ (2)ରେ ଉଲ୍ଲେଖିତ" ପାଇଁ ପ୍ରତିସ୍ଥାପିତ (5-8-2019ଠାରୁ କାର୍ଯ୍ୟକାରୀ)।

[1]**[371. [2]***ମହାରାଷ୍ଟ୍ର ଓ ଗୁଜୁରାଟ ରାଜ୍ୟ ସମ୍ବନ୍ଧରେ ବିଶେଷ ବ୍ୟବସ୍ଥା**— [3][(1) * * * * *]

(2) ସମ୍ବିଧାନରେ ଥିବା ସମସ୍ତ ବ୍ୟବସ୍ଥା ସତ୍ତ୍ୱେ— ରାଷ୍ଟ୍ରପତି ଆଦେଶ ମାଧ୍ୟମରେ [4][ମହାରାଷ୍ଟ୍ର ଏବଂ ଗୁଜୁରାଟ] ରାଜ୍ୟର ରାଜ୍ୟପାଳଙ୍କୁ ନିମ୍ନଲିଖିତ ବିଷୟରେ ରାଜ୍ୟପାଳଙ୍କୁ ବିଶେଷ ଦାୟିତ୍ୱ ପ୍ରଦାନ କରିପାରିବେ—

(*a*) ବିଦର୍ଭ, ମରାଠାୱାଡ଼ା ଏବଂ [5][ମହାରାଷ୍ଟ୍ରର ଅବଶିଷ୍ଟାଂଶ] ବା ସୌରାଷ୍ଟ୍ର, କଚ୍ଛ ଏବଂ ଗୁଜୁରାଟର ଅବଶିଷ୍ଟାଂଶ ନିମନ୍ତେ ପୃଥକ ବିକାଶ ମଣ୍ଡଳ ସ୍ଥାପନା କରି ଉକ୍ତ ବିକାଶ ମଣ୍ଡଳର କାର୍ଯ୍ୟକାରିତା ସମ୍ବନ୍ଧରେ ପ୍ରତିବର୍ଷ ରାଜ୍ୟ ବିଧାନସଭାରେ ଲିଖିତ ବିବରଣୀ ଉପସ୍ଥାପନ କରିବେ;

(*b*) ସମଗ୍ର ରାଜ୍ୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଉକ୍ତ ଅଞ୍ଚଳର ବିକାଶ ନିମନ୍ତେ ଦରକାର ହେଉଥିବା ବ୍ୟୟ ପାଇଁ ପାଣ୍ଠିର ଯଥାର୍ଥ ବଣ୍ଟନର ପ୍ରାବଧାନ କରିବେ; ଏବଂ

(*c*) ସମଗ୍ର ରାଜ୍ୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଉପଯୁକ୍ତ ବୈଷୟିକ ଶିକ୍ଷା ଓ ଧନ୍ଦାମୂଳକ ପ୍ରଶିକ୍ଷଣ ନିମନ୍ତେ ସମସ୍ତ ସୁବିଧା ତଥା ରାଜ୍ୟ ସରକାରଙ୍କ ନିୟନ୍ତ୍ରଣାଧୀନ ସେବାରେ ଚାକିରି ନିମନ୍ତେ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ପାଇଁ ଯୁକ୍ତିଯୁକ୍ତ ବ୍ୟବସ୍ଥା ।]

[6]**[371A. ନାଗାଲାଣ୍ଡ ରାଜ୍ୟପାଇଁ ବିଶେଷ ବ୍ୟବସ୍ଥା** —(1) ସମ୍ବିଧାନରେ ଯାହା କିଛି ଥିବା ସତ୍ତ୍ୱେ,—

(*a*) ନିମ୍ନଲିଖିତ ବିଷୟରେ କୌଣସି ଆଇନ ସଂସଦଦ୍ୱାରା ପ୍ରଣୟନ କରାଯାଇପାରିବ ନାହିଁ, ଯେ ପର୍ଯ୍ୟନ୍ତ ତାହା ନାଗାଲାଣ୍ଡ ବିଧାନସଭା ଏ ସମ୍ପର୍କରେ ଦୃଢ଼ ନିଷ୍ପତ୍ତି ନେଇ ନଥିବେ ଯଥା—

(*i*) ନାଗାମାନଙ୍କର ଧାର୍ମିକ ଓ ସାମାଜିକ ପ୍ରଥା;

(*ii*) ନାଗାମାନଙ୍କର ପରମ୍ପରା ଗତ ଆଇନ ଓ କାର୍ଯ୍ୟ ପ୍ରଣାଳୀ;

(*iii*) ନାଗାମାନଙ୍କର ଦେୱାନି ଓ ଫୌଜଦାରି ନ୍ୟାୟ, ପ୍ରଶାସନ ଯାହା ପରମ୍ପରାଗତ ଆଇନ ସହିତ ସମ୍ବନ୍ଧିତ ଥିବ;

(*iv*) ନାଗାମାନଙ୍କର ଜମିର ମାଲିକାନା ଏବଂ ଜମି ତଥା ତତ୍‌ସମ୍ବନ୍ଧୀୟ ଅନ୍ୟ ବିଭବର ହସ୍ତାନ୍ତର;

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 22ଦ୍ୱାରା ପ୍ରତିସ୍ଥାପିତ, ଅନୁଚ୍ଛେଦ 371 ପାଇଁ (1-11-1956ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (32ତମ ସଂଶୋଧନ) ଅଧିନିୟମ, 1973, ଧାରା 2ଦ୍ୱାରା "ଆନ୍ଧ୍ରପ୍ରଦେଶ" ଶବ୍ଦଗୁଡ଼ିକୁ ବାଦ୍ ଦିଆଯାଇଛି (1-7-1974 ଠାରୁ କାର୍ଯ୍ୟକାରୀ)।

[3] ସମ୍ବିଧାନ (32ତମ ସଂଶୋଧନ) ଅଧିନିୟମ, 1973, ଧାରା 2ଦ୍ୱାରା ଖଣ୍ଡ (1)କୁ ବାଦ୍ ଦିଆଯାଇଛି (1-7-1974ଠାରୁ କାର୍ଯ୍ୟକାରୀ)।

[4] ବମ୍ବେ ପୁନର୍ଗଠନ ଅଧିନିୟମ, 1960 (1960 ର 11ନଂ) ଧାରା 85ଦ୍ୱାରା "ବମ୍ବେ ରାଜ୍ୟ" ପାଇଁ ପ୍ରତିସ୍ଥାପିତ (1-5-1960 ଠାରୁ କାର୍ଯ୍ୟକାରୀ)।

[5] ବମ୍ବେ ପୁନର୍ଗଠନ ଅଧିନିୟମ, 1960 (1960ର 11ନଂ) ଧାରା 85ଦ୍ୱାରା 'ମହାରାଷ୍ଟ୍ରର ଅନ୍ୟ ଅଞ୍ଚଳ' ପାଇଁ ପ୍ରତିସ୍ଥାପିତ(1-5-1960ଠାରୁ କାର୍ଯ୍ୟକାରୀ) ।

[6] ସମ୍ବିଧାନ (ତ୍ରୟୋଦଶ ସଂଶୋଧନ) ଅଧିନିୟମ, 1962, ଧାରା 2ଦ୍ୱାରା ଅନୁଚ୍ଛେଦ 371A ସନ୍ନିବେଶିତ (1-12-1963ଠାରୁ କାର୍ଯ୍ୟକାରୀ)।

(*b*) ନାଗାଲାଣ୍ଡ ରାଜ୍ୟଗଠନର ଅବ୍ୟବହିତ ପୂର୍ବରୁ ଯଦି ରାଜ୍ୟପାଳ ଅନୁଭବ କରନ୍ତି ଯେ, ନାଗା ପାହାଡ଼ି ଟୁଏନ୍‌ସାଙ୍ଗ୍ କ୍ଷେତ୍ରରେ ବା ତତ୍‌ସଂଲଗ୍ନ କୌଣସି କ୍ଷେତ୍ରରେ ଆଭ୍ୟନ୍ତରୀଣ ବିଶୃଙ୍ଖଳା ଉପୁଜି ଥାଏ, ତାହେଲେ ରାଜ୍ୟପାଳଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଛି ଯେ ସେ ତାଙ୍କର ମନ୍ତ୍ରୀପରିଷଦ ସହ ଏ ସମ୍ପର୍କରେ ପରାମର୍ଶ କରି ଉପଯୁକ୍ତ ନିଷ୍ପତ୍ତି ନେବେ:

କିନ୍ତୁ, ଯଦି କୌଣସି ପ୍ରଶ୍ନ ଉଠେ ଯେ, ଏହି ଉପଖଣ୍ଡରେ ଉଲ୍ଲେଖିତ ବିଷୟ ଅନୁଯାୟୀ ରାଜ୍ୟପାଳଙ୍କର ବ୍ୟକ୍ତିଗତ ନିଷ୍ପତ୍ତି ନେବା ଉଚିତ କି ନୁହେଁ, ତେବେ ସେହି ବିଷୟରେ ରାଜ୍ୟପାଳଙ୍କ ଅନୁଗ୍ରହରେ ନିଆଯାଇଥିବା ସିଦ୍ଧାନ୍ତ ନିର୍ଣ୍ଣାୟକ ବୋଲି ଧରାଯିବ, ଏବଂ ରାଜ୍ୟପାଳଦ୍ୱାରା ଗୃହୀତ କୌଣସି ବ୍ୟକ୍ତିଗତ ସିଦ୍ଧାନ୍ତ ଉଚିତ ଥିଲା ବା ଅନୁଚିତ ଥିଲା, ଏ ଭିତ୍ତିରେ କେବେ ପ୍ରଶ୍ନ କରାଯିବ ନାହିଁ:

ଅଧିକନ୍ତୁ, ରାଜ୍ୟପାଳଙ୍କଠାରୁ ଲିଖିତ ବିବରଣୀ ପାଇବାପରେ ରାଷ୍ଟ୍ରପତି ଯଦି ଏଥିରେ ସନ୍ତୁଷ୍ଟ ନହୁଅନ୍ତି ଏବଂ ବିଚାର କରନ୍ତି ଯେ ରାଜ୍ୟପାଳଙ୍କ ଉପରେ ନାଗାଲାଣ୍ଡ ରାଜ୍ୟରେ ଆଇନ ଶୃଙ୍ଖଳା ରକ୍ଷାକରିବା ନିମନ୍ତେ ନ୍ୟସ୍ତ କରାଯାଇଥିବା ସ୍ୱତନ୍ତ୍ର ଦାୟିତ୍ୱର ଆବଶ୍ୟକତା ନାହିଁ ତେବେ ସେ ତାଙ୍କର ଆଦେଶ ମାଧ୍ୟମରେ ରାଜ୍ୟପାଳଙ୍କୁ ଉକ୍ତ ଦାୟିତ୍ୱରୁ ନିର୍ଦ୍ଦିଷ୍ଟ ତାରିଖରୁ ଅବ୍ୟାହତି ଦେବେ;

(*c*) ଭାରତ ସରକାରଙ୍କ ସଞ୍ଚିତ ପାଣ୍ଠିରୁ କୌଣସି ଅନୁଦାନ ସୁପାରିଶ କରିବା ବେଳେ ନାଗାଲାଣ୍ଡ ରାଜ୍ୟର ରାଜ୍ୟପାଳ ନିର୍ଦ୍ଦିଷ୍ଟ ଭାବରେ ଉଲ୍ଲେଖ କରିବେ ଯେ, ଏହା ଅନ୍ୟକିଛି ନୁହଁ, ଏହି ଅନୁଦାନ କେବଳ ବିଶେଷ ସେବା କିମ୍ବା କାର୍ଯ୍ୟ ପାଇଁ ହିଁ ଆବଶ୍ୟକ;

(*d*) ନିର୍ଦ୍ଦିଷ୍ଟ ତାରିଖରୁ ନାଗାଲାଣ୍ଡର ରାଜ୍ୟପାଳ ସରକାରୀ ବିଜ୍ଞପ୍ତିଦ୍ୱାରା ଟୁଏନ୍‌ସାଙ୍ଗ୍ ଜିଲ୍ଲାରେ 35 ସଭ୍ୟ ବିଶିଷ୍ଟ ଏକ ଆଞ୍ଚଳିକ ପରିଷଦ ସ୍ଥାପନ କରିବା ପାଇଁ ବିବେକ ଅନୁଯାୟୀ ନିୟମ ପ୍ରଣୟନ କରିପାରିବେ, ଯଥା—

(*i*) ଆଞ୍ଚଳିକ ପରିଷଦର ସଂରଚନା କରିବେ ଏବଂ ପରିଷଦର ସଦସ୍ୟମାନେ ବଛାଯିବାର ରିତି, ନୀତି ନିର୍ଦ୍ଧାରଣ କରିବେ:

କିନ୍ତୁ ଟୁଏନ୍‌ସାଙ୍ଗ୍ ଜିଲ୍ଲାର ଉପ-ଆୟୁକ୍ତ ଆଞ୍ଚଳିକ ପରିଷଦର *ପଦ ପ୍ରଯୁକ୍ତ* ଅଧ୍ୟକ୍ଷ ହେବେ ଏବଂ ସଭ୍ୟମାନେ ସେମାନଙ୍କ ମଧ୍ୟରୁ ଜଣକୁ ଉପାଧ୍ୟକ୍ଷଭାବେ ନିର୍ବାଚିତ କରିବେ ।

(*ii*) ଆଞ୍ଚଳିକ ପରିଷଦର ସଦସ୍ୟ ହେବା ପାଇଁ ଚୟନ ହେବା ଓ ସଦସ୍ୟ ରହିବା ପାଇଁ ଯୋଗ୍ୟତାମାନେ;

(*iii*) ଆଞ୍ଚଳିକ ପରିଷଦର କାର୍ଯ୍ୟକାଳ ଏବଂ ସଦସ୍ୟମାନଙ୍କର ବେତନ ଓ ଭତ୍ତା ଇତ୍ୟାଦି;

(*iv*) ଆଞ୍ଚଳିକ ପରିଷଦର କାର୍ଯ୍ୟକାରିତା ଓ କାର୍ଯ୍ୟ ପ୍ରଣାଳୀ;

(*v*) ଆଞ୍ଚଳିକ ପରିଷଦର ଅଧିକାରୀ ଓ କର୍ମଚାରୀଙ୍କର ନିଯୁକ୍ତି ଓ ସେମାନଙ୍କ ଚାକିରି ସର୍ତ୍ତାବଳୀ; ଏବଂ

(*vi*) ଆଞ୍ଚଳିକ ପରିଷଦର ଗଠନ ଓ କାର୍ଯ୍ୟକାରିତା ନିମନ୍ତେ ଉପଯୁକ୍ତ ନିୟମାବଳୀ ।

(2) ଏହି ସମ୍ବିଧାନରେ ଯାହାକିଛି ଥିବା ସତ୍ତ୍ୱେ, ରାଜ୍ୟପାଳ ଆଞ୍ଚଳିକ ପରିଷଦର ସୁପାରିଶ କ୍ରମେ ସମ୍ବିଧାନରେ ଥିବା ବ୍ୟବସ୍ଥା ଯଥା ନାଗାଲାଣ୍ଡ ରାଜ୍ୟ ଗଠନ ହେବା ତାରିଖଠାରୁ ଦଶବର୍ଷ ବା ତଦୁର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ଆଞ୍ଚଳିକ ପରିଷଦର ସୁପାରିଶଦ୍ୱାରା ରାଜ୍ୟପାଳ ସରକାରୀ ବିଜ୍ଞପ୍ତି ମାଧ୍ୟମରେ ନିମ୍ନଲିଖିତ ବ୍ୟବସ୍ଥା କରିପାରିବେ,—

(*a*) ଟୁଏନ୍‌ସାଙ୍ଗ୍ ଜିଲ୍ଲାର ଶାସନ ରାଜ୍ୟପାଳଙ୍କଦ୍ୱାରା କରାଯିବ;

(*b*) ସମଗ୍ର ନାଗାଲାଣ୍ଡ ରାଜ୍ୟର ପରିଚାଳନା ପାଇଁ ଭାରତ ସରକାରଦ୍ୱାରା ପ୍ରଦତ୍ତ ଆବଶ୍ୟକ ଅର୍ଥକୁ ରାଜ୍ୟପାଳ ନିଜ ବିଚାରଶକ୍ତି ପ୍ରୟୋଗକରି ଟୁଏନ୍‌ସାଙ୍ଗ୍ ଜିଲ୍ଲା ବା ରାଜ୍ୟର ଅନ୍ୟ ଅଞ୍ଚଳ ନିମନ୍ତେ ଉକ୍ତ ଅର୍ଥକୁ ଯଥାର୍ଥ ଆବଣ୍ଟନ କରିବା ପାଇଁ ବନ୍ଦୋବସ୍ତ କରିପାରିବେ;

(*c*) ନାଗାଲାଣ୍ଡ ବିଧାନମଣ୍ଡଳଦ୍ୱାରା ପ୍ରଣୟନ କରାଯାଇଥିବା କୌଣସି ଆଇନ ଟୁଏନ୍‌ସାଙ୍ଗ୍ ଜିଲ୍ଲାରେ ଲାଗୁ କରାଯାଇ ପାରିବ ନାହିଁ, କିନ୍ତୁ ଆଞ୍ଚଳିକ ପରିଷଦର ସୁପାରିଶଦ୍ୱାରା ପ୍ରଣୟନ କରାଯାଇଥିବା ଆଇନକୁ, ସରକାରୀ ବା ବିଜ୍ଞପ୍ତି ମାଧ୍ୟମରେ ରାଜ୍ୟପାଳ ପ୍ରଚଳିତ ବ୍ୟତିକ୍ରମ ଓ ସଂଶୋଧନ ସହିତ ଯେକୌଣସି ଆଇନ ବା ଆଇନର କୌଣସି ନିର୍ଦ୍ଦିଷ୍ଟ ଭାଗକୁ ବା ଉକ୍ତ ଆଇନରେ ପରିବର୍ତ୍ତନ କରି ଟୁଏନ୍‌ସାଙ୍ଗ୍ ଜିଲ୍ଲାରେ ପ୍ରଚଳନ କରିବା ପାଇଁ ନିର୍ଦ୍ଦେଶ ଦେଇପାରିବେ:

କିନ୍ତୁ, ଏହି ଉପଖଣ୍ଡରେ ଦିଆଯାଇଥିବା ଆଦେଶ ପୂର୍ବ ତାରିଖରୁ ମଧ୍ୟ ଲାଗୁ କରାଯାଇପାରିବ;

(*d*) ଟୁଏନ୍‌ସାଙ୍ଗ୍ ଜିଲ୍ଲାରେ ଶାନ୍ତି, ଉନ୍ନତି ଓ ସୁଶାସନ ନିମିତ୍ତ ଏବଂ ରାଜ୍ୟପାଳ ଯେକୌଣସି ନିୟମ ପ୍ରଣୟନ କରିପାରିବେ, ଅବଶ୍ୟକ ଅନୁଯାୟୀ ସଂସଦଦ୍ୱାରା ପ୍ରଣୟନ କରିଥିବା ଆଇନ, ଅନ୍ୟ ପ୍ରଚଳିତ ଆଇନରେ ସଂଶୋଧନ ରୂପାନ୍ତର ବା ଉଚ୍ଛେଦ ପୂର୍ବ-ପ୍ରଭାବୀଭାବରେ କରିପାରିବେ;

(*e*) (*i*) ନାଗାଲାଣ୍ଡ ବିଧାନସଭାରେ ଟୁଏନ୍‌ସାଙ୍ଗ୍ ଜିଲ୍ଲାକୁ ପ୍ରତିନିଧିତ୍ୱ କରୁଥିବା ଜଣେ ପ୍ରତିନିଧିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉପଦେଶ ଅନୁଯାୟୀ ରାଜ୍ୟପାଳ ତାଙ୍କୁ ଟୁଏନ୍‌ସାଙ୍ଗ୍ ବିଭାଗୀୟ ମନ୍ତ୍ରୀଭାବେ ନିଯୁକ୍ତି ଦେଇପାରିବେ ଏବଂ ଉଲ୍ଲେଖଥାଉ ଯେ ମୁଖ୍ୟମନ୍ତ୍ରୀ ବିଧାନସଭାର ଏହି ଉପଦେଶ ଦେବା ପୂର୍ବରୁ ଅଧିକାଂଶ ସଦସ୍ୟଙ୍କ ସୁପାରିଶ କାର୍ଯ୍ୟ କରିବ[1];

---

[1] ଭାରତ ସମ୍ବିଧାନର (ଅସୁବିଧା ଦୂରୀକରଣ) ଆଦେଶ ନମ୍ବର X ର ପରିଚ୍ଛେଦ 2 ପ୍ରଦାନ କରେ (1-12-1963 ଠାରୁ କାର୍ଯ୍ୟକାରୀ) ଯେ ଭାରତ ସମ୍ବିଧାନର ଧାରା 371A ଏହା ପ୍ରଭାବୀ ହେବ ଯେମିତି ନିମ୍ନଲିଖିତ ସଂଯୋଜନା ଏହାର ଖଣ୍ଡ (2) ଉପଖଣ୍ଡ(*e*) ରେ ଥିବା ପରିଚ୍ଛେଦ (*i*) ସଂଯୁକ୍ତ ହୋଇଛି, ଯଥା:—

"କିନ୍ତୁ, ଯେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ଅନୁଯାୟୀ ଟୁଏନ୍‌ସାଙ୍ଗ୍ ବ୍ୟାପାର ପାଇଁ ମନ୍ତ୍ରୀ ଭାବେ ଯେକୌଣସି ବ୍ୟକ୍ତିଙ୍କୁ ନିଯୁକ୍ତ କରିପାରନ୍ତି, ଯେପର୍ଯ୍ୟନ୍ତ ନାଗାଲାଣ୍ଡ ବିଧାନସଭାରେ ଟୁଏନ୍‌ସାଙ୍ଗ୍ ଜିଲ୍ଲା ପାଇଁ ନିର୍ଦ୍ଧାରିତ ଆସନ ପୂରଣ କରିବା ପାଇଁ ଅଧିନିୟମ ଅନୁଯାୟୀ ବ୍ୟକ୍ତିମାନେ ମନୋନୀତ ନହୁଅନ୍ତି ।"

(*ii*) ଟୁଏନ୍‌ସାଙ୍ଗ୍ ବିଭାଗୀୟ ମନ୍ତ୍ରୀ ଟୁଏନ୍‌ସାଙ୍ଗ୍ ଜିଲ୍ଲା ସମ୍ବନ୍ଧରେ ସମସ୍ତ କାର୍ଯ୍ୟ କରିବେ ଓ ସେ ସମ୍ପର୍କରେ ସେ ରାଜ୍ୟପାଳଙ୍କ ନିକଟରେ ସିଧାସଳଖ ପହଞ୍ଚି ପାରିବେ କିନ୍ତୁ ସେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ସେ ସମସ୍ତ ବିଷୟରେ ଅବଗତ କରାଇବେ;

(*f*) ଏହି ଖଣ୍ଡରେ ଯାହା କିଛି ବ୍ୟବସ୍ଥା ଥିବା ସତ୍ତ୍ୱେ ଟୁନସାଙ୍ଗ ଜିଲ୍ଲାର ସମସ୍ତ ବିଷୟ ଉପରେ ରାଜ୍ୟପାଳ ସ୍ୱଇଚ୍ଛାରେ ଶେଷ ନିଷ୍ପତ୍ତି ନେଇପାରିବେ;

(*g*) ଅନୁଚ୍ଛେଦ 54, 55 ଏବଂ 80ର ଖଣ୍ଡ (4)ରେ ନିୟମ ଅନୁସାରେ ପ୍ରତ୍ୟେକ ରାଜ୍ୟର ବିଧାନସଭାର ନିର୍ବାଚିତ ସଦସ୍ୟଙ୍କ ପରି ବା ନାଗାଲାଣ୍ଡ ରାଜ୍ୟ ପାଇଁ ଗଠନ କରାଯାଇଥିବା ଆଞ୍ଚଳିକ ପରିଷଦର ସଦସ୍ୟମାନଙ୍କଦ୍ୱାରା ରାଜ୍ୟ ବିଧାନସଭା ପାଇଁ ନିର୍ବାଚିତ କରାଯାଇଥିବା ସଦସ୍ୟମାନେ ବି ବିଧାନସଭାର ସଦସ୍ୟଭାବେ ବିବେଚିତ ହେବେ;

(*h*) ଅନୁଚ୍ଛେଦ 170ରେ—

(*i*) ଖଣ୍ଡ (1) ନାଗାଲାଣ୍ଡ ବିଧାନସଭା ପାଇଁ ଥିବା ଶବ୍ଦ "60" ବଦଳରେ ଶବ୍ଦ "46" ପ୍ରତିସ୍ଥାପିତ କରାଯାଇଛି;

(*ii*) ଉକ୍ତ ଖଣ୍ଡରେ ଏବଂ ଅନୁଚ୍ଛେଦରେ ରାଜ୍ୟରେ ଥିବା ଆଞ୍ଚଳିକ ନିର୍ବାଚନ କ୍ଷେତ୍ରରୁ ପ୍ରତ୍ୟକ୍ଷ ନିର୍ବାଚନ ସହିତ ଏଠାରେ ଗଠନ କରାଯାଇଥିବା ଆଞ୍ଚଳିକ ପରିଷଦର ସଦସ୍ୟମାନଙ୍କ ନିର୍ବାଚନ ଅନ୍ତର୍ଭୁକ୍ତ ହେବ;

(*iii*) ଖଣ୍ଡ 2 ଏବଂ 3ରେ ଆଞ୍ଚଳିକ ନିର୍ବାଚନ କ୍ଷେତ୍ରର ଅର୍ଥସ୍ୱରୂପ କୋହିମା ଓ ମୋକୋକଚୁଙ୍ଗ ଜିଲ୍ଲାର ନିର୍ବାଚନ ମଣ୍ଡଳୀକୁ ବୁଝାଯିବ ।

(3) ଉପରୋକ୍ତ ଅନୁଚ୍ଛେଦରେ ପୂର୍ବରୁ ବର୍ଣ୍ଣିତ ବ୍ୟବସ୍ଥାକୁ ଲାଗୁ କରିବା ପାଇଁ ଯଦି କୌଣସି ଅସୁବିଧା ଉପୁଜେ ତେବେ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶ ଅନୁଯାୟୀ ଉକ୍ତ ଅସୁବିଧାକୁ ଦୂର କରିବା ପାଇଁ ଅନ୍ୟ କୌଣସି ଅନୁଚ୍ଛେଦରେ ଅନୁକୂଳନ ଓ ସଂଶୋଧନ କରାଯାଇପାରିବ:

କିନ୍ତୁ, ନାଗାଲାଣ୍ଡ ରାଜ୍ୟ ଗଠନ ହେବାର ତିନିବର୍ଷ ପରେ ଏ ସମ୍ବନ୍ଧରେ କୌଣସି ନିର୍ଦ୍ଦେଶ ଦିଆଯାଇପାରିବ ନାହିଁ ।

*ସ୍ପଷ୍ଟୀକରଣ*— ଏହି ଅନୁଚ୍ଛେଦରେ କୋହିମା, ମୋକୋକଚୁଙ୍ଗ ଏବଂ ଟୁଏନ୍‌ସାଙ୍ଗ୍ ରାଜ୍ୟର ଅର୍ଥ 1962ରେ ପ୍ରଚଳନ କରାଯାଇଥିବା ନାଗାଲାଣ୍ଡ ରାଜ୍ୟ ଅଧିନିୟମରେ ଥିବା ଅର୍ଥକୁ ବୁଝାଇବ ।]

[1]**[371B. ଆସାମ ରାଜ୍ୟପାଇଁ ଥିବା ବିଶେଷ ବ୍ୟବସ୍ଥା—** ଏହି ସମ୍ବିଧାନରେ ପ୍ରଦତ୍ତ ସମସ୍ତ ବ୍ୟବସ୍ଥା ଥିବା ସତ୍ତ୍ୱେ ରାଷ୍ଟ୍ରପତି ଆସାମ ରାଜ୍ୟ ନିମନ୍ତେ ବିଧାନସଭାର କାର୍ଯ୍ୟକାରିତାପାଇଁ ଷଷ୍ଠ ଅନୁସୂଚୀର ପରିଚ୍ଛେଦ

---

[1] ସମ୍ବିଧାନ (22ତମ ସଂଶୋଧନ) ଅଧିନିୟମ, 1969, ଧାରା 4ଦ୍ୱାରା ସନ୍ନିବେଶିତ (25-9-1969ଠାରୁ କାର୍ଯ୍ୟକାରୀ) ।

20ର ସଂଲଗ୍ନ ସାରଣୀର [1][ଭାଗ 1]ରେ ବର୍ଣ୍ଣିତ ହୋଇଥିବା ଜନଜାତି ଅଞ୍ଚଳରୁ ନିର୍ବାଚିତ ହୋଇଥିବା ସଦସ୍ୟଙ୍କଦ୍ୱାରା ଏକ ସମିତି ଗଠନ କରିବା ପାଇଁ ଆଦେଶ ଦେଇପାରିବେ ଏବଂ ସେହି ଆଦେଶରେ ଉଲ୍ଲେଖିତ ଥିବା ବିଧାନ ସଭାର ଗଠନ ଓ ସଠିକ ରୂପେ କାର୍ଯ୍ୟ କରିବା ପାଇଁ ସେହି ବିଧାନ ସଭାର ନିୟମାବଳୀରେ ରୂପାନ୍ତରଣ କରିବା ପାଇଁ ଆଦେଶ ଦେଇପାରିବେ ।

[2][**371C. ମଣିପୁର ରାଜ୍ୟ ପାଇଁ ଥିବା ବିଶେଷ ବ୍ୟବସ୍ଥା—** (1) ଏହି ସମ୍ବିଧାନରେ ପ୍ରଦତ୍ତ ସମସ୍ତ ବ୍ୟବସ୍ଥା ସତ୍ତ୍ୱେ, ରାଷ୍ଟ୍ରପତି ମଣିପୁର ରାଜ୍ୟ ନିମନ୍ତେ ରାଜ୍ୟର ପାହାଡ଼ି ଅଞ୍ଚଳରୁ ବିଧାନସଭା ପାଇଁ ନିର୍ବାଚିତ ହୋଇଥିବା ସଦସ୍ୟଙ୍କଦ୍ୱାରା ଏକ ସମିତି ଗଠନ କରିବା ପାଇଁ ଆଦେଶ ଦେଇପାରିବେ ଏବଂ ଉକ୍ତ ସମିତିଟିର ସ୍ୱାଭାବିକଭାବେ କାର୍ଯ୍ୟକରିବା ନିମନ୍ତେ ଆବଶ୍ୟକ ସ୍ଥଳେ ସରକାରୀ ନିୟମ ଏବଂ ରାଜ୍ୟ ବିଧାନସଭାର କାର୍ଯ୍ୟ ପ୍ରଣାଳୀରେ ପରିବର୍ତ୍ତନ କରିପାରିବେ କିମ୍ବା ଉକ୍ତ ସମିତିକୁ ସ୍ୱାଭାବିକଭାବେ ପରିଚାଳନା କରିବା ନିମନ୍ତେ ରାଜ୍ୟପାଳଙ୍କୁ ବିଶେଷ ଦାୟିତ୍ୱ ଦେଇପାରିବେ ।

(2) ରାଜ୍ୟପାଳ ପ୍ରତିବର୍ଷ କିମ୍ବା ରାଷ୍ଟ୍ରପତି ଯେତେବେଳେ ଆବଶ୍ୟକ ମନେ କରିବେ, ସେତେବେଳେ ରାଷ୍ଟ୍ରପତିଙ୍କ ନିକଟରେ ମଣିପୁର ପାହାଡ଼ି ଅଞ୍ଚଳର ପ୍ରଶାସନିକ କାର୍ଯ୍ୟକାରିତା ସମ୍ବନ୍ଧରେ ଏକ ଲିଖିତ ବିବରଣୀ ଦେବେ ଏବଂ କେନ୍ଦ୍ରର କାର୍ଯ୍ୟପାଳିକା ମଧ୍ୟ ରାଜ୍ୟକୁ ଉକ୍ତ ଅଞ୍ଚଳର ପ୍ରଶାସନ ସମ୍ବନ୍ଧରେ ନିର୍ଦ୍ଦେଶ ଦେଇପାରିବେ ।

*ସ୍ପଷ୍ଟୀକରଣ*— ଏହି ଅନୁଚ୍ଛେଦରେ "ପାହାଡ଼ି ଅଞ୍ଚଳ" ଅର୍ଥ ରାଷ୍ଟ୍ରପତିଙ୍କଦ୍ୱାରା ଘୋଷିତ ହୋଇଥିବା ଅଞ୍ଚଳକୁ ବୁଝାଯିବ ।]

**[3][371D. [4][ଆନ୍ଧ୍ରପ୍ରଦେଶ କିମ୍ବା ତେଲେଙ୍ଗାନା ରାଜ୍ୟ] ପାଇଁ ବିଶେଷ ବ୍ୟବସ୍ଥା—** [5][(1) ରାଷ୍ଟ୍ରପତି ଏକ ଆଦେଶ ଜାରି କରି, ଆନ୍ଧ୍ରପ୍ରଦେଶ ରାଜ୍ୟ କିମ୍ବା ତେଲେଙ୍ଗାନା ରାଜ୍ୟ ସମ୍ବନ୍ଧରେ, ପ୍ରତ୍ୟେକ ରାଜ୍ୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି, ସେହି ରାଜ୍ୟର ଭିନ୍ନ ଭିନ୍ନ ଅଞ୍ଚଳର ଲୋକମାନେ ପାଇଁ ସରକାରୀ ଚାକିରି ଓ ଶିକ୍ଷା ସମ୍ପର୍କରେ ସମାନ ସୁଯୋଗ ଓ ସୁବିଧା ପ୍ରଦାନ କରିପାରିବେ; ଏବଂ ରାଜ୍ୟର ବିଭିନ୍ନ ଅଞ୍ଚଳ ପାଇଁ ଭିନ୍ନ ଭିନ୍ନ ଆଇନ ବ୍ୟବସ୍ଥା କରାଯାଇପାରିବ ।]

---

[1] ଉତ୍ତର-ପୂର୍ବାଞ୍ଚଳ କ୍ଷେତ୍ର (ପୁନର୍ଗଠନ) ଅଧିନିୟମ, 1971 (1971ର 81ନଂ), ଧାରା 71ଦ୍ୱାରା "ଭାଗ A" ପାଇଁ ପ୍ରତିସ୍ଥାପିତ (21-1-1972 ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (27ତମ ସଂଶୋଧନ) ଅଧିନିୟମ, 1971, ଧାରା 5ଦ୍ୱାରା ଅନୁଚ୍ଛେଦ 371Cକୁ ସନ୍ନିବେଶିତ କରାଯାଇଛି (15-2-1972ଠାରୁ କାର୍ଯ୍ୟକାରୀ) ।

[3] ସମ୍ବିଧାନ (32ତମ ସଂଶୋଧନ) ଅଧିନିୟମ, 1973, ଧାରା 3ଦ୍ୱାରା ଅନୁଚ୍ଛେଦ 371D ଏବଂ 371Eକୁ ସନ୍ନିବେଶିତ କରାଯାଇଛି (1-7-1974 ଠାରୁ କାର୍ଯ୍ୟକାରୀ) ।

[4] ଆନ୍ଧ୍ରପ୍ରଦେଶ ପୁନର୍ଗଠନ ଅଧିନିୟମ, 2014 (2014ର 6ନଂ), ଧାରା 97ଦ୍ୱାରା "ଆନ୍ଧ୍ରପ୍ରଦେଶ ରାଜ୍ୟ" ପାଇଁ ପ୍ରତିସ୍ଥାପିତ (2-6-2014 ଠାରୁ କାର୍ଯ୍ୟକାରୀ) ।

[5] ଆନ୍ଧ୍ରପ୍ରଦେଶ ପୁନର୍ଗଠନ ଅଧିନିୟମ, 2014 (2014ର 6ନଂ), ଧାରା 97ଦ୍ୱାରା ଖଣ୍ଡ (1) ପାଇଁ ପ୍ରତିସ୍ଥାପିତ (2-6-2014 ଠାରୁ କାର୍ଯ୍ୟକାରୀ)।

(2) ଖଣ୍ଡ (1)ଦ୍ୱାରା ନିମ୍ନଲିଖିତ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶନାମା ଜାରି କରାଯାଇପାରିବ,—

(*a*) ରାଜ୍ୟ ସରକାରଙ୍କଦ୍ୱାରା କୌଣସି ପ୍ରଶାସନିକ ସେବା କୌଣସି ବର୍ଗ କିମ୍ବା ବର୍ଗଗୁଡ଼ିକର ପଦବୀ କିମ୍ବା ରାଜ୍ୟ ଅଧୀନରେ ଥିବା କୌଣସି ବର୍ଗ କିମ୍ବା ବର୍ଗଗୁଡ଼ିକର ପଦବୀକୁ ରାଜ୍ୟର ବିଭିନ୍ନ ଭାଗ ପାଇଁ ବିଭିନ୍ନ ସ୍ଥାନୀୟ ଶ୍ରେଣୀରେ ସଙ୍ଗଠିତ କରିବା ଏବଂ ଆଦେଶରେ ନିର୍ଦ୍ଦିଷ୍ଟ ହୋଇଥିବା ନୀତି ଏବଂ ପ୍ରକ୍ରିୟା ଅନୁଯାୟୀ ଏହିପରି ପଦବୀରେ ଥିବା ବ୍ୟକ୍ତିମାନଙ୍କୁ ଆବଣ୍ଟନ କରିବେ;

(*b*) ବିଶେଷଭାବେ ଘୋଷିତ ହେଇଥିବା ରାଜ୍ୟର କୌଣସି ଭାଗ ବା ଭାଗଗୁଡ଼ିକୁ ସ୍ଥାନୀୟ ଅଞ୍ଚଳ ବୋଲି ଧରାଯିବ—

(*i*) ଏହି ଅନୁଚ୍ଛେଦ ଅଧୀନରେ କୌଣସି ସ୍ଥାନୀୟ ଶ୍ରେଣୀରେ ରାଜ୍ୟ ସିଧାସଳଖ ନିଯୁକ୍ତି ପାଇଁ ବିଭିନ୍ନ ଅଞ୍ଚଳର ପଦପଦବୀରେ ଉପଯୁକ୍ତ କାର୍ଯ୍ୟପ୍ରଣାଳୀ ଅନୁଯାୟୀ ବ୍ୟକ୍ତିଙ୍କୁ ନିୟୋଜିତ କରିବା;

(*ii*) ରାଜ୍ୟ ମଧ୍ୟରେ ବିଭିନ୍ନ ଆଞ୍ଚଳିକ କର୍ତ୍ତୃପକ୍ଷଙ୍କ ଅଧୀନରେ ଥିବା ବିଭିନ୍ନ ଶ୍ରେଣୀରେ ସିଧାସଳଖ ନିଯୁକ୍ତି; ଏବଂ

(*iii*) ରାଜ୍ୟ ମଧ୍ୟରେ ସରକାରଙ୍କଦ୍ୱାରା ପରିଚାଳିତ ଯେକୌଣସି ବିଶ୍ୱବିଦ୍ୟାଳୟରେ କିମ୍ବା ରାଜ୍ୟ ସରକାରଙ୍କର ନିୟନ୍ତ୍ରଣାଧୀନର ଶିକ୍ଷାନୁଷ୍ଠାନରେ ନାମ ପଞ୍ଜୀକୃତ କରିବା ପାଇଁ ପ୍ରବେଶ ଅନୁମତି ଦେବା;

(*c*) ନିର୍ଦ୍ଦିଷ୍ଟଭାବେ ସଂରକ୍ଷଣ କିପରି ଦିଆଯିବ, କାହାକୁ ଦିଆଯିବ, କେଉଁଭଳି ଦିଆଯିବ, କାହାକୁ ଅଗ୍ରାଧିକାର ଦିଆଯିବ, ତାହା ନିର୍ଦ୍ଦିଷ୍ଟ କରିବେ—

(*i*) ଏହି ଉପଖଣ୍ଡ (*b*)ରେ ଉଲ୍ଲେଖ ଥିବା ବିଭିନ୍ନ ଶ୍ରେଣୀରେ ସିଧାସଳଖ ନିଯୁକ୍ତି ଆଦେଶନାମା ବିଷୟରେ ଉଲ୍ଲେଖ କରାଯିବ;

(*ii*) ଉପଖଣ୍ଡ (*b*) ଅନୁଯାୟୀ କୌଣସି ବିଶ୍ୱବିଦ୍ୟାଳୟ ବା ଅନ୍ୟ କୌଣସି ଶିକ୍ଷାନୁଷ୍ଠାରେ ପ୍ରବେଶ ନିର୍ଦ୍ଦେଶନାମା ଅନୁଯାୟୀ ହେବ କିମ୍ବା,

ଯଦି କୌଣସି ପ୍ରାର୍ଥୀ ସେଠାରେ ବସବାସ କରୁଥିବାର କିମ୍ବା କିଛି ସମୟ ପାଇଁ ଶିକ୍ଷାଗ୍ରହଣ କରିଥିବାର ପ୍ରମାଣ ତାଙ୍କ ସପକ୍ଷରେ ଥିବ ତେବେ ଉପଯୁକ୍ତ ଶ୍ରେଣୀରେ ଚାକିରି ବା ବିଶ୍ୱବିଦ୍ୟାଳୟ କିମ୍ବା ଶିକ୍ଷାନୁଷ୍ଠାନରେ ପ୍ରବେଶ ପାଇଁ ଆଦେଶନାମାରେ ନିର୍ଦ୍ଦିଷ୍ଟ ହେବ ।

(3) ରାଷ୍ଟ୍ରପତି ଏକ ଆଦେଶ ଜାରି କରି [1][ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା ରାଜ୍ୟ] ପାଇଁ ଏକ ପ୍ରଶାସନିକ ବିଚାରାଳୟ ଗଠନ କରିବା ପାଇଁ ବ୍ୟବସ୍ଥା କରିପାରିବେ, ଯାହାକୁ ଏମିତି କ୍ଷେତ୍ରାଧିକାର, କ୍ଷମତା ଓ ଅଧିକାର ଦିଆଯିବ [ଯାହାର ଅନ୍ତର୍ଗତ ସେହି ସମସ୍ତ କ୍ଷେତ୍ରାଧିକାର, କ୍ଷମତା ଓ ଅଧିକାର ମଧ୍ୟ ଅନ୍ତର୍ଭୁକ୍ତ ଅଟେ, ଯେଉଁଗୁଡ଼ିକୁ ସମ୍ବିଧାନ (32ତମ ସଂଶୋଧନ) ଅଧିନିୟମ, 1973ର ଆରମ୍ଭ ପୂର୍ବରୁ ସର୍ବୋଚ୍ଚ ନ୍ୟାୟାଳୟ ବ୍ୟତୀତ କୌଣସି ନ୍ୟାୟାଳୟ ବା କୌଣସି ବିଚାରାଳୟ କିମ୍ବା ଅନ୍ୟ କୌଣସି କ୍ଷେତ୍ରାଧିକାରୀ ସଂସ୍ଥାଦ୍ୱାରା ସେହି ଅଧିକାରିତା], କ୍ଷମତା ଓ ଅଧିକାର ସମ୍ବନ୍ଧରେ ଉକ୍ତ ଆଦେଶରେ ବର୍ଣ୍ଣନା କରାଯିବ ଯଥା:—

---

[1] ଆନ୍ଧ୍ରପ୍ରଦେଶ ପୁନର୍ଗଠନ ଅଧିନିୟମ, 2014 (2014ର 6), ଧାରା 97ଦ୍ୱାରା "ଆନ୍ଧ୍ରପ୍ରଦେଶ ରାଜ୍ୟ" ପାଇଁ ପ୍ରତିସ୍ଥାପିତ (2-6-2014 ଠାରୁ କାର୍ଯ୍ୟକାରୀ) ।

(*a*) ଆଦେଶରେ ନିର୍ଦ୍ଦିଷ୍ଟଭାବେ ଲିଖିତ ରାଜ୍ୟ ଅଧୀନରେ ପ୍ରଶାସନିକ ସେବାରେ ଏକ ବା ଏକାଧିକ ଶ୍ରେଣୀର ସମସ୍ତ ପଦପଦବୀରେ ନିଯୁକ୍ତି, ପଦୋନ୍ନତି ଓ ଆବଣ୍ଟନ ବା ରାଜ୍ୟର ନିୟନ୍ତ୍ରଣାଧୀନ ଥିବା ଆଞ୍ଚଳିକ ସ୍ତରରେ ଏକ ବା ଏକାଧିକ ପଦବୀ ସୃଷ୍ଟି କରି ଏହାର ନିଯୁକ୍ତି, ଆବଣ୍ଟନ ବା ପଦୋନ୍ନତି;

(*b*) ନିର୍ଦ୍ଦିଷ୍ଟଭାବେ ଆଦେଶରେ ଲିଖିତ ହୋଇଥିବା ରାଜ୍ୟ ପ୍ରଶାସନିକ ପଦରେ କର୍ମଚାରୀମାନଙ୍କ ବରିଷ୍ଠତା, ନିଯୁକ୍ତି, ଆବଣ୍ଟନ ଓ ପଦୋନ୍ନତି ତଥା ରାଜ୍ୟ ନିୟନ୍ତ୍ରଣାଧୀନ ଆଞ୍ଚଳିକ ସ୍ତରରେ ବରିଷ୍ଠ କର୍ମଚାରୀମାନଙ୍କର ନିଯୁକ୍ତି, ଆବଣ୍ଟନ ଓ ପଦୋନ୍ନତି;

(*c*) ଆଦେଶନାମାରେ ନିର୍ଦ୍ଦିଷ୍ଟଭାବେ ଉଲ୍ଲେଖ ଥିବା ସର୍ତ୍ତ ଅନୁସାରେ ରାଜ୍ୟ ପ୍ରଶାସନିକ ସେବାରେ ନିଯୁକ୍ତ କର୍ମଚାରୀ ତଥା ରାଜ୍ୟ ନିୟନ୍ତ୍ରଣାଧୀନ ଆଞ୍ଚଳିକ ସ୍ତରରେ ନିଯୁକ୍ତ କର୍ମଚାରୀମାନଙ୍କର ନିଯୁକ୍ତି, ପଦ ଆବଣ୍ଟନ ଓ ପଦୋନ୍ନତି ସମ୍ବନ୍ଧରେ ଅନ୍ୟ ସର୍ତ୍ତାବଳୀ ।

(4) ଖଣ୍ଡ (3) ଅନୁଯାୟୀ କରାଯାଇଥିବା ନିମ୍ନଲିଖିତ ଆଦେଶ—

(*a*) ରାଷ୍ଟ୍ରପତିଙ୍କ ଆଦେଶନାମା ଅନୁସାରେ ପ୍ରଶାସନିକ ବିଚାରାଳୟ ନିଜ କ୍ଷମତା ପରିସର ମଧ୍ୟରେ ଥିବା ଯେକୌଣସି ଆବେଦନଗୁଡ଼ିକୁ ପ୍ରତିକାର ପାଇଁ ଗ୍ରହଣ କରିବେ ଓ ଯେକୌଣସି ଆଦେଶ ଉଚିତ ମନେ କରନ୍ତି ତାହା ନିର୍ଦ୍ଦିଷ୍ଟ କରିବେ;

(*b*) ଉକ୍ତ ଆଦେଶନାମାରେ ରାଷ୍ଟ୍ରପତି ପ୍ରଶାସନିକ ବିଚାରାଳୟର କ୍ଷମତା, କର୍ତ୍ତୃତ୍ୱ ଓ ପ୍ରକ୍ରିୟା ଯଥା ପ୍ରଶାସନିକ ବିଚାରାଳୟଙ୍କ ଆଦେଶର ଅବମାନନା ପାଇଁ ଦଣ୍ଡବିଧାନ ସମ୍ବନ୍ଧରେ ଯଥାରୀତି ବ୍ୟବସ୍ଥା କରିପାରିବେ;

(*c*) ଉକ୍ତ ନିର୍ଦ୍ଦେଶନାମାରେ ଦିଆଯାଇଥିବା ଆଦେଶ ଅନୁଯାୟୀ ଯଦି କୌଣସି ବିଚାରାଧୀନ ମକଦ୍ଦମାଗୁଡ଼ିକ (ସର୍ବୋଚ୍ଚ ନ୍ୟାୟାଳୟ ବ୍ୟତୀତ) ଉଚ୍ଚ ନ୍ୟାୟାଳୟ ବା ଅନ୍ୟ ନ୍ୟାୟାଳୟ ବା ପ୍ରଶାସନିକ ଅଧିକାରୀଙ୍କ ପରିସରରେ ଥାଏ, ଏସମ୍ବନ୍ଧୀୟ ବିଚାରାଧୀନ ସମସ୍ତ ମକଦ୍ଦମାଗୁଡ଼ିକୁ ପ୍ରଶାସନିକ ବିଚାରାଳୟକୁ ସ୍ଥାନାନ୍ତର କରାଯିବ;

(*d*) ଏଥିରେ ଏପରି ଅନୁପୂରକ, ଆନୁଷଙ୍ଗିକ ଏବଂ ପରିମାଣଗତ ବ୍ୟବସ୍ଥା ରହିଛି (ଦେୟ ସମ୍ବନ୍ଧୀୟ ବ୍ୟବସ୍ଥା ଏବଂ ସୀମାବଦ୍ଧତା, ପ୍ରମାଣ କିମ୍ବା କୌଣସି ବ୍ୟତିକ୍ରମ କିମ୍ବା ପରିବର୍ତ୍ତନର ବଶବର୍ତ୍ତୀ ହୋଇ ବର୍ତ୍ତମାନ ବଳବତ୍ତର ଥିବା କୌଣସି ଆଇନର ପ୍ରୟୋଗ ପାଇଁ ବ୍ୟବସ୍ଥା ସହିତ) ଆବଶ୍ୟକ ଯାହା ରାଷ୍ଟ୍ରପତି ମନେ କରିପାରନ୍ତି ।

*(5) ପ୍ରଶାସନିକ ବିଚାରାଳୟଙ୍କ ଚୂଡ଼ାନ୍ତ ଆଦେଶ ରାଜ୍ୟସରକାରଙ୍କଦ୍ୱାରା ନିଶ୍ଚିତ ହେବା ଦିନଠାରୁ କାର୍ଯ୍ୟକାରୀ ହେବ ବା ଆଦେଶ ଦେବାର ତିନିମାସ ଅତିକ୍ରାନ୍ତ ହେବା ପରେ ଯେଉଁଟା ପ୍ରଥମେ ହେବ ସେହିଦିନଠାରୁ ପ୍ରଭାବଶାଳୀ ହେବ:

କିନ୍ତୁ ରାଜ୍ୟ ସରକାର ଲିଖିତ ଭାବରେ ଏବଂ ତହିଁରେ ଉଲ୍ଲେଖିତ କାରଣ ସହିତ ବିଶେଷ ଆଦେଶ ଜାରି କରି, ପ୍ରଶାସନିକ ବିଚାରାଳୟଙ୍କ ଯେକୌଣସି ଆଦେଶ କାର୍ଯ୍ୟକ୍ଷମ ହେବା ପୂର୍ବରୁ, ସେହି ଆଦେଶକୁ ସଂଶୋଧନ କିମ୍ବା ବାତିଲ କରିପାରିବେ ଏବଂ ଯଥାସ୍ଥିତି ଏହିପରି ପରିସ୍ଥିତିରେ ପ୍ରଶାସନିକ ବିଚାରାଳୟଙ୍କ ଆଦେଶ କେବଳ ସଂଶୋଧିତ ରୂପରେ କାର୍ଯ୍ୟକ୍ଷମ ହେବ କିମ୍ବା ସେଥିପାଇଁ କୌଣସି ପ୍ରଭାବ ରହିବ ନାହିଁ ।

(6) ଖଣ୍ଡ (5) ର ପ୍ରତିବନ୍ଧ ଅନୁଯାୟୀ ରାଜ୍ୟ ସରକାର ପ୍ରଦାନ କରିଥିବା ସମସ୍ତ ଆଦେଶ ଯଥାଶୀଘ୍ର ବିଧାନମଣ୍ଡଳର ଉଭୟ ସଦନରେ ଉପସ୍ଥାପନ କରାଯିବ ।

(7) ରାଜ୍ୟ ଉଚ୍ଚ ନ୍ୟାୟାଳୟର ପ୍ରଶାସନିକ ବିଚାରାଳୟ ଉପରେ କୌଣସି ତତ୍ତ୍ୱାବଧାନିକ କ୍ଷମତା ରହିବ ନାହିଁ ଏବଂ (ସର୍ବୋଚ୍ଚ ନ୍ୟାୟାଳୟ ବ୍ୟତୀତ) ଅନ୍ୟ କୌଣସି ବିଚାରାଳାୟ ଏହାର ଅଧିକାରିତା, କ୍ଷମତା ଅଧିକାର ସମ୍ବନ୍ଧରେ ବିଚାର କରିପାରିବେ ନାହିଁ ।

(8) ଯଦି ରାଷ୍ଟ୍ରପତିଙ୍କ ହୃଦ୍‌ବୋଧ ହୁଏ ଯେ ପ୍ରଶାସନିକ ବିଚାରାଳୟ ରହିବାର କୌଣସି ଆବଶ୍ୟକତା ନାହିଁ ତେବେ ସେ ଉପଯୁକ୍ତ ଆଦେଶ ମାଧ୍ୟମରେ ଉକ୍ତ ପ୍ରଶାସନିକ ବିଚାରାଳୟକୁ ଉଚ୍ଛେଦ କରିବା ସହିତ ସେଠାରେ ବିଚାରାଧୀନ ସମସ୍ତ ମାମଲାଗୁଡ଼ିକର ବିଚାର ନିମନ୍ତେ ବା ଏହାକୁ ସ୍ଥାନାନ୍ତର କରିବା ପାଇଁ ବ୍ୟବସ୍ଥା କରିବେ ।

(9) ଯେକୌଣସି ନ୍ୟାୟାଳୟ, ଟ୍ରିବ୍ୟୁନାଲ କିମ୍ବା ଅନ୍ୟ ଅଧିକାରୀଙ୍କ ରାୟ, ଆଇନଗତ ଆଦେଶ, ନିର୍ଦ୍ଦେଶ ଥିବା ସତ୍ତ୍ୱେ,—

(*a*) କୌଣସି ବ୍ୟକ୍ତିଙ୍କ ନିଯୁକ୍ତି, ପୋଷ୍ଟିଂ, ପଦୋନ୍ନତି ବା ସ୍ଥାନାନ୍ତର ସମ୍ବନ୍ଧରେ—

(*i*) ନଭେମ୍ବର 1, 1956 ପୂର୍ବରୁ ହାଇଦ୍ରାବାଦ ରାଜ୍ୟ ସରକାରଙ୍କ ଅଧୀନରେ କିମ୍ବା ସେହି ତାରିଖ ପୂର୍ବରୁ ଥିବା କୌଣସି ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଅଧୀନରେ ଯେକୌଣସି ପଦବୀରେ ହୋଇଥିଲା; କିମ୍ବା

(*ii*) ସମ୍ବିଧାନ (ବତିଶତମ ସଂଶୋଧନ) ଅଧିନିୟମ, 1973 ଆରମ୍ଭ ହେବା ପୂର୍ବରୁ ଆନ୍ଧ୍ର ପ୍ରଦେଶ ରାଜ୍ୟ ସରକାରଙ୍କ ଅଧୀନରେ କିମ୍ବା ଅନ୍ୟ କୌଣସି ସ୍ଥାନୀୟ କିମ୍ବା ଅନ୍ୟ କର୍ତ୍ତୃପକ୍ଷଙ୍କ ଅଧୀନରେ ଯେକୌଣସି ପଦବୀରେ ହୋଇଥିଲା; ଏବଂ

(*b*) ଉପଖଣ୍ଡ (*a*)ରେ ନିର୍ଦ୍ଦିଷ୍ଟ କୌଣସି ବ୍ୟକ୍ତିଦ୍ୱାରା ବା ତାଙ୍କ ସମ୍ମୁଖରେ କରାଯାଇଥିବା କୌଣସି କାର୍ଯ୍ୟାନୁଷ୍ଠାନ,

---

* *ପି ସମ୍ବାମୂର୍ତ୍ତି ଓ ଅନ୍ୟମାନେ ବନାମ ଆନ୍ଧ୍ରପ୍ରଦେଶ ଓ ଅନ୍ୟମାନେ* (1987) 1 S.C.C. 362, ସର୍ବୋଚ୍ଚ ନ୍ୟାୟଳୟ ଅନୁଚ୍ଛେଦ 371Dର ଖଣ୍ଡ (5) ଓ ତାହା ସହିତ ଥିବା ପ୍ରତିବନ୍ଧକୁ ଅସମ୍ବିଧାନିକ ଓ ଅବୈଧ ବୋଲି ଘୋଷଣା କରିଥିଲେ ।"

ବିଷୟରେ କେବଳ ଏହି ସର୍ତ୍ତରେ ଯେ ଏମିତି ବ୍ୟକ୍ତିଙ୍କ ନିଯୁକ୍ତି, ଅବସ୍ଥାପନା, ପଦୋନ୍ନତି ବା ସ୍ଥାନାନ୍ତରଣ ଏମିତି ନିଯୁକ୍ତି, ଅବସ୍ଥାପନା, ପଦୋନ୍ନତି ବା ସ୍ଥାନାନ୍ତରଣ ସମ୍ବନ୍ଧରେ ଯଥାସ୍ଥିତି, ହାଇଦ୍ରାବାଦ ରାଜ୍ୟ ଭିତରେ ବା ଆନ୍ଧ୍ରପ୍ରଦେଶ ରାଜ୍ୟର କୌଣସି ଭାଗରେ ବାସସ୍ଥାନ ସମ୍ବନ୍ଧରେ କୌଣସି ଅପେକ୍ଷାର ଉପବନ୍ଧ କରୁଥିବା ସେଇ ସମୟରେ ପ୍ରଚଳିତ ଆଇନ ଅନୁସାରେ କରାଯାଇନାହିଁ, ତେବେ ଏହା ବୁଝାଯିବ ନାହିଁ ଯେ ତାହା ଅବୈଧ ବା ଶୁନ୍ୟ ଅଟେ ବା କେବେ ବି ଅବୈଧ ବା ଶୂନ୍ୟ ଥିଲା।

(10) ଏହି ସମ୍ବିଧାନରେ ଥିବା ସମସ୍ତ ଆଇନ ବ୍ୟବସ୍ଥା ବା ଅନ୍ୟ କୌଣସି ବ୍ୟବସ୍ଥା ଆଇନରେ ଯେକୌଣସି ବିଷୟ ଥିବା ସତ୍ତ୍ୱେ ଏହି ଅନୁଚ୍ଛେଦ ଅନୁଯାୟୀ ଓ ରାଷ୍ଟ୍ରପତିଙ୍କଦ୍ୱାରା ଦିଆଯାଇଥିବା ଅନ୍ୟ କୌଣସି ଆଦେଶ କାର୍ଯ୍ୟକାରୀ ହେବ ।

**371E. ଆନ୍ଧ୍ରପ୍ରଦେଶ ରାଜ୍ୟରେ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସ୍ଥାପନା—** ସଂସଦ ଅଧିନିୟମଦ୍ୱାରା ଆନ୍ଧ୍ରପ୍ରଦେଶ ରାଜ୍ୟରେ ଏକ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ବ୍ୟବସ୍ଥା କରିପାରେ ।]

[1]**[371F. ସିକିମ ରାଜ୍ୟ ନିମନ୍ତେ ବିଶେଷ ବ୍ୟବସ୍ଥା**— ଏହି ସମ୍ବିଧାନରେ ଥିବା ଯାହା କିଛି ବ୍ୟବସ୍ଥା ସତ୍ତ୍ୱେ, —

(*a*) ଅତିକମରେ 30 ଜଣ ସଦସ୍ୟଙ୍କଦ୍ୱାରା ସିକିମ ବିଧାନସଭା ଗଠନ କରାଯିବ;

(*b*) ସମ୍ବିଧାନରେ (36ତମ ସଂଶୋଧନ) ଅଧିନିୟମ, 1975 କାର୍ଯ୍ୟକାରୀ ହେବା ଦିନରୁ ହିଁ ଏହା ପ୍ରଚଳିତ ହେବ (ଏହି ଅନୁଚ୍ଛେଦରେ ଏହାପରେ ନିୟତ ଦିନ ରୂପେ ନିର୍ଦ୍ଦେଶିତ)—

(*i*) 1974 ମସିହାରେ ସିକିମ ରାଜ୍ୟରେ ବିଧାନସଭା ପାଇଁ ହୋଇଥିବା ନିର୍ବାଚନରେ ନିର୍ବାଚିତ ହୋଇଥିବା 32ଜଣ ସଦସ୍ୟଙ୍କୁ ନେଇ (ଏହାପରେ ଆସୀନ ସଦସ୍ୟରୂପେ ଧରାଯିବ) ଏହି ସମ୍ବିଧାନ ଅନ୍ତର୍ଗତ ସିକିମ ରାଜ୍ୟର ବିଧାନସଭା ଆଇନ ଅନୁଯାୟୀ ଗଠନ କରାଯାଇଛି ବୋଲି ବିବେଚିତ ହେବ;

(*ii*) ନିର୍ବାଚିତ ସଦସ୍ୟମାନେ ସମ୍ବିଧାନ ଅନୁଯାୟୀ ସିକିମ ରାଜ୍ୟର ବିଧାନସଭା ସଦସ୍ୟରୂପେ ପରିଗଣିତ ହେବେ; ଏବଂ

(*iii*) ସମ୍ବିଧାନ ଅଧୀନରେ ସିକିମ ରାଜ୍ୟର ଉକ୍ତ ବିଧାନସଭା ତାଙ୍କର ସମସ୍ତ କ୍ଷମତା ଓ କାର୍ଯ୍ୟ ପାଳନ କରିପାରିବେ;

---

[1] ଭାରତୀୟ ସମ୍ବିଧାନ (36ତମ ସଂଶୋଧନ) ଅଧିନିୟମ, 1975 ର ଧାରା 3ଦ୍ୱାରା ଅନୁଚ୍ଛେଦ 371Fକୁ ସନ୍ନିବେଶିତ କରାଯାଇଛି (26-4-1975ଠାରୁ କାର୍ଯ୍ୟକାରୀ) ।

(*c*) ଖଣ୍ଡ (*b*) ଅଧୀନରେ ବିବେଚିତ ସଭା ହୋଇଥିବା ସିକିମ ରାଜ୍ୟର ବିଧାନସଭା ଅନୁଚ୍ଛେଦ 172ରେ ଖଣ୍ଡ (1) ରେ [1][5ବର୍ଷ] ଅବଧି ବଦଳରେ [2][4 ବର୍ଷ] କାଳାବଧି ପାଇଁ ଉଦ୍ଦିଷ୍ଟ ବୋଲି ଧରାଯିବ ଓ ଉକ୍ତ 4 ବର୍ଷ କାଳାବଧି ନିର୍ଦ୍ଦିଷ୍ଟ ଦିନଠାରୁ ଆରମ୍ଭ ହେଲା ବୋଲି ବିବେଚିତ ହେବ;

(*d*) ସଂସଦଦ୍ୱାରା ଆଇନରେ ଅନ୍ୟ କୌଣସି ବ୍ୟବସ୍ଥା ନହେବା ପର୍ଯ୍ୟନ୍ତ ସିକିମ ରାଜ୍ୟପାଇଁ ଲୋକସଭାରେ ଗୋଟିଏ ଲୋକସଭା ଆସନ ସିକିମ ରାଜ୍ୟ ପାଇଁ ଆବଣ୍ଟିତ ହେବ ଏବଂ ସିକିମ ରାଜ୍ୟ ଗୋଟିଏ ସଂସଦୀୟ କ୍ଷେତ୍ର ହେବ, ତାହା ସିକିମ ସଂସଦୀୟ ନିର୍ବାଚନ କ୍ଷେତ୍ର ରୂପେ ଅଭିହିତ ହେବ;

(*e*) ସିକିମ ରାଜ୍ୟପାଇଁ ଲୋକସଭା ଆସନ ଘୋଷଣା ହେବା ନିର୍ଦ୍ଦିଷ୍ଟ ଦିନଠାରୁ ବିଧାନସଭାର ନିର୍ବାଚିତ ପ୍ରତିନିଧିମାନେ ତାଙ୍କ ମଧ୍ୟରୁ ଜଣକୁ ଲୋକସଭା ଆସନରେ ପ୍ରତିନିଧିତ୍ୱ କରିବା ପାଇଁ ବାଛିବେ;

(*f*) ସିକିମ ରାଜ୍ୟରେ ବସବାସ କରୁଥିବା ବିଭିନ୍ନ ଶ୍ରେଣୀର ଲୋକମାନଙ୍କ ସ୍ୱାର୍ଥ ଓ ଅଧିକାରକୁ ଦୃଷ୍ଟିରେ ରଖି ସଂସଦ ସିକିମ ରାଜ୍ୟର ବିଧାନସଭାରେ ସେହି ଶ୍ରେଣୀର ଲୋକମାନଙ୍କ ନିମନ୍ତେ ଆସନର ସଂଖ୍ୟା ନିର୍ଦ୍ଧାରଣ କରିବେ ଏବଂ ବିଧାନସଭା ଆସନର ସୀମା ନିର୍ଦ୍ଧାରଣ କରି କେବଳ ଏହି ବର୍ଗର ବିଶିଷ୍ଟ ଲୋକମାନେ ହିଁ ସେହି ନିର୍ବାଚନ କ୍ଷେତ୍ରର ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଆଇନ ପ୍ରଣୟନ ବ୍ୟବସ୍ଥା କରିପାରିବେ;

(*g*) ସିକିମ ରାଜ୍ୟରେ ବାସ କରୁଥିବା ବିଭିନ୍ନ ବର୍ଗର ଲୋକମାନଙ୍କର ସାମାଜିକ, ଆର୍ଥିକ ଉନ୍ନତି ପାଇଁ ଓ ଶାନ୍ତି ପ୍ରତିଷ୍ଠା ପାଇଁ ନ୍ୟାୟ ବ୍ୟବସ୍ଥା ନିମିତ୍ତ ସିକିମ ରାଜ୍ୟପାଳଙ୍କ ବିଶେଷ ଦାୟିତ୍ୱ ଏବଂ ଏହି ଖଣ୍ଡର ପ୍ରାବଧାନରେ ବିଶେଷ ଦାୟିତ୍ୱ ପାଳନ ସମୟରେ ସିକିମ ରାଜ୍ୟପାଳ ଏ ସମ୍ବନ୍ଧରେ ରାଷ୍ଟ୍ରପତି ଦେଇଥିବା ନିର୍ଦ୍ଦେଶନାମାକୁ ଦୃଷ୍ଟିରେ ରଖି ଯାହା ସମୀଚୀନ ଭାବିବେ, ସ୍ୱବିବେକାନୁସାରେ କାର୍ଯ୍ୟ କରିବେ;

(*h*) ସିକିମ ସରକାରଙ୍କ ପ୍ରୟୋଜନ ନିମନ୍ତେ ନିର୍ଦ୍ଦିଷ୍ଟ ଦିନର ଅବ୍ୟବହିତ ପୂର୍ବରୁ ସିକିମ ସରକାରଙ୍କଠାରେ ବା ଅନ୍ୟ କୌଣସି ଅଧିକାରୀଙ୍କଠାରେ ବା ଅନ୍ୟ କୌଣସି ଅଧିକାରୀଙ୍କଠାରେ ବା ଅନ୍ୟ ବ୍ୟକ୍ତିଠାରେ ନିୟୋଜିତ ହୋଇଥିବା ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତି ତାହା (ସିକିମ ରାଜ୍ୟରେ ସମାବିଷ୍ଟ ରାଜ୍ୟ ଭିତରେ ବା ବାହାରେ ଥାଉ) ନିର୍ଦ୍ଧାରିତ ଦିନଠାରୁ ସିକିମ ରାଜ୍ୟ ସରକାରଙ୍କଠାରେ ନିହିତ ହେବ;

---

[1] ଭାରତୀୟ ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976ରେ ଧାରା 56ଦ୍ୱାରା "ପାଞ୍ଚ ବର୍ଷ" ପାଇଁ ପ୍ରତିସ୍ଥାପିତ (3-1-1977ଠାରୁ କାର୍ଯ୍ୟକାରୀ) ଓ ପରବର୍ତ୍ତୀ ସମୟରେ ଭାରତୀୟ ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978 ର ଧାରା 43ଦ୍ୱାରା 'ଛଅ ବର୍ଷ' ପାଇଁ ପ୍ରତିସ୍ଥାପିତ (6-9-1979ଠାରୁ କାର୍ଯ୍ୟକାରୀ) ।

[2] ଭାରତୀୟ ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976ରେ ଧାରା 56ଦ୍ୱାରା "ଚାରି ବର୍ଷ" ପାଇଁ ପ୍ରତିସ୍ଥାପିତ (3-1-1977ଠାରୁ କାର୍ଯ୍ୟକାରୀ) ଓ ପରବର୍ତ୍ତୀ ସମୟରେ ଯଥାକ୍ରମେ ଭାରତୀୟ ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, ଧାରା 43ଦ୍ୱାରା "ପାଞ୍ଚ ବର୍ଷ" ପାଇଁ ପ୍ରତିସ୍ଥାପିତ (6-9-1979ଠାରୁ କାର୍ଯ୍ୟକାରୀ) ।

(*i*) ନିର୍ଦ୍ଧାରିତ ସମୟ ପୂର୍ବରୁ ସିକିମ ରାଜ୍ୟର ପରିସୀମା ମଧ୍ୟରେ କାର୍ଯ୍ୟ କରୁଥିବା ଉଚ୍ଚ ନ୍ୟାୟାଳୟ ନିର୍ଦ୍ଧାରିତ ଦିନ ଓ ତାପରେ ସିକିମ ରାଜ୍ୟର ଉଚ୍ଚ ନ୍ୟାୟାଳୟଭାବେ ବିବେଚିତ ହେବ;

(*j*) ସମ୍ବିଧାନରେ ଥିବା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ନିର୍ଦ୍ଧାରିତ ସମୟ ପୂର୍ବରୁ ସିକିମ ରାଜ୍ୟ ସୀମାରେ କାର୍ଯ୍ୟ କରୁଥିବା ସମସ୍ତ ଦେୱାନୀ, ଫୌଜଦାରୀ ଓ ରାଜସ୍ୱ ଅଧିକାରିତା, ସମସ୍ତ କର୍ତ୍ତୃପକ୍ଷ ତଥା ସମସ୍ତ ନ୍ୟାୟିକ, କାର୍ଯ୍ୟନିର୍ବାହୀ, ଅନୁସଚିବ ସ୍ତରୀୟ ଓ ଅଧିକାରୀମାନେ ନିର୍ଦ୍ଧାରିତ ଦିନ ଓ ତାପରେ, ସେମାନେ ସମ୍ବିଧାନର ବ୍ୟବସ୍ଥା ଭିତରେ ଥାଇ ନିଜ କାର୍ଯ୍ୟ କରିବେ;

(*k*) ନିର୍ଦ୍ଧାରିତ ସମୟ ପୂର୍ବରୁ ସିକିମ ରାଜ୍ୟ ସୀମା ମଧ୍ୟରେ ବା ତାହାର କୌଣସି ଭାଗରେ ପ୍ରଚଳିତ ଥିବା ସମସ୍ତ ଆଇନ କାର୍ଯ୍ୟକ୍ଷମ ରହିବ, ଯେପର୍ଯ୍ୟନ୍ତ ତାହା ରାଜ୍ୟ ବିଧାନସଭା ବା ଅନ୍ୟ ସକ୍ଷମ ଅଧିକାରୀଦ୍ୱାରା ସଂଶୋଧିତ ବା ଉଚ୍ଛେଦ ହୋଇନଥିବ;

(*l*) ଉପରୋକ୍ତ ଖଣ୍ଡ (*k*)ରେ ଥିବା ବ୍ୟବସ୍ଥାକୁ ସୁବିଧା ଦେବା ପାଇଁ ଓ ସିକିମ ରାଜ୍ୟର ପ୍ରଶାସନିକ ସୁଶାସନ ନିମନ୍ତେ, ଏବଂ ସେପରି କୌଣସି ଆଇନକୁ ସମ୍ବିଧାନର ଆଇନ ବ୍ୟବସ୍ଥା ସହିତ ସୁସଙ୍ଗତ କରିବା ପାଇଁ ଆବଶ୍ୟକ ହେଲେ ରାଷ୍ଟ୍ରପତି ସାମ୍ବିଧାନିକ ବ୍ୟବସ୍ଥା ଆଧାରରେ ନିର୍ଦ୍ଧାରିତ ଦିନର 2 ବର୍ଷ ମଧ୍ୟରେ ଆଦେଶଦ୍ୱାରା ପ୍ରଚଳିତ ଥିବା ଆଇନରେ ସଂଶୋଧନ ବା ଅନୁକୂଳନ ଆକାରରେ, ଆବଶ୍ୟକ ବା ସମୀଚୀନ ହେବା ଅନୁଯାୟୀ, କିଛି ପରିବର୍ତ୍ତନ ବା ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇପାରିବେ ଓ ଉକ୍ତ ସଂଶୋଧନ ବା ଅନୁକୂଳନ ନିର୍ଦ୍ଦେଶନାମାକୁ କୌଣସି ନ୍ୟାୟାଳୟରେ ପ୍ରଶ୍ନ କରାଯାଇପାରିବ ନାହିଁ;

(*m*) ନିର୍ଦ୍ଧାରିତ ଦିନ ପୂର୍ବରୁ ସିକିମ ରାଜ୍ୟପାଇଁ ଭାରତ ସରକାର କିମ୍ବା ତାହାର କୌଣସି ପୂର୍ବବର୍ତ୍ତୀ ସରକାରଙ୍କ ସହିତ ହୋଇଥିବା ଯେକୌଣସି ସନ୍ଧି, ଚୁକ୍ତି, ରାଜିନାମା ବା ଅନ୍ୟକୌଣସି ଦଲିଲ୍ ବିଷୟରେ କୌଣସି ପ୍ରକାର ବିବାଦ ବା ଅନ୍ୟ ବିଷୟରେ ସର୍ବୋଚ୍ଚ ନ୍ୟାୟାଳୟ ବା ଅନ୍ୟକୌଣସି ନ୍ୟାୟାଳୟର ବିଚାର କରିବାର କ୍ଷମତା ରହିବ ନାହିଁ । ମାତ୍ର ଏହି ଖଣ୍ଡରେ ଥିବା କୌଣସି ବ୍ୟବସ୍ଥା ସମ୍ବିଧାନରେ ଥିବା ଅନୁଚ୍ଛେଦ 143ର କ୍ଷମତା କରୁଛି ବୋଲି ବିବେଚନା କରାଯିବ ନାହିଁ;

(*n*) ରାଷ୍ଟ୍ରପତି ସରକାରୀ ବିଜ୍ଞପ୍ତିଦ୍ୱାରା ଭାରତବର୍ଷର ରାଜ୍ୟରେ ଥିବା କୌଣସି ପ୍ରଚଳିତ ଆଇନରେ ଥିବା ପ୍ରତିବନ୍ଧକ ବା ଆଇନରେ ପରିବର୍ତ୍ତନ କରି ସିକିମ ରାଜ୍ୟପାଇଁ ବିଜ୍ଞପ୍ତି ଦିନଠାରୁ ଲାଗୁ କରିବାର ବ୍ୟବସ୍ଥା କରିପାରିବେ;

(*o*) ଯଦି ଏହି ଅନୁଚ୍ଛେଦରେ ଥିବା ପୂର୍ବୋକ୍ତ ବ୍ୟବସ୍ଥାକୁ ପ୍ରଚଳନ କରିବାରେ ଯଦି କୌଣସି ଅସୁବିଧା ଉପୁଜେ ତେବେ ରାଷ୍ଟ୍ରପତି ଉକ୍ତ ଅସୁବିଧା ଦୂର କରିବା ପାଇଁ ନିର୍ଦ୍ଦେଶନାମା *ଦ୍ୱାରା (ଅନ୍ୟ କୌଣସି ଅନୁଚ୍ଛେଦରେ ଅନୁକୂଳନ ଓ ରୂପାନ୍ତରଣ ସମେତ) ଯାହା ଆବଶ୍ୟକ ମନେ କରିବେ ତାହା କରିପାରିବେ:

---

* ସମ୍ବିଧାନ (ଅସୁବିଧା ସମାଧାନ) ଆଦେଶ ସଂଖ୍ୟା XI (ସମ୍ବିଧାନ ଆଦେଶ 99) ଦେଖନ୍ତୁ"।

କିନ୍ତୁ, ନିର୍ଦ୍ଧାରିତ ଦିନଠାରୁ ଦୁଇବର୍ଷ ପରେ କୌଣସି ନିର୍ଦ୍ଦେଶନାମା ଦିଆଯାଇପାରିବ ନାହିଁ;

(*p*) ନିର୍ଦ୍ଧାରିତ ଦିନରୁ ଆରମ୍ଭ ହୋଇ ସମ୍ବିଧାନ (36ତମ ସଂଶୋଧନ) ଅଧିନିୟମ, 1975 ରେ ରାଷ୍ଟ୍ରପତିଙ୍କ ଅନୁମୋଦନ ମିଳିବା ପୂର୍ବବର୍ତ୍ତୀ ତାରିଖ ପର୍ଯ୍ୟନ୍ତ ସିକିମ ରାଜ୍ୟ କିମ୍ବା ତାହାର ଅନ୍ତର୍ଗତ ଭୂଭାଗରେ କରାଯାଇଥିବା ସମସ୍ତ କାର୍ଯ୍ୟ ଓ ଗ୍ରହଣ କରାଯାଇଥିବା ସମସ୍ତ ପଦକ୍ଷେପ, ଯେପର୍ଯ୍ୟନ୍ତ ସେଗୁଡ଼ିକ ସମ୍ବିଧାନ (36ତମ ସଂଶୋଧନ) ଅଧିନିୟମ, 1975ଦ୍ୱାରା ସଂଶୋଧିତ ଏହି ସମ୍ବିଧାନର ବ୍ୟବସ୍ଥା ସହ ଅନୁକୂଳ ଅଛି, ସମସ୍ତ ଉଦ୍ଦେଶ୍ୟ ପାଇଁ ଏହି ସଂଶୋଧିତ ସମ୍ବିଧାନ ଅନୁଯାୟୀ ବୈଧଭାବରେ କରାଯାଇଥିବା କାର୍ଯ୍ୟ ବୋଲି ଧରି ନିଆଯିବ ।]

[1][**371G. ମିଜୋରାମ ରାଜ୍ୟପାଇଁ ବିଶେଷ ବ୍ୟବସ୍ଥା**—ଏହି ସମ୍ବିଧାନରେ ଯାହା କିଛି ଥିବା ସତ୍ତ୍ୱେ,—

(*a*) ସଂସଦଦ୍ୱାରା ପ୍ରଣୟନ କରାଯାଇଥିବା କୌଣସି ଆଇନ—

(*i*) ମିଜୋମାନଙ୍କ ସାମାଜିକ ଓ ଧାର୍ମିକ ପରମ୍ପରା;

(*ii*) ମିଜୋମାନଙ୍କର ପାରମ୍ପରିକ ଆଇନ ପ୍ରଣାଳୀ;

(*iii*) ମିଜୋ ପାରମ୍ପରିକ ଆଇନ ଅନୁଯାୟୀ ନିଆଯାଇଥିବା ଦେୱାନୀ ଓ ଫୌଜଦାରୀ ନ୍ୟାୟିକ ପ୍ରଶାସନ;

(*iv*) ସମ୍ପତ୍ତିର ମାଲିକାନା ଓ ହସ୍ତାନ୍ତର;

ଇତ୍ୟାଦି ମିଜୋରାମ ରାଜ୍ୟରେ ସେ ପର୍ଯ୍ୟନ୍ତ ଲାଗୁ କରାଯିବ ନାହିଁ, ଯେ ପର୍ଯ୍ୟନ୍ତ ତାହା ମିଜୋରାମ ରାଜ୍ୟର ବିଧାନସଭାଦ୍ୱାରା ନିର୍ଣ୍ଣୟ କିମ୍ବା ନିଷ୍ପତ୍ତି ନିଆଯାଇନାହିଁ ।

କିନ୍ତୁ, ଏହି ଖଣ୍ଡର କୌଣସି ବିଷୟ, କେନ୍ଦ୍ରଶାସିତ ମିଜୋରାମ ପାଇଁ ସମ୍ବିଧାନ (53ତମ ସଂଶୋଧନ) ଅଧିନିୟମ, 1986 ପ୍ରାରମ୍ଭରୁ ବଳବତ୍ତର କେନ୍ଦ୍ରୀୟ ଅଧିନିୟମ ପାଇଁ ଲାଗୁ ହେବ ନାହିଁ;

(*b*) ମିଜୋରାମ ରାଜ୍ୟର ବିଧାନସଭାରେ ସଦସ୍ୟଙ୍କ ସଂଖ୍ୟା ଚାଳିଶରୁ କମ ହେବ ନାହିଁ ।]

[2][**371H. ଅରୁଣାଚଳ ପ୍ରଦେଶ ରାଜ୍ୟ ସହିତ ସମ୍ପୃକ୍ତ ବିଶେଷ ବ୍ୟବସ୍ଥା**— ଏହି ସମ୍ବିଧାନରେ ଯାହା କିଛି ସତ୍ତ୍ୱେ,—

(*a*) ଅରୁଣାଚଳ ପ୍ରଦେଶର ରାଜ୍ୟପାଳଙ୍କୁ ଏହି ରାଜ୍ୟରେ ଆଇନ ଓ ଶୃଙ୍ଖଳା ବିଷୟରେ ବିଶେଷ ଦାୟିତ୍ୱ ଦିଆଯାଇଛି ଏବଂ ସେଠାରେ ରାଜ୍ୟପାଳ ତାଙ୍କ କାର୍ଯ୍ୟ ସମ୍ପାଦନ କରିବାବେଳେ, ମନ୍ତ୍ରୀପରିଷଦ ସହିତ ପରାମର୍ଶ କରି ସେଥିରେ କରିବା ଯୋଗ୍ୟ କାର୍ଯ୍ୟ ବାବଦରେ ନିଜସ୍ୱ ମତାମତ ଅନୁଯାୟୀ କାର୍ଯ୍ୟ କରିବେ:

---

[1] ଭାରତୀୟ ସମ୍ବିଧାନ (53ତମ ସଂଶୋଧନ) ଅଧିନିୟମ, 1986, ଧାରା 2ଦ୍ୱାରା ଅନୁଚ୍ଛେଦ 371Gକୁ ସନ୍ନିବେଶିତ କରାଯାଇଛି (20-2-1987ଠାରୁ କାର୍ଯ୍ୟକାରୀ)।

[2] ଭାରତୀୟ ସମ୍ବିଧାନ (55ତମ ସଂଶୋଧନ) ଅଧିନିୟମ, 1986, ଧାରା 2ଦ୍ୱାରା ଅନୁଚ୍ଛେଦ 371H ସନ୍ନିବେଶିତ (20-2-1987ଠାରୁ କାର୍ଯ୍ୟକାରୀ)।

କିନ୍ତୁ, ଯଦି କୌଣସି ପ୍ରଶ୍ନ ଉଠେ ଯେ, କୌଣସି ବିଷୟ ଏହି ଖଣ୍ଡ ଅନୁଯାୟୀ ରାଜ୍ୟପାଳଙ୍କ ନିଜସ୍ୱ ମତ ଅନୁଯାୟୀ କାର୍ଯ୍ୟ କରିବା ଅନ୍ତର୍ଗତ କି ନୁହେଁ, ତେବେ ଏହି ବିଷୟରେ ରାଜ୍ୟପାଳଙ୍କ ନିଜସ୍ୱ ନିଷ୍ପତ୍ତି ଅନ୍ତିମ ହେବ, ଏବଂ ରାଜ୍ୟପାଳଙ୍କଦ୍ୱାରା କରାଯାଇଥିବା କୌଣସି କାର୍ଯ୍ୟର ବୈଧତାକୁ ଏହି ଆଧାରରେ ପ୍ରଶ୍ନ କରାଯିବ ନାହିଁ, ଯେ ସେ ତାଙ୍କ ନିଜ ମତ ଅନୁଯାୟୀ କାର୍ଯ୍ୟ କରିଥିବା ଉଚିତ ନା ଅନୁଚିତ:

ଅଧିକନ୍ତୁ, ପ୍ରଦାନ କରାଯାଇଥିବା ନିୟମ ଅନୁଯାୟୀ, ଯଦି ରାଜ୍ୟପାଳଙ୍କ ବିବରଣୀ କିମ୍ବା ଅନ୍ୟ କୌଣସି ଉପାୟରେ ରାଷ୍ଟ୍ରପତି ଏହି ବିଷୟରେ ସନ୍ତୁଷ୍ଟ ହୁଅନ୍ତି ଯେ ଅରୁଣାଚଳ ପ୍ରଦେଶରେ ଆଇନ ଓ ଶୃଙ୍ଖଳା ବିଷୟରେ ରାଜ୍ୟପାଳଙ୍କ ବିଶେଷ ଦାୟିତ୍ୱର ଆବଶ୍ୟକ ନାହିଁ, ତେବେ ସେ ଏକ ଆଦେଶ ଜାରି କରି ଏହି ଦାୟିତ୍ୱ ରାଜ୍ୟପାଳଙ୍କୁ ନଦେବା ପାଇଁ ନିର୍ଦ୍ଦେଶ ଦେଇପାରିବେ, ଯାହା ଆଦେଶରେ ଉଲ୍ଲେଖିତ ତାରିଖରୁ ପ୍ରଭାବୀ ହେବ;

(*b*) ଅରୁଣାଚଳ ପ୍ରଦେଶ ରାଜ୍ୟର ବିଧାନସଭାରେ ଅତିକମରେ ତିରିଶ ଜଣ ସଦସ୍ୟ ରହିବେ।]

[1]**[371-I. ଗୋଆ ରାଜ୍ୟ ସହିତ ସମ୍ପୃକ୍ତ ବିଶେଷ ବ୍ୟବସ୍ଥା —** ଏହି ସମ୍ବିଧାନରେ ଯେ କୌଣସି ବ୍ୟବସ୍ଥା ଥିବା ସତ୍ତ୍ୱେ, ଗୋଆ ରାଜ୍ୟର ବିଧାନସଭାରେ ଅତିକମରେ ତିରିଶ ଜଣ ସଦସ୍ୟ ରହିବେ ।]

[2]**[371J. କର୍ଣ୍ଣାଟକ ରାଜ୍ୟ ସହିତ ସମ୍ପୃକ୍ତ ବିଶେଷ ବ୍ୟବସ୍ଥା** — (1) କର୍ଣ୍ଣାଟକ ରାଜ୍ୟ ସମ୍ବନ୍ଧରେ ରାଜ୍ୟପାଳଙ୍କ ପାଇଁ ନିମ୍ନଲିଖିତ ଯେକୌଣସି ବିଶେଷ ଦାୟିତ୍ୱ ଉପଲବ୍ଧ ହେବା ପାଇଁ ରାଷ୍ଟ୍ରପତି ନିର୍ଦ୍ଦେଶ ଦେଇପାରନ୍ତି—

(*a*) ହାଇଦ୍ରାବାଦ-କର୍ଣ୍ଣାଟକ ଅଞ୍ଚଳ ପାଇଁ ଏକ ପୃଥକ ବିକାଶ ମଣ୍ଡଳ ଗଠନ କରିବା, ଯେଉଁଥିରେ ମଣ୍ଡଳର କାର୍ଯ୍ୟ ସମ୍ବନ୍ଧୀୟ ବିବରଣୀ ପ୍ରତିବର୍ଷ ରାଜ୍ୟ ବିଧାନସଭାରେ ସାମ୍ନାରେ ଉପସ୍ଥାପନ କରାଯିବ;

(*b*) ସମଗ୍ର ରାଜ୍ୟର ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ଆକଳନ କରି ସେହି କ୍ଷେତ୍ରରେ ବିକାଶାତ୍ମକ ଖର୍ଚ୍ଚ ପାଇଁ ପାଣ୍ଠିର ନିରପେକ୍ଷ ଓ ସମାନ ଆବଣ୍ଟନ; ଏବଂ

(*c*) ସମଗ୍ର ରାଜ୍ୟର ଆବଶ୍ୟକତାକୁ ପୂରଣ କରିବା ପାଇଁ ସରକାରୀ ନିଯୁକ୍ତି, ଶିକ୍ଷା ଓ ଧନ୍ଦାମୂଳକ ପ୍ରଶିକ୍ଷଣ ଏହି ଅଞ୍ଚଳର ଲୋକଙ୍କ ପାଇଁ ନ୍ୟାୟସଙ୍ଗତ ସୁଯୋଗ ଓ ସୁବିଧା ।

(2) ଖଣ୍ଡ (1)ର ଉପଖଣ୍ଡ (*c*) ଅନୁସାରେ ଜାରି ହୋଇଥିବା ଆଦେଶରେ—

(*a*) ଶିକ୍ଷା ଓ ଧନ୍ଦାମୂଳକ ପ୍ରଶିକ୍ଷଣ ସଂସ୍ଥାରେ ହାଇଦ୍ରାବାଦ-କର୍ଣ୍ଣାଟକ ଅଞ୍ଚଳରେ ଜନ୍ମିତ କିମ୍ବା ସ୍ଥାୟୀ ବାସିନ୍ଦା ହୋଇଥିବା ଛାତ୍ରମାନଙ୍କ ପାଇଁ ଆନୁପାତିକ ଆସନ ଆରକ୍ଷଣ ଦିଆଯିବ; ଏବଂ

---

[1] ଭାରତୀୟ ସମ୍ବିଧାନ (56ତମ ସଂଶୋଧନ) ଅଧିନିୟମ, 1987ର ଧାରା 2ଦ୍ୱାରା ଅନୁଚ୍ଛେଦ 371I ସନ୍ନିବେଶିତ (30-5-1987ଠାରୁ କାର୍ଯ୍ୟକାରୀ)।"

[2] ଭାରତୀୟ ସମ୍ବିଧାନ (98ତମ ସଂଶୋଧନ) ଅଧିନିୟମ, 2012 ର ଧାରା 2ଦ୍ୱାରା ଧାରା 371J ସନ୍ନିବେଶିତ (1-10-2013ଠାରୁ କାର୍ଯ୍ୟକାରୀ)।

(*b*) ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଏବଂ ହାଇଦ୍ରାବାଦ-କର୍ଣ୍ଣାଟକ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ନିୟନ୍ତ୍ରଣରେ ଥିବା ଯେକୌଣସି ସଂସ୍ଥା କିମ୍ବା ସଙ୍ଗଠନ ଅଧୀନରେ ଥିବା ପଦବୀ କିମ୍ବା ପଦବୀ ବର୍ଗର ଚିହ୍ନଟ ଏବଂ ଜନ୍ମଦ୍ୱାରା କିମ୍ବା ସ୍ଥାୟୀ ଠିକଣାଦ୍ୱାରା ସେହି ଅଞ୍ଚଳର ବ୍ୟକ୍ତିମାନଙ୍କ ପାଇଁ ନିର୍ଦ୍ଦେଶ ଅନୁଯାୟୀ ନିର୍ଦ୍ଦିଷ୍ଟ ହୋଇଥିବା ଅନୁସାରେ ଏହି ପଦବୀର ଏକ ଅନୁପାତିକ ସଂରକ୍ଷଣରେ ସେଠାରେ ପ୍ରତ୍ୟକ୍ଷ ରୂପେ ନିଯୁକ୍ତି ଦେବା କିମ୍ବା ପଦୋନ୍ନତି ଦେବା କିମ୍ବା ଅନ୍ୟ କୌଣସି ଉପାୟରେ ନିଯୁକ୍ତି ଦେବା ।]

**372. ପ୍ରଚଳିତ ଆଇନର ନିରନ୍ତରତା ଏବଂ ଏହାର ଉପଯୋଗୀକରଣ—** (1) ସମ୍ବିଧାନର 395 ଅନୁଚ୍ଛେଦରେ ଉଲ୍ଲେଖିତ ବିଷୟ ଉଚ୍ଛେଦ ସତ୍ତ୍ୱେ, ସମସ୍ତ ବଳବତ୍ତର ଆଇନ ସମ୍ବିଧାନର ଅନ୍ୟ ବ୍ୟବସ୍ଥାର ଅଧୀନରେ ବଶବର୍ତ୍ତୀ ହୋଇ ଏବଂ ଏହି ସମ୍ବିଧାନ ପ୍ରାରମ୍ଭରୁ ଭାରତରେ ଥିବା ଅନ୍ୟ ଆଇନ କାର୍ଯ୍ୟକ୍ଷମ ହେବ, ଯେପର୍ଯ୍ୟନ୍ତ ତାହା ଉପଯୁକ୍ତ ବିଧାନସଭା ବା ଉପଯୁକ୍ତ କର୍ତ୍ତୃପକ୍ଷଙ୍କଦ୍ୱାରା ସଂଶୋଧିତ, ପରିବର୍ତ୍ତିତ ବା ଉଚ୍ଛେଦ କରାଯାଇନାହିଁ ।

(2) ଭାରତୀୟ ଅଞ୍ଚଳ ମଧ୍ୟରେ କୌଣସି ବଳବତ୍ତର ଆଇନ କିମ୍ବା କୌଣସି ଆଇନରେ ଥିବା ବ୍ୟବସ୍ଥା ଯାହାକି ସମ୍ବିଧାନର ବ୍ୟବସ୍ଥା ସହିତ ସଙ୍ଗତ ହେଉଥିବ, ରାଷ୍ଟ୍ରପତି ତାଙ୍କ ନିର୍ଦ୍ଦେଶନାମା□* ଅନୁଯାୟୀ ସେହି ଆଇନର ରଦ୍ଦକରଣ ବା ସଂଶୋଧନ ପ୍ରକ୍ରିୟାଦ୍ୱାରା ଲାଗୁ କରିପାରିବେ ଏବଂ ଉକ୍ତ ଆଇନରେ ଆବଶ୍ୟକୀୟ ପରିବର୍ତ୍ତନ ଓ ଅନୁକୂଳନ କରିପାରିବେ, ଏହି ଆଇନରେ ସଂଶୋଧନ ବା ଉଚ୍ଛେଦ କରିପାରିବେ ଏବଂ ଉକ୍ତ ପରିବର୍ତ୍ତନଶୀଳ ଓ ଅନୁକୂଳନ ଆଇନକୁ ଆଦେଶଦ୍ୱାରା ଏକ ନିର୍ଦ୍ଧାରିତ ସମୟରେ ଲାଗୁ କରିପାରିବେ କିନ୍ତୁ ଉକ୍ତ ନିର୍ଦ୍ଦେଶନାମାକୁ କୌଣସି ନ୍ୟାୟାଳୟରେ ପ୍ରଶ୍ନ କରାଯାଇପାରିବ ନାହିଁ ।

(3) ଏହି ଖଣ୍ଡ 2ରେ ଥିବା କୌଣସି ବିଷୟ ଧରାଯିବ ନାହିଁ, ଯେ—

(*a*) ସମ୍ବିଧାନ ପ୍ରଣୟନର [1][3ବର୍ଷ] ପରେ ରାଷ୍ଟ୍ରପତିଙ୍କୁ କୌଣସି ଆଇନରେ ପରିବର୍ତ୍ତନ ବା ଅନୁକୂଳନ କରିବାର କ୍ଷମତା ପ୍ରଦାନ କରେ; କିମ୍ବା

(*b*) ଏହି ଖଣ୍ଡ ଅଧୀନରେ ରାଷ୍ଟ୍ରପତିଙ୍କଦ୍ୱାରା ଅନୁକୂଳନ ଓ ରୂପାନ୍ତରଣ କରାଯାଇଥିବା କୌଣସି ଆଇନର ଉଚ୍ଛେଦ ବା ସଂଶୋଧନ କରିବାକୁ ବିଧାନମଣ୍ଡଳ ବା ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ବାରଣ କରାଯାଉଛି।

---

* 26 ଜାନୁଆରୀ 1950ରେ ଜାରିକୃତ ସଂଶୋଧିତ ଅଧିନିୟମ ଆଦେଶ, 1950 ଦେଖନ୍ତୁ (ଭାରତ ସରକାର ରାଜପତ୍ର, ବିଶେଷ ସଂସ୍କରଣ, ପୃଷ୍ଠା449), ଯାହାକୁ ନିମ୍ନଲିଖିତ ଅଧିସୂଚନାଦ୍ୱାରା ସଂଶୋଧିତ କରାଯାଇଛି — ଅଧିସୂଚନା ସଂଖ୍ୟା S.R.O. 115, ତାରିଖ 5 ଜୁନ, 1950 (ଭାରତ ରାଜପତ୍ର, ବିଶେଷ ସଂସ୍କରଣ, ଭାଗ II, ଧାରା 3, ପୃଷ୍ଠା 51),ଅଧିସୂଚନା ସଂଖ୍ୟା S.R.O. 870, ତାରିଖ 4 ନଭେମ୍ବର, 1950 (ଭାରତ ରାଜପତ୍ର, ବିଶେଷ ସଂସ୍କରଣ, ଭାଗ II, ଧାରା 3, ପୃଷ୍ଠା 903), ଅଧିସୂଚନା ସଂଖ୍ୟା S.R.O. 508, ତାରିଖ 4 ଅପ୍ରେଲ, 1951 (ଭାରତ ରାଜପତ୍ର, ବିଶେଷ ସଂସ୍କରଣ, ଭାଗ II, ଧାରା 3, ପୃଷ୍ଠା 287), ଅଧିସୂଚନା ସଂଖ୍ୟା S.R.O. 1140B, ତାରିଖ 2 ଜୁଲାଇ, 1952 (ଭାରତ ରାଜପତ୍ର, ବିଶେଷ ସଂସ୍କରଣ, ଭାଗ II, ଧାରା 3, ପୃଷ୍ଠା 616/1), ଏବଂ ଟ୍ରାଭାଙ୍କୋର-କୋଚିନ ଜମି ଅଧିଗ୍ରହଣ ଅଧିନିୟମଗୁଡ଼ିକର ଅନୁକୂଳନ ଆଦେଶ, 1952 (20 ନଭେମ୍ବର, 1952ରେ ଜାରି), ଭାରତ ରାଜପତ୍ର, ବିଶେଷ ସଂସ୍କରଣ, ଭାଗ II, ଧାରା 3, ପୃଷ୍ଠା 923) ।

[1] ଭାରତୀୟ ସମ୍ବିଧାନ (ପ୍ରଥମ ସଂଶୋଧନ) ଅଧିନିୟମ, 1951 ର ଧାରା 12ଦ୍ୱାରା "ଦୁଇ ବର୍ଷ" ପାଇଁ ପ୍ରତିସ୍ଥାପିତ (18-6-1951ଠାରୁ କାର୍ଯ୍ୟକାରୀ)।

*ସ୍ପଷ୍ଟୀକରଣ I*— ଏହି ଅନୁଚ୍ଛେଦରେ "ବଳବତ୍ତର ଆଇନ" ଅର୍ଥ, ସମ୍ବିଧାନ ଆରମ୍ଭ ହେବା ଠିକ ପୂର୍ବରୁ ଭାରତ ଭୂଭାଗରେ କୌଣସି ବିଧାନମଣ୍ଡଳ କିମ୍ବା ଅନ୍ୟ କୌଣସି ଯୋଗ୍ୟ କର୍ତ୍ତୃପକ୍ଷଙ୍କଦ୍ୱାରା ପାରିତ କିମ୍ବା ଗଠିତ ହୋଇଥିବା ଆଇନ ଏବଂ ପୂର୍ବରୁ ରଦ୍ଦ ହୋଇନଥିବା ଆଇନକୁ ବୁଝାଯିବ, ଯଦିଓ ସେହି ଆଇନ ବା ତାହାର କିଛି ଅଂଶ ସମ୍ପୂର୍ଣ୍ଣଭାବେ ବା ନିର୍ଦ୍ଦିଷ୍ଟ ଅଞ୍ଚଳରେ ଏହି ସମୟରେ କାର୍ଯ୍ୟକାରୀ ନଥାଏ ।

*ସ୍ପଷ୍ଟୀକରଣ II*— ଭାରତର ରାଜ୍ୟକ୍ଷେତ୍ରରେ କୌଣସି ବିଧାନମଣ୍ଡଳ କିମ୍ବା ଅନ୍ୟ ସକ୍ଷମ କର୍ତ୍ତୃପକ୍ଷଙ୍କଦ୍ୱାରା ପାରିତ କିମ୍ବା ପ୍ରଣୀତ କୌଣସି ଆଇନ, ଯାହା ଏହି ସମ୍ବିଧାନ କାର୍ଯ୍ୟକାରୀ ହେବାର ଠିକ ପୂର୍ବରୁ ଭାରତର ରାଜ୍ୟକ୍ଷେତ୍ରରେ ଅତିରିକ୍ତ-କ୍ଷେତ୍ରୀୟ ପ୍ରଭାବ ତଥା ପ୍ରଭାବ ପକାଇଥିଲା, ଏହିପରି କୌଣସି ଅନୁକୂଳନ ଏବଂ ପରିବର୍ତ୍ତନର ଅଧୀନରେ ରହି ଏପରି ଅତିରିକ୍ତ-କ୍ଷେତ୍ରୀୟ ପ୍ରଭାବ ଜାରି ରହିବ ।

*ସ୍ପଷ୍ଟୀକରଣ III*— ଏହି ଅନୁଚ୍ଛେଦର କୌଣସି ବ୍ୟବସ୍ଥା ଏଭଳି କୌଣସି ଅସ୍ଥାୟୀ ଆଇନକୁ ତାହାର ଅବସାନ ତାରିଖ ପରେ ବା ଯେଉଁ ତାରିଖରେ ସମ୍ବିଧାନ କାର୍ଯ୍ୟକାରୀ ହୋଇନଥିଲେ, ଯେଉଁ ତାରିଖରେ, ତାହା ସ୍ୱୟଂ ଅବସାନ ହୋଇଥାନ୍ତା, ତାହା ସେ ପର୍ଯ୍ୟନ୍ତ ଜାରି ରହିବ ବୋଲି ବ୍ୟାଖ୍ୟା କରାଯିବ ନାହିଁ ।

*ସ୍ପଷ୍ଟୀକରଣ IV*— ଭାରତ ସରକାର ଅଧିନିୟମ, 1935ର ଧାରା ୫୫ ଅନୁଯାୟୀ ପ୍ରଦେଶର ରାଜ୍ୟପାଳଙ୍କଦ୍ୱାରା ଜାରି କରାଯାଇଥିବା ଅଧ୍ୟାଦେଶ ଓ ସମ୍ବିଧାନ ଆରମ୍ଭର ଠିକ ପୂର୍ବରୁ କାର୍ଯ୍ୟରତ ଥିବା କୌଣସି ଅଧ୍ୟାଦେଶ, ଯଦି ଏହା ପୂର୍ବରୁ ଅନୁରୂପ ରାଜ୍ୟର ରାଜ୍ୟପାଳଙ୍କଦ୍ୱାରା ପ୍ରତ୍ୟାହୃତ ହୋଇନଥିବ, ତେବେ ସମ୍ବିଧାନ ଆରମ୍ଭ ପରେ ଉକ୍ତ ରାଜ୍ୟର ବିଧାନସଭା ଅନୁଚ୍ଛେଦ 382ର ଖଣ୍ଡ (1) ଅନୁଯାୟୀ ପ୍ରଥମ ବୈଠକ କରିବା ସମୟର ଛଅ ସପ୍ତାହ ସମାପ୍ତ ହେବା ପରେ ବଳବତ୍ତର ହେବାରୁ ବଞ୍ଚିତ ହେବ ଏବଂ ଏହି ଅନୁଚ୍ଛେଦର କୌଣସି ବିଷୟ ଏହିପରି କୌଣସି ଅଧ୍ୟାଦେଶକୁ ସେହି ଅବଧି ପର୍ଯ୍ୟନ୍ତ ଜାରି ରହିବ ବୋଲି ବ୍ୟାଖ୍ୟା କରାଯିବ ନାହିଁ ।

[1][**372A. ଆଇନକୁ ଅନୁକୂଳନ କରିବାରେ ରାଷ୍ଟ୍ରପତିଙ୍କର କ୍ଷମତା**— (1) ଭାରତରେ ବା ତାହାର କୌଣସି ଅଂଶରେ, ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956ର ଆରମ୍ଭ ପୂର୍ବରୁ ଚଳୁଥିବା ଆଇନଗୁଡ଼ିକୁ, ସେହି ସଂଶୋଧନଦ୍ୱାରା ସଂଶୋଧିତ ସମ୍ବିଧାନ ଅନୁକୂଳ କରିବା ଉଦ୍ଦେଶ୍ୟରେ, ରାଷ୍ଟ୍ରପତି 1 ନଭେମ୍ବର 1957 ପୂର୍ବରୁ କରାଯାଇଥିବା ଆଦେଶଦ୍ୱାରା* ଯାହା ଆବଶ୍ୟକ ବା ସମୀଚୀନ ବୋଲି ମନେ କରିବେ ସେହି ଆଇନରେ ଅନୁକୂଳନ ବା ସଂଶୋଧନ (ବାତିଲ କିମ୍ବା ପରିବର୍ତ୍ତନ ମାଧ୍ୟମରେ) କରିପାରିବେ, ଏହି ଆଦେଶରେ ଉଲ୍ଲେଖିତ ତାରିଖରୁ ଏହି ଅନୁକୂଳନ ବା ସଂଶୋଧନ ସହିତ ସେହି ଆଇନ ପ୍ରଭାବୀ ହେବ ଏବଂ ଏପରି କୌଣସି ଅନୁକୂଳନ ବା ସଂଶୋଧନକୁ କୌଣସି ନ୍ୟାୟାଳୟରେ ପ୍ରଶ୍ନ କରାଯିବ ନାହିଁ ।

(2) ଖଣ୍ଡ (1)ର କୌଣସି ବିଷୟ, ଯେକୌଣସି ଯୋଗ୍ୟ ବିଧାନମଣ୍ଡଳ ବା ଅନ୍ୟ କୌଣସି ଯୋଗ୍ୟ କର୍ତ୍ତୃପକ୍ଷଙ୍କୁ, ରାଷ୍ଟ୍ରପତିଙ୍କଦ୍ୱାରା ଏହି ଖଣ୍ଡ ଅନୁଯାୟୀ ଅନୁକୂଳନ କିମ୍ବା ସଂଶୋଧିତ କରାଯାଇଥିବା କୌଣସି ଆଇନକୁ ବାତିଲ କିମ୍ବା ପୁନଃ ସଂଶୋଧନ କରିବାକୁ ବାରଣ କରୁଛି ବୋଲି ଧରାଯିବ ନହିଁ ।]

---

[1] ଭାରତୀୟ ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956 ର ଧାରା 23ଦ୍ୱାରା ସନ୍ନିବେଶିତ (1-11-1956ଠାରୁ କାର୍ଯ୍ୟକାରୀ) ।

* 1956 ଓ 1957ର ଆଇନର ଅନୁକୂଳନ ଆଦେଶ ଦେଖନ୍ତୁ

**373. କିଛି ମାମଲାରେ ନିବୃତ୍ତମୂଳକ ଅଟକ ରଖାଯାଇଥିବା ବ୍ୟକ୍ତିଙ୍କ ସମ୍ପର୍କରେ ଆଦେଶ ଦେବା ପାଇଁ ରାଷ୍ଟ୍ରପତିଙ୍କର କ୍ଷମତା**— (1) ଯେପର୍ଯ୍ୟନ୍ତ ଅନୁଚ୍ଛେଦ 22ର ଖଣ୍ଡ (7) ଅଧୀନରେ ସଂସଦଦ୍ୱାରା ବ୍ୟବସ୍ଥା ନହୋଇଛି କିମ୍ବା ଯେପର୍ଯ୍ୟନ୍ତ ଏହି ସମ୍ବିଧାନ ପ୍ରାରମ୍ଭ ହେବାର ଏକ ବର୍ଷ ଶେଷ ହେବା ପରେ, ଏଥିମଧ୍ୟରୁ ଯେଉଁଟା ପ୍ରଥମେ ହେବ, ସେପର୍ଯ୍ୟନ୍ତ ଉକ୍ତ ଅନୁଚ୍ଛେଦ ଏହିପରି ଭାବରେ କାର୍ଯ୍ୟକ୍ଷମ ହେବ ଯେ, ଖଣ୍ଡ (4) ଓ (7)ରେ ଥିବା ସଂସଦ ପ୍ରତି ଉଲ୍ଲେଖର ବଦଳରେ ରାଷ୍ଟ୍ରପତି ପ୍ରତି ଉଲ୍ଲେଖ ଅନ୍ତର୍ଭୁକ୍ତ ହେବ ଏବଂ ସେହି ଖଣ୍ଡମାନଙ୍କ ମଧ୍ୟରେ ଥିବା ସଂସଦଦ୍ୱାରା ପ୍ରସ୍ତୁତ ଆଇନ ପ୍ରତି ଉଲ୍ଲେଖର ବଦଳରେ 'ରାଷ୍ଟ୍ରପତିଦ୍ୱାରା ଜାରି କରାଯାଇଥିବା ଆଦେଶ ପ୍ରତି ଉଲ୍ଲେଖ ଅନ୍ତର୍ଭୁକ୍ତ ହେବ ।

**374. ସଂଘୀୟ ନ୍ୟାୟାଳୟରେ ନ୍ୟାୟାଧୀଶ ଏବଂ ସେଠାରେ ବିଚାରଧୀନ ମକଦ୍ଦମା କିମ୍ବା ମହାମହିମଙ୍କ ପରିଷଦରେ ଥିବା ମକଦ୍ଦମା ସମ୍ବନ୍ଧରେ ବ୍ୟବସ୍ଥା** — (1) ଏହି ସମ୍ବିଧାନ ଆରମ୍ଭ ହେବା ଠିକ ପୂର୍ବରୁ ସଂଘୀୟ ନ୍ୟାୟାଳୟର ପଦରେ ଥିବା ନ୍ୟାୟାଧୀଶମାନେ, ଯଦି ସେମାନେ ଅନ୍ୟଥା ନିର୍ବାଚନ କରିନାହାଁନ୍ତି, ତେବେ ଏହି ସମ୍ବିଧାନ ଆରମ୍ଭ ସହିତ ସର୍ବୋଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶ ହେବେ ଏବଂ ସେମାନେ ତଦନୁଯାୟୀ ସର୍ବୋଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶମାନଙ୍କ ପାଇଁ ଅନୁଚ୍ଛେଦ 125 ଅନୁଯାୟୀ ଯେପରି ଉଲ୍ଲେଖିତ ବେତନ, ଭତ୍ତା, ଅବକାଶ, ସେହିପରି ଅନୁପସ୍ଥିତି ଛୁଟି ଓ ଅବସରକାଳୀନ ଭତ୍ତା ସମ୍ପର୍କିତ ଅଧିକାର ଦିଆଯାଇଛି, ସେହି ସମସ୍ତ ଅଧିକାର ପାଇବେ ।

(2) ଏହି ସମ୍ବିଧାନର ପ୍ରାରମ୍ଭରେ ସଂଘୀୟ ନ୍ୟାୟାଳୟରେ ବିଚାରାଧୀନ ଥିବା ସମସ୍ତ ମକଦ୍ଦମା, ପୁନର୍ବିଚାର ପାଇଁ ନିବେଦନ ଏବଂ କାର୍ଯ୍ୟାନୁଷ୍ଠାନ, ଦେୱାନୀ କିମ୍ବା ଫୌଜଦାରୀ ମାମଲା ସର୍ବୋଚ୍ଚ ନ୍ୟାୟାଳୟକୁ ବଦଳି ହୋଇଯିବ ଏବଂ ସେହି ମାମଲା ପାଇଁ ସର୍ବୋଚ୍ଚ ନ୍ୟାୟାଳୟର ଶୁଣାଣି ଏବଂ ନିର୍ଦ୍ଧାରଣ କରିବାର ଅଧିକାର ରହିବ ଏବଂ ଏହି ସମ୍ବିଧାନର ପ୍ରାରମ୍ଭ ପୂର୍ବରୁ ପ୍ରଦାନ କରାଯାଇଥିବା କିମ୍ବା ଦିଆଯାଇଥିବା ସଂଘୀୟ ନ୍ୟାୟାଳୟର ନିଷ୍ପତ୍ତି ଏବଂ ଆଦେଶର ସମାନ କ୍ଷମତା ଏବଂ ପ୍ରଭାବ ରହିବ ଯେପରି ସେଗୁଡ଼ିକ ସର୍ବୋଚ୍ଚ ନ୍ୟାୟାଳୟଦ୍ୱାରା ପ୍ରସ୍ତୁତ କିମ୍ବା ପ୍ରଦାନ କରାଯାଇଥିଲା ।

(3) ଏହି ସମ୍ବିଧାନର କୌଣସି ବିଷୟ, ଭାରତର ରାଜ୍ୟକ୍ଷେତ୍ର ମଧ୍ୟରେ କୌଣସି ନ୍ୟାୟାଳୟର କୌଣସି ନିଷ୍ପତ୍ତି, ଆଇନଗତ ଆଦେଶ କିମ୍ବା ନିର୍ଦ୍ଦେଶ, ଆଇନଦ୍ୱାରା ପ୍ରାଧିକୃତ ହୋଇଥିବା ପର୍ଯ୍ୟନ୍ତ, ଆବେଦନ ଏବଂ ଦରଖାସ୍ତର ସମାଧାନ କରିବା ପାଇଁ ମହାମହିମଙ୍କଦ୍ୱାରା ପରିଷଦର ଅଧିକାରର ପ୍ରୟୋଗକୁ ଅବୈଧ ଘୋଷଣା କରିବା ପାଇଁ କାର୍ଯ୍ୟ କରିବ ନାହିଁ ଏବଂ ଏହି ସମ୍ବିଧାନର ପ୍ରାରମ୍ଭ ପରେ ଏପରି କୌଣସି ଆବେଦନ କିମ୍ବା ଦଲିଲ ଉପରେ ମହାମହିମ ପରିଷଦର କୌଣସି ଆଦେଶ ସମସ୍ତ ଉଦ୍ଦେଶ୍ୟରେ ପ୍ରଭାବଶାଳୀ ହେବ, ଯେପରିକି ଏହା ଏହି ସମ୍ବିଧାନଦ୍ୱାରା ନ୍ୟାୟାଳୟକୁ ପ୍ରଦତ୍ତ ଅଧିକାରର ପ୍ରୟୋଗରେ ସର୍ବୋଚ୍ଚ ନ୍ୟାୟାଳୟଦ୍ୱାରା ଦିଆଯାଇଥିବା ଏକ ନିର୍ଦ୍ଦେଶ କିମ୍ବା ଆଇନଗତ ଆଦେଶ ଅଟେ ।

(4) ଏହି ସମ୍ବିଧାନର ପ୍ରାରମ୍ଭରୁ କିମ୍ବା ତା'ପରେ ପ୍ରଥମ ଅନୁସୂଚୀର ଭାଗ Bରେ ନିର୍ଦ୍ଦିଷ୍ଟ ହୋଇଥିବା କୌଣସି ରାଜ୍ୟରେ ପ୍ରିଭି କାଉନସିଲ ଭାବରେ କାର୍ଯ୍ୟ କରୁଥିବା କର୍ତ୍ତୃପକ୍ଷଙ୍କ କ୍ଷେତ୍ରାଧିକାର ସେହି ରାଜ୍ୟ ମଧ୍ୟରେ କୌଣସି ନ୍ୟାୟାଳୟର କୌଣସି ନିଷ୍ପତ୍ତି, ଆଇନଗତ ଆଦେଶ କିମ୍ବା ନିର୍ଦ୍ଦେଶରୁ କିମ୍ବା ସେ ସମ୍ବନ୍ଧରେ ପୁନର୍ବିଚାର ପାଇଁ ଆବେଦନଗୁଡ଼ିକ ଏବଂ ଦଲିଲର ବିଚାର ଏବଂ ସମାଧାନ କରିବା ରଦ୍ଦ ହୋଇଯିବ ଏବଂ ଉକ୍ତ କର୍ତ୍ତୃପକ୍ଷଙ୍କ ଠାରେ ବିଚାରାଧୀନ ଥିବା ସମସ୍ତ ପୁନର୍ବିଚାର ପାଇଁ ଆବେଦନ ଏବଂ ଅନ୍ୟ କାର୍ଯ୍ୟାନୁଷ୍ଠାନ ଏପରି ଆରମ୍ଭ ସମୟରେ ସର୍ବୋଚ୍ଚ ନ୍ୟାୟାଳୟକୁ ସ୍ଥାନାନ୍ତର କରାଯିବ ଏବଂ ତାଙ୍କଦ୍ୱାରା ସମାଧାନ କରାଯିବ ।

(5) ପୁନଶ୍ଚ, ଏହି ଅନୁଚ୍ଛେଦରେ ଥିବା ଆଇନଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ସଂସଦ ଆଇନ ପ୍ରଣୟନ କରିପାରିବ ।

**375. ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ନ୍ୟାୟାଳୟ, କର୍ତ୍ତୃପକ୍ଷ ଏବଂ ଅଧିକାରୀମାନେ କାର୍ଯ୍ୟ ଜାରି ରଖିବେ—**ଭାରତର ସମସ୍ତ ଦେୱାନୀ ଓ ଫୌଜଦାରୀ ଏବଂ ରାଜସ୍ୱ ଅଧିକାର କ୍ଷେତ୍ରରେ ଥିବା ସମସ୍ତ ନ୍ୟାୟଳୟ, ସମସ୍ତ କର୍ତ୍ତୃପକ୍ଷ ଏବଂ ସମସ୍ତ ନ୍ୟାୟିକ, କାର୍ଯ୍ୟନିର୍ବାହୀ ତଥା ଅନୁସଚିବ ସ୍ତରୀୟ ସମସ୍ତ ଅଧିକାରୀ ଭାରତର ସମଗ୍ର ଅଞ୍ଚଳରେ ନିଜ ନିଜର କାର୍ଯ୍ୟକୁ ଏହି ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ଜାରି ରଖିବେ ।

**376. ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶଙ୍କ ନିମନ୍ତେ ବ୍ୟବସ୍ଥା —** (1) ସମ୍ବିଧାନର ଅନୁଚ୍ଛେଦ 217ର ଖଣ୍ଡ (2)ରେ ଯାହା କିଛି ବ୍ୟବସ୍ଥା ଥିବା ସତ୍ତ୍ୱେ ସମ୍ବିଧାନ ପ୍ରଣୟନ ପୂର୍ବରୁ ଭାରତର ବିଭିନ୍ନ ପ୍ରଦେଶରେ କାର୍ଯ୍ୟ କରୁଥିବା ଉଚ୍ଚ ନ୍ୟାୟଳୟର ନ୍ୟାୟାଧୀଶଭାବେ କାର୍ଯ୍ୟ କରିବେ ଯଦି ସେ ଅନ୍ୟଥା ନିର୍ବାଚନ କରିନାହାଁନ୍ତି ଏବଂ ଅନୁଚ୍ଛେଦ 221ରେ ତାଙ୍କ ପାଇଁ ଉଦ୍ଦିଷ୍ଟ ଥିବା ବେତନ, ଅନୁପସ୍ଥିତି ଛୁଟି, ଭତ୍ତା ଓ ଅବସରକାଳୀନ ଭତ୍ତା ଇତ୍ୟାଦି ପାଇବେ, ଯଦିଓ ସେ ଭାରତବର୍ଷର ନାଗରିକ ହୋଇନଥାନ୍ତି ଏବଂ [1][କୌଣସି ଉଚ୍ଚ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶଭାବେ ନିଯୁକ୍ତ ହେବା ପାଇଁ ବା ଅନ୍ୟ ନ୍ୟାୟାଧୀଶ ପଦରେ ନିଯୁକ୍ତ ହେବା ପାଇଁ ଯୋଗ୍ୟ ହୋଇଥାନ୍ତି ।]

(2) ସମ୍ବିଧାନ ପ୍ରାରମ୍ଭର ଠିକ ପୂର୍ବରୁ ପ୍ରଥମ ଅନୁସୂଚୀର ଭାଗ Bରେ ନିର୍ଦ୍ଦିଷ୍ଟଭାବେ ଉଲ୍ଲେଖ ଥିବା ଭାରତବର୍ଷର ଯେକୌଣସି ରାଜ୍ୟରେ ଉଚ୍ଚ ନ୍ୟାୟାଳୟରେ ଥିବା ନ୍ୟାୟାଧୀଶ ଯଦି ଅନ୍ୟ କୌଣସି ପଦବୀ ପାଇଁ ମନୋନୀତ ହୋଇନଥାନ୍ତି, ଅନୁଚ୍ଛେଦ 217ର ଖଣ୍ଡ (1) ଓ (2)ରେ ଯାହା କିଛି ଥିବା ସତ୍ତ୍ୱେ, କିନ୍ତୁ ସେହି ଅନୁଚ୍ଛେଦରେ ଥିବା ଖଣ୍ଡ (1)ର ପ୍ରତିବନ୍ଧ ଅଧୀନରେ ସେ ଉକ୍ତ ପଦରେ ତାଙ୍କର ନିର୍ଦ୍ଦିଷ୍ଟ ସମୟସୀମା ନସରିବା ଯାଏଁ ପଦବୀରେ ରହିବେ କିମ୍ବା ରାଷ୍ଟ୍ରପତି ଏ ସମ୍ବନ୍ଧରେ ଯାହା ନିର୍ଦ୍ଦେଶନାମା ଦେବେ ସେ ଅନୁଯାୟୀ ତାହା ନିର୍ଦ୍ଧାରିତ କରାଯିବ ।

(3) ଏହି ଅନୁଚ୍ଛେଦରେ "ନ୍ୟାୟାଧୀଶ" ଅର୍ଥ ଅତିରିକ୍ତ ନ୍ୟାୟାଧୀଶ କିମ୍ବା କିଛି ସମୟ ପାଇଁ କାର୍ଯ୍ୟରତ ନ୍ୟାୟାଧୀଶଙ୍କୁ ବୁଝାଇବ ନାହିଁ ।

**377. ଭାରତର ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକଙ୍କ ନିମନ୍ତେ ବ୍ୟବସ୍ଥା** — (1) ସମ୍ବିଧାନ ପ୍ରାରମ୍ଭର ଠିକ ପୂର୍ବରୁ ଭାରତର ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକ ରୂପେ କାର୍ଯ୍ୟ କରୁଥିବା ବ୍ୟକ୍ତି ଯଦି ଅନ୍ୟ କୌଣସି ପଦବୀ ପାଇଁ ମନୋନୀତ ହୋଇନଥାନ୍ତି ତେବେ ସମ୍ବିଧାନ ପ୍ରଣୟନ ପରେ ମଧ୍ୟ ସେହି ପଦବୀରେ ଅବସ୍ଥାପିତ ରହିବେ ଏବଂ ଅନୁଚ୍ଛେଦ 148ର ଖଣ୍ଡ (3) ଅନୁଯାୟୀ ସେ ବେତନ ଏବଂ ଅନ୍ୟ ଅନୁପସ୍ଥିତି ଛୁଟି ଏବଂ ଅବସରକାଳୀନ ଭତ୍ତା ପାଇବା ପାଇଁ ଯୋଗ୍ୟ ହେବେ ତଥା ଏପରି ପ୍ରାରମ୍ଭର ଠିକ ପୂର୍ବରୁ ଥିବା ଚାକିରି ସର୍ତ୍ତାବଳୀ ଅନୁଯାୟୀ ପଦର ଅବଧି ସମାପ୍ତ ନହେବା ପର୍ଯ୍ୟନ୍ତ, ସେ ସେହି ପଦରେ ଅବସ୍ଥାପିତ ରହିବେ ।

---

[1] ଭାରତୀୟ ସମ୍ବିଧାନ (ପ୍ରଥମ ସଂଶୋଧନ) ଅଧିନିୟମ, 1951ର ଧାରା 13ଦ୍ୱାରା ସଂଯୁକ୍ତ କରାଯାଇଛି (18-6-1951ଠାରୁ କାର୍ଯ୍ୟକାରୀ) ।

**378. ଲୋକସେବା ଆୟୋଗଙ୍କ ପାଇଁ ବ୍ୟବସ୍ଥା —** (1) କେନ୍ଦ୍ର ପାଇଁ ଲୋକସେବା ଆୟୋଗର ସଦସ୍ୟମାନେ, ଯେଉଁମାନେ ଏହି ସମ୍ବିଧାନ ପ୍ରାରମ୍ଭର ଠିକ ପୂର୍ବରୁ ଭାରତ ଅଧିରାଜ୍ୟ ପାଇଁ ଲୋକସେବା ଆୟୋଗରେ କାର୍ଯ୍ୟରତ ଥିଲେ, ଯଦି ସେ ଅନ୍ୟଥା ନିର୍ବାଚନ ନକରିଥାନ୍ତି, ତେବେ ଏହି ସମ୍ବିଧାନ ଆରମ୍ଭ ହେବା ସମୟରେ ସେମାନେ କେନ୍ଦ୍ର ପାଇଁ ଲୋକସେବା ଆୟୋଗର ସଦସ୍ୟ ହେବେ ଏବଂ ଅନୁଚ୍ଛେଦ 316 ର ଖଣ୍ଡ (1) ଏବଂ (2) ରେ ଥିବା କୌଣସି ବିଷୟ ସତ୍ତ୍ୱେ, କିନ୍ତୁ ସେହି ଅନୁଚ୍ଛେଦର ଖଣ୍ଡ (2)ର ପ୍ରତିବନ୍ଧ ଅଧୀନରେ, ସେମାନେ ଏହି ଆରମ୍ଭ ପୂର୍ବରୁ ସେମାନଙ୍କ ପାଇଁ ପ୍ରଯୁଜ୍ୟ ଥିବା ନିୟମାବଳୀ ଅନୁଯାୟୀ ନିର୍ଦ୍ଧାରିତ ସେମାନଙ୍କ କାର୍ଯ୍ୟକାଳ ସମାପ୍ତ ହେବା ପର୍ଯ୍ୟନ୍ତ ପଦ ଧାରଣ କରିବେ ।

(2) ଏକ ପ୍ରଦେଶର ଲୋକସେବା ଆୟୋଗର ସଦସ୍ୟମାନେ କିମ୍ବା ଏକାଧିକ ପ୍ରଦେଶର ଆବଶ୍ୟକତା ପୂରଣ କରୁଥିବା ଲୋକସେବା ଆୟୋଗର ସଦସ୍ୟମାନେ, ଯେଉଁମାନେ ଏହି ସମ୍ବିଧାନ ପ୍ରାରମ୍ଭର ଠିକ ପୂର୍ବରୁ କାର୍ଯ୍ୟରତ ଥିଲେ, ଯଦି ସେ ଅନ୍ୟଥା ନିର୍ବାଚନ ନକରିଥାନ୍ତି, ତେବେ ଏହି ସମ୍ବିଧାନ ଆରମ୍ଭ ହେବା ସମୟରେ ସେମାନେ ସଂପୃକ୍ତ ରାଜ୍ୟ ପାଇଁ ଲୋକସେବା ଆୟୋଗର ସଦସ୍ୟ ହେବେ କିମ୍ବା ସଂପୃକ୍ତ ରାଜ୍ୟଗୁଡ଼ିକର ଆବଶ୍ୟକତା ପୂରଣ କରୁଥିବା ଯୁଗ୍ମ ରାଜ୍ୟ ଲୋକସେବା ଆୟୋଗର ସଦସ୍ୟ ହେବେ, ଯଥାସ୍ଥିତି ଏବଂ ଅନୁଚ୍ଛେଦ 316 ର ଖଣ୍ଡ (1) ଏବଂ (2) ରେ ଯାହା କିଛି ଥିବା ସତ୍ତ୍ୱେ, କିନ୍ତୁ ସେହି ଅନୁଚ୍ଛେଦର ଖଣ୍ଡ (2)ର ପ୍ରତିବନ୍ଧ ଅଧୀନରେ, ସେମାନେ ଏହି ଆରମ୍ଭ ପୂର୍ବରୁ ସେମାନଙ୍କ ପାଇଁ ପ୍ରଯୁଜ୍ୟ ଥିବା ନିୟମାବଳୀ ଅନୁଯାୟୀ ନିର୍ଦ୍ଧାରିତ ସେମାନଙ୍କ କାର୍ଯ୍ୟକାଳ ସମାପ୍ତ ହେବା ପର୍ଯ୍ୟନ୍ତ ପଦ ଧାରଣ କରିବେ ।

[1]**[378A. ଆନ୍ଧ୍ରପ୍ରଦେଶ ବିଧାନସଭାର ସମୟସୀମା ସମ୍ବନ୍ଧରେ ବିଶେଷ ବ୍ୟବସ୍ଥା —** (1) ସମ୍ବିଧାନର ଅନୁଚ୍ଛେଦ 172ରେ ଥିବା ଯେକୌଣସି ବ୍ୟବସ୍ଥା ଥିବା ସତ୍ତ୍ୱେ 1956 ମସିହାରେ ପ୍ରଣୟନ କରାଯାଇଥିବା ରାଜ୍ୟ ପୁର୍ନଗଠନ ଅଧିନିୟମର ଧାରା 28 ଓ 29 ଅନୁଯାୟୀ ଯଦି ବିଧାନସଭା ଭଙ୍ଗ କରାଯାଇନଥାଏ ତେବେ, ଉକ୍ତ ବିଧାନସଭା ଧାରା 29ରେ ନିର୍ଦ୍ଧାରିତ ତାରିଖ ଅନୁଯାୟୀ 5 ବର୍ଷ ପର୍ଯ୍ୟନ୍ତ, ତାହା ଠାରୁ ଅଧିକ ସମୟ କାର୍ଯ୍ୟ କରିବ ନାହିଁ ଏବଂ ଉକ୍ତ କାଳବଧିର ଅବସାନ ପରେ ସେହି ବିଧାନ ସଭା ଭଙ୍ଗ ହୋଇଛି ବୋଲି ଧରାଯିବ ।]

**379.** *[ଅସ୍ଥାୟୀ ସଂସଦ ଏବଂ ତହିଁର ବାଚସ୍ପତି ଓ ଉପ-ବାଚସ୍ପତି ସମ୍ବନ୍ଧୀୟ ବ୍ୟବସ୍ଥା ]—ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା ବାଦ୍ ଦିଆଯାଇଛି (1-11-1956ଠାରୁ କାର୍ଯ୍ୟକାରୀ) ।*

**380.** *[ରାଷ୍ଟ୍ରପତି ସମ୍ବନ୍ଧୀୟ ବ୍ୟବସ୍ଥା ]—ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା ବାଦ୍ ଦିଆଯାଇଛି (1-11-1956ଠାରୁ କାର୍ଯ୍ୟକାରୀ) ।*

**381.** *[ରାଷ୍ଟ୍ରପତିଙ୍କ ମନ୍ତ୍ରୀ ପରିଷଦ]—ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ) ।*

**382.** *[ପ୍ରଥମ ଅନୁସୂଚୀ ଭାଗ Aର ରାଜ୍ୟମାନଙ୍କ ପାଇଁ ଅସ୍ଥାୟୀ ବିଧାନମଣ୍ଡଳ ସମ୍ବନ୍ଧୀୟ ବ୍ୟବସ୍ଥା ]—ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀ ଦ୍ୱାରା ବାଦ୍ ଦିଆଯାଇଛି (1-11-1956ଠାରୁ କାର୍ଯ୍ୟକାରୀ) ।*

**383.** *[ପ୍ରଦେଶଗୁଡ଼ିକର ରାଜ୍ୟପାଳ ସମ୍ବନ୍ଧୀୟ ବ୍ୟବସ୍ଥା ]—ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା ବାଦ୍ ଦିଆଯାଇଛି (1-11-1956ଠାରୁ କାର୍ଯ୍ୟକାରୀ) ।*

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956 ର ଧାରା 24ଦ୍ୱାରା ଅନୁଚ୍ଛେଦ 378A ସନ୍ନିବେଶିତ (1-11-1956ଠାରୁ କାର୍ଯ୍ୟକାରୀ) ।

**384.** *[ରାଜ୍ୟପାଳଙ୍କ ମନ୍ତ୍ରୀ ପରିଷଦ]—ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ) ।*

**385.** *[ପ୍ରଥମ ଅନୁସୂଚୀର ଭାଗ Bରେ ଥିବା ରାଜ୍ୟଗୁଡ଼ିକ ପାଇଁ ଅସ୍ଥାୟୀ ବିଧାନମଣ୍ଡଳ ସମ୍ବନ୍ଧୀୟ ବ୍ୟବସ୍ଥା]—ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ) ।*

**386.** *[ପ୍ରଥମ ଅନୁସୂଚୀର ଭାଗ Bରେ ଥିବା ରାଜ୍ୟଗୁଡ଼ିକ ପାଇଁ ମନ୍ତ୍ରୀ ପରିଷଦ ସମ୍ବନ୍ଧୀୟ ବ୍ୟବସ୍ଥା]—ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ) ।*

**387.** *[ନିର୍ଦ୍ଦିଷ୍ଟ ନିର୍ବାଚନ ଉଦ୍ଦେଶ୍ୟରେ ଜନସଂଖ୍ୟା ନିର୍ଦ୍ଧାରଣ ସମ୍ବନ୍ଧୀୟ ବିଶେଷ ବ୍ୟବସ୍ଥା ।]—ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ) ।*

**388.** *[ଅସ୍ଥାୟୀ ସଂସଦ ଏବଂ ରାଜ୍ୟଗୁଡ଼ିକର ଅସ୍ଥାୟୀ ବିଧାନମଣ୍ଡଳରେ ଆକସ୍ମିକ ଶୂନ୍ୟପଦ ପୂରଣ ସମ୍ବନ୍ଧୀୟ ବ୍ୟବସ୍ଥା ]—ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା ବାଦ୍ ଦିଆଯାଇଛି (1-11-1956ଠାରୁ କାର୍ଯ୍ୟକାରୀ) ।*

**389.** *[ଡୋମିନିଅନ ବିଧାନମଣ୍ଡଳ ଓ ବିଭିନ୍ନ ପ୍ରଦେଶ ବା ପ୍ରାନ୍ତ ଓ ରାଜ୍ୟର ବିଧାନମଣ୍ଡଳରେ ବିଚାରାଧୀନ ବିଧେୟକ ସମ୍ବନ୍ଧୀୟ ବ୍ୟବସ୍ଥା ।]—ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ) ।*

**390.** *[ସମ୍ବିଧାନ ପ୍ରାରମ୍ଭ ଏବଂ 1950 ମାର୍ଚ୍ଚ 31 ତାରିଖ ମଧ୍ୟରେ ପ୍ରାପ୍ତ ବା ସଂଗୃହୀତ ଅର୍ଥ କିମ୍ବା ଖର୍ଚ୍ଚ]—ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ) ।*

**391.** *[ନିର୍ଦ୍ଦିଷ୍ଟ ଜରୁରୀକାଳୀନ ପରିସ୍ଥିତିରେ ପ୍ରଥମ ଏବଂ ଚତୁର୍ଥ ଅନୁସୂଚୀରେ ସଂଶୋଧନ କରିବା ପାଇଁ ରାଷ୍ଟ୍ରପତିଙ୍କ କ୍ଷମତା]—ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ) ।*

**392. ସମସ୍ୟା ଦୂର କରିବା ନିମନ୍ତେ ରାଷ୍ଟ୍ରପତିଙ୍କର କ୍ଷମତା—** (1) କୌଣସି ଅସୁବିଧା, ବିଶେଷତଃ ଭାରତ ଶାସନ ଅଧିନିୟମ 1935ରେ ଥିବା ବ୍ୟବସ୍ଥାକୁ ଏହି ସମ୍ବିଧାନରେ ଥିବା ବ୍ୟବସ୍ଥାରେ କାର୍ଯ୍ୟକାରୀ କରିବାରେ କୌଣସି ସମସ୍ୟା ଦେଖାଦିଏ ତେବେ ରାଷ୍ଟ୍ରପତି ଉକ୍ତ ସମସ୍ୟାର ସମାଧାନ ନିମନ୍ତେ ନିର୍ଦ୍ଦେଶନାମାଦ୍ୱାରା ଯେଉଁ କାଳାବଧି ନିର୍ଦ୍ଦିଷ୍ଟ ହେବ ସେ କାଳ ମଧ୍ୟରେ, ଯାହା ଆବଶ୍ୟକ ମନେ କରିବେ ଓ ରୂପାନ୍ତରଣ ଆକାରରେ ହେଉ ବା ସଂଯୁକ୍ତ କରି ବା ଉଚ୍ଛେଦ ଆକାରରେ ହେଉ, ସେହିପରି ଅନୁକୂଳନ କରିପାରିବେ:

କିନ୍ତୁ, ସମ୍ବିଧାନର ପଞ୍ଚମ ଭାଗର ଦ୍ୱିତୀୟ ଅଧ୍ୟାୟ ଅନୁଯାୟୀ ଗଠନ କରାଯାଇଥିବା ସଂସଦର ପ୍ରଥମ ଅଧିବେଶନ ପରେ କୌଣସି ନିର୍ଦ୍ଦେଶନାମା ଦିଆଯାଇପାରିବ ନାହିଁ ।

(2) ଖଣ୍ଡ (1)ରେ ଦିଆଯାଇଥିବା ସମସ୍ତ ଆଦେଶ ସଂସଦ ସମ୍ମୁଖରେ ରଖାଯିବ ।

(3) ସମ୍ବିଧାନର ଅନୁଚ୍ଛେଦ 324, ଅନୁଚ୍ଛେଦ 367ର ଖଣ୍ଡ (3) ଏବଂ ଅନୁଚ୍ଛେଦ 391ରେ ରାଷ୍ଟ୍ରପତିଙ୍କ ଉପରେ ନ୍ୟସ୍ତ ଥିବା କ୍ଷମତାକୁ ଏହି ସମ୍ବିଧାନ ପ୍ରାରମ୍ଭ ପୂର୍ବରୁ ଭାରତ ଅଧିରାଜ୍ୟର ଗଭର୍ଣ୍ଣର ଜେନେରାଲ ଦ୍ୱାରା ପ୍ରୟୋଗ ହେବ।

# ଭାଗ 22

## ସଂକ୍ଷିପ୍ତ ଶୀର୍ଷକ, ପ୍ରାରମ୍ଭ, [1][ହିନ୍ଦୀରେ ପ୍ରାମାଣିକ ପାଠ୍ୟ] ଏବଂ ରଦ୍ଦ

**393. ସଂକ୍ଷିପ୍ତ ଶୀର୍ଷକ**— ଏହି ସମ୍ବିଧାନକୁ ଭାରତର ସମ୍ବିଧାନ ବୋଲି କୁହାଯାଇପାରେ ।

**394. ପ୍ରାରମ୍ଭ**— ଏହି ଅନୁଚ୍ଛେଦ ଏବଂ ଅନୁଚ୍ଛେଦ 5, 6, 7, 8, 9, 60, 324, 366, 367, 379, 380, 388, 391, 392 ଏବଂ 393 ଏକା ସାଙ୍ଗରେ କାର୍ଯ୍ୟକାରୀ ହେବ, ଏବଂ ଏହି ସମ୍ବିଧାନର ଅବଶିଷ୍ଟ ବ୍ୟବସ୍ଥା 1950, ଜାନୁଆରୀ ଛବିଶ ତାରିଖରେ କାର୍ଯ୍ୟକାରୀ ହେବ, ଯେଉଁ ଦିନକୁ ଏହି ସମ୍ବିଧାନରେ ଏହି ସମ୍ବିଧାନର ପ୍ରାରମ୍ଭ ଭାବରେ ଉଲ୍ଲେଖ କରାଯାଇଛି ।

[2][**394A. ହିନ୍ଦୀ ଭାଷାରେ ପ୍ରାମାଣିକ ପାଠ୍ୟ**— (1) ରାଷ୍ଟ୍ରପତି ତାଙ୍କ କ୍ଷମତା ଅଧୀନରେ ପ୍ରକାଶନ କରାଇବେ,—

(*a*) ସମ୍ବିଧାନ ସଭାର ସଦସ୍ୟମାନଙ୍କଦ୍ୱାରା ଦସ୍ତଖତ ହୋଇଥିବା ହିନ୍ଦୀ ଭାଷାରେ ଅନୁବାଦ, ଏହି ସମ୍ବିଧାନ ଯେପରି ଆବଶ୍ୟକ ସେମିତି ସଂଶୋଧନ ସହିତ ଏହାକୁ ହିନ୍ଦୀ ଭାଷାରେ କେନ୍ଦ୍ରୀୟ ଆଇନର ପ୍ରାମାଣିକ ପାଠ୍ୟରେ ଗ୍ରହଣ କରାଯାଇଥିବା ଭାଷା, ଶୈଳୀ ଏବଂ ଶବ୍ଦାବଳୀ ସହିତ ସୁସଙ୍ଗତ କରି ଏବଂ ଏପରି ପ୍ରକାଶନ ପୂର୍ବରୁ କରାଯାଇଥିବା ଏହି ସମ୍ବିଧାନର ସମସ୍ତ ସଂଶୋଧନ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି; ଏବଂ

(*b*) ଇଂରାଜୀ ଭାଷାରେ କରାଯାଇଥିବା ପ୍ରତ୍ୟେକ ସମ୍ବିଧାନ ସଂଶୋଧନର ହିନ୍ଦୀ ଭାଷାରେ ଅନୁବାଦ ।

(2) ଏହି ସମ୍ବିଧାନର ଅନୁବାଦ ଏବଂ ଖଣ୍ଡ (1) ଅଧିନରେ ପ୍ରକାଶିତ ଏହାର ପ୍ରତ୍ୟେକ ସଂଶୋଧନର ଅର୍ଥ ଏହାର ମୂଳ ଅର୍ଥ ସହିତ ସମାନ ହେବ ଏବଂ ଯଦି ଏପରି ଅନୁବାଦର କୌଣସି ଅଂଶକୁ ଏପରି ଭାବରେ ବ୍ୟାଖ୍ୟା କରିବାରେ କୌଣସି ଅସୁବିଧା ଉପୁଜେ, ତେବେ ରାଷ୍ଟ୍ରପତି ତାହାକୁ ଉପଯୁକ୍ତ ଭାବରେ ସଂଶୋଧନ କରାଇବେ ।

(3) ଏହି ସମ୍ବିଧାନର ଅନୁବାଦ ଏବଂ ଏହି ଅନୁଚ୍ଛେଦ ଅନୁଯାୟୀ ପ୍ରକାଶିତ ଏହାର ପ୍ରତ୍ୟେକ ସଂଶୋଧନକୁ, ସମସ୍ତ ଉଦ୍ଦେଶ୍ୟ ପାଇଁ, ହିନ୍ଦୀ ଭାଷାରେ ଏହାର ପ୍ରାମାଣିକ ପାଠ୍ୟ ଭାବରେ ବିବେଚନା କରାଯିବ ।]

**395. ରଦ୍ଦ—** ପ୍ରିଭି କାଉନସିଲର ନ୍ୟାୟାଧିକାର କ୍ଷେତ୍ର ଉଚ୍ଛେଦ ଅଧିନିୟମ, 1949କୁ ଅନ୍ତର୍ଭୁକ୍ତ ନକରି ଭାରତୀୟ ସ୍ୱାଧୀନତା ଅଧିନିୟମ 1947 ଏବଂ ଭାରତ ଶାସନ ଅଧିନିୟମ 1935, ସବୁ ପଶ୍ଚାତ କଥିତ ଅଧିନିୟମ, ସଂଶୋଧନକାରୀ, ଅନୁପୂରକ ସମସ୍ତ ଅଧିନିୟମକୁ ରଦ୍ଦ କରାଗଲା ।

---

[1] ଭାରତର ସମ୍ବିଧାନ (58ତମ ସଂଶୋଧନ) ଅଧିନିୟମ, 1987, ଧାରା 2 ଦ୍ୱାରା ସନ୍ନିବେଶିତ (9-12-1987ଠାରୁ କାର୍ଯ୍ୟକାରୀ)।

[2] ଭାରତର ସମ୍ବିଧାନ (58ତମ ସଂଶୋଧନ) ଅଧିନିୟମ, 1987, ଧାରା 3 ଦ୍ୱାରା ଅନୁଚ୍ଛେଦ 394Aକୁ ସନ୍ନିବେଶିତ କରାଯାଇଛି (9-12-1987 ଠାରୁ କାର୍ଯ୍ୟକାରୀ)।

# [1][ପ୍ରଥମ ଅନୁସୂଚୀ

[ଅନୁଚ୍ଛେଦ 1 ଓ 4]

## 1. ରାଜ୍ୟ

| ନାମ | ରାଜ୍ୟକ୍ଷେତ୍ର |
|---|---|
| 1. ଆନ୍ଧ୍ରପ୍ରଦେଶ | [2][ଆନ୍ଧ୍ର ରାଜ୍ୟ ଅଧିନିୟମ, 1953 ର ଧାରା 3ର ଉପଧାରା (*1*)ରେ ରାଜ୍ୟପୁନର୍ଗଠନ ଅଧିନିୟମ, 1956ରେ ଧାରା 3ର ଉପଧାରା (*1*)ରେ ଆନ୍ଧ୍ରପ୍ରଦେଶ ଓ ମାଡ୍ରାସ (ସୀମା ପରିବର୍ତ୍ତନ) ଅଧିନିୟମ, 1959ର ପ୍ରଥମ ଅନୁସୂଚୀରେ ଏବଂ ଆନ୍ଧ୍ରପ୍ରଦେଶ ଓ ମହୀଶୂର (ରାଜ୍ୟକ୍ଷେତ୍ର ଅନ୍ତରଣ) ଅଧିନିୟମ, 1968ର ଅନୁସୂଚୀରେ ବିନିର୍ଦ୍ଦିଷ୍ଟ ରାଜ୍ୟକ୍ଷେତ୍ରମାନ, କିନ୍ତୁ ଆନ୍ଧ୍ରପ୍ରଦେଶ ଓ ମାଡ୍ରାସ (ସୀମା ପରିବର୍ତ୍ତନ) ଅଧିନିୟମ, 1959ର ଦ୍ୱିତୀୟ ଅନୁସୂଚୀରେ ବିନିର୍ଦ୍ଦିଷ୍ଟ ରାଜ୍ୟକ୍ଷେତ୍ର] [3][ଏବଂ ଆନ୍ଧ୍ରପ୍ରଦେଶ ପୁନର୍ଗଠନ ଅଧିନିୟମ, 2014 ର ଧାରା 3ରେ ବର୍ଣ୍ଣିତ ଅଞ୍ଚଳ ସେଥିରୁ ବାଦ୍ ଦିଆଯାଇଛି ]। |
| 2 . ଆସାମ | ଏହି ସମ୍ବିଧାନ ଆରମ୍ଭ ହେବା ପୂର୍ବରୁ ଆସାମ ପ୍ରଦେଶ, ଖାସି ରାଜ୍ୟଗୁଡ଼ିକ ଏବଂ ଆସାମ ଜନଜାତି ଅଞ୍ଚଳରେ ଯେଉଁ ଅଞ୍ଚଳଗୁଡ଼ିକ ସମାବିଷ୍ଟ ଥିଲା, କିନ୍ତୁ ଆସାମ (ସୀମା ପରିବର୍ତ୍ତନ) ଅଧିନିୟମ, 1951ର ଅନୁସୂଚୀରେ ଉଲ୍ଲେଖିତ ଅଞ୍ଚଳଗୁଡ଼ିକ, [4][ଏବଂ ନାଗାଲାଣ୍ଡ ରାଜ୍ୟ ଅଧିନିୟମ, 1962ର ଧାରା 3ର ଉପଧାରା (*1*)ରେ ଉଲ୍ଲେଖିତ ଅଞ୍ଚଳଗୁଡ଼ିକ], [5][ଏବଂ ଉତ୍ତର-ପୂର୍ବାଞ୍ଚଳ (ପୁନର୍ଗଠନ) ଅଧିନିୟମ, 1971ର ଧାରା 5, 6 ଏବଂ 7ରେ ଉଲ୍ଲେଖିତ ଅଞ୍ଚଳଗୁଡ଼ିକ], [6][ଏବଂ ସମ୍ବିଧାନ (100ତମ ସଂଶୋଧନ) ଅଧିନିୟମ, 2015ର ଦ୍ୱିତୀୟ ଅନୁସୂଚୀର ଭାଗ Iରେ ଉଲ୍ଲେଖିତ ଅଞ୍ଚଳଗୁଡ଼ିକ, ସମ୍ବିଧାନ (ନବମ ସଂଶୋଧନ) ଅଧିନିୟମ, 1960ର ଧାରା 3ର ଖଣ୍ଡ (*a*)ରେ ଥିବା ଯେକୌଣସି ବିଷୟ ଥିବା ସତ୍ତ୍ୱେ, ଯେପର୍ଯ୍ୟନ୍ତ ଏହା ସମ୍ବିଧାନ (100ତମ ସଂଶୋଧନ) ଅଧିନିୟମ, 2015ର ଦ୍ୱିତୀୟ ଅନୁସୂଚୀର ଭାଗ Iରେ ଉଲ୍ଲେଖିତ ଅଞ୍ଚଳଗୁଡ଼ିକ ସେଥିରୁ ବାଦ୍ ଦିଆଯାଇଛି ।] |

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 2ଦ୍ୱାରା ପ୍ରଥମ ଅନୁସୂଚୀ ପାଇଁ ପ୍ରତିସ୍ଥାପିତ (1-11-1956ଠାରୁ କାର୍ଯ୍ୟକାରୀ)।

[2] ଆନ୍ଧ୍ରପ୍ରଦେଶ ଏବଂ ମହୀଶୂର (ଅଞ୍ଚଳ ହସ୍ତାନ୍ତର) ଅଧିନିୟମ, 1968 (1968ର 36ନଂ), ଧାରା 4ଦ୍ୱାରା ପୂର୍ବବର୍ତ୍ତୀ ପ୍ରବିଷ୍ଟି ପାଇଁ ପ୍ରତିସ୍ଥାପିତ (1-10-1968 ଠାରୁ କାର୍ଯ୍ୟକାରୀ)।

[3] ଆନ୍ଧ୍ରପ୍ରଦେଶ ପୁନର୍ଗଠନ ଅଧିନିୟମ, 2014 (2014ର 6ନଂ), ଧାରା 10ଦ୍ୱାରା ସନ୍ନିବେଶିତ (2-6-2014ଠାରୁ କାର୍ଯ୍ୟକାରୀ)।

[4] ନାଗାଲାଣ୍ଡ ରାଜ୍ୟ ଅଧିନିୟମ, 1962 (1962ର 27ନଂ), ଧାରା 4ଦ୍ୱାରା ସଂଯୁକ୍ତ କରାଯାଇଛି (1-12-1963ଠାରୁ କାର୍ଯ୍ୟକାରୀ)।

[5] ଉତ୍ତର-ପୂର୍ବାଞ୍ଚଳ (ପୁନର୍ଗଠନ) ଅଧିନିୟମ, 1971 (1971ର 81ନଂ), ଧାରା 9ଦ୍ୱାରା ସଂଯୁକ୍ତ କରାଯାଇଛି (21-1-1972ଠାରୁ କାର୍ଯ୍ୟକାରୀ)।

[6] ସମ୍ବିଧାନ (100ତମ ସଂଶୋଧନ) ଅଧିନିୟମ, 2015, ଧାରା 3 ଦ୍ୱାରା ସଂଯୁକ୍ତ କରାଯାଇଛି (31-7-2015ଠାରୁ କାର୍ଯ୍ୟକାରୀ)। ଅଧିନିୟମର ପାଠ ପାଇଁ, ପରିଶିଷ୍ଟ I ଦେଖନ୍ତୁ।

| ନାମ | ରାଜ୍ୟକ୍ଷେତ୍ର |
|---|---|
| 3. ବିହାର | [1][ଏହି ସମ୍ବିଧାନ ପ୍ରାରମ୍ଭର ଠିକ ପୂର୍ବରୁ ହୁଏତ ବିହାର ପ୍ରଦେଶରେ ସମାବିଷ୍ଟ ଥିବା ବା ସେହି ପ୍ରଦେଶର ଭାଗ ଭଳି ପ୍ରଶାସିତ ହେଉଥିବା ରାଜ୍ୟକ୍ଷେତ୍ରମାନ ଓ ବିହାର ଓ ଉତ୍ତର ପ୍ରଦେଶ (ସୀମା ପରିବର୍ତ୍ତନ) ଅଧିନିୟମ, 1968ର ଧାରା 3ର ଉପଧାରା (*1*)ର ଖଣ୍ଡ (*a*)ରେ ବିନିର୍ଦ୍ଦିଷ୍ଟ ରାଜ୍ୟକ୍ଷେତ୍ରମାନ, କିନ୍ତୁ ବିହାର ଓ ପଶ୍ଚିମବଙ୍ଗ (ରାଜ୍ୟକ୍ଷେତ୍ର ଅନ୍ତରଣ) ଅଧିନିୟମ, 1956ରେ ଧାରା 3ର ଉପଧାରା (*1*)ରେ ବିନିର୍ଦ୍ଦିଷ୍ଟ ରାଜ୍ୟ କ୍ଷେତ୍ରମାନ ଓ ପ୍ରଥମ ବର୍ଣ୍ଣିତ ଅଧିନିୟମର ଧାରା 3ର ଉପଧାରା (*1*)ର ଖଣ୍ଡ (*b*)ରେ ବିନିର୍ଦ୍ଦିଷ୍ଟ ରାଜ୍ୟକ୍ଷେତ୍ରମାନ [2][ଏବଂ ବିହାର ପୁନର୍ଗଠନ ଅଧିନିୟମ, 2000 ର ଧାରା 3ରେ ନିର୍ଦ୍ଦିଷ୍ଟ ଅଞ୍ଚଳ ତହିଁରୁ ବାଦ୍ ଦିଆଯାଇଛି ]।] |
| [3][4. ଗୁଜରାଟ] | ବମ୍ବେ ପୁନର୍ଗଠନ ଅଧିନିୟମ, 1960, ଧାରା 3ର ଉପଧାରା (*1*) ରେ ଉଲ୍ଲେଖିତ ରାଜ୍ୟକ୍ଷେତ୍ରମାନ ।] |
| 5. କେରଳ | ରାଜ୍ୟ ପୁନର୍ଗଠନ ଅଧିନିୟମ, 1956 ର ଧାରା 5ର ଉପଧାରା (*1*) ରେ ବିନିର୍ଦ୍ଦିଷ୍ଟ ରାଜ୍ୟକ୍ଷେତ୍ରମାନ । |
| 6. ମଧ୍ୟପ୍ରଦେଶ | ରାଜ୍ୟପୁନର୍ଗଠନ ଅଧିନିୟମ, 1956ରେ ଧାରା 9ର ଉପଧାରା (*1*)ର [4][ଏବଂ ରାଜସ୍ଥାନ ଓ ମଧ୍ୟପ୍ରଦେଶ (ରାଜ୍ୟକ୍ଷେତ୍ର ଅନ୍ତରଣ) ଅଧିନିୟମ, 1959ର ପ୍ରଥମ ଅନୁସୂଚୀରେ ବିନିର୍ଦ୍ଦିଷ୍ଟ ରାଜ୍ୟକ୍ଷେତ୍ରମାନ], [5][କିନ୍ତୁ ମଧ୍ୟପ୍ରଦେଶ ପୁନର୍ଗଠନ ଅଧିନିୟମ, 2000ର ଧାରା 3ରେ ଥିବା ନିର୍ଦ୍ଦିଷ୍ଟ ଅଞ୍ଚଳଗୁଡ଼ିକୁ ବାଦ୍ ଦିଆଯାଇଛି ।] |

[1] ବିହାର ଏବଂ ଉତ୍ତର ପ୍ରଦେଶ (ସୀମା ପରିବର୍ତ୍ତନ) ଅଧିନିୟମ, 1968 (1968ର 24ନଂ), ଧାରା 4 ଦ୍ୱାରା ପୂର୍ବବର୍ତ୍ତୀ ପ୍ରବିଷ୍ଟି ପାଇଁ ପ୍ରତିସ୍ଥାପିତ (10-6-1970ଠାରୁ କାର୍ଯ୍ୟକାରୀ)।

[2] ବିହାର ପୁନର୍ଗଠନ ଅଧିନିୟମ, 2000 (2000ର 30ନଂ), ଧାରା 5 ଦ୍ୱାରା ସଂଯୁକ୍ତ କରାଯାଇଛି (15-11-2000ଠାରୁ କାର୍ଯ୍ୟକାରୀ)।

[3] ବମ୍ବେ ପୁନର୍ଗଠନ ଅଧିନିୟମ, 1960 (1960ର 11ନଂ), ଧାରା 4 ଦ୍ୱାରା ପ୍ରତିସ୍ଥାପିତ (1-5-1960ଠାରୁ କାର୍ଯ୍ୟକାରୀ)।

[4] ରାଜସ୍ଥାନ ଏବଂ ମଧ୍ୟ ପ୍ରଦେଶ (ଅଞ୍ଚଳ ହସ୍ତାନ୍ତର) ଅଧିନିୟମ, 1959 (1959ର 47ନଂ), ଧାରା 4ଦ୍ୱାରା ସନ୍ନିବେଶିତ (1-10-1959ଠାରୁ କାର୍ଯ୍ୟକାରୀ)।

[5] ମଧ୍ୟ ପ୍ରଦେଶ ପୁନର୍ଗଠନ ଅଧିନିୟମ, 2000 (2000ର 28ନଂ), ଧାରା 5 ଦ୍ୱାରା ସଂଯୁକ୍ତ କରାଯାଇଛି (1-11-2000 ଠାରୁ କାର୍ଯ୍ୟକାରୀ)।

| ନାମ | ରାଜ୍ୟକ୍ଷେତ୍ର |
|---|---|
| [1][7. ତାମିଲନାଡୁ] | ଏହି ସମ୍ବିଧାନର ପ୍ରାରମ୍ଭର ଠିକ ପୂର୍ବରୁ ଯେଉଁ ରାଜ୍ୟ କ୍ଷେତ୍ର ହୁଏତ ମାଡ୍ରାସ ପ୍ରଦେଶରେ ସମାବିଷ୍ଟ ଥିଲା ବା ସେହି ପ୍ରଦେଶର ଭାଗ ଭଳି ପ୍ରଶାସିତ ହେଉଥିଲା ସେହି ରାଜ୍ୟକ୍ଷେତ୍ର ଏବଂ ରାଜ୍ୟ ପୁନର୍ଗଠନ ଅଧିନିୟମ, 1956ରେ ଧାରା 4ରେ ବିନିର୍ଦ୍ଦିଷ୍ଟ ରାଜ୍ୟକ୍ଷେତ୍ର [2][ଏବଂ ଆନ୍ଧ୍ରପ୍ରଦେଶ ଓ ମାଡ୍ରାସ ସୀମାପରିବର୍ତ୍ତନ ଅଧିନିୟମ, 1959ର ଦ୍ୱିତୀୟ ଅନୁସୂଚୀରେ ବିନିର୍ଦ୍ଦିଷ୍ଟ ରାଜ୍ୟକ୍ଷେତ୍ରମାନ], କିନ୍ତୁ ଆନ୍ଧ୍ର ରାଜ୍ୟ ଅଧିନିୟମ, 1953 ର ଧାରା 3ର ଉପଧାରା (*1*) ଓ ଧାରା (4)ର ଉପଧାରା (*1*) ରେ ବିନିର୍ଦ୍ଦିଷ୍ଟ ରାଜ୍ୟକ୍ଷେତ୍ର ଏବଂ ରାଜ୍ୟ ପୁନର୍ଗଠନ ଅଧିନିୟମ, [3][1956 ର ଧାରା 5ର ଉପଧାରା (*1*) ର ଖଣ୍ଡ (*b*) ରେ, ଧାରା 6 ଓ ଧାରା 7ର ଉପଧାରା (*1*)ର ଖଣ୍ଡ (*d*)ରେ ବିନିର୍ଦ୍ଦିଷ୍ଟ ରାଜ୍ୟକ୍ଷେତ୍ର ଏବଂ ଆନ୍ଧ୍ରପ୍ରଦେଶ ଓ ମାଡ୍ରାସ (ସୀମାପରିବର୍ତ୍ତନ) ଅଧିନିୟମ, 1959ର ପ୍ରଥମ ଅନୁସଚୀରେ ବିନିର୍ଦ୍ଦିଷ୍ଟ ରାଜ୍ୟକ୍ଷେତ୍ରମାନ ସେଥିରୁ ବାଦ୍ ଦିଆଯାଇଛି ।] |
| [4][8. ମହାରାଷ୍ଟ୍ର | ରାଜ୍ୟପୁନର୍ଗଠନ ଅଧିନିୟମ, 1956 ର ଧାରା 8ର ଉପଧାରା (*1*)ରେ ବିନିର୍ଦ୍ଦିଷ୍ଟ ରାଜ୍ୟକ୍ଷେତ୍ର କିନ୍ତୁ ବମ୍ବେ ପୂନର୍ଗଠନ ଅଧିନିୟମ, 1960 ର ଧାରା 3ର ଉପଧାରା (*1*) ରେ ଉଲ୍ଲେଖିତ କ୍ଷେତ୍ରଗୁଡ଼ିକୁ ବାଦ୍ ଦିଆଯାଇଛି ।] |
| [5][[6][9.] [କର୍ଣ୍ଣାଟକ] | ରାଜ୍ୟପୁନର୍ଗଠନ ଅଧିନିୟମ, 1956 ଧାରା 7ର ଉପଧାରା (*1*)ରେ ବିନିର୍ଦ୍ଦିଷ୍ଟ ରାଜ୍ୟକ୍ଷେତ୍ର [7][କିନ୍ତୁ ଆନ୍ଧ୍ରପ୍ରଦେଶ ଓ ମହୀଶୂର (ରାଜ୍ୟକ୍ଷେତ୍ର ଅନ୍ତରଣ) ଅଧିନିୟମ, 1968ର ଅନୁସୂଚୀରେ ବିନିର୍ଦ୍ଦିଷ୍ଟ ରାଜ୍ୟକ୍ଷେତ୍ରମାନ ସେଥିରୁ ବାଦ୍ ଦିଆଯାଇଛି ।] |

---

[1] ମାଡ୍ରାସ ରାଜ୍ୟ (ନାମ ପରିବର୍ତ୍ତନ) ଅଧିନିୟମ, 1968 (1968ର 53 ନଂ), ଧାରା 5ଦ୍ୱାରା "7. ମାଡ୍ରାସ" ପାଇଁ ପ୍ରତିସ୍ଥାପିତ (14-1-1969ଠାରୁ କାର୍ଯ୍ୟକାରୀ) ।

[2] ଆନ୍ଧ୍ରପ୍ରଦେଶ ଏବଂ ମାଡ୍ରାସ (ସୀମା ପରିବର୍ତ୍ତନ) ଅଧିନିୟମ, 1959 (1959ର 56ନଂ), ଧାରା 6 ଦ୍ୱାରା ସନ୍ନିବେଶିତ (1-4-1960 ଠାରୁ କାର୍ଯ୍ୟକାରୀ)।

[3] ଆନ୍ଧ୍ରପ୍ରଦେଶ ଏବଂ ମାଡ୍ରାସ (ସୀମା ପରିବର୍ତ୍ତନ) ଅଧିନିୟମ, 1959 (1959ର 56ନଂ), ଧାରା 6 ଦ୍ୱାରା ନିର୍ଦ୍ଦିଷ୍ଟ ଶବ୍ଦ ପାଇଁ ପ୍ରତିସ୍ଥାପିତ (1-4-1960 ଠାରୁ କାର୍ଯ୍ୟକାରୀ)।

[4] ବମ୍ବେ ପୁନର୍ଗଠନ ଅଧିନିୟମ, 1960 (1960ର 11ନଂ), ଧାରା 4 ଦ୍ୱାରା ସନ୍ନିବେଶିତ (1-5-1960 ଠାରୁ କାର୍ଯ୍ୟକାରୀ)।

[5] ମହୀଶୂର ରାଜ୍ୟ (ନାମ ପରିବର୍ତ୍ତନ) ଅଧିନିୟମ, 1973 (1973ର 31ନଂ), ଧାରା 5 ଦ୍ୱାରା "9. ମହୀଶୂର" ପାଇଁ ପ୍ରତିସ୍ଥାପିତ (1-11-1973 ଠାରୁ କାର୍ଯ୍ୟକାରୀ)।

[6] ବମ୍ବେ ପୁନର୍ଗଠନ ଅଧିନିୟମ, 1960 (1960ର 11ନଂ), ଧାରା 4 ଦ୍ୱାରା ପ୍ରବିଷ୍ଟି 8 ରୁ 14, ପୁନଃସଂଖ୍ୟାୟିତ ହୋଇ 9 ରୁ 15 ହୋଇଛି (1-5-1960 ଠାରୁ କାର୍ଯ୍ୟକାରୀ)।

[7] ଆନ୍ଧ୍ରପ୍ରଦେଶ ଏବଂ ମହୀଶୂର (ଅଞ୍ଚଳ ହସ୍ତାନ୍ତର) ଅଧିନିୟମ, 1968 (1968ର 36ନଂ), ଧାରା 4ଦ୍ୱାରା ସନ୍ନିବେଶିତ (1-10-1968 ଠାରୁ କାର୍ଯ୍ୟକାରୀ)।

| ନାମ | ରାଜ୍ୟକ୍ଷେତ୍ର |
|---|---|
| [1][10.] [2][ଓଡ଼ିଶା] | ଏହି ସମ୍ବିଧାନର ପ୍ରାରମ୍ଭର ଠିକ ପୂର୍ବରୁ ଯେଉଁ ରାଜ୍ୟକ୍ଷେତ୍ର ହୁଏତ ଓଡ଼ିଶା ପ୍ରଦେଶରେ ସମାବିଷ୍ଟ ଥିଲା କିମ୍ବା ସେହି ପ୍ରଦେଶର ଭାଗ ଭଳି ପ୍ରଶାସିତ ହେଉଥିଲା ସେହି ରାଜ୍ୟକ୍ଷେତ୍ରମାନ । |
| [1][11.] ପଞ୍ଜାବ | ରାଜ୍ୟ ପୁନର୍ଗଠନ ଅଧିନିୟମ, 1956 ର ଧାରା 11ରେ ବିନିର୍ଦ୍ଦିଷ୍ଟ ରାଜ୍ୟକ୍ଷେତ୍ର ଏବଂ ଅଧିକୃତ ରାଜ୍ୟକ୍ଷେତ୍ର (ମିଶ୍ରଣ), ଅଧିନିୟମ, [3][1960 ର ପ୍ରଥମ ଅନୁସୂଚୀର ଭାଗ IIରେ ନିର୍ଦ୍ଦିଷ୍ଟ ରାଜ୍ୟକ୍ଷେତ୍ର ମାନ], [4][କିନ୍ତୁ ସମ୍ବିଧାନ (ନବମ ସଂଶୋଧନ) ଅଧିନିୟମ, 1960ର ପ୍ରଥମ ଅନୁସୂଚୀର ଭାଗ 2ରେ ନିର୍ଦ୍ଦିଷ୍ଟ ରାଜ୍ୟକ୍ଷେତ୍ର] ଏବଂ [5][ପଞ୍ଜାବ ପୁନର୍ଗଠନ ଅଧିନିୟମ, 1966 ର ଧାରା 3ର ଉପଧାରା (*1*), ଧାରା 4 ରେ ଓ ଧାରା 5ର ଉପଧାରା (*1*)ରେ ବିନିର୍ଦ୍ଦିଷ୍ଟ ରାଜ୍ୟକ୍ଷେତ୍ରମାନ ସେଥିରୁ ବାଦ୍ ଦିଆଯାଇଛି ।] |
| [1][12.] ରାଜସ୍ଥାନ | ରାଜ୍ୟ ପୁନର୍ଗଠନ ଅଧିନିୟମ, 1956 ର ଧାରା 10ରେ ବିନିର୍ଦ୍ଦିଷ୍ଟ ରାଜ୍ୟକ୍ଷେତ୍ରମାନ, [6][କିନ୍ତୁ ରାଜସ୍ଥାନ ଓ ମଧ୍ୟପ୍ରଦେଶ (ରାଜ୍ୟକ୍ଷେତ୍ର ଅନ୍ତରଣ) ଅଧିନିୟମ, 1959ର ପ୍ରଥମ ଅନୁସୂଚୀରେ ବିନିର୍ଦ୍ଦିଷ୍ଟ ରାଜ୍ୟକ୍ଷେତ୍ର ତହିଁରୁ ବାଦ୍ ଦିଆଯାଇଛି ।] |

[1] ବମ୍ବେ ପୁନର୍ଗଠନ ଅଧିନିୟମ, 1960 (1960ର 11ନଂ'), ଧାରା 4 ଦ୍ୱାରା ପ୍ରବିଷ୍ଟି 8 ରୁ 14 ପୁନଃସଂଖ୍ୟାୟିତ ହୋଇ 9 ରୁ 15 ହୋଇଛି (1-5-1960 ଠାରୁ କାର୍ଯ୍ୟକାରୀ)।

[2] ଓଡ଼ିଶା (ନାମ ପରିବର୍ତ୍ତନ) ଅଧିନିୟମ, 2011 (2011ର 15ନଂ), ଧାରା 6 ଦ୍ୱାରା "ଓଡ଼ିଶା" ପାଇଁ ପ୍ରତିସ୍ଥାପିତ (1-11-2011ଠାରୁ କାର୍ଯ୍ୟକାରୀ)।

[3] ଅଧିଗୃହୀତ ଅଞ୍ଚଳ (ଏକୀକରଣ) ଅଧିନିୟମ, 1960 (1960ର 64 ନଂ), ଧାରା 4 ଦ୍ୱାରା ସନ୍ନିବେଶିତ (17-1-1961 ଠାରୁ କାର୍ଯ୍ୟକାରୀ)।

[4] ସମ୍ବିଧାନ (ନବମ ସଂଶୋଧନ) ଅଧିନିୟମ, 1960, ଧାରା 3 ଦ୍ୱାରା ସଂଯୁକ୍ତ କରାଯାଇଛି (17-1-1961 ଠାରୁ କାର୍ଯ୍ୟକାରୀ)।

[5] ପଞ୍ଜାବ ପୁନର୍ଗଠନ ଅଧିନିୟମ, 1966 (1966ର 31ନଂ), ଧାରା 7 ଦ୍ୱାରା ସଂଯୁକ୍ତ କରାଯାଇଛି (1-11-1966 ଠାରୁ କାର୍ଯ୍ୟକାରୀ)।

[6] ରାଜସ୍ଥାନ ଏବଂ ମଧ୍ୟ ପ୍ରଦେଶ (ଅଞ୍ଚଳ ହସ୍ତାନ୍ତର) ଅଧିନିୟମ, 1959 (1959ର 47ନଂ), ଧାରା 4ଦ୍ୱାରା ସନ୍ନିବେଶିତ (1-10-1959 ଠାରୁ କାର୍ଯ୍ୟକାରୀ)।

| ନାମ | ରାଜ୍ୟକ୍ଷେତ୍ର |
|---|---|
| [1][13.] ଉତ୍ତର ପ୍ରଦେଶ | [2][ଏହି ସମ୍ବିଧାନର ପ୍ରାରମ୍ଭର ଠିକ ପୂର୍ବରୁ ହୁଏତ ମିଳିତ ପ୍ରଦେଶ ନାମରେ ଜ୍ଞାତ ପ୍ରଦେଶରେ ସମାବିଷ୍ଟ ଥିବା ବା ସେହି ପ୍ରଦେଶର ଭାଗ ଭଳି ପ୍ରଶାସିତ ହେଉଥିବା ରାଜ୍ୟକ୍ଷେତ୍ରମାନ ଏବଂ ବିହାର ଓ ଉତ୍ତର ପ୍ରଦେଶ (ସୀମାପରିବର୍ତ୍ତନ) ଅଧିନିୟମ, 1968, ଧାରା 3, ଉପଧାରା (*1*)ର ଖଣ୍ଡ (*b*)ରେ ବିନିର୍ଦ୍ଦିଷ୍ଟ ରାଜ୍ୟକ୍ଷେତ୍ରମାନ ଏବଂ ହରିୟାଣା ଏବଂ ଉତ୍ତର ପ୍ରଦେଶ (ସୀମା ପରିବର୍ତ୍ତନ) ଅଧିନିୟମ, 1979ର ଧାରା 4, ଉପଧାରା (*1*)ର ଖଣ୍ଡ(*b*)ରେ ବିନିର୍ଦ୍ଦିଷ୍ଟ ଅଞ୍ଚଳ, କିନ୍ତୁ ସେହି ଅଧିନିୟମର ଧାରା 3, ଉପଧାରା (*1*)ର ଖଣ୍ଡ (*a*)ରେ ବିନିର୍ଦ୍ଦିଷ୍ଟ ରାଜ୍ୟକ୍ଷେତ୍ରମାନ, [3][ଏବଂ ଉତ୍ତର ପ୍ରଦେଶ ପୁନର୍ଗଠନ ଅଧିନିୟମ, 2000ର ଧାରା 3ରେ ଥିବା ନିର୍ଦ୍ଦିଷ୍ଟ ଅଞ୍ଚଳ] ଏବଂ ହରିୟାଣା ଏବଂ ଉତ୍ତର ପ୍ରଦେଶ (ସୀମା ପରିବର୍ତ୍ତନ) ଅଧିନିୟମ, 1979ର ଧାରା 4, ଉପଧାରା (*1*)ର ଖଣ୍ଡ(*a*)ରେ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ସେଥିରୁ ବାଦ୍ ଦିଆଯାଇଛି ।] |
| [1][14] ପଶ୍ଚିମବଙ୍ଗ | ଏହି ସମ୍ବିଧାନର ପ୍ରାରମ୍ଭର ଠିକ ପୂର୍ବରୁ ଯେଉଁ ଆଞ୍ଚଳ ପଶ୍ଚିମବଙ୍ଗ ପ୍ରଦେଶରେ ସମାବିଷ୍ଟ ଥିଲା କିମ୍ବା ସେହି ପ୍ରଦେଶର ଅଂଶ ଭଳି ପ୍ରଶାସିତ ହେଉଥିଲା କିମ୍ବା ଚନ୍ଦନ ନଗର (ମିଶ୍ରଣ) ଅଧିନିୟମ, 1954, ଧାରା 2, ଖଣ୍ଡ (*c*)ଦ୍ୱାରା ସଜ୍ଞାୟିତ ହୋଇଛି ଏବଂ ବିହାର ଓ ପଶ୍ଚିମବଙ୍ଗ (ରାଜ୍ୟ-କ୍ଷେତ୍ର ଅନ୍ତରଣ) ଅଧିନିୟମ, 1956ର ଧାରା 3, ଉପଧାରା (*1*)ରେ ବିନିର୍ଦ୍ଦିଷ୍ଟ ରାଜ୍ୟକ୍ଷେତ୍ରମାନ, [4][ଏବଂ ପ୍ରଥମ ଅନୁସୂଚୀର ଭାଗ IIIରେ ଉଲ୍ଲେଖିତ ଅଞ୍ଚଳଗୁଡ଼ିକ କିନ୍ତୁ ସମ୍ବିଧାନ (100ତମ ସଂଶୋଧନ) ଅଧିନିୟମ, 2015ର ଦ୍ୱିତୀୟ ଅନୁସୂଚୀର ଭାଗ IIIରେ ଉଲ୍ଲେଖିତ ଅଞ୍ଚଳଗୁଡ଼ିକୁ ବାଦ୍ ଦେଇ, ସମ୍ବିଧାନ (ନବମ ସଂଶୋଧନ) ଅଧିନିୟମ, 1960, ଧାରା 3, ଖଣ୍ଡ (*c*)ରେ ଥିବା ଯେକୌଣସି ବିଷୟ ଥିବା ସତ୍ତ୍ୱେ, ଯେପର୍ଯ୍ୟନ୍ତ ଏହା ପ୍ରଥମ ଅନୁସୂଚୀର ଭାଗ IIIରେ ଉଲ୍ଲେଖିତ ଅଞ୍ଚଳଗୁଡ଼ିକ ଏବଂ ସମ୍ବିଧାନ (100ତମ ସଂଶୋଧନ) ଅଧିନିୟମ, 2015ର ଦ୍ୱିତୀୟ ଅନୁସୂଚୀର ଭାଗ IIIରେ ଉଲ୍ଲେଖିତ ଅଞ୍ଚଳଗୁଡ଼ିକ ସହିତ ସମ୍ବନ୍ଧିତ।] |

[1] ବମ୍ବେ ପୁନର୍ଗଠନ ଅଧିନିୟମ, 1960 (1960ର 11 ନଂ), ଧାରା 4 ଦ୍ୱାରା ପ୍ରବିଷ୍ଟି 8 ରୁ 14 ପୁନଃସଂଖ୍ୟାୟିତ ହୋଇ 9 ରୁ 15 ହୋଇଛି (1-5-1960 ଠାରୁ କାର୍ଯ୍ୟକାରୀ)।

[2] ହରିୟାଣା ଏବଂ ଉତ୍ତର ପ୍ରଦେଶ (ସୀମା ପରିବର୍ତ୍ତନ) ଅଧିନିୟମ, 1979 (1979ର 31ନଂ), ଧାରା 5 ଦ୍ୱାରା "13.ଉତ୍ତରପ୍ରଦେଶ" ବିପକ୍ଷରେ ଥିବା ପ୍ରବିଷ୍ଟି ପାଇଁ ପ୍ରତିସ୍ଥାପିତ (15-9-1983 ଠାରୁ କାର୍ଯ୍ୟକାରୀ)।

[3] ଉତ୍ତର ପ୍ରଦେଶ ପୁନର୍ଗଠନ ଅଧିନିୟମ, 2000 (2000ର 29ନଂ), ଧାରା 5 ଦ୍ୱାରା ସନ୍ନିବେଶିତ (9-11-2000ଠାରୁ କାର୍ଯ୍ୟକାରୀ)।

[4] ସମ୍ବିଧାନ (100ତମ ସଂଶୋଧନ) ଅଧିନିୟମ, 2015, ଧାରା 3 ଦ୍ୱାରା ସଂଯୁକ୍ତ କରାଯାଇଛି । ଅଧିନିୟମର ପାଠ ପାଇଁ ପରିଶିଷ୍ଟ I ଦେଖନ୍ତୁ (31-7-2015 ଠାରୁ କାର୍ଯ୍ୟକାରୀ) ।

| ନାମ | ରାଜ୍ୟକ୍ଷେତ୍ର |
|---|---|
| [1][[2][** | * * *]] |
| [3][[4][15.] ନାଗାଲଣ୍ଡ | ନାଗାଲାଣ୍ଡ ରାଜ୍ୟ ଅଧିନିୟମ, 1962 ର ଧାରା 3, ଉପଧାରା (*1*)ରେ ବିନିର୍ଦ୍ଦିଷ୍ଟ ରାଜ୍ୟକ୍ଷେତ୍ରମାନ ।] |
| [3][[5][16.] ହରିୟାଣା | [6][ପଞ୍ଜାବ ପୁନର୍ଗଠନ ଅଧିନିୟମ, 1966 ର ଧାରା 3, ଉପଧାରା (*1*)ରେ ବିନିର୍ଦ୍ଦିଷ୍ଟ ରାଜ୍ୟକ୍ଷେତ୍ରମାନ ଏବଂ ହରିୟାଣା ଏବଂ ଉତ୍ତର ପ୍ରଦେଶ (ସୀମା ପରିବର୍ତ୍ତନ) ଅଧିନିୟମ, 1979ର ଧାରା 4ର ଉପଧାରା (*1*)ର ଖଣ୍ଡ (*a*)ରେ ଥିବା ନିର୍ଦ୍ଦିଷ୍ଟ ଅଞ୍ଚଳ, କିନ୍ତୁ ସେହି ଅଧିନିୟମର ଧାରା 4, ଉପଧାରା (*1*)ର ଖଣ୍ଡ (*v*)ରେ ନିର୍ଦ୍ଦିଷ୍ଟ ହୋଇଥିବା ଅଞ୍ଚଳଗୁଡ଼ିକୁ ବାଦ୍ ଦେଇ ।] |
| [3][[7][17.] ହିମାଚଳ ପ୍ରଦେଶ | ଏହି ସମ୍ବିଧାନର ପ୍ରାରମ୍ଭର ଅବ୍ୟବହିତ ପୂର୍ବରୁ ଯେଉଁ ରାଜ୍ୟକ୍ଷେତ୍ର ହିମାଚଳ ପ୍ରଦେଶ ଓ ବିଳାସପୁର ନାମରେ ମୁଖ୍ୟ ଆୟୁକ୍ତ ପ୍ରଦେଶ ହୋଇଥିବା ଭଳି ପ୍ରଶାସିତ ହେଉଥିଲ ସେହି ରାଜ୍ୟକ୍ଷେତ୍ରମାନ ଓ ପଞ୍ଜାବ ପୁନର୍ଗଠନ ଅଧିନିୟମ, 1966ର ଧାରା 5, ଉପଧାରା (*1*)ରେ ବିନିର୍ଦ୍ଦିଷ୍ଟ ରାଜ୍ୟକ୍ଷେତ୍ରମାନ ।] |
| [3][[8][18.] ମଣିପୁର | ଏହି ସମ୍ବିଧାନର ପ୍ରାରମ୍ଭର ଅବ୍ୟବହିତ ପୂର୍ବରୁ ଯେଉଁ ରାଜ୍ୟକ୍ଷେତ୍ର ମଣିପୁର ନାମରେ ମୁଖ୍ୟ ଆୟୁକ୍ତଙ୍କ ପ୍ରଦେଶ ହୋଇଥିବା ଭଳି, ପ୍ରଶାସିତ ହେଉଥିଲେ ସେହି ରାଜ୍ୟକ୍ଷେତ୍ରମାନ ।] |

[1] ଜମ୍ମୁ ଓ କାଶ୍ମୀର ପୁନର୍ଗଠନ ଅଧିନିୟମ, 2019 (2019ର 34ନଂ), ଧାରା 6 ଦ୍ୱାରା ଜମ୍ମୁ ଓ କାଶ୍ମୀର ସମ୍ବନ୍ଧୀୟ **ପ୍ରବିଷ୍ଟି 15କୁ ବାଦ୍ ଦିଆଯାଇଛି (31-10-2019 ଠାରୁ କାର୍ଯ୍ୟକାରୀ)।

[2] ବମ୍ବେ ପୁନର୍ଗଠନ ଅଧିନିୟମ, 1960 (1960ର 11ନଂ), ଧାରା 4 ଦ୍ୱାରା ପ୍ରବିଷ୍ଟି 8 ରୁ 14 ପୁନଃସଂଖ୍ୟାୟିତ ହୋଇ 9 ରୁ 15 ହୋଇଛି (1-5-1960 ଠାରୁ କାର୍ଯ୍ୟକାରୀ)।

[3] ଜମ୍ମୁ ଓ କାଶ୍ମୀର ପୁନର୍ଗଠନ ଅଧିନିୟମ, 2019 (2019ର 34 ନଂ), ଧାରା 6 ଦ୍ୱାରା ପ୍ରବିଷ୍ଟି 16 ରୁ 29 ପୁନଃସଂଖ୍ୟାୟିତ ହୋଇ 15 ରୁ 28 ହୋଇଛି (31-10-2019 ଠାରୁ କାର୍ଯ୍ୟକାରୀ)।

[4] ନାଗାଲାଣ୍ଡ ରାଜ୍ୟ ଅଧିନିୟମ, 1962 (1962ର 27ନଂ), ଧାରା 4 ଦ୍ୱାରା ସନ୍ନିବେଶିତ (1-12-1963 ଠାରୁ କାର୍ଯ୍ୟକାରୀ)।

[5] ପଞ୍ଜାବ ପୁନର୍ଗଠନ ଅଧିନିୟମ, 1966 (1966ର 31 ନଂ), ଧାରା 7 ଦ୍ୱାରା ସନ୍ନିବେଶିତ (1-11-1966 ଠାରୁ କାର୍ଯ୍ୟକାରୀ) ଏବଂ ତହିଁରେ ଥିବା ପ୍ରବିଷ୍ଟି ପରେ ହରିୟାଣା ଏବଂ ଉତ୍ତର ପ୍ରଦେଶ (ସୀମା ପରିବର୍ତ୍ତନ) ଅଧିନିୟମ, 1979 (1979ର 31 ନଂ), ଧାରା 5 ଦ୍ୱାରା ସଂଶୋଧିତ (15-9-1983 ଠାରୁ କାର୍ଯ୍ୟକାରୀ) ।

[6] ହରିୟାଣା ଏବଂ ଉତ୍ତର ପ୍ରଦେଶ (ସୀମା ପରିବର୍ତ୍ତନ) ଅଧିନିୟମ, 1979 (1979ର 31 ନଂ), ଧାରା 5 ଦ୍ୱାରା "17. ହରିୟାଣା" ବିପକ୍ଷରେ ଥିବା ପ୍ରବିଷ୍ଟି ପାଇଁ ପ୍ରତିସ୍ଥାପିତ (15-9-1983 ଠାରୁ କାର୍ଯ୍ୟକାରୀ)।

[7] ହିମାଚଳ ପ୍ରଦେଶ ରାଜ୍ୟ ଅଧିନିୟମ, 1970 (1970ର 53ନଂ), ଧାରା 4 ଦ୍ୱାରା ସନ୍ନିବେଶିତ (25-1-1971 ଠାରୁ କାର୍ଯ୍ୟକାରୀ)।

[8] ଉତ୍ତର-ପୂର୍ବାଞ୍ଚଳ (ପୁନର୍ଗଠନ) ଅଧିନିୟମ, 1971 (1971ର 81ନଂ), ଧାରା 9 ଦ୍ୱାରା ସନ୍ନିବେଶିତ (21-1-1972 ଠାରୁ କାର୍ଯ୍ୟକାରୀ)।

| ନାମ | ରାଜ୍ୟକ୍ଷେତ୍ର |
|---|---|
| [1][19.] ତ୍ରିପୁରା | ଏହି ସମ୍ବିଧାନର ପ୍ରାରମ୍ଭର ଠିକ ପୂର୍ବରୁ ଯେଉଁ ରାଜ୍ୟକ୍ଷେତ୍ରମାନ ତ୍ରିପୁରା ନାମରେ ମୁଖ୍ୟ ଆୟୁକ୍ତଙ୍କ ପ୍ରଦେଶ ହୋଇଥିବା ଭଳି ପ୍ରଶାସିତ ହେଉଥିଲା ସେହି ରାଜ୍ୟକ୍ଷେତ୍ରମାନ [2][ଏବଂ ସମ୍ବିଧାନ (100ତମ ସଂଶୋଧନ) ଅଧିନିୟମ, 2015ର ପ୍ରଥମ ଅନୁସୂଚୀର ଭାଗ IIରେ ଉଲ୍ଲେଖିତ ଅଞ୍ଚଳଗୁଡ଼ିକ, ସମ୍ବିଧାନ (ନବମ ସଂଶୋଧନ) ଅଧିନିୟମ, 1960 ର ଧାରା 3, ଖଣ୍ଡ (*d*)ରେ ଥିବା ଯେକୌଣସି ବିଷୟ ଥିବା ସତ୍ତ୍ୱେ, ସମ୍ବିଧାନ (100ତମ ସଂଶୋଧନ) ଅଧିନିୟମ, 2015ର ପ୍ରଥମ ଅନୁସୂଚୀର ଭାଗ IIରେ ଉଲ୍ଲେଖିତ ଅଞ୍ଚଳଗୁଡ଼ିକ ସମ୍ବନ୍ଧିତ ।] |
| [1][20.] ମେଘାଳୟ | ଉତ୍ତର ପୂର୍ବାଞ୍ଚଳ କ୍ଷେତ୍ର (ପୁନର୍ଗଠନ) ଅଧିନିୟମ, 1971ର ଧାରା 5ରେ ବିନିର୍ଦ୍ଦିଷ୍ଟ ରାଜ୍ୟକ୍ଷେତ୍ରମାନ] [2][ଏବଂ ପ୍ରଥମ ଅନୁସୂଚୀର ଭାଗ Iରେ ଉଲ୍ଲେଖିତ ଅଞ୍ଚଳଗୁଡ଼ିକ କିନ୍ତୁ ସମ୍ବିଧାନ (100ତମ ସଂଶୋଧନ) ଅଧିନିୟମ, 2015ର ଦ୍ୱିତୀୟ ଅନୁସୂଚୀର ଭାଗ IIରେ ଉଲ୍ଲେଖିତ ସମାବିଷ୍ଟ ଅଞ୍ଚଳଗୁଡ଼ିକୁ ବାଦ୍ ଦେଇ।] |
| [1][[3][21.] ସିକିମ | ସମ୍ବିଧାନ (36ତମ ସଂଶୋଧନ) ଅଧିନିୟମ, 1975ର ପ୍ରାରମ୍ଭର ଠିକ ପୂର୍ବରୁ ସିକିମରେ ସମାବିଷ୍ଟ ରାଜ୍ୟକ୍ଷେତ୍ରମାନ ।] |
| [1][[4][22.] ମିଜୋରାମ | ଉତ୍ତରପୂର୍ବାଞ୍ଚଳ (ପୁନର୍ଗଠନ) ଅଧିନିୟମ, 1971ର ଧାରା 6ରେ ବିନିର୍ଦ୍ଦିଷ୍ଟ ରାଜ୍ୟକ୍ଷେତ୍ରମାନ ।] |
| [1][[5][23.] ଅରୁଣାଚଳ ପ୍ରଦେଶ | ଉତ୍ତରପୂର୍ବାଞ୍ଚଳ (ପୁନର୍ଗଠନ) ଅଧିନିୟମ, 1971ର ଧାରା 7ରେ ବିନିର୍ଦ୍ଦିଷ୍ଟ ରାଜ୍ୟକ୍ଷେତ୍ରମାନ ।] |
| [1][[6][24.] ଗୋଆ | ଗୋଆ, ଡାମନ ଏବଂ ଡିଉ ପୁନର୍ଗଠନ ଅଧିନିୟମ, 1987 ର ଧାରା 3ରେ ବିନିର୍ଦ୍ଦିଷ୍ଟ ରାଜ୍ୟକ୍ଷେତ୍ରମାନ ।] |

[1] ଜମ୍ମୁ ଓ କାଶ୍ମୀର ପୁନର୍ଗଠନ ଅଧିନିୟମ, 2019 (2019ର 34ନଂ), ଧାରା 6 ଦ୍ୱାରା ପ୍ରବିଷ୍ଟି 16 ରୁ 29 ପୁନଃସଂଖ୍ୟାୟିତ ହୋଇ 15 ରୁ 28 ହୋଇଛି (31-10-2019ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (100 ତମ ସଂଶୋଧନ) ଅଧିନିୟମ, 2015, ଧାରା 3 ଦ୍ୱାରା ସଂଯୁକ୍ତ କରାଯାଇଛି (31-7-2015 ଠାରୁ କାର୍ଯ୍ୟକାରୀ)। ଅଧିନିୟମର ପାଠ ପାଇଁ, ପରିଶିଷ୍ଟ I ଦେଖନ୍ତୁ ।

[3] ସମ୍ବିଧାନ (36ତମ ସଂଶୋଧନ) ଅଧିନିୟମ, 1975, ଧାରା 2 ଦ୍ୱାରା ସନ୍ନିବେଶିତ (26-4-1975ଠାରୁ କାର୍ଯ୍ୟକାରୀ) ।

[4] ମିଜୋରାମ ରାଜ୍ୟ ଅଧିନିୟମ, 1986 (1986ର 34ନଂ), ଧାରା 4 ଦ୍ୱାରା ସନ୍ନିବେଶିତ (20-2-1987ଠାରୁ କାର୍ଯ୍ୟକାରୀ) ।

[5] ଅରୁଣାଚଳ ପ୍ରଦେଶ ରାଜ୍ୟ ଅଧିନିୟମ, 1986 (1986ର 69ନଂ), ଧାରା 4 ଦ୍ୱାରା ସନ୍ନିବେଶିତ (20-2-1987ଠାରୁ କାର୍ଯ୍ୟକାରୀ) ।

[6] ଗୋଆ, ଡାମନ ଏବଂ ଡିଉ ପୁନର୍ଗଠନ ଅଧିନିୟମ, 1987 (1987ର 18ନଂ), ଧାରା 5ଦ୍ୱାରା ସନ୍ନିବେଶିତ (30-5-1987 ଠାରୁ କାର୍ଯ୍ୟକାରୀ) ।

| ନାମ | ରାଜ୍ୟକ୍ଷେତ୍ର |
|---|---|
| [1][[2][25.] ଛତିଶଗଡ଼ | ମଧ୍ୟପ୍ରଦେଶ ପୁନର୍ଗଠନ ଅଧିନିୟମ, 2000, ଧାରା 3ରେ ବିନିର୍ଦ୍ଦିଷ୍ଟ ରାଜ୍ୟକ୍ଷେତ୍ରମାନ ।] |
| [1][[3][26.] [4][ଉତ୍ତରାଖଣ୍ଡ] | ଉତ୍ତରାଖଣ୍ଡର ପୁନର୍ଗଠନ ଅଧିନିୟମ, 2000, ଧାରା 3ରେ ବିନିର୍ଦ୍ଦିଷ୍ଟ ରାଜ୍ୟକ୍ଷେତ୍ରମାନ ।] |
| [1][[5][27.] ଝାଡ଼ଖଣ୍ଡ | ବିହାର ପୁନର୍ଗଠନ ଅଧିନିୟମ, 2000, ଧାରା 3ରେ ଉଲ୍ଲେଖିତ ରାଜ୍ୟକ୍ଷେତ୍ରମାନ ।] |
| [1][[6][28.] ତେଲଙ୍ଗାନା | ଆନ୍ଧ୍ରପ୍ରଦେଶ ପୁନର୍ଗଠନ ଅଧିନିୟମ, 2014, ଧାରା 3ରେ ବିନିର୍ଦ୍ଦିଷ୍ଟ ରାଜ୍ୟକ୍ଷେତ୍ରମାନ।] |

## 2. କେନ୍ଦ୍ରଶାସିତ ଅଞ୍ଚଳ

| ନାମ | ପରିସର |
|---|---|
| 1.ଦିଲ୍ଲୀ | ଏହି ସମ୍ବିଧାନର ପ୍ରାରମ୍ଭର ଠିକ ପୂର୍ବରୁ ଯେଉଁ ରାଜ୍ୟକ୍ଷେତ୍ରମାନ ମୁଖ୍ୟ ଆୟୁକ୍ତଙ୍କ ଦିଲ୍ଲୀ ପ୍ରଦେଶରେ ସମାବିଷ୍ଟ ଥିଲା ସେହି ରାଜ୍ୟକ୍ଷେତ୍ରମାନ । |
| [7][* * | * * *] |
| [8][2.] ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ | ଏହି ସମ୍ବିଧାନର ପ୍ରାରମ୍ଭର ଠିକ ପୂର୍ବରୁ ଯେଉଁ ରାଜ୍ୟକ୍ଷେତ୍ରମାନ ମୁଖ୍ୟ ଆୟୁକ୍ତଙ୍କ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ପ୍ରଦେଶରେ ସମାବିଷ୍ଟ ଥିଲା ସେହି ରାଜ୍ୟକ୍ଷେତ୍ରମାନ । |

---

[1] ଜମ୍ମୁ ଓ କାଶ୍ମୀର ପୁନର୍ଗଠନ ଅଧିନିୟମ, 2019 (2019ର 34ନଂ), ଧାରା 6 ଦ୍ୱାରା ପ୍ରବିଷ୍ଟି 16 ରୁ 29 ପୁନଃସଂଖ୍ୟାଙ୍କିତ ହୋଇ 15 ରୁ 28 ହୋଇଛି (31-10-2019ଠାରୁ କାର୍ଯ୍ୟକାରୀ)।

[2] ମଧ୍ୟ ପ୍ରଦେଶ ପୁନର୍ଗଠନ ଅଧିନିୟମ, 2000 (2000ର 28ନଂ), ଧାରା 5ଦ୍ୱାରା ସଂଯୁକ୍ତ କରାଯାଇଛି (1-11-2000ଠାରୁ କାର୍ଯ୍ୟକାରୀ) ।

[3] ଉତ୍ତର ପ୍ରଦେଶ ପୁନର୍ଗଠନ ଅଧିନିୟମ, 2000 (2000ର 29ନଂ), ଧାରା 5ଦ୍ୱାରା ସନ୍ନିବେଶିତ (9-11-2000ଠାରୁ କାର୍ଯ୍ୟକାରୀ) ।

[4] ଉତ୍ତରାଞ୍ଚଳ (ନାମ ପରିବର୍ତ୍ତନ) ଅଧିନିୟମ, 2006 (2006ର 52ନଂ), ଧାରା 4ଦ୍ୱାରା "ଉତ୍ତରାଞ୍ଚଳ" ଶବ୍ଦ ପାଇଁ ପ୍ରତିସ୍ଥାପିତ (1-1-2007 ଠାରୁ କାର୍ଯ୍ୟକାରୀ) ।

[5] ବିହାର ପୁନର୍ଗଠନ ଅଧିନିୟମ, 2000 (2000ର 30ନଂ), ଧାରା 5ଦ୍ୱାରା ସଂଯୁକ୍ତ କରାଯାଇଛି (15-11-2000ଠାରୁ କାର୍ଯ୍ୟକାରୀ) ।

[6] ଆନ୍ଧ୍ରପ୍ରଦେଶ ପୁନର୍ଗଠନ ଅଧିନିୟମ, 2014 (2014ର 6 ନଂ), ଧାରା 10 ଦ୍ୱାରା ସନ୍ନିବେଶିତ (2-6-2014ଠାରୁ କାର୍ଯ୍ୟକାରୀ) ।

[7] ହିମାଚଳ ପ୍ରଦେଶ ରାଜ୍ୟ ଅଧିନିୟମ, 1970 (1970ର 53 ନଂ), ଧାରା 4 ଦ୍ୱାରା ହିମାଚଳ ପ୍ରଦେଶ ସମ୍ବନ୍ଧୀୟ ପ୍ରବିଷ୍ଟି 2 ବାଦ୍ ଦିଆଯାଇଛି ଏବଂ ପ୍ରବିଷ୍ଟି 3 ରୁ 10 ପୁନଃସଂଖ୍ୟାୟିତ ହୋଇ 2 ରୁ 9 ହୋଇଛି (25-1-1971 ଠାରୁ କାର୍ଯ୍ୟକାରୀ) ଏବଂ ପରେ ଉତ୍ତର-ପୂର୍ବାଞ୍ଚଳ (ପୁନର୍ଗଠନ) ଅଧିନିୟମ, 1971 (1971ର 81 ନଂ), ଧାରା 9 ଦ୍ୱାରା ମଣିପୁର ଓ ତ୍ରିପୁରା ସମ୍ବନ୍ଧୀୟ ପ୍ରବିଷ୍ଟି (ଅର୍ଥାତ୍ ପ୍ରବିଷ୍ଟି 2 ଓ 3) ବାଦ୍ ଦିଆଯାଇଛି (21-1-1972 ଠାରୁ କାର୍ଯ୍ୟକାରୀ) ।

[8] ଉତ୍ତର-ପୂର୍ବାଞ୍ଚଳ (ପୁନର୍ଗଠନ) ଅଧିନିୟମ, 1971 (1971ର 81ନଂ), ଧାରା 9 ଦ୍ୱାରା ପ୍ରବିଷ୍ଟି 4 ରୁ 9 ପୁନଃସଂଖ୍ୟାୟିତ ହୋଇ 2 ରୁ 7 ହୋଇଛି (21-1-1972 ଠାରୁ କାର୍ଯ୍ୟକାରୀ)।

| ନାମ | ରାଜ୍ୟକ୍ଷେତ୍ର |
|---|---|
| [1][3.] [2][ଲାକ୍ଷାଦ୍ୱୀପ] | ରାଜ୍ୟପୁନର୍ଗଠନ ଅଧିନିୟମ, 1956, ଧାରା 6ରେ ବିନିର୍ଦ୍ଦିଷ୍ଟ ରାଜ୍ୟକ୍ଷେତ୍ରମାନ । |
| [3][[1][4.] ଦାଦ୍ରା ଓ ନଗର ହବେଲୀ ଏବଂ ଡାମନ ଓ ଡିଉ | 1961 ମସିହା ଅଗଷ୍ଟମାସର ଏକାଦଶ ଦିବସର ଅବ୍ୟବହିତ ପୂର୍ବରୁ ଯେଉଁ ରାଜ୍ୟକ୍ଷେତ୍ର ମୁକ୍ତ ଦାଦ୍ରା ଓ ନଗର ହବେଲୀରେ ସମାବିଷ୍ଟ ଥିଲା ସେହି ରାଜ୍ୟକ୍ଷେତ୍ରମାନ ଏବଂ ନଗର ହବେଲୀ ଏବଂ ଗୋଆ, ଡାମନ ଓ ଡିଉ ପୁନର୍ଗଠନ ଅଧିନିୟମ, 1987 ର ଧାରା 4ରେ ବିନିର୍ଦ୍ଦିଷ୍ଟ ରାଜ୍ୟକ୍ଷେତ୍ରମାନ ।] |
| [4][[1][*][3] [ | * * * *] |
| [5][[1][6.] [6][ ପୁଡୁଚେରୀ] | 1962 ମସିହା ଅଗଷ୍ଟ ମାସର ଷୋହଳ ତାରିଖର ଠିକ ପୂର୍ବରୁ ଯେଉଁ ରାଜ୍ୟକ୍ଷେତ୍ର ପଣ୍ଡିଚେରୀ, କାରିକଲ, ମାହେ ଏବଂ ୟନମ ନାମରେ ଜ୍ଞାତ ଭାରତର ଫରାସୀ ଏଷ୍ଟାବ୍ଲିସମେଣ୍ଟରେ ସମାବିଷ୍ଟ ଥିଲା ସେହି ରାଜ୍ୟକ୍ଷେତ୍ରମାନ ।] |
| [7][[1][7.] [ଚଣ୍ଡୀଗଡ଼] | ପଞ୍ଜାବ ପୁନର୍ଗଠନ ଅଧିନିୟମ, 1966, ଧାରା 4ରେ ବିନିର୍ଦ୍ଦିଷ୍ଟ ରାଜ୍ୟକ୍ଷେତ୍ରମାନ ।] |

[1] ଉତ୍ତର-ପୂର୍ବାଞ୍ଚଳ (ପୁନର୍ଗଠନ) ଅଧିନିୟମ, 1971 (1971ର 81 ନଂ), ଧାରା 9 ଦ୍ୱାରା ପ୍ରବିଷ୍ଟି 4 ରୁ 9 ପୁନଃସଂଖ୍ୟାୟିତ ହୋଇ 2 ରୁ 7 ହୋଇଛି (21-1-1972 ଠାରୁ କାର୍ଯ୍ୟକାରୀ)।

[2] ଲାକାଡିଭ, ମିନିକୟ ଏବଂ ଆମିନ୍ଦିଭି ଦ୍ୱୀପପୁଞ୍ଜ (ନାମ ପରିବର୍ତ୍ତନ) ଅଧିନିୟମ, 1973 (1973ର 34 ନଂ), ଧାରା 5 ଦ୍ୱାରା "ଲାକାଡିଭ, ମିନିକୟ ଏବଂ ଆମିନ୍ଦିଭି ଦ୍ୱୀପପୁଞ୍ଜ" ପାଇଁ ପ୍ରତିସ୍ଥାପିତ (1-11-1973 ଠାରୁ କାର୍ଯ୍ୟକାରୀ)।

[3] ସମ୍ବିଧାନ (ଦଶମ ସଂଶୋଧନ) ଅଧିନିୟମ, 1961, ଧାରା 2 ଦ୍ୱାରା ଦାଦ୍ରା ଏବଂ ନଗର ହବେଲୀ ସମ୍ବନ୍ଧୀୟ ପ୍ରବିଷ୍ଟି 4 ସନ୍ନିବେଶିତ (11-8-1961 ଠାରୁ କାର୍ଯ୍ୟକାରୀ)। ଏବଂ ପରେ ଦାଦ୍ରା ଓ ନଗର ହବେଲୀ, ଡାମନ ଓ ଡିଉ (କେନ୍ଦ୍ରଶାସିତ ଅଞ୍ଚଳ ଏକୀକରଣ) ଅଧିନିୟମ, 2019 (2019ର 44), ଧାରା 5 ଦ୍ୱାରା ପ୍ରବିଷ୍ଟି 4 ଓ 5 ପାଇଁ ପ୍ରତିସ୍ଥାପିତ (19-12-2019 ଠାରୁ କାର୍ଯ୍ୟକାରୀ)।

[4] ଗୋଆ, ଡାମନ ଏବଂ ଡିଉ (ପୁନର୍ଗଠନ) ଅଧିନିୟମ, 1987 (1987ର 18 ନଂ), ଧାରା 5ଦ୍ୱାରା ପ୍ରବିଷ୍ଟି 5 ପାଇଁ ପ୍ରତିସ୍ଥାପିତ (30-5-1987 ଠାରୁ କାର୍ଯ୍ୟକାରୀ)।

[5] ସମ୍ବିଧାନ (ଚତୁର୍ଦ୍ଦଶ ସଂଶୋଧନ) ଅଧିନିୟମ, 1962, ଧାରା 3ଦ୍ୱାରା ସନ୍ନିବେଶିତ (ପୂର୍ବପ୍ରଭାବୀ ପ୍ରଭାବ ସହିତ)।

[6] ପଣ୍ଡିଚେରୀ (ନାମ ପରିବର୍ତ୍ତନ) ଅଧିନିୟମ, (2006 ର 44 ନଂ), ଧାରା 5ଦ୍ୱାରା "ପଣ୍ଡିଚେରୀ" ପାଇଁ ପ୍ରତିସ୍ଥାପିତ (1-10-2006 ଠାରୁ କାର୍ଯ୍ୟକାରୀ)।

[7] ପଞ୍ଜାବ ପୁନର୍ଗଠନ ଅଧିନିୟମ, 1966 (1966ର 31 ନଂ), ଧାରା 7ଦ୍ୱାରା ସନ୍ନିବେଶିତ (1-11-1966 ଠାରୁ କାର୍ଯ୍ୟକାରୀ)।

| ନାମ | ରାଜ୍ୟକ୍ଷେତ୍ର |
|---|---|
| [1][* * | * * *] |
| [1][* * | * * *] |
| [2][8. ଜମ୍ମୁ ଓ କାଶ୍ମୀର | ଜମ୍ମୁ ଏବଂ କାଶ୍ମୀର ପୁନର୍ଗଠନ ଅଧିନିୟମ, 2019, ଧାରା 4ରେ ବିନିର୍ଦ୍ଦିଷ୍ଟ ରାଜ୍ୟକ୍ଷେତ୍ରମାନ । |
| 9 . ଲଦାଖ | ଜମ୍ମୁ ଏବଂ କାଶ୍ମୀର ପୁନର୍ଗଠନ ଅଧିନିୟମ, 2019, ଧାରା 3ରେ ବିନିର୍ଦ୍ଦିଷ୍ଟ ରାଜ୍ୟକ୍ଷେତ୍ରମାନ । |

[1] ମିଜୋରାମ ରାଜ୍ୟ ଅଧିନିୟମ, 1986 (1986ର 34 ନଂ), ଧାରା 4ଦ୍ୱାରା ମିଜୋରାମ ସମ୍ବନ୍ଧୀୟ ପ୍ରବିଷ୍ଟି 8କୁ ବାଦ୍ ଦିଆଯାଇଛି ଏବଂ ଅରୁଣାଚଳ ପ୍ରଦେଶ ସମ୍ବନ୍ଧୀୟ ପ୍ରବିଷ୍ଟି 9 ପୁନଃସଂଖ୍ୟାୟିତ ହୋଇ ପ୍ରବିଷ୍ଟି 8 ହୋଇଛି (20-2-1987ଠାରୁ କାର୍ଯ୍ୟକାରୀ) ଏବଂ ଅରୁଣାଚଳ ପ୍ରଦେଶ ରାଜ୍ୟ ଅଧିନିୟମ, 1986 (1986ର 69ନଂ), ଧାରା 4ଦ୍ୱାରା ଅରୁଣାଚଳ ପ୍ରଦେଶ ସମ୍ବନ୍ଧୀୟ ପ୍ରବିଷ୍ଟି 8କୁ ବାଦ୍ ଦିଆଯାଇଛି (15-4-1987 ଠାରୁ କାର୍ଯ୍ୟକାରୀ) ।

[2] ଜମ୍ମୁ ଓ କାଶ୍ମୀର ପୁନର୍ଗଠନ ଅଧିନିୟମ, 2019 (2019ର 34ନଂ), ଧାରା 6 ଦ୍ୱାରା ସନ୍ନିବେଶିତ (31-10-2019ଠାରୁ କାର୍ଯ୍ୟକାରୀ)।

# ଦ୍ୱିତୀୟ ଅନୁସୂଚୀ

[ଅନୁଚ୍ଛେଦ 59(3), 65(3), 75(6), 97, 125, 148(3), 158(3), 164(5), 186 ଏବଂ 221]

## ଭାଗ A

### ରାଷ୍ଟ୍ରପତି ଏବଂ ରାଜ୍ୟର ରାଜ୍ୟପାଳମାନଙ୍କ[1]*** ସଂପର୍କରେ ବ୍ୟବସ୍ଥା

1. ରାଷ୍ଟ୍ରପତି ଏବଂ ରାଜ୍ୟର[1]*** ରାଜ୍ୟପାଳମାନଙ୍କୁ ପ୍ରତିମାସ ନିମ୍ନଲିଖିତ ଭତ୍ତା ସହ ବେତନ ଦିଆଯିବ,—

| | | |
|---|---|---|
| ରାଷ୍ଟ୍ରପତି | ......... | 10,000 ଟଙ୍କା* |
| ରାଜ୍ୟର ରାଜ୍ୟପାଳ | ......... | 5,500 ଟଙ୍କା** |

2. ଏହି ସମ୍ବିଧାନର ପ୍ରାରମ୍ଭର ଠିକ ପୂର୍ବରୁ ଭାରତ ଅଧିରାଜ୍ୟର ରାଜ୍ୟପାଳମାନଙ୍କୁ ଯେଉଁ ଭତ୍ତା ଦିଆଯାଉଥିଲା ଯଥାକ୍ରମେ ରାଷ୍ଟ୍ରପତି ଓ ସେହି ରାଜ୍ୟମାନଙ୍କର[2]*** ରାଜ୍ୟପାଳଙ୍କୁ ସେହି ଭତ୍ତା ମଧ୍ୟ ଦିଆଯିବ ।

3. ଏହି ସମ୍ବିଧାନର ପ୍ରାରମ୍ଭର ଠିକ ପୂର୍ବରୁ ସର୍ବୋଚ୍ଚ ପ୍ରଶାସନିକ ଅଧିକାରୀ ତଥା [3][ରାଜ୍ୟର] ରାଜ୍ୟପାଳମାନେ ଯେଉଁ ବିଶେଷାଧିକାର ପାଇଁ ଅଧିକାର ପ୍ରାପ୍ତ ଥିଲେ ଯଥାକ୍ରମେ ରାଷ୍ଟ୍ରପତି ଓ ସେହି ଅନୁରୂପ ରାଜ୍ୟମାନଙ୍କର ରାଜ୍ୟପାଳ ସେମାନଙ୍କ ନିଜ ନିଜର ସମ୍ପୂର୍ଣ୍ଣ ପଦ ଅବଧି ମଧ୍ୟରେ ସେହି ବିଶେଷ ଅଧିକାର ପାଇଁ ଅଧିକାର ପ୍ରାପ୍ତ ହେବେ ।

4. ଯେତେବେଳେ ଉପ-ରାଷ୍ଟ୍ରପତି ବା ଅନ୍ୟ କୌଣସି ବ୍ୟକ୍ତି ରାଷ୍ଟ୍ରପତିଙ୍କ କାର୍ଯ୍ୟ ନିର୍ବାହ କରୁଥିବେ ବା ରାଷ୍ଟ୍ରପତି ଭାବରେ କାର୍ଯ୍ୟ କରୁଥିବେ ଅଥବା କୌଣସି ବ୍ୟକ୍ତି ରାଜ୍ୟପାଳଙ୍କ କାର୍ଯ୍ୟ ନିର୍ବାହ କରୁଥିବେ ସେତେବେଳେ ସେ ରାଷ୍ଟ୍ରପତି ବା ରାଜ୍ୟପାଳଙ୍କ ମଧ୍ୟରୁ ଯାହାଙ୍କର କାର୍ଯ୍ୟନିର୍ବାହ କରୁଥିବେ ବା ଯେଉଁ ରୂପରେ କାର୍ଯ୍ୟ କରୁଥିବେ ତାଙ୍କ ସମାନ ବେତନ, ଭତ୍ତା ଓ ବିଶେଷାଧିକାର ପାଇବା ପାଇଁ ଅଧିକାର ପ୍ରାପ୍ତ ହେବେ।

[4]* * * * *

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା ପ୍ରଥମ ଅନୁସୂଚୀର ଭାଗ Aରେ ନିର୍ଦ୍ଦିଷ୍ଟ" ଶବ୍ଦ ଏବଂ ଅକ୍ଷରକୁ ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ)।

* ଅର୍ଥ ଅଧିନିୟମ 2018 (2018ର 13 ନଂ), ଧାରା 137ଦ୍ୱାରା ଏବେ ପାଞ୍ଚ ଲକ୍ଷ ଟଙ୍କା (1-1-2016 ଠାରୁ କାର୍ଯ୍ୟକାରୀ)।

** ଅର୍ଥ ଅଧିନିୟମ 2018 (2018ର 13 ନଂ), ଧାରା 161ଦ୍ୱାରା ଏବେ ତିନି ଲକ୍ଷ ପଚାଶ ହଜାର ଟଙ୍କା (1-1-2016 ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା ‘‘ଏହିପରି ନିର୍ଦ୍ଦିଷ୍ଟ" ଶବ୍ଦ ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ)।

[3] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀଦ୍ୱାରା "ଏପରି ରାଜ୍ୟଗୁଡ଼ିକ" ପାଇଁ ପ୍ରତିସ୍ଥାପିତ (1-11-1956 ଠାରୁ କାର୍ଯ୍ୟକାରୀ)।

[4] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀ ଦ୍ୱାରା ଭାଗ Bକୁ ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ)।

## ଭାଗ C

## ଲୋକସଭାର ବାଚସ୍ପତି ଓ ଉପ-ବାଚସ୍ପତି ଏବଂ
## ରାଜ୍ୟସଭାର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଏବଂ
## ବିଧାନସଭାର ବାଚସ୍ପତି ଓ ଉପ-ବାଚସ୍ପତି[1]*** ଏବଂ
## [2][ରାଜ୍ୟ]ର ବିଧାନ ପରିଷଦର ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷଙ୍କ ପାଇଁ ବ୍ୟବସ୍ଥା

7. ଏହି ସମ୍ବିଧାନ ପ୍ରାରମ୍ଭର ଠିକ ପୂର୍ବରୁ ଭାରତ ଅଧିରାଜ୍ୟର ସମ୍ବିଧାନ ସଭାର ବାଚସ୍ପତିଙ୍କୁ ଯେଉଁ ବେତନ ଓ ଭତ୍ତା ଦିଆଯାଉଥିଲା ସମ୍ବିଧାନ ପ୍ରଣୟନ ପରେ ବିଧାନସଭାର ବାଚସ୍ପତି ଲୋକସଭାର ବାଚସ୍ପତି ତଥା ରାଜ୍ୟ ପରିଷଦର ଅଧ୍ୟକ୍ଷଙ୍କୁ ସେହି ବେତନ ଓ ଭତ୍ତା ଦିଆଯିବ ଏବଂ ଏଇ ସମ୍ବିଧାନ ପ୍ରାରମ୍ଭର ଠିକ ପୂର୍ବରୁ ଭାରତ ଅଧିରାଜ୍ୟର ସମ୍ବିଧାନ ସଭାର ଉପବାଚସ୍ପତିଙ୍କୁ ଯେଉଁ ବେତନ ଓ ଭତ୍ତା ମିଳୁଥିଲା ଲେକସଭାର ଉପବାଚସ୍ପତିଙ୍କୁ ଓ ରାଜ୍ୟ ପରିଷଦର ଉପାଧ୍ୟକ୍ଷଙ୍କୁ ସେହି ବେତନ ଓ ଭତ୍ତା ଦିଆଯିବ।

8. ଏହି ସମ୍ବିଧାନର ପ୍ରାରମ୍ଭର ଅବ୍ୟବହିତ ପୂର୍ବରୁ ସେହି ପ୍ରଦେଶର ବିଧାନସଭାର[3]*** ବାଚସ୍ପତି ଓ ଉପବାଚସ୍ପତିଙ୍କୁ ଏବଂ ବିଧାନ ପରିଷଦର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କୁ ଯେଉଁ ବେତନ ଓ ଭତ୍ତା ପ୍ରଦାନ କରାଯାଏ, ଯଥାକ୍ରମେ [4][ରାଜ୍ୟ] ବିଧାନସଭାର ବାଚସ୍ପତି ଓ ଉପବାଚସ୍ପତିଙ୍କୁ ଏବଂ ବିଧାନ ପରିଷଦର ସଭାପତି ଓ ଉପସଭାପତିଙ୍କୁ ସେହି ବେତନ ଓ ଭତ୍ତା ଦିଆଯିବ ଏବଂ ଯେଉଁଠାରେ ଏହି ସମ୍ବିଧାନର ପ୍ରାରମ୍ଭର ଅବ୍ୟବହିତ ପୂର୍ବରୁ ସେହି ପ୍ରଦେଶରେ ବିଧାନ ପରିଷଦ ନଥାଏ ସେଠାରେ ରାଜ୍ୟର ରାଜ୍ୟପାଳ ଯେପରି ନିର୍ଦ୍ଧାରିତ କରିବେ ସେପରି ବେତନ ଓ ଭତ୍ତା ରାଜ୍ୟ ବିଧାନ ପରିଷଦର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କୁ ଦିଆଯିବ ।

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀ ଦ୍ୱାରା "ପ୍ରଥମ ଅନୁସୂଚୀର ଭାଗ Aରେ ଥିବା ଏକ ରାଜ୍ୟର" ଶବ୍ଦ ଏବଂ ଅକ୍ଷରଗୁଡ଼ିକୁ ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀ ଦ୍ୱାରା "ଏପରି କୌଣସି ରାଜ୍ୟ" ପାଇଁ ପ୍ରତିସ୍ଥାପିତ (1-11-1956 ଠାରୁ କାର୍ଯ୍ୟକାରୀ)।

[3] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀ ଦ୍ୱାରା "ପ୍ରଥମ ଅନୁସୂଚୀର ଭାଗ Aରେ ନିର୍ଦ୍ଦିଷ୍ଟ ଏକ ରାଜ୍ୟର" ଶବ୍ଦ ଏବଂ ଅକ୍ଷରକୁ ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ)।

[4] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଏବଂ ଅନୁସୂଚୀ ଦ୍ୱାରା "ଏହିପରି ରାଜ୍ୟ" ପାଇଁ ପ୍ରତିସ୍ଥାପିତ (1-11-1956 ଠାରୁ କାର୍ଯ୍ୟକାରୀ)।

## ଭାଗ D

### ସର୍ବୋଚ୍ଚ ନ୍ୟାୟାଳୟ ଓ ଉଚ୍ଚ ନ୍ୟାୟାଳୟର[1]*** ନ୍ୟାୟାଧୀଶମାନଙ୍କ ପାଇଁ ବ୍ୟବସ୍ଥା

9. (1) ସର୍ବୋଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶମାନେ ତାଙ୍କ ସମୟ ଓ ସେବା ପ୍ରଦାନ ପାଇଁ ପ୍ରତିମାସ ନିମ୍ନମତେ ବେତନ ପାଇବେ: —

| | | |
|---|---|---|
| ମୁଖ୍ୟ ନ୍ୟାୟାଧୀଶ | .. | [2][10,000 ଟଙ୍କା]* |
| ଅନ୍ୟ ନ୍ୟାୟାଧୀଶ | .. | [3][9,000 ଟଙ୍କା]** |

କିନ୍ତୁ ଯଦି ଉକ୍ତ ନ୍ୟାୟାଧୀଶ ସର୍ବୋଚ୍ଚ ନ୍ୟାୟାଳୟରେ ନିଯୁକ୍ତି ହେବା ସମୟରେ ଭାରତ ସରକାରଙ୍କ କୌଣସି ସେବାରେ ନିଯୁକ୍ତ ହେବା ଯୋଗୁଁ ବା ପୂର୍ବ ସରକାରଙ୍କ ସେବାରେ ନିଯୁକ୍ତ ବା କୌଣସି ରାଜ୍ୟ ଅଧୀନରେ କାର୍ଯ୍ୟ କରୁଥିବା ଯୋଗୁଁ ପାଉଥିବା ଅବସରକାଳୀନ ବେତନ (ଭିନ୍ନକ୍ଷମ ବା କ୍ଷତିପୂରଣ ବ୍ୟତୀତ) ସର୍ବୋଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶଭାବେ ପାଉଥିବା [4]ବେତନରୁ ନିମ୍ନଭାବେ କମେଇ ଦିଆଯିବ—

(*a*) ସେ ପାଉଥିବା ଅବସରକାଳୀନ ବେତନ, ଏବଂ

(*b*) ଯଦି ସେ ନିଯୁକ୍ତ ହେବା ପୂର୍ବରୁ ପୂର୍ବ ନିଯୁକ୍ତି କାର୍ଯ୍ୟପାଇଁ ପାଉଥିବା ଅବସରକାଳୀନ ଭତ୍ତା/ପ୍ରତି ବଦଳରେ ପାଇଥିବା ମୂଲ୍ୟ, ଏବଂ

(*c*) ଯଦି ସେ ନିଯୁକ୍ତି ହେବା ପୂର୍ବରୁ ସେ ଏପରି ପୂର୍ବ ସେବା ସ୍ୱୀକୃତି ନିମନ୍ତେ ଏକକାଳୀନଭାବେ ପାଇଥିବା ଅର୍ଥ ଯାହାକି ଅବସରକାଳୀନ ବେତନ ସହିତ ସମାନ।]

(2) ସର୍ବୋଚ୍ଚ ନ୍ୟାୟାଳୟର ସମସ୍ତ ନ୍ୟାୟାଧୀଶ କୌଣସି ସରକାରୀ ନିବାସରେ କୌଣସି ଦେୟ ନଦେଇ ରହିବାକୁ ଅଧିକାର ପ୍ରାପ୍ତ ହେବେ ।

(3) ଏହି ସମ୍ବିଧାନ ପ୍ରାରମ୍ଭର ଠିକ ପୂର୍ବରୁ ଉପରୋକ୍ତ ପରିଚ୍ଛେଦର ଉପ-ପରିଚ୍ଛେଦ (2)ରେ ବର୍ଣ୍ଣିତ ବ୍ୟବସ୍ଥା ସମ୍ବିଧାନ ପୂର୍ବରୁ ନିଯୁକ୍ତି ପାଇଥିବା ନ୍ୟାୟାଧୀଶଙ୍କ ନିମନ୍ତେ ନିମ୍ନଲିଖିତ ନିମନ୍ତେ ପ୍ରଯୁଜ୍ୟ ହେବ ନାହିଁ,—

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 25(*a*) ଦ୍ୱାରା "ପ୍ରଥମ ଅନୁସୂଚୀର ଭାଗ Aରେ ଥିବା ରାଜ୍ୟଗୁଡ଼ିକରେ" ଶବ୍ଦ ଏବଂ ଅକ୍ଷରଗୁଡ଼ିକୁ ବାଦ୍ ଦିଆଯାଇଛି (1-11-1956ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (54ତମ ସଂଶୋଧନ) ଅଧିନିୟମ, 1986, ଧାରା 4 ଦ୍ୱାରା "5,000ରୁ 10,000 ଟଙ୍କା" ପାଇଁ ପ୍ରତିସ୍ଥାପିତ (1-4-1986 ଠାରୁ କାର୍ଯ୍ୟକାରୀ)।

* ଉଚ୍ଚ ନ୍ୟାୟାଳୟ ଏବଂ ସର୍ବୋଚ୍ଚ ନ୍ୟାୟାଳୟ ବିଚାରପତି (ଦରମା ଏବଂ ସେବା ସର୍ତ୍ତ) ସଂଶୋଧନ ଅଧିନିୟମ, 2018 (2018ର 10 ନଂ), ଧାରା 6 ଦ୍ୱାରା ଏବେ ଦୁଇ ଲକ୍ଷ ଅଶୀ ହଜାର ଟଙ୍କା (1-1-2016 ଠାରୁ କାର୍ଯ୍ୟକାରୀ)।

[3] ସମ୍ବିଧାନ (54ତମ ସଂଶୋଧନ) ଅଧିନିୟମ, 1986, ଧାରା 4 ଦ୍ୱାରା "4,000 ଟଙ୍କା" ପାଇଁ ପ୍ରତିସ୍ଥାପିତ (1-4-1986 ଠାରୁ କାର୍ଯ୍ୟକାରୀ)।

** ଉଚ୍ଚ ନ୍ୟାୟାଳୟ ଏବଂ ସର୍ବୋଚ୍ଚ ନ୍ୟାୟାଳୟ ବିଚାରପତି (ଦରମା ଏବଂ ସେବା ସର୍ତ୍ତ) ସଂଶୋଧନ ଅଧିନିୟମ, 2018 (2018ର 10 ନଂ), ଧାରା 6 ଦ୍ୱାରା ଏବେ ଦୁଇ ଲକ୍ଷ ପଚାଶ ହଜାର ଟଙ୍କା (1-1-2016 ଠାରୁ କାର୍ଯ୍ୟକାରୀ)।

[4] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 25(b), "ସେହି ପେନ୍‌ସନର ପରିମାଣଦ୍ୱାରା ହ୍ରାସ କରାଯିବ" ପାଇଁ ପ୍ରତିସ୍ଥାପିତ (1-11-1956 ଠାରୁ କାର୍ଯ୍ୟକାରୀ)।

(*a*) ସମ୍ବିଧାନର ଅନୁଚ୍ଛେଦ 374 ଖଣ୍ଡ (1) ଅନୁଯାୟୀ ସଂଘୀୟ ନ୍ୟାୟାଳୟର ଅବସ୍ଥାପିତ ମୁଖ୍ୟ ନ୍ୟାୟାଧୀଶ ହୋଇଥିବେ ଯିଏକି ଏହାର ପ୍ରାରମ୍ଭରେ ସର୍ବୋଚ୍ଚ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶ ହୋଇଥିବେ, କିମ୍ବା

(*b*) ସମ୍ବିଧାନ ପ୍ରଣୟନ ପରେ ସଂଘୀୟ ନ୍ୟାୟାଳୟରେ କାର୍ଯ୍ୟରତ ନ୍ୟାୟାଧୀଶ ସର୍ବୋଚ୍ଚ ନ୍ୟାୟାଳୟ ନ୍ୟାୟାଧୀଶଭାବେ ଏହି ଖଣ୍ଡ ଅନୁଯାୟୀ ନିଯୁକ୍ତି ପାଇଥିବେ (ମୁଖ୍ୟ ନ୍ୟାୟାଧୀଶ ବ୍ୟତୀତ) ଏହିପରି ମୁଖ୍ୟ ନ୍ୟାୟାଧୀଶ ବା ମୁଖ୍ୟ ନ୍ୟାୟାଧୀଶ ରୂପେ ପଦଧାରଣ କରିଥିବା କାର୍ଯ୍ୟକାଳ ମଧ୍ୟରେ ଏହା ଲାଗୁ ହେବ ନାହିଁ,

ଏହି ପରିଚ୍ଛେଦର ଉପ-ପରିଚ୍ଛେଦ (1) ଅନୁଯାୟୀ ମୁଖ୍ୟ ନ୍ୟାୟାଧୀଶ ବା ନ୍ୟାୟାଧୀଶ ଯେଉଁମାନେ କି ସର୍ବୋଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ବା ବିଚାରପତି ରୂପେ ନିଯୁକ୍ତ ହେବେ ସେମାନେ ପୂର୍ବରୁ ମୁଖ୍ୟ ନ୍ୟାୟାଧୀଶ ବା ନ୍ୟାୟାଧୀଶ ଦେଇଥିବା ସେବା ନିମନ୍ତେ ପାଇଥିବା ବେତନ ଏବଂ ବର୍ତ୍ତମାନର ପାଇବାକୁ ଥିବା ବେତନ ମଧ୍ୟରେ ଥିବା ଅନ୍ତରର ସମ ପରିମାଣ ବିଶେଷ ବେତନ ରୂପେ ପାଇବାକୁ ଅଧିକାର ପ୍ରାପ୍ତ ହେବେ।

(4) ରାଷ୍ଟ୍ରପତି ବିଭିନ୍ନ ସମୟରେ ଯେପରି ଚାହିଁବେ ସେପରି ସର୍ବୋଚ୍ଚ ନ୍ୟାୟାଳୟର ପ୍ରତ୍ୟେକ ନ୍ୟାୟାଧୀଶଙ୍କୁ ଭାରତର ଯେକୌଣସି ରାଜ୍ୟରେ ନିଜ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଯାତ୍ରାରେ କରିଥିବା ଖର୍ଚ୍ଚ ପାଇଁ ଯଥୋଚିତ ଦେୟ ପାଇବେ ।

(5) ଏହି ସମ୍ବିଧାନ ପ୍ରାରମ୍ଭର ଠିକ ପୂର୍ବରୁ ସଂଘୀୟ ନ୍ୟାୟାଳୟରେ କାର୍ଯ୍ୟରତ ନ୍ୟାୟାଧୀଶମାନଙ୍କ ନିମନ୍ତେ ଥିବା ଅନୁପସ୍ଥିତି ଛୁଟି (ଛୁଟି ଭତ୍ତା ସମେତ) ଏବଂ ତାଙ୍କ ନିମନ୍ତେ ପ୍ରଯୁଜ୍ୟ ଥିବା ସମସ୍ତ ଅବସରକାଳୀନ ବେତନ ବ୍ୟବସ୍ଥା ସର୍ବୋଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶଙ୍କ ନିମନ୍ତେ ଲାଗୁ ହେବ ।

10. (1) [1][ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶ ସେମାନେ ଯୋଗାଉଥିବା ସେବା ଓ ଦେଉଥିବା ସମୟ ନିମନ୍ତେ ମାସକୁ ନିମ୍ନଲିଖିତ ଅନୁଯାୟୀ ବେତନ ପାଇବେ,—

| | | |
|---|---|---|
| ମୁଖ୍ୟ ବିଚାରପତି | ... | [2][9,000 ଟଙ୍କା]* |
| ଅନ୍ୟ ବିଚାରପତି | ... | [3][8,000 ଟଙ୍କା]:** |

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 25(*c*), *(i)*, ଉପ-ପରିଚ୍ଛେଦ (1) ପାଇଁ ପ୍ରତିସ୍ଥାପିତ (1-11-1956 ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (54ତମ ସଂଶୋଧନ) ଅଧିନିୟମ, 1986, ଧାରା 4 ଦ୍ୱାରା "4,000 ଟଙ୍କା" ପାଇଁ ପ୍ରତିସ୍ଥାପିତ (1-4-1986 ଠାରୁ କାର୍ଯ୍ୟକାରୀ)।

* ଉଚ୍ଚ ନ୍ୟାୟାଳୟ ଏବଂ ସର୍ବୋଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶ (ଦରମା ଏବଂ ସେବା ସର୍ତ୍ତ) ସଂଶୋଧନ ଅଧିନିୟମ, 2018 (2018ର 10 ନଂ), ଧାରା 2ଦ୍ୱାରା ଏବେ ଦୁଇ ଲକ୍ଷ ପଚାଶ ହଜାର ଟଙ୍କା (1-1-2016 ଠାରୁ କାର୍ଯ୍ୟକାରୀ)।

[3] ସମ୍ବିଧାନ (54ତମ ସଂଶୋଧନ) ଅଧିନିୟମ, 1986, ଧାରା 4 ଦ୍ୱାରା "3,500 ଟଙ୍କା" ପାଇଁ ପ୍ରତିସ୍ଥାପିତ (1-4-1986 ଠାରୁ କାର୍ଯ୍ୟକାରୀ)।

** ଉଚ୍ଚ ନ୍ୟାୟାଳୟ ଏବଂ ସର୍ବୋଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶ (ଦରମା ଏବଂ ସେବା ସର୍ତ୍ତ) ସଂଶୋଧନ ଅଧିନିୟମ, 2018 (2018ର 10 ନଂ), ଧାରା 2ଦ୍ୱାରା ଏବେ ଦୁଇ ଲକ୍ଷ ପଚିଶ ହଜାର ଟଙ୍କା (1-1-2016 ଠାରୁ କାର୍ଯ୍ୟକାରୀ)।

କିନ୍ତୁ ଯଦି ଉଚ୍ଚ ନ୍ୟାୟାଳୟର କୌଣସି ନ୍ୟାୟାଧୀଶ ନିଯୁକ୍ତି ହେବା ପୂର୍ବରୁ ଭାରତ ସରକାରଙ୍କ ଅଧୀନରେ କାର୍ଯ୍ୟ କରିବା ନିମନ୍ତେ ବା ପୂର୍ବ ସରକାର ବା ଅନ୍ୟ କୌଣସି କାର୍ଯ୍ୟର ପୂର୍ବ ସରକାରଙ୍କ ନିକଟରେ କାର୍ଯ୍ୟ କରିବା ଯୋଗୁଁ କୌଣସି ଅବସରକାଳୀନ ବେତନ ପାଉଥାନ୍ତି ତେବେ ତାହା ନିମ୍ନମତେ କମ କରାଯିବ ମାତ୍ର ତାହା ଭିନ୍ନକ୍ଷମ ବା କ୍ଷତିପୂରଣ ଜନିତ ହୋଇନଥିବ—

(*a*) ଅବସରକାଳୀନ ଭତ୍ତା ବାବଦରେ ପାଉଥିବା ପରିମାଣ, ଏବଂ

(*b*) ଯଦି ସେ ନିଯୁକ୍ତି ପୂର୍ବରୁ ପାଉଥିବା ଅବସରକାଳୀନ ବେତନ ବଦଳରେ ପାଇଥିବା ମୂଲ୍ୟ, ତେବେ ସେହି ବେତନର ଭାଗର ପରିମାଣ, ଏବଂ

(*c*) ଯଦି ସେ ନିଯୁକ୍ତି ହେବା ପୂର୍ବରୁ ସେବା ସ୍ୱୀକୃତି ନିମନ୍ତେ ଏକକାଳୀନଭାବେ ପାଇଥିବା ଅର୍ଥ, ତେବେ ସେହି ବେତନର ଭାଗର ପରିମାଣ ।]

(2) ସମ୍ବିଧାନ ପ୍ରାରମ୍ଭର ଠିକ ପୂର୍ବରୁ ପ୍ରତ୍ୟେକ ବ୍ୟକ୍ତି—

(*a*) ସମ୍ବିଧାନରେ ପ୍ରଦତ୍ତ ଅନୁଚ୍ଛେଦ 376ର ଖଣ୍ଡ (1) ଅନୁଯାୟୀ ଯଦି କୌଣସି ବ୍ୟକ୍ତି ଉଚ୍ଚ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶଭାବେ କାର୍ଯ୍ୟ କରୁଥିବେ ତେବେ ସେ ଅନୁରୂପ ରାଜ୍ୟର ମୁଖ୍ୟ ବିଚାରପତି ରୂପେ ନିଯୁକ୍ତ ହେବେ; କିମ୍ବା

(*b*) ଏହି ଅନୁଚ୍ଛେଦ ଅନୁଯାୟୀ ଯଦି କୌଣସି ବ୍ୟକ୍ତି ଭାରତର ପ୍ରଶାସନିକ କ୍ଷେତ୍ରରେ ଥିବା ଉଚ୍ଚ ନ୍ୟାୟାଳୟରେ ନ୍ୟାୟାଧୀଶଭାବେ କାର୍ଯ୍ୟ କରୁଥିବେ ତେବେ ସମ୍ବିଧାନ ପ୍ରାରମ୍ଭର ପରେ (ମୁଖ୍ୟ ନ୍ୟାୟାଧୀଶ ବ୍ୟତୀତ) ସେ ବ୍ୟକ୍ତି ଅନୁରୂପ ରାଜ୍ୟର ଉଚ୍ଚ ନ୍ୟାୟାଳୟରେ ମୁଖ୍ୟ ନ୍ୟାୟାଧୀଶଭାବେ କାର୍ଯ୍ୟ କରିବେ,

ଯଦି ସେ ଏପରି ପ୍ରାରମ୍ଭର ଠିକ ପୂର୍ବରୁ ଏହି ପରିଚ୍ଛେଦର ଉପ-ପରିଚ୍ଛେଦ (1) ଅନୁଯାୟୀ ନିର୍ଦ୍ଦିଷ୍ଟ ବେତନ ଠାରୁ ଉଚ୍ଚ ହାରରେ ବେତନ ପାଉଥିଲେ ତେବେ, ଯଥାସ୍ଥିତି ମୁଖ୍ୟ ନ୍ୟାୟାଧୀଶ ବା ନ୍ୟାୟାଧୀଶଭାବେ ଦେଇଥିବା ସେବାରେ ବ୍ୟୟିତ ସମୟ ନିମନ୍ତେ ପାଇଥିବା ବେତନ ଏବଂ ପାଇବାକୁ ଥିବା ବେତନ ମଧ୍ୟରେ ଥିବା ଅନ୍ତରର ସମ ପରିମାଣ ବିଶେଷ ବେତନ ରୂପେ ପାଇବାକୁ ଅଧିକାର ପ୍ରାପ୍ତ ହେବେ।

[1][(3) କୌଣସି ବ୍ୟକ୍ତି ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956 ପ୍ରାରମ୍ଭର ଠିକ ପୂର୍ବରୁ ପ୍ରଥମ ଅନୁସୂଚୀ ଭାଗ Bରେ ବର୍ଣ୍ଣିତ ରାଜ୍ୟର ମୁଖ୍ୟ ନ୍ୟାୟାଧୀଶ ରୂପେ କାର୍ଯ୍ୟ କରୁଥିଲେ ତେବେ ସମ୍ବିଧାନ ପ୍ରଣୟନ ପରେ ପରେ ସେ ଉକ୍ତ ରାଜ୍ୟ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶ ରୂପେ କାର୍ଯ୍ୟ କରିବେ, ଏବଂ ସେ ନିଯୁକ୍ତି ହେବା ପୂର୍ବରୁ ସେ ପାଉଥିବା ବେତନ ଛଡ଼ା ପାଉଥିବା ସମସ୍ତ ଭତ୍ତା ପାଇବା ପାଇଁ ଯୋଗ୍ୟ ହେବେ, ଏତଦ୍‌ବ୍ୟତୀତ ଏହି ପରିଚ୍ଛେଦର ଉପ-ପରିଚ୍ଛେଦ (1) ଅନୁଯାୟୀ ସେ ତାଙ୍କର ବେତନ ସହିତ ନିଜ ସେବା ପ୍ରଦାନ ପାଇଁ ଅନ୍ୟ ଭତ୍ତା ପାଇବାର ଅଧିକାର ରହିବ ।]

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 25 (c), (ii), ଉପ-ପରିଚ୍ଛେଦ (3) ଏବଂ (4) ପାଇଁ ପ୍ରତିସ୍ଥାପିତ (1-11-1956 ଠାରୁ କାର୍ଯ୍ୟକାରୀ)।

11. ଏହି ଭାଗରେ, ଅନ୍ୟଥା ବିଷୟ ଆବଶ୍ୟକ ନହେଲେ,—

(*a*) "ମୁଖ୍ୟ ନ୍ୟାୟାଧୀଶ" ରେ ଜଣେ କାର୍ଯ୍ୟକାରୀ ମୁଖ୍ୟ ନ୍ୟାୟାଧୀଶ ଏବଂ "ନ୍ୟାୟାଧୀଶ"ରେ ଅସ୍ଥାୟୀ ନ୍ୟାୟାଧୀଶ ଅନ୍ତର୍ଭୁକ୍ତ;

(*b*) "ପ୍ରକୃତ ସେବା"ରେ ଏହା ଅନ୍ତର୍ଭୁକ୍ତ—

(*i*) ଜଣେ ନ୍ୟାୟାଧୀଶଭାବେ ନ୍ୟାୟାଧୀଶ ଦେଇଥିବା ସମୟ ବା ରାଷ୍ଟ୍ରପତିଙ୍କ ଅନୁରୋଧ କ୍ରମେ ନ୍ୟାୟାଧୀଶ କରିଥିବା ସମସ୍ତ କାର୍ଯ୍ୟ ଏବଂ ଏହି କାର୍ଯ୍ୟକାରିତା ପାଇଁ ଦେଇଥିବା ସମସ୍ତ ସମୟ;

(*ii*) ଅବକାଶ ସମୟ, ନ୍ୟାୟାଧୀଶ ଛୁଟି ନେଇ ଅନୁପସ୍ଥିତ ରହିଲେ ଅନୁପସ୍ଥିତିକୁ ବାଦ୍ ଦିଆଯିବ; ଏବଂ

(*iii*) ନ୍ୟାୟାଧୀଶ ଉଚ୍ଚ ନ୍ୟାୟାଳୟରୁ ସର୍ବୋଚ୍ଚ ନ୍ୟାୟାଳୟକୁ ବଦଳି ହେଲେ ବା ଏକ ନ୍ୟାୟାଳୟରୁ ଅନ୍ୟ ଏକ ନ୍ୟାୟାଳୟକୁ ବଦଳି ହେଲେ, ସେହି ଯୋଗଦାନ ସମୟ ।

## ଭାଗ E

## ଭାରତର ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକଙ୍କ ସମ୍ପର୍କରେ ବ୍ୟବସ୍ଥା

12. (1) ଭାରତର ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକଙ୍କୁ ମାସକୁ *ଚାରିହଜାର ଟଙ୍କା ବେତନ ଦିଆଯିବ ।

(2) ସମ୍ବିଧାନ ପ୍ରଣୟନ ପୂର୍ବରୁ ଯେଉଁ ବ୍ୟକ୍ତି ଭାରତର ମହାଲେଖା ପରୀକ୍ଷକଭାବେ କାର୍ଯ୍ୟ କରୁଥିଲେ ତାଙ୍କୁ ସମ୍ବିଧାନର ଅନୁଚ୍ଛେଦ 377 ଅନୁଯାୟୀ ସମ୍ବିଧାନର ପ୍ରାରମ୍ଭରେ ଭାରତର ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକଭାବେ ନିଯୁକ୍ତ ଏବଂ ଏହି ପରିଚ୍ଛେଦର ଉପ-ପରିଚ୍ଛେଦ (1) ଅନୁଯାୟୀ ସେ ବେତନ ପାଇବେ ତଥା ତାଙ୍କ ପୂର୍ବାପର ପଦବୀ ଅନୁଯାୟୀ ବେତନ ପାଇବା ପାଇଁ ବ୍ୟବସ୍ଥା ସହିତ ଦୁଇ ପଦବୀର ବେତନ ମଧ୍ୟରେ ଥିବା ପାର୍ଥକ୍ୟ ବିଶେଷ ବେତନଭାବେ ପାଇବେ ।

(3) ଭାରତର ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକଭାବେ ନିଯୁକ୍ତି ପାଇବା ପରେ ସେ ସମ୍ବିଧାନ ପ୍ରଣୟନ ପୂର୍ବରୁ ସମୀକ୍ଷକ ପଦବୀରେ ଅବସ୍ଥାପିତ ଥିବାବେଳେ ପାଉଥିବା ସମସ୍ତ ସେବା ଯଥାସ୍ଥିତି, ସର୍ତ୍ତ ଅନୁଯାୟୀ ପାଉଥିବା ସମସ୍ତ ସୁବିଧା ସୁଯୋଗ ଯଥା ଛୁଟି, ଅନୁପସ୍ଥିତି ଛୁଟି ଓ ଅନ୍ୟ ସେବା ସର୍ତ୍ତାବଳୀ ଜନିତ ଅଧିକାର ପାଇବାକୁ ଅଧିକାର ପ୍ରାପ୍ତ ହେବେ, ଏଠାରେ ପ୍ରସଙ୍ଗ କ୍ରମେ ଗଭର୍ଣ୍ଣର ଜେନେରାଲର ଅର୍ଥ, ରାଷ୍ଟ୍ରପତିଙ୍କୁ ବୁଝାଯିବ ।

---

* ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକ (କର୍ତ୍ତବ୍ୟ, କ୍ଷମତା ଏବଂ ସେବା ସର୍ତ୍ତ) ଅଧିନିୟମ, 1971 (1971ର 56ନଂ), ଧାରା 3ଦ୍ୱାରା ଭାରତର ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକଙ୍କୁ ସର୍ବୋଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶଙ୍କ ଦରମା ସହ ସମାନ ଦରମା ପ୍ରଦାନ କରାଯିବ । ସର୍ବୋଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶଙ୍କ ଦରମା ଉଚ୍ଚ ନ୍ୟାୟାଳୟ ଏବଂ ସର୍ବୋଚ୍ଚ ନ୍ୟାୟାଳୟ ବିଚାରପତି (ଦରମା ଏବଂ ସେବା ସର୍ତ୍ତ) ସଂଶୋଧନ ଅଧିନିୟମ, 2018 (2018ର 10ନଂ), ଧାରା 6 ଦ୍ୱାରା ମାସିକ ଦୁଇ ଲକ୍ଷ ପଚାଶ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି (1-1-2016ଠାରୁ କାର୍ଯ୍ୟକାରୀ)।

# ତୃତୀୟ ଅନୁସୂଚୀ

[ଅନୁଚ୍ଛେଦ 75(4), 99, 124(6), 148(2), 164(3), 188 ଏବଂ 219]*

## ଶପଥ ବା ପ୍ରତିଜ୍ଞା ଗ୍ରହଣର ପତ୍ର

**I**

କେନ୍ଦ୍ରର ମନ୍ତ୍ରୀପଦ ପାଇଁ ଶପଥ ଗ୍ରହଣର ପତ୍ର :—

"ମୁଁ, (ନିଜ ନାମ)., ଈଶ୍ୱରଙ୍କ ନାମରେ ଶପଥ କରୁଛି / ସତ୍ୟନିଷ୍ଠା ସହ ପ୍ରତିଜ୍ଞା କରୁଛି ଯେ, ମୁଁ ବିଧିଦ୍ୱାରା ସ୍ଥାପିତ ଭାରତର ସମ୍ବିଧାନ ପ୍ରତି ଶ୍ରଦ୍ଧା ଓ ନିଷ୍ଠା ରଖିବି, [1][ ମୁଁ ଭାରତର ସାର୍ବଭୌମତ୍ୱ ଏବଂ ଅଖଣ୍ଡତାକୁ ବଜାୟ ରଖିବି], କେନ୍ଦ୍ରର ମନ୍ତ୍ରୀରୂପେ ମୁଁ ମୋ କର୍ତ୍ତବ୍ୟ ନିଷ୍ଠା ଓ ବିବେକ ସହ ସମ୍ପାଦନ କରିବି ଏବଂ ମୁଁ ଭାରତର ସମ୍ବିଧାନ ତଥା ବିଧି ଅନୁଯାୟୀ ଭାରତର ନାଗରିକମାନଙ୍କୁ କୌଣସି ଭୟ, ପକ୍ଷପାତ, ଅନୁରାଗ ବା ବିଦ୍ୱେଷଦ୍ୱାରା ବଶବର୍ତ୍ତୀ ନହୋଇ ସମସ୍ତଙ୍କୁ ସମଦୃଷ୍ଟିରେ ଦେଖିବି ।"

**II**

କେନ୍ଦ୍ରର ମନ୍ତ୍ରୀଙ୍କର ଗୋପନୀୟତା ପାଇଁ ଶପଥ ଗ୍ରହଣର ପତ୍ର :—

"ମୁଁ, (ନିଜ ନାମ)., ଈଶ୍ୱରଙ୍କ ନାମରେ ଶପଥ କରୁଛି / ସତ୍ୟନିଷ୍ଠା ସହ ପ୍ରତିଜ୍ଞା କରୁଛି ଯେ, ମୁଁ ମନ୍ତ୍ରୀଭାବେ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଯେଉଁ ବିଷୟ କେନ୍ଦ୍ରର ମନ୍ତ୍ରୀ ରୂପେ ମୋର ବିଚାର ନିମିତ୍ତ ଅଣାଯିବ ବା ମୋର ଜ୍ଞାତ ହେବ, ତାହା କେବଳ କେନ୍ଦ୍ରର ମନ୍ତ୍ରୀରୂପେ ମୋର କର୍ତ୍ତବ୍ୟର ସମ୍ୟକ ନିର୍ବାହ ନିମିତ୍ତ ଆବଶ୍ୟକ ହେବ, ତା' ବ୍ୟତୀତ କୌଣସି ବ୍ୟକ୍ତି ବା ବ୍ୟକ୍ତିମାନଙ୍କୁ ମୁଁ ପରୋକ୍ଷ ବା ପ୍ରତ୍ୟକ୍ଷଭାବେ କାହାଠାରେ ପ୍ରକଟ କରିବି ନାହିଁ ।

**[2][III**

**A**

ସଂସଦକୁ ମନୋନୀତ ହୋଇଥିବା ପ୍ରାର୍ଥୀଙ୍କ ଶପଥ ଗ୍ରହଣର ପତ୍ର:—

---

* ଅନୁଚ୍ଛେଦ 84 (*a*) ଓ 173 (*a*) ମଧ୍ୟ ଦେଖନ୍ତୁ ।

[1] ସମ୍ବିଧାନ (16ତମ ସଂଶୋଧନ) ଅଧିନିୟମ, 1963, ଧାରା 5ଦ୍ୱାରା ସନ୍ନିବେଶିତ (5-10-1963ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (16ତମ ସଂଶୋଧନ) ଅଧିନିୟମ, 1963, ଧାରା 5ଦ୍ୱାରା ପତ୍ର III ପାଇଁ ପ୍ରତିସ୍ଥାପିତ (5-10-1963ଠାରୁ କାର୍ଯ୍ୟକାରୀ)।

"ମୁଁ, (ନିଜ ନାମ)., ରାଜ୍ୟସଭା (ବା ଲୋକସଭା)ର ସଦସ୍ୟଭାବେ ନିର୍ବାଚିତ ହୋଇଛି, ଈଶ୍ୱରଙ୍କ ନାମରେ ଶପଥ କରୁଛି / ସତ୍ୟନିଷ୍ଠା ସହ ପ୍ରତିଜ୍ଞା କରୁଛି ଯେ ମୁଁ ବିଧିଦ୍ୱାରା ସ୍ଥାପିତ ଭାରତର ସମ୍ବିଧାନ ପ୍ରତି ନିଷ୍ଠା ଓ ଆନୁଗତ୍ୟ ରଖିବି ଏବଂ ମୁଁ ଭାରତର ସାର୍ବଭୌମତ୍ୱ ଓ ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖିବି ।"

**B**

ସଂସଦର ସଦସ୍ୟମାନଙ୍କ ପାଇଁ ଶପଥ ଗ୍ରହଣର ପତ୍ର :—

"ମୁଁ, (ନିଜ ନାମ)., ରାଜ୍ୟସଭା (ବା ଲୋକସଭା)ର ସଦସ୍ୟଭାବେ ମନୋନୀତ ହୋଇଛି, ଈଶ୍ୱରଙ୍କ ନାମରେ ଶପଥ କରୁଛି / ସତ୍ୟନିଷ୍ଠା ସହ ପ୍ରତିଜ୍ଞା କରୁଛି ଯେ ମୁଁ ବିଧିଦ୍ୱାରା ସ୍ଥାପିତ ଭାରତର ସମ୍ବିଧାନ ପ୍ରତି ଦୃଢ଼ ନିଷ୍ଠା ଓ ଆନୁଗତ୍ୟ ରଖିବି ଏବଂ ଭାରତର ସାର୍ବଭୌମତ୍ୱ ଓ ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖିବି ଏବଂ ଯେଉଁ କାର୍ଯ୍ୟରେ ମୁଁ ଯୋଗ ଦେବାକୁ ଯାଉଛି ତାହା ମୁଁ ବିଶ୍ୱାସର ସହିତ ସମ୍ପାଦନ କରିବି ।"]

**IV**

ସର୍ବୋଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶ ଏବଂ ଭାରତର ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକଙ୍କ ଶପଥ ଗ୍ରହଣର ପତ୍ର :—

"ମୁଁ, (ନିଜ ନାମ)., ଭାରତର ସର୍ବୋଚ୍ଚ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶ (ଭାରତର ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକ)ଭାବେ ଈଶ୍ୱରଙ୍କ ନାମରେ ଶପଥ କରୁଛି / ସତ୍ୟନିଷ୍ଠା ସହ ପ୍ରତିଜ୍ଞା କରୁଛି ଯେ ମୁଁ ବିଧି ଦ୍ୱାରା ସ୍ଥାପିତ ଭାରତର ସମ୍ବିଧାନ ପ୍ରତି ଦୃଢ଼ ନିଷ୍ଠା ଓ ଆନୁଗତ୍ୟ ରଖିବି ଏବଂ ମୁଁ [1][ଭାରତର ସାର୍ବଭୌମତ୍ୱ ଓ ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖିବି] ତଥା ମୁଁ ବିଶ୍ୱାସର ସହିତ ମୋର ଜ୍ଞାନ ଓ ବିଚାରଦ୍ୱାରା ମୋ ଉପରେ ନ୍ୟସ୍ତ କରାଯାଇଥିବା ଦାୟିତ୍ୱକୁ ନିରପେକ୍ଷଭାବେ ସମ୍ପାଦନ କରିବି ଏବଂ ମୁଁ ଭାରତର ସମ୍ବିଧାନ ତଥା ବିଧି ନିର୍ଦ୍ଦିଷ୍ଟ ଭାରତର ନାଗରିକମାନଙ୍କୁ ମୁଁ କୌଣସି ଭୟ ପକ୍ଷପାତ, ଅନୁରାଗ ବା ବିଦ୍ୱେଷଦ୍ୱାରା ବଶବର୍ତ୍ତୀ ନହୋଇ ଭାରତର ସମ୍ବିଧାନ ଓ ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବି ।"

---

[1] ସମ୍ବିଧାନ (16ତମ ସଂଶୋଧନ) ଅଧିନିୟମ, 1963, ଧାରା 5ଦ୍ୱାରା ସନ୍ନିବେଶିତ (5-10-1963 ଠାରୁ କାର୍ଯ୍ୟକାରୀ)।

### V

ରାଜ୍ୟ ମନ୍ତ୍ରୀଙ୍କ ଶପଥ ଗ୍ରହଣର ପତ୍ର:—

"ମୁଁ, (ନିଜ ନାମ)., ଈଶ୍ୱରଙ୍କ ନାମରେ ଶପଥ କରୁଛି / ସତ୍ୟନିଷ୍ଠା ସହ ପ୍ରତିଜ୍ଞା କରୁଛି ଯେ ମୁଁ ଭାରତର ସମ୍ବିଧାନ ଉପରେ ବିଶ୍ୱାସ ଓ ନିଷ୍ଠା ରଖିବି ତଥା [1][ମୁଁ ଭାରତର ସାର୍ବଭୌମତ୍ୱ ଏବଂ ଅଖଣ୍ଡତାକୁ ବଜାୟ ରଖିବି] ମୁଁ .......... ରାଜ୍ୟର ମନ୍ତ୍ରୀଭାବେ ବିଶ୍ୱାସ ଓ ବିବେକ ଅନୁଯାୟୀ କାର୍ଯ୍ୟ ସମ୍ପାଦନ କରିବି ଏବଂ ମୁଁ ଭାରତର ସମ୍ବିଧାନ ତଥା ବିଧି ନିର୍ଦ୍ଦିଷ୍ଟ ଭାରତର ନାଗରିକମାନଙ୍କୁ ମୁଁ କୌଣସି ଭୟ, ପକ୍ଷପାତ, ଅନୁରାଗ ବା ବିଦ୍ୱେଷଦ୍ୱାରା ବଶବର୍ତ୍ତୀ ନହୋଇ ଭାରତର ନାଗରିକମାନଙ୍କୁ ନ୍ୟାୟ ପ୍ରଦାନ କରିବି ।"

### VI

ରାଜ୍ୟ ମନ୍ତ୍ରୀମାନଙ୍କର ପାଇଁ ଗୋପନୀୟତାର ଶପଥ ଗ୍ରହଣର ପତ୍ର:—

"ମୁଁ, (ନିଜ ନାମ)., ଈଶ୍ୱରଙ୍କ ନାମରେ ଶପଥ କରୁଛି / ସତ୍ୟନିଷ୍ଠା ସହ ପ୍ରତିଜ୍ଞା କରୁଛି ଯେଉଁ ବିଷୟ............. ରାଜ୍ୟର ମନ୍ତ୍ରୀଭାବେ ଯାହା ମୋ ବିଚାରକୁ ଅଣାଯିବ କିମ୍ବା ମୋତେ ଜ୍ଞାତ ହେବ ମନ୍ତ୍ରୀଭାବେ କର୍ତ୍ତବ୍ୟ ନିର୍ବାହ ପାଇଁ ଯେତିକି ଆବଶ୍ୟକ ତା ବ୍ୟତୀତ, ତାହା ମୁଁ କୌଣସି ବ୍ୟକ୍ତି କିମ୍ବା ବ୍ୟକ୍ତିବିଶେଷଙ୍କୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ କୌଣସି ବିଷୟ ଜଣାଇବି ନାହିଁ କିମ୍ବା ପ୍ରକାଶ କରିବି ନାହିଁ ।"

### [2][VII
### A

ରାଜ୍ୟ ବିଧାନସଭାକୁ ନିର୍ବାଚିତ ପ୍ରାର୍ଥୀଙ୍କ ଶପଥ ଗ୍ରହଣର ପତ୍ର:—

"ମୁଁ, (ନିଜ ନାମ)., ବିଧାନସଭାର (ବା ବିଧାନ ପରିଷଦର) ଆସନ ପୂରଣ ପାଇଁ ପାର୍ଥୀ ରୂପେ ମନୋନୀତ ହୋଇଛି, ଈଶ୍ୱରଙ୍କ ନାମରେ ଶପଥ କରୁଛି / ସତ୍ୟନିଷ୍ଠା ସହ ପ୍ରତିଜ୍ଞା କରୁଛି ଯେ ମୁଁ ବିଧିଦ୍ୱାରା ସ୍ଥାପିତ ଭାରତର ସମ୍ବିଧାନ ପ୍ରତି ନିଷ୍ଠା ଓ ବିଶ୍ୱାସ ରଖିବି ତଥା ମୁଁ ଭାରତର ସାର୍ବଭୌମତ୍ୱ ଏବଂ ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖିବି ।"

---

[1] ସମ୍ବିଧାନ (16ତମ ସଂଶୋଧନ) ଅଧିନିୟମ, 1963, ଧାରା 5ଦ୍ୱାରା ସନ୍ନିବେଶିତ (5-10-1963ଠାରୁ କାର୍ଯ୍ୟକାରୀ)

[2] ସମ୍ବିଧାନ (16ତମ ସଂଶୋଧନ) ଅଧିନିୟମ, 1963, ଧାରା 5ଦ୍ୱାରା ପତ୍ର VII ପାଇଁ ପ୍ରତିସ୍ଥାପିତ (5-10-1963ଠାରୁ କାର୍ଯ୍ୟକାରୀ)।"

**B**

ରାଜ୍ୟ ବିଧାନମଣ୍ଡଳର ସଦସ୍ୟ ରୂପେ ଶପଥ ଗ୍ରହଣର ପତ୍ର:—

"ମୁଁ, (ନିଜ ନାମ)., ରାଜ୍ୟ ବିଧାନସଭା (କିମ୍ବା ବିଧାନ ପରିଷଦର) ସଦସ୍ୟଭାବେ ନିର୍ବାଚିତ ହୋଇଛି $\frac{\text{ଈଶ୍ୱରଙ୍କ ନାମରେ ଶପଥ କରୁଛି}}{\text{ସତ୍ୟନିଷ୍ଠା ସହ ପ୍ରତିଜ୍ଞା କରୁଛି}}$ ଯେ ବିଧିଦ୍ୱାରା ଭରତର ସମ୍ବିଧାନ ଉପରେ ସମ୍ପୂର୍ଣ୍ଣ ନିଷ୍ଠା ଓ ବିଶ୍ୱାସ ରଖିବି ତଥା ମୁଁ ଭାରତର ସାର୍ବଭୌମତ୍ୱ ଏବଂ ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖିବି ଏବଂ ମୁଁ ଯେଉଁ ପଦ ଗ୍ରହଣ କରିବାକୁ ଯାଉଛି ସେହି କର୍ଯ୍ୟକୁ ବିଶ୍ୱାସର ସହିତ ସମ୍ପାଦନ କରିବି।"]

**VIII**

ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶଙ୍କ ଶପଥ ଗ୍ରହଣର ପତ୍ର:—

"ମୁଁ, (ନିଜ ନାମ)., ଉଚ୍ଚ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶ (ବା ନ୍ୟାୟାଧୀଶ) ଭାବେ ନିଯୁକ୍ତ ହୋଇ $\frac{\text{ଈଶ୍ୱରଙ୍କ ନାମରେ ଶପଥ କରୁଛି}}{\text{ସତ୍ୟନିଷ୍ଠା ସହ ପ୍ରତିଜ୍ଞା କରୁଛି}}$ ଯେ ମୁଁ ବିଧିଦ୍ୱାରା ପ୍ରଣୟନ କରାଯାଇଥିବା ଭାରତର ସମ୍ବିଧାନ ପ୍ରତି ସମ୍ପୂର୍ଣ୍ଣ ନିଷ୍ଠା ଓ ବିଶ୍ୱାସ ରଖିବି ତଥା [1][ମୁଁ ଭାରତର ସାର୍ବଭୌମତ୍ୱ ଏବଂ ଅଖଣ୍ଡତାକୁ] ଅକ୍ଷୁର୍ଣ୍ଣ ରଖିବି ତଥା ମୁଁ ନିଜର ଦକ୍ଷତା, ଜ୍ଞାନ ଓ ବିଚାର ଅନୁଯାୟୀ ମୁଁ କୌଣସି ଭୟ, ପକ୍ଷପାତ, ଅନୁରାଗ ଓ ବିଦ୍ୱେଷଦ୍ୱାରା ବଶବର୍ତ୍ତୀ ନହୋଇ କାର୍ଯ୍ୟ ସମ୍ପାଦନ କରିବି ଏବଂ ସମ୍ବିଧାନ ଓ ବିଧିର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖିବି ।"

[1] ସମ୍ବିଧାନ (16ତମ ସଂଶୋଧନ) ଅଧିନିୟମ, 1963, ଧାରା 5ଦ୍ୱାରା ସନ୍ନିବେଶିତ (5-10-1963ଠାରୁ କାର୍ଯ୍ୟକାରୀ)

# [1][ଚତୁର୍ଥ ଅନୁସୂଚୀ

[ଅନୁଚ୍ଛେଦ 4 (1) ଏବଂ 80 (2)]

## ରାଜ୍ୟସଭାରେ ଆସନ ବଣ୍ଟନ

ନିମ୍ନଲିଖିତ ସାରଣୀର ପ୍ରଥମ ସ୍ତମ୍ଭରେ ନିର୍ଦ୍ଦିଷ୍ଟ ପ୍ରତ୍ୟେକ ରାଜ୍ୟ କିମ୍ବା କେନ୍ଦ୍ର ଶାସିତ ଅଞ୍ଚଳକୁ ଏବଂ ସେହି ରାଜ୍ୟ କିମ୍ବା କେନ୍ଦ୍ର ଶାସିତ ଅଞ୍ଚଳକୁ ଯଥାସ୍ଥିତି ବିପରୀତ ଦ୍ୱିତୀୟ ସ୍ତମ୍ଭରେ ନିର୍ଦ୍ଦିଷ୍ଟ ଆସନ ସଂଖ୍ୟା ଆବଣ୍ଟିତ କରାଯିବ:

### ସାରଣୀ

| | | |
|---|---|---|
| 1. | ଆନ୍ଧ୍ରପ୍ରଦେଶ…………………………………… | [2][11] |
| [3][2. | ତେଲେଙ୍ଗାନା ………………………………….. | 7] |
| [4][3.] | ଆସାମ ……………………………………… | 7 |
| [4][4.] | ବିହାର ……………………………………….. | [5][16] |
| [6][[4][5.] | ଝାଡ଼ଖଣ୍ଡ …………………………………… | 6] |
| [7][[8][[4][6.] | ଗୋଆ……………………………………… | 1]] |
| [9][[8][[4][7.] | ଗୁଜୁରାଟ…………………………………… | 11]] |
| [10][[8][[4][8.] | ହରିୟାଣା………………………………….. | 5]] |
| [8][[4][9.] | କେରଳ……………………………………… | 9 |

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956ର ଧାରା 3 (2)ଦ୍ୱାରା 'ଚତୁର୍ଥ ଅନୁସୂଚୀ' ପାଇଁ ପ୍ରତିସ୍ଥାପିତ (1-11-1956 ଠାରୁ କାର୍ଯ୍ୟକାରୀ)।

[2] ଆନ୍ଧ୍ରପ୍ରଦେଶ ପୁନର୍ଗଠନ ଅଧିନିୟମ, 2014ର ଧାରା 12ଦ୍ୱାରା "18" ପାଇଁ ପ୍ରତିସ୍ଥାପିତ (2-6-2014ଠାରୁ କାର୍ଯ୍ୟକାରୀ)।

[3] ଆନ୍ଧ୍ରପ୍ରଦେଶ ପୁନର୍ଗଠନ ଅଧିନିୟମ, 2014ର ଧାରା 12ଦ୍ୱାରା ସନ୍ନିବେଶିତ (2-6-2014ଠାରୁ କାର୍ଯ୍ୟକାରୀ)।

[4] ଆନ୍ଧ୍ରପ୍ରଦେଶ ପୁନର୍ଗଠନ ଅଧିନିୟମ, 2014ର ଧାରା 12ଦ୍ୱାରା ପ୍ରବିଷ୍ଟି 2 ରୁ 30କୁ ଯଥାକ୍ରମେ ପ୍ରବିଷ୍ଟି 3 ରୁ 31 ଭାବେ ପୁନଃସଂଖ୍ୟାଙ୍କିତ କରାଯାଇଛି (2-6-2014ଠାରୁ କାର୍ଯ୍ୟକାରୀ) ।

[5] ବିହାର ପୁନର୍ଗଠନ ଅଧିନିୟମ, 2000 (2000ର 30ନଂ), ଧାରା 7ଦ୍ୱାରା "22" ପାଇଁ ପ୍ରତିସ୍ଥାପିତ (15-11-2000ଠାରୁ କାର୍ଯ୍ୟକାରୀ) ।

[6] ବିହାର ପୁନର୍ଗଠନ ଅଧିନିୟମ, (2000ର 30ନଂ), ଧାରା 7ଦ୍ୱାରା ସନ୍ନିବେଶିତ(15-11-2000ଠାରୁ କାର୍ଯ୍ୟକାରୀ)।

[7] ଗୋଆ, ଡାମନ ଏବଂ ଡିଉ ପୁନର୍ଗଠନ ଅଧିନିୟମ (1987ର 18) ଏବଂ ଧାରା 6(a) ଓ (b) ଦ୍ୱାରା ପ୍ରବିଷ୍ଟି 4 ରୁ 26 ବଦଳରେ ଯଥାକ୍ରମେ 5 ରୁ 27 ପୁନଃସଂଖ୍ୟାଙ୍କିତ ଏବଂ ପ୍ରବିଷ୍ଟି "4 ଗୋଆ… 1" ସନ୍ନିବେଶିତ (30-5-1987 ଠାରୁ କାର୍ଯ୍ୟକାରୀ)।

[8] ବିହାର ପୁନର୍ଗଠନ ଅଧିନିୟମ, 2000 (2000ର 30ନଂ ), ଧାରା 7ଦ୍ୱାରା ପ୍ରବିଷ୍ଟି 4 ରୁ 29କୁ 5ରୁ 30 ଭାବେ ପୁନଃସଂଖ୍ୟାଙ୍କିତ କରାଯାଇଛି (15-11-2000ଠାରୁ କାର୍ଯ୍ୟକାରୀ)।

[9] ବମ୍ବେ ପୁନର୍ଗଠନ ଅଧିନିୟମ, 1960ର (1960ର 11ନଂ), ଧାରା 6 ଦ୍ୱାରା ପ୍ରବିଷ୍ଟି "4" ପାଇଁ ପ୍ରତିସ୍ଥାପିତ(1-5-1960ଠାରୁ କାର୍ଯ୍ୟକାରୀ)।

[10] ପଞ୍ଜାବ ପୁନର୍ଗଠନ ଅଧିନିୟମ, 1966 (1966ର 31ନଂ), ଧାରା 9ଦ୍ୱାରା ସନ୍ନିବେଶିତ (1-11-1966ଠାରୁ କାର୍ଯ୍ୟକାରୀ)।

| | | |
|---|---|---|
| [1][[2][10.] | ମଧ୍ୟପ୍ରଦେଶ………………………………… | [3][11] |
| [4][[1][[2][11] | ଛତିଶଗଡ଼………………………………….. | 5]] |
| [5][[1][[2][12.] | ତାମିଲନାଡୁ………………………………… | [6][18]] |
| [7][[1][[2][13.] | ମହାରାଷ୍ଟ୍ର………………………………. | 19]] |
| [8][[1][[2][14.] | କର୍ଣ୍ଣାଟକ………………………………… | 12]] |
| [1][[2][15.] | [9][ଓଡ଼ିଶା]………………………………….. | 10] |
| [1][[2][16.] | ପଞ୍ଜାବ………………………………… | [10][7] |
| [1][[2][17.] | ରାଜସ୍ଥାନ………………………………….. | 10] |
| [1][[2][18.] | ଉତ୍ତର ପ୍ରଦେଶ ............................................... | [11][31] |
| [12][[1][[2][19.] | [13][ଉତ୍ତରାଖଣ୍ଡ]……………………………… | 3]] |
| [1][[2][20.] | ପଶ୍ଚିମବଙ୍ଗ……………………………………… | 16] |
| [14][[1][[2][** | * * * ………………………………… | *] |
| [15][[16][[1][[2][21.] | ନାଗାଲାଣ୍ଡ……………………………………… | 1]] |

[1] ବିହାର ପୁନର୍ଗଠନ ଅଧିନିୟମ, 2000 (2000ର 30ନଂ ), ଧାରା 7ଦ୍ୱାରା ପ୍ରବିଷ୍ଟି 4 ରୁ 29କୁ 5ରୁ 30 ଭାବେ ପୁନଃସଂଖ୍ୟାଙ୍କିତ କରାଯାଇଛି (15-11-2000ଠାରୁ କାର୍ଯ୍ୟକାରୀ)।

[2] ଆନ୍ଧ୍ରପ୍ରଦେଶ ପୁନର୍ଗଠନ ଅଧିନିୟମ, 2014ର ଧାରା 12ଦ୍ୱାରା ପ୍ରବିଷ୍ଟି 2 ରୁ 30କୁ ଯଥାକ୍ରମେ ପ୍ରବିଷ୍ଟି 3 ରୁ 31 ଭାବେ ପୁନଃସଂଖ୍ୟାଙ୍କିତ କରାଯାଇଛି (2-6-2014ଠାରୁ କାର୍ଯ୍ୟକାରୀ) ।

[3] ମଧ୍ୟ ପ୍ରଦେଶ ପୁନର୍ଗଠନ ଅଧିନିୟମ, 2000(2000ର 28ନଂ)ର ଧାରା 7ଦ୍ୱାରା "16" ପାଇଁ ପ୍ରତିସ୍ଥାପିତ(1-11-2000ଠାରୁ କାର୍ଯ୍ୟକାରୀ)।

[4] ମଧ୍ୟ ପ୍ରଦେଶ ପୁନର୍ଗଠନ ଅଧିନିୟମ, 2000 (2000ର 28ନଂ)ର ଧାରା 7 ଦ୍ୱାରା ସନ୍ନିବେଶିତ (1-11-2000ଠାରୁ କାର୍ଯ୍ୟକାରୀ)।

[5] ମାଡ୍ରାସ ରାଜ୍ୟ (ନାମ ପରିବର୍ତ୍ତନ) ଅଧିନିୟମ 1968, (1968ର 53ନଂ) ଧାରା 5ଦ୍ୱାରା "8. ମାଡ୍ରାସ" ପାଇଁ ପ୍ରତିସ୍ଥାପିତ (11* ପୁନଃସଂଖ୍ୟାଙ୍କିତ ହୋଇ) (14-1-1969 ଠାରୁ କାର୍ଯ୍ୟକାରୀ କରାଗଲା)।

[6] ଆନ୍ଧ୍ରପ୍ରଦେଶ ଏବଂ ମାଡ୍ରାସ (ସୀମା ପରିବର୍ତ୍ତନ) ଅଧିନିୟମ, 1959 (1959ର 56ନଂ), ଧାରା 8 ଦ୍ୱାରା "17" ପାଇଁ ପ୍ରତିସ୍ଥାପିତ (1-4-1960ଠାରୁ କାର୍ଯ୍ୟକାରୀ) ।

[7] ବମ୍ବେ ପୁନର୍ଗଠନ ଅଧିନିୟମ, 1960 (1960ର 11 ନଂ), ଧାରା 6 ଦ୍ୱାରା ସନ୍ନିବେଶିତ (1-5-1960ଠାରୁ କାର୍ଯ୍ୟକାରୀ)।

[8] ମହୀଶୂର ରାଜ୍ୟ (ନାମ ପରିବର୍ତ୍ତନ) ଅଧିନିୟମ, 1973 (1973ର 31 ନଂ), ଧାରା 5 ଦ୍ୱାରା "10. ମହୀଶୂର" ପାଇଁ ପ୍ରତିସ୍ଥାପିତ (1-11-1973 ଠାରୁ କାର୍ଯ୍ୟକାରୀ) ।

[9] ଓଡ଼ିଶା (ନାମ ପରିବର୍ତ୍ତନ) ଅଧିନିୟମ, 2011 (2011ର 15 ନଂ), ଧାରା 7 ଦ୍ୱାରା "ଓଡ଼ିଶା" ପାଇଁ ପ୍ରତିସ୍ଥାପିତ (1-11-2011ଠାରୁ କାର୍ଯ୍ୟକାରୀ) ।

[10] ପଞ୍ଜାବ ପୁନର୍ଗଠନ ଅଧିନିୟମ, 1966 (1966ର 31ନଂ), ଧାରା 9 ଦ୍ୱାରା "11" ପାଇଁ ପ୍ରତିସ୍ଥାପିତ (1-11-1966 ଠାରୁ କାର୍ଯ୍ୟକାରୀ)।

[11] ଉତ୍ତରପ୍ରଦେଶ ପୁନର୍ଗଠନ ଅଧିନିୟମ, 2000 (2000ର 29ନଂ), ଧାରା 7 ଦ୍ୱାରା "34" ପାଇଁ ପ୍ରତିସ୍ଥାପିତ (9-11-2000 ଠାରୁ କାର୍ଯ୍ୟକାରୀ)।

[12] ଉତ୍ତରପ୍ରଦେଶ ପୁନର୍ଗଠନ ଅଧିନିୟମ, 2000 (2000ର 29 ନଂ), ଧାରା 7 ଦ୍ୱାରା ସନ୍ନିବେଶିତ (9-11-2000 ଠାରୁ କାର୍ଯ୍ୟକାରୀ)।

[13] ଉତ୍ତରାଞ୍ଚଳ (ନାମ ପରିବର୍ତ୍ତନ) ଅଧିନିୟମ, 2006 (2006ର 52 ନଂ), ଧାରା 5 ଦ୍ୱାରା "ଉତ୍ତରାଞ୍ଚଳ" ପାଇଁ ପ୍ରତିସ୍ଥାପିତ (1-1-2007 ଠାରୁ କାର୍ଯ୍ୟକାରୀ)।

[14] ଜମ୍ମୁ ଏବଂ କାଶ୍ମୀର ପୁନର୍ଗଠନ ଅଧିନିୟମ, 2019 (2019 ର 34 ନଂ), ଧାରା 8ଦ୍ୱାରା ଜମ୍ମୁ ଏବଂ କାଶ୍ମୀର ସମ୍ପର୍କିତ **ପ୍ରବିଷ୍ଟି 21 କୁ ଉଠାଇ ଦିଆଯାଇଛି (31-10-2019 ଠାରୁ କାର୍ଯ୍ୟକାରୀ) ।

[15] ଜମ୍ମୁ ଏବଂ କାଶ୍ମୀର ପୁନର୍ଗଠନ ଅଧିନିୟମ, 2019 (2019ର 34ନଂ), ଧାରା 8ଦ୍ୱାରା ପ୍ରବିଷ୍ଟି 22 ରୁ 31 ପୁନଃସଂଖ୍ୟାଙ୍କିତ ହୋଇ ପ୍ରବିଷ୍ଟି 21 ରୁ 30 ହୋଇଛି (31-10-2019 ଠାରୁ କାର୍ଯ୍ୟକାରୀ)।

[16] ନାଗାଲାଣ୍ଡ ରାଜ୍ୟ ଅଧିନିୟମ, 1962 (1962ର 27 ନଂ), ଧାରା 6 ଦ୍ୱାରା ସନ୍ନିବେଶିତ (1-12-1963 ଠାରୁ କାର୍ଯ୍ୟକାରୀ)।

| | | |
|---|---|---|
| [1][[2][[3][[4][22.] | ହିମାଚଳ ପ୍ରଦେଶ...................................... | 3]]] |
| [3][[2][[4][23.] | ମଣିପୁର.............................................. | 1] |
| [3][[2][[4][24.] | ତ୍ରିପୁରା.............................................. | 1]] |
| [3][[2][[4][25.] | ମେଘାଳୟ............................................ | 1]] |
| [5][[3][[2][[4][26.] | ସିକିମ ............................................ | 1]] |
| [6][[3][[2][[4][27.] | ମିଜୋରାମ .......................................... | 1]] |
| [7][[3][[2][[4][28.] | ଅରୁଣାଚଳ ପ୍ରଦେଶ ................................ | 1]] |
| [3][[2][[4][29.] | ଦିଲ୍ଲୀ................................................. | 3] |
| [3][[2][[4][30.] | [8][ପଣ୍ଡିଚେରୀ] ...................................... | 1]] |
| [9][[3][[2][[4][31.] | ଜମ୍ମୁ ଓ କଶ୍ମୀର ........................................ | 4] |
| | ମୋଟ | [10][233] |

[1] ହିମାଚଳ ପ୍ରଦେଶ ରାଜ୍ୟ ଅଧିନିୟମ, 1970 (1970ର 53ନଂ), ଧାରା 5 ଦ୍ୱାରା ସନ୍ନିବେଶିତ (25-1-1971ଠାରୁ କାର୍ଯ୍ୟକାରୀ)।

[2] ବିହାର ପୁନର୍ଗଠନ ଅଧିନିୟମ, 2000 (2000ର 30 ନଂ), ଧାରା 7 ଦ୍ୱାରା ପ୍ରବିଷ୍ଟି 4 ରୁ 29କୁ ପ୍ରବିଷ୍ଟି 5 ରୁ 30 ଭାବେ ପୁନଃସଂଖ୍ୟାଙ୍କିତ କରାଯାଇଛି (15-11-2000 ଠାରୁ କାର୍ଯ୍ୟକାରୀ)।

[3] ଆନ୍ଧ୍ରପ୍ରଦେଶ ପୁନର୍ଗଠନ ଅଧିନିୟମ, 2014 (2000ର 6 ନଂ), ଧାରା 12ଦ୍ୱାରା ପ୍ରବିଷ୍ଟି 2 ରୁ 30 କୁ ଯଥାକ୍ରମେ ପ୍ରବିଷ୍ଟି 3 ରୁ 31 ଭାବେ ପୁନଃସଂଖ୍ୟାଙ୍କିତ କରାଯାଇଛି (2-6-2014 ଠାରୁ କାର୍ଯ୍ୟକାରୀ)।

[4] ଜମ୍ମୁ ଏବଂ କାଶ୍ମୀର ପୁନର୍ଗଠନ ଅଧିନିୟମ, 2019 (2019 ର 34ନଂ), ଧାରା 8ଦ୍ୱାରା ପ୍ରବିଷ୍ଟି 22 ରୁ 31କୁ ପ୍ରବିଷ୍ଟି 21 ରୁ 30 ଭାବରେ ପୁନଃସଂଖ୍ୟାଙ୍କିତ କରାଯାଇଛି (31-10-2019ଠାରୁ କାର୍ଯ୍ୟକାରୀ) ।

[5] ସମ୍ବିଧାନ (36ତମ ସଂଶୋଧନ) ଅଧିନିୟମ, 1975, ଧାରା 4ଦ୍ୱାରା ସନ୍ନିବେଶିତ (26-4-1975 ଠାରୁ କାର୍ଯ୍ୟକାରୀ)।

[6] ମିଜୋରାମ ରାଜ୍ୟ ଅଧିନିୟମ, 1986 (1986ର 34 ନଂ) ର ଧାରା 5ଦ୍ୱାରା ସନ୍ନିବେଶିତ (20-02-1987 ଠାରୁ କାର୍ଯ୍ୟକାରୀ)।

[7] ଅରୁଣାଚଳ ପ୍ରଦେଶ ଅଧିନିୟମ, 1986 (1986ର 69ନଂ) ଧାରା 5ଦ୍ୱାରା ସନ୍ନିବେଶିତ (20-2-1987ଠାରୁ କାର୍ଯ୍ୟକାରୀ) ।

[8] ପଣ୍ଡିଚେରୀ (ନାମ ପରିବର୍ତ୍ତନ) ଅଧିନିୟମ, 2006 (2006ର 44 ନଂ)ର ଧାରା 4ଦ୍ୱାରା "ପଣ୍ଡିଚେରୀ" ପାଇଁ ପ୍ରତିସ୍ଥାପିତ (1-10-2006ଠାରୁ କାର୍ଯ୍ୟକାରୀ) ।

[9] ଜମ୍ମୁ ଓ କାଶ୍ମୀର ପୁନର୍ଗଠନ ଅଧିନିୟମ, 2019 (2019ର 34 ନଂ) ର ଧାରା 8ଦ୍ୱାରା ସନ୍ନିବେଶିତ (31-10-2019 ଠାରୁ କାର୍ଯ୍ୟକାରୀ)।

[10] ଗୋଆ, ଡାମନ ଓ ଡିଉ ପୁନର୍ଗଠନ ଅଧିନିୟମ, 1987 (1987ର 18ନଂ) ଧାରା 6 ଦ୍ୱାରା, "232" ପାଇଁ ପ୍ରତିସ୍ଥାପିତ (30-5-1987 ଠାରୁ କାର୍ଯ୍ୟକାରୀ)।

# ପଞ୍ଚମ ଅନୁସୂଚୀ

**[**ଅନୁଚ୍ଛେଦ 244 (1)**]**

## ଅନୁସୂଚିତ ଅଞ୍ଚଳ ଏବଂ ଜନଜାତିଙ୍କ ପ୍ରଶାସନ ଏବଂ ନିୟନ୍ତ୍ରଣ ସମ୍ବନ୍ଧୀୟ ବ୍ୟବସ୍ଥା

### ଭାଗ A

ସାଧାରଣ

**1. ବ୍ୟାଖ୍ୟା-** ଏହି ଅନୁସୂଚୀରେ, ଅନ୍ୟଥା ପ୍ରସଙ୍ଗ ଆବଶ୍ୟକ ନଥିଲେ "ରାଜ୍ୟ"[1]***ପଦରେ [2][ଆସାମ [3][, [4][ମେଘାଳୟ, ତ୍ରିପୁରା ଏବଂ ମିଜୋରାମ]କୁ ଅନ୍ତର୍ଭୁକ୍ତ କରାଯିବ ନାହିଁ ।]]]

**2. ଅନୁସୂଚିତ ଅଞ୍ଚଳରେ ଏକ ରାଜ୍ୟର କାର୍ଯ୍ୟପାଳିକା କ୍ଷମତା**— ଏହି ଅନୁସୂଚୀରେ ଥିବା ବ୍ୟବସ୍ଥା ଅଧୀନରେ, ଏକ ରାଜ୍ୟର କାର୍ଯ୍ୟପାଳିକା କ୍ଷମତା ସେହି ରାଜ୍ୟର ଅନୁସୂଚିତ ଅଞ୍ଚଳଗୁଡ଼ିକ ପାଇଁ ପ୍ରୟୋଗ ହେବ ।

**3. ରାଜ୍ୟପାଳ[5]*** ଅନୁସୂଚିତ ଅଞ୍ଚଳରେ ଥିବା ପ୍ରଶାସନିକ ବ୍ୟବସ୍ଥା ସମ୍ବନ୍ଧରେ ବିବରଣୀ ରାଷ୍ଟ୍ରପତିଙ୍କୁ ପ୍ରଦାନ କରିବେ**— ପ୍ରତ୍ୟେକ ରାଜ୍ୟର ରାଜ୍ୟପାଳ[5]*** ସେ ରାଜ୍ୟରେ ଥିବା ଅନୁସୂଚିତ ଅଞ୍ଚଳର ପ୍ରଶାସନିକ ବ୍ୟବସ୍ଥା ସମ୍ବନ୍ଧରେ ବାର୍ଷିକ ବିବରଣୀ କିମ୍ବା ଯେତେବେଳେ ରାଷ୍ଟ୍ରପତି ଏହା ଆବଶ୍ୟକ କରନ୍ତି, ସେତେବେଳେ ଉକ୍ତ ରାଜ୍ୟର ଅନୁସୂଚିତ ଅଞ୍ଚଳଗୁଡ଼ିକର ପ୍ରଶାସନିକ ବ୍ୟବସ୍ଥା ସମ୍ବନ୍ଧରେ ରାଷ୍ଟ୍ରପତିଙ୍କୁ ବିବରଣୀ ଦେବେ ଏବଂ ଉକ୍ତ ଅଞ୍ଚଳରେ କେନ୍ଦ୍ରର କାର୍ଯ୍ୟପାଳିକା କ୍ଷମତା ଉକ୍ତ ଅଞ୍ଚଳର ପ୍ରଶାସନ ପାଇଁ ରାଜ୍ୟକୁ ନିର୍ଦ୍ଦେଶ ଦେବାକୁ ବିସ୍ତାର ହେବ ।

### ଭାଗ B

### ଅନୁସୂଚିତ ଅଞ୍ଚଳରେ ଏବଂ ଅନୁସୂଚିତ ଜନଜାତିଙ୍କ ପାଇଁ ପ୍ରଶାସନ ଓ ନିୟନ୍ତ୍ରଣ

**4. ଜନଜାତି ଉପଦେଷ୍ଟା ପରିଷଦ**— (1) ଅନୁସୂଚିତ ଅଞ୍ଚଳ ଥିବା ରାଜ୍ୟରେ, ଯଦି ରାଷ୍ଟ୍ରପତି ନିର୍ଦ୍ଦେଶ ଦିଅନ୍ତି, ଯେଉଁ ରାଜ୍ୟରେ ଅନୁସୂଚିତ ଅଞ୍ଚଳ ନଥାଇ କେବଳ ଅନୁସୂଚିତ ଜନଜାତି ଥାଆନ୍ତି ତେବେ ସେଠାରେ ଅତିବେଶିରେ 20 ଜଣ ସଦସ୍ୟ ବିଶିଷ୍ଟ ଜନଜାତି ଉପଦେଷ୍ଟା ପରିଷଦ ଗଠନ କରାଯିବ, ଯହିଁରେ ଏମାନଙ୍କ ମଧ୍ଯରୁ, ତିନି-ଚତୁର୍ଥାଂଶ ଭାଗ ସମ୍ଭାବିତ ନିକଟତମ ରାଜ୍ୟର ବିଧାନସଭାରେ ଅନୁସୂଚିତ ଜନଜାତିର ପ୍ରତିନିଧି ରହିବେ:

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଓ ଅନୁସୂଚୀଦ୍ୱାରା "ପ୍ରଥମ ଅନୁସୂଚୀ ଭାଗ A କିମ୍ବା ଭାଗ Bରେ ଉଲ୍ଲେଖିତ ରାଜ୍ୟର ଅର୍ଥ ହେଉଛି,କିନ୍ତୁ" ଶବ୍ଦ ଓ ଅକ୍ଷରଗୁଡ଼ିକୁ ବାଦ୍ ଦିଆଯାଇଛି(1-11-1956ଠାରୁ କାର୍ଯ୍ୟକାରୀ)।

[2] ଉତ୍ତର-ପୂର୍ବାଞ୍ଚଳ (ପୁନର୍ଗଠନ) ଅଧିନିୟମ, 1971 (1971 ର 81ନଂ), ଧାରା 71ଦ୍ୱାରା "ଆସାମ ରାଜ୍ୟ" ପଦକୁ ପ୍ରତିସ୍ଥାପିତ (21-1-1972 ଠାରୁ କାର୍ଯ୍ୟକାରୀ)।

[3] ସମ୍ବିଧାନ (49ତମ ସଂଶୋଧନ) ଅଧିନିୟମ, 1984, ଧାରା 3ଦ୍ୱାରା ଏବଂ "ମେଘାଳୟ ଏବଂ" ପାଇଁ ପ୍ରତିସ୍ଥାପିତ (1-4-1985 ଠାରୁ କାର୍ଯ୍ୟକାରୀ)।

[4] ମିଜୋରମ ରାଜ୍ୟ ଅଧିନିୟମ, 1986 (1986ର 34ନଂ), ଧାରା 39ଦ୍ୱାରା "ମେଘାଳୟ ଏବଂ ତ୍ରିପୁରା" ବଦଳରେ ପ୍ରତିସ୍ଥାପିତ (20-2-1987 ଠାରୁ କାର୍ଯ୍ୟକାରୀ)।

[5] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଓ ଅନୁସୂଚୀଦ୍ୱାରା "କିମ୍ବା ରାଜପ୍ରମୁଖ" ଶବ୍ଦଗୁଡ଼ିକୁ ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ)।

କିନ୍ତୁ, ଯଦି ସେହି ରାଜ୍ୟ ବିଧାନସଭାରେ ଅନୁସୂଚିତ ଜନଜାତିର ପ୍ରତିନିଧିଙ୍କ ସଂଖ୍ୟା ଉପଦେଷ୍ଟା ପରିଷଦରେ କମ ହୁଏ, ଉପଦେଷ୍ଟା ପରିଷଦର ଅବଶିଷ୍ଟ ଅନ୍ୟ ଆସନ ସେହି ଜନଜାତିର ଅନ୍ୟ ସଦସ୍ୟଦ୍ୱାରା ପୂରଣ କରାଯିବ ।

(2) ଯଦି ରାଜ୍ୟପାଳ[1]***ସେହି ରାଜ୍ୟର ଅନୁସୂଚିତ ଜନଜାତିଙ୍କ କଲ୍ୟାଣ ଓ ଉନ୍ନତି ଜନିତ ବିଷୟ ଉପରେ ସୂଚିତ କରିଥିବେ, ସେ ବିଷୟରେ ପରାମର୍ଶ ଦେବା ଜନଜାତି ଉପଦେଷ୍ଟା ପରିଷଦର କର୍ତ୍ତବ୍ୟ ହେବ ।

(3) ରାଜ୍ୟପାଳ[2]*** ଚାହିଁଲେ ନିମ୍ନଲିଖିତ ନିୟମ କରି ଏହାକୁ କାର୍ଯ୍ୟକାରୀ କରିପାରିବେ, -

(*a*) ପରିଷଦର ସଦସ୍ୟ ସଂଖ୍ୟା, ସେମାନଙ୍କର ନିଯୁକ୍ତିର ପ୍ରଣାଳୀ ଏବଂ ପରିଷଦର ଅଧ୍ୟକ୍ଷଙ୍କ ନିଯୁକ୍ତି ତଥା ଅନ୍ୟ ପଦାଧିକାରୀ ଏବଂ ସେବାକାରୀଙ୍କ ନିଯୁକ୍ତି ସମ୍ବନ୍ଧରେ;

(*b*) ଅଧିବେଶନ ପରିଚାଳନା ଏବଂ ସାଧାରଣ ପ୍ରଣାଳୀ; ଏବଂ

(*c*) ଅନ୍ୟ ସମସ୍ତ ଆନୁଷଙ୍ଗିକ ବିଷୟ ।

5. **ଅନୁସୂଚିତ ଅଞ୍ଚଳ ପାଇଁ ଆଇନର ପ୍ରୟୋଗ**— (1) ଏହି ସମ୍ବିଧାନରେ ଯାହା କିଛି ଥିବା ସତ୍ତ୍ୱେ, ରାଜ୍ୟପାଳ[1]*** ସରକାରୀ ବିଜ୍ଞପ୍ତି ମାଧ୍ୟମରେ ସଂସଦଦ୍ୱାରା ପ୍ରଣୟନ କରାଯାଇଥିବା କୌଣସି ନିର୍ଦ୍ଦିଷ୍ଟ ଆଇନ ରାଜ୍ୟର ବିଧାନମଣ୍ଡଳଦ୍ୱାରା ପ୍ରଣୟନ କରାଯାଇଥିବା କୌଣସି ଆଇନ ଏକ ଅନୁସୂଚିତ ଅଞ୍ଚଳ ବା ତାହାର କୌଣସି କ୍ଷେତ୍ର ପାଇଁ ପ୍ରୟୋଗ ହେବ ନାହିଁ କିମ୍ବା ସେ ସରକାରୀ ବିଜ୍ଞପ୍ତିରେ ସେ ଯେପରି ବିନିର୍ଦ୍ଦିଷ୍ଟ କରିଥିବେ ସେହିପରି ବ୍ୟତିରେକ ଓ ରୂପାନ୍ତରଣର ଅଧୀନରେ କାର୍ଯ୍ୟକାରୀ ହେବ, ଏହି ଉପ-ପରିଚ୍ଛେଦରେ ଉକ୍ତ ନିର୍ଦ୍ଦେଶନାମାକୁ ପୂର୍ବ ତାରିଖରୁ ଲାଗୁ କରିବା ପାଇଁ ନିର୍ଦ୍ଦେଶ ଦେଇପାରନ୍ତି ।

(2) ରାଜ୍ୟପାଳ ଅନୁସୂଚିତ ଅଞ୍ଚଳରେ ଶାନ୍ତି ଏବଂ ଉତ୍ତମ ଶାସନ ବଜାୟ ରଖିବା ପାଇଁ ଉପଯୁକ୍ତ ନିୟମାବଳୀ ପ୍ରସ୍ତୁତ କରିପାରିବେ ।

ବିଶେଷତଃ ଏବଂ ପୂର୍ବବର୍ତ୍ତୀ କ୍ଷମତାର ବ୍ୟାପକତା ଉପରେ ପ୍ରତିକୂଳ ପ୍ରଭାବ ନପକାଇ ନିମ୍ନଲିଖିତ ନିୟମାବଳୀ କରିପାରିବେ—

(*a*) ଏହି ଅଞ୍ଚଳରେ ଅନୁସୂଚିତ ଜନଜାତିଙ୍କଦ୍ୱାରା ଏବଂ ସେମାନଙ୍କ ମଧ୍ୟରେ ଜମି ହସ୍ତାନ୍ତରକୁ ବାରଣ କିମ୍ବା କଟକଣା କରିବା;

(*b*) ଏହି ଅଞ୍ଚଳରେ ଅନୁସୂଚିତ ଜନଜାତିର ସଦସ୍ୟମାନଙ୍କୁ ଜମି ଆବଣ୍ଟନକୁ ନିୟନ୍ତ୍ରିତ କରିବା;

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଓ ଅନୁସୂଚୀଦ୍ୱାରା "ଯଥାସ୍ଥିତି, କିମ୍ବା ରାଜପ୍ରମୁଖ" ଶବ୍ଦଗୁଡ଼ିକୁ ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଓ ଅନୁସୂଚୀଦ୍ୱାରା "କିମ୍ବା ରାଜପ୍ରମୁଖ" ଶବ୍ଦଗୁଡ଼ିକୁ ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ)।

(*c*) ଏହି ଅଞ୍ଚଳରେ ଅନୁସୂଚିତ ଜନଜାତିର ସଦସ୍ୟମାନଙ୍କୁ ଋଣ ଆକାରରେ ଟଙ୍କା ଦେଉଥିବା ବ୍ୟକ୍ତିମାନଙ୍କର ଟଙ୍କା ଉଧାର ବ୍ୟବସାୟକୁ ନିୟନ୍ତ୍ରଣ କରିବା ।

(3) କୌଣସି ନିୟମାବଳୀ ପ୍ରସ୍ତୁତି ପାଇଁ, ଯାହା ଏହି ପରିଚ୍ଛେଦର ଉପ-ପରିଚ୍ଛେଦ (2)ରେ ଉଲ୍ଲେଖିତ, ରାଜ୍ୟପାଳଙ୍କୁ ଦିଆଯାଇଥିବା କ୍ଷମତା ଅନୁଯାୟୀ ରାଜ୍ୟପାଳ[1]*** ସଂସଦଦ୍ୱାରା ପ୍ରଣୟନ ବା ରାଜ୍ୟ ବିଧାନମଣ୍ଡଳଦ୍ୱାରା ପ୍ରଣୟନ ହୋଇଥିବା ଯେକୌଣସି ଆଇନକୁ ଉଚ୍ଛେଦ କରିପାରିବେ ବା ସଂଶୋଧନ କରିପାରିବେ ବା ପ୍ରଚଳିତ କୌଣସି ଆଇନକୁ ପ୍ରୟୋଗ କରିବା ପାଇଁ ନିର୍ଦ୍ଦେଶ ଦେଇପାରିବେ ।

(4) ଏହି ପରିଚ୍ଛେଦ ଅଧୀନରେ କରାଯାଇଥିବା ସମସ୍ତ ନିୟମାବଳୀ ତୁରନ୍ତ ରାଷ୍ଟ୍ରପତିଙ୍କ ନିକଟରେ ତାଙ୍କ ସମ୍ମତି ପାଇଁ ଉପସ୍ଥାପନ କରାଯିବ ଏବଂ ସମ୍ମତି ନପାଇବା ପର୍ଯ୍ୟନ୍ତ ଉକ୍ତ ନିୟମାବଳୀ ଲାଗୁ କରାଯାଇ ପାରିବନାହିଁ ।

(5) ଯେଉଁଠାରେ ରାଜ୍ୟ ପାଇଁ ଏକ ଜନଜାତି ଉପଦେଷ୍ଟା ପରିଷଦ ଥାଏ, ସେଠାରେ ରାଜ୍ୟପାଳ[1]*** ଜନଜାତି ଉପଦେଷ୍ଟା ପରିଷଦର ମତାମତ ନନେଇ ଏହି ପରିଚ୍ଛେଦରେ ଦିଆଯାଇଥିବା କ୍ଷମତାଦ୍ୱାରା କୌଣସି ନିୟମାବଳୀ ପ୍ରସ୍ତୁତ କରିପାରିବେ ନାହିଁ ।

## ଭାଗ C

## ଅନୁସୂଚିତ ଅଞ୍ଚଳ

**6. ଅନୁସୂଚିତ ଅଞ୍ଚଳଗୁଡ଼ିକ**— (1) ଏହି ସମ୍ବିଧାନରେ ଥିବା ପଦ "ଅନୁସୂଚିତ ଅଞ୍ଚଳ" ଅର୍ଥ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶନାମା*ଦ୍ୱାରା ଘୋଷିତ ଅନୁସୂଚିତ ଅଞ୍ଚଳକୁ ବୁଝାଯିବ ।

(2) ରାଷ୍ଟ୍ରପତି ଯେକୌଣସି ସମୟରେ ଆଦେଶ**ଦ୍ୱାରା –

(*a*) ସମ୍ପୂର୍ଣ୍ଣ ଅନୁସୂଚିତ ଅଞ୍ଚଳ ବା ବିଶେଷଭାବେ ଅନୁସୂଚିତ ଅଞ୍ଚଳର କିଛି ଭାଗ, ଅନୁସୂଚିତ ଅଞ୍ଚଳ ବୋଲି ବିବେଚିତ ହେବ ନାହିଁ ବା ଅଞ୍ଚଳର କିଛି ଅଂଶ ଅନୁସୂଚିତ ଅଞ୍ଚଳ ବୋଲି ପରିଗଣିତ ହେବ ନାହିଁ ବୋଲି ନିର୍ଦ୍ଦେଶ ଦେଇପାରିବେ;

[2][(*aa*) ରାଜ୍ୟପାଳଙ୍କ ସହିତ ପରାମର୍ଶ କରି କୌଣସି ରାଜ୍ୟର ଅନୁସୂଚିତ ଅଞ୍ଚଳର କ୍ଷେତ୍ରଫଳକୁ ବୃଦ୍ଧି କରିପାରିବେ;]

(*b*) କୌଣସି ଅନୁସୂଚିତ ଅଞ୍ଚଳକୁ କେବଳ ସେହି ପରିସୀମା ସଂଶୋଧନ ମାଧ୍ୟମରେ ପରିବର୍ତ୍ତନ କରିପାରିବେ;

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଓ ଅନୁସୂଚୀଦ୍ୱାରା "କିମ୍ବା ରାଜପ୍ରମୁଖ" ଶବ୍ଦଗୁଡ଼ିକୁ ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ)। ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଓ ଅନୁସୂଚୀଦ୍ୱାରା "କିମ୍ବା ରାଜପ୍ରମୁଖ" ଶବ୍ଦଗୁଡ଼ିକୁ ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ)।

* ଅନୁସୂଚିତ ଅଞ୍ଚଳ (ଭାଗ A ରାଜ୍ୟ) ଆଦେଶ, 1950 (C.O. 9), ଅନୁସୂଚିତ ଅଞ୍ଚଳ (ଭାଗ B ରାଜ୍ୟ) ଆଦେଶ, 1950 (C.O.26), ଅନୁସୂଚିତ ଅଞ୍ଚଳ (ହିମାଚଳ ପ୍ରଦେଶ) ଆଦେଶ, 1975 (C.O. 102) ଏବଂ ଅନୁସୂଚିତ ଅଞ୍ଚଳ (ବିହାର, ଗୁଜରାଟ, ମଧ୍ୟପ୍ରଦେଶ ଓ ଓଡ଼ିଶା) ଆଦେଶ, 1977 (C.O. 109) ଦେଖନ୍ତୁ।

** ମାଡ୍ରାସ ଅନୁସୂଚିତ ଅଞ୍ଚଳ (ସିସର୍) ଆଦେଶ, 1950 (C.O. 30) ଏବଂ ଆନ୍ଧ୍ରପ୍ରଦେଶ ଅନୁସୂଚିତ ଅଞ୍ଚଳ (ସିସର୍) ଆଦେଶ, 1955 (C.O. 50) ଦେଖନ୍ତୁ ।

[2] ସମ୍ବିଧାନ (ସଂଶୋଧନ) ଅଧିନିୟମ, 1976 (1976ର 101ନଂ.), ଧାରା 2 ପଞ୍ଚମ ଅନୁସୂଚୀଦ୍ୱାରା ସନ୍ନିବେଶିତ କରାଯାଇଛି (7-9-1976ଠାରୁ କାର୍ଯ୍ୟକାରୀ)।

(*c*) କୌଣସି ରାଜ୍ୟର ସୀମାରେଖାର କୌଣସି ପରିବର୍ତ୍ତନ କିମ୍ବା କେନ୍ଦ୍ରଦ୍ୱାରା ଗ୍ରହଣ କଲେ କିମ୍ବା ଅନ୍ୟ ରାଜ୍ୟର କିଛି ଅଂଶକୁ ମିଶାଇ ଏକ ନୂତନ ରାଜ୍ୟ ସ୍ଥାପନା ବେଳେ କିମ୍ବା ପୂର୍ବରୁ କୌଣସି ରାଜ୍ୟର ଅନ୍ତର୍ଗତ ହୋଇନଥିବା ଅନୁସୂଚିତ ଅଞ୍ଚଳରେ ଅନ୍ତର୍ଭୁକ୍ତି କିମ୍ବା ଅନୁସୂଚିତ କ୍ଷେତ୍ରର ଭାଗ ହେବ ବୋଲି ଘୋଷଣା କରିବା;

[1][(*d*) ଏହି ପରିଚ୍ଛେଦ ଅଧୀନରେ କୌଣସି ରାଜ୍ୟ ବା ରାଜ୍ୟମାନଙ୍କ ସମ୍ପର୍କରେ ବାତିଲ କରିବା ଏବଂ ସମ୍ପୃକ୍ତ ରାଜ୍ୟର ରାଜ୍ୟପାଳଙ୍କ ସହ ପରାମର୍ଶ କରି, ନୂତନ ନିର୍ଦ୍ଦେଶନାମାଦ୍ୱାରା ଅନୁସୂଚିତ ଅଞ୍ଚଳଭାବେ ପୁନଃନିର୍ଦ୍ଧାରଣ କରିବା;

ଏବଂ ଏହି ପରିଚ୍ଛେଦର ଉପ-ପରିଚ୍ଛେଦ (1)ଦ୍ୱାରା ଦିଆଯାଇଥିବା ଆଦେଶରେ ରାଷ୍ଟ୍ରପତି ଯାହା ଆବଶ୍ୟକ ଓ ଉଚିତ ମନେ କରନ୍ତି ସେହିପରି ଆନୁଷଙ୍ଗିକ ଓ ପାରିଣାମିକ ବ୍ୟବସ୍ଥା ଅନ୍ତର୍ଭୁକ୍ତ କରି, ଉପରୋକ୍ତ ରୀତି ବ୍ୟତୀତ, ଅନ୍ୟଥା ପରବର୍ତ୍ତୀ ସମୟରେ ପରବର୍ତ୍ତୀ ଆଦେଶଦ୍ୱାରା ପରିବର୍ତ୍ତନ କରାଯାଇପାରିବ ନାହିଁ ।

## ଭାଗ D
## ଅନୁସୂଚୀର ସଂଶୋଧନ

**7. ଅନୁସୂଚୀର ସଂଶୋଧନ—** (1) ସଂସଦ ଆବଶ୍ୟକ ସ୍ଥଳେ ସମୟକ୍ରମେ ଆଇନ ମାଧ୍ୟମରେ ଏହି ଅନୁସୂଚୀର କିଛି ବ୍ୟବସ୍ଥାକୁ ଯୋଗ କରିପାରିବେ ବା ପରିବର୍ତ୍ତନ କରିପାରିବେ ବା ଉଚ୍ଛେଦ କରିପାରିବେ ଏବଂ ଯେତେବେଳେ ଅନୁସୂଚୀର ସଂଶୋଧନ କରାଯିବ, ସେତେବେଳେ ତାହା ସମ୍ବିଧାନରେ ଏହି ଅନୁସୂଚୀର ସଂଶୋଧନଭାବେ ବିବେଚିତ ହେବ ।

(2) ଏହି ପରିଚ୍ଛେଦର ଉପ-ପରିଚ୍ଛେଦ (1)ରେ ଉଲ୍ଲେଖ ଥିବା କୌଣସି ଆଇନ, ଅନୁଚ୍ଛେଦ 368 ଉଦ୍ଦେଶ୍ୟରେ ସମ୍ବିଧାନର ସଂଶୋଧନ ହୋଇଛି ବୋଲି ଧରାଯିବ ନାହିଁ ।

---

[1] ସମ୍ବିଧାନ (ସଂଶୋଧନ) ଅଧିନିୟମ, 1976 (1976ର 101ନଂ.), ଧାରା 2, ପଞ୍ଚମ ଅନୁସୂଚୀଦ୍ୱାରା ସନ୍ନିବେଶିତ କରାଯାଇଛି (7-9-1976 ଠାରୁ କାର୍ଯ୍ୟକାରୀ)।

# ଷଷ୍ଠ ଅନୁସୂଚୀ

**[**ଅନୁଚ୍ଛେଦ 244 (2) ଏବଂ 275 (1)**]**

## [1][ଆସାମ, ମେଘାଳୟ, ତ୍ରିପୁରା ଏବଂ ମିଜୋରାମ ରାଜ୍ୟ]ର ଅନୁସୂଚିତ ଜନଜାତି ଅଞ୍ଚଳର ପ୍ରଶାସନ ସମ୍ବନ୍ଧୀୟ ବ୍ୟବସ୍ଥା

[2]**1. ସ୍ୱୟଂଶାସିତ ଜିଲ୍ଲା ଏବଂ ସ୍ୱୟଂଶାସିତ ଅଞ୍ଚଳ**—(1) ଏହି ପରିଚ୍ଛେଦରେ ଥିବା ବ୍ୟବସ୍ଥା ଅଧୀନରେ, ଏହି ଅନୁସୂଚୀର ପରିଚ୍ଛେଦ 20ରେ ଥିବା ସାରଣୀରେ ଉଲ୍ଲେଖ ଥିବା ପ୍ରତ୍ୟେକ ବିଷୟ [3][[4][ଭାଗ I, II ଏବଂ IIA] ଏବଂ [ଭାଗ III] ରେ ଥିବା ଅଞ୍ଚଳଗୁଡ଼ିକ ସ୍ୱୟଂଶାସିତ ଜିଲ୍ଲାଭାବେ ବିବେଚିତ ହେବ ।

(2) ଯଦି ସ୍ୱୟଂଶାସିତ ଜିଲ୍ଲାରେ ବିଭିନ୍ନ ସମ୍ପ୍ରଦାୟର ଜନଜାତି ଥାଆନ୍ତି, ତେବେ ରାଜ୍ୟପାଳ ସରକାରୀ ବିଜ୍ଞପ୍ତି ମାଧ୍ୟମରେ, ଉକ୍ତ ଅଞ୍ଚଳକୁ ଭାଗ କରିପାରିବେ ବା ଉକ୍ତ ଅଞ୍ଚଳକୁ ସ୍ୱୟଂଶାସିତ ଅଞ୍ଚଳ କରିପାରିବେ ।

(3) ରାଜ୍ୟପାଳ, ସରକାରୀ ବିଜ୍ଞପ୍ତି ମାଧ୍ୟମରେ—

(*a*) ଉକ୍ତ ସାରଣୀର [3][ଯେକୌଣସି ଭାଗ]ରେ କୌଣସି ଅଞ୍ଚଳକୁ ସଂଯୁକ୍ତ କରିପାରିବେ;

(*b*) ଉକ୍ତ ସାରଣୀର [3][ଯେକୌଣସି ଭାଗ]ର ଅଞ୍ଚଳକୁ ସାରଣୀରୁ ବାଦ ଦେଇପାରିବେ;

(*c*) ଏକ ନୂତନ ସ୍ୱୟଂଶାସିତ ଜିଲ୍ଲା ସୃଷ୍ଟି କରିପାରିବେ;

(*d*) ସ୍ୱୟଂଶାସିତ ଜିଲ୍ଲାର କ୍ଷେତ୍ରଫଳକୁ ବଢ଼ାଇ ପାରିବେ;

(*e*) ଯେକୌଣସି ସ୍ୱୟଂଶାସିତ ଜିଲ୍ଲାର କ୍ଷେତ୍ରଫଳକୁ କମାଇ ପାରିବେ;

(*f*) ଦୁଇରୁ ଅଧିକ ସ୍ୱୟଂଶାସିତ ଜିଲ୍ଲା କିମ୍ବା ତା'ର କିଛି ଭାଗକୁ ନେଇ ଏକ ସ୍ୱୟଂଶାସିତ ଜିଲ୍ଲା କରିପାରିବେ;

[5](*ff*) ଯେକୌଣସି ସ୍ୱୟଂଶାସିତ ଜିଲ୍ଲାର ନାମ ପରିବର୍ତ୍ତନ କରିପାରିବେ];

(*g*) ଯେକୌଣସି ସ୍ୱୟଂଶାସିତ ଜିଲ୍ଲାର ପରିସୀମାକୁ ନିର୍ଦ୍ଧାରଣ କରିପାରିବେ:

---

[1] ମିଜୋରମ୍ ରାଜ୍ୟ ଅଧିନିୟମ, 1986 (1986ର 34 ନଂ), ଧାରା 39ଦ୍ୱାରା ନିର୍ଦ୍ଦିଷ୍ଟ କିଛି ଶବ୍ଦ ପାଇଁ ପ୍ରତିସ୍ଥାପିତ କରାଯାଇଛି (20-2-1987 ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନର ଷଷ୍ଠ ଅନୁସୂଚୀ (ସଂଶୋଧନ) ଅଧିନିୟମ, 2003 (2003ର 44 ନଂ), ଧାରା 2ଦ୍ୱାରା ପରିଚ୍ଛେଦ 1କୁ ଆସାମ ରାଜ୍ୟ ପ୍ରତି ଏହାର ପ୍ରୟୋଗରେ ସଂଶୋଧନ କରାଯାଇଛି, ଫଳତଃ ଉପ-ପରିଚ୍ଛେଦ (2) ପରେ ନିମ୍ନଲିଖିତ ପ୍ରତିବନ୍ଧ ସନ୍ନିବେଶିତ ଥିଲା:—

"କିନ୍ତୁ, ଏହି ଉପ-ପରିଚ୍ଛେଦରେ କୌଣସି ବିଷୟ ବୋଡ଼ୋଲ୍ୟାଣ୍ଡ ଆଞ୍ଚଳିକ କ୍ଷେତ୍ରର ଜିଲ୍ଲା ପ୍ରତି ପ୍ରୟୋଗ ହେବ ନାହିଁ" (7-9-2003ଠାରୁ କାର୍ଯ୍ୟକାରୀ)।

[3] ଉତ୍ତର-ପୂର୍ବାଞ୍ଚଳ (ପୁନର୍ଗଠନ) ଅଧିନିୟମ 1971, (1971ର 81ନଂ), ଧାରା 71(i) ଓ ଅଷ୍ଟମ ଅନୁସୂଚୀଦ୍ୱାରା "ଭାଗ A" ପାଇଁ ପ୍ରତିସ୍ଥାପିତ (21-1-1972 ଠାରୁ କାର୍ଯ୍ୟକାରୀ)।

[4] ସମ୍ବିଧାନ (49ତମ ସଂଶୋଧନ) ଅଧିନିୟମ, 1984, ଧାରା 4ଦ୍ୱାରା "ଭାଗ I ଏବଂ II" ପାଇଁ ପ୍ରତିସ୍ଥାପିତ (1-4-1985 ଠାରୁ କାର୍ଯ୍ୟକାରୀ)।

[5] ଆସାମ ପୁନର୍ଗଠନ (ମେଘାଳୟ) ଅଧିନିୟମ, 1969 (1969ର 55ନଂ), ଧାରା 74 ଓ ଚତୁର୍ଥ ଅନୁସୂଚୀଦ୍ୱାରା ସନ୍ନିବେଶିତ (2-4-1970 ଠାରୁ କାର୍ଯ୍ୟକାରୀ)।

କିନ୍ତୁ, ରାଜ୍ୟପାଳ ଏହି ଅନୁସୂଚୀର ପରିଚ୍ଛେଦ 14ର ଉପ ପରିଚ୍ଛେଦ (1)ରେ ନିଯୁକ୍ତ ଆୟୋଗଙ୍କ ବିବରଣୀକୁ ରାଜ୍ୟପାଳ ବିବେଚନା ନକରି ଏହି ପରିଚ୍ଛେଦର ଖଣ୍ଡ (*c*), (*d*), (*e*) ଏବଂ (*f*) ଅଧୀନରେ କୌଣସି ନିର୍ଦ୍ଦେଶ ଦେଇପାରିବେ ନାହିଁ:

[1][ଅଧିକନ୍ତୁ, ଏହି ଉପ-ପରିଚ୍ଛେଦ ଅନୁଯାୟୀ ରାଜ୍ୟପାଳ ଦେଇଥିବା ଯେକୌଣସି ଆଦେଶରେ (ପରିଚ୍ଛେଦ 26ରେ ଏବଂ ଉକ୍ତ ସାରଣୀରେ ଥିବା କୌଣସି ଭାଗର ବିଷୟବସ୍ତୁର ସଂଶୋଧନ ସମେତ) ଏପରି ଆନୁଷଙ୍ଗିକ ଓ ପାରିଣାମିକ ବ୍ୟବସ୍ଥା ରହିପାରିବ ଯାହାକି ରାଜ୍ୟପାଳ ଏହି ଆଦେଶରେ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ମନେ କରିବେ ।]

[2]**2. ଜିଲ୍ଲା ପରିଷଦ ଏବଂ ଆଞ୍ଚଳିକ ପରିଷଦର ଗଠନ**— [3][(1) ପ୍ରତ୍ୟେକ ସ୍ୱୟଂଶାସିତ ଜିଲ୍ଲାରେ ଏକ 30 ଜଣ ସଦସ୍ୟ ବିଶିଷ୍ଟ ଜିଲ୍ଲାସ୍ତରୀୟ ପରିଷଦ ଗଠନ କରାଯିବ ଏବଂ ସେମାନଙ୍କ ମଧ୍ୟରୁ 4 ଜଣ ରାଜ୍ୟପାଳଙ୍କଦ୍ୱାରା ମନୋନୀତ ହେବେ ଏବଂ ଅନ୍ୟ ସଦସ୍ୟମାନେ ସାବାଳକଙ୍କ ମତଦାନ ଅନୁଯାୟୀ ନିର୍ବାଚିତ ହେବେ ।]

---

[1] ଉତ୍ତର-ପୂର୍ବାଞ୍ଚଳ (ପୁନର୍ଗଠନ) ଅଧିନିୟମ, 1971 (1971ର 81ନଂ), ଧାରା 71(i) ଓ ଅଷ୍ଟମ ଅନୁସୂଚୀଦ୍ୱାରା ସନ୍ନିବେଶିତ (21-1-1972ଠାରୁ କାର୍ଯ୍ୟକାରୀ)।

[2] ଆସାମ ରାଜ୍ୟରେ ଏହାର ପ୍ରୟୋଗରେ ସମ୍ବିଧାନର ଷଷ୍ଠ ଅନୁସୂଚୀ (ସଂଶୋଧନ) ଅଧିନିୟମ, 2003 (2003ର 44), ଧାରା 2ଦ୍ୱାରା ପରିଚ୍ଛେଦ 2କୁ ସଂଶୋଧନ କରାଯାଇଛି, ଫଳତଃ ଉପ-ପରିଚ୍ଛେଦ (1) ପରେ ନିମ୍ନଲିଖିତ ପ୍ରତିବନ୍ଧ ସନ୍ନିବେଶିତ ହୋଇଛି ଯଥା: -

"କିନ୍ତୁ, ବୋଡ଼ୋଲ୍ୟାଣ୍ଡ ଆଞ୍ଚଳିକ ପରିଷଦରେ ଛୟାଳିଶ ସଦସ୍ୟଙ୍କଠାରୁ ଅଧିକ ସଦସ୍ୟ ରହିବେ ନାହିଁ ଯାହାଙ୍କ ମଧ୍ୟରୁ ଚାଳିଶ ଜଣ ସାବାଳକ ମତଦାନ ଆଧାରରେ ନିର୍ବାଚିତ ହେବେ, ଯାହାଙ୍କ ମଧ୍ୟରୁ ତିରିଶଟି ସଦସ୍ୟ ଆସନ ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ ରହିବ, ପାଞ୍ଚଟି ସଦସ୍ୟ ଆସନ ଅଣ-ଜନଜାତି ଗୋଷ୍ଠୀ ପାଇଁ, ପାଞ୍ଚଟି ସମସ୍ତ ଗୋଷ୍ଠୀ ପାଇଁ ଏବଂ ବାକି ଛଅଟି ଆସନ ରାଜ୍ୟପାଳଙ୍କ ଦ୍ୱାରା ମନୋନୀତ କରାଯିବ ଯାହାଙ୍କ ପାଖରେ ବୋଡ଼ୋଲ୍ୟାଣ୍ଡ ଆଞ୍ଚଳିକ କ୍ଷେତ୍ର ଜିଲ୍ଲାର ଅଣ-ପ୍ରତିନିଧିତ୍ୱ ଗୋଷ୍ଠୀ ମଧ୍ୟରୁ ଭୋଟଦାନ ଅଧିକାର ସମେତ ଅନ୍ୟ ସଦସ୍ୟଙ୍କ ପରି ସମାନ ଅଧିକାର ଏବଂ ସୁବିଧା ଅଛି, ଯାହାଙ୍କ ମଧ୍ୟରୁ ଅତି କମରେ ଦୁଇଜଣ ମହିଳା ରହିବେ:"

ଆସାମ ରାଜ୍ୟରେ ଏହାର ପ୍ରୟୋଗରେ ସମ୍ବିଧାନର ଷଷ୍ଠ ଅନୁସୂଚୀ (ସଂଶୋଧନ) ଅଧିନିୟମ, 1995 (1995ର 42), ଧାରା 2ଦ୍ୱାରା ପରିଚ୍ଛେଦ 2କୁ ସଂଶୋଧନ କରାଯାଇଛି, ଫଳତଃ ଉପ-ପରିଚ୍ଛେଦ (3) ପରେ ନିମ୍ନଲିଖିତ ପ୍ରତିବନ୍ଧ ସନ୍ନିବେଶିତ ହୋଇଛି, ଯଥା:—

"କିନ୍ତୁ, ଯଦି ଉତ୍ତର କଚାର ପାହାଡ଼ ପାଇଁ ଗଠିତ ଜିଲ୍ଲା ପରିଷଦକୁ ଉତ୍ତର କଚାର ପାହାଡ଼ ସ୍ୱୟଂଶାସିତ ପରିଷଦ ବୋଲି କୁହାଯିବ ଏବଂ କାର୍ବି ଆଙ୍ଗଲଙ୍ଗ ଜିଲ୍ଲା ପାଇଁ ଗଠିତ ଜିଲ୍ଲା ପରିଷଦକୁ କାର୍ବି ଆଙ୍ଗଲଙ୍ଗ ସ୍ୱୟଂଶାସିତ ପରିଷଦ ବୋଲି କୁହାଯିବ।"

ଆସାମ ରାଜ୍ୟରେ ଏହାର ପ୍ରୟୋଗରେ ସମ୍ବିଧାନର ଷଷ୍ଠ ଅନୁସୂଚୀ (ସଂଶୋଧନ) ଅଧିନିୟମ, 2003 (2003ର 44),ଧାରା 2ଦ୍ୱାରା ପରିଚ୍ଛେଦ 2କୁ ସଂଶୋଧନ କରାଯାଇଛି, ଫଳତଃ ଉପ-ପରିଚ୍ଛେଦ (3) ପରେ ନିମ୍ନଲିଖିତ ପ୍ରତିବନ୍ଧ ସନ୍ନିବେଶିତ ହୋଇଛି, ଯଥା:—

"ଅଧିକନ୍ତୁ ଯଦି ବୋଡ଼ୋଲ୍ୟାଣ୍ଡ ଆଞ୍ଚଳିକ କ୍ଷେତ୍ର ଜିଲ୍ଲା ପାଇଁ ଗଠିତ ଜିଲ୍ଲା ପରିଷଦକୁ ବୋଡୋଲ୍ୟାଣ୍ଡ କ୍ଷେତ୍ରୀୟ ପରିଷଦ ବୋଲି କୁହାଯିବ।"

[3] ଆସାମ ପୁନର୍ଗଠନ (ମେଘାଳୟ) ଅଧିନିୟମ, 1969 (1969ର 55ନଂ), ଧାରା 74 ଓ ଚତୁର୍ଥ ଅନୁସୂଚୀଦ୍ୱାରା ଉପ-ପରିଚ୍ଛେଦ (1) ପାଇଁ ପ୍ରତିସ୍ଥାପିତ (2-4-1970 ଠାରୁ କାର୍ଯ୍ୟକାରୀ)।

(2) ଏହି ଅନୁସୂଚୀର ପରିଚ୍ଛେଦ 1ର ଉପ-ପରିଚ୍ଛେଦ (2) ଅନୁଯାୟୀ ପ୍ରତ୍ୟେକ ସ୍ୱୟଂ ଶାସିତ ଅଞ୍ଚଳ ପାଇଁ ଏକ ଭିନ୍ନ ଆଞ୍ଚଳିକ ପରିଷଦ ଗଠନ କରାଯିବ ।

(3) ପ୍ରତ୍ୟେକ ଜିଲ୍ଲା ପରିଷଦ ଏବଂ ପ୍ରତ୍ୟେକ ଆଞ୍ଚଳିକ ପରିଷଦର ସଙ୍ଘବଦ୍ଧ ମଣ୍ଡଳୀ ଯଥାକ୍ରମେ "ଜିଲ୍ଲା ପରିଷଦ (ଜିଲ୍ଲାର ନାମ)" ଏବଂ "ଆଞ୍ଚଳିକ ପରିଷଦ (ଅଞ୍ଚଳର ନାମ)"ରେ ନାମିତ ହୋଇ ପରିଗଣିତ ହେବେ ତଥା ସେମାନଙ୍କର ସ୍ଥାୟୀ ଉତ୍ତରାଧିକାରୀ ଏବଂ ଏକ ସାଧାରଣ ମୋହର ରହିବ ଏବଂ ଉକ୍ତ ନାମରେ ସେମାନେ ମକଦ୍ଦମା ରୁଜୁ କରିପାରିବେ ଓ ଉକ୍ତ ନାମରେ ମକଦ୍ଦମା ରୁଜୁ ହୋଇଯାଇ ପାରିବ ।

(4) ଏହି ଅନୁସୂଚୀ ଅନୁଯାୟୀ ସ୍ୱୟଂଶାସିତ ଜିଲ୍ଲାର ପ୍ରଶାସନ ଯଦି ଯେପର୍ଯ୍ୟନ୍ତ ଏହି ଅନୁସୂଚୀ ଅନୁଯାୟୀ ଅନ୍ୟ କୌଣସି ଆଞ୍ଚଳିକ ପରିଷଦରେ ନ୍ୟସ୍ତ କରାଯାଇନଥାଏ ତେବେ ସେ ପର୍ଯ୍ୟନ୍ତ ସେହି ଜିଲ୍ଲାର ଜିଲ୍ଲା ପରିଷଦ ଉପରେ ନ୍ୟସ୍ତ ହେବ ଏବଂ ସ୍ୱୟଂଶାସିତ ଅଞ୍ଚଳର ପ୍ରଶାସନ ଆଞ୍ଚଳିକ ପରିଷଦ ଉପରେ ନ୍ୟସ୍ତ ହେବ ।

(5) ଆଞ୍ଚଳିକ ପରିଷଦ ସହିତ ଏକ ସ୍ୱୟଂଶାସିତ ଜିଲ୍ଲାରେ, ଜିଲ୍ଲା ପରିଷଦର ଆଞ୍ଚଳିକ ପରିଷଦର କର୍ତ୍ତୃତ୍ୱ ଅଧୀନରେ ଥିବା ଅଞ୍ଚଳ ଉପରେ କେବଳ ସେତିକି କ୍ଷମତା ରହିବା ଯାହା ଏହି ଅନୁସୂଚୀରେ ଦିଆଯାଇଥିବା କ୍ଷମତା ବ୍ୟତୀତ ଯାହା ଆଞ୍ଚଳିକ ପରିଷଦଦ୍ୱାରା ଯେତିକି କ୍ଷମତା ତାଙ୍କୁ ନ୍ୟସ୍ତ କରାଯାଇଥିବ ।

(6) ରାଜ୍ୟପାଳ ବିଦ୍ୟମାନ ଥିବା ସମ୍ପୃକ୍ତ ଅଞ୍ଚଳରେ ଥିବା ଜନଜାତି ପରିଷଦ କିମ୍ବା ଜନଜାତିକୁ ପ୍ରତିନିଧିତ୍ୱ କରୁଥିବା ସଂସ୍ଥା ସହିତ ପରାମର୍ଶ କରି ପ୍ରଥମ ଜିଲ୍ଲା ପରିଷଦ ଏବଂ ଆଞ୍ଚଳିକ ପରିଷଦ ଗଠନ ନିମନ୍ତେ ଉପଯୁକ୍ତ ନିୟମାବଳୀ ନିମ୍ନଲିଖିତ ମତେ କରିବେ—

(*a*) ଜିଲ୍ଲା ପରିଷଦ ଏବଂ ଆଞ୍ଚଳିକ ପରିଷଦର ସଂରଚନା ଏବଂ ସେଥିରେ ଆସନ ବଣ୍ଟନ;

(*b*) ପରିଷଦଗୁଡ଼ିକର ନିର୍ବାଚନ ନିମନ୍ତେ ଆଞ୍ଚଳିକ ନିର୍ବାଚନ ମଣ୍ଡଳୀର ସୀମା ନିର୍ଦ୍ଧାରଣ;

(*c*) ଏହିପରି ନିର୍ବାଚନରେ ମତଦାନ ଦେବା ପାଇଁ ଯୋଗ୍ୟତା ଏବଂ ସେଥିପାଇଁ ନିର୍ବାଚନ ନାମାବଳୀ ପ୍ରସ୍ତୁତ କରିବା;

(*d*) ଆଞ୍ଚଳିକ ପରିଷଦରେ ନିର୍ବାଚିତ ହେବା ପାଇଁ ଯୋଗ୍ୟତା;

(*e*) [1][ଆଞ୍ଚଳିକ ପରିଷଦ] ସଦସ୍ୟଙ୍କ କାର୍ଯ୍ୟକାଳ ନିର୍ଦ୍ଧାରଣ;

---

[1] ଆସାମ ପୁନର୍ଗଠନ (ମେଘାଳୟ) ଅଧିନିୟମ, 1969 (1969ର 55 ନଂ.), ଧାରା 74 ଓ ଚତୁର୍ଥ ଅନୁସୂଚୀଦ୍ୱାରା "ଏପରି ପରିଷଦମାନେ" ବାକ୍ୟ ପାଇଁ ପ୍ରତିସ୍ଥାପିତ କରାଯାଇଛି (2-4-1970 ଠାରୁ କାର୍ଯ୍ୟକାରୀ) ।

(*f*) ଏହିପରି ପରିଷଦମାନଙ୍କ ପାଇଁ ନିର୍ବାଚନ ଏବଂ ମନୋନୟନସହିତ ସମ୍ବନ୍ଧିତ ଅନ୍ୟ ବିଷୟ;

(*g*) ଜିଲ୍ଲା ଓ ଆଞ୍ଚଳିକ ପରିଷଦରେ [1][(କୌଣସି ପଦବୀ ଖାଲି ଥିଲେ ମଧ୍ୟ ପରିଷଦଗୁଡ଼ିକରେ)] କାର୍ଯ୍ୟପଦ୍ଧତି ଏବଂ କାର୍ଯ୍ୟ ପରିଚାଳନା;

(*h*) ଜିଲ୍ଲା ଏବଂ ଆଞ୍ଚଳିକ ପରିଷଦରେ ଅଧିକାରୀ ଏବଂ କର୍ମଚାରୀଙ୍କ ନିଯୁକ୍ତି ।

[1][(6A) ଯଦି ପରିଚ୍ଛେଦ 16 ଅନୁଯାୟୀ ଉକ୍ତ ପରିଷଦ ଶୀଘ୍ର ଭଙ୍ଗ ନହୁଏ, ପରିଷଦର ସାଧାରଣ ନିର୍ବାଚନ ପରେ ଜିଲ୍ଲା ପରିଷଦର ନିର୍ବାଚିତ ସଦସ୍ୟମାନେ ପରିଷଦର ପ୍ରଥମ ବୈଠକର ନିର୍ଦ୍ଧାରିତ ତାରିଖ ଠାରୁ 5 ବର୍ଷ ପାଇଁ କାର୍ଯ୍ୟଭାର ଗ୍ରହଣ କରିବେ ଏବଂ ମନୋନୀତ ହୋଇଥିବା ପ୍ରାର୍ଥୀ ରାଜ୍ୟପାଳଙ୍କ ସନ୍ତୁଷ୍ଟି ପର୍ଯ୍ୟନ୍ତ ସଦସ୍ୟ ପଦରେ ଅବସ୍ଥାପିତ ହେବେ:

କିନ୍ତୁ, ଯଦି ଜରୁରୀକାଳୀନ ଘୋଷଣା କାର୍ଯ୍ୟକାରୀ ହେଇଥାଏ ଯେଉଁ ସମୟରେ ଏପରି ପରିସ୍ଥିତି ଉପୁଜେ ଯାହାକି ରାଜ୍ୟପାଳ ଅନୁଭବ କରନ୍ତି ଯେ, ନିର୍ବାଚନ କରିବା ଅସମ୍ଭବ, ତେବେ ଉକ୍ତ ପାଞ୍ଚ ବର୍ଷର ଅବଧି ରାଜ୍ୟପାଳଙ୍କଦ୍ୱାରା ଏକ ସମୟରେ ଏକ ବର୍ଷରୁ ଅଧିକ ସମୟ ପାଇଁ ବୃଦ୍ଧି କରାଯାଇପାରିବ ନାହିଁ ଏବଂ ଜରୁରୀକାଳୀନ ପରିସ୍ଥିତି ଘୋଷଣା କାର୍ଯ୍ୟକାରୀ ହେଉଥିବା ଯେକୌଣସି କ୍ଷେତ୍ରରେ, ଘୋଷଣା କାର୍ଯ୍ୟ ବନ୍ଦ ହେବା ପରେ ଛଅ ମାସରୁ ଅଧିକ ସମୟ ପାଇଁ ବୃଦ୍ଧି କରାଯାଇପାରିବ ନାହିଁ:

ଅଧିକନ୍ତୁ, ସାମୟିକଭାବେ ଖାଲି ପଦବୀ ପାଇଁ ନିର୍ବାଚିତ ହୋଇଥିବା ସଦସ୍ୟ କେବଳ ସେହି ସ୍ଥାନରେ କାର୍ଯ୍ୟ କରୁଥିବା ସଦସ୍ୟଙ୍କ କାର୍ଯ୍ୟକାଳର ଅବଶିଷ୍ଟ ସମୟ ପାଇଁ ପଦବୀ ଧାରଣ କରିବେ ।]

(7) ଜିଲ୍ଲା ବା ଆଞ୍ଚଳିକ ପରିଷଦ, ପ୍ରଥମେ ଗଠନ ହେବା ପରେ [1][ରାଜ୍ୟପାଳଙ୍କ ସହମତିରେ] ଏହି ପରିଚ୍ଛେଦର ଉପ-ପରିଚ୍ଛେଦ (6)ରେ ବର୍ଣ୍ଣିତ ବିଷୟ ଉପରେ ନିୟମ ପ୍ରଣୟନ କରିପାରିବେ ଏବଂ ନିୟନ୍ତ୍ରଣ ପାଇଁ [1][ସମାନ ସହମତି ସହିତ] ନିୟମାବଳୀ ପ୍ରସ୍ତୁତ କରିବେ—

(*a*) ଅଧସ୍ତନ ଆଞ୍ଚଳିକ ପରିଷଦ କିମ୍ବା ମଣ୍ଡଳୀ ଗଠନ ଏବଂ ସେମାନଙ୍କର କାର୍ଯ୍ୟପ୍ରଣାଳୀ ଏବଂ କାର୍ଯ୍ୟ ପରିଚାଳନା; ଏବଂ

(*b*) ଯଥାସ୍ଥିତି, ସାଧାରଣତଃ ଜିଲ୍ଲା ଏବଂ ଅଞ୍ଚଳର ପ୍ରଶାସନ କାର୍ଯ୍ୟ ସହିତ ସମ୍ବନ୍ଧିତ:

---

[1] ଆସାମ ପୁନର୍ଗଠନ (ମେଘାଳୟ) ଅଧିନିୟମ, 1969 (1969ର 55ନଂ.), ଧାରା 74 ଓ ଚତୁର୍ଥ ଅନୁସୂଚୀଦ୍ୱାରା ସନ୍ନିବେଶିତ (2-4-1970 ଠାରୁ କାର୍ଯ୍ୟକାରୀ) ।

କିନ୍ତୁ, ଯେପର୍ଯ୍ୟନ୍ତ ଏହି ଜିଲ୍ଲା କିମ୍ବା ଆଞ୍ଚଳିକ ପରିଷଦ ଏହି ଉପ-ପରିଚ୍ଛେଦ ଅନୁଯାୟୀ କୌଣସି ନିୟମାବଳୀ ପ୍ରସ୍ତୁତ କରିନାହାଁନ୍ତି, ସେପର୍ଯ୍ୟନ୍ତ ଏହି ପରିଚ୍ଛେଦର ଉପ-ପରିଚ୍ଛେଦ (6) ଅନୁଯାୟୀ ରାଜ୍ୟପାଳ କରିଥିବା ନିୟମାବଳୀଦ୍ୱାରା ପରିଷଦର ନିର୍ବାଚନ, ଅଧିକାରୀ ଓ କର୍ମଚାରୀ ତଥା ପ୍ରଶାସନ ସହିତ ସମ୍ବନ୍ଧିତ ସମସ୍ତ ବିଷୟ କାର୍ଯ୍ୟକାରୀ ହେବ ।

[1]* * * *

[2]**3. ଜିଲ୍ଲା ପରିଷଦ ଏବଂ ଆଞ୍ଚଳିକ ପରିଷଦର ଆଇନ ପ୍ରଣୟନ କରିବାର କ୍ଷମତା**— (1) ଆଞ୍ଚଳିକ ପରିଷଦ ସ୍ୱୟଂଶାସିତ ଅଞ୍ଚଳର ପରିସୀମା ମଧ୍ୟରେ ଥିବା ସମସ୍ତ ଅଞ୍ଚଳ ଏବଂ ଜିଲ୍ଲା ପରିଷଦ ସ୍ୱୟଂଶାସିତ

---

[1] ଆସାମ ପୁନର୍ଗଠନ (ମେଘାଳୟ) ଅଧିନିୟମ, 1969 (1969ର 55) ର ଧାରା 74 ଏବଂ ଚତୁର୍ଥ ଅନୁସୂଚୀଦ୍ୱାରା ଦ୍ୱିତୀୟ ପ୍ରତିବନ୍ଧକୁ ବାଦ ଦିଆଯାଇଛି (2-4-1970 ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନର ଷଷ୍ଠ ଅନୁସୂଚୀ ସମ୍ବିଧାନ (ସଂଶୋଧନ) ଅଧିନିୟମ, 2003 (2003ର 44 ନଂ.), ଧାରା 2ଦ୍ୱାରା ପରିଚ୍ଛେଦ 3କୁ ତାହାର ଆସାମ ରାଜ୍ୟରେ ପ୍ରୟୋଗ ଅନୁଯାୟୀ ସଂଶୋଧିତ କରାଯାଇଛି, ଯାହା ଫଳରେ ଉପ-ପରିଚ୍ଛେଦ (3)କୁ ନିମ୍ନରୂପେ ପ୍ରତିସ୍ଥାପିତ କରାଯାଇଛି (7-9-2003ଠାରୁ କାର୍ଯ୍ୟକାରୀ):—

(3) ପରିଚ୍ଛେଦ 3A ର ଉପ-ପରିଚ୍ଛେଦ (2) ବା ପରିଚ୍ଛେଦ 3Bର ଉପ-ପରିଚ୍ଛେଦ (2) ରେ ଅନ୍ୟଥା ବ୍ୟବସ୍ଥା ଆବଶ୍ୟକ ନଥିଲେ, ଏହି ପରିଚ୍ଛେଦ ବା ପରିଚ୍ଛେଦ 3Aର ଉପ-ପରିଚ୍ଛେଦ (1) ବା ପରିଚ୍ଛେଦ 3B ର ଉପ-ପରିଚ୍ଛେଦ (1) ଦ୍ୱାରା ପ୍ରସ୍ତୁତ ହୋଇଥିବା ସମସ୍ତ ଆଇନ ତୁରନ୍ତ ରାଜ୍ୟପାଳଙ୍କୁ ପଠାଯିବ ଓ ତାଙ୍କ ଅନୁମୋଦନ ମିଳିବା ପର୍ଯ୍ୟନ୍ତ ସେଗୁଡ଼ିକର କୌଣସି ପ୍ରଭାବ ରହିବ ନାହିଁ ।

ପରିଚ୍ଛେଦ 3 ପରେ ନିମ୍ନଲିଖିତ ପରିଚ୍ଛେଦଟି ଆସାମ ରାଜ୍ୟରେ ପ୍ରୟୋଗ ଅନୁଯାୟୀ ସମ୍ବିଧାନର ଷଷ୍ଠ ଅନୁସୂଚୀ ସମ୍ବିଧାନ (ସଂଶୋଧନ) ଅଧିନିୟମ, 1995 (1995ର 42ନଂ), ଧାରା 2ଦ୍ୱାରା ସନ୍ନିବେଶିତ କରାଯାଇଛି (12-9-1995 ଠାରୁ କାର୍ଯ୍ୟକାରୀ):—

"**3A. ଉତ୍ତର କାଚାର ପାହାଡ଼ ସ୍ୱୟଂଶାସିତ ପରିଷଦ ଓ କାର୍ବି ଆଙ୍ଗଲଙ୍ଗ ସ୍ୱୟଂଶାସିତ ପରିଷଦଙ୍କ ଆଇନ ତିଆରି କରିବାର ଅତିରିକ୍ତ ଅଧିକାର**— (1) ପରିଚ୍ଛେଦ 3ର ବ୍ୟବସ୍ଥାର ପ୍ରତିକୂଳ ପ୍ରଭାବ ନପକାଇ, ଉତ୍ତର କାଚାର ପାହାଡ଼ ସ୍ୱୟଂଶାସିତ ପରିଷଦ ଓ କାର୍ବି ଆଙ୍ଗଲଙ୍ଗ ସ୍ୱୟଂଶାସିତ ପରିଷଦ ତାଙ୍କର ଜିଲ୍ଲା ମଧ୍ୟରେ ନିମ୍ନଲିଖିତ ବିଷୟରେ ଆଇନ ତିଆରି କରିବାର କ୍ଷମତା ରହିବ—

(*a*) ସପ୍ତମ ଅନୁସୂଚୀର ତାଲିକା I ଭିତରେ ଥିବା ପ୍ରବିଷ୍ଟି 7 ଓ 52 ର ବ୍ୟବସ୍ଥା ଅଧୀନରେ, ଶିଳ୍ପୋଦ୍ୟୋଗ;

(*b*) ଯୋଗାଯୋଗ, ଅର୍ଥାତ ସଡ଼କ, ସେତୁ, ଫେରୀ ଓ ସପ୍ତମ ଅନୁସୂଚୀର ତାଲିକା I ରେ ଉଲ୍ଲେଖ ନଥିବା ଅନ୍ୟ ଯୋଗାଯୋଗ ମାଧ୍ୟମ; ନାଗରିକ ଟ୍ରାମୱେ, ରୋପୱେ, ଆଭ୍ୟନ୍ତରୀଣ ଜଳପଥ ଓ ସେଥିରେ ଯାତାୟାତ- ଏହି ଜଳପଥ ଉପରେ ସପ୍ତମ ଅନୁସୂଚୀର ତାଲିକା I ଓ ତାଲିକା IIIର ବ୍ୟବସ୍ଥା ଅଧୀନରେ; ଯାନ୍ତ୍ରିକ ଶକ୍ତିଦ୍ୱାରା ଚାଲୁନଥିବା ଯାନବାହନ;

(*c*) ମୂଲ୍ୟବାନ ପଶୁଧନର ସଂରକ୍ଷଣ, ସୁରକ୍ଷା ଓ ଉନ୍ନତି; ପଶୁ ରୋଗର ନିବାରଣ; ପଶୁଚିକିତ୍ସା ପ୍ରଶିକ୍ଷଣ ଓ ପ୍ରାକ୍ଟିସ; ଗୋବନ୍ଦୀଶାଳା;

(*d*) ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା;

(*e*) କୃଷି, ଯାହାର ଅନ୍ତର୍ଗତରେ କୃଷି ଶିକ୍ଷା ଓ ଗବେଷଣା ସମେତ; କୀଟପତଙ୍ଗରୁ ଆକ୍ରମଣରୁ ସୁରକ୍ଷା ଓ ଉଦ୍ଭିଦ ରୋଗର ନିବାରଣ;

(*f*) ମାଛ ଚାଷ;

(ପଦଟୀକା କ୍ରମଶଃ),—

*(g)* ଏହା ସପ୍ତମ ଅନୁସୂଚୀର ତାଲିକା Iର ପ୍ରବିଷ୍ଟି 56 ର ବ୍ୟବସ୍ଥା ଅଧୀନରେ, ଜଳ, ଅର୍ଥାତ, ଜଳ ଯୋଗାଣ, ଜଳସେଚନ ଓ କେନାଲ, ଜଳ ନିଷ୍କାସନ ଓ ବନ୍ଧ, ଜଳ ସଂରକ୍ଷଣ ଓ ଜଳ ଶକ୍ତି;

*(h)* ସାମାଜିକ ସୁରକ୍ଷା ଓ ବୀମା; ଚାକିରି ଓ ବେକାରି;

*(i)* ଗ୍ରାମର ବନ୍ୟା ନିୟନ୍ତ୍ରଣ ଯୋଜନା, ଧାନ ଖେତ, ବଜାର, ସହର ଇତ୍ୟାଦି (ବୈଷୟିକ ପ୍ରକୃତିର ନୁହେଁ);

*(j)* ନାଟକ ଓ ନାଟ୍ୟ ପ୍ରଦର୍ଶନ; ସିନେମା— ସପ୍ତମ ଅନୁସୂଚୀର ତାଲିକା Iର ପ୍ରବିଷ୍ଟି 60 ଅଧୀନରେ; କ୍ରୀଡ଼ା, ଆମୋଦପ୍ରମୋଦ ଓ ମନୋରଞ୍ଜନ;

*(k)* ସାର୍ବଜନୀନ ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା, ଡାକ୍ତରଖାନା ଓ ଔଷଧାଳୟ;

*(l)* କ୍ଷୁଦ୍ର ଜଳସେଚନ;

*(m)* ଖାଦ୍ୟ ସାମଗ୍ରୀ, ଗୋରୁ ଖାଦ୍ୟ, କଞ୍ଚା କପା ଏବଂ କଞ୍ଚା ଝୋଟର ବାଣିଜ୍ୟ ଏବଂ ଉତ୍ପାଦନରେ ଯୋଗାଣ ଏବଂ ବଣ୍ଟନ;

*(n)* ରାଜ୍ୟଦ୍ୱାରା ନିୟନ୍ତ୍ରିତ କିମ୍ବା ଅର୍ଥ ସହାୟତା ପ୍ରଦାନ କରାଯାଇଥିବା ପାଠାଗାର, ସଂଗ୍ରହାଳୟ ଓ ଏହିପରି ସଂସ୍ଥା; ସଂସଦଦ୍ୱାରା କିମ୍ବା ଏହାର ଅଧୀନରେ ରାଷ୍ଟ୍ରୀୟଭାବେ ଗୁରୁତ୍ୱପୂର୍ଣ୍ଣ ବୋଲି ଘୋଷିତ ହୋଇନଥିବା ପ୍ରାଚୀନ ଓ ଐତିହାସିକ ସ୍ମାରକ ଓ ଅଭିଲେଖ;

*(o)* ଜମି ମାଲିକାନା ହସ୍ତାନ୍ତର;

(2) ପରିଚ୍ଛେଦ 3 କିମ୍ବା ଏହି ପରିଚ୍ଛେଦ ଅନୁଯାୟୀ ଉତ୍ତର କାଚାର ପାହାଡ଼ ସ୍ୱୟଂଶାସିତ ପରିଷଦ ଓ କାର୍ବି ଆଙ୍ଗ୍‌ଲଙ୍ଗ ସ୍ୱୟଂଶାସିତ ପରିଷଦଦ୍ୱାରା ପ୍ରସ୍ତୁତ ସମସ୍ତ ଆଇନ, ଯେପର୍ଯ୍ୟନ୍ତ ସେଗୁଡ଼ିକ ସପ୍ତମ ଅନୁସୂଚୀର ତାଲିକା IIIରେ ଦିଆଯାଇଥିବା ବିଷୟସମୂହ ସହିତ ସମ୍ପର୍କିତ, ଏହାକୁ ତୁରନ୍ତ ରାଜ୍ୟପାଳଙ୍କ ନିକଟରେ ଦାଖଲ କରାଯିବ ଏବଂ ସେ ଏହାକୁ ରାଷ୍ଟ୍ରପତିଙ୍କ ବିଚାର ପାଇଁ ସଂରକ୍ଷଣ କରିବେ ।

(3) ଯେତେବେଳେ କୌଣସି ଆଇନ ରାଷ୍ଟ୍ରପତିଙ୍କ ବିଚାର ପାଇଁ ସଂରକ୍ଷିତ ରହିଥାଏ, ସେତେବେଳେ ରାଷ୍ଟ୍ରପତି ଉକ୍ତ ଆଇନକୁ ସମ୍ମତି ଦେଉଛନ୍ତି ନା ଦେଉନାହାଁନ୍ତି, ତାହା ଘୋଷଣା କରିବେ ।

କିନ୍ତୁ, ରାଷ୍ଟ୍ରପତି ରାଜ୍ୟପାଳଙ୍କୁ ଆଇନକୁ ଉତ୍ତର କାଚାର ପାହାଡ଼ ସ୍ୱୟଂଶାସିତ ପରିଷଦ କିମ୍ବା କାର୍ବି ଆଙ୍ଗଲଙ୍ଗ ସ୍ୱୟଂଶାସିତ ପରିଷଦକୁ ଫେରାଇ ଆଣିବାକୁ ନିର୍ଦ୍ଦେଶ ଦେଇପାରିବେ, ଯେପରି ପରିସ୍ଥିତି ହୋଇପାରେ, ଏହା ସହିତ ଏକ ବାର୍ତ୍ତା ମଧ୍ୟ ପଠାଇପାରିବେ ଯେଉଁଥିରେ ଅନୁରୋଧ କରାଯିବ ଯେ ଉକ୍ତ ପରିଷଦ ଆଇନ କିମ୍ବା ଏହାର ଯେକୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥାର ପୁନର୍ବିଚାର କରିବ ଏବଂ ବିଶେଷକରି, ତାଙ୍କ ବାର୍ତ୍ତାରେ ସୁପାରିଶ କରିଥିବା ଯେକୌଣସି ସଂଶୋଧନ ପ୍ରଣୟନ କରିବାର ଇଚ୍ଛୁକତାକୁ ବିଚାର କରିବ ଏବଂ ଯେତେବେଳେ ଆଇନଟି ଏପରି ଭାବରେ ଫେରସ୍ତ କରାଯାଏ, ଏହିପରି ପରିଷଦ ଏପରି ବାର୍ତ୍ତା ପାଇବା ତାରିଖରୁ ଛଅ ମାସ ମଧ୍ୟରେ ଆଇନକୁ ବିଚାର କରିବ ଏବଂ ଯଦି ଆଇନଟି ପୁନର୍ବାର ଉକ୍ତ ପରିଷଦ ଦ୍ୱାରା ସଂଶୋଧନ ସହିତ କିମ୍ବା ବିନା ଗୃହୀତ ହୁଏ, ତେବେ ଏହାକୁ ରାଷ୍ଟ୍ରପତିଙ୍କ ବିଚାର ପାଇଁ ପୁନର୍ବାର ଉପସ୍ଥାପନ କରାଯିବ। "।

ପରିଚ୍ଛେଦ 3A ପରେ, ସମ୍ବିଧାନ (ସଂଶୋଧନ) ଅଧିନିୟମ, 2003 (2003ର 44ନଂ), ଧାରା 2 ଦ୍ୱାରା ଷଷ୍ଠ ଅନୁସୂଚୀଦ୍ୱାରା ଆସାମ ରାଜ୍ୟ ପାଇଁ ଏହାର ପ୍ରୟୋଗରେ ନିମ୍ନଲିଖିତ ପରିଚ୍ଛେଦରେ ସନ୍ନିବେଶିତ କରାଯାଇଛି (7-09-2003ଠାରୁ କାର୍ଯ୍ୟକାରୀ):—

3B. **ବୋଡ଼ୋଲ୍ୟାଣ୍ଡ ଆଞ୍ଚଳିକ ପରିଷଦ ପାଇଁ ଆଇନ ତିଆରି କରିବାର ଅତିରିକ୍ତ କ୍ଷମତା**—(1) ପରିଚ୍ଛେଦ 3ର ବ୍ୟବସ୍ଥାର ପ୍ରତିକୂଳ ପ୍ରଭାବ ନପକାଇ, ବୋଡ଼ୋଲ୍ୟାଣ୍ଡ ଆଞ୍ଚଳିକ ପରିଷଦ, ତାଙ୍କର ଅଞ୍ଚଳ ସୀମାଭିତରେ ନିମ୍ନଲିଖିତ ବିଷୟଗୁଡ଼ିକ ଉପରେ ଆଇନ ତିଆରି କରିପାରିବେ:—

(i) କୃଷି, କୃଷି ଶିକ୍ଷା ଓ ଗବେଷଣା ସହିତ, କୀଟପତଙ୍ଗରୁ ସୁରକ୍ଷା ଓ ଗଛ ରୋଗ ନିରୋଧ; (ii) ପଶୁ ପାଳନ ଓ ପଶୁଚିକିତ୍ସା, ଅର୍ଥାତ ପଶୁ ଶ୍ରେଣୀ ରକ୍ଷା, ସୁରକ୍ଷା ଓ ଉନ୍ନତି, ପଶୁ ରୋଗ ନିରୋଧ, ପଶୁ ଚିକିତ୍ସା ପ୍ରଶିକ୍ଷଣ ଓ ପ୍ରାକ୍ଟିସ, ଗୋବନ୍ଦୀଶାଳା; (iii) ସହକାରିତା; (iv) ସାଂସ୍କୃତିକ କାର୍ଯ୍ୟ; (v) ଶିକ୍ଷା, ଅର୍ଥାତ ପ୍ରାଥମିକ, ଉଚ୍ଚ ମାଧ୍ୟମିକ (ଧନ୍ଦାମୂଳକ ପ୍ରଶିକ୍ଷଣ ସହିତ), ପ୍ରୌଢ଼ ଶିକ୍ଷା, ମହାବିଦ୍ୟାଳୟ ଶିକ୍ଷା (ସାଧାରଣ); (vi) ମାଛ ଚାଷ; (vii) ଗାଁ, ଧାନଖେତ, ବଜାର

ଓ ସହର ରକ୍ଷା ପାଇଁ ବନ୍ୟା ନିୟନ୍ତ୍ରଣ (ବୈଷୟିକ ପ୍ରକୃତିର ନୁହେଁ); (viii) ଖାଦ୍ୟ ଓ ନାଗରିକ ଯୋଗାଣ; (ix) ଜଙ୍ଗଲ (ସଂରକ୍ଷିତ ଜଙ୍ଗଲ ଛାଡ଼ି); (x) ହସ୍ତଶିଳ୍ପ ଓ ବୟନ ଶିଳ୍ପ; (xi) ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ; (xii) ସପ୍ତମ ଅନୁସୂଚୀର ତାଲିକା Iର 84 ନଂ ଭିତରେ ଥିବା ବ୍ୟବସ୍ଥା ଅନୁଯାୟୀ ମଦ, ଅଫିମ ଓ ତାହାର ଉପଜାତଗୁଡ଼ିକ; (xiii) ଜଳସେଚନ; (xiv) ଶ୍ରମ ଓ ନିଯୁକ୍ତି; (xv) ଜମି ଓ ରାଜସ୍ୱ; (xvi) ପାଠାଗାର ସେବା (ରାଜ୍ୟ ସରକାରଙ୍କଦ୍ୱାରା ଅର୍ଥ ପ୍ରଦାନ ଓ ନିୟନ୍ତ୍ରଣ ହୋଇଥିବା); (xvii) ଲଟେରୀ, (ସପ୍ତମ ଅନୁସୂଚୀର ତାଲିକା Iର ପ୍ରବିଷ୍ଟି 40ର ବ୍ୟବସ୍ଥା ଅନୁଯାୟୀ), ନାଟମଞ୍ଚ, ନାଟକୀୟ ପ୍ରଦର୍ଶନ ଓ ସିନେମା (ସପ୍ତମ ଅନୁସୂଚୀର ତାଲିକା Iର ପ୍ରବିଷ୍ଟି 60ର ବ୍ୟବସ୍ଥା ଅନୁଯାୟୀ); (xviii) ବଜାର ଓ ମେଳା; (xix) ପୌର ନିଗମ, ସୁଧାର ଟ୍ରଷ୍ଟ, ଜିଲ୍ଲା ବୋର୍ଡ ଓ ଅନ୍ୟ ସ୍ଥାନୀୟ କର୍ତ୍ତୃପକ୍ଷ; (xx) ରାଜ୍ୟ ଦ୍ୱାରା ଅର୍ଥ ପ୍ରଦାନ ବା ନିୟନ୍ତ୍ରିତ ସଂସ୍ଥା ସଂଗ୍ରହାଳୟ ଓ ପୁରାତତ୍ତ୍ୱ, ପ୍ରାଚୀନ ଓ ଐତିହାସିକ ସ୍ମାରକୀ ଏବଂ ଅଭିଲେଖ (ସଂସଦ ପ୍ରଣୀତ ଆଇନ ଦ୍ୱାରା ଘୋଷିତ ଜାତୀୟ ଗୁରୁତ୍ୱ ଥିବା ବ୍ୟତୀତ); (xxi) ପଞ୍ଚାୟତ ଓ ଗ୍ରାମୀଣ ଉନ୍ନତି; (xxii) ଯୋଜନା ଓ ଉନ୍ନତି; (xxiii) ଛାପାଖାନା ଓ ଷ୍ଟେସନାରୀ; (xxiv) ଜନସ୍ୱାସ୍ଥ୍ୟ ଇଞ୍ଜିନିୟରିଂ; (xxv) ପୂର୍ତ୍ତ ବିଭାଗ; (xxvi) ପ୍ରଚାର ଓ ଲୋକ ସମ୍ପର୍କ (xxvii) ଜନ୍ମ ଓ ମୃତ୍ୟୁ ପଞ୍ଜିକରଣ; (xxviii) ସହାୟତା ଓ ଥଇଥାନ; (xxix) ରେଶମ କୃଷି; (xxx) ସପ୍ତମ ଅନୁସୂଚୀର ତାଲିକା Iର ପ୍ରବିଷ୍ଟି 7 ଓ 52 ବ୍ୟବସ୍ଥା ଅନୁଯାୟୀ କ୍ଷୁଦ୍ର, ଗୃହ ଓ ଗ୍ରାମୀଣ ଶିଳ୍ପ; (xxxi) ସାମାଜିକ କଲ୍ୟାଣ; (xxxii) ମୃତ୍ତିକା ସଂରକ୍ଷଣ; (xxxiii) କ୍ରୀଡ଼ା ଓ ଯୁବକଲ୍ୟାଣ; (xxxiv) ପରିସଂଖ୍ୟନ (xxxv) ପର୍ଯ୍ୟଟନ; (xxxvi) ଯୋଗାଯୋଗ, ଅର୍ଥାତ ସଡ଼କ, ସେତୁ, ଫେରୀ ଓ ସପ୍ତମ ଅନୁସୂଚୀର ତାଲିକା I ରେ ଉଲ୍ଲେଖ ନଥିବା ଅନ୍ୟ ଯୋଗାଯୋଗ ମାଧ୍ୟମ; ନାଗରିକ ଟ୍ରାମୱେ, ରୋପୱେ, ଆଭ୍ୟନ୍ତରୀଣ ଜଳପଥ ଓ ସେଥିରେ ଯାତାୟାତ- ଏହି ଜଳପଥ ଉପରେ ସପ୍ତମ ଅନୁସୂଚୀର ତାଲିକା I ଓ ତାଲିକା IIIର ବ୍ୟବସ୍ଥା ଅଧୀନରେ; ଯାନ୍ତ୍ରିକ ଶକ୍ତିଦ୍ୱାରା ଚାଲୁନଥିବା ଯାନବାହନ; (xxxvii) ରାଜ୍ୟ ସରକାରଦ୍ୱାରା ନିୟନ୍ତ୍ରିତ ଓ ଅର୍ଥ ସହାୟତା ପ୍ରାପ୍ତ ଜନଜାତି ଗବେଷଣା ସଂସ୍ଥା; (xxxviii) ନଗର ଉନ୍ନତି—ସହର ଓ ଗ୍ରାମ ଯୋଜନା; (xxxix) ସପ୍ତମ ଅନୁସୂଚୀର ତାଲିକା *I*ର ପ୍ରବିଷ୍ଟି 50 ନଂର ବ୍ୟବସ୍ଥା ଅଧୀନରେ ଓଜନ ଓ ମାପ; (xl) ସମତଳ ଜନଜାତି ଓ ପଛୁଆ ବର୍ଗର କଲ୍ୟାଣ;

କିନ୍ତୁ, ଏପରି ଆଇନର କୌଣସି ବ୍ୟବସ୍ଥା—

(*a*) ଏହି ଅଧିନିୟମ ପ୍ରାରମ୍ଭ ହେବାର ତାରିଖରେ ଯେକୌଣସି ନାଗରିକଙ୍କ ଭୂମି ଉପରେ ଥିବା ଅଧିକାର କିମ୍ବା ସୁବିଧାକୁ ଉଚ୍ଛେଦ କିମ୍ବା ପରିବର୍ତ୍ତନ କରିପାରିବେ ନାହିଁ; ଏବଂ

(*b*) ଯଦି ଏପରି ନାଗରିକ ଅନ୍ୟଥା ବୋଡ଼ୋଲ୍ୟାଣ୍ଡ ଆଞ୍ଚଳିକ କ୍ଷେତ୍ର ଜିଲ୍ଲା ମଧ୍ୟରେ ଏପରି ଜମି ଅଧିଗ୍ରହଣ ପାଇଁ ଯୋଗ୍ୟ, ତେବେ ଉତ୍ତରାଧିକାର, - ବଣ୍ଟନ, ବନ୍ଦୋବସ୍ତ କିମ୍ବା ହସ୍ତାନ୍ତରଣର ଅନ୍ୟ କୌଣସି ଉପାୟ ଦ୍ୱାରା ଜମି ଅଧିଗ୍ରହଣ କରିବାରୁ ନାଗରିକଙ୍କୁ ନିଷେଧ କରିବ ନାହିଁ ।

(2) ପରିଚ୍ଛେଦ 3 କିମ୍ବା ଏହି ପରିଚ୍ଛେଦ ଅନୁଯାୟୀ ପ୍ରସ୍ତୁତ ସମସ୍ତ ଆଇନ, ଯେପର୍ଯ୍ୟନ୍ତ ସେମାନେ ସପ୍ତମ ଅନୁସୂଚୀର ତାଲିକା IIIର ବିଷୟଗୁଡ଼ିକ ସହ ସମ୍ପର୍କିତ, ଏହାକୁ ତୁରନ୍ତ ରାଜ୍ୟପାଳଙ୍କ ନିକଟରେ ଦାଖଲ କରାଯିବ ଓ ସେ ଏହାକୁ ରାଷ୍ଟ୍ରପତିଙ୍କ ବିଚାର ପାଇଁ ସଂରକ୍ଷିତ କରିବେ ।

(3) ଯେତେବେଳେ ଆଇନ ରାଷ୍ଟ୍ରପତିଙ୍କ ବିଚାର ପାଇଁ ସଂରକ୍ଷିତ ହୁଏ, ଏହି ଆଇନକୁ ସମ୍ମତି ଦେଉଛନ୍ତି କିମ୍ବା ଦେଉନାହାଁନ୍ତି, ତାହା ସେ ଘୋଷଣା କରିପାରିବେ ।

କିନ୍ତୁ, ରାଷ୍ଟ୍ରପତି ରାଜ୍ୟପାଳଙ୍କୁ ଆଇନକୁ ବୋଡ଼ୋଲ୍ୟାଣ୍ଡ ଆଞ୍ଚଳିକ ପରିଷଦକୁ ଫେରାଇବାକୁ ନିର୍ଦ୍ଦେଶ ଦେଇପାରିବେ, ଯେଉଁଥିରେ ଅନୁରୋଧ କରାଯିବ ଯେ ଉକ୍ତ ପରିଷଦ ଆଇନ କିମ୍ବା ଏହାର କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥାର ପୁନର୍ବିଚାର କରିବ ଏବଂ ବିଶେଷକରି, ତାଙ୍କ ବାର୍ତ୍ତାରେ ସେ ସୁପାରିଶ କରିଥିବା ଯେକୌଣସି ସଂଶୋଧନ ପ୍ରଣୟନ କରିବାର ଇଚ୍ଛୁକତା ବିଷୟରେ ବିଚାର କରିବ ଏବଂ, ଯେତେବେଳେ ଆଇନଟି ଏପରି ଭାବରେ ଫେରସ୍ତ କରାଯିବ, ଉକ୍ତ ପରିଷଦ ଏପରି ବାର୍ତ୍ତା ପାଇବା ତାରିଖରୁ ଛଅ ମାସ ମଧ୍ୟରେ ଆଇନକୁ ବିଚାର କରିବ ଏବଂ, ଯଦି ଆଇନଟି ପୁନର୍ବାର ଉକ୍ତ ପରିଷଦ ଦ୍ୱାରା ସଂଶୋଧନ ସହିତ କିମ୍ବା ବିନା ସଂଶୋଧନରେ ଗୃହୀତ ହୁଏ, ତେବେ ଏହାକୁ ରାଷ୍ଟ୍ରପତିଙ୍କ ବିଚାର ପାଇଁ ପୁନଃ ଉପସ୍ଥାପନ କରାଯିବ।"

ଜିଲ୍ଲାର ପରିସୀମା ମଧ୍ୟରେ ଥିବା ସମସ୍ତ ଅଞ୍ଚଳ, ଯଦି ତାହା ଆଞ୍ଚଳିକ ପରିଷଦର ଅଧୀନରେ ନଥିବ, ସେମାନେ ନିମ୍ନଲିଖିତ ନିୟମାବଳୀ କରିପାରିବେ—

(*a*) କୌଣସି ଗ୍ରାମ ବା ସହରରେ ବସବାସ କରୁଥିବା ବାସିନ୍ଦାଙ୍କ ହିତକୁ ଦୃଷ୍ଟିରେ ରଖି ଆରକ୍ଷିତ ଜଙ୍ଗଲ ଜମିକୁ ବାଦ୍ ଦେଇ, ଅନ୍ୟ ଭୂମିକୁ କୃଷି ଚାରଣ, ଆବାସିକ, ଅଣ-କୃଷି ତଥା ଅନ୍ୟ ଉଦ୍ଦେଶ୍ୟରେ ଆବଣ୍ଟନ, ବସତି ସ୍ଥାପନ, ବ୍ୟବହାର କିମ୍ବା ପୃଥକ ରକ୍ଷଣ କରିପାରିବେ:

କିନ୍ତୁ, ଏପରି ଆଇନରେ [1][ସେହି ରାଜ୍ୟ ସରକାରଙ୍କଦ୍ୱାରା] ସରକାରୀ ଉଦ୍ଦେଶ୍ୟରେ, ଜମି ଅଧିଗ୍ରହଣ ଆଇନ ଅନୁଯାୟୀ ବାଧା ଦିଆ ଯାଇପାରିବ ନାହିଁ ବା ଦଖଲ ବା ଅଦଖଲ ଜମି ବାଧ୍ୟତାମୂଳକ ବାଧା ଦେବ ନାହିଁ;

(*b*) ସଂରକ୍ଷିତ ଜଙ୍ଗଲ ବ୍ୟତୀତ ଯେକୌଣସି ଜଙ୍ଗଲର ପରିଚାଳନା;

(*c*) କୃଷି ଉଦ୍ଦେଶ୍ୟରେ କୌଣସି ନାଳ ବା ଜଳପ୍ରବାହର ବ୍ୟବହାର;

(*d*) *ଝୁମ୍* ପ୍ରଥା କିମ୍ବା ଅନ୍ୟ ପ୍ରକାର ସ୍ଥାନାନ୍ତର ଚାଷର ନିୟନ୍ତ୍ରଣ;

(*e*) ଗ୍ରାମ୍ୟ କିମ୍ବା ସହର ସମିତି କିମ୍ବା ପରିଷଦ ଗଠନ ଏବଂ ସେମାନଙ୍କର କ୍ଷମତା;

(*f*) ଅନ୍ୟ ବିଷୟ ଯାହା ଗ୍ରାମ୍ୟ କିମ୍ବା ସହର ପ୍ରଶାସନ ବିଷୟ ସହ ସମ୍ବନ୍ଧିତ ତଥା ଗ୍ରାମ୍ୟ କିମ୍ବା ସହର ଆରକ୍ଷୀ, ଜନସ୍ୱାସ୍ଥ୍ୟ ଏବଂ ପରିମଳ ଅନ୍ତର୍ଗତ;

(*g*) ମୁଖ୍ୟ କିମ୍ବା ମୁଖ୍ୟବ୍ୟକ୍ତିଙ୍କ ନିଯୁକ୍ତି କିମ୍ବା ଉତ୍ତରାଧିକାରୀ;

(*h*) ସମ୍ପତ୍ତିର ଉତ୍ତରାଧିକାର;

[2][(*i*) ବିବାହ ଏବଂ ଛାଡ଼ପତ୍ର;]

(*j*) ସାମାଜିକ ପ୍ରଥା

(2) ଏହି ପରିଚ୍ଛେଦରେ, "ସଂରକ୍ଷିତ ଜଙ୍ଗଲ" ଅର୍ଥ କୌଣସି ଅଞ୍ଚଳ ଯାହା ଆସାମ ଜଙ୍ଗଲ ନିୟମାବଳୀ, 1891 ଅନୁଯାୟୀ ନିର୍ଦ୍ଧାରିତ ଜଙ୍ଗଲ କିମ୍ବା ସମ୍ପୃକ୍ତ ଅଞ୍ଚଳରେ ଯାହା ପ୍ରଚଳିତ ଅନ୍ୟ ନିୟମଦ୍ୱାରା ଅନୁମୋଦିତ।

---

[1] ଉତ୍ତର-ପୂର୍ବାଞ୍ଚଳ (ପୁନର୍ଗଠନ) ଅଧିନିୟମ, 1971 (1981ର 81 ନଂ), ଧାରା 71(*i*) ଓ ଅଷ୍ଟମ ଅନୁସୂଚୀଦ୍ୱାରା ନିର୍ଦ୍ଦିଷ୍ଟ କିଛି ଶବ୍ଦ ପାଇଁ ପ୍ରତିସ୍ଥାପିତ (21-1-1972 ଠାରୁ କାର୍ଯ୍ୟକାରୀ)।

[2] ଆସାମ ପୁନର୍ଗଠନ (ମେଘାଳୟ) ଅଧିନିୟମ, 1969 (1969ର 55ନଂ), ଧାରା 74 ଓ ଚତୁର୍ଥ ଅନୁସୂଚୀଦ୍ୱାରା ଖଣ୍ଡ (i) ପାଇଁ ପ୍ରତିସ୍ଥାପିତ (2-4-1970 ଠାରୁ କାର୍ଯ୍ୟକାରୀ)।

(3) ଏହି ପରିଚ୍ଛେଦରେ ପ୍ରଣୟନ କରାଯାଇଥିବା ସମସ୍ତ ଆଇନ ତୁରନ୍ତ ରାଜ୍ୟପାଳଙ୍କ ନିକଟରେ ଦାଖଲ କରାଯିବ ଏବଂ ଅନୁମୋଦନ ନହେବା ପର୍ଯ୍ୟନ୍ତ ପ୍ରଭାବଶାଳୀ ହେବ ନାହିଁ ।

[1]**4. ସ୍ୱୟଂଶାସିତ ଜିଲ୍ଲା ଏବଂ ସ୍ୱୟଂଶାସିତ ଅଞ୍ଚଳରେ ନ୍ୟାୟିକ ପ୍ରଶାସନ ବ୍ୟବସ୍ଥା**— (1) କୌଣସି ଆଞ୍ଚଳିକ ପରିଷଦ କର୍ତ୍ତୃତ୍ୱ ଅଧୀନରେ ଥିବା ଅଞ୍ଚଳ ବ୍ୟତୀତ ସ୍ୱୟଂଶାସିତ ଅଞ୍ଚଳ ପାଇଁ ଆଞ୍ଚଳିକ ପରିଷଦ ଏବଂ ସ୍ୱୟଂଶାସିତ ଜିଲ୍ଲା ପାଇଁ ଜିଲ୍ଲା ପରିଷଦ ତାଙ୍କ ନିଜ ଅଞ୍ଚଳର ଅନ୍ୟ କ୍ଷେତ୍ରରେ ବସବାସ କରୁଥିବା ଜନଜାତି ମଧ୍ୟରେ ହେଉଥିବା ମାମଲା ଓ ମକଦ୍ଦମା ପାଇଁ ରାଜ୍ୟର ସମସ୍ତ ନ୍ୟାୟାଳୟକୁ ବାଦ୍ ଦେଇ, ଏହି ଅନୁସୂଚୀର ପରିଚ୍ଛେଦ 5ର ଉପ-ପରିଚ୍ଛେଦ (1)ରେ ବର୍ଣ୍ଣିତ ବିଷୟ ବ୍ୟତୀତ ଗ୍ରାମ୍ୟ ପରିଷଦ କିମ୍ବା ନ୍ୟାୟାଳୟ ପ୍ରତିଷ୍ଠା କରିପାରିବେ ଏବଂ ଉପଯୁକ୍ତ ଏହି ଗ୍ରାମ୍ୟ ପରିଷଦର ସଦସ୍ୟ ଅଥବା ଏପରି ନ୍ୟାୟାଳୟର ପୀଠାସୀନ ଅଧିକାରୀ ରୂପେ ନିଯୁକ୍ତି କରିପାରିବେ ଏବଂ ଏହି ଅନୁସୂଚୀର ପରିଚ୍ଛେଦ (3) ଅନୁସାରେ ଆବଶ୍ୟକ ଅନୁଯାୟୀ ଅନ୍ୟ ଅଧିକାରୀକୁ ନ୍ୟାୟିକ ପ୍ରଶାସନ ପାଇଁ ନିଯୁକ୍ତ କରିପାରିବେ ।

(2) ସମ୍ବିଧାନରେ ଯାହା କିଛି ଥିବା ସତ୍ତ୍ୱେ, ଏକ ସ୍ୱୟଂଶାସିତ ଅଞ୍ଚଳ ପାଇଁ ଆଞ୍ଚଳିକ ପରିଷଦ କିମ୍ବା ଆଞ୍ଚଳିକ ପରିଷଦ ଦ୍ୱାରା ଗଠିତ ଯେକୌଣସି ନ୍ୟାୟାଳୟ କିମ୍ବା, ଯଦି ଏକ ସ୍ୱୟଂଶାସିତ ଜିଲ୍ଲା ମଧ୍ୟରେ କୌଣସି ଆଞ୍ଚଳିକ ପରିଷଦ ନାହିଁ, ତେବେ ସେହି ଜିଲ୍ଲା ପାଇଁ ଜିଲ୍ଲା ପରିଷଦ, କିମ୍ବା ଜିଲ୍ଲା ପରିଷଦ ଦ୍ୱାରା ଗଠିତ ନ୍ୟାୟାଳୟ, ଏହି ପରିଚ୍ଛେଦର ଉପ-ପରିଚ୍ଛେଦ (1) ଅନୁଯାୟୀ ଗଠିତ ଗ୍ରାମ ପରିଷଦ କିମ୍ବା ନ୍ୟାୟାଳୟଦ୍ୱାରା ବିଚାରଯୋଗ୍ୟ ସମସ୍ତ ମୋକଦ୍ଦମା ଏବଂ ମାମଲା ସମ୍ପର୍କରେ ଅପିଲ ନ୍ୟାୟାଳୟର କ୍ଷମତା ପ୍ରୟୋଗ କରିବେ, ଯେପରିକି ଏହି କ୍ଷେତ୍ର କିମ୍ବା କ୍ଷେତ୍ର ମଧ୍ୟରେ, ଯେପରି ହୋଇପାରେ, ସେହି କ୍ଷେତ୍ର ବ୍ୟତୀତ ଯେଉଁଠାରେ ଏହି ଅନୁସୂଚୀର ପରିଚ୍ଛେଦ 5 ର ଉପ-ପରିଚ୍ଛେଦ (1) ର ବ୍ୟବସ୍ଥା ପ୍ରଯୁଜ୍ୟ ହୁଏ, ଏବଂ ଉଚ୍ଚ ନ୍ୟାୟାଳୟ ଏବଂ ସର୍ବୋଚ୍ଚ ନ୍ୟାୟାଳୟ ବ୍ୟତୀତ ଅନ୍ୟ କୌଣସି ନ୍ୟାୟାଳୟର ଏପରି ମୋକଦ୍ଦମା କିମ୍ବା ମାମଲା ଉପରେ କ୍ଷେତ୍ରାଧିକାର ରହିବ ନାହିଁ।

(3) ଏହି ପରିଚ୍ଛେଦର ଉପ-ପରିଚ୍ଛେଦ (2)ରେ ଲିଖିତ ଥିବା ବ୍ୟବସ୍ଥା ଲାଗୁ ହେଉଥିବା ମାମଲା ଓ ମକଦ୍ଦମାଗୁଡ଼ିକରେ ଉଚ୍ଚ ନ୍ୟାୟାଳୟର[2]*** ନ୍ୟାୟାଧିକାର କ୍ଷମତା ରହିବ, ଯାହା ରାଜ୍ୟପାଳଙ୍କଦ୍ୱାରା ସମୟକ୍ରମେ ବିଶେଷଭାବେ ନିର୍ଦ୍ଦିଷ୍ଟ କରାଯାଇପାରେ ।

---

[1] ସମ୍ବିଧାନ (ସଂଶୋଧନ) ଅଧିନିୟମ, 2003 (2003ର 44 ନଂ), ଧାରା 2ଦ୍ୱାରା ପରିଚ୍ଛେଦ 4କୁ ଆସାମ ରାଜ୍ୟ ଉପରେ ପ୍ରୟୋଗ ହେବା ପାଇଁ ଫଳତଃ ଉପପରିଚ୍ଛେଦ 5 ପରେ ନିମ୍ନଲିଖିତ ଉପପରିଚ୍ଛେଦ ସନ୍ନିବେଶିତ (7-9-2003 ଠାରୁ କାର୍ଯ୍ୟକାରୀ) କରାଯାଇଛି ।

"(6) ଏହି ପରିଚ୍ଛେଦର କୌଣସି ବ୍ୟବସ୍ଥା ବୋଡ଼ୋଲ୍ୟାଣ୍ଡ ଆଞ୍ଚଳିକ ପରିଷଦ ଉପରେ ଲାଗୁ ହେବ ନାହିଁ, ଯାହାକି ଏହି ଅନୁସୂଚୀର ପରିଚ୍ଛେଦ 2ର ଉପ-ପରିଚ୍ଛେଦ (3)ର ପ୍ରତିବନ୍ଧ ଅନୁଯାୟୀ ଗଠିତ ।"

[2] ଉତ୍ତର-ପୂର୍ବାଞ୍ଚଳ (ପୁନର୍ଗଠନ) ଅଧିନିୟମ, 1971 (1971ର 81ନଂ), ଧାରା 71(*i*) ଓ ଅଷ୍ଟମ ଅନୁସୂଚୀଦ୍ୱାରା "ଆସାମର" ବାକ୍ୟକୁ ବାଦ ଦିଆଯାଇଛି (21-1-1972 ଠାରୁ କାର୍ଯ୍ୟକାରୀ) ।

(4) ରାଜ୍ୟପାଳଙ୍କ ପୂର୍ବ ଅନୁମୋଦନ କ୍ରମେ ଯଥାସ୍ଥିତି କୌଣସି ଆଞ୍ଚଳିକ ପରିଷଦ ଏବଂ ଜିଲ୍ଲା ପରିଷଦ ନିମ୍ନଲିଖିତ ନିୟମାବଳୀ କରିପାରିବେ—

(*a*) ଗ୍ରାମ୍ୟ ପରିଷଦ ଏବଂ ନ୍ୟାୟାଳୟର ଗଠନ ଏବଂ ଏହି ପରିଚ୍ଛେଦ ଅନୁଯାୟୀ ସେମାନଙ୍କଦ୍ୱାରା କାର୍ଯ୍ୟ କରିବାର କ୍ଷମତା;

(*b*) ଏହି ପରିଚ୍ଛେଦର ଉପ-ପରିଚ୍ଛେଦ (1) ଅନୁଯାୟୀ ହେଉଥିବା ମକଦ୍ଦମା ଓ ମାମଲାଗୁଡ଼ିକର ବିଚାର ଗ୍ରାମ୍ୟ ପରିଷଦ କିମ୍ବା ନ୍ୟାୟାଳୟଦ୍ୱାରା ଅନୁସରଣ କରାଯିବାକୁ ଥିବା ପଦ୍ଧତି;

(*c*) ଏହି ପରିଚ୍ଛେଦର ଉପ-ପରିଚ୍ଛେଦ (2) ଅନୁଯାୟୀ ଆଞ୍ଚଳିକ ଓ ଜିଲ୍ଲା ପରିଷଦ ବା ଏହି ପରିଷଦଦ୍ୱାରା ଗଠନ କରାଯାଇଥିବା ପୁନର୍ବିଚାର କରିବା ପାଇଁ ନ୍ୟାୟାଳୟ ବା ଅନ୍ୟ ନ୍ୟାୟାଳୟରେ ଶୁଣାଣି କରିବାର କାର୍ଯ୍ୟ ପଦ୍ଧତି;

(*d*) ଏମିତି ପରିଷଦ ଏବଂ ନ୍ୟାୟାଳୟ ଦେଇଥିବା ଆଦେଶକୁ କାର୍ଯ୍ୟକାରୀ କରିବା;

(*e*) ଏହି ପରିଚ୍ଛେଦର ଉପ-ପରିଚ୍ଛେଦ (1) ଏବଂ (2)ରେ ଥିବା ବ୍ୟବସ୍ଥା ଅନୁସାରେ ଆନୁଷଙ୍ଗିକ ବିଷୟବସ୍ତୁକୁ କାର୍ଯ୍ୟକାରୀ କରିବା ପାଇଁ ସମସ୍ତ ପ୍ରକାର ନିୟମ ପ୍ରଣୟନ କରିବେ ।

[1][(5) ରାଷ୍ଟ୍ରପତି [2][ସମ୍ପୃକ୍ତ ରାଜ୍ୟ ସରକାରଙ୍କୁ ପରାମର୍ଶ କରିବା ପରେ], ଏହି ସପକ୍ଷରେ ବିଜ୍ଞପ୍ତିଦ୍ୱାରା ନିଯୁକ୍ତ କରିଥିବା ତାରିଖରୁ ଏବଂ ତାପରଠାରୁ, ଏହି ପରିଚ୍ଛେଦ ଅନୁସାରେ ଏପରି ସ୍ୱୟଂଶାସିତ ଜିଲ୍ଲା କିମ୍ବା ଅଞ୍ଚଳ ସମ୍ପର୍କରେ ପ୍ରଭାବଶାଳୀ ହେବ ଯାହା ବିଜ୍ଞପ୍ତିରେ ନିର୍ଦ୍ଦିଷ୍ଟ କରାଯାଇପାରେ, ଯେପରିକି–

(*i*) ଏହି ଉପଅନୁଚ୍ଛେଦ (1)ରେ, “ଏହି ଅଞ୍ଚଳ ଭିତରେ ଅନୁସୂଚିତ ଜନଜାତିର ସମସ୍ତ ପକ୍ଷଙ୍କ ମଧ୍ୟରେ ଥିବା ମାମଲା ଓ ମକଦ୍ଦମା, ଯାହା ଏହି ଅନୁସୂଚୀର ଅନୁଚ୍ଛେଦ 5ର ଉପପରିଚ୍ଛଦ (1)ର ଅନୁସାରେ ଲାଗୁ ନୁହେଁ,” ଶବ୍ଦାବଳୀ ପରିବର୍ତ୍ତନ କରି “ଏହି ଅନୁସୂଚୀର ଅନୁଚ୍ଛେଦ (5)ର ଉପଅନୁଚ୍ଛେଦ (1)ରେ ଉଲ୍ଲେଖିତ ମାମଲା ଓ ମକଦ୍ଦମା ନୁହେଁ, ଯାହା ରାଜ୍ୟପାଳଙ୍କଦ୍ୱାରା ଏହା ପାଇଁ ନିର୍ଦ୍ଦିଷ୍ଟ କରାଯାଇପାରେ” ଶବ୍ଦାବଳୀ ପ୍ରତିସ୍ଥାପନ କରାଯାଇଥିଲା;

(*ii*) ଉପ ପରିଚ୍ଛେଦ (2) ଓ (3) ବାଦ ଦିଆଯାଇଛି;

(*iii*) ଉପ ପରିଚ୍ଛେଦ (4)ରେ—

(*a*) ଯଥାସ୍ଥିତି "ଆଞ୍ଚଳିକ ପରିଷଦ କିମ୍ବା ଜିଲ୍ଲା ପରିଷଦ, ରାଜ୍ୟପାଳଙ୍କ ପୂର୍ବ ଅନୁମୋଦନ କ୍ରମେ ନିୟମ ପ୍ରଣୟନ କରିପାରିବେ" ଶବ୍ଦାବଳୀ ବଦଳରେ "ରାଜ୍ୟପାଳ ନିୟମ ପ୍ରଣୟନ କରିପାରିବେ" ଶବ୍ଦାବଳୀ ପ୍ରତିସ୍ଥାପିତ କରାଯାଇଛି; ଏବଂ

(*b*) ଖଣ୍ଡ (*a*) ପାଇଁ, ନିମ୍ନଲିଖିତ ଖଣ୍ଡ ପ୍ରତିସ୍ଥାପିତ ହୋଇଛି, ଯଥା:—

---

[1] ଆସାମ ପୁନର୍ଗଠନ (ମେଘାଳୟ) ଅଧିନିୟମ, 1969 (1969ର 55ନଂ), ଧାରା 74 ଓ ଚତୁର୍ଥ ଅନୁସୂଚୀଦ୍ୱାରା ସନ୍ନିବେଶିତ (2-4-1970 ଠାରୁ କାର୍ଯ୍ୟକାରୀ) ।

[2] ଉତ୍ତର-ପୂର୍ବାଞ୍ଚଳ (ପୁନର୍ଗଠନ) ଅଧିନିୟମ, 1971 (1971ର 81ନଂ), ଧାରା 71(*i*) ଓ ଅଷ୍ଟମ ଅନୁସୂଚୀଦ୍ୱାରା ନିର୍ଦ୍ଦିଷ୍ଟ କିଛି ଶବ୍ଦ ପାଇଁ ପ୍ରତିସ୍ଥାପିତ (21-1-1972 ଠାରୁ କାର୍ଯ୍ୟକାରୀ)।

"(*a*) ଏହି ପରିଚ୍ଛେଦରେ ଗ୍ରାମ୍ୟ ପରିଷଦ ଏବଂ ନ୍ୟାୟାଳୟର ଗଠନ ତଥା ସେମାନଙ୍କର କ୍ଷମତାର କାର୍ଯ୍ୟକାରିତା ଏବଂ ସେମାନଙ୍କ ନିଷ୍ପତ୍ତି ସମ୍ବନ୍ଧରେ ନ୍ୟାୟାଳୟରେ ପୁନର୍ବିଚାର ପାଇଁ ଆବେଦନ ହେବ;";

(*c*) ଖଣ୍ଡ (*c*) ପାଇଁ, ନିମ୍ନଲିଖିତ ଖଣ୍ଡ ପ୍ରତିସ୍ଥାପିତ ହୋଇଛି, ଯଥା:—

"(*c*) ଉପ-ପରିଚ୍ଛେଦ (5) ଅନୁଯାୟୀ ଆଞ୍ଚଳିକ ବା ଜିଲ୍ଲା ପରିଷଦ ବା ପରିଷଦଦ୍ୱାରା ଗଠନ କରାଯାଇଥିବା ନ୍ୟାୟାଳୟରେ ବିଚାରାଧୀନ ମକଦ୍ଦମାଗୁଡ଼ିକ ରାଷ୍ଟ୍ରପତି ନିର୍ଦ୍ଧାରିତ କରିଥିବା ଦିନ ପୂର୍ବରୁ ଆବେଦନ ଏବଂ ଅନ୍ୟ ମାମଲାକୁ ତୁରନ୍ତ ସ୍ଥାନାନ୍ତର କରାଯିବ;"; ଏବଂ

(*d*) ଖଣ୍ଡ (*e*)ରେ, "ଉପ-ପରିଚ୍ଛେଦ (1) ଏବଂ (2)" ଶବ୍ଦ, ବନ୍ଧନୀ ଏବଂ ସଂଖ୍ୟା ସ୍ଥାନରେ, "ଉପ-ପରିଚ୍ଛେଦ (1)" ଶବ୍ଦ, ବନ୍ଧନୀ ଏବଂ ସଂଖ୍ୟା ପ୍ରତିସ୍ଥାପିତ କରାଗଲା।]

**5. ଆଞ୍ଚଳିକ ଏବଂ ଜିଲ୍ଲା ପରିଷଦ ଏବଂ ଅନ୍ୟ ନ୍ୟାୟାଳୟ ତଥା ଦେୱାନୀ ଆଇନ ଅଧିକାରୀମାନଙ୍କୁ 1908 ଏବଂ ଫୌଜଦାରୀ ଆଇନ, 1898[1] ଅନୁଯାୟୀ ମକଦ୍ଦମା, ମାମଲା ଓ ଅପରାଧର ବିଚାର ପାଇଁ କ୍ଷମତା ପ୍ରଦାନ**— ରାଜ୍ୟପାଳ, ଯେକୌଣସି ସ୍ୱୟଂଶାସିତ ଜିଲ୍ଲା କିମ୍ବା ଅଞ୍ଚଳରେ ବଳବତ୍ତର ଆଇନ (ଯାହାକୁ ରାଜ୍ୟପାଳ ଏହା ପାଇଁ ନିର୍ଦ୍ଦିଷ୍ଟ କରିବେ) ସୃଷ୍ଟ ହେଉଥିବା ଯେକୌଣସି ମାମଲା କିମ୍ବା ମକଦ୍ଦମାର ସମୀକ୍ଷା ପାଇଁ କିମ୍ବା ଭାରତୀୟ ଦଣ୍ଡ ସଂହିତା କିମ୍ବା ଏହି ଜିଲ୍ଲା କିମ୍ବା ଅଞ୍ଚଳକୁ ବର୍ତ୍ତମାନର ଲାଗୁ ହେଉଥିବା ଯେକୌଣସି ଅନ୍ୟ ଆଇନ ଅଧୀନରେ ମୃତ୍ୟୁଦଣ୍ଡ, ଆଜୀବନ ନିର୍ବାସନ କିମ୍ବା ପାଞ୍ଚ ବର୍ଷରୁ ଅଧିକ କାରାବାସ ନୁହେଁ, ଏହି ଜିଲ୍ଲା କିମ୍ବା ଅଞ୍ଚଳ ଉପରେ ଅଧିକାର ଥିବା ଜିଲ୍ଲା ପରିଷଦ କିମ୍ବା ଆଞ୍ଚଳିକ ପରିଷଦ କିମ୍ବା ଏହି ଜିଲ୍ଲା ପରିଷଦଦ୍ୱାରା ଗଠିତ ଅଦାଲତ କିମ୍ବା ରାଜ୍ୟପାଳଙ୍କଦ୍ୱାରା ଏହା ପାଇଁ ନିଯୁକ୍ତ ଯେକୌଣସି ଅଧିକାରୀଙ୍କୁ, 1908ର ଦଣ୍ଡବାଦୀ ପ୍ରକ୍ରିୟା ସଂହିତା କିମ୍ବା (ପ୍ରସଙ୍ଗ ପ୍ରମାଣରେ) 1898ର ଫୌଜଦାରୀ ପଦ୍ଧତି ସଂହିତା ଅଧୀନରେ ସେମାନେ ଯୋଗ୍ୟ ମନେ କରନ୍ତି ସେହି କ୍ଷମତାଗୁଡ଼ିକ ପ୍ରଦାନ କରିପାରିବେ ଏବଂ ସେତେବେଳେ ଉପରୋକ୍ତ ପରିଷଦ, ଅଦାଲତ କିମ୍ବା ଅଧିକାରୀ ଏହି ପ୍ରଦାନ କରାଯାଇଥିବା କ୍ଷମତାର ଆଧାରରେ ସେହି ମାମଲା, ମକଦ୍ଦମା କିମ୍ବା ଅପରାଧଗୁଡ଼ିକୁ ସମୀକ୍ଷା କରିବେ ।

(2) ଏହି ପରିଚ୍ଛେଦର ଉପ-ପରିଚ୍ଛେଦ (1)ରେ ରାଜ୍ୟପାଳ ଚାହିଁଲେ ଜିଲ୍ଲା ପରିଷଦ, ଆଞ୍ଚଳିକ ପରିଷଦ, ନ୍ୟାୟାଳୟ ବା ଅନ୍ୟ ଅଧିକାରୀଙ୍କୁ ଦିଆଯାଇଥିବା କ୍ଷମତା ପ୍ରତ୍ୟାହାର କିମ୍ବା ପରିବର୍ତ୍ତନ କରିପାରିବେ ।

(3) ଏହି ପରିଚ୍ଛେଦରେ ବର୍ଣ୍ଣିତ ହୋଇଥିବା ବ୍ୟବସ୍ଥା ଯଥା, ଦେୱାନୀ ଆଇନ (1908), ଏବଂ ଫୌଜଦାରୀ ଆଇନ, 1898[1], ଅନୁଯାୟୀ କୌଣସି ଦେୱାନୀ ବା ଫୌଜଦାରୀ ମାମଲା ଓ ମକଦ୍ଦମା ସ୍ୱୟଂଶାସିତ ଜିଲ୍ଲା କିମ୍ବା ସ୍ୱୟଂଶାସିତ ଅଞ୍ଚଳ ପାଇଁ ପ୍ରୟୋଗ ହେବ ନାହିଁ ।

---

[1] ଦଣ୍ଡବିଧି ପ୍ରକ୍ରିୟା ସଂହିତା, 1973 (1974 ର 2ନଂ) ଦେଖନ୍ତୁ ।

[1][(4) ପରିଚ୍ଛେଦ 4ର ଉପ-ପରିଚ୍ଛେଦ (5) ଅନୁଯାୟୀ ଗଠିତ ହୋଇଥିବା ସ୍ୱୟଂଶାସିତ ଜିଲ୍ଲା ବା ସ୍ୱୟଂଶାସିତ ଅଞ୍ଚଳ, ରାଷ୍ଟ୍ରପତିଙ୍କଦ୍ୱାରା ନିର୍ଦ୍ଦିଷ୍ଟ ହୋଇଥିବା ତାରିଖଠାରୁ ବା ତାପରଠାରୁ ସେହି ଜିଲ୍ଲା ବା ଏହି ପରିଚ୍ଛେଦରେ ବର୍ଣ୍ଣିତ ଆଇନ ସେହି ଅଞ୍ଚଳ ପାଇଁ ଲାଗୁ ହେବ ନାହିଁ, ରାଜ୍ୟପାଳଙ୍କଦ୍ୱାରା ଜିଲ୍ଲା ପରିଷଦ ବା ଆଞ୍ଚଳିକ ପରିଷଦ, ଅନ୍ୟ ନ୍ୟାୟାଳୟକୁ ଏହି ପରିଚ୍ଛେଦର ଉପ-ପରିଚ୍ଛେଦ (1)ରେ ପ୍ରଦାନ କରାଯାଇଥିବା କ୍ଷମତା ରହିବ ନାହିଁ ।]

[2]**[6. ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ଜିଲ୍ଲା ପରିଷଦର କ୍ଷମତା**— (1) ସ୍ୱୟଂଶାସିତ ଜିଲ୍ଲା ପରିଷଦ ଉକ୍ତ ଜିଲ୍ଲାରେ ପ୍ରାଥମିକ ବିଦ୍ୟାଳୟ, ପ୍ରାଥମିକ ଚିକିତ୍ସାଳୟ, ବଜାର, [3]***[ଗୋବନ୍ଦୀଶାଳା], ଘାଟ, ମତ୍ସ୍ୟପାଳନ, ରାସ୍ତା, ସଡ଼କ ପରିବହନ ଏବଂ ଜଳପଥ ସ୍ଥାପନ କରିବେ ଏବଂ ରାଜ୍ୟପାଳଙ୍କର ପୂର୍ବ ଅନୁମୋଦନ ସହିତ ନିୟମଦ୍ୱାରା ଏହାକୁ ନିୟନ୍ତ୍ରଣ କରିବା ନିମନ୍ତେ ତଥା ବିଶେଷଭାବେ ପ୍ରାଥମିକ ଶିକ୍ଷାଦାନ ପାଇଁ ଜିଲ୍ଲାର ପ୍ରାଥମିକ ବିଦ୍ୟାଳୟରେ ଭାଷା ଏବଂ ପାଠ୍ୟକ୍ରମର ପ୍ରଣାଳୀ ପ୍ରସ୍ତୁତ କରିବା ନିମନ୍ତେ ଉପଯୁକ୍ତ ନିୟମାବଳୀ ପ୍ରସ୍ତୁତ କରିବେ ।

(2) ରାଜ୍ୟପାଳ, ଯେକୌଣସି ଜିଲ୍ଲା ପରିଷଦର ସମ୍ମତି କ୍ରମେ ସର୍ତ୍ତ କିମ୍ବା ନିଃସର୍ତ୍ତରେ କୃଷି, ଗୋପାଳନ, ଗୋଷ୍ଠୀ ପ୍ରକଳ୍ପ, ସମବାୟ ସମିତି, ସାମାଜିକ କଲ୍ୟାଣ, ଗ୍ରାମ୍ୟ ଯୋଜନା ସମ୍ପର୍କରେ କିମ୍ବା ଅନ୍ୟ ବିଷୟରେ ସେହି ପରିଷଦ କିମ୍ବା ଏହାର ଅଧିକାରୀମାନଙ୍କୁ କାର୍ଯ୍ୟ ପ୍ରଦାନ କରିପାରିବେ କିମ୍ବା ଅନ୍ୟ ଯେକୌଣସି ବିଷୟ ଯାହାକି ରାଜ୍ୟର କାର୍ଯ୍ୟପାଳିକା[4]*** କ୍ଷମତା ମଧ୍ୟରେ ଥିବା, ସେ ବିଷୟରେ ନିୟମ ପ୍ରଣୟନ କରିପାରିବେ।

**7. ଜିଲ୍ଲା ଏବଂ ଆଞ୍ଚଳିକ ପାଣ୍ଠି**—(1) ପ୍ରତ୍ୟେକ ସ୍ୱୟଂଶାସିତ ଜିଲ୍ଲା ପାଇଁ ଏକ ଜିଲ୍ଲା ପାଣ୍ଠି ଏବଂ ପ୍ରତ୍ୟେକ ସ୍ୱୟଂଶାସିତ ଅଞ୍ଚଳ ପାଇଁ ଏକ ଅଞ୍ଚଳିକ ପାଣ୍ଠି ଗଠନ କରାଯିବ, ସେହି ଜିଲ୍ଲା କିମ୍ବା ଅଞ୍ଚଳର ଯଥାସ୍ଥିତି ଏହି ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ସେହି ଜିଲ୍ଲା ପରିଷଦ ଏବଂ ସେହି ଅଞ୍ଚଳ ପରିଷଦଦ୍ୱାରା ଯଥାକ୍ରମେ ପ୍ରାପ୍ତ ହେଉଥିବା ସମସ୍ତ ଟଙ୍କା ଜମା କରାଯିବ ।

---

[1] ଆସାମ ପୁନର୍ଗଠନ (ମେଘାଳୟ) ଅଧିନିୟମ, (1969ର 55ନଂ), ଧାରା 74 ଓ ଚତୁର୍ଥ ଅନୁସୂଚୀଦ୍ୱାରା ସନ୍ନିବେଶିତ (2-4-1970 ଠାରୁ କାର୍ଯ୍ୟକାରୀ)।

[2] ଆସାମ ପୁନର୍ଗଠନ (ମେଘାଳୟ) ଅଧିନିୟମ, (1969ର 55ନଂ), ଧାରା 74 ଓ ଚତୁର୍ଥ ଅନୁସୂଚୀଦ୍ୱାରା "ପରିଚ୍ଛେଦ 6" ପାଇଁ ପ୍ରତିସ୍ଥାପିତ (2-4-1970 ଠାରୁ କାର୍ଯ୍ୟକାରୀ) ।

[3] ପୁନର୍ବିଲୋପ ଓ ସଂଶୋଧନ ଅଧିନିୟମ, 1974 (1974ର 56ନଂ), ଧାରା 4ଦ୍ୱାରା "ଗୋବନ୍ଦୀଶାଳା" ପାଇଁ ପ୍ରତିସ୍ଥାପିତ (20-12-1974 ଠାରୁ କାର୍ଯ୍ୟକାରୀ) ।

[4] ଉତ୍ତର-ପୂର୍ବାଞ୍ଚଳ (ପୁନର୍ଗଠନ) ଅଧିନିୟମ, 1971 (1971ର 81ନଂ), ଧାରା 71(*i*) ଓ ଅଷ୍ଟମ ଅନୁସୂଚୀଦ୍ୱାରା "ଯଥାସ୍ଥିତି, ଆସାମ କିମ୍ବା ମେଘାଳୟ", ବାକ୍ୟଟି ବାଦ ଦିଆଯାଇଛି (21-1-1972 ଠାରୁ କାର୍ଯ୍ୟକାରୀ) ।

[1][(2) ରାଜ୍ୟପାଳ ଯଥାସ୍ଥିତି, ଜିଲ୍ଲା ପାଣ୍ଠି ଓ ଆଞ୍ଚଳିକ ପାଣ୍ଠିର ସୁପରିଚାଳନା କରିବା ନିମନ୍ତେ ଉକ୍ତ ପାଣ୍ଠିକୁ ଅର୍ଥ ପ୍ରଦାନ, ଅର୍ଥ ପ୍ରତ୍ୟାହାର ଏବଂ ଅର୍ଥର ସୁରକ୍ଷା ପାଇଁ ଏବଂ ଏ ସମ୍ବନ୍ଧରେ ଅନ୍ୟ ବ୍ୟବସ୍ଥା ପାଇଁ ଉପଯୁକ୍ତ କାର୍ଯ୍ୟ ପଦ୍ଧତି ନିର୍ଦ୍ଧାରଣ କରିବେ ।

(3) ରାଷ୍ଟ୍ରପତିଙ୍କ ଅନୁମୋଦନ କ୍ରମେ ଭାରତର ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ ଯେପରି ମନେ କରିବେ, ଜିଲ୍ଲା ପରିଷଦ ଏବଂ ଆଞ୍ଚଳିକ ପରିଷଦର ହିସାବ ନିର୍ଦ୍ଧାରଣ କରିବେ ।

(4) ଭାରତର ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ ଜିଲ୍ଲା ଏବଂ ଆଞ୍ଚଳିକ ପରିଷଦର ହିସାବଗୁଡ଼ିକୁ ନିଜ ଅନୁସାରେ ନିରୀକ୍ଷଣ କରାଇବେ ଏବଂ ଏ ସମ୍ବନ୍ଧରେ ବିବରଣୀକୁ ପରିଷଦରେ ଉପସ୍ଥାପନ କରିବା ନିମନ୍ତେ ରାଜ୍ୟପାଳଙ୍କୁ ପ୍ରଦାନ କରାଯିବ।]

**8. ଭୂରାଜସ୍ୱ ଆକଳନ ଓ ଆଦାୟ ଏବଂ କର ଲାଗୁ କରିବାର କ୍ଷମତା**— (1) ସ୍ୱୟଂଶାସିତ ଅଞ୍ଚଳରେ ଥିବା ଆଞ୍ଚଳିକ ପରିଷଦ ଏବଂ ସ୍ୱୟଂଶାସିତ ଜିଲ୍ଲାରେ ଥିବା ଜିଲ୍ଲା ପରିଷଦ, ସେହି ଜିଲ୍ଲାରେ କୌଣସି ଆଞ୍ଚଳିକ ପରିଷଦ ଥିଲେ ତାଙ୍କ ନିର୍ଦ୍ଧାରିତ ପରିସୀମା ଅଧୀନରେ ଥିବା ଜମି ବ୍ୟତୀତ ନିଜ ଅଞ୍ଚଳ ମଧ୍ୟରେ ଥିବା ସମସ୍ତ ଜମିର ରାଜସ୍ୱ [2][ରାଜ୍ୟରେ ପ୍ରଚଳିତ ଥିବା ଭୂରାଜସ୍ୱ ବ୍ୟବସ୍ଥା ଅନୁଯାୟୀ] କର ମୂଲ୍ୟାୟନ ଓ ଆଦାୟ କରିବେ।]

(2) ଏକ ସ୍ୱୟଂଶାସିତ ଅଞ୍ଚଳର ଆଞ୍ଚଳିକ ପରିଷଦ ସେହି ଅଞ୍ଚଳ ଭିତରେ ସମସ୍ତ ଭୂମି ସମ୍ପର୍କରେ ଏବଂ ସ୍ୱୟଂଶାସିତ ଜିଲ୍ଲାର ଜିଲ୍ଲା ପରିଷଦ, ସେହି ଜିଲ୍ଲାରେ କୌଣସି ଆଞ୍ଚଳିକ ପରିଷଦ ଥିଲେ, ନିର୍ଦ୍ଧାରିତ ପରିସୀମା ଅଧୀନରେ ଥିବା ଜମି, କୋଠାବାଡ଼ି ବ୍ୟତୀତ ନିଜ ଅଞ୍ଚଳରେ ଥିବା ଜମି, କୋଠାବାଡ଼ି ଉପରେ କର ତଥା ଏପରି କ୍ଷେତ୍ରରେ ବସବାସ କରୁଥିବା ବ୍ୟକ୍ତିଙ୍କ ଉପରେ ପଥକର ନିର୍ଦ୍ଧାରଣ ଏବଂ ଅସୁଲ କରିବାର କ୍ଷମତା ରହିବ ।

(3) ସ୍ୱୟଂଶାସିତ ଜିଲ୍ଲାର ଜିଲ୍ଲା ପରିଷଦ ସେହି ଜିଲ୍ଲାରେ ନିମ୍ନଲିଖିତ କର ଲାଗୁ ଓ କରିବାର କ୍ଷମତା ରଖିବ—

(*a*) ବୃତ୍ତି, ବ୍ୟାପାର, ଜୀବିକା ଏବଂ ନିଯୁକ୍ତି ଉପରେ କର;

(*b*) ପଶୁ, ଯାନବାହନ ଓ ଡଙ୍ଗା ଉପରେ କର;

---

[1] ଆସାମ ପୁନର୍ଗଠନ (ମେଘାଳୟ) ଅଧିନିୟମ, 1969 (1969ର 55ନଂ), ଧାରା 74 ଓ ଚତୁର୍ଥ ଅନୁସୂଚୀଦ୍ୱାରା ଉପ-ପରିଚ୍ଛେଦ (2) ପାଇଁ ପ୍ରତିସ୍ଥାପିତ (2-4-1970 ଠାରୁ କାର୍ଯ୍ୟକାରୀ) ।

[2] ଉତ୍ତର-ପୂର୍ବାଞ୍ଚଳ (ପୁନର୍ଗଠନ) ଅଧିନିୟମ, 1971 (1971ର 81ନଂ), ଧାରା 71(*i*) ଓ ଅଷ୍ଟମ ଅନୁସୂଚୀଦ୍ୱାରା ନିର୍ଦ୍ଦିଷ୍ଟ କିଛି ଶବ୍ଦ ବାଦ ଦିଆଯାଇଛି (21-1-1972 ଠାରୁ କାର୍ଯ୍ୟକାରୀ) ।

(*c*) କ୍ରୟ ଓ ବିକ୍ରୟ ପାଇଁ ବଜାରରେ ସାମଗ୍ରୀ ବିକ୍ରୟ ପାଇଁ ପ୍ରବେଶ ଉପରେ କର, ଏବଂ ନୌପଥରେ ପରିବହନ ହେଉଥିବା ସାମଗ୍ରୀ ତଥା ଯାତ୍ରୀମାନଙ୍କ ଉପରେ କର;[1]***

(*d*) ବିଦ୍ୟାଳୟ, ଚିକିତ୍ସାଳୟ ଓ ରାସ୍ତାର ରକ୍ଷଣାବେକ୍ଷଣ ପାଇଁ କର; [2][ଏବଂ]

[3][(*e*) ମନୋରଞ୍ଜନ ଏବଂ ଆମୋଦପ୍ରମୋଦ ଉପରେ କର।]

(4) ଏହି ପରିଚ୍ଛେଦର ଉପ-ପରିଚ୍ଛେଦ (2) ଏବଂ (3) ରେ ବିଶେଷଭାବେ ଉଲ୍ଲେଖ ଥିବା କରଗୁଡ଼ିକ ମଧ୍ୟରୁ ଏବଂ କୌଣସିଟିର ଧାର୍ଯ୍ୟ କର ଆଦାୟ କରିବା ନିମନ୍ତେ ଆଞ୍ଚଳିକ ପରିଷଦ ବା ଜିଲ୍ଲା ପରିଷଦ ନିୟମାବଳୀ ପ୍ରସ୍ତୁତ କରିବେ, ଯଥାସ୍ଥିତି, [4][ପ୍ରତ୍ୟେକ ନିୟମାବଳୀ ତୁରନ୍ତ ରାଜ୍ୟପାଳଙ୍କ ନିକଟରେ ଉପସ୍ଥାପନ କରାଯିବ ଏବଂ ଏହା ଅନୁମୋଦନ ନପାଇବା ପର୍ଯ୍ୟନ୍ତ, ଉକ୍ତ ନିୟମାବଳୀ ଲାଗୁ ହେବ ନାହିଁ ।]

[5]**9. ଖଣିଜ ପଦାର୍ଥ ସନ୍ଧାନ ଓ ଉତ୍ତୋଳନ ଉଦ୍ଦେଶ୍ୟରେ ଲାଇସେନ୍ସ ବା ଲିଜ**— (1) ଏକ ସ୍ୱୟଂଶାସିତ ଜିଲ୍ଲା ମଧ୍ୟରେ ଥିବା ଖଣିରୁ ଖଣିଜ ପଦାର୍ଥ ସନ୍ଧାନ କିମ୍ବା ଉତ୍ତୋଳନ କରିବା ନିମନ୍ତେ [6][ରାଜ୍ୟ ସରକାର] ସହିତ ହୋଇଥିବା ଲାଇସେନ୍ସ ବା ଲିଜ ଅନୁଯାୟୀ ପ୍ରତି ବର୍ଷ ସେଥିରୁ ସଂଗୃହିତ ରୋୟାଲ୍ଟିର ଅଂଶ ଜିଲ୍ଲା ପରିଷଦକୁ ଦିଆଯିବ ଯାହାକି [6][ରାଜ୍ୟ ସରକାର] ଓ ଜିଲ୍ଲା ପରିଷଦ ମଧ୍ୟରେ ରାଜିନାମା ହୋଇଥିବ ।

(2) ଏହି ପରିଚ୍ଛେଦର ଉପ-ପରିଚ୍ଛେଦ (1) ଅନୁଯାୟୀ ଜିଲ୍ଲା ପରିଷଦକୁ ଦିଆଯାଇଥିବା ରୋୟାଲ୍ଟିର ଅଂଶ ବିଚାରକୁ ନେଇ ଯଦି ବିବାଦ ଉପୁଜେ ଏହାର ନିର୍ଣ୍ଣୟ ପାଇଁ ରାଜ୍ୟପାଳଙ୍କ ନିକଟକୁ ପଠାଯିବ ଏବଂ ରାଜ୍ୟପାଳଙ୍କଦ୍ୱାରା ତାଙ୍କ ବିବେଚନାରେ ସ୍ଥିର କରାଯାଇଥିବା ପରିମାଣକୁ ଜିଲ୍ଲା ପରିଷଦକୁ ଦିଆଯିବ ଏବଂ ରାଜ୍ୟପାଳ ନେଇଥିବା ନିଷ୍ପତ୍ତି ହିଁ ଚୂଡ଼ାନ୍ତ ବୋଲି ବିବେଚିତ ହେବ ।

---

[1] ସମ୍ବିଧାନ (101ତମ ସଂଶୋଧନ) ଅଧିନିୟମ, 2016, ଧାରା 16(*i*)ଦ୍ୱାରା "ଏବଂ" ଶବ୍ଦଟିକୁ ବାଦ ଦିଆଯାଇଛି (16-9-2016ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (101ତମ ସଂଶୋଧନ) ଅଧିନିୟମ, 2016, ଧାରା 16(*ii*)ଦ୍ୱାରା ସନ୍ନିବେଶିତ (16-9-2016 ଠାରୁ କାର୍ଯ୍ୟକାରୀ)।

[3] ସମ୍ବିଧାନ (101ତମ ସଂଶୋଧନ) ଅଧିନିୟମ, 2016, ଧାରା 16(*iii*)ଦ୍ୱାରା ସନ୍ନିବେଶିତ (16-9-2016 ଠାରୁ କାର୍ଯ୍ୟକାରୀ)।

[4] ଆସାମ ପୁନର୍ଗଠନ (ମେଘାଳୟ) ଅଧିନିୟମ, 1969 (1969ର 55 ନଂ), ଧାରା 74 ଓ ଚତୁର୍ଥ ଅନୁସୂଚୀଦ୍ୱାରା ସନ୍ନିବେଶିତ (2-4-1970 ଠାରୁ କାର୍ଯ୍ୟକାରୀ)।

[5] ସମ୍ବିଧାନର ଷଷ୍ଠ ଅନୁସୂଚୀ (ସଂଶୋଧନ) ଅଧିନିୟମ, 1988 (1988ର 67 ନଂ), ଧାରା 2ଦ୍ୱାରା ପରିଚ୍ଛେଦ 9କୁ ତ୍ରିପୁରା ଓ ମିଜୋରାମ ରାଜ୍ୟରେ ଏହାର ପ୍ରୟୋଗ ପାଇଁ ସଂଶୋଧନ କରାଯାଇଛି (16-12-1988ଠାରୁ କାର୍ଯ୍ୟକାରୀ), ଯାହା ଦ୍ୱାରା ଉପ-ପରିଚ୍ଛେଦ (2) ପରେ ନିମ୍ନଲିଖିତ ଉପ-ପରିଚ୍ଛେଦ ସନ୍ନିବେଶିତ ହୋଇଛି:—

"(3) ରାଜ୍ୟପାଳ ଏକ ଆଦେଶ ଜାରି କରିପାରିବେ, ଯେଉଁଥିରେ ଉଲ୍ଲେଖ ଥିବ ଯେ, ଏହି ଅନୁଚ୍ଛେଦ ଅନୁଯାୟୀ ଜିଲ୍ଲା ପରିଷଦକୁ ଦିଆଯିବା ରୟାଲ୍ଟିର ଅଂଶ ଉପ- ପରିଚ୍ଛେଦ (1) ଦ୍ୱାରା ଥିବା କୌଣସି ଚୁକ୍ତି କିମ୍ବା ଯଥାସ୍ଥିତି, ଉପ-ପରିଚ୍ଛେଦ (2) ଦ୍ୱାରା ନିର୍ଣ୍ଣୟ ହୋଇଥିବା ତାରିଖରୁ ଗଣନା କରି ବର୍ଷଏକ ମଧ୍ୟରେ ସେହି ପରିଷଦକୁ ଦିଆଯିବା ଉଚିତ ।"

[6] ଉତ୍ତର-ପୂର୍ବାଞ୍ଚଳ (ପୁନର୍ଗଠନ) ଅଧିନିୟମ, 1971 (1971ର 81ନଂ), ଧାରା 71(i) ଓ ଅଷ୍ଟମ ଅନୁସୂଚୀଦ୍ୱାରା "ଆସାମ ସରକାର" ବାକ୍ୟଟି ପାଇଁ ପ୍ରତିସ୍ଥାପିତ (21-1-1972 ଠାରୁ କାର୍ଯ୍ୟକାରୀ)।

**[1]10. ଅଣ-ଜନଜାତିମାନଙ୍କଦ୍ୱାରା ଟଙ୍କା ଉଧାର ଏବଂ ବ୍ୟାପାର ନିୟନ୍ତ୍ରଣ ସମ୍ପର୍କରେ ନିୟମ ପ୍ରଣୟନ କରିବା ପାଇଁ ଜିଲ୍ଲା ପରିଷଦର କ୍ଷମତା**— (1) ସ୍ୱୟଂଶାସିତ ଜିଲ୍ଲାର ଜିଲ୍ଲା ପରିଷଦ ତାଙ୍କ ଜିଲ୍ଲା ମଧ୍ୟରେ ବାସ କରୁଥିବା ଅନୁସୂଚିତ ଜନଜାତି ବ୍ୟତୀତ ଅନ୍ୟ ବ୍ୟକ୍ତିଙ୍କଦ୍ୱାରା ଜିଲ୍ଲା ମଧ୍ୟରେ ଟଙ୍କା ଉଧାର ତଥା ବ୍ୟାପାର କରିବା ସମ୍ବନ୍ଧରେ ନିୟମାବଳୀ ପ୍ରଣୟନ କରିପାରିବେ ।

(2) ବିଶେଷକରି ଏବଂ ଉପରୋକ୍ତ କ୍ଷମତା ବ୍ୟାପକତାକୁ ପ୍ରତିକୂଳ ପ୍ରଭାବ ନପକାଇ, ଏମିତି ନିୟମାବଳୀ ନିମ୍ନଲିଖିତ ପାଇଁ ଉଦ୍ଦିଷ୍ଟ—

(*a*) ଟଙ୍କା ଉଧାର ବ୍ୟବସାୟ ପାଇଁ ଲାଇସେନ୍ସ ପାଇଥିବା ବ୍ୟକ୍ତି ହିଁ ଏହି ବ୍ୟବସାୟ କରିପାରିବେ;

(*b*) ଉଧାର ନେଇଥିବା ବ୍ୟକ୍ତିଙ୍କଠୁଁ ଉଧାର ଦେଇଥିବା ବ୍ୟକ୍ତି ସର୍ବାଧିକ କେତେ ସୁଧ ପାଇବେ ତାହା ସ୍ଥିର କରିବା;

(*c*) ଟଙ୍କା ଉଧାର ବ୍ୟବସାୟ କରୁଥିବା ବ୍ୟକ୍ତି ଏକ ହିସାବ ଖାତା ରଖିବେ ଏବଂ ତାହା ଜିଲ୍ଲା ପରିଷଦଦ୍ୱାରା ନିଯୁକ୍ତ ଅଧିକାରୀ ଯାଞ୍ଚ କରିବା;

(*d*) ଉକ୍ତ ଜିଲ୍ଲାରେ ଅନୁସୂଚିତ ଜନଜାତିର ସଦସ୍ୟ ହୋଇନଥିବା ବ୍ୟକ୍ତି ଯିଏକି ଜିଲ୍ଲା ପରିଷଦ ଦ୍ୱାରା ଲାଇସେନ୍ସ ପାଇଥିବେ ସେହିଁ କେବଳ ପାଇକାରୀ କିମ୍ବା ଖୁଚୁରା ବ୍ୟବସାୟ କରିପାରିବେ:

---

[1] ସମ୍ବିଧାନର (ସଂଶୋଧନ) ଅଧିନିୟମ, 1988 (1988ର 67ନଂ), ଧାରା 2, ଷଷ୍ଠ ଅନୁସୂଚୀ ଦ୍ୱାରା ପରିଛେଦ 10କୁ ତ୍ରିପୁରା ଓ ମିଜୋରମ ରାଜ୍ୟରେ ଏହାର ପ୍ରୟୋଗ ପାଇଁ ନିମ୍ନଲିଖିତ ଭାବରେ ସଂଶୋଧିତ ହୋଇଛି (16-12-1988 ଠାରୁ କାର୍ଯ୍ୟକାରୀ)—

(*a*) ଶୀର୍ଷକରେ "ଅଣ ଜନଜାତି" ବାକ୍ୟଟି ବାଦ ଦିଆଯିବ;

(*b*) ଉପ-ପରିଚ୍ଛେଦ (1) ମଧ୍ୟରେ "ଅନୁସୂଚିତ ଜନଜାତି ବ୍ୟତୀତ" ବାକ୍ୟଟି ଉଚ୍ଛେଦ କରାଯିବ;

(*c*) ଉପ-ପରିଚ୍ଛେଦ (2) ମଧ୍ୟରେ ଥିବା ଖଣ୍ଡ (*d*) ପାଇଁ, ନିମ୍ନଲିଖିତ ଖଣ୍ଡ ପ୍ରତିସ୍ଥାପିତ କରାଯିବ: —

"(*d*) ଏହା ନିର୍ଦ୍ଦିଷ୍ଟ କରିପାରିବେ ଯେ, ଜିଲ୍ଲାରେ ବସବାସ କରୁଥିବା କୌଣସି ବ୍ୟକ୍ତି ଜିଲ୍ଲା ପରିଷଦଦ୍ୱାରା ଉଦ୍ଧାର କରାଯାଇଥିବା ଅନୁମତିପତ୍ର ବ୍ୟତୀତ ଏକାଧିକ ବା ଖୁଦ୍ର ବ୍ୟବସାୟ କରିପାରିବେ ନାହିଁ:"

କିନ୍ତୁ, ଏହି ପରିଚ୍ଛେଦ ଅନୁଯାୟୀ ଜିଲ୍ଲା ପରିଷଦର ମୋଟ ସଦସ୍ୟଙ୍କ ମଧ୍ୟରୁ ଅତି କମ୍‌ରେ ତିନି ଚତୁର୍ଥାଂଶ ସଂଖ୍ୟା ଗରିଷ୍ଠତାଦ୍ୱାରା ଗୃହୀତ ନହେଲେ କୌଣସି ନିୟମାବଳୀ ପ୍ରଣୟନ କରାଯାଇପାରିବ ନାହିଁ:

ଅଧିକନ୍ତୁ, ନିୟମାବଳୀ ପ୍ରସ୍ତୁତ ହେବା ପୂର୍ବରୁ ଉକ୍ତ ଜିଲ୍ଲା ମଧ୍ୟରେ ବ୍ୟବସାୟ କରୁଥିବା ବା ଟଙ୍କା ଉଧାର ବ୍ୟବସାୟ କରୁଥିବା ବ୍ୟକ୍ତିଙ୍କୁ ଲାଇସେନ୍ସ ପ୍ରଦାନ ନକରିବା ପାଇଁ ଲାଗୁ କରାଯିବ ନାହିଁ ।

(3) ଏହି ପରିଚ୍ଛେଦ ଅନୁଯାୟୀ କାର୍ଯ୍ୟକାରୀ କରାଯାଇଥିବା ନିୟମାବଳୀ ତୁରନ୍ତ ରାଜ୍ୟପାଳଙ୍କ ନିକଟରେ ଉପସ୍ଥାପନ କରାଯିବ ଏବଂ ଯେପର୍ଯ୍ୟନ୍ତ ସେ ସେଥିରେ ଅନୁମୋଦନ କରିନାହାଁନ୍ତି ତାହା ଲାଗୁ କରାଯିବ ନାହିଁ ।

* * * *

**11. ଏହି ଅନୁସୂଚୀ ଅନୁଯାୟୀ ପ୍ରଣୟନ କରାଯାଇଥିବା ଆଇନ, ନୀତି ଏବଂ ନିୟମର ପ୍ରକାଶନ**—ଏହି ଅନୁସୂଚୀ ଅନୁଯାୟୀ ଜିଲ୍ଲା ପରିଷଦ ବା ଆଞ୍ଚଳିକ ପରିଷଦଙ୍କଦ୍ୱାରା ସମସ୍ତ ଆଇନ, ନିୟମ ଏବଂ ନିୟମାବଳୀ ତୁରନ୍ତ ରାଜ୍ୟ ରାଜପତ୍ରରେ ପ୍ରକାଶିତ ହେବ ଏବଂ ଏହାର ପ୍ରକାଶନ ପରେ ଆଇନ ବୋଲି ପରିଗଣିତ ହେବ।

**-*****12. [1][ଆସାମ ରାଜ୍ୟର ସ୍ୱୟଂଶାସିତ ଜିଲ୍ଲା ଏବଂ ସ୍ୱୟଂଶାସିତ ଅଞ୍ଚଳରେ ସଂସଦ ଏବଂ ଆସାମ ବିଧାନମଣ୍ଡଳଦ୍ୱାରା ପ୍ରସ୍ତୁତ ଆଇନର ପ୍ରୟୋଗ]**— (1) ଏହି ସମ୍ବିଧାନରେ ଯାହା କିଛି ଥିବା ସତ୍ତ୍ୱେ,—

---

* ସମ୍ବିଧାନର (ସଂଶୋଧନ) ଅଧିନିୟମ, 2003 (2003ର 44 ନଂ), ଧାରା 2, ଷଷ୍ଠ ଅନୁସୂଚୀଦ୍ୱାରା ପରିଚ୍ଛେଦ 10କୁ ଆସାମ ରାଜ୍ୟରେ ଏହାର ପ୍ରୟୋଗ ପାଇଁ ଏଭଳି ଭାବେ ସଂଶୋଧିତ ହୋଇଛି, ଯାହାଫଳରେ ଉପ-ପରିଚ୍ଛେଦ (3) ପରେ ଏକ ନୂଆ ଉପ- ପରିଚ୍ଛେଦ ସନ୍ନିବେଶିତ ହୋଇଛି (7-9-2003 ଠାରୁ କାର୍ଯ୍ୟକାରୀ): —

"(4) ଏହି ପରିଚ୍ଛେଦର କୌଣସି ବ୍ୟବସ୍ଥା ପରିଚ୍ଛେଦ 2ର ଉପ-ପରିଚ୍ଛେଦ (3) ର ପ୍ରତିବନ୍ଧ ଅନୁଯାୟୀ ଗଠିତ ହୋଇଥିବା ବୋଡ଼ୋଲ୍ୟାଣ୍ଡ ଆଞ୍ଚଳିକ ପରିଷଦ ପାଇଁ ଲାଗୁ ହେବ ନାହିଁ।"

** ସମ୍ବିଧାନର (ସଂଶୋଧନ) ଅଧିନିୟମ, 1995 (1995ର 42 ନଂ), ଧାରା 2, ଷଷ୍ଠ ଅନୁସୂଚୀଦ୍ୱାରା ପରିଚ୍ଛେଦ 12କୁ ଏହା ଆସାମ ରାଜ୍ୟ ଉପରେ ପ୍ରୟୋଗ ପାଇଁ ନିମ୍ନଭାବେ ସଂଶୋଧିତ ହୋଇଛି (12-9-1995 ଠାରୁ କାର୍ଯ୍ୟକାରୀ), —

'ପରିଚ୍ଛେଦ 12 ରେ, ଉପ-ପରିଚ୍ଛେଦ (1) ଭିତରେ "ଏହି ଅନୁସୂଚୀର ପରିଚ୍ଛେଦ 3 ରେ ଉଲ୍ଲେଖିତ ବିଷୟବସ୍ତୁ" ବାକ୍ୟ ଓ ସଂଖ୍ୟା ବଦଳରେ "ପରିଚ୍ଛେଦ 3 କିମ୍ବା ପରିଚ୍ଛେଦ 3Aରେ ଉଲ୍ଲେଖିତ ବିଷୟବସ୍ତୁ" ବାକ୍ୟ, ସଂଖ୍ୟା ଓ ଅକ୍ଷର ପ୍ରତିସ୍ଥାପିତ।'

*** ସମ୍ବିଧାନର (ସଂଶୋଧନ) ଅଧିନିୟମ, 2003 (2003ର 44 ନଂ), ଧାରା 2, ଷଷ୍ଠ ଅନୁସୂଚୀଦ୍ୱାରା ପରିଚ୍ଛେଦ 12କୁ ଏହା ଆସାମ ରାଜ୍ୟ ଉପରେ ପ୍ରୟୋଗ ପାଇଁ ନିମ୍ନଭାବେ ସଂଶୋଧିତ କରାଯାଇଛି (7-9-2003 ଠାରୁ କାର୍ଯ୍ୟକାରୀ) —

'ପରିଚ୍ଛେଦ 12ରେ, ଉପ-ପରିଚ୍ଛେଦ (1), ଖଣ୍ଡ (*a*)ରେ " ପରିଚ୍ଛେଦ 3 କିମ୍ବା ପରିଚ୍ଛେଦ 3Aରେ ଉଲ୍ଲେଖିତ ବିଷୟବସ୍ତୁ" ବାକ୍ୟ, ସଂଖ୍ୟା ଓ ଅକ୍ଷର ବଦଳରେ " ପରିଚ୍ଛେଦ 3 କିମ୍ବା ପରିଚ୍ଛେଦ 3A କିମ୍ବା ପରିଚ୍ଛେଦ 3Bରେ ଉଲ୍ଲେଖିତ ବିଷୟବସ୍ତୁ" ପ୍ରତିସ୍ଥାପିତ।'

[1] ଉତ୍ତର-ପୂର୍ବାଞ୍ଚଳ (ପୁନର୍ଗଠନ) ଅଧିନିୟମ, 1971 (1971ର 81ନଂ), ଧାରା 71(i) ଏବଂ ଅଷ୍ଟମ ଅନୁସୂଚୀଦ୍ୱାରା ଶିରୋନାମା ପ୍ରତିସ୍ଥାପିତ କରାଯାଇଛି (21-1-1972 ଠାରୁ କାର୍ଯ୍ୟକାରୀ)।

(*a*) ଏହି ଅନୁସୂଚୀର ପରିଚ୍ଛେଦ 3ରେ ନିର୍ଦ୍ଦିଷ୍ଟଭାବେ ବର୍ଣ୍ଣିତ ହୋଇଥିବା ବିଷୟରେ [1][ଆସାମ ରାଜ୍ୟର ବିଧାନମଣ୍ଡଳ] ଏପରିକି କିଛି ଆଇନ କରାଯାଇନାହିଁ ଯାହା ବିଷୟରେ ଜିଲ୍ଲା ପରିଷଦ କିମ୍ବା ଏକ ଆଞ୍ଚଳିକ ପରିଷଦ ଆଇନ ପ୍ରସ୍ତୁତ କରିପାରିବେ, ଏବଂ ଆସାମ ବିଧାନମଣ୍ଡଳଦ୍ୱାରା ଏପରିକି କିଛି ଆଇନ ପ୍ରସ୍ତୁତ କରାଯାଇନାହିଁ ଯାହା ସ୍ୱୟଂଶାସିତ ଜିଲ୍ଲା କିମ୍ବା ସ୍ୱୟଂଶାସିତ ଅଞ୍ଚଳରେ ଅଶୁଦ୍ଧ ମଦ୍ୟପାନୀୟକୁ ନିଷେଧ ବା ବାରଣ କରିପାରିବ ଯେ ପର୍ଯ୍ୟନ୍ତ ଜିଲ୍ଲା ପରିଷଦ ନିଜ ଜିଲ୍ଲା ତଥା ଅଞ୍ଚଳ ମଧ୍ୟରେ [2][ସେହି ରାଜ୍ୟରେ] ଉଭୟ ମଧ୍ୟରୁ ପ୍ରତ୍ୟେକ କ୍ଷେତ୍ରରେ ଏପରି ଜିଲ୍ଲା ପାଇଁ ଥିବା ବା ଏପରି ଅଞ୍ଚଳର ଅଧିକାର ପରିସରରେ ଥିବା ଜିଲା ପରିଷଦ ସରକାରୀ ବିଜ୍ଞପ୍ତି ଦ୍ୱାରା ନିର୍ଦ୍ଦେଶ ନଦେବେ ତାହା ଲାଗୁ ହେବ ନାହିଁ ଏବଂ ଜିଲ୍ଲା ପରିଷଦ ଯେକୌଣସି ଆଇନରେ ନିର୍ଦ୍ଦେଶନାମା ପ୍ରଦାନ କରିବା ସମୟରେ ଜିଲ୍ଲା ପରିଷଦ ନିର୍ଦ୍ଦେଶ କରିବ ଯେ, ସେହି ଅଧିନିୟମ ଏହି ଜିଲ୍ଲା ବା ଅଞ୍ଚଳ ବା ଏହାର କୌଣସି ଅଂଶ ପ୍ରତି ଲାଗୁ ହେବାରେ ଜିଲା ପରିଷଦ ଯେପରି ଉଚିତ ମନେ କରିବେ ସେହିପରି ବ୍ୟତିକ୍ରମ କିମ୍ବା ପରିବର୍ତ୍ତନ କରି କାର୍ଯ୍ୟକାରୀ କରିପାରିବେ;

(*b*) ରାଜ୍ୟପାଳ, ସରକାରୀ ଅଧିସୂଚନାଦ୍ୱାରା ନିର୍ଦ୍ଦେଶ ଦେଇପାରିବେ ଯେ, ସଂସଦ କିମ୍ବା [1][ଆସାମ ବିଧାନମଣ୍ଡଳ]ଦ୍ୱାରା ପ୍ରଣୟନ କରାଯାଇଥିବା ଯେକୌଣସି ଅଧିନିୟମ ଏହି ଉପ-ପରିଚ୍ଛେଦର ଖଣ୍ଡ (*a*) ରେ ଥିବା ବ୍ୟବସ୍ଥା ପ୍ରତି ଲାଗୁ ହେଉନଥିବ ତାହା ସେହି ସ୍ୱୟଂଶାସିତ ଜିଲ୍ଲା ବା [2][ସେହି ରାଜ୍ୟର] ସ୍ୱୟଂଶାସିତ ଅଞ୍ଚଳ ପାଇଁ ଲାଗୁ କରାଯାଇ ପାରିବ ନାହିଁ, କିମ୍ବା ଉକ୍ତ ଅଧିସୂଚନା କୌଣସି ଜିଲ୍ଲା ବା ଅନ୍ୟ ଅଞ୍ଚଳରେ ବା ତାହାର କୌଣସି ଅଂଶରେ କିଛି ପରିବର୍ତ୍ତନ ବା ବ୍ୟତିକ୍ରମ ଥାଇ ଲାଗୁ ହେବ ବୋଲି ନିର୍ଦ୍ଦିଷ୍ଟ କରିପାରିବେ ।

(2) ଏହି ପରିଚ୍ଛେଦର ଉପ-ପରିଚ୍ଛେଦ (1)ରେ ଦିଆଯାଇଥିବା ନିର୍ଦ୍ଦେଶନାମା ଏପରି ଭାବରେ ଦିଆଯାଇପାରେ ଯାହା ପୂର୍ବ ଦିନରୁ ପ୍ରଭାବଶାଳୀ ହୋଇପାରିବ ।

[3][12A. **ସଂସଦ ଏବଂ ମେଘାଳୟ ରାଜ୍ୟର ବିଧାନମଣ୍ଡଳଦ୍ୱାରା ପ୍ରଣୟନ କରାଯାଇଥିବା ଆଇନ ମେଘାଳୟ ରାଜ୍ୟର ସ୍ୱୟଂଶାସିତ ଜିଲା ଓ ସ୍ୱୟଂଶାସିତ ଅଞ୍ଚଳ ଉପରେ ପ୍ରୟୋଗ**— ଏହି ସମ୍ବିଧାନରେ ଯାହା କିଛି ଥିବା ସତ୍ତ୍ୱେ,—

---

[1] ଉତ୍ତର-ପୂର୍ବାଞ୍ଚଳ (ପୁନର୍ଗଠନ) ଅଧିନିୟମ, 1971 (1971ର 81ନଂ), ଧାରା 71(i) ଏବଂ ଅଷ୍ଟମ ଅନୁସୂଚୀଦ୍ୱାରା "ରାଜ୍ୟର ବିଧାନମଣ୍ଡଳ" ବାକ୍ୟକୁ ପ୍ରତିସ୍ଥାପିତ କରାଯାଇଛି (21-1-1972 ଠାରୁ କାର୍ଯ୍ୟକାରୀ)।

[2] ଉତ୍ତର-ପୂର୍ବାଞ୍ଚଳ (ପୁନର୍ଗଠନ) ଅଧିନିୟମ, 1971 (1971ର 81ନଂ), ଧାରା 71(i) ଏବଂ ଅଷ୍ଟମ ଅନୁସୂଚୀଦ୍ୱାରା ସନ୍ନିବେଶିତ (21-1-1972 ଠାରୁ କାର୍ଯ୍ୟକାରୀ)।

[3] ଉତ୍ତର-ପୂର୍ବାଞ୍ଚଳ (ପୁନର୍ଗଠନ) ଅଧିନିୟମ, 1971 (1971ର 81 ନଂ) ଧାରା 71(i) ଏବଂ ଅଷ୍ଟମ ଅନୁସୂଚୀଦ୍ୱାରା ପରିଚ୍ଛେଦ 12Aକୁ ପ୍ରତିସ୍ଥାପିତ କରାଯାଇଛି (21-1-1972 ଠାରୁ କାର୍ଯ୍ୟକାରୀ)।

(*a*) ମେଘାଳୟର ଜିଲ୍ଲା ବା ଆଞ୍ଚଳିକ ପରିଷଦ ଯଦି କୌଣସି ଆଇନ ଏହି ଅନୁସୂଚୀର ପରିଚ୍ଛେଦ 3 ର ଉପ-ପରିଚ୍ଛେଦ (1) ରେ ଥିବା ବିନିର୍ଦ୍ଦିଷ୍ଟ କୌଣସି ବିଷୟବସ୍ତୁ ଉପରେ କୌଣସି ନିୟମାବଳୀ କରିଥାନ୍ତି ବା ଏହି ଅନୁସୂଚୀର ପରିଚ୍ଛେଦ 8 କିମ୍ବା 10ରେ ଥିବା ସେହି ରାଜ୍ୟରେ ଥିବା କୌଣସି ଜିଲ୍ଲା ପରିଷଦ ବା ଆଞ୍ଚଳିକ ପରିଷଦଦ୍ୱାରା ପ୍ରଣୀତ କୌଣସି ଆଇନ ବା ନିୟମାବଳୀ ଏବଂ ତାହା ମେଘାଳୟର ବିଧାନମଣ୍ଡଳଦ୍ୱାରା ସେହି ବିଷୟ ସମ୍ପର୍କରେ ପ୍ରସ୍ତୁତ ଆଇନର ବିରୁଦ୍ଧାଚରଣ କରୁଥାଏ, ତାହେଲେ ସେ ଆଇନ ପୂର୍ବରୁ ଏବଂ ପରେ ପ୍ରଣୟନ ହୋଇଥିଲେ ମଧ୍ୟ ତାହା ଅବୈଧଭାବେ ପରିଗଣିତ ହେବ ଏବଂ ମେଘାଳୟ ରାଜ୍ୟର ବିଧାନମଣ୍ଡଳଦ୍ୱାରା ପ୍ରଣୟନ କରାଯାଇଥିବା ଆଇନ ବଳବତ୍ତର ରହିବ;

(*b*) ରାଷ୍ଟ୍ରପତି, ବିଜ୍ଞପ୍ତିଦ୍ୱାରା ଯେ କୌଣସି ସଂସଦର ଅଧିନିୟମ ମେଘାଳୟ ରାଜ୍ୟର ସ୍ୱୟଂଶାସିତ ଜିଲ୍ଲା ବା ସ୍ୱୟଂଶାସିତ ଅଞ୍ଚଳରେ କିମ୍ବା ଅନ୍ୟ ଜିଲ୍ଲା ବା ଅଞ୍ଚଳରେ ଲାଗୁ କରିବା ପାଇଁ ବା ନକରିବା ପାଇଁ ନିର୍ଦ୍ଦେଶ ଦେଇପାରିବେ କିମ୍ବା ସେ ବିଜ୍ଞପ୍ତିରେ ଉକ୍ତ ଆଇନର କିଛି ପରିବର୍ତ୍ତନ ବା ବ୍ୟତିକ୍ରମ ବିଷୟରେ ବିନିର୍ଦ୍ଦିଷ୍ଟ କରି ସେହି ଜିଲ୍ଲା ବା ଅଞ୍ଚଳ ବା ତାହାର କୌଣସି ଭାଗରେ ଲାଗୁ ହେବ ଏବଂ ଏହାକୁ ପୂର୍ବ ତାରିଖରୁ ଲାଗୁ କରିବା ପାଇଁ ନିର୍ଦ୍ଦେଶ ଦେଇପାରିବେ ।]

[1][12AA**. ତ୍ରିପୁରା ରାଜ୍ୟର ସ୍ୱୟଂଶାସିତ ଜିଲ୍ଲା ଏବଂ ସ୍ୱୟଂଶାସିତ ଅଞ୍ଚଳଗୁଡ଼ିକରେ ସଂସଦ ଓ ତ୍ରିପୁରା ରାଜ୍ୟ ବିଧାନମଣ୍ଡଳଦ୍ୱାରା ପ୍ରସ୍ତୁତ କରାଯାଇଥିବା ଆଇନର ଲାଗୁ କରିବା ସମ୍ବନ୍ଧରେ**— ଏହି ସମ୍ବିଧାନରେ ଥିବା ବ୍ୟବସ୍ଥା ସତ୍ତ୍ୱେ,—

(*a*) ଏହି ଅନୁସୂଚୀର ପରିଚ୍ଛେଦ 3ରେ ବର୍ଣ୍ଣିତ ଥିବା ବିଷୟବସ୍ତୁ ସମ୍ବନ୍ଧରେ ତ୍ରିପୁରା ରାଜ୍ୟ ବିଧାନମଣ୍ଡଳ କୌଣସି ଆଇନ ପ୍ରଣୟନ କରିପାରିବେ ନାହିଁ ଯାହାକି କେବଳ ଜିଲ୍ଲା ପରିଷଦ ବା ଆଞ୍ଚଳିକ ପରିଷଦଙ୍କଦ୍ୱାରା କରାଯିବ ଏବଂ ତ୍ରିପୁରା ରାଜ୍ୟର ବିଧାନମଣ୍ଡଳ ଅଶୁଦ୍ଧ ମଦ୍ୟପାନୀୟ ସେବନକୁ ସ୍ୱୟଂଶାସିତ ଜିଲ୍ଲା ବା ସ୍ୱୟଂଶାସିତ ଅଞ୍ଚଳରେ ନିଷେଧ ବା ବାରଣ କରିବା ସମ୍ବନ୍ଧରେ କୌଣସି ଆଇନ ପ୍ରଣୟନ କରିପାରିବେ ନାହିଁ ଯେପର୍ଯ୍ୟନ୍ତ ଜିଲ୍ଲା ପରିଷଦ ଅନ୍ୟଥା ତାଙ୍କ ଜିଲ୍ଲା ମଧ୍ୟରେ କିମ୍ବା ଅଧିକାର ପରିସରରେ ଥିବା ନିଜ ଅଞ୍ଚଳ ମଧ୍ୟରେ ସରକାରୀ ବିଜ୍ଞପ୍ତିଦ୍ୱାରା ନିର୍ଦ୍ଦେଶିତ କରି ଜଣାଇ ନାହାନ୍ତି ଏବଂ ଜିଲ୍ଲାପରିଷଦ ତାଙ୍କ ଜିଲ୍ଲାରେ, ନିଜ ଅଞ୍ଚଳରେ ବା ଅଞ୍ଚଳର କୌଣସି ଅଂଶରେ, ଉଚିତ ମନେ କରନ୍ତି, ସେହି ଆଇନର କିଛି ପରିବର୍ତ୍ତନ ବା ବ୍ୟତିକ୍ରମ ରଖି ଲାଗୁ କରିବା ପାଇଁ ନିର୍ଦ୍ଦେଶ ଦେଇ ନାହାଁନ୍ତି;

---

[1] ସମ୍ବିଧାନ (49ତମ ସଂଶୋଧନ) ଅଧିନିୟମ, 1984 ର ଧାରା 4ଦ୍ୱାରା ପରିଚ୍ଛେଦ 12AA ସନ୍ନିବେଶିତ (1-4-1985 ଠାରୁ କାର୍ଯ୍ୟକାରୀ) ଏବଂ ପରେ ସମ୍ବିଧାନର ଷଷ୍ଠ ଅନୁସୂଚୀ (ସଂଶୋଧନ) ଅଧିନିୟମ, (1988ର 67 ନଂ), ଧାରା 2ଦ୍ୱାରା ପ୍ରତିସ୍ଥାପିତ (16-12-1988ଠାରୁ କାର୍ଯ୍ୟକାରୀ)।

(*b*) ରାଜ୍ୟପାଳ, ସରକାରୀ ବିଜ୍ଞପ୍ତି ମାଧ୍ୟମରେ, ନିର୍ଦ୍ଦେଶ ଦେଇପାରିବେ ଯେ ତ୍ରିପୁରା ରାଜ୍ୟର ବିଧାନମଣ୍ଡଳଦ୍ୱାରା କୌଣସି ଆଇନ, ଯାହାକି ଏହି ପରିଚ୍ଛେଦର ଖଣ୍ଡ (*a*) ରେ ଥିବା ବ୍ୟବସ୍ଥା ପ୍ରତି ଲାଗୁ ହେଉନଥିବ ତାହା ମଧ୍ୟ ସ୍ୱୟଂଶାସିତ ଜିଲ୍ଲା ଓ ଅଞ୍ଚଳ ପାଇଁ ପ୍ରଯୁଜ୍ୟ ହେବ ନାହିଁ, ବା ଉକ୍ତ ବିଷୟବସ୍ତୁ ସମ୍ବନ୍ଧରେ କିଛି ପରିବର୍ତ୍ତନ ବା ବ୍ୟତିକ୍ରମ ସହିତ ଉକ୍ତ ଜିଲ୍ଲା ବା ଉକ୍ତ ଅଞ୍ଚଳ କିମ୍ବା କିଛି ଅଞ୍ଚଳରେ ଲାଗୁ କରାଯିବ, ଯାହା ବିଜ୍ଞପ୍ତିରେ ନିର୍ଦ୍ଦିଷ୍ଟଭାବେ ଉଲ୍ଲେଖ ଥିବ;

(*c*) ରାଷ୍ଟ୍ରପତି, ବିଜ୍ଞପ୍ତି ମାଧ୍ୟମରେ ଯେକୌଣସି ସଂସଦର ଅଧିନିୟମ ତ୍ରିପୁରା ସ୍ୱୟଂଶାସିତ ଜିଲ୍ଲା ବା ସ୍ୱୟଂଶାସିତ ଅଞ୍ଚଳରେ ଲାଗୁ ହେବ ନାହିଁ ବୋଲି କିମ୍ବା ଅନ୍ୟ ଜିଲ୍ଲା ବା ଅଞ୍ଚଳରେ ଲାଗୁ କରିବା ପାଇଁ ଏବଂ ସେହି ବିଜ୍ଞପ୍ତିରେ ସୂଚିତ କରି ଉକ୍ତ ଆଇନର କିଛି ପରିବର୍ତ୍ତନ ବା ବ୍ୟତିକ୍ରମ କରି ଏହାକୁ ପୂର୍ବ ତରିଖରୁ ଲାଗୁ କରିବା ପାଇଁ ନିର୍ଦ୍ଦେଶ ଦେଇ ପାରିବେ ।

12B. **ମିଜୋରାମ ରାଜ୍ୟର ସ୍ୱୟଂଶାସିତ ଜିଲ୍ଲା ଓ ସ୍ୱୟଂଶାସିତ ଅଞ୍ଚଳରେ ସଂସଦ ଓ ମିଜୋରାମ ରାଜ୍ୟ ବିଧାନମଣ୍ଡଳଦ୍ୱାରା ପ୍ରସ୍ତୁତ କରାଯାଇଥିବା ଆଇନ ଲାଗୁ କରିବା** — ଏହି ସମ୍ବିଧାନରେ ଯାହା କିଛି ଥିବା ସତ୍ତ୍ୱେ,—

(*a*) ଏହି ଅନୁସୂଚୀର ପରିଚ୍ଛେଦ 3ରେ ଥିବା ବିଷୟବସ୍ତୁ ସମ୍ବନ୍ଧରେ ମିଜୋରାମ ରାଜ୍ୟ ବିଧାନମଣ୍ଡଳ କୌଣସି ଆଇନ ପ୍ରଣୟନ କରିପାରିବେ ନାହିଁ ଯାହାକି କେବଳ ଜିଲ୍ଲା ପରିଷଦ ବା ଆଞ୍ଚଳିକ ପରିଷଦଙ୍କଦ୍ୱାରା କରାଯାଇପାରିବ ଏବଂ ମିଜୋରାମ ରାଜ୍ୟର ବିଧାନମଣ୍ଡଳ ଅଶୁଦ୍ଧ ମଦ୍ୟପାନୀୟ ସେବନକୁ ସ୍ୱୟଂଶାସିତ ଜିଲ୍ଲା ବା ସ୍ୱୟଂଶାସିତ ଅଞ୍ଚଳରେ ନିଷେଧ ବା ବାରଣ କରିବା ସମ୍ବନ୍ଧରେ କୌଣସି ଆଇନ ପ୍ରଣୟନ କରିପାରିବେ ନାହିଁ ଯେପର୍ଯ୍ୟନ୍ତ ଜିଲ୍ଲା ପରିଷଦ ତାଙ୍କ ଜିଲ୍ଲା ମଧ୍ୟରେ ବା ଅଧିକାର ପରିସରରେ ଥିବା ନିଜ ଅଞ୍ଚଳ ମଧ୍ୟରେ ସରକାରୀ ବିଜ୍ଞପ୍ତିଦ୍ୱାରା ସୂଚିତ କରି ଜଣାଇନାହାଁନ୍ତି ଏବଂ ଜିଲ୍ଲା ପରିଷଦ ତାଙ୍କ ଜିଲ୍ଲାରେ ନିଜ ଅଞ୍ଚଳରେ ବା ଅଞ୍ଚଳର କୌଣସି ଅଂଶରେ ଯାହା ଉଚିତ ମନେ କରିବେ, ସେହି ଆଇନର କିଛି ପରିବର୍ତ୍ତନ ବା ବ୍ୟତିକ୍ରମ ରଖି ଲାଗୁ କରିବା ପାଇଁ ନିର୍ଦ୍ଦେଶ ଦେଇ ନାହାନ୍ତି;

(*b*) ରାଜ୍ୟପାଳ, ସରକାରୀ ବିଜ୍ଞପ୍ତି ମାଧ୍ୟମରେ, ବିଷୟବସ୍ତୁକୁ ଲାଗୁ କରିବା ପାଇଁ ନିର୍ଦ୍ଦେଶ ଦେଇପାରିବେ ଯେ ମିଜୋରାମ ରାଜ୍ୟର ବିଧାନମଣ୍ଡଳଦ୍ୱାରା କୌଣସି ଆଇନ, ଯେଉଁଥିରେ ଏହି ପରିଚ୍ଛେଦର ଖଣ୍ଡ (*a*) ରେ ଥିବା ବ୍ୟବସ୍ଥା ଲାଗୁ ହେଉନଥିବ ତାହା ମଧ୍ୟ ସ୍ୱୟଂଶାସିତ ଜିଲ୍ଲା ଓ ଅଞ୍ଚଳ ପାଇଁ ପ୍ରଯୁଜ୍ୟ ହେବ ନାହିଁ, ବା ଉକ୍ତ ବିଷୟବସ୍ତୁ ସମ୍ବନ୍ଧରେ କିଛି ପରିବର୍ତ୍ତନ ବା ବ୍ୟତିକ୍ରମ ସହିତ ଉକ୍ତ ଜିଲ୍ଲା ବା ଉକ୍ତ ଅଞ୍ଚଳ କିମ୍ବା କିଛି ଅଞ୍ଚଳରେ ଲାଗୁ କରାଯିବ, ଯାହା ବିଜ୍ଞପ୍ତିରେ ନିର୍ଦ୍ଦିଷ୍ଟଭାବେ ଉଲ୍ଲେଖ ଥିବ;

(*c*) ରାଷ୍ଟ୍ରପତି, ବିଜ୍ଞପ୍ତି ମାଧ୍ୟମରେ ଯେକୌଣସି ସଂସଦର ଅଧିନିୟମକୁ ମିଜୋରାମ ସ୍ୱୟଂଶାସିତ ଜିଲ୍ଲା ବା ସ୍ୱୟଂଶାସିତ ଅଞ୍ଚଳରେ ଲାଗୁ ହେବ ନାହିଁ ବୋଲି କିମ୍ବା ଅନ୍ୟ ଜିଲ୍ଲା ବା ଅଞ୍ଚଳରେ ଲାଗୁ କରିବା ପାଇଁ ସେହି ବିଜ୍ଞପ୍ତିରେ ସୂଚୀତ କରି ଉକ୍ତ ଆଇନର କିଛି ପରିବର୍ତ୍ତନ ବା ବ୍ୟତିକ୍ରମ କରି ଏହାକୁ ପୂର୍ବ ତରିଖରୁ ଲାଗୁ କରିବା ପାଇଁ ନିର୍ଦ୍ଦେଶ ଦେଇପାରିବେ ।]]

**13. ସ୍ୱୟଂଶାସିତ ଜିଲ୍ଲା ଆନୁମାନିକ ପ୍ରାପ୍ୟ ଏବଂ ଖର୍ଚ୍ଚର ବାର୍ଷିକ ଆର୍ଥିକ ବିବରଣୀ ପୃଥକ ଭାବରେ ଦର୍ଶାଯିବ—** ସ୍ୱୟଂଶାସିତ ଜିଲ୍ଲାର ଆନୁମାନିକ ପ୍ରାପ୍ୟର ଅଟକଳ ଏବଂ ଖର୍ଚ୍ଚ ଯାହା ରାଜ୍ୟର[1]*** ସଞ୍ଚିତ ପାଣ୍ଠିରେ ଜମା କରାଯିବ ବା ସେଥିରୁ ଖର୍ଚ୍ଚ କରାଯିବ, ତାହା ପ୍ରଥମେ ଜିଲ୍ଲା ପରିଷଦରେ ଆଲୋଚନା କରାଯିବ ଏବଂ ଆଲୋଚନା ପରେ ଏହାକୁ ବାର୍ଷିକ ଆର୍ଥିକ ବିବରଣୀରେ ପୃଥକ ଭାବରେ ଦର୍ଶାଯାଇ ରାଜ୍ୟ ବିଧାନମଣ୍ଡଳ ସମ୍ମୁଖରେ ଅନୁଚ୍ଛେଦ 202 ଅନୁଯାୟୀ ଉପସ୍ଥାପନ କରାଯିବ ।

[2]**14. ସ୍ୱୟଂଶାସିତ ଜିଲ୍ଲା ଏବଂ ସ୍ୱୟଂଶାସିତ ଅଞ୍ଚଳର ପ୍ରଶାସନର ତଦନ୍ତ ଏବଂ ବିବରଣୀ ଦେବା ନିମନ୍ତେ ଆୟୋଗର ନିଯୁକ୍ତି —** (1) ରାଜ୍ୟପାଳ ଯେକୌଣସି ସମୟରେ ରାଜ୍ୟର ସ୍ୱୟଂଶାସିତ ଜିଲ୍ଲା ଏବଂ ସ୍ୱୟଂଶାସିତ ଅଞ୍ଚଳର ପ୍ରଶାସନ ସହିତ ସମ୍ବନ୍ଧିତ ଯେକୌଣସି ବିଷୟର ତଦାରଖ ଓ ଏ ସମୟରେ ବିବରଣୀ ଦେବା ପାଇଁ ଏକ ଆୟୋଗଙ୍କୁ ନିଯୁକ୍ତି ଦେଇପାରିବେ ଏବଂ ଏହି ଅନୁସୂଚୀର ପରିଚ୍ଛେଦ 1ର ଉପ ପରିଚ୍ଛେଦ (3) ର ଖଣ୍ଡ (*c*), (*d*), (*e*) ଓ (*f*) ରେ ଥିବା ବିଷୟର ମଧ୍ୟ ଅନ୍ତର୍ଗତ ହୋଇପାରେ, କିମ୍ବା ସମୟକ୍ରମେ ଉକ୍ତ ସ୍ୱୟଂଶାସିତ ଜିଲ୍ଲା ଏବଂ ସ୍ୱୟଂଶାସିତ ଅଞ୍ଚଳର ପ୍ରଶାସନିକ କାର୍ଯ୍ୟକଳାପ ସମ୍ବନ୍ଧରେ ନିମ୍ନଲିଖିତ ବିଷୟ ଉପରେ ଯାଞ୍ଚ କରିବା ପାଇଁ ଓ କାର୍ଯ୍ୟପ୍ରଣାଳୀ ନିର୍ଦ୍ଧାରଣ ପାଇଁ ଆୟୋଗଙ୍କ ନିଯୁକ୍ତ କରିପାରିବେ—

(*a*) ଉକ୍ତ ଜିଲ୍ଲା ଓ ଅଞ୍ଚଳଗୁଡ଼ିକରେ ଶିକ୍ଷାଗତ ଏବଂ ଚିକିତ୍ସା ସମ୍ବନ୍ଧୀୟ ସୁବିଧାସୁଯୋଗ ଏବଂ ଯୋଗାଯୋଗର ବ୍ୟବସ୍ଥା;

(*b*) ଉକ୍ତ ଜିଲ୍ଲା ଏବଂ ଅଞ୍ଚଳଗୁଡ଼ିକରେ ନୂତନ କିମ୍ବା ସ୍ୱତନ୍ତ୍ର ଆଇନର ଆବଶ୍ୟକତା ସମ୍ବନ୍ଧରେ; ଏବଂ

(*c*) ଜିଲ୍ଲା ଏବଂ ଆଞ୍ଚଳିକ ପରିଷଦଦ୍ୱାରା ପ୍ରଣୟନ କରାଯାଇଥିବା ନିୟମାବଳୀର ପରିଚାଳନା ।

---

[1] ଉତ୍ତର-ପୂର୍ବାଞ୍ଚଳ (ପୁନର୍ଗଠନ) ଅଧିନିୟମ, 1971 (1971ର 81 ନଂ), ଧାରା 71(i) ଏବଂ ଅଷ୍ଟମ ଅନୁସୂଚୀଦ୍ୱାରା "ଆସାମର" ଶବ୍ଦକୁ ବାଦ ଦିଆଯାଇଛି (21-1-1972ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନର ଷଷ୍ଠ ଅନୁସୂଚୀ (ସଂଶୋଧନ) ଅଧିନିୟମ, 1995 (1995ର 42 ନଂ), ଧାରା 2ଦ୍ୱାରା ପରିଚ୍ଛେଦ 14 କୁ ଏହା ଆସାମ ରାଜ୍ୟ ଉପରେ ପ୍ରୟୋଗ ପାଇଁ ନିମ୍ନଭାବେ ସଂଶୋଧିତ କରାଯାଇଛି (12-9-1995 ଠାରୁ କାର୍ଯ୍ୟକାରୀ)—

'ପରିଚ୍ଛେଦ 14ରେ, ଉପ-ପରିଚ୍ଛେଦ (2) ଭିତରେ "ଏହା ସମ୍ବନ୍ଧରେ ରାଜ୍ୟପାଳଙ୍କର ସୁପାରିଶ ସହିତ" ବାକ୍ୟ ବାଦ ଦିଆଯାଇଛି ।'

(2) ପ୍ରତ୍ୟେକ ଆୟୋଗ ପ୍ରଦାନ କରିଥିବା ବିବରଣୀ ଏବଂ ଏହା ସମ୍ବନ୍ଧରେ ରାଜ୍ୟପାଳଙ୍କ ସୁପାରିଶ ସହିତ ସମ୍ପୃକ୍ତ ମନ୍ତ୍ରୀ ରାଜ୍ୟ ବିଧାନମଣ୍ଡଳରେ ଉପସ୍ଥାପନ କରିବେ ଏବଂ ଏହା ଉପରେ ଗ୍ରହଣ କରିବାକୁ ପ୍ରସ୍ତାବିତ କାର୍ଯ୍ୟାନୁଷ୍ଠାନ ପାଇଁ ଏକ ବ୍ୟାଖ୍ୟାମୂଳକ ଜ୍ଞାପନପତ୍ର ସେହି [1][ରାଜ୍ୟ ସରକାର]ଙ୍କ ନିକଟରେ ପ୍ରଦାନ କରିବେ।]

(3) ରାଜ୍ୟ ସରକାର ତାଙ୍କ ମନ୍ତ୍ରୀମାନଙ୍କ ମଧ୍ୟରେ କାର୍ଯ୍ୟ ବଣ୍ଟନ କରିବା ସମୟରେ ରାଜ୍ୟପାଳ ମନ୍ତ୍ରୀମାନଙ୍କ ମଧ୍ୟରୁ ଜଣକୁ ରାଜ୍ୟର ସ୍ୱୟଂଶାସିତ ଜିଲ୍ଲା ଏବଂ ସ୍ୱୟଂଶାସିତ ଅଞ୍ଚଳର ଜନହିତ ପାଇଁ ସ୍ୱତନ୍ତ୍ର ଭାବରେ ଦାୟିତ୍ୱରେ ରଖିବେ।

[2]**15. ଜିଲ୍ଲା ଏବଂ ଆଞ୍ଚଳିକ ପରିଷଦର କାର୍ଯ୍ୟ ଏବଂ ନିଷ୍ପତ୍ତିକୁ ରଦ୍ଦ କିମ୍ବା ସ୍ଥଗିତ ରଖିବା**—(1) ରାଜ୍ୟପାଳଙ୍କର କୌଣସି ସମୟରେ ଯଦି ହୃଦ୍‌ବୋଧ ହୁଏ ଯେ, ଜିଲ୍ଲା କିମ୍ବା ଆଞ୍ଚଳିକ ପରିଷଦର କୌଣସି କାର୍ଯ୍ୟ ବା ନିଷ୍ପତ୍ତି ଭାରତର ନିରାପତ୍ତା ପ୍ରତି ବିପଦ ଆଣିପାରେ [3][କିମ୍ବା ସାର୍ବଜନୀନ ଶୃଙ୍ଖଳା ପ୍ରତି କ୍ଷତିକାରକ ହୋଇପାରେ], ତେବେ ସେ ଉକ୍ତ ନିଷ୍ପତ୍ତିକୁ ଉଚ୍ଛେଦ କିମ୍ବା ସ୍ଥଗିତ କରିପାରିବେ ଏବଂ ଆବଶ୍ୟକ ମନେ କଲେ (ପରିଷଦକୁ ନିଲମ୍ବନ କରି ଏବଂ ପରିଷଦକୁ ଦିଆଯାଇଥିବା ସମସ୍ତ କ୍ଷମତା କିମ୍ବା ସମସ୍ତ କାର୍ଯ୍ୟକୁ ନିଜ ହାତକୁ ନେଇ କାର୍ଯ୍ୟକାରୀ କରିବେ) ଏବଂ ଯେପରି ଆବଶ୍ୟକ ମନେ କରନ୍ତି ପରିଷଦଦ୍ୱାରା କରାଯାଇଥିବା ସମସ୍ତ କାର୍ଯ୍ୟ ତଥା ନିଷ୍ପତ୍ତି ଉପରେ ସ୍ଥଗିତାଦେଶ କାର୍ଯ୍ୟକାରୀ କରିପାରିବେ ।

(2) ଏହି ପରିଚ୍ଛେଦର ଉପ-ପରିଚ୍ଛେଦ (1) ଅଧୀନରେ ରାଜ୍ୟପାଳଙ୍କଦ୍ୱାରା ପ୍ରସ୍ତୁତ କୌଣସି ନିର୍ଦ୍ଦେଶ ରାଜ୍ୟ ବିଧାନମଣ୍ଡଳରେ ଯଥାଶୀଘ୍ର ଉପସ୍ଥାପନା କରାଯିବ ଏବଂ ଯେପର୍ଯ୍ୟନ୍ତ ରାଜ୍ୟ ବିଧାନମଣ୍ଡଳଦ୍ୱାରା ରଦ୍ଦ କରାନଯାଇଛି ତାହା ନିର୍ଦ୍ଦେଶ ତାରିଖଠାରୁ ବାର ମାସ ପର୍ଯ୍ୟନ୍ତ ବଳବତ୍ତର ରହିବ:

କିନ୍ତୁ, ଏକ ପରିଚ୍ଛେଦରେ ଦିଆଯାଇଥିବା ନିର୍ଦ୍ଦେଶ ରାଜ୍ୟ ବିଧାନମଣ୍ଡଳଦ୍ୱାରା ସ୍ୱୀକୃତି ଲାଭ କଲେ ଏବଂ ରାଜ୍ୟପାଳଙ୍କଦ୍ୱାରା ଉଚ୍ଛେଦ ହୋଇନଥିଲେ, ନିର୍ଦ୍ଦିଷ୍ଟ ତାରିଖଠାରୁ ଏହା ପୁନର୍ବାର ବାର ମାସ ପର୍ଯ୍ୟନ୍ତ ବଳବତ୍ତର ରହିବ ।

---

[1] ଉତ୍ତର-ପୂର୍ବାଞ୍ଚଳ (ପୁନର୍ଗଠନ) ଅଧିନିୟମ, 1971 (1971ର 81 ନଂ), ଧାରା 71(i) ଏବଂ ଅଷ୍ଟମ ଅନୁସୂଚୀଦ୍ୱାରା "ଆସାମ ସରକାର" ପାଇଁ ପ୍ରତିସ୍ଥାପିତ (21-1-1972 ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (ସଂଶୋଧନ) ଅଧିନିୟମ, 1988 (1988ର 67ନଂ), ଧାରା 2, ଷଷ୍ଠ ଅନୁସୂଚୀ ଦ୍ୱାରା ପରିଚ୍ଛେଦ 15କୁ ତ୍ରିପୁରା ଏବଂ ମିଜୋରାମ ରାଜ୍ୟ ଉପରେ ପ୍ରୟୋଗ ପାଇଁ ନିମ୍ନଭାବେ ସଂଶୋଧିତ ହୋଇଛି (16-12-1988ଠାରୁ କାର୍ଯ୍ୟକାରୀ) —

ପରିଚ୍ଛେଦ 15ର, ଉପ-ପରିଚ୍ଛେଦ (2)ରେ,—

'(a) ପ୍ରାରମ୍ଭିକ ପରିଚ୍ଛେଦରେ, "ରାଜ୍ୟର ବିଧାନମଣ୍ଡଳଦ୍ୱାରା" ବାକ୍ୟ ବଦଳରେ "ତାଙ୍କଦ୍ୱାରା" ବାକ୍ୟ ପ୍ରତିସ୍ଥାପିତ;

(b) ପ୍ରତିବନ୍ଧ ବାଦ ଦିଆଯାଇଛି ।'

[3] ଆସାମ ପୁନର୍ଗଠନ (ମେଘାଳୟ) ଅଧିନିୟମ, 1969 (1969ର 55 ନଂ), ଧାରା 74 ଏବଂ ଚତୁର୍ଥ ଅନୁସୂଚୀଦ୍ୱାରା ସନ୍ନିବେଶିତ (2-4-1970 ଠାରୁ କାର୍ଯ୍ୟକାରୀ) ।

[1]**16. ଜିଲ୍ଲା ବା ଆଞ୍ଚଳିକ ପରିଷଦର ଭଙ୍ଗ—** [2][(1)] ଏହି ଅନୁସୂଚୀର ପରିଚ୍ଛେଦ 14ରେ ନିଯୁକ୍ତ ହୋଇଥିବା ଆୟୋଗଙ୍କ ସୁପାରିଶକ୍ରମେ ରାଜ୍ୟପାଳ ସରକାରୀ ବିଜ୍ଞପ୍ତିଦ୍ୱାରା ଜିଲ୍ଲା ବା ଆଞ୍ଚଳିକ ପରିଷଦକୁ ଭଙ୍ଗ କରିପାରିବେ ବା କରିବା ପାଇଁ ନିର୍ଦ୍ଦେଶ ଦେଇପାରିବେ, ଏବଂ —

(*a*) ପରିଷଦର ପୁନର୍ଗଠନ ପାଇଁ ତୁରନ୍ତ ଏକ ସାଧାରଣ ନିର୍ବାଚନ କରିବା ନିମନ୍ତେ ନିର୍ଦ୍ଦେଶ ଦେବେ; ଅଥବା

(*b*) ରାଜ୍ୟ ବିଧାନମଣ୍ଡଳର ପୂର୍ବ ଅନୁମୋଦନକ୍ରମେ, ଏହି ପରିଷଦର ଅଧୀନରେ ଥିବା କ୍ଷେତ୍ରର ଶାସନ ଭାର ନିଜେ ଗ୍ରହଣ କରିବେ କିମ୍ବା ଏହି ପରିଚ୍ଛେଦ ଅନୁଯାୟୀ ନିଯୁକ୍ତ ହୋଇଥିବା ଆୟୋଗ କିମ୍ବା ତାଙ୍କଦ୍ୱାରା ଉପଯୁକ୍ତ ବିବେଚିତ ହୋଇଥିବା ଅନ୍ୟ କୌଣସି ସଂସ୍ଥାଦ୍ୱାରା ଶାସନ କାର୍ଯ୍ୟ ବାର ମାସରୁ ଅଧିକ ହୋଇନଥିବା ସମୟ ପର୍ଯ୍ୟନ୍ତ ପରିଚାଳନା କରିବେ:

କିନ୍ତୁ, ରାଜ୍ୟପାଳ ଏହି ପରିଚ୍ଛେଦ ଖଣ୍ଡ (*a*) ନିଦ୍ଦେଶନାମା ଦେଲାବେଳେ, ପରିଷଦର ପୁନର୍ଗଠନ ନିମନ୍ତେ ସାଧାରଣ ନିର୍ବାଚନ ବିଷୟ ବିଚାରଧୀନ ଥିଲାବେଳେ ଏହି ପରିଚ୍ଛେଦ ଖଣ୍ଡ (*b*)ଅନୁଯାୟୀ ସେହି ଅଞ୍ଚଳର ଶାସନକାର୍ଯ୍ୟ ଗ୍ରହଣ କରିବେ:

ଅଧିକନ୍ତୁ, ଯଥାସ୍ଥିତି ଜିଲ୍ଲା ଓ ଆଞ୍ଚଳିକ ପରିଷଦ ବିରୁଦ୍ଧରେ ଏହି ପରିଚ୍ଛେଦର ଖଣ୍ଡ (*b*)ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ ରାଜ୍ୟ ବିଧାନମଣ୍ଡଳ ନିକଟରେ ନିଜର ବକ୍ତବ୍ୟ ବ୍ୟକ୍ତ କରିବା ନିମନ୍ତେ ଜିଲ୍ଲା ଏବଂ ଆଞ୍ଚଳିକ ପରିଷଦକୁ ଏକ ସୁଯୋଗ ଦିଆଯିବ ।

---

[1] ସମ୍ବିଧାନ (ସଂଶୋଧନ) ଅଧିନିୟମ, 1988 (1988ର 67ନଂ), ଧାରା 2 ଦ୍ୱାରା ଷଷ୍ଠ ଅନୁସୂଚୀଦ୍ୱାରା ପରିଚ୍ଛେଦ 16 ତ୍ରିପୁରା ଏବଂ ମିଜୋରାମ ରାଜ୍ୟମାନଙ୍କ ପାଇଁ ଏହାର ପ୍ରୟୋଗରେ ନିମ୍ନଭାବେ ସଂଶୋଧିତ ହୋଇଛି (16-12-1988 ଠାରୁ କାର୍ଯ୍ୟକାରୀ), ଯଥା:—

‘(*a*) ଉପ-ପରିଚ୍ଛେଦ (1) ରେ, ଖଣ୍ଡ (*b*)ରେ ଥିବା "ରାଜ୍ୟର ବିଧାନସଭାର ପୂର୍ବ ଅନୁମୋଦନ ସାପେକ୍ଷ" ଶବ୍ଦଗୁଡ଼ିକ ଏବଂ ଦ୍ୱିତୀୟ ପ୍ରତିବନ୍ଧକୁ ବାଦ ଦିଆଯିବ;

(*b*) ଉପ-ପରିଚ୍ଛେଦ (3) ବଦଳରେ, ନିମ୍ନଲିଖିତ ଉପ-ପରିଚ୍ଛେଦ ପ୍ରତିସ୍ଥାପିତ କରାଯିବ:

“(3) ଏହି ପରିଚ୍ଛେଦର ଉପ-ପରିଚ୍ଛେଦ (1) କିମ୍ବା ଉପ-ପରିଚ୍ଛେଦ (2) ଅନୁଯାୟୀ ଜାରି ହେଉଥିବା ପ୍ରତ୍ୟେକ ଆଦେଶ, ଏହାର କାରଣ ସହିତ, ରାଜ୍ୟର ବିଧାନମଣ୍ଡଳ ସମ୍ମୁଖରେ ରଖାଯିବ ।”

[2] ଆସାମ ପୁନର୍ଗଠନ (ମେଘାଳୟ) ଅଧିନିୟମ, 1969 (1969ର 55 ନଂ), ଧାରା 74 ଏବଂ ଚତୁର୍ଥ ଅନୁସୂଚୀଦ୍ୱାରା ପରିଚ୍ଛେଦ 16କୁ ଉପ-ପରିଚ୍ଛେଦ (1) ରୂପେ ପୁନଃସଂଖ୍ୟାଙ୍କିତ କରାଯାଇଛି (2-4-1970 ଠାରୁ କାର୍ଯ୍ୟକାରୀ) ।

[1][(2) ଯଦି କୌଣସି ସମୟରେ ରାଜ୍ୟପାଳଙ୍କ ହୃଦ୍‌ବୋଧ ହୁଏ ଯେ ଏପରି ଏକ ପରିସ୍ଥିତି ଉପୁଜିଛି ଯାହା ପାଇଁ ସ୍ୱୟଂଶାସିତ ଜିଲ୍ଲା କିମ୍ବା ଅଞ୍ଚଳରେ ଶାସନ କାର୍ଯ୍ୟ ଏହି ଅନୁସୂଚୀର ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟକାରୀ କରାଯାଇପାରିବ ନାହିଁ, ସେ ସରକାରୀ ବିଜ୍ଞପ୍ତି ମାଧ୍ୟମରେ ଜିଲ୍ଲା ଓ ଆଞ୍ଚଳିକ ପରିଷଦକୁ ଦିଆଯାଇଥିବା ଶାସନ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟଭାର ନିଜେ ଗ୍ରହଣ କରିବେ କିମ୍ବା ଯଥାସ୍ଥିତି, ଜିଲ୍ଲା ପରିଷଦ ବା ଆଞ୍ଚଳିକ ପରିଷଦକୁ ଦିଆଯାଇଥିବା ଉକ୍ତ କାର୍ଯ୍ୟକୁ ଅନ୍ୟ କୌଣସି ସଂସ୍ଥା ବା ବ୍ୟକ୍ତିଙ୍କୁ ବିଶେଷଭାବେ ଅତିବେଶୀରେ 6ମାସ ପର୍ଯ୍ୟନ୍ତ ଏହି କାର୍ଯ୍ୟ ସମ୍ଭାଳିବା ପାଇଁ ନିର୍ଦ୍ଦେଶ ଦେଇପାରିବେ:

କିନ୍ତୁ, ରାଜ୍ୟପାଳ ପୁନର୍ବାର ଏସମ୍ବନ୍ଧରେ ଦେଉଥିବା ଆଦେଶ ବା ଆଦେଶନାମକୁ ପ୍ରତିଥର ଅତିବେଶୀରେ 6 ମାସ ପର୍ଯ୍ୟନ୍ତ ବୃଦ୍ଧି କରିପାରିବେ ।

(3) ଏହି ପରିଚ୍ଛେଦର ଉପ-ପରିଚ୍ଛେଦ (2)ରେ ଦିଆଯାଇଥିବା ସମସ୍ତ ଆଦେଶକୁ କାରଣ ସହିତ ରାଜ୍ୟ ବିଧାନମଣ୍ଡଳରେ ଉପସ୍ଥାପନ କରାଯିବ ଏବଂ ଆଦେଶ ଜାରି ହେବା ପରେ ରାଜ୍ୟ ବିଧାନସଭାର ପ୍ରଥମ ଅଧିବେଶନ ବସିବା ତାରିଖରୁ 30 ଦିନ ସମାପ୍ତ ହେବା ପରେ ଉପରୋକ୍ତ ଆଦେଶ ତାହାର କାର୍ଯ୍ୟକାରୀତା ହରାଇ ବସିବ, ଯଦି ପୂର୍ବରୁ ତାହା ବିଧାନମଣ୍ଡଳଦ୍ୱାରା ଅନୁମୋଦିତ ହୋଇନଥାଏ ।]

[2]**17. ନିର୍ବାଚନ ମଣ୍ଡଳୀ ଗଠନ କରିବା ବେଳେ ସ୍ୱୟଂଶାସିତ ଜିଲ୍ଲାର କିଛି ଅଞ୍ଚଳକୁ ବାଦ୍ ଦେବା—** ରାଜ୍ୟପାଳ[3][ଆସାମ କିମ୍ବା ମେଘାଳୟ] [4][କିମ୍ବା ତ୍ରିପୁରା] [5][କିମ୍ବା ମିଜୋରାମ]ର ବିଧାନସଭା ନିର୍ବାଚନ ପାଇଁ ଆଦେଶଦ୍ୱାରା ଘୋଷଣା କରିପାରିବେ ଯେ [6][ଯଥାସ୍ଥିତି ଆସାମ [କିମ୍ବା ମେଘାଳୟ] [କିମ୍ବା ତ୍ରିପୁରା] [କିମ୍ବା ମିଜୋରାମର] କୌଣସି ସ୍ୱୟଂଶାସିତ ଜିଲ୍ଲା ମଧ୍ୟରେ କେଉଁ ଅଂଶ ନିର୍ବାଚନ ମଣ୍ଡଳୀ ମଧ୍ୟରେ ରହିବ କି ନାହିଁ ବା ବିଧାନସଭାର ଆସନ ପୂରଣ କରିବା ପାଇଁ ନିର୍ବାଚନ ମଣ୍ଡଳୀର ଅଂଶ ହେବ କି ନାହିଁ କିମ୍ବା ସଂରକ୍ଷିତ ହୋଇନଥିବା ବିଧାନସଭାର ଆସନ ପୂରଣ କରିବା ପାଇଁ ଏକ ନିର୍ବାଚନମଣ୍ଡଳୀର ଅଂଶ ହେବ ବା ହେବ ନାହିଁ ତାହା ନିର୍ଦ୍ଦିଷ୍ଟ କରିପାରିବେ ।

[7][**18**. * * * * *]

---

[1] ଆସାମ ପୁନର୍ଗଠନ (ମେଘାଳୟ) ଅଧିନିୟମ, 1969 (1969ର 55 ନଂ), ଧାରା 74 ଏବଂ ଚତୁର୍ଥ ଅନୁସୂଚୀଦ୍ୱାରା ସଂଯୁକ୍ତ କରାଯାଇଛି (2-4-1970 ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (ସଂଶୋଧନ) ଅଧିନିୟମ, 2003, ଷଷ୍ଠ ଅନୁସୂଚୀଦ୍ୱାରା ପରିଚ୍ଛେଦ 17କୁ ଆସାମ ରାଜ୍ୟ ପାଇଁ (2003ର 44 ନଂ), ଧାରା 2ଦ୍ୱାରା ସଂଶୋଧନ କରାଯାଇଛି (7-9-2003 ଠାରୁ କାର୍ଯ୍ୟକାରୀ)। ନିମ୍ନଲିଖିତ ପ୍ରତିବନ୍ଧ ସଂଯୁକ୍ତ କରାଯାଇଛି—

କିନ୍ତୁ, "ଏହି ପରିଚ୍ଛେଦର କୌଣସି ବିଷୟ ବୋଡ଼ୋଲ୍ୟାଣ୍ଡ ଆଞ୍ଚଳିକ କ୍ଷେତ୍ରର ଜିଲ୍ଲା ପାଇଁ ପ୍ରଯୋଗ ହେବ ନାହିଁ ।"

[3] ଉତ୍ତର-ପୂର୍ବାଞ୍ଚଳ (ପୁନର୍ଗଠନ) ଅଧିନିୟମ, 1971 (1971ର 81 ନଂ), ଧାରା 71(i) ଏବଂ ଅଷ୍ଟମ ଅନୁସୂଚୀ ଦ୍ୱାରା "ଆସାମର ବିଧାନସଭା" ପାଇଁ ପ୍ରତିସ୍ଥାପିତ (21-1-1972 ଠାରୁ କାର୍ଯ୍ୟକାରୀ)।

[4] ସମ୍ବିଧାନ (49ତମ ସଂଶୋଧନ) ଅଧିନିୟମ, 1984ଦ୍ୱାରା ଧାରା 4ରେ ସନ୍ନିବେଶିତ (1-4-1985 ଠାରୁ କାର୍ଯ୍ୟକାରୀ)।

[5] ମିଜୋରାମ ରାଜ୍ୟ ଅଧିନିୟମ, 1986 (1986ରେ 34ନଂ), ଧାରା 39ଦ୍ୱାରା ସନ୍ନିବେଶିତ (20-2-1987 ଠାରୁ କାର୍ଯ୍ୟକାରୀ)।

[6] ଉତ୍ତର-ପୂର୍ବାଞ୍ଚଳ (ପୁନର୍ଗଠନ) ଅଧିନିୟମ, 1971 (1971ର 81 ନଂ), ଧାରା 71(i) ଏବଂ ଅଷ୍ଟମ ଅନୁସୂଚୀ ଦ୍ୱାରା "ଆସାମର ବିଧାନସଭା" ପାଇଁ ସନ୍ନିବେଶିତ (21-1-1972 ଠାରୁ କାର୍ଯ୍ୟକାରୀ)।

[7] ଉତ୍ତର-ପୂର୍ବାଞ୍ଚଳ (ପୁନର୍ଗଠନ) ଅଧିନିୟମ, 1971 (1971ର 81 ନଂ), ଧାରା 71(i) ଓ ଅଷ୍ଟମ ଅନୁସୂଚୀଦ୍ୱାରା ପରିଚ୍ଛେଦ 18କୁ ବାଦ ଦିଆଯାଇଛି (21-1-1972 ଠାରୁ କାର୍ଯ୍ୟକାରୀ) ।

[1]**19. ମଧ୍ୟବର୍ତ୍ତୀକାଳୀନ ବ୍ୟବସ୍ଥା —**(1) ଏହି ସମ୍ବିଧାନ ପ୍ରଣୟନ ହେବା ପରେ ଯଥାଶୀଘ୍ର ରାଜ୍ୟପାଳ ଏହି ଅନୁସୂଚୀ ଅନୁଯାୟୀ ରାଜ୍ୟର ଥିବା ସମସ୍ତ ସ୍ୱୟଂଶାସିତ ଜିଲ୍ଲାରେ ଜିଲ୍ଲା ପରିଷଦ ଗଠନ କରିବେ ଏବଂ ସ୍ୱୟଂଶାସିତ ଜିଲ୍ଲାରେ ଜିଲ୍ଲା ପରିଷଦ ଗଠନ ନହେବା ପର୍ଯ୍ୟନ୍ତ ଏହାର ଶାସନ କାର୍ଯ୍ୟ ତାଙ୍କ ଉପରେ ନ୍ୟସ୍ତ ରହିବ ଏବଂ ଏହି ଅନୁସୂଚୀରେ ଉପର ବର୍ଣ୍ଣିତ ବ୍ୟବସ୍ଥା ପରିବର୍ତ୍ତେ ଶାସନ କାର୍ଯ୍ୟ ପାଇଁ ନିମ୍ନଲିଖିତ ବ୍ୟବସ୍ଥା ଲାଗୁ କରାଯିବ:—

(*a*) ସଂସଦ କିମ୍ବା ରାଜ୍ୟ ବିଧାନମଣ୍ଡଳଦ୍ୱାରା ପ୍ରଣୟନ କରାଯାଇଥିବା କୌଣସି ଆଇନ ଏହି ଅଞ୍ଚଳ ପାଇଁ ପ୍ରଯୁଜ୍ୟ ହେବ ନାହିଁ; ଯେପର୍ଯ୍ୟନ୍ତ ରାଜ୍ୟପାଳ ସରକାରୀ ବିଜ୍ଞପ୍ତିଦ୍ୱାରା ନିର୍ଦ୍ଦେଶ ଦେଇନାହାନ୍ତି ଏବଂ ରାଜ୍ୟପାଳ ଯେକୌଣସି ଆଇନ ଅନୁଯାୟୀ ନିର୍ଦ୍ଦେଶ ଦେଲାବେଳେ ସେ ଯାହା ଉଚିତ ମନେ କରନ୍ତି, ଉକ୍ତ ଆଇନ କେଉଁ ଅଞ୍ଚଳ ପାଇଁ ଲାଗୁ ହେବ ବା ଅଞ୍ଚଳର କେଉଁ ବିଶେଷ ଭାଗ ଲାଗୁହେବ ତଥା ଉକ୍ତ ଆଇନର ପରିବର୍ତ୍ତନ ବା ବ୍ୟତିକ୍ରମ କରି ଲାଗୁହେବ ଏହା ସ୍ପଷ୍ଟ କରିବେ;

(*b*) ରାଜ୍ୟପାଳ ଯେକୌଣସି ଅଞ୍ଚଳରେ ଶାନ୍ତି ଓ ଉତ୍ତମ ଶାସନ ଓ ଶାନ୍ତି ବଜାୟ ରଖିବା ପାଇଁ ନିୟମାବଳୀ ପ୍ରସ୍ତୁତ କରିପାରିବେ ତଥା ଯେକୌଣସି ନିୟମାବଳୀ ମାଧ୍ୟମରେ ସଂସଦର କୌଣସି ଆଇନ ବା ରାଜ୍ୟ ବିଧାନମଣ୍ଡଳରେ ସେ ଅଞ୍ଚଳରେ ପ୍ରଚଳିତ ଥିବା କୌଣସି ଆଇନକୁ ରଦ୍ଦ ବା ସଂଶୋଧନ କରିପାରିବେ ।

(2) ଏହି ପରିଚ୍ଛେଦର ଉପ-ପରିଚ୍ଛେଦ (1)ର ଖଣ୍ଡ (*a*)ରେ ରାଜ୍ୟପାଳ ଦେଇଥିବା ଯେକୌଣସି ନିର୍ଦ୍ଦେଶ ପୂର୍ବ ଦିନଠାରୁ କାର୍ଯ୍ୟକାରୀ ହେବ ।

---

[1] ସମ୍ବିଧାନ (ସଂଶୋଧନ) ଅଧିନିୟମ, 2003 (2003ର 44ନଂ), ଧାରା 2 ଦ୍ୱାରା ଷଷ୍ଠ ଅନୁସୂଚୀଦ୍ୱାରା ପରିଚ୍ଛେଦ 19 ଆସାମ ରାଜ୍ୟ ପାଇଁ ଏହାର ପ୍ରୟୋଗରେ ସଂଶୋଧିତ ହୋଇଛି (7-9-2003 ଠାରୁ କାର୍ଯ୍ୟକାରୀ), ଯାହା ଉପ-ପରିଚ୍ଛେଦ (3) ପରେ ନିମ୍ନଲିଖିତ ଉପ-ପରିଚ୍ଛେଦ ସନ୍ନିବେଶିତ କରିବା ପାଇଁ, ଯଥା—

‘(4) ଏହି ଅଧିନିୟମ ଆରମ୍ଭ ହେବା ପରେ ଯଥାଶୀଘ୍ର ଆସାମର ବୋଡ଼ୋଲ୍ୟାଣ୍ଡ ଆଦିବାସୀ ଅଞ୍ଚଳ ଜିଲ୍ଲା ପାଇଁ ଏକ ଅନ୍ତରୀଣ କାର୍ଯ୍ୟନିର୍ବାହୀ ପରିଷଦ ଗଠନ କରାଯିବ ରାଜ୍ୟପାଳଙ୍କଦ୍ୱାରା, ଯାହା ବୋଡ଼ୋ ଆନ୍ଦୋଳନର ନେତାମାନଙ୍କୁ ନେଇ, ନିଷ୍ପତ୍ତି ସ୍ମାରକପତ୍ରର ହସ୍ତାକ୍ଷରକାରୀଙ୍କ ସମେତ, ଏବଂ ସେହି ଅଞ୍ଚଳରେ ଅଣ ଜନଜାତି ସମ୍ପ୍ରଦାୟଙ୍କୁ ଯଥେଷ୍ଟ ପ୍ରତିନିଧିତ୍ୱ ପ୍ରଦାନ କରିବ।

କିନ୍ତୁ, ଯେପର୍ଯ୍ୟନ୍ତ ଏହି ଅସ୍ଥାୟୀ ପରିଷଦ ଛଅ ମାସ ପର୍ଯ୍ୟନ୍ତ ଥିବ ଓ ଏହି ସମୟ ଅବଧିରେ ଏକ ନିର୍ବାଚନ ଆୟୋଜନ କରିବା ପ୍ରୟାସ ହେବ ।

*ସ୍ପଷ୍ଟୀକରଣ*—ଏହି ଉପ-ପରିଚ୍ଛେଦର ଉଦ୍ଦେଶ୍ୟରେ, “ବନ୍ଦୋବସ୍ତର ସ୍ମାରକ” ବୋଲି ବୁଝାଯିବ ଏହି ପତ୍ର ଯାହା 2003 ମସିହାର 10 ତାରିଖ ଫେବୃୟାରୀ ଦିନ ଭାରତ ସରକାର, ଆସାମ ସରକାର ଓ ବୋଡ଼ୋ ଲିବେରେସନ୍ ଟାଇଗର୍ସ ମଧ୍ୟରେ ହସ୍ତାକ୍ଷରିତ ହୋଇଥିଲା।

(3) ଏହି ପରିଚ୍ଛେଦର ଉପ-ପରିଚ୍ଛେଦ (1)ର ଖଣ୍ଡ (*b*)ରେ ହୋଇଥିବା ସମସ୍ତ ନିୟମାବଳୀ ତୁରନ୍ତ ରାଷ୍ଟ୍ରପତିଙ୍କ ନିକଟରେ ଉପସ୍ଥାପନ କରାଯିବ ଏବଂ ଏହା ଅନୁମୋଦନ ନହେବା ପର୍ଯ୍ୟନ୍ତ, ଉପରୋକ୍ତ ନିୟମାବଳୀ କାର୍ଯ୍ୟକ୍ଷମ ହେବ ନାହିଁ ।

[1][**20. ଜନଜାତି ଅଞ୍ଚଳ—** (1) ନିମ୍ନଲିଖିତ ସାରଣୀର ଭାଗ I, II, [2][IIA] ଏବଂ III ରେ ଯଥାକ୍ରମେ ଆସାମ, ମେଘାଳୟ [2][ତ୍ରିପୁରା] ଏବଂ ମିଜୋରାମ [3][ରାଜ୍ୟ] ଗୁଡ଼ିକ ଭିତରେ ନିର୍ଦ୍ଦିଷ୍ଟ ହୋଇଥିବା ଅଞ୍ଚଳ ଜନଜାତି ଅଞ୍ଚଳଭାବେ ବିବେଚିତ ହେବ ।

(2) [4][ଏହି ସାରଣୀର ଭାଗ I, II, IIIରେ ପ୍ରସଙ୍ଗକ୍ରମେ ଥିବା ଜିଲ୍ଲା ଯାହାକି ସ୍ୱୟଂଶାସିତ ଜିଲ୍ଲାର ଅନ୍ତର୍ଭୁକ୍ତ ହୋଇଥିବ ଏବଂ ଉତ୍ତର-ପୂର୍ବ ଅଞ୍ଚଳ (ପୁନର୍ଗଠନ) ଅଧିନିୟମ, 1971ର ଧାରା 2ର ଖଣ୍ଡ (*b*) ନାମାଙ୍କିତ ହୋଇଥିବା ଦିନର ଠିକ ପୂର୍ବରୁ ତାହା ସେହି ନାମରେ ନାମିତ ରହିବ:

କିନ୍ତୁ ଏହି ଅନୁସୂଚୀର ପରିଚ୍ଛେଦ 3ର ଉପ-ପରିଚ୍ଛେଦ (1) ର ଖଣ୍ଡ (*e*) ଏବଂ (*f*), ପରିଚ୍ଛେଦ 4, ପରିଚ୍ଛେଦ 5, ପରିଚ୍ଛେଦ 6, ଉପ-ପରିଚ୍ଛେଦ (2), ଉପ-ପରିଚ୍ଛେଦ (3)ର ଖଣ୍ଡ (*a*), (*b*) ଏବଂ (*d*) ଏବଂ ପରିଚ୍ଛେଦ 8ର ଉପ-ପରିଚ୍ଛେଦ (4) ଏବଂ ପରିଚ୍ଛେଦ 10ର ଉପ-ପରିଚ୍ଛେଦ (2)ର ଖଣ୍ଡ (*d*) ପାଇଁ, ସିଲଂ ପୌରପାଳିକାର କୌଣସି ଅଞ୍ଚଳର [5][ଖାସି ପାହାଡ଼ ଜିଲ୍ଲା] ର ଅଂଶ ବିଶେଷ ହେବ ନାହିଁ ।

[2][(3) ସାରଣୀର ଭାଗ IIAରେ "ତ୍ରିପୁରା ଜନଜାତି ଅଞ୍ଚଳ" ଜିଲ୍ଲାର ନିମ୍ନ ସାରଣୀରେ, ତ୍ରିପୁରା ଜନଜାତି ଅଞ୍ଚଳ ସ୍ୱୟଂଶାସିତ ଜିଲ୍ଲା ପରିଷଦ ଅଧିନିୟମ, 1979ର ପ୍ରଥମ ଅନୁସୂଚୀରେ ଲିଖିତ ଜନଜାତି ଅଞ୍ଚଳ ଭାବେ ବର୍ଣ୍ଣିତ ହୋଇଥିବା ଅଞ୍ଚଳ ବୋଲି ବ୍ୟାଖ୍ୟା କରାଯିବ ।]

---

[1] ଉତ୍ତର-ପୂର୍ବାଞ୍ଚଳ (ପୁନର୍ଗଠନ) ଅଧିନିୟମ, 1971 (1971ର 81 ନଂ), ଧାରା 71 (i) ଓ ଅଷ୍ଟମ ଅନୁସୂଚୀଦ୍ୱାରା ପରିଚ୍ଛେଦ 20 ଓ 20A ପାଇଁ ପ୍ରତିସ୍ଥାପିତ (21-1-1972ଠାରୁ କାର୍ଯ୍ୟକାରୀ) ହୋଇଥିଲା, ଏବଂ ପରିଚ୍ଛେଦ 20A ପାଇଁ କେନ୍ଦ୍ରଶାସିତ ଅଞ୍ଚଳ ସରକାର (ସଂଶୋଧନ) ଅଧିନିୟମ, 1971 (1971ର 83 ନଂ), ଧାରା 13ଦ୍ୱାରା ପୁନର୍ବାର ପ୍ରତିସ୍ଥାପିତ ହୋଇଛି (29-4-1972 ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (49ତମ ସଂଶୋଧନ) ଅଧିନିୟମ, 1984, ଧାରା 4ଦ୍ୱାରା ସନ୍ନିବେଶିତ (1-4-1985 ଠାରୁ କାର୍ଯ୍ୟକାରୀ)।

[3] ମିଜୋରାମ ରାଜ୍ୟ ଅଧିନିୟମ, 1986 (1986ରେ 34 ନଂ), ଧାରା 39ଦ୍ୱାରା "କେନ୍ଦ୍ରଶାସିତ ଅଞ୍ଚଳ" ପଦବାକ୍ୟ ପ୍ରତିସ୍ଥାପିତ ହୋଇଛି (20-2-1987 ଠାରୁ କାର୍ଯ୍ୟକାରୀ)।

[4] ସମ୍ବିଧାନ (49ତମ ସଂଶୋଧନ) ଅଧିନିୟମ, 1984, ଧାରା 4 ଦ୍ୱାରା "ନିମ୍ନ ସାରଣୀରେ ଥିବା ଯେକୌଣସି ଉଲ୍ଲେଖ" ପଦ ପ୍ରତିସ୍ଥାପିତ (1-4-1985 ଠାରୁ କାର୍ଯ୍ୟକାରୀ)।

[5] ମେଘାଳୟ ସରକାରଦ୍ୱାରା ନିଯୁକ୍ତ ବିଜ୍ଞପ୍ତି ସଂଖ୍ୟା DCA 31/72/11, ତାରିଖ 14 ଜୁନ୍ 1973, ଏବଂ ମେଘାଳୟ ରାଜପତ୍ର ତାରିଖ 23-6-1973, ଭାଗ VA, ପୃଷ୍ଠା 200ଦ୍ୱାରା ପ୍ରତିସ୍ଥାପିତ।

**ସାରଣୀ**

**ଭାଗ I**

1. ଉତ୍ତର କାଚାର ପାହାଡ଼ି ଜିଲ୍ଲା ।

2. [1][କାର୍ବି ଆଙ୍ଗଲଙ୍ଗ ଜିଲ୍ଲା।]

[2][3. [ବୋଡ଼ୋଲ୍ୟାଣ୍ଡ ଆଞ୍ଚଳିକ ଜିଲ୍ଲା]

**ଭାଗ II**

[3][1. ଖାସି ପାହାଡ଼ି ଜିଲ୍ଲା ।

2. ଜଇଣ୍ଟିଆ ପାହାଡ଼ି ଜିଲ୍ଲା ।]

3. ଗାରୋ ପାହାଡ଼ି ଜିଲ୍ଲା ।

**[4] [ଭାଗ IIA]**

ତ୍ରିପୁରା ଜନଜାତି ଅଞ୍ଚଳ ଜିଲ୍ଲା ]

**ଭାଗ III**

[5]* * *

[6][1. ଚକମା ଜିଲ୍ଲା

[7][2. ମାରା ଜିଲ୍ଲା

3. ଲାଇ ଜିଲ୍ଲା ।]

[8][**20A. ମିଜୋ ଜିଲ୍ଲା ପରିଷଦର ଭଙ୍ଗ**— (1) ଏହି ଅନୁସୂଚୀରେ ଯାହା ଥିଲେ ମଧ୍ୟ, ମିଜୋ ଜିଲ୍ଲାର ଜିଲ୍ଲା ପରିଷଦ ଯାହାକି ନିର୍ଦ୍ଧାରିତ ତାରିଖ ପୂର୍ବରୁ ରହିଛି (ପ୍ରସଙ୍ଗକ୍ରମେ ଏହା ପରେ ମିଜୋ ଜିଲ୍ଲା ପରିଷଦ ଭାବେ ଉଲ୍ଲେଖିତ) ତାହା ଭାଙ୍ଗି ଦିଆଯିବ ଏବଂ ଏହା କାର୍ଯ୍ୟକାରୀ ହେବ ନାହିଁ ।

---

[1] ଆସାମ ସରକାରଦ୍ୱାରା ଜାରି ବିଜ୍ଞପ୍ତି ସଂଖ୍ୟା TAD/R/115/74/47, ତାରିଖ 14-10-1976ଦ୍ୱାରା "ମିକିର ହିଲ୍ସ ଜିଲ୍ଲା" ପଦବାକ୍ୟ ପ୍ରତିସ୍ଥାପିତ ।

[2] ସମ୍ବିଧାନର ଷଷ୍ଠ ଅନୁସୂଚୀ (ସଂଶୋଧନ) ଅଧିନିୟମ, 2003 (2003ର 44ନଂ), ଧାରା 2ଦ୍ୱାରା ସନ୍ନିବେଶିତ (7-9-2003 ଠାରୁ କାର୍ଯ୍ୟକାରୀ)।

[3] ମେଘାଳୟ ସରକାରଦ୍ୱାରା ଜାରି ବିଜ୍ଞପ୍ତି ସଂଖ୍ୟା DCA 31/72/11, ତାରିଖ 14 ଜୁନ୍ 1973, ମେଘାଳୟ ରାଜପତ୍ର, ଭାଗ VA, ପୃଷ୍ଠା 200ଦ୍ୱାରା ପ୍ରତିସ୍ଥାପିତ (23-6-1973 ଠାରୁ କାର୍ଯ୍ୟକାରୀ) ।

[4] ସମ୍ବିଧାନ (49ତମ ସଂଶୋଧନ) ଅଧିନିୟମ, 1984, ଧାରା 4ଦ୍ୱାରା ସନ୍ନିବେଶିତ (1-4-1985 ଠାରୁ କାର୍ଯ୍ୟକାରୀ)।

[5] କେନ୍ଦ୍ରଶାସିତ ଅଞ୍ଚଳ (ସଂଶୋଧନ) ଅଧିନିୟମ, 1971 (1971ର 83ନଂ), ଧାରା 13ଦ୍ୱାରା "ମିଜୋ ଜିଲ୍ଲା" ଶବ୍ଦଗୁଡ଼ିକୁ ବାଦ ଦିଆଯାଇଛି (16-2-1972ଠାରୁ କାର୍ଯ୍ୟକାରୀ) ।

[6] ମିଜୋରାମ ଜିଲ୍ଲା ପରିଷଦ (ବିବିଧ ବ୍ୟବସ୍ଥା) ଆଦେଶ, 1972ଦ୍ୱାରା ସଂଯୁକ୍ତ କରାଯାଇଥିଲା, ଯାହାକୁ ମିଜୋରାମ ରାଜପତ୍ର, 5 ମଇ, 1972 ମସିହା, ଭଲ୍ୟୁମ I, ଭାଗ II, ପୃଷ୍ଠା 17 ରେ ପ୍ରକାଶିତ କରାଯାଇଥିଲା (29-4-1972 ଠାରୁ କାର୍ଯ୍ୟକାରୀ) ।

[7] ସମ୍ବିଧାନର ଷଷ୍ଠ ଅନୁସୂଚୀ (ସଂଶୋଧନ) ଅଧିନିୟମ, 1988 (1988ର 67 ନଂ), ଧାରା 2ଦ୍ୱାରା ଅନୁକ୍ରମିକ ସଂଖ୍ୟା 2 ଓ 3 ଓ ସେସବୁ ସହିତ ସମ୍ପୃକ୍ତ ପ୍ରବିଷ୍ଟିଗୁଡ଼ିକୁ ପ୍ରତିସ୍ଥାପିତ (16-12-1988 ଠାରୁ କାର୍ଯ୍ୟକାରୀ)।

[8] ଉତ୍ତର-ପୂର୍ବାଞ୍ଚଳ (ମାନ୍ୟତା) ଅଧିନିୟମ, 1971 (1971ର 81 ନଂ), ଧାରା 71(i) ଓ ଅଷ୍ଟମ ଅନୁସୂଚୀଦ୍ୱାରା ପରିଚ୍ଛେଦ 20 ପ୍ରତିସ୍ଥାପିତ (21-1-1972 ଠାରୁ କାର୍ଯ୍ୟକାରୀ) ଓ ଏହି ପରେ କେନ୍ଦ୍ରଶାସିତ ଅଞ୍ଚଳ ସରକାର (ସଂଶୋଧନ) ଅଧିନିୟମ, 1971 (1971ର 83 ନଂ), ଧାରା 13ଦ୍ୱାରା ପରିଚ୍ଛେଦ 20A ପ୍ରତିସ୍ଥାପିତ (16-2-1972 ଠାରୁ କାର୍ଯ୍ୟକାରୀ) ।

(2) କେନ୍ଦ୍ରଶାସିତ ମିଜୋରାମର ପ୍ରଶାସକ, ନିମ୍ନଲିଖିତ ପ୍ରସଙ୍ଗକ୍ରମେ ଏକ କିମ୍ବା ଅଧିକ ଆଦେଶଦ୍ୱାରା ନିମ୍ନଲିଖିତ ସମସ୍ତ ବା କୌଣସି ବିଷୟ ପାଇଁ ନିର୍ଦ୍ଦେଶ ଦେଇପାରିବେ: —

(*a*) ମିଜୋ ଜିଲ୍ଲା ପରିଷଦର ସମ୍ପତ୍ତି, ଅଧିକାର ଏବଂ ଦାୟିତ୍ୱ ତଥା (ତାଙ୍କଦ୍ୱାରା କରାଯାଇଥିବା ଯେକୌଣସି ଚୁକ୍ତି ଅନୁଯାୟୀ ଅଧିକାର ଏବଂ ଦାୟିତ୍ୱ ସମେତ) ସମ୍ପୂର୍ଣ୍ଣ କିମ୍ବା ଆଂଶିକଭାବରେ କେନ୍ଦ୍ର କିମ୍ବା ଅନ୍ୟ କୌଣସି କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର;

(*b*) ମିଜୋ ଜିଲ୍ଲା ପରିଷଦ ବଦଳରେ କେନ୍ଦ୍ର କିମ୍ବା ଅନ୍ୟ କୌଣସି ଅଧିକାରୀ, ଯେକୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନରେ ମିଜୋ ଜିଲ୍ଲା ପରିଷଦ ବଦଳରେ ପକ୍ଷଭୂତ ହୋଇପାରିବେ;

(*c*) କେନ୍ଦ୍ର ବା ଅନ୍ୟ କର୍ତ୍ତୃପକ୍ଷଦ୍ୱାରା ବା କେନ୍ଦ୍ର ବା ଅନ୍ୟ କର୍ତ୍ତୃପକ୍ଷକୁ ମିଜୋ ଜିଲ୍ଲା ପରିଷଦର କର୍ମଚାରୀମାନଙ୍କର ବଦଳି ବା ପୁନଃନିଯୁକ୍ତି ଏବଂ ଏହିପରି ପୁନଃନିଯୁକ୍ତି ବା ବଦଳି ପରେ କର୍ମଚାରୀଙ୍କ ପ୍ରତି ଲାଗୁ ହେଉଥିବା ଚୁକ୍ତି ଓ ସର୍ତ୍ତାବଳୀ;

(*d*) ମିଜୋ ଜିଲ୍ଲା ପରିଷଦଦ୍ୱାରା ପ୍ରଣୟନ କରାଯାଇଥିବା ଯେକୌଣସି ଆଇନ ପୂର୍ବପରି ମିଜୋ ଜିଲ୍ଲା ପରିଷଦର ଉଚ୍ଛେଦ ପରେ ମଧ୍ୟ ପ୍ରଶାସନ ଚାହିଁଲେ ଉକ୍ତ ଆଇନର ଆବଶ୍ୟକୀୟ ସଂଶୋଧନ, ପରିବର୍ତ୍ତନ ବା କିଛି ଅଂଶକୁ ଉପଯୋଗ କରିପାରିବେ ମାତ୍ର ଯେପର୍ଯ୍ୟନ୍ତ ଏହି କାର୍ଯ୍ୟ କ୍ଷମତା ସଂପନ୍ନ ଅଧିକାରୀ ଆଇନ ଉପଯୁକ୍ତ ବିଧାନମଣ୍ଡଳଦ୍ୱାରା ତାର ପରିବର୍ତ୍ତନ, ରଦ୍ଦ ବା ସଂଶୋଧନ ନକରିଛନ୍ତି;

(*e*) ପ୍ରଶାସକ ଆବଶ୍ୟକ ମନେ କଲେ ଆନୁଷଙ୍ଗିକ, ଅନୁପୂରକ ବିଷୟ ପାଇଁ ବ୍ୟବସ୍ଥା କରିବେ।

*ସ୍ପଷ୍ଟୀକରଣ*—ଏହି ପରିଚ୍ଛେଦରେ ଏବଂ ଏହି ଅନୁସୂଚୀର ପରିଚ୍ଛେଦ 20Bରେ ଥିବା "ନିର୍ଦ୍ଦିଷ୍ଟ ତାରିଖ"ର ଅର୍ଥ ସେହି ତାରିଖ ଯେଉଁଦିନ ସରକାରଙ୍କ କେନ୍ଦ୍ରଶାସିତ ଅଞ୍ଚଳ ଅଧିନିୟମ, 1963 (1963ର 20ନଂ) ଅନୁଯାୟୀ ମିଜୋରାମ କେନ୍ଦ୍ରଶାସିତ ଅଞ୍ଚଳର ବିଧାନସଭା ଆନୁଷ୍ଠାନିକଭାବେ ଗଠନ କରାଗଲା ।]

[1][**20B. ମିଜୋରାମ କେନ୍ଦ୍ରଶାସିତ ଅଞ୍ଚଳରେ ସ୍ୱୟଂଶାସିତ ଅଞ୍ଚଳଗୁଡ଼ିକ ସ୍ୱୟଂଶାସିତ ଜିଲ୍ଲା ହେବା ଓ ଏଥିପାଇଁ ଅସ୍ଥାୟୀ ବ୍ୟବସ୍ଥା—** (1)ଏହି ଅନୁସୂଚୀରେ ଯାହା କିଛି ଥିବା ସତ୍ତ୍ୱେ—

(*a*) ମିଜୋରାମର କେନ୍ଦ୍ରଶାସିତ ଅଞ୍ଚଳରେ ଥିବା ପ୍ରତ୍ୟେକ ସ୍ୱୟଂଶାସିତ ଅଞ୍ଚଳ, ସେହି ତାରିଖ ବା ସେହି ତାରିଖଠାରୁ ସ୍ୱୟଂଶାସିତ ଜିଲ୍ଲାଭାବେ ଅଭିହିତ ହେବ (ପରବର୍ତ୍ତୀ ସମୟରେ ନୂତନ ଜିଲ୍ଲା ହେବ) ଏବଂ ଏଠାର ପ୍ରଶାସକ, ଏକ କିମ୍ବା ଏକାଧିକ ଆଦେଶ ଦେଇ, ଉକ୍ତ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ନିମନ୍ତେ ଏହି ଅନୁସୂଚୀର ପରିଚ୍ଛେଦ 20ରେ ଆବଶ୍ୟକ ସଂଶୋଧନଦ୍ୱାରା ଉପରୋକ୍ତ ଖଣ୍ଡ ଯୋଗ କରିପାରିବେ (ଉକ୍ତ ପରିଚ୍ଛେଦରେ ଥିବା ସାରଣୀର ଭାଗ III ଅନ୍ତର୍ଗତ) ଏବଂ ଏହାପରେ ଉକ୍ତ ପରିଚ୍ଛେଦ ଏବଂ ଉକ୍ତ ଭାଗ III ସଂଶୋଧିତ ହେଲା ବୋଲି ବିବେଚନା କରାଯିବ;

---

[1] କେନ୍ଦ୍ରଶାସିତ ଅଞ୍ଚଳ ସରକାର (ସଂଶୋଧନ) ଅଧିନିୟମ, 1971 (1971ର 83ନଂ), ଧାରା 13ଦ୍ୱାରା, ପରିଚ୍ଛେଦ 20A ପାଇଁ ପ୍ରତିସ୍ଥାପିତ (16-2-1972 ଠାରୁ କାର୍ଯ୍ୟକାରୀ)।

(*b*) ନିର୍ଦ୍ଦିଷ୍ଟ ତାରିଖ ପୂର୍ବରୁ ମିଜୋରାମ କେନ୍ଦ୍ରଶାସିତ ଅଞ୍ଚଳରେ ଥିବା କୌଣସି ସ୍ୱୟଂଶାସିତ ଅଞ୍ଚଳରେ ଥିବା ପ୍ରତ୍ୟେକ ଆଞ୍ଚଳିକ ପରିଷଦ (ଏହାପରେ ସମୟରେ ଆଞ୍ଚଳିକ ପରିଷଦଭାବେ ଉଲ୍ଲେଖିତ) ସେହି ତାରିଖ ବା ସେହି ତାରିଖଠାରୁ ସେହି ଜିଲ୍ଲାର ଜିଲ୍ଲା ପରିଷଦଭାବେ ବିବେଚିତ ହେବ, ଯେପର୍ଯ୍ୟନ୍ତ ନୂତନ ଜିଲ୍ଲାର ଜିଲ୍ଲା ପରିଷଦ ବିଧିବଦ୍ଧଭାବେ ଗଠନ କରାଯାଇନାହିଁ ।

(2) ପୂର୍ବରୁ ଥିବା ଆଞ୍ଚଳିକ ପରିଷଦର, ପ୍ରତ୍ୟେକ ନିର୍ବାଚିତ ବା ମନୋନୀତ ସଦସ୍ୟ ନୂତନଭାବେ ଗଠନ କରାଯାଇଥିବା ଜିଲ୍ଲାର ନିର୍ବାଚିତ ବା ମନୋନୀତ ସଦସ୍ୟଭାବେ ବିବେଚିତ ହେବେ, ଯଥାସ୍ଥିତି, ଯେପର୍ଯ୍ୟନ୍ତ ଏହି ଅନୁସୂଚୀ ଅନୁଯାୟୀ ଉକ୍ତ ଜିଲ୍ଲାର ଜିଲ୍ଲା ପରିଷଦ ବିଧିବଦ୍ଧଭାବେ ଗଠନ କରାଯାଇନାହିଁ ।

(3) ଏହି ଅନୁସୂଚୀର ପରିଚ୍ଛେଦ 2ର ଉପ-ପରିଚ୍ଛେଦ (7) ଏବଂ ପରିଚ୍ଛେଦ 4ର ଉପ-ପରିଚ୍ଛେଦ (4)ରେ ଥିବା ବ୍ୟବସ୍ଥା ଅନୁଯାୟୀ ନୂତନ ଜିଲ୍ଲା ପରିଷଦର ନିୟମାବଳୀ ପ୍ରସ୍ତୁତ ନ ହେବା ପର୍ଯ୍ୟନ୍ତ ଥିବା ସମ୍ପର୍କିତ ଆଞ୍ଚଳିକ ପରିଷଦଦ୍ୱାରା ପ୍ରସ୍ତୁତ କରାଯାଇଥିବା ନିୟମାବଳୀ କାର୍ଯ୍ୟକାରୀ କରାଯିବ ଯାହାକି ନିର୍ଦ୍ଧାରିତ ତାରିଖ ପୂର୍ବରୁ ଜିଲ୍ଲା ପରିଷଦ ପାଇଁ ଲାଗୁ କରାଯାଇଥିଲା, କେନ୍ଦ୍ର ଶାସିତ ମିଜୋରାମର ପ୍ରଶାସକ ଉକ୍ତ ନିୟମାବଳୀରେ କିଛି ଯୋଗ ବା ପରିବର୍ତ୍ତନ କରି ଲାଗୁ କରିପାରିବେ ।

(4) କେନ୍ଦ୍ର ଶାସିତ ମିଜୋରାମର ପ୍ରଶାସକ, ଏକ ବା ଏକାଧିକ ଆଦେଶଦ୍ୱାରା ନିମ୍ନଲିଖିତ ସବୁ ବା ଯେକୌଣସି ବିଷୟ ପାଇଁ ନିର୍ଦ୍ଦେଶ ଦେଇପାରିବେ, ଯଥା:—

(*a*) ପୂର୍ବରୁ ଆଞ୍ଚଳିକ ପରିଷଦର ସମ୍ପତ୍ତି, ଅଧିକାର ଏବଂ ଆଂଶିକ ବା ସମ୍ପୂର୍ଣ୍ଣ ଦାୟିତ୍ୱର ଭାବରେ (କରାଯାଇଥିବା ଯେକୌଣସି ଚୁକ୍ତି ଅନୁଯାୟୀ ଅଧିକାର ଏବଂ ଦାୟିତ୍ୱ) ସମ୍ପୃକ୍ତ ନୂତନ ଜିଲ୍ଲା ପରିଷଦକୁ ହସ୍ତାନ୍ତର;

(*b*) ପୂର୍ବରୁ ଥିବା ଆଞ୍ଚଳିକ ପରିଷଦ ଯେଉଁ ଆଇନଗତ ମାମଲାରେ ପକ୍ଷଭୁକ୍ତ ଥିବେ, ସେହି ଆଇନଗତ ପ୍ରକ୍ରିୟାରେ ନୂତନ ଆଞ୍ଚଳିକ ପରିଷଦ ମଧ୍ୟ ପକ୍ଷଭୁକ୍ତ ହେବ;

(*c*) ପୂର୍ବରୁ ଥିବା ଆଞ୍ଚଳିକ ପରିଷଦର କର୍ମଚାରୀମାନଙ୍କର ବଦଳି, ପୁନଃନିଯୁକ୍ତି, ନିୟମାବଳୀ ଓ ସର୍ତ୍ତାବଳୀ ନୂତନ ଜିଲ୍ଲା ପରିଷଦର କର୍ମଚାରୀମାନଙ୍କ ପାଇଁ ପ୍ରଯୁଜ୍ୟ ହେବ;

(*d*) ଆଗରୁ ଥିବା ଆଞ୍ଚଳିକ ପରିଷଦଦ୍ୱାରା ପ୍ରଣୟନ କରାଯାଇଥିବା ଯେକୌଣସି ଆଇନ ପୂର୍ବପରି ଆଞ୍ଚଳିକ ପରିଷଦର ଉଚ୍ଛେଦ ପରେ ମଧ୍ୟ କାର୍ଯ୍ୟକ୍ଷମ ରହିବ, ଯେଉଁଠି ପ୍ରଶାସକ ଚାହିଁଲେ ଉକ୍ତ ଆଇନର କ୍ଷମତାସମ୍ପନ୍ନ ଅଧିକାରୀ ବା ଉପଯୁକ୍ତ ବିଧାନମଣ୍ଡଳଦ୍ୱାରା ଆବଶ୍ୟକୀୟ ସଂଶୋଧନ, ପରିବର୍ତ୍ତନ ବା କିଛି ଅଂଶକୁ ଉପଯୋଗ କରିପାରିବେ;

(*e*) ପ୍ରଶାସକ ଆବଶ୍ୟକ ମନେ କଲେ ଆନୁଷଙ୍ଗିକ, ଅନୁପୂରକ ବିଷୟ ପାଇଁ ବ୍ୟବସ୍ଥା କରିବେ ।]

[1]**[20BA.—ରାଜ୍ୟପାଳ ସ୍ୱେଚ୍ଛାକୃତଭାବେ ନିଜ କ୍ଷମତାର ପ୍ରୟୋଗ କରି ନିମ୍ନଲିଖିତ କାର୍ଯ୍ୟ ସମ୍ପାଦନ କରିପାରିବେ**— ରାଜ୍ୟପାଳ ତାଙ୍କ କାର୍ଯ୍ୟ ସମ୍ପାଦାନ କରିବା ପରିପ୍ରେକ୍ଷୀରେ ଏହି ଅନୁସୂଚୀର ପରିଚ୍ଛେଦ 1ର ଉପ ପରିଚ୍ଛେଦ (2) ଏବଂ (3), ଉପ-ପରିଚ୍ଛେଦ (1) ଓ (6), ଉପ-ପରିଚ୍ଛେଦ (6A)ର ପ୍ରଥମ ପ୍ରତିବନ୍ଧ ଏବଂ ପରିଚ୍ଛେଦ 2ର ଉପ-ପରିଚ୍ଛେଦ (7), ପରିଚ୍ଛେଦ 3ର ଉପ-ପରିଚ୍ଛେଦ (3), ପରିଚ୍ଛେଦ 4ର ଉପ-ପରିଚ୍ଛେଦ (4), ପରିଚ୍ଛେଦ 5, ପରିଚ୍ଛେଦ 6ର ଉପ-ପରିଚ୍ଛେଦ (1), ପରିଚ୍ଛେଦ 7ର ଉପ-ପରିଚ୍ଛେଦ (2), ପରିଚ୍ଛେଦ 8ର ଉପ-ପରିଚ୍ଛେଦ (4), ପରିଚ୍ଛେଦ 9ର ଉପ-ପରିଚ୍ଛେଦ (3), ପରିଚ୍ଛେଦ 10ର ଉପ-ପରିଚ୍ଛେଦ (3), ପରିଚ୍ଛେଦ 14ର ଉପ-ପରିଚ୍ଛେଦ (1), ପରିଚ୍ଛେଦ 15ର ଉପ-ପରିଚ୍ଛେଦ (1) ଏବଂ ପରିଚ୍ଛେଦ 16ର ଉପ-ପରିଚ୍ଛେଦ (1) ଏବଂ (2)ରେ ଥିବା ବ୍ୟବସ୍ଥାକୁ ମନ୍ତ୍ରୀ ପରିଷଦ ଏବଂ ଉତ୍ତର କାଚାର ପାହାଡ଼ି ସ୍ୱୟଂଶାସିତ ପରିଷଦ କିମ୍ବା କାର୍ବି ଆଙ୍ଗଲଙ୍ଗ୍ ସ୍ୱୟଂଶାସିତ ପରିଷଦ ସହିତ ପରାମର୍ଶ କରି, ଯଥାସ୍ଥିତି ସ୍ୱେଚ୍ଛାକୃତଭାବେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।]

[2]**[20BB.—ରାଜ୍ୟପାଳ ସ୍ୱେଚ୍ଛାକୃତ ଭାବରେ ନିଜ କ୍ଷମତାର ପ୍ରୟୋଗ କରି ତାଙ୍କର କାର୍ଯ୍ୟନିର୍ବାହ କରିବା ପାଇଁ କ୍ଷମତାର ପ୍ରୟୋଗ**— ରାଜ୍ୟପାଳ, ନିଜ କାର୍ଯ୍ୟନିର୍ବାହ କରିବା ପାଇଁ ଏହି ଅନୁସୂଚୀରେ ପରିଚ୍ଛେଦ 1ର ଉପ ପରିଚ୍ଛେଦ (2) ଏବଂ (3), ପରିଚ୍ଛେଦ 2ର ଉପ-ପରିଚ୍ଛେଦ (1) ଏବଂ (7), ପରିଚ୍ଛେଦ 3ର ଉପ-ପରିଚ୍ଛେଦ (3), ପରିଚ୍ଛେଦ 4ର ଉପ-ପରିଚ୍ଛେଦ (4), ପରିଚ୍ଛେଦ 5, ପରିଚ୍ଛେଦ 6ର ଉପ-ପରିଚ୍ଛେଦ (1), ପରିଚ୍ଛେଦ 7ର ଉପ ପରିଚ୍ଛେଦ (2), ପରିଚ୍ଛେଦ 9ର ଉପ-ପରିଚ୍ଛେଦ (3), ପରିଚ୍ଛେଦ 14ର ଉପ-ପରିଚ୍ଛେଦ (1), ପରିଚ୍ଛେଦ 15ର ଉପ-ପରିଚ୍ଛେଦ (1) ଏବଂ ପରିଚ୍ଛେଦ 16ର ଉପ-ପରିଚ୍ଛେଦ (1) ଏବଂ (2)ରେ ଥିବା ବିଷୟରେ, ମନ୍ତ୍ରୀ ପରିଷଦ ସହିତ ପରାମର୍ଶ କରି, ସେ ଚାହିଁଲେ ସେଠାରେ କାର୍ଯ୍ୟରତ ଜିଲ୍ଲା ବା ଆଞ୍ଚଳିକ ପରିଷଦକୁ ପରାମର୍ଶ କରି, ସ୍ୱେଚ୍ଛାକୃତଭାବେ ଆବଶ୍ୟକୀୟ ପଦକ୍ଷେପ ନେଇ ପାରିବେ ।]

---

[1] ସମ୍ବିଧାନର (ସଂଶୋଧନ) ଅଧିନିୟମ, 1995 (1995ର 42 ନଂ), ଧାରା 2, ଷଷ୍ଠ ଅନୁସୂଚୀଦ୍ୱାରା ଆସାମ ରାଜ୍ୟ ପାଇଁ ପ୍ରୟୋଗ, ପରିଚ୍ଛେଦ 20BA ସନ୍ନିବେଶିତ (12-9-1995 ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନର ସମ୍ବିଧାନ (ସଂଶୋଧନ) ଅଧିନିୟମ, 1988 (1988ର 67 ନଂ), ଧାରା 2, ଷଷ୍ଠ ଅନୁସୂଚୀଦ୍ୱାରା ତ୍ରିପୁରା ଓ ମିଜୋରାମ ରାଜ୍ୟ ପାଇଁ ପ୍ରୟୋଗ, ପରିଚ୍ଛେଦ 20BBକୁ ସନ୍ନିବେଶିତ କରାଯାଇଛି (16-12-1988ଠାରୁ କାର୍ଯ୍ୟକାରୀ)।

[1][**20C. ବ୍ୟାଖ୍ୟା–** ଏହି ଅନୁସୂଚୀରେ ଥିବା ବ୍ୟବସ୍ଥା, କେନ୍ଦ୍ରଶାସିତ ମିଜୋରାମ ପାଇଁ ମଧ୍ୟ ନିମ୍ନଲିଖିତ ଅନୁଯାୟୀ କାର୍ଯ୍ୟକାରୀ ହେବ—

(1) ସମ୍ବିଧାରର ଅନୁଚ୍ଛେଦ 239 ଅନୁଯାୟୀ କେନ୍ଦ୍ରଶାସିତ ଅଞ୍ଚଳର ପ୍ରଶାସକ ନିଯୁକ୍ତି ସମ୍ବନ୍ଧରେ ଯଥାକ୍ରମେ ରାଜ୍ୟପାଳ ଏବଂ ସରକାରକୁ ବୁଝାଯିବା ଅର୍ଥ ଯଥାକ୍ରମେ ପ୍ରଶାସନଭାବେ ବୁଝାଯିବ, ସେହିପରି ରାଜ୍ୟ କହିଲେ (ଉଲ୍ଲେଖିତ "ରାଜ୍ୟ ସରକାର"ରେ ବ୍ୟତୀତ) ମିଜୋରାମର କେନ୍ଦ୍ରଶାସିତ ଅଞ୍ଚଳ ଓ ପ୍ରସଙ୍ଗକ୍ରମେ ରାଜ୍ୟ ବିଧାନମଣ୍ଡଳ କହିଲେ ମିଜୋରାମ କେନ୍ଦ୍ରଶାସିତ ଅଞ୍ଚଳର ବିଧାନସଭାକୁ ବୁଝାଯିବ;

(2) ଯେପରିକି—

(*a*) ପରିଚ୍ଛେଦ 4ର ଉପ ପରିଚ୍ଛେଦ (5)ରେ, ଥିବା ବ୍ୟବସ୍ଥା ରାଜ୍ୟ ସରକାର ସହ ପରାମର୍ଶର ବ୍ୟବସ୍ଥାକୁ ବାଦ୍ ଦିଆଯାଇଛି;

(*b*) ପରିଚ୍ଛେଦ 6ରେ ଉପ ପରିଚ୍ଛେଦ (2)ରେ ଥିବା ବାକ୍ୟାଂଶ ‘‘ରାଜ୍ୟର କାର୍ଯ୍ୟନିର୍ବାହୀ କ୍ଷମତା ଯେଉଁ ପର୍ଯ୍ୟନ୍ତ ବିସ୍ତୃତ" ପାଇଁ ‘‘ମିଜୋରାମ କେନ୍ଦ୍ରଶାସିତ ଅଞ୍ଚଳର ବିଧାନସଭାର ଆଇନ ପ୍ରଣୟନ କରିବାର କ୍ଷମତା ସମ୍ବନ୍ଧରେ’’ ବାକ୍ୟାଂଶ ପ୍ରତିସ୍ଥାପିତ ହୋଇଛି;

(*c*) ପରିଚ୍ଛେଦ 13ରେ, "ଅନୁସୂଚୀ 202ରେ ଥିବା" ଶବ୍ଦ ଏବଂ ଅଙ୍କକୁ ବାଦ୍ ଦିଆଯାଇଅଛି ।]

**21. ଅନୁସୂଚୀର ସଂଶୋଧନ–** (1) ସଂସଦ ଆବଶ୍ୟକ ସ୍ଥଳେ ସମୟ ଅନୁଯାୟୀ ଆଇନ ମାଧ୍ୟମରେ ଏହି ଅନୁସୂଚୀରେ ଥିବା ବ୍ୟବସ୍ଥା ମାଧ୍ୟମରେ କୌଣସି ବ୍ୟବସ୍ଥାକୁ ସଂଯୁକ୍ତ, ପରିବର୍ତ୍ତନ ଓ ଉଚ୍ଛେଦ କରିପାରିବ ଏବଂ ସମ୍ବିଧାନର ଏହି ଅନୁସୂଚୀର ସଂଶୋଧନ ହେଲାପରେ ଏହି ଅନୁସୂଚୀ ସଂଶୋଧନ ହେଲା ବୋଲି ଗ୍ରହଣ କରାଯିବ ।

(2) ଏହି ପରିଚ୍ଛେଦର ଉପ-ପରିଚ୍ଛେଦ (1)ରେ ଉଲ୍ଲେଖିତ କୌଣସି ଆଇନ ସମ୍ବିଧାନର ଅନୁଚ୍ଛେଦ ୩୬୮ପାଇଁ ସଂଶୋଧନ ହେଲା ବୋଲି ଗ୍ରହଣୀୟ ହେବ ନାହିଁ ।

---

[1] କେନ୍ଦ୍ରଶାସିତ ଅଞ୍ଚଳ (ସଂଶୋଧନ) ଅଧିନିୟମ, 1971 (1971ର 83 ନଂ), ଧାରା 13ଦ୍ୱାରା ପରିଚ୍ଛେଦ 20A ପାଇଁ ପ୍ରତିସ୍ଥାପିତ (16-2-1972 ଠାରୁ କାର୍ଯ୍ୟକାରୀ)।

# ସପ୍ତମ ଅନୁସୂଚୀ

(ଅନୁଚ୍ଛେଦ 246)

**ତାଲିକା I— କେନ୍ଦ୍ର ତାଲିକା**

1. ଭାରତ ଏବଂ ଏହାର ପ୍ରତ୍ୟେକ ଅଂଶର ପ୍ରତିରକ୍ଷା, ପ୍ରତିରକ୍ଷା ପାଇଁ ପ୍ରସ୍ତୁତି ଏବଂ ଯୁଦ୍ଧ ସମୟରେ ଏହାର ସୁପରିଚାଳନା ପାଇଁ ସମସ୍ତ କାର୍ଯ୍ୟ ଏବଂ ଯୁଦ୍ଧ ସମାପ୍ତି ପରେ ପ୍ରଭାବଶାଳୀ ଭାବରେ ସୈନ୍ୟବାହିନୀକୁ ନିଷ୍କ୍ରିୟ କରିବା ପାଇଁ ସହାୟକ କାର୍ଯ୍ୟ ।

2. ନୌସେନା, ସେନାବାହିନୀ ଓ ବାୟୁସେନା; କେନ୍ଦ୍ରର ଅନ୍ୟ ଯେକୌଣସି ସଶସ୍ତ୍ର ବାହିନୀ ।

[1][2A. କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ସଶସ୍ତ୍ର ବାହିନୀ କିମ୍ବା ଅନ୍ୟ କୌଣସି ସୈନ୍ୟ ବାହିନୀ କିମ୍ବା ତାହାର କୌଣସି ନିର୍ଦ୍ଦିଷ୍ଟ ଭାଗ, କୌଣସି ରାଜ୍ୟର ବେସାମରିକ ସହାୟତା କରିବା ପାଇଁ, ଏହିପରି ସେନାବଳ ମୁତୟନ ସମୟରେ ସେହି ବାହିନୀର ସଦସ୍ୟମାନଙ୍କୁ କ୍ଷମତା, କ୍ଷେତ୍ରାଧିକାର, ସୁବିଧା ଓ ଦାୟିତ୍ୱ ପ୍ରଦାନ ।]

3. ସେନା ଛାଉଣୀ ପାଇଁ ଅଞ୍ଚଳର ସୀମା ନିର୍ଦ୍ଧାରଣ, ଉକ୍ତ ଅଞ୍ଚଳରେ ସ୍ୱାୟତ୍ତଶାସନ ଅଧିକାର, ସେନା ଛାଉଣୀରେ ଥିବା ଅଧିକାରୀଙ୍କର ଗଠନ ଓ କ୍ଷମତା ଏବଂ ଉକ୍ତ ଅଞ୍ଚଳରେ ବାସସ୍ଥାନ ଯୋଗାଇ ଦେବା (ଭଡ଼ା ସହ) ନିୟନ୍ତ୍ରଣ କରିବାର ବ୍ୟବସ୍ଥା ।

4. ନୌସେନା, ସ୍ଥଳସେନା ଏବଂ ବାୟୁସେନା କାର୍ଯ୍ୟ ।

5. ଅସ୍ତ୍ରଶସ୍ତ୍ର, ବନ୍ଧୁକ, ଗୋଳାବାରୁଦ ଏବଂ ବିସ୍ଫୋରକ ସମଗ୍ରୀ ।

6. ପରମାଣୁ ଶକ୍ତି ଓ ଏହାର ଉତ୍ପାଦନ ପାଇଁ ଆବଶ୍ୟକ ଖଣିଜ ସମ୍ପଦ ।

7. ପ୍ରତିରକ୍ଷା କିମ୍ବା ଯୁଦ୍ଧ ପାଇଁ ଆବଶ୍ୟକ ହେଉଥିବା ଶିଳ୍ପ ଯାହା ସଂସଦଦ୍ୱାରା ପ୍ରଣୟନ କରାଯାଇଥିବା ଆଇନ ଅନୁସାରେ ଘୋଷିତ ।

8. କେନ୍ଦ୍ରୀୟ ଗୁଇନ୍ଦା ଓ ଅନୁସନ୍ଧାନ ବିଭାଗ ।

9. ଦେଶର ପ୍ରତିରକ୍ଷା, ବୈଦେଶିକ ବ୍ୟାପାର, କିମ୍ବା ଭାରତର ସୁରକ୍ଷା ସହିତ ସମ୍ବନ୍ଧିତ କାରଣ ପାଇଁ ଅଟକ ବ୍ୟବସ୍ଥା, ଏହି ଆଇନଦ୍ୱାରା ଅଟକ ରଖା ଯାଇଥିବା ବ୍ୟକ୍ତି ।

10. ବୈଦେଶିକ ବ୍ୟାପାର, ଏପରି ସମସ୍ତ ବିଷୟରେ, ଯେଉଁଥିରେ କୌଣସି ବିଦେଶୀ ଦେଶ ସହିତ ସମ୍ପର୍କ ସହ ସମ୍ବନ୍ଧିତ ସମସ୍ତ କାର୍ଯ୍ୟ ।

11. କୂଟନୈତିକ, ରାଷ୍ଟ୍ରଦୂତ ସଂକ୍ରାନ୍ତୀୟ ଏବଂ ବ୍ୟାପାରିକ ପ୍ରତିନିଧିତ୍ୱ ।

12. ମିଳିତ ଜାତିସଂଘ ।

13. ଆନ୍ତର୍ଜାତୀୟ ସମ୍ମିଳନୀ, ସଂଗଠନ ଏବଂ ଅନ୍ୟ ସଂସ୍ଥାରେ ଅଂଶଗ୍ରହଣ ଏବଂ ସେଥିରେ ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକୁ କାର୍ଯ୍ୟକାରୀ କରିବା ।

14. ବିଦେଶୀ ଦେଶମାନଙ୍କ ସହିତ ଚୁକ୍ତିନାମା ଏବଂ ଚୁକ୍ତିନାମାରେ ପ୍ରବେଶ କରିବା ଏବଂ ବିଦେଶୀ ଦେଶମାନଙ୍କରେ ସମ୍ମିଳନୀରେ ନିଆଯାଇଥିବା ଚୁକ୍ତିନାମାକୁ କାର୍ଯ୍ୟକାରୀ କରିବା ।

---

[1] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 57 ଦ୍ୱାରା ସନ୍ନିବେଶିତ (3-1-1977ଠାରୁ କାର୍ଯ୍ୟକାରୀ)।

15. ଯୁଦ୍ଧ ଏବଂ ଶାନ୍ତି ।

16. ବିଦେଶୀ ନ୍ୟାୟାଧୀକାର କ୍ଷେତ୍ର ।

17. ନାଗରିକତା, ଦେଶୀୟ କରଣ ଓ ଅନ୍ୟ ଦେଶୀୟ ।

18. ପ୍ରତ୍ୟାର୍ପଣ ।

19. ଭାରତରେ ପ୍ରବେଶ, ପ୍ରବାସ ଓ ବହିଷ୍କାର, ପାସପୋର୍ଟ ଓ ଭିସା ।

20. ଭାରତ ବାହାର ସ୍ଥାନମାନଙ୍କୁ ତୀର୍ଥ ଯାତ୍ରା ।

21. ମହାସମୁଦ୍ରରେ ଜଳ ଦସ୍ୟୁତା କିମ୍ବା ଆକାଶରେ ହୋଇଥିବା ଅପରାଧ; ସ୍ଥଳଭାଗରେ କିମ୍ବା ମହାସମୁଦ୍ର କିମ୍ବା ଆକାଶପଥରେ ହୋଇଥିବା ରାଷ୍ଟ୍ରଗୁଡ଼ିକର ଆଇନଗତ ଅପରାଧ ।

22. ରେଳପଥ ।

23. ସଂସଦଦ୍ୱାରା ପ୍ରଣୀତ ଆଇନଦ୍ୱାରା କିମ୍ବା ଅଧୀନରେ ଜାତୀୟ ରାଜପଥ ଭାବରେ ଘୋଷିତ ରାଜପଥ ।

24. ଯାନ୍ତ୍ରିକ ଭାବରେ ଚାଳିତ ଜାହାଜ ସମ୍ପର୍କରେ ସଂସଦଦ୍ୱାରା ଆଇନ ଅନୁଯାୟୀ ଜାତୀୟ ଜଳପଥ ଭାବରେ ଘୋଷିତ ଅନ୍ତର୍ଦେଶୀୟ ଜଳପଥରେ ଜାହାଜ ଓ ନୌଚାଳନା ଏବଂ ନୌପରିବହନ; ଏପରି ଜଳପଥରେ ରାସ୍ତାର ନିୟମ ।

25. ସାମୁଦ୍ରିକ ପରିବହନ ଏବଂ ଜାହାଜ ଚଳାଚଳ, ଜୁଆର ଜଳରେ ପରିବହନ ଏବଂ ଜାହାଜ ଚଳାଚଳ ସମେତ; ସାମୁଦ୍ରିକ ବାଣିଜ୍ୟିକ ପାଇଁ ଶିକ୍ଷା ଏବଂ ପ୍ରଶିକ୍ଷଣର ବ୍ୟବସ୍ଥା ଏବଂ ରାଜ୍ୟ ଏବଂ ଅନ୍ୟ ସଂସ୍ଥାଦ୍ୱାରା ପ୍ରଦାନ କରାଯାଇଥିବା ଏପରି ଶିକ୍ଷା ଏବଂ ପ୍ରଶିକ୍ଷଣର ନିୟନ୍ତ୍ରଣ ।

26. ନୌବହନ ଏବଂ ବିମାନର ସୁରକ୍ଷା ପାଇଁ ବତୀଘର ସମେତ ଆଲୋକ ପୋତ ଏବଂ ଅନ୍ୟ ବ୍ୟବସ୍ଥା ।

27. ସଂସଦଦ୍ୱାରା ପ୍ରଣୀତ ଆଇନ କିମ୍ବା ପ୍ରଚଳିତ ଆଇନଦ୍ୱାରା କିମ୍ବା ତାହା ଅଧୀନରେ ବୃହତ ପୋତାଶ୍ରୟ ରୂପେ ଘୋଷିତ ବନ୍ଦରଗୁଡ଼ିକୁ ପ୍ରମୁଖ ବନ୍ଦର ଭାବରେ ଘୋଷିତ କରିବା, ସେମାନଙ୍କ ସୀମା ନିର୍ଦ୍ଧାରଣ ଏବଂ ଏଥିରେ ଥିବା ବନ୍ଦର କର୍ତ୍ତୃପକ୍ଷଙ୍କ ଗଠନ ଏବଂ କ୍ଷମତା ମଧ୍ୟ ଅନ୍ତର୍ଭୁକ୍ତ ।

28. ବନ୍ଦର ସଙ୍ଗରୋଧ, ଏହା ସମ୍ବନ୍ଧୀୟ ଚିକିତ୍ସାଳୟ ସମେତ; ନାବିକ ଏବଂ ସାମୁଦ୍ରିକ ଚିକିତ୍ସାଳୟ ।

29. ବାୟୁପଥ; ବିମାନ ଏବଂ ବିମାନ ପରିବହନ; ବିମାନ ବନ୍ଦର ବ୍ୟବସ୍ଥା ; ବିମାନ ଯାତାୟାତ ଏବଂ ବିମାନ ବନ୍ଦରର ନିୟନ୍ତ୍ରଣ ଏବଂ ସଂଗଠନ; ବିମାନ ଶିକ୍ଷା ଏବଂ ତାଲିମ ପାଇଁ ବ୍ୟବସ୍ଥା ଏବଂ ରାଜ୍ୟ ଏବଂ ଅନ୍ୟ ସଂସ୍ଥାଦ୍ୱାରା ପ୍ରଦାନ କରାଯାଇଥିବା ଏପରି ଶିକ୍ଷା ଏବଂ ତାଲିମର ନିୟନ୍ତ୍ରଣ ।

30. ଯାନ୍ତ୍ରିକ ଭାବରେ ଚାଳିତ ଜାହାଜରେ ରେଳ, ସମୁଦ୍ର କିମ୍ବା ଆକାଶପଥ କିମ୍ବା ଜାତୀୟ ଜଳପଥଦ୍ୱାରା ଯାତ୍ରୀ ଏବଂ ସାମଗ୍ରୀ ପରିବହନ ।

31. ଡାକ ଏବଂ ଟେଲିଗ୍ରାଫ; ଟେଲିଫୋନ, ବେତାର, ପ୍ରସାରଣ ଏବଂ ଅନ୍ୟ ସମରୂପ ଯୋଗାଯୋଗ।

32. କେନ୍ଦ୍ରର ସମ୍ପତ୍ତି ଏବଂ ସେଥିରୁ ରାଜସ୍ୱ, କିନ୍ତୁ ଯେକୌଣସି ରାଜ୍ୟରେ ଅବସ୍ଥିତ ସମ୍ପତ୍ତି ସମ୍ପର୍କରେ, ସେହି ରାଜ୍ୟର [1]*** ଆଇନ ଅଧୀନରେ ରହିବ, ଅନ୍ୟଥା କେବଳ ସଂସଦ ଆଇନଦ୍ୱାରା ଅନ୍ୟଥା ବ୍ୟବସ୍ଥା କରିପାରେ ।

[2][33. * * * * *]

34. ଭାରତୀୟ ରାଜ୍ୟର ଶାସକମାନଙ୍କ ସମ୍ପତ୍ତି ପାଇଁ କୋର୍ଟ ଅଫ ୱାର୍ଡ ଅଧିକରଣ ।

35. କେନ୍ଦ୍ରର ସରକାରୀ ଋଣ ।

36. ମୁଦ୍ରା, କଏନେଜ୍ ଏବଂ ବୈଧ ମୁଦ୍ରା, ବୈଦେଶିକ ମୁଦ୍ରା ।

37. ବୈଦେଶିକ ଋଣ ।

38. ଭାରତୀୟ ରିଜର୍ଭ ବ୍ୟାଙ୍କ ।

39. ଡାକଘର ସଞ୍ଚୟ ବ୍ୟାଙ୍କ ।

40. ଭାରତ ସରକାର କିମ୍ବା ରାଜ୍ୟ ସରକାରଙ୍କଦ୍ୱାରା ଆୟୋଜିତ ଲଟେରୀ ।

41. ବୈଦେଶିକ ଦେଶ ସହିତ ବେପାର ଏବଂ ବାଣିଜ୍ୟ; ଶୁଳ୍କ ଦେଇ ଆମଦାନି ଏବଂ ରପ୍ତାନି; ଶୁଳ୍କ ସୀମାର ପରିଭାଷା ନିରୂପଣ ।

42. ଆନ୍ତଃରାଜ୍ୟ ବ୍ୟାପାର ଓ ବାଣିଜ୍ୟ ।

43. ବ୍ୟାଙ୍କିଂ, ବୀମା ଏବଂ ଆର୍ଥିକ ନିଗମ ସମେତ ବାଣିଜ୍ୟ ନିଗମଗୁଡ଼ିକର ଅନ୍ତର୍ଭୁକ୍ତିକରଣ, ନିୟନ୍ତ୍ରଣ ଏବଂ ବନ୍ଦୀକରଣ, କିନ୍ତୁ ସମବାୟ ସମିତିଗୁଡ଼ିକ ଅନ୍ତର୍ଭୁକ୍ତ ନୁହେଁ ।

44. ନିଗମଗୁଡ଼ିକର ଅନ୍ତର୍ଭୁକ୍ତିକରଣ, ନିୟନ୍ତ୍ରଣ ଏବଂ ସମାପନ, ବାଣିଜ୍ୟ ହେଉ କି ନ ହେଉ, ଯାହାର ଉଦ୍ଦେଶ୍ୟ ଗୋଟିଏ ରାଜ୍ୟ ପର୍ଯ୍ୟନ୍ତ ସୀମିତ ନୁହେଁ, କିନ୍ତୁ ବିଶ୍ୱବିଦ୍ୟାଳୟଗୁଡ଼ିକ ଅନ୍ତର୍ଭୁକ୍ତ ନୁହେଁ।

45. ବ୍ୟାଙ୍କ କାରବାର ।

46. ବିନିୟମ ପତ୍ର, ଚେକ, ବଚନ ପତ୍ର ତଥା ଏପରି ଅନ୍ୟ ଦଲିଲମାନ ।

47. ବୀମା ।

48. ଷ୍ଟକ ଏକ୍ସଚେଞ୍ଜ ଓ ଫ୍ୟୁଚର୍ସ ମାର୍କେଟ ।

49. ପେଟେଣ୍ଟ, ଉଦ୍ଭାବନ ଓ ଡିଜାଇନ, ସ୍ୱତ୍ତାଧିକାର, ଟ୍ରେଡ ମାର୍କ ଓ ମାର୍ଚେଣ୍ଡାଇଜ ମାର୍କ ।

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଓ ଅନୁସୂଚୀଦ୍ୱାରା "ପ୍ରଥମ ଅନୁସୂଚୀର ଭାଗ A କିମ୍ବା ଭାଗ Bରେ ଉଲ୍ଲିଖିତ" ଶବ୍ଦ ଓ ଅକ୍ଷରଗୁଡ଼ିକୁ ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 26ଦ୍ୱାରା ପ୍ରବିଷ୍ଟ 33କୁ ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ)।

50. ଓଜନ ଓ ମାପର ମାନଦଣ୍ଡ ସ୍ଥାପନ ।

51. ଭାରତ ବାହାରକୁ ରପ୍ତାନୀ ହେବା ଅଥବା ଏକ ରାଜ୍ୟରୁ ଅନ୍ୟ ରାଜ୍ୟକୁ ପରିବହନ ପାଇଁ ସାମଗ୍ରୀର ଗୁଣବତ୍ତାର ମାନଦଣ୍ଡ ସ୍ଥାପନ ।

52. ଶିଳ୍ପ, ଯାହାର ନିୟନ୍ତ୍ରଣ କେନ୍ଦ୍ରଦ୍ୱାରା ସଂସଦଦ୍ୱାରା ଆଇନଦ୍ୱାରା ଜନସ୍ୱାର୍ଥ ପାଇଁ ସମୀଚୀନ ବୋଲି ଘୋଷଣା କରାଯାଇଛି ସେପରି ଉଦ୍ୟୋଗ ।

53. ତୈଳକ୍ଷେତ୍ର ଏବଂ ଖଣିଜ ତୈଳ ସମ୍ପଦର ନିୟନ୍ତ୍ରଣ ଏବଂ ବିକାଶ; ପେଟ୍ରୋଲିୟମ ଏବଂ ପେଟ୍ରୋଲିୟମ୍ ଉତ୍ପାଦ; ସଂସଦର ଆଇନଦ୍ୱାରା ବିପଦଜନକ ଭାବରେ ଦହନଶୀଳ ବୋଲି ଘୋଷଣା କରାଯାଇଥିବା ଅନ୍ୟ ତରଳ ପଦାର୍ଥ ଏବଂ ଦ୍ରବ୍ୟ ।

54. ଯେପର୍ଯ୍ୟନ୍ତ କେନ୍ଦ୍ରର ନିୟନ୍ତ୍ରଣରେ ଖଣି ଏବଂ ଜନସ୍ୱାର୍ଥ ପାଇଁ ସମୀଚୀନ ବୋଲି ସଂସଦ ଆଇନଦ୍ୱାରା ଘୋଷଣା କରିଥାଏ, ସେପର୍ଯ୍ୟନ୍ତ ତାହାର ନିୟନ୍ତ୍ରଣ ଓ ବିକାଶ ।

55. ଖଣି ଏବଂ ତୈଳ କ୍ଷେତ୍ରରେ ଶ୍ରମ ଓ ସୁରକ୍ଷାର ନିୟନ୍ତ୍ରଣ ।

56. ଆନ୍ତଃରାଜ୍ୟ ନଦୀ ଏବଂ ନଦୀ ଉପତ୍ୟକାର ନିୟନ୍ତ୍ରଣ ଏବଂ ବିକାଶ ଯେଉଁ ପରିମାଣରେ କେନ୍ଦ୍ରର ନିୟନ୍ତ୍ରଣରେ ଏପରି ନିୟନ୍ତ୍ରଣ ଏବଂ ବିକାଶକୁ ସଂସଦଦ୍ୱାରା ଆଇନଦ୍ୱାରା ଜନସ୍ୱାର୍ଥରେ ସମୀଚୀନ ବୋଲି ଘୋଷଣା କରାଯିବ।

57. ଆଞ୍ଚଳିକ ଜଳ ସୀମା ବାହାରେ ମାଛ ଧରିବା ଏବଂ ମତ୍ସ୍ୟଚାଷ ।

58. କେନ୍ଦ୍ର ସ୍ୱୀକୃତିପ୍ରାପ୍ତ ପ୍ରତିନିଧିତ୍ୱଦ୍ୱାରା ଲୁଣର ଉତ୍ପାଦନ, ଯୋଗାଣ ଏବଂ ବଣ୍ଟନ; ଅନ୍ୟ ସ୍ୱୀକୃତିପ୍ରାପ୍ତ ପ୍ରତିନିଧିତ୍ୱଦ୍ୱାରା ଲୁଣର ଉତ୍ପାଦନ, ଯୋଗାଣ ଏବଂ ବଣ୍ଟନର ବିନିୟମନ ଏବଂ ନିୟନ୍ତ୍ରଣ ।

59. ଅଫିମର ଚାଷ, ଉତ୍ପାଦନ ଓ ରପ୍ତାନୀ ପାଇଁ ବିକ୍ରୟ ।

60. ପ୍ରଦର୍ଶନ ନିମିତ୍ତ ଚଳଚ୍ଚିତ୍ରମାନଙ୍କର ମଞ୍ଜୁରି ।

61. ସଂଘୀୟ କର୍ମଚାରୀମାନଙ୍କ ସମ୍ବନ୍ଧୀୟ ଶିଳ୍ପଗତ ବିବାଦ ।

62. ଏହି ସମ୍ବିଧାନର ଆରମ୍ଭ ସମୟରେ ଜାତୀୟ ପାଠାଗାର, ଭାରତୀୟ ସଂଗ୍ରହାଳୟ, ଇମ୍ପେରିଆଲ୍ ଯୁଦ୍ଧ ସଂଗ୍ରହାଳୟ, ଭିକ୍ଟୋରିଆ ମେମୋରିଆଲ ଏବଂ ଭାରତୀୟ ଯୁଦ୍ଧ ସ୍ମାରକୀ, ଏବଂ ଭାରତ ସରକାରଙ୍କ ଦ୍ୱାରା ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବରେ ଆର୍ଥିକ ସହାୟତା ପ୍ରାପ୍ତ ଏବଂ ଆଇନ ଦ୍ୱାରା ସଂସଦ ଦ୍ୱାରା ଜାତୀୟ ଗୁରୁତ୍ୱର ଏକ ପ୍ରତିଷ୍ଠାନ ଭାବରେ ଘୋଷିତ ଅନ୍ୟ ସମାନ ପ୍ରତିଷ୍ଠାନ ଭାବରେ ଜଣାଶୁଣା ।

63. ଏହି ସମ୍ବିଧାନର ଆରମ୍ଭ ସମୟରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ, ଆଲିଗଡ଼ ମୁସଲିମ ବିଶ୍ୱବିଦ୍ୟାଳୟ ଏବଂ [1][ଦିଲ୍ଲୀ ବିଶ୍ୱବିଦ୍ୟାଳୟ; ଅନୁଚ୍ଛେଦ 371E ଅନୁଯାୟୀ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ;] ସଂସଦର ଆଇନଦ୍ୱାରା ଜାତୀୟ ଗୁରୁତ୍ୱର ଏକ ପ୍ରତିଷ୍ଠାନ ଭାବରେ ଘୋଷିତ ଅନ୍ୟ କୌଣସି ପ୍ରତିଷ୍ଠାନ ।

---

[1] ସମ୍ବିଧାନ (32ତମ ସଂଶୋଧନ) ଅଧିନିୟମ, 1973, ଧାରା 4 ଦ୍ୱାରା "ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଏବଂ" ପାଇଁ ପ୍ରତିସ୍ଥାପିତ (1-7-1974 ଠାରୁ କାର୍ଯ୍ୟକାରୀ)।

64. ଭାରତ ସରକାରଙ୍କଦ୍ୱାରା ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବରେ ଆର୍ଥିକ ସହାୟତା ପ୍ରାପ୍ତ ଏବଂ ସଂସଦଦ୍ୱାରା ଆଇନଦ୍ୱାରା ଜାତୀୟ ଗୁରୁତ୍ୱର ପ୍ରତିଷ୍ଠାନ ଭାବରେ ଘୋଷିତ ବୈଜ୍ଞାନିକ କିମ୍ବା ବୈଷୟିକ ଶିକ୍ଷା ପାଇଁ ପ୍ରତିଷ୍ଠାନ ।

65. ଏଥିପାଇଁ କେନ୍ଦ୍ର ସଂସ୍ଥା ଏବଂ ପ୍ରତିଷ୍ଠାନଗୁଡ଼ିକ—

(*a*) ପୋଲିସ ଅଧିକାରୀଙ୍କ ତାଲିମ ସମେତ ବୃତ୍ତିଗତ କିମ୍ବା ବୈଷୟିକ ବା ଧନ୍ଦାମୂଳକ ପ୍ରଶିକ୍ଷଣ; ଅଥବା

(*b*) ସ୍ୱତନ୍ତ୍ର ଅଧ୍ୟୟନ କିମ୍ବା ଗବେଷଣାର ପ୍ରୋତ୍ସାହନ; ଅଥବା

(*c*) ଅପରାଧର ତଦନ୍ତ କିମ୍ବା ଚିହ୍ନଟରେ ବୈଜ୍ଞାନିକ କିମ୍ବା ବୈଷୟିକ ସହାୟତା ।

66. ଉଚ୍ଚଶିକ୍ଷା କିମ୍ବା ଗବେଷଣା ଏବଂ ବୈଜ୍ଞାନିକ ଏବଂ ବୈଷୟିକ ପ୍ରତିଷ୍ଠାନଗୁଡ଼ିକରେ ମାନଦଣ୍ଡର ସମନ୍ୱୟ ଏବଂ ନିର୍ଦ୍ଧାରଣ ।

67. [1][ସଂସଦଦ୍ୱାରା ପ୍ରଣୀତ ଆଇନଦ୍ୱାରା କିମ୍ବା ଅଧୀନରେ ଘୋଷିତ] ପ୍ରାଚୀନ ଏବଂ ଐତିହାସିକ ସ୍ମାରକୀ ଏବଂ ରେକର୍ଡ, ଏବଂ ପ୍ରତ୍ନତାତ୍ତ୍ୱିକ ସ୍ଥାନ ଏବଂ ଅବଶେଷ ଯାହା ଜାତୀୟ ଗୁରୁତ୍ୱ ବୋଲି ଘୋଷଣା କରାଯାଇଛି ।

68. ଭାରତୀୟ ସର୍ବେକ୍ଷଣ, ଭାରତୀୟ ଭୂତାତ୍ତ୍ୱିକ, ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ଏବଂ ନୃତାତ୍ତ୍ୱିକ ସର୍ବେକ୍ଷଣ; ପାଣିପାଗ ସଂଗଠନ।

69. ଜନଗଣନା ।

70. କେନ୍ଦ୍ର ଲୋକସେବା; ସର୍ବ ଭାରତୀୟ ସେବା; ଲୋକସେବା ଆୟୋଗ ।

71. କେନ୍ଦ୍ର ଅବସରକାଳୀନ ଭତ୍ତା ଅର୍ଥାତ୍ ଭାରତ ସରକାରଙ୍କଦ୍ୱାରା ବା ଭାରତର ସଞ୍ଚିତ ପାଣ୍ଠିରୁ ଦେୟ ଅବସରକାଳୀନ ଭତ୍ତା ।

72. ସଂସଦ, ରାଜ୍ୟ ବିଧାନମଣ୍ଡଳ ଏବଂ ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତିଙ୍କ ପଦ ପାଇଁ ନିର୍ବାଚନ; ନିର୍ବାଚନ ଆୟୋଗ ।

73. ସଂସଦର ସଦସ୍ୟ, ରାଜ୍ୟସଭାର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଏବଂ ଲୋକସଭାର ବାଚସ୍ପତି ଓ ଉପବାଚସ୍ପତି ବେତନ ଓ ଭତ୍ତା ।

74. ସଂସଦର ପ୍ରତ୍ୟେକ ସଦନ ଏବଂ ପ୍ରତ୍ୟେକ ସଦନର ସଦସ୍ୟ ଏବଂ କମିଟିଗୁଡ଼ିକର କ୍ଷମତା, ସୁବିଧା ଏବଂ ପ୍ରତିରୋଧ କ୍ଷମତା; ସଂସଦର କମିଟି କିମ୍ବା ସଂସଦଦ୍ୱାରା ନିଯୁକ୍ତ କମିଶନ ସମ୍ମୁଖରେ ପ୍ରମାଣ ଦେବା କିମ୍ବା ଦଲିଲ ଉପସ୍ଥାପନ କରିବା ପାଇଁ ବ୍ୟକ୍ତିମାନଙ୍କର ଉପସ୍ଥିତିକୁ ପ୍ରବର୍ତ୍ତନ ।

75. ରାଷ୍ଟ୍ରପତି ଏବଂ ରାଜ୍ୟପାଳମାନଙ୍କ, ଭତ୍ତା, ସୁବିଧା, ଅନୁପସ୍ଥିତ ଛୁଟି ଏବଂ ଅଧିକାର; କେନ୍ଦ୍ରର ମନ୍ତ୍ରୀମାନଙ୍କ ଦରମା ଏବଂ ଭତ୍ତା; ଭାରତର ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକଙ୍କ ଅନୁପସ୍ଥିତି ଛୁଟି ଏବଂ ଦରମା, ଭତ୍ତା ଏବଂ ଅଧିକାର ଓ ସେବାର ଅନ୍ୟ ସର୍ତ୍ତାବଳୀ ।

---

[1] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 27 ଦ୍ୱାରା "ସଂସଦର ନିୟମ ଦ୍ୱାରା ଘୋଷିତ" ପାଇଁ ପ୍ରତିସ୍ଥାପିତ (1-11-1956 ଠାରୁ କାର୍ଯ୍ୟକାରୀ)।

76. କେନ୍ଦ୍ର ଓ ରାଜ୍ୟମାନଙ୍କର ହିସାବ ସମୀକ୍ଷା ।

77. ସର୍ବୋଚ୍ଚ ନ୍ୟାୟାଳୟର ଗଠନ, ସଙ୍ଗଠନ, କ୍ଷେତ୍ରାଧିକାର ଏବଂ କ୍ଷମତା (ଏପରି ନ୍ୟାୟାଳୟର ଅବମାନନା ସମେତ) ଏବଂ ଏଥିରେ ନିଆଯାଇଥିବା ଦେୟ ; ସର୍ବୋଚ୍ଚ ନ୍ୟାୟାଳୟରେ ଓକିଲାତିର ଅଭ୍ୟାସ କରିବାର ଅଧିକାରପ୍ରାପ୍ତ ବ୍ୟକ୍ତି ।

78. ଉଚ୍ଚ ନ୍ୟାୟାଳୟଗୁଡ଼ିକର ଅଧିକାରୀ ଓ ସେବକମାନଙ୍କ ବିଷୟରେ ଆଇନ ବ୍ୟତିରେକେ ଉଚ୍ଚ ନ୍ୟାୟାଳୟମାନଙ୍କର ଗଠନ ଓ ସଙ୍ଗଠନ [1][(ଅବକାଶ ସମେତ)]; ଉଚ୍ଚ ନ୍ୟାୟାଳୟମାନଙ୍କରେ ବିଧି ବ୍ୟବସାୟ କରିବାକୁ ଅଧିକାର ପ୍ରାପ୍ତ ବ୍ୟକ୍ତି ।

[2][79. କୌଣସି କେନ୍ଦ୍ର ଶାସିତ ଅଞ୍ଚଳକୁ ଏକ ଉଚ୍ଚ ନ୍ୟାୟାଳୟର କ୍ଷେତ୍ରାଧିକାର ପର୍ଯ୍ୟନ୍ତ ବିସ୍ତାର କରିବା ଏବଂ ଉଚ୍ଚ ନ୍ୟାୟାଳୟର କ୍ଷେତ୍ରାଧିକାରକୁ କୌଣସି କେନ୍ଦ୍ରଶାସିତ ଅଞ୍ଚଳରୁ ବାଦ ଦେବା ।]

80. କୌଣସି ରାଜ୍ୟର ପୋଲିସ ବାହିନୀର ସଦସ୍ୟଙ୍କ କ୍ଷମତା ଏବଂ ଅଧିକାରିତାକୁ ସେହି ରାଜ୍ୟର ବାହାର ଯେକୌଣସି ଅଞ୍ଚଳକୁ ବିସ୍ତାର କରିବା, କିନ୍ତୁ ଏପରି ନୁହେଁ ଯେ ଗୋଟିଏ ରାଜ୍ୟର ପୋଲିସ ସେହି ରାଜ୍ୟର ସରକାରଙ୍କ ସମ୍ମତି ବିନା ସେହି ରାଜ୍ୟର ବାହାର ଯେକୌଣସି ଅଞ୍ଚଳରେ କ୍ଷମତା ଏବଂ ଅଧିକାରିତାକୁ ପ୍ରୟୋଗ କରିପାରିବ; କୌଣସି ରାଜ୍ୟର ପୋଲିସ ବାହିନୀର ସଦସ୍ୟଙ୍କ କ୍ଷମତା ଏବଂ କ୍ଷେତ୍ରାଧିକାରକୁ ସେହି ରାଜ୍ୟର ବାହାର ରେଳପଥ ଅଞ୍ଚଳକୁ ବିସ୍ତାର କରିବା ।

81. ଆନ୍ତଃରାଜ୍ୟ ପ୍ରବାସ; ଆନ୍ତଃରାଜ୍ୟ ସଙ୍ଗରୋଧ ।

82. କୃଷି ଆୟ ବ୍ୟତୀତ ଅନ୍ୟ ଆୟ ଉପରେ କର ।

83. ରପ୍ତାନୀ ଶୁଳ୍କ ସମେତ ସୀମା ଶୁଳ୍କ ।

[3][84. ଭାରତରେ ଉତ୍ପାଦିତ କିମ୍ବା ଉତ୍ପାଦିତ ନିମ୍ନଲିଖିତ ସାମଗ୍ରୀ ଉପରେ ଉତ୍ପାଦ ଶୁଳ୍କ, ଯଥା –

(*a*) ପେଟ୍ରୋଲିୟମ୍ ଅଶୋଧିତ ଦ୍ରବ୍ୟ;

(*b*) ହାଇସ୍ପିଡ୍ ଡିଜେଲ୍;

(*c*) ମୋଟର ସ୍ପିରିଟ୍ (ସାଧାରଣତଃ ପେଟ୍ରୋଲ୍ ଭାବରେ ଜଣା);

(*d*) ପ୍ରାକୃତିକ ଗ୍ୟାସ୍;

(*e*) ବିମାନ ଟର୍ବାଇନ୍ ଇନ୍ଧନ; ଏବଂ

(*f*) ତମାଖୁ ଏବଂ ତମାଖୁ ଦ୍ରବ୍ୟ ।]

85. ନିଗମ କର ।

---

[1] ସମ୍ବିଧାନ (ପଞ୍ଚଦଶ ସଂଶୋଧନ) ଅଧିନିୟମ, 1963, ଧାରା 12 ଦ୍ୱାରା ସନ୍ନିବେଶିତ (ପୂର୍ବପ୍ରଭାବୀ ପ୍ରଭାବ ସହିତ)।

[2] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 29 ଓ ଅନୁସୂଚୀ ଦ୍ୱାରା ପ୍ରବିଷ୍ଟି 79 ପାଇଁ ପ୍ରତିସ୍ଥାପିତ (1-11-1956 ଠାରୁ କାର୍ଯ୍ୟକାରୀ)।

[3] ସମ୍ବିଧାନ (101ତମ ସଂଶୋଧନ) ଅଧିନିୟମ, 2016, ଧାରା 17(*a*)(*i*) ଦ୍ୱାରା ପ୍ରବିଷ୍ଟି 84 ପାଇଁ ପ୍ରତିସ୍ଥାପିତ (16-9-2016 ଠାରୁ କାର୍ଯ୍ୟକାରୀ)।

86. ବ୍ୟକ୍ତି ଏବଂ କମ୍ପାନୀଗୁଡ଼ିକର କୃଷି ଜମି ବ୍ୟତୀତ ସମ୍ପତ୍ତିର ପୁଞ୍ଜି ମୂଲ୍ୟ ଉପରେ କର; କମ୍ପାନୀଗୁଡ଼ିକର ପୁଞ୍ଜି ଉପରେ କର ।

87. କୃଷି ଜମି ବ୍ୟତୀତ ଅନ୍ୟ ସମ୍ପତ୍ତି ସମ୍ପର୍କରେ ସମ୍ପତ୍ତି ଶୁଳ୍କ ।

88. କୃଷି ଜମି ବ୍ୟତୀତ ଅନ୍ୟ ସମ୍ପତ୍ତିର ଉତ୍ତରାଧିକାର ସମ୍ପର୍କରେ ଶୁଳ୍କ ।

89. ରେଳ, ସମୁଦ୍ର କିମ୍ବା ଆକାଶପଥଦ୍ୱାରା ପରିବହନ ହେଉଥିବା ସାମଗ୍ରୀ କିମ୍ବା ଯାତ୍ରୀମାନଙ୍କ ଉପରେ ସୀମାକର; ରେଳ ଭଡ଼ା ଏବଂ ମାଲ ପରିବହନ ଉପରେ କର ।

90. ଷ୍ଟକ ଏକ୍ସଚେଞ୍ଜ ଏବଂ ଭବିଷ୍ୟତ ବଜାରରେ କାରବାର ଉପରେ ଷ୍ଟାମ୍ପ ଶୁଳ୍କ ବ୍ୟତୀତ ଅନ୍ୟ କର ।

91. ବିନିମୟ ବିଲ୍, ଚେକ୍, ବଚନ ପତ୍ର, ବହନ ବିଲ୍, ଋଣ ପତ୍ର, ବୀମା ପଲିସି, ସେୟାର ହସ୍ତାନ୍ତର, ଡିବେଞ୍ଚର୍, ପ୍ରକ୍ସି ଏବଂ ରସିଦ ବାବଦରେ ଷ୍ଟାମ୍ପ ଶୁଳ୍କର ହାର ।

[1][92. * * * * * *]

[2][92A. ସମ୍ବାଦପତ୍ର ବ୍ୟତୀତ ଅନ୍ୟ ସାମଗ୍ରୀର ବିକ୍ରୟ କିମ୍ବା କ୍ରୟ ଉପରେ କର, ଯେଉଁଠାରେ ଏପରି ବିକ୍ରୟ କିମ୍ବା କ୍ରୟ ଆନ୍ତଃରାଜ୍ୟ ବାଣିଜ୍ୟ କିମ୍ବା ବାଣିଜ୍ୟ ପ୍ରକ୍ରିୟାରେ ହୁଏ ।]

[3][92B. ସାମଗ୍ରୀର ପଠାଇବା ଉପରେ କର (ଏହା ପ୍ରସ୍ତୁତ କରୁଥିବା ବ୍ୟକ୍ତିଙ୍କ ନିକଟକୁ ହେଉ କିମ୍ବା ଅନ୍ୟ କୌଣସି ବ୍ୟକ୍ତିଙ୍କ ପାଖକୁ), ଯେଉଁଠାରେ ଏପରି ପଠାଇବା ଆନ୍ତଃରାଜ୍ୟ ବାଣିଜ୍ୟ କିମ୍ବା ବାଣିଜ୍ୟ ପ୍ରକ୍ରିୟାରେ ଘଟେ ।]

[4][92C. * * * * * *]

93. ଏହି ତାଲିକାରେ ଥିବା ଯେକୌଣସି ବିଷୟ ସମ୍ପର୍କରେ ଆଇନ ବିରୁଦ୍ଧରେ ଅପରାଧ ।

94. ଏହି ତାଲିକାରେ ଥିବା ଯେକୌଣସି ବିଷୟ ପାଇଁ ଅନୁସନ୍ଧାନ, ସର୍ବେକ୍ଷଣ ଏବଂ ପରିସଂଖ୍ୟାନ

95. ଏହି ତାଲିକାରେ ଥିବା ଯେକୌଣସି ବିଷୟ ସମ୍ପର୍କରେ ସର୍ବୋଚ୍ଚ ନ୍ୟାୟାଳୟ ବ୍ୟତୀତ ସମସ୍ତ ନ୍ୟାୟାଳୟର କ୍ଷେତ୍ରାଧିକାର ଏବଂ କ୍ଷମତା; ନୌସେନା କ୍ଷେତ୍ରାଧିକାର ।

96. ଏହି ତାଲିକାରେ ଥିବା ଯେକୌଣସି ବିଷୟ ସମ୍ପର୍କରେ ଦେୟ, କିନ୍ତୁ କୌଣସି ବିଚାରାଳୟରେ ନିଆଯାଇଥିବା ଦେୟ ଅନ୍ତର୍ଭୁକ୍ତ ନୁହେଁ ।

97. ତାଲିକା II କିମ୍ବା ତାଲିକା IIIରେ ଉଲ୍ଲେଖ ନଥିବା ଅନ୍ୟ କୌଣସି କର ସମେତ, ସେହି ତାଲିକାରେ ଉଲ୍ଲେଖ ନଥିବା କୌଣସି କର ଅନ୍ତର୍ଭୁକ୍ତ ବିଷୟ ।

---

[1] ସମ୍ବିଧାନ (101ତମ ସଂଶୋଧନ) ଅଧିନିୟମ, 2016, ଧାରା 17(*a*)(*ii*) ଦ୍ୱାରା ପ୍ରବିଷ୍ଟି 92କୁ ବାଦ୍ ଦିଆଯାଇଛି (16-9-2016 ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (ଷଷ୍ଠ ସଂଶୋଧନ) ଅଧିନିୟମ, 1956, ଧାରା 2 ଦ୍ୱାରା ସନ୍ନିବେଶିତ (11-9-1956 ଠାରୁ କାର୍ଯ୍ୟକାରୀ)।

[3] ସମ୍ବିଧାନ (46ତମ ସଂଶୋଧନ) ଅଧିନିୟମ, 1982, ଧାରା 5 ଦ୍ୱାରା ସନ୍ନିବେଶିତ (2-2-1983 ଠାରୁ କାର୍ଯ୍ୟକାରୀ)।

[4] ସମ୍ବିଧାନ (88ତମ ସଂଶୋଧନ) ଅଧିନିୟମ, 2003, ଧାରା 4 ଦ୍ୱାରା ପ୍ରବିଷ୍ଟି 92C ସନ୍ନିବେଶିତ ହୋଇଥିଲା (ଯାହା କାର୍ଯ୍ୟକାରୀ ହୋଇନଥିଲା) ଏବଂ ସମ୍ବିଧାନ (101ତମ ସଂଶୋଧନ) ଅଧିନିୟମ, 2016, ଧାରା 17(*a*)(ii) ଦ୍ୱାରା ବାଦ୍ ଦିଆଯାଇଛି (16-9-2016 ଠାରୁ କାର୍ଯ୍ୟକାରୀ)।

## ତାଲିକା II— ରାଜ୍ୟ ତାଲିକା

1. ସରକାରୀ ଆଦେଶ (କିନ୍ତୁ [1][କେନ୍ଦ୍ରର କୌଣସି ନୌସେନା, ସାମରିକ କିମ୍ବା ବାୟୁସେନା କିମ୍ବା ଅନ୍ୟ କୌଣସି ସଶସ୍ତ୍ର ବାହିନୀ କିମ୍ବା କେନ୍ଦ୍ରର ନିୟନ୍ତ୍ରଣାଧୀନ ଅନ୍ୟ କୌଣସି ବାହିନୀ କିମ୍ବା ଏହାର କୌଣସି ବାହିନୀ କିମ୍ବା ଅନ୍ୟ କୌଣସି ୟୁନିଟ୍] ନାଗରିକ ଶକ୍ତିର ସହାୟତାରେ ବ୍ୟବହାର ପାଇଁ ଅନ୍ତର୍ଭୁକ୍ତ ନୁହେଁ) ।

[2][2. ତାଲିକା I ର ପ୍ରବିଷ୍ଟି 2A ର ବ୍ୟବସ୍ଥା ଅଧୀନରେ ପୋଲିସ (ରେଳପଥ ଏବଂ ଗ୍ରାମ ପୋଲିସ ସମେତ)।]

3. [3]***ଉଚ୍ଚ ନ୍ୟାୟାଳୟର ଅଧିକାରୀ ଏବଂ କର୍ମଚାରୀ; ଖଜଣା ଏବଂ ରାଜସ୍ୱ ବିଚାରାଳୟରେ ପ୍ରକ୍ରିୟା; ସର୍ବୋଚ୍ଚ ନ୍ୟାୟାଳୟ ବ୍ୟତୀତ ସମସ୍ତ ବିଚାରାଳୟରେ ନିଆଯାଇଥିବା ଫିସ ।

4. କାରାଗାର, ସୁଧାରାଳୟ, ବୋର୍ଷ୍ଟାଲ ପ୍ରତିଷ୍ଠାନ ଏବଂ ସମାନ ପ୍ରକୃତିର ଅନ୍ୟ ପ୍ରତିଷ୍ଠାନ, ଏବଂ ସେଥିରେ ଅଟକ ଥିବା ବ୍ୟକ୍ତି; କାରାଗାର ଏବଂ ଅନ୍ୟ ପ୍ରତିଷ୍ଠାନର ବ୍ୟବହାର ପାଇଁ ଅନ୍ୟ ରାଜ୍ୟ ସହିତ ବ୍ୟବସ୍ଥା ।

5. ସ୍ଥାନୀୟ ସରକାର, ଅର୍ଥାତ୍, ସ୍ଥାନୀୟ ସ୍ୱାୟତ୍ତଶାସନ କିମ୍ବା ଗ୍ରାମ ପ୍ରଶାସନ ଉଦ୍ଦେଶ୍ୟରେ ପୌର ନିଗମ, ଉନ୍ନତି ଟ୍ରଷ୍ଟ, ଜିଲ୍ଲା ମଣ୍ଡଳ, ଖଣି ବନ୍ଦୋବସ୍ତ କର୍ତ୍ତୃପକ୍ଷ ଏବଂ ଅନ୍ୟ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଗଠନ ଏବଂ କ୍ଷମତା।

6. ଜନସ୍ୱାସ୍ଥ୍ୟ ଏବଂ ପରିମଳ; ଡାକ୍ତରଖାନା ଏବଂ ଔଷଧାଳୟ ।

7. ଭାରତ ବାହାର ସ୍ଥାନଗୁଡ଼ିକୁ ତୀର୍ଥଯାତ୍ରା ବ୍ୟତୀତ ତୀର୍ଥଯାତ୍ରା ।

8. ନିଶାକର ମଦ, ଅର୍ଥାତ୍, ନିଶାକର ମଦର ଉତ୍ପାଦନ, ଉତ୍ପାଦନ, ରଖିବା, ପରିବହନ, କ୍ରୟ ଏବଂ ବିକ୍ରୟ ।

9. ଅକ୍ଷମ ଏବଂ ବେକାରଙ୍କ ପାଇଁ ସହାୟତା ।

10. ସମାଧି ଏବଂ ସମାଧି ସ୍ଥଳୀ; ଶବଦାହ ଏବଂ ଶବଦାହ ସ୍ଥଳୀ ।

[4][11. * * * * *]

12. ରାଜ୍ୟଦ୍ୱାରା ନିୟନ୍ତ୍ରିତ କିମ୍ବା ଆର୍ଥିକ ସହାୟତା ପ୍ରାପ୍ତ ପାଠାଗାର, ସଂଗ୍ରହାଳୟ ଏବଂ ଅନ୍ୟ ସମାନ ପ୍ରତିଷ୍ଠାନ; [5][ସଂସଦଦ୍ୱାରା ପ୍ରଣୀତ ଆଇନଦ୍ୱାରା କିମ୍ବା ଅଧୀନରେ ଘୋଷିତ] ଜାତୀୟ ଗୁରୁତ୍ୱ ବହନ କରୁଥିବା ପ୍ରାଚୀନ ଏବଂ ଐତିହାସିକ ସ୍ମାରକୀ ଏବଂ ଅଭିଲେଖ ବ୍ୟତୀତ ।

---

[1] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 57 ଦ୍ୱାରା କେତେକ ଶବ୍ଦ ପାଇଁ ପ୍ରତିସ୍ଥାପିତ (3-1-1977 ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 57 ଦ୍ୱାରା, ପ୍ରବିଷ୍ଟି 2 ପାଇଁ ପ୍ରତିସ୍ଥାପିତ (3-1-1977 ଠାରୁ କାର୍ଯ୍ୟକାରୀ) ।

[3] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 57, ଦ୍ୱାରା "ନିର୍ଦ୍ଦିଷ୍ଟ କେତେକ ଶବ୍ଦ" ଗୁଡ଼ିକୁ ବାଦ୍ ଦିଆଯାଇଛି (3-1-1977 ଠାରୁ କାର୍ଯ୍ୟକାରୀ) ।

[4] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 57, ଧାରା 57, ଦ୍ୱାରା ପ୍ରବିଷ୍ଟି 11କୁ ବାଦ୍ ଦିଆଯାଇଛି (3-1-1977 ଠାରୁ କାର୍ଯ୍ୟକାରୀ) ।

[5] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 27 ଦ୍ୱାରା "ସଂସଦର ଆଇନ ଅନୁଯାୟୀ ଘୋଷିତ" ପାଇଁ ପ୍ରତିସ୍ଥାପିତ (1-11-1956 ଠାରୁ କାର୍ଯ୍ୟକାରୀ) ।

13. ଯୋଗାଯୋଗ, ଅର୍ଥାତ୍, ତାଲିକା Iରେ ନିର୍ଦ୍ଦିଷ୍ଟ କରାଯାଇନଥିବା ରାସ୍ତା, ସେତୁ, ଫେରି ଏବଂ ଯୋଗାଯୋଗର ଅନ୍ୟ ମାଧ୍ୟମ; ପୌର ଟ୍ରାମୱେ; ରୋପୱେ; ଏପରି ଜଳପଥ ସମ୍ପର୍କରେ ତାଲିକା I ଏବଂ ତାଲିକା III ର ବ୍ୟବସ୍ଥା ଅନୁଯାୟୀ ଆଭ୍ୟନ୍ତରୀଣ ଜଳପଥ ଏବଂ ଏହା ଉପରେ ଟ୍ରାଫିକ୍; ଯାନ୍ତ୍ରିକ ଭାବରେ ଚାଳିତ ଯାନ ବ୍ୟତୀତ ଅନ୍ୟ ଯାନବାହନ ।

14. କୃଷି, କୃଷି ଶିକ୍ଷା ଏବଂ ଗବେଷଣା ସମେତ, କୀଟପତଙ୍ଗରୁ ସୁରକ୍ଷା ଏବଂ ଉଦ୍ଭିଦ ରୋଗର ପ୍ରତିରୋଧ ।

15. ପଶୁଧନର ସୁରକ୍ଷା, ଉନ୍ନୟନ ଏବଂ ପ୍ରତିଭୂତିର ଉନ୍ନତି ଏବଂ ପଶୁ ରୋଗର ପ୍ରତିରୋଧ; ପଶୁଚିକିତ୍ସା ପ୍ରଶିକ୍ଷଣ ଏବଂ ପ୍ରାକ୍ଟିସ ।

16. ଗୋସମ୍ପଦ ଏବଂ ଗୋଚାଲାଣ ନିବାରଣ ।

17. ତାଲିକା 1 ର ପ୍ରବିଷ୍ଟି 56 ର ବ୍ୟବସ୍ଥା ଅନୁଯାୟୀ ଜଳ, ଅର୍ଥାତ୍ ଜଳ ଯୋଗାଣ, ଜଳସେଚନ ଏବଂ କେନାଲ, ଜଳ ନିଷ୍କାସନ ଏବଂ ବନ୍ଧ, ଜଳ ସଂରକ୍ଷଣ ଏବଂ ଜଳ ଶକ୍ତି ।

18. ଜମି, ଅର୍ଥାତ୍ ଜମିରେ କିମ୍ବା ଜମି ଉପରେ ଅଧିକାର, ଜମି ମାଲିକ ଏବଂ ଭଡ଼ାଟିଆଙ୍କ ସମ୍ପର୍କ ସମେତ ଜମି ଅଧିକାର, ଏବଂ ଖଜଣା ଆଦାୟ; କୃଷି ଜମିର ସ୍ଥାନାନ୍ତର ଏବଂ ବିଚ୍ଛିନ୍ନତା; ଉନ୍ନୟନ ଏବଂ କୃଷି ଋଣ; ଉପନିବେଶୀକରଣ ।

[1][19.* * * * *

20. * * * * *]

21. ମତ୍ସ୍ୟପାଳନ ।

22. ତାଲିକା Iର ପ୍ରବିଷ୍ଟି 34ର ବ୍ୟବସ୍ଥା ଅନୁଯାୟୀ ୱାର୍ଡ କୋର୍ଟ; ଇନକମ୍ବର ହୋଇଥିବା ଏବଂ ସଂଲଗ୍ନ ସମ୍ପତ୍ତି।

23. କେନ୍ଦ୍ରର ନିୟନ୍ତ୍ରଣରେ ଥିବା ନିୟମ ଏବଂ ବିକାଶ ସମ୍ପର୍କରେ ତାଲିକା Iର ବ୍ୟବସ୍ଥା ଅଧୀନରେ ଖଣି ଏବଂ ଖଣିଜ ବିକାଶର ନିୟନ୍ତ୍ରଣ ।

24. ତାଲିକା 1ର ପ୍ରବିଷ୍ଟି [2][7 ଓ 52ର] ବ୍ୟବସ୍ଥା ଅଧୀନରେ ଶିଳ୍ପ ।

25. ଗ୍ୟାସ ଏବଂ ଗ୍ୟାସ-କାର୍ଯ୍ୟ ।

26. ତାଲିକା IIIର ପ୍ରବିଷ୍ଟି 33ର ବ୍ୟବସ୍ଥାଗୁଡ଼ିକର ଅଧୀନରେ ରାଜ୍ୟର ଅନ୍ତର୍ଗତ ବ୍ୟାପାର ଓ ବାଣିଜ୍ୟ।

---

[1] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 57 ଦ୍ଵାରା ପ୍ରବିଷ୍ଟି 19 ଓ 20କୁ ବାଦ୍ ଦିଆଯାଇଛି (3-1-1977 ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 28 ଦ୍ଵାରା ପ୍ରବିଷ୍ଟି 52ପାଇଁ ପ୍ରତିସ୍ଥାପିତ (1-11-1956 ଠାରୁ କାର୍ଯ୍ୟକାରୀ) ।

27. ତାଲିକା IIIର ପ୍ରବିଷ୍ଟି 33ର ବ୍ୟବସ୍ଥା ଅଧୀନରେ ସାମଗ୍ରୀର ଉତ୍ପାଦନ, ଯୋଗାଣ ଏବଂ ବଣ୍ଟନ ।

28. ବଜାର ଓ ମେଳା ।

[1][29* * * * *]

30. ଟଙ୍କା ଉଧାର ଓ ଟଙ୍କା ଉଧାର ଦେଇଥିବା ବ୍ୟକ୍ତି, କୃଷି ଋଣରୁ ଛାଡ଼ ।

31. ପାନ୍ଥଶାଳା ଓ ପାନ୍ଥଶାଳା ରକ୍ଷକ ।

32. ତାଲିକା Iରେ ନିର୍ଦ୍ଦିଷ୍ଟ କରାଯାଇଥିବା ସଂସ୍ଥା ବ୍ୟତୀତ ଅନ୍ୟ ସଂସ୍ଥା ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକର ଅନ୍ତର୍ଭୁକ୍ତିକରଣ, ନିୟନ୍ତ୍ରଣ ଏବଂ ସମାପନ; ଅସଂଗଠିତ ବାଣିଜ୍ୟ, ସାହିତ୍ୟିକ, ବୈଜ୍ଞାନିକ, ଧାର୍ମିକ ଏବଂ ଅନ୍ୟ ସମାଜ ଏବଂ କେନ୍ଦ୍ର; ସମବାୟ ସମାଜ ।

33. ରଙ୍ଗମଞ୍ଚ ଏବଂ ନାଟକ ଅଭିନୟ; ତାଲିକା Iର ପ୍ରବିଷ୍ଟି 60ର ବ୍ୟବସ୍ଥା ଅନୁଯାୟୀ ସିନେମା ଘର; କ୍ରୀଡା, ମନୋରଞ୍ଜନ ଏବଂ ଆମୋଦପ୍ରମୋଦ ।

34. ବାଜି ଓ ଜୁଆଖେଳିବା

35. ରାଜ୍ୟର ଅଧୀନରେ କିମ୍ବା ତାଙ୍କ ଅଧୀନରେ ଥିବା କାର୍ମଶାଳା, ଜମି ଏବଂ କୋଠା ।

[2][36. * * * * *]

37. ସଂସଦଦ୍ୱାରା ପ୍ରଣୀତ ଯେକୌଣସି ଆଇନର ବ୍ୟବସ୍ଥା ଅଧୀନରେ ରାଜ୍ୟ ବିଧାନମଣ୍ଡଳର ନିର୍ବାଚନ

38. ରାଜ୍ୟ ବିଧାନମଣ୍ଡଳର ସଦସ୍ୟଙ୍କ ଦରମା ଏବଂ ଭତ୍ତା, ବିଧାନସଭାର ବାଚସ୍ପତି ଏବଂ ଉପ-ବାଚସ୍ପତିଙ୍କ ଦରମା ଏବଂ ଭତ୍ତା ଏବଂ ଯଦି ଏକ ବିଧାନ ପରିଷଦ ଅଛି, ତେବେ ତାହାର ଅଧ୍ୟକ୍ଷ ଏବଂ ଉପ-ଉପାଧ୍ୟକ୍ଷଙ୍କ ଦରମା ।

39. ବିଧାନସଭା ଏବଂ ଏହାର ସଦସ୍ୟ ଏବଂ ସମିତିଗୁଡ଼ିକର କ୍ଷମତା, ସୁବିଧା ଏବଂ ପ୍ରତିରୋଧ କ୍ଷମତା, ଏବଂ ଯଦି ଏକ ବିଧାନ ପରିଷଦ ଅଛି, ତେବେ ସେହି ପରିଷଦ ଏବଂ ସଦସ୍ୟ ଏବଂ କମିଟିଗୁଡ଼ିକର କ୍ଷମତା; ରାଜ୍ୟ ବିଧାନସଭାର କମିଟି ସମ୍ମୁଖରେ ପ୍ରମାଣ ଦେବା କିମ୍ବା ଦଲିଲ ଉପସ୍ଥାପନ କରିବା ପାଇଁ ବ୍ୟକ୍ତିମାନଙ୍କର ଉପସ୍ଥିତିକୁ ପ୍ରବର୍ତ୍ତାଇବା ।

40. ରାଜ୍ୟର ମନ୍ତ୍ରୀମାନଙ୍କର ବେତନ ଓ ଭତ୍ତା ।

41. ରାଜ୍ୟର ଲେକସେବା, ରାଜ୍ୟ ଲୋକ ସେବା ଆୟୋଗ ।

42. ରାଜ୍ୟ ଅବସରକାଳୀନ ଭତ୍ତା ଅର୍ଥାତ୍ ରାଜ୍ୟଦ୍ୱାରା ବା ରାଜ୍ୟର ସଞ୍ଚିତ ପାଣ୍ଠିରୁ ଦେୟ ଅବସରକାଳୀନ ଭତ୍ତା ।

43. ରାଜ୍ୟର ସରକାରୀ ଋଣ ।

44. ରତ୍ନଭଣ୍ଡାର ।

---

[1] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 57 ଦ୍ୱାରା ପ୍ରବିଷ୍ଟି 29କୁ ବାଦ୍ ଦିଆଯାଇଛି (3-1-1977 ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 26 ଦ୍ୱାରା ପ୍ରବିଷ୍ଟି 36କୁ ବାଦ୍ ଦିଆଯାଇଛି (1-11-1956 ଠାରୁ କାର୍ଯ୍ୟକାରୀ) ।

45. ଭୂମି ରାଜସ୍ୱ, ଯେଉଁଥିରେ ରାଜସ୍ୱର ମୂଲ୍ୟାଙ୍କନ ଏବଂ ସଂଗ୍ରହ, ଭୂ-ଅଭିଲେଖ ରକ୍ଷଣାବେକ୍ଷଣ, ରାଜସ୍ୱ ଉଦ୍ଦେଶ୍ୟରେ ସର୍ବେକ୍ଷଣ ଏବଂ ସର୍ତ୍ତ-ଅଭିଲେଖ, ଏବଂ ରାଜସ୍ୱର ହସ୍ତାନ୍ତରଣ ଅନ୍ତର୍ଭୁକ୍ତ ।

46. କୃଷି ଆୟ ଉପରେ କର ।

47. କୃଷି ଭୂମିର ଉତ୍ତରାଧିକାର ସମ୍ପର୍କରେ ଶୁଳ୍କ ।

48. କୃଷି ଭୂମି ସଂପର୍କରେ ସମ୍ପତ୍ତି ଶୁଳ୍କ ।

49. ଭୂମି ଓ କୋଠା ଉପରେ କର ।

50. ଖଣିଜ ବିକାଶ ସମ୍ପର୍କିତ ଆଇନଦ୍ୱାରା ସଂସଦଦ୍ୱାରା ଲାଗୁ ହୋଇଥିବା ପରିସୀମାରେ ଥାଇ ଖଣିଜ ଅଧିକାର ଉପରେ କର ।

51. ରାଜ୍ୟରେ ଉତ୍ପାଦିତ କିମ୍ବା ପ୍ରସ୍ତୁତ ନିମ୍ନଲିଖିତ ସାମଗ୍ରୀ ଉପରେ ଉତ୍ପାଦ ଶୁଳ୍କ ଏବଂ ଭାରତରେ ଅନ୍ୟତ୍ର ଉତ୍ପାଦିତ କିମ୍ବା ଉତ୍ପାଦିତ ସମାନ ସାମଗ୍ରୀ ଉପରେ ସମାନ କିମ୍ବା କମ୍ ହାରରେ ପ୍ରତି ଶୁଳ୍କ ଯଥା:—

(*a*) ମାନବ ଉପଭୋଗ ପାଇଁ ମଦ୍ୟପାନୀୟ

(*b*) ଅଫିମ, ଭାରତୀୟ ଗଞ୍ଜେଇ ଏବଂ ଅନ୍ୟ ନାର୍କୋଟିକ ଏବଂ ଅନ୍ୟ ନିଶାଦ୍ରବ୍ୟ,

କିନ୍ତୁ ଏହି ପ୍ରବିଷ୍ଟିର ଉପ-ପରିଚ୍ଛେଦ (*b*) ରେ ଅନ୍ତର୍ଭୁକ୍ତ ମଦ୍ୟପାନ କିମ୍ବା କୌଣସି ପଦାର୍ଥ ଧାରଣ କରୁଥିବା ଔଷଧ ଏବଂ ଶୌଚାଳୟ ପ୍ରସ୍ତୁତି ସେଥିରେ ଅନ୍ତର୍ଭୁକ୍ତ ନୁହେଁ ।

[1][52. * * * * * *]

53. ବିଦ୍ୟୁତର ଉପଭୋଗ ବା ବିକ୍ରୟ ଉପରେ କର ।

[2][54. ପେଟ୍ରୋଲିୟମ୍ ଅଶୋଧିତ ତୈଳ, ହାଇସ୍ପିଡ୍ ଡିଜେଲ, ମୋଟର ସ୍ପିରିଟ୍ (ସାଧାରଣତଃ ପେଟ୍ରୋଲ୍ ଭାବରେ ଜଣା), ପ୍ରାକୃତିକ ଗ୍ୟାସ୍, ବିମାନ ଟର୍ବାଇନ୍ ଇନ୍ଧନ ଏବଂ ମଣିଷ ପିଇବା ପାଇଁ ମଦ ମଦର ବିକ୍ରୟ ଉପରେ କର, କିନ୍ତୁ ଆନ୍ତଃରାଜ୍ୟ ବ୍ୟାପାର କିମ୍ବା ବାଣିଜ୍ୟ ପ୍ରକ୍ରିୟାରେ ବିକ୍ରୟ କିମ୍ବା ଆନ୍ତର୍ଜାତୀୟ ବ୍ୟାପାର ବା ବାଣିଜ୍ୟ କିମ୍ବା ଏପରି ସାମଗ୍ରୀର ବାଣିଜ୍ୟ ପ୍ରକ୍ରିୟାରେ ବିକ୍ରୟ ଅନ୍ତର୍ଭୁକ୍ତ ନୁହେଁ।]

[3] [55. * * * * * *]

56. ସଡ଼କ କିମ୍ବା ଆଭ୍ୟନ୍ତରୀଣ ଜଳପଥରେ ପରିବହନ ହେଉଥିବା ସାମଗ୍ରୀ ଏବଂ ଯାତ୍ରୀମାନଙ୍କ ଉପରେ କର ।

---

[1] ସମ୍ବିଧାନ (101ମ ସଂଶୋଧନ) ଅଧିନିୟମ, 2016, ଧାରା 17(*b*)(*i*) ଦ୍ୱାରା ପ୍ରବିଷ୍ଟି 52କୁ ବାଦ୍ ଦିଆଯାଇଛି (16-9-2016 ଠାରୁ କାର୍ଯ୍ୟକାରୀ) ।

[2] ସମ୍ବିଧାନ (ଷଷ୍ଠ ସଂଶୋଧନ) ଅଧିନିୟମ, 1956, ଧାରା 2 ଦ୍ୱାରା ପ୍ରତିସ୍ଥାପିତ (11-9-1956 ଠାରୁ କାର୍ଯ୍ୟକାରୀ) ଏବଂ ପୁନଶ୍ଚ ସମ୍ବିଧାନ (101ତମ ସଂଶୋଧନ) ଅଧିନିୟମ, 2016, ଧାରା 17(*b*)(ii) ଦ୍ୱାରା ପ୍ରତିସ୍ଥାପିତ (16-9-2016 ଠାରୁ କାର୍ଯ୍ୟକାରୀ) ।

[3] ସମ୍ବିଧାନ (101ତମ ସଂଶୋଧନ) ଅଧିନିୟମ, 2016, ଧାରା 17(*b*)*(iii)* ଦ୍ୱାରା ପ୍ରବିଷ୍ଟି 55କୁ ବାଦ୍ ଦିଆଯାଇଛି (16-9-2016 ଠାରୁ କାର୍ଯ୍ୟକାରୀ) ।

57. ତାଲିକା III ର ପ୍ରବିଷ୍ଟ 35ର ବ୍ୟବସ୍ଥା ଅଧୀନରେ ଟ୍ରାମକାର ସମେତ ରାସ୍ତାରେ ବ୍ୟବହାର ପାଇଁ ଉପଯୁକ୍ତ ଯାନବାହାନ, ଯାନ୍ତ୍ରିକ ଭାବରେ ଚାଳିତ ହେଉ କି ନ ହେଉ, ଉପରେ କର ।

58. ପଶୁ ଓ ନୌକା ଉପରେ କର ।

59. ପଥକର ।

60. ବୃତ୍ତି, ବ୍ୟାପାର, ଆଜୀବିକା ଓ ନିଯୁକ୍ତି ଉପରେ କର ।

61. ମୁଣ୍ଡପିଛା କର ।

[1][62. ପଞ୍ଚାୟତ କିମ୍ବା ପୌରପାଳିକା କିମ୍ବା ଆଞ୍ଚଳିକ ପରିଷଦ କିମ୍ବା ଜିଲ୍ଲା ପରିଷଦଦ୍ୱାରା ଆଦାୟ ଏବଂ ସଂଗ୍ରହ କରାଯାଇଥିବା ଆମୋଦପ୍ରମୋଦ ଉପରେ କର ।]

63. ଷ୍ଟାମ୍ପ ଶୁଳ୍କ ହାର ସମ୍ପର୍କରେ ତାଲିକା 1ରେ ନିର୍ଦ୍ଦିଷ୍ଟ କରାଯାଇଥିବା କାଗଜପତ୍ର ବ୍ୟତୀତ ଅନ୍ୟ କାଗଜପତ୍ରଗୁଡ଼ିକ ସମ୍ପର୍କରେ ଷ୍ଟାମ୍ପ ଶୁଳ୍କ ହାର ।

64. ଏହି ତାଲିକାର ଯେକୌଣସି ବିଷୟ ସମ୍ପର୍କରେ ଆଇନ ବିରୁଦ୍ଧରେ ଅପରାଧ ।

65. ଏହି ତାଲିକାର ଯେକୌଣସି ବିଷୟ ସମ୍ପର୍କରେ ସର୍ବୋଚ୍ଚ ନ୍ୟାୟାଳୟ ବ୍ୟତୀତ ସମସ୍ତ ନ୍ୟାୟାଳୟରେ କ୍ଷେତ୍ରାଧିକାର ଏବଂ କ୍ଷମତା ।

66 . ଏହି ତାଲିକାରେ ଥିବା ଯେକୌଣସି ବିଷୟ ସମ୍ବନ୍ଧରେ ଶୁଳ୍କ, କିନ୍ତୁ କୌଣସି ନ୍ୟାୟାଳୟରେ ନିଆଯାଇଥିବା ଶୁଳ୍କ ବ୍ୟତୀତ ।

**ତାଲିକା III— ଯୁଗ୍ମ ତାଲିକା**

1. ଫୌଜଦାରୀ ଆଇନ, ଏହି ସମ୍ବିଧାନର ଆରମ୍ଭ ସମୟରେ ଭାରତୀୟ ଦଣ୍ଡ ସଂହିତାରେ ଅନ୍ତର୍ଭୁକ୍ତ ସମସ୍ତ ବିଷୟ ସମେତ କିନ୍ତୁ ତାଲିକା I କିମ୍ବା ତାଲିକା IIIରେ ନିର୍ଦ୍ଦିଷ୍ଟ ଯେକୌଣସି ବିଷୟ ସମ୍ବନ୍ଧରେ ଆଇନ ବିରୁଦ୍ଧରେ ଅପରାଧକୁ ବାଦ୍ ଦେଇ ଏବଂ ନାଗରିକ ଶକ୍ତିର ସହାୟତାରେ ନୌସେନା, ସ୍ଥଳସେନା କିମ୍ବା ବାୟୁସେନା କିମ୍ବା କେନ୍ଦ୍ରର ଅନ୍ୟ କୌଣସି ସଶସ୍ତ୍ର ବାହିନୀର ବ୍ୟବହାରକୁ ବାଦ୍ ଦେଇ ।

2. ଏହି ସମ୍ବିଧାନର ଆରମ୍ଭ ସମୟରେ ଫୌଜଦାରୀ ପ୍ରକ୍ରିୟା ସଂହିତାରେ ଅନ୍ତର୍ଭୁକ୍ତ ସମସ୍ତ ବିଷୟ ସମେତ, ଫୌଜଦାରୀ ପ୍ରକ୍ରିୟା ।

3. ଏକ ରାଜ୍ୟର ସୁରକ୍ଷା, ସାର୍ବଜନୀନ ଶୃଙ୍ଖଳା ରକ୍ଷା, କିମ୍ବା ମାନବ ସମାଜ ପାଇଁ ଅତ୍ୟାବଶ୍ୟକୀୟ ଯୋଗାଣ ଏବଂ ସେବାର ରକ୍ଷଣାବେକ୍ଷଣ ସହିତ ସମ୍ବନ୍ଧିତ କାରଣ ପାଇଁ ପ୍ରତିରୋଧକ ଅଟକ; ଏପରି ପ୍ରତିରୋଧକ ଅଟକ ରଖାଯାଉଥିବା ବ୍ୟକ୍ତି ।

4. ଏହି ତାଲିକାର ପ୍ରବିଷ୍ଟ 3ରେ ନିର୍ଦ୍ଦିଷ୍ଟ କାରଣ ପାଇଁ କଏଦୀ, ଅଭିଯୁକ୍ତ ବ୍ୟକ୍ତି ଏବଂ ପ୍ରତିରୋଧକ ଅଟକ ରଖାଯାଉଥିବା ବ୍ୟକ୍ତିମାନଙ୍କୁ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ସ୍ଥାନାନ୍ତର ।

---

[1] ସମ୍ବିଧାନ (101ତମ ସଂଶୋଧନ) ଅଧିନିୟମ, 2016, ଧାରା 17(*b*)(*iv*) ଦ୍ୱାରା ପ୍ରବିଷ୍ଟି 62 ପାଇଁ ପ୍ରତିସ୍ଥାପିତ (16-9-2016 ଠାରୁ କାର୍ଯ୍ୟକାରୀ) ।

5. ବିବାହ ଏବଂ ଛାଡ଼ପତ୍ର; ଶିଶୁ ଏବଂ ନାବାଳକ/ନାବାଳିକା; ପୋଷ୍ୟପୁତ୍ର ଗ୍ରହଣ; ଇଚ୍ଛାପତ୍ର, ବିନା ଇଚ୍ଛାପତ୍ରରେ ମୃତ୍ୟୁ ଏବଂ ଉତ୍ତରାଧିକାର; ଯୌଥ ପରିବାର ଏବଂ ବିଭାଜନ; ଏହି ସମ୍ବିଧାନ ଆରମ୍ଭ ହେବା ପୂର୍ବରୁ ନ୍ୟାୟିକ କାର୍ଯ୍ୟରେ ପକ୍ଷମାନେ ଯେଉଁ ସମସ୍ତ ବିଷୟ ଉପରେ ନିର୍ଭର କରୁଥିଲେ, ସେଗୁଡ଼ିକ ସେମାନଙ୍କର ବ୍ୟକ୍ତିଗତ ଆଇନ ଅଧୀନରେ ଥିଲା ସେ ସମସ୍ତ ବିଷୟରେ ।

6. କୃଷି ଜମି ବ୍ୟତୀତ ଅନ୍ୟ ସମ୍ପତ୍ତିର ହସ୍ତାନ୍ତର; ଦଲିଲ ଏବଂ କାଗଜପତ୍ରର ପଞ୍ଜୀକରଣ ।

7. ଚୁକ୍ତିନାମା, ଯେଉଁଥିରେ ସହଭାଗୀତା, ଏଜେନ୍ସି, ପରିବହନ ଚୁକ୍ତିନାମା ଏବଂ ଅନ୍ୟ ବିଶେଷ ପ୍ରକାରର ଚୁକ୍ତିନାମା ଅନ୍ତର୍ଭୁକ୍ତ, କିନ୍ତୁ କୃଷି ଜମି ସହିତ ସମ୍ବନ୍ଧିତ ଚୁକ୍ତିନାମା ଅନ୍ତର୍ଭୁକ୍ତ ନୁହେଁ ।

8. କାର୍ଯ୍ୟାନୁଷ୍ଠାନଯୋଗ୍ୟ ଭୁଲ ।

9. ଦେବାଳିଆପଣ ଏବଂ ଅସମର୍ଥତା ।

10. ଟ୍ରଷ୍ଟ ଏବଂ ଟ୍ରଷ୍ଟି ।

11. ମହାପ୍ରଶାସକ ଏବଂ ଅଫିସିଆଲ ଟ୍ରଷ୍ଟି ।

[1][11A. ନ୍ୟାୟ ପ୍ରଶାସନ (ସର୍ବୋଚ୍ଚ ନ୍ୟାୟାଳୟ ଓ ଉଚ୍ଚ ନ୍ୟାୟାଳୟ ବ୍ୟତୀତ) ଅନ୍ୟ ସମସ୍ତ ନ୍ୟାୟାଳୟର ଗଠନ ଓ ସଙ୍ଗଠନ ।]

12. ସାକ୍ଷ୍ୟ ଏବଂ ଶପଥ; ଆଇନ, ସରକାରୀ କାର୍ଯ୍ୟ ଏବଂ ଅଭିଲେଖା ଏବଂ ନ୍ୟାୟିକ କାର୍ଯ୍ୟାନୁଷ୍ଠାନ।

13. ଏହି ସମ୍ବିଧାନର ଆରମ୍ଭ ସମୟରେ ଦେୱାନୀ କାର୍ଯ୍ୟବିଧି ସଂହିତାରେ ଅନ୍ତର୍ଭୁକ୍ତ ସମସ୍ତ ବିଷୟ, ପରିସୀମା ଏବଂ ମଧ୍ୟସ୍ଥତା ସମେତ ଦେୱାନୀ କାର୍ଯ୍ୟବିଧି ।

14. ନ୍ୟାୟାଳୟର ଅବମାନନା, କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟର ଅବମାନନା ଅନ୍ତର୍ଭୁକ୍ତ ନ କରି ।

15. ବାରବୁଲା; ଯାଯାବର ଏବଂ ପ୍ରବାସୀ ଜନଜାତି ।

16. ଇଚ୍ଛାଦାତା ଓ ମାନସିକ ଅକ୍ଷମତା ଏବଂ ଏହିପରି ରୋଗୀଙ୍କ ରକ୍ଷଣ ଓ ଚିକିତ୍ସା ସ୍ଥାନ ।

17. ପଶୁମାନଙ୍କ ପ୍ରତି ନିର୍ଦ୍ଦୟତାର ନିବାରଣ ।

[1][17A. ଜଙ୍ଗଲ ।

17B. ବନ୍ୟଜନ୍ତୁ ଓ ପକ୍ଷୀମାନଙ୍କର ସୁରକ୍ଷା ।]

18. ଖାଦ୍ୟପଦାର୍ଥ ଓ ଅନ୍ୟ ବସ୍ତୁରେ ଅପମିଶ୍ରଣ ।

19. ଅଫିମ ସମ୍ପର୍କରେ ତାଲିକା I ର ପ୍ରବିଷ୍ଟି 59ର ଅଧୀନରେ ଔଷଧ ଓ ବିଷ ।

20. ଅର୍ଥନୈତିକ ଓ ସାମାଜିକ ଯୋଜନା ।

[1][20A. ଜନସଂଖ୍ୟା ନିୟନ୍ତ୍ରଣ ଓ ପରିବାର ନିୟୋଜନ ।]

---

[1] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 57 ଦ୍ୱାରା ପ୍ରବିଷ୍ଟି 11A, 17A, 17B ଓ 20A ସନ୍ନିବେଶିତ (3-1-1977 ଠାରୁ କାର୍ଯ୍ୟକାରୀ)।

21. ବାଣିଜ୍ୟ ଓ ଉଦ୍ୟୋଗ ସମ୍ବନ୍ଧୀୟ ଏକାଧିପତ୍ୟ, କମ୍ବାଇନ ଏବଂ ଟ୍ରଷ୍ଟ ।

22. ଶ୍ରମିକ ସଂଘ; ଶିଳ୍ପ ଓ ଶ୍ରମିକ ବିବାଦ ।

23. ସାମାଜିକ ସୁରକ୍ଷା ଓ ସାମାଜିକ ବୀମା; ନିଯୁକ୍ତି ଓ ବେକାରୀ ।

24. ଶ୍ରମିକ କଲ୍ୟାଣ ସହିତ କାର୍ଯ୍ୟର ସର୍ତ୍ତାବଳୀ, ଭବିଷ୍ୟନିଧି ପାଣ୍ଠି, ନିଯୁକ୍ତିଦାତାଙ୍କ ଦାୟିତ୍ୱ, ଶ୍ରମିକଙ୍କ କ୍ଷତିପୂରଣ, ଅବୈଧତା ଏବଂ ବାର୍ଦ୍ଧକ୍ୟ ଭତ୍ତା ଏବଂ ପ୍ରସୂତି ସୁବିଧା ସମେତ ଶ୍ରମ କଲ୍ୟାଣ

[1][25. ତାଲିକା Iର ପ୍ରବିଷ୍ଟି 63, 64, 65 ଓ 66ରେ ବ୍ୟବସ୍ଥାଗୁଡ଼ିକର ଅଧୀନରେ ଶିକ୍ଷା (ବୈଷୟିକ ଶିକ୍ଷା, ଆୟୁର୍ବିଜ୍ଞାନ ଶିକ୍ଷା ଓ ବିଶ୍ୱବିଦ୍ୟାଳୟ ସମେତ); ଶ୍ରମିକମାନଙ୍କର ଧନ୍ଦାମୂଳକ ଓ ବୈଷୟିକ ପ୍ରଶିକ୍ଷଣ।]

26. ଆଇନଗତ, ଡାକ୍ତରୀ ଏବଂ ଅନ୍ୟ ବୃତ୍ତି ।

27. ଭାରତ ଏବଂ ପାକିସ୍ତାନର ସାର୍ବଭୌମତ୍ୱ ସ୍ଥାପନ ଯୋଗୁଁ ସେମାନଙ୍କର ମୂଳ ବାସସ୍ଥାନରୁ ବିସ୍ଥାପିତ ବ୍ୟକ୍ତିମାନଙ୍କର, ସହାୟତା ଏବଂ ପୁନର୍ବାସ ।

28. ଦାତବ୍ୟ ସଂସ୍ଥା ଏବଂ ଦାତବ୍ୟ ଅନୁଷ୍ଠାନ, ଦାତବ୍ୟ ଏବଂ ଧାର୍ମିକ ଦାନ ଏବଂ ଧାର୍ମିକ ଅନୁଷ୍ଠାନ ।

29. ମନୁଷ୍ୟ, ପ୍ରାଣୀ କିମ୍ବା ଉଦ୍ଭିଦକୁ ସଂକ୍ରମିତ କରୁଥିବା ବ୍ୟାପୁଥିବା କିମ୍ବା ସଂକ୍ରାମକ ରୋଗ କିମ୍ବା କ୍ଷତିକାରକ କୀଟପତଙ୍ଗର ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ବିସ୍ତାର ନିବାରଣ ।

30. ଜନ୍ମ ଏବଂ ମୃତ୍ୟୁ ପଞ୍ଜୀକରଣ ସମେତ ଗୁରୁତ୍ୱପୂର୍ଣ୍ଣ ପରିସଂଖ୍ୟାନ ।

31. ସଂସଦ ପ୍ରଣୀତ ଆଇନ କିମ୍ବା ରହିଥିବା ଆଇନଦ୍ୱାରା କିମ୍ବା ଅଧୀନରେ ଘୋଷିତ ପୋତାଶ୍ରୟ ବ୍ୟତୀତ ଅନ୍ୟ ବନ୍ଦରଗୁଡ଼ିକୁ ପ୍ରମୁଖ ବନ୍ଦର ଭାବରେ ଘୋଷଣା କରାଯାଇଛି ।

32. ରାଷ୍ଟ୍ରୀୟ ଜଳପଥ ସମ୍ବନ୍ଧରେ ତାଲିକା Iର ବ୍ୟବସ୍ଥା ଅନୁସାରେ ଆଭ୍ୟନ୍ତରୀଣ ଜଳପଥରେ ଯାନ୍ତ୍ରିକ ଭାବରେ ଚାଳିତ ଜାହାଜ ସମ୍ପର୍କରେ ଆଭ୍ୟନ୍ତରୀଣ ଜଳପଥରେ ପରିବହନ ଏବଂ ନୌଚାଳନା ଏବଂ ଆଭ୍ୟନ୍ତରୀଣ ଜଳପଥରେ ଯାତ୍ରୀ ଏବଂ ସାମଗ୍ରୀ ପରିବହନ ।

[2][33. ନିମ୍ନୋକ୍ତ ଦ୍ରବ୍ୟମାନଙ୍କର ବ୍ୟାପାର ଓ ବାଣିଜ୍ୟ ଏବଂ ଉତ୍ପାଦନ, ଯୋଗାଣ ଓ ବିତରଣ ଯଥା,–

(*a*) ଯେକୌଣସି ଶିଳ୍ପର ଉତ୍ପାଦ ଯେଉଁଠାରେ କେନ୍ଦ୍ରଦ୍ୱାରା ଏପରି ଶିଳ୍ପର ନିୟନ୍ତ୍ରଣକୁ ସଂସଦଦ୍ୱାରା ଆଇନଦ୍ୱାରା ସାଧାରଣ ସ୍ୱାର୍ଥ ପାଇଁ ସମୀଚୀନ ବୋଲି ଘୋଷଣା କରାଯାଇଛି, ଏବଂ ଏହି ପ୍ରକାରର ଉତ୍ପାଦ ପରି ସମାନ ପ୍ରକାରର ଆମଦାନୀ ହୋଇଥିବା ସାମଗ୍ରୀ;

(*b*) ଖାଦ୍ୟ ସାମଗ୍ରୀ, ଖାଇବାଯୋଗ୍ୟ ତୈଳବୀଜ ସମେତ ତେଲ;

(*c*) ପିଡ଼ିଆ ଏବଂ ଘନୀଭୂତ ପିଡ଼ିଆ ସମେତ ଅନ୍ୟ ଗୋରୁ ଖାଦ୍ୟ;

(*d*) ଭିଣା ଯାଇଥିବା ବା ଅଭିଣା କଞ୍ଚା ତୁଳା ଏବଂ କପା ବିହନ; ଏବଂ

(*e*) କଞ୍ଚା ଝୋଟ ।]

---

[1] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 57 ଦ୍ୱାରା ପ୍ରତିସ୍ଥାପିତ (3-1-1977ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (ତୃତୀୟ ସଂଶୋଧନ) ଅଧିନିୟମ, 1954, ଧାରା 2 ଦ୍ୱାରା ପ୍ରବିଷ୍ଟି 33 ପାଇଁ ପ୍ରତିସ୍ଥାପିତ (22-2-1955ଠାରୁ କାର୍ଯ୍ୟକାରୀ) ।

[1][33A. ମାନଦଣ୍ଡ ସ୍ଥାପନ ବ୍ୟତୀତ ଓଜନ ଓ ମାପ ।]

34. ମୂଲ୍ୟ ନିୟନ୍ତ୍ରଣ ।

35. ଯେଉଁ ନୀତି ଅନୁସାରେ ଯନ୍ତ୍ର ଚାଳିତ ଯାନଗୁଡ଼ିକ ଉପରେ କର ଧାର୍ଯ୍ୟ କରାଯିବ ସେହି ନୀତିଗୁଡ଼ିକ ସମେତ ଯନ୍ତ୍ରଚାଳିତ ଯାନ ।

36. କାରଖାନା ।

37. ବଏଲର ।

38. ବିଦ୍ୟୁତ୍ ।

39. ଖବରକାଗଜ, ପୁସ୍ତକ ଓ ମୁଦ୍ରଣାଳୟ ।

40. [2][ସଂସଦର ପ୍ରସ୍ତୁତ ଆଇନଦ୍ୱାରା ରାଷ୍ଟ୍ରୀୟ ମହତ୍ତ୍ୱପୂର୍ଣ୍ଣ ବୋଲି ଘୋଷିତ] ହୋଇଥିବା ପ୍ରତ୍ନତତ୍ତ୍ୱ ସମ୍ବନ୍ଧୀୟ ସ୍ଥାନ ଓ ଅବଶେଷ ବ୍ୟତୀତ ପ୍ରତ୍ନତତ୍ତ୍ୱ ସମ୍ବନ୍ଧୀୟ ସ୍ଥାନ ଓ ଅବଶେଷ ।

41. ବିଧିଦ୍ୱାରା ବିସ୍ଥାପିତଙ୍କ ସମ୍ପତ୍ତି ବୋଲି ଘୋଷିତ ହୋଇଥିବା (କୃଷି ଭୂମି ସମେତ) ସମ୍ପତ୍ତିର ତତ୍ତ୍ୱାବଧାନ, ପରିଚାଳନା ଓ ବିନିଯୋଗ ।

[3][42. ସମ୍ପତ୍ତିର ଅର୍ଜନ ଓ ଅଧିଗ୍ରହଣ ।]

43. କୌଣସି ରାଜ୍ୟର ବାହାରେ ଦେଖାଦେଇଥିବା ବକେୟା ଦେୟ ଏବଂ ଅନ୍ୟ ସାର୍ବଜନୀନ ଦାବି, ଭୂ-ରାଜସ୍ୱର ବକେୟା ଏବଂ ସେହି ରାଜ୍ୟର ଏପରି ବକେୟା ଭାବରେ ଆଦାୟଯୋଗ୍ୟ ପରିମାଣ ସମେତ, ବକେୟା ଦେୟ ଓ ଅନ୍ୟ ସରକାରୀ ଆଦାୟର ପୁନଃପ୍ରାପ୍ତି ।

44. ନ୍ୟାୟିକ ଷ୍ଟାମ୍ପଦ୍ୱାରା ସଂଗ୍ରହ କରାଯାଇଥିବା ଶୁଳ୍କ ବା ଫି ଭିନ୍ନ ଅନ୍ୟ ଷ୍ଟାମ୍ପ ଶୁଳ୍କ, କିନ୍ତୁ ଷ୍ଟାମ୍ପ ଶୁଳ୍କ ହାର ଏଥିର ଅନ୍ତର୍ଗତ ନୁହେଁ ।

45. ତାଲିକା II ବା ତାଲିକା IIIରେ ନିର୍ଦ୍ଦିଷ୍ଟ ଯେକୌଣସି ବିଷୟ ପାଇଁ ଅନୁସନ୍ଧାନ ଏବଂ ପରିସଂଖ୍ୟାନ ।

46. ଏହି ତାଲିକାରେ ଥିବା ବିଷୟମାନଙ୍କ ମଧ୍ୟରୁ କାହାରି ସମ୍ପର୍କରେ ଉଚ୍ଚତମ ନ୍ୟାୟାଳୟ ବ୍ୟତିରେକେ ଅନ୍ୟ ନ୍ୟାୟାଳୟମାନଙ୍କର ଅଧିକାରିତା ଓ କ୍ଷମତା ।

47. ଏହି ତାଲିକାର ବିଷୟଗୁଡ଼ିକ ମଧ୍ୟରୁ କାହାରି ସମ୍ବନ୍ଧରେ ଦେୟ, କିନ୍ତୁ କୌଣସି ନ୍ୟାୟାଳୟରେ ଦିଆଯିବା ଦେୟ ଏଥିରେ ଅନ୍ତର୍ଗତ ନୁହେଁ ।

---

[1] ସମ୍ବିଧାନ (42ତମ ସଂଶୋଧନ) ଅଧିନିୟମ, 1976, ଧାରା 57 ଦ୍ୱାରା ସନ୍ନିବେଶିତ (3-1-1977ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 27 ଦ୍ୱାରା "ସଂସଦର ଆଇନ ଅନୁଯାୟୀ ଘୋଷିତ" ପାଇଁ ପ୍ରତିସ୍ଥାପିତ (1-11-1956 ଠାରୁ କାର୍ଯ୍ୟକାରୀ) ।

[3] ସମ୍ବିଧାନ (ସପ୍ତମ ସଂଶୋଧନ) ଅଧିନିୟମ, 1956, ଧାରା 26 ଦ୍ୱାରା ପ୍ରବିଷ୍ଟି 42 ପାଇଁ ପ୍ରତିସ୍ଥାପିତ (1-11-1956ଠାରୁ କାର୍ଯ୍ୟକାରୀ)।

# ଅଷ୍ଟମ ଅନୁସୂଚୀ

[ଅନୁଚ୍ଛେଦ 344 (1) ଏବଂ 351]

## ଭାଷା

1. ଅହମିୟା

2. ବଙ୍ଗଳା

[1][3. ବୋଡ଼ୋ

4. ଡୋଗ୍ରୀ]

[2][5.] ଗୁଜୁରାଟୀ

[3][6.] ହିନ୍ଦୀ

[3][7.] କନ୍ନଡ଼

[3][8.] କାଶ୍ମୀରୀ

[4][[3][9.] କୋଙ୍କଣୀ]

[1][10. ମୈଥିଳୀ]

[5][11.] ମାଲାୟାଲମ୍

[4][[6][12.] ମଣିପୁରୀ

[6][13.] ମରାଠୀ

[4][[6][14.] ନେପାଳୀ]

[6][15.] [7][ଓଡ଼ିଆ]

[6][16.] ପଞ୍ଜାବୀ

[6][17.] ସଂସ୍କୃତ

---

[1] ସମ୍ବିଧାନ (92ତମ ସଂଶୋଧନ) ଅଧିନିୟମ, 2003, ଧାରା 2ଦ୍ୱାରା ସନ୍ନିବେଶିତ (7-1-2004ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (92ତମ ସଂଶୋଧନ) ଅଧିନିୟମ, 2003, ଧାରା 2ଦ୍ୱାରା ପ୍ରବିଷ୍ଟି 3, ପ୍ରବିଷ୍ଟି 5ଭାବେ ପୁନଃସଂଖ୍ୟାଙ୍କିତ (7-1-2004 ଠାରୁ କାର୍ଯ୍ୟକାରୀ)।

[3] ସମ୍ବିଧାନ (92ତମ ସଂଶୋଧନ) ଅଧିନିୟମ, 2003, ଧାରା 2ଦ୍ୱାରା ପ୍ରବିଷ୍ଟି 4 ରୁ 7, ପ୍ରବିଷ୍ଟି 6 ରୁ 9 ଭାବେ ପୁନଃସଂଖ୍ୟାଙ୍କିତ (7-1-2004 ଠାରୁ କାର୍ଯ୍ୟକାରୀ)।

[4] ସମ୍ବିଧାନ (71ତମ ସଂଶୋଧନ) ଅଧିନିୟମ, 1992, ଧାରା 2ଦ୍ୱାରା ସନ୍ନିବେଶିତ (31-8-1992ଠାରୁ କାର୍ଯ୍ୟକାରୀ)।

[5] ସମ୍ବିଧାନ (92ତମ ସଂଶୋଧନ) ଅଧିନିୟମ, 2003, ଧାରା 2ଦ୍ୱାରା ପ୍ରବିଷ୍ଟି 8, ପ୍ରବିଷ୍ଟି 11 ଭାବେ ପୁନଃସଂଖ୍ୟାଙ୍କିତ (7-1-2004 ଠାରୁ କାର୍ଯ୍ୟକାରୀ)।

[6] ସମ୍ବିଧାନ (92ତମ ସଂଶୋଧନ) ଅଧିନିୟମ, 2003, ଧାରା 2ଦ୍ୱାରା ପ୍ରବିଷ୍ଟି 9 ରୁ 14, ପ୍ରବିଷ୍ଟି 12 ରୁ 17 ଭାବେ ପୁନଃସଂଖ୍ୟାଙ୍କିତ (7-1-2004 ଠାରୁ କାର୍ଯ୍ୟକାରୀ) ।

[7] ସମ୍ବିଧାନ (96ତମ ସଂଶୋଧନ) ଅଧିନିୟମ, 2011, ଧାରା 2ଦ୍ୱାରା "ଓଡ଼ିଆ" ପାଇଁ ପ୍ରତିସ୍ଥାପିତ (23-9-2011 ଠାରୁ କାର୍ଯ୍ୟକାରୀ)।

[1][18. ସାନ୍ତାଳୀ]

[2][[3][19.] ସିନ୍ଧୀ]

[4][20.] ତାମିଲ

[4][21.] ତେଲୁଗୁ

[4][22.] ଉର୍ଦ୍ଦୁ

---

[1] ସମ୍ବିଧାନ (92ତମ ସଂଶୋଧନ) ଅଧିନିୟମ, 2003, ଧାରା 2ଦ୍ୱାରା ସନ୍ନିବେଶିତ (7-1-2004 ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (21ତମ ସଂଶୋଧନ) ଅଧିନିୟମ, 1967, ଧାରା 2ଦ୍ୱାରା ସଂଯୁକ୍ତ କରାଯାଇଛି (10-4-1967 ଠାରୁ କାର୍ଯ୍ୟକାରୀ) ।

[3] ସମ୍ବିଧାନ (92ତମ ସଂଶୋଧନ) ଅଧିନିୟମ, 2003, ଧାରା 2ଦ୍ୱାରା ପ୍ରବିଷ୍ଟି 15, ପ୍ରବିଷ୍ଟି 19 ଭାବେ ପୁନଃସଂଖ୍ୟାଙ୍କିତ (7-1-2004 ଠାରୁ କାର୍ଯ୍ୟକାରୀ)।

[4] ସମ୍ବିଧାନ (92ତମ ସଂଶୋଧନ) ଅଧିନିୟମ, 2003, ଧାରା 2 ଦ୍ୱାରା 20 ରୁ 22 ପ୍ରବିଷ୍ଟି, ପ୍ରବିଷ୍ଟି 16 ରୁ 18 ଭାବେ ପୁନଃସଂଖ୍ୟାଙ୍କିତ (7-1-2004 ଠାରୁ କାର୍ଯ୍ୟକାରୀ) ।

# [1][ନବମ ଅନୁସୂଚୀ

**(ଅନୁଚ୍ଛେଦ 31B)**

1. ବିହାର ଭୂମି ସଂସ୍କାର ଅଧିନିୟମ, 1950 (1950ର ବିହାର ଅଧିନିୟମ XXX)।

2. ବମ୍ବେ ପ୍ରଜାସ୍ୱତ୍ୱ ଏବଂ କୃଷି ଜମି ଅଧିନିୟମ, 1948 (1948ର ବମ୍ବେ ଅଧିନିୟମ LXVII) ।

3. ବମ୍ବେ ମାଲେକି ପ୍ରଜାସ୍ୱତ୍ୱ ଉଚ୍ଛେଦ ଅଧିନିୟମ, 1949 (1949ର ବମ୍ବେ ଅଧିନିୟମ LXI) ।

4. ବମ୍ବେ ତାଲୁକଦାରୀ ପ୍ରଜାସ୍ୱତ୍ୱ ଉଚ୍ଛେଦ ଅଧିନିୟମ, 1949 (1949ର ବମ୍ବେ ଅଧିନିୟମ LXII) ।

5. ପଞ୍ଚ ମହାଲସ୍ ମେହୱାସି ପ୍ରଜାସ୍ୱତ୍ୱ ଉଚ୍ଛେଦ ଅଧିନିୟମ, 1949 (1949ର ବମ୍ବେ ଅଧିନିୟମ LXIII) ।

6. ବମ୍ବେ ଖୋଟି ଉଚ୍ଛେଦ ଅଧିନିୟମ, 1950 (1950ର ବମ୍ବେ ଅଧିନିୟମ VI) ।

7. ବମ୍ବେ ପରଗଣା ଏବଂ କୁଲକର୍ଣ୍ଣୀ ୱତନ ଉଚ୍ଛେଦ ଅଧିନିୟମ, 1950 (1950ର ବମ୍ବେ ଅଧିନିୟମ LX) ।

8. ମଧ୍ୟ ପ୍ରଦେଶ ସମ୍ପତ୍ତି ମାଲିକାନା ଅଧିକାର ଉଚ୍ଛେଦ (ଜମିଦାରୀ, ମହଲର ହସ୍ତାନ୍ତରଣ ଜମି) ଅଧିନିୟମ, 1950 (1951ର ମଧ୍ୟ ପ୍ରଦେଶ ଅଧିନିୟମ I) ।

9. ମାଡ୍ରାସ ଜମିଦାରୀ (ଉଚ୍ଛେଦ ଏବଂ ରାୟତୱାରୀକୁ ରୂପାନ୍ତର) ଅଧିନିୟମ, 1948 (1948ର ମାଡ୍ରାସ ଅଧିନିୟମ XXVI) ।

10. ମାଡ୍ରାସ ଜମିଦାରୀ (ଉଚ୍ଛେଦ ଏବଂ ରାୟତୱାରୀକୁ ରୂପାନ୍ତର) ସଂଶୋଧନ ଅଧିନିୟମ, 1950 (1950ର ମାଡ୍ରାସ ଅଧିନିୟମ I) ।

11. ଉତ୍ତର ପ୍ରଦେଶ ଜମିଦାରୀ ଉଚ୍ଛେଦ ଏବଂ ଭୂମି ସଂସ୍କାର ଅଧିନିୟମ, 1950 (1951ର ଉତ୍ତର ପ୍ରଦେଶ ଅଧିନିୟମ I) ।

12. ହାଇଦ୍ରାବାଦ (ଜାଗୀର ଉଚ୍ଛେଦ) ନିୟମାବଳୀ, 1358 F (1358 ଫାସଲୀର LXIX) ।

13. ହାଇଦ୍ରାବାଦ ଜାଗୀର (ପରିବର୍ତ୍ତନ) ନିୟମାବଳୀ, 1359 F (1359 ଫାସଲୀର XXV) ।

[2][14. ବିହାର ବିସ୍ଥାପିତ ବ୍ୟକ୍ତି ପୁନର୍ବାସ (ଜମି ଅଧିଗ୍ରହଣ) ଅଧିନିୟମ, 1950 (1950ର ବିହାର ଅଧିନିୟମ XXXVIII) ।

15. ଯୁକ୍ତ ପ୍ରଦେଶ ଜମି ଅଧିଗ୍ରହଣ (ଶରଣାର୍ଥୀ ପୁନର୍ବାସ) ଅଧିନିୟମ, 1948 (1948ର ଉତ୍ତରପ୍ରଦେଶ ଅଧିନିୟମ XXVI) ।

16. ବିସ୍ଥାପିତ ବ୍ୟକ୍ତି ପୁନର୍ବାସ (ଜମି ଅଧିଗ୍ରହଣ) ଅଧିନିୟମ, 1948 (1948ର ଅଧିନିୟମ LX) ।

17. ବୀମା ଅଧିନିୟମ, 1938 (1938ର ଅଧିନିୟମ IV) ଧାରା 52A ରୁ 52G, ଏହା ବୀମା (ସଂଶୋଧନ) ଅଧିନିୟମ, 1950 (1950ର ଅଧିନିୟମ XLVII), ଧାରା 42ଦ୍ୱାରା ସନ୍ନିବେଶିତ ।

18. ରେଳବାଇ କମ୍ପାନୀ (ଜରୁରୀକାଳୀନ ବ୍ୟବସ୍ଥା ) ଅଧିନିୟମ, 1951 (1951ର ଅଧିନିୟମ LI) ।

---

[1] ସମ୍ବିଧାନ (ପ୍ରଥମ ସଂଶୋଧନ) ଅଧିନିୟମ, 1951, ଧାରା 14ଦ୍ୱାରା ନବମ ଅନୁସୂଚୀ (ପ୍ରବିଷ୍ଟି 1 ରୁ 13) ସଂଯୁକ୍ତ କରାଯାଇଛି (18-6-1951 ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (ଚତୁର୍ଥ ସଂଶୋଧନ) ଅଧିନିୟମ, 1955, ଧାରା 5ଦ୍ୱାରା ନବମ ଅନୁସୂଚୀ(ପ୍ରବିଷ୍ଟି 14 ରୁ 20) ସଂଯୁକ୍ତ କରାଯାଇଛି (27-4-1955 ଠାରୁ କାର୍ଯ୍ୟକାରୀ)।

19. ଶିଳ୍ପ (ବିକାଶ ଏବଂ ନିୟମନ) ଅଧିନିୟମ, 1951, ଶିଳ୍ପ (ବିକାଶ ଏବଂ ନିୟମନ) (1951ର ଅଧିନିୟମ LXV) ସଂଶୋଧନ ଅଧିନିୟମର ଅଧ୍ୟାୟ III-A, ଶିଳ୍ପ (ବିକାଶ ଏବଂ ନିୟମନ) ଅଧିନିୟମ, 1953, ଶିଳ୍ପ (ବିକାଶ ଏବଂ ନିୟମନ) ଅଧିନିୟମ, 1953 (1953ର ଅଧିନିୟମ XXVI)ର ଧାରା 13ଦ୍ୱାରା ସନ୍ନିବେଶିତ ।

20. ପଶ୍ଚିମବଙ୍ଗ ଭୂମି ବିକାଶ ଏବଂ ଯୋଜନା ଅଧିନିୟମ, 1948, (1948ର ପଶ୍ଚିମବଙ୍ଗ ଅଧିନିୟମ XXI), ପଶ୍ଚିମବଙ୍ଗ ଅଧିନିୟମ XXIX, 1951ଭାବେ ସଂଶୋଧିତ ।

[1][21. ଆନ୍ଧ୍ରପ୍ରଦେଶ କୃଷି ଜମି ସୀମା ଅଧିନିୟମ, 1961 (1961ର ଆନ୍ଧ୍ରପ୍ରଦେଶ ଅଧିନିୟମ X) ।

22. ଆନ୍ଧ୍ରପ୍ରଦେଶ (ତେଲଙ୍ଗାନା ଅଞ୍ଚଳ) ପ୍ରଜାସ୍ୱତ୍ୱ ଏବଂ କୃଷି ଜମି (ବୈଧତା) ଅଧିନିୟମ, 1961 (1961ର ଆନ୍ଧ୍ରପ୍ରଦେଶ ଅଧିନିୟମ XXI) ।

23. ଆନ୍ଧ୍ରପ୍ରଦେଶ (ତେଲଙ୍ଗାନା ଅଞ୍ଚଳ) ଇଜାରା ଏବଂ କୌଲି ଜମି ଅନିୟମିତ ପଟ୍ଟା ବାତିଲ ଏବଂ ରିଆୟତୀ ମୂଲ୍ୟାୟନ ଉଚ୍ଛେଦ ଅଧିନିୟମ, 1961 (1961ର ଆନ୍ଧ୍ରପ୍ରଦେଶ ଅଧିନିୟମ XXXVI) ।

24. ଆସାମ ରାଜ୍ୟ ଧାର୍ମିକ ବା ପରୋପକାରୀ ଅନୁଷ୍ଠାନ ଅଧୀନ ଜମି ଅଧିଗ୍ରହଣ ଅଧିନିୟମ, 1959 (1961ର ଆସାମ ଅଧିନିୟମ IX) ।

25. ବିହାର ଭୂମି ସଂସ୍କାର (ସଂଶୋଧନ) ଅଧିନିୟମ, 1953 (1954ର ବିହାର ଅଧିନିୟମ XX) ।

26. ଏହି ଅଧିନିୟମ ଧାରା 28 ବ୍ୟତୀତ ବିହାର ଭୂମି ସଂସ୍କାର (ସୀମା କ୍ଷେତ୍ର ନିର୍ଦ୍ଧାରଣ ଏବଂ ଅତିରିକ୍ତ ଜମି ଅଧିଗ୍ରହଣ) ଅଧିନିୟମ, 1961 (1962ର ବିହାର ଅଧିନିୟମ XII) ।

27. ବମ୍ବେ ତାଲୁକଦାରୀ ପ୍ରଜାସ୍ୱତ୍ୱ ଉଚ୍ଛେଦ (ସଂଶୋଧନ) ଅଧିନିୟମ, 1954 (1955ର ବମ୍ବେ ଅଧିନିୟମ I) ।

28. ବମ୍ବେ ତାଲୁକଦାରୀ ପ୍ରଜାସ୍ୱତ୍ୱ ଉଚ୍ଛେଦ (ସଂଶୋଧନ) ଅଧିନିୟମ, 1957 (1958ର ବମ୍ବେ ଅଧିନିୟମ XVIII) ।

29. ବମ୍ବେ ଇନାମ (କଚ୍ଛ ଅଞ୍ଚଳ) ଉଚ୍ଛେଦ ଅଧିନିୟମ, 1958 (1958ର ବମ୍ବେ ଅଧିନିୟମ XCVIII) ।

30. ବମ୍ବେ ପ୍ରଜାସ୍ୱତ୍ୱ ଏବଂ କୃଷି ଜମି (ଗୁଜରାଟ ସଂଶୋଧନ) ଅଧିନିୟମ, 1960 (1960ର ଗୁଜରାଟ ଅଧିନିୟମ XVI) ।

31. ଗୁଜରାଟ କୃଷି ଜମି ସୀମା ଅଧିନିୟମ, 1960 (1961ର ଗୁଜରାଟ ଅଧିନିୟମ XXVI) ।

32. ସାଗବାରା ଏବଂ ମେହୱାସି ଜମିଦାରୀ (ସମ୍ପତ୍ତି ଅଧିକାର ଉଚ୍ଛେଦ, ଇତ୍ୟାଦି) ନିୟମାବଳୀ, 1962 (1962ର ଗୁଜରାଟ ନିୟମାବଳୀ I) ।

---

[1] ସମ୍ବିଧାନ (17ତମ ସଂଶୋଧନ) ଅଧିନିୟମ, 1964, ଧାରା 3ଦ୍ୱାରା ପ୍ରବିଷ୍ଟି 21 ରୁ 64 ଏବଂ *ସ୍ପଷ୍ଟୀକରଣ* ସଂଯୁକ୍ତ କରାଯାଇଛି (20-6-1964 ଠାରୁ କାର୍ଯ୍ୟକାରୀ)।

33. ଯେପର୍ଯ୍ୟନ୍ତ ଧାରା 2ର ଖଣ୍ଡ (3)ର ଉପଖଣ୍ଡ (*d*)ରେ ଉଲ୍ଲେଖିତ ଏକ ଆଲିଏନେଶନ୍ ସହିତ ଏହି ଅଧିନିୟମ ସମ୍ବନ୍ଧିତ ତାବ୍ୟତୀତ, ଗୁଜରାଟ ସର୍ଭାଇଭିଂ ଆଲିଏନେଶନ୍ ଉଚ୍ଛେଦ ଅଧିନିୟମ, 1963 (1963ର ଗୁଜରାଟ ଅଧିନିୟମ XXXIII) ।

34. ମହାରାଷ୍ଟ୍ର କୃଷି ଜମି (ଅଧିକାର ସୀମା) ଅଧିନିୟମ, 1961 (1961ର ମହାରାଷ୍ଟ୍ର ଅଧିନିୟମ XXVII) ।

35. ହାଇଦ୍ରାବାଦ ପ୍ରଜାସ୍ୱତ୍ୱ, ଭୂମି ସୀମା ଧାରଣ ଏବଂ କୃଷି ଜମି (ପୁନଃପ୍ରଣୟନ, ବୈଧତା ଏବଂ ଆହୁରି ସଂଶୋଧନ) ଅଧିନିୟମ, 1961 (1961ର ମହାରାଷ୍ଟ୍ର ଅଧିନିୟମ XLV) ।

36. ହାଇଦ୍ରାବାଦ ପ୍ରଜାସ୍ୱତ୍ୱ ଏବଂ କୃଷି ଜମି ଅଧିନିୟମ, 1950 (1950ର ହାଇଦ୍ରାବାଦ ଅଧିନିୟମ XXI) ।

37. ଜେନ୍ମିକାରମ ପେମେଣ୍ଟ (ଉଚ୍ଛେଦ) ଅଧିନିୟମ, 1960 (1961ର କେରଳ ଅଧିନିୟମ III) ।

38. କେରଳ ଭୂମି କର ଅଧିନିୟମ, 1961 (1961ର କେରଳ ଅଧିନିୟମ XIII) ।

39. କେରଳ ଭୂମି ସଂସ୍କାର ଅଧିନିୟମ, 1963 (1964ର କେରଳ ଅଧିନିୟମ I) ।

40. ମଧ୍ୟ ପ୍ରଦେଶ ଭୂମି ରାଜସ୍ୱ ସଂହିତା, 1959 (1959ର ମଧ୍ୟ ପ୍ରଦେଶ ଅଧିନିୟମ XX) ।

41. ମଧ୍ୟ ପ୍ରଦେଶ କୃଷି ଜମି ସୀମା ଅଧିନିୟମ, 1960 (1960ର ମଧ୍ୟ ପ୍ରଦେଶ ଅଧିନିୟମ XX) ।

42. ମାଡ୍ରାସ ଚାଷୀ ରୟତ ସୁରକ୍ଷା ଅଧିନିୟମ, 1955 (1955ର ମାଡ୍ରାସ ଅଧିନିୟମ XXV) ।

43. ମାଡ୍ରାସ ଚାଷୀ ରୟତ (ନ୍ୟାୟସଙ୍ଗତ ଖଜଣା ଦେୟ) ଅଧିନିୟମ, 1956 (1956ର ମାଡ୍ରାସ ଅଧିନିୟମ XXIV) ।

44. ମାଡ୍ରାସ କୁଡ଼ିୟିରୁପ୍ପୁ ଦାଖଲକାରୀ (ଉଚ୍ଛେଦରୁ ସୁରକ୍ଷା) ଅଧିନିୟମ, 1961 (1961ର ମାଡ୍ରାସ ଅଧିନିୟମ XXXVIII) ।

45. ମାଡ୍ରାସ ସାର୍ବଜନୀନ ଟ୍ରଷ୍ଟ (କୃଷି ଜମି ପ୍ରଶାସନ ନିୟମନ) ଅଧିନିୟମ, 1961 (1961ର ମାଡ୍ରାସ ଅଧିନିୟମ LVII) ।

46. ମାଡ୍ରାସ ଭୂମି ସଂସ୍କାର (ଜମି ସୀମା ନିର୍ଦ୍ଧାରଣ) ଅଧିନିୟମ, 1961 (1961ର ମାଡ୍ରାସ ଅଧିନିୟମ LVIII) ।

47. ମହୀଶୂର ପ୍ରଜାସ୍ୱତ୍ୱ ଅଧିନିୟମ, 1952 (1952ର ମହୀଶୂର ଅଧିନିୟମ XIII) ।

48. କୁର୍ଗ ପ୍ରଜାସ୍ୱତ୍ୱ ଅଧିନିୟମ, 1957 (1957ର ମହୀଶୂର ଅଧିନିୟମ XIV) ।

49. ମହୀଶୂର ଗ୍ରାମ କାର୍ଯ୍ୟାଳୟ ଉଚ୍ଛେଦ ଅଧିନିୟମ, 1961 (1961ର ମହୀଶୂର ଅଧିନିୟମ XIV)।

50. ହାଇଦ୍ରାବାଦ ପ୍ରଜାସ୍ୱତ୍ୱ ଏବଂ କୃଷି ଜମି (ବୈଧତା) ଅଧିନିୟମ, 1961 (1861ର ମହୀଶୂର ଅଧିନିୟମ XXXVI) ।

51. ମହୀଶୂର ଭୂମି ସଂସ୍କାର ଅଧିନିୟମ, 1961 (1962ର ମହୀଶୂର ଅଧିନିୟମ X) ।

52. ଓଡ଼ିଶା ଭୂମି ସଂସ୍କାର ଅଧିନିୟମ, 1960 (1960ର ଓଡ଼ିଶା ଅଧିନିୟମ XVI) ।

53. ଓଡ଼ିଶା ମିଶ୍ରିତ ଅଞ୍ଚଳ (ଗ୍ରାମ କାର୍ଯ୍ୟାଳୟ ଉଚ୍ଛେଦ) ଅଧିନିୟମ, 1963 (1963ର ଓଡ଼ିଶା ଅଧିନିୟମ X) ।

54. ପଞ୍ଜାବ ଜମି ରୟତ ସୁରକ୍ଷା ଅଧିନିୟମ, 1953 (1953ର ପଞ୍ଜାବ ଅଧିନିୟମ X) ।

55. ରାଜସ୍ଥାନ ପ୍ରଜାସ୍ୱତ୍ୱ ଅଧିନିୟମ, 1955 (1955ର ରାଜସ୍ଥାନ ଅଧିନିୟମ III) ।

56. ରାଜସ୍ଥାନ ଜମିଦାରୀ ଏବଂ ବିସ୍ୱେଦାରୀ ଉଚ୍ଛେଦ ଅଧିନିୟମ, 1959 (1959ର ରାଜସ୍ଥାନ ଅଧିନିୟମ VIII) ।

57. କୁମାଉଁ ଏବଂ ଉତ୍ତରାଖଣ୍ଡ ଜମିଦାରୀ ଉଚ୍ଛେଦ ଏବଂ ଭୂମି ସଂସ୍କାର ଅଧିନିୟମ, 1960 (1960ର ଉତ୍ତର ପ୍ରଦେଶ ଅଧିନିୟମ XVII) ।

58. ଉତ୍ତର ପ୍ରଦେଶ ଜମି ଅଧିକାର ସୀମା ଆରୋପଣ ଅଧିନିୟମ, 1960 (1961ର ଉତ୍ତର ପ୍ରଦେଶ ଅଧିନିୟମ I) ।

59. ପଶ୍ଚିମବଙ୍ଗ ଜମିଦାରୀ ଅଧିଗ୍ରହଣ ଅଧିନିୟମ, 1953 (1954ର ପଶ୍ଚିମବଙ୍ଗ ଅଧିନିୟମ I) ।

60. ପଶ୍ଚିମବଙ୍ଗ ଭୂମି ସଂସ୍କାର ଅଧିନିୟମ, 1955 (1956ର ପଶ୍ଚିମବଙ୍ଗ ଅଧିନିୟମ X) ।

61. ଦିଲ୍ଲୀ ଭୂମି ସଂସ୍କାର ଅଧିନିୟମ, 1954 (1954ର ଦିଲ୍ଲୀ ଅଧିନିୟମ VIII) ।

62. ଦିଲ୍ଲୀ ଜମି ଅଧିକାର (ସୀମା) ଅଧିନିୟମ, 1960 (1960ର କେନ୍ଦ୍ରୀୟ ଅଧିନିୟମ 24) ।

63. ମଣିପୁର ଭୂମି ରାଜସ୍ୱ ଏବଂ ଭୂମି ସଂସ୍କାର ଅଧିନିୟମ, 1960 (1960ର କେନ୍ଦ୍ରୀୟ ଅଧିନିୟମ 33) ।

64. ତ୍ରିପୁରା ଭୂମି ରାଜସ୍ୱ ଏବଂ ଭୂମି ସଂସ୍କାର ଅଧିନିୟମ, 1960 (1960ର କେନ୍ଦ୍ରୀୟ ଅଧିନିୟମ 43) ।

[1][65. କେରଳ ଭୂମି ସଂସ୍କାର (ସଂଶୋଧନ) ଅଧିନିୟମ, 1969 (1969ର କେରଳ ଅଧିନିୟମ 35)।

66. କେରଳ ଭୂମି ସଂସ୍କାର (ସଂଶୋଧନ) ଅଧିନିୟମ, 1971 (1971ର କେରଳ ଅଧିନିୟମ 25)] ।

[2][67. ଆନ୍ଧ୍ରପ୍ରଦେଶ ଭୂମି ସଂସ୍କାର (କୃଷି ଜମି ସୀମା ଧାରଣ) ଅଧିନିୟମ, 1973 (1973ର ଆନ୍ଧ୍ରପ୍ରଦେଶ ଅଧିନିୟମ 1) ।

68. ବିହାର ଭୂମି ସଂସ୍କାର (ସୀମା କ୍ଷେତ୍ର ନିର୍ଦ୍ଧାରଣ ଏବଂ ଅତିରିକ୍ତ ଜମି ଅଧିଗ୍ରହଣ) (ସଂଶୋଧନ) ଅଧିନିୟମ, 1972 (1973ର ବିହାର ଅଧିନିୟମ I) ।

---

[1] ସମ୍ବିଧାନ (29ତମ ସଂଶୋଧନ) ଅଧିନିୟମ, 1972, ଧାରା 2ଦ୍ୱାରା ପ୍ରବିଷ୍ଟି 65 ଏବଂ 66 ସନ୍ନିବେଶିତ (9-6-1972 ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (34 ସଂଶୋଧନ) ଅଧିନିୟମ, 1974, ଧାରା 2 ଦ୍ୱାରା ପ୍ରବିଷ୍ଟି 67 ଏବଂ 86 ସନ୍ନିବେଶିତ (7-9-1974 ଠାରୁ କାର୍ଯ୍ୟକାରୀ)।

69. ବିହାର ଭୂମି ସଂସ୍କାର (ସୀମା କ୍ଷେତ୍ର ନିର୍ଦ୍ଧାରଣ ଏବଂ ଅତିରିକ୍ତ ଜମି ଅଧିଗ୍ରହଣ) (ସଂଶୋଧନ) ଅଧିନିୟମ, 1973 (1973ର ବିହାର ଅଧିନିୟମ IX) ।

70. ବିହାର ଭୂମି ସଂସ୍କାର (ସଂଶୋଧନ) ଅଧିନିୟମ, 1972 (1972ର ବିହାର ଅଧିନିୟମ V) ।

71. ଗୁଜରାଟ କୃଷି ଜମି ସୀମା (ସଂଶୋଧନ) ଅଧିନିୟମ, 1972 (1974ର ଗୁଜରାଟ ଅଧିନିୟମ 2)।

72. ହରିୟାଣା ଜମି ଅଧିକାର ସୀମା ଅଧିନିୟମ, 1972 (1972ର ହରିୟାଣା ଅଧିନିୟମ 26) ।

73. ହିମାଚଳ ପ୍ରଦେଶ ଜମି ଅଧିକାର ସୀମା ଅଧିନିୟମ, 1972 (1973ର ହିମାଚଳ ପ୍ରଦେଶ ଅଧିନିୟମ 19) ।

74. କେରଳ ଭୂମି ସଂସ୍କାର (ସଂଶୋଧନ) ଅଧିନିୟମ, 1972 (1972ର କେରଳ ଅଧିନିୟମ 17) ।

75. ମଧ୍ୟ ପ୍ରଦେଶ କୃଷି ଜମି ସୀମା (ସଂଶୋଧନ) ଅଧିନିୟମ, 1972 (1974ର ମଧ୍ୟ ପ୍ରଦେଶ ଅଧିନିୟମ 12) ।

76. ମଧ୍ୟ ପ୍ରଦେଶ କୃଷି ଜମି ସୀମା (ଦ୍ୱିତୀୟ ସଂଶୋଧନ) ଅଧିନିୟମ, 1972 (1974ର ମଧ୍ୟ ପ୍ରଦେଶ ଅଧିନିୟମ 13) ।

77. ମହୀଶୂର ଭୂମି ସଂସ୍କାର (ସଂଶୋଧନ) ଅଧିନିୟମ, 1973 (1974ର କର୍ଣ୍ଣାଟକ ଅଧିନିୟମ 1) ।

78. ପଞ୍ଜାବ ଭୂମି ସଂସ୍କାର ଅଧିନିୟମ, 1972 (1973ର ପଞ୍ଜାବ ଅଧିନିୟମ 10) ।

79. ରାଜସ୍ଥାନ କୃଷି ଜମି ସୀମା ଆରୋପଣ ଅଧିନିୟମ, 1973 (1973ର ରାଜସ୍ଥାନ ଅଧିନିୟମ 11)।

80. ଗୁଡାଲୁର ଜନ୍ମମ ଜମିଦାରୀ (ଉଚ୍ଛେଦ ଏବଂ ରାୟତୱାରୀକୁ ରୂପାନ୍ତର) ଅଧିନିୟମ, 1969 (1969ର ତାମିଲନାଡୁ ଅଧିନିୟମ 24) ।

81. ପଶ୍ଚିମବଙ୍ଗ ଭୂମି ସଂସ୍କାର (ସଂଶୋଧନ) ଅଧିନିୟମ, 1972 (1972ର ପଶ୍ଚିମବଙ୍ଗ ଅଧିନିୟମ XII) ।

82. ପଶ୍ଚିମବଙ୍ଗ ଜମିଦାରୀ ଅଧିଗ୍ରହଣ (ସଂଶୋଧନ) ଅଧିନିୟମ, 1964 (1964ର ପଶ୍ଚିମବଙ୍ଗ ଅଧିନିୟମ XXII) ।

83. ପଶ୍ଚିମବଙ୍ଗ ଜମିଦାରୀ ଅଧିଗ୍ରହଣ (ଦ୍ୱିତୀୟ ସଂଶୋଧନ) ଅଧିନିୟମ, 1973 (1973ର ପଶ୍ଚିମବଙ୍ଗ ଅଧିନିୟମ XXXIII) ।

84. ବମ୍ବେ ପ୍ରଜାସ୍ୱତ୍ୱ ଏବଂ କୃଷି ଜମି (ଗୁଜରାଟ ସଂଶୋଧନ) ଅଧିନିୟମ, 1972 (1973ର ଗୁଜରାଟ ଅଧିନିୟମ 5) ।

85. ଓଡ଼ିଶା ଭୂମି ସଂସ୍କାର (ସଂଶୋଧନ) ଅଧିନିୟମ, 1974 (1974ର ଓଡ଼ିଶା ଅଧିନିୟମ 9) ।

86. ତ୍ରିପୁରା ଭୂମି ରାଜସ୍ୱ ଏବଂ ଭୂମି ସଂସ୍କାର (ଦ୍ୱିତୀୟ ସଂଶୋଧନ) ଅଧିନିୟମ, 1974 (1974ର ତ୍ରିପୁରା ଅଧିନିୟମ 7)] ।

[1][[2]87.* * * * *]

88. ଶିଳ୍ପ (ବିକାଶ ଏବଂ ନିୟମନ) ଅଧିନିୟମ, 1951 (1951ର କେନ୍ଦ୍ରୀୟ ଅଧିନିୟମ 65) ।

89. ସ୍ଥାବର ସମ୍ପତ୍ତି ଅଧିଯାଚନ ଏବଂ ଅଧିନିୟମ, 1952 (1952ର କେନ୍ଦ୍ରୀୟ ଅଧିନିୟମ 30) ।

90. ଖଣି ଏବଂ ଖଣିଜ (ନିୟମନ ଏବଂ ବିକାଶ) ଅଧିନିୟମ, 1957 (1957ର କେନ୍ଦ୍ରୀୟ ଅଧିନିୟମ 67) ।

[*]91. ଏକଚାଟିଆ ଏବଂ ପ୍ରତିବନ୍ଧକ ବାଣିଜ୍ୟ ଅଭ୍ୟାସ ଅଧିନିୟମ, 1969 (1969ର କେନ୍ଦ୍ରୀୟ ଅଧିନିୟମ 54) ।

[2][92.* * * * *]

93. ପୋଡ଼ା କୋଇଲା ଖଣି (ଜରୁରୀ ବ୍ୟବସ୍ଥା ) ଅଧିନିୟମ, 1971 (1971ର କେନ୍ଦ୍ରୀୟ ଅଧିନିୟମ 64) ।

94. ପୋଡ଼ା କୋଇଲା ଖଣି (ରାଷ୍ଟ୍ରୀୟକରଣ) ଅଧିନିୟମ, 1972 (1972ର କେନ୍ଦ୍ରୀୟ ଅଧିନିୟମ 36)।

95. ସାଧାରଣ ବୀମା ବ୍ୟବସାୟ (ରାଷ୍ଟ୍ରୀୟକରଣ) ଅଧିନିୟମ, 1972 (1972ର କେନ୍ଦ୍ରୀୟ ଅଧିନିୟମ 57) ।

96. ଭାରତୀୟ ତମ୍ବା ନିଗମ (ଉଦ୍ୟୋଗ ଅଧିଗ୍ରହଣ) ଅଧିନିୟମ, 1972 (1972ର କେନ୍ଦ୍ରୀୟ ଅଧିନିୟମ 58) ।

97. ରୁଗ୍‌ଣ ବସ୍ତ୍ରଶିଳ୍ପ ଉଦ୍ୟୋଗ (ପରିଚାଳନା ଅଧିଗ୍ରହଣ) ଅଧିନିୟମ, 1972 (1972ର କେନ୍ଦ୍ରୀୟ ଅଧିନିୟମ 72) ।

98. କୋଇଲା ଖଣି (ପରିଚାଳନା ଗ୍ରହଣ) ଅଧିନିୟମ, 1973 (1973ର କେନ୍ଦ୍ରୀୟ ଅଧିନିୟମ 15) ।

99. କୋଇଲା ଖଣି (ରାଷ୍ଟ୍ରୀୟକରଣ) ଅଧିନିୟମ, 1973 (1973ର କେନ୍ଦ୍ରୀୟ ଅଧିନିୟମ 26) ।

[**]100. ବୈଦେଶିକ ମୁଦ୍ରା ବିନିମୟ ଅଧିନିୟମ, 1973 (1973ର କେନ୍ଦ୍ରୀୟ ଅଧିନିୟମ 46) ।

101. ଆଲକକ୍ ଆଶଡାଉନ କମ୍ପାନୀ ଲିମିଟେଡ (ଉଦ୍ୟୋଗ ଅଧିଗ୍ରହଣ) ଅଧିନିୟମ, 1973 (1973ର କେନ୍ଦ୍ରୀୟ ଅଧିନିୟମ 56) ।

---

[1] ସମ୍ବିଧାନ (39ତମ ସଂଶୋଧନ) ଅଧିନିୟମ, 1975, ଧାରା 5 ଦ୍ୱାରା ପ୍ରବିଷ୍ଟି 87 ରୁ 124ସନ୍ନିବେଶିତ (10-8-1975 ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 44 ଦ୍ୱାରା ପ୍ରବିଷ୍ଟି 87 ଏବଂ 92କୁ ବାଦ୍ ଦିଆଯାଇଛି (20-6-1979 ଠାରୁ କାର୍ଯ୍ୟକାରୀ)।

[*] ପ୍ରତିଯୋଗିତା ଅଧିନିୟମ, 2002 (2003ର 12ନଂ) ଧାରା 66 ଦ୍ୱାରା ରଦ୍ଦ କରାଯାଇଛି (1-9-2009ଠାରୁ କାର୍ଯ୍ୟକାରୀ)।

[**] ବୈଦେଶିକ ମୁଦ୍ରା ପରିଚାଳନା ଅଧିନିୟମ, 1999 (1999ର 42 ନଂ), ଧାରା 49 ଦ୍ୱାରା ରଦ୍ଦ କରାଯାଇଛି (1-6-2000ଠାରୁ କାର୍ଯ୍ୟକାରୀ)।

102. କୋଇଲା ଖଣି (ସଂରକ୍ଷଣ ଏବଂ ବିକାଶ) ଅଧିନିୟମ, 1974 (1974ର କେନ୍ଦ୍ରୀୟ ଅଧିନିୟମ 28) ।

103. ଅତିରିକ୍ତ ପାରିଶ୍ରମିକ (ବାଧ୍ୟତାମୂଳକ ଜମା) ଅଧିନିୟମ, 1974 (1974ର କେନ୍ଦ୍ରୀୟ ଅଧିନିୟମ 37) ।

104. ବୈଦେଶିକ ମୁଦ୍ରା ସଂରକ୍ଷଣ ଏବଂ ଚୋରାଚାଲାଣ ନିବାରଣ ଅଧିନିୟମ, 1974 (1974ର କେନ୍ଦ୍ରୀୟ ଅଧିନିୟମ 52) ।

105. ରୁଗ୍ଣ ବସ୍ତ୍ରଶିଳ୍ପ ଉଦ୍ୟୋଗ (ରାଷ୍ଟ୍ରୀୟକରଣ) ଅଧିନିୟମ, 1974 (1974ର କେନ୍ଦ୍ରୀୟ ଅଧିନିୟମ 57) ।

106. ମହାରାଷ୍ଟ୍ର କୃଷି ଜମି (ଧାରଣ ସୀମା) (ସଂଶୋଧନ) ଅଧିନିୟମ, 1964 (1965ର ମହାରାଷ୍ଟ୍ର ଅଧିନିୟମ XVI) ।

107. ମହାରାଷ୍ଟ୍ର କୃଷି ଜମି (ଧାରଣ ସୀମା) (ସଂଶୋଧନ) ଅଧିନିୟମ, 1965 (1965ର ମହାରାଷ୍ଟ୍ର ଅଧିନିୟମ XXXII) ।

108. ମହାରାଷ୍ଟ୍ର କୃଷି ଜମି (ଧାରଣ ସୀମା) (ସଂଶୋଧନ) ଅଧିନିୟମ, 1968 (1968ର ମହାରାଷ୍ଟ୍ର ଅଧିନିୟମ XVI) ।

109. ମହାରାଷ୍ଟ୍ର କୃଷି ଜମି (ଧାରଣ ସୀମା) (ଦ୍ୱିତୀୟ ସଂଶୋଧନ) ଅଧିନିୟମ, 1968 (1968ର ମହାରାଷ୍ଟ୍ର ଅଧିନିୟମ XXXIII) ।

110. ମହାରାଷ୍ଟ୍ର କୃଷି ଜମି (ଧାରଣ ସୀମା) (ସଂଶୋଧନ) ଅଧିନିୟମ, 1969 (1969ର ମହାରାଷ୍ଟ୍ର ଅଧିନିୟମ XXXVII) ।

111. ମହାରାଷ୍ଟ୍ର କୃଷି ଜମି (ଧାରଣ ସୀମା) (ଦ୍ୱିତୀୟ ସଂଶୋଧନ) ଅଧିନିୟମ, 1969 (1969ର ମହାରାଷ୍ଟ୍ର ଅଧିନିୟମ XXXVIII) ।

112. ମହାରାଷ୍ଟ୍ର କୃଷି ଜମି (ଧାରଣ ସୀମା) (ସଂଶୋଧନ) ଅଧିନିୟମ, 1970 (1970ର ମହାରାଷ୍ଟ୍ର ଅଧିନିୟମ XXVII) ।

113. ମହାରାଷ୍ଟ୍ର କୃଷି ଜମି (ଧାରଣ ସୀମା) (ସଂଶୋଧନ) ଅଧିନିୟମ, 1972 (1972ର ମହାରାଷ୍ଟ୍ର ଅଧିନିୟମ XIII) ।

114. ମହାରାଷ୍ଟ୍ର କୃଷି ଜମି (ଧାରଣ ସୀମା) (ସଂଶୋଧନ) ଅଧିନିୟମ, 1973 (1973ର ମହାରାଷ୍ଟ୍ର ଅଧିନିୟମ L) ।

115. ଓଡ଼ିଶା ଜମି ସଂସ୍କାର (ସଂଶୋଧନ) ଅଧିନିୟମ, 1965 (1965ର ଓଡ଼ିଶା ଅଧିନିୟମ 13) ।

116. ଓଡ଼ିଶା ଜମି ସଂସ୍କାର (ସଂଶୋଧନ) ଅଧିନିୟମ, 1966 (1967ର ଓଡ଼ିଶା ଅଧିନିୟମ 8) ।

117. ଓଡ଼ିଶା ଜମି ସଂସ୍କାର (ସଂଶୋଧନ) ଅଧିନିୟମ, 1967 (1967ର ଓଡ଼ିଶା ଅଧିନିୟମ 13) ।

118. ଓଡ଼ିଶା ଜମି ସଂସ୍କାର (ସଂଶୋଧନ) ଅଧିନିୟମ, 1969 (1969ର ଓଡ଼ିଶା ଅଧିନିୟମ 13) ।

119. ଓଡ଼ିଶା ଜମି ସଂସ୍କାର (ସଂଶୋଧନ) ଅଧିନିୟମ, 1970 (1970ର ଓଡ଼ିଶା ଅଧିନିୟମ 18) ।

120. ଉତ୍ତର ପ୍ରଦେଶ ଜମି ଧାରଣ ସୀମା ଆରୋପଣ (ସଂଶୋଧନ) ଅଧିନିୟମ, 1972 (1973ର ଉତ୍ତର ପ୍ରଦେଶ ଅଧିନିୟମ 18) ।

121. ଉତ୍ତର ପ୍ରଦେଶ ଜମି ଧାରଣ ସୀମା ଆରୋପଣ (ସଂଶୋଧନ) ଅଧିନିୟମ, 1974 (1975ର ଉତ୍ତର ପ୍ରଦେଶ ଅଧିନିୟମ 2) ।

122. ତ୍ରିପୁରା ଜମି ରାଜସ୍ୱ ଏବଂ ଜମି ସଂସ୍କାର (ତୃତୀୟ ସଂଶୋଧନ) ଅଧିନିୟମ, 1975 (1975ର ତ୍ରିପୁରା ଅଧିନିୟମ 3) ।

123. ଦାଦ୍ରା ଏବଂ ନଗର ହବେଲୀ ଭୂମି ସଂସ୍କାର ନିୟମାବଳୀ, 1971 (1971ର 3) ।

124. ଦାଦ୍ରା ଏବଂ ନଗର ହବେଲୀ ଭୂମି ସଂସ୍କାର (ସଂଶୋଧନ) ନିୟମାବଳୀ, 1973 (1973ର 5) ।

[1][125. ମୋଟର ଯାନ ଅଧିନିୟମ, 1939ର* ଧାରା 66A ଏବଂ ଅଧ୍ୟାୟ IVA (1939ର କେନ୍ଦ୍ରୀୟ ଅଧିନିୟମ 4) ।

126. ଅତ୍ୟାବଶ୍ୟକ ଦ୍ରବ୍ୟ ଅଧିନିୟମ, 1955 (1955ର କେନ୍ଦ୍ରୀୟ ଅଧିନିୟମ 10) ।

127. ଚୋରାଚାଲାଣକାରୀ ଏବଂ ବୈଦେଶିକ ମୁଦ୍ରା ମନିପୁଲେଟର (ସମ୍ପତ୍ତି ଜବତ) ଅଧିନିୟମ, 1976 (1976ର କେନ୍ଦ୍ରୀୟ ଅଧିନିୟମ 13) ।

128. ଗୋତି ଶ୍ରମିକ ପ୍ରଥା (ନିରାକରଣ) ଅଧିନିୟମ, 1976 (1976ର କେନ୍ଦ୍ରୀୟ ଅଧିନିୟମ 19) ।

129. ବୈଦେଶିକ ମୁଦ୍ରା ବିନିମୟ ଏବଂ ଚୋରାଚାଲାଣ ନିବାରଣ (ସଂଶୋଧନ) ଅଧିନିୟମ, 1976 (1976ର କେନ୍ଦ୍ରୀୟ ଅଧିନିୟମ 20) ।

[2]130.* * * * *

131. ଚିନି ଉପରେ କର ବସାଣ ମୂଲ୍ୟ ସମାନତା ପାଣ୍ଠି ଅଧିନିୟମ, 1976 (1976ର କେନ୍ଦ୍ରୀୟ ଅଧିନିୟମ 31) ।

132. ସହରୀ ଜମି (ସୀମା ଏବଂ ନିୟମନ) ଅଧିନିୟମ, 1976 (1976ର କେନ୍ଦ୍ରୀୟ ଅଧିନିୟମ 33)।

---

[1] ସମ୍ବିଧାନ (40ତମ ସଂଶୋଧନ) ଅଧିନିୟମ, 1976, ଧାରା 3 ଦ୍ୱାରା ପ୍ରବିଷ୍ଟି 125 ରୁ 188 ସନ୍ନିବେଶିତ (27-5-1976ଠାରୁ କାର୍ଯ୍ୟକାରୀ)।

* ଏବେ ମୋଟର ଯାନ ଅଧିନିୟମ, 1988 (1988ର 59 ନଂ)ର ସମ୍ବନ୍ଧିତ ବ୍ୟବସ୍ଥା ଦେଖନ୍ତୁ।

[2] ସମ୍ବିଧାନ (44ତମ ସଂଶୋଧନ) ଅଧିନିୟମ, 1978, ଧାରା 44 ଦ୍ୱାରା ପ୍ରବିଷ୍ଟି 130କୁ ବାଦ୍ ଦିଆଯାଇଛି (20-6-1979ଠାରୁ କାର୍ଯ୍ୟକାରୀ)।

133. କେନ୍ଦ୍ରୀୟ ହିସାବ ବିଭାଗୀକରଣ (କର୍ମଚାରୀ ସ୍ଥାନାନ୍ତରଣ) ଅଧିନିୟମ, 1976 (1976ର କେନ୍ଦ୍ରୀୟ ଅଧିନିୟମ 59) ।

134. ଆସାମ ଜମି ଧାରଣ ସୀମା ନିର୍ଦ୍ଧାରଣ ଅଧିନିୟମ, 1956 (1957ର ଆସାମ ଅଧିନିୟମ 1) ।

135. ବମ୍ବେ ପ୍ରଜାସ୍ୱତ୍ୱ ଏବଂ କୃଷି ଜମି (ବିଦର୍ଭ ଅଞ୍ଚଳ) ଅଧିନିୟମ, 1958 (1958ର ବମ୍ବେ ଅଧିନିୟମ XCIX) ।

136. ଗୁଜରାଟ ବେସରକାରୀ ଜଙ୍ଗଲ (ଅଧିଗ୍ରହଣ) ଅଧିନିୟମ, 1972 (1973ର ଗୁଜରାଟ ଅଧିନିୟମ 14) ।

137. ହରିୟାଣା ଜମି ଧାରଣ ସୀମା (ସଂଶୋଧନ) ଅଧିନିୟମ, 1976 (1976ର ହରିୟାଣା ଅଧିନିୟମ 17) ।

138. ହିମାଚଳ ପ୍ରଦେଶ ପ୍ରଜାସ୍ୱତ୍ୱ ଏବଂ ଜମି ସଂସ୍କାର ଅଧିନିୟମ, 1972 (1974ର ହିମାଚଳ ପ୍ରଦେଶ ଅଧିନିୟମ 8) ।

139. ହିମାଚଳ ପ୍ରଦେଶ ଗ୍ରାମ ସାଧାରଣ ଜମି ଅଧିକାର ଏବଂ ବ୍ୟବହାର ଅଧିନିୟମ, 1974 (1974ର ହିମାଚଳ ପ୍ରଦେଶ ଅଧିନିୟମ 18) ।

140. କର୍ଣ୍ଣାଟକ ଜମି ସଂସ୍କାର (ଦ୍ୱିତୀୟ ସଂଶୋଧନ ଏବଂ ବିବିଧ ବ୍ୟବସ୍ଥା ) ଅଧିନିୟମ, 1974 (1974ର କର୍ଣ୍ଣାଟକ ଅଧିନିୟମ 31) ।

141. କର୍ଣ୍ଣାଟକ ଜମି ସଂସ୍କାର (ଦ୍ୱିତୀୟ ସଂଶୋଧନ) ଅଧିନିୟମ, 1976 (1976ର କର୍ଣ୍ଣାଟକ ଅଧିନିୟମ 27) ।

142. କେରଳ ଉଚ୍ଛେଦ ନିବାରଣ ଅଧିନିୟମ, 1966 (1966ର କେରଳ ଅଧିନିୟମ 12) ।

143. ତିରୁପୁଭାରମ ଦେୟ (ଉଚ୍ଛେଦ) ଅଧିନିୟମ, 1969 (1969ର କେରଳ ଅଧିନିୟମ 19) ।

144. ଶ୍ରୀପଦମ ଜମି ମତାଧିକାର ସାବ୍ୟସ୍ତ ଅଧିନିୟମ, 1969 (1969ର କେରଳ ଅଧିନିୟମ 20) ।

145. ଶ୍ରୀ ପଣ୍ଡାରଭାକା ଜମି (ଅଧିକାର ଏବଂ ମତାଧିକାର ସାବ୍ୟସ୍ତ) ଅଧିନିୟମ, 1971 (1971ର କେରଳ ଅଧିନିୟମ 20) ।

146. କେରଳ ବେସରକାରୀ ଜଙ୍ଗଲ (ଅଧିକାର ଏବଂ ନିୟୋଜନ) ଅଧିନିୟମ, 1971 (1971ର କେରଳ ଅଧିନିୟମ 26) ।

147. କେରଳ କୃଷି ଶ୍ରମିକ ଅଧିନିୟମ, 1974 (1974ର କେରଳ ଅଧିନିୟମ 18) ।

148. କେରଳ କାଜୁ କାରଖାନା (ଅଧିଗ୍ରହଣ) ଅଧିନିୟମ, 1974 (1974ର କେରଳ ଅଧିନିୟମ 29)।

149. କେରଳ ଚିଟ୍ଟି ଅଧିନିୟମ, 1975 (1975ର କେରଳ ଅଧିନିୟମ 23) ।

150. କେରଳ ଅନୁସୂଚିତ ଜନଜାତି (ଜମି ହସ୍ତାନ୍ତର ଉପରେ ପ୍ରତିବନ୍ଧକ ଏବଂ ହସ୍ତାନ୍ତରିତ ଜମି ପୁନଃଉଦ୍ଧାର) ଅଧିନିୟମ, 1975 (1975ର କେରଳ ଅଧିନିୟମ 31) ।

151. କେରଳ ଜମି ସଂସ୍କାର (ସଂଶୋଧନ) ଅଧିନିୟମ, 1976 (1976ର କେରଳ ଅଧିନିୟମ 15) ।

152. କାନମ ପ୍ରଜାସ୍ୱତ୍ୱ ନିରାକରଣ ଅଧିନିୟମ, 1976 (1976ର କେରଳ ଅଧିନିୟମ 16) ।

153. ମଧ୍ୟପ୍ରଦେଶ କୃଷି ଜମି ଧାରଣ ସୀମା (ସଂଶୋଧନ) ଅଧିନିୟମ, 1974 (1974ର ମଧ୍ୟପ୍ରଦେଶ ଅଧିନିୟମ 20) ।

154. ମଧ୍ୟପ୍ରଦେଶ କୃଷି ଜମି ଧାରଣ ସୀମା (ସଂଶୋଧନ) ଅଧିନିୟମ, 1975 (1976ର ମଧ୍ୟପ୍ରଦେଶ ଅଧିନିୟମ 2) ।

155. ପଶ୍ଚିମ ଖାଣ୍ଡେଶ ମେହୱାସୀ ଭୂସମ୍ପତ୍ତି (ମାଲିକାନା ଅଧିକାର ଉଚ୍ଛେଦ ଇତ୍ୟାଦି) ନିୟମାବଳୀ, 1961 (1962ର ମହାରାଷ୍ଟ୍ର ନିୟମାବଳୀ 1) ।

156. ମହାରାଷ୍ଟ୍ର ଅନୁସୂଚିତ ଜନଜାତିଙ୍କୁ ଜମି ପୁନଃସ୍ଥାପନ ଅଧିନିୟମ, 1974 (1975ର ମହାରାଷ୍ଟ୍ର ଅଧିନିୟମ XIV) ।

157. ମହାରାଷ୍ଟ୍ର କୃଷି ଜମି (ଧାରଣ ସୀମା ହ୍ରାସ) ଏବଂ (ସଂଶୋଧନ) ଅଧିନିୟମ, 1972 (1975ର ମହାରାଷ୍ଟ୍ର ଅଧିନିୟମ XXI) ।

158. ମହାରାଷ୍ଟ୍ର ବେସରକାରୀ ଜଙ୍ଗଲ (ଅଧିଗ୍ରହଣ) ଅଧିନିୟମ, 1975 (1975ର ମହାରାଷ୍ଟ୍ର ଅଧିନିୟମ XXIX) ।

159. ମହାରାଷ୍ଟ୍ର କୃଷି ଜମି (ଧାରଣ ସୀମା ହ୍ରାସ) ଏବଂ (ସଂଶୋଧନ) ସଂଶୋଧନ ଅଧିନିୟମ, 1975 (1975ର ମହାରାଷ୍ଟ୍ର ଅଧିନିୟମ XLVII) ।

160. ମହାରାଷ୍ଟ୍ର କୃଷି ଜମି (ଧାରଣ ସୀମା) (ସଂଶୋଧନ) ଅଧିନିୟମ, 1975 (1976ର ମହାରାଷ୍ଟ୍ର ଅଧିନିୟମ II) ।

161. ଓଡ଼ିଶା ଭୂସମ୍ପତ୍ତି ଉଚ୍ଛେଦ ଅଧିନିୟମ, 1951 (1952ର ଓଡ଼ିଶା ଅଧିନିୟମ 1) ।

162. ରାଜସ୍ଥାନ ଉପନିବେଶ ଅଧିନିୟମ, 1954 (1954ର ରାଜସ୍ଥାନ ଅଧିନିୟମ XXVII) ।

163. ରାଜସ୍ଥାନ ଜମି ସଂସ୍କାର ଏବଂ ଜମି ମାଲିକଙ୍କ ଭୂମି ଅଧିଗ୍ରହଣ ଅଧିନିୟମ, 1963 (1964ର ରାଜସ୍ଥାନ ଅଧିନିୟମ 11) ।

164. ରାଜସ୍ଥାନ କୃଷି ଜମି ଧାରଣ ସୀମା ଆରୋପଣ (ସଂଶୋଧନ) ଅଧିନିୟମ, 1976 (1976ର ରାଜସ୍ଥାନ ଅଧିନିୟମ 8) ।

165. ରାଜସ୍ଥାନ ପ୍ରଜାସ୍ୱତ୍ୱ (ସଂଶୋଧନ) ଅଧିନିୟମ, 1976 (1976ର ରାଜସ୍ଥାନ ଅଧିନିୟମ 12) ।

166. ତାମିଲନାଡୁ ଜମି ସଂସ୍କାର (ଜମି ସୀମା ହ୍ରାସ) ଅଧିନିୟମ, 1970 (1970ର ତାମିଲନାଡୁ ଅଧିନିୟମ 17) ।

167. ତାମିଲନାଡୁ ଜମି ସଂସ୍କାର (ଜମି ସୀମା ନିର୍ଦ୍ଧାରଣ) ସଂଶୋଧନ ଅଧିନିୟମ, 1971 (1971ର ତାମିଲନାଡୁ ଅଧିନିୟମ 41) ।

168. ତାମିଲନାଡୁ ଜମି ସଂସ୍କାର (ଜମି ସୀମା ନିର୍ଦ୍ଧାରଣ) ସଂଶୋଧନ ଅଧିନିୟମ, 1972 (1972ର ତାମିଲନାଡୁ ଅଧିନିୟମ 10) ।

169. ତାମିଲନାଡୁ ଜମି ସଂସ୍କାର (ଜମି ସୀମା ନିର୍ଦ୍ଧାରଣ) ଦ୍ୱିତୀୟ ସଂଶୋଧନ ଅଧିନିୟମ, 1972 (1972ର ତାମିଲନାଡୁ ଅଧିନିୟମ 20) ।

170. ତାମିଲନାଡୁ ଜମି ସଂସ୍କାର (ଜମି ସୀମା ନିର୍ଦ୍ଧାରଣ) ତୃତୀୟ ସଂଶୋଧନ ଅଧିନିୟମ, 1972 (1972ର ତାମିଲନାଡୁ ଅଧିନିୟମ 37) ।

171. ତାମିଲନାଡୁ ଜମି ସଂସ୍କାର (ଜମି ସୀମା ନିର୍ଦ୍ଧାରଣ) ଚତୁର୍ଥ ସଂଶୋଧନ ଅଧିନିୟମ, 1972 (1972ର ତାମିଲନାଡୁ ଅଧିନିୟମ 39) ।

172. ତାମିଲନାଡୁ ଜମି ସଂସ୍କାର (ଜମି ସୀମା ନିର୍ଦ୍ଧାରଣ) ଷଷ୍ଠ ସଂଶୋଧନ ଅଧିନିୟମ, 1972 (1974ର ତାମିଲନାଡୁ ଅଧିନିୟମ 7) ।

173. ତାମିଲନାଡୁ ଜମି ସଂସ୍କାର (ଜମି ସୀମା ନିର୍ଦ୍ଧାରଣ) ପଞ୍ଚମ ସଂଶୋଧନ ଅଧିନିୟମ, 1972 (1974ର ତାମିଲନାଡୁ ଅଧିନିୟମ 10) ।

174. ତାମିଲନାଡୁ ଜମି ସଂସ୍କାର (ଜମି ସୀମା ନିର୍ଦ୍ଧାରଣ) ସଂଶୋଧନ ଅଧିନିୟମ, 1974 (1974ର ତାମିଲନାଡୁ ଅଧିନିୟମ 15) ।

175. ତାମିଲନାଡୁ ଜମି ସଂସ୍କାର (ଜମି ସୀମା ନିର୍ଦ୍ଧାରଣ) ତୃତୀୟ ସଂଶୋଧନ ଅଧିନିୟମ, 1974 (1974ର ତାମିଲନାଡୁ ଅଧିନିୟମ 30) ।

176. ତାମିଲନାଡୁ ଜମି ସଂସ୍କାର (ଜମି ସୀମା ନିର୍ଦ୍ଧାରଣ) ଦ୍ୱିତୀୟ ସଂଶୋଧନ ଅଧିନିୟମ, 1974 (1974ର ତାମିଲନାଡୁ ଅଧିନିୟମ 32) ।

177. ତାମିଲନାଡୁ ଜମି ସଂସ୍କାର (ଜମି ସୀମା ନିର୍ଦ୍ଧାରଣ) ସଂଶୋଧନ ଅଧିନିୟମ, 1975 (1975ର ତାମିଲନାଡୁ ଅଧିନିୟମ 11) ।

178. ତାମିଲନାଡୁ ଜମି ସଂସ୍କାର (ଜମି ସୀମା ନିର୍ଦ୍ଧାରଣ) ଦ୍ୱିତୀୟ ସଂଶୋଧନ ଅଧିନିୟମ, 1975 (1975ର ତାମିଲନାଡୁ ଅଧିନିୟମ 21) ।

179. ଉତ୍ତର ପ୍ରଦେଶ ଜମିଦାରୀ ଉଚ୍ଛେଦ ଏବଂ ଜମି ସଂସ୍କାର ଅଧିନିୟମ, 1950 (1951 ଉତ୍ତର ପ୍ରଦେଶ ଅଧିନିୟମ I) ଉତ୍ତର ପ୍ରଦେଶ ଜମି ଅଧିନିୟମ (ସଂଶୋଧନ) ଅଧିନିୟମ, 1971 (1971ର ଉତ୍ତର ପ୍ରଦେଶ ଅଧିନିୟମ 21) ଏବଂ ଉତ୍ତର ପ୍ରଦେଶ ଜମି ଅଧିନିୟମ (ସଂଶୋଧନ) ଅଧିନିୟମ, 1974 (1974ର ଉତ୍ତର ପ୍ରଦେଶ ଅଧିନିୟମ 34)ଦ୍ୱାରା କରାଯାଇଥିବା ସଂଶୋଧନ ।

180. ଉତ୍ତର ପ୍ରଦେଶ ଜମି ଧାରଣ ସୀମା ଆରୋପଣ (ସଂଶୋଧନ) ଅଧିନିୟମ, 1976 (1976ର ଉତ୍ତର ପ୍ରଦେଶ ଅଧିନିୟମ 20) ।

181. ପଶ୍ଚିମବଙ୍ଗ ଜମି ସଂସ୍କାର (ଦ୍ୱିତୀୟ ସଂଶୋଧନ) ଅଧିନିୟମ, 1972 (1972ର ପଶ୍ଚିମବଙ୍ଗ ଅଧିନିୟମ XXVIII) ।

182. ପଶ୍ଚିମବଙ୍ଗ ହସ୍ତାନ୍ତରିତ ଜମି ପୁନଃସ୍ଥାପନ ଅଧିନିୟମ, 1973 (1973ର ପଶ୍ଚିମବଙ୍ଗ ଅଧିନିୟମ XXIII) ।

183. ପଶ୍ଚିମବଙ୍ଗ ଜମି ସଂସ୍କାର (ସଂଶୋଧନ) ଅଧିନିୟମ, 1974 (1974ର ପଶ୍ଚିମବଙ୍ଗ ଅଧିନିୟମ XXXIII) ।

184. ପଶ୍ଚିମବଙ୍ଗ ଜମି ସଂସ୍କାର (ସଂଶୋଧନ) ଅଧିନିୟମ, 1975 (1975ର ପଶ୍ଚିମବଙ୍ଗ ଅଧିନିୟମ XXIII) ।

185. ପଶ୍ଚିମବଙ୍ଗ ଜମି ସଂସ୍କାର (ସଂଶୋଧନ) ଅଧିନିୟମ, 1976 (1976ର ପଶ୍ଚିମବଙ୍ଗ ଅଧିନିୟମ XII) ।

186. ଦିଲ୍ଲୀ ଜମି ଧାରଣ (ସୀମା) ସଂଶୋଧନ ଅଧିନିୟମ, 1976 (1976ର କେନ୍ଦ୍ରୀୟ ଅଧିନିୟମ 15) ।

187. ଗୋଆ, ଡାମନ ଏବଂ ଡିଉ ମୁଣ୍ଡକାର (ଉଚ୍ଛେଦରୁ ସୁରକ୍ଷା) ଅଧିନିୟମ, 1975 (1976ର ଗୋଆ, ଡାମନ ଏବଂ ଡିଉ ଅଧିନିୟମ 1) ।

188. ପଣ୍ଡିଚେରୀ ଜମି ସଂସ୍କାର (ଜମି ସୀମା ନିର୍ଦ୍ଧାରଣ) ଅଧିନିୟମ, 1973 (1974ର ପଣ୍ଡିଚେରୀ ଅଧିନିୟମ 9) ।

[1][189. ଆସାମ (ଅସ୍ଥାୟୀଭାବେ ନିଷ୍ପତ୍ତି ହୋଇଥିବା ଅଞ୍ଚଳ) ପ୍ରଜାସ୍ୱତ୍ୱ ଅଧିନିୟମ, 1971 (1971ର ଆସାମ ଅଧିନିୟମ XXIII) ।

190. ଆସାମ (ଅସ୍ଥାୟୀଭାବେ ନିଷ୍ପତ୍ତି ହୋଇଥିବା ଅଞ୍ଚଳ) ପ୍ରଜାସ୍ୱତ୍ୱ (ସଂଶୋଧନ) ଅଧିନିୟମ, 1974 (1974ର ଆସାମ ଅଧିନିୟମ XVIII) ।

191. ବିହାର ଭୂମି ସଂସ୍କାର (ସୀମା ନିର୍ଦ୍ଧାରଣ ଏବଂ ଅତିରିକ୍ତ ଜମି ଅଧିଗ୍ରହଣ) (ସଂଶୋଧନ) ସଂଶୋଧନ ଅଧିନିୟମ, 1974 (1975ର ବିହାର ଅଧିନିୟମ 13) ।

192. ବିହାର ଭୂମି ସଂସ୍କାର (ସୀମା ନିର୍ଦ୍ଧାରଣ ଏବଂ ଅତିରିକ୍ତ ଜମି ଅଧିଗ୍ରହଣ) (ସଂଶୋଧନ) ଅଧିନିୟମ, 1976 (1976ର ବିହାର ଅଧିନିୟମ 22) ।

193. ବିହାର ଭୂମି ସଂସ୍କାର (ସୀମା ନିର୍ଦ୍ଧାରଣ ଏବଂ ଅତିରିକ୍ତ ଜମି ଅଧିଗ୍ରହଣ) (ସଂଶୋଧନ) ଅଧିନିୟମ, 1978 (1978ର ବିହାର ଅଧିନିୟମ VII) ।

194. ଜମି ଅଧିଗ୍ରହଣ (ବିହାର ସଂଶୋଧନ) ଅଧିନିୟମ, 1979 (1980ର ବିହାର ଅଧିନିୟମ 2) ।

195. ହରିୟାଣା ଜମି ଧାରଣ ସୀମା (ସଂଶୋଧନ) ଅଧିନିୟମ, 1977 (1977ର ହରିୟାଣା ଅଧିନିୟମ 14) ।

196. ତାମିଲନାଡୁ ଭୂମି ସଂସ୍କାର (ଜମି ସୀମା ନିର୍ଦ୍ଧାରଣ) ସଂଶୋଧନ ଅଧିନିୟମ, 1978 (1978ର ତାମିଲନାଡୁ ଅଧିନିୟମ 25) ।

197. ତାମିଲନାଡୁ ଭୂମି ସଂସ୍କାର (ଜମି ସୀମା ନିର୍ଦ୍ଧାରଣ) ସଂଶୋଧନ ଅଧିନିୟମ, 1979 (1979ର ତାମିଲନାଡୁ ଅଧିନିୟମ 11) ।

---

[1] ସମ୍ବିଧାନ (47ତମ ସଂଶୋଧନ) ଅଧିନିୟମ, 1984, ଧାରା 2 ଦ୍ୱାରା ପ୍ରବିଷ୍ଟି 189 ରୁ 202 ସନ୍ନିବେଶିତ (26-8-1984 ଠାରୁ କାର୍ଯ୍ୟକାରୀ)।

198. ଉତ୍ତର ପ୍ରଦେଶ ଜମିଦାରୀ ଉଚ୍ଛେଦ ଅଧିନିୟମ (ସଂଶୋଧନ) ଅଧିନିୟମ, 1978 (1978ର ଉତ୍ତର ପ୍ରଦେଶ ଅଧିନିୟମ 15) ।

199. ପଶ୍ଚିମବଙ୍ଗ ବିକ୍ରୀକୃତ ଜମି ପୁନରୁଦ୍ଧାର (ସଂଶୋଧନ) ଅଧିନିୟମ, 1978 (1978ର ପଶ୍ଚିମବଙ୍ଗ ଅଧିନିୟମ XXIV) ।

200. ପଶ୍ଚିମବଙ୍ଗ ବିକ୍ରୀକୃତ ଜମି ପୁନରୁଦ୍ଧାର (ସଂଶୋଧନ) ଅଧିନିୟମ, 1980 (1980ର ପଶ୍ଚିମବଙ୍ଗ ଅଧିନିୟମ LVI) ।

201. ଗୋଆ, ଡାମନ ଏବଂ ଡିଉ କୃଷି ପ୍ରଜାସ୍ୱତ୍ୱ ଅଧିନିୟମ, 1964 (1964ର ଗୋଆ, ଡାମନ ଏବଂ ଡିଉ ଅଧିନିୟମ 7) ।

202. ଗୋଆ, ଡାମନ ଏବଂ ଡିଉ କୃଷି ପ୍ରଜାସ୍ୱତ୍ୱ (ପଞ୍ଚମ ସଂଶୋଧନ) ଅଧିନିୟମ, 1976 (1976ର ଗୋଆ, ଡାମନ ଏବଂ ଡିଉ ଅଧିନିୟମ 17) ।

[1][203. ଆନ୍ଧ୍ରପ୍ରଦେଶ ଅନୁସୂଚିତ ଅଞ୍ଚଳ ଜମି ହସ୍ତାନ୍ତର ଅଧିନିୟମ, 1959 (1959ର ଆନ୍ଧ୍ରପ୍ରଦେଶ ଅଧିନିୟମ 1) ।

204. ଆନ୍ଧ୍ରପ୍ରଦେଶ ଅନୁସୂଚିତ ଅଞ୍ଚଳ ଅଧିନିୟମ(ବିସ୍ତାର ଏବଂ ସଂଶୋଧନ) ଅଧିନିୟମ, 1963 (1963ର ଆନ୍ଧ୍ରପ୍ରଦେଶ ଅଧିନିୟମ 2) ।

205. ଆନ୍ଧ୍ରପ୍ରଦେଶ ଅନୁସୂଚିତ ଅଞ୍ଚଳ ଜମି ହସ୍ତାନ୍ତର (ସଂଶୋଧନ) ଅଧିନିୟମ, 1970 (1970ର ଆନ୍ଧ୍ରପ୍ରଦେଶ ଅଧିନିୟମ 1) ।

206. ଆନ୍ଧ୍ରପ୍ରଦେଶ ଅନୁସୂଚିତ ଅଞ୍ଚଳ ଜମି ହସ୍ତାନ୍ତର (ସଂଶୋଧନ) ଅଧିନିୟମ, 1971 (1971ର ଆନ୍ଧ୍ରପ୍ରଦେଶ ଅଧିନିୟମ 1) ।

207. ଆନ୍ଧ୍ରପ୍ରଦେଶ ଅନୁସୂଚିତ ଅଞ୍ଚଳ ଜମି ହସ୍ତାନ୍ତର (ସଂଶୋଧନ) ଅଧିନିୟମ, 1978 (1978ର ଆନ୍ଧ୍ରପ୍ରଦେଶ ଅଧିନିୟମ 1) ।

208. ବିହାର ପ୍ରଜାସ୍ୱତ୍ୱ ଅଧିନିୟମ, 1885 (1885ର ବିହାର ଅଧିନିୟମ 8) ।

209. ଛୋଟା ନାଗପୁର ପ୍ରଜାସ୍ୱତ୍ୱ ଅଧିନିୟମ, 1908 (1908ର ବେଙ୍ଗଲ ଅଧିନିୟମ 6) (ଅଧ୍ୟାୟ VIII—ଧାରା 46, 47, 48, 48A ଏବଂ 49; ଅଧ୍ୟାୟ X— ଧାରା 71, 71A ଏବଂ 71B; ଏବଂ ଅଧ୍ୟାୟ XVIII—ଧାରା 240, 241 ଏବଂ 242) ।

210. ସାନ୍ତାଳ ପ୍ରଗଣା ପ୍ରଜାସ୍ୱତ୍ୱ (ପୂରକ ବିଧାନ) ଅଧିନିୟମ, 1949 (1949ର ବିହାର ଅଧିନିୟମ 14) ଧାରା 53 ବ୍ୟତୀତ ।

211. ବିହାର ଅନୁସୂଚିତ ଅଞ୍ଚଳ ନିୟମାବଳୀ, 1969 (1969ର ବିହାର ନିୟମାବଳୀ 1) ।

212. ବିହାର ଭୂମି ସଂସ୍କାର (ସୀମା ନିର୍ଦ୍ଧାରଣ ଏବଂ ଅତିରିକ୍ତ ଜମି ଅଧିଗ୍ରହଣ) (ସଂଶୋଧନ) ଅଧିନିୟମ, 1982 (1982ର ବିହାର ଅଧିନିୟମ 55) ।

---

[1] ସମ୍ବିଧାନ (66ତମ ସଂଶୋଧନ) ଅଧିନିୟମ, 1990, ଧାରା 2 ଦ୍ୱାରା ପ୍ରବିଷ୍ଟି 203 ରୁ 257 ସନ୍ନିବେଶିତ (7-6-1990 ଠାରୁ କାର୍ଯ୍ୟକାରୀ)।

213. ଗୁଜରାଟ ଦେବସ୍ଥାନ ଇନାମ ଉଚ୍ଛେଦ ଅଧିନିୟମ, 1969 (1969ର ଗୁଜରାଟ ଅଧିନିୟମ 16)।

214. ଗୁଜରାଟ ପ୍ରଜାସ୍ୱତ୍ୱ ଅଧିନିୟମ (ସଂଶୋଧନ) ଅଧିନିୟମ, 1976 (1976ର ଗୁଜରାଟ ଅଧିନିୟମ 37) ।

215. ଗୁଜରାଟ କୃଷି ଜମି ସୀମା (ସଂଶୋଧନ) ଅଧିନିୟମ, 1976 (1976ର ରାଷ୍ଟ୍ରପତି ଅଧିନିୟମ 43) ।

216. ଗୁଜରାଟ ଦେବସ୍ଥାନ ଇନାମ ଉଚ୍ଛେଦ (ସଂଶୋଧନ) ଅଧିନିୟମ, 1977 (1977ର ଗୁଜରାଟ ଅଧିନିୟମ 27) ।

217. ଗୁଜରାଟ ପ୍ରଜାସ୍ୱତ୍ୱ ଅଧିନିୟମ (ସଂଶୋଧନ) ଅଧିନିୟମ, 1977 (1977ର ଗୁଜରାଟ ଅଧିନିୟମ 30) ।

218. ବମ୍ବେ ଭୂମି ରାଜସ୍ୱ (ଗୁଜରାଟ ଦ୍ୱିତୀୟ ସଂଶୋଧନ) ଅଧିନିୟମ, 1980 (1980ର ଗୁଜରାଟ ଅଧିନିୟମ 37) ।

219. ବମ୍ବେ ଭୂମି ରାଜସ୍ୱ କୋଡ ଏବଂ ଜମି ପ୍ରଜାସ୍ୱତ୍ୱ ଉଚ୍ଛେଦ ଅଧିନିୟମ (ଗୁଜରାଟ ସଂଶୋଧନ) ଅଧିନିୟମ, 1982 (1982ର ଗୁଜରାଟ ଅଧିନିୟମ 8) ।

220. ହିମାଚଳ ପ୍ରଦେଶ ଜମି ହସ୍ତାନ୍ତର (ନିୟମ) ଅଧିନିୟମ, 1968 (1969ର ହିମାଚଳ ପ୍ରଦେଶ ଅଧିନିୟମ 15) ।

221. ହିମାଚଳ ପ୍ରଦେଶ ଜମି ହସ୍ତାନ୍ତର (ନିୟମ) (ସଂଶୋଧନ) ଅଧିନିୟମ, 1986 (1986ର ହିମାଚଳ ପ୍ରଦେଶ ଅଧିନିୟମ 16) ।

222. କର୍ଣ୍ଣାଟକ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି (ନିର୍ଦ୍ଦିଷ୍ଟ ଜମି ହସ୍ତାନ୍ତର ନିଷେଧ) ଅଧିନିୟମ, 1978 (1979ର କର୍ଣ୍ଣାଟକ ଅଧିନିୟମ 2) ।

223. କେରଳ ଭୂମି ସଂସ୍କାର (ସଂଶୋଧନ) ଅଧିନିୟମ, 1978 (1978ର କେରଳ ଅଧିନିୟମ 13)।

224. କେରଳ ଭୂମି ସଂସ୍କାର (ସଂଶୋଧନ) ଅଧିନିୟମ, 1981 (1981ର କେରଳ ଅଧିନିୟମ 19)।

225. ମଧ୍ୟ ପ୍ରଦେଶ ଭୂମି ରାଜସ୍ୱ ସଂହିତା (ତୃତୀୟ ସଂଶୋଧନ) ଅଧିନିୟମ, 1976 (1976ର ମଧ୍ୟ ପ୍ରଦେଶ ଅଧିନିୟମ 61) ।

226. ମଧ୍ୟ ପ୍ରଦେଶ ଭୂମି ରାଜସ୍ୱ ସଂହିତା (ସଂଶୋଧନ) ଅଧିନିୟମ, 1980 (1980ର ମଧ୍ୟ ପ୍ରଦେଶ ଅଧିନିୟମ 15) ।

227. ମଧ୍ୟ ପ୍ରଦେଶ ଅକୃଷିକ ଜୋତ ଉଚ୍ଚତମ ସୀମା ଅଧିନିୟମ, 1981 (1981ର ମଧ୍ୟ ପ୍ରଦେଶ ଅଧିନିୟମ 11) ।

228. ମଧ୍ୟ ପ୍ରଦେଶ କୃଷି ଧାରଣ ସୀମା (ଦ୍ୱିତୀୟ ସଂଶୋଧନ) ଅଧିନିୟମ, 1976 (1984ର ମଧ୍ୟ ପ୍ରଦେଶ ଅଧିନିୟମ 1) ।

229. ମଧ୍ୟ ପ୍ରଦେଶ କୃଷି ଧାରଣ ସୀମା (ସଂଶୋଧନ) ଅଧିନିୟମ, 1984 (1984ର ମଧ୍ୟ ପ୍ରଦେଶ ଅଧିନିୟମ 14) ।

230. ମଧ୍ୟ ପ୍ରଦେଶ କୃଷି ଧାରଣ ସୀମା (ସଂଶୋଧନ) ଅଧିନିୟମ, 1989 (1989ର ମଧ୍ୟ ପ୍ରଦେଶ ଅଧିନିୟମ 8) ।

231. ମହାରାଷ୍ଟ୍ର ଭୂମି ରାଜସ୍ୱ କୋଡ, 1966 (1966ର ମହାରାଷ୍ଟ୍ର ଅଧିନିୟମ 41), ଧାରା 36, 36A ଏବଂ 36B ।

232. ମହାରାଷ୍ଟ୍ର ଭୂମି ରାଜସ୍ୱ କୋଡ ଏବଂ ଅନୁସୂଚିତ ଜନଜାତିଙ୍କୁ ଜମି ପୁନରୁଦ୍ଧାର (ଦ୍ୱିତୀୟ ସଂଶୋଧନ) ଅଧିନିୟମ, 1976 (1977ର ମହାରାଷ୍ଟ୍ର ଅଧିନିୟମ 30) ।

233. ମହାରାଷ୍ଟ୍ର ନିର୍ଦ୍ଦିଷ୍ଟ ଜମିରେ ଖଣି ଏବଂ ଖଣିଜ ସମ୍ପତ୍ତି ଅଧିକାର ଉଚ୍ଛେଦ ଅଧିନିୟମ, 1985 (1985ର ମହାରାଷ୍ଟ୍ର ଅଧିନିୟମ 16) ।

234. ଓଡ଼ିଶା ଅନୁସୂଚିତ ଅଞ୍ଚଳ ସ୍ଥାବର ସମ୍ପତ୍ତି ହସ୍ତାନ୍ତର (ଅନୁସୂଚିତ ଜନଜାତିଦ୍ୱାରା) ନିୟମାବଳୀ, 1956 (1956ର ଓଡ଼ିଶା ନିୟମାବଳୀ 2) ।

235. ଓଡ଼ିଶା ଭୂମି ସଂସ୍କାର (ଦ୍ୱିତୀୟ ସଂଶୋଧନ) ଅଧିନିୟମ, 1975 (1976ର ଓଡ଼ିଶା ଅଧିନିୟମ 29) ।

236. ଓଡ଼ିଶା ଭୂମି ସଂସ୍କାର (ସଂଶୋଧନ) ଅଧିନିୟମ, 1976 (1976ର ଓଡ଼ିଶା ଅଧିନିୟମ 30) ।

237. ଓଡ଼ିଶା ଭୂମି ସଂସ୍କାର (ଦ୍ୱିତୀୟ ସଂଶୋଧନ) ଅଧିନିୟମ, 1976 (1976ର ଓଡ଼ିଶା ଅଧିନିୟମ 44) ।

238. ରାଜସ୍ଥାନ ଉପନିବେଶ (ସଂଶୋଧନ) ଅଧିନିୟମ, 1984 (1984ର ରାଜସ୍ଥାନ ଅଧିନିୟମ 12) ।

239. ରାଜସ୍ଥାନ ପ୍ରଜାସ୍ୱତ୍ୱ (ସଂଶୋଧନ) ଅଧିନିୟମ, 1984 (1984ର ରାଜସ୍ଥାନ ଅଧିନିୟମ 13) ।

240. ରାଜସ୍ଥାନ ପ୍ରଜାସ୍ୱତ୍ୱ (ସଂଶୋଧନ) ଅଧିନିୟମ, 1987 (1987ର ରାଜସ୍ଥାନ ଅଧିନିୟମ 21) ।

241. ତାମିଲନାଡୁ ଭୂମି ସଂସ୍କାର (ଜମି ସୀମା ନିର୍ଦ୍ଧାରଣ) ଦ୍ୱିତୀୟ ସଂଶୋଧନ ଅଧିନିୟମ, 1979 (1980ର ତାମିଲନାଡୁ ଅଧିନିୟମ 8) ।

242. ତାମିଲନାଡୁ ଭୂମି ସଂସ୍କାର (ଜମି ସୀମା ନିର୍ଦ୍ଧାରଣ) ସଂଶୋଧନ ଅଧିନିୟମ, 1980 (1980ର ତାମିଲନାଡୁ ଅଧିନିୟମ 21) ।

243. ତାମିଲନାଡୁ ଭୂମି ସଂସ୍କାର (ଜମି ସୀମା ନିର୍ଦ୍ଧାରଣ) ସଂଶୋଧନ ଅଧିନିୟମ, 1981 (1981ର ତାମିଲନାଡୁ ଅଧିନିୟମ 59) ।

244. ତାମିଲନାଡୁ ଭୂମି ସଂସ୍କାର (ଜମି ସୀମା ନିର୍ଦ୍ଧାରଣ) ଦ୍ୱିତୀୟ ସଂଶୋଧନ ଅଧିନିୟମ, 1983 (1984ର ତାମିଲନାଡୁ ଅଧିନିୟମ 2) ।

245. ଉତ୍ତର ପ୍ରଦେଶ ଜମି ଅଧିନିୟମ (ସଂଶୋଧନ) ଅଧିନିୟମ, 1982 (1982ର ଉତ୍ତର ପ୍ରଦେଶ ଅଧିନିୟମ 20) ।

246. ପଶ୍ଚିମବଙ୍ଗ ଭୂମି ସଂସ୍କାର (ସଂଶୋଧନ) ଅଧିନିୟମ, 1965 (1965ର ପଶ୍ଚିମବଙ୍ଗ ଅଧିନିୟମ 18) ।

247. ପଶ୍ଚିମବଙ୍ଗ ଭୂମି ସଂସ୍କାର (ସଂଶୋଧନ) ଅଧିନିୟମ, 1966 (1966ର ପଶ୍ଚିମବଙ୍ଗ ଅଧିନିୟମ 11) ।

248. ପଶ୍ଚିମବଙ୍ଗ ଭୂମି ସଂସ୍କାର (ଦ୍ୱିତୀୟ ସଂଶୋଧନ) ଅଧିନିୟମ, 1969 (1969ର ପଶ୍ଚିମବଙ୍ଗ ଅଧିନିୟମ 23) ।

249. ପଶ୍ଚିମବଙ୍ଗ ଜମିଦାରୀ ଅଧିଗ୍ରହଣ (ସଂଶୋଧନ) ଅଧିନିୟମ, 1977 (1977ର ପଶ୍ଚିମବଙ୍ଗ ଅଧିନିୟମ 36) ।

250. ପଶ୍ଚିମବଙ୍ଗ ଜମି ଗ୍ରହଣ ରାଜସ୍ୱ ଅଧିନିୟମ, 1979 (1979ର ପଶ୍ଚିମବଙ୍ଗ ଅଧିନିୟମ 44) ।

251. ପଶ୍ଚିମବଙ୍ଗ ଭୂମି ସଂସ୍କାର (ସଂଶୋଧନ) ଅଧିନିୟମ, 1980 (1980ର ପଶ୍ଚିମବଙ୍ଗ ଅଧିନିୟମ 41) ।

252. ପଶ୍ଚିମବଙ୍ଗ ଜମି ଗ୍ରହଣ ରାଜସ୍ୱ (ସଂଶୋଧନ) ଅଧିନିୟମ, 1981 (1981ର ପଶ୍ଚିମବଙ୍ଗ ଅଧିନିୟମ 33) ।

253. କଲିକତା ଠିକା ପ୍ରଜାସ୍ୱତ୍ୱ (ଅଧିଗ୍ରହଣ ଏବଂ ନିୟମନ) ଅଧିନିୟମ, 1981 (1981ର ପଶ୍ଚିମବଙ୍ଗ ଅଧିନିୟମ 37) ।

254. ପଶ୍ଚିମବଙ୍ଗ ଜମି ଗ୍ରହଣ ରାଜସ୍ୱ (ସଂଶୋଧନ) ଅଧିନିୟମ, 1982 (1982ର ପଶ୍ଚିମବଙ୍ଗ ଅଧିନିୟମ 23) ।

255. କଲିକତା ଠିକା ପ୍ରଜାସ୍ୱତ୍ୱ (ଅଧିଗ୍ରହଣ ଏବଂ ନିୟମନ) (ସଂଶୋଧନ) ଅଧିନିୟମ, 1884 (1984ର ପଶ୍ଚିମବଙ୍ଗ ଅଧିନିୟମ 41) ।

256. ମାହେ ଭୂମି ସଂସ୍କାର ଅଧିନିୟମ, 1968 (1968ର ପଣ୍ଡିଚେରୀ ଅଧିନିୟମ 1) ।

257. ମାହେ ଭୂମି ସଂସ୍କାର (ସଂଶୋଧନ) ଅଧିନିୟମ, 1980 (1981ର ପଣ୍ଡିଚେରୀ ଅଧିନିୟମ 1)।]

[1][257A. ତାମିଲନାଡୁ ପଛୁଆ ବର୍ଗ, ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି (ଶିକ୍ଷା ଅନୁଷ୍ଠାନରେ ଆସନ ସଂରକ୍ଷଣ ଏବଂ ରାଜ୍ୟ ଅଧୀନରେ ନିଯୁକ୍ତି ବା ପଦବୀରେ ସଂରକ୍ଷଣ) ଅଧିନିୟମ, 1993 (1994ର ତାମିଲନାଡୁ ଅଧିନିୟମ 45)] ।

---

[1] ସମ୍ବିଧାନ (76ତମ ସଂଶୋଧନ) ଅଧିନିୟମ, 1994, ଧାରା 2 ଦ୍ୱାରା ପ୍ରବିଷ୍ଟ 257A ସନ୍ନିବେଶିତ (31-8-1994 ଠାରୁ କାର୍ଯ୍ୟକାରୀ)।

[1][258. ବିହାର ବିଶେଷ ସୁବିଧାପ୍ରାପ୍ତ ବ୍ୟକ୍ତି ଘରବାରି ପ୍ରଜାସ୍ୱତ୍ୱ ଅଧିନିୟମ, 1947 (1948ର ବିହାର ଅଧିନିୟମ 4) ।

259. ବିହାର ଜମି ଗ୍ରହଣ ଏକତ୍ରୀକରଣ ଏବଂ ବିଭକ୍ତିକରଣ ନିବାରଣ ଅଧିନିୟମ, 1956 (1956ର ବିହାର ଅଧିନିୟମ 22) ।

260. ବିହାର ଜମି ଗ୍ରହଣ ଏକତ୍ରୀକରଣ ଏବଂ ବିଭକ୍ତିକରଣ ନିବାରଣ (ସଂଶୋଧନ) ଅଧିନିୟମ, 1970 (1970ର ବିହାର ଅଧିନିୟମ 7) ।

261. ବିହାର ବିଶେଷ ସୁବିଧାପ୍ରାପ୍ତ ବ୍ୟକ୍ତି ଘରବାରି ପ୍ରଜାସ୍ୱତ୍ୱ (ସଂଶୋଧନ) ଅଧିନିୟମ, 1970 (1970ର ବିହାର ଅଧିନିୟମ 9) ।

262. ବିହାର ଜମି ଗ୍ରହଣ ଏକତ୍ରୀକରଣ ଏବଂ ବିଭକ୍ତିକରଣ ନିବାରଣ (ସଂଶୋଧନ) ଅଧିନିୟମ, 1973 (1975ର ବିହାର ଅଧିନିୟମ 27) ।

263. ବିହାର ଜମି ଗ୍ରହଣ ଏକତ୍ରୀକରଣ ଏବଂ ବିଭକ୍ତିକରଣ ନିବାରଣ (ସଂଶୋଧନ) ଅଧିନିୟମ, 1981 (1982ର ବିହାର ଅଧିନିୟମ 35) ।

264. ବିହାର ଭୂମି ସଂସ୍କାର (ସୀମା ନିର୍ଦ୍ଧାରଣ ଏବଂ ଅତିରିକ୍ତ ଜମି ଅଧିଗ୍ରହଣ) (ସଂଶୋଧନ) ଅଧିନିୟମ, 1987 (1987ର ବିହାର ଅଧିନିୟମ 21) ।

265. ବିହାର ବିଶେଷ ସୁବିଧାପ୍ରାପ୍ତ ବ୍ୟକ୍ତି ଘରବାରି ପ୍ରଜାସ୍ୱତ୍ୱ (ସଂଶୋଧନ) ଅଧିନିୟମ, 1989 (1989ର ବିହାର ଅଧିନିୟମ 11) ।

266. ବିହାର ଭୂମି ସଂସ୍କାର (ସଂଶୋଧନ) ଅଧିନିୟମ, 1989 (1990ର ବିହାର ଅଧିନିୟମ 11) ।

267. କର୍ଣ୍ଣାଟକ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି (ନିର୍ଦ୍ଦିଷ୍ଟ ଜମି ହସ୍ତାନ୍ତର ନିଷେଧ) (ସଂଶୋଧନ) ଅଧିନିୟମ, 1984 (1984ର କର୍ଣ୍ଣାଟକ ଅଧିନିୟମ 3) ।

268. କେରଳ ଭୂମି ସଂସ୍କାର (ସଂଶୋଧନ) ଅଧିନିୟମ, 1989 (1989ର କେରଳ ଅଧିନିୟମ 16)

269. କେରଳ ଭୂମି ସଂସ୍କାର (ଦ୍ୱିତୀୟ ସଂଶୋଧନ) ଅଧିନିୟମ, 1889 (1990ର କେରଳ ଅଧିନିୟମ 2) ।

270. ଓଡ଼ିଶା ଭୂମି ସଂସ୍କାର (ସଂଶୋଧନ) ଅଧିନିୟମ, 1989 (1990ର ଓଡ଼ିଶା ଅଧିନିୟମ 9) ।

271. ରାଜସ୍ଥାନ ପ୍ରଜାସ୍ୱତ୍ୱ (ସଂଶୋଧନ) ଅଧିନିୟମ, 1979 (1979ର ରାଜସ୍ଥାନ ଅଧିନିୟମ 16) ।

272. ରାଜସ୍ଥାନ ଉପନିବେଶ (ସଂଶୋଧନ) ଅଧିନିୟମ, 1987 (1987ର ରାଜସ୍ଥାନ ଅଧିନିୟମ 2)।

273. ରାଜସ୍ଥାନ ଉପନିବେଶ (ସଂଶୋଧନ) ଅଧିନିୟମ, 1989 (1989ର ରାଜସ୍ଥାନ ଅଧିନିୟମ 12) ।

---

[1] ସମ୍ବିଧାନ (78ତମ ସଂଶୋଧନ) ଅଧିନିୟମ, 1995, ଧାରା 2 ଦ୍ୱାରା ପ୍ରବିଷ୍ଟି 258 ରୁ 284 ସନ୍ନିବେଶିତ (30-8-1995 ଠାରୁ କାର୍ଯ୍ୟକାରୀ)।

274. ତାମିଲନାଡୁ ଭୂମି ସଂସ୍କାର (ଜମି ସୀମା ନିର୍ଦ୍ଧାରଣ) ସଂଶୋଧନ ଅଧିନିୟମ, 1983 (1984ର ତାମିଲନାଡୁ ଅଧିନିୟମ 3) ।

275. ତାମିଲନାଡୁ ଭୂମି ସଂସ୍କାର (ଜମି ସୀମା ନିର୍ଦ୍ଧାରଣ) ସଂଶୋଧନ ଅଧିନିୟମ, 1986 (1986ର ତାମିଲନାଡୁ ଅଧିନିୟମ 57) ।

276. ତାମିଲନାଡୁ ଭୂମି ସଂସ୍କାର (ଜମି ସୀମା ନିର୍ଦ୍ଧାରଣ) ଦ୍ୱିତୀୟ ସଂଶୋଧନ ଅଧିନିୟମ, 1987 (1988ର ତାମିଲନାଡୁ ଅଧିନିୟମ 4) ।

277. ତାମିଲନାଡୁ ଭୂମି ସଂସ୍କାର (ଜମି ସୀମା ନିର୍ଦ୍ଧାରଣ) (ସଂଶୋଧନ) ଅଧିନିୟମ, 1989 (1989ର ତାମିଲନାଡୁ ଅଧିନିୟମ 30) ।

278. ପଶ୍ଚିମବଙ୍ଗ ଭୂମି ସଂସ୍କାର (ସଂଶୋଧନ) ଅଧିନିୟମ, 1981 (1981ର ପଶ୍ଚିମବଙ୍ଗ ଅଧିନିୟମ 50) ।

279. ପଶ୍ଚିମବଙ୍ଗ ଭୂମି ସଂସ୍କାର (ସଂଶୋଧନ) ଅଧିନିୟମ, 1986 (1986ର ପଶ୍ଚିମବଙ୍ଗ ଅଧିନିୟମ 5) ।

280. ପଶ୍ଚିମବଙ୍ଗ ଭୂମି ସଂସ୍କାର (ଦ୍ୱିତୀୟ ସଂଶୋଧନ) ଅଧିନିୟମ, 1986 (1986ର ପଶ୍ଚିମବଙ୍ଗ ଅଧିନିୟମ 19) ।

281. ପଶ୍ଚିମବଙ୍ଗ ଭୂମି ସଂସ୍କାର (ତୃତୀୟ ସଂଶୋଧନ) ଅଧିନିୟମ, 1986 (1986ର ପଶ୍ଚିମବଙ୍ଗ ଅଧିନିୟମ 35) ।

282. ପଶ୍ଚିମବଙ୍ଗ ଭୂମି ସଂସ୍କାର (ସଂଶୋଧନ) ଅଧିନିୟମ, 1989 (1989ର ପଶ୍ଚିମବଙ୍ଗ ଅଧିନିୟମ 23) ।

283. ପଶ୍ଚିମବଙ୍ଗ ଭୂମି ସଂସ୍କାର (ସଂଶୋଧନ) ଅଧିନିୟମ, 1990 (1990ର ପଶ୍ଚିମବଙ୍ଗ ଅଧିନିୟମ 24) ।

284. ପଶ୍ଚିମବଙ୍ଗ ଭୂମି ସଂସ୍କାର ନ୍ୟାୟାଧିକରଣ ଅଧିନିୟମ, 1991 (1991ର ପଶ୍ଚିମବଙ୍ଗ ଅଧିନିୟମ 12)] ।

*ସ୍ପଷ୍ଟୀକରଣ—* ରାଜସ୍ଥାନ ପ୍ରଜାସ୍ୱତ୍ୱ ଅଧିନିୟମ, 1955 (ରାଜସ୍ଥାନ ଅଧିନିୟମ 3, 1955) ଅଧୀନରେ କରାଯାଇଥିବା ଯେକୌଣସି ଅଧିଗ୍ରହଣ, ଯଦି ଏହା ସମ୍ବିଧାନର ଅନୁଚ୍ଛେଦ 31A ର ଖଣ୍ଡ (1)ର ଦ୍ୱିତୀୟ ପ୍ରତିବନ୍ଧକୁ ଉଲ୍ଲଂଘନ କରେ, ତେବେ ସେହି ଉଲ୍ଲଙ୍ଘନର ବୁଝାମଣା ଅନୁସାରେ ବାତିଲ ହେବା] ।

## [1][ଦଶମ ଅନୁସୂଚୀ

[ଅନୁଚ୍ଛେଦ 102(2) ଏବଂ 191(2)]

## ଦଳ ପରିବର୍ତ୍ତନ ଯୋଗୁଁ ଅଯୋଗ୍ୟତା ବିଷୟରେ ବ୍ୟବସ୍ଥା

**1. ବ୍ୟାଖ୍ୟା**—ଏହି ଅନୁସୂଚୀରେ ଅନ୍ୟଥା ପ୍ରସଙ୍ଗ ଆବଶ୍ୟକ ନଥିଲେ,—

(*a*) "ସଦନ" ଅର୍ଥ ସଂସଦର କିମ୍ବା ବିଧାନମଣ୍ଡଳର ଯେକୌଣସି ସଦନ କିମ୍ବା ଯଥାସ୍ଥିତି, ରାଜ୍ୟ ବିଧାନମଣ୍ଡଳର ଯେକୌଣସି ସଦନ;

(*b*) "ବିଧାନମଣ୍ଡଳୀୟ ଦଳ" ଅର୍ଥ ପରିଚ୍ଛେଦ 2 ବା [2]*** ପରିଚ୍ଛେଦ 4ରେ ଥିବା ବ୍ୟବସ୍ଥା ଅନୁଯାୟୀ ଯେକୌଣସି ରାଜନୈତିକ ଦଳରେ ସମ୍ପୃକ୍ତ ଏକ ସଦନର ସଦସ୍ୟଙ୍କ ସହିତ ସମ୍ପର୍କିତ, ଅର୍ଥାତ ଉକ୍ତ ବ୍ୟବସ୍ଥା ଅନୁଯାୟୀ ସେହି ରାଜନୈତିକ ଦଳରେ ସମୟାନୁକ୍ରମେ ଅନୁବନ୍ଧିତ ସେହି ସଦନର ସମସ୍ତ ସଦସ୍ୟଙ୍କୁ ନେଇ ଗଠିତ ଗୋଷ୍ଠୀ;

(*c*) "ମୂଳ ରାଜନୈତିକ ଦଳ" ଅର୍ଥ ଏକ ସଦନର ସଦସ୍ୟଙ୍କ ସହ ସମ୍ପର୍କିତ, ଅର୍ଥାତ ପରିଚ୍ଛେଦର 2 ର ଉପ-ପରିଚ୍ଛେଦ (1) ଉଦ୍ଦେଶ୍ୟ ପାଇଁ ସେ ଯେଉଁ ରାଜନୈତିକ ଦଳ ସହ ଅନୁବନ୍ଧିତ ଅଛନ୍ତି ସେହି ଦଳ;

(*d*) "ପରିଚ୍ଛେଦ"ର ଅର୍ଥ ଏହି ଅନୁସୂଚୀରେ ଥିବା ଗୋଟିଏ ପରିଚ୍ଛେଦ ।

**2. ଦଳ ପରିବର୍ତ୍ତନ ଆଧାରରେ ଅଯୋଗ୍ୟତା**—(1) [3][ପରିଚ୍ଛେଦ 4 ଓ 5]ରେ ଥିବା ବ୍ୟବସ୍ଥା ଅଧୀନରେ, ଯେକୌଣସି ରାଜନୈତିକ ଦଳ ସହିତ ସମ୍ବନ୍ଧିତ ସଦନର ଜଣେ ସଦସ୍ୟ, ନିମ୍ନଲିଖିତ କାରଣ ଯୋଗୁଁ ସଦନର ସଦସ୍ୟ ପଦ ପାଇଁ ଅଯୋଗ୍ୟ ହେବେ—

(*a*) ଯଦି ସେ ସ୍ୱେଚ୍ଛାକୃତଭାବେ ସେହି ରାଜନୈତିକ ଦଳର ସଦସ୍ୟତା ତ୍ୟାଗ କରିଥାନ୍ତି; କିମ୍ବା

(*b*) ଯଦି ସେ ନିଜ ରାଜନୈତିକ ଦଳର ଦେଇଥିବା ନିର୍ଦ୍ଦେଶକୁ ଅବମାନନା କରି ମତଦାନରୁ ନିବୃତ୍ତ ରୁହନ୍ତି ବା ନିର୍ଦ୍ଦେଶ ବିରୁଦ୍ଧରେ ମତଦାନ କରନ୍ତି ଏବଂ ଏହି ମତଦାନ ଦେବା ପାଇଁ ବା ମତଦାନରୁ ବିରତ ରହିବା ପାଇଁ ସେ ତାଙ୍କ ରାଜନୈତିକ ଦଳର ଅଧିକାରୀଙ୍କ ଠାରୁ ଅନୁମତି ନେଇନଥାନ୍ତି ଏବଂ ଏହିପରି ମତଦାନ ବା ମତଦାନରୁ ବିରତ ରହିବାର 15ଦିନ ମଧ୍ୟରେ ରାଜନୈତିକ ଦଳ, ବ୍ୟକ୍ତି ବା କର୍ତ୍ତୃପକ୍ଷଦ୍ୱାରା କ୍ଷମା କରାଯାଇନଥାଏ ।

*ସ୍ପଷ୍ଟୀକରଣ*—ଏହି ଉପ-ପରିଚ୍ଛେଦ ଉଦ୍ଦେଶ୍ୟରେ,—

(*a*) ସଦନର ଜଣେ ନିର୍ବାଚିତ ସଦସ୍ୟ ଯେକୌଣସି ରାଜନୈତିକ ଦଳର ହୋଇଥିବେ ଏବଂ ଯେଉଁ ରାଜନୈତିକ ଦଳ ପକ୍ଷରୁ ଲଢ଼ିଥିବେ;

(*b*) ସଦନର ମନୋନୀତ ସଦସ୍ୟର ଅର୍ଥ,—

---

[1] ସମ୍ବିଧାନ (52ତମ ସଂଶୋଧନ) ଅଧିନିୟମ, 1985, ଧାରା 6 ଦ୍ୱାରା ଦଶମ ଅନୁସୂଚୀକୁ ସଂଯୁକ୍ତ କରାଯାଇଛି (1-3-1985 ଠାରୁ କାର୍ଯ୍ୟକାରୀ)।

[2] ସମ୍ବିଧାନ (91ତମ ସଂଶୋଧନ) ଅଧିନିୟମ, 2003, ଧାରା 5 ଦ୍ୱାରା କେତେକ ଶବ୍ଦ ବାଦ୍ ଦିଆଯାଇଛି (1-1-2004 ଠାରୁ କାର୍ଯ୍ୟକାରୀ)।

[3] ସମ୍ବିଧାନ (91ତମ ସଂଶୋଧନ) ଅଧିନିୟମ, 2003, ଧାରା 5 ଦ୍ୱାରା, "ପରିଚ୍ଛେଦ 3, 4 ଏବଂ 5" ପାଇଁ ପ୍ରତିସ୍ଥାପିତ (1-1-2004 ଠାରୁ କାର୍ଯ୍ୟକାରୀ)।

(*i*) ସେ ଯେଉଁ ରାଜନୈତିକ ଦଳର ସଦସ୍ୟ ହିସାବରେ ପ୍ରାର୍ଥୀପତ୍ର ଦାଖଲ କରିଥିବେ ସେ ସେହି ରାଜନୈତିକ ଦଳ ସଙ୍ଗେ ଅନୁବନ୍ଧିତ;

(*ii*) ଅନ୍ୟ ଯେକୌଣସି କ୍ଷେତ୍ରରେ, ସେ ଅନୁଚ୍ଛେଦ 99 କିମ୍ବା, ଆବଶ୍ୟକ ସ୍ଥଳେ, ଅନୁଚ୍ଛେଦ 188 ରେ ଥିବା ସମସ୍ତ ଆବଶ୍ୟକତା ପୂରଣ କରି ଯଦି ସେ ଆସନ ଗ୍ରହଣ କରିବା ତାରିଖରୁ 6 ମାସ ମଧ୍ୟରେ ସେ ଯେଉଁ ରାଜନୈତିକ ଦଳର ସଦସ୍ୟ ହୁଅନ୍ତି, ସେହି ଦଳର ଅନୁବନ୍ଧିତ ବୋଲି ଧରି ନିଆଯିବ ।

(2) କୌଣସି ରାଜନୈତିକ ଦଳ ତରଫରୁ ମନୋନୀତ ନହୋଇ ଯଦି ଜଣେ ବ୍ୟକ୍ତି ନିର୍ବାଚିତ ହୋଇ ସଦନର ସଦସ୍ୟ ହୋଇଥାନ୍ତି, ଏବଂ ନିର୍ବାଚନ ପରେ କୌଣସି ରାଜନୈତିକ ଦଳରେ ଯୋଗ ଦିଅନ୍ତି, ତେବେ ସେ ସଦନର ସଦସ୍ୟ ହେବା ପାଇଁ ଅଯୋଗ୍ୟ ହେବେ ।

(3) ଅନୁଚ୍ଛେଦ 99 ବା ସ୍ଥଳ ବିଶେଷରେ, ଅନୁଚ୍ଛେଦ 188ରେ ଥିବା ଆବଶ୍ୟକତାକୁ ପୂରଣ କରି ସଦନରେ ମନୋନୀତ ସଦସ୍ୟଭାବେ ଆସନ ଗ୍ରହଣ କରିବାର 6 ମାସ ପରେ କୌଣସି ରାଜନୈତିକ ଦଳରେ ଯୋଗଦାନ କରନ୍ତି, ତେବେ ସେ ଅଯୋଗ୍ୟ ଘୋଷିତ ହେବେ ।

(4) ଏହି ପରିଚ୍ଛେଦରେ ଉପରୋକ୍ତ ବ୍ୟବସ୍ଥା ସତ୍ତ୍ୱେ, ସମ୍ବିଧାନର (52ତମ ସଂଶୋଧନ) ଅଧିନିୟମ, 1985ର ପ୍ରଣୟନ ପରେ ଯଦି କୌଣସି ବ୍ୟକ୍ତି ସଦନର ସଦସ୍ୟଭାବେ (ନିର୍ବାଚିତ ବା ମନୋନୀତ) ହୋଇଥାନ୍ତି,—

(*i*) ଯଦି ସେ ଉପରୋକ୍ତ ଅଧିନିୟମ ହେବା ପୂର୍ବରୁ କୌଣସି ରାଜନୈତିକ ଦଳର ସଦସ୍ୟ ଥିଲେ, ତେବେ ସେ ଏହି ପରିଚ୍ଛେଦର ଉପ-ପରିଚ୍ଛେଦ (1) ଅନୁଯାୟୀ, ସେହି ରାଜନୈତିକ ଦଳର ପ୍ରାର୍ଥୀଭାବେ ମନୋନୀତ ହୋଇ ସଦନର ସଦସ୍ୟଭାବେ ନିର୍ବାଚିତ ହୋଇଛନ୍ତି ବୋଲି ଧରାଯିବ;

(*ii*) ଅନ୍ୟ କ୍ଷେତ୍ରରେ, ଏହି ପରିଚ୍ଛେଦର ଉପ ପରିଚ୍ଛେଦ (2) ଅନୁସାରେ, କୌଣସି ରାଜନୈତିକ ଦଳଦ୍ୱାରା ପ୍ରାର୍ଥୀଭାବେ ମନୋନୀତ ନହୋଇ ନିର୍ବାଚିତ ହୋଇଥିଲେ ତାଙ୍କୁ ସଦନର ସଦସ୍ୟଭାବେ ଧରି ନିଆଯିବ ବା ଏହି ପରିଚ୍ଛେଦର ଉପ-ପରିଚ୍ଛେଦ (3) ଅନୁଯାୟୀ, ତାଙ୍କୁ ଆବଶ୍ୟକ ସ୍ଥଳେ ସଦନରେ ମନୋନୀତ ସଦସ୍ୟଭାବେ ଅଭିହିତ କରାଯିବ ।

[1]* * * * *

**4. ଦଳ ମିଶ୍ରଣ କ୍ଷେତ୍ରରେ ଦଳ ତ୍ୟାଗ ଆଧାରରେ ଅଯୋଗ୍ୟତା ଲାଗୁ ହେବ ନାହିଁ**— (1) ପରିଚ୍ଛେଦ 2ର ଉପ-ପରିଚ୍ଛେଦ (1)ରେ ଜଣେ ସଦନର ସଦସ୍ୟଙ୍କୁ ଅଯୋଗ୍ୟ ବୋଲି ଘୋଷଣା କରାଯାଇପାରିବ ନାହିଁ, ଯଦି ତାଙ୍କ ମୂଳ ରାଜନୈତିକ ଦଳ ଅନ୍ୟ ଏକ ରାଜନୈତିକ ଦଳରେ ମିଶିଯାଆନ୍ତି ବା ଏକାଠି ହୋଇଥାଆନ୍ତି—

(*a*) ସେ ଅନ୍ୟ ରାଜନୈତିକ ଦଳର ସଦସ୍ୟଭାବେ ଜଣାଯିବେ ବା ଆବଶ୍ୟକସ୍ଥଳେ ଏକୀକରଣ ପରେ ନୂତନ ରାଜନୈତିକ ଦଳର ସଦସ୍ୟ ହେବେ; କିମ୍ବା

(*b*) ସେ ଉକ୍ତ ମିଶ୍ରଣକୁ ଗ୍ରହଣ ନକରି ଏବଂ ପୃଥକ ଦଳଭାବେ କାର୍ଯ୍ୟ କରିବାକୁ ବାଛିଛନ୍ତି,

---

[1] ସମ୍ବିଧାନ (91ତମ ସଂଶୋଧନ) ଅଧିନିୟମ, 2003, ଧାରା 5 ଦ୍ୱାରା ପରିଚ୍ଛେଦ 3କୁ ବାଦ୍ ଦିଆଯାଇଛି (1-1-2004 ଠାରୁ କାର୍ଯ୍ୟକାରୀ)।

ଏବଂ ପରିଚ୍ଛେଦ 2 ର ଉପ-ପରିଚ୍ଛେଦ (1) ଅନୁଯାୟୀ ମିଶ୍ରଣ ହେବା ସମୟରୁ, ଅନ୍ୟ କୌଣସି ରାଜନୈତିକ ଦଳ ବା ନୂତନ ରାଜନୈତିକ ଦଳ ବା ଗୋଷ୍ଠୀ, ଯାହା ଥିଲେ ମଧ୍ୟ ସେ ତାଙ୍କ ମୂଳ ରାଜନୈତିକ ଦଳର ସଦସ୍ୟ ବୋଲି ଧରି ନିଆଯିବ ।

(2) ଏହି ପରିଚ୍ଛେଦର ଉପ-ପରିଚ୍ଛେଦ (1) ଉଦ୍ଦେଶ୍ୟରେ, ଅତି କମ୍‌ରେ ଦୁଇ-ତୃତୀୟାଂଶ ମୂଳ ରାଜନୈତିକ ଦଳର ସଦସ୍ୟ, ଯଦି ସମ୍ମତି ଦିଅନ୍ତି ତେବେ ଦଳର ମିଶ୍ରଣ ହୋଇପାରିବ ।

**5. ଛାଡ଼**— ଏହି ଅନୁସୂଚୀରେ ଯାହା କିଛି ବ୍ୟବସ୍ଥା ଥିବା ସତ୍ତ୍ୱେ, କୌଣସି ବ୍ୟକ୍ତି ଲୋକସଭାରେ ବାଚସ୍ପତି ବା ଉପ-ବାଚସ୍ପତି ବା ରାଜ୍ୟସଭାର ଉପାଧ୍ୟକ୍ଷ ବା ରାଜ୍ୟ ବିଧାନ ପରିଷଦର ଅଧ୍ୟକ୍ଷ ବା ଉପାଧ୍ୟକ୍ଷ ବା ରାଜ୍ୟ ବିଧାନସଭାର ବାଚସ୍ପତି ବା ଉପ-ବାଚସ୍ପତିମାନେ ଅଯୋଗ୍ୟ ଘୋଷିତ ହୋଇପାରିବେ ନାହିଁ—

(*a*) ଯଦି ସେ, ନିର୍ବାଚନ ହେବା ଯୋଗୁଁ, ସେ ଅନୁବନ୍ଧିତ ହୋଇଥିବା ରାଜନୈତିକ ଦଳର ନିର୍ବାଚନ ପୂର୍ବରୁ ଦଳର ସଦସ୍ୟତା ସ୍ୱେଚ୍ଛାକୃତଭାବେ ପରିତ୍ୟାଗ କରନ୍ତି ଏବଂ ଏହାପରେ ସେହି ପଦରେ ରହିବା ପର୍ଯ୍ୟନ୍ତ ଉକ୍ତ ରାଜନୈତିକ ଦଳରେ ଯୋଗଦାନ କରନ୍ତି ବା ଅନ୍ୟ ରାଜନୈତିକ ଦଳର ସଦସ୍ୟ ହୁଅନ୍ତି; କିମ୍ବା

(*b*) ଯଦି ସେ, ନିର୍ବାଚିତ ହେବା କାରଣରୁ ସେ ଅନୁବନ୍ଧିତ ଥିବା ରାଜନୈତିକ ଦଳର ସଦସ୍ୟତା ତ୍ୟାଗ କରିଥାନ୍ତି, ଏବଂ ପଦରୁ ଅବ୍ୟାହତି ନେଲା ପରେ ସେହି ରାଜନୈତିକ ଦଳରେ ପୁନର୍ବାର ଯୋଗଦାନ କରନ୍ତି ।

**6. ଦଳ ତ୍ୟାଗ ଆଧାରରେ ଅଯୋଗ୍ୟତା ସମ୍ବନ୍ଧରେ ନିଷ୍ପତ୍ତି**— (1) ଏହି ଅନୁସୂଚୀ ଅଧୀନରେ ଯଦି ସଦନର କୌଣସି ସଦସ୍ୟ ଅଯୋଗ୍ୟ ଘୋଷଣା ସମ୍ପର୍କରେ କୌଣସି ପ୍ରଶ୍ନ ଉଠେ, ତେବେ ନିଷ୍ପତ୍ତି ପାଇଁ ତାହା ଅଧ୍ୟକ୍ଷଙ୍କୁ ବା ସ୍ଥଳବିଶେଷରେ, ସଦନର ବାଚସ୍ପତିଙ୍କୁ ପଠାଯିବ ଏବଂ ସେମାନେ ନେଇଥିବା ନିଷ୍ପତ୍ତି ଚୂଡ଼ାନ୍ତଭାବେ ବିବେଚିତ ହେବ:

କିନ୍ତୁ, ଯଦି ଅଧ୍ୟକ୍ଷ ବା ବାଚସ୍ପତିଙ୍କୁ ଅଯୋଗ୍ୟ ସମ୍ବନ୍ଧରେ ପ୍ରଶ୍ନ ଉଠେ, ତେବେ ତାହା ସଦନର ସଦସ୍ୟମାନଙ୍କଦ୍ୱାରା ନିର୍ବାଚିତ ସଦସ୍ୟଙ୍କ ବିଚାରକୁ ପଠାଯିବ ଏବଂ ତାଙ୍କ ନିଷ୍ପତ୍ତି ହିଁ ଚୂଡ଼ାନ୍ତ ହେବ।

(2) ଏହି ଅନୁସୂଚୀର ଏହି ପରିଚ୍ଛେଦର ଉପ-ପରିଚ୍ଛେଦ (1)ରେ କରାଯାଇଥିବା ସଦନର ସଦସ୍ୟଙ୍କ ଅଯୋଗ୍ୟତା ସମ୍ବନ୍ଧୀୟ କୌଣସି ପ୍ରଶ୍ନ ସମ୍ବନ୍ଧରେ ସମ୍ବିଧାନର ଅନୁଚ୍ଛେଦ 122 ଅନୁଯାୟୀ ସଂସଦର କାର୍ଯ୍ୟବିଧି ବା, ସମ୍ବିଧାନର ଅନୁଚ୍ଛେଦ 212 ଅନୁଯାୟୀ ରାଜ୍ୟ ବିଧାନମଣ୍ଡଳର କାର୍ଯ୍ୟବିଧି ବୋଲି ଗ୍ରହଣ କରାଯିବ ।

*7. **ନ୍ୟାୟାଳୟର ଅଧିକାରରୁ ବାରଣ**— ସମ୍ବିଧାନରେ ଥିବା ସମସ୍ତ ବ୍ୟବସ୍ଥା ସତ୍ତ୍ୱେ, ଏହି ଅନୁସୂଚୀରେ ଥିବା ସଦନର ସଦସ୍ୟଙ୍କ ଅଯୋଗ୍ୟ ସମ୍ବନ୍ଧୀୟ ଯେକୌଣସି ବିଷୟବସ୍ତୁ ସମ୍ବନ୍ଧରେ ବିଚାର କରିବାର ଯୋଗ୍ୟତା କୌଣସି ନ୍ୟାୟାଳୟର ନାହିଁ।

**8. ନିୟମ**— (1) ଏହି ପରିଚ୍ଛେଦର ଉପ-ପରିଚ୍ଛେଦ (2)ରେ ଥିବା ବ୍ୟବସ୍ଥା ଅନୁଯାୟୀ, ସଦନର ଅଧ୍ୟକ୍ଷ କିମ୍ବା ବାଚସ୍ପତି ଏହି ଅନୁସୂଚୀରେ ଥିବା ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ଉପରୋକ୍ତ ନିୟମାବଳୀ ସହିତ ନିମ୍ନଲିଖିତ ନିୟମାବଳୀ ପ୍ରସ୍ତୁତ କରିପାରିବେ—

(*a*) ସଦନର ବିଭିନ୍ନ ରାଜନୈତିକ ଦଳର ସଦସ୍ୟମାନଙ୍କର ଏକ ରେଜିଷ୍ଟର ବା ଅନ୍ୟ ରେକର୍ଡର ରକ୍ଷଣାବେକ୍ଷଣ;

(*b*) ପରିଚ୍ଛେଦ 2ର ଉପ-ପରିଚ୍ଛେଦ (1)ର ଖଣ୍ଡ (*b*) ଅନୁଯାୟୀ ବିଧାନମଣ୍ଡଳୀୟ ଦଳର ନେତାଙ୍କ ନିକଟରେ ସଦସ୍ୟଙ୍କ ଲିଖିତ କ୍ଷମା ସମ୍ବନ୍ଧୀୟ ବିବରଣୀ କେଉଁ କର୍ତ୍ତୃପକ୍ଷଙ୍କୁ ଦିଆଯିବ ଓ କେତେ ସମୟ ଭିତରେ ଦିଆଯିବ;

(*c*) ରାଜନୈତିକ ଦଳ ନିଜ ଦଳର ସଦସ୍ୟ ଦଳରେ ଭର୍ତ୍ତି କରିବା ସମ୍ବନ୍ଧୀୟ ବିବରଣୀ ଏବଂ ସେହି ବିବରଣୀ ସଦନର କେଉଁ ଅଧିକାରୀଙ୍କୁ ପ୍ରଦାନ କରାଯିବ; ଏବଂ

(*d*) ପରିଚ୍ଛେଦ 6ର ଉପ-ପରିଚ୍ଛେଦ (1) ରେ ଉଲ୍ଲେଖିତ ଯେକୌଣସି ବିଷୟ ସମ୍ବନ୍ଧରେ ପ୍ରଶ୍ନ ଏବଂ ଉକ୍ତ ପ୍ରଶ୍ନର ନିଷ୍ପତ୍ତି ପାଇଁ ଅନୁସନ୍ଧାନର ପ୍ରକ୍ରିୟା ।

(2) ଏହି ପରିଚ୍ଛେଦର ଉପ-ପରିଚ୍ଛେଦ (1) ଅନୁଯାୟୀ ସଦନର ଅଧ୍ୟକ୍ଷ କିମ୍ବା ବାଚସ୍ପତି ପ୍ରସ୍ତୁତ କରିଥିବା ନିୟମାବଳୀ ତୁରନ୍ତ ସଦନ ସମ୍ମୁଖରେ ତିରିଶ ଦିନ ପର୍ଯ୍ୟନ୍ତ ରହିବ ତଥା ଏହା ଏକ ବା ଦୁଇ ବା ଅଧିକ ଆନୁକ୍ରମିକ ଅଧିବେଶନରେ ରଖାଯିବ ଏବଂ ଏହି ତିରିଶ ଦିନ ଅବଧି ଶେଷ ହେବା ପରେ ଯଦି ସଦନଦ୍ୱାରା ଏଥିରେ କିଛି ସଂଶୋଧନ ବା ରୂପାନ୍ତର କରାଯାଏ ତେବେ ତାହା ସଂଶୋଧିତ ରୂପରେ କାର୍ଯକାରୀ ହେବ ମାତ୍ର ତାହା ଯଦି ଅସ୍ୱୀକୃତ ହୁଏ ତେବେ ତାହା କାର୍ଯ୍ୟକାରୀ ହେବ ନାହିଁ ।

(3) ସମ୍ବିଧାନର ଅନୁଚ୍ଛେଦ 105 ବା 194ର ବ୍ୟବସ୍ଥାରେ ଥିବା ଏବଂ ଏଥିରେ ଥିବା ଅନ୍ୟ କ୍ଷମତାକୁ କୌଣସିଭାବେ ପ୍ରଭାବିତ ନକରି ସଦନର ଅଧ୍ୟକ୍ଷ ବା ବାଚସ୍ପତି ଯେକୌଣସି ବ୍ୟକ୍ତିଙ୍କଦ୍ୱାରା ଏହି ପରିଚ୍ଛେଦରେ ଥିବା କୌଣସି ଇଚ୍ଛାକୃତଭାବେ ଆଇନର ଉଲ୍ଲଙ୍ଘନ କରିଥିଲେ ତାହା ସଦନର ବିଶେଷ ଅଧିକାର ଉଲ୍ଲଙ୍ଘନ ବୋଲି ବିଚାର କରାଯିବ ।]

---

* ପରିଚ୍ଛେଦ 7, ଅନୁଚ୍ଛେଦ 368(2) ର ପ୍ରତିବନ୍ଧ ଅନୁଯାୟୀ ଅନୁମୋଦନ ଅଭାବ ହେତୁ ଅବୈଧ ଘୋଷିତ ହୋଇଛି, ଯେପରି କିହୋଟୋ ହୋଲୋହନ ବନାମ ଜାଚିଲ୍‌ହୁ ଏବଂ ଅନ୍ୟମାନେ, AIR 1993 SC 412 ରେ ବହୁମତ ଦ୍ୱାରା।

# [1][ଏକାଦଶ ଅନୁସୂଚୀ

## (ଅନୁଚ୍ଛେଦ 243G)

1. କୃଷି, କୃଷି ସମ୍ବନ୍ଧୀୟ ବିସ୍ତାର ସମେତ ।
2. ଜମି ଉନ୍ନତି, ଭୂମି ସଂସ୍କାର କାର୍ଯ୍ୟକାରୀକରଣ, ଜମି ଏକତ୍ରୀକରଣ ଏବଂ ମୃତ୍ତିକା ସଂରକ୍ଷଣ ।
3. କ୍ଷୁଦ୍ର ଜଳସେଚନ, ଜଳ ପରିଚାଳନା ଏବଂ ଜଳ ବିଭାଜନ ବିକାଶ ।
4. ପଶୁପାଳନ, ଦୁଗ୍ଧ ଉତ୍ପାଦନ ଏବଂ କୁକୁଡ଼ା ପାଳନ ।
5. ମତ୍ସ୍ୟ ପାଳନ ।
6. ସାମାଜିକ ଓ କୃଷି ବନବିଜ୍ଞାନ ।
7. କ୍ଷୁଦ୍ର ବନଜାତ ଦ୍ରବ୍ୟ ।
8. କ୍ଷୁଦ୍ର ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ସମେତ ।
9. ଖଦି, ଗ୍ରାମୀଣ ଏବଂ କୁଟୀର ଶିଳ୍ପ ।
10. ଗ୍ରାମୀଣ ଆବାସ ।
11. ପାନୀୟ ଜଳ ।
12. ଇନ୍ଧନ ଏବଂ ପଶୁଖାଦ୍ୟ ।
13. ରାସ୍ତା, ନଳାପୋଲ, ସେତୁ, ଫେରୀ, ଜଳପଥ ଏବଂ ଅନ୍ୟ ଯୋଗାଯୋଗ ମାଧ୍ୟମ ।
14. ଗ୍ରାମୀଣ ବିଦ୍ୟୁତୀକରଣ, ବିଦ୍ୟୁତ ବଣ୍ଟନ ସମେତ ।
15. ଅଣ-ପାରମ୍ପରିକ ଶକ୍ତି ଉତ୍ସ ।
16. ଦାରିଦ୍ର୍ୟ ନିରାକରଣ କାର୍ଯ୍ୟକ୍ରମ ।
17. ଶିକ୍ଷା, ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟ ସମେତ।
18. ବୈଷୟିକ ପ୍ରଶିକ୍ଷଣ ଏବଂ ଧନ୍ଦାମୂଳକ ଶିକ୍ଷା ।
19. ପ୍ରାପ୍ତବୟସ୍କ ଏବଂ ଅଣ-ଔପଚାରିକ ଶିକ୍ଷା ।
20. ପାଠାଗାର ।
21. ସାଂସ୍କୃତିକ କାର୍ଯ୍ୟକ୍ରମ ।
22. ବଜାର ଏବଂ ମେଳା ।
23. ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା, ଡାକ୍ତରଖାନା, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଔଷଧାଳୟ ସମେତ
24. ପରିବାର କଲ୍ୟାଣ ।
25. ମହିଳା ଏବଂ ଶିଶୁ ବିକାଶ ।
26. ସାମାଜିକ କଲ୍ୟାଣ, ଶାରୀରିକ ଅକ୍ଷମ ଏବଂ ମାନସିକ ଅକ୍ଷମତା ଥିବା ବ୍ୟକ୍ତିଙ୍କ କଲ୍ୟାଣ ସମେତ ।
27. ଦୁର୍ବଳ ବର୍ଗର କଲ୍ୟାଣ, ବିଶେଷତଃ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିର କଲ୍ୟାଣ ।
28. ସାର୍ବଜନିକ ବଣ୍ଟନ ପ୍ରଣାଳୀ ।
29. ଗୋଷ୍ଠୀ ସମ୍ପତ୍ତିର ରକ୍ଷଣାବେକ୍ଷଣ ।

---

[1] ସମ୍ବିଧାନ (73ତମ ସଂଶୋଧନ) ଅଧିନିୟମ, 1992, ଧାରା 4ଦ୍ୱାରା ଏକାଦଶ ଅନୁସୂଚୀ ସଂଯୁକ୍ତ କରାଯାଇଛି (24-4-1993 ଠାରୁ କାର୍ଯ୍ୟକାରୀ)।

## [1][ଦ୍ୱାଦଶ ଅନୁସୂଚୀ

(ଅନୁଚ୍ଛେଦ 243W)

1. ନଗର ଯୋଜନା, ସହର ଯୋଜନା ସମେତ ।
2. ଜମି ବ୍ୟବହାର ନିୟନ୍ତ୍ରଣ ଏବଂ ଭବନ ନିର୍ମାଣ ।
3. ଆର୍ଥିକ ଏବଂ ସାମାଜିକ ବିକାଶ ପାଇଁ ଯୋଜନା ।
4. ରାସ୍ତା ଏବଂ ସେତୁ ।
5. ଘରୋଇ, ଶିଳ୍ପାୟନ ଏବଂ ବାଣିଜ୍ୟିକ ଉଦ୍ଦେଶ୍ୟରେ ଜଳ ଯୋଗାଣ ।
6. ସାର୍ବଜନିକ ସ୍ୱାସ୍ଥ୍ୟ, ସ୍ୱଚ୍ଛତା ସଂରକ୍ଷଣ ଏବଂ କଠିନ ବର୍ଜ୍ୟବସ୍ତୁ ପରିଚାଳନା ।
7. ଅଗ୍ନିସେବା ।
8. ନଗର ବନବିଜ୍ଞାନ, ପରିବେଶ ସୁରକ୍ଷା ଏବଂ ପରିବେଶ ସମ୍ବନ୍ଧୀୟ ପ୍ରୋତ୍ସାହନ ।
9. ସମାଜର ଦୁର୍ବଳ ବର୍ଗର ବ୍ୟକ୍ତିଙ୍କ ସ୍ୱାର୍ଥ ସୁରକ୍ଷା, ଶାରୀରିକ ଅକ୍ଷମ ଏବଂ ମାନସିକ ଅକ୍ଷମତା ଥିବା ବ୍ୟକ୍ତି ସମେତ ।
10. ଝୁମ୍ପୁଡ଼ି ବସ୍ତିର ଉନ୍ନତି ଏବଂ ଉନ୍ନତିକରଣ ।
11. ନଗର ଦାରିଦ୍ର୍ୟ ଦୂରୀକରଣ ।
12. ନଗର ସୁବିଧା ଏବଂ ସୁବିଧାକରଣ, ଯେପରି ଉଦ୍ୟାନ, ବଗିଚା, ଖେଳପଡ଼ିଆ ।
13. ସାଂସ୍କୃତିକ, ଶୈକ୍ଷିକ ଏବଂ ସୌନ୍ଦର୍ଯ୍ୟାତ୍ମକ ଦିଗର ପ୍ରୋତ୍ସାହନ ।
14. ସମାଧି ଏବଂ ସମାଧିସ୍ଥଳ; ଦାହ ଏବଂ ଦାହସ୍ଥଳ; ଏବଂ ବୈଦ୍ୟୁତିକ ଦାହ ଗୃହ ।
15. ଗୋପାଳନ ସ୍ଥାନ; ପଶୁମାନଙ୍କ ପ୍ରତି ନିଷ୍ଠୁରତା ନିବାରଣ ।
16. ଅତ୍ୟାବଶ୍ୟକ ଜନସଂଖ୍ୟା ତଥ୍ୟ, ଜନ୍ମ ଏବଂ ମୃତ୍ୟୁ ପଞ୍ଜୀକରଣ ସମେତ ।
17. ସାର୍ବଜନିକ ଆରାମ ଦାୟକ ସୁବିଧା, ରାସ୍ତା ଆଲୋକୀକରଣ, ଯାନବାହାନର ରହଣି ସ୍ଥାନ, ବସ୍ ରହିବା ସ୍ଥାନ ଏବଂ ସାର୍ବଜନିକ ସୁବିଧା ସମେତ ।
18. କଂସେଇଖାନା ଏବଂ ଚମଡ଼ା ଶିଳ୍ପ ନିୟନ୍ତ୍ରଣ ।]

---

[1] ସମ୍ବିଧାନ (74ତମ ସଂଶୋଧନ) ଅଧିନିୟମ, 1992, ଧାରା 4ଦ୍ୱାରା ଦ୍ୱାଦଶ ଅନୁସୂଚୀ ସଂଯୁକ୍ତ କରାଯାଇଛି (1-6-1993ଠାରୁ କାର୍ଯ୍ୟକାରୀ)।

# ପରିଶିଷ୍ଟ I

## ସମ୍ବିଧାନ (100ତମ ସଂଶୋଧନ) ଅଧିନିୟମ, 2015

[*28 ମଇ, 2015*]

ଭାରତ ଏବଂ ବାଂଲାଦେଶ ସରକାରଙ୍କ ମଧ୍ୟରେ ହୋଇଥିବା ଚୁକ୍ତି ଏବଂ ତା'ର ସରକାରୀ ନିୟମାବଳୀ ଅନୁଯାୟୀ ଭାରତଦ୍ୱାରା ବାଂଲାଦେଶର କିଛି ଅଞ୍ଚଳ ଅଧିଗ୍ରହଣ ଏବଂ ବାଂଲାଦେଶକୁ କିଛି ଅଞ୍ଚଳ ହସ୍ତାନ୍ତର କରିବା ପାଇଁ ପୁଣି ଗୋଟିଏ ଅଧିନିୟମଦ୍ୱାରା ଭାରତର ସମ୍ବିଧାନରେ ଆବଶ୍ୟକୀୟ ସଂଶୋଧନ ।

ଭାରତ ଗଣତନ୍ତ୍ରର ଛଅଷଠି ବର୍ଷରେ ସଂସଦରେ ନିମ୍ନଲିଖିତ ଅଧିନିୟମର ପ୍ରଣୟନ—

**1. ସଂକ୍ଷିପ୍ତ ଶିରୋନାମା**— ଏହି ଅଧିନିୟମଟି ସମ୍ବିଧାନ (100ତମ ସଂଶୋଧନ) ଅଧିନିୟମ, 2015 ଭାବେ ପରିଗଣିତ ହେବ ।

**2. ପରିଭାଷା**— ଏହି ଅଧିନିୟମରେ,—

(*a*) "ଅଧିଗ୍ରହିତ ଅଞ୍ଚଳ" ଅର୍ଥ ଭାରତ-ବାଂଲାଦେଶ ଚୁକ୍ତି ଏବଂ ତାହାର ନିୟମାବଳୀରେ ଉଲ୍ଲେଖିତ ଏବଂ ପ୍ରଥମ ଅନୁସୂଚୀରେ ଉଲ୍ଲେଖ କରାଯାଇଥିବା ଅଞ୍ଚଳଗୁଡ଼ିକ, ଭାରତଦ୍ୱାରା ବାଂଲାଦେଶଠାରୁ ଅଧିଗ୍ରହଣ କରିବା ଉଦ୍ଦେଶ୍ୟରେ ଚୁକ୍ତି ଏବଂ ତାହାର ଖଣ୍ଡ(c)ରେ ଉଲ୍ଲେଖ କରାଯାଇଥିବା ନିୟମାବଳୀ ଅନୁଯାୟୀ ସୀମାଙ୍କନ କରାଯାଇଛି;

(*b*) *"ନିର୍ଦ୍ଧାରିତ ଦିନ" ଅର୍ଥ କେନ୍ଦ୍ର ସରକାର ସରକାରୀ ରାଜପତ୍ରରେ ବିଜ୍ଞପ୍ତିଦ୍ୱାରା ନିର୍ଦ୍ଧାରିତ ଯେଉଁ ତାରିଖରେ ଭାରତ-ବାଂଲାଦେଶ ଚୁକ୍ତି ଏବଂ ତାହାର ନିୟମାବଳୀ ଅନୁଯାୟୀ ବାଂଲାଦେଶଠାରୁ ଅଞ୍ଚଳ ଅଧିଗ୍ରହଣ ଏବଂ ବାଂଲାଦେଶକୁ ଅଞ୍ଚଳ ହସ୍ତାନ୍ତର କରାଯିବ, ପ୍ରଥମ ଅନୁସୂଚୀ ଏବଂ ଦ୍ୱିତୀୟ ଅନୁସୂଚୀରେ ଉଲ୍ଲେଖିତ ଏବଂ ଏହି ଉଦ୍ଦେଶ୍ୟ ପାଇଁ ସୀମାଙ୍କନ କରାଯାଇଥିବା ଅଞ୍ଚଳଗୁଡ଼ିକୁ ଅଧିଗ୍ରହଣ ଏବଂ ହସ୍ତାନ୍ତର କରାଯିବ;

(*c*) "ଭାରତ-ବାଂଲାଦେଶ ଚୁକ୍ତି"ର ଅର୍ଥ ଭାରତ ଗଣତନ୍ତ୍ର ସରକାର ଏବଂ ବାଂଲାଦେଶ ଗଣତନ୍ତ୍ର ସରକାର ମଧ୍ୟରେ 1974 ମସିହା ମେ 16 ତାରିଖରେ ସ୍ୱାକ୍ଷରିତ ଭାରତ ଓ ବାଂଲାଦେଶ ମଧ୍ୟରେ ଭୂମି ସୀମାଙ୍କନ ଏବଂ ସମ୍ବନ୍ଧିତ ବିଷୟଗୁଡ଼ିକ ଉପରେ ଚୁକ୍ତି, 1974 ମସିହା ଡିସେମ୍ବର 26, 1974 ମସିହା ଡିସେମ୍ବର 30, 1982 ମସିହା ଅକ୍ଟୋବର 7, 1992 ମସିହା ମାର୍ଚ୍ଚ 26 ତାରିଖରେ ପତ୍ର ବିନିମୟ ଏବଂ ଉକ୍ତ ଚୁକ୍ତିର 2011 ମସିହା ସେପ୍ଟେମ୍ବର 6 ତାରିଖରେ ସ୍ୱାକ୍ଷରିତ ଚୁକ୍ତିପତ୍ର ଓ ନିୟମାବଳୀ, ଯାହା ଭାରତ ଓ ବାଂଲାଦେଶ ସରକାରଙ୍କ ମଧ୍ୟରେ ସମ୍ପାଦିତ ହୋଇଛି ଏବଂ ଏହାର ପ୍ରାସଙ୍ଗିକ ଅଂଶଗୁଡ଼ିକ ତୃତୀୟ ଅନୁସୂଚୀରେ ଉଲ୍ଲେଖ କରାଯାଇଛି;

---

* 31 ଜୁଲାଇ, 2015, ବିଜ୍ଞପ୍ତି ସଂଖ୍ୟା S.O. 2094(E), ତାରିଖ 31 ଜୁଲାଇ, 2015 ମାଧ୍ୟମରେ ।

(*d*) "ହସ୍ତାନ୍ତରିତ ଅଞ୍ଚଳ" ଅର୍ଥ ଭାରତ-ବାଂଲାଦେଶ ଚୁକ୍ତି ଏବଂ ତାହାର ନିୟମାବଳୀରେ ଅନ୍ତର୍ଭୁକ୍ତ ଏବଂ ଦ୍ୱିତୀୟ ଅନୁସୂଚୀରେ ଏବଂ ଖଣ୍ଡ (*c*) ରେ ଉଲ୍ଲେଖିତ ଚୁକ୍ତି ଏବଂ ତାହାର ନିୟମାବଳୀ ଅନୁଯାୟୀ ଭାରତଦ୍ୱାରା ବାଂଲାଦେଶକୁ ହସ୍ତାନ୍ତର କରିବା ଉଦ୍ଦେଶ୍ୟରେ ସୀମାଙ୍କନ କରାଯାଇଥିବା ଅଞ୍ଚଳ ।

**3. ସମ୍ବିଧାନର ପ୍ରଥମ ଅନୁସୂଚୀରେ ସଂଶୋଧନ—** ନିର୍ଦ୍ଧାରିତ ହୋଇଥିବା ଦିନଠାରୁ, ସମ୍ବିଧାନର ପ୍ରଥମ ଅନୁସୂଚୀରେ,—

(*a*) ଆସାମ ରାଜ୍ୟର ରାଜ୍ୟକ୍ଷେତ୍ର ସମ୍ବନ୍ଧିତ ପରିଚ୍ଛେଦରେ, "ଏବଂ ସେଇ ରାଜ୍ୟ କ୍ଷେତ୍ର, ଯାହା ସମ୍ବିଧାନ (ନବମ ସଂଶୋଧନ) ଅଧିନିୟମ 1960ର ଧାରା (3)ର ଖଣ୍ଡ (a)ରେ ଥିବା କୌଣସି ବ୍ୟବସ୍ଥା ସତ୍ତ୍ୱେ, ଯେତେଦୂର ତାର ସମ୍ବନ୍ଧ ସମ୍ବିଧାନ (100 ତମ ସଂଶୋଧନ) ଅଧିନିୟମ 2015ର ଦ୍ୱିତୀୟ ଅନୁସୂଚୀର ପ୍ରଥମ ଭାଗରେ ନିର୍ଦ୍ଦିଷ୍ଟ ରାଜ୍ୟକ୍ଷେତ୍ର ସହ ଅଟେ, ସମ୍ବିଧାନ ଅଧିନିୟମ (100 ତମ ସଂଶୋଧନ) 2015ର ଦ୍ୱିତୀୟ ଅନୁସୂଚୀ ପ୍ରଥମ ଭାଗରେ ନିର୍ଦ୍ଦିଷ୍ଟ କରାଯାଇଛି" ଶବ୍ଦ, ବନ୍ଧନୀ, ସଂଖ୍ୟା ଶେଷରେ ସଂଯୋଗ କରାଯିବ;

(*b*) ଏହି ପରିଚ୍ଛେଦରେ, "ପଶ୍ଚିମବଙ୍ଗ ରାଜ୍ୟର ଅଞ୍ଚଳ ସମ୍ପର୍କିତ, ସମ୍ବିଧାନ (100ତମ ସଂଶୋଧନ) ଅଧିନିୟମ, 2015ର ପ୍ରଥମ ଅନୁସୂଚୀର ଭାଗ IIIରେ ଉଲ୍ଲେଖିତ ଅଞ୍ଚଳଗୁଡ଼ିକ କିନ୍ତୁ ସମ୍ବିଧାନ (100ତମ ସଂଶୋଧନ) ଅଧିନିୟମ, 2015ର ଦ୍ୱିତୀୟ ଅନୁସୂଚୀର ଭାଗ IIIରେ ଉଲ୍ଲେଖିତ ଅଞ୍ଚଳଗୁଡ଼ିକୁ ବାଦ୍ ଦେଇ, ସମ୍ବିଧାନ (ନବମ ସଂଶୋଧନ) ଅଧିନିୟମ, 1960ର ଧାରା 3ର ଖଣ୍ଡ (*c*)ରେ ଯାହା କିଛି ବିଷୟ ଥିବା ସତ୍ତ୍ୱେ, ଯେପର୍ଯ୍ୟନ୍ତ ଏହା ସମ୍ବିଧାନ (100ତମ ସଂଶୋଧନ) ଅଧିନିୟମ, 2015ର ପ୍ରଥମ ଅନୁସୂଚୀର ଭାଗ III ଏବଂ ଦ୍ୱିତୀୟ ଅନୁସୂଚୀର ତୃତୀୟ ଭାଗରେ ଉଲ୍ଲେଖିତ ଅଞ୍ଚଳଗୁଡ଼ିକ ସହିତ ସମ୍ପର୍କିତ" ଶବ୍ଦ, ବନ୍ଧନୀ ଏବଂ ସଂଖ୍ୟାଗୁଡ଼ିକ ଶେଷରେ ସଂଯୁକ୍ତ କରାଯିବ;

(*c*) ଏହି ପରିଚ୍ଛେଦରେ, ମେଘାଳୟ ରାଜ୍ୟର ଅଞ୍ଚଳ ସମ୍ବନ୍ଧରେ ଶବ୍ଦ, ବନ୍ଧନୀ ଏବଂ ସଂଖ୍ୟାଗୁଡ଼ିକ "ସମ୍ବିଧାନ (100ତମ ସଂଶୋଧନ) ଅଧିନିୟମ, 2015ର ପ୍ରଥମ ଅନୁସୂଚୀର ଭାଗ Iରେ ଉଲ୍ଲେଖିତ ଅଞ୍ଚଳଗୁଡ଼ିକ କିନ୍ତୁ ସମ୍ବିଧାନ (100ତମ ସଂଶୋଧନ) ଅଧିନିୟମ, 2015ର ଦ୍ୱିତୀୟ ଅନୁସୂଚୀର ଭାଗ IIରେ ଉଲ୍ଲେଖିତ ଅଞ୍ଚଳଗୁଡ଼ିକୁ ବାଦ୍ ଦେଇ", ଶେଷରେ ସଂଯୁକ୍ତ କରାଯିବ;

(*d*) ଏହି ପରିଚ୍ଛେଦରେ, ତ୍ରିପୁରା ରାଜ୍ୟର ଅଞ୍ଚଳ ସମ୍ବନ୍ଧରେ ଶବ୍ଦ, ବନ୍ଧନୀ ଏବଂ ସଂଖ୍ୟାଗୁଡ଼ିକ "ସମ୍ବିଧାନର (100ତମ ସଂଶୋଧନ) ଅଧିନିୟମ, 2015ର ପ୍ରଥମ ଅନୁସୂଚୀର ଭାଗ Iରେ ଉଲ୍ଲେଖିତ ଅଞ୍ଚଳଗୁଡ଼ିକ, ସମ୍ବିଧାନ (ନବମ ସଂଶୋଧନ) ଅଧିନିୟମ, 1960ର ଧାରା 3ର ଖଣ୍ଡ (*d*)ରେ ଯାହା କିଛି ନିୟମ ଥିବା ସତ୍ତ୍ୱେ, ଯେପର୍ଯ୍ୟନ୍ତ ଏହା ସମ୍ବିଧାନ (100ତମ ସଂଶୋଧନ) ଅଧିନିୟମ, 2015ର ପ୍ରଥମ ଅନୁସୂଚୀର ଭାଗ IIରେ ଉଲ୍ଲେଖିତ ଅଞ୍ଚଳଗୁଡ଼ିକ ସହିତ ସମ୍ପର୍କିତ" ଶେଷରେ ସଂଯୁକ୍ତ କରାଯିବ ।

## ପ୍ରଥମ ଅନୁସୂଚୀ

[ଧାରା 2(*a*), 2(*b*) ଏବଂ 3 *ଦେଖନ୍ତୁ*]

### ଭାଗ I

16 ମଇ 1974 ତାରିଖର ଚୁକ୍ତିନାମାର ଅନୁଚ୍ଛେଦ 2 ଏବଂ 6 ସେପ୍ଟେମ୍ବର 2011 ତାରିଖର ସ୍ୱାକ୍ଷରିତ ନିୟମାବଳୀର ଅନୁଚ୍ଛେଦ 3 (I)(b)(ii)(iii)(iv)(v) ସହ ସମ୍ପର୍କିତ ଅଧିଗ୍ରହଣ କରାଯାଇଥିବା ଅଞ୍ଚଳ ।

### ଭାଗ II

16 ମଇ 1974 ତାରିଖରେ ଚୁକ୍ତିନାମାର ଅନୁଚ୍ଛେଦ 2 ଏବଂ 6 ସେପ୍ଟେମ୍ବର 2011 ତାରିଖର ନିୟମାବଳୀର ଅନୁଚ୍ଛେଦ 3(I),(c)(*i*) ସହ ସମ୍ପର୍କିତ ଅଧିଗ୍ରହଣ କରାଯାଇଥିବା ଅଞ୍ଚଳ ।

### ଭାଗ III

16 ମଇ 1974 ତାରିଖରେ ଚୁକ୍ତିନାମର ଅନୁଚ୍ଛେଦ 1(12) ଏବଂ 2 ଏବଂ 6 ସେପ୍ଟେମ୍ବର 2011 ତାରିଖରେ ନିୟମାବଳୀର ଅନୁଚ୍ଛେଦ 2(II), 3(I)(a)(iii)(iv)(v)(vi) ସହ ସମ୍ପର୍କିତ ଅଧିଗ୍ରହଣ କରାଯାଇଥିବା ଅଞ୍ଚଳ ।

## ଦ୍ୱିତୀୟ ଅନୁସୂଚୀ

[ଧାରା 2(*b*), 2(*d*) ଏବଂ 3 *ଦେଖନ୍ତୁ*]

### ଭାଗ I

16 ମଇ 1974 ତାରିଖର ଚୁକ୍ତିନାମାର ଅନୁଚ୍ଛେଦ 2 ଏବଂ 6 ସେପ୍ଟେମ୍ବର 2011 ତାରିଖର ନିୟମାବଳୀର ଅନୁଚ୍ଛେଦ 3(I)(d)(i)(ii) ସହ ସମ୍ପର୍କିତ ହସ୍ତାନ୍ତରିତ ଅଞ୍ଚଳ ।

### ଭାଗ II

16 ମଇ 1974 ତାରିଖର ଚୁକ୍ତିନାମାର ଅନୁଚ୍ଛେଦ 2 ଏବଂ 6 ସେପ୍ଟେମ୍ବର 2011 ତାରିଖରେ ସ୍ୱାକ୍ଷରିତ ନିୟମାବଳୀର ଅନୁଚ୍ଛେଦ 3(I)(b)(i) ସହ ସମ୍ପର୍କିତ ହସ୍ତାନ୍ତରିତ ଅଞ୍ଚଳ ।

### ଭାଗ III

16 ମଇ 1974 ତାରିଖର ଚୁକ୍ତିନାମାର ଅନୁଚ୍ଛେଦ 1(12) ଏବଂ 2 ଏବଂ 6 ସେପ୍ଟେମ୍ବର 2011 ତାରିଖରେ ସ୍ୱାକ୍ଷରିତ ନିୟମାବଳୀର ଅନୁଚ୍ଛେଦ 2(II), 3(I)(a)(i)(ii)(vi) ସହ ସମ୍ପର୍କିତ ହସ୍ତାନ୍ତରିତ ଅଞ୍ଚଳ ।

## ତୃତୀୟ ଅନୁସୂଚୀ

[ଧାରା 2(*c*) *ଦେଖନ୍ତୁ*]

**I. ଭାରତର ସାଧାରଣତନ୍ତ୍ର ସରକାର ଏବଂ ବାଂଲାଦେଶ ଗଣ ସାଧାରଣତନ୍ତ୍ର ସରକାରଙ୍କ ମଧ୍ୟରେ ହୋଇଥିବା ଭାରତ ଓ ବାଂଲାଦେଶ ଭୂମି ସୀମା ନିର୍ଦ୍ଧାରଣ ଚୁକ୍ତିନାମା ଏବଂ 16 ମଇ 1974ରେ ହୋଇଥିବା ସେହି ସମ୍ବନ୍ଧୀୟ ବିଷୟର ରାଜିନାମାର ଉଦ୍ଧୃତାଂଶ**

**ଅନୁଚ୍ଛେଦ 1(12): ଅନ୍ତର୍ଭୁକ୍ତ ଭୂଖଣ୍ଡ**

ବାଂଲାଦେଶରେ ଥିବା ଭାରତର ଭୂଖଣ୍ଡ ଏବଂ ଭାରତରେ ଥିବା ବାଂଲାଦେଶର ଭୂଖଣ୍ଡ ମଧ୍ୟରେ କେବଳ ପରିଚ୍ଛେ14 ରେ ଉଲ୍ଲେଖିତ ଅଞ୍ଚଳ ବ୍ୟତୀତ, ଶୀଘ୍ର ବିନିମୟ କରାଯିବା ଉଚିତ, ତେବେ ପରିଚ୍ଛେଦ 14ରେ ଉଲ୍ଲେଖିତ ପରିବେଷ୍ଟିତ ଅଞ୍ଚଳଗୁଡ଼ିକ ବ୍ୟତୀତ, ବାଂଲାଦେଶକୁ ଦିଆଯାଇଥିବା ଅତିରିକ୍ତ ଅଞ୍ଚଳ ପାଇଁ କ୍ଷତିପୂରଣ ଦାବି ନକରି ତୁରନ୍ତ ବିନିମୟ କରାଯିବ ।

**ଅନୁଚ୍ଛେଦ 2:**

ଭାରତ ଏବଂ ବାଂଲାଦେଶ ସରକାର ମଧ୍ୟରେ ସହମତି କ୍ରମେ ଯେଉଁ ଅଞ୍ଚଳ ମଧ୍ୟରେ ସୀମା ନିର୍ଦ୍ଧାରଣ କରାଯାଇଛି ଏବଂ ଯେଉଁ ଅଞ୍ଚଳ ପାଇଁ ସୀମା ରେଖା ମାନଚିତ୍ର ପ୍ରସ୍ତୁତ ହୋଇସାରିଛି ଏବଂ ମାନଚିତ୍ରରେ ପ୍ରତିକୂଳଭାବରେ ଯେଉଁ ଅଞ୍ଚଳଗୁଡ଼ିକ ମାନଚିତ୍ରରେ ସୀମାଙ୍କନ କରାଯାଇଛି ସେହି ମୀମାଙ୍କନ ମାନଚିତ୍ରରେ ସ୍ୱାକ୍ଷର ହେବାର 6 ମାସ ମଧ୍ୟରେ ହସ୍ତାନ୍ତର କରି ପୂର୍ଣ୍ଣ ଅଧିକାର ଦିଆଯିବ। ଉପରୋକ୍ତ ମାନଚିତ୍ର ଯଥାଶୀଘ୍ର 31 ଡିସେମ୍ବର 1974 ପୂର୍ବରୁ ସ୍ୱାକ୍ଷର କରାଯିବ। ଅନ୍ୟ ଅଞ୍ଚଳଗୁଡ଼ିକ ଯେଉଁଥିରେ ସୀମା ନିର୍ଦ୍ଧାରଣ ହୋଇସାରିଛି, ସେ ଅଞ୍ଚଳମାନ ମୁଦ୍ରଣ ପାଇଁ ଶୀଘ୍ର ପଦକ୍ଷେପ ନିଆଯିବ। ଏହି ମାନଚିତ୍ରଗୁଡ଼ିକୁ 31 ମଇ 1975 ସୁଦ୍ଧା ମୁଦ୍ରଣ କରାଯିବ ଏବଂ ସମ୍ପୂର୍ଣ୍ଣ ଅଧିକାର ପାଇଥିବା ବ୍ୟକ୍ତିଙ୍କଦ୍ୱାରା ସ୍ୱାକ୍ଷର କରାଯିବ, ଯାହାଦ୍ୱାରା ଏହି ଅଞ୍ଚଳଗୁଡ଼ିକରେ ଅବୈଧ ଅଞ୍ଚଳରେ ଥିବା ଅଞ୍ଚଳଗୁଡ଼ିକ 31 ଡିସେମ୍ବର 1975 ସୁଦ୍ଧା ବିନିମୟ କରାଯିବ। ଯେଉଁ ଅଞ୍ଚଳରେ ସୀମା ନିର୍ଦ୍ଧାରଣ ହୋଇନଥିଲେ, ସମ୍ପୃକ୍ତ ଅଞ୍ଚଳଗୁଡ଼ିକରେ ଅଞ୍ଚଳ ବିନିମୟ କାର୍ଯ୍ୟ ପୂର୍ଣ୍ଣ ଅଧିକାର ପାଇଥିବା ବ୍ୟକ୍ତିଙ୍କ ସ୍ୱାକ୍ଷର କରିବା ଦିନଠାରୁ 6 ମାସ ମଧ୍ୟରେ ସୀମାର ମାନଚିତ୍ର ସ୍ଥାନ ପାଇବ।

**II. ଭାରତର ସାଧାରଣତନ୍ତ୍ର ସରକାର ଏବଂ ବାଂଲାଦେଶ ଗଣ ସାଧାରଣତନ୍ତ୍ର ସରକାରଙ୍କ ମଧ୍ୟରେ ହୋଇଥିବା ଭାରତ ଓ ବାଂଲାଦେଶ ଭୂମି ସୀମା ନିର୍ଦ୍ଧାରଣ ଚୁକ୍ତିନାମା ଏବଂ 6 ସେପ୍ଟେମ୍ବର 2011ରେ ହୋଇଥିବା ସେହି ସମ୍ବନ୍ଧୀୟ ବିଷୟର ରାଜିନାମାର ଉଦ୍ଧୃତାଂଶ**

**ଅନୁଚ୍ଛେଦ 2:**

(II) 1974 ମସିହାର ଚୁକ୍ତିର ଅନୁଚ୍ଛେଦ 1 ଖଣ୍ଡ 12 ନିମ୍ନଲିଖିତ ମତେ କାର୍ଯ୍ୟକାରୀ କରାଯିବ:—

*ଅନ୍ତର୍ଭୁକ୍ତ ଭୂଖଣ୍ଡ*

ଏପ୍ରିଲ୍, 1997 ମସିହାରେ ପଶ୍ଚିମବଙ୍ଗର ଭୂମି ଅଭିଲେଖ ସର୍ବେକ୍ଷଣ ଏବଂ ବାଂଲାଦେଶର ଭୂମି ଅଭିଲେଖ ସର୍ବେକ୍ଷକଙ୍କ ମଧ୍ୟରେ ମିଳିତଭାବେ DGLR&S ବାଂଲାଦେଶ ଏବଂ DLR&S, ପଶ୍ଚିମବଙ୍ଗ (ଭାରତ) ସ୍ତରରେ ସ୍ୱାକ୍ଷରିତ ହୋଇ ଯାଞ୍ଚ ହୋଇଥିବା ଭୂଭାଗ ପରିକ୍ଷେତ୍ରର ମାନଚିତ୍ର ଅନୁଯାୟୀ ବାଂଲାଦେଶରେ ଥିବା 111ଟି ଭାରତୀୟ ଭୂଖଣ୍ଡ ଏବଂ ଭାରତରେ ଥିବା 51ଟି ବାଂଲାଦେଶର ଭୂଖଣ୍ଡ ହସ୍ତାନ୍ତର ପାଇଁ କୌଣସି କ୍ଷତିପୂରଣ ଦାବି କରାଯିବ ନାହିଁ ।

**ଅନୁଚ୍ଛେଦ 3:**

(I) 1974ର ଚୁକ୍ତିନାମାର ଅନୁଚ୍ଛେଦ 2 ନିମ୍ନଲିଖିତ ଅନୁଯାୟୀ କାର୍ଯ୍ୟକାରୀ କରାଯିବ:—

ଉଭୟ ଭାରତ ସରକାର ଏବଂ ବାଂଲାଦେଶ ସରକାର ଉଭୟଙ୍କ ମଧ୍ୟରେ ରାଜିନାମା ହୋଇଛି ଯେ ମିଳିତ ସର୍ବେକ୍ଷଣ ମାଧ୍ୟମରେ ଡିସେମ୍ବର, 2010 ଏବଂ ଅଗଷ୍ଟ, 2011ରେ ଭୂ-ଅଭିଲେଖ ଏବଂ ସର୍ବେକ୍ଷଣ ବିଭାଗଦ୍ୱାରା ଭୂମି କ୍ଷେତ୍ର ଅଞ୍ଚଳର ସୂଚକ ମାନଚିତ୍ରରେ (APL map) ପୂର୍ଣ୍ଣଭାବେ ଚିତ୍ରିତ ତଥା ଚୂଡ଼ାନ୍ତ ହୋଇଥିବା ଅବୈଧ ଅଧିକୃତ ଭୂମି ଏକ ସ୍ଥିର ସୀମାରେଖା, ଯାହା ନିମ୍ନଲିଖିତ ମତେ ଖଣ୍ଡ (a) ଠାରୁ (d) ପର୍ଯ୍ୟନ୍ତ ବର୍ଣ୍ଣିତ ।

ପ୍ରାସଙ୍ଗିକ ମାନଚିତ୍ରରେ ଚିହ୍ନିତ ସ୍ଥାନଗୁଡ଼ିକ ମୁଦ୍ରିତ ଏବଂ ପୂର୍ଣ୍ଣ ଅଧିକାର ପ୍ରାପ୍ତ ବ୍ୟକ୍ତିଙ୍କଦ୍ୱାରା ସ୍ୱାକ୍ଷରିତ ହେବ ଏବଂ ଭୂଭାଗ ହସ୍ତାନ୍ତର କାର୍ଯ୍ୟ ଏକକାଳୀନଭାବେ ସମ୍ପନ୍ନ କରାଯିବ ସୂଚକ ମାନଚିତ୍ରରେ ନିମ୍ନମତେ ନିଖୁଣଭାବେ ଚିହ୍ନିତ କରାଯିବ:—

**(*a*) ପଶ୍ଚିମବଙ୍ଗ କ୍ଷେତ୍ର**

(*i*) *ବୋଉସମାରି - ମଧୁଗରୀ (କୁଷ୍ଟିଆ-ନାଦିଆ) ଅଞ୍ଚଳ*

1962 ମସିହାର ଚକବନ୍ଦୀ ମାନଚିତ୍ରରେ ଦର୍ଶାଯାଇଥିବା ମଥବଙ୍ଗା ନଦୀର ପୁରୁଣା ପ୍ରବାହର କେନ୍ଦ୍ରକୁ ଅନୁସରଣ କରି ସୀମା ବର୍ତ୍ତମାନର ସୀମା ସ୍ତମ୍ଭ ନମ୍ବର 154/5-S ରୁ 157/1-S ପର୍ଯ୍ୟନ୍ତ ନିର୍ଦ୍ଧାରଣ କରାଯିବ, ଯେପରି ମିଳିତ ଭାବରେ ସର୍ବେକ୍ଷଣ କରାଯାଇଥିଲା ଏବଂ ଜୁନ୍ 2011 ରେ ସମ୍ମତ ହୋଇଥିଲା।

(*ii*) *ଅନ୍ଧାରକୋଟା (କୁଷ୍ଟିଆ-ନଦିଆ) ଅଞ୍ଚଳ*

ଜୁନ 2011ରେ ମିଳିତ ଭାବରେ ସର୍ବେକ୍ଷଣ ଏବଂ ରାଜି ହୋଇଥିବା ମଥବଙ୍ଗା ନଦୀର ଧାର ଅନୁସରଣ କରି ସୀମା ବର୍ତ୍ତମାନର ସୀମା ସ୍ତମ୍ଭ ନମ୍ବର 152/5-S ରୁ ସୀମା ସ୍ତମ୍ଭ ନମ୍ବର 153/1-S ପର୍ଯ୍ୟନ୍ତ ନିର୍ଦ୍ଧାରଣ କରାଯିବ ।

(*iii*) *ପାକୁରିଆ (କୁଷ୍ଟିଆ-ନଦିଆ) ଅଞ୍ଚଳ*

2011 ଜୁନ୍ ମାସରେ ମିଳିତ ଭାବରେ ସର୍ବେକ୍ଷଣ ଏବଂ ରାଜି ହୋଇଥିବା ଅନୁସାରେ, ମଥବଙ୍ଗା ନଦୀର ଧାର ଅନୁସରଣ କରିବା ପାଇଁ ବିଦ୍ୟମାନ ସୀମା ସ୍ତମ୍ଭ ନମ୍ବର 151/1-S ରୁ ସୀମା ସ୍ତମ୍ଭ ନମ୍ବର 152/2-S ପର୍ଯ୍ୟନ୍ତ ସୀମା ନିର୍ଣ୍ଣୟ କରାଯିବ ।

(*iv*) *ଚାର ମହିଷକୁଣ୍ଡି (କୁଷ୍ଟିଆ-ନଦିଆ) ଅଞ୍ଚଳ*

2011 ଜୁନ୍ ମାସରେ ମିଳିତ ଭାବରେ ସର୍ବେକ୍ଷଣ ଏବଂ ରାଜି ହୋଇଥିବା ଅନୁସାରେ, ମଥବଙ୍ଗା ନଦୀର ଧାର ଅନୁସରଣ କରିବା ପାଇଁ ବିଦ୍ୟମାନ ସୀମା ସ୍ତମ୍ଭ ନମ୍ବର 153/1-Sରୁ ସୀମା ସ୍ତମ୍ଭ ନମ୍ବର 153/9-S ପର୍ଯ୍ୟନ୍ତ ସୀମା ନିର୍ଣ୍ଣୟ କରାଯିବ ।

(*v*) *ହରିପାଲ/ଖୁତାଦାହ/ବାଟୋଲି/ସାପାମେରୀ/ଏଲଏନପୁର (ପଟାରି) (ନାଓଗାଓଁ-ମାଲଦା) ଅଞ୍ଚଳ*

ଅବସ୍ଥିତ ସୀମା ସ୍ତମ୍ଭ ନମ୍ବର 242/ଏସ/13 ରୁ ସୀମା ସ୍ତମ୍ଭ ନମ୍ବର 243/7-S/5 ପର୍ଯ୍ୟନ୍ତ ସଂଯୋଗ ରେଖା ଭାବରେ ସୀମା ନିର୍ଣ୍ଣୟ କରାଯିବ ଏବଂ ଜୁନ୍, 2011 ରେ ମିଳିତ ଭାବରେ ସର୍ବେକ୍ଷଣ ଏବଂ ସମ୍ମତି ପ୍ରଦାନ କରାଯାଇଥିଲା।

(*vi*) *ବେରୁବାରୀ (ପଞ୍ଚଗଡ଼-ଜଳପାଇଗୁଡ଼ି ଅଞ୍ଚଳ)*

ବାଂଲାଦେଶଦ୍ୱାରା ପ୍ରତିକୂଳ ଭାବରେ ଧରାଯାଇଥିବା ବେରୁବାରୀ (ପଞ୍ଚଗଡ଼-ଜଳପାଇଗୁଡ଼ି) ଏବଂ ଭାରତଦ୍ୱାରା ଅବୈଧ ଭାବରେ ଧରାଯାଇଥିବା ବେରୁବାରୀ ଏବଂ ସିଂହପଡ଼ା-ଖୁଡ଼ିପଡ଼ା (ପଞ୍ଚଗଡ଼-ଜଳପାଇଗୁଡ଼ି) ଅଞ୍ଚଳର ସୀମା 1996-1998 ମଧ୍ୟରେ ମିଳିତ ଭାବରେ ସୀମା ନିର୍ଦ୍ଧାରଣ କରାଯାଇଥିବା ଅନୁସାରେ ଅଙ୍କିତ ହେବ ।

**(b) ମେଘାଳୟ କ୍ଷେତ୍ର**

(*i*) *ଲୋବାଚେରା-ନନଚେରା*

ଡିସେମ୍ବର, 2010 ରେ ମିଳିତ ଭାବରେ ସର୍ଭେ ଏବଂ ଚୁକ୍ତି ଅନୁଯାୟୀ ଚା' ବଗିଚାର ଧାରକୁ ଅନୁସରଣ କରିବା ପାଇଁ ପୂର୍ବରୁ ଥିବା ସୀମା ସ୍ତମ୍ଭ ନଂ 1315/4-S ଠାରୁ ସୀମା ସ୍ତମ୍ଭ ନଂ 1315/15-S ଲାଇଲଙ୍ଗ- ବାଲିଚେରା, ସୀମା ସ୍ତମ୍ଭ ନଂ 1316/1-S ଠାରୁ ସୀମା ସ୍ତମ୍ଭ ନଂ 1316/11-S ଲାଇଲଙ୍ଗ-ନନଚେରା, ସୀମା ସ୍ତମ୍ଭ ନଂ 1317/13-S ଲାଇଲଙ୍ଗ - ଲାହିଲିଙ୍ଗରେ ସୀମା ସ୍ତମ୍ଭ ନଂ 1317/13-S ଏବଂ ସୀମା ସ୍ତମ୍ଭ ନଂ 1318/1-S ଲାଇଲଙ୍ଗ - ଲୋଭାଚେରାରେ ସୀମା ସ୍ତମ୍ଭ ନଂ 1318/2-S ଡିସେମ୍ବର, 2010 ରେ ମିଳିତ ଭାବରେ ସର୍ଭେ ଏବଂ ରାଜି ହୋଇଥିବା ସୀମା ସ୍ତମ୍ଭ ନଂ 1318/2-S ପର୍ଯ୍ୟନ୍ତ ସୀମା ଅଙ୍କନ କରାଯିବ ।

(*ii*) *ପିରଡିଓ୍ୱା /ପଦୁଆ ଅଞ୍ଚଳ*

ମିଳିତ ସର୍ବେକ୍ଷଣ ଏବଂ ପାରସ୍ପରିକ ସହମତ ରେଖା ଅନୁଯାୟୀ ସୀମା ସ୍ତମ୍ଭ ନମ୍ବର 1271/1-T ପର୍ଯ୍ୟନ୍ତ ଅବସ୍ଥିତ ଥିବା ସୀମା ସ୍ତମ୍ଭ ନମ୍ବର 1270/1-S ରୁ ସୀମା ଅଙ୍କାଯିବ । ପକ୍ଷଗୁଡ଼ିକ ସହମତ ହୋଇଛନ୍ତି ଯେ ପିରଡିଓ୍ୱା ଗ୍ରାମରୁ ଆସିଥିବା ଭାରତୀୟ ନାଗରିକମାନଙ୍କୁ ପିଆଙ୍ଗ ନଦୀରୁ ରାଜି ହୋଇଥିବା ମାନଚିତ୍ରର 6 ନମ୍ବର ପଏଣ୍ଟ ନିକଟରୁ ପାଣି ଆଣିବାକୁ ଅନୁମତି ଦିଆଯିବ ।

(*iii*) *ଲିଙ୍ଗଖତ ଅଞ୍ଚଳ*

(*aa*) *ଲିଙ୍ଗଖତ-I/କୁଲୁମଚେରା ଏବଂ ଲିଙ୍ଗଖତ-II/କୁଲୁମଚେରା*

ସଂଯୁକ୍ତ ଭାବରେ ସର୍ବେକ୍ଷଣ ଏବଂ ପାରସ୍ପରିକ ରାଜି ହୋଇଥିବା ରେଖା ଅନୁସାରେ ସୀମା ବିଦ୍ୟମାନ ସୀମା ସ୍ତମ୍ଭ ନମ୍ବର 1264/4-S ରୁ ସୀମା ସ୍ତମ୍ଭ ନମ୍ବର 1265 ଏବଂ BP ନମ୍ବର 1265/6-S ରୁ 1265/9-S ପର୍ଯ୍ୟନ୍ତ ସୀମା ନିର୍ଦ୍ଧାରଣ କରାଯିବ।

(*ab*) *ଲିଙ୍ଗଖତ-III/ସୋନରହାଟ*

ଅବସ୍ଥିତ ଥିବା ସୀମା ସ୍ତମ୍ଭ ନମ୍ବର 1266/13-S ଠାରୁ ଦକ୍ଷିଣ ଦିଗରେ ନାଲା ସହିତ ନିର୍ଣ୍ଣୟ କରାଯିବ ଯେପର୍ଯ୍ୟନ୍ତ ଏହା ପୂର୍ବ-ପଶ୍ଚିମ ଦିଗରେ ଅନ୍ୟ ଏକ ନାଲା ସହିତ ନ ମିଶିଥାଏ, ତାପରେ ଏହା ପୂର୍ବ ଦିଗରେ ନାଲାର ଉତ୍ତର ଧାର ସହିତ ଯିବ ଯେପର୍ଯ୍ୟନ୍ତ ଏହା ଉଲ୍ଲେଖିତ ସ୍ତମ୍ଭ ନମ୍ବର 1267/4-R-B ଏବଂ 1267/3-R-I ର ଉତ୍ତର ଦିଗରେ ବିଦ୍ୟମାନ ଆନ୍ତର୍ଜାତୀୟ ସୀମା ସହିତ ନ ମିଶିଥାଏ ।

(*iv*) *ଡାଉକି/ତାମାବିଲ ଅଞ୍ଚଳ*

ଅବସ୍ଥିତ ଥିବା ସୀମା ସ୍ତମ୍ଭ ନମ୍ବର 1275/1-S କୁ ସୀମା ସ୍ତମ୍ଭ ନମ୍ବର 1275/7-S ସହିତ ଯୋଡ଼ି ଏକ ସରଳ ରେଖାଦ୍ୱାରା ନିର୍ଣ୍ଣୟ କରାଯିବ । ପକ୍ଷମାନେ ଏହି କ୍ଷେତ୍ରରେ 'ଶୂନ୍ୟ ରେଖା' ରେ ବାଡ଼ ଦେବାକୁ ରାଜି ହୋଇଛନ୍ତି।

(*v*) *ନାଲକୁରୀ/ଶ୍ରୀପୁର ଅଞ୍ଚଳ*

(*aa*) *ନାଲକୁରୀ I*

ସୀମା ଦକ୍ଷିଣ ଦିଗରେ ଥିବା ସୀମା ସ୍ତମ୍ଭ ନମ୍ବର 1277/2-S ଠାରୁ ସୂଚକ ମ୍ୟାପ୍ ନମ୍ବର 166 ରେ ଦର୍ଶାଯାଇଥିବା ତିନୋଟି ପ୍ଲଟ୍ ପର୍ଯ୍ୟନ୍ତ ଏକ ରେଖା ହେବ ଯେପର୍ଯ୍ୟନ୍ତ ଏହା ସୀମା ସ୍ତମ୍ଭ ନମ୍ବର 1277/5-T ରୁ ପ୍ରବାହିତ ନାଲା ସହିତ ମିଶିବ, ତାପରେ ଏହା ଦକ୍ଷିଣ ଦିଗରେ ନାଲାର ପଶ୍ଚିମ ଧାର ସହିତ ବାଂଲାଦେଶ ପାର୍ଶ୍ୱରେ 2ଟି ପ୍ଲଟ୍ ପର୍ଯ୍ୟନ୍ତ ଯିବ, ତାପରେ ଏହା ପୂର୍ବ ଦିଗରେ ଯିବ ଯେପର୍ଯ୍ୟନ୍ତ ଏହା ସୀମା ସ୍ତମ୍ଭ ନମ୍ବର 1277/4-S ରୁ ଦକ୍ଷିଣ ଦିଗରେ ଟଣାଯାଇଥିବା ରେଖା ସହିତ ମିଶିବ।

(*ab*) *ନାଲକୁରୀ III*

ସୀମା ପୂର୍ବ ସୀମା ସ୍ତମ୍ଭ ନମ୍ବର 1278/2-S ରୁ ସୀମା ସ୍ତମ୍ଭ ନମ୍ବର 1279/3-S ପର୍ଯ୍ୟନ୍ତ ଏକ ସରଳ ରେଖାଦ୍ୱାରା ଟଣାଯିବ।

(*vi*) ମୁକ୍ତାପୁର/ଡିବିର ହାୱର ଅଞ୍ଚଳ

ପକ୍ଷମାନେ ସହମତ ହୋଇଛନ୍ତି ଯେ ଭାରତୀୟ ନାଗରିକମାନଙ୍କୁ କାଳୀ ମନ୍ଦିର ପରିଦର୍ଶନ କରିବାକୁ ଅନୁମତି ଦିଆଯିବ ଏବଂ ମୁକ୍ତାପୁର ପାର୍ଶ୍ୱ କୂଳରୁ ମୁକ୍ତାପୁର/ଡିବିର ହାୱର ଅଞ୍ଚଳର ଜଳାଶୟରେ ପାଣି ଉଠାଇବା ଏବଂ ମାଛ ଧରିବା ଅଧିକାର ମଧ୍ୟ ବ୍ୟବହାର କରିବାକୁ ଅନୁମତି ଦିଆଯିବ।

**(c) ତ୍ରିପୁରା କ୍ଷେତ୍ର**

*ତ୍ରିପୁରା/ମୌଲବୀ ବଜାର କ୍ଷେତ୍ରରେ ଚନ୍ଦନନଗର-ଚମ୍ପରାଇ ଚା' ବଗିଚା ଅଞ୍ଚଳ*

ଜୁଲାଇ, 2011ରେ ମିଳିତ ଭାବରେ ସର୍ବେକ୍ଷଣ ଏବଂ ସହମତି ହୋଇଥିବା ଅନୁସାରେ, ବର୍ତ୍ତମାନର ସୀମା ସ୍ତମ୍ଭ ନମ୍ବର 1904 ରୁ ସୀମା ସ୍ତମ୍ଭ ନମ୍ବର 1905 ପର୍ଯ୍ୟନ୍ତ ସୋନାରାଇଛେରା ନଦୀ ସହିତ ସୀମା ନିର୍ଦ୍ଧାରଣ କରାଯିବ।

**(d)** **ଆସାମ କ୍ଷେତ୍ର**

(*i*) *ଆସାମ କ୍ଷେତ୍ରରେ କଳାବାରି (ବୋରୋଇବାରି) ଅଞ୍ଚଳ*

2011 ମସିହାର ଅଗଷ୍ଟ ମାସରେ ମିଳିତ ଭାବରେ ଯେଉଁ ସର୍ବେକ୍ଷଣ କରାଯାଇଥିବା ଏବଂ ସହମତ ହୋଇଥିବା ପରି ବର୍ତ୍ତମାନର ସୀମା ସ୍ତମ୍ଭ ନମ୍ବର 1066/24-T ଠାରୁ ସୀମା ସ୍ତମ୍ଭ ନମ୍ବର 1067/16-T ପର୍ଯ୍ୟନ୍ତ ସୀମା ନିର୍ଦ୍ଧାରଣ କରାଯିବ ।

(*ii*) *ଆସାମ କ୍ଷେତ୍ରରେ ପଲ୍ଲାଥଲ ଅଞ୍ଚଳ*

ଚା' ବଗିଚାର ବାହାର ଧାରକୁ ଅନୁସରଣ କରିବା ପାଇଁ ଏବଂ ପ୍ୟାନ୍ ପ୍ଲାଣ୍ଟେସନର ବାହାର ଧାର ସହିତ ସୀମା ସ୍ତମ୍ଭ ନମ୍ବର 1370/3-S ଠାରୁ 1371/6-S ପର୍ଯ୍ୟନ୍ତ ସୀମା ନିର୍ଣ୍ଣୟ କରାଯିବ ।

**III. 16 ମଇ, 1974 ତାରିଖର ଚୁକ୍ତିନାମାର ଅନୁଚ୍ଛେଦ 1 (12) ଏବଂ 6 ସେପ୍ଟେମ୍ବର, 2011 ତାରିଖର ଚୁକ୍ତିନାମାର ନିୟାମାବଳୀ ଅନୁଯାୟୀ ଭାରତ ଏବଂ ବାଂଲାଦେଶ ମଧ୍ୟରେ ବିନିମୟ ଅନ୍ତର୍ଭୁକ୍ତ ଭୂଖଣ୍ଡ ତାଲିକା**

**A. ବାଂଲାଦେଶରେ ଥିବା ବିନିମୟଯୋଗ୍ୟ ଭାରତର ଅନ୍ତର୍ଭୁକ୍ତ ଭୂଖଣ୍ଡ ଏବଂ କ୍ଷେତ୍ରଫଳ**

| କ୍ରମିକ ସଂଖ୍ୟା | ଛିଟ୍ ନାମ | ଛିଟ୍ ନମ୍ବର | ବାଂଲାଦେଶ ଥାନା ଅଧୀନରେ | ପଶ୍ଚିମବଙ୍ଗ ଥାନା ଅଧୀନରେ | କ୍ଷେତ୍ରଫଳ (ଏକର) |
|---|---|---|---|---|---|
| 1 | 2 | 3 | 4 | 5 | 6 |
| | | A. *ସ୍ୱାଧୀନ ଛିଟ୍ ସହିତ ଅନ୍ତର୍ଭୁକ୍ତ ଭୂଖଣ୍ଡ* | | | |
| 1. | ଗରାତି | 75 | ପୋଚାଗର | ହଳଦିବାଡ଼ି | 58.23 |
| 2. | ଗରାତି | 76 | ପୋଚାଗର | ହଳଦିବାଡ଼ି | 0.79 |
| 3. | ଗରାତି | 77 | ପୋଚାଗର | ହଳଦିବାଡ଼ି | 18 |
| 4. | ଗରାତି | 78 | ପୋଚାଗର | ହଳଦିବାଡ଼ି | 958.66 |
| 5. | ଗରାତି | 79 | ପୋଚାଗର | ହଳଦିବାଡ଼ି | 1.74 |
| 6. | ଗରାତି | 80 | ପୋଚାଗର | ହଳଦିବାଡ଼ି | 73.75 |
| 7. | ବିଙ୍ଗିମାରୀ ଭାଗ I | 73 | ପୋଚାଗର | ହଳଦିବାଡ଼ି | 6.07 |

| 1 | 2 | 3 | 4 | 5 | 6 |
|---|---|---|---|---|---|
| 8. | ନାଜିରଗଞ୍ଜ | 41 | ବୋଡା | ହଳଦିବାଡ଼ି | 58.32 |
| 9. | ନାଜିରଗଞ୍ଜ | 42 | ବୋଡା | ହଳଦିବାଡ଼ି | 434.29 |
| 10. | ନାଜିରଗଞ୍ଜ | 44 | ବୋଡା | ହଳଦିବାଡ଼ି | 53.47 |
| 11. | ନାଜିରଗଞ୍ଜ | 45 | ବୋଡା | ହଳଦିବାଡ଼ି | 1.07 |
| 12. | ନାଜିରଗଞ୍ଜ | 46 | ବୋଡା | ହଳଦିବାଡ଼ି | 17.95 |
| 13. | ନାଜିରଗଞ୍ଜ | 47 | ବୋଡା | ହଳଦିବାଡ଼ି | 3.89 |
| 14. | ନାଜିରଗଞ୍ଜ | 48 | ବୋଡା | ହଳଦିବାଡ଼ି | 73.27 |
| 15. | ନାଜିରଗଞ୍ଜ | 49 | ବୋଡା | ହଳଦିବାଡ଼ି | 49.05 |
| 16. | ନାଜିରଗଞ୍ଜ | 50 | ବୋଡା | ହଳଦିବାଡ଼ି | 5.05 |
| 17. | ନାଜିରଗଞ୍ଜ | 51 | ବୋଡା | ହଳଦିବାଡ଼ି | 0.77 |
| 18. | ନାଜିରଗଞ୍ଜ | 52 | ବୋଡା | ହଳଦିବାଡ଼ି | 1.04 |
| 19. | ନାଜିରଗଞ୍ଜ | 53 | ବୋଡା | ହଳଦିବାଡ଼ି | 1.02 |
| 20. | ନାଜିରଗଞ୍ଜ | 54 | ବୋଡା | ହଳଦିବାଡ଼ି | 3.87 |
| 21. | ନାଜିରଗଞ୍ଜ | 55 | ବୋଡା | ହଳଦିବାଡ଼ି | 12.18 |
| 22. | ନାଜିରଗଞ୍ଜ | 56 | ବୋଡା | ହଳଦିବାଡ଼ି | 54.04 |
| 23. | ନାଜିରଗଞ୍ଜ | 57 | ବୋଡା | ହଳଦିବାଡ଼ି | 8.27 |
| 24. | ନାଜିରଗଞ୍ଜ | 58 | ବୋଡା | ହଳଦିବାଡ଼ି | 14.22 |
| 25. | ନାଜିରଗଞ୍ଜ | 60 | ବୋଡା | ହଳଦିବାଡ଼ି | 0.52 |
| 26. | ପୁଟିମାରୀ | 59 | ବୋଡା | ହଳଦିବାଡ଼ି | 122.8 |
| 27. | ଦୈଖାତା ଛାଟ୍ | 38 | ବୋଡା | ହଳଦିବାଡ଼ି | 499.21 |
| 28. | ସାଲ୍‌ବାରୀ | 37 | ବୋଡା | ହଳଦିବାଡ଼ି | 1188.93 |
| 29. | କାଜଲ ଦିଘୀ | 36 | ବୋଡା | ହଳଦିବାଡ଼ି | 771.44 |
| 30. | ନାଟାକଟୋକା | 32 | ବୋଡା | ହଳଦିବାଡ଼ି | 162.26 |
| 31. | ନାଟାକଟୋକା | 33 | ବୋଡା | ହଳଦିବାଡ଼ି | 0.26 |
| 32. | ବେଉଲାଦାଙ୍ଗା ଛାଟ୍ | 35 | ବୋଡା | ହଳଦିବାଡ଼ି | 0.83 |
| 33. | ବାଲାପାରା ଇଆଗ୍ରାବାର | 3 | ଦେବୀଗଞ୍ଜ | ହଳଦିବାଡ଼ି | 1752.44 |
| 34. | ବରା ଖାଙ୍କିଖାରିଜା ଚିଟାଲଦାହା | 30 | ଡିମଲା | ହଳଦିବାଡ଼ି | 7.71 |

| 1 | 2 | 3 | 4 | 5 | 6 |
|---|---|---|---|---|---|
| 35 | ବରା ଖାଙ୍କିଖାରିଜା ଚିଟାଲଦାହା | 29 | ଡିମଲା | ହଳଦିବାଡ଼ି | 36.83 |
| 36 | ବରାଖାଙ୍ଗିର | 28 | ଡିମଲା | ହଳଦିବାଡ଼ି | 30.53 |
| 37 | ନଗରଜିକୋବାରୀ | 31 | ଡିମଲା | ହଳଦିବାଡ଼ି | 33.41 |
| 38 | କୁଚଲିବାରୀ | 26 | ପଟଗ୍ରାମ | ମେକଲିଗଞ୍ଜ | 5.78 |
| 39 | କୁଚଲିବାରୀ | 27 | ପଟଗ୍ରାମ | ମେକଲିଗଞ୍ଜ | 2.04 |
| 40 | ବରା କୁଚଲିବାରୀ | P.S ମେଖଲିଗଞ୍ଜ J.L.107ର ଖଣ୍ଡ | ପଟଗ୍ରାମ | ମେକଲିଗଞ୍ଜ | 4.35 |
| 41 | ଜାମାଲଦାହା-ବାଲାପୁଖାରୀ | 6 | ପଟଗ୍ରାମ | ମେକଲିଗଞ୍ଜ | 5.24 |
| 42 | ଉପୋନଚୌକି କୁଚଲିବାରୀ | 115/2 | ପଟଗ୍ରାମ | ମେକଲିଗଞ୍ଜ | 0.32 |
| 43 | ଉପୋନଚୌକି କୁଚଲିବାରୀ | 7 | ପଟଗ୍ରାମ | ମେକଲିଗଞ୍ଜ | 44.04 |
| 44 | ଭୋଥନରୀ | 11 | ପଟଗ୍ରାମ | ମେକଲିଗଞ୍ଜ | 36.83 |
| 45 | ବାଲାପୁଖାରୀ | 5 | ପଟଗ୍ରାମ | ମେକଲିଗଞ୍ଜ | 55.91 |
| 46 | ବରା ଖାଙ୍ଗିର | 4 | ପଟଗ୍ରାମ | ମେକଲିଗଞ୍ଜ | 50.51 |
| 47 | ବରା ଖାଙ୍ଗିର | 9 | ପଟଗ୍ରାମ | ମେକଲିଗଞ୍ଜ | 87.42 |
| 48 | ଛାଟ୍ ବୋଗଡୋକ୍ରା | 10 | ପଟଗ୍ରାମ | ମେକଲିଗଞ୍ଜ | 41.7 |
| 49 | ରତନପୁର | 11 | ପଟଗ୍ରାମ | ମେକଲିଗଞ୍ଜ | 58.91 |
| 50 | ବୋଗଡୋକ୍ରା | 12 | ପଟଗ୍ରାମ | ମେକଲିଗଞ୍ଜ | 25.49 |
| 51 | ଫୁଲକେର ଦାବ୍ରୀ | P.S ମେକଲିଗଞ୍ଜ J.L.107ର ଖଣ୍ଡ | ପଟଗ୍ରାମ | ମେକଲିଗଞ୍ଜ | 0.88 |

**(ପରିଶିଷ୍ଟ I)**

| 1 | 2 | 3 | 4 | 5 | 6 |
|---|---|---|---|---|---|
| 52 | ଖରଖାରିଆ | 15 | ପଟଗ୍ରାମ | ମେକଲିଗଞ୍ଜ | 60.74 |
| 53 | ଖରଖାରିଆ | 13 | ପଟଗ୍ରାମ | ମେକଲିଗଞ୍ଜ | 51.62 |
| 54 | ଲୋଟାମାରୀ | 14 | ପଟଗ୍ରାମ | ମେକଲିଗଞ୍ଜ | 110.92 |
| 55 | ଭୋତବାରି | 16 | ପଟଗ୍ରାମ | ମେକଲିଗଞ୍ଜ | 205.46 |
| 56 | କୋମତ ଚାଙ୍ଗ୍ରାବାନ୍ଧା | 16A | ପଟଗ୍ରାମ | ମେକଲିଗଞ୍ଜ | 42.8 |
| 57 | କୋମତ ଚାଙ୍ଗ୍ରାବାନ୍ଧା | 17A | ପଟଗ୍ରାମ | ମେକଲିଗଞ୍ଜ | 16.01 |
| 58 | ପାନିସାଲା | 17 | ପଟଗ୍ରାମ | ମେକଲିଗଞ୍ଜ | 137.66 |
| 59 | ଦ୍ୱାରିକାମାରୀ ଖାସବାସ | 18 | ପଟଗ୍ରାମ | ମେକଲିଗଞ୍ଜ | 36.5 |
| 60 | ପାନିସାଲା | 153/P | ପଟଗ୍ରାମ | ମେକଲିଗଞ୍ଜ | 0.27 |
| 61 | ପାନିସାଲା | 153/O | ପଟଗ୍ରାମ | ମେକଲିଗଞ୍ଜ | 18.01 |
| 62 | ପାନିସାଲା | 19 | ପଟଗ୍ରାମ | ମେକଲିଗଞ୍ଜ | 64.63 |
| 63 | ପାନିସାଲା | 21 | ପଟଗ୍ରାମ | ମେକଲିଗଞ୍ଜ | 51.4 |
| 64 | ଲୋଟାମାରୀ | 20 | ପଟଗ୍ରାମ | ମେକଲିଗଞ୍ଜ | 283.53 |
| 65 | ଲୋଟାମାରୀ | 22 | ପଟଗ୍ରାମ | ମେକଲିଗଞ୍ଜ | 98.85 |
| 66 | ଦ୍ୱାରିକାମାରୀ | 23 | ପଟଗ୍ରାମ | ମେକଲିଗଞ୍ଜ | 39.52 |
| 67 | ଦ୍ୱାରିକାମାରୀ | 25 | ପଟଗ୍ରାମ | ମେକଲିଗଞ୍ଜ | 45.73 |
| 68 | ଛାଟ୍ ଭୋଥାଟ୍ | 24 | ପଟଗ୍ରାମ | ମେକଲିଗଞ୍ଜ | 56.11 |
| 69 | ବାକାତା | 131 | ପଟଗ୍ରାମ | ହଥଭଙ୍ଗା | 22.35 |
| 70 | ବାକାତା | 132 | ପଟଗ୍ରାମ | ହଥଭଙ୍ଗା | 11.96 |
| 71 | ବାକାତା | 130 | ପଟଗ୍ରାମ | ହଥୀଭଙ୍ଗା | 20.48 |
| 72 | ଭୋଗ୍ରାମଗୁରୀ | 133 | ପଟଗ୍ରାମ | ହଥୀଭଙ୍ଗା | 1.44 |
| 73 | ଚେନାକାଟା | 134 | ପଟଗ୍ରାମ | ମେକଲିଗଞ୍ଜ | 7.81 |
| 74 | ବାଂସକାଟା | 119 | ପଟଗ୍ରାମ | ମଥବଙ୍ଗା | 413.81 |
| 75 | ବାଂସକାଟା | 120 | ପଟଗ୍ରାମ | ମଥବଙ୍ଗା | 30.75 |
| 76 | ବାଂସକାଟା | 121 | ପଟଗ୍ରାମ | ମଥବଙ୍ଗା | 12.15 |
| 77 | ବାଂସକାଟା | 113 | ପଟଗ୍ରାମ | ମଥବଙ୍ଗା | 57.86 |
| 78 | ବାଂସକାଟା | 112 | ପଟଗ୍ରାମ | ମଥବଙ୍ଗା | 315.04 |
| 79 | ବାଂସକାଟା | 114 | ପଟଗ୍ରାମ | ମଥବଙ୍ଗା | 0.77 |

| 1 | 2 | 3 | 4 | 5 | 6 |
|---|---|---|---|---|---|
| 80 | ବାଂସକାଟା | 115 | ପଟଗ୍ରାମ | ମଥବଙ୍ଗା | 29.2 |
| 81 | ବାଂସକାଟା | 122 | ପଟଗ୍ରାମ | ମଥବଙ୍ଗା | 33.22 |
| 82 | ବାଂସକାଟା | 127 | ପଟଗ୍ରାମ | ମଥବଙ୍ଗା | 12.72 |
| 83 | ବାଂସକାଟା | 128 | ପଟଗ୍ରାମ | ମଥବଙ୍ଗା | 2.33 |
| 84 | ବାଂସକାଟା | 117 | ପଟଗ୍ରାମ | ମଥବଙ୍ଗା | 2.55 |
| 85 | ବାଂସକାଟା | 118 | ପଟଗ୍ରାମ | ମଥବଙ୍ଗା | 30.98 |
| 86 | ବାଂସକାଟା | 125 | ପଟଗ୍ରାମ | ମଥବଙ୍ଗା | 0.64 |
| 87 | ବାଂସକାଟା | 126 | ପଟଗ୍ରାମ | ମଥବଙ୍ଗା | 1.39 |
| 88 | ବାଂସକାଟା | 129 | ପଟଗ୍ରାମ | ମଥବଙ୍ଗା | 1.37 |
| 89 | ବାଂସକାଟା | 116 | ପଟଗ୍ରାମ | ମଥବଙ୍ଗା | 16.96 |
| 90 | ବାଂସକାଟା | 123 | ପଟଗ୍ରାମ | ମଥବଙ୍ଗା | 24.37 |
| 91 | ବାଂସକାଟା | 124 | ପଟଗ୍ରାମ | ମଥବଙ୍ଗା | 0.28 |
| 92 | ଗୋଟାମାରୀ ଛିଟ୍ | 135 | ହାତୀବନ୍ଧା | ସୀତାଲକୁଚି | 126.59 |
| 93 | ଗୋଟାମାରୀ ଛିଟ୍ | 136 | ହାତୀବନ୍ଧା | ସୀତାଲକୁଚି | 20.02 |
| 94 | ବନାପଚାଇ | 151 | ଲାଲମୋନିରହଟ | ଦିନହାଟା | 217.29 |
| 95 | ବନାପଚାଇ ଭିତରକୁଥି | 152 | ଲାଲମୋନିରହଟ | ଦିନହାଟା | 81.71 |
| 96 | ଦାସିଆର ଛାରା | 150 | ଫୁଲବାରୀ | ଦିନହାଟା | 1643.44 |
| 97 | ଦାକୁରହାଟ-ଦାକିନୀରକୁଥି | 156 | କୁରୀଗ୍ରାମ | ଦିନହାଟା | 14.27 |
| 98 | କାଲାମାଟି | 141 | ଭୁରୁଙ୍ଗାମାରୀ | ଦିନହାଟା | 21.21 |
| 99 | ଭାହୋବଗଞ୍ଜ | 153 | ଭୁରୁଙ୍ଗାମାରୀ | ଦିନହାଟା | 31.58 |
| 100 | ବାଓତିକୁରସା | 142 | ଭୁରୁଙ୍ଗାମାରୀ | ଦିନହାଟା | 45.63 |
| 101 | ବରା କୋଚୁଲକା | 143 | ଭୁରୁଙ୍ଗାମାରୀ | ଦିନହାଟା | 39.99 |
| 102 | ଗାଓଚୁଲକା II | 147 | ଭୁରୁଙ୍ଗାମାରୀ | ଦିନହାଟା | 0.9 |
| 103 | ଗାଓଚୁଲକା I | 146 | ଭୁରୁଙ୍ଗାମାରୀ | ଦିନହାଟା | 8.92 |
| 104 | ଦିଘଲତାରୀ II | 145 | ଭୁରୁଙ୍ଗାମାରୀ | ଦିନହାଟା | 8.81 |
| 105 | ଦିଘଲତାରୀ I | 144 | ଭୁରୁଙ୍ଗାମାରୀ | ଦିନହାଟା | 12.31 |
| 106 | ଛୋଟୋ ଗରାଲଝୋରା II | 149 | ଭୁରୁଙ୍ଗାମାରୀ | ଦିନହାଟା | 17.85 |

| 1 | 2 | 3 | 4 | 5 | 6 |
|---|---|---|---|---|---|
| 107 | ଛୋଟୋ ଗରାଲଝୋରା I | 148 | ଭୁରୁଙ୍ଗାମାରୀ | ଦିନହାଟା | 35.74 |
| 108 | ନାମ ଓ J.L. ନମ୍ବର ବିନା ଛିଟ୍ 1* (J.L. ନମ୍ବର 38 ଓ 39 ର ଦକ୍ଷିଣ ପ୍ରାନ୍ତରେ, ସ୍ଥାନୀୟ ଭାବେ ଅଶୋକବାରୀ** ନାମେ ଜଣା) | | ପଟଗ୍ରାମ | ମଥବଙ୍ଗା | 3.5 |
| | | | *ଖଣ୍ଡିତ ଛିଟ୍ ସହିତ ଅନ୍ତର୍ଭୁକ୍ତ ଭୂଖଣ୍ଡ* | | |
| 109 | (i) ବେଉଲଡାଙ୍ଗା | 34 | ହଲଦିବାଡ଼ି | ବୋଡ଼ା | 862.46 |
| | (ii) ବେଉଲଡାଙ୍ଗା | ଖଣ୍ଡ | ହଲଦିବାଡ଼ି | ଦେବୀଗଞ୍ଜ | |
| 110 | (i) କୋତଭାଜନୀ | 2 | ହଲଦିବାଡ଼ି | ଦେବୀଗଞ୍ଜ | 2012.27 |
| | (ii) କୋତଭାଜନୀ | ଖଣ୍ଡ | ହଲଦିବାଡ଼ି | ଦେବୀଗଞ୍ଜ | |
| | (iii) କୋତଭାଜନୀ | ଖଣ୍ଡ | ହଲଦିବାଡ଼ି | ଦେବୀଗଞ୍ଜ | |
| | (iv) କୋତଭାଜନୀ | ଖଣ୍ଡ | ହଲଦିବାଡ଼ି | ଦେବୀଗଞ୍ଜ | |
| 111 | (i) ଦହଲା | ଖଣ୍ଡ | ହଲଦିବାଡ଼ି | ଦେବୀଗଞ୍ଜ | 2650.35 |
| | (ii) ଦହଲା | ଖଣ୍ଡ | ହଲଦିବାଡ଼ି | ଦେବୀଗଞ୍ଜ | |
| | (iii) ଦହଲା | ଖଣ୍ଡ | ହଲଦିବାଡ଼ି | ଦେବୀଗଞ୍ଜ | |
| | (iv) ଦହଲା | ଖଣ୍ଡ | ହଲଦିବାଡ଼ି | ଦେବୀଗଞ୍ଜ | |

---

* 150ତମ (54ତମ) ଭାରତ-ବାଂଲାଦେଶ ସୀମା ସମ୍ମିଳନୀ ମାଧ୍ୟମରେ ସଂଶୋଧନ କରାଯାଇଛି, ଯାହା କୋଲକାତାରେ 29 ସେପ୍ଟେମ୍ବରରୁ 2 ଅକ୍ଟୋବର, 2002 ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ।

** 152ତମ (56ତମ) ଭାରତ-ବାଂଲାଦେଶ ସୀମା ସମ୍ମିଳନୀ ମାଧ୍ୟମରେ ସଂଶୋଧନ କରାଯାଇଛି, ଯାହା ଭାରତର କୋଚବିହାରରେ 18 ରୁ 20 ସେପ୍ଟେମ୍ବର, 2003 ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ।

| 1 | 2 | 3 | 4 | 5 | 6 |
|---|---|---|---|---|---|
| | (v) ଦହଲା | ଖଣ୍ଡ | ହଳଦିବାଡ଼ି | ଦେବୀଗଞ୍ଜ | |
| | (vii) ଦହଲା | ଖଣ୍ଡ | ହଳଦିବାଡ଼ି | ଦେବୀଗଞ୍ଜ | |
| | | | | | 17160.63 |

ଉପରେ ଦିଆଯାଇଥିବା ଅନ୍ତର୍ଭୁକ୍ତ ଭୂଖଣ୍ଡଗୁଡ଼ିକର ବିବରଣୀ ଭାରତ ଏବଂ ବାଂଲାଦେଶରେ ରକ୍ଷିତ ରେକର୍ଡ଼ଗୁଡ଼ିକ ସହିତ ମିଳିତଭାବେ ତୁଳନା କରାଯାଇ ସମନ୍ୱୟ କରାଯାଇଛି, ଯାହା 1996 ମସିହା ଅକ୍ଟୋବର 9ରୁ 12 ତାରିଖ ମଧ୍ୟରେ କଲିକତାରେ ଅନୁଷ୍ଠିତ ଭାରତ-ବାଂଲାଦେଶ ସମ୍ମିଳନୀ ଏବଂ 1996 ମସିହା ନଭେମ୍ବର 21ରୁ 24 ତାରିଖ ମଧ୍ୟରେ ଜଳପାଇଗୁଡ଼ି (ପଶ୍ଚିମବଙ୍ଗ) ଓ ପଞ୍ଚଗଡ଼ (ବାଂଲାଦେଶ) କ୍ଷେତ୍ରରେ ମିଳିତ ଭୂମି ନିରୀକ୍ଷଣ ସମୟରେ କରାଯାଇଥିଲା ।

ନୋଟ୍: ଉପରୋକ୍ତ କ୍ରମିକ ନମ୍ବର 108ରେ ଥିବା ଅନ୍ତର୍ଭୁକ୍ତ ଭୂଖଣ୍ଡର ନାମ 1996-97 ଫିଲ୍ଡ ସିଜନରେ ମିଳିତ ଭୂମି ଯାଞ୍ଚ ସମୟରେ ଅଶୋକବାରୀଭାବେ ଚିହ୍ନଟ କରାଯାଇଛି ।

ବ୍ରିଗେଡ଼ିୟର ଜେ.ଆର୍. ପିଟର
ଡାଇରେକ୍ଟର, ଲ୍ୟାଣ୍ଡ ରେକର୍ଡ଼ସ୍ ଏବଂ ସର୍ବେକ୍ଷଣ,
(ଏକ୍ସ-ଅଫିସିଓ) ପଶ୍ଚିମବଙ୍ଗ,
ଭାରତ ଏବଂ ଡାଇରେକ୍ଟର,
ଇଷ୍ଟର୍ଣ୍ଣ ସର୍କଲ ସର୍ବେକ୍ଷଣ ଅଫ୍ ଇଣ୍ଡିଆ,
କଲିକତା ।

ମୋହମ୍ମଦ ଶାଫି ଉଦ୍ଦିନ
ଡାଇରେକ୍ଟର-ଜେନେରାଲ, ଲ୍ୟାଣ୍ଡ ରେକର୍ଡ଼ସ୍
ଏବଂ ସର୍ବେକ୍ଷଣ, ବାଂଲାଦେଶ ।

## B. ଭାରତରେ କ୍ଷେତ୍ର ସହିତ ବିନିମୟଯୋଗ୍ୟ ବାଂଲାଦେଶ ଅନ୍ତର୍ଭୁକ୍ତ ଭୂଖଣ୍ଡ

| କ୍ରମିକ ସଂଖ୍ୟା | ଛିଟ୍ ନାମ | (ପଶ୍ଚିମବଙ୍ଗ ଥାନା ଅନ୍ତର୍ଗତ) | (ବାଂଲାଦେଶ ଥାନା ଅନ୍ତର୍ଗତ) | ଜେ.ଏଲ. ନମ୍ବର | ଏକରରେ କ୍ଷେତ୍ରଫଳ |
|---|---|---|---|---|---|
| 1 | 2 | 3 | 4 | 5 | 6 |
| | | *A. ସ୍ୱାଧୀନ ଛିଟ୍ ସହିତ ଅନ୍ତର୍ଭୁକ୍ତ ଭୂଖଣ୍ଡ* | | | |
| 1. | ଛିଟ୍ କୁଚଲିବାରୀ | ମେକଲିଗଞ୍ଜ | ପଟଗ୍ରାମ | 22 | 370.64 |
| 2. | କୁଚଲିବାରୀର ଛିଟ୍ ଭୂମି | ମେକଲିଗଞ୍ଜ | ପଟଗ୍ରାମ | 24 | 1.83 |
| 3 | ବାଲାପୁଖାରୀ | ମେକଲିଗଞ୍ଜ | ପଟଗ୍ରାମ | 21 | 331.64 |
| 4 | ପାନବାରୀ ନମ୍ବର 2ର ଛିଟ୍ ଭୂମି | ମେକଲିଗଞ୍ଜ | ପଟଗ୍ରାମ | 20 | 1.13 |

**(ପରିଶିଷ୍ଟ I)**

| 1 | 2 | 3 | 4 | 5 | 6 |
|---|---|---|---|---|---|
| 5 | ଛିଟ୍ ପାନବାରୀ | ମେକଲିଗଞ୍ଜ | ପଟଗ୍ରାମ | 18 | 108.59 |
| 6 | ଧାବଲସାତୀ ମିର୍ଗିପୁର | ମେକଲିଗଞ୍ଜ | ପଟଗ୍ରାମ | 15 | 173.88 |
| 7 | ବାମନଦଳ | ମେକଲିଗଞ୍ଜ | ପଟଗ୍ରାମ | 11 | 2.24 |
| 8 | ଛିଟ୍ ଧବଲସତୀ | ମେକଲିଗଞ୍ଜ | ପଟଗ୍ରାମ | 14 | 66.58 |
| 9 | ଧବଲସତୀ | ମେକଲିଗଞ୍ଜ | ପଟଗ୍ରାମ | 13 | 60.45 |
| 10 | ଶ୍ରୀରାମପୁର | ମେକଲିଗଞ୍ଜ | ପଟଗ୍ରାମ | 8 | 1.05 |
| 11 | ଜୋତେ ନିଜ୍ଜମା | ମେକଲିଗଞ୍ଜ | ପଟଗ୍ରାମ | 3 | 87.54 |
| 12 | ଜଗତବେର ନମ୍ବର 3 ର ଛିଟ୍ ଜମି | ମଥବଙ୍ଗା | ପଟଗ୍ରାମ | 37 | 69.84 |
| 13 | ଜଗତବେର ନମ୍ବର 1 ର ଛିଟ୍ ଜମି | ମଥବଙ୍ଗା | ପଟଗ୍ରାମ | 35 | 30.66 |
| 14 | ଜଗତବେର ନମ୍ବର 2 ର ଛିଟ୍ ଜମି | ମଥବଙ୍ଗା | ପଟଗ୍ରାମ | 36 | 27.09 |
| 15 | ଛିଟ୍ କୋକୋଆବାରୀ | ମଥବଙ୍ଗା | ପଟଗ୍ରାମ | 47 | 29.49 |
| 16 | ଛିଟ୍ ଭାଣ୍ଡାରଦାହା | ମଥବଙ୍ଗା | ପଟଗ୍ରାମ | 67 | 39.96 |
| 17 | ଧବଲଗୁରୀ | ମଥବଙ୍ଗା | ପଟଗ୍ରାମ | 52 | 12.5 |
| 18 | ଛିଟ୍ ଧବଲଗୁରୀ | ମଥବଙ୍ଗା | ପଟଗ୍ରାମ | 53 | 22.31 |
| 19 | ଧବଲଗୁରୀ ନମ୍ବର 3ର ଛିଟ୍ ଜମି | ମଥବଙ୍ଗା | ପଟଗ୍ରାମ | 70 | 1.33 |
| 20 | ଧବଲଗୁରୀ ନମ୍ବର 4ର ଛିଟ୍ ଜମି | ମଥବଙ୍ଗା | ପଟଗ୍ରାମ | 71 | 4.55 |
| 21 | ଧବଲଗୁରୀ ନମ୍ବର 5ର ଛିଟ୍ ଜମି | ମଥବଙ୍ଗା | ପଟଗ୍ରାମ | 72 | 4.12 |
| 22 | ଧବଲଗୁରୀ ନମ୍ବର 1ର ଛିଟ୍ ଜମି | ମଥବଙ୍ଗା | ପଟଗ୍ରାମ | 68 | 26.83 |
| 23 | ଧବଲଗୁରୀ ନମ୍ବର 2ର ଛିଟ୍ ଜମି | ମଥବଙ୍ଗା | ପଟଗ୍ରାମ | 69 | 13.95 |
| 24 | ମହିଷମାରୀ | ସୀତାଲକୁଚି | ପଟଗ୍ରାମ | 54 | 122.77 |
| 25 | ବୁରା ସରାଦୁବୀ | ସୀତାଲକୁଚି | ହାତୀବନ୍ଧ | 13 | 34.96 |

| 1 | 2 | 3 | 4 | 5 | 6 |
|---|---|---|---|---|---|
| 26 | ଫାଲନାପୁର | ସୀତାଲକୁଚି | ପଟଗ୍ରାମ | 64 | 505.56 |
| 27 | ଆମଝୋଲ | ସୀତାଲକୁଚି | ହାତୀବନ୍ଧ | 57 | 1.25 |
| 28 | କିସମତ ବାତ୍ରିଗାଛ | ଦିନହାଟା | କାଳିଗଞ୍ଜ | 82 | 209.95 |
| 29 | ଦୁର୍ଗାପୁର | ଦିନହାଟା | କାଳିଗଞ୍ଜ | 83 | 20.96 |
| 30 | ବାନସୁଆ ଖାମାର ଗୀତାଲଦାହା | ଦିନହାଟା | ଲାଲମୋନିରହାଟ | 1 | 24.54 |
| 31 | ପୋଆତୁରକୁଠି | ଦିନହାଟା | ଲାଲମୋନିହାଟ | 37 | 589.94 |
| 32 | ପଶ୍ଚିମ ବାକାଲିର ଛାରା | ଦିନହାଟା | ଭୁରୁଙ୍ଗାମାରୀ | 38 | 151.98 |
| 33 | ମଧ୍ୟ ବାକାଲିର ଛାରା | ଦିନହାଟା | ଭୁରୁଙ୍ଗାମାରୀ | 39 | 32.72 |
| 34 | ପୂର୍ବ ବାକାଲିର ଛାରା | ଦିନହାଟା | ଭୁରୁଙ୍ଗାମାରୀ | 40 | 12.23 |
| 35 | ମଧ୍ୟ ମସାଲଦାଙ୍ଗା | ଦିନହାଟା | ଭୁରୁଙ୍ଗାମାରୀ | 3 | 136.66 |
| 36 | ମଧ୍ୟଛିଟ୍ ମସାଲଦାଙ୍ଗା | ଦିନହାଟା | ଭୁରୁଙ୍ଗାମାରୀ | 8 | 11.87 |
| 37 | ପଶ୍ଚିମ ଛିଟ୍ ମସାଲଦାଙ୍ଗା | ଦିନହାଟା | ଭୁରୁଙ୍ଗାମାରୀ | 7 | 7.6 |
| 38 | ଉତ୍ତର ମସାଲଦାଙ୍ଗା | ଦିନହାଟା | ଭୁରୁଙ୍ଗାମାରୀ | 2 | 27.29 |
| 39 | କଚୁଆ | ଦିନହାଟା | ଭୁରୁଙ୍ଗାମାରୀ | 5 | 119.74 |
| 40 | ଉତ୍ତର ବାନସଜାନି | ତୁଫାନଗଞ୍ଜ | ଭୁରୁଙ୍ଗାମାରୀ | 1 | 47.17 |
| 41 | ଛାଟ୍ ତିଲାଇ | ତୁଫାନଗଞ୍ଜ | ଭୁରୁଙ୍ଗାମାରୀ | 17 | 81.56 |
| | | B. ଖଣ୍ଡିତ ଛିଟ୍ ସହିତ ଅନ୍ତର୍ଭୁକ୍ତ ଭୂଖଣ୍ଡ | | | |
| 42 | (*i*) ନଲଗ୍ରାମ | ସୀତାଲକୁଚି | ପଟଗ୍ରାମ | 65 | 1397.34 |
| | (*ii*) ନଲଗ୍ରାମ (ଖଣ୍ଡ) | ସୀତାଲକୁଚି | ପଟଗ୍ରାମ | 65 | |
| | (*iii*) ନଲଗ୍ରାମ (ଖଣ୍ଡ) | ସୀତାଲକୁଚି | ପଟଗ୍ରାମ | 65 | |

**(ପରିଶିଷ୍ଟ I)**

| 1 | 2 | 3 | 4 | 5 | 6 |
|---|---|---|---|---|---|
| 43 | (i) ଛିଟ୍ ନଲଗ୍ରାମ | ସୀତାଲକୁଚି | ପଟଗ୍ରାମ | 66 | 49.5 |
| | (ii) ଛିଟ୍ ନଲଗ୍ରାମ (ଖଣ୍ଡ) | ସୀତାଲକୁଚି | ପଟଗ୍ରାମ | 66 | |
| 44 | (i) ବାତ୍ରିଗାଛ | ଦିନହାଟା | କାଳୀଗଞ୍ଜ | 81 | 577.37 |
| | (ii) ବାତ୍ରିଗାଛ | ଦିନହାଟା | କାଳୀଗଞ୍ଜ | 81 | |
| | (iii)ବାତ୍ରିଗାଛ (ଖଣ୍ଡ) | ଦିନହାଟା | ଫୁଲବାଡ଼ି | 9 | |
| 45 | (i) କାରାଲା | ଦିନହାଟା | ଫୁଲବାଡ଼ି | 9 | 269.91 |
| | (ii) କାରାଲା (ଖଣ୍ଡ) | ଦିନହାଟା | ଫୁଲବାଡ଼ି | 9 | |
| | (iii) କାରାଲା (ଖଣ୍ଡ) | ଦିନହାଟା | ଫୁଲବାଡ଼ି | 8 | |
| 46 | (i) ଶିବପ୍ରସାଦ ମୁସ୍ତଫି | ଦିନହାଟା | ଫୁଲବାଡ଼ି | 8 | 373.2 |
| | (ii) ଶିବପ୍ରସାଦ ମୁସ୍ତଫି (ଖଣ୍ଡ) | ଦିନହାଟା | ଫୁଲବାଡ଼ି | 6 | |
| 47 | (i) ଦକ୍ଷିଣ ମସାଲଡ଼ାଙ୍ଗା | ଦିନହାଟା | ଭୁରୁଙ୍ଗାମାରୀ | 6 | 571.38 |
| | (ii) ଦକ୍ଷିଣ ମସାଲଡ଼ାଙ୍ଗା (ଖଣ୍ଡ) | ଦିନହାଟା | ଭୁରୁଙ୍ଗାମାରୀ | 6 | |
| | (iii) ଦକ୍ଷିଣ ମସାଲଡ଼ାଙ୍ଗା (ଖଣ୍ଡ) | ଦିନହାଟା | ଭୁରୁଙ୍ଗାମାରୀ | 6 | |
| | (iv) ଦକ୍ଷିଣ ମସାଲଡ଼ାଙ୍ଗା (ଖଣ୍ଡ) | ଦିନହାଟା | ଭୁରୁଙ୍ଗାମାରୀ | 6 | |
| | (v) ଦକ୍ଷିଣ ମସାଲଡ଼ାଙ୍ଗା (ଖଣ୍ଡ) | ଦିନହାଟା | ଭୁରୁଙ୍ଗାମାରୀ | 6 | |
| | (vi) ଦକ୍ଷିଣ ମସାଲଡ଼ାଙ୍ଗା (ଖଣ୍ଡ) | ଦିନହାଟା | ଭୁରୁଙ୍ଗାମାରୀ | 6 | |

| 1 | 2 | 3 | 4 | 5 | 6 |
|---|---|---|---|---|---|
| 48 | (i)ପଶ୍ଚିମ ମସାଲଡ଼ାଙ୍ଗା | ଦିନହାଟା | ଭୁରୁଙ୍ଗାମାରୀ | 4 | 29.49 |
| | (ii)ପଶ୍ଚିମ ମସାଲଡ଼ାଙ୍ଗା (ଖଣ୍ଡ) | ଦିନହାଟା | ଭୁରୁଙ୍ଗାମାରୀ | 4 | |
| 49 | (i) ପୂର୍ବ ଛିଟ୍ ମସାଲଡ଼ାଙ୍ଗା | ଦିନହାଟା | ଭୁରୁଙ୍ଗାମାରୀ | 10 | 35.01 |
| | (ii) ପୂର୍ବ ଛିଟ୍ ମସାଲଡ଼ାଙ୍ଗା (ଖଣ୍ଡ) | ଦିନହାଟା | ଭୁରୁଙ୍ଗାମାରୀ | 10 | |
| 50 | (i) ପୂର୍ବ ଛିଟ୍ ମସାଲଡ଼ାଙ୍ଗା | ଦିନହାଟା | ଭୁରୁଙ୍ଗାମାରୀ | 11 | 153.89 |
| | (ii) ପୂର୍ବ ମସାଲଡ଼ାଙ୍ଗା (ଖଣ୍ଡ) | ଦିନହାଟା | ଭୁରୁଙ୍ଗାମାରୀ | 11 | |
| 51 | (i) ଉତ୍ତର ଧାଲଡ଼ାଙ୍ଗା | ତୁଫାନଗଞ୍ଜ | ଭୁରୁଙ୍ଗାମାରୀ | 14 | 24.98 |
| | (ii) ଉତ୍ତର ଧାଲଡ଼ାଙ୍ଗା (ଖଣ୍ଡ) | ତୁଫାନଗଞ୍ଜ | ଭୁରୁଙ୍ଗାମାରୀ | 14 | |
| | (iii) ଉତ୍ତର ଧାଲଡ଼ାଙ୍ଗା (ଖଣ୍ଡ) | ତୁଫାନଗଞ୍ଜ | ଭୁରୁଙ୍ଗାମାରୀ | 14 | |
| | ମୋଟ କ୍ଷେତ୍ରଫଳ | | | | 7,110.02 |

ଉପରୋକ୍ତ ଅନ୍ତର୍ଭୁକ୍ତ ଭୂଖଣ୍ଡଗୁଡ଼ିକର ବିବରଣୀକୁ 1996 ମସିହାର 9-12 ଅକ୍ଟୋବରରେ କଲିକତାରେ ଅନୁଷ୍ଠିତ ଭାରତ-ବାଂଲାଦେଶ ସମ୍ମିଳନୀ ସମୟରେ ଏବଂ 21-24 ନଭେମ୍ବର, 1996 ମସିହାରେ ଜଳପାଇଗୁଡ଼ି (ପଶ୍ଚିମବଙ୍ଗ) - ପଞ୍ଚଗଡ଼ (ବାଂଲାଦେଶ) ସେକ୍ଟରରେ ମିଳିତ କ୍ଷେତ୍ର ନିରୀକ୍ଷଣ ସମୟରେ ଭାରତ ଏବଂ ବାଂଲାଦେଶଦ୍ୱାରା ରଖାଯାଇଥିବା ରେକର୍ଡ ସହିତ ମିଳିତ ଭାବରେ ତୁଳନା ଏବଂ ସମନ୍ୱୟ କରାଯାଇଛି।

ବ୍ରିଗେଡ଼ିୟର ଜେ.ଆର୍. ପିଟର
ଡାଇରେକ୍ଟର, ଲ୍ୟାଣ୍ଡ ରେକର୍ଡସ୍ ଏବଂ ସର୍ବେକ୍ଷଣ,
(ଏକ୍ସ-ଅଫିସିଓ) ପଶ୍ଚିମବଙ୍ଗ, ଭାରତ ଏବଂ
ଡାଇରେକ୍ଟର, ଇଷ୍ଟର୍ଣ୍ଣ ସର୍କଲ ସର୍ବେକ୍ଷଣ ଅଫ୍
ଇଣ୍ଡିଆ, କଲିକତା ।

ମୋହମ୍ମଦ ଶାଫି ଉଦ୍ଦିନ
ଡାଇରେକ୍ଟର-ଜେନେରାଲ,
ଲ୍ୟାଣ୍ଡ ରେକର୍ଡସ୍ ଏବଂ ସର୍ବେକ୍ଷଣ,
ବାଂଲାଦେଶ ।

# ପରିଶିଷ୍ଟ II

[1]ସମ୍ବିଧାନ (ଜମ୍ମୁ ଓ କାଶ୍ମୀର ପାଇଁ ଲାଗୁ) ଆଦେଶ, 2019

ସମ୍ବିଧାନ ଆଦେଶ- 272

ଭାରତ ସମ୍ବିଧାନର ଅନୁଚ୍ଛେଦ 370ର ଖଣ୍ଡ (1)ଦ୍ୱାରା ପ୍ରଦତ୍ତ କ୍ଷମତା ଅନୁଯାୟୀ, ରାଷ୍ଟ୍ରପତି, ଜମ୍ମୁ ଓ କାଶ୍ମୀର ରାଜ୍ୟ ସରକାରଙ୍କ ସହମତିରେ, ନିମ୍ନଲିଖିତ ଆଦେଶ ଜାରି କରିବାକୁ ସନ୍ତୁଷ୍ଟ:—

1. (1) ଏହି ଆଦେଶକୁ ସମ୍ବିଧାନ (ଜମ୍ମୁ ଓ କାଶ୍ମୀରରେ ପ୍ରୟୋଗ) ଆଦେଶ, 2019 କୁହାଯିବ ।

(2) ଏହା ତୁରନ୍ତ କାର୍ଯ୍ୟକାରୀ ହେବ ଏବଂ ଏହା ସମ୍ବିଧାନ (ଜମ୍ମୁ ଓ କାଶ୍ମୀରରେ ପ୍ରୟୋଗ) ଆଦେଶ, 1954କୁ ଏବଂ ତାର ସମୟକ୍ରମେ ସଂଶୋଧିତ ରୂପର ସ୍ଥାନ ନେବ ।

2. ସମ୍ବିଧାନର ସମସ୍ତ ବ୍ୟବସ୍ଥା , ଯାହା ସମୟକ୍ରମେ ସଂଶୋଧିତ ହୋଇଛି, ଜମ୍ମୁ ଓ କାଶ୍ମୀର ରାଜ୍ୟ ସହିତ ସମ୍ପର୍କିତଭାବେ ପ୍ରୟୋଗ ହେବ ଏବଂ ସେଗୁଡ଼ିକୁ ଯେଉଁ ବ୍ୟତିକ୍ରମ ଓ ସଂଶୋଧନ ସହିତ ପ୍ରୟୋଗ କରାଯିବ, ତାହା ନିମ୍ନଲିଖିତ ହେବ:—

ଅନୁଚ୍ଛେଦ 367ରେ ନିମ୍ନଲିଖିତ ଖଣ୍ଡ ଯୋଗ କରାଯିବ, ଯଥା—

"(4) ଜମ୍ମୁ ଓ କାଶ୍ମୀର ସମ୍ବନ୍ଧରେ ଯେତେ ଦୂର ପ୍ରଯୁଜ୍ୟ ସମ୍ବିଧାନର ଉଦ୍ଦେଶ୍ୟ ପାଇଁ—

(a) ଏହି ସମ୍ବିଧାନ ବା ତା'ର ବ୍ୟବସ୍ଥାଗୁଡ଼ିକର ଉଲ୍ଲେଖକୁ ଉକ୍ତ ରାଜ୍ୟ ସହିତ ସମ୍ପର୍କିତ ସମ୍ବିଧାନ ବା ତାହାର ବ୍ୟବସ୍ଥାଗୁଡ଼ିକ ଭାବେ ବ୍ୟାଖ୍ୟା କରାଯିବ;

(b) ରାଷ୍ଟ୍ରପତିଙ୍କଦ୍ୱାରା ରାଜ୍ୟର ବିଧାନସଭାର ସୁପାରିଶ ଅନୁଯାୟୀ ଜମ୍ମୁ ଓ କାଶ୍ମୀରର ସଦର-ଏ-ରିୟାସତଭାବେ ସ୍ୱୀକୃତ ବ୍ୟକ୍ତିଙ୍କୁ, ଯିଏ ରାଜ୍ୟର ମନ୍ତ୍ରୀ ପରିଷଦର ପରାମର୍ଶ ଅନୁଯାୟୀ କାର୍ଯ୍ୟ କରୁଛନ୍ତି, ତାଙ୍କୁ ଜମ୍ମୁ ଓ କାଶ୍ମୀରର ରାଜ୍ୟପାଳଭାବେ ବ୍ୟାଖ୍ୟା କରାଯିବ;

(c) ଉକ୍ତ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଉଲ୍ଲେଖକୁ ଜମ୍ମୁ ଓ କାଶ୍ମୀରର ରାଜ୍ୟପାଳଙ୍କ ଉଲ୍ଲେଖକୁ ନେଇ ତାଙ୍କ ମନ୍ତ୍ରୀ ପରିଷଦର ପରାମର୍ଶ ଅନୁଯାୟୀ କାର୍ଯ୍ୟ କରୁଥିବା ସମେତ ବ୍ୟାଖ୍ୟା କରାଯିବ; ଏବଂ

(d) ଏହି ସମ୍ବିଧାନର ଅନୁଚ୍ଛେଦ 370ର ଖଣ୍ଡ (3)ର ପ୍ରତିବନ୍ଧରେ, "ଖଣ୍ଡ (2)ରେ ଉଲ୍ଲେଖିତ ରାଜ୍ୟର ସମ୍ବିଧାନ ସଭା" ଅଭିବ୍ୟକ୍ତିଟି "ରାଜ୍ୟର ବିଧାନସଭା" ଭାବେ ପଢ଼ାଯିବ।"

---

[1] ଆଇନ ଓ ନ୍ୟାୟ ମନ୍ତ୍ରାଳୟ (ବିଧାୟୀ ବିଭାଗ) ବିଜ୍ଞପ୍ତି ସଂଖ୍ୟା G.S.R. 551 (E), ତାରିଖ 5 ଅଗଷ୍ଟ, 2019, ଭାରତର ରାଜପତ୍ର, ଅସାଧାରଣ, ଭାଗ II, ଧାରା 3, ଉପଧାରା (i) ସହିତ ପ୍ରକାଶିତ।

# ପରିଶିଷ୍ଟ III

## [1]ସମ୍ବିଧାନର ଅନୁଚ୍ଛେଦ 370(3) ଅନୁଯାୟୀ ଘୋଷଣା

ସମ୍ବିଧାନ ଆଦେଶ- 273

ଭାରତ ସମ୍ବିଧାନର ଅନୁଚ୍ଛେଦ 370ର ଖଣ୍ଡ (3) ସହିତ ଅନୁଚ୍ଛେଦ 370ର ଖଣ୍ଡ (1)ଦ୍ୱାରା ପ୍ରଦତ୍ତ କ୍ଷମତା ଅନୁଯାୟୀ, ରାଷ୍ଟ୍ରପତି, ସଂସଦର ସୁପାରିଶକ୍ରମେ, ଏହା ଘୋଷଣା କରିବାକୁ ସନ୍ତୁଷ୍ଟ ଯେ, 6 ଅଗଷ୍ଟ, 2019 ଠାରୁ, ଉକ୍ତ ଅନୁଚ୍ଛେଦ 370ର ସମସ୍ତ ଖଣ୍ଡ କେବଳ ନିମ୍ନଲିଖିତ ଖଣ୍ଡ ବ୍ୟତୀତ କାର୍ଯ୍ୟକାରୀ ହେବା ବନ୍ଦ ହେବ, ଯାହା ନିମ୍ନ ପ୍ରକାରେ ପଢ଼ାଯିବ:—

"370. ଏହି ସମ୍ବିଧାନର ସମସ୍ତ ବ୍ୟବସ୍ଥା, ଯାହା ସମୟକ୍ରମେ ସଂଶୋଧିତ ହୋଇଛି, କୌଣସି ସଂଶୋଧନ ବା ବ୍ୟତିକ୍ରମ ବିନା ଜମ୍ମୁ ଓ କାଶ୍ମୀର ରାଜ୍ୟରେ ପ୍ରୟୋଗ ହେବ, ଅନୁଚ୍ଛେଦ 152 ବା ଅନୁଚ୍ଛେଦରେ 308ରେ ଯାହା କିଛି ଥିବା ସତ୍ତ୍ୱେ ବା ଏହି ସମ୍ବିଧାନର ଅନ୍ୟ କୌଣସି ଅନୁଚ୍ଛେଦ ବା ଜମ୍ମୁ ଓ କାଶ୍ମୀର ସମ୍ବିଧାନର ଅନ୍ୟ କୌଣସି ବ୍ୟବସ୍ଥା ବା କୌଣସି ଆଇନ, ଦଲିଲ, ରାୟ, ଅଧ୍ୟାଦେଶ, ଆଦେଶ, ଉପ-ଆଇନ, ନିୟମ, ବିଧି, ବିଜ୍ଞପ୍ତି, ପ୍ରଥା ବା ଭାରତର ଭୂଖଣ୍ଡରେ ଆଇନର ବଳ ଥିବା ପ୍ରଚଳନ ବା ଅନ୍ୟ କୌଣସି ଦଲିଲ, ସନ୍ଧି ବା ଚୁକ୍ତି, ଯାହା ଅନୁଚ୍ଛେଦ 363 ଅନୁଯାୟୀ କିମ୍ବା ଅନ୍ୟଥା କଳ୍ପନା କରାଯାଇଛି ।"

---

[1] ଆଇନ ଓ ନ୍ୟାୟ ମନ୍ତ୍ରାଳୟ (ବିଧାୟୀ ବିଭାଗ) ବିଜ୍ଞପ୍ତି ସଂଖ୍ୟା G.S.R. 562(E), ତାରିଖ 6 ଅଗଷ୍ଟ, 2019, ଭାରତର ରାଜପତ୍ର, ଅସାଧାରଣ, ଭାଗ 2, ଧାରା 3, ଉପଖଣ୍ଡ (1) ସହିତ ପ୍ରକାଶିତ ।

NTM

Language consultancy and translation facilitated by

**National Translation Mission**

Central Institute of Indian Languages, Mysore